ବାର୍ଷିକ ସଂଖ୍ୟା

# ଭଞ୍ଜପ୍ରଦୀପ

ବାରିପଦା, ଆଶ୍ୱିନ ୧୩୪୩

ଏହି ସଂଖ୍ୟାରେ ଲେଖିଅଛନ୍ତି:—

କବିବର ଶ୍ରୀଯୁକ୍ତ ଚିନ୍ତାମଣି ମହାନ୍ତି

ଶ୍ରୀଯୁକ୍ତ ଶଶିଭୂଷଣ ରାୟ

ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର

ଶ୍ରୀଯୁକ୍ତ ବୈକୁଣ୍ଠନାଥ ପଟ୍ଟନାୟକ

ଶ୍ରୀଯୁକ୍ତ ଗୋଦାବରୀଶ ମହାପାତ୍ର

ଶ୍ରୀମତୀ ସରୋଜିନୀ ଚୌଧୁରୀ

ଶ୍ରୀଯୁକ୍ତ ଜଳନ୍ଧର ଦେବ

ଶ୍ରୀଯୁକ୍ତ ପଦ୍ମଚରଣ ପଟ୍ଟନାୟକ

ଶ୍ରୀଯୁକ୍ତ ଉପେନ୍ଦ୍ର ପ୍ରସାଦ ମହାନ୍ତି

ଶ୍ରୀଯୁକ୍ତ ଶରତ୍ ଚନ୍ଦ୍ର ମୁଖର୍ଜି

ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଲ

ଶ୍ରୀଯୁକ୍ତ ମଧୁସୂଦନ ମହାନ୍ତି

ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର

Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

# S. K. CHAKRAVARTI LTD.

SANITARY ENGINEERS

TEL. "LAVATORY" CALCUTTA. CODES BENTLEY

## Mayurbhanj Law Reporter

Highly appreciated in India & Abroad.

It is a quarterly publication

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

Postage Extra.

*Manager*—N. C. SANYAL, B. A.

MAYURBHANJ LAW REPORTER.

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | | |
|---|---|---|---|
| *Annual -* | *Rs.* | *0-12-0* | *(post free)* |
| *„* | *„* | *1-4-0* | *(with postage)* |
| *Price per copy* | *„* | *0-3-0* | *(post free)* |
| | *„* | *0-5-0* | *(with postage)* |

*Manager*—N. C. SANYAL, B.A.

BHANJA PRADEEPA


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ପଞ୍ଚମ ଭାଗ** **ପ୍ରଥମ ସଂଖ୍ୟା**

## ସୂଚିପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ନିଜକଥା | | ୧ |
| ୨ । | ରସଲହରୀ ଓ ତଦୀୟ କବି ମହାରାଜା ରଘୁନାଥ ଭଞ୍ଜ | ଶ୍ରୀ ମଧୁସୂଦନ ମହାନ୍ତି | ୨ |
| ୩ । | ସାହିତ୍ୟପତ୍ର ଓ ଓଡ଼ିଶାରେ ତାହାର ସ୍ଥାନ | ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି. ଏଲ୍. | ୧୨ |
| ୪ । | ପନ୍ଦର ମିନିଟ ( ଗଳ୍ପ ) | ଶ୍ରୀ ଶରତ୍ ଚନ୍ଦ୍ର ମୁଖାର୍ଜି ବି. ଏ. | ୧୪ |
| ୫ । | କୁଲ୍ଲଢ଼ | କବିବର ଶ୍ରୀ ଚିନ୍ତାମଣି ମହାନ୍ତି | ୧୬ |
| ୬ । | ଜିଜ୍ଞାସା | ଶ୍ରୀ ଜଳନ୍ଧର ଦେବ | ୧୯ |
| ୭ । | ତୁମେ କି ସତେ ପାଷାଣ ହେଲ ( ଗଳ୍ପ ) | ଶ୍ରୀ ଗୋଦାବରୀଶ ମହାପାତ୍ର | ୨୨ |
| ୮ । | ସଭ୍ୟତାର ଅତ୍ୟାଚାର ( କବିତା ) | ଶ୍ରୀ ବୈକୁଣ୍ଠ ନାଥ ପଟ୍ଟନାୟକ ଏମ୍. ଏ., ବି ଏଡ୍. | ୨୫ |
| ୯ । | ମୁଁ ଓ ମୋର ସମାଜ | ଶ୍ରୀ ଶଶିଭୂଷଣ ରାୟ | ୨୬ |
| ୧୦ । | ସଙ୍ଗୀତ | ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ବି. ଏ. | ୨୮ |
| ୧୧ । | ବ୍ୟକ୍ତିତ୍ୱ ବା 'ପାର୍ସନେଲିଟି'ର ମୂଳ ନିଦାନ | ଶ୍ରୀ ହରିଶ୍ଚନ୍ଦ୍ର ବରାଳ ବି. ଏସ୍‌ସି. | ୨୯ |
| ୧୨ । | ସ୍ତ୍ରୀ ଶିକ୍ଷାର ସମସ୍ୟା ଓ ଆମ୍ଭମାନଙ୍କର କର୍ତ୍ତବ୍ୟ | ଶ୍ରୀମତୀ ସରୋଜିନୀ ଚୌଧୁରୀ | ୩୨ |
| ୧୩ । | ବିସର୍ଜନ ( ଗଳ୍ପ ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୩୫ |
| ୧୪ । | ପ୍ରଣୟ ( କବିତା ) | ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି ବି. ଏ. ଡି. ଇଡି. | ୩୯ |
| ୧୫ । | ଦେଶୀୟ-ରାଜ୍ୟ ସମାଚାର | | ୪୦ |
| ୧୬ । | ସମ୍ବାଦ ଓ ସଙ୍କେତ | | ୪୪ |
| ୧୭ । | ପୁସ୍ତକ ପରିଚୟ | | ୫୦ |


## ଚିତ୍ର-ସୂଚି


| | | |
|---|---|---|
| ପଲ୍ଲୀସୌନ୍ଦର୍ଯ୍ୟ | ଶିଳ୍ପୀ ଶ୍ରୀ ବୃନ୍ଦାବନ ସିଂହ | ୧ |
| ସର୍ ଦେବପ୍ରସାଦ ସର୍ବାଧିକାରୀ | | ୪୫ |
| କଟକ ବି. ଏନ୍. ଆର ଟିମ୍‌ର ଖେଳାଳି ଏବଂ ତାଙ୍କ ସହକର୍ମୀଗଣ | | ୪୬ |
| ଉଡ଼ାଜାହାଜ ଆସିବା ସମୟରେ ସମବେତ ଦର୍ଶକବୃନ୍ଦ | | ୪୭ |
| ଉଡ଼ାଜାହାଜ ଉପରକୁ ଉଠିବା ଦୃଶ୍ୟ | | ୪୭ |


Digitized by srujanika@gmail.com

# ମୟୂରଭଞ୍ଜର

## ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଆଧୁନିକ ରୁଚିସମ୍ପନ୍ନ ବହୁବିଧ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ ଓ ସୂତା** ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**
୨। ହାତ ବୁଣା **ଟେକି ଗଦି ଏବଂ ବିଛଣା ଗଦି**
୩। ଭୁଲାର **ଗାଲିଚା** ଓ ଅଭଙ୍ଗା କମ୍ବଳ
୪। ସ୍ଥାନୀୟ ଶିଶୁକାଠରେ ପ୍ରସ୍ତୁତ ଆଧୁନିକ ରୁଚି-ସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

**ବନ୍ୟଜାତ ଦ୍ରବ୍ୟ**

୧। **ହାତୀଦାନ୍ତ**
୨। **ଟସର ଓ ବୋଟେଇ**
୩। **ଶିଶୁକାଠ** ଓ ଅନ୍ୟାନ୍ୟ କାଠରେ ପ୍ରସ୍ତୁତ ସୁନ୍ଦର ସୁନ୍ଦର ଗୃହୋପକରଣ ଓ ଅନ୍ୟାନ୍ୟ ଜିନିଷ
୪। ଉତ୍କୃଷ୍ଟ **କୁସୁମୀ ଓ ରଙ୍ଗଣୀ ଲାହା** ଓ ତହିଁରୁ ଜାତ ବହନ
୫। **ଝୁଣା, ମହମ ଓ ତୈଳବୀଜ** ଇତ୍ୟାଦି ଓ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ ।


# ନୋଟିସ ।

**ଷ୍ଟେଟ୍ ମୟୂରଭଞ୍ଜ, ବାରିପଦା ଷ୍ଟେଟ୍ ଜଜ୍‌ଙ୍କ ଅଦାଲତ**

ଦେଉଳିଆ ମୋକଦ୍ଦମା, ନ ୩ ମ୍ବର ସନ ୧୯୩୪।୩୫ ସାଲ

ଶ୍ରୀ ଶ୍ରୀହରି ବେହେରା ସାଃ ହଜାଲେକା ପିଃ ମହିଖଣ୍ଡ ପ୍ରଃ ଉପରଭାଗ,..........ଦରଖାସ୍ତକାରୀ

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ଦରଖାସ୍ତକାରୀ ତାହାର ସମସ୍ତ ଦେଣାରୁ ଅବ୍ୟାହତି ପାଇବା ସକାଶେ ଦେଉଳିଆ ଆଇନର ସନ ୧୯୨୦ ମସିହା ୫ ଆଇନର ୪୧ ଧାରା ମତେ ଦରଖାସ୍ତ କରିଅଛି ଏବଂ ତା ୨୦-୧୨-୩୫ ରିଖରେ ବିଚାର ସକାଶେ ଦିନ ଧାର୍ଯ୍ୟ ହୋଇଅଛି । ଇତି । ତା ୧୯-୧୧-୩୫

Sd/ A. S. Mozumdar.
ଦରଖାସ୍ତକାରୀ ତରଫ ଓକିଲ

Sd/ A. K. Chatterji
ଷ୍ଟେଟ୍ ଜଜ୍

Digitized by srujanika@gmail.com



**ପଲ୍ଲୀ-ସୌନ୍ଦର୍ଯ୍ୟ**

ଶିଳ୍ପୀ—ଶ୍ରୀବୃନ୍ଦାବନ ସିଂହ

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍

Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ | ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ବାର୍ଷିକ ସଂଖ୍ୟା

ପଞ୍ଚମ ଭାଗ | ଆଶ୍ୱିନ, ସନ ୧୩୪୩ ସାଲ | ୧ମ ସଂଖ୍ୟା


## ନିଜକଥା

ଆଜି ପଞ୍ଚମ ବର୍ଷରେ ଉପନୀତ ହୋଇ ଆମ୍ଭମାନଙ୍କର କଲ୍ୟାଣକାମୀମାନଙ୍କୁ ଏବଂ ସହୃଦୟ ପାଠକବର୍ଗଙ୍କୁ ଆନ୍ତରିକ କୃତଜ୍ଞତା ଜଣାଉଅଛୁଁ । ଚଳିତ ବର୍ଷଠାରୁ ଭଞ୍ଜପ୍ରଦୀପର କଳେବରରେ ଯେଉଁ ସାମାନ୍ୟ ପରିବର୍ତ୍ତନ ସଂଘଟିତ ହୋଇଅଛି ତାହା ଏଠାରେ ଉଲ୍ଲେଖ-ଯୋଗ୍ୟ । ପତ୍ରିକାର ଶେଷ ଭାଗରେ ଯେଉଁ ସବୁ ସରକାରୀ ଆଦେଶ ଓ ସ୍ୱାସ୍ଥ୍ୟର ବିବରଣ ଆଜି ପର୍ଯ୍ୟନ୍ତ ପ୍ରକାଶିତ ହେଉଥିଲା ବର୍ତ୍ତମାନ ସଂଖ୍ୟାଠାରୁ ତାହା ଆଉ ଏଥିରେ ପ୍ରକାଶିତ ହେବ ନାହିଁ । ସେଥିପାଇଁ ସ୍ୱତନ୍ତ୍ର ବନ୍ଦୋବସ୍ତ ପ୍ରସ୍ତୁତ ହୋଇଅଛି । ଅଳ୍ପକାଳ ମଧ୍ୟରେ ମୟୂରଭଞ୍ଜ ଷ୍ଟେଟ୍ ଗେଜେଟ୍ ନାମକ ଅନ୍ୟ ଏକ ପତ୍ରିକା ପ୍ରକାଶିତ ହେବ ଏବଂ ସେଥିରେ କେବଳ ସରକାରୀ ସମ୍ବାଦ ଓ ଆଦେଶ ଆଦି ସ୍ଥାନ ପାଇବ । ସେହି କାରଣରୁ ମଧ୍ୟ ଇଂରାଜୀ ପତ୍ରିକା "ମୟୂରଭଞ୍ଜ ଗେଜେଟ୍"ର ନାମ ଚଳିତ ସଂଖ୍ୟାଠାରୁ "ମୟୂରଭଞ୍ଜ କ୍ରନିକ୍ଲ' ରୂପେ ପରିବର୍ତ୍ତିତ କରାଯାଇଅଛି ।

Digitized by srujanika@gmail.com

# ରସଲହରୀ ଓ ତଦୀୟ କବି ମହାରାଜା ରଘୁନାଥଭଞ୍ଜ

ଶ୍ରୀ ମଧୁସୂଦନ ମହାନ୍ତ

## କବିଙ୍କର ପରିଚୟ ଓ ହରିହରପୁରର ଇତିହାସ

ରସଲହରୀର ଲେଖକ ମୟୂରଭଞ୍ଜର ମହାରାଜା ରଘୁନାଥ ଭଞ୍ଜ । ଉକ୍ତ ମହାରାଜା ୧୭୨୮ ଖ୍ରୀଃ ଅଃରୁ ୧୭୫୦ ଖ୍ରୀଃ ଅଃ ପର୍ଯ୍ୟନ୍ତ ମୟୂରଭଞ୍ଜରେ ରାଜତ୍ୱ କରୁଥିଲେ ବୋଲି ରାଜବଂଶାବଳୀରୁ ଜଣାଯାଏ । ଏହାଙ୍କର ପିତା ବୀରବିକ୍ରମ ଭଞ୍ଜ ଓ ପିତାମହ ସର୍ବେଶ୍ୱର ଭଞ୍ଜ । କବି ନିଜର ପରିଚୟ ନିଜ କାବ୍ୟର ଶେଷରେ ନିମ୍ନ କେତୋଟି ପଂକ୍ତିରେ ପ୍ରଦାନ କରିଅଛନ୍ତି ।

ଉତ୍କଳ ମଧ୍ୟ ଦେଶର ହରିହର ପୁରବର
ମଧ୍ୟରେ ଅବନୀଶ୍ୱର ସେ ଭଂଜବର ଏ
କୃଷ୍ଣ ଭଂଜ ନୃପନାମ ତାଙ୍କ ପୁତ୍ର ତ୍ରିବିକ୍ରମ
ପରାକ୍ରମେ ତ୍ରିବିକ୍ରମ ସେ ଅନୁପମ ଏ
ତାଙ୍କ ସୁତ ସର୍ବେଶ୍ୱର ବିଷ୍ଣୁ ଭକ୍ତ ମଧ୍ୟେ ସାର
ସେ ବୀରବିକ୍ରମ ତାତ ତାହାଙ୍କ ସୁତ ଏ
ଗୃହୁଁ ଅଙ୍ଗଦେ ଶୋଭିତ କାଳିକାକାନ୍ତ ପୂଜିତ
ସତ୍ୟଭାମାରେ ସଂଯୁତ ଅତି ରଞ୍ଜିତ ଏ
ରାମକୃଷ୍ଣ ପଦ କଞ୍ଜ ଭାବି ରଘୁନାଥ ଭଂଜ
ନୃପ ଛନ୍ଦ ତ୍ରୟୋଦଶ କଲେକ ଶେଷ ଏ ।

ଏହାଙ୍କ ରାଜଧାନୀ ହରିହରପୁର ବାରିପଦାର ଦକ୍ଷିଣପୂର୍ବ କୋଣରେ ଦଶ ମାଇଲ ଦୂରରେ ଅବସ୍ଥିତ ଥିଲା । ବର୍ତ୍ତମାନ ଏହା ହରିପୁର ନାମରେ କଥିତ । ଏହା ଯେ ଦିନେ ଖୁବ୍ ଶକ୍ତିଶାଳୀ ଓ ସମୃଦ୍ଧିଶାଳୀ ନଗର ଥିଲା ତାହା ଗଡ଼ର ଭଗ୍ନାବଶେଷରୁ ବିଶେଷ ଭାବରେ ପରିଲକ୍ଷିତ ହୁଏ । ଏହି ନଗର ମୟୂରଭଞ୍ଜର ରାଜଧାନୀ ରୂପେ ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରୁ ଊନବିଂଶ ଶତାବ୍ଦୀର ଆଦ୍ୟ ଭାଗ ପର୍ଯ୍ୟନ୍ତ ପ୍ରତିଷ୍ଠିତ ରହି ନାନା ପ୍ରକାର କଳାବିଦ୍ୟାର ଭୂୟସୀ ଉନ୍ନତି ସମ୍ପାଦନ କରିଥିଲା ।

ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ମୟୂରଭଞ୍ଜରେ ମହାରାଜା ବୈଦ୍ୟନାଥ ଭଞ୍ଜ ରାଜତ୍ୱ କରୁଥିଲେ । ରସିକମଙ୍ଗଳରୁ ଏହାଙ୍କ ରାଜତ୍ୱର କିଞ୍ଚିତ ଆଭାସ ମିଳେ । ଏହି ସମୟଟି ମୟୂରଭଞ୍ଜର ଅତି ଉନ୍ନତି ସମୟ । ଏହି ସମୟରେ ବୈଦ୍ୟନାଥ ଭଞ୍ଜ ବୈଷ୍ଣବ ଧର୍ମରେ ଦୀକ୍ଷିତ ହୋଇ ହରିହରପୁରଠାରେ ସୁପ୍ରସିଦ୍ଧ ରସିକରାଜ ମନ୍ଦିର ନିର୍ମାଣ କରିଥିଲେ । ଇଷ୍ଟକନିର୍ମିତ ଏପରି ସୂକ୍ଷ୍ମ କାରୁକାର୍ଯ୍ୟ-ସମ୍ବଳିତ ଦେବ ମନ୍ଦିର ଉତ୍କଳରେ ଅନ୍ୟତ୍ର ଦୃଷ୍ଟ ହୁଏ ନାହିଁ । ଏହି ଧର୍ମପ୍ରାଣ ମହାରାଜା ବାରିପଦାରେ ବଡ଼ ଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ଏହାଙ୍କ ରାଜତ୍ୱ ପରେ ଅନେକ ଦିନ ମୟୂରଭଞ୍ଜ ସୁଖଶାନ୍ତିରେ ଦିନାତିପାତ କରୁଥିଲା । ମଧ୍ୟେ ମଧ୍ୟେ ମୁସଲମାନମାନଙ୍କଦ୍ୱାରା ଆକ୍ରାନ୍ତ ହେଉଥିଲେ ସୁଦ୍ଧା ରାଜ୍ୟରେ ନାନା ପ୍ରକାର ଲୋକ-ହିତକର କାର୍ଯ୍ୟମାନ ସମ୍ପାଦିତ ହୋଇଥିଲା । ଏହି ସମୟ ମଧ୍ୟରେ ହରିପୁରରେ ରାଧାମୋହନ ମନ୍ଦିର ଓ ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠିତ ହୋଇଥିଲା । ବୃନ୍ଦାବନପୁର ଶାସନରେ ଗୁଣ୍ଡିଚା ମନ୍ଦିର ନିର୍ମିତ ହୋଇଥିଲା । ଆମ୍ଭମାନଙ୍କର ରସଲହରୀର କବି ମହାରାଜା ରଘୁନାଥ ଭଞ୍ଜ ଏବଂବିଧ ସୁଖସମୃଦ୍ଧିଶାଳୀ ରାଜ୍ୟର ଅଧୀଶ୍ୱର ହୋଇ ନାନା ପ୍ରକାର ସୁଖ ସମ୍ଭୋଗରେ ଜୀବନ ଅତିବାହିତ କରିଥିଲେ ।

ଏହାଙ୍କ ରାଜତ୍ୱ କାଳରେ ବଙ୍ଗର ନବାବ ଅଲିବର୍ଦ୍ଦି ଖାଁ ମୟୂରଭଞ୍ଜ ଆକ୍ରମଣ କରିଥିଲେ । ମରହଟ୍ଟାମାନଙ୍କର ନିର୍ଦ୍ଦୟ ଆକ୍ରମଣଦ୍ୱାରା ରାଜ୍ୟର ସୁଖ ଶାନ୍ତି ଲୋପ ପାଇଲା । ହରିହରପୁର ବିଧ୍ୱସ୍ତ ହୋଇ କାଳକ୍ରମେ ନିବିଡ଼ ଅରଣ୍ୟରେ ପରିଣତ ହେଲା । ଅର୍ଥଗୃଧ୍ନୁ ମରହଟ୍ଟାମାନଙ୍କଦ୍ୱାରା ଉତ୍କଳର ଯେ କି କ୍ଷତି ହୋଇଅଛି ତାହାର ସମ୍ୟକ ଅନୁସନ୍ଧାନ ବା ଆଲୋଚନା ଅଦ୍ୟାପି ହୋଇନାହିଁ । ମନେହୁଏ ହରିହରପୁର ପରି ବହୁ ସମୃଦ୍ଧିଶାଳୀ ନଗର ଏମାନଙ୍କ ଅତ୍ୟାଚାରରେ ବ୍ୟାଘ୍ର ଭଲ୍ଲୁକସଙ୍କୁଳ ଅରଣ୍ୟରେ ପର୍ଯ୍ୟବସିତ ହୋଇଅଛି; ଏଥିପାଇଁ ବୋଧ ହୁଏ ହରିପୁରର ଧ୍ୱଂସାବଶେଷ ଇଷ୍ଟକ ସ୍ତୂପରୁ ମିଳୁଛି ଖଣ୍ଡିଏ ମାତ୍ର କାବ୍ୟ 'ରସଲହରୀ' । ନଚେତ୍ ଯେଉଁ ରାଜ୍ୟ ତିନି ଶତ ବର୍ଷବ୍ୟାପୀ ସୁଖ ଶାନ୍ତିରେ ଅଧିଷ୍ଠିତ ରହି ରସିକରାଜ ମନ୍ଦିର ପରି ଉତ୍କୃଷ୍ଟ ଶିଳ୍ପକଳାପରିପୂରିତ ସର୍ବଜନବିସ୍ମୟକର ରମଣୀୟ ମନ୍ଦିର ପ୍ରସ୍ତୁତ କରିପାରେ, ଯେଉଁ ରାଜ୍ୟ ସମ୍ଭୋଗର ଉପକରଣ ସ୍ୱରୂପ ପୟଃ ପ୍ରଣାଳୀମାନ ପ୍ରାସାଦ-ଭିତ୍ତି ମଧ୍ୟରେ ନିର୍ମାଣ କରି ରାଜ-ଅନ୍ତଃପୁରର ସ୍ନାନାଗାରକୁ ଜଳ ଆନୟନ କରିପାରେ, ସେହି ରାଜ୍ୟ ଯେ ସୁଖ ଶାନ୍ତିର ଅନ୍ତିମ କାଳରେ ଖଣ୍ଡିଏ ମାତ୍ର କାବ୍ୟ ରଚନା କରିଥିବ ଏହା ସମ୍ଭବପର ନୁହେଁ । ଏହି ମୟୂରଭଞ୍ଜର ଜନୈକ ରାଜା ମୁଗ୍ଧବୋଧ ବ୍ୟାକରଣ ରଚନା କରିଥିଲେ । ମହାରାଜା ବୈଦ୍ୟନାଥ ଭଞ୍ଜଙ୍କ ରାଜତ୍ୱକାଳ ସମ୍ବନ୍ଧରେ ରସିକମଙ୍ଗଳରେ ଯେପରି ବର୍ଣ୍ଣିତ ଅଛି ସେଥିରୁ ଅନୁମିତ ହୁଏ ଯେ ବିଦ୍ୟା ଚର୍ଚ୍ଚା ସେ ସମୟରେ ହରିହରପୁର ରାଜବଂଶର ଗୋଟିଏ ଅତି ପ୍ରିୟ ବିଷୟ ଥିଲା । ନାନା ଦେଶରୁ ବହୁ ପଣ୍ଡିତମାନେ ଆସି ଏହାଙ୍କ ରାଜସଭା ମଣ୍ଡନ କରିଥିଲେ । ମୁଁ ରସିକମଙ୍ଗଳରୁ ନିମ୍ନ କେତେକ ପଂକ୍ତି ଉଦ୍ଧାର କଲି ।

"ବୈଦ୍ୟନାଥ ଭଂଜ ରାଜା ଜ୍ୟେଷ୍ଠରାୟ ସାନ
ରାଉତା ଅନୁଜ ତାର ତିନ୍ ଭାଗ୍ୟବାନ୍



Digitized by srujanika@gmail.com

ମହାଦାସ୍ର ଛନ୍ ଭଳି ବଢ଼ଇ ପ୍ରତାପୀ
ଶୁଦ୍ଧ ସୂର୍ଯ୍ୟବଂଶେ ଜାତ ବଢ଼ଇ ପ୍ରତାପୀ
ଶତ ଶତ ସୁପଣ୍ଡିତ ଥାକେନ୍ ସଭାୟ
ବେଦ ବିଦ୍ୟା ଭାଗବତ ପଢ଼େନ ସଦାୟ ।"

ଶୁଣାଯାଏ ବୈଦ୍ୟନାଥ ଭଞ୍ଜ ଓ ତାଙ୍କର ଭଳି ଛୋଟବୟୁ ରାଧାକୃଷ୍ଣ ପ୍ରେମ ବିଷୟକ ବହୁ ଛୋଟ ଛୋଟ ସଙ୍ଗୀତ ରଚନା କରିଥିଲେ । ଦୁଃଖର ବିଷୟ ସେ ସମସ୍ତ ସଙ୍ଗୀତ ମୋର ନୟନଗୋଚର ହୋଇନାହିଁ । ତେଣୁ ସେ ସମ୍ବନ୍ଧରେ ମୁଁ କିଛି ମତ ବ୍ୟକ୍ତ ନ କରି ଯାଉ ରହିଲି ।

## କାବ୍ୟର ରଚନାକାଳ

ଉତ୍କଳର ସୁସାହିତ୍ୟିକ ମାନନୀୟ ଶ୍ରୀଯୁକ୍ତ ଶଶିଭୂଷଣ ରାୟ ରସଲହରୀର ମୁଖବନ୍ଧରେ ଏହାର ରଚନାକାଳ ୧୭୩୦ ରୁ ୧୭୪୦ ଖ୍ରୀଃ ଅଃ ମଧ୍ୟରେ ହୋଇଥିବ ବୋଲି ଅନୁମାନ କରିଅଛନ୍ତି । ବଙ୍ଗ ନବାବ୍ ଅଲ୍ଲବର୍ଦ୍ଦି ଖାଁଙ୍କର ମୟୂରଭଞ୍ଜ ଆକ୍ରମଣ ୧୭୪୧ ସାଲରେ ସଂଘଟିତ ହୋଇଥିବାରୁ ଏ ମହାଶୟଙ୍କର ଏପରି ଅନୁମାନ ହେବା ଅସଙ୍ଗତ ନୁହେ । ଏହି ଅନୁମାନର ବଶବର୍ତ୍ତୀ ହୋଇ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ମଧ୍ୟ ଏହି ସମୟକୁ କାବ୍ୟର ରଚନା କାଳ ବୋଲି ନିର୍ଦ୍ଦେଶ କରିଅଛନ୍ତି । କିନ୍ତୁ ଉକ୍ତ ମହାଶୟମାନଙ୍କର ମୟୂରଭଞ୍ଜ ରାଜବଂଶାନୁଚରିତ ପର୍ଯ୍ୟାଲୋଚନା କରିବାର ସୁଯୋଗ ବୋଧହୁଏ ଘଟି ନ ଥିବାରୁ ଏ ପ୍ରକାର ପ୍ରମାଦ ସଂଘଟିତ ହୋଇଅଛି । ମହାରାଜା ରଘୁନାଥ ଭଞ୍ଜ ୧୭୨୮ ଖ୍ରୀଃ ଅଃ ରେ ଯେତେବେଳେ ରାଜଗାଦିରେ ବସିଲେ ଏବଂ ତାଙ୍କ ନାମ ଅନୁସାରେ ଅଙ୍କ ଗଣନା ପ୍ରଚଳିତ ହେଲା ସେତେବେଳେ ତାହାଙ୍କର ବୟସ ୬ ମାସ ମାତ୍ର । ୧୭୫୦ ଖ୍ରୀଃ ଅଃରେ ସେ ମାନବଲୀଳା ସମ୍ବରଣ କଲେ । ତେଣୁ ମୃତ୍ୟୁ ସମୟକୁ ତାହାଙ୍କର ବୟସ ୨୩ ବର୍ଷ ମାତ୍ର । ନିମ୍ନରେ ବଂଶାନୁଚରିତରୁ ତାଙ୍କ ରାଜତ୍ୱକାଳ ସମ୍ବନ୍ଧରେ ବର୍ଣ୍ଣିତ ଅଂଶ ପାଠକମାନଙ୍କ ଅବଗତି ପାଇଁ ଉଲ୍ଲେଖ କଲି ।

"ଶ୍ରୀ ବୀରବିକ୍ରମ ଭଂଜ ମହାରାଜା ବୃନ୍ଦାବନ ପ୍ରାପ୍ତି ହୋଇଲେ ସନ ୧୧୩୪ ସାଲେ ଏ ରାଜାଙ୍କ ୨୩ ଅଙ୍କ ବଇଶାଖ କୃଷ୍ଣ ଦୁତିଆରେ । ଶ୍ରୀ ରଘୁନାଥ ଭଂଜ ଟୀକାଏତ୍ ଜନ୍ମ ହୋଇଥିଲେ ମାର୍ଗଶିର ମାସ ଦି ୧୪ ଦିନେ । ରାଜ୍ୟେ ରାଜାହେଲେ ବଇଶାଖ ୧୮ ଦିନେ । ମାସ ଗଣନ୍ତି ଛ ମାସ ଦିନ ସୁମାରି ଗଣନ୍ତି ଙ୍କା ଦି ୧୮୩ ନ ବଏସରେ । ଏ ରାଜାଙ୍କ ଠାକୁର ମାଅ ରାଜ୍ୟ ବୁଝିଲେ ଏ ଉତ୍ତାରୁଂ ଶ୍ରୀ ମହାରାଜା ବଡ଼ ପ୍ରତାପରେ ରାଜ୍ୟ କଲେ । ରାଜ୍ୟରେ ଦୁର୍ଗ ନୃପଙ୍କୁ ଦଓଳତ ଦେଲେ । ଏ ରଜା ବଡ଼ ସମ୍ଭାରରେ ସମ୍ବଲପୁରରୁ ମଙ୍ଗଳ କାର୍ଜ କରାଇଲେ । ବାଟରେ ବରଗି ଓପଦ୍ରର୍ଗ ହୋଇଲା । ଏ ଓତାରୁଂ ଏ ଠାକୁର ମାଙ୍କ ବଣାଇ ପକ୍ଷ ହିସାଂରେ ସନ୍ତାନ ବୃଦ୍ଧି ନୋହିଲା । ଏ ରଜା ବଡ଼ ଧର୍ମବନ୍ତ ହୋଇଲେ । ଏ ରଜାଙ୍କର ୨୯ ଅଙ୍କ ବିଛା ୯ ଦିନେ ଏ ରଜା ବୈକୁଣ୍ଠ ବାସ କଲେ । ଏହାଙ୍କ ମହାଦେଈ ଶହଗମନ କଲେ । ସନ ୧୧୫୭ ସାଲେ ଏ ଦିନଠାରୁଂ ହତପାଟ ହୋଇଲା ।"

ପୂର୍ବୋକ୍ତ ଲେଖାରୁ ସୁନିଶ୍ଚିତ ଯେ ମହାରାଜା ରଘୁନାଥ ଭଞ୍ଜ ୧୭୨୭ ଖ୍ରୀଃ ଅଃ ନଭେମ୍ବର ମାସ ଶେଷରେ ଜନ୍ମଗ୍ରହଣ କରିଥିଲେ ଓ ୧୭୫୦ ଖ୍ରୀଃ ଅଃ ନଭେମ୍ବର ମାସ ମଧ୍ୟ ଭାଗରେ ପରଲୋକ ଗମନ କଲେ । ମୃତ୍ୟୁ ବେଳକୁ ତାହାଙ୍କର ତ୍ରୟୋବିଂଶ ବର୍ଷ ସମାପ୍ତିକୁ ଆଉରି ୧୩ ଦିନ ବାକି ଥିଲା । ଏହି ଅଳ୍ପ ବୟସରେ ସେ ରସଲହରୀ ପରି ଉତ୍କୃଷ୍ଟ ଶୃଙ୍ଗାର-ରସ-ପ୍ରଧାନ ନାନା ଅଳଂକାର-ସୁଶୋଭିତ କଥା-କାବ୍ୟ ରଚନା କରି ପାରିଥିଲେ । ରଚନାଭଙ୍ଗୀରୁ ଅନୁମାନ କରାଯାଇ ପାରେ ଯେ କାବ୍ୟରଚନା ବେଳକୁ ଲେଖକଙ୍କର ପରିଣୟ କାର୍ଯ୍ୟ ସମାହିତ ହୋଇ ସାରିଥିଲା । ସେତେବେଳକୁ କବିଙ୍କର ବୟସ ବିଂଶତି ବୋଲି ଅନୁମାନ କରାଯାଇ ପାରେ । ସେ କାବ୍ୟର ନାୟକ ପୁଷ୍ପଚୂଳକଙ୍କର ବୟସ ବିଂଶତି ବୋଲି ବର୍ଣ୍ଣନା କରି ଲେଖିଅଛନ୍ତି ।

"ସେ ନୃପ ବିଂଶତି　　ବରଷୀୟ ଯୁବା
ତାଙ୍କ ସଂଯୋଗେ ଭ୍ରମର
ସୁଧାକର କରେ　　କୁମୁଦ ବିକାଶ
ପ୍ରାୟେ ଦିଶିବ ସୁନ୍ଦର ।"

ତେଣୁ ମନେହୁଏ କାବ୍ୟ ରଚନା କାଳକୁ ଏହାଙ୍କର ବୟସ ବିଂଶ କିମ୍ବା ତହିଁରୁ ଅଧିକ ହୋଇଥିବ । ଏଥିରୁ ବେଶ ଅନୁମାନ କରି ଯାଇପାରେ ଯେ କବି ତାହାଙ୍କର ବିବାହ ପରେ ୨୦ ବର୍ଷରୁ ୨୩ ବର୍ଷ ମଧ୍ୟରେ ଅର୍ଥାତ୍ ୧୭୪୭ ଖ୍ରୀଃ ଅଃ ରୁ ୧୭୫୦ ମଧ୍ୟରେ କାବ୍ୟ ରଚନା କରିଅଛନ୍ତି । ଯୌବନର ପ୍ରାରମ୍ଭରେ ବିଳାସବିଭବରେ ମଗ୍ନ ରହି ନବପରିଣୀତ ଯୁବକ ମନରେ ଯେଉଁ ଭାବମାନ ଉଦିତ ହେବା ସ୍ୱାଭାବିକ ତାହା କାବ୍ୟାକାରରେ ରସଲହରୀର ଅଙ୍ଗ ପୁଷ୍ଟି କରିଅଛି ।

## କବିଙ୍କର ବାଲ୍ୟ ଶିକ୍ଷା ଓ କବିଙ୍କ ଉପରେ କାଳର ପ୍ରଭାବ

କବି ବାଲ୍ୟାବସ୍ଥାରେ କିପରି ଶିକ୍ଷା ପାଇଥିଲେ ତାହା ଜାଣିବାର ଉପାୟ ନାହିଁ । ତେବେ ଅନୁମାନଦ୍ୱାରା ସେ ସମ୍ବନ୍ଧରେ କିଛି କହି ଯାଇପାରେ । ମହାରାଜା ରଘୁନାଥ ଭଞ୍ଜଙ୍କର ଜନ୍ମର ୬ ମାସ ପରେ ତାହାଙ୍କର ପିତୃବିୟୋଗ ଘଟେ । ଶୈଶବାବସ୍ଥାରୁ ସେ ପିତାମହୀଙ୍କର ସ୍ନେହମୟ କ୍ରୋଡ଼ରେ ପ୍ରତିପାଳିତ । ପିତୃହୀନ ଏକମାତ୍ର ଭଞ୍ଜକୁଳ-ପ୍ରଦୀପ ରଘୁନାଥଙ୍କୁ ଶାସନ କାର୍ଯ୍ୟକୁଶଳା ପିତାମହୀ ଯେ ସମସ୍ତ ପ୍ରକାର ରାଜୋଚିତ ଶିକ୍ଷା ପ୍ରଦାନ କରିବାକୁ ସଚେଷ୍ଟ ହୋଇଥିବେ ଏଥିରେ ସନ୍ଦେହ ନାହିଁ । ତାଙ୍କର ଚେଷ୍ଟା ଓ ଉପଦେଶ ଯେ ବୃଥା ହୋଇ ନାହିଁ ଏହାର ପ୍ରମାଣ ଆମ୍ଭମାନଙ୍କର ରସଲହରୀ କଥା-କାବ୍ୟ ଓ ପୂର୍ବ ବର୍ଣ୍ଣିତ ରାଜବଂଶାନୁଚରିତ । କବି



Digitized by srujanika@gmail.com

ଜଣେ କହିଯାଇ ଅଛନ୍ତି ଯେ ତାଙ୍କର ପିତା ଶୈବ ଓ ପିତାମହୀ ବୈଷ୍ଣବ ଥିଲେ । ରଘୁନାଥ ଅତି ଶୈଶବରୁ ପିତୃହୀନ ହୋଇଥିବାରୁ ଜନକଙ୍କର କୌଣସି ପ୍ରକାର ଗୁଣ ଅନୁକରଣ କରିବାର ସୁଯୋଗ ପାଇ ନାହାନ୍ତି । ପରମ ବୈଷ୍ଣବ ମହାରାଜା ସର୍ବେଶ୍ବର ଭଞ୍ଜଙ୍କର ସହଧର୍ମିଣୀ ରଘୁନାଥଙ୍କର ଅଭିଭାବିକା । ସେ ମଧ୍ୟ ଭକ୍ତିମତୀ ଥିଲେ । ଶ୍ରୀକୃଷ୍ଣ ଚୈତନ୍ୟଙ୍କ ପ୍ରଚାରିତ ପ୍ରେମଧର୍ମ ଉତ୍କଳରେ ବିଶେଷତଃ ମୟୂରଭଞ୍ଜରେ ବିଶେଷ ଭାବରେ ପ୍ରସାର ଲାଭ କରିଥିଲା । ରାଧାକୃଷ୍ଣ ବିଷୟକ ବହୁ କବିତା ରଚିତ ହୋଇ ସର୍ବତ୍ର ଗୀତ ହେଉଥିଲା । ରଘୁନାଥ ଭକ୍ତିପରାୟଣା ପିତାମହୀଙ୍କ ଶିକ୍ଷା ଓ ଉପଦେଶଦ୍ୱାରା ତତ୍କାଳ ପ୍ରଚଳିତ ବୈଷ୍ଣବୀୟ ମଧୁର କବିତା ପ୍ରତି ଆକୃଷ୍ଟ ହୋଇ ବାଲ୍ୟକାଳରୁ ବୈଷ୍ଣବ ଗ୍ରନ୍ଥମାନ ଅଧ୍ୟୟନ କରିଥିବା ସମ୍ଭବ ।

ପୁଣି ହରିହରପୁର ରାଜସଭା ବହୁ ବ୍ରାହ୍ମଣ ପଣ୍ଡିତମାନଙ୍କଦ୍ୱାରା ପୂର୍ଣ୍ଣ ଥିଲା । ସେମାନେ ସଂସ୍କୃତ ଗ୍ରନ୍ଥମାନଙ୍କର ଆଲୋଚନା କରୁଥିଲେ । ସେ କାଳରେ ବ୍ରାହ୍ମଣ ପଣ୍ଡିତମାନେ ମାତୃଭାଷାର ଆଲୋଚନା କରିବାକୁ ଘୃଣା ପ୍ରକାଶ କରୁଥିଲେ । ଏପରି କି ମାତୃଭାଷାରେ କାବ୍ୟାଦି ରଚନା କରିବାକୁ ଲଜ୍ଜା ଓ ଘୃଣା ବୋଧ କରୁଥିଲେ । ତେଣୁ ରାଜସଭାରେ ସଂସ୍କୃତର ଆଦର ଖୁବ୍ ବେଶୀ ଥିଲା । ବିଦୁଷୀ ରାଜପିତାମହୀ ବାଳକଟିକୁ ବ୍ରାହ୍ମଣ ପଣ୍ଡିତମାନଙ୍କଦ୍ୱାରା ସଂସ୍କୃତ ଶିକ୍ଷା ପ୍ରଦାନ କରିଥିଲେ । ଅଳଙ୍କାର ପ୍ରିୟତା ଓଡ଼ିଶାର ଗୋଟିଏ ପ୍ରଧାନ ଗୁଣ । 'ସାହିତ୍ୟଦର୍ପଣ' ପରି ଅଦ୍ୱିତୀୟ ଅଳଂକାର ଶାସ୍ତ୍ର ଏହି ଓଡ଼ିଆ କବିଙ୍କଦ୍ୱାରା ରଚିତ ହୋଇଥିଲା । ଯେଉଁସବୁ ଅଳଙ୍କାରର ଦୃଷ୍ଟାନ୍ତ ସଂସ୍କୃତ ପରି ବିଶାଳ ସାହିତ୍ୟରେ ଗୋଟିଏ କି ଦୁଇଟି ପରିଲକ୍ଷିତ ହୋଇଥାଏ ସେହିପରି ଅଳଙ୍କାର ପ୍ରୟୋଗ କରି ଓଡ଼ିଶାର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଗୋଟିଏ ଗୋଟିଏ ଛାନ୍ଦ ଲେଖି ଯାଇଅଛନ୍ତି । ଆମ୍ଭମାନଙ୍କର ମହାରାଜା ରଘୁନାଥ ଭଞ୍ଜ କାଳର ପ୍ରଭାବ ବଶତଃ ଅଳ୍ପ ବୟସରୁ ରାଜସଭାସ୍ଥ ସଂସ୍କୃତ ପଣ୍ଡିତମାନଙ୍କ ସାହାଯ୍ୟରେ ଅଳଙ୍କାର ଶାସ୍ତ୍ର ବିଶେଷ ଭାବରେ ପର୍ଯ୍ୟାଲୋଚନା କରିଥିଲେ । ଶୃଙ୍ଗାରରସପୂର୍ଣ୍ଣ ଆଲଂକାରିକ ସଂସ୍କୃତ କାବ୍ୟମାନଙ୍କ ପ୍ରତି ଅପରିଣତ ବୟସ୍କ ଯୁବକଙ୍କର ମନ ଆକୃଷ୍ଟ ହେବା ସ୍ୱାଭାବିକ । ସେ ସମୟରେ ରାଜସଭାରେ ଏବଂବିଧ ସାହିତ୍ୟର ଆଲୋଚନା ହିଁ ପ୍ରଧାନ ବିଷୟ ହୋଇ ଉଠିଥିଲା । ବୋଧ ହୁଏ ଶ୍ରୀକୃଷ୍ଣ ଚୈତନ୍ୟଙ୍କ ପ୍ରଚାରିତ ପ୍ରେମ-ଧର୍ମର ଆଧ୍ୟାତ୍ମିକତା ସମସ୍ତେ ଗ୍ରହଣ କରି ପାରୁ ନ ଥିବାରୁ ରାଧାକୃଷ୍ଣ ବିଷୟକ ପ୍ରେମ ସଙ୍ଗୀତ ବୈଷ୍ଣବ ବ୍ୟତୀତ ଅନ୍ୟ ସମାଜରେ ବିଶେଷତଃ ବିଳାସବେଷ୍ଟନୀ ପରିବର୍ଦ୍ଧିତ ରାଜନ୍ୟମଣ୍ଡଳୀରେ ଶୃଙ୍ଗାର ଭାବର ଉଦ୍ଦୀପନା କରୁଥିଲା । ତାହାର ଫଳରେ ଯେଉଁ ରାଜାମାନେ ଉତ୍କଳ ଭାଷାରେ କାବ୍ୟ ରଚନା କରିବାକୁ ପ୍ରୟାସୀ ହେଲେ ସେମାନେ କେବଳ ସଂସ୍କୃତ କାବ୍ୟର ଅନୁରୂପ ଶୃଙ୍ଗାର ରସପ୍ରଧାନ କାବ୍ୟମାନ ରଚନା କଲେ । ସଂସ୍କୃତଜ୍ଞ ପଣ୍ଡିତମାନଙ୍କର ଆଦରଣୀୟ ହେବ ବୋଲି କଠିନ ଅପ୍ରଚଳିତ ସଂସ୍କୃତ ଶବ୍ଦମାନଙ୍କରେ କାବ୍ୟର ଅଙ୍ଗ ଗଠିତ ହେଲା । କାବ୍ୟ ସାମାଜିକ କୌଣସି ବିଷୟକୁ ଅବଲମ୍ବନ ନ କରି କାଳ୍ପନିକ ଭାବବିହୀନ ରାଜା ବା ରାଜପୁତ୍ର କିମ୍ବା କୌଣସି ସଂସ୍କୃତ କାବ୍ୟକୁ ଅବଲମ୍ବନ କଲା । କାବ୍ୟରେ ସମାଜର କିମ୍ବା ଦେଶର କୌଣସି ଛାୟା ପ୍ରତିଫଳିତ ହେଲା ନାହିଁ । କାବ୍ୟ କେବଳ ରାଜାଙ୍କର ବିଳାସ ଉଦ୍ୟାନ ଓ ରାଜଅନ୍ତଃପୁରରେ ଆବଦ୍ଧ ରହି ତୋଷାମୋଦକାରୀ ରାଜପାରିଷଦମାନଙ୍କର ତୃପ୍ତି ବିଧାନ କଲା । ତେଣୁ କାବ୍ୟର ନାୟକ ହେଲେ ରାଜପୁତ୍ର, ନାୟିକା—ରାଜପୁତ୍ରୀ, ସ୍ଥାନ—ପ୍ରମୋଦ ଉଦ୍ୟାନ ଓ ବିଳାସ ଗୃହ, ଏବଂ ବିଷୟ—କାୟିକ ସମ୍ଭୋଗ ।

ଆମ୍ଭମାନଙ୍କର ରସଲହରୀର କବି ଅପରିଣତ ବୟସ୍କ ଯୁବକ । କାଳର ପ୍ରଭାବ ଏଡ଼ିବା ତାଙ୍କ ପକ୍ଷରେ ଅସମ୍ଭବ । ତେଣୁ ତାଙ୍କର ନାୟକ ନିଷଧ ଦେଶର ରାଜପୁତ୍ର ପୁଷ୍ପତିଳକ ଓ ନାୟିକା କାଞ୍ଚି ରାଜକନ୍ୟା ରସଲହରୀ ।

## କାବ୍ୟର ବିଷୟ

ନିଷଧ ରାଜା ଚନ୍ଦ୍ରବର୍ମା ସ୍ୱୀୟ ପତ୍ନୀ ପ୍ରିୟବ୍ରତା ସହ ନାନାବିଧ ଯାଗ ଯଜ୍ଞ କରି ଏକମାତ୍ର ସନ୍ତାନ ସର୍ବଗୁଣୋପେତ ରୂପବାନ୍ ପୁଷ୍ପତିଳକଙ୍କୁ ପ୍ରାପ୍ତ ହୋଇଥିଲେ । ଅଷ୍ଟାଦଶ ବିଦ୍ୟାରେ ନିପୁଣ ହୋଇ ରାଜକାର୍ଯ୍ୟ ପରିଚାଳନ ପାଇଁ ଉପଯୁକ୍ତ ହେଲା କ୍ଷଣି ରାଜା ଚନ୍ଦ୍ରବର୍ମା ରାଜ୍ୟଭାର ପୁତ୍ର ଉପରେ ନ୍ୟସ୍ତ କରି ବାନପ୍ରସ୍ଥ ଅବଲମ୍ବନ କଲେ । ପୁଷ୍ପତିଳକ ପ୍ରଜାମାନଙ୍କୁ ପୁତ୍ରନିର୍ବିଶେଷରେ ପ୍ରତିପାଳନ କରି ରାଜା ଉପାଧି ସାର୍ଥକ କଲେ । ତାହାଙ୍କର ପ୍ରତାପ ସନ୍ଦର୍ଶନରେ ଶତ୍ରୁମାନେ ଅଧୀନତା ସ୍ୱୀକାର କରିବାକୁ ବାଧ୍ୟ ହେଲେ । ସେ ଆସମୁଦ୍ର ଚକ୍ରବର୍ତ୍ତୀ ରାଜା ହୋଇ ନିଜର ସର୍ବଜନପ୍ରିୟତା ଗୁଣଦ୍ୱାରା ସମସ୍ତଙ୍କର ଚିତ୍ତରଞ୍ଜନ କଲେ । ବହୁ ଗୁଣୀ ଜନ ଦେଶ ବିଦେଶରୁ ଆଗମନ କରି ରାଜସଭାରେ ନିଜ ନିଜ ଗୁଣାନୁରୂପ ପୁରସ୍କୃତ ହୋଇ ଯାଉଥିଲେ । କବିଙ୍କର ରାଜଗୁଣ ପରିଚାୟକ କେତୋଟି ପଂକ୍ତି ନିମ୍ନରେ ଉଦ୍ଧାର କଲି । ମହାରାଜା ରଘୁନାଥ ଭଞ୍ଜ ଯେ ଜଣେ ଆଦର୍ଶ ଶାସକ ଥିଲେ ଏହା ତାଙ୍କର ରାଜଗୁଣ ବର୍ଣ୍ଣନାରୁ ଅନୁମାନ କରାଯାଇ ପାରେ ।

ପୁଷ୍ପତିଳକ ନୃପତି ଏ ଅନ୍ତେ
ପ୍ରଜା ପାଳିଲେ ପୁତ୍ର ପ୍ରାଏ ଶତେ
ଆସମୁଦ୍ର ମେଦିନୀ ମଣ୍ଡଳର
ଚକ୍ରବର୍ତ୍ତୀ ହୋଇଲେ ନୃପବର
ଅରି ହୋଇ ତାଙ୍କ କେହି ନୋହିଲେ
ଭୃତ୍ୟ ପରାୟେ ନୃପ ସେବା କଲେ
ନାନା ଦେଶରୁ ବିପ୍ର ଗୁଣୀ ଜନ
ପ୍ରବେଶରେ ନେଲେ ଅନେକ ଧନ



Digitized by srujanika@gmail.com

ଶିବି ରାଜା ପରିଯେ଼ ଦାତା ହେଲେ
ବଳେ ବଳରାମ ବଳ ଲଭିଲେ
ଧନୁଶାସ୍ତ୍ରେ ରାମଚନ୍ଦ୍ର ଉପମ
ଚିହ୍ନ ରଥ ଗନ୍ଧର୍ବ ଗୁଣେ ସମ
ରୂପେ କାମିନୀ କାମେ ହେଲେ କାମ
ସର୍ବ ଗୁଣେ ହୋଇଲେ ବିଷ୍ଣୁ ସମ
ସୁଧାକର ପରିଯେ଼ ଯାହା କୀର୍ତ୍ତି
ବରି ଦାନରେ ଯୁକ୍ତ କଲେ କ୍ଷିତି ।

ପୁଷ୍ପତିଲକଙ୍କର ସୁଗୁଣରାଜି ଦେଶବିଦେଶରେ ଘୋଷିତ ହେବାକୁ ଲାଗିଲା । କାଞ୍ଚି ଅଧିପତି ସୁମତି ଓ ତାଙ୍କର ସଭାସଦ୍‌ମାନେ ଏହାଙ୍କ ସୁଗୁଣାବଳୀର ଆଲୋଚନା ଅନେକ ସମୟରେ କରିଥାନ୍ତି । ସେମାନଙ୍କଠାରୁ ରାଜକନ୍ୟା ପୁଷ୍ପତିଲକଙ୍କର ଗୁଣକୀର୍ତ୍ତନ ଶ୍ରବଣ କରି ତାଙ୍କ ପ୍ରତି ଆକୃଷ୍ଟା ହେଲେ ଓ ମନେ ମନେ ପତି ରୂପେ ବରଣ କଲେ । ପୁଷ୍ପତିଲକ ମଧ୍ୟ ସର୍ବଗୁଣାଲଙ୍କୃତା ପରମାସୁନ୍ଦରୀ ରସଲହରୀଙ୍କର ଶୋଭା ଜନ ମୁଖରେ ଶ୍ରବଣ କରି ତାଙ୍କୁ ପତ୍ନୀରୂପେ ପାଇବା ପାଇଁ ଆଶାୟୀ ହେଲେ । ଦିନେ ରାଜା ମୃଗୟା ନିମିତ୍ତ ବନ ଗମନ କରି ଗୋଟିଏ ମନୋହର ପୁଷ୍କରିଣୀ ତଟରେ ଅବସର ନେଇଅଛନ୍ତି, ଏମନ୍ତ ସମୟରେ ସନ୍ତରଣରତ କତିପୟ ରାଜହଂସ ତାହାଙ୍କର ନୟନପଥାରୂଢ଼ ହେଲା । ମରାଳରୂପ-ମୁଗ୍ଧ ରାଜା ତନ୍ମଧ୍ୟରୁ ଗୋଟିକୁ ହାତ ବଢ଼ାଇ ଧରିଲାରୁ ସେ ମନୁଷ୍ୟବତ୍ ରାଜାଙ୍କୁ ଆହ୍ୱାନ କରି କାଞ୍ଚି ରାଜକନ୍ୟା ରସଲହରୀଙ୍କର ରୂପ ଓ ଗୁଣ ବର୍ଣ୍ଣନ କଲା । ରାଜା ତତ୍ ଶ୍ରବଣରେ ମୁଗ୍ଧ ହୋଇ ହଂସକୁ ମୁକ୍ତି ପ୍ରଦାନ କଲେ ଏବଂ ତାହାଙ୍କର ଦୌତ୍ୟ କାର୍ଯ୍ୟ କରିବା ନିମିତ୍ତ କାଞ୍ଚି ରାଜ୍ୟକୁ ଯିବା ପାଇଁ ଅନୁରୋଧ କଲେ । ହଂସ ସ୍ୱୀକୃତ ହୋଇ କାଞ୍ଚି ରାଜଧାନୀ ସୁନନ୍ଦା ପୁରୀକୁ ଗମନ କଲା । ଆକାଶ ମାର୍ଗରୁ ରାଜଧାନୀର ଶୋଭା ସନ୍ଦର୍ଶନ କରି ହଂସ ଆତ୍ମବିସ୍ମୃତ ହୋଇ ପ୍ରମୋଦ ଉଦ୍ୟାନସ୍ଥ ପୁଷ୍କରିଣୀରେ ଅନ୍ୟାନ୍ୟ ମରାଳସହ ସନ୍ତରଣ କରିବାକୁ ଲାଗିଲା । ରସଲହରୀ ଅଦୃଷ୍ଟପୂର୍ବ ମରାଳ ଅବଲୋକନ କରି ଧରିବା ଆଶୟରେ ନିକଟବର୍ତ୍ତୀ ହେବାରୁ ସେ ପୁଷ୍ପତିଲକଙ୍କର ରୂପ ଓ ଗୁଣ ବ୍ୟାଖ୍ୟାନ କରିବାକୁ ଲାଗିଲା । ରସଲହରୀ ବହୁ ପୂର୍ବରୁ ପୁଷ୍ପତିଲକଙ୍କ ପ୍ରତି ଆକୃଷ୍ଟା ହୋଇଥିଲେ । ହଂସଠାରୁ ଏହାଙ୍କର ସବିଶେଷ ଗୁଣାବଳୀ ଶ୍ରବଣ କରି ମନଃପ୍ରାଣ ଏକାବେଳେ ବିକି ଦେଲେ ଏବଂ ତାହାଙ୍କୁ ପତିରୂପେ ପାଇବାପାଇଁ ଉତ୍କଣ୍ଠା ପ୍ରକାଶ କଲେ । ହଂସ ରାଜକନ୍ୟାଙ୍କର ସ୍ୱୀକୃତି ଶ୍ରବଣ କରି ପୁନର୍ବାର ନିଷଧ ଦେଶକୁ ପ୍ରତ୍ୟାବର୍ତ୍ତନପୂର୍ବକ ରାଜାଙ୍କୁ ସମସ୍ତ କଥା ଜଣାଇଲା ।

ଇତି ମଧ୍ୟରେ ରାଜକନ୍ୟାଙ୍କର ସ୍ୱୟମ୍ବର ଆରମ୍ଭ ହେଲା । ନାନା ଦେଶବିଦେଶରୁ ରାଜା ରାଜପୁତ୍ରମାନେ ଆସି ସ୍ୱୟମ୍ବର ସଭାରେ ଉପସ୍ଥିତ ହେଲେ । ପୁଷ୍ପତିଲକ ମଧ୍ୟ ରାଜୋଚିତ ସୈନ୍ୟ ସାମନ୍ତ ଘେନି ସୁନନ୍ଦାପୁରୀରେ ଉପଗତ ହେଲେ । ସ୍ୱୟମ୍ବର ସଭାରେ ରାଜକନ୍ୟା ପୁଷ୍ପତିଲକଙ୍କ ଗଳାରେ ବରଣମାଳା ଦେଇ ଚିରପୋଷିତ ଆଶାର ତୃପ୍ତି ସାଧନ କଲେ । କବି ସମ୍ଭୋଗ-ଶୃଙ୍ଗାର-ରସର ପୂର୍ଣ୍ଣତା ସାଧନପାଇଁ ଷଡ଼ ଋତୁ ବର୍ଣ୍ଣନା ଗୋଟିଏ ମାତ୍ର ଛାନ୍ଦରେ ଶେଷ କରି କାବ୍ୟର ଉପସଂହାର କଲେ ।

## ରଚନା ପ୍ରଣାଳୀ

ମୁଁ ପୂର୍ବରୁ କହିଅଛି ମହାରାଜା ରଘୁନାଥ ଭଞ୍ଜ ସଂସ୍କୃତ ଭାଷା ଉତ୍ତମରୂପେ ଅଧ୍ୟୟନ କରିଥିଲେ । ସଂସ୍କୃତ ଭାଷାର ଉନ୍ନତ କାବ୍ୟମାନ ସେ ବିସ୍ତାର ସହିତ ଆଲୋଚନା କରି ତହିଁରେ ପ୍ରବୀଣତା ଲାଭ କରିଥିଲେ । ଶ୍ରୀହର୍ଷପ୍ରଣୀତ ନୈଷଧ କାବ୍ୟ ପ୍ରତି କବି ବିଶେଷ ଭାବରେ ଆକୃଷ୍ଟ ହୋଇ ତନ୍ମୟ ଶୃଙ୍ଗାର ଭଙ୍ଗୀରେ ରସଲହରୀ କାବ୍ୟ ରଚନା କରିଅଛନ୍ତି । କବି ନୈଷଧୀୟ ବର୍ଣ୍ଣନା-ଛଟାରେ ଏପରି ମୁଗ୍ଧ ହୋଇଥିଲେ ଯେ ସ୍ଥଳବିଶେଷରେ ଉକ୍ତ କାବ୍ୟର ଶ୍ଳୋକଗୁଡ଼ିକ ଅନୁବାଦ କରି ନିଜ କାବ୍ୟର ଶୋଭା ବର୍ଦ୍ଧନ କରିବାକୁ କୁଣ୍ଠା ପ୍ରକାଶ କରି ନାହାନ୍ତି । ଆଧୁନାତନ ଲେଖକବୃନ୍ଦ ଏବଂବିଧ ଅନୁବାଦରେ ଲଜ୍ଜା ଅନୁଭବ କରିଥାନ୍ତି ଓ ସମାଲୋଚକମାନେ ମଧ୍ୟ ଏବଂବିଧ ରଚନାକୁ ଉଚ୍ଚ ସ୍ଥାନ ଦେବାକୁ କୁଣ୍ଠିତ ହୋଇଥାନ୍ତି କିନ୍ତୁ କବିଙ୍କର ହୃଦୟ ବେଶ ଉଚ୍ଚ । ଅନ୍ୟ ଭାଷାରେ କିମ୍ବା ଅନ୍ୟ ସାହିତ୍ୟରେ ନିଜର ଭାବାନୁରୂପ ବର୍ଣ୍ଣନ ଛଟା ଅବଲୋକନ କରି ନିଜ ମାତୃଭାଷାର ଅଙ୍ଗସୌଷ୍ଠବ ବୃଦ୍ଧି ନିମିତ୍ତ ତାହା ଗ୍ରହଣ କରିବାଦ୍ୱାରା କବି ଉଚ୍ଚ ହୃଦୟର ପରିଚୟ ପ୍ରଦାନ କରିଅଛନ୍ତି ।

ନୈଷଧର ନାୟିକା ଦମୟନ୍ତୀ ଦ୍ୱିଜ ମୁଖରୁ ନଳଙ୍କ ଗୁଣ ଶ୍ରବଣ କରି ତାଙ୍କ ପ୍ରତି ଅନୁରାଗିଣୀ ହୋଇଥିଲେ । ରସଲହରୀ ତଦନୁରୂପା । ନୈଷଧର ସ୍ୱର୍ଣ୍ଣହଂସ ପଳାୟନପର ହେବାରୁ ତଦ୍‌ରୂପମୁଗ୍ଧା ଦମୟନ୍ତୀଙ୍କର ଯେପରି ଉତ୍କଣ୍ଠା ବୃଦ୍ଧି ପାଇଥିଲା ରସଲହରୀଙ୍କର ସେହିପରି ଆବେଗ ଓ ଉତ୍କଣ୍ଠା କାବ୍ୟର ବିଷୟୀଭୂତ ହୋଇଅଛି । ନିମ୍ନରେ କେତୋଟି ପଦ ଦୃଷ୍ଟାନ୍ତ ସ୍ୱରୂପ ଉଲ୍ଲେଖ କଲି । ରସଲହରୀଙ୍କର ପ୍ରଥମ ଅନୁରାଗ ସମ୍ବନ୍ଧରେ କବି ଲେଖିଅଛନ୍ତି:—

ଏହି ସମୟେ ପୁଷ୍ପତିଲକର,　କାଞ୍ଚିଦେଶ ନୃପ ସଭା ମଧ୍ୟର
ଗୁଣ କୀର୍ତ୍ତନ ତାଙ୍କ ପୁତ୍ରୀ ଶୁଣି,　ମନେ ବରିଲା ନୃପକୁ ତରୁଣୀ
ପିତା ସମୀପେ ଛଳେ ତାଙ୍କ ଗୁଣ,　ପୁଣି ଜନ ମୁଖୁଁ କରେ ଶ୍ରବଣ
ନୃପ ଗୁଣ ବିନୁ ଆନେ ସୁନ୍ଦରୀ,　ନ କରଇ କାହିଁ ଆଉ ପ୍ରୀତିରି
ସଖୀମାନ୍ତୁ ବୋଲେ ନାନା ରଚନ,—ଗୁଣ କହ ଗୋ କରିବା ଶ୍ରବଣ
ଛଳେ ଶୁଣି ସେ ନୃପତି ଚରିତ,　ଭାବେ ସୁତନୁ ହୁଏ ପୁଲକିତ
ହେଲା ବିରହେ ପୀଡ଼ିତ ମୃଗାକ୍ଷୀ,　ରାତ୍ରେ ଶୟନ ମାତ୍ର ତହିଁ ସାକ୍ଷୀ

ଏଥିକୁ ନୈଷଧୀୟ ଶ୍ଳୋକ:—

ଉପାସନାମେତ୍ୟ ପିତୁଃ ସ୍ମ ଗୃହ୍ୟତେ
ଦିନେ ଦିନେ ସାବସରେଷୁ ବନ୍ଦିନାମ୍



Digitized by srujanika@gmail.com

ପଠତ୍‌ସୁ ତେଷୁ ପ୍ରତଭୂପତୀ ନଳମ୍
ବିନଦ୍ରୁ ରୋମାଜଣୀ ଶୃଣ୍ୱତୀ ନଳମ୍
କଥା ପ୍ରସଙ୍ଗେଷୁ ମିଥଃ ସଖୀ ମୁଖାତ୍
ତୃଣେଽପି ତନ୍ୱୀ ନଳନାମଶଙ୍କିତେ
ଦ୍ରୁତଂ ବିଧୂୟାନ୍ୟଦ ଭୂୟତାନୟା
ମୁଦା ତଦାକର୍ଣ୍ଣି ନସକ୍ତକର୍ଣ୍ଣୟା
ମନୋରଥେନ ସ୍ୱପତୀକୃତଂ ନଳମ୍
ନିଶିସ୍ମସାନ ସ୍ୱପତସ୍ମ ପଶ୍ୟତ
ଅଦୃଷ୍ଟମପ୍ୟର୍ଥମଦୃଷ୍ଟ ବୈଭବାତ୍
କରୋତି ସୁପ୍ତିର୍ଜନ ଦର୍ଶନାତିଥିମ୍

ରସଲହରୀ ହଂସକୁ ଧରି ନ ପାରିବାରୁ ସଖୀମାନଙ୍କର ହାସ୍ୟ ବର୍ଣ୍ଣନା କରିବାକୁ ଯାଇ କବି ଲେଖିଅଛନ୍ତି:—

ହେମରୂପ ହଂସ ନରେଖି ଦେଉଣୀ
ଧରିବାକୁ କରି ମତି
ନିଶ୍ଚଳ ହୋଇଣ ସମୀପେ ମିଳନ୍ତେ
ପଳାଇଲା ହଂସ ଗତି ।
ତେବେ ତାର ପଥ ଅନୁସରି ଗତି
କରନ୍ତେ ନବ ବୟସୀ
ନିରେଖି ସଜନୀ ନିକରେ ସତ୍ୱରେ
ଦେଲେ କରତାଳି ହସି ।

ଏଥିକୁ ନୈଷଧର ଶ୍ଲୋକ:—

ବ୍ୟର୍ଥୀକୃତମ୍ ପତ୍ରରଥେନ ତେନ, ତଥାବସାୟବ୍ୟବସାୟମସ୍ୟା
ପରସ୍ପରାମର୍ପିତହସ୍ତତାଳମ୍, ତତ୍କାଲମାଳୀଭିଃ ରହସ୍ୟ ତାଳମ୍

କବି ସୁନନ୍ଦାପୁରର ବର୍ଣ୍ଣନା କଲାବେଳେ ନୈଷଧର ଅନୁକରଣ କରି ଲେଖିଅଛନ୍ତି:—

ପ୍ରବେଶରେ ହଂସବର ଦେଖିଲା ଉଚ୍ଚ ପ୍ରାକାର
ସ୍ଫଟିକ ନିର୍ମିତ ପୁରମାନ ଅଶେଷ
ବିଚାରଇ ସେ ମନର ଅବନୀ ପାଇ ଶୃଙ୍ଗାର
କରୁଅଛି ବା ରୁଚିର ହାସ ପ୍ରକାଶ,
ପୁଣି ବୋଲେ ହେବ ଏସନ
କଇଲାସ ଗିରି ଏହି ଶିବ ନିଧାନ ।

ଏଥିକୁ ନୈଷଧୀୟ ଶ୍ଲୋକ:—

ଅଥ ଭୀମନୃଜେନ ପାଳିତା ନଗରୀମଞ୍ଜୁଳସୌଧରାଜିତା
ପତତଃସ୍ୟ ଜଗାମ ଦୃକ୍ ପଥମ୍ ହରଶୈଳୋପମସୌଧରାଜିତା
ଦୟିତଂ ପ୍ରତି ଯତ୍ର ସନ୍ତତା ରତିହାସା ଇବ ରେଜିରେ ଭୁବଃ
ସ୍ଫଟିକୋପଲବିଗ୍ରହା ଗୃହା ଶଶଭୃଦ୍ ଭିତ୍ତିନିରଙ୍ଗଭିତ୍ତୟଃ

କବି ସ୍ୱୟମ୍ବର ବେଶଧାରିଣୀ ରସଲହରୀଙ୍କର ରୂପ ବର୍ଣ୍ଣନାରେ ନୈଷଧୀୟ ଛଟା ଅବଲମ୍ବନ କରିଥିଲେ ମଧ୍ୟ ବହୁ ସ୍ଥଳରେ ସ୍ୱୀୟ ପ୍ରତିଭାର ପରିଚୟ ଦେଇ ଶ୍ରୀହର୍ଷଙ୍କୁ ବଳି ପଡ଼ିଛନ୍ତି । ନିମ୍ନରେ ଗୋଟିଏ ମାତ୍ର ଉଦାହରଣ ପ୍ରଦାନ କଲି । ନୈଷଧ-କବି ଦମୟନ୍ତୀଙ୍କର ରୂପ ବର୍ଣ୍ଣନା କରିବାକୁ ଯାଇ କହିଅଛନ୍ତି—ବସନ୍ତ ମଳୟାନିଳ ସୁନ୍ଦରୀର ନିଶ୍ୱାସ, ମୃଦୁକୁସୁମ ତାହାଙ୍କର ସୁକୁମାର ଅଙ୍ଗ ଓ କୋକିଳର ପଞ୍ଚମ ସ୍ୱର ତାହାଙ୍କର ବଚନ ଗଠନ କରିଅଛି । ରସଲହରୀ-କବି ଏହି ଭଙ୍ଗୀର ଅନୁକରଣରେ କେବଳ ବସନ୍ତ ଋତୁ ନୁହେ ଷଡ଼ଋତୁର ବର୍ଣ୍ଣନା କରିଅଛନ୍ତି । ପାଠକମାନଙ୍କର କୌତୂହଳ ନିବୃତ୍ତି ପାଇଁ ନିମ୍ନରେ ତାହା ଉଦ୍ଧାର କଲି ।

ବସନ୍ତ ପ୍ରାୟେ ରମଣୀ ଅଭିସେ ମନର
ଅତି ସଉରଭର ବିକାଶେ ମନୋହର
ସୁବର୍ଣ୍ଣ କେତକୀ ତନୁ ବିକାଶ ଲଭଇ
ମଧୂକ କୁସୁମ ଅତି ରୁଚିର ଦିଶଇ
ଗ୍ରୀଷ୍ମ ପ୍ରାୟେ ତରୁଣୀ ଅତନୁ ତାପ କରେ
ମରୁତ ଦେହେ କି ମନୋହାରୀ ନୁହେ ତ୍ୱରେ
କି ଅବା ଏହି ସୁନ୍ଦରୀ ପ୍ରାବୃଟ ପ୍ରାୟେକ
ସୃଜାତି ନୀପ କୁଳର ଆନନ୍ଦକାରକ
ଶରଦ ପ୍ରାୟେକ ରଜନୀ-କରେ ମଣ୍ଡିତ
ରୁଚିର ଅମ୍ବରେ ଶୁଭ୍ର ପୟୋଧର ଯୁତ
ହେମନ୍ତ ପ୍ରାୟେ ରମଣୀ ବାସେ ରୁଚି ଧାମୀ
ଦିନ ଦିନ ହୋଇ କରି ମିତ୍ର ସୁଖକାମୀ ।
ଶିଶିର ପ୍ରାୟେ ଚନ୍ଦ୍ରମାବଦନୀ ଦିଶଇ
ବିଚାରେ ମୁକୁନ୍ଦର ଆନନ୍ଦକାରୀ ଏହି ।

## ଶବ୍ଦବିନ୍ୟାସ ପରିପାଟି

ଅଳଂକାରଶାସ୍ତ୍ରପ୍ରବୀଣ ମହାରାଜା ରଘୁନାଥ ଭଞ୍ଜଙ୍କର ରସଲହରୀ କାବ୍ୟରୁ ବିଭିନ୍ନ ଅଳଂକାରର ଦୃଷ୍ଟାନ୍ତ ପ୍ରଦର୍ଶନ କରିବାକୁ ଗଲେ ପ୍ରବନ୍ଧ ସୁଦୀର୍ଘ ହୋଇଉଠିବ । କେବଳ କେତୋଟି ମାତ୍ର ନିମ୍ନରେ ଉଲ୍ଲେଖ କରି ରସିକ ପାଠକମାନଙ୍କୁ ଅନୁରୋଧ କରୁଅଛି ଯେ ସେମାନେ ଥରେ ରସଲହରୀ କାବ୍ୟକୁ ଆମୂଳଚୂଳ ପାଠ କରି କାବ୍ୟରସାସ୍ୱାଦନରୂପ ଦିବ୍ୟାନନ୍ଦ ଉପଭୋଗପୂର୍ବକ ନିଜ କୌତୂହଳର ନିବୃତ୍ତି ସାଧନ କରନ୍ତୁ ।

### (କ) ପଦଲାଳିତ୍ୟ

ପଦଲାଳିତ୍ୟ ରସଲହରୀର ପ୍ରଧାନ ଗୁଣ । ପାଠ କଲାବେଳେ କବିଙ୍କର ମଧୁର ଶବ୍ଦଯୋଜନା କର୍ଣ୍ଣର ତୃପ୍ତିସାଧନ କରି ମନଃପ୍ରାଣକୁ ଅପୂର୍ବ ଆନନ୍ଦରସରେ ଆପ୍ଲୁତ କରିଦିଏ । ଉତ୍କଳ ସାହିତ୍ୟ ସମାଜର ଏକବିଂଶ ସାମ୍ବତ୍ସରିକ ଅଧିବେଶନର ସଭାପତି ଅଧ୍ୟାପକ ଶ୍ରୀଯୁକ୍ତ ଆର୍ତ୍ତବଲ୍ଲଭ ମହାନ୍ତି ତାହାଙ୍କର ସମ୍ଭାଷଣରେ ଯଥାର୍ଥ କହିଅଛନ୍ତି—"ରଘୁନାଥ ଭଞ୍ଜଙ୍କର ଶୋଭନ ପଦସଂହତି ଓ ଲାଳିତ୍ୟର ବିଳାସ······ଉତ୍କଳ-ଭାରତୀଙ୍କର କୁଞ୍ଜ ଅଳଂକୃତ କରି



Digitized by srujanika@gmail.com

ଭାବୁକ ଚିତ୍ତରେ ଚମତ୍କାର ଭାବ ପ୍ରତିପାଦନ କରୁଅଛି ।" ନମୁନା ସ୍ୱରୂପ ନିମ୍ନରେ କେତୋଟି ପଦ ଉଦ୍ଧାର କଲି । କବି ଋତୁରାଜ ବସନ୍ତର ଆଗମନ ବର୍ଣ୍ଣନା କରୁଅଛନ୍ତି:—

ଏ ଅନ୍ତେ କାମ ସଙ୍ଗତେ କାମ ପୂର୍ଣ୍ଣ କରନ୍ତେ ଜନେ
ବିରହୀ ଜନ ମନ ମନ୍ଥନ ମଧୁ ପ୍ରବେଶ ବନେ ।
ପାଦପେ ଜବେ ଗୃହୁ ପଲ୍ଲବେ ହେଲେ କୁସୁମେ ଭର
କୋକିଳ ଗିର କଲା ଯୋଗୀର ମନ କାମେ କାତର

ପୁଣି କବି ବସନ୍ତର ଆଗମନକୁ ରାଜୋଚିତ ଅଭିଯାନରୂପେ ଚିତ୍ରିତ କରି ଲେଖିଅଛନ୍ତି:—

ମଧୁପବନ ବ୍ୟାପିଲେ ବନ ପ୍ରତାପ ପ୍ରାଏ ଚନ୍ଦ
ଅଳି ନିନଦ ଡକ୍କାନିଦନ ପତାକା ରମ୍ଭାପତ୍ର
ବନ୍ଦୀ ପ୍ରାୟେକ ଶୁକ ଗାୟକ ସେନା ଲତା ନିଚୟ
ଋତୁ ରାଜନ ଏରୂପେ ଜନସ୍ଥାନେ କଲେ ବିଜୟ

ସ୍ୱୟମ୍ବର ସଭାକୁ ଆଗତ କଳିଙ୍ଗ ରାଜାଙ୍କର ଉପବନ ବର୍ଣ୍ଣନ କରିବାକୁ ଯାଇ କବି କହୁଅଛନ୍ତି:—

ନନ୍ଦନ ବନ ପରି ଏ ଉପବନ ମଧୁପବନ ସଦା ଯୁକ୍ତ
ଯହିଁରେ ମୀନ କେତନ ନିକେତନ କରିଅଛି ହୋଇ ମୁଦିତ
ବାଳାରେ
ତହିଁରେ ବିହାର କରିବାକୁ
ଉତ୍ସାହ ହୁଏ ଯେବେ ଏହା ଗଳାରେ ଦିଅ ଗୋ ବରଣ ମାଳାକୁ ।

## (ଖ) ଶ୍ଳେଷାଲଙ୍କାର

କବିଙ୍କର କାବ୍ୟ ଶ୍ଳେଷାଲଙ୍କାରରେ ପୂର୍ଣ୍ଣ । ଯେ କୌଣସି ଛାନ୍ଦ ପାଠ କଲେ ଶ୍ଳେଷ ଓ ବକ୍ରୋକ୍ତିର ଦୃଷ୍ଟାନ୍ତ ଦେଖିବାକୁ ମିଳେ । ଏଥିରୁ ଗୋଟିଏ ମାତ୍ର ଉଦାହରଣ ନିମ୍ନରେ ପ୍ରଦାନ କଲି । ରସଲହରୀ ସଖୀ ଗହଣରେ ଉପବନ ଭ୍ରମଣ କରୁଥିଲା ବେଳେ କେହି ନାଗେଶ୍ୱର ପୁଷ୍ପ ପରିତ୍ୟାଗ କରି ପୁନ୍ନାଗ ପୁଷ୍ପ ଚୟନ କରିବାରୁ କବି ସଖୀ ମୁଖରେ ଶ୍ଳେଷାଲଙ୍କାର ଓ ବକ୍ରୋକ୍ତିର ଦୃଷ୍ଟାନ୍ତ ଦେଇଅଛନ୍ତି ।

କେହି ତେଜି ନାଗକେଶର ପୁନ୍ନାଗ ବୃକ୍ଷକୁ ଆଶ୍ରୟ କରନ୍ତେ
ଏମନ୍ତ ବାକ୍ୟକୁ କହେ କେ ତାହାକୁ ସପାନବାଣୀରେ ବୁଡ଼ାନ୍ତେ
ତୁ କିଡ଼
କାମୁକା ମୁଁ ମନେ ମଣୁଛି
ଗୁଣକୁ ପ୍ରକାଶ ନ କଲେହେଁ ଯାହା ପୁନ୍ନାଗକୁ ଯାଇ ଭଜୁଛି ।

## (ଗ) ଉପମା ଓ ରୂପକ

ଉପମା ଓ ରୂପକ ପ୍ରଭୃତି ଅଳଙ୍କାରମାନ ହିଁ କାବ୍ୟର ସୌନ୍ଦର୍ଯ୍ୟ ଓ କବିଙ୍କର ରଚନା ପରିପାଟି ପ୍ରକାଶ କରାଇଥାଏ । ରସଲହରୀ କାବ୍ୟରେ ସେମାନଙ୍କର ବହୁଳ ସମାବେଶ କବିଙ୍କୁ ଅତି ଉଚ୍ଚ ସ୍ଥାନ ପ୍ରଦାନ କରିଅଛି । ଦୁଇଟି ମାତ୍ର ଉଦାହରଣ ନିମ୍ନରେ ପ୍ରଦାନ କଲି । କବି ସର୍ବାଙ୍ଗଶୋଭାଲଂକୃତା ରସଲହରୀଙ୍କୁ ନଦୀ ସହିତ ତୁଳନା କରି ପୂର୍ଣ୍ଣୋପମାର ଦୃଷ୍ଟାନ୍ତ ଦେଇଅଛନ୍ତି:—

କି ଅବା ରାଜନ ସେହି କନ୍ୟେ ନଦୀ ସମାନ
ନୃତ୍ୟ ରସବତୀ ଫେନ ହାସ ଅନ୍ତଃଶୋଭନ
ଘାଟ ଚିକୁର
ଯୁକ୍ତ ପଦ୍ମମୁଖେ ବିରାଜିତ
ସଫରୀ ନୟନେ କରି ହରେ ଜନ ଚିତ୍ତ ।

ବସନ୍ତ କାଳରେ ଶୃଙ୍ଗାର ସମ୍ଭୋଗ ରସ ବର୍ଣ୍ଣନ କରିବାକୁ ଯାଇ ପରମ୍ପରିତ ରୂପକ ଅଳଂକାର ଉଦାହରଣ ଦେଇଅଛନ୍ତି:—

ସ୍ନେହ ସମ୍ପୃକ୍ତ ଲତା ଜନ୍ମେ ଦମ୍ପତିମାନେ କଲେ
ମୃଦୁ କୋମଳ ବାଣୀ କମଳ ତାଳ ତା ବଢ଼ାଇଲେ
ଅତି ପ୍ରେମ ହାସ କୁସୁମ ବିକାଶ କରାଇଲେ
ଜୀବ ସଫଳ ଶୃଙ୍ଗାର ଫଳ ପାକି ହରଷ ହେଲେ ।

## (ଘ) ଅତିଶୟୋକ୍ତି

କବି ରସଲହରୀଙ୍କର ଦଶନ ଶୋଭା ବର୍ଣ୍ଣନ କରିବାକୁ ଯାଇ ଲେଖିଅଛନ୍ତି,

କନକ ଲତାରେ ପଦ୍ମ ବିକାଶକୁ ଲଭିବ
ମଧ୍ୟରେ ଦାଡ଼ିମ୍ବ ବୀଜ ଧୂଳି ପଂକ୍ତି ଜଡ଼ିବ
ପୁଣି ଅଧର
ପ୍ରବାଳରେ ବେଷ୍ଟିତ ହେବ
ତେବେ ତା ଦଶନ ସମ ଉପମାକୁ ଲଭିବ ।

## (ଙ) ବିରୋଧାଭାଷ

ଅଳଂକାର ସମ୍ବନ୍ଧରେ ଅଧିକ ଲେଖି ପ୍ରବନ୍ଧର କଳେବର ବୃଦ୍ଧି କରିବା ଉଚିତ ନୁହେ । ତେବେ ଶବ୍ଦଯୋଜନାର ପରିପାଟୀ ପ୍ରଦର୍ଶନ ପାଇଁ ଗୋଟିଏ ମାତ୍ର ବିରୋଧାଭାଷର ଉଦାହରଣ ଦେଇ ଏଥିରୁ କ୍ଷାନ୍ତ ହେବି ।

ପ୍ରମୋଦ ଉଦ୍ୟାନସ୍ଥ ପୁଷ୍କରଣୀରେ ହଂସମାନଙ୍କୁ ଅବଲୋକନ କରି କେହି ସଖୀ ରସଲହରୀଙ୍କୁ କହୁଅଛନ୍ତି ।

ଦେଖରେ ସୁନ୍ଦରୀ     ଏ ପରମ ହଂସ
ମଗ୍ନ ହୋଇଣ ରସରେ
ବିଷକୁ ଭକ୍ଷଣ     କରନ୍ତେ ଅତ୍ୟନ୍ତ
ଆନନ୍ଦ ହୁଏ ମନରେ ।
ଦେଖରେ ପଙ୍କଜ—     ଲପନା ସାରସ
ସକଳ ହୋଇଣ କରି
ପୁଣି ସକଳକୁ     ଭକ୍ଷଣ କରୁଛି
ହରଷ ମନରେ ଧରି ।



Digitized by srujanika@gmail.com

## ବର୍ଣ୍ଣନାପଟୁତା

କବିଙ୍କ କାବ୍ୟର ସମାଲୋଚନା କରିବାକୁ ଯାଇ ତାଙ୍କର ବର୍ଣ୍ଣନା ପଟୁତା ସମ୍ବନ୍ଧରେ ଦୁଇ ପଦ ନ କହିଲେ କବିଙ୍କ ପ୍ରତି ଅବିଚାର କରାହୁଏ । ତେଣୁ ଏହାର ଦିଗ୍‌ଦର୍ଶନ ମାତ୍ର କରି ସହୃଦୟ ପାଠକମାନଙ୍କର କୌତୂହଳ ନିବୃତ୍ତି କରିବି ।

କବି ତାହାଙ୍କର କାବ୍ୟରେ ସୁନନ୍ଦାପୁରର ବର୍ଣ୍ଣନ ହଂସ ମୁଖରେ କରିଅଛନ୍ତି । ଏହା ଠିକ୍ ନୈଷଧୀୟ ଛାଁରେ ଲେଖା, ତଥାପି ସେଥିରେ ସେ କେତେଗୁଡ଼ିଏ ନୂତନ ବିଷୟ ସନ୍ନିବେଶିତ କରିଅଛନ୍ତି । କାବ୍ୟବର୍ଣ୍ଣିତ ରାଜମାର୍ଗ ଗୁଡ଼ିକରେ ମୋଗଲ ରାଜତ୍ୱ କାଳର ମାର୍ଗ ସହିତ ସାମଞ୍ଜସ୍ୟ ଅଛି । ପକ୍କା ରାସ୍ତାର ଦୁଇ ପାଖରେ ସବୁଜବର୍ଣ୍ଣ ଅଳ୍ପ ପରିସରଯୁକ୍ତ ପ୍ରାନ୍ତର ସବୁଦିନ ବିଦ୍ୟମାନ ରହିଅଛି । ମୟୂରଭଞ୍ଜର ବର୍ତ୍ତମାନ ସାର୍କିଟ୍ ରୋଡ଼ ଠିକ ଏହି ଭାବରେ ନିର୍ମିତ । ନିମ୍ନରେ ରାଜପଥ ବର୍ଣ୍ଣନାତ୍ମକ ପଦମାନଙ୍କରୁ ଗୋଟିଏ ମାତ୍ର ଉଦ୍ଧାର କଲି ।

ଯହିଁ ରାଜପଥମାନ ରଜମାନଙ୍କରେ ଶୂନ୍ୟ
ଚମତ୍କାର ହୋଇଛି ରଚନ ଯହିଁରେ
ବେନି ପାଖେ ଇନ୍ଦ୍ରନୀଳ ମଧ୍ୟରେ ସ୍ଫଟିକ ମେଳ
ସୁବର୍ଣ୍ଣରେ ଚନ୍ଦ୍ରକୁ ଲଭିଛି କାହିଁରେ
ହଂସ ଚତୁରଙ୍କ ମନର
ଏ ସୁବେଶ ସିଉନ୍ତି କି ଏହି ମନ୍ଥର ।

କବି ନଗରର ମଣି ମୁକ୍ତା ବ୍ୟବସାୟୀ ଓ ବିଳାସ ଦ୍ରବ୍ୟର ବିପଣୀମାନ ବର୍ଣ୍ଣନ କରିବାକୁ ଯାଇ ଲେଖିଅଛନ୍ତି ।

ଯେବଣ ନଗରେ ହଂସ ବିସ୍ମର କରେ ମାନସ
ମଧ୍ୟେ ଦେଖି ଏତାଦୃଶ ସାଧୁମାନଙ୍କୁ
ଧରିଛନ୍ତି ମୁକ୍ତାମାନ ବୈଦୂର୍ଯ୍ୟ ହୀରକ ସ୍ୱର୍ଣ୍ଣ
ଇନ୍ଦ୍ରନୀଳ ଆଦି ରତ୍ନମଣିମାନଙ୍କୁ
ଏମାନେ ଥାଉଁ ଯା ବୋଲନ୍ତି
ରତ୍ନାକର ସମୁଦ୍ରକୁ ବ୍ୟର୍ଥ ସେ ସ୍ତୁତି ।
ଯହିଁ ଅଗ୍ରିମ ସମାନ ହୋଇଲେ ବଣିକଜନ
ଅନେକ ପ୍ରବାଳ ମାନ ଧରିଥିବାରେ
ଚୃଚୁ ପୁଷ୍ପ ରାଗଧର ନାନା ସୁରଭି ପ୍ରଚୁର
ଅଗୋଚର ଶ୍ରୀ ଅଧାର ମନ ବୁଦ୍ଧିରେ
ପୁଣି ମୃଗ ମଦକୁ ଧରେ
ରସାଳ ଫଳରେ ଜନ ଶ୍ରମ ନିବାରେ ।

କବି ଗୃହମାନଙ୍କ ଉପରେ ବାୟୁର ଦିଗନିର୍ଣ୍ଣୟକ ଯନ୍ତ୍ରର (**weather cock**) ଅବସ୍ଥିତି ସୁନନ୍ଦା ପୁରୀରେ ବର୍ଣ୍ଣନା କରିଅଛନ୍ତି । କବିଙ୍କର ସୁନନ୍ଦାପୁରୀର ବର୍ଣ୍ଣନା ନିଜ ରାଜଧାନୀ ହରିହରପୁରର ବର୍ଣ୍ଣନା ନୁହେଁ ତ ?

କବିଙ୍କର ପ୍ରକୃତି ଚିତ୍ରଣ ଅତି ମନୋହର । ସେ ତାହାଙ୍କର ଅପୂର୍ବ ତୁଳି ସାହାଯ୍ୟରେ ବନର ବିଚିତ୍ର ଛବି, ପ୍ରଦୋଷ ଓ ସନ୍ଧ୍ୟାର ମନୋମୋହନ ଶୋଭା ଓ ସମୁଦ୍ରର ଭଗବତ୍‌ଭାବୋଦ୍ଦୀପକ ବିଶାଳତା ଯେପରି ଭାବରେ ଚିତ୍ରଣ କରିଅଛନ୍ତି ତାହା ପାଠ କଲେ ମନରେ ସ୍ୱତଃ କବିଙ୍କ ପ୍ରତି ଅନୁରାଗ ଜାତ ହୁଏ ଏବଂ ତାହାଙ୍କର ବିଶାଳ ପାଣ୍ଡିତ୍ୟ ନିକଟରେ ମସ୍ତକ ଅବନତ ହୋଇଯାଏ । କବି ସମୁଦ୍ର ଉପରେ ପୋତ ସନ୍ଦର୍ଶନ କରି କହୁଅଛନ୍ତି,

ହଂସବର
ନୃପକୁ କହେ ଲହରୀରେ
ଚଞ୍ଚଳ ପୋତ ଦିଶେ ଦୂରେ
ଦେଖି ପ୍ରଳୟ ଜଳ ମୁକୁନ୍ଦ ବଟଦଳ
ବିହାର ଭ୍ରମକୁ ଏ ଧରେ ।

କବି ସମୁଦ୍ରରେ ଜଳହସ୍ତୀ ଓ ନକ୍ର ପ୍ରଭୃତି ଜଳଜନ୍ତୁମାନଙ୍କର ବର୍ଣ୍ଣନା ମଧ୍ୟ କରିଅଛନ୍ତି ।

ନାରୀର ସଲଜ୍ଜ ଭାବ ଦେଖାଇବାକୁ ଯାଇ କବି ରସଲହରୀର ସ୍ୱୀକୃତି ହଂସକୁ କିପରି ସୁନ୍ଦର ଭାବରେ ଜ୍ଞାପନ କରିଅଛନ୍ତି ତାହା ନିମ୍ନରେ ପ୍ରଦାନ କଲି ।

ଶୁଣି ହଂସ ଭାଷ ଚିତ୍ତରେ ହରଷ
ହୋଇଣ ସଙ୍କୋଚ କରି
ତଟସ୍ଥ ହୋଇଣ ନ କହି ବଚନ
କଟାକ୍ଷ କଲି ସୁନ୍ଦରୀ ।

ସୌଜନ୍ୟ ପ୍ରକାଶକ ପଦଟିଏ ଉଲ୍ଲେଖ କରି କବିଙ୍କର ହୃଦୟର ପରିଚୟ ଦେବି । ହଂସକୁ ବିଦାୟ ଦେଲାବେଳେ ପୁଷ୍ପତିଳକ କହୁଅଛନ୍ତି—

ଦୁଃଖ ଜାଣି ପକ୍ଷପାତ କଲେଣି ତ ମୋଠାର
ଯେ ସଜ୍ଜନ ତାହାଙ୍କୁ ଅଧିକ ନ କହିବାର
ତଥାପି ହିଁ ସେ
ଅଛି ଏହି ବଧିର ବେଭାର
ନ କହିଲେ ରସଭଙ୍ଗ ହୁଏ ତାଙ୍କ ମନର
ପଥରେ ମଙ୍ଗଳ ହେଉ ଯାଅ ତୁମ୍ଭେ ବିହଙ୍ଗ
ଅବଶ୍ୟ ସ୍ମରଣ କରୁଥିବ ଆମ୍ଭ ବଚନ ।

## କବିଙ୍କର ସମର ପ୍ରିୟତା

କବିଙ୍କର ବାଲ୍ୟାବସ୍ଥାରେ ପ୍ରାୟ ବାର ତେର ବର୍ଷ ବୟସରେ ଆଲିବର୍ଦ୍ଦିଖାଁ ମୟୂରଭଞ୍ଜ ଆକ୍ରମଣ କରିଥିଲେ । ମହାରାଜା ବିବାହ କରି ସମ୍ବଲପୁରରୁ ପ୍ରତ୍ୟାବର୍ତ୍ତନ କରୁଥିଲା ବେଳେ ପଥ ମଧ୍ୟରେ ମରହଟ୍ଟାମାନଙ୍କଦ୍ୱାରା ଆକ୍ରାନ୍ତ ହୋଇଥିଲେ । ତେଣୁ ମନେହୁଏ ଏହାଙ୍କୁ ଅଳ୍ପ ବୟସରୁ ଯୁଦ୍ଧ କାର୍ଯ୍ୟରେ ବ୍ୟାପୃତ ହେବାକୁ ପଡ଼ିଥିଲା ।



Digitized by srujanika@gmail.com

ସେଥିପାଇଁ ବୋଧହୁଏ କବି ରସଲହରୀଙ୍କର ସ୍ୱୟମ୍ବର ସଭାକୁ ଆଗତ ପ୍ରତ୍ୟେକ ରାଜପୁତ୍ରଙ୍କୁ ବୀର ରୂପରେ ବର୍ଣ୍ଣନା କରିଅଛନ୍ତି । କବିଙ୍କର ସମର ପ୍ରିୟତା ଏହି ବର୍ଣ୍ଣନାମାନଙ୍କରୁ ଅନୁମିତ ହୁଏ ।

କବି ପୁଷ୍ପତିଲକଙ୍କର ସୁନନ୍ଦାପୁରୀ ଗମନ ଛଳରେ ଯେଉଁ ଶୋଭାଯାତ୍ରା ବର୍ଣ୍ଣନା କରିଅଛନ୍ତି ତାହା ବିବାହ ଉପଲକ୍ଷ୍ୟରେ ଅନୁଷ୍ଠିତ ଯେ କୌଣସି ରାଜକୀୟ ଶୋଭାଯାତ୍ରା ସହିତ ତୁଳନା କରି ଯାଇପାରେ । ଏହା ଏପରି ସୁନ୍ଦର ଓ ଜୀବନ୍ତ ହୋଇଅଛି ଯେ ପାଠ କଲେ ମନେହେବ ପାଠକ ମଧ୍ୟ ଜଣେ ସେହି ଶୋଭାଯାତ୍ରାର ସହଯାତ୍ରୀ ।

## କବିଙ୍କ ଉପରେ ଓଡ଼ିଆ କାବ୍ୟର ପ୍ରଭାବ

ମହାରାଜା ରଘୁନାଥ ଭଞ୍ଜ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗରେ କାବ୍ୟ ରଚନା କରିଥିଲେ । ସେ ସମୟରେ କିମ୍ବା ତାହା ପୂର୍ବରୁ ଓଡ଼ିଶାର ଉତ୍ତରାଞ୍ଚଳରେ କୌଣସି କବି ଏପରି ଶୃଙ୍ଗାର ରସାତ୍ମକ କଥା-କାବ୍ୟ ଉତ୍କଳ ଭାଷାରେ ରଚନା କରି ଥିବାର ଜଣା ନାହିଁ । ଓଡ଼ିଆ ଭାଷାରେ ନାନା ବିଧ ଅଳଙ୍କାରପୂର୍ଣ୍ଣ ଏତାଦୃଶ କଥା-କାବ୍ୟ ଓଡ଼ିଶାର ଦକ୍ଷିଣାଞ୍ଚଳରେ ପ୍ରଥମେ ହିଁ ରଚିତ ହୋଇଅଛି । ଘୁମୁସର ରାଜବଂଶରେ ଏପରି କଥା-କାବ୍ୟର ରଚନା ସପ୍ତଦଶ ଶତାବ୍ଦୀର ଶେଷ ଭାଗରେ ଆରମ୍ଭ ହୋଇଥିଲା । ଏହାର ଆଦର ମଧ୍ୟ ପଣ୍ଡିତ-ମାନଙ୍କ ମଧ୍ୟରେ ଅଳ୍ପ ନ ଥିଲା । ତେଣୁ ଏହି କଥା-କାବ୍ୟମାନ ଏକ ଶତାବ୍ଦୀ ମଧ୍ୟରେ ଯେ ମୟୂରଭଞ୍ଜ ରାଜସଭାକୁ ଆଗତ ହୋଇ ନ ଥିବ ଏହା କହାଯାଇ ନ ପାରେ । ରସଲହରୀ ରଚନା କାଳକୁ କବି-ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ବୟସ ପଚିଶରୁ ଅଧିକ । କାରଣ ରସଲହରୀର ରଚନା କାଳ ୧୭୪୭-୧୭୫୦ ଓ ଉପେନ୍ଦ୍ର ଭଞ୍ଜଙ୍କ ଜନ୍ମ ସମୟ ୧୬୯୫ ଖ୍ରୀଃ ଅଃର ପୂର୍ବେ । ପଣ୍ଡିତ ଶ୍ରୀ ବିନାୟକ ମିଶ୍ର ରସଲହରୀ କାବ୍ୟର ରଚନାକାଳ ୧୭୩୦-୧୭୪୦ ବୋଲି ନିର୍ଦ୍ଦେଶ କରି ଅନୁମାନ କରିଅଛନ୍ତି ଯେ ରସଲହରୀର କବି ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟମାନ ପାଠ କରିବାର ସୁବିଧା ପାଇ ନ ଥିବେ, କିନ୍ତୁ ସେପରି ସମ୍ଭାବନା ଅପେକ୍ଷା ଏହାର ବିପରୀତ ସମ୍ଭାବନା ହିଁ ବେଶି ବୋଲି ମନେହୁଏ । ରସଲହରୀର କବି ସଂସ୍କୃତ ସାହିତ୍ୟରେ ଜଣେ ଅଦ୍ୱିତୀୟ ପଣ୍ଡିତ, ଅଳଂକାର ସାହିତ୍ୟରେ ଏହାଙ୍କର ଅଗାଧ ଜ୍ଞାନ, ଅଳ୍ପ ବୟସରେ କାବ୍ୟ ରଚନା ଆରମ୍ଭ କରିଅଛନ୍ତି; ଏଣୁ ଏହାଙ୍କର ସଂସ୍କୃତରେ ରଚନା କରିବା ପାଇଁ ପ୍ରବୃତ୍ତି ଜାଗ୍ରତ ହେବା ସ୍ୱାଭାବିକ । କିନ୍ତୁ ତାହା ନ ହୋଇ ଓଡ଼ିଆ ସାହିତ୍ୟରେ କାବ୍ୟ ରଚନା ଆରମ୍ଭ କରିଥିବାରୁ ଏହା ତାହାଙ୍କର ଓଡ଼ିଆ କାବ୍ୟାଲୋଚନାର ଫଳ ବୋଲି ଅନୁମାନ କରିବା ଅପୌକ୍ତିକ ନୁହେ । ରସଲହରୀ ରଚନାର ବହୁ ବର୍ଷ ପୂର୍ବରୁ ଉପେନ୍ଦ୍ର ଭଞ୍ଜ ଓଡ଼ିଆରେ କଥା-କାବ୍ୟ ରଚନା ଆରମ୍ଭ କରିଥିଲେ । ତାହାଙ୍କର ଉତ୍କଳବ୍ୟାପୀ ପ୍ରଶଂସା ଏହାଙ୍କୁ ଯେ ଉତ୍କଳ ଭାଷାରେ କାବ୍ୟ ରଚନା ପାଇଁ ପ୍ରେରଣା ଦେଇ ନ ଥିବ ତାହା କିଏ କହିପାରେ ? ମୋର ମନେହୁଏ କବି ଉପେନ୍ଦ୍ର ଭଞ୍ଜଙ୍କର ଅନେକ କାବ୍ୟ ବିଶେଷ ଭାବରେ ଆଲୋଚନା କରିଥିଲେ । କାବ୍ୟର ମୁଖବନ୍ଧ ଲେଖକ ଶ୍ରୀଯୁକ୍ତ ଶଶିଭୂଷଣ ରାୟଙ୍କ ସହିତ ଏକମତ ହୋଇ ମୁଁ ମଧ୍ୟ କହୁଅଛି ଯେ, "ଉପେନ୍ଦ୍ର ଭଞ୍ଜଙ୍କ ଲାବଣ୍ୟବତୀର ବନବିହାର ଓ ପୁଷ୍କରିଣୀରେ ସ୍ନାନ କରିବାର ବର୍ଣ୍ଣିତ ଛାନ୍ଦର ରସଲହରୀର ୬ମ ଓ ୭ମ ଛାନ୍ଦ ସହିତ ଅନେକ ପରିମାଣରେ ସାଦୃଶ୍ୟ ଅଛି ।" ଏହାଦ୍ୱାରା ମୁଁ କବିଙ୍କର ଲଘୁତା ପ୍ରଦର୍ଶନ କରାଇବାକୁ ଯାଉ ନାହିଁ । କବିଙ୍କର ସ୍ଥାନ ଉତ୍କଳ ସାହିତ୍ୟ କ୍ଷେତ୍ରରେ ଦର୍ଶାଇବାକୁ ହେଲେ, ତଦ୍ରୂପ କଥା-କାବ୍ୟ ଲେଖକଙ୍କ ସହିତ ତାହାଙ୍କର ତୁଳନା କରିବା ଉଚିତ । ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀରେ ସଖୀମାନଙ୍କର ପୁଷ୍କରିଣୀ ପ୍ରବେଶ ଓ ଅବଗାହନ ଯେପରି ଭଙ୍ଗୀରେ ପ୍ରକାଶ କରିଅଛନ୍ତି ରଘୁନାଥ ଭଞ୍ଜ ସେହିପରି ବର୍ଣ୍ଣନା କରିଅଛନ୍ତି । ସ୍ଥଳବିଶେଷରେ ଏହାଙ୍କର ରଚନା ଲାବଣ୍ୟବତୀକୁ ବଳିପଡ଼ିଛି । ଗୋଟିଏ ଦୁଇଟି ଉଦାହରଣ ନିମ୍ନରେ ପ୍ରଦାନ କଲି ।

ଜଳର ସ୍ୱଚ୍ଛତା ବର୍ଣ୍ଣନା କରିବାକୁ ଯାଇ ଉପେନ୍ଦ୍ର ଭଞ୍ଜ ଲାବଣ୍ୟବତୀରେ କହିଅଛନ୍ତି—

ଜଳ ନିର୍ମଳରେ ଆଦର ଆଦର୍ଶେ ସାଜୁଛି ।

ରସଲହରୀର କବି ସେହି ଭାବକୁ କିପରି ସୁନ୍ଦର ଓ ସରସ କରି ବ୍ୟକ୍ତ କରିଅଛନ୍ତି ତାହା ନିମ୍ନରେ ଉଲ୍ଲେଖ କଲି ।

କେହି କଉତୁକେ     ଲୁଚିବି ବୋଲିଣ
ଜଳରେ ବୁଡ଼ି ରହନ୍ତେ
ନ ପାରିଲେ ତାକୁ     ଲୁଚାଇ ସେ ଜଳ
ନିର୍ମଳ ଭାବ ଭଜନ୍ତେ ।

ଲାବଣ୍ୟବତୀର ସ୍ନାନ ବର୍ଣ୍ଣନ କରିବାକୁ ଯାଇ କବି ଲେଖି-ଅଛନ୍ତି—

ଘର ଶୋଭା ଦେଖୁ ଦେଖୁ ସେ ସଲେ ମର୍ଦ୍ଦନ ବିଧି
ବକ୍ଷ ପ୍ରମାଣ ଜଳେ ଯାଇ ବିଜେ ଲାବଣ୍ୟନିଧି
କବି ବିଚାରିଲା ବିଚିତ୍ର ହେଲା ତୁମ୍ବୀ ବୁଡ଼ିଲା
ନ ବୁଡ଼ି ଶଇଳ ସଳିଳ ଉପରେ ରହିଲା ।

ସେହି ଭାବକୁ ରସଲହରୀ-କବି ପ୍ରକାଶ କରିଅଛନ୍ତି—

ପ୍ରିୟ ପ୍ରାୟେ ଜଳ     ଜଳଜନେତ୍ରୀର
ପ୍ରଥମେ ପାଦ ଧୋଇଲା
ତହୁଁ ନାଭି ଯାଏ     ହୀନ ତହୁଁ କଣ୍ଠ
ଧରି ବଦନ ଚୁମ୍ବିଲା ।

ଉଭୟ କବି ରମଣୀମାନଙ୍କର ଉତ୍ତମ ସନ୍ତରଣ ବର୍ଣ୍ଣନା କରିଅଛନ୍ତି ।

ବେଶ ବର୍ଣ୍ଣନାରେ ରସଲହରୀର କବି ଉପେନ୍ଦ୍ର ଭଞ୍ଜଙ୍କ ପରି ଅଳଙ୍କାରପ୍ରିୟତା ଦେଖାଇ ନାହାନ୍ତି । ବୋଧହୁଏ ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟରେ ଦକ୍ଷିଣାଞ୍ଚଳର ଅଳଙ୍କାରପ୍ରିୟତା ବିଶେଷ ଭାବରେ ପରିସ୍ଫୁଟ ହୋଇଅଛି । ସେ ନାନାବିଧ ଅଳଙ୍କାରଦ୍ୱାରା ତାହାଙ୍କର ନାୟିକାମାନଙ୍କୁ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଘୋଡ଼ାଇ ଦେଇଅଛନ୍ତି । କିନ୍ତୁ



Digitized by srujanika@gmail.com

ରଘୁନାଥ ଭଞ୍ଜଙ୍କର ସ୍ୱୟମ୍ବର ସଭାକୁ ଆଗତା ରସଲହରୀ ନାଇଛନ୍ତି ପାଦରେ ନୂପୁର, କଟୀରେ କିଂକିଣୀ, ବେକରେ ଗୋଟିଏ ହାର, କାନରେ ଅବତଂସ, ନାକରେ ଦୁଇଟି ଶ୍ୱେତ ବର୍ଣ୍ଣ ମୁକ୍ତା ସହିତ ମଝିରେ ଗୋଟିଏ ରକ୍ତବର୍ଣ୍ଣର ପଥରବସା ଦଣ୍ଡୀ; ମସ୍ତକରେ ସୁନ୍ଥା । ରସଲହରୀ କାଞ୍ଚୁଲି ପିନ୍ଧି ତାହା ଉପରେ ହାର ପିନ୍ଧିଅଛନ୍ତି । ଏପରି ଅଳଙ୍କାରର ସ୍ୱଳ୍ପତା ଉତ୍କଳର ଉତ୍ତରାଞ୍ଚଳ ସଭ୍ୟତାର ନିଦର୍ଶନ ହୋଇ ପାରେ ।

## କବିଙ୍କର ଅନ୍ୟାନ୍ୟ ଶାସ୍ତ୍ରଜ୍ଞାନ

ପୂର୍ବରୁ କହା ଯାଇଅଛି ଯେ କବିଙ୍କର ସଂସ୍କୃତ ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ଥିଲା । ସେ ରାମାୟଣ, ମହାଭାରତ ଓ ଭାଗବତ ପ୍ରଭୃତି ଧର୍ମ ଗ୍ରନ୍ଥମାନ ବିଶେଷଭାବରେ ଅଧ୍ୟୟନ କରିଥିଲେ । ଏହାର ଦୃଷ୍ଟାନ୍ତ ସ୍ୱରୂପ ଗୋଟିଏ ଦୁଇଟି ପଦ ନିମ୍ନରେ ଉଲ୍ଲେଖ କଲି । ନିଷଧରାଜ ଚନ୍ଦ୍ରବର୍ମାଙ୍କର ପୁତ୍ର ପ୍ରାପ୍ତିରେ ପୁରଜନମାନଙ୍କର ଆନନ୍ଦ କବି ନିମ୍ନ ପ୍ରକାରରେ ବର୍ଣ୍ଣନ କରିଅଛନ୍ତି ।

ପୁରଜନ ମନ କ୍ଷୀର ସାଗର
ତହିଁ ହୋଇଲା ବାଳକ ମନ୍ଦର
ସ୍ନେହ ପାଶରେ ତା କରି ବନ୍ଧନ
ପରସ୍ପରେ ମିଳି କଲେ ମଥନ
ତହୁଁ ଆନନ୍ଦ ସୁଧାକୁ ପାଇଲେ
ପାନ କରି ନିଜ ଜ୍ଞାନ ହାରିଲେ ।

କବି ବନର ବର୍ଣ୍ଣନା କରିବାକୁ ଯାଇ ଶ୍ଳେଷାର୍ଥଦ୍ୱାରା କୁରୁକ୍ଷେତ୍ରର ବର୍ଣ୍ଣନା କରିଅଛନ୍ତି ।

କୁରୁକ୍ଷେତ୍ର ସମାନ ଦେଖ ହେ ଏହୁ ବନ
ଶୋଭିନ ଅର୍ଜୁନ ଧାରଣ
ମଧୁପ ନକୁଳରେ ଅତି ଶୋଭିକୁ ଧରେ
ଶିଖଣ୍ଡୀରେ ହୁଏ ମଣ୍ଡନ
ହେ ମହୀପାଳ
ଶୃଙ୍ଗୁ ଭରଦ୍ୱାଜରେ କରି
ଦିବାକର ସୁତକୁ ଧରି
ମନ୍ଦ ଶକୁନୀ ଯୁତ ଉଲୁକରେ ଶୋଭିତ
ଦାରୁଣ କ୍ଷେମ ହେତୁ କରି ।

ଆଉ ଅଧିକ ଦୃଷ୍ଟାନ୍ତ ପ୍ରଦାନ କରି ପ୍ରବନ୍ଧର ଅଙ୍ଗ ବୃଦ୍ଧି କରିବା ଆବଶ୍ୟକ ନାହିଁ । କବିଙ୍କର ବହୁଳ ଶାସ୍ତ୍ରଜ୍ଞାନ ଥିବାର କାବ୍ୟ ପଢ଼ିଲେ ହିଁ ସହଜରେ ଅନୁମିତ ହେବ ।

## କବିଙ୍କର ଐତିହାସିକ, ଭୌଗୋଳିକ ଓ ସାମାଜିକ ଜ୍ଞାନ

କବିଙ୍କର ଇତିହାସ ଓ ଭୂଗୋଳ ଜ୍ଞାନ ସମ୍ବନ୍ଧରେ ବିଶେଷ କିଛି କହି ହେବ ନାହିଁ । ମୁଁ ପୂର୍ବରୁ କହିଅଛି ତାହାଙ୍କ କଥା କାବ୍ୟରେ ସାଧାରଣ ସମାଜର ଚିତ୍ର କ୍ୱଚିତ୍ ପ୍ରଦର୍ଶିତ ହୋଇଥାଏ । ଶ୍ରୀଯୁକ୍ତ ଶଶିଭୂଷଣ ରାୟ "ଏକାଦଶ ଛାନ୍ଦରେ ରସଲହରୀଙ୍କ ସଖୀ କର୍ତ୍ତୃକ ସଭାସଦ ରାଜାମାନଙ୍କର ପରିଚୟ ପ୍ରସଙ୍ଗରେ କବିଙ୍କର ଭୌଗୋଳିକ ଓ ଐତିହାସିକ ଜ୍ଞାନ ସମ୍ୟକ ପରିସ୍ଫୁଟ" ବୋଲି ପ୍ରକାଶ କରିଅଛନ୍ତି, କିନ୍ତୁ ଏହା କାବ୍ୟର ବର୍ଣ୍ଣନାରୁ ପ୍ରତିପାଦିତ ହୁଏ ନାହିଁ । କାବ୍ୟ ବର୍ଣ୍ଣିତ ରାଜ୍ୟଗୁଡ଼ିକ ପୁରାତନ ସଂସ୍କୃତ କାବ୍ୟରୁ ସଂଗୃହୀତ । ବର୍ଣ୍ଣନାରେ ସେହି ଦେଶମାନଙ୍କର ଭୂଗୋଳ କିମ୍ବା ତାହାଙ୍କ ଇତିହାସ ପ୍ରତିଫଳିତ ହୋଇ ନାହିଁ । ଲେଖକଙ୍କ ନିଜ ରାଜ୍ୟ ମୁସଲମାନ ଓ ମରହଟ୍ଟାମାନଙ୍କଦ୍ୱାରା ବାରମ୍ବାର ଉତ୍ପୀଡ଼ିତ ହୋଇଥିଲା । କବି ବିବାହ କରି ଫେରିଲା ବେଳେ ବର୍ଗିମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଏହାର ଛାୟା ପର୍ଯ୍ୟନ୍ତ କାବ୍ୟରେ ନାହିଁ । ଅନ୍ୟ ଦେଶ ଇତିହାସ ତ ଦୂରର କଥା । କବି କେବଳ ରାଜାମାନଙ୍କର ଓ ବିଳାସପରାୟଣ ନାଗରିକମାନଙ୍କର ଚିତ୍ର ହିଁ ପ୍ରଦାନ କରିଅଛନ୍ତି । ସେହିମାନଙ୍କ ସମ୍ବନ୍ଧରେ ଯାହା କିଛି ମତ ବ୍ୟକ୍ତ କରି ଯାଇପାରେ । ସୁରାପାନ ସେ କାଳର ରାଜନ୍ୟମଣ୍ଡଳୀରେ ଓ ବିଳାସୀ ନାଗରିକମାନଙ୍କ ମଧ୍ୟରେ ପ୍ରଚଳିତ ଥିଲା । କଳିଙ୍ଗ ରାଜଗୁଣ ବର୍ଣ୍ଣନା ଓ ସୁନନ୍ଦାପୁର ବର୍ଣ୍ଣନାରେ ଏହା ପରିଲକ୍ଷିତ ହୁଏ । ରାଜାମାନେ ପଣ୍ଡିତ ଓ ଗୁଣଗ୍ରାହୀ ଥିଲେ ।

## କାବ୍ୟର ଭାଷା

କାବ୍ୟର ଭାଷା ସଂସ୍କୃତମୂଳକ । ଅଳଂକାର ରକ୍ଷା ପାଇଁ ବହୁ ଅପ୍ରଚଳିତ ସଂସ୍କୃତ ଶବ୍ଦମାନ ମଧ୍ୟ ପ୍ରୟୋଗ କରି ହୋଇଅଛି । ମୁସଲମାନମାନଙ୍କର ସଂଘର୍ଷ ଯଥେଷ୍ଟ ଥିଲେ ମଧ୍ୟ କାବ୍ୟରେ 'ସାହି' ବ୍ୟତୀତ ଅନ୍ୟ ଯାବନିକ ଶବ୍ଦ ମୋର ନୟନଗୋଚର ହୋଇ ନାହିଁ । ଅଳଂକାରର ବହୁଳ ସମାବେଶ ଥିଲେ ମଧ୍ୟ, ମଧ୍ୟେ ମଧ୍ୟେ ସରଳ ଓ ଲଳିତ ଭାଷା ପାଠକକୁ ମୁଗ୍ଧ କରିଥାଏ । ଉପେନ୍ଦ୍ର ଭଞ୍ଜ ସଂସ୍କୃତ ସାହିତ୍ୟ ଓ ସଂସ୍କୃତ ବ୍ୟାକରଣରେ ଅଗାଧ ପାଣ୍ଡିତ୍ୟ ଅର୍ଜନ କରିଥିଲେ ହେଁ ଉତ୍କଳ ଭାଷାରେ ନାନା ବିଧ ଶବ୍ଦାଲଙ୍କାର ଓ ଅର୍ଥାଲଙ୍କାର ପ୍ରୟୋଗ କରିବାକୁ ଯାଇ ଓଡ଼ିଆ ବ୍ୟାକରଣକୁ ଏକାବେଳକେ ଅବହେଳା କରିଅଛନ୍ତି । କିନ୍ତୁ ରସଲହରୀରେ ସେପରି ଦୋଷ ବେଶି ପରିମାଣରେ ଦେଖାଯାଏ ନାହିଁ ।

କବି ବହୁ ସ୍ଥାନରେ ଦ୍ୱିତୀୟା ବିଭକ୍ତିର ଚିହ୍ନ 'କୁ' ସ୍ଥାନରେ 'ଉ'ର ବ୍ୟବହାର କରିଅଛନ୍ତି ।

"କରି ସୁନ୍ଦରୀମାନ୍ତୁ ନିବାରି"
"ଦେବମାନ୍ତୁ ତ୍ୟାଗ କରିଣ ବରିଲେ ବିଷ୍ଣୁକୁ ସାଗର ନନ୍ଦିନୀ"
"ପ୍ରିୟ କେଳି କଥା ଆମ୍ଭୁ ନ କହିବ ତରୁଣୀ"

ଏ ପରି ବ୍ୟବହାର ପୁରାତନ ଓଡ଼ିଆ ସାହିତ୍ୟରେ ମଧ୍ୟ କ୍ୱଚିତ୍ ପରିଲକ୍ଷିତ ହୋଇଥାଏ । ପ୍ରାକୃତ ସାହିତ୍ୟରେ 'ଉ' ଦ୍ୱିତୀୟା ବିଭକ୍ତିର ଚିହ୍ନ ରୂପେ ବ୍ୟବହୃତ ହୁଏ । ମନେହୁଏ ପ୍ରାକୃତ ସାହିତ୍ୟର ବହୁଳ ଆଲୋଚନା ହିଁ ଏ ପରି ପ୍ରୟୋଗ ସାଧୁ ବୋଲି କବିଙ୍କ ମନରେ



Digitized by srujanika@gmail.com

ଧାରଣା ଜନ୍ମାଇ ଅଛି । କବିଙ୍କର ପରବର୍ତ୍ତୀ କାଳରେ କୃଷ୍ଣ ପଟ୍ଟନାୟକ ମଧ୍ୟ ତାଙ୍କ ରାମାୟଣରେ ଏହିପରି ପ୍ରୟୋଗ କରିଅଛନ୍ତି । ନିମ୍ନରେ ଗୋଟିଏ ଉଦାହରଣ ପ୍ରଦାନ କଲି ।

"ଭୂମି ଯୁଦ୍ଧ କାଳେ ନୁହଁନ୍ତି କେହି ଯୋଡ଼"

କାବ୍ୟର ଅଷ୍ଟମ ଛାନ୍ଦରେ ଶୃଙ୍ଖଳାଳଙ୍କାର ପ୍ରତ୍ୟେକ ପଦରେ ରହିଅଛି । ସେଥିରେ ଗୋଟିଏ ସ୍ଥଳରେ ଶୃଙ୍ଖଳା ରକ୍ଷା ପାଇଁ 'ବଲ' ଶବ୍ଦଟି 'କହି', ଏହି ଅର୍ଥରେ ପ୍ରୟୋଗ କରା ହୋଇଅଛି । ଯଥା—

"ଧରିବ ଜୀବନ କେମନ୍ତେ ଏ ବଲ
ବଲ ନେଲି ହରି-ଅରି ।"

କବି 'ବୋଲ' ଶବ୍ଦକୁ ଶୃଙ୍ଖଳା ରକ୍ଷାପାଇଁ 'ବଲ' କରିଥିବେ କିମ୍ବା ବଙ୍ଗ ଭାଷାର ପ୍ରଭାବ ହେତୁ 'ବଲ' ଶବ୍ଦ ପ୍ରୟୋଗ କରା ହୋଇଅଛି । ଆଉ ଗୋଟିଏ ସ୍ଥାନରେ କଠୋର ପରେ ଠୁଳ ଶବ୍ଦ ପ୍ରୟୋଗ କରି ଶୃଙ୍ଖଳା ରକ୍ଷା କରିଅଛନ୍ତି । ଏହା ପ୍ରାଦେଶିକ ଉଚ୍ଚାରଣର ଫଳ ବୋଲି ଅନୁମିତ ହୁଏ । ବାଲେଶ୍ୱର ଓ ମୟୂରଭଞ୍ଜରେ ଓକାର ଉକାର ପରି ଉଚ୍ଚାରିତ ହୋଇଥାଏ । ସେଥି ପାଇଁ ବୋଧହୁଏ କଠୋରକୁ କଠୁର ପରି ଉଚ୍ଚାରଣ କରି ତାହା ପରେ ଠୁଳ ଶବ୍ଦଦ୍ୱାରା ଶୃଙ୍ଖଳା ରକ୍ଷା କରିଅଛନ୍ତି ।

## କବିଙ୍କର ଧର୍ମ ବିଶ୍ୱାସ

କାବ୍ୟର ବିଭିନ୍ନ ବିଷୟ ଆଲୋଚନା କଲାବେଳେ କବିଙ୍କର ଧର୍ମ ବିଶ୍ୱାସ ସମ୍ବନ୍ଧରେ କିଞ୍ଚିତ ଆଲୋଚନା କରିବା ଉଚିତ ବୋଲି ମନେହୁଏ । ତେଣୁ ଏ ବିଷୟରେ ସାମାନ୍ୟ ଦୁଇ ପଦ କହି ଉପସଂହାର କରିବି । ପୂର୍ବରୁ କହିଅଛି କବି ୬ ମାସ ଦିନରୁ ଭକ୍ତିମତୀ କୃଷ୍ଣ ପ୍ରେମ ପରାୟଣା ପିତାମହୀଙ୍କଦ୍ୱାରା ପ୍ରତିପାଳିତ । ତେଣୁ ସେ ବୈଷ୍ଣବ ଧର୍ମ ପ୍ରତି ପିଲାଟି ଦିନରୁ ଆକୃଷ୍ଟ ହୋଇଥିଲେ । କବି ପ୍ରଥମରେ ତିନୋଟି ପଦଦ୍ୱାରା ହରି ଓ ହର ଉଭୟଙ୍କୁ ସ୍ତବ କରି କାବ୍ୟ ଆରମ୍ଭ କରିଅଛନ୍ତି । କବିଙ୍କର କୃଷ୍ଣ ପ୍ରୀତି ତାଙ୍କ ରଚିତ କାବ୍ୟରୁ ମଧ୍ୟ ପ୍ରମାଣିତ ହୁଏ । ନିମ୍ନରେ ଦୁଇଟି ଉଦାହରଣ ଦେଲି । କବି ତୃତୀୟ ଛାନ୍ଦର ଶେଷରେ ଲେଖିଅଛନ୍ତି:—

ନବଘନ ସହିନନ ମୁନି ମନ ନିବାସୀ
ପୁରଟ ପଟ ସୁଘଟ ପଟୁ କେଶୀ ବିନାଶୀ
ଚିନ୍ତ ତାହାଙ୍କୁ ।

ଦ୍ୱାଦଶ ଛାନ୍ଦ ଶେଷରେ କବିଙ୍କର ଉକ୍ତି—

ନୀଳ କମଳଦ କାନ୍ତି ଗଞ୍ଜନ ଯା ଶରୀର
ବଲ୍ଲବୀ ଲୋଲ ଲୋଚନ ଭୃଙ୍ଗ ସୁଖ ଆକର
ତାଙ୍କୁ ଚିନ୍ତ ସେ ।

କବିଙ୍କର ସହଧର୍ମିଣୀ ମଧ୍ୟ ସେହିପରି ଭକ୍ତିମତୀ ଓ ପତିପ୍ରାଣା ଥିଲେ । ନ ହେଲେ ଏତେ ଅଳ୍ପ ବୟସରେ ସେ କବିଙ୍କ ସହିତ ସହମୃତା ହୋଇ ନ ଥାନ୍ତେ । କବି ଖୁବ୍ ଅଳ୍ପ ଦିନ ଦାମ୍ପତ୍ୟ ସୁଖ ଅନୁଭବ କରିଥିଲେ ସତ୍ୟ କିନ୍ତୁ ଉଭୟଙ୍କ ହୃଦୟ ନିର୍ମଳ ଭଗବତ୍ ପ୍ରେମରେ ପରିପୂର୍ଣ୍ଣ ଥାଇ ଦାମ୍ପତ୍ୟ ସୁଖର ପୂର୍ଣ୍ଣ ବିକାଶ କରି ପାରିଥିଲା ବୋଲି ଆମ୍ଭେମାନେ ଆଜି ଏପରି ଉତ୍କୃଷ୍ଟ କାବ୍ୟ ରସଲହରୀକୁ ପ୍ରାପ୍ତ ହୋଇଅଛୁଁ । ସୁଯୋଗ୍ୟ ପ୍ରକାଶକ ଶ୍ରୀଯୁକ୍ତ ଶଶିଭୂଷଣ ରାୟ ମୁଖବନ୍ଧରେ କହିଅଛନ୍ତି—"କବିଙ୍କର ସାହିତ୍ୟ ରସିକତା ସହିତ ଭଗବତ୍ ପ୍ରେମିକତାର ସଂଯୋଗ ସ୍ୱର୍ଣ୍ଣ ପୁଷ୍ପରେ ସୁବାସ ସଦୃଶ ।" ପ୍ରକୃତରେ ରସଲହରୀ କାବ୍ୟ ପାଠ କଲେ ପ୍ରତ୍ୟେକେ ଏହି ସ୍ୱର୍ଣ୍ଣ ପୁଷ୍ପର ସୁବାସ ଉପଲବ୍ଧି କରିପାରିବେ ।

## ଉପସଂହାର

କବିଙ୍କର ସନ୍ତାନ ସନ୍ତତି ଲାଭ ପୂର୍ବରୁ ସ୍ୱର୍ଗରୁ ଆହ୍ୱାନ ଆସିଲା । ଅଭିଶପ୍ତ ଦେବକୁମାର ନବୋବିଂଶ ବର୍ଷ ପୂର୍ଣ୍ଣ ନୋହୁଣୁ ସହଧର୍ମିଣୀ ସହି ସନ ୧୮୫୭ ସାଲ ଚୈତ୍ର ମାସ ଏକ ଦିନ ଭଞ୍ଜଭୂମିକୁ ଶୋକ ସାଗରରେ ଭସାଇ ବୈକୁଣ୍ଠ ଧାମକୁ ଚାଲିଗଲେ । ଏ ବଂଶ ଲୋପ ପାଇବାରୁ ଏହାଙ୍କର ଖୁଡ଼ୁତା ଚନ୍ଦ୍ରଧର ଭଞ୍ଜ ରାଜଗାଦିରେ ବସିଲେ । ଏହି ଅଳ୍ପ ବୟସରେ ମହାରାଜା ରଘୁନାଥ ଭଞ୍ଜ ଯେପରି ସାହିତ୍ୟର ଆଲୋଚନା କରିଥିଲେ ତାହା ଭାବିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ହୁଏ । ସେ ଖଣ୍ଡିଏ ମାତ୍ର କଥା-କାବ୍ୟ ରଚନା କରି ଯାଇଛନ୍ତି ସତ୍ୟ, କିନ୍ତୁ ସେହି ଖଣ୍ଡିକ ତାହାଙ୍କୁ ଉତ୍କଳସାହିତ୍ୟ କୁଞ୍ଜରେ କବି-ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କର ସମାନ ଆସନ ପ୍ରଦାନ କରିଅଛି । ଉତ୍କଳର ଦୁର୍ଭାଗ୍ୟ ଯେ ସେ ଏପରି ପ୍ରତିଭାଶାଳୀ କ୍ଷଣଜନ୍ମା ସାହିତ୍ୟ ରସିକ ମହାରାଜାଙ୍କୁ ଏତେ ଅଳ୍ପ ବୟସରେ ହରାଇଅଛି । ହରିହରପୁର କାଳର ସର୍ବଗ୍ରାସୀ ଶକ୍ତିଦ୍ୱାରା ମୃତ୍ତିକା ସ୍ତୂପରେ ପରିଣତ ହୋଇ-ଅଛି; ତାହାର ସୂକ୍ଷ୍ମ କାରୁକାର୍ଯ୍ୟ ଆଜି ଇତିହାସର ବିଷୟ ମାତ୍ର ହୋଇ ରହିଅଛି । କିନ୍ତୁ କବିଙ୍କର ରସଲହରୀ ଉତ୍କଳମାତାଙ୍କର ଅପହୃତ ରତ୍ନ ସଦୃଶ କେଉଁ ଅନ୍ଧକାରରେ ବହୁ ଦିନ ଯାବତ୍ ପଡ଼ି ରହିଥିଲେ ସୁଦ୍ଧା ଆଜି ପୁଣି ତାହାର ସ୍ୱୀୟ ଉଜ୍ଜ୍ୱଳତା ହେତୁ ଲୋକ ଲୋଚନର ଗୋଚରୀଭୂତ ହୋଇ ଉତ୍କଳମାତାଙ୍କର ଅଙ୍ଗ ଶୋଭା ବର୍ଦ୍ଧନ କରୁଅଛି । ଉତ୍କଳର ସୁଧୀବୃନ୍ଦ ଏହାର ସୌନ୍ଦର୍ଯ୍ୟ ଓ ଆଭା ସନ୍ଦର୍ଶନ କରି ମୁଗ୍ଧ ହେଉନ୍ତୁ ଏହା ହିଁ କାମନା ।



Digitized by srujanika@gmail.com

# ସାହିତ୍ୟପତ୍ର ଓ ଓଡ଼ିଶାରେ ତାହାର ସ୍ଥାନ

ଶ୍ରୀ ପଦ୍ମଚରଣ ପଟ୍ଟନାୟକ

ସାହିତ୍ୟପତ୍ର ମାସିକ, ପାକ୍ଷିକ ବା ତ୍ରୈମାସିକ ହେଉ, ଦେଶରେ ତାହାର ସ୍ଥାନ ଓ ବ୍ୟବହାର ଅଛି। ଆମୋଦ-ପ୍ରମୋଦ ଦେବା ଓ ଶିକ୍ଷା ଦେବା ସାହିତ୍ୟପତ୍ରର କାର୍ଯ୍ୟ। ଯେଉଁ ପତ୍ର ଏ କାର୍ଯ୍ୟ ଯେତେ ଅଧିକ ପରିମାଣରେ କରି ପାରେ ସେ ସାହିତ୍ୟପତ୍ର ସେହି ପରିମାଣରେ ଖ୍ୟାତି ଅର୍ଜନ କରିଥାଏ। କେହି କେହି କହି ପାରନ୍ତି ଦେଶର ଚିନ୍ତା ଓ ଭାବ ପ୍ରବାହର ଧାରା ତ ସମସାମୟିକ ଲେଖକ ଲେଖିକାମାନଙ୍କ ଗ୍ରନ୍ଥରେ ପ୍ରକଟିତ ହୁଏ, ତେବେ ସାହିତ୍ୟପତ୍ରପତ୍ରିକାର ସ୍ଥାନ କେଉଁଠାରେ ? ଏ ପ୍ରଶ୍ନର ଉତ୍ତର ଏହି ଯେ ସବୁ ଲେଖକ ଗ୍ରନ୍ଥକାର ହୁଅନ୍ତି ନାହିଁ; ତେଣୁ କେବଳ ଦେଶର ଗ୍ରନ୍ଥସବୁ ଦେଖିଲେ ଦେଶର ଚିନ୍ତାର ଧାରା ଅନୁଧାବନ କରି ହୁଏ ନାହିଁ। ଦେଶର ସାହିତ୍ୟପତ୍ରଗୁଡ଼ିକ ଦେଶର ସମସାମୟିକ ଚିନ୍ତାସ୍ରୋତର ଅଭ୍ରାନ୍ତ ମୁକୁର; ସେଥିରେ ଜାତିର ଭାବଧାରା, ମାନସିକ ପ୍ରକ୍ରିୟା ଅତି ସ୍ପଷ୍ଟଭାବରେ ପ୍ରତି-ଫଳିତ ହୁଏ। ଦେଶରେ ସମ୍ବାଦପତ୍ରଗୁଡ଼ିକ ଯେପରି ଦୈନନ୍ଦିନ ରାଜନୈତିକ ଓ ସାମାଜିକ ଜୀବନର ଇତିହାସ ଦିଏ, ସାହିତ୍ୟପତ୍ର-ଗୁଡ଼ିକ ସେହିପରି ଜାତିର ମନ ଓ ହୃଦୟର ସ୍ପନ୍ଦନର ଚିହ୍ନଗୁଡ଼ିକୁ ନିଜ ଅବୟବରେ ଧରି ରଖେ। ଏହି ହିସାବରେ ସାହିତ୍ୟପତ୍ରର ଜାତୀୟ ଜୀବନରେ ଆବଶ୍ୟକ ଅଛି। ଅଧିକନ୍ତୁ ନାନା ଦିଗରୁ ମଧ୍ୟ ତାହାର ବ୍ୟବହାର ଅଛି। ବିବିଧ ସାହିତ୍ୟକ ରସ ସଂଗ୍ରହ ସାହିତ୍ୟ-ପତ୍ରର ଏକ ପ୍ରଧାନ ବିଶିଷ୍ଟତା। ପୃଥିବୀର କେତେକ ଶ୍ରେଣୀ ଉତ୍କୃଷ୍ଟ ସାହିତ୍ୟ-ପତ୍ର ଅଛି ଯାହାର କେବଳ ଏକ ମାତ୍ର କାର୍ଯ୍ୟ ବିଭିନ୍ନ ପତ୍ରପତ୍ରିକାରୁ ସାରବାନ୍ ପଦାର୍ଥ ସଂଗ୍ରହ କରି ପାଠକ ସମାଜକୁ ଦାନ କରିବା। ଏ କାର୍ଯ୍ୟ ବଡ଼ ସହଜ ନୁହେଁ। ନିଜେ କିଛି ଗୋଟିଏ ନିଜର ଅଭିରୁଚି ଅନୁସାରେ ଲେଖି ପକାଇବା ସହଜ କଥା। କିନ୍ତୁ ବିଭିନ୍ନ ଶ୍ରେଣୀର ଶତ ଶତ ସହସ୍ର ସହସ୍ର ପାଠକର ମନକୁ କି କି ପଦାର୍ଥ ଆକର୍ଷଣ କରିବ ତାହା ଠିକ୍ ଅନୁମାନ କରି ପାରି ସେହି ଅନୁସାରେ ବିବିଧ ପତ୍ର ପତ୍ରିକାରୁ ସାର ସଂଗ୍ରହ କରି ସାହିତ୍ୟ ପତ୍ରର ଅଙ୍ଗ ପୁଷ୍ଟି କରିବା କମ୍ ସୂକ୍ଷ୍ମ ଦୃଷ୍ଟି ଆବଶ୍ୟକ କରେ ନାହିଁ। ବିଲାତର ରିଭିଉ ଅଫ୍ ରିଭିଉଜ୍ ଷ୍ଟେଡ୍ ସାହେବଙ୍କ ପରି କେତେ ଜଣ ପଣ୍ଡିତ ଏ ଦିଗରେ କୃତିତ୍ୱ ଅର୍ଜନ କରି ଯାଇଅଛନ୍ତି। ପୃଥିବୀର ବଡ଼ ବଡ଼ ସାହିତ୍ୟ-ପତ୍ର ଯେପରି ନିଜ ନିଜର ଅଭିରୁଚି ଅନୁସାରେ ମୌଳିକ ପ୍ରବନ୍ଧମାନ ଲେଖି ପତ୍ରିକାର ଅଙ୍ଗ ପୁଷ୍ଟି କରନ୍ତି ସେହିପରି ବିଭିନ୍ନ ପତ୍ରପତ୍ରିକାମାନଙ୍କରୁ ଆମୋଦପ୍ରଦ ଶିକ୍ଷାପ୍ରଦ ସାହିତ୍ୟିକ ପ୍ରସଙ୍ଗମାନ ସଂଗ୍ରହ କରି ସେ ସବୁର ସନ୍ନିବେଶଦ୍ୱାରା ନିଜ ନିଜର ସାହିତ୍ୟିକ ଅନ୍ତର୍ଦୃଷ୍ଟିର ପରିଚୟ ଦେଇଥାନ୍ତି।

ଶିକ୍ଷା ଦେବା ସାହିତ୍ୟ-ପତ୍ରର ଯେପରି କାର୍ଯ୍ୟ ଆନନ୍ଦ ଦେବା ମଧ୍ୟ ସେହିପରି। ଜୀବନର ତରଳ ଚପଳ ଅଂଶରେ ଆମୋଦ ପ୍ରମୋଦର ସୃଷ୍ଟି କରି ଜୀବନର ଦୁଃଖଭାରକୁ ଟିକିଏ କମାଇ ଦେବା ମଧ୍ୟ ସାହିତ୍ୟର ତଥା ସାହିତ୍ୟ-ପତ୍ରର ଏକ ପ୍ରଧାନ କର୍ତ୍ତବ୍ୟ କାର୍ଯ୍ୟ। ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ ଏ ଦେଶର ଅଳ୍ପ ସାହିତ୍ୟ-ପତ୍ର ଗାମ୍ଭୀର୍ଯ୍ୟ ସଙ୍ଗେ ସଙ୍ଗେ ଏହି ତରଳ ଚପଳ ଆମୋଦ-ପ୍ରମୋଦର ସମ୍ମିଶ୍ରଣ କରିବାର କୌଶଳ ଶିକ୍ଷା କରିଅଛନ୍ତି। ଆମ୍ଭମାନଙ୍କର ଏ ଦେଶର ଜୀବନ ଯେପରି ପ୍ରାୟ ବାର ଅଣା ସର୍ବଦା ଓ ସର୍ବଥା ଦାର୍ଶନିକ ଭାବପୂର୍ଣ୍ଣ, ଆମ୍ଭମାନଙ୍କର ଏ ଦେଶର ସାହିତ୍ୟ-ପତ୍ରଗୁଡ଼ିକ ପ୍ରାୟ ଷୋଳ ଅଣା ଗୁରୁଗମ୍ଭୀର ବଜ୍ରନିର୍ଘୋଷରେ ପରିପୂର୍ଣ୍ଣ, ଜୀବନର ଯେ ଗୋଟାଏ ଆମୋଦ ପ୍ରମୋଦର ବିଭାଗ ଅଛି ଏବଂ ସେହି ବିଭାଗ ଯେ ଜୀବନର କ୍ଷୟ ଓ ମୃତ୍ୟୁର ଅନ୍ତରାୟ ହୋଇପାରେ ତାହା ଆମ୍ଭେମାନେ ଏ ଦେଶରେ ବରାବର ଭୁଲିଯାଉଁ। ଏହା ଆମ୍ଭମାନଙ୍କର ଏ ଦେଶର ଦାର୍ଶନିକତାର ଚିହ୍ନ ନୁହେଁ, ଏହା କେବଳମାତ୍ର ଜୀବନହୀନତା ଓ ଚିନ୍ତାହୀନତାର ସଙ୍କେତ। ହାସ୍ୟ ରସର ଅବତାରଣା କରି ସ୍ୱଚ୍ଛ ଅନାବିଲ ଆମୋଦ-ପ୍ରମୋଦ ବାଣ୍ଟିବା ଏବଂ ସେଥିଦ୍ୱାରା ଜୀବନର ଦୁର୍ବହ ଭାରକୁ ଲଘୁ କରିଦେବା ସାହିତ୍ୟ ପତ୍ରର ଏକ ପ୍ରଧାନ ଉଦ୍ଦେଶ୍ୟ ହେବା ଏ ଦେଶ ପକ୍ଷରେ ଆବଶ୍ୟକ। ପାଠକ ପାଠିକାମାନଙ୍କୁ କେବଳ ଗୁରୁଗମ୍ଭୀର ଉପଦେଶ ବାଣୀରେ ପୋତି ନ ପକାଇ ସେମାନଙ୍କର କ୍ଲିଷ୍ଟ ପିଷ୍ଟ ଅବସନ୍ନ ଶରୀର ମନ ଉପରେ ସ୍ୱଚ୍ଛ ସରସ ଆମୋଦ-ପ୍ରମୋଦରୂପ ଫୁଲ ପାଣି ଛିଞ୍ଚି ସେଗୁଡ଼ିକୁ ପୁଣି କାର୍ଯ୍ୟକ୍ଷମ କରିବାର ଉପାୟ ବିଧାନ କରିବା ପାଇଁ ଯତ୍ନ ନ କଲେ ସାହିତ୍ୟ-ପତ୍ରମାନେ ସେମାନଙ୍କର କର୍ତ୍ତବ୍ୟ ପୂର୍ଣ୍ଣ ଭାବରେ କଲେ ନାହିଁ ବୋଲି ମନେ କରିବାକୁ ହେବ।

ବିଭିନ୍ନ ରସର ସମବାୟ ସାହିତ୍ୟ-ପତ୍ରର ଜୀବନ। ଯେଉଁ ପତ୍ର ଏତିକି କରି ନ ପାରେ ସେ ପତ୍ର ନିଜେ ବଞ୍ଚି ପାରେ ନାହିଁ ବା ଅନ୍ୟ କାହାକୁ ବଞ୍ଚାଇ ପାରେ ନାହିଁ। ବିଭିନ୍ନ ଶ୍ରେଣୀର ଲେଖକ ଲେଖିକା ସେଥିଲାଗି ସାହିତ୍ୟ-ପତ୍ରର ପରିଚାଳନା ପାଇଁ ଆବଶ୍ୟକ। ଏ ଦିଗରେ କୌଣସି କୌଣସି ପରିଚାଳକ ବା ସମ୍ପାଦକ ଗୁରୁତର ଭ୍ରମ ପ୍ରମାଦ କରିବାର ସାଧାରଣତଃ ଦେଖାଯାଏ। ସେମାନଙ୍କର ନିଜ ନିଜର ରୁଚି ଅନୁସାରେ ସେମାନେ ନିଜ ନିଜର ସାହିତ୍ୟ-ପତ୍ରର ଅଙ୍ଗ ପୂର୍ଣ୍ଣ କରିବାକୁ ମନ ବଳାଇ ଥାନ୍ତି। ଏ ସବୁ କାର୍ଯ୍ୟରେ କେବଳ ନିଜର ରୁଚି ଦେଖିଲେ ଚଳିବ ନାହିଁ। ପାଠକ ସମାଜ ଏକ ରୁଚିର ନୁହେଁ—ବିଭିନ୍ନ ରୁଚିର ସଂସାର। ତେଣୁ ବିଭିନ୍ନତା ସାହିତ୍ୟ-ପତ୍ରର ମୂଳଭିତ୍ତି ହେବା ସର୍ବାଦୌ ପ୍ରୟୋଜନୀୟ। ଏକ



Digitized by srujanika@gmail.com

ଜାତୀୟ ଖାଦ୍ୟ ଶରୀର ପକ୍ଷରେ ଯେପରି ଉପାଦେୟ ନୁହେଁ, ଏକ ଜାତୀୟ ଖାଦ୍ୟ ମନ ପକ୍ଷରେ ମଧ୍ୟ ସେହିପରି ହାନିକର । ଏ ସତ୍ୟକୁ ବିବେଚନା କରି ସାହିତ୍ୟ-ପତ୍ରର ପରିଚାଳକମାନେ ଦଶ ରକମ ରସର ସୃଷ୍ଟି କରିବାର ଚେଷ୍ଟା କରି ଶିକ୍ଷା ସଙ୍ଗେ ସଙ୍ଗେ ଆମୋଦ ପ୍ରମୋଦ ବାଣ୍ଟିବା ଜାତି ପକ୍ଷରେ ଓ ଦେଶ ପକ୍ଷରେ ମଙ୍ଗଳକର । ବିଭିନ୍ନତା ଜୀବନର ସାରବାନ୍ ମସଲା । ମାସିକ-ପତ୍ର ଏହି ମସଲା ଜୀବନକୁ ଯେତେ ଅଧିକ ଦେଇ ପାରିବ ଜାତି ସେହି ଅନୁପାତରେ ସୁସ୍ଥ, ସବଳ ଓ ଶକ୍ତିଯୁକ୍ତ ହେବ ।

ସାହିତ୍ୟ-ପତ୍ରର ମଧ୍ୟ ଦୃଢ଼ ମତ ଓ ନୀତି ଥିବା ଆବଶ୍ୟକ । ଜୀବନର ନୀତି ବା ମୂଳମନ୍ତ୍ର ନ ଥିଲେ ଜୀବନ ଯେପରି ସ୍ରୋତର ତୃଣ ବା ଜଳର ବୁଦ୍‌ବୁଦ ସଦୃଶ ହୁଏ, ଯେଉଁ ସାହିତ୍ୟ-ପତ୍ର ଦୃଢ଼ ମତ ବା ନୀତି ଧରି ପରିଚାଳିତ ହୁଏ ନାହିଁ ସେ ପତ୍ର ସେହିପରି ଜନସମାଜର ହୃଦୟ ମନ ଅଧିକାର କରି ପାରେ ନାହିଁ । ସାମାଜିକ ରାଜନୈତିକ ବା ନୈତିକ ଆନ୍ଦୋଳନରେ ନିଜର ମତ ଦୃଢ଼ ଭାବରେ ବ୍ୟକ୍ତ କରି ଦେଶର ଜନମତ ଗଠନ କରିବାର ଏକ ପ୍ରଧାନ ଅଧିକାର ସାହିତ୍ୟ-ପତ୍ରର ମଧ୍ୟ ରହିଅଛି । ଯୁଦ୍ଧ, ସମାଲୋଚନା ଟିପ୍ପଣିରେ ମଧ୍ୟ ସାହିତ୍ୟ-ପତ୍ର କେବଳ ଇଙ୍ଗିତଦ୍ୱାରା ଏ ଦିଗରେ ଯଥେଷ୍ଟ କାର୍ଯ୍ୟ କରି ପାରିବାର ଦୃଷ୍ଟାନ୍ତ ଦୁର୍ଲଭ ନୁହେଁ । ଦୈନିକ ପତ୍ରପତ୍ରିକାମାନେ ପ୍ରତ୍ୟକ୍ଷ ଭାବରେ ବିବିଧ ଜାତୀୟ ଆନ୍ଦୋଳନରେ ଯାହା ସବୁ କାର୍ଯ୍ୟ କରନ୍ତି ସାହିତ୍ୟ-ପତ୍ରମାନେ ମଧ୍ୟ ନୀତିର ଦୃଢ଼ତା ବା ମତର ସ୍ଥିରତା ଥିଲେ ସେହି କାର୍ଯ୍ୟ ଅନେକାଂଶରେ କରିପାରନ୍ତି ।

ସାହିତ୍ୟ-ପତ୍ରର ଏ ସାଧାରଣ ନିୟମ କହିବାବେଳେ ମନ ସାଧାରଣତଃ ନିଜ ଘର ପ୍ରତି ପ୍ରଧାବିତ ହୁଏ । ଜଣକ ମଫସଲର ଲୋକ କଲିକତା ସହର ବା ଲଣ୍ଡନ ସହରରେ ବୁଲୁଥିବା ବେଳେ ପ୍ରତି କାର୍ଯ୍ୟ ଓ ପ୍ରତି ଦୃଶ୍ୟ ସେହି ଦୂରରେ ଦେଖି ତାହାର ନିଜ ଘରର ସେହି ସମସ୍ତ କାର୍ଯ୍ୟ ଓ ଦୃଶ୍ୟ ସଙ୍ଗେ ତୁଳନା କରିବାକୁ ସ୍ୱତଃ ପ୍ରବୃତ୍ତ ହୁଏ । ଦେଶ ବିଦେଶର ସାହିତ୍ୟ-ପତ୍ରମାନଙ୍କର ଆକାର ପ୍ରକାର, ଅଭିରୁଚି ବା ଅଭିବୃଦ୍ଧି ପ୍ରଭୃତି ବିଷୟର ଅନୁଧାବନ କରିବା ବେଳେ ନିଜର ମାତୃଭୂମି ଉତ୍କଳ ଖଣ୍ଡର ସାହିତ୍ୟ-ପତ୍ର-ପତ୍ରିକାର ଆକାର ପ୍ରକାର ମଙ୍ଗଳା ମଙ୍ଗଳ କଥା ସ୍ୱତଃ ପ୍ରାଣରେ ଜାଗ୍ରତ ହୋଇ-ଉଠେ । ଏ ଦେଶରେ ସାହିତ୍ୟ ଚର୍ଚ୍ଚା ବା କାହିଁ, ସାହିତ୍ୟିକ ବା କେତେ ଜଣ ଅଛନ୍ତି ଯେ ଏ ଦେଶର ସାହିତ୍ୟ-ପତ୍ରଗୁଡ଼ିକ ସେମାନଙ୍କର ରଞ୍ଜନ କରସ୍ପର୍ଶରେ ଶ୍ରୀସମ୍ପନ୍ନ ହେବ ? ଯାହା ବା ସାହିତ୍ୟ ଅଛି, ଯେ କେତେଜଣ ବା ସେଥି ପ୍ରତି ଶ୍ରଦ୍ଧାଳୁ ସେମାନଙ୍କୁ କିଏ ବା ପଚାରେ ? ପ୍ରତି ଦେଶରେ, ପ୍ରତି ଜାତିରେ ପ୍ରତି ଯୁଗରେ ସାହିତ୍ୟସେବା ଦେଶର ଧନୀ ମାନୀ ଦେଶଭକ୍ତ ବ୍ୟକ୍ତିଙ୍କର ସ୍ନେହ ଦୃଷ୍ଟି ଆକର୍ଷଣ କରିଥାଏ । ଏ ଦେଶର କେତେ ଜଣ ବା ସାହିତ୍ୟିକ ଦେଶର ଧନୀଙ୍କର ସସ୍ନେହ ବ୍ୟବହାରରେ ସ୍ନିଗ୍ଧ ମୁଗ୍ଧ ? ଯଦି ବା କେହି କେହି ଧନୀଙ୍କର କୌଣସି ସାହିତ୍ୟିକଙ୍କ ପ୍ରତି କରୁଣା ଦୃଷ୍ଟି ପଡ଼ିବାର ଅଳ୍ପ କାଳ ଶୁଣାଯାଏ ସେଥି ମଧ୍ୟରୁ ପ୍ରାୟ ପନ୍ଦର ଅଣା ସ୍ଥାନରେ ତାହା ଧନୀଙ୍କର ସାହିତ୍ୟିକଙ୍କ ପ୍ରତି ଆନ୍ତରିକ ସସ୍ନେହ ବ୍ୟବହାରରୁ ନୁହେଁ; ଅଧିକାଂଶ ସ୍ଥଳରେ ଭିକ୍ଷୁକ ପ୍ରତି ସଦୟ ସମଧୂରେ ଦାତା ଶକ୍ତ ହୋଇ ଯେପରି କିଛି ଦାନ ଫୋପାଡ଼ି ଦେଇ ନିଜକୁ ଜଞ୍ଜାଳରୁ ମୁକ୍ତ କରିବାକୁ ଚେଷ୍ଟା କରିଥାଏ, ତାହା ତାହାର ଅନୁରୂପ—ସେଥିରେ ଦାତାଙ୍କର ହୃଦୟ ନ ଥାଏ, ଥାଏ କେବଳ ଅବଜ୍ଞା ଓ ଅର୍ଥଲୋକ । ସେପରି ଦାତାଙ୍କ ନିକଟକୁ ଆତ୍ମ-ସମ୍ମାନ ଜ୍ଞାନସମ୍ପନ୍ନ ଅଳ୍ପ ସଂଖ୍ୟକ ସାହିତ୍ୟିକ ସାହାଯ୍ୟ ପାଇଁ ଅଗ୍ରସର ହୋଇଥାନ୍ତି । ଯେଉଁ ଦାନରେ ଦାତାର ହୃଦୟର ଭକ୍ତି ନ ଥାଏ ତାହା ପ୍ରକୃତରେ ଦାନ ନୁହେଁ, ଦାନର ବିଦ୍ରୂପ ମାତ୍ର । ଯେ ସାହିତ୍ୟ-ରସିକ ନୁହେଁ ସେ ସାହିତ୍ୟକୁ ଦାନ ଦେଇ ନ ପାରେ, ସେ ସାହିତ୍ୟିକଙ୍କୁ ଆଦର କରି ନ ପାରେ । ଯେ ପ୍ରକୃତ ସାହିତ୍ୟିକ, ଯାହାର ହୃଦୟ ଉଚ୍ଚ ଭାବରେ ପୂର୍ଣ୍ଣ ସେ କେବେହେଁ ଏପରି ଅରସିକ ହୃଦୟହୀନ ଧନୀଙ୍କର ଦାନ ଗ୍ରହଣ କରିବା ରୂପ ଅପମାନ ନିଜ ମସ୍ତକରେ ନେବା ପାଇଁ କଦାପି ପ୍ରସ୍ତୁତ ହୋଇ ପାରେ ନାହିଁ । ସାହିତ୍ୟ ଓ ସାହିତ୍ୟିକଙ୍କୁ ବୁଝିବା ଲାଗି ଶିକ୍ଷା ଆବଶ୍ୟକ, ସେ ଶିକ୍ଷା ଯାହାର ନାହିଁ ସେ ସାହିତ୍ୟିକଙ୍କୁ କଥାଗୁନ୍ଥା ମାଳୀ ଛଡ଼ା ଆଉ କଣ କହିପାରେ ? ଥରେ ବଙ୍ଗର ସୁସନ୍ତାନ ସାର୍ ସୁରେନ୍ଦ୍ରନାଥ ସାହିତ୍ୟିକଙ୍କର ଜାତୀୟ ଜୀବନରେ ସ୍ଥାନ ନିର୍ଣ୍ଣୟ କରୁ କରୁ କହିଥିଲେ,—

" I have always felt that the humble toilers in the field of our national literature are among the truest benefactors of our race" । ଧନୀମାନେ ସାହିତ୍ୟିକଙ୍କୁ ଏ ସମ୍ମାନର ଆସନ ଏ ଦେଶରେ କେତେ ଜଣ ଦେଉଅଛନ୍ତି ଏବଂ କେତେ ଜଣ ଧନୀ ସାହିତ୍ୟସେବକଙ୍କୁ ସାହାଯ୍ୟ ଦେଇ ଦେଶ-ସେବାରୂପ ପୁଣ୍ୟକର୍ମ କରିବାକୁ ପ୍ରୟାସୀ ହୋଇଥାନ୍ତି ! ଗତ ୫୦ ବର୍ଷ ମଧ୍ୟରେ ଏ ଉତ୍କଳ ଖଣ୍ଡରେ ଯେଉଁ କେତେ ଖଣ୍ଡ ସାହିତ୍ୟ ପତ୍ର ଜନ୍ମଗ୍ରହଣ କରିଅଛି ସେ ସବୁ କେବଳ ସମ୍ପାଦକ ସାହିତ୍ୟିକମାନଙ୍କର ସ୍ନେହରେ ପୁଷ୍ଟ । ସେମାନଙ୍କ ମଧ୍ୟରୁ କେହି ନିଜର ଅବସ୍ଥାର ଉନ୍ନତି କରି ପାରି ନାହିଁ । କେବଳ "ଦାନବୀର ଉତ୍କଳ ପ୍ରାଙ୍ଗଣ" ଜନ୍ମଭୂମି ପ୍ରତିପାଳିତ 'ଉତ୍କଳ ପ୍ରଭା' ବ୍ୟତୀତ ଅନ୍ୟ କୌଣସି ସାହିତ୍ୟପତ୍ର ନିଜର ଲେଖକ ଲେଖିକାମାନଙ୍କୁ ଉତ୍ସାହଦାନରୂପ କିଛି ଅର୍ଥ ସାହାଯ୍ୟ କରିବାର ପୁଣ୍ୟ ଅଧିକାର ଲାଭ କରିବାର ସମ୍ବାଦ ଲେଖକଙ୍କୁ ଜଣା ନାହିଁ । ଏବମ୍ବିଧ ଆର୍ଥିକ ସାହାଯ୍ୟ ଗୌଣ ଓ ମୁଖ୍ୟ ଭାବରେ ଜାତୀୟ ସାହିତ୍ୟର ଶ୍ରୀବୃଦ୍ଧି ସାଧନରେ କରିବାରେ ବହୁ ପରିମାଣରେ ସାହାଯ୍ୟ କରେ । ସାହିତ୍ୟ ସେବା ଯେ ଅଳସର ନାମାନ୍ତର ନୁହେଁ ଏ କଥା ଦେଶବାସୀ ଭୁଲି ଯାଉ ଅଛନ୍ତି । ଏ ଚିନ୍ତା ସାହିତ୍ୟିକ ପ୍ରାଣରେ ଯଥେଷ୍ଟ ଆଶା ଓ ଆଶ୍ୱାସନା ଦିଏ । ଗତ ୫୦ ବର୍ଷ ମଧ୍ୟରେ ସାନ ବଡ଼ ପ୍ରାୟ ଏକ



Digitized by srujanika@gmail.com

ଶତ ସାହିତ୍ୟ ପତ୍ର ଏ ଉତ୍କଳ ଖଣ୍ଡରେ ଜନ୍ମଗ୍ରହଣ କରି ପ୍ରାୟ ସମସ୍ତେ ଅଳ୍ପ କାଳ ବଞ୍ଚିରହି ମୃତ୍ୟୁ ମୁଖରେ ପଡ଼ି ଅଛନ୍ତି । ଅଳ୍ପ କାଳ ପରମାୟୁ ଭିତରେ ବେଶି କିଛି କରି ନ ଥିଲେହେଁ ସେମାନେ ପରବର୍ତ୍ତୀ ଯୁଗର ସାହିତ୍ୟପତ୍ରମାନଙ୍କୁ କିଛି କିଛି ବଳ ଦେଇଅଛନ୍ତି, ଏକଥା ଅସ୍ୱୀକାର କରିବା ଅଯୌକ୍ତିକ ହେବ । ଆଜି କାଲି ଯେଉଁ ୪।୫ ଖଣ୍ଡ ସାଧାରଣ ସାହିତ୍ୟପତ୍ର ବଞ୍ଚିଅଛି ସେଥିମଧ୍ୟରେ 'ଉତ୍କଳସାହିତ୍ୟ' ପ୍ରାଚୀନତମ । ଏହା ଗତ ୪୦ ବର୍ଷ ବଞ୍ଚିରହି ବହୁ ଲେଖକ ସୃଷ୍ଟି କରିଅଛି ଏବଂ ଅନେକ ବିଷୟରେ ନିଜର ଦୃଢ଼ ସବଳ ମତ ବ୍ୟକ୍ତ କରି ବିଶିଷ୍ଟତା ରକ୍ଷା କରି ଆସିଅଛି । କିନ୍ତୁ ୪୦ ବର୍ଷରୁ ସେ ପତ୍ର ପ୍ରତି ଦୃଷ୍ଟିପାତ କଲେ ଏ ଭୂମିରେ ଯେ ସାହିତ୍ୟପତ୍ର ଭଲ ଉଠେଇ ପାରୁନାହିଁ ତାହାର ଚିହ୍ନ ମିଳୁଅଛି । ଅବଶ୍ୟ 'ସହକାର' ଓ ନବପ୍ରକାଶିତ 'ନବଭାରତ' କେତେକାଂଶରେ ଆଧୁନିକ ଧରଣର ସାହିତ୍ୟପତ୍ରର ଆକାଙ୍କ୍ଷା ପୂରଣ କରିବାକୁ ଚେଷ୍ଟା କରୁଥିବାର ବୋଧ ହେଉଅଛି ଏବଂ ଯତ୍ନ ଓ ଅଧ୍ୟବସାୟ ରଖି ପାରିଲେ ସମୟରେ ଭଲ ପତ୍ରିକାର ସ୍ଥାନ ଅଧିକାର କରି ପାରିବାର ବିଶ୍ୱାସ । 'ଭଞ୍ଜପ୍ରଦୀପ' ଶୈଶବ ଅତିକ୍ରମ କରି ନ ଥିଲେହେଁ ଆକାର, ଇଙ୍ଗିତରୁ 'ତୁଳସୀ'ର 'ବାସନା' ବିକୀରଣ କରିପାରିଅଛି । ଯେଉଁ ଭୂମିରେ ଏ ତୁଳସୀ ଗଛଟି ଜନ୍ମିଅଛି ସେଥିରେ ସମୟରେ ଯେ ଏହାର ଗୁଣରେ ସାରା ଦେଶ ମହକି ଉଠିବ, ଏପରି ଆଶା କରିବା ଅଯୌକ୍ତିକ ବୋଧ ହେଉ ନାହିଁ । 'ଭଞ୍ଜପ୍ରଦୀପ' କ୍ଷୁଦ୍ର କଳେବର ସତ, କିନ୍ତୁ ସାହିତ୍ୟିକ ଉତ୍କର୍ଷରେ ଏହା ଉତ୍କଳର କୌଣସି ସାହିତ୍ୟ-ପତ୍ରଠାରୁ ହୀନ ନୁହେଁ, ଏହା ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରିବେ । ଅନ୍ତତଃ ଟିକିଏ ଚଳନ୍ତି ବାହାର ପାରିଲେ ଏହା ଭଞ୍ଜଭୂମିର ଲୁପ୍ତରତ୍ନ 'ଉତ୍କଳ ପ୍ରଭା'ର ସ୍ଥାନ ଅଧିକାର କରି ବସିବ; ଏହି ଆଶା ଅନେକଙ୍କ ମନକୁ ଅଧିକାର କରିଅଛି ।

ଏ ଦେଶରେ ଆମର ସାହିତ୍ୟିକ ଆଲୋଚନା ନାହିଁ, ସାହିତ୍ୟିକ ପିପାସା ନାହିଁ, ସାହିତ୍ୟିକ ମାଦକତା ନାହିଁ; ଭଲ ସାହିତ୍ୟ-ପତ୍ର କାହୁଁ ସମ୍ଭବପର ହେବ ? କେତେଜଣ ସାହିତ୍ୟ-ପତ୍ରର ସମ୍ପାଦକ ଅନନ୍ୟମନା ହୋଇ ସାହିତ୍ୟପତ୍ର ସମ୍ପାଦନ କରନ୍ତି ? କେତେ ପାଠକ ସାହିତ୍ୟ-ପତ୍ରର ବା ଆଦର କରନ୍ତି ? ତଥାପି ଏ ଅଭାଗିନୀ ଦେଶରେ ଯେ ଗତ ୪୦ ବର୍ଷ ଭିତରେ ଏକ ଶହ ଖଣ୍ଡ ମାସିକ-ପତ୍ର ବାହାରି ସେଥି ମଧ୍ୟରୁ ବର୍ତ୍ତମାନ ମୁଦ୍ଧା ୪।୬ ଖଣ୍ଡ ଜୀବିତ ଅଛି ଏହା ଦେଶ ପକ୍ଷରେ ସୌଭାଗ୍ୟର କଥା । କିନ୍ତୁ ସାହିତ୍ୟ କ୍ଷେତ୍ରରେ ଏ ନାମମାତ୍ର ଜୀବନ ନେଇ ଏ ଉତ୍କଳଭୂମି କେତେ କାଳ ଆଉ ବଞ୍ଚି ରହି ପାରିବ ? ଦେଶର ସାହିତ୍ୟ-ରସିକ-ମାନେ ଏ ପ୍ରଶ୍ନର ସମାଧାନ କରନ୍ତୁ ।

# ପନ୍ଦର ମିନିଟ

ଶ୍ରୀ ଶରତ ଚନ୍ଦ୍ର ମୁଖର୍ଜି

ସେଦିନ କି ତିଥି ଥିଲା କେଜାଣି । ଇଂରାଜୀ ଶିକ୍ଷା ପାଇଲା ବିନୁ ପଞ୍ଜିକା ସହିତ ମୋର ସପତ୍ନୀ-ସମ୍ପର୍କ—ତିଥି କଥା କହି ପାରିବି ନାହିଁ, କିନ୍ତୁ ବର୍ଷକ ତଳର କଥା ହେଲେ କଣ ହେବ, ସେ ଦିନର ଜହ୍ନ ଆଲୁଅ ମୁଁ ଭୁଲିନି ନାହିଁ । ଛୋଟ ଛୋଟ ଗଛରେ ମୁଠା ମୁଠା ଧୋବ ଫୁଲ—ତା ଉପରେ ଦୁଇ ପହର କଏ ଯେମିତି ଜହ୍ନ ଆଲୁଅ ବିଛେଇ ଦେଇଛି । ଆଉ ସେ ଆଲୁଅରେ କାଠ ପଥର ଓ ଲୁହାରେ ତିଆରି ରେଳ ଷ୍ଟେସନଟା ସୁନ୍ଦର ଦିଶି ଉଠୁଛି । ହାତ ଯୋଡ଼ି ଚନ୍ଦ୍ରଦେବଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି କହିଲି, "ଧନ୍ୟ ତୁମର ଶକ୍ତି ଦେବତା, ପାଷାଣ ପ୍ରାଣରେ ଆନନ୍ଦଘନ ରସ ପ୍ରବାହ ତୁମେ ବୁହାଇ ପାର—ତୁମର ଏ ଶକ୍ତି ଧନ୍ୟ ।"

( ୨ )

ସେ ଭଲ ସମୟରେ ସୁବିଧା ନେଇ ଅନ୍ତରରେ ଟିକିଏ କବିତ୍ୱ ଜାଗିଥିବ—ନୋହିଲେ ବାଳେଇ ମୁଁ, ସେତେ ରାତିରେ ବାଠ କଥା ଭୁଲି ରେଳଷ୍ଟେସନର ସେହି ଅପରିଷ୍କାର ବେଞ୍ଚଟାରେ ବସିବି କାହିଁ ? ମଧୁ-ମାଳତୀର ମଧୁଗନ୍ଧ ଆସି ମୋର ଚେତନାକୁ ବିହ୍ୱଳ କଲା,—ଫଟିକ ଫୁଲର ହସ ଦେଖୁ ଦେଖୁ ମୁଁ ନିଜ ବାଠ କଥା ଭୁଲିଲି । ଘଣ୍ଟା ପରେ ଘଣ୍ଟା କଟିଲା—ରାତି ଦଶଟା ବାଜି ଗଲାଣି ଏ କଥା ମୁଁ ବୁଝି ପାରିଲି ନାହିଁ । ସେହି କବିତ୍ୱମୟୀ ବେଳାରେ ମୋ ଅଳକ ମଣିକର ଉପଦ୍ରବ ହୋଇଥିବ, କିମ୍ବା ଚନ୍ଦ୍ରଜ୍ୟୋତ୍ସ୍ନା ସବାଙ୍ଗକୁ ଆହୁରି ଗାଢ଼କୁ ଅନ୍ଧାନ କରିଥିବ, ନୋହିଲେ ଟଗର ଗଛର ଫୁଲ ଗଣିବାର ବ୍ୟର୍ଥ ପ୍ରୟାସ କରନ୍ତି କାହିଁ ?

କେବେ ପାଷାଣରେ, କେବେ ଚନ୍ଦ୍ରର ଶୁଭ୍ର ରୂପରେ ଆଖି ବୁଲାଇ ବୁଲାଇ ସମ୍ମୁଖରେ ଦୁଇ ତେଜଗର୍ବା ସମ ନାରୀମୂର୍ତ୍ତି ଦେଖି ସ୍ତମ୍ଭିତ ହୋଇ ଛିଡ଼ା ହେଲି; ଭାବିଲି, ନିଜର ଶୋଭା ସମ୍ଭୋଗ କରିବା ଲାଗି ପ୍ରକୃତି-ଦେବୀ କଣ ମାନବୀର ରୂପ ଧରି ବିଚରଣ କରୁଅଛନ୍ତି । ଷ୍ଟେସନ ଚତ୍ୱରରେ ବନ୍ଧୁର ପଥରେ ସାନ ସାନ କୋକନଦ ଗୁଚ୍ଛ ଗୁଚ୍ଛ ଫୁଟି ଉଠିଲା, ନିକଟବର୍ତ୍ତୀ ଅଙ୍ଗସୌରଭ ନିମିଷକେ କହି

ହେଲା, ସେ ଅଙ୍ଗଯଷ୍ଟି ମାନଙ୍କର—। ନୋହିଲେ ଏତେ ଶୋଭା, ଏତେ ସୌରଭ, ଏତେ ମାଧୁର୍ଯ୍ୟ ଏକାଧାରେ ସମ୍ଭବ ହେବ କପରି ?

ଏହି କଣ ଅଭିସାରିକାର ମୂର୍ତ୍ତି ? ଯେ ମୂର୍ତ୍ତିର ବର୍ଣ୍ଣନା କରିବାରେ କେତେ ଦେଶର କେତେ ଯୁଗର କବିର କଳ୍ପନାଶକ୍ତି ପରାଭବ ମାନିଛି, କେତେ ଚିତ୍ରକରର ତୂଳିକା ବ୍ୟର୍ଥ ହୋଇଛି, ସେ ମୂର୍ତ୍ତିକୁ ନିଜ ସମ୍ମୁଖରେ ଦେଖି ଟିକିଏ ଚଞ୍ଚଳ ହୋଇଛି ସତ, ମାତ୍ର ସବୁ କାବ୍ୟ-ପଟ ଯେ ମୋ ସମ୍ମୁଖରେ ଖୋଲିଗଲା, ସେ କଥା ସ୍ୱୀକାର ନ କରି ରହି ପାରିଲି ନାହିଁ। ସେଇ ଚଞ୍ଚଳ ପାଦଚାଳନା, ସେଇ ଚକିତ ଚାହାଣି, ଆଉ ସେହି ଅପେକ୍ଷମାନ ମୁଖଚ୍ଛବି— ସବୁ ଦେଖି ମୋର କେବଳ ମନେ ହେଲା, ଯୁଗଯୁଗାନ୍ତରର ଏହି ପୁରାତନ ପୃଥିବୀରେ ନାରୀ ହିଁ କେବଳ ଚିର ନବୀନ ରହି ଯାଇଛି। ବିଂଶ ଶତାବ୍ଦୀର ଏ ତରୁଣୀ ବୃନ୍ଦାବନ ବିହାରିଣୀ ଗୋପବାଳାଠାରୁ ଭିନ୍ନ କେଉଁଠି ? କାଳିନ୍ଦୀର ସୁନୀଳ ତଟରୁ ବଂଶୀଧ୍ୱନି ବସନ୍ତ ପବନରେ ଭାସି ଆସି ଗୋପବାଳାର ଅନ୍ତରରେ ଯେଉଁ ଭାବ ସୃଷ୍ଟି କରୁଥିଲା, ସେ ଭାବ ସହିତ ଏହି ଅପେକ୍ଷମାନାର ମନୋଭାବ ଭିନ୍ନ କେଉଁଠି ? ନିଜ ମନରେ ତରୁଣୀଟି ପାଦଚାରଣା କରି ଚାଲିଛି, ମଝିରେ ମଝିରେ ନିଜର ଶୁଭ୍ର ଅଞ୍ଚଳର ଅଗ୍ରଭାଗଟି ଜନ୍ତ-ଅଲ୍ଅକୁ ଆଘାତ କରୁଛି—ଦୃଷ୍ଟି ଚକ୍ରବାଳ ପ୍ରାନ୍ତରେ ଅନାଗତ ଲୌହଯାନର ଆଲୋକରଶ୍ମି ଦେଖିବା ଆଶାରେ ନିବଦ୍ଧ। ଦୂରରୁ ପୁଣି ହାତ ଯୋଡ଼ି ବିଶ୍ୱଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି କହିଲି, "ଧନ୍ୟ ତୁମର ସୃଷ୍ଟି ଦେବତା, ପୁରୁଷର ଚଞ୍ଚଳ ମନକୁ ଅଚଞ୍ଚଳ କରି ରଖିବା ଲାଗି ଚିର ନବୀନା ନାରୀ ସୃଜିଛ—ତୁମର ଏ ସୃଷ୍ଟି ଧନ୍ୟ।"

( ୩ )

ଗାଡ଼ି ଆସିଲା—ବେଗବାନ୍ ସେହି ଯାନର ଗତି ବେଗରୁ ଅତିକ୍ରମ କରିଗଲା ତରୁଣୀର ଦୃଷ୍ଟି। ମୁହୂର୍ତ୍ତିକେ ଆଜାନୁଲମ୍ବିତ-ବାହୁ ଏକ ଯୁବା ଗାଡ଼ିରୁ ଲମ୍ଫ ଦେଇ ତରୁଣୀର ନିକଟରେ ଛିଡ଼ା ହେଲା—ନିଜ ସର୍ବାଙ୍ଗର ବ୍ୟଗ୍ରତା ଦେଇ ତରୁଣୀର ହାତ ଦୁଇଟି ଧରି ପକାଇଲା। ଶୁଣିଛି, ସୂର୍ଯ୍ୟୋଦୟରେ କମଳିନୀ ହସି ଉଠେ, ସେ ହସ କଣ ଏମିତି ? କିଛି କ୍ଷଣ ଯାଏ ଉଭୟ ପରସ୍ପର ପ୍ରତି ଖାଲି ନୀରବରେ ଆଉ ନିର୍ନିମେଷ ନୟନରେ ଚାହିଁ ରହିଲେ—ସେମାନଙ୍କର ଚକ୍ଷୁତାରକା ହସିଲା, ଅଙ୍ଗଯଷ୍ଟି ପୁଲକରେ କମ୍ପିତ ହେଲା, ନୀରବ ଅନ୍ତରର ଭାବପ୍ରକାଶକରୂପେ ସ୍ଫୁରିତ ହେଲା ଅଧରୋଷ୍ଠ ! ସେ ଦୃଶ୍ୟରେ ବିହ୍ୱଳ ହୋଇ ମୁଁ ମୋର ପ୍ରିୟ ବନ୍ଧୁ ନେତ୍ର ଆଡ଼କୁ ମୁହଁ ଫେରାଇ ଦେଖିଲି, ଦୁରନ୍ତ ଶିଶୁ ପରି ନେତ୍ର ମଧ୍ୟ ହସୁଛି, ତରାଟ-ଫୁଲର ଶୁଭ୍ରକାନ୍ତି ଶୁଭ୍ରତର... ...

ପନ୍ଦର ମିନଟ—ସେ ଅଉ କେତେ ସମୟ ? ଗୃହଁ ଗୃହଁ ଗୃଲକ ବଂଶୀଧ୍ୱନି କଲେ—ସବୁଜ ଆଲୋକ ପ୍ରକୃତିର ଶୁଭ୍ର ଲଲାଟରେ ମୁହୂର୍ତ୍ତିକ ପାଇଁ ସବୁଜ ଟୀକା ଅଙ୍କିତ କରି ଅଦୃଶ୍ୟ ହେଲା—ପୁଣି ଲମ୍ଫ ଦେଇ ଯୁବା ଯାନ ଆରୋହଣ କଲେ। ଗଲା ଆଗରୁ ତରୁଣୀର ଚମ୍ପକ ଅଙ୍ଗୁଳିଗୁଡ଼ିକୁ ନିଜର ସବଳ ମୁଷ୍ଟି ମଧ୍ୟରେ କମ୍ପିତ ରଖି ବେଦନାଗ୍ରସ୍ତ କଲେ, କଣ୍ଠଚ୍ୟୁତ ଚୂର୍ଣ୍ଣକୁନ୍ତଳଟିକୁ ସ୍ୱସ୍ଥାନକୁ ଫେରାଇ ଦେଇ ସମ୍ମାନିତ କଲେ, ଆଉ ବିଚ୍ଛେଦକୁ କଷ୍ଟକର କରିବା ଲାଗି ଦେଇ ଗଲେ ତରୁଣୀର ଗଣ୍ଡଦେଶରେ ସାମାନ୍ୟ ଟିକିଏ ସ୍ପର୍ଶ।

ଚକ୍ରବାଳ ଆଲୋକ ଓ ଧୂମ ଶୂନ୍ୟ ହେଲା—ତଥାପି ନାରୀର ଲୋଳ ଦୃଷ୍ଟି ସେ ଦିଗରୁ ଫେରିଲା ନାହିଁ। ଭାବିଲି, ଏ ମାନବୀ ପ୍ରତିମା ଯୁବାର ଅନ୍ତର୍ଦ୍ଧାନରେ ମୃଣ୍ମୟୀ ହେଲା କି ? କ୍ଷଣକେ ମୋର ଭ୍ରମ ଦୂର କରି ନାରୀ ନେତ୍ର ଫେରାଇଲେ ଆଉ ଦାନା ଅଶ୍ରୁବିନ୍ଦୁ ସେହି ମୁଖପଦ୍ମର ନିବିଡ଼ ଦୃଷ୍ଟିରୁ ନେତ୍ର ଉପରେ ସନ୍ନିବିଷ୍ଟ କଲେ। ତତ୍ପରେ ଧୀରେ ଧୀରେ ଭାରଗ୍ରସ୍ତ ସେହି ଅଙ୍ଗଯଷ୍ଟି ମୋର ସମ୍ମୁଖରୁ ଅପସୃତ ହେବାକୁ ଲାଗିଲା—ମୁଁ ସ୍ତବ୍ଧ ଭାବରେ ଦେଖିଲି, ପ୍ରଣୟର ସେଇ ସୂକ୍ଷ୍ମ ଡୋରିକୁ ତରୁଣୀ କି ଗଭୀର ଆନନ୍ଦରେ ବନ୍ଧନ କରି ଚାଲିଛି—ଭାରି ସୂକ୍ଷ୍ମ ଅଥଚ ତାକୁ ବନ୍ଧନ କରିବାର ଆନନ୍ଦରେ କି ମାଦକତା ! ପୁଣି ହାତଯୋଡ଼ି ପ୍ରଣୟଦେବତାଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି କହିଲି, "ଧନ୍ୟ ତୁମର ଲୀଳା, ଦେବତା, ଜୀବନର ସୂକ୍ଷ୍ମ ଭାବକୁ ପ୍ରଣୟ ଡୋରିରେ କି ଗାମ୍ଭୀର୍ଯ୍ୟ କରିଛ ତୁମେ—ତୁମର ଏ ଲୀଳା ଧନ୍ୟ।"



Digitized by srujanika@gmail.com

# କୁଳାଡ଼

**କବିବର ଶ୍ରୀ ଚନ୍ଦ୍ରମଣି ମହାନ୍ତି**

ଭଞ୍ଜଜନ୍ମଭୂମି ବିଖ୍ୟାତ କୁଳାଡ଼,
କବିଯଶେ ଗଢ଼ା ଯାର ମେରୁଦଣ୍ଡ ।
ମହାକବି ଭଞ୍ଜ ପୁଣ୍ୟ ଜନ୍ମ ତୀର୍ଥ,
ଶ୍ରେଷ୍ଠ ବାଣୀପୀଠ ଉତ୍କଳେ ବିଦିତ ।
କୁଳାଡ଼ ବିରାଟ ସାରସ୍ୱତ ଗାଥା,
ମଣି ରତ୍ନ ସହ ପ୍ରସବେ କବିତା ।
ମହାକବି ସ୍ପର୍ଶ ଲଭିଅଛି ଯେଣୁ,
ତେଣୁ ସେ ସ୍ଥାନର ଧୂଳି ରତ୍ନରେଣୁ ।
ବୋଳି ହେଲେ ମୁଠେ ସେ ରେଣୁ
ମସ୍ତକେ,
ଅପସରି ଯାଏ ମୂଢ଼ତା ପଲକେ ।
କାଶୀ ବୈକୁଣ୍ଠ ସେ, ଦୃଶ୍ୟେ ଅତୁଳିତ,
ସ୍ଥାବର ଜଙ୍ଗମେ ଗାନ୍ତି ତହିଁ ଗୀତ ।
ସେ ସ୍ଥାନ ମୃତ୍ତିକା, ବାୟୁ, ନଦୀ, ଜଳ,
ତରୁ-ଲତା ବନ ଗିରି ଫୁଲ-ଫଳ,
ଗଢ଼ା କବିତାର ଉପାଦାନେ ସର୍ବେ,
ମତ୍ତ ପଶୁ-ପକ୍ଷି କବିତା ଉତ୍ସବେ ।
କୁଳାଡ଼ ମହିମା ଚିରଜ୍ୟୋତିର୍ମୟ,
ଯେସନେ ଭଞ୍ଜକାବ୍ୟ କବିତା ନିଚୟ ।
ଭଞ୍ଜ ରାଜଧାନୀ ପ୍ରସିଦ୍ଧ କୁଳାଡ଼,
ବ୍ୟାଘ୍ରଦେଈ (୧) ତାକୁ କରିଛି ଉଦ୍ଧାର ।
ଗିରି ପାଦ ତଳେ ଶୋଭେ ସେ ନଗରୀ,
ଦେବପାଦେ ଯେସନେ ତୁଳସୀ ମଞ୍ଜରୀ ।
ସୁବଳୟ ତଳେ ହୋଇଛି ବା ଅଙ୍କା,
କମଳା ବିଳାସ ସ୍ୱର୍ଣ୍ଣପୁରୀ ଲଙ୍କା ।
ଭଗ୍ନ ଆହା ଏବେ ସେ ସୌଭାଗ୍ୟ ହାଟ,
ଘେରିଛି କସ୍ତୁରୀ ପଡ଼ିଛି କବାଟ ।
କିନ୍ତୁ ତହିଁ ନାହିଁ ଶୋଭା ଲକ୍ଷ୍ମୀ ଘଟା,
ନେଇଛି ସେ ତହିଁ ଚିରସ୍ଥାୟୀ ପଠା ।
ଯେଉଁଣେ ଦେଖ ତେଣେ ସଦା ହସି
ହସି,
ଶୋଭା ପରେ ଶୋଭା ଯାଉଛି ବରଷି ।

ବନ ଗିରି ରାଜି କରି ନେତ୍ରାକାର,
ମୂଳକବି ତହିଁ ଅଛି କାହା ଗୃହ ।
ଶିବାଳାରେ ବସି ବେଦ ଘୋଷିବନ,
କଲି ବ୍ୟାଘ୍ରଦେଈ ଗିରି ଆରୋହଣ ।
ଆଗାମୀ ସେ ଗିରି କଣ୍ଟକ କାନନେ,
ଅଛାଡ଼ିତ ପୁଣି ଘନ ବଣ ବନେ ।
ନିର୍ଜନ ନିବିଡ଼ ଭୀଷଣ ସେ ଠାବ,
ଶ୍ୱାପଦଂର ସଙ୍ଗୀ ନାହିଁକ ଅଭାବ ।
ତହିଁ କେତେ ଥର କାହିଁ କାହିଁ ବଣି,
ନଡ଼ିଲେକ ଥକି ଯାନବାହଗଣ ।
ଅଗ୍ରେ ଠିଆ ପୁଣି ପ୍ରକାଣ୍ଡ ଉପଲ,
ସେହିଠାରୁ ହେଲ ଶିବିକା ଅଚଳ ।
ନିର୍ମଳ ଭିତରେ ହୋଇ ଗଡ଼ାଣିଆ,
ସେ ବିଶାଳ ଶିଳା ହୋଇଅଛି ଠିଆ ।
ନିବଳିତ ତୃଣେ ଶରୀର ଆଚ୍ଛନ୍ନ,
ଦିଶୁ ହୋଇଅଛି ଗାଳିଚ୍ଛ ଯେସନ ।
ଆରୋହଣ ତହିଁ ନର-ବାହନରେ,
ଉଠିଲି ଉତ୍କଳ ପାଷାଣ ଶିଖରେ ।
ଧାଇଁଲେ ବାହକେ ହୋଇ ତରଭର,
ପଦ ସ୍ଖଳନର କାହିଁ ଅବସର ।
ଉଠିଲେ ସେ ହସି ହସି ଅନାୟାସେ,
ଅସାଧ୍ୟ ସୁସାଧ୍ୟ ହୋଇଛି ଅଭ୍ୟାସେ ।
ଗିରି ଚୂଡ଼ା ପରି ସେ ଶିଳା ଆକାର,
ନାମ "ବେହରଣ-ଚୂଡ଼ା" ତାହାର ।
ଭାବିଲି ଅନନ୍ତେ କି ତପେ କେ ଜାଣି,
ବସାଇଲା ଭାଗ୍ୟ ଅଧାସ୍ୱର୍ଗେ ଆଣି ।
ଚାଲି ପିଆଲ ଦି ଅଶେଷ ପାଦପ,
ହାଣିଛନ୍ତି ଶିଳା— ଶିରେ ଛତ୍ରାତପ ।
ହୋଇଅଛି ଉଚ୍ଚ ଶ୍ୟାମାଙ୍ଗୀ କଦୁଣା, (୨)
ଅଙ୍ଗ ସଜାଇଛି ନଡ଼ିକି ଅର୍ଗୁଣା ।
ଦରମାତ୍ର କରି ଅସଂଖ୍ୟ କୁଦାଳ, (୩)
ଟେକିଛନ୍ତି କାହିଁ ହୋଇ ମାଳ ମାଳ ।

କାହିଁ ପଦ୍ମଗନ୍ଧୀ, ସୁନ୍ଦରୀ ସୁଗନ୍ଧୀ, (୪)
ମାରି ଦେଇଅଛି ଅରଣ୍ୟାନୀ ସନ୍ଧି ।
ଅତର ପସରେ ସୁଗନ୍ଧ ବିତରି,
କାହିଁ ଉଭା "ଯେଙ୍ଗୁ" ଫୁଲ ପେଣ୍ଡାହାର
ଧବଳ ଗୁମର ଧରଣୀ ଶିଖରେ,
ବାନ୍ଧିଛନ୍ତି ମୁଦେ ଗିରିଦେବେ କି ସେ ?
ଦୁର୍ଭିକ୍ଷ ପୀଡ଼ିତ ପ୍ରଜା ପ୍ରାୟେ କେହି,
ଅସ୍ଥିସାର ଶୂନ୍ୟ ଅତି କ୍ଷୀଣ ଦେହୀ ।
ନଖ ଦନ୍ତ ପ୍ରାୟେ କଣ୍ଟକ ପ୍ରକାଶି,
ଉଭା କେହି ଯେସନେ ପ୍ରେତ ରାଜ୍ୟବାସୀ ।
ବେହରଣ ଶିଳା ପ୍ରଶସ୍ତ ବିଚିତ୍ର,
ଭଞ୍ଜ କବି ସ୍ପର୍ଶେ ପରମ ପବିତ୍ର ।
ଶିଳା ନୁହେ ତାହା ମହେନ୍ଦ୍ର ଆସନ,
ଇନ୍ଦ୍ରଅଙ୍ଗେ ବର୍ଣ୍ଣୀ ତୃଣେ ଶୋଭାବାନ ।
ମଣି ରତ୍ନ ନୁହେ ସେ ତୃଣକୁ ସରି,
ବୃନ୍ଦା କି ସ୍ୱପ୍ନ ସ୍ୱର୍ଗ ଅପସରୀ ।
ଏହିଠାରେ ବସି ଲେଖିଥିଲେ କବି,
କାନନ ଭ୍ରମଣ ସ୍ୱଚ୍ଛ ଅନୁଭବି ।
ଏ ନଗ୍ନ ବେଦୀରେ ଭଞ୍ଜ ବୀରବର,
ଗାଉଥିଲେ ଗୀତ ମଧୁର ସୁନ୍ଦର ।
ଶୁଣି ସେ ରାଗିଣୀ ପଶୁ-ପକ୍ଷୀ କୁଳ,
ଭାବାବେଶେ ଆସି ହେଉଥିଲେ ଠୁଳ ।
କେତେ ନାଚୁଥିଲେ ପ୍ରେମେ ଝୁଲି ଝୁଲି,
କେତେ ଦେଉଥିଲେ ଉଚ୍ଚେ ହୁଳାହୁଳି ।
ପୁଷ୍ପିତ ପାଦପେ ଢାଳି ପୁଷ୍ପାଞ୍ଜଳି,
ପୂଜା ଦେଇବାକୁ କରୁଥିଲେ ଅଳି ।
ମହାଭାବେ ଭୋଳ ହୋଇ ଲତାଙ୍ଗନା,
କରୁଥିଲେ ମୁଦେ କବି ସମ୍ବର୍ଦ୍ଧନା ।
ସୁପ୍ରଚ୍ଛ ଭାବନ୍ତ ଯେହ୍ନ ବାସ୍ତବରେ,
ପ୍ରତିଭା ପୂଜା ସେ ଖୋଜି ଖୋଜି କରେ ।
ସେ ସ୍ଥାନର ସର୍ବ ତରୁ ଲତାଗଣ,
ହୋଇଛନ୍ତି ଭଞ୍ଜ ବିରହେ ବିଷର୍ଣ୍ଣ ।

---

(୧) ପର୍ବତ ଶ୍ରେଣୀ । କେହି କେହି ବାଗ୍‌ଦେବୀ ପର୍ବତ ବୋଲି ମଧ୍ୟ କହନ୍ତି । (୨) କଦୁଣା—କଣ୍ଟାଲେମ୍ବୁ ।
(୩) କୁଦାଳ—ଶୁକ୍ଳବର୍ଣ୍ଣ ତରୁ ବିଶେଷ । (୪) ସୁଗନ୍ଧ ପତ୍ର ବିଶିଷ୍ଟ ଏକପ୍ରକାର ବୃକ୍ଷ ।



Digitized by srujanika@gmail.com

ଭାଙ୍ଗି ପଡ଼ିଅଛି ଶୋକେ କାହା ଅଣ୍ଟା,
ଝୁରି ଝୁରି କେତେ ହୋଇଛନ୍ତି କଣ୍ଟା ।
ନୀରବରେ କେହି କାନ୍ଦୁଅଛି ଦୁଃଖେ,
ଶୋକ ପାଣ୍ଡୁରିମା ବୋଳା କାହା ମୁଖେ ।
ଅଦ୍ୟାପି ପାଦପେ ଭଞ୍ଜଙ୍କ ବିଚ୍ଛେଦେ,
ଝୁରି ଝୁରି ଶୀର୍ଣ୍ଣ ଦାରୁଣ ନିର୍ବେଦେ ।
ହାୟ ଭଞ୍ଜ ତୁମ୍ଭ ଗୁଣ କେ ନ ଜାଣେ,
ବାଧୁଅଛି ତୁମ୍ଭ ମୃତ୍ୟୁ ସର୍ବ ପ୍ରାଣେ ।
ସ୍ଥାବର ଜଙ୍ଗମ ସଙ୍କେତ ଭାଷାରେ,
ବିଳପନ୍ତି ସର୍ବେ ଘୋର ନିରାଶାରେ—
"ସେ ମାଲପମକ ସେ ଗୋମୂତ୍ର ଛନ୍ଦ,
କିଏ ଗାଇ, ଦେବ ଦେଶକୁ ଆନନ୍ଦ ।
କିଏ ଦେଖାଇବ ସାହିତ୍ୟ ଚାତୁର୍ଯ୍ୟ,
କିଏ ଚଖାଇବ ସୁରସ ମାଧୁର୍ଯ୍ୟ ।
ସେହି ନିରୋଷ୍ଟକ ସରୋଷ୍ଟକ ବାଣୀ,
ଅବନାଛନ୍ଦ କେ ଶିଖାଇବ ଆଣି ।
ଦିବ୍ୟ ଅନୁପ୍ରାସ ରମ୍ୟ ଅଲଙ୍କାର,
କେ ରଚିବ ଅଛି ସେ ଶକ୍ତି କାହାର ।
ବିରଚି କେ ବନ୍ଧ ଅକ୍ଷର କଣ୍ଠିରେ,
ମଣ୍ଡିବ ସାହିତ୍ୟ- ଜନନୀ କଣ୍ଠରେ ।
କିଏ ଦେଖାଇବ ମର୍ତ୍ତ୍ୟେ ଆଣି ସ୍ୱର୍ଗ,
ସାହିତ୍ୟେ ପ୍ରାଣ କେ କରିବ ଉତ୍ସର୍ଗ ।
କରିବ କେ ଆଉ ଇନ୍ଦ୍ରଜାଲ ସୃଷ୍ଟି,
ଆନନ୍ଦେ ଆନନ୍ଦ କେ କରିବ ବୃଷ୍ଟି !
ଛଣା-ସୁଧା-ଜଣା ସୁମଧୁର ଭାଷା,
ଶୁଣାଇ କିଏ ବା ଶମିବ ପିପାସା ।
ମୂକ ହୋଇଅଛି ଶୁକ ବହୁ ଶୋକ,
ନ ଶୁଣି ତୁମ୍ଭର ମୁଖସୃତ ଶ୍ଳୋକ ।
କିଏ ଦେଖାଇବ ବାଣୀ ଶିଳ୍ପ ଛବି,
ହା ହା ଉପଇନ୍ଦ୍ର ଭଞ୍ଜ କବି ରବି ।
ଶୋକାଶ୍ରୁରେ ସର୍ବ ନେତ୍ର ଅଛି ଦ୍ରବି,
ହା ହା ଉପଇନ୍ଦ୍ର ରାଜକବି-ରବି !
ତୁମ୍ଭ ବିନା ଦେଶ ହୋଇଛି ଅଟବୀ,
ହା ହା ରାଜଋଷି ଭଞ୍ଜ ମହାକବି ।
ସାହିତ୍ୟେ ନିଯୁତ ପ୍ରହାରିଲ ପବି,
ହା ହା ଭଞ୍ଜକୁଳ କଞ୍ଜ କୁଞ୍ଜ ରବି ।
ବୁଝିବ କେ ଖୋଭ ବିନା ଅନୁଭବୀ,
ହା ହା ବୀରବର କବିଗୁରୁ କବି ।

ସାହିତ୍ୟ-କୁସୁମ ଫୁଟିଛି ସୁରଭି,
ହାୟ ହାୟ ହାୟ ମହା କବିରବି !
କାବ୍ୟ ବୀରବର ସାର୍ଥ ଏ ପଦବୀ,
ହା ହା ସାରସ୍ୱତ ଯୋଗୀ ଭଞ୍ଜକବି !
କଳନା ତୁମ୍ଭର ଆବାଲ୍ୟ ବାନ୍ଧବୀ,
ହା ହା କବିକୁଞ୍ଜ—ଶୁକ, ଦେବକବି !"
ଏହିପରି ଗିରି ତରୁ-ଲତା-ତୃଣ,
ବାହୁନି କାନ୍ଦନ୍ତି ଉପଇନ୍ଦ୍ର ଗୁଣ ।
କାନ୍ଦୁଛି ଗଗନ କାନ୍ଦୁଛି ପବନ,
କାନ୍ଦୁଛି ବିଜୁଳି ସଙ୍ଗେ ନିବେ ଘନ ।
କାନ୍ଦୁଅଛି ଦିନ କାନ୍ଦୁଅଛି ରାତି,
କାନ୍ଦୁଛନ୍ତି ଘୋଡ଼ା କାନ୍ଦୁଛନ୍ତି ହାତୀ ।
କାନ୍ଦନ୍ତି ଅମ୍ବର ରବି ଶଶୀ ତାରା,
କାନ୍ଦୁଛନ୍ତି ସର୍ବେ ଏ ଉତ୍କଳସାରା ।
କାନ୍ଦୁଛି କାନନ କାନ୍ଦୁଛନ୍ତି ଫୁଲ,
ନଦୀ, ସର, ସିନ୍ଧୁ, ଦେବତା, ଦେଉଳ ।
ଯାହା ଅଭାବରେ କାନ୍ଦଇ ସଂସାର,
ଦେବତାଙ୍କ ଊର୍ଦ୍ଧ୍ୱେ ଆସନ ତାହାର ।
ଯୋଗଜନ୍ମା କବି ଥିଲେ ଭଞ୍ଜମଣି,
ଅପୂର୍ବ କଳନା- ଶବ୍ଦ-ଭାବ-ଖଣି !
ଏତେ କାରୁକଳା ସୌନ୍ଦର୍ଯ୍ୟ ସର୍ଜନା,
ଆନ ଦେଶ ଆନ ସାହିତ୍ୟେ ଅଜଣା ।
କାନ୍ଦୁଛି ଉତ୍କଳ କାନ୍ଦୁଛି ଗଞ୍ଜାମ,
କାନ୍ଦୁଛି କୁଲଡ଼ କବି ଜନ୍ମଧାମ ।
ଅସହ୍ୟ ଉପେନ୍ଦ୍ର ବିରହ ଯନ୍ତ୍ରଣା,
କାନ୍ଦଣା ହିଁ ମହା—ଶୋକର ସାନ୍ତ୍ୱନା ।
କାନ୍ଦିଲେ ଅଭାଗୀ ଘୁମୁସର ଭୂମି,
ଶୋକାନଳ ହୃଦେ ନ ରହି ପ୍ରଧୂମି ।
ରୁଦ୍ଧ ଶୋକ ଅତି ଅସହ୍ୟ ଭୀଷଣ,
ଅଗ୍ନି ଶୈଳଗର୍ଭେ ଅନଳ ଯେସନ ।
କାନ୍ଦ ପ୍ରାଣ ଖୋଲି ଅଶ୍ରୁ ସହିତରେ,
ଶୋକ କ୍ଳେଦ ଯାଉ ବାହାରି ସତ୍ୱରେ ।
ହରାଇଛୁ ଯେଉଁ ଦୁର୍ଲ୍ଲଭ ରତନ,
କି କରିବୁ ଆଉ ନ କରି କ୍ରନ୍ଦନ ।
ମାତ୍ର ତୋର କବି—ଜନନୀ ସୁଖ୍ୟାତି,
ଥିବ, ଯେତେ ଦିନ ଥିବ ଦିନ ରାତି ।
ପାର୍ଥିବ ସମ୍ପଦ ଏଡ଼ି ଦେଇ ପଦେ,
ଏବେ ତୁ କୁବେର ନିସର୍ଗ ସମ୍ପଦେ ।

ଅସ୍ଥାୟୀ ଉପେକ୍ଷି ପାଇଅଛୁ ସ୍ଥାୟୀ,
ସୁଭାଗୀରେ ଗଣ୍ୟା ତୁହି ସେଥିପାଇଁ ।
ତୁ ଯେ ହୋଇଅଛୁ ବାଣୀ ତୀର୍ଥସ୍ଥାନ,
ତୋ ଭାଗ୍ୟେ ଏ ସିନା ଦୁର୍ଲ୍ଲଭ ସମ୍ମାନ ।
କି ଭାଗ୍ୟ ଅର୍ଜିଲୁ ଅବା ଏଥୁ ବଳି,
ଭାଗ୍ୟବତୀ କିଏ କାହିଁଛି ତୋ ତୁଳି ।
ଯେଉଁ ଅଲଙ୍କାର ପିନ୍ଧିଲୁ ଅଧୁନା,
ଗିଲଟି ନୁହେ ସେ ଖାଣ୍ଟି ସଇସୁନା ।
ରାଜ ବେହରଣ ଥିଲା ଏ ଉପଲ,
ଏବେ ବନ୍ୟଜନ୍ତୁ ବେହରଣ ସ୍ଥଳ ।
ସନ୍ଧି ବିଗ୍ରହର ଗୋପନ ମନ୍ତ୍ରଣା,
ହେଉଥିଲା ଏଥି ପୂର୍ବେ ବୁଝାମଣା ।
ରାଜ୍ୟ ଶାସନର ଜଟିଳ ସମସ୍ୟା,
ହେଉଥିଲା ସବୁ ଏଠାରେ ମୀମାଂସା ।
ଏହିଠାରୁ ଜାତ ନୀତି ନିୟମାଦି,
ରାଜାଙ୍କର ଏହା ଉପରାଜଗାଦି ।
ଥିଲା ତାହାଙ୍କର ନୀରବ ସଚିବ,
ମନ୍ତ୍ର ଗୁପ୍ତି ପଟୁ ବିଶ୍ୱାସୀ ଅତୀବ ।
ସେ ସୌଭାଗ୍ୟ ତାର ହୋଇଛି ଅନ୍ତର,
ଏବେ ତାହା ଖଣ୍ଡେ ଅଲୋଡ଼ା ପଥର ।
ମାତ୍ର ପ୍ରକୃତିରେ ବିନ୍ଦୁ ଇତିହାସ,
କରୁଛି ଗୃଷ୍ଟିଡ଼ା ନୀରବେ ପ୍ରକାଶ ।
ଅଥବା ପ୍ରାଚୀନ ବିଜ୍ଞ ଉପାଧ୍ୟାୟ,
ନିତି ନିତିବୃତ୍ତ ପ୍ରକାଣ୍ଡ ଅଧ୍ୟାୟ ।

× × ×

"କୁଲ" "ଡ଼" ନାମରେ କନ୍ଧ ଦୁଇଜଣ,
କରୁଥିଲେ ଏହି ବନେ ରାଜପଣ ।
ଘୁମୁସର ପତି ପ୍ରତାପ ଦୁର୍ଜୟ, (୧)
ଦେଖି ଏ ସ୍ଥାନକୁ ଶାନ୍ତ ଶୋଭାମୟ ।
ଦୁର୍ଗ ଉପଯୁକ୍ତ କରି ଅନୁମାନ,
କନ୍ଧରାଜା ଦ୍ୱୟେ ମାଗିଲେ ଏ ସ୍ଥାନ ।
ନ ଦେବାରୁ କନ୍ଧେ ବଧି ତାଙ୍କ ପ୍ରାଣ,
କଲେ ରମ୍ୟଦୁର୍ଗ ଏଠାରେ ନିର୍ମାଣ ।
ମରଣ ପୂର୍ବରୁ ସେ ବନ୍ୟ ନୃପତି,
କହିଲେ ଭୂପାଳେ କରିଣ ମିନତି ।
ହେ ନୃପ, ଛାମୁରେ ଏହି ନିବେଦନ,
ଆମ୍ଭ ନାମେ ଦୁର୍ଗ କରିବ ସ୍ଥାପନ ।

(୧) ପ୍ରତାପଭଞ୍ଜ ।



Digitized by srujanika@gmail.com

ତହୁଁ ତାଙ୍କ ନାମେ  ନୃପ ଗୁଣଧାମ,
ରଚିଲେ "କୁଲଡ଼" ନବ ଦୁର୍ଗ ନାମ ।
ବିପକ୍ଷେ ନୃମଣି  କଲେ ମିତ୍ର ଜ୍ଞାନ,
ବୀର ସିନା ବୁଝେ  ବୀରର ସମ୍ମାନ ।
ବୀର ଶୌର୍ଯ୍ୟ-ରତ୍ନ  ଚିହ୍ନିବା ଗ୍ରାହକ,
ବହୁ ଗୁଣ ମୂଲେ କିଣେ ସେ ହୀରକ ।
ବିଜିତେ କରେ ଯେ ସାଧୁ ବ୍ୟବହାର,
ବୀର ଆଖ୍ୟା ଏକା ସାର୍ଥକ ତାହାର ।
ବିଜିତ ପ୍ରତି ଯେ  ପ୍ରକାଶେ ସମ୍ଭ୍ରମ,
ବିଦିତ ସେ ଏକା  ବୀର ଧର୍ମ ମର୍ମ ।
ହେଉ ପଛେ ବୀର  ନିଷ୍ଠୁର ଶରୀର,
ମାତ୍ର ବୀରପୂଜା  କରି ଜାଣେ ବୀର ।
ଆବାଲ୍ୟ ପୋଷିତ ଆକାଂକ୍ଷା ମୋହର,
ପୂର୍ଣ୍ଣ ଆଜି, ଅହୋ!  କି ଶୁଭ ବାସର ।
ଜାତୀୟ କବିଙ୍କ  ପୁଣ୍ୟ ଜନ୍ମ ତୀର୍ଥ,
ପରଶେ ମଣିଲି  ନିଜକୁ ପବିତ୍ର ।
ଯାର ପୁଣ୍ୟରେଣୁ ମାଖି ହେବା ପାଇଁ,
ବାର୍ଦ୍ଧକ୍ୟେ ସୁଦୂରୁ  ଆସିଥିଲି ଧାଇଁ ।
ସେ ତୀର୍ଥର ବାୟୁ  ବିଶୁଦ୍ଧ ପାବନ,
ଭାଗ୍ୟବଳେ ଆଜି କଲି ମୁଁ ସେବନ ।
ସାରସ୍ୱତ ଯୋଗୀ  ତପସ୍ୟା ଆଶ୍ରମ,
ହେରିଲି ତା ଦିବ୍ୟ  ଶୋଭା ଅନୁପମ ।
ଅସମ୍ଭବ ଆଜି  ହୋଇଛି ସମ୍ଭବ,
ଲଭିଅଛି ଧନ  କୁବେର ବିଭବ ।
ଏ ସ୍ଥାନକୁ ତେଜି  ଯିବାପାଇଁ ଆଜି,
ଦେହ ମନ ନେତ୍ର କେହି ନୁହେଁ ରାଜି ।
ହେ ଉପେନ୍ଦ୍ର ଭଞ୍ଜ  ବନ୍ଦ୍ୟ ମହାକବି,
କାବ୍ୟାମୃତ ରସ  ସ୍ୱାଦି ଅନୁଭବି ।
ମାଗୁଛି ମେଲାଣି  ଦେଇ ମୋ ସମ୍ମାନ,
ରହିଗଲା କିନ୍ତୁ  ମନେ ଅଭିମାନ ।
କରିଥିଲେ ତୁମ୍ଭ  ଚରଣ ଦର୍ଶନ,
ମଣିଥାନ୍ତି ମୋର  ଅଦୃଷ୍ଟକୁ ଧନ୍ୟ ।
ହୋଇଥାନ୍ତା ପ୍ରାଣ  ପିପାସା ତୃପତ,
ମଣିଥାନ୍ତି ସ୍ୱର୍ଗ  ମୁଠେ କରଗତ ।
ଶିରେ ସିଞ୍ଚି ତୁମ୍ଭ  ଶ୍ରୀଚରଣାମୃତ,
ବିହ୍ୱଳ ପ୍ରେମରେ  କରିଥାନ୍ତି ନୃତ୍ୟ ।
ସେହି ଖେଦ ଏକା  ରହିଗଲା ମନେ,
ଅସମ୍ଭବ କିନ୍ତୁ  ତାହା ତ ସ୍ୱପନେ ।

ଯାଉଛି ଏ ସ୍ଥାନୁ  ନେଇ ମୁଁ କେବଳ,
ତପ୍ତ ଶ୍ୱାସ ତପ୍ତ—ଲୋତକ ସମ୍ବଳ ।
ହେଉ ଅବଧାନ  ଗୁଣିପୂଜ୍ୟ ଗୁଣି,
ବାହୁଡ଼ାଣି ବେଳେ  ଏତିକି ମାଗୁଣି ।
ଆଉ ଥରେ ଦେବ  ହୁଅ ଅବତୀର୍ଣ୍ଣ,
ସାହିତ୍ୟର କ୍ଷେତ୍ର  ହେଉ ସୁବିସ୍ତୀର୍ଣ୍ଣ ।
ପ୍ରାଚୀନ ସାହିତ୍ୟେ ହେ ନର-ଦେବତା,
ଦେଖାଇଲ ଯେଉଁ  ଅଦ୍ଭୁତ ଦକ୍ଷତା ।
ନବୀନ ସାହିତ୍ୟେ ସେ ଭଳି ସଯତ୍ନେ,
ବିଭୂଷିତ କର  ଅଭିନବ ରତ୍ନେ ।
ମାତୃସମା ତୁମ୍ଭ  ମାତୃ ସାହିତ୍ୟର,
ଅପୂର୍ଣ୍ଣ ପ୍ରବାଦ  ବଡ଼ ଅସୁନ୍ଦର ।
ହୋଇ ଆବିର୍ଭୂତ ଏ ଉତ୍କଳେ ତୂର୍ଣ୍ଣ,
କରି ଦିଅ ତାକୁ  ସବଳ ସମ୍ପୂର୍ଣ୍ଣ ।
ଯୁଗେ ଯୁଗେ ଯେହ୍ନେ ହୁଅନ୍ତି ସମ୍ଭୂତ,
ଧର୍ମ ହାନି କାଳେ  ସ୍ୱୟମ୍ଭୂ ଅଚ୍ୟୁତ ।
ସାହିତ୍ୟ ପତନେ  ଅବତରି ତଥା,
କରୁଥାଅ ତାକୁ  ସତେଜ ସର୍ବଥା ।
ଅନ୍ଧାର ମଳିନ  ବନଗର୍ଭୁ ତବ,
ଭସି ଆସେ ଯେହ୍ନେ ପକ୍ଷୀ କଳରବ,
ଅଜ୍ଞାତ ରାଜ୍ୟରୁ ଆସେ ତେହ୍ନେ ଭସି,
ତବ ଛନ୍ଦ ସ୍ୱର  ଚିତ୍ତ ବିହରଣି ।
ବସାଇ ଯାଇଛ  ଏଥି ଚିରନ୍ତନୀ,
ସାହିତ୍ୟ-କଳାର  ମହା ପ୍ରଦର୍ଶନୀ ।
କବିତାମୟ ଏ  ସୁରାଜ୍ୟ ଭୂମିରେ,
କବିତାରେ ଗଢ଼ା  ସବୁ କଳେବର ।
ଯାଇନାହଁ ତୁମ୍ଭେ  କାହିଁ କବିନୃପ,
ଅଛ ଏହି ରାଜ୍ୟେ  ଧରି ବାଷ୍ପରୂପ ।
ସୌନ୍ଦର୍ଯ୍ୟେ କୁଲଡ଼  ସ୍ୱର୍ଗୁଁ ଯାଏ ବଳି,
ବସନ୍ତର ଚିର—  ପ୍ରିୟ ଲୀଳାସ୍ଥଳୀ ।
ଆଶ୍ରିଛି ବସନ୍ତ  ଏ କୁଲଡ଼ କୋଳ,
ପହଣ୍ଡେ ଏଠାରୁ ନ କାଢ଼େ ସେ ଗୋଡ଼ ।
ଦେବଚକ୍ଷୁ ହେରି  ଏ ସୁଷମା ସଭି,
ପାରିବ କେ ମୂର୍ଚ୍ଛି ଦେହାନ୍ତରେ ଅବା ।
ଜାଣିଥେ ଏଠାରେ  ଉତ୍କଳ ପ୍ରକୃତି,
ଭେଟି ଦେଉଥିବେ ତୁମ୍ଭଙ୍କୁ ହେ କୃତି ।
ମହୋଦଧି ତୁଙ୍ଗ  ତରଙ୍ଗ ସଙ୍କୁଳ,
ଭେଟୁଥିବ ଆଣି  ଗୁଡ଼ଙ୍କଙ୍କ ଫୁଲ ।

ଚିଲିକା ସୁନ୍ଦରୀ  ମହୋଦଧି ସୁତା,
ଭେଟୁଥିବ ନିତି  ପ୍ରବାଳ ମୁକୁତା ।
ଭେଟୁଥିବ ପୁଣି  ସେ ମହେନ୍ଦ୍ର ମାଳ,
ସ୍ୱର୍ଣ୍ଣ ବର୍ଣ୍ଣଜାତ  ସୁପକ୍ୱ ତମାଳ ।
ନେଇ ଋଷିକୁଲ୍ୟା  ସଙ୍ଗିନୀ ନିକର,
ଦେଉଥିବ ଭେଟି  ବିଦୁଲ ଗୁମର ।(୧)
ନଦୀ ଚିତ୍ରୋତ୍ପଳା  ସ୍ୱଚ୍ଛ ପୂତ ନୀର,
ଭେଟୁଥିବ ଆଣି  ଜ୍ୟୋତିର୍ମୟ ହୀର ।(୨)
ଉତ୍କଳ ନନ୍ଦନ—କାନନ ଉଦ୍ୟାନ, (୩)
ଭେଟୁଥିବ ରମ୍ଭା  ନାରିକେଳମାନ ।
ଶୋଭାଙ୍ଗୀ ସାଲନ୍ଦୀ  ପୁଷ୍ପ ମକରନ୍ଦ,
ଭେଟୁଥିବ ଲଭି  ପରମ ଆନନ୍ଦ ।
ସ୍ୱର୍ଣ୍ଣରେଖା ନଦୀ  ବାଇ କଳ ବେଣୁ,
ଭେଟୁଥିବ ସ୍ୱର୍ଣ୍ଣ—ପାତ୍ରେ ସ୍ୱର୍ଣ୍ଣରେଣୁ ।
ହେମ ଘନାସନେ  ବସି ଦେବଗଣ,
କରୁଥିବେ ତୁମ୍ଭ  ସଙ୍ଗୀତ ଶ୍ରବଣ ।
ତୁମ୍ଭ ଶିରେ ହସ୍ତ  ଦେଇ ବୀଣାପାଣି,
ଉଚ୍ଚାରୁଥିବେ ସ୍ନେହେ ଆଶୀର୍ବାଣୀ ।
ଅପ୍ସରୀ ଗହଣେ  ଆସି ସୁରାଙ୍ଗନା,
କରୁଥିବେ ମୁଦେ  କବି ସମ୍ବର୍ଦ୍ଧନା ।
ପାରିଜାତ ହାର  ଗୁନ୍ଥାଇ ଗୁନ୍ଥାଇ,
ଦେଉଥିବେ ତୁମ୍ଭ  ଗଳାରେ ପିନ୍ଧାଇ ।
ଉତ୍କଳ ଧରଣୀ  ଅତୀବ ଆଦରେ,
ବସିଥିବେ ନେଇ ତୁମ୍ଭଙ୍କୁ କୋଳରେ ।
କରୁଥିବେ ପୁଣି  ଦେବୀ ଘନ ଘନ,
ବାତ୍ସଲ୍ୟେ ତୁମ୍ଭର  ମସ୍ତକ ଚୁମ୍ବନ ।
ଅକାଳରେ ତୁମ୍ଭେ  ବିସର୍ଜିଲ ପ୍ରାଣ,
ଦେଶ ପକ୍ଷେ ଏହା  ଅତି ଅକଲ୍ୟାଣ ।
ଅଗୁଣୀ ଅକର୍ମୀ  ଖଳ ଦୁଷ୍ଟ ଲୋକେ,
ଭୁଞ୍ଜୁଛନ୍ତି ଦୀର୍ଘ  ଆୟୁ ଇହଲୋକେ ।
ମାତ୍ର ଅଳ୍ପାୟୁଷ  କର୍ମୀ ଗୁଣବାନ,
ବିଧାତାର ଏ କି  ବିଚିତ୍ର ବିଧାନ ।
ଦୁର୍ଜ୍ଜନର ଆୟୁ  କାଟି ବଣ୍ଟିପାଇଁ,
ନ ଦିଅନ୍ତି ଶିଷ୍ଟ  ସଜ୍ଜନେ କପାଇଁ ।
କି କ୍ଷତି ବା ତହିଁ  ହୁଅନ୍ତା ତାଙ୍କର,
ତାହା ସିନା ଏକା ତାଙ୍କୁହିଁ ଗୋଚର ।

---

(୧) ପାଣିବେତ । (୨) ସମ୍ବଲପୁର ଅଞ୍ଚଳରେ ମହାନଦୀ ଗର୍ଭରୁ ହୀର କଣିକା ମିଳେ । (୩) ଉଦ୍ୟାନଖଣ୍ଡ ।



Digitized by srujanika@gmail.com

# ଜିଜ୍ଞାସା

ଶ୍ରୀ ଜଲନ୍ଧର ଦେବ

ମନୁଷ୍ୟର ଜାଣିବା ଇଚ୍ଛା ଅତି ପ୍ରବଳ । ଏଣୁ ମନୁଷ୍ୟ ଅନ୍ୟ ଜୀବଠାରୁ ଶ୍ରେଷ୍ଠ । ବଳବତୀ ଜାଣିବା ଇଚ୍ଛା ହେତୁରୁ ତାର ଅଭ୍ୟୁଦୟ ଓ କ୍ରମୋନ୍ନତି । ସ୍ୱାଧୀନତା ଓ ଶିକ୍ଷାଦ୍ୱାରା ଅନୁସନ୍ଧାନ କରିବା ଇଚ୍ଛାର ବିକାଶ ହୁଏ । କାଳ ଭେଦରେ ଓ ଦେଶ ଭେଦରେ ମାନବର ଜାଣିବା ଇଚ୍ଛାର ପରିବର୍ତ୍ତନ ଏବଂ ହ୍ରାସ ବୃଦ୍ଧି ହୁଏ । ଏ ବିଷୟରେ ଅନେକେ ଏକମତ ହେବାକୁ ରାଜି ନୋହିଲେ ମଧ୍ୟ ସାମାନ୍ୟ ଗବେଷଣାଦ୍ୱାରା ଏହାର ସତ୍ୟତା ଉପଲବ୍ଧି ହେବ । ବହୁ ଶତାବ୍ଦୀ ପୂର୍ବର ଭାରତବାସୀ ବିଜ୍ଞ ବ୍ୟକ୍ତିଙ୍କର ଚିନ୍ତାଧାରା ସହିତ ଆଧୁନିକ ବିଜ୍ଞ ବ୍ୟକ୍ତିଙ୍କର ଚିନ୍ତାଧାରାର ତୁଳନା ଏଥିର ପ୍ରକୃଷ୍ଟ ଉଦାହରଣ ।

ଭୂପୃଷ୍ଠରେ ଜାତିବିଶେଷର ଜାତୀୟ ଗତିପଥ ପ୍ରଶସ୍ତ ଓ ଋଜୁ । ଭାରତବାସୀର ଗତିପଥ ସଙ୍କୀର୍ଣ୍ଣ ଓ ବହୁ ଶାଖାରେ ବିଭକ୍ତ । ଏଣୁ ଜିଜ୍ଞାସୁ ପକ୍ଷରେ ପ୍ରମାଦପୂର୍ଣ୍ଣ । ଭାରତବାସୀ କର୍ତ୍ତବ୍ୟ ନିର୍ଦ୍ଧାରଣ ନିମନ୍ତେ ଅକ୍ଷମ ଓ ଲଣ୍ଡଭଣ୍ଡ । ଭାରତବାସୀର ଜୀବନ-ପ୍ରବାହ ମୂଳରେ ଜାତୀୟ ମହତ ପ୍ରେରଣା ନାହିଁ ଏବଂ ତାହାର ଲକ୍ଷ୍ୟ ସ୍ଥିରୀକୃତ ନୁହେ । ଏହା ବିସ୍ତୃତ ଭାବରେ ବୁଝାଇବାର ପ୍ରୟୋଜନ ନାହିଁ । ଏହା ଏତେ ସ୍ପଷ୍ଟ ଯେ ସାମାନ୍ୟ ଚିନ୍ତାଦ୍ୱାରା ମଧ୍ୟ ଅନାୟାସରେ ହୃଦୟଙ୍ଗମ କରି ହେବ ।

ଅନ୍ୟ ଦେଶ ଓ ଅନ୍ୟ ଜାତି ତୁଳନାରେ ଭାରତବାସୀ ଜାତୀୟ ପରାଭବ ସ୍ୱୀକାର କଲା କାହିଁକି ? ଏହାହିଁ ଜିଜ୍ଞାସ୍ୟ ଏବଂ ସେଥି ନିମନ୍ତେ ଏହି କ୍ଷୁଦ୍ର ପ୍ରବନ୍ଧର ଅବତାରଣା ।

ଭାରତବାସୀର କର୍ତ୍ତବ୍ୟ ନିର୍ଦ୍ଧାରଣ ନିମନ୍ତେ ପୂର୍ବକାଳର ବିଜ୍ଞ ବ୍ୟକ୍ତିମାନେ ଅନେକ ଗ୍ରନ୍ଥ ଲେଖି ଯାଇଅଛନ୍ତି, ଅନେକ ଉପଦେଶ ଦେଇ ଯାଇଅଛନ୍ତି । ସେ ସମସ୍ତ ପୁସ୍ତକ ଆମ୍ଭମାନଙ୍କର ଅନାୟାସ-ଲଭ୍ୟ ଏବଂ ପ୍ରାଚୀନ ଓ ନବ୍ୟ ବିଧି ବ୍ୟବସ୍ଥାର ତୁଳନା ଓ ଆଲୋଚନା ଆମ୍ଭମାନଙ୍କର ଇଚ୍ଛାଧୀନ ।

ହିନ୍ଦୁ ଦର୍ଶନରେ କର୍ମ-ଜିଜ୍ଞାସା, ଧର୍ମ-ଜିଜ୍ଞାସା ଓ ବ୍ରହ୍ମ-ଜିଜ୍ଞାସାର ବିସ୍ତର ଆଲୋଚନା ହୋଇଅଛି । ବ୍ରହ୍ମ ଜିଜ୍ଞାସା ସମ୍ବନ୍ଧେ ଆପାତତଃ ନୀରବ ରହିବା ଉଚିତ । କର୍ମ ଓ ଧର୍ମର ବ୍ୟାଖ୍ୟା ଏତେ ଜଟିଳ ଯେ ତାହା କ୍ଷୁଦ୍ର ପ୍ରବନ୍ଧରେ ବୁଝାଇବାକୁ ଚେଷ୍ଟା କରିବା ଦୁରାଶା ମାତ୍ର । ତଥାପି କହିବାକୁ ଗଲେ କର୍ମକୁ ତିନି ଭାଗରେ ବିଭକ୍ତ କରି ଯାଇଅଛି—ନିତ୍ୟ, ନୈମିତ୍ତିକ ଓ କାମ୍ୟ । ଏହା ଧର୍ମମୂଳକ ବିଭାଗ । ଭଗବଦ୍ଗୀତାର ତୃତୀୟ ଅଧ୍ୟାୟର ନାମାନ୍ତର କର୍ମଯୋଗ । ଏଥିରେ କର୍ମର ପ୍ରକାର ଭେଦ, କର୍ମଦ୍ୱାରା ଐହିକ ପାରତ୍ରିକ ହିତ ଲାଭ ଇତ୍ୟାଦି ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଅଛି । ଗ୍ରନ୍ଥକର୍ତ୍ତା ଉପନିଷଦ୍-ମତ ସମୂହର ପିଷ୍ଟପେଷଣ କରିଅଛନ୍ତି । ଏ ବୃହତ୍ ଆଲୋଚନାର ଶେଷ ମୀମାଂସା ଏହି ଯେ କର୍ମଦ୍ୱାରା ସ୍ୱର୍ଗ ଲାଭ ହୁଏ, ପୁଣି ସେହି କର୍ମଦ୍ୱାରା ନରକ ଦର୍ଶନ ହୁଏ ଏବଂ ସେହି କର୍ମଦ୍ୱାରା ମନୁଷ୍ୟ ପୁନଃ ପୁନଃ ଧରାଧାମରେ ଜନ୍ମ ଗ୍ରହଣ କରେ । ଏଥିରେ କର୍ତ୍ତବ୍ୟ ନିର୍ଦ୍ଧାରଣ ନିମନ୍ତେ ଗୁରୁ ଉପଦେଶ ହିଁ ପ୍ରଶସ୍ତ । ସର୍ବୋପରି ଭଗବତ୍ ଭକ୍ତି କର୍ମର ମୂଳ ଲକ୍ଷ୍ୟ ବୋଲି ମନୁଷ୍ୟ ମନରେ ଜାଗରିତ ହେବା ଉଚିତ । ଏହା ଦେଖିବାକୁ ଗଲେ କର୍ମ-ଜିଜ୍ଞାସା ଓ ଧର୍ମ-ଜିଜ୍ଞାସା ଉଭୟ ସମ୍ପୃକ୍ତ ।

ଧର୍ମ-ଜିଜ୍ଞାସା ସେହିପରି ଅନେକ ପୁସ୍ତକ ଲିଖିତ ହୋଇଅଛି । ସ୍ଥୂଳତଃ କହିବାକୁ ଗଲେ ଯେଉଁ କାର୍ଯ୍ୟ କଲେ ମନୁଷ୍ୟର ମଙ୍ଗଳ ହୁଏ, ତାହାର ନାମ ଧର୍ମ । ଧର୍ମ ଶବ୍ଦର ଅନେକ ଅର୍ଥ ଥିଲେ ମଧ୍ୟ ମୀମାଂସକଗଣ ଉକ୍ତ ଅର୍ଥରେ ଧର୍ମ ଶବ୍ଦର ତାତ୍ପର୍ଯ୍ୟ ଗ୍ରହଣ କରିଅଛନ୍ତି, ଏବଂ "ଚୋଦନା ଲକ୍ଷଣୋଽର୍ଥୋ ଧର୍ମଃ" ଏ ପ୍ରକାର ନିର୍ଦ୍ଦେଶ କରିଅଛନ୍ତି । ଅର୍ଥାତ୍ ଅପୌରୁଷେୟ ପ୍ରେରିତ ହୋଇ ଯେ ଯାଗାଦି କରାଯାଏ ତାହାକୁ ହିଁ ଧର୍ମ କହାଯାଏ । ପାଠକଙ୍କୁ ପ୍ରବୋଧ ଦେବାକୁ ଏବଂ ନିଜ ମତରେ ଲୋକମାନଙ୍କୁ ଆକୃଷ୍ଟ କରିବାକୁ ଭାଷ୍ୟକାରଗଣ ଅସଂଖ୍ୟ ସୂତ୍ର ଓ ଭାଷ୍ୟ ଲେଖିଲେ ମଧ୍ୟ ଗୁରୁଉପଦେଶ ଭିନ୍ନ ଧର୍ମ ସାଧନ ଯେ ହୋଇ ନ ପାରେ ଏହା ହିଁ ତ ମୂଳ ଲକ୍ଷ୍ୟ ? ଭାରତବାସୀ ଗୁରୂପଦେଶ ବିନା କର୍ମ କରି ନ ପାରେ, ଧର୍ମ କରି ନ ପାରେ ।

> ଆର୍ଷଂ ଧର୍ମୋପଦେଶଞ୍ଚ      ବେଦଶାସ୍ତ୍ରା ବିରୋଧିନା ।
> ଯସ୍ତର୍କେଣାନୁସନ୍ଧତ୍ତେ      ସ ଧର୍ମଂ ବେଦ ନେତରଃ ॥

ଆର୍ଯ୍ୟମାନଙ୍କର ଧର୍ମୋପଦେଶକୁ ବେଦ-ଶାସ୍ତ୍ର-ଅବିରୋଧୀ ତର୍କଦ୍ୱାରା ଯେ ଅନୁସନ୍ଧାନ କରେ ସେହି କେବଳ ଧର୍ମକୁ ଜାଣି ପାରେ; ଅନ୍ୟ ତାହା ଜାଣି ପାରେ ନାହିଁ । ଏଥିରୁ ସ୍ପଷ୍ଟ ଜଣାଗଲା ଯେ ଋଷିମାନେ ଯାହା କହି ଯାଇଅଛନ୍ତି ତାହା ବେଦବିରୋଧୀ ନୁହେ । କିମ୍ବା ଯେଉଁ ତର୍କ ବେଦବିରୋଧୀ ନୁହେ ସେପରି ତର୍କଦ୍ୱାରା ଋଷିମାନଙ୍କର ଉପଦେଶର ଆଲୋଚନା କରି ଯାଇପାରେ । ଭାରତବାସୀର ତର୍କର ନିୟାମକ ବେଦ ଓ ଋଷିବାକ୍ୟ । ଏହିଠାରୁ ଭାରତବାସୀର ସ୍ୱାଧୀନ ପ୍ରବୃତ୍ତି ପ୍ରତିହତ ।

ଉତ୍ଥାନୋନ୍ମୁଖ ଗୋଟିଏ ଜାତିର ଏତାଦୃଶ ସଂସ୍କାର ଓ ସ୍ଥିତିଶୀଳତା ଜନ୍ମ ହେଲା କିପରି, ଏହା ଭାବିଲେ ବିସ୍ମିତ ହେବାର କଥା । ଅନ୍ୟାନ୍ୟ ଜାତି ଯେପରି ନିଜର ଧର୍ମ-ଶାସ୍ତ୍ରକୁ ଈଶ୍ୱର ପ୍ରଦତ୍ତ ବୋଲି ଭାବିଲେ, ଭାରତବାସୀ ସେହିପରି ବେଦକୁ ଅପୌରୁଷେୟ ଓ



Digitized by srujanika@gmail.com

ନିଶ୍ଚିତ ବୋଲି ଭାବିଲେ । ଖ୍ରୀଷ୍ଟିଆନମାନେ ବାଇବଲ ବଚନକୁ ଯେପରି ସମ୍ମାନ କରନ୍ତି ହିନ୍ଦୁମାନେ ବେଦକୁ ତଦ୍ରୂପ ବା ତତୋଽଧିକ ସମ୍ମାନ କରନ୍ତି । ଖ୍ରୀଷ୍ଟ ଧର୍ମଯାଜକମାନେ ବାଇବଲ ଅଧ୍ୟୟନ କରିବାର ଓ ଆଲୋଚନା କରିବାର ସୁବିଧା ପାଇ ଅଛନ୍ତି, ହିନ୍ଦୁମାନେ ବେଦ ଅଧ୍ୟୟନ ସୁବିଧାରୁ ବଞ୍ଚିତ; କେବଳ ଆର୍ଯ୍ୟ ବା ଗୁରୁ ଉପଦେଶ ଅନୁସାରେ ବେଦକୁ ସମ୍ମାନ କରିବାକୁ ଶିକ୍ଷା କରିଅଛନ୍ତି । ଦ୍ୱିତୀୟତଃ ଆର୍ଯ୍ୟ ଋଷି ଓ ଆର୍ଯ୍ୟଗଣ ତ୍ରିକାଳଜ୍ଞ, ତ୍ରିକାଳଦର୍ଶୀ ଓ ଅତୀନ୍ଦ୍ରିୟ-ଗୋଚର ବୋଲି ପରବର୍ତ୍ତୀ ଶାସ୍ତ୍ର ଲେଖକମାନେ ଲେଖି ଯାଇଅଛନ୍ତି ଏବଂ ଏଥିରେ ପାଠକଙ୍କର ଅଟଳ ବିଶ୍ୱାସ ଏବଂ ଏହି ଅମୂଳକ ବିଶ୍ୱାସ ହେତୁରୁ ଏ ଜାତିର ଅଧୋଗତି ।

ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ତିନି ଗୋଟି କାଳ । ଭୂତ କାଳ ଅସୀମ, ଭବିଷ୍ୟତ କାଳ ଅସୀମ ବର୍ତ୍ତମାନ କାଳ ଉଭୟଙ୍କର ସନ୍ଧି-ସ୍ଥଳ ନଗଣ୍ୟ । ଭୂତ ଭବିଷ୍ୟତ କାଳର ତୁଳନାରେ ଉଭୟର ସନ୍ଧିସ୍ଥଳରେ ବର୍ତ୍ତମାନ କାଳର ଅସ୍ତିତ୍ୱ ରେଖା ବା ବିନ୍ଦୁର ଅସ୍ତିତ୍ୱ ପରି କାଳ୍ପନିକ ବୋଲି ଯାଇପାରେ ।

ପ୍ରତି ମୁହୂର୍ତ୍ତରେ ଭୂତକାଳ ବର୍ତ୍ତମାନକୁ ଆତ୍ମସାତ୍ କରୁଅଛି । ତାର ଅବ୍ୟବହିତ ନିକଟବର୍ତ୍ତୀ ଭବିଷ୍ୟତ୍‌କାଳଟିକ ମାତ୍ର ବର୍ତ୍ତମାନ ବୋଲି ପ୍ରତିଭାତ ହେଉଅଛି । ଏହା ମଧ୍ୟ ପ୍ରକାଶ କରି ଯାଇପାରେ ଯେ ବର୍ତ୍ତମାନକାଳ ଭବିଷ୍ୟତକୁ ଅନନ୍ତ ଭୂତକାଳରେ ପରିବର୍ତ୍ତିତ କରୁଅଛି ।

ତ୍ରିକାଳଜ୍ଞ ଅର୍ଥାତ୍ ଯେଉଁ ବ୍ୟକ୍ତି ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍‌କାଳ ତ୍ରୟର ବୃତ୍ତାନ୍ତ ଅବଗତ । କୌଣସି ଜାତିର କୋଡ଼ରେ ଏପରି ବ୍ୟକ୍ତି କେବେ ଜନ୍ମ ଗ୍ରହଣ କରି ସେହି ଜାତିର ମୁଖୋଜ୍ଜ୍ୱଳ କରିଅଛନ୍ତି କି ? ଏହା ଜାଣିବାକୁ ମନ ସ୍ୱଭାବତଃ ଉତ୍କଣ୍ଠା-ଯୁକ୍ତ ହୁଏ । ଆମ ଦେଶରେ ଅନେକ ତ୍ରିକାଳଜ୍ଞ ଜନ୍ମ ଗ୍ରହଣ କରି-ଥିଲେ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି । ବେଦକର୍ତ୍ତା ପକ୍ଷରେ ଅଜ୍ଞାତ ବୋଲି କିଛି ନ ଥିଲା । ସୃଷ୍ଟି ତାଙ୍କଠାରୁ ଆରମ୍ଭ, ତଥାପି ଏ ବିଶ୍ୱ ବ୍ରହ୍ମାଣ୍ଡ ଏମନ୍ତି କି ସୂର୍ଯ୍ୟ ଓ ପୃଥିବୀର ନିର୍ମାଣ ରହସ୍ୟ ମଧ୍ୟ ସେ ସ୍ପଷ୍ଟାକ୍ଷରରେ ବେଦରେ ପ୍ରକାଶ କରି ନାହାନ୍ତି । ପୃଥିବୀ ବେଦ-କର୍ତ୍ତାର ବାସସ୍ଥାନ ହୋଇଥିଲା କି ନା ତାହା ବର୍ତ୍ତମାନ ଆଲୋଚନାର ବାହାରେ । ତେବେ ପୃଥିବୀ ଯେ ମନୁଷ୍ୟର ବାସସ୍ଥାନ ଏଥିରେ ତ ସନ୍ଦେହ ନାହିଁ । କିନ୍ତୁ ମନୁଷ୍ୟର ବାସଯୋଗ୍ୟ ହେଲାବେଳେ ପୃଥିବୀର ଅବସ୍ଥା କିପରି ଥିଲା ତାହା ବେଦରେ ଦେଖାଯାଏ ନାହିଁ । ଏଥି ଉତ୍ତାରୁ ବେଦର ମନ୍ତ୍ର-ଦ୍ରଷ୍ଟାମାନେ, ଋଷିମାନେ—ବିଶ୍ୱବ୍ରହ୍ମାଣ୍ଡ କଥା ତେଣେ ଥାଉ—ପୃଥିବୀର ନିର୍ମାଣ କୌଶଳ ସମ୍ବନ୍ଧେ କିଛି ହିଁ ବ୍ୟକ୍ତ କରିବାକୁ କ୍ଷମ ହୋଇ ନାହାନ୍ତି । ବେଦ, ପୁରାଣ, ଉପନିଷଦ୍ ଓ ଦର୍ଶନ ଶାସ୍ତ୍ରରେ ସୃଷ୍ଟି ସମ୍ବନ୍ଧେ ପରସ୍ପର ବିରୋଧ ମତ ମଧ୍ୟ ଦେଖାଯାଏ । ଏହା ଦେଖିଲେ ପୂର୍ବର ଋଷିମାନଙ୍କୁ ତ୍ରିକାଳଜ୍ଞ ଓ ଅତୀନ୍ଦ୍ରିୟଗୋଚର ବୋଲି ବିଶ୍ୱାସ କରିଯାଇ ପାରିବ କି ?

ପୃଥିବୀ ଜୀବର ବାସଯୋଗ୍ୟ ଅଟେ । ମନୁଷ୍ୟ ଛଡ଼ା ଏ ଧରା ପୃଷ୍ଠରେ ଅସଂଖ୍ୟ ଜୀବ ଅତୀତକାଳରେ ବାସ କରୁଥିଲେ, ଏବେ ମଧ୍ୟ ବାସ କରୁଅଛନ୍ତି । ଦେଶଭେଦରେ ଜୀବଜନ୍ତୁର ଭେଦ ଦେଖାଯାଏ । ଆଫ୍ରିକା ଓ ଆମେରିକା ମହାଦେଶରେ ଏବଂ ଅଷ୍ଟ୍ରେଲିଆ ଦ୍ୱୀପରେ ବାସ କରୁଥିବା ଜୀବମାନେ ଆକାର ଓ ରୂପରେ ଭାରତୀୟ ଜୀବ-ମାନଙ୍କଠାରୁ ସମ୍ପୂର୍ଣ୍ଣ ପୃଥକ୍ । ଅତୀତକାଳରେ ବହୁ ଜୀବ ଜୀବନ ସଂଗ୍ରାମରେ ପ୍ରାଣ ଦେଇଅଛନ୍ତି । ଅଦ୍ୟାପି ଧରା ପୃଷ୍ଠରେ ସେମାନଙ୍କର ଅସ୍ଥି, କଙ୍କାଳ ଓ ଚର୍ମ ବିଦ୍ୟମାନ ଅଛି । ସେହି ଅତୀତକାଳର ଜୀବ ସମ୍ବନ୍ଧେ ଆମ୍ଭମାନଙ୍କର ମନ୍ତ୍ରଦ୍ରଷ୍ଟା ଓ ତ୍ରିକାଳଦର୍ଶୀମାନଙ୍କର ଜ୍ଞାନ କେତେଦୂର ତାହା ଜାଣିବା ନିମନ୍ତେ ବେଦ ଓ ବୈଦିକ ଗ୍ରନ୍ଥ-ମାନଙ୍କର ପୃଷ୍ଠା ଓଲଟାଇବାର ପ୍ରୟୋଜନ । ବେଦର ପଶୁ ତାଲିକାରୁ ଜଣାଯାଏ ଯେ ମନ୍ତ୍ରଦ୍ରଷ୍ଟାମାନଙ୍କୁ କେବଳ ଭାରତବର୍ଷର କେତେ ଗୋଟି ପଶୁର ନାମ ଜଣାଥିଲା । ମନୁଷ୍ୟର ଆବିର୍ଭାବ ପୂର୍ବରୁ ଯେ ଅତିକାୟ ଓ ଅଦ୍ଭୁତ ଜୀବମାନେ ଯଥା:—**Brontosaurus, Megalosaurus, Dimoxphodon, Maetodon** ଇତ୍ୟାଦି ଏ ଧରା ପୃଷ୍ଠରେ ବିଚରଣ କରୁଥିଲେ । ଏଥିର ନାମ ଗନ୍ଧ ବେଦ ପୁରାଣରେ ନାହିଁ । **Scolosaurus Cutteri** ପ୍ରକାଣ୍ଡ କୀଟଭୋଜୀ ଜୀବର କଙ୍କାଳ ୧୯୧୪ ରେ ଆବିଷ୍କୃତ ହୋଇଅଛି । ଜୀବିତା-ବସ୍ଥାରେ ଏହାର ଓଜନ ଆନୁମାନିକ ୫୪ ମହଣ, ଏହାର ଚର୍ମର କେତେକାଂଶ ମଧ୍ୟ ଅବିକୃତ ଅବସ୍ଥାରେ ମିଳିଅଛି । ପଣ୍ଡିତମାନେ ବିଚାର କରନ୍ତି ଯେ ଏହି ଜୀବ ୭,୫୦,୦୦,୦୦୦ ବର୍ଷ ପୂର୍ବରେ ଜୀବିତ ଥିଲା । ଏପରି ଜୀବର ଉଦରଜ୍ୱାଳା ନିବାରଣ ନିମନ୍ତେ ଅସଂଖ୍ୟ କୀଟର ପ୍ରୟୋଜନ । କାଳକ୍ରମେ କୀଟ ପତଙ୍ଗ ଦୁଷ୍ପ୍ରାପ୍ୟ ହେଲା । ଉପଯୁକ୍ତ ଆହାର ଅଭାବରୁ ଏ ଜୀବ ପ୍ରାଣ ହରାଇଲା । ଏ ଜୀବର ଅସ୍ତିତ୍ୱ ପ୍ରମାଣ କରିବାକୁ କଙ୍କାଳ ମାତ୍ର ଭୂସ୍ତରରେ ବିଦ୍ୟମାନ ଅଛି । ଏ ପ୍ରକାର ଅସଂଖ୍ୟ ଲୁପ୍ତ ଜୀବର ଜୀବନ-ଇତିହାସ ଭୂସ୍ତରରୁ ଅଧ୍ୟୟନ କରିବାର ସୁଯୋଗ ମିଳିଅଛି । ତ୍ରିକାଳଦର୍ଶୀ-ମାନେ ଅତୀତକାଳର ଏ ଜୀବ ସମ୍ବନ୍ଧେ ଅଜ୍ଞ ଥିଲେ କାହିଁକି ?

ଜ୍ୟୋତିଷିକ ରହସ୍ୟ ବର୍ତ୍ତମାନ ବିବର୍ତ୍ତନବାଦର ବୃହତ୍ ଅଧ୍ୟାୟ ଅଟେ । ନୀଳ ଆକାଶରେ ଏବେ ମଧ୍ୟ ସୂର୍ଯ୍ୟ ଓ ଗ୍ରହର ଭଙ୍ଗା ଗଢ଼ା ଲାଗିଛି । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ ନକ୍ଷତ୍ରମାନଙ୍କର ଆକାର ଆଲୋକ ଗତି ଓ ଦୂରତା ସମ୍ବନ୍ଧେ ତ୍ରିକାଳଜ୍ଞ ଓ ଅତୀନ୍ଦ୍ରିୟ-ଗୋଚରମାନେ କିଛି ହିଁ ଜାଣିଥିବାର ପରିଚୟ ଦେଇ ପାରି ନାହାନ୍ତି । ସେମାନଙ୍କର ଗବେଷଣା ଓ ଜ୍ଞାନ କାଳ୍ପନିକ ସ୍ୱର୍ଗ ନରକ ଏବଂ ପୃଥିବୀରେ ସୀମାବଦ୍ଧ । ଅଥଚ ଏହି ନିକଟତମ ବାସ୍ତବ ପୃଥିବୀ ସମ୍ବନ୍ଧରେ ବିଶେଷ ଗବେଷଣା କରି ତତ୍ତ୍ୱ ନିର୍ଦ୍ଧାରଣ କରିଥିବାର ଜଣା ପଡ଼େ ନାହିଁ । ଜଳଭାଗ କି ପୃଥିବୀରୁ ସ୍ୱତନ୍ତ୍ର ? ପୃଥିବୀ କି ମହାସାଗରରେ ଭାସମାନ ? ତଥାପି ତ୍ରିକାଳଜ୍ଞ ଋଷି ବା ବ୍ରହ୍ମା ବିରାଟରୂପୀ ବିଷ୍ଣୁଙ୍କୁ ସ୍ତୁତି କରୁଅଛନ୍ତି:

ଦଂଷ୍ଟ୍ରାଗ୍ରକୋଟ୍ୟା ଧରଣୀଭୃଷ୍ୟା ଧୃତା,
ବରାଜସେ ଭୂଧର ଭୂସଭୂଧରା ।
ଯଥା ବାନାନ୍ଦିସରତୋ ଦତା ଧୃତା,
ମତଙ୍ଗଜେନେବ ସପବ ପଦ୍ମିନୀ ।

'ସପବ ପଦ୍ମିନୀକୁ ଦନ୍ତରେ ଧାରଣ କରି ମତଙ୍ଗଜ ଜଳରୁ ବହିର୍ଗତ ହେଲା ବେଳେ ଯେପରି ଦୃଶ୍ୟ ହୁଏ ବରାହ ଦନ୍ତାଗ୍ରରେ ବନପର୍ବତ ସହିତ ଧରିତ୍ରୀକୁ ଧାରଣ କରି ବାହାରିଲା ବେଳେ ସେହିପରି ଦୃଶ୍ୟ ହୋଇଥିଲା । ଏହା ଶ୍ରୀମଦ୍‌ଭାଗବତର ବାକ୍ୟ । ବିଶ୍ୱାସ ଗୃଳଛ ଗୃଳବ । ଏହା କିନ୍ତୁ ଉପାଦେୟ କାବ୍ୟ ମାତ୍ର, ଏଥିରେ ତତ୍ତ୍ୱ କିଛି ନାହିଁ ।

ଶାସ୍ତ୍ରରେ ସ୍ୱର୍ଗ ଅଛି, ନରକ ଅଛି । ଅଧିକନ୍ତୁ ବୈକୁଣ୍ଠଧାମ ମଧ୍ୟ ଅଛି, କେହି ଦେଖିଥିବାର କୌଣସି ପ୍ରମାଣ ନାହିଁ ; ତଥାପି ବିଶ୍ୱାସ କରିବାକୁ ହେବ । ଯାହା ଋଷିମାନେ କହିଅଛନ୍ତି ତାହା ଏକମାତ୍ର ସତ୍ୟ ଓ ଧର୍ମ ହେଉ । କିନ୍ତୁ ବିଶ୍ୱପତି କି ଏତେ ଭାରତ-ପ୍ରିୟ ଯେ କେବଳ ଭାରତୀୟ ବୃକ୍ଷଲତା ପଶୁପକ୍ଷୀ ଫୁଲଫଳ ତାଙ୍କର ବୈକୁଣ୍ଠ ଧାମରେ ରହିଅଛନ୍ତି । ବୈଦେଶୀୟ କିଛିହିଁ ବୈକୁଣ୍ଠ ଧାମରେ ପ୍ରବେଶ ନିଷେଧ? ଭଗବତ ରୂପ 'ଗୋଇଡ୍ ବୁକ୍‌ରୁ' ଜଣାଯାଏ ବୈକୁଣ୍ଠରେ ପଦ୍ମିନୀ ମଣ୍ଡିତ ପୁଷ୍କରିଣୀ, ପୁଷ୍କରିଣୀରେ କୁମୁଦ, କହ୍ଲାର ଇତ୍ୟାଦି; ତଟରେ ଅଶୋକ, ଚୂତ, ଚମ୍ପକ, ନାଗେଶ୍ୱର, ପୁନ୍ନାଗ, ମଲ୍ଲୀ, ମାଳତୀ, ଭ୍ରମର ଗୁଞ୍ଜନ, ଝିଙ୍କାରୀ ଝଙ୍କାର, କୋକିଳର କୁହୁ ତାନରେ ପ୍ରମୋଦୋଦ୍ୟାନ ମୁଖରିତ । ପକ୍ୱ ଆମ୍ର, ପଣସ, କଦଳୀ, ଋଷିମାନଙ୍କର ଚକ୍ଷୁ, ରସନା ଓ ଉଦର ତୃପ୍ତିକର । ଗୀତବାଦ୍ୟ ବେଶ୍ୟା ନୃତ୍ୟ ହୃଦୟମ ଗୃଳଛ ଏବଂ ଲକ୍ଷ୍ମୀ ଦେବୀ ଭାରତୀୟ ଗୃହିଣୀ ପ୍ରଥା ଅବଲମ୍ବନ କରି ବୈକୁଣ୍ଠପତିଙ୍କର ପାଦ ମର୍ଦ୍ଦନରେ ବ୍ୟସ୍ତ । ବୈକୁଣ୍ଠପତି ମଧ୍ୟ ଲକ୍ଷ୍ମୀଙ୍କଦ୍ୱାରା ସୁପାଦ ମର୍ଦ୍ଦନ କରାଇ ଦୈନିକ ପରିଶ୍ରମଜନିତ ଶାରୀରିକ ପୀଡ଼ାରୁ ଅବ୍ୟାହତି ଲଭୁ ଅଛନ୍ତି । ବୈକୁଣ୍ଠରେ ବିଷ୍ଣୁଙ୍କ ପାଦସ୍ପର୍ଶ କରିବାର ଯୋଗ୍ୟତା କେହି ଅର୍ଜ୍ଜନ କରି ନାହିଁ । ସୁତରାଂ କେବଳ ପାଦ ମର୍ଦ୍ଦନ କର୍ତ୍ତବ୍ୟ କମ୍ବା ଗୃହକର ଲକ୍ଷ୍ମୀଙ୍କର । ଏ କଥା ଦେଖି ଋଷିବାକ୍ୟ ସତ୍ୟ ଓ ଧର୍ମ ବୋଲି ବିଶ୍ୱାସ କରିବା ବଡ଼ କଠିଣ ; ଘୋର ସାଧନାର ଦରକାର । ତ୍ରିକାଳ ମଧ୍ୟରୁ ଭୂତ କାଳର ପରୀକ୍ଷା କରିଥିଉ କରାଗଲା । ସଙ୍ଗେ ସଙ୍ଗେ ବର୍ତ୍ତମାନ ମଧ୍ୟ ଗଲା । ତ୍ରିକାଳଜ୍ଞମାନଙ୍କର ଭବିଷ୍ୟତ୍ ଜ୍ଞାନ ସମ୍ବନ୍ଧେ ସମାନ୍ୟ ଆଲୋଚନା କରାଯାଉ ।

ପଞ୍ଜିକା ଅନୁସାରେ କଳିକାଳର ଭୋଗ ବହୁ ବର୍ଷ । କୃଷ୍ଣ, ବ୍ୟାସ, ପରାଶର, ଭୃଗୁ ପ୍ରଭୃତିଙ୍କ ପ୍ରତି କଳିଯୁଗଟା ଭବିଷ୍ୟତ କାଳର ଅନ୍ତର୍ଭୂତ । ଏହି ମହାପୁରୁଷମାନେ ଏତାବତ୍ କାଳ ମଧ୍ୟରେ ଏ ପବିତ୍ର ଭାରତ ଭୂମିରେ ଯାହା ଘଟିବ ତାହା କଳ୍ପନା କରି ପାରିଥିଲେ କି ?

ଭୃଗୁପ୍ରଣୀତ ଧର୍ମ ଶାସ୍ତ୍ର—ଯାହାର ନାମ ମାନବ ଧର୍ମଶାସ୍ତ୍ର ବା ମନୁ—ତାହାଦ୍ୱାରା ଭାରତବାସୀର ଜୀବନଯାତ୍ରା ନିୟନ୍ତ୍ରିତ ବୋଇଲେ ଅତ୍ୟୁକ୍ତି ନୁହେ । ମନୁ ବା ଭୃଗୁ ଭବିଷ୍ୟତ୍ ଘଟଣାମାନ ସ୍ପଷ୍ଟରୂପେ ବୁଝି ପାରି ଶାସ୍ତ୍ର ଲେଖି ଥିବାର ପ୍ରମାଣ ଦେଇ ଅଛନ୍ତି କି ? ଭବିଷ୍ୟତ୍ କାଳ ତ ଅସୀମ, ତହିଁ ମଧ୍ୟରୁ ଏହି କେତେ ହଜାର ବର୍ଷ ଭିତରେ ତାଙ୍କର ବିଧି ବ୍ୟବସ୍ଥା ପାଳନକର୍ତ୍ତା ଭାରତ ସନ୍ତାନ-ମାନଙ୍କର ଯେ ଏ ଦୁର୍ଦ୍ଦଶା ହେବ ତାହା ସେ ବୁଝି ପାରିଲେ ନାହିଁ କାହିଁକି ? ତାଙ୍କର ବର୍ଣ୍ଣ ବିଭାଗ ରହିଲା ନାହିଁ, ତାଙ୍କର ବର୍ଣ୍ଣାଶ୍ରମ ବିଭାଗ ରହିଲା ନାହିଁ, ତାଙ୍କର ଅନୁଶାସନ ମାନିଲେ ନାହିଁ ଧର୍ମ, ରାଜା ଓ ବ୍ରାହ୍ମଣ—ଯିଏ ହେଲେ ଅଧଃପତନ ଜାତି ସମୂହର । ତ୍ରିକାଳଜ୍ଞଦର୍ଶିତାର ପରିଚୟ କି ଏହି ?

ଭଗବତ୍‌ଗୀତା ଯେ ବ୍ୟାସରଚିତ ନୁହେ ଏହା ଠିକ । ଗୀତାର ଶ୍ଲୋକଗୁଡ଼ିକ ଯେ କୃଷ୍ଣାର୍ଜ୍ଜୁନଙ୍କର ସଠିକ କଥୋପ-କଥନ (Verbatim) ନୁହେ ଏହା ମଧ୍ୟ ଠିକ । ଗୀତାରଚକ କୃଷ୍ଣାର୍ଜ୍ଜୁନ ମୁଖରେ ଆପଣାର ମତ ବ୍ୟକ୍ତ କରାଇ ଅଛନ୍ତି ମାତ୍ର । ସେ ଯାହା ହେଉ କୃଷ୍ଣ ଯେ ଅର୍ଜ୍ଜୁନଙ୍କୁ ଯୁଦ୍ଧ କରିବାକୁ ପ୍ରବୃତ୍ତ ଦେଇ କୁରୁକ୍ଷେତ୍ରରେ ମହାଯୁଦ୍ଧର ଅନୁଷ୍ଠାନ କଲେ, ତାହାର ପ୍ରତିଷ୍ଠା କେଉଁଠାରେ ? ଭାରତବାସୀ ଏହି ମହାହବର କେଉଁ ସୁଫଳ ପାଇଲେ ? ଭଗବଦ୍‌ଭକ୍ତ ଓ ଗୁରୁଭକ୍ତରେ କଣ ଏହି ମହା ଯୁଦ୍ଧର ପ୍ରତିଷ୍ଠା ? ଯୁଦ୍ଧ ଆରମ୍ଭ ହେଲା, ଯୁଦ୍ଧ ଶେଷ ହେଲା । ମହାଭାରତ ମହାକାବ୍ୟ ଲିଖିତ ହେଲା । ଲୋକେ ବିଶ୍ୱାସ କଲେ, ଯାହା ଋଷିମାନେ କହି ଅଛନ୍ତି ତାହା ସତ୍ୟ ଓ ଧର୍ମ ।

କୃଷ୍ଣ କହିଲେ ମୁଁ ଯେବେ କର୍ମ ନ କରେଁ "ମମ ବର୍ତ୍ମାନୁ-ବର୍ତ୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ" । ଭାରତର ପୁଅମାନଙ୍କ ନିମନ୍ତେ କୃଷ୍ଣ କେଉଁ କର୍ମ ପନ୍ଥା ( ଯେଉଁ ପନ୍ଥାଦ୍ୱାରା ଜାତି ଜୀବନ-ସଂଗ୍ରାମରେ ଜୟୀ ହୁଏ ) ଥୋଇ ଗଲେ ? ଜଣା ଯାଉ ନାହିଁ । ତାହା ଛଡ଼ା ଭବିଷ୍ୟତ୍ ଭାରତ ସନ୍ତାନମାନଙ୍କର ମତି ଗତିର ଅଭ୍ୟନ୍ତରିକ ଆଲୋଚନା କୃଷ୍ଣ ତ କରି ପାରି ନ ଥିଲେ । ଏ ଜାତି ତାଙ୍କର ପଥାନୁବର୍ତ୍ତୀ ହେବେ କଣ ତାଙ୍କୁ କାଳନିକ ରାଧା ପ୍ରେମରେ ଲମ୍ପଟ କରାଇ ଦେଲେ । କୃଷ୍ଣ ଯେବେ ତାଙ୍କର ନିକଟ ଭବିଷ୍ୟତର ଏ କଥା ବୁଝି ପାରିଲେ ନାହିଁ, ତେବେ ସେ ଭାରତର କି ଭାଗ୍ୟ ବିଧାତା ?

ମୋର ଏ ପ୍ରବନ୍ଧ ଲେଖିବାର ଉଦ୍ଦେଶ୍ୟ ଯେ ପ୍ରାଚୀନ ଶାସ୍ତ୍ରର ନିନ୍ଦା ଏବଂ ମହାଜନ ନିନ୍ଦା, ତାହା ନୁହେ । ତେବେ ଏହା ସତ୍ୟ ଯେ ଏ ଦେଶରେ କୌଣସି ତ୍ରିକାଳଜ୍ଞ କେବେ ଜନ୍ମ ହୋଇ ନ ଥିଲେ । ଅତୀନ୍ଦ୍ରିୟଗୋଚର ମଧ୍ୟ କେହି ନ ଥିଲେ । ଜ୍ଞାନବାନ, ବୁଦ୍ଧିମାନ, ପଣ୍ଡିତ, କବି, ମନୀଷୀ ଅନେକେ ଏ ଦେଶରେ ଜନ୍ମଗ୍ରହଣ କରି ଏ ଦେଶର ମୁଖୋଜ୍ଜ୍ୱଳ କରି ଥିଲେ ମାତ୍ର । ସେମାନଙ୍କ ମଧ୍ୟରୁ



ଚ

Digitized by srujanika@gmail.com

କେହି ତ୍ରିକାଳଜ୍ଞ ବା ଅତୀନ୍ଦ୍ରିୟ-ଗୋଚର ନ ଥିଲେ ।

ଋଷି ବାକ୍ୟ ସତ୍ୟ ଓ ଧର୍ମ ଏହା ଏ ଜାତିର ଉନ୍ନତି ପଥର ଅନ୍ତରାୟ । ଯାଗ ଯଜ୍ଞ, ତପସ୍ୟା ଓ ସନ୍ନ୍ୟାସଦ୍ୱାରା ବ୍ୟକ୍ତିବିଶେଷର ଆଧ୍ୟାତ୍ମିକ ଉନ୍ନତି ବା କଳ୍ପିତ ସ୍ୱର୍ଗ-ଗତି ହୋଇପାରେ ମାତ୍ର ଏଥିରେ ଜନସାଧାରଣର ଉପକାର ନାହିଁ । ଶାସ୍ତ୍ରବିହିତ ଉପରୋକ୍ତ କର୍ମ ସ୍ୱାର୍ଥ-ଶୂନ୍ୟ ମଧ୍ୟ ନୁହେ । ଶାସ୍ତ୍ରକର୍ତ୍ତାଙ୍କ ଏହି ପନ୍ଥାରେ ଲୋକେ ପ୍ରେରଣା ପାଇ ସାଂସାରିକ କର୍ତ୍ତବ୍ୟ କର୍ମରେ ଅଳ୍ପ ମନୋନିବେଶ କଲେ; ସୁତରାଂ ଦେଶର ଅବନତି । ତନ୍ନ ତନ୍ନ କରି ଏହା ଲେଖିବାକୁ ଗଲେ ଏ ବିଷୟ ଗୋଟାଏ ବୃହତ୍ ପୁସ୍ତକରେ ମଧ୍ୟ ଶେଷ ହେବ ନାହିଁ ।

ମୋର ମୁଖ୍ୟ ଉଦ୍ଦେଶ୍ୟ ଜିଜ୍ଞାସା । ହଜାର ହଜାର ବର୍ଷ ଅତିବାହିତ ହେଲା, ହିନ୍ଦୁ ସେହି ପନ୍ଥାରେ ଚାଲିଛନ୍ତି । ନୂତନ ପନ୍ଥା ଆବିଷ୍କାରର ବାସନା କାହାରି ନାହିଁ । ଏ ବିଂଶଶତାବ୍ଦୀରେ ମଧ୍ୟ ତାହିର ଇଙ୍ଗିତ ଦୃଷ୍ଟିଗୋଚର ହୁଏ ନାହିଁ । ଦେଶ ପରଶାସିତ; ଏହା ବୋଲି କଣ ଆତ୍ମଶାସନ, ସମାଜଶାସନ ଭାରତବାସୀ ସ୍ୱେଚ୍ଛାରେ କରିବାରେ ବାଧା ଅଛି ? ପୂର୍ବ ଋଷିମାନେ କାଳୋଚିତ ବିଧିବ୍ୟବସ୍ଥା କରିଥିଲେ । ତାଙ୍କୁ ଯାହା ଭଲ ବର୍ତ୍ତମାନ ଆମ ପକ୍ଷରେ ମଧ୍ୟ ତାହା ଭଲ ବୋଲି କହିବା ମୂଢ଼ତା ଭିନ୍ନ ଆଉ କଣ ବୋଲି ଯାଇପାରେ । ମନୁ ପରାଶର କି କେବଳ ନିର୍ଦ୍ଧନ, ମୂର୍ଖ ଓ ବ୍ରାହ୍ମଣ କ୍ଷତ୍ରିୟେତର ଜାତିଙ୍କ ପାଇଁ ରଚିତ ? ବିଂଶ ଶତାବ୍ଦୀର ଉଚ୍ଚମାନେ ଓ ଉଚ୍ଚଶିକ୍ଷିତମାନେ ବର୍ଜ୍ଜିତ ବିଧିର ସୁଫଳ ଭୋଗ କରନ୍ତି । ଅଶିକ୍ଷିତମାନେ ନତମସ୍ତକରେ ଦଣ୍ଡ ସ୍ୱୀକାର କରନ୍ତି ।

ଋଷି ବଚନ ସତ୍ୟ ଓ ଧର୍ମ—ଏହା ଅକାଟ୍ୟ ସତ୍ୟ ବୋଲି ଶିକ୍ଷିତମାନଙ୍କର ବିଶ୍ୱାସ ନାହିଁ କିନ୍ତୁ ତାହା ପ୍ରକାଶ କରିବାକୁ କାହାରି ସାହସ ନାହିଁ । ଯାହା ଅଛି ତାହା ଥାଉ—ଏ ବିଶ୍ୱାସ ଏ ଦେଶବାସୀ କେବେ ତ୍ୟାଗ କରିବେ ? ମୂର୍ଖମାନେ ସର୍ବଦା ମୂର୍ଖ ହୋଇଥାଉନ୍ତୁ ଏ ନୀତି ଗୀତା କହିଯାଇଅଛନ୍ତି ।

ନ ଭେଦବୁଦ୍ଧିଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାଂ ।

ଅଜ୍ଞାନକୁ ଜ୍ଞାନ ଦେଲେ ସ୍ୱାର୍ଥରେ ବାଧା ଘଟିବ ।

ଏ ଜିଜ୍ଞାସାର କେହି ମୀମାଂସା କରିବେ କି ? ନା, ଲକ୍ଷ୍ୟଭ୍ରଷ୍ଟ ହୋଇ ଚାଲିଥିବା ?

# ତୁମେ କି ସତେ ପାଷାଣ ହେଲ !

**ଶ୍ରୀ ଗୋଦାବରୀଶ ମହାପାତ୍ର**

—ଏକ—

ନଗରର ଶିରି-ପ୍ରଶିରି ଗଳିଗୁଡ଼ାକ କମଳର ଖୁବ୍ ପରିଚିତ । କମଳ ଯାଏ ଗଳି ଉପଗଳି ପ୍ରତ୍ୟେକ ଦୁଆରକୁ । ମାତ୍ର ସେ କେଉଁଠୁ ମଧୁ ଟିକିଏ ତ ପାଏ ନାହିଁ, କାହା ମୁହଁରୁ ମଧୁର ବଚନ ପଦେ ସୁଦ୍ଧା ଶୁଣେ ନାହିଁ । ତାକୁ ଦେଖି କିଏ ଆଖି ତରାଟି ମୁହଁ ବୁଲେଇ ଦିଏ, କିଏ ଦେଖି ନ ଦେଖିଲା ପରି ଠିଆ ହୁଏ, କିଏ ପାଣି ଫିଙ୍ଗେ, କିଏ ବା ଧୂଳିମାଟି ଫିଙ୍ଗି ତା ସହିତ ନିଷ୍ଠୁର କୌତୁକ କରେ । ତଥାପି ସେ ଯାଏ—ପ୍ରତ୍ୟେକ ଦୁଆରେ ଠିଆ ହୁଏ, ପ୍ରତ୍ୟେକ ଦୁଆରୁ କିଛି ନା କିଛି ପାଏ—ଗାଳି ହେଉ, ମାଡ଼ ହେଉ ବା ଅତି ବେଶୀ ଖୁଦ ମୁଠେ ହେଉ ।

କେବେ ଦ୍ୱାପର ଯୁଗରେ ସୁଦାମା ଥିଲା ବଡ଼ ଦରିଦ୍ର । ଏତେ ବଡ଼ ଯୁଗ !—କେତେ ହଜାର ବର୍ଷ ହୋଇଥିବ କିଏ କହିବ ? ସେହି ବିରାଟ କାଳ ସମୁଦ୍ର ଭିତରେ ଜଣେ ମାତ୍ର ବାହାରିଲା ଦରିଦ୍ର ! ପୁରାଣ ତା କାହାଣୀ ବୁକୁରେ ବହିଲା; ଭଗବାନ ଶ୍ରୀକୃଷ୍ଣ ତାର ସାଥି ହେଲେ । ଦ୍ୱାପର ଯୁଗର ମହାଭାରତ ଯୁଦ୍ଧଠାରୁ ଏହି ଦରିଦ୍ର ସୁଦାମାର କାହାଣୀ ବଡ଼ ରହସ୍ୟମୟ !

କିନ୍ତୁ ଏ କଳିଯୁଗରେ—ବିଂଶ ଶତାବ୍ଦୀର ପ୍ରଥମ ପାଦର ଠିକ୍ ପରବର୍ତ୍ତୀ ପୁରୀ ସହର ଭିତରେ କମଳ ଯାହା କଲା ସେ କଥା ଦ୍ୱାପରର ମହାଭାରତରେ ନ ହେଲେ ମଧ୍ୟ ଏ କାଳ ଓଡ଼ିଶାର ଐତିହାସିକମାନଙ୍କ ଗବେଷଣା ଖାତାରେ ନିଶ୍ଚୟ ସ୍ଥାନ ପାଇ ପାରିବ !

—ଦୁଇ—

କମଳ କେବେ ତାର ଭିକାରି ଝୁଲି ଧରି ପୁରୀ ବଡ଼ଦାଣ୍ଡରେ ପହଞ୍ଚିଲା ଏ କଥା ଯାତ୍ରୀପ୍ରିୟ ପଣ୍ଡା ପଡ଼ିଆରୀ ଜାଣିବାର କିଛି କାରଣ ନାହିଁ, ପ୍ରାସାଦ-ବାସୀ ମଠମହନ୍ତ ବୁଝିବାର ଉପାୟ ନାହିଁ ବା ବ୍ୟବସ୍ଥାଦାତା ପଣ୍ଡିତଗଣ ଜାଣିବାର ଅବସର ନାହିଁ । ଏ କଥା କେବଳ ଜାଣେ ଗୋଟିଏ ଛୋଟିଆ ରୁଟି ଦୋକାନର ମାଲିକ—ନାଥ !

ଦିନେ ସନ୍ଧ୍ୟାବେଳେ—ମନ୍ଦିର ଭିତରେ ଯେତେବେଳେ ସନ୍ଧ୍ୟା ଧୂପ ଉଠିଲା, ନୀଳଚକ୍ର ଉପରେ ଯେତେବେଳେ ପତାକା ଉଡ଼ା ଗଲା, ଭକ୍ତର କରତାଳରୋଳ ଯେତେବେଳେ ମହୋଦଧିର ମହା ସଙ୍ଗୀତକୁ ଚାପି ଉଠିଲା, ସେତିକିବେଳେ କମଳ ନାଥର ଦୋକାନ ଦୁଆରେ ଠିଆ ହୋଇ ପଚାରିଲା,—"ଏଇଠି କଣ ବାଟ ସରି ଯାଇଛି ?"

ନାଥ କମଳର କଥା କିଛି ବୁଝି ପାରିଲା ନାହିଁ । ପଚାରିଲା—"କୁଆଡ଼େ ? ଦେଉଳକୁ ?"



Digitized by srujanika@gmail.com

କମଳର ଶ୍ରମକ୍ଳାନ୍ତ ଶରୀରଟା ବଡ଼ଦାଣ୍ଡର ସେହି ନାଲି ଧୂଳି ଉପରେ ତଳି ପଡ଼ିଲା । ଆଉ ସେ କଥା କହି ପାରିଲା ନାହିଁ । ଦେଖି ଦେଖି କାହୁଁ ପାଞ୍ଚ ଜଣ ଆସି ପାଖରେ ଠିଆହେଲେ । କିଏ କେତେ କଥା କହିଲେ । କେତେ ପ୍ରକାରେ କିଏ ଡାକିଲେ । କାହାର କଥା ତା କାନକୁ ଶୁଭିଲା ନାହିଁ ।

ସହରର ଜନ ସଂଖ୍ୟାରେ ଏହି ଯେ ଗୋଟିଏ ଲୋକ ବୃଦ୍ଧି ହେଲା ଏଥିରେ କାହାର ଆନନ୍ଦର କାରଣ ନାହିଁ । ବରଂ ଦୁଃଖ କରିବା ପାଇଁ ବହୁତ କାରଣ ଅଛି । ଭିକାରୁଣୀ ଯେ ଭିକ ମାଗିବ, ଦ୍ୱାରେ ଦ୍ୱାରେ ବୁଲିବ, ବାଟେ ଘାଟେ ଲୋକଙ୍କୁ ଅଟକାଇ ହାତ ପାତିବ—ସହରବାସୀ ଏ କଥା ପସନ୍ଦ କରିବା କଥା ନୁହେ । ତେଣୁ ତାର ଏ ଆଗମନ ଉପଲକ୍ଷ୍ୟରେ ସିଂହଦ୍ୱାରରେ ସଭା ହେଲା ନାହିଁ କି କାହା ଘରେ ଅଧିକା ଦୀପଟିଏ ଜଳିଲା ନାହିଁ । ତା ନାଁରେ ଚାନ୍ଦା ଅସୁଲ ହେଲା ନାହିଁ କି ତା କଥାକୁ ସମର୍ଥନ କରାଯାଇ ତାଳି ମରାଗଲା ନାହିଁ । କେବଳ ଏତିକି ହେଲା, ତାର ନାମକରଣ ହେଲା 'ପାଗଳୀ' ! ସମାଜର ଗତିବେଗରେ ଭାସି ଆସି ପୁରୀ ଜନ-ସମୁଦ୍ର କୂଳରେ ଲାଗିଥିବା ବହୁ ପାଗଳଙ୍କ ଭିତରେ ସେ ହେଲା ଜଣେ ବଡ଼ ପାଗଳୀ । ତାକୁ ପୁରୀର ପାଗଳୀକୁଳ-ହୀରା କହିଲେ ଚଳିବ ।

—ତିନି—

ପାଗଳୀ କମଳା ଯେତେବେଳେ ଟିକିଏ ଥଣ୍ଡା ପବନ ପାଇ ଆଖି ଫିଟାଇଲା, ଦେଖିଲା ବଡ଼ଦାଣ୍ଡଟା ବନ୍ୟାଧୌତ କାକଟପୁରର ବାଲି ଗର୍ଭର ପରି ଖାଲି ପେଟ ଦେଖାଇ ପଡ଼ିଛି । ତାହାରି ଭିତରେ ଥାଇ ସେ କାହାକୁ ଲକ୍ଷ୍ୟ କରି ପୁଣି ପଚାରିଲା—"ବାଟ କାହିଁ ?"

ନାଥ ଦୋକାନ ବନ୍ଦ କରିବାକୁ ଯାଉଥିଲା । ଏ ପ୍ରଶ୍ନ ଶୁଣି ଟିକିଏ ଆଶ୍ଚର୍ଯ୍ୟ ହୋଇ ପଚାରିଲା—

"କିଲୋ ପାଗଳି, କୁଆଡ଼େ ଯିବୁ ?"

"ଦିଅଁଙ୍କ ପାଖକୁ ... ..."

"ଦେଉଳ ଦୁଆର ପଡ଼ି ଗଲାଣି । କାଲି ସକାଳେ ଫିଟିବ ।"

"ଆହା ! ଆହୁରି କାଲି ସକାଳକୁ ?" ଏହା କହି ଏକ ଦୀର୍ଘ ନିଶ୍ୱାସ ସେ ଛାଡ଼ିଲା । ନାଥ ତା ଦୋକାନରେ ବଳକା ଥିବା ଖଣ୍ଡେ ରୁଟିରେ ପୋଛିପୋଛି ତରକାରୀ ମେଞ୍ଚାଏ ଧରି ତାକୁ କହିଲା—

"ଧର୍, ନେ—ଖା । ପାଗଳୀଟା, କୁଆଡ଼ୁ ଆସିଲୁ ?"

"ଆସିଲି ଗାଁରୁ"—କହି କମଳା ସେ ଖଣ୍ଡିକ ଧରି ଏକା ନିଃଶ୍ୱାସରେ ଖାଇବାକୁ ଲାଗିଲା । କେତେ ଯୁଗରୁ ଯେ ସେ ଭୋକିଲା ଥିଲା ତାହା ତାର ଖାଇବା ଢଙ୍ଗରୁ ଜଣା ପଡୁଥିଲା । ନାଥ ସେହି ଅଧ ରାତିରେ ତାହାର ଆଗରେ ଠିଆ ହୋଇ ସେ ଦୃଶ୍ୟ କେବଳ ନୀରବରେ ଦେଖିଲା ।

ଏହି ହେଉଛି ନାଥ ସହିତ କମଳର ପ୍ରଥମ ପରିଚୟ । ସେହି ଦିନଠୁ କମଳା ପ୍ରତି ଦିନ ସନ୍ଧ୍ୟା ବେଳକୁ ନାଥ ଦୁଆରେ ଆସି ହାଜର ହୁଏ; ମନ ମୁତାବକ କଣ କେତେ କଥା କହେ । କେବେ ଖାଏ, କେବେ ନ ଖାଏ, କେଉଁଠି ଶୁଏ—ନାଥ ଛଡ଼ା କେହି ତାର ଖୋଜଖବର ରଖନ୍ତି ନାହିଁ ।

କମଳା ପ୍ରତିଦିନ ସକାଳୁ ଉଠି ଯାଏ ଭିକ ମାଗି । ମାତ୍ର ସେ ଭିକ ମାଗିଲା ପରି ଚାହେଁ ନାହିଁ । ଏ ଗଳିରୁ ସେ ଗଳି, ଏ ଦୁଆରରୁ ସେ ଦୁଆର ବୁଲି ବୁଲି କେବଳ ସ୍ତ୍ରୀ ମୁହଁକୁ ତା ମୁହଁ ବଲବଲ କରି ଚାହିଁରହେ । ତାକୁ ଦେଖି କିଏ ହସିଦିଏ, କିଏ କଣ ପଚାରିଦିଏ, କିଏ ବା ହାତ ଟେକି ପଇସେ ଅଧଲେ ଦିଏ । ତାହା ଛଡ଼ା ଅଇଁଠା ପତ୍ର ଯେଉଁଠି ପଡ଼େ, ବେଳେ ବେଳେ ସେଇଠି ତାର ଆସନ ଜମେ ।

—ଚାରି—

ସମସ୍ତେ ଦେଖନ୍ତି କମଳା ସବୁ କରେ, ମାତ୍ର ଭିକାରୁଣୀ ମେଳରେ ବସେ ନାହିଁ । ଯେବେ କେହି ଭିକାରୁଣୀ ଦୁଃଖ ହତାଶରେ ଡାକ ପକାଏ—"ପ୍ରଭୁ ହେ, କାହିଁ ଅଛ," କମଳା ହସି ଦିଏ । ତାକୁ ପଚାରେ—ତୋର ପ୍ରଭୁ କେଉଁଠି କି ଲୋ ?"

ସେ ରାଗି ଯାଇ ଉତ୍ତର ଦିଏ—"ଅମୁହାଁଳୀଟା, ତତେ କଣ ଏଇ ଦେଉଳ ଦିଶୁ ନାହିଁ କି ଲୋ ?"

କମଳର ଆହୁରି ହସ ବାହାରେ । ସେ ନାଚି କୁଦି କହେ—"ସତେ ! ଦେଉଳରେ ପ୍ରଭୁ ଅଛନ୍ତି ? ସେ କଣ ତମ ଡାକ କେବେ ଶୁଣନ୍ତି ?"

ସେ ଭିକାରୁଣୀ ଆହୁରି ପାଟି କରି ବକେ—"ଅଲୋ ନିଅଂଶୀ ଘରର ପିଲା, ତୋ ଦିଅଁ କଣ ଦାଣ୍ଡରେ ବାଟରେ ଘାଟରେ ?"

କମଳା କହେ—"ହଁ, ହଁ, ଠିକ୍ କଥା କହିଚୁ, ଠିକ୍ କଥା । ମୋର ଦିଅଁ ଏହି ଦାଣ୍ଡରେ କେଉଁଠି···ମୁଁ ପରା ନିତି ସକାଳୁ ଉଠି ବେଳ ବୁଡ଼ ଯାଏ ମୋର ଦିଅଁଙ୍କୁ ଖୋଜୁଛି !"

ସେ ମୁହଁକୁ ମୋଡ଼ି କହେ—"ଖୋଜୁଥା ଲୋ, ଅମୁହାଁଳୀ, ଖୋଜୁଥା । ଲାଜ ନାହିଁ !!"

କମଳା ହସି ହସି, ତାର ଝିଙ୍କୁଟିଆ ମୁଣ୍ଡକୁ ହଲେଇ ହଲେଇ ସେଠୁ ଧାଇଁ ଚାଲିଯାଏ । ଯେଉଁଠି ଲୋକ ଗହଳି ବେଶୀ ତାରି ଭିତରେ ଠିଆ ହୋଇ ଗୋଟି ଗୋଟି କରି ସମସ୍ତଙ୍କ ମୁହଁକୁ ଚାହେଁ । ଲୋକେ ପାଗଳୀ ପାଗଳୀ କହି ସେଠୁ ଛାଡ଼ି ପଳାନ୍ତି । ପାଗଳୀ କହେ—"ନାଇଁ, ମୋ ଦିଅଁ ନାହାନ୍ତି ଏଠି, ନାହାନ୍ତି ଏଠି !"

ଦିନେ ନୁହେ, ମାସେ ନୁହେ, ଦୁଇ ବର୍ଷ କାଳ ପାଗଳୀ କମଳା ପୁରୀ ସହର ଭିତରେ ଏହିପରି ତାର ଦିଅଁ ଖୋଜିବାରେ ଲାଗିଲା । ଏ କଥା ସେ ଚାରିଆଡ଼େ ଡାକି ବଜେଇ କହିଲା । ଯେ ଶୁଣିଲା ସେ ହସିଲା ! ଲୋକେ କି ଦିଅଁ ଖୋଜନ୍ତି ? ବଡ଼ ବଡ଼ ପଣ୍ଡିତେ ମଧ୍ୟ ଏ କଥା ଶୁଣି ହସିଲେ । ଯେ ଦେଖିଲା ଥଟା ଟାହିଲୀ କରି କଥାକୁ ଉଡ଼େଇ ଦେଲା ।

ଦିନେ ନାଥ ପଚାରିଲା—"ହଇଲୋ ପାଗଳି, ତୁ କଣ ସତେ ପାଗଳୀ ?"



Digitized by srujanika@gmail.com

"ନା – ନା, ମୁଁ କାଇଁକି ପାଗଲୀ ହୁଅନ୍ତି···?"

"ତାହାହେଲେ ତୁ ଆଉ କେଉଁ ଦିଅଁକୁ ଖୋଜୁଛୁ ?"

ପାଗଲୀ ଖୁବ୍ ଆଗ୍ରହରେ କହିଲା—"ମୋ ଦିଅଁଙ୍କୁ ।"

ନାଥକୁ ବଡ଼ କୌତୁହଳ ବୋଧ ହେଲା । ପଚାରିଲା—"ତୋ ଦିଅଁ କଣ ଅଲଗା ଗୋଟାଏ ? ଦିଅଁ ତ ଦେଉଳରେ, ଆଉ କଣ ସେ ବାଟରେ ଘାଟରେ ପଡ଼ିଛନ୍ତି ଯେ ଖୋଜୁଛୁ ?"

ନାଥର କଥା ପାଗଲୀ ମନକୁ ଆଦୌ ପାଇଲା ନାହିଁ । ସେ ହସି ହସି ଭିଜାପଡ଼ି କହିଲା—"ଦେଉଳର ଦିଅଁ କଣ ବାଟ ଘାଟରେ ବୁଲି ପାରିବେ କି ? ମୋ ଦିଅଁଙ୍କୁ ମୁଁ ବାଟ ଘାଟ ସବୁ ଆଡ଼େ ବୁଲିବାର ଦେଖିଛି । ମୋ ଘରକୁ ସେ ଯିବାର ମୋ ନିଜ ଆଖିରେ ଦେଖିଛି । ଆଉ ... ଦେଉଳର ଦିଅଁ ... "

ନାଥର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ବିଚାରିଲା, ପାଗଲୀକି ଯେତିକି ପଚାରିବ ତାର ପାଗଲାମୀ ସେତିକି ବଢ଼ିବ । ଏ ସବୁ କଥା ଯାହାର ପାଗଲାମୀ ଛଡ଼ା ଆଉ କିଛି ନୁହେଁ ।

—ପାଞ୍ଚ—

ଦିନେ କମଳାର ପାଗଲାମୀ ବେଶୀ ବଢ଼ିଲା । ସେ ଖଣ୍ଡିଆ ଭୂତ ପରି କୁଆଡ଼ୁ ଧାଇଁ ଆସି ନାଥକୁ କହିଲା—" ଦେଖିଲ ... ମୋ'ର ଦିଅଁଙ୍କୁ ଏତେ ଦିନକେ ଦେଖିଲି । ଏ ଦୁଃଖ ଦେଖି ଦେଖି ମୋ ଦିଅଁ ପଥର ପାଲଟି ଯାଇଛନ୍ତି ! ଅହା, ଆଉ ପଦେ ହେଲେ ସେ ମୁହଁରୁ ଶୁଣି ଥାନ୍ତି !"

ନାଥ ଅବାକ୍ ହୋଇ ତା ମୁହଁକୁ ବଲ ବଲ କରି ଚାହିଁ ରହିଲା । କେତେ କଣ ଭାବି କିଛି ସମୟ ପରେ ପଚାରିଲା—"ହଇଲୋ ପାଗଲି ! ତୋର ଦେବତା କିଏ ଲୋ ?"

"କିଏ ? ତମେ କାଇଁକି ଜାଣିବ ? ତମେ ଏଠି ଅଛ ସହରରେ । ଦୁଃଖ କଣ ବୁଝୁନ । ଓଳିକେ ତିନି ତିନି ଥର ଖାଉଚ । ଗୋଡ଼ ହାତରେ ମଳି ଧୂଳି ଲାଗୁ ନି । ମାତ୍ର ଆମ କଥା ତ ତମେ ଥରେ ହେଲେ ଦେଖି ନାହଁ । ତମେ କାହୁଁ ଜାଣିବ କଣ ଦୁଃଖ ... !"

ନାଥ ଆଉ ଧୈର୍ଯ୍ୟ ଧରି ନ ପାରି ପଚାରିଲା—"ହେଲା, ତୋ କଥା ମାନିଲି । ତୋ ଦିଅଁ କଥା କଣ ହେଲା କହ ?"

"କହୁଛି ପରା ସେଇ କଥା । ସେ ଦିନକୁ ଆମର ଏଗାର ଦିନ ଉପାସ । ସମସ୍ତେ ସେତେବେଳକୁ ଆଖି ବୁଜି ଚାଲି ଯାଇଥିଲେ । କାହାକୁ ପୋଡ଼ା ହେଲା ନାହିଁ । ସମସ୍ତେ ଫିଙ୍ଗା ହେଲେ । ଅହା ମୋର ··· ଅନ୍ଧର ମାଣିକ ବଇରି ... !!"

ପାଗଲୀ ଟିକିଏ ଥକି ଗଲା; ତା ପରେ ସେହି ସ୍ୱରରେ କହିଲା—"ସେ କି ଏଗାର ଦିନ ଉପାସ ସମ୍ଭାଳନ୍ତା ! ଏଗାର ବରଷର ପିଲା ପରା ! କହ ଦେଖି ବାବୁ, ଛଅ ମାସ ମୋତେ ପୋଷିଲା, ଆଉ କେତେ ଦିନ ପୋଷନ୍ତା ? ଶେଷକୁ ତାର ଗୋଡ଼ ହାତ ଫୁଲିଗଲା ।"

ନାଥ କେବଳ ଗପ ଶୁଣିଲା ପରି ଏକା ଲୟରେ ଶୁଣିଲା । କମଳା ଟିକିଏ ରହି, ଟିକିଏ କଣ ଗୁଣୁ ଗୁଣୁ ହୋଇ, କେବେ ଆକାଶକୁ ଚାହିଁ, କେବେ ଭୂଇଁରେ ଗାର ପକାଇ କେଉଁ ଅଜଣା ଯୁଗର ଅଶୁଣା କାହାଣୀ କହିବାରେ ଲାଗିଲା—

"ସେ ତ ଶେଯରୁ ଉଠି ପାରୁ ନ ଥାଏ ; ତା ମୁହଁରେ ମୁଁ ତୋରାଣି ଟୋପେ ସୁଦ୍ଧା ଦେଇ ପାରିଲି ନାହିଁ । ଅହା ! ଦିନେ ଗାଁରେ ଶୁଣାଗଲା ଏହି ମୋର ଦେବତା ଆମ ଗାଁକୁ ଯିବେ । ଦେବତା ଆସିବେ, ପ୍ରଭୁ ଆସିଲେ ବୋଲି ମୁଁ ଚାହିଁ ରହିଲି । ଧନ ମୋର କହିଲା—ମାଆ, ସେ ତ କାହିଁକି ଆସିଲେ ନାହିଁ । ଆସିଲେ ସେଇ କେବଳ ତତେ ପୋଷିବେ । ମୁଁ ପାରିଲି ନାହିଁ ।" କହୁ କହୁ କମଳାର ଆଖିରୁ ଅଜସ୍ର ଧାରାରେ ସତେ ଅବା ଲୁହ ଅସରା ବହିଲା । କନା ଖଣ୍ଡିକରେ ଲୁହ ପୋଛି ପୋଛି କହିଲା—

"ଧନ ମୋର ଆଖି ବୁଜିବାକୁ ଘଡ଼ିଏ ଅଛି, ତାଙ୍କର ନାଁ ଧରି ସେ ଡାକୁଛି, ସେ ଯାଇ ଆମରି ଦୁଆରେ ପହଞ୍ଚି ଗଲେ । ଆହା ! ଦେବତା ସେ ... ଧନକୁ ମୋର କୋଳରେ ଧରି ଲୁହ ଗଡ଼େଇ ଦେଲେ । ଏ ମୋର ନିଜ ଆଖିରେ ଦେଖିବା କଥା ମୁଁ କିମିତି ପାସୋରି ପାରିବି ବାବୁ ? ତାଙ୍କର କୋଳରୁ ମୋ କୋଳକୁ ଆଉ ଆସି ନାହିଁ । ଧନ ସେହିଠି ଆଖି ବୁଜି ଦେଲା... କେଡ଼େ ଭାଗ୍ୟବନ୍ତ କପାଳ ଧରି ଆସିଥିଲା ସେ ... ।"

କ୍ଷଣେ ନୀରବ ରହି ପୁଣି ସେ କହିଲା—"ତିନି ବରଷ କଟିଗଲା । ତିନି ବରଷ ଭିତରେ ଆଉ ତାଙ୍କର ଦେଖା ମିଳିଲା ନାହିଁ । ତାଙ୍କୁ ଇ ଦେଖିବାକୁ ଆଇଲି ଏତେ ବାଟ । ଏଠି ସେଠି ଖୋଜି ଆଜି ପାଇଲି ଭେଟ !!"

ଏ ସ୍ୱପ୍ନ କି ସତ୍ୟ କିଛି ବୁଝି ନ ପାରି ନାଥ ପଚାରିଲା—"ଆଚ୍ଛା, ପାଗଲି, ତୋ ଦେବତାକୁ ଭଲା ମତେ ଦେଖାଇ ପାରିବୁ ?"

"କାହିଁକି ପାରିବି ନି ? ଆସ, ମୋ ସାଙ୍ଗେ ସାଙ୍ଗେ ଆସ ।" କହି ସେ ଯିବାକୁ ପ୍ରସ୍ତୁତ ହେଲା । ନାଥ କେତେ କଣ ଆକାଶ ପାତାଳ ଭାବି ତା ପଛେ ପଛେ ବାହାରିଲା । ମନେ ମନେ ବିଚାରିଲା—"ଯାହା କଥା ଶୁଣି ମୁଁ କଣ ତେବେ ପାଗଳ ହେଲି !"

ଦଶ ପାଞ୍ଚଟା ଦୋକାନ, ଦି ଚାରିଟା ମଟର ଗାଡ଼ି, କେତେ ଖଣ୍ଡ ଚାଲନ୍ତା ସାଇକେଲ, କେତେ ଜଣ ଅଚଳନ୍ତି ପଡ଼ିଆଶି, ଗୋଟାକେତେ ଜଗୁଆଳ କନଷ୍ଟବଲ ପାରି ହୋଇ ସେ ଦିହେଁ ଆଗକୁ ଆଗକୁ ଚାଲିଲେ । ପାଗଳିକି ସମସ୍ତେ ବାଟ ଛାଡ଼ି ଦେଲେ । ସେ ଏକା ନିଶ୍ୱାସକେ ଯାଇ ଏକ ଇଟା ଖମ୍ବ ପାଖେ ଠିଆ ହୋଇ କହିଲା—"ଦେଖୁଚ ବାବୁ, ଯାଙ୍କୁ ? ଏଇ ମୋର ଦେବତା......!"

ନାଥ ଅବାକ୍ ହୋଇ କେବଳ ଚାହିଁ ରହିଲା । ଦେଖିଲା ଆଗରେ ଏକ ଇଟାର ପୀଢ଼ ଉପରେ "ଉତ୍କଳମଣିଙ୍କ" ପ୍ରତିମୂର୍ତ୍ତି !!! କି ଚମତ୍କାର !!! ପାଗଳୀ ପ୍ରତି ଅପୂର୍ବ ସହାନୁଭୂତିରେ ତା ପ୍ରାଣ ପୂରି ଉଠିଲା । ମନେ ମନେ କହିଲା—"ପାଗଳି, ଏଇ ଯେ ତୋର ଦେବତା ଏ ତ ମୋ ଦେଶର ଦେବତା ! !"

× × × ×

ସେହି ଦିନୁ ନାଥ ଦେଖିଲି, ପାଗଳୀ ତା ଦୋକାନ ଦୁଆରେ ଆଉ ବେଶୀ ସମୟ ରହୁ ନାହିଁ । ତାର କନାକବଣ୍ଠା ନେଇ ସେହି ଖମ୍ବ ମୂଳେ ଅଶ୍ରୟ ନେଇଛି । ବୁଲି ବୁଲି ଫେରି ଅସିଲେ ସ୍ନେହ ସୂର୍ତ୍ତିକି ଚାହିଁ ତା କୋଳର ଫଖାଳ ବଇସ କଥା ପଚାରେ । ଆଖିରୁ ଦୁଇ ଧାର ଲୁହ ବୋହିଯାଏ । ଡାକ ଡାକ୍କ କଏ ନ ଶୁଣିଲେ ଅଭିମାନରେ କହେ—

"ଦେବତା ମୋର ! ତୁମେ କି ପାଷାଣ ହେଲ ? ମୋ ପରି ତ କେତେ ତୁମର ବାଟ ଚାହିଁ ଗାଁ ଗାଁରେ ପଡ଼ିଛନ୍ତି......! ! !"

## ସଭ୍ୟତାର ଅତ୍ୟାଚାର

ଶ୍ରୀବିଶ୍ୱନାଥ ପଟ୍ଟନାୟକ

—୧—

ଲକ୍ଷ ଶାବକ ଗୋଟି ସଭ୍ୟତାର ରଥଚକେ ପିଷ୍ଟ !
ପରାଣ ଯାଇଛି ଉଡ଼ି ।
ରହିଅଛି ଶବ ଅବଶିଷ୍ଟ—
ମେଦ ମାଂସ ଅସ୍ଥିଖଣ୍ଡ ଜନାକୀର୍ଣ୍ଣ ଦୂଷ୍ୟ ରାଜମାର୍ଗେ,
ଚାଲିଛି ଜନତା-ସ୍ରୋତ ।
କେହି କାହେଁ ଭ୍ରମେ ଅନୁରାଗେ
ନ ପୁଚ୍ଛେ କେ ଗଲା ଦଳି,—ସେ ଯେ ତୁଚ୍ଛ ଲଜ୍ଜାକର କଥା !—
ଦୂଷ୍ୟ କାଳନେମୀ ଅବା ହରିଅଛି ଜୀବନ-ମମତା !
ଦୁର୍ବଳ ପରାଣ ମମ ପିଷ୍ଟ ବପୁ ଚାହିଁ ଉଠେ ଥରି,
ନିରୀହ ଜୀବନ ଲାଗି ବେନ ବିନ୍ଦୁ ଅଶ୍ରୁ ପଡ଼େ ଝରି ।
ଅନ୍ତରୁ ଅଜ୍ଞାତ ଶିଶୁ କାନ୍ଦଉଠେ କରୁଣ ସମାନ—
ନିଷ୍ଠୁର ସାରଥି ! କେବେ ଶାନ୍ତ ହେବ ମୃତ୍ୟୁ ଅଭିଯାନ ?
ପ୍ରାଣଶକ୍ତି ଅପମାନେ ପ୍ରାଣ-ପ୍ରଭୁ ଅପ୍ଳୁତ ରୁଧିରେ
ଅଶ୍ରୁ-ଅଭିଶାପ ସ୍ମରି ଝଙ୍କାର ସେ ଦୁସ୍ତଗତି ଧୀରେ ।
ଅଙ୍କେ ଯେ ସଭ୍ୟତା ନାମେ ବର୍ବରତା ଶୋଷେ କୋଟି ପ୍ରାଣ
ଦିନେ ହେବ ପଥେ ଲଗ୍ନ ! ଚିର ଦିନ ନ ଯାଏ ସମାନ ।

—୨—

ବର୍ବରତା ! ଅନ୍ତର୍ଯାମୀ ! ପ୍ରାଣହୀନ ବର୍ବରତା କରୁ
ଉଦ୍ଧାର ଏ ଦୀନ ପ୍ରାଣ, ଡାକ ନିଅ ମରଣ-ଗହ୍ୱରୁ
ଅମୃତ-ଆଲୋକେ, ଯହିଁ ପ୍ରାଣ ଧ୍ରୁବ ! ଚିର ଆନ୍ଦୋଳିତ
ବିସ୍ତୀର୍ଣ୍ଣ ଜୀବନାମ୍ବୁଧି । ସ୍ଥୂଳରେ ଯହିଁ ଅନାଦି ସଙ୍ଗୀତ ।
ସାମ୍ୟ ମୈତ୍ରୀ ଯୋଗେ ଯହିଁ ତବ ଲୀଳା ଲଭଇ ବିକାଶ,
ସେବା ଅନୁକମ୍ପା ନିତ୍ୟ କରେ ସୃଷ୍ଟି-ସୌନ୍ଦର୍ଯ୍ୟ ପ୍ରକାଶ—
କୌମୁଦୀ-ପ୍ଳାବନ ସମ ! କୋଟି ପ୍ରାଣ ମାଧୁର୍ଯ୍ୟ ମଣ୍ଡିତ,
ଶୋଣିତ-ପିପାସା ହତ୍ୟା ଯହିଁ ଲୋକେ ନିତ୍ୟ ସଙ୍କୁଚିତ—
ଡାକ ନିଅ ସେହି ଦେଶେ !
ମରେଁ ନିତ୍ୟ ନିର୍ଜୀବତା ହାତେ
ଦୁଃସହ ଦାନବ ଲୀଳା ନିଃସ୍ୱ ପ୍ରାଣ ଅଗ୍ରତେ ପଶ୍ଚାତେ ।
ଅଥବା ଦିଅ ହେ ଶସ୍ତ୍ର, ଦିଅ ବର୍ମ୍ମ, ଅଭେଦ୍ୟ କବଚ,
ଧ୍ୱଂସ କରେଁ ଚକ୍ର ବ୍ୟୂହ ରଚିଛି ଯା ମାନବ ପ୍ରପଞ୍ଚ—
ଆପଣାର ସ୍ୱାର୍ଥ ଲାଗି ।
ଶାନ୍ତ ହେଉ ଧ୍ୱଂସ-ଚିତା-ନଳ,
ଅବା ଲଭେଁ ଅବସାନ ରଣାଙ୍ଗନେ ସ୍ମରି ମୁଁ ମଙ୍ଗଳ !

—0—



Digitized by srujanika@gmail.com

# ମୁଁ ଓ ମୋର ସମାଜ

### ଶ୍ରୀ ଶଶିଭୂଷଣ ଗୁପ୍ତ

ମୁଁ ଯେଉଁ ସମାଜରେ ଜନ୍ମଗ୍ରହଣ କରି ତାହା ମଧ୍ୟରେ ବଢ଼ି ଉଠିଅଛି, ତାହା ସହିତ ମୋର କେତେ ଘନିଷ୍ଠ ସମ୍ବନ୍ଧ ଏହା ସବୁବେଳେ ଭଲ କରି ଦେଖେ ନାହିଁ ଏବଂ ଦେଖେ ନାହିଁ ବୋଲି ଅନେକ ସମୟରେ ଭଲ ମନ୍ଦର ବିବେଚନା ନ କରି କେବଳ ନିଜର କ୍ଷୁଦ୍ର ଭଲ ମନ୍ଦର ଦୃଷ୍ଟିପାକ ମଧ୍ୟରେ ବୁଡ଼ି ରହି ନିଜକୁ ତ ପାଇ ନ ଥାଏଁ, ଅଧିକନ୍ତୁ ସମାଜର ବୃହତ୍ତର ଜୀବନର ଅଗ୍ରଗତିକୁ ବାଧା ଦେଇଥାଏଁ କିନା ?

ମାତୃ ଗର୍ଭରେ ଯେପରି ଭ୍ରୂଣ ରହିଥାଏ ଆମ୍ଭେମାନେ ପ୍ରତ୍ୟେକେ ହିଁ ସେହିରୂପ ଆମ୍ଭମାନଙ୍କର ଏହି ସମାଜ-ମାତୃକା ଗର୍ଭରେ ବାସ କରଥାଉଁ । ଗର୍ଭସ୍ଥ ଭ୍ରୂଣ ସଙ୍ଗରେ ମାଆଙ୍କର ସମ୍ବନ୍ଧ ଯେପରି ନାଡ଼ୀର ସମ୍ବନ୍ଧ, ମାଆଙ୍କର ଶାରୀରିକ ସ୍ୱାସ୍ଥ୍ୟ ଓ ଶକ୍ତି ଉପରେ ଯେପରି ଗର୍ଭସ୍ଥ ସନ୍ତାନର ସ୍ୱାସ୍ଥ୍ୟ ଓ ଶକ୍ତି ସମ୍ପୂର୍ଣ୍ଣରୂପେ ନିର୍ଭର କରେ, ଆମ୍ଭମାନଙ୍କର ଏହି ସମାଜର କଲ୍ୟାଣ, ଉନ୍ନତି, ସୁଖ ଓ ସ୍ୱଚ୍ଛନ୍ଦତା ଉପରେ ସେହି-ରୂପ ଆମ୍ଭମାନଙ୍କର ପ୍ରତ୍ୟେକର ଶକ୍ତି, ସମ୍ପଦ, ଉନ୍ନତି ଓ ଜୀବନର ସର୍ବବିଧ ସାଫଲ୍ୟ ଓ ସାର୍ଥକତା ନିର୍ଭର କରିଥାଏ । ବସ୍ତୁତଃ ମା ସଙ୍ଗରେ ଗର୍ଭସ୍ଥ ସନ୍ତାନର ଯୋଗଠାରୁ ମୋର ସମାଜ ସଙ୍ଗରେ ମୋର ଯୋଗ ଅଧିକ ଘନିଷ୍ଠତର । ସନ୍ତାନ ଭୂମିଷ୍ଠ ହେଲେ, ନାଡ଼ୀ ଛେଦ ହେବା ଉତ୍ତାରୁ ମାତୃ ଶରୀର ସହିତ ତାହାର ସଂଯୋଗ ଅନେକ ପରିମାଣରେ କଟିଯାଏ । କିନ୍ତୁ ସମାଜ-ମାତୃକା ସହିତ ମୋର କେବେହେଁ ନାଡ଼ୀଛେଦ ହେବ ନାହିଁ, ହୋଇ ପାରିବ ନାହିଁ । ଯେବେ କୌଣସି ଦୈବଦୁର୍ବିପାକରୁ ଏ ଯୋଗ କଟି-ଯାଏ, ତାହାହେଲେ ମୋର ଜୀବନର ଉତ୍ସ ମଧ୍ୟ ତାହା ସଙ୍ଗରେ ଶୁଷ୍କ ହୋଇଯିବ । ଏହା ଉତ୍ତାରୁ ମୋର ଜୀବନର ସମ୍ପୂର୍ଣ୍ଣ ସାର୍ଥକତା ଲାଭର ସମ୍ଭାବନା ଆଉ ରହିବ ନାହିଁ । ମୁଁ ସେତେବେଳେ ଗଛର ମଲ୍ଲିଙ୍ଗ ଭଳି ଅନ୍ୟ କୌଣସି ସମାଜ ଅଙ୍ଗରେ ଲାଗି ରହିବାର ଚେଷ୍ଟା କରିପାରେଁ, କିନ୍ତୁ ସେହି ସଂଯୋଗରୁ ମୋର ଜୀବନର ପରିପୂର୍ଣ୍ଣ ଶକ୍ତି ଓ ବିକାଶର ସମ୍ଭାବନା ରହିବଟିକି ? ମୁଁ ସେତେ-ବେଳେ ଜୀବନ ଧାରଣ ମାତ୍ର କରି ରହିପାରେଁ, କିନ୍ତୁ ନିଜର ସତ୍ୟ ସ୍ୱରୂପ ଫୁଟି ଉଠିବାର କୌଣସି ସମ୍ଭାବନା ନ ଥିବ କିନା ?

ମୋହର ସମାଜ ଅଙ୍ଗୀ ସ୍ୱରୂପ । ମୁଁ ଏହି ସମାଜ-ଅଙ୍ଗୀର ଅଙ୍ଗ ସ୍ୱରୂପ । ଅଙ୍ଗର ସାର୍ଥକତା ଅଙ୍ଗୀ ମଧ୍ୟରେ, ସୁତରାଂ ମୋର ସାର୍ଥକତା ମୋର ସମାଜ ମଧ୍ୟରେ । ଆଜିକାଲି ସମାଜ ବିଜ୍ଞାନବିତ୍ ପଣ୍ଡିତବର୍ଗ ସମସ୍ତେ ହିଁ ଏକ ବାକ୍ୟରେ ଏହି କଥା ସ୍ୱୀକାର କରିଥାଆନ୍ତି ।

ମନୁଷ୍ୟର ମନୁଷ୍ୟତ୍ୱ ସମାଜସାପେକ୍ଷ । ଆମ୍ଭେମାନେ ମନୁଷ୍ୟର ବିକାଶର ଇତିହାସରେ ଏ ଭଳି କୌଣସି ଅବସ୍ଥାର କଥା ଜାଣୁ ନାହୁଁ, ଯେତେବେଳେ ମନୁଷ୍ୟ ସମାଜବଦ୍ଧ ହୋଇ ରହୁନାହୁଁ । ମନୁଷ୍ୟ ଯେତେ ଦିନ ମନୁଷ୍ୟରୂପେ ପରିଗଣିତ ହୋଇଅଛି, ସେତେ ଦିନ ସେ କୌଣସି ସମାଜ ସହିତ ଯୁକ୍ତ ହୋଇ ବାସ କରିଅଛି ଏବଂ ଏହି ସମାଜର ଉନ୍ନତି ସଙ୍ଗେ ସଙ୍ଗେ ତାହାର ନିଜର ମଧ୍ୟ ସର୍ବପ୍ରକାର ଉନ୍ନତି ଲାଭ ହୋଇଅଛି ।

ମୁଁ ଯେଉଁ ଭାଷା ବ୍ୟବହାର କରୁଅଛି ଏ ଭାଷା ତ ମୋର ସୃଷ୍ଟି ନୁହେ, ଏହା ମୋର ନିଜସ୍ୱ ସମ୍ପତ୍ତି ନୁହେ । କେତେ ଯୁଗ-ଯୁଗାନ୍ତରରୁ ମୋର ସମାଜର ଚିନ୍ତାର ଧାରା ଏହି ଭାଷାକୁ ଆଶ୍ରୟ କରି ପ୍ରବାହିତ ହୋଇଅଛି, ଏହି ଭାଷାକୁ ଫୁଟାଇ ଦେଇଅଛି ଏବଂ ଏହି ନିଜ ହାତରେ ଗଢ଼ା ଭାଷାକୁ ଧରି ପୁଣି ନିଜେ ଫୁଟି ଉଠିଅଛି । ଏହି ଭାଷା ଆଜି ମୋର ସାଧନାର ବାହନ ହୋଇଅଛି । କିନ୍ତୁ ମୋର ସମାଜର କୃପା ଫଳରୁ ମୋର ଅତି ପୁରାତନ ପୂର୍ବପୁରୁଷମାନଙ୍କର ସାଧନ-ସମ୍ପତ୍ତିର ଉତ୍ତରାଧିକାରୀ ରୂପେ ମୁଁ ଆଜି ଏହି ଅପୂର୍ବ ଭାଷାକୁ ଯେନି ଏ ଭଳି ଖେଳ ଖେଳୁଅଛି କିନା ? ଏହି ଭାଷା କେବଳ ଭାଷା ନୁହେ, ଏହା ଚିନ୍ତାର ସହାୟ, ଚିନ୍ତାର ବାହନ ଏବଂ ଜ୍ଞାନର ସହାୟ ଓ ଜ୍ଞାନର ଅବଲମ୍ବନ । ମୋର ସମାଜର ବହୁ ଯୁଗାର୍ଜିତ ଜ୍ଞାନରାଶି ଏହି ଭାଷାର ଭଣ୍ଡାରରେ ସଞ୍ଚିତ ହୋଇ ମୋର ଜ୍ଞାନ ବାହନ ଓ ଜ୍ଞାନ ସାଧନର ସହାୟ ହୋଇଅଛି । ଏହି ସମାଜ ନିକଟରେ ମୁଁ ଆଜି ଯାହା କିଛି ଭାବେ, ଯାହା ଲେଖେ କଳ୍ପନା କରେ, ଯେତିକି ରସ-ମୂର୍ତ୍ତିର ସୃଷ୍ଟି କରି ପାରେଁ, ଯେଉଁତିକି ଜ୍ଞାନ ଓ ଅର୍ଜ୍ଜନ ଦେଇ ଜୀବନକୁ ପୂର୍ଣ୍ଣ ଓ ସାର୍ଥକ କରୁଅଛି ତତ୍‌ସମୁଦାୟ ସକାଶେ ଋଣୀ । ମୋର ଅନ୍ତଃଜୀବନରେ ମୋର ସମାଜ ଜୀବନ ନିଜକୁ ଫୁଟାଇ ଦେଉଅଛି ଏବଂ ମୁଁ ଏହି ସମାଜ ଜୀବନ ମଧ୍ୟରେ ମୋର ଜ୍ଞାନ ଓ ଭାବର ଯଥାସମ୍ଭବ ସାର୍ଥକତା ଲାଭ କରି କୃତାର୍ଥ ହେଉଅଛି । ଗଛରୁ ଡାଳ କାଟି ଦେଲେ ସେହି କଟା ଡାଳର ଯେଉଁ ଦଶା ହୋଇଥାଏ ଏହି ସମାଜ ଜୀବନରୁ ବିଚ୍ଛିନ୍ନ ହେଲେ ମୋର ଠିକ୍ ସେହି ଦଶା ହିଁ ଉପସ୍ଥିତ ହେବ । ଟିକିଏ ଗଭୀର ଭାବରେ ଚିନ୍ତା କଲେ ଏହା ବୁଝାଯିବ ।

ମୋ ସହିତ ମୋର ସମାଜର ଏହି ଅତିଶୟ ଘନିଷ୍ଠ, ଅଚ୍ଛେଦ୍ୟ, ନିତ୍ୟ, ଅଙ୍ଗାଙ୍ଗୀ ସମ୍ବନ୍ଧ ରହିଅଛି ବୋଲି ମୁଁ ଯେତେବେଳେ ଆଉ ଦଶ ଜଣର ସୁଖ-ସ୍ୱାର୍ଥକୁ ଉପେକ୍ଷା କରି କେବଳ ନିଜର ସୁଖ ସ୍ୱାର୍ଥ ଖୋଜିବାକୁ ଯାଏଁ ସେତେବେଳେ ପ୍ରତି ପଦବିକ୍ଷେପରେ ନିରାଶା ଓ ନିଷ୍ଫଳତା ମାତ୍ର ଆହରଣ କରିଥାଏଁ ।



Digitized by srujanika@gmail.com

## ମୁଁ ଓ ମୋର ସମାଜ

ଫଳତଃ ସ୍ୱାର୍ଥର ସନ୍ଧାନରେ ଯେ ଭ୍ରମଣ କରେ, ଜୀବନରେ ସେ କେବେହେଁ ସମ୍ୟକ୍ ସାର୍ଥକତା ଲାଭ କରି ନ ପାରେ। ଏହାର କାରଣ ଏହି ଯେ ବିଧାତା ପ୍ରତ୍ୟେକ ମନୁଷ୍ୟକୁ ଏପରି ଭାବରେ ଅପର ମନୁଷ୍ୟ ସହିତ ବାନ୍ଧି ଦେଇଅଛନ୍ତି ଯେ କେହି ଅପରର ଅନିଷ୍ଟ କରି ନିଜର ଇଷ୍ଟଲାଭ କରି ନ ପାରେ। କେହି କେତେବେଳେ ସୁଦ୍ଧା ଅପରର ଇଷ୍ଟାନିଷ୍ଟ ପ୍ରତି ସର୍ବଦା ଦୃଷ୍ଟି ନ ରଖି ନିଜର ସମ୍ୟକ୍ ଇଷ୍ଟ ସାଧନ କରିପାରିବ ନାହିଁ।

ପ୍ରଥମତଃ ଆମ୍ଭେମାନେ ସମସ୍ତେ ହିଁ ଶାରୀରିକ ଶକ୍ତି ଓ ସ୍ୱାସ୍ଥ୍ୟ ଲୋଡ଼ିଥାଉଁ। ଶକ୍ତି ଓ ସ୍ୱାସ୍ଥ୍ୟ ହରାଇଲେ ଜୀବନ ଭାରବହ ହୋଇ ଉଠେ। ଜ୍ଞାନ, ଧର୍ମ ପ୍ରଭୃତି ସମସ୍ତ ହିଁ ଶରୀରର ଶକ୍ତି ଓ ସ୍ୱାସ୍ଥ୍ୟ ଉପରେ ନିର୍ଭର କରିଥାଏ। ଏହା ଦେଖି ଆମ୍ଭମାନଙ୍କର ପ୍ରାଚୀନମାନେ କହିଥିଲେ "ଶରୀରମାଦ୍ୟଂ ଖଳୁ ଧର୍ମସାଧନଂ"—ପ୍ରଥମେ ଶରୀରକୁ ଧରି ଧର୍ମ ସାଧନ କରିବାକୁ ହେବ। ସାଧକମାନେ ଯାହାକୁ ଦେହ ଶୁଦ୍ଧି କହନ୍ତି ତାହାର ମୂଳ ଲକ୍ଷ୍ୟ ଶାରୀରିକ ଶକ୍ତି, ଏହାର ଅପରାର୍ଥ ସ୍ୱାସ୍ଥ୍ୟ ସାଧନ କରିବା। ଅସୁସ୍ଥ ଦେହର ଅପରାର୍ଥ ଅଶୁଦ୍ଧ ଦେହ। ରୋଗୀର ଦେହ ଅଶୁଚି—ସୁତରାଂ ତାହା ଦେଇ କୌଣସି ଦେବ କାର୍ଯ୍ୟ କରିବା ଅସଙ୍ଗତ। ମନୁଷ୍ୟ ଜୀବନର ସାର୍ଥକତାର ପ୍ରଥମ କଥା ଶାରୀରିକ ଶକ୍ତି ଓ ସ୍ୱାସ୍ଥ୍ୟ ଲାଭ। କିନ୍ତୁ ଏହି ଶକ୍ତି ଓ ସ୍ୱାସ୍ଥ୍ୟ ଲାଭ କରିବାକୁ ଯାଇ ମୋତେ ମୋର ଚତୁର୍ଦ୍ଦିଗରେ ଯେଉଁମାନେ ଘେରି ରହିଅଛନ୍ତି ସେମାନଙ୍କର ଶାରୀରିକ ଶକ୍ତି ଓ ସ୍ୱାସ୍ଥ୍ୟ ପ୍ରତି ଦୃଷ୍ଟି ରଖି ଚାଲିବାକୁ ହୁଏ। ଶାରୀରିକ ଶକ୍ତି ସକାଶେ ଆୟୁ ଯହିଁରେ ବଢ଼େ, ଅଥବା ଯହିଁରେ ବଳ ହେବ, କିମ୍ବା ଯହିଁରେ ପୁଷ୍ଟି ଲାଭ ହୋଇପାରିବ, ଏପରି ଖାଦ୍ୟ ଆବଶ୍ୟକ। କିନ୍ତୁ ମୋର ଏକାକୀ ପୁଷ୍ଟିକର ଖାଦ୍ୟ ଖାଇଲେ ଚଳିବ କି? ସ୍ନେହ ମମତାର ଦାବୀ ବିଷୟ ଛାଡ଼ି ଦେଲେ ସୁଦ୍ଧା ମୋର ଶାରୀରିକ ସ୍ୱାସ୍ଥ୍ୟ କେବଳ ଉତ୍କୃଷ୍ଟ ଖାଦ୍ୟ ଉପରେ ନିର୍ଭର କରେ ନାହିଁ। ମୁଁ ପୁଷ୍ଟିକର ଓ ବଳକାରକ ଖାଦ୍ୟ ଯଥୋପଯୁକ୍ତ ପରିମାଣରେ ଆହାର କରି ଶରୀରର ଶକ୍ତି ସାଧନ କଲି; କିନ୍ତୁ ମୋର ଚାରିଆଡ଼େ ଯେଉଁମାନେ ରହିଅଛନ୍ତି, କେବଳ ପରିବାରବର୍ଗ ନୁହେଁ, କିନ୍ତୁ ପ୍ରତିବେଶୀବର୍ଗ—ଏମାନେ ଅପାଚ୍ୟ, ଦୁଷ୍ପାଚ୍ୟ, ଆୟୁ-ବଳ ହାନିକର ଖାଦ୍ୟରେ ପ୍ରତ୍ୟହ ଉଦରପୂର୍ତ୍ତି କରି ଯେତେବେଳେ ଦୁର୍ବଳ ହୋଇଯିବେ ଏବଂ ପୃଥିବୀର ଜଳବାୟୁରେ ମନୁଷ୍ୟର ଶକ୍ତି ଓ ସ୍ୱାସ୍ଥ୍ୟ ହରଣ କରିବାକୁ ସର୍ବଦା ଉଦ୍ୟତ ଯେଉଁ ସମସ୍ତ ଅସଂଖ୍ୟ ଅଦୃଷ୍ଟ ଶତ୍ରୁଦଳ ଭ୍ରମଣ କରୁଅଛନ୍ତି, ସେମାନଙ୍କର ଅଧିକାରର କ୍ଷେତ୍ର ପ୍ରସ୍ତୁତ କରିଥିବେ, ସେତେବେଳେ ମୋର ଉତ୍କୃଷ୍ଟ ଖାଦ୍ୟ ଗ୍ରହଣ ଫଳରୁ ନିଜର ସ୍ୱାସ୍ଥ୍ୟ ଓ ଜୀବନ ରକ୍ଷା କଅଣ ସମ୍ଭବ ହେବ? ଦୁଷ୍ପାଚ୍ୟ, ଆୟୁ-ବଳହାନିକାରକ ଖାଦ୍ୟଦ୍ୱାରା ଯେତେବେଳେ ସେମାନଙ୍କର ଶରୀର ନାନାପ୍ରକାର ସଂକ୍ରାମକ ରୋଗର ଅଧିକାରାଧୀନ ହେବ, ସେତେବେଳେ ଏ ସମସ୍ତ ରୋଗରୁ ମୁଁ ନିଜକୁ ବଞ୍ଚାଇ ରଖି ପାରିବି କି? ଏହି ଅତି ସାମାନ୍ୟ କଥାଟିକୁ ଯେତେବେଳେ ଟିକିଏ ଭଲ ଦେଖେଁ, ସେତେବେଳେ ବୁଝିପାରେଁ କେବଳ ମୋ ନିଜର ଉଦର ପୂର୍ତ୍ତି ହେଲେ ଚଳିବ ନାହିଁ ଏବଂ ମୋ ପରିବାର ପରିଜନ ବର୍ଗର ଉଦରାନ୍ନର ଯଥାଯୋଗ୍ୟ ବ୍ୟବସ୍ଥା କଲେ ମଧ୍ୟ ଚଳିବ ନାହିଁ। ମୋ ପ୍ରତିବେଶୀ ଏବଂ ଗ୍ରାମବାସୀମାନେ ଯେବେ ଭଲ ଆହାର ନ ପାଆନ୍ତି ଏବଂ ଉପଯୁକ୍ତ ଖାଦ୍ୟ ପାନୀୟ ଅଭାବରେ ଯେବେ ସେମାନଙ୍କର ଦେହ ଅପଟୁ ହୋଇ ଉଠେ, ସର୍ବଦା ଚତୁର୍ଦ୍ଦିଗରେ ଯେଉଁ ସମସ୍ତ ମାରାତ୍ମକ ରୋଗର ବୀଜ ପବନ ଓ ପାଣିରେ ବନ୍ଧି ହୋଇ ରହିଅଛି ସେ ଗୁଡ଼ିକର ହାତରୁ ଆତ୍ମରକ୍ଷା କରିବାର ସାମର୍ଥ୍ୟ ଯେବେ ସେମାନେ ହରାଇ ଦିଅନ୍ତି, ତାହାହେଲେ ପ୍ରଥମରୁ ସେମାନଙ୍କର, ଏହା ଉତ୍ତାରୁ ମୋ ପରିବାର ପରିଜନମାନଙ୍କର ଏବଂ ଶେଷରେ ମୋର ମଧ୍ୟ ନାନା ରୋଗ ହୋଇ ଜୀବନ ଏକାବେଳକେ ଅକର୍ମଣ୍ୟ ହୋଇ ପଡ଼ିବ। ସମସ୍ତ ଦେଶରେ ଯେତେବେଳେ ମ୍ୟାଲେରିଆ କିମ୍ବା ବସନ୍ତରୋଗର ବିଷ ପରିବ୍ୟାପ୍ତ ହୁଏ, ସେତେବେଳେ ଯେ କେବଳ ନିଜକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରେ, ସେ କଅଣ ନିଜକୁ ବଞ୍ଚାଇ ରଖିପାରେ? ନିଜକୁ ବଞ୍ଚାଇବାକୁ ହେଲେ ତାହାକୁ ଆଉ ଦଶଜଣ ଯେପରି ବଞ୍ଚି ରହିପାରନ୍ତି ତାହା ସକାଶେ ମଧ୍ୟ ବ୍ୟବସ୍ଥା କରିବା ଆବଶ୍ୟକ। ନିଜ ଘର ପାଖର ପୋଖରୀ, ବାଟ ପ୍ରଭୃତି ପରିଷ୍କାର କଲେ ଚଳିବ ନାହିଁ; ପ୍ରତିବେଶୀ ସମସ୍ତଙ୍କର ଘର ପାଖର ପୋଖରୀ, ବାଟ, ଘାଟ ପ୍ରଭୃତି ଏହା ସଙ୍ଗେ ସଙ୍ଗେ ପରିଷ୍କୃତ ରଖିବାକୁ ହେବ। ନିଜ ଘରର ଅଳିଆ ଗୁଡ଼ିକ ଅପରର ଦ୍ୱାରରେ ପକାଇ ଦେଇ ଆପଦ ଦୂର ହେଲା ବୋଲି କଳ୍ପନା କଲେ ଚଳିବ ନାହିଁ, ସମସ୍ତଙ୍କର ଘରର ଅଳିଆ ଗୁଡ଼ିକ ଯହିଁରେ ଜମା ହୋଇ ଦୁର୍ଗନ୍ଧଯୁକ୍ତ ନ ହୁଏ ତାହାର ଉପଯୁକ୍ତ ବ୍ୟବସ୍ଥା କରିବାକୁ ହେବ। ନିଜର ଶକ୍ତି ଓ ସ୍ୱାସ୍ଥ୍ୟ ରକ୍ଷା ଏବଂ ନିଜର ପରିବାର ପରିଜନଙ୍କର ଆୟୁ, ବଳ, ସ୍ୱାସ୍ଥ୍ୟ ରକ୍ଷା କରିବାକୁ ହେଲେ, ସମାଜସ୍ଥ ଅନ୍ୟ ସମସ୍ତଙ୍କର ଶକ୍ତି ଓ ସ୍ୱାସ୍ଥ୍ୟ ରକ୍ଷାର ବ୍ୟବସ୍ଥା କରିବାକୁ ହେବ କି ନା?

ମନୁଷ୍ୟ ଯେପରି ଶାରୀରିକ ଶକ୍ତି ଓ ସ୍ୱାସ୍ଥ୍ୟ ଲୋଡ଼େ ସେହିପରି ଧନସମ୍ପତ୍ତି ମଧ୍ୟ ଆକାଙ୍କ୍ଷା କରିଥାଏ। ଏଠାରେ ମଧ୍ୟ ସ୍ୱାର୍ଥପରତା ସଫଳତାରେ ଅନ୍ତରାୟ। ଧନ ତ ଆଉ ଶୂନ୍ୟରୁ ଆସେ ନାହିଁ। ଧନ ବ୍ୟବସାୟର ସୂତ୍ରଧର ଚଳାଚଳ କରିଥାଏ। ବିକା କିଣା ଉପରେ ହିଁ ଧନ ବଢ଼ିଥାଏ। ସୁତରାଂ ଧନ ବଢ଼ାଇବାକୁ ହେଲେ ଏହି ବିକା କିଣାର ପ୍ରଚୁର ଅବସର ଆବଶ୍ୟକ। କିନ୍ତୁ ସମାଜର ଲୋକଙ୍କ ହାତରେ ଯେବେ ଧନ ନ ଥାଏ, ସମାଜର ଜନସାଧାରଣ ଯେବେ ନିତାନ୍ତ ଦରିଦ୍ର ହୋଇ ପଡ଼ି ରହନ୍ତି, ତାହାହେଲେ ଧନୀଙ୍କର ଧନ ବୃଦ୍ଧିର ମାର୍ଗ ସେ ସମାଜରେ ଏକାବେଳକେ ବନ୍ଦ ହୋଇଯାଏ। ଏହିରୂପେ ଆମ୍ଭେମାନେ ଅନେକ ହିଁ ଯେ ଧନର ଆଶାରେ ଚାରିଆଡ଼େ ସଂସାରଯାକ ଧାଇଁ ବୁଲୁଥାଉଁ, ସେହି ଧନ

ଉପାର୍ଜ୍ଜନ ଓ ସମ୍ଭୋଗ କରିବା ସକାଶେ ସମାଜର ସାଧାରଣ ଲୋକଙ୍କର କେତେକ ପରିମାଣରେ ଧନୀ ହେବା ଆବଶ୍ୟକ ।

ଆମ୍ଭେମାନେ ଯେପରି ଶାରୀରିକ ଶକ୍ତି ଓ ସ୍ୱାସ୍ଥ୍ୟ ଲୋଡ଼ୁଁ ଅଥବା ଧନ ଲୋଡ଼ଥାଉଁ, ସେହିପରି ଜ୍ଞାନ ଉପାର୍ଜ୍ଜନ କରି ମଧ୍ୟ ନିଜର ଜୀବନ ସଫଳ କରିବାକୁ ଅଗ୍ରହାନ୍ୱିତ ହେଉଁ । ଶରୀରର ଶକ୍ତି ଓ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଯେପରି, ଧନ କିମ୍ବା ଅର୍ଥ ବ୍ୟବହାର ସମ୍ବନ୍ଧରେ ମଧ୍ୟ ଯେପରି, ଜ୍ଞାନାର୍ଜ୍ଜନ ସମ୍ବନ୍ଧରେ ମଧ୍ୟ ସେହିରୂପ ନୀତି ଖଟିବ । ସମାଜର ଜନସାଧାରଣ ମଧ୍ୟରେ ଜ୍ଞାନ ପ୍ରଚୁର ନ ହେଲେ ମୋର ଜ୍ଞାନାର୍ଜ୍ଜନ ବୃତ୍ତିର ଚରିତାର୍ଥତା ସମ୍ଭବପର ହେବନାହିଁ । ଧନ ଯେପରି ବିନିମୟରେ ବଢ଼ିଥାଏ, ଜ୍ଞାନ ମଧ୍ୟ ସେହିପରି ଆଦାନ ପ୍ରଦାନରେ ବଢ଼ିଥାଏ । ଧନୀଙ୍କର ଧନର ସାର୍ଥକତା ସକାଶେ ଯେପରି ଆଉ ଦଶ ଜଣ ସମକକ୍ଷ ଧନୀଙ୍କ ସଙ୍ଗରେ ମିଳାମିଶା ଓ ଆଦାନ ପ୍ରଦାନ ଆବଶ୍ୟକ, ଜ୍ଞାନପିପାସୁର ଜ୍ଞାନାନୁଶୀଳନ ସକାଶେ ସେହିପରି ଆଉ ଦଶ ଜଣ ସମକକ୍ଷ ଜ୍ଞାନୀଙ୍କର ଅଥବା ଜ୍ଞାନ ପିପାସୁର ସଙ୍ଗ ପ୍ରୟୋଜନ । ନିତାନ୍ତ ଅଜ୍ଞ ପରିବାର ପରିଜନ କିମ୍ବା ପ୍ରତିବେଶୀମାନଙ୍କ ମଧ୍ୟରେ ବାସ କରି କେହି କେବେହେଁ ନିଜର ଜ୍ଞାନାର୍ଜ୍ଜନ ବୃତ୍ତିର ସମ୍ୟକ୍ ବିକାଶ ସାଧନ କରି ନ ପାରେ । ସୁତରାଂ ଏ କ୍ଷେତ୍ରରେ ମୋ ନିଜର ଜ୍ଞାନପିପାସା ନିବୃତ୍ତି ସକାଶେ ଗୋଟିଏ ଜ୍ଞାନୀ ଓ ଜ୍ଞାନପିପାସୁ ସମାଜର ପ୍ରୟୋଜନ । ଏଠାରେ ମଧ୍ୟ ମୁଁ ଏକାକୀ ଦିଗ୍ଗଜ ପଣ୍ଡିତ ହେବି ଏବଂ ଆଖପାଖରେ ସମସ୍ତେ ମୂର୍ଖ ହୋଇ ରହିବେ ଏ ବ୍ୟବସ୍ଥା ଖଟିବ ନାହିଁ । ଜଳ ଯେପରି କେବେହେଁ ନିଜର ସମତଳ ଦେଶକୁ ଅତିକ୍ରମ କରି ଉପରକୁ ଉଠି ପାରେ ନାହିଁ—ଆମ୍ଭମାନଙ୍କର ଶକ୍ତି ଏବଂ ସ୍ୱାସ୍ଥ୍ୟ, ଧନ ଓ ସମ୍ପତ୍ତି, ବିଦ୍ୟା ଓ ଜ୍ଞାନ ସେହିରୂପ ଆମ୍ଭେମାନେ ବାସ କରୁଥିବା ସମାଜର ସାଧାରଣ ଶାରୀରିକ ଶକ୍ତିର ଓ ସ୍ୱାସ୍ଥ୍ୟର ଧନ ଏବଂ ସମ୍ପତ୍ତିର, ଜ୍ଞାନ ଓ ବିଜ୍ଞାନର ସମତଳ ଭୂମିକୁ ଅତିକ୍ରମ କରି ଯାଇ ନ ପାରେ ।

ଏହା ଉପରାନ୍ତ ମୋର ରଞ୍ଜନୀ ବୃତ୍ତି ରହିଅଛି । ଏହି ବୃତ୍ତିର ପ୍ରେରଣାରେ ମୁଁ ରସର ସୃଷ୍ଟି କରିବାକୁ ଲୋଡ଼େଁ, ରସର ସମ୍ଭୋଗ କରେଁ; କାବ୍ୟ, ସଙ୍ଗୀତ, ଚିତ୍ର, ଭାସ୍କର୍ଯ୍ୟ, ସ୍ଥାପତ୍ୟ ପ୍ରଭୃତି ଲଳିତ କଳାର ଅନୁଶୀଳନରେ ନିଯୁକ୍ତ ହୋଇଥାଏଁ । ଏ କ୍ଷେତ୍ରରେ ମଧ୍ୟ ସେହି ଏକହିଁ ବିଧାନର ଆବଶ୍ୟକତା । ମୋର ସମାଜସ୍ଥ ଲୋକଙ୍କ ମଧ୍ୟରେ ଯେଉଁ ପରିମାଣରେ ଏହି ରଞ୍ଜନୀ ବୃତ୍ତିର ବିକାଶ ଓ ଅନୁଶୀଳନ ହୋଇଅଛି ତାହାକୁ ଅଧିକ ପରିମାଣରେ ଅତିକ୍ରମ କରି ମୋର ନିଜର ରଞ୍ଜନୀ ବୃତ୍ତିର ଅନୁଶୀଳନ କିମ୍ବା ସମ୍ଭୋଗ ଅଥବା ସାର୍ଥକତାଲାଭ ସମ୍ଭବପର କି ? ଯେଉଁ ସମାଜର ଜନସାଧାରଣଙ୍କ ମଧ୍ୟରେ କାବ୍ୟ, ସଙ୍ଗୀତ, ଶିଳ୍ପ, ଭାସ୍କର୍ଯ୍ୟ ପ୍ରଭୃତିର ଅନୁଶୀଳନ ଯେଉଁ ପରିମାଣରେ ଅଧିକ ହୋଇଅଛି ସେହି ସମାଜହିଁ କେବଳ ଉତ୍କୃଷ୍ଟ କାବ୍ୟ, ସଙ୍ଗୀତ, ଚିତ୍ର ଅଥବା ଭାସ୍କର୍ଯ୍ୟର ପ୍ରକାଶ ଓ ପ୍ରତିଷ୍ଠା କରିବାକୁ କ୍ଷମ । ଅତଏବ ମୋର କଳାପ୍ରୀତିର ଅନୁଶୀଳନ ସକାଶେ ମୋତେ ସମାଜର ଦଶ ଜଣଙ୍କ ମଧ୍ୟରେ ଏହି ସମସ୍ତ ପ୍ରଚୁର କରିବାକୁ ହେବ । ଏ କ୍ଷେତ୍ରରେ ମୁଁ ଏକାକୀ ମୋର ଜୀବନର ସାର୍ଥକତା ଲାଭ କରି ନ ପାରେଁ ।

ଶେଷ କଥା—ଧର୍ମ ସାଧନ । ଏ କ୍ଷେତ୍ରରେ ମଧ୍ୟ ସମାଜରେ ଯେବେ ଧର୍ମର ପ୍ରେରଣା ଜାଗ୍ରତ ନ ହୁଏ, ସମାଜର ଦଶଜଣ ଯେବେ ଧର୍ମ ପିପାସୁ ନ ହୁଅନ୍ତି, ସମାଜର ଲୋକେ ଯେବେ ଇନ୍ଦ୍ରିୟସର୍ବସ୍ୱ ଏବଂ ପରମାର୍ଥବିମୁଖ ହୋଇ ପଡ଼ନ୍ତି ତାହାହେଲେ ମୋର ନିଜର ଧର୍ମସାଧନ ଅସମ୍ଭବ ।

ଏହିପରି ଜୀବନର ପ୍ରତ୍ୟେକ ବିଭାଗରେ ଦେଖାଯାଏ ନିଜର ସୁଖ ଓ ସ୍ୱାଚ୍ଛନ୍ଦ୍ୟ, ଉନ୍ନତି ଓ ସାଫଲ୍ୟ ଲାଭ କରିବାକୁ ହେଲେ ମୋତେ ଆଉ ଦଶ ଜଣଙ୍କ ପାଇଁ ସୁଖ ସ୍ୱାଚ୍ଛନ୍ଦ୍ୟ, ଉନ୍ନତି ଓ ସାଫଲ୍ୟ ଲାଭର ଚେଷ୍ଟା କରିବାକୁ ହେବ । ମୋର ଜୀବନ ମୋର ସମାଜର ଜୀବନ ସହିତ ଅତି ଘନିଷ୍ଠ ଭାବରେ ଆବଦ୍ଧ । ସମାଜ ଜୀବନରୁ ବିଚ୍ଛିନ୍ନ ହେଲେ ନିଜର ଜୀବନ ନିଷ୍ଫଳ ହୋଇଯିବ । ସ୍ୱାର୍ଥପରତା ମାନେହିଁ ଆତ୍ମଘାତୀ ନିକା ?

## ସଙ୍ଗୀତ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

( ଦରବାରୀ କାନଡ଼ା—କବାଲ )

ମୁଦ୍ରିଛ ଦେଇ ପ୍ରାଣ-ସଖା ମୋର ସତେ କି ?
ଚଳିତ ଆଖିପତା ଥକିଲା ଠାକି ଠାକି ॥

ଉଡ଼ନ୍ତ ପରି ଥରେ
ଝଲକି ଦେଲ ସେ ରୂପ
ଜଡ଼ିତ ନୟନରେ
ପୁଲକ ପ୍ରେମଭରେ
ରହିଛି ଚାହିଁକି ଚିର ମରମେ ଅଙ୍କି ।୧।

ଗଲେ ବେ ଫେଡ଼ି ସାଧ
ସଙ୍ଗେ ହସ ପଦ
ଖେଳଣେ ଦେଇ ଯାଚି
ନେଇଛ ଆପେ ବାଛି,
ମୁଁ ଛାଡ଼ି ସେ ଦିନରୁ ରହିଛି ଏକା ବାକି ।୨।



Digitized by srujanika@gmail.com

# ବ୍ୟକ୍ତିତ୍ୱ ବା 'ପାର୍ସନେଲିଟି'ର ମୂଳ ନିଦାନ

ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ

ଆମ୍ଭମାନଙ୍କ ମଧ୍ୟରୁ ପ୍ରତ୍ୟେକେ ନିଜ ନିଜ ଜୀବନରେ ଏପରି ଅନେକ ଲୋକଙ୍କୁ ଦେଖିଥିବେ ଯେଉଁମାନଙ୍କ ମଧ୍ୟରୁ କିଏ ଦେଖିବାକୁ ବିଶାଳକାୟ ଦୈତ୍ୟ ଭଳି, କିଏ ବା ଖର୍ବାକୃତି ବାମନ, କିଏ ସବୁ କଥା ଧୀର ସ୍ଥିର ଭାବରେ ବିବେଚନା କରି କାର୍ଯ୍ୟ କରନ୍ତି, କିଏ ବା ମୁହୂର୍ତ୍ତିକର ଉତ୍ତେଜନାରେ କ୍ଷିପ୍ତ ପ୍ରାୟ ହୋଇ ଅଭାବନୀୟ ଗୋଟାଏ କିଛି କରି ବସନ୍ତି; କାହାର ପ୍ରକୃତି ସର୍ବଦା ସତ୍ ପଥରେ ରହି ନିୟମ ସଂଯମ ଆଦି ମାନି ଚଳିବା, କାହାର ଅବା ସ୍ୱଭାବ ନିଜର ପ୍ରବୃତ୍ତିକୁ ବୈଧ ଅଥବା ଅବୈଧ ଯେ କୌଣସି ଉପାୟରେ ଚରିତାର୍ଥ କରିବା । ଜଣେ ମନୁଷ୍ୟ ସହିତ ଅପର ଜଣେ ମନୁଷ୍ୟର ଆକୃତି, ପ୍ରକୃତି ଏବଂ ପ୍ରବୃତ୍ତିଗତ ଏହି ପାର୍ଥକ୍ୟ ସୃଷ୍ଟି-ବୈଚିତ୍ର୍ୟର ଗୋଟିଏ ବ୍ୟାପକ ଉପାଦାନ ଅଟେ । ଇଂରାଜି "ପାର୍ସନେଲିଟି" ଶବ୍ଦ ଏହି ବ୍ୟକ୍ତିଗତ ବୈଶିଷ୍ଟ୍ୟ ଅର୍ଥରେ ବ୍ୟବହୃତ ହୋଇଥାଏ । ଏହାକୁ ହିଁ ଏ ପ୍ରବନ୍ଧରେ "ବ୍ୟକ୍ତିତ୍ୱ" ବୋଲି କୁହାଯିବ ।

ଯେଉଁମାନେ ପୂର୍ବଜନ୍ମ ଏବଂ କର୍ମଫଳ ବିଶ୍ୱାସ କରନ୍ତି ସେମାନେ ଏ ଭଳି ପାର୍ଥକ୍ୟର ମୂଳ କାରଣ ପ୍ରାକ୍ତନ କାର୍ଯ୍ୟକଳାପ ବୋଲି କହିବେ । କିନ୍ତୁ ବିଜ୍ଞାନ ଛିଦ୍ରଶ ଅନ୍ଧ ବିଶ୍ୱାସର ପ୍ରଶ୍ରୟ ଦେଇ ନ ପାରେ । ତେଣୁ ବୈଜ୍ଞାନିକମାନେ ପୂର୍ବଜନ୍ମ ଉପରେ ଆସ୍ଥା ନ ରଖି ଗବେଷଣା ବଳରେ 'ବ୍ୟକ୍ତିତ୍ୱ'ର ପ୍ରକୃତ ନିଦାନ ନିର୍ଦ୍ଦେଶ କରିବାକୁ ବହୁଦିନ ହେଲା ଯତ୍ନ କରି ଆସୁଅଛନ୍ତି । ସେମାନଙ୍କର ଏହି ଅକ୍ଳାନ୍ତ ପରିଶ୍ରମ ଫଳରେ ଆମ୍ଭେମାନେ ଏ ପର୍ଯ୍ୟନ୍ତ ଅନେକ କଥା ଜାଣି ପାରିଅଛୁଁ । ଅଳ୍ପ ଦିନ ତଳେ ହାର୍ଭାର୍ଡ଼ ମେଡ଼ିକେଲ ସ୍କୁଲର ଗବେଷଣାଧ୍ୟକ୍ଷ ( Director of Research ) ହସ୍କିନ୍‌ସ୍ ସାହେବ "ସାଏଣ୍ଟିଫିକ୍ ଏମେରିକାନ୍" ନାମକ ବୈଜ୍ଞାନିକ ପତ୍ରିକାରେ ଏ ସମ୍ବନ୍ଧରେ "ବ୍ୟକ୍ତିତ୍ୱ ଗ୍ରନ୍ଥି" ( Personality Glands ) ନାମକ ଏକ ତଥ୍ୟପୂର୍ଣ୍ଣ ପ୍ରବନ୍ଧ ପ୍ରକାଶ କରି ଅଛନ୍ତି ।

ମନୁଷ୍ୟର ଶରୀରରେ ଅନେକ ଗ୍ରନ୍ଥି ଅଛି । ଏହି ସବୁ ଗ୍ରନ୍ଥି ନାନାବିଧ ରାସାୟନିକ କ୍ରିୟାର ଗୋଟିଏ ଗୋଟିଏ କେନ୍ଦ୍ରବିଶେଷ (ଲେବରେଟରୀ) ବୋଲି କହିଲେ ଚଳେ । ଉଦାହରଣ ସ୍ୱରୂପ, ଖାଇବା ବେଳେ ଆମ୍ଭମାନଙ୍କର ଜିହ୍ୱା ଏବଂ ମୁଖ ଗହ୍ୱରରେ ଥିବା କେତେଗୁଡ଼ିଏ ଗ୍ରନ୍ଥିରୁ ପ୍ରଚୁର ପରିମାଣରେ ଲାଳ ନିଃସୃତ ହୁଏ, ମନରେ ବେଶୀ ଦୁଃଖ ହେଲେ ବେଳେ ବେଳେ ଆଖି ଭିତରେ ଥିବା ଗ୍ରନ୍ଥିମାନଙ୍କରୁ ଏକ ପ୍ରକାର ଲୁଣିଆ ରସ (ଲୁହ) ନିର୍ଗତ ହୁଏ; ଅଧିକ ଗରମ ବୋଧ ହେଲେ ଚମଡ଼ା ତଳେ ଥିବା ଗ୍ରନ୍ଥିଗୁଡ଼ିକରୁ ପ୍ରଚୁର ପରିମାଣରେ ଝାଳ ବାହାରି ଶରୀରକୁ ଥଣ୍ଡା ରଖିବା ଦିଗରେ ସହାୟତା କରେ । ଏହି ସବୁ ଗ୍ରନ୍ଥିରୁ ଯେଉଁ ରସ ବାହାରେ ତାହା ନାଳୀବିଶେଷର ଭିତରେ ଦେଇ ଶରୀରର ଯଥାସ୍ଥାନକୁ ପ୍ରବାହିତ ହୋଇଥାଏ ।

କିନ୍ତୁ ଏପରି କେତେଗୁଡ଼ିଏ ଗ୍ରନ୍ଥି ଅଛି ଯହିଁରୁ ରସ ବାହାରି ଶରୀରର ନାନା ସ୍ଥାନକୁ ସଞ୍ଚାଳିତ ହେବାଲାଗି କୌଣସି ନିର୍ଦ୍ଦିଷ୍ଟ ନାଳୀ ବା ଶିରା (duct) ନାହିଁ । ଏ ଗୁଡ଼ିକୁ "ଅମୁହାଁ ଗ୍ରନ୍ଥି" (ductless glands) କହାଯାଏ । ଏହି ସବୁ ଗ୍ରନ୍ଥିରୁ ଯେଉଁ ରସ ବାହାରେ ତାହାକୁ "ଅଭ୍ୟନ୍ତରିକ ରସ" ବା "ହର୍ମୋନ" (Hormone) ବୋଲାଯାଏ । ଭିନ୍ନ ଭିନ୍ନ ଗ୍ରନ୍ଥିରୁ ଭିନ୍ନ ଭିନ୍ନ ପ୍ରକାରର ହର୍ମୋନ୍ ବାହାରି ଏକାବେଳକେ ରକ୍ତ ସହିତ ମିଶି ଯାଇ ଶରୀରର ଭିନ୍ନ ଭିନ୍ନ ଅଂଶକୁ ସଞ୍ଚାଳିତ ହୁଏ ଏବଂ ବ୍ୟକ୍ତି-ବିଶେଷର ଶାରୀରିକ ଏବଂ ମାନସିକ ଶକ୍ତି ଉପରେ ଏହି ସବୁ ହର୍ମୋନ୍‌ର ବିଶେଷ ପ୍ରଭାବ ଥିବାର ଜଣାଯାଏ ।

ଭେଷଜ ଦ୍ରବ୍ୟମାନଙ୍କ ମଧ୍ୟରେ ଯେଉଁ ଗୁଡ଼ିକ ବିଶେଷ ଭାବରେ ଉଗ୍ରବୀର୍ଯ୍ୟ ବୋଲି ପରିଚିତ, ହର୍ମୋନ୍ ଗୁଡ଼ିକ ସେମାନଙ୍କ ମଧ୍ୟରେ ପ୍ରଥମସ୍ଥାନୀୟ । ଉଦାହରଣସ୍ୱରୂପ, ଉଲ୍ଲେଖ କରାଯାଇ ପାରେ ଯେ କୌଣସି ମନୁଷ୍ୟର ଶରୀରରେ "ଥାଇରଏଡ୍" ଗ୍ରନ୍ଥି ନିଃସୃତ ହର୍ମୋନ୍ (ଥାଇରକ୍ସିନ୍) ଏକକାଳୀନ ଏକ ରତିରୁ ଅଧିକ ନ ଥାଏ । ବର୍ଷକ ଭିତରେ ଲୋକ ପିଛା ମାତ୍ର ଦୁଇ ମସା ଥାଇରକ୍ସିନ୍ ଖରଚ ହୋଇଥାଏ । ଏହା ଗୋଟିଏ କୁଇନାଇନ୍ ବଟିର ଅଧ ଖଣ୍ଡରୁ ସାମାନ୍ୟ ଟିକିଏ ବେଶୀ । ତଥାପି ସେହି ଟିକକ "ଥାଇରକ୍ସିନ୍" ନ ହେଲେ ମନୁଷ୍ୟ ଏକାବେଳକେ ଜଡ଼ ପାଲଟି ଯିବ । ସଚଳ ଉଦ୍ଭିଦ ଆଉ ମନୁଷ୍ୟ ଭିତରେ କୌଣସି ପ୍ରଭେଦ ରହିବ ନାହିଁ ।

ଅନ୍ୟାନ୍ୟ ହର୍ମୋନ୍ ଗୁଡ଼ିକ ଥାଇରକ୍ସିନ୍ ଭଳି ଉଗ୍ରବୀର୍ଯ୍ୟ, କିମ୍ବା ତତୋଽଧିକ । ମନୁଷ୍ୟ ନିଜର ଜୀବନ ଧାରଣ ଏବଂ ଜୀବନକୁ ନାନା ଦିଗରୁ ଉପଭୋଗ୍ୟ କରିବା ସକାଶେ ଏହି ହର୍ମୋନ୍ ଗୁଡ଼ିକ ଉପରେ ସର୍ବତୋଭାବରେ ନିର୍ଭରଶୀଳ । ବ୍ୟକ୍ତି ବିଶେଷର "ବ୍ୟକ୍ତିତ୍ୱ" ଉପରେ ଏ ଗୁଡ଼ିକର ପ୍ରଭାବ ଅମୋଘ ।


ବ୍ୟକ୍ତିତ୍ୱ କହିଲେ ଆମ୍ଭେମାନେ ସାଧାରଣତଃ ମାନସିକ ଶକ୍ତି ଏବଂ ହୃଦୟବୃତ୍ତି (emotion) ଗୁଡ଼ିକର ବୈଶିଷ୍ଟ୍ୟ ବୁଝୁଁ । ମାନସିକ ଶକ୍ତିର ପ୍ରାଚୁର୍ଯ୍ୟ ଏବଂ ଅଭାବ ଅନୁସାରେ ଲୋକ ବୁଦ୍ଧିମାନ ଅଥବା ନିର୍ବୋଧ ହୋଇଥାଏ । ବଂଶାନୁକ୍ରମରେ ବ୍ୟକ୍ତି-ବିଶେଷ ଯେ ଭଳି ମସ୍ତିଷ୍କର ଅଧିକାରୀ ହୋଇ ଭୂମିଷ୍ଠ ହୁଏ ତାର ବୁଦ୍ଧିର ବିକାଶ ମଧ୍ୟ ମୁଖ୍ୟତଃ ସେହି ଅନୁପାତରେ ଘଟିଥାଏ । ମାତ୍ର ମସ୍ତିଷ୍କର କ୍ରମୋନ୍ନତି ସାଧନ ତଥା ମେଧା ଶକ୍ତିର ଅନୁଶୀଳନ



Digitized by srujanika@gmail.com

ଓ ତୀକ୍ଷ୍ଣତା ବଢାଇବା ବିଷୟରେ ହର୍ମୋନ୍ ଗୁଡ଼ିକର କାର୍ଯ୍ୟକାରିତା ଅବିସମ୍ବାଦୀ ଅଟେ । ମାନସିକ ଶକ୍ତି ଅପେକ୍ଷା ହୃଦୟବୃତ୍ତି ବା ଅନୁଭବ ଶକ୍ତି ଉପରେ ହର୍ମୋନ୍ ଗୁଡ଼ିକର ପ୍ରଭାବ ବହୁ ପରିମାଣରେ ଅଧିକ । ଯେଉଁ ବ୍ୟକ୍ତି ସଦା ହାସ୍ୟମୟ ଏବଂ ପ୍ରଫୁଲ୍ଲ ଚିତ୍ତ ତାକୁ ଆମ୍ଭେମାନେ ସ୍ୱତଃପ୍ରବୃତ୍ତ ହୋଇ ଭଲ ପାଉଁ, ମାତ୍ର ଯେଉଁ ଲୋକ ସର୍ବଦା ସ୍ଫୂର୍ତ୍ତିହୀନ ଅଥବା ଗର୍ବିତ ସ୍ୱଭାବ ସେହିଳି ଲୋକ ପ୍ରତି ଆମ୍ଭମାନେ ସାଧାରଣତଃ ଆକୃଷ୍ଟ ହେଉ ନାହିଁ ।

ବର୍ତ୍ତମାନ କେତେ ଗୁଡ଼ିଏ "ଅମୁହାଁ ଗ୍ରନ୍ଥି" ( **ductless gland** ) କଥା ଆଲୋଚନା କରାଯାଉ ।




ଶରୀରସ୍ଥ କେତେ ଗୁଡ଼ିଏ ପ୍ରଧାନ
"ବ୍ୟକ୍ତିତ୍ୱ—ଗ୍ରନ୍ଥି"

ମସ୍ତକର ଠିକ୍ ମଧ୍ୟ ସ୍ଥଳରେ ମସ୍ତିଷ୍କ ମଧ୍ୟରେ "ପିଚୁଇଟେରି" ଗ୍ରନ୍ଥି ଅବସ୍ଥିତ । କୌଣସି ଲୋକର "ପିଚୁଇଟେରି" ଗ୍ରନ୍ଥିର ସ୍ୱାଭାବିକ ବୃଦ୍ଧିରେ ବ୍ୟାଘାତ ଘଟିଲେ ସେ ଚିରଜୀବନ ଖର୍ବାକୃତି ରହିଯାଏ । ଏହି ଆକୃତିଗତ ଖର୍ବତା ଯୋଗୁଁ ସେ ତାର ସମବୟସ୍କ ଲୋକମାନଙ୍କଠାରୁ ନିଜକୁ "ହୀନତର" ବୋଲି ଚିନ୍ତା କରେ, ଏବଂ ଏପରି ଭାବିବା ଫଳରେ ତାର 'ବ୍ୟକ୍ତିତ୍ୱ'ର ସ୍ୱାଭାବିକ ବିକାଶରେ ବାଧା ପଡ଼େ । ନିଜର ଶାରୀରିକ ଅକ୍ଷମତାକୁ ଢାଙ୍କି ନେବା ଲାଗି ସେ ସର୍ବଦା ଭିତରେ ଭିତରେ ଗୋଟାଏ ଉଦ୍‌ବେଗ ଅନୁଭବ କରୁଥାଏ ।

ଯଦି କାହାର ବାଲ୍ୟାବସ୍ଥାରେ ପିଚୁଇଟେରିର କ୍ରିୟା ଅତ୍ୟଧିକ ହୁଏ ତେବେ ତାର ଶାରୀରିକ ବୃଦ୍ଧି ମଧ୍ୟ ସେହି ଅନୁପାତରେ ଅଧିକ ହୋଇଥାଏ । ଆମେରିକାରେ ଗୋଟିଏ ପିଲାର ପିଚୁଇଟେରି ଅତ୍ୟଧିକ ମାତ୍ରାରେ କ୍ରିୟାଶୀଳ ହୋଇ ପଡ଼ିବାରୁ ସେ ୧୭ ବର୍ଷ ବୟସରେ ଆଠ ଫୁଟରୁ ଅଧିକ ଡେଙ୍ଗା ହୋଇଥିଲା । କିନ୍ତୁ ଯଦି ପିଚୁଇଟେରିର କ୍ରିୟାଧିକ୍ୟ ବାଲ୍ୟାବସ୍ଥା ଅତିକ୍ରାନ୍ତ ହେବା ପରେ ଆରମ୍ଭ ହୁଏ ତାହାହେଲେ ତାର ପରିଣାମ ଟିକିଏ ଭିନ୍ନ ଧରଣର ହୋଇଥାଏ । ଶରୀରର ସବୁ ଅଂଶରେ ସମାନ ଭାବରେ ଅତି-ବୃଦ୍ଧି ଘଟିପାରେ ନାହିଁ, କେବଳ କେତେ ଗୁଡ଼ିଏ ବିଶିଷ୍ଟ ଅଂଶ ଅସମ୍ଭବ ରକମର ବୃଦ୍ଧି ପ୍ରାପ୍ତ ହୁଏ । ଫଳରେ, ଅଜାନ୍ତ ବ୍ୟକ୍ତି ଦେଖିବାକୁ ଅତିଶୟ ବିକୃତ ଏବଂ କିମ୍ଭୂତକିମାକାର ହୁଏ, ଏବଂ ତାର ବ୍ୟକ୍ତିତ୍ୱରେ ମଧ୍ୟ ଅନୁରୂପ ବିକାର ଦେଖାଦିଏ । ତା'ଛଡ଼ା, ତାର ଶାରୀରିକ ଆରମ୍ଭ ବିକାରମାନ ହେବା ଅବସ୍ଥାରେ ସେ ଖୁବ୍ ଶକ୍ତିଶାଳୀ ଏବଂ କର୍ମଠ ଥାଏ, କିନ୍ତୁ ପରେ ତାର ଶକ୍ତି ହ୍ରାସ ଘଟେ ଏବଂ ଅଥର୍ବତା ଉପସ୍ଥିତ ହୁଏ । ଏଥି ଯୋଗୁଁ ମଧ୍ୟ ତାକୁ ଉତ୍ତର କାଳରେ ନାନା ଅସୁବିଧା ଭୋଗିବାକୁ ପଡ଼େ ।

ପିଚୁଇଟେରି ଗ୍ରନ୍ଥିରୁ ଆଉ ଏକ ପ୍ରକାର ହର୍ମୋନ୍ ବାହାରେ । ତାହା ଉପରେ ବ୍ୟକ୍ତି ବିଶେଷର କାମାସକ୍ତି ଏବଂ ରତିଶକ୍ତି ନିର୍ଭର କରେ । ଏହି ହର୍ମୋନ୍ ଯଥୋଚିତ ପରିମାଣରେ ନିଃସୃତ ନ ହେଲେ ପ୍ରଜନନ ଶକ୍ତି ଏବଂ ହୃଦୟବୃତ୍ତିର ସମୁଚିତ ବିକାଶ ଘଟେ ନାହିଁ । ଅଜାନ୍ତ ବ୍ୟକ୍ତି କାମଜୀବନର ପରିଣତି ବିଷୟରେ ଆଜୀବନ ଶିଶୁ ତୁଲ୍ୟ ରହିଯାଏ । ଏହି ଦଳର ଲୋକେ ଉତ୍ତର ଜୀବନରେ ଦୁର୍ଦ୍ଧର୍ଷ ସ୍ୱେଚ୍ଛାଚାରୀ ହେବାର ସମୟ ସମୟରେ ଦେଖାଯାଏ । ନିଜ ଭିତରେ ଆତ୍ମବିକାଶର ପୂର୍ଣ୍ଣ ତୃପ୍ତି ଲାଭର କୌଣସି ସମ୍ଭାବନା ନ ଥିବାରୁ ସେପରି ଲୋକ ବାହାରର ଜଗତ ଉପରେ ନିଜର ପ୍ରଭାବ ବିସ୍ତାର କରିବାର ଚେଷ୍ଟା ମଧ୍ୟରେ ନିଜର ଶକ୍ତି ପ୍ରତିଷ୍ଠା ଜନିତ ପରିତୃପ୍ତି ଲୋଡ଼େ ।

ପିଚୁଇଟେରିରୁ ଆଉ ଏକ ପ୍ରକାର ରସ ନିଃସୃତ ହୋଇ ସ୍ତନ୍ୟଦୁଗ୍ଧର ପରିମାଣ ନିୟନ୍ତ୍ରିତ କରୁଥିବାର ଏବେ ଜଣାପଡ଼ିଅଛି । ଗର୍ଭାବସ୍ଥାର ଶେଷ ଆଡ଼କୁ ଏବଂ ପ୍ରସବ ପରେ ଏହି ହର୍ମୋନର କ୍ରିୟା ବିଶେଷ ଭାବରେ ଲକ୍ଷିତ ହୋଇଥାଏ । ମାତୃସ୍ତନରେ ଦୁଗ୍ଧର ସଞ୍ଚାର କରୁଥିବାରୁ ଏହାକୁ "ପ୍ରୋଲେକ୍‌ଟିନ୍" ( **Prolactin** ) ନାମ ଦିଆ ଯାଇଅଛି । ପ୍ରୋଲେକ୍‌ଟିନ୍ ଯେ କେବଳ ସ୍ତନ୍ୟଦୁଗ୍ଧର ସଞ୍ଚାର କରେ ନାହିଁ, ପରନ୍ତୁ ହୃଦୟରେ ମାତୃ-ଭାବର ଏବଂ ମାଆ ହେବାର ଇଚ୍ଛାର ସଞ୍ଚାର କରେ, ଏହା ଜୀବଜନ୍ତୁମାନଙ୍କ ମଧ୍ୟରେ ପରୀକ୍ଷା କରି ନିଃସନ୍ଦେହ ରୂପେ ପ୍ରମାଣିତ ହୋଇଅଛି । ଖୁବ୍ ସମ୍ଭବତଃ, ମନୁଷ୍ୟମାନଙ୍କ ମଧ୍ୟରେ ମଧ୍ୟ ଏହାର କ୍ରିୟା ଅନୁରୂପ । ଆମ୍ଭେମାନେ ବର୍ତ୍ତମାନ ଯେଉଁ ପରିମିତ ଜ୍ଞାନର ଅଧିକାରୀ, ତାହା ଉପରେ ନିର୍ଭର କରି ହୁଏ ତ ଏ କଥା କହିବା ଦୁଃସାହସିକତା ଯେ ମାନବ-ଜନନୀର ମାତୃସ୍ନେହ କେବଳ ମାତ୍ର ହର୍ମୋନ୍-ରସାୟନର ଫଳ । କିନ୍ତୁ ମାତୃସ୍ନେହ ଉପରେ ଯେ ପ୍ରୋଲେକ୍‌ଟିନର କିଛି ନା କିଛି ପ୍ରଭାବ ନିଶ୍ଚୟ ରହିଅଛି, ଏହା ଭବିଷ୍ୟତ୍ ଗବେଷଣା ଫଳରେ ନିର୍ଦ୍ଧାରିତ ହେବା ଅଦ୍ଭୁତ ବିଚିତ୍ର ନୁହେଁ ।

ଗଳ ଦେଶର ନିମ୍ନଭାଗରେ 'ଥାଇରୟେଡ୍' ଗ୍ରନ୍ଥି ବିଦ୍ୟମାନ। 'ଥାଇରକ୍ସିନ୍' ହର୍ମୋନର ସମ୍ପୂର୍ଣ୍ଣ ଅଭାବ ଘଟିଲେ ରୁଗ୍ଣ ବ୍ୟକ୍ତିର ଜୀବନୀଶକ୍ତିର ବିକାଶର ମାତ୍ରା କୌଣସି ସୁସ୍ଥ ବ୍ୟକ୍ତିର ଜୀବନୀଶକ୍ତିର ବିକାଶ ମାତ୍ରାର ପ୍ରାୟ ଅଧେ ହୋଇଯାଏ। ସେପରି ଲୋକ ପ୍ରାୟଶଃ ଉଦାସୀନ, ନିର୍ବୋଧ ଏବଂ ସ୍ମୃତିଶକ୍ତିହୀନ ହେବାର ଦେଖାଯାଏ। ଭୟଙ୍କର ବା ନିଷ୍ଠୁର ହେବାର ଏକ ପ୍ରଚ୍ଛନ୍ନ ବାସନା ବ୍ୟତୀତ ତାର ହୃଦୟବୃତ୍ତିଗୁଡ଼ିକର ଅନ୍ୟ ବିଧି ବିକାଶ କ୍ୱଚିତ୍ ଘଟେ। ସୁଖର ବିଷୟ ଯେ 'ଥାଇରକ୍ସିନ୍'ର ସମ୍ପୂର୍ଣ୍ଣ ଅଭାବ ଅତି ଅଳ୍ପ କ୍ଷେତ୍ରରେ ଦେଖାଯାଇଥାଏ। କିନ୍ତୁ ଏହାର ଆଂଶିକ ଅଭାବ ଯୋଗୁଁ ବହୁ ଲୋକଙ୍କର ନାନା ବିଧ ବିକାର ଉପସ୍ଥିତ ହେଉଥିବାର ଜଣା ଯାଇଅଛି। ପୁଣି, ଏହା ମଧ୍ୟ ଦେଖା ଯାଇଅଛି ଯେ ସମୟ ସମୟରେ ବିଚକ୍ଷଣ ଚିକିତ୍ସକମାନେ ସୁଦ୍ଧା ଥାଇରକ୍ସିନ୍-ସ୍ୱଳ୍ପତାଜନିତ ବ୍ୟାଧି-ଗୁଡ଼ିକର ମୂଳ ନିଦାନ ନିର୍ଣ୍ଣୟ କରି ପାରନ୍ତି ନାହିଁ। ଏ ଜାତୀୟ ରୋଗୀମାନଙ୍କର ଦୈହିକ ଓଜନ କୌଣସି କୌଣସି କ୍ଷେତ୍ରରେ ଅତିରିକ୍ତ ହୋଇଥାଏ। ସେମାନେ ସହଜରେ କ୍ଳାନ୍ତ ହୋଇ ପଡ଼ନ୍ତି। ସାମାନ୍ୟ କାରଣରୁ ବିରକ୍ତ ବା କ୍ରୁଦ୍ଧ ହୁଅନ୍ତି। ସେମାନେ ଅଳ୍ପ କାଳ ସକାଶେ ସୁସ୍ଥ ବ୍ୟକ୍ତି ଭଳି ପରିଶ୍ରମ କରୁଥିବାର ଏବଂ ମାନସିକ ପ୍ରଫୁଲ୍ଲତା ଅନୁଭବ କରୁଥିବାର ମଧ୍ୟ ଜଣା ଯାଇଅଛି। କିନ୍ତୁ ସେ ଭଳି ରୋଗୀ ପରେ ପୁଣି ଅବସନ୍ନ ହୋଇ ପୂର୍ବାବସ୍ଥା ପ୍ରାପ୍ତ ହେଉଥିବାର ସାଧାରଣତଃ ଦେଖାଯାଏ। ଚିକିତ୍ସକମାନେ ସାଧାରଣତଃ ଯେଉଁ ସବୁ ରୋଗୀଙ୍କୁ 'ସ୍ନାୟବିକ ବିକାରଗ୍ରସ୍ତ' ବୋଲି ନିର୍ଦ୍ଦେଶ କରିଥାନ୍ତି, ସେମାନଙ୍କ ମଧ୍ୟରୁ ଅନେକଙ୍କର ବ୍ୟାଧି ଥାଇରକ୍ସିନ୍ ଅଭାବରୁ ଘଟିତ ବୋଲି ଅନୁମାନ କରାଯାଏ।

ଥାଇରକ୍ସିନ୍ ଅଭାବରୁ ଯେଉଁ ସବୁ ବିକାର ଉପସ୍ଥିତ ହୁଏ, ଥାଇରକ୍ସିନ୍‌ର ମାତ୍ରାଧିକ୍ୟ ଘଟିଲେ, ରୋଗୀର ଅବସ୍ଥା ଆହୁରି ଅଧିକ ସଙ୍କଟାପନ୍ନ ହୁଏ। ଥାଇରୟେଡ୍ ଗ୍ରନ୍ଥି ଅତ୍ୟଧିକ ମାତ୍ରାରେ କ୍ରିୟାଶୀଳ ହୋଇ ଉଠିଲେ ରୋଗୀର ସ୍ନାୟୁମଣ୍ଡଳୀ ସର୍ବଦା ବିଶେଷ ଭାବରେ ଉତ୍ତେଜିତ ହୋଇ ରହିବା ହେତୁରୁ ଶେଷରେ ରୋଗୀର ମୃତ୍ୟୁ ଘଟିବା ମଧ୍ୟ ବିଚିତ୍ର ନୁହେ। ସେପରି ରୋଗୀର ଜୀବନୀଶକ୍ତିର ଗତିବେଗ ସାଧାରଣ ବ୍ୟକ୍ତିର ପ୍ରାୟ ଦୁଇ ଗୁଣ ଅଟେ। ତେଣୁ ବହୁ କ୍ଷେତ୍ରରେ ରୋଗୀ ଅକାଳ ମୃତ୍ୟୁମୁଖରେ ପତିତ ହୋଇଥାଏ।

'ଥାଇମସ୍' ଗ୍ରନ୍ଥି ନିଃସୃତ ହର୍ମୋନ୍ ସମ୍ବନ୍ଧରେ ଏ ପର୍ଯ୍ୟନ୍ତ ପରିଷ୍କାର ଭାବରେ କିଛି ଜଣାଯାଇ ନାହିଁ। ତେବେ, ଇତର ଜନ୍ତୁମାନଙ୍କ ମଧ୍ୟରେ ପରୀକ୍ଷା କରି ଦେଖା ଯାଇଅଛି ଯେ ଏହା ପ୍ରଭାବରେ ଅତ୍ୟଳ୍ପ ବୟସରେ ସେମାନେ ପ୍ରାପ୍ତବୟସ୍କ ଭଳି ବ୍ୟବହାର କରନ୍ତି। ଯେଉଁସବୁ ମାନବଶିଶୁ ବୟୋବୃଦ୍ଧି ସଙ୍ଗେ ସଙ୍ଗେ ସ୍ୱାଭାବିକ ମାତ୍ରାରେ ମାନସିକ ଶକ୍ତିବିକାଶର ପରିଚୟ ଦିଅନ୍ତି ନାହିଁ, ସେମାନଙ୍କର ସେହି ବିକାର ଦୂରୀକରଣରେ ଏହି ହର୍ମୋନ୍ ଭବିଷ୍ୟତରେ ବିଶେଷ କାର୍ଯ୍ୟକାରୀ ହେବ ବୋଲି ଆଶା କରାଯାଏ।

ମୂତ୍ରାଶୟର ଠିକ୍ ଉପରେ ଅବସ୍ଥିତ 'ଆଡ୍ରେନାଲ୍' ଗ୍ରନ୍ଥିରୁ 'ଆଡ୍ରେନାଲିନ୍' ନାମକ ସୁପରିଚିତ ହର୍ମୋନ୍ ନିର୍ଗତ ହୁଏ। ମନୁଷ୍ୟର ସାଧାରଣ ଶାନ୍ତିପୂର୍ଣ୍ଣ ଜୀବନଯାପନ କାଳରେ ଏହି ଗ୍ରନ୍ଥିର କାର୍ଯ୍ୟକାରିତା ପ୍ରଚ୍ଛନ୍ନ ଥାଏ, କିନ୍ତୁ ଦୈବାତ୍ କୌଣସି ଆପଦ ଉପସ୍ଥିତ ହେଲେ କିମ୍ବା କୌଣସି କାରଣରୁ ମନ ଆକସ୍ମିକ ଭାବରେ ବିଚଳିତ ହୋଇ ପଡ଼ିଲେ, ଏହି ଗ୍ରନ୍ଥିରୁ ଯଥେଷ୍ଟ ରସ-ସ୍ରାବ ଘଟେ। ଆଡ୍ରେନାଲିନ୍ ସାମୟିକ ଭାବରେ ଶାରୀରିକ ଉତ୍ତେଜନା ଏବଂ ବଳବୃଦ୍ଧି ଘଟାଏ। ଏହା ନ ଥିଲେ ସଙ୍କଟ କାଳରେ ଆମ୍ଭେମାନେ ଅକ୍ଷମତର ହୋଇ ପଡୁଥାଆନ୍ତୁ, ଏବଂ ଆମ୍ଭମାନଙ୍କର ବ୍ୟକ୍ତିତ୍ୱର ମଧ୍ୟ ଭ୍ରଂଶ ଘଟୁଥାନ୍ତା। ଆଦିମ ଯୁଗରେ ମନୁଷ୍ୟଙ୍କୁ ଯେଉଁ ସବୁ ବିପଦର ସମ୍ମୁଖୀନ ହେବାକୁ ପଡୁଥିଲା, ସେଥିରୁ ଉଦ୍ଧାର ଲାଭ ନିମନ୍ତେ ମାନସିକ ବିଚକ୍ଷଣତାଠାରୁ ଦୈହିକ କ୍ଷମତା ଏବଂ ଦକ୍ଷତାର ଅଧିକତର ପ୍ରୟୋଜନ ପଡୁଥିଲା। ସେତେବେଳେ 'ଆଡ୍ରେନାଲିନ୍' ମନୁଷ୍ୟର ପ୍ରଭୂତ ଉପକାର ସାଧନ କରୁଥିଲା। କିନ୍ତୁ ଆଧୁନିକ ଯୁଗର ଜୀବନଯାତ୍ରାର ନାନା ଜଟିଳତା ଯୋଗୁଁ ସଙ୍କଟ କାଳରେ ଦୈହିକ ଶକ୍ତିର ପ୍ରୟୋଗ ଅପେକ୍ଷା ମାନସିକ ଧୈର୍ଯ୍ୟ ଏବଂ ସଂଯମର ଅଧିକ ପ୍ରୟୋଜନ ହୋଇଥାଏ। କିନ୍ତୁ ଏହି ଅବସ୍ଥା-ବୈଷମ୍ୟ ସତ୍ତ୍ୱେ ଆଡ୍ରେନାଲିନ୍ ପୂର୍ବ ପରି ନିଃସୃତ ହେଉଥିବାରୁ ଧୈର୍ଯ୍ୟ ଧାରଣ ଏବଂ ସଂଯମ ରକ୍ଷା ଅଧିକତର କଷ୍ଟକର ହୋଇ ପଡ଼େ।

"କୋର୍ଟିନ" (Cortin) ନାମକ ଆଉ ଏକ ପ୍ରକାର ହର୍ମୋନ୍ ଆଡ୍ରେନାଲ ଗ୍ରନ୍ଥିରୁ ନିଃସୃତ ହେଉଥିବା କଥା ଅଳ୍ପ ଦିନ ହେଲା ଆବିଷ୍କୃତ ହୋଇଅଛି। ଏହାର ପ୍ରଭାବ ଶରୀରସ୍ଥ ଯାବତୀୟ ଜୀବକୋଷ (cell) ଉପରେ ପରିଲକ୍ଷିତ ହୁଏ। କୋର୍ଟିନର ଅଭାବ ଘଟିଲେ ରୋଗୀ ଦୁର୍ବଳ, ଅସ୍ଥିର, ଅପ୍ରସନ୍ନ ଏବଂ ସହଯୋଗ-ବିମୁଖ ହୋଇ ଉଠେ। କୃତ୍ରିମ ଉପାୟରେ କୋର୍ଟିନ୍ ଯୋଗାଇଲେ ସେ ପୁଣି ସୁସ୍ଥ ଏବଂ ପ୍ରସନ୍ନ ହୁଏ, ଏବଂ କାର୍ଯ୍ୟ କରିବାକୁ ତାର ଶକ୍ତି ଏବଂ ଉତ୍ସାହ ବଢ଼େ।

ଆଡ୍ରେନାଲ୍ ଗ୍ରନ୍ଥି ବୃଦ୍ଧିପ୍ରାପ୍ତ ହେଲେ ସ୍ତ୍ରୀପୁରୁଷ-ନିର୍ବିଶେଷରେ ରୋଗୀର ପୁରୁଷୋଚିତ ଲକ୍ଷଣମାନ ପ୍ରକାଶ ପାଉଥିବାର ଦେଖା ଯାଇଅଛି। ଏଥିରୁ ଅନୁମିତ ହୁଏ ଯେ ଉକ୍ତ ଗ୍ରନ୍ଥିରୁ ଏପରି କୌଣସି ହର୍ମୋନ୍ ନିଃସୃତ ହୁଏ ଯାହାଦ୍ୱାରା ପ୍ରାଣୀର ପୁରୁଷତ୍ୱ ପ୍ରଭାବିତ ହୋଇଥାଏ। କିନ୍ତୁ ଏ ପର୍ଯ୍ୟନ୍ତ ଏହି ହର୍ମୋନ୍ ସ୍ୱତନ୍ତ୍ର ଭାବରେ ଆବିଷ୍କୃତ ହୋଇ ନାହିଁ।

ମନୁଷ୍ୟ ଏବଂ ଇତର ଜନ୍ତୁମାନଙ୍କ ମଧ୍ୟରେ ସ୍ତ୍ରୀ ଏବଂ ପୁରୁଷ ଭେଦରେ କେତେ ଗୁଡ଼ିଏ ବିଶିଷ୍ଟ ଗ୍ରନ୍ଥି ଥାଏ [ ସ୍ତ୍ରୀରେ ଅଣ୍ଡାଶୟ (Ovary) ଏବଂ ଅଣ୍ଡକୋଷ ନାମକ ଗ୍ରନ୍ଥିଗୁଡ଼ିକ ଦ୍ରଷ୍ଟବ୍ୟ ]। ସ୍ମରଣାତୀତ କାଳରୁ ଗୃହପାଳିତ ଜନ୍ତୁମାନଙ୍କୁ ଅଧିକତର ଶାନ୍ତସ୍ୱଭାବ ଏବଂ ମାଂସଳ କରିବା ଉଦ୍ଦେଶ୍ୟରେ ମୁଷ୍କଚ୍ଛେଦନ ପ୍ରଥା ଚଳି ଆସୁ-



Digitized by srujanika@gmail.com

ଥିବାର ଆମ୍ଭେମାନେ ଅବଗତ ଅଛୁଁ । ପରିଣତାବସ୍ଥା ପ୍ରାପ୍ତ ହେବା ପୂର୍ବରୁ ଏହି ପ୍ରଜନନ-ଗ୍ରନ୍ଥି ଗୁଡ଼ିକ ସ୍ଥାନାନ୍ତରିତ କରିଗଲେ ମନୁଷ୍ୟ ଏବଂ ଜୀବଜନ୍ତୁ ପ୍ରଜନନକ୍ଷମ ହୁଅନ୍ତି ନାହିଁ । ସେମାନଙ୍କର ଦୈହିକ ଶକ୍ତି ଏବଂ କର୍ମତତ୍ପରତା କିଞ୍ଚିତ୍ ପରିମାଣରେ ହ୍ରାସପ୍ରାପ୍ତ ହୁଏ । ଜୀବଜନ୍ତୁମାନେ ଯଥାସମୟରେ ଯୌନ-ସଙ୍ଗମ ଲାଗି ଉତ୍କଣ୍ଠା ପ୍ରକାଶ କରନ୍ତି ନାହିଁ । ମନୁଷ୍ୟମାନଙ୍କ ମଧ୍ୟରେ ଯୌବନସମାଗମରେ "ରୋମାନ୍ସ" ପ୍ରତି ଆଗ୍ରହ ଦେଖାଯାଏ ନାହିଁ । କିନ୍ତୁ ଯଦି ପରିଣତାବସ୍ଥା ପ୍ରାପ୍ତ ହେବା ପରେ ଏହି ସବୁ ଗ୍ରନ୍ଥି ସ୍ଥାନାନ୍ତରିତ କରିଯାଏ, ତେବେ ତାର ପରିଣାମ ସବୁ କ୍ଷେତ୍ରରେ ଏକାଭଳି ହୁଏ ନାହିଁ; ସାଧାରଣତଃ, ଅବ୍ୟବସ୍ଥିତଚିତ୍ତତା ଦେଖାଯାଏ । ସ୍ତ୍ରୀମାନେ କୌଣସି କୌଣସି କ୍ଷେତ୍ରରେ ନିରତିଶୟ କୋପନସ୍ୱଭାବା ହୋଇ ପଡ଼ନ୍ତି । ସ୍ତ୍ରୀପୁରୁଷନିର୍ବିଶେଷରେ ଦୈହିକ ଓଜନ ଅଧିକ ହେଉଥିବାର ଦେଖାଯାଏ ।

'ହର୍ମୋନ୍' ସହିତ ମନୁଷ୍ୟର ବ୍ୟକ୍ତିତ୍ୱ କିପରି ଘନିଷ୍ଠ ଭାବରେ ସମ୍ବନ୍ଧ ତାହା ଉପରେ ଯାହା କହାଗଲା ସେଥିରୁ ସ୍ପଷ୍ଟ ଭାବରେ ପ୍ରତୀତ ହେବ । ଏହା ଛଡ଼ା, ମନୋବିଜ୍ଞାନ ଦିଗରୁ ଏ ବିଷୟର ଆଲୋଚନା କଲେ ଆହୁରି ଅନେକ ଗମ୍ଭୀର ତଥ୍ୟ ଉଦ୍‌ଘାଟିତ ହେବାର ପୂର୍ଣ୍ଣ ସମ୍ଭାବନା ରହିଅଛି । ଅନ୍ତତଃ ଏତିକ ନିଃସଂଶୟରେ କହାଯାଇ ପାରେ ଯେ ବ୍ୟକ୍ତିତ୍ୱ ବହୁ ପରିମାଣରେ ହର୍ମୋନ୍-ନିଃସାରଣ ଉପରେ ନିର୍ଭର କରେ, ଏବଂ ଏହିସବୁ ହର୍ମୋନ୍ ମଧ୍ୟରୁ କୌଣସିଟିର ଅଭାବ ଘଟିଲେ ବ୍ୟକ୍ତିବିଶେଷର 'ବ୍ୟକ୍ତିତ୍ୱ' ବିଶେଷ ପରିମାଣରେ କ୍ଷତିଗ୍ରସ୍ତ ହୋଇଥାଏ ।

## ସ୍ତ୍ରୀ ଶିକ୍ଷାର ସମସ୍ୟା ଓ ଆମ୍ଭମାନଙ୍କର କର୍ତ୍ତବ୍ୟ

**ଶ୍ରୀମତୀ ସରୋଜିନୀ ଚୌଧୁରୀ**

ଆଜି ଆମ ଜାତିର ଜୀବନରେ ନବ ଜାଗରଣର ସ୍ପନ୍ଦନ ଦେଖା ଦେଇଛି । ଜାତିର ଜୀବନରେ ପୂର୍ଣ୍ଣ ବିକାଶ ଆଣିବାକୁ ହେଲେ ତାର ସାହିତ୍ୟ, ତାର ଦର୍ଶନ, ତାର ଶିଳ୍ପ-କଳା, ତାର ଧନ-ବିଜ୍ଞାନ, ତାର ସମର ନୈପୁଣ୍ୟ ଇତ୍ୟାଦି ସବୁ କ୍ଷେତ୍ରରେ ଯେ ଉନ୍ନତି ଆବଶ୍ୟକ ସେ କଥା ଅନ୍ତରେ ଅନ୍ତରେ ଆଜି ଓଡ଼ିଆ ଜାତି ଅନୁଭବ କରୁଛି । ତାହାର ସୂଚନା ସ୍ୱରୂପ ଦେଶର ସ୍ଥାନେ ସ୍ଥାନେ ନାନା ପ୍ରକାର ଉଦ୍ୟମ ଓ ଉତ୍ସବ କରି ଯାଉଅଛି ।

ଏ ସମସ୍ତ ମଧ୍ୟରେ ସାହିତ୍ୟର ଉନ୍ନତି ସର୍ବାଦୌ ଆବଶ୍ୟକ । କାରଣ ଜାତୀୟ ଜୀବନ ବିକାଶର ପ୍ରଥମ ସୋପାନରେ ତା'ର ଭାବ-ରାଜ୍ୟର ବିକାଶ ପ୍ରୟୋଜନ । ଆଉ ଏ ଭାବର ବିକାଶ ନିର୍ଭର କରେ ସାହିତ୍ୟର ବିକାଶ ଉପରେ । ଆମର ଅନ୍ତରର ଭାବ, ଅନ୍ତରର ବେଦନା ଦେଶବାସୀଠାରେ ପହଞ୍ଚୁ, ତାଙ୍କର ଭାବ ଓ ବେଦନା ମଧ୍ୟ ଆମର ଅନ୍ତରକୁ ଆନ୍ଦୋଳିତ କରୁ, ତେବେ ଯାଇ ଏ ଉତ୍ସବ ଜୀବନ୍ତ, ସାର୍ଥକ ଓ ମଙ୍ଗଳମୟ ହେବ । ପ୍ରଥମେ କିନ୍ତୁ ନାରୀ ଶିକ୍ଷିତା ନ ହେଲେ, ଦେଶରେ ସାହିତ୍ୟ-ଗ୍ରାହକ ସଂଖ୍ୟା ବେଶୀ ହେବ ନାହିଁ, ସେଥିପାଇଁ ସେହି ସମ୍ବନ୍ଧରେ ଏଠାରେ ଆଲୋଚନା କରିବାକୁ ମୁଁ ଇଚ୍ଛା କରଅଛି । ଭାରତର ଶିକ୍ଷା ସମସ୍ୟାର ଅନୁସନ୍ଧାନ କରି ହାର୍ଟଗ କମିଟି ( Hartog Committee ) ଲେଖିଛନ୍ତି ବିହାର ଓଡ଼ିଶାରେ କେବଳ ଅକ୍ଷର ଜ୍ଞାନ ଥିବା ପୁରୁଷ ଶତକଡ଼ା ୮·୮ ଓ ସ୍ତ୍ରୀ ଶତକଡ଼ା ଦଶମିକ ଛଅ ମାତ୍ର ।

ଆମର ସ୍ଥିତି ଏପରି ? ଖବର କାଗଜରେ ପଢ଼ିଥିବେ ତ୍ରିବାଙ୍କୁରରେ ଅକ୍ଷରଜ୍ଞାନ ଥିବା ପୁରୁଷର ସଂଖ୍ୟା ଅଧିକ ବେଶୀ ଏବଂ ନାରୀ ପୁରୁଷର ସଂଖ୍ୟା ସମାନ । ବରୋଦାରେ ଶିକ୍ଷିତ ପୁରୁଷଠାରୁ ନାରୀର ସଂଖ୍ୟା ଅଳ୍ପ କମ ଏବଂ ଗୁଜରାଟ ପ୍ରଦେଶର ଗୋଇନ୍ଦାରେ ୧୦ ବର୍ଷ ମଧ୍ୟରେ ଶିକ୍ଷା ବାଧ୍ୟତାମୂଳକ ହୋଇ ଥିବାରୁ ଅକ୍ଷରଜ୍ଞାନ ଥିବା ପୁରୁଷଙ୍କଠାରୁ ସ୍ତ୍ରୀ ସଂଖ୍ୟା ବେଶୀ ହୋଇଯାଇଛି ।

ଶିକ୍ଷିତଙ୍କ ସଂଖ୍ୟା ତ ଏହି, ଆମର ସାହିତ୍ୟ ପଢ଼ିବ କିଏ ? ତେବେ କଣ ସାହିତ୍ୟ ଅପେକ୍ଷା କରିବ ସେ ପର୍ଯ୍ୟନ୍ତ ଯେ ଯାଏ ଦେଶ ଶିକ୍ଷିତ ନ ହୋଇଛି ? ନା ସାହିତ୍ୟ ଚେଷ୍ଟା କରିବ ଦେଶର ସମସ୍ତ ଆଭ୍ୟନ୍ତରୀଣ ଅବସ୍ଥା ଅନୁସନ୍ଧାନ କରି ତାହାର ପ୍ରତିକାର କରିବାକୁ?

ହାର୍ଟଗ୍ କମିଟି ବିବରଣୀରୁ ଜଣାଯାଏ ବ୍ରିଟିଶ ଭାରତରେ ପୁରୁଷଙ୍କର ପ୍ରାଇମେରୀ ଶିକ୍ଷା ସକାଶେ ସରକାର ଖରଚ କରିଛନ୍ତି ୫୯୨·୨୦ ଲକ୍ଷ; ଅଥଚ ବାଳିକାଙ୍କ ସକାଶେ ଖର୍ଚ୍ଚ କରିଛନ୍ତି ୧୦୩ ଲକ୍ଷ ମାତ୍ର । ସେଥି ମଧ୍ୟରୁ ବିହାର ଓଡ଼ିଶାରେ ପୁରୁଷଙ୍କ ଲାଗି ୫୧·୦୭ ଲକ୍ଷ, ସ୍ତ୍ରୀଙ୍କ ଲାଗି ୩·୫୨ ଲକ୍ଷ ଖର୍ଚ୍ଚ ହୋଇ ଥିବାର ଜଣାଯାଏ ।

ବ୍ରିଟିଶ ଭାରତର ହାଇସ୍କୁଲମାନଙ୍କ ପାଇଁ ଖର୍ଚ୍ଚ ହୋଇଛି ୫୭୪·୫୪ ଲକ୍ଷ ପୁରୁଷ ସକାଶେ ଏବଂ ୮୭·୪୦ ଲକ୍ଷ ସ୍ତ୍ରୀ ସକାଶେ; ସେଥିରୁ ବିହାର ଓଡ଼ିଶାର ପୁରୁଷ ଲାଗି ୨୯·୭୮ ଲକ୍ଷ ଏବଂ ସ୍ତ୍ରୀ ଲାଗି ୨·୫୧ ଲକ୍ଷ । ମୋଟ ଖରଚ ଏଇ; ଏଥିରୁ ପୁଣି କମାଇବାକୁ କେହି କେହି କହନ୍ତି । ଉକ୍ତ କମିଟି ଲେଖିଛନ୍ତି—ନାରୀ ଶିକ୍ଷାର



Digitized by srujanika@gmail.com

ପ୍ରଥମ ଏବଂ ଗୁରୁତର ଅନ୍ତରାୟ ରକ୍ଷଣଶୀଳତା—ଏପରି କି ଅନେକ ଶିକ୍ଷିତ ପିତାମାତା କେବଳ ପୁତ୍ରମାନଙ୍କୁ ବ୍ୟବହାରଜୀବୀ ଶିକ୍ଷା ଦେବାକୁ ଚାହାନ୍ତି, କନ୍ୟାମାନଙ୍କୁ ଶିକ୍ଷା ଦେବାକୁ କେବଳ ଅନାବଶ୍ୟକ ନୁହେ, ବିପଦ୍‌ଜନକ ବୋଲି ଭାବନ୍ତି । ରକ୍ଷଣଶୀଳତା ଏବଂ କୁସଂସ୍କାର ଯଦିବା ଦିନକୁ ଦିନ କମିଯାଉଛି ତଥାପି ବ୍ୟାପକ ଭାବରେ ଶିକ୍ଷା ବିସ୍ତାରର ସୂଚନା ବିଶେଷ ଦେଖା ଯାଉନାହିଁ ।

ନାରୀ ଶିକ୍ଷା ସମ୍ବନ୍ଧରେ ଦ୍ୱିତୀୟ ବାଧା ପର୍ଦ୍ଦା ପ୍ରଥା । ପର୍ଦ୍ଦା ପ୍ରଥା ପରୋକ୍ଷ ଭାବରେ ଶିକ୍ଷାର ପ୍ରଗତିକୁ ପଛେଇ ଦେଇଛି । କାରଣ ଯେଉଁଠାରେ ପର୍ଦ୍ଦା ପ୍ରଥା ବେଶୀ, ସେଠାରେ ସାନସାନ ଝିଅମାନେ ପୁଅଙ୍କ ସଙ୍ଗରେ ସ୍କୁଲରେ ପଢିଲେ ମଧ୍ୟ, ଶିକ୍ଷାରେ ତାଙ୍କର ଯେ ବିଶେଷ ଆବଶ୍ୟକ ଅଛି, ଏ ଭାବ ସେମାନଙ୍କଠାରେ ନ ଥାଏ । ଏହିପରି ଯେଉଁ ସମାଜରେ ପର୍ଦ୍ଦା ପ୍ରଥା ଅଛି, ସେହି ସମାଜର ବେଷ୍ଟନୀ ନାରୀ-ଶିକ୍ଷା ବିରୁଦ୍ଧରେ ତୀବ୍ର ଅନ୍ତରାୟ ହୋଇ ପଡ଼ିଅଛି ।

ତୃତୀୟ ବାଧା ହେଉଛି ବାଲ୍ୟ ବିବାହ । ଅତୀତରେ ଭାରତରେ ଅନେକ ଉଚ୍ଚ ସମାଜରେ ବାଲ୍ୟ ବିବାହ ପ୍ରଥା ନିୟମା-ବଦ୍ଧ ଥିବାରୁ, ନାରୀ-ଶିକ୍ଷା ବାଧା ପାଇଛି । ହିନ୍ଦୁ ଧର୍ମ୍ମରେ ନାରୀ-ଶିକ୍ଷା ବିରୁଦ୍ଧରେ କୌଣସି ଅନୁଶାସନ ନାହିଁ, ବରଂ ପ୍ରାଚୀନ ଇତିହାସରେ ଓ ଭାରତର କାବ୍ୟ ପୁରାଣରେ ଉଚ୍ଚ ସ୍ତରର ବିଦୁଷୀ ଥିବାର ଦୃଷ୍ଟାନ୍ତ ଅଛି ।

ଉକ୍ତ କମିଟି ଲେଖିଛନ୍ତି—ବିହାର ଓଡ଼ିଶାରେ ନିକଟରେ ନାରୀ-ଶିକ୍ଷା ପ୍ରତି ବିଶେଷ ନଜର ପଡ଼ିଥିବା ସତ୍ତ୍ୱେ, ସାମାଜିକ ଅବସ୍ଥା ଶିକ୍ଷା ପ୍ରସାରର ଭୀଷଣ ବିରୋଧୀ । ସମାଜସଂସ୍କାର ଭାବ ଜନ-ସାଧାରଣଙ୍କ ଉପରେ ଅତି କମ୍ ପ୍ରଭାବ ବିସ୍ତାର କରିଅଛି । ପର୍ଦ୍ଦା ବର୍ତ୍ତମାନ ସୁଦ୍ଧା ନାରୀ-ଶିକ୍ଷାର ଅନ୍ତରାୟ । ନାରୀର ସର୍ବବିଧ ମଙ୍ଗଳ ସକାଶେ ଯେ ପର୍ଦ୍ଦା ଉଚ୍ଛେଦର ଆବଶ୍ୟକ, ଏହା ସେମାନେ ଏ ପର୍ଯ୍ୟନ୍ତ ହୃଦୟଙ୍ଗମ କରି ପାରି ନାହାନ୍ତି । ଟ୍ରେନିଂ ପ୍ରାପ୍ତ ନାରୀ-ଶିକ୍ଷୟିତ୍ରୀ ବଡ଼ ଦୁର୍ଲଭ । ଯଦିଚ ପୁରୁଷ ଶିକ୍ଷକ ଅଧୀନରେ ରହି ସହ-ଶିକ୍ଷା ଦେବାକୁ କେହି କେହି ସମର୍ଥନ କରୁଅଛନ୍ତି, ତଥାପି ଏହାର ବିରୋଧୀ ହିଁ ବହୁତ ବେଶୀ । ସମାଜର ବେଷ୍ଟନୀ ଏହାର ପ୍ରତିକୂଳ ହୋଇ ଥିବାରୁ ବିହାର ଓଡ଼ିଶାରେ ସ୍କୁଲକୁ ଯିବା ବୟସର ବାଳିକା ସଂଖ୍ୟା ୨୫ ଲକ୍ଷ । ଏଥି ମଧ୍ୟରୁ ୧,୧୦,୦୦୦ ନିମ୍ନ ପ୍ରାଇମେରୀ ଶ୍ରେଣୀରେ ପଢ଼ନ୍ତି, ବାକି ଉଚ୍ଚ ପ୍ରାଇମେରୀ ଶ୍ରେଣୀରେ ହିଁ ଅଧିକାଂଶ ପଢ଼ନ୍ତି । ଉଚ୍ଚ ଶିକ୍ଷା ନାହିଁ କହିଲେ ଚଳେ । ହାଇସ୍କୁଲରେ ବିହାର ଓଡ଼ିଶା ମିଶି ଛାତ୍ରୀମାନଙ୍କ ସଂଖ୍ୟା ସାମାନ୍ୟ କେତେକ ଶତ ମାତ୍ର । ଏମାନଙ୍କ ମଧ୍ୟରୁ ଅଧିକାଂଶ ଖ୍ରୀଷ୍ଟାନ୍ । ସେ ଯାହାହେଉ ବର୍ତ୍ତମାନ ଜାଗରଣର ଲକ୍ଷଣ ଦେଖାଯାଉଛି ।

ନାରୀକଲେଜସମ୍ବନ୍ଧରେ ଉକ୍ତକମିଟିକହିଅଛନ୍ତି—ନାରୀ-ଶିକ୍ଷାର ଉନ୍ନତି ପାଇଁ ବହୁ ସଂଖ୍ୟକ ସୁଶିକ୍ଷିତା ନାରୀ ଏପରି ବୋର୍ଡ଼ମାନଙ୍କରେ ନିଯୁକ୍ତ କରିବା ଆବଶ୍ୟକ, ଯେଉଁମାନେ ନାରୀନେତ୍ରୀ ହୋଇ ଜନ-ମତ ଗଠନ କରିବେ ଏବଂ ଡାକ୍ତରୀ, ଟ୍ରେନିଂପ୍ରାପ୍ତ ଶିକ୍ଷୟିତ୍ରୀ, ସୁପରଭାଇଜାର ଇତ୍ୟାଦି ଉଚ୍ଚଶିକ୍ଷା ବିଭାଗ ଲାଗି ଛାତ୍ରୀ ସଂଗ୍ରହ କରି ପାରିବେ ।

ସେମାନେ ପ୍ରତ୍ୟେକ ପ୍ରଦେଶରେ ନାରୀ କଲେଜର ଏବଂ ସହଶିକ୍ଷାରେ ପଢୁଥିବା କଲେଜ ଛାତ୍ରୀ ସଂଖ୍ୟା ଓ ଉଭୟର ମିଶି ମୋଟ ଛାତ୍ରୀ ସଂଖ୍ୟାର ବିଷୟ ରିପୋର୍ଟରେ ଲେଖିଅଛନ୍ତି—

| | |
|---|---|
| ବ୍ରିଟିଶ ଭାରତରେ ସର୍ବମୋଟ ନାରୀ କଲେଜ | ୧୯ ଗୋଟି |
| ସର୍ବମୋଟ ଛାତ୍ରୀ ସଂଖ୍ୟା | ୧୯୩୩ |
| ବିହାର ଓଡ଼ିଶାରେ ନାରୀ କଲେଜ | ୧ ଗୋଟି |
| ସର୍ବମୋଟ ଛାତ୍ରୀ ସଂଖ୍ୟା | ୭ ,, |

ଏ ତାଲିକା ଉକ୍ତ କମିଟିର ୧୯୨୭ ସାଲରେ ପ୍ରକାଶ ପାଇଛି, ଅବଶ୍ୟ ୧୯୩୫ ବେଳକୁ ସବୁ ଶ୍ରେଣୀରେ ଛାତ୍ରୀ ସଂଖ୍ୟା ବେଶୀ ହୋଇଯାଇଛି । ତଥାପି ଯାହା ହୋଇଛି ସେ ସମୁଦ୍ରକୁ ଶଙ୍ଖ ପ୍ରାୟ ।

କମିଟି ଲେଖିଅଛନ୍ତି—ଉକ୍ତ ୧୯ ଟି ନାରୀ କଲେଜରୁ ୫ଟି ସରକାରଙ୍କଦ୍ୱାରା ଚାଳିତ, ୧୨ଟା ମିଶନ୍‌ଦ୍ୱାରା ଚାଳିତ, ୨ଟି ପ୍ରାଇଭେଟ ପରିଚାଳକଦ୍ୱାରା ଚାଳିତ ।

ବାଧ୍ୟତାମୂଳକ ନାରୀଶିକ୍ଷା ସମ୍ବନ୍ଧରେ ହାଟଗ୍ କମିଟି ୧୯୨୭ ରେ ଲେଖିଛନ୍ତି—ନାନା ପ୍ରକାର ସାମାଜିକ ଏବଂ ଅନ୍ୟାନ୍ୟ ବାଧା ହେତୁ ନାରୀଶିକ୍ଷା ବାଧ୍ୟତାମୂଳକ କରିବା ବଡ଼ ଶକ୍ତ । ସେହି ହେତୁରୁ ୫ଟି ପ୍ରଦେଶରେ ନାରୀଶିକ୍ଷା ବାଧ୍ୟତାମୂଳକ କରି ପରୀକ୍ଷା କରାଯାଉଛି । ମାନ୍ଦ୍ରାଜ କର୍ପୋରେସନ୍ ଅମୁସଲମାନ ଝିଅଙ୍କ ସକାଶେ ବାଧ୍ୟତାମୂଳକ ଶିକ୍ଷା କରିଅଛନ୍ତି । ବୋମ୍ବେର ଦୁଇଟି ମିଉନିସିପାଲିଟି ତାଙ୍କ ଏରିଆ ମଧ୍ୟରେ ଅମୁସଲମାନ ଝିଅଙ୍କ ଲାଗି ବାଧ୍ୟତାମୂଳକ ଶିକ୍ଷାର ବିଧାନ କରିଅଛନ୍ତି । ଯୁକ୍ତପ୍ରଦେଶ, ମଧ୍ୟପ୍ରଦେଶ ଏବଂ ଆସାମରେ ଏ ଆଇନ ପାଶ ହୋଇଯାଇଛି ।

ବିହାର ଓଡ଼ିଶା ସରକାର ୧୯୩୦ ଡିସେମ୍ବର ୨୪ ତାରିଖରେ ପ୍ରାଇମେରୀ ଶିକ୍ଷା ସମ୍ବନ୍ଧରେ ଅନୁସନ୍ଧାନ କରିବା ପାଇଁ ଗୋଟିଏ କମିଟି ବସାଇଥିଲେ । ଉକ୍ତ କମିଟି ୧୯୩୫ ଫେବ୍ରୁଆରୀ ୨୨ ତାରିଖରେ ଯେଉଁ ରିପୋର୍ଟ ଦେଇଅଛନ୍ତି ସେଥିରେ ସେ ଲେଖି-ଅଛନ୍ତି ଯେ—ବର୍ତ୍ତମାନ ସୁଦ୍ଧା ବିହାର ଓଡ଼ିଶାର ସବୁଠାରେ ବାଧ୍ୟତା-ମୂଳକ ଶିକ୍ଷା ସମ୍ଭବ ନୁହେ । ମୁଁ କହେଁ ବିହାର ଓଡ଼ିଶାରେ ସର୍ବତ୍ର ବାଧ୍ୟତାମୂଳକ ଶିକ୍ଷା ସମ୍ଭବ ହୋଇ ନ ପାରେ, କାରଣ ବିହାରର ପର୍ଦ୍ଦା ପ୍ରଥା ଓଡ଼ିଶାର ପର୍ଦ୍ଦା ପ୍ରଥାଠାରୁ ଖୁବ୍ ବେଶୀ କଠୋର । ଓଡ଼ିଶାରେ ସର୍ବତ୍ର ସମାନ ଭାବରେ ବାଧ୍ୟତାମୂଳକ ଶିକ୍ଷାର ପ୍ରଚଳନ ସକାଶେ ଯତ୍ନପର ହେବା ଆମ୍ଭମାନଙ୍କର ସର୍ବାଦୌ କର୍ତ୍ତବ୍ୟ ।



Digitized by srujanika@gmail.com

ହାଟଗ୍ କମିଟି ଲେଖୁଅଛନ୍ତି—କେବଳ ପୁରୁଷଙ୍କ ମଧ୍ୟରେ ଶିକ୍ଷା ପ୍ରଚାର କଲେ ଗୋଟିଏ ଶିକ୍ଷିତ ଏବଂ ସୁରୁଚି ପୂର୍ଣ୍ଣ ସଂସାର ଗଢ଼ି ହେବ ନାହିଁ ଏବଂ ବର୍ତ୍ତମାନ ଶିକ୍ଷିତ ସମାଜରେ ଯେଉଁ ଅସାମଞ୍ଜସ୍ୟ ରହିଅଛି ତାହା ବରଂ ବିଶେଷରୂପେ ବଢ଼ାଇ ଥିବ। ଜାତି ଏବଂ ସାମାଜିକ ସ୍ୱାର୍ଥ ଲାଗି ଦେଖିବାକୁ ଗଲେ ପୁରୁଷ ପିଲାଙ୍କୁ ଯେତିକି ଶିକ୍ଷା ଦିଆଯିବ, ସ୍ତ୍ରୀ ପିଲାଙ୍କୁ ମଧ୍ୟ ସେତିକି ଶିକ୍ଷା ଦେବା ଆବଶ୍ୟକ ଏବଂ ଆମ୍ଭେମାନେ ଜାଣି ବଡ଼ ସୁଖୀ ହେଲୁଁ ଯେ ଅନେକ ସ୍ଥାନର ଶିକ୍ଷିତ ସମାଜ ନାରୀ ଶିକ୍ଷାକୁ ବାଧ୍ୟତାମୂଳକ କରିବା ସକାଶେ ମତ ବ୍ୟକ୍ତ କରୁଅଛନ୍ତି। ଅବଶ୍ୟ ବାଳକ ବାଳିକାମାନଙ୍କର ସିଲାବସ୍ ଓ ପଢ଼ାଇବାର ଧରଣ ଭିନ୍ନ ଭିନ୍ନ ହେବା ଦରକାର।

ଏତଦ୍‌ଭିନ୍ନ ଛାତ୍ରୀମାନଙ୍କର ବ୍ୟାୟାମ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପରୀକ୍ଷା ହେବା ଆବଶ୍ୟକ। ମାନ୍ଦ୍ରାଜ, ବୋମ୍ବେ ଓ ବଙ୍ଗରେ ୟଙ୍ଗ୍ ଉଇମେନ୍‌ସ୍ ଖ୍ରୀଷ୍ଟାନ୍ ଏସୋସିଏସନ (Y. W. C. A.) ରେ ନାରୀ ଶିକ୍ଷୟିତ୍ରୀମାନଙ୍କୁ ଖେଳ କସରତ ଶିକ୍ଷା ଦିଆ ଯାଉଅଛି।

ଭାରତର ମଧ୍ୟବିତ୍ତ ଏବଂ ଉଚ୍ଚ ଶ୍ରେଣୀର ଶିକ୍ଷିତ ପୁରୁଷ ଏବଂ ଅଶିକ୍ଷିତା ନାରୀଙ୍କୁ ଯେପରି ଗୋଟିଏ ଦ୍ୱୈତଭାବ ଚାଲି ଆସୁଛି। ଏହି ଦ୍ୱୈତଭାବ ପାରିବାରିକ ଏବଂ ଜାତୀୟ ଜୀବନକୁ ଅବନତ କରି ପକାଇ ଅଛି। କମିଟିରେ ସାକ୍ଷ୍ୟ ଦେଇଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଭାରତୀୟ ପରିବାରର ସୁଖ ଶାନ୍ତିରେ ଏବଂ ପୁତ୍ର କନ୍ୟାଙ୍କର ଶିକ୍ଷା ବିଷୟରେ ନାରୀର ପ୍ରଭାବ ଯେ କେତେ ବେଶୀ, ତାହା ଖୁବ୍ ଜୋର ଦେଇ କହିଥିଲେ। ଜଣେ ସାକ୍ଷୀ ଦେଇ କହିଲେ ଯେ—ଭବିଷ୍ୟତ ବଂଶର ଶିକ୍ଷାର ଉନ୍ନତି ଲାଗି ଜଣେ ଶିକ୍ଷିତ ପୁରୁଷ ଅପେକ୍ଷା ଜଣେ ଶିକ୍ଷିତା ନାରୀ ଉତ୍କୃଷ୍ଟତର ଏବଂ ନିଶ୍ଚିତତର ଗ୍ୟାରେଣ୍ଟି।

ସେମାନେ ଲେଖିଅଛନ୍ତି—ଭାରତୀୟ ନାରୀମାନଙ୍କର ସ୍ୱାଭାବିକ ବିଚକ୍ଷଣତା, ତାଙ୍କର ଗାର୍ହସ୍ଥ୍ୟ ଦାୟିତ୍ୱ, ତାଙ୍କର ପାରିବାରିକ ଜୀବନର ଅଭିଜ୍ଞତା ତାଙ୍କୁ ସଂସାର ମଧ୍ୟରେ ଚତୁର, ଦୂରଦର୍ଶୀ ଏବଂ ବିଜ୍ଞ କରି ଗଢ଼େ। ଭାରତୀୟ ସମାଜରେ ନାରୀ କ୍ଷମତାକୁ ଆହୁରି ଅଧିକ ଉଚ୍ଚ ଏବଂ ଦୃଢ଼ କରିବା ଦରକାର, କାରଣ ପ୍ରତ୍ୟେକ ଦେଶରେ କ୍ଷମତା ଯେତେବେଳେ ମୁଷ୍ଟିମେୟଙ୍କ ହାତରୁ ସମଷ୍ଟିର ହାତକୁ ଯାଉଛି, ସେତେବେଳେ ପାରିବାରିକ ଜୀବନରେ ନାରୀର କର୍ତ୍ତୃତ୍ୱ ଓ ପ୍ରଭାବ ସମଭାବରେ ବଢ଼ିବା ଆବଶ୍ୟକ। ଶାସନ ପରିଚାଳନା କହନ୍ତୁ, ସାଧାରଣ ଅନୁଷ୍ଠାନ କହନ୍ତୁ, ସର୍ବ ପ୍ରକାର ଶିକ୍ଷା ଓ ସାମାଜିକ ସଂସ୍କାରରେ ନାରୀର ଉପଦେଶ ଏବଂ କାର୍ଯ୍ୟକାରୀ କର୍ତ୍ତୃତ୍ୱ ଖୁବ୍ ବେଶୀ ଦରକାର। ନାରୀର ଶିକ୍ଷା ବିଶେଷତଃ ଉଚ୍ଚ ଶିକ୍ଷା ତାହାର ଅନ୍ତର୍ନିହିତ ଶକ୍ତିର ଉପଯୁକ୍ତ ପରିଚାଳନା କରିବ।

ପ୍ରଗତିର ଚିହ୍ନ ସମ୍ବନ୍ଧରେ ସେମାନେ ଲେଖିଛନ୍ତି—ଭାରତୀୟ ନାରୀ ଶିକ୍ଷାର ବର୍ତ୍ତମାନ ଅବସ୍ଥାର ଯେଉଁ ବିବରଣ ଆମ୍ଭେମାନେ ପ୍ରକାଶ କଲୁଁ ତାହା ଶୋଚନୀୟ, କିନ୍ତୁ ଭବିଷ୍ୟତ ଯେ ଆଶାଜନକ ତାହାର ଅନେକ ଶୁଭ ଚିହ୍ନ ଦେଖା ଗଲାଣି। ବ୍ରିଟିଶଭାରତରେ ନାନା ସ୍ଥାନରେ ବିକ୍ଷିପ୍ତ ଭାବରେ ଅନେକଗୁଡ଼ିଏ ବିଶେଷ ପ୍ରଶଂସନୀୟ ନାରୀଶିକ୍ଷା ଅନୁଷ୍ଠାନ ଗଠିତ ହୋଇଅଛି। ଏବଂ ନାରୀଙ୍କ ମଧ୍ୟରେ ଆନ୍ଦୋଳନର ବିଶେଷ ସ୍ପନ୍ଦନ ଦେଖା ଦେଇଅଛି। ସର୍ବତ୍ର ନାରୀର ଜାଗରଣରେ ନାରୀର ଦାନ କମ୍ ନୁହେଁ, ସବୁ ସ୍ଥାନରେ ହିଁ ଉଜ୍ଜ୍ୱଳ ଭବିଷ୍ୟତର ଆଶାଜନକ ଶୁଭ ଚିହ୍ନ ଦେଖା ଦେଲାଣି ଏପରି କି ଯେଉଁଠାରେ ପର୍ଦ୍ଦା ପ୍ରଥା ବିଶେଷ କଠୋର, ସେ ସ୍ଥାନରେ ମଧ୍ୟ ନାରୀମାନଙ୍କ ମଧ୍ୟରେ ଶିକ୍ଷା ଏବଂ ଜ୍ଞାନ ସକାଶେ ତୀବ୍ର ସ୍ପୃହା ଦେଖା ଗଲାଣି। ଫଳରେ ସର୍ବ ସମ୍ପ୍ରଦାୟର ନାରୀମାନେ ବୁଝିଲେଣି ସେମାନଙ୍କର ସମାଜରୁ କୁସଂସ୍କାର ଅତି ଶୀଘ୍ର ଦୂର କରିବା କେତେ ଦରକାର। ଚାକିରି ଓ ଡିଗ୍ରୀ ଲାଗି ନ ହେଉ, ଉପଯୁକ୍ତ ସ୍ତ୍ରୀ ଏବଂ ଶିକ୍ଷିତା ମାତା ସକାଶେ ଶିକ୍ଷାର ଆବଶ୍ୟକତା ସେମାନେ ବିଶେଷଭାବରେ ହୃଦୟଙ୍ଗମ କରି ପାରିଲେଣି।

ଏହି ପ୍ରବନ୍ଧ ମୁଖ୍ୟତଃ ହାଟଗ୍ କମିଟିର ରିପୋର୍ଟ ଅବଲମ୍ବନରେ ଲିଖିତ ହୋଇଅଛି ଏବଂ ଉପରେ ଭାରତୀୟ ନାରୀଶିକ୍ଷାର ଅବସ୍ଥା କିପରି ଏବଂ କେଉଁ ଦିଗରେ ଗତି କରୁଅଛି, ତାହାର ସଙ୍କେତ ମାତ୍ର ଦିଆ ଯାଇଅଛି। ଉପରଲିଖିତ ଲେଖାରୁ ସ୍ପଷ୍ଟ ଦେଖା ଯାଉଅଛି ଯେ—ଭାରତୀୟ ତଥା ଏହି ପ୍ରଦେଶର ନାରୀର ନିରକ୍ଷରତା ବିଶେଷ ପ୍ରଣିଧାନଯୋଗ୍ୟ। ନାରୀ ଦେଶର ଗୋଟିଏ ଅଙ୍ଗ, ଦେଶର ଗୋଟିଏ ଅଙ୍ଗକୁ ଅଶିକ୍ଷା ଏବଂ କୁସଂସ୍କାରଦ୍ୱାରା ପକ୍ଷାଘାତ-ଗ୍ରସ୍ତ କରି ରଖିଲେ ଦେଶର ଏବଂ ଜାତିର ଉନ୍ନତି ସୁଦୂର-ପରାହତ। ଏହି ନିରକ୍ଷରତା ଦୂର କରିବାକୁ ହେଲେ ଆମ୍ଭ-ମାନଙ୍କର ଯଥେଷ୍ଟ ସ୍ୱାର୍ଥତ୍ୟାଗର ପ୍ରୟୋଜନ। ସ୍ତ୍ରୀଶିକ୍ଷା ନିମନ୍ତେ ସରକାରଙ୍କର ଆହୁରି ଅଧିକ ଅର୍ଥ ସାହାଯ୍ୟ ଦେବା ଆବଶ୍ୟକ, ଏହା କହିବା ବାହୁଲ୍ୟ। ପୂର୍ବେ ଦେଖାଇ ଦିଆ ଯାଇଅଛି ଯେ ସ୍ତ୍ରୀ ଶିକ୍ଷା ପାଇଁ ପୁରୁଷ ଶିକ୍ଷା ତୁଳନାରେ ଅନେକ କମ୍ ଅର୍ଥ ବ୍ୟୟିତ ହୋଇଥାଏ। ଏହି ବ୍ୟୟର ଅନୁପାତ ସ୍ତ୍ରୀ ଓ ପୁରୁଷ ଉଭୟଙ୍କର ଶିକ୍ଷା ଲାଗି ଯେତେଦୂର ସମ୍ଭବ ସମାନ ଭାବରେ ହେବା ଉଚିତ। ଏ ବିଷୟରେ ସରକାରଙ୍କ ନିକଟରୁ ବିଶେଷ ସାହାଯ୍ୟ ନ ପାଇଲେ ସ୍ତ୍ରୀ ଶିକ୍ଷାର ଅଗ୍ରଗତି ସମ୍ଭବ ନୁହେ। ଏହା ଭିନ୍ନ ଆମ୍ଭମାନଙ୍କ ଦେଶର ପିତାମାତାମାନଙ୍କର ଏଥି ପ୍ରତି ବିଶେଷ ଦୃଷ୍ଟି ଦେବା ଉଚିତ। ସେମାନେ ଯେତେଦୂର ସମ୍ଭବ ରକ୍ଷଣଶୀଳତା ଓ ବାଲ୍ୟ-ବିବାହ ପ୍ରଭୃତି ପ୍ରଥା ପରିହାର କରି କନ୍ୟାମାନଙ୍କୁ ଶିକ୍ଷା ଦେବା ନିମନ୍ତେ ସଜାଗ ହୁଅନ୍ତୁ।

ଉପସଂହାରରେ କହିବା ଉଚିତ ଯେ ସାହିତ୍ୟ ସାଧାରଣ ଶିକ୍ଷା ଓ ଉତ୍କର୍ଷ ଉପରେ ସମ୍ପୂର୍ଣ୍ଣରୂପେ ନିର୍ଭର କରେ। ଯେଉଁ ପ୍ରଦେଶରେ ହଜାରରେ କେବଳ ୬ ଜଣ ସ୍ତ୍ରୀଲୋକ ଅକ୍ଷର-ଜ୍ଞାନ-ସମ୍ପନ୍ନା, ସେଠାରେ ସାହିତ୍ୟ ପ୍ରଚାର ଓ ପ୍ରସାର ଗୋଟିଏ ଦିବା ସ୍ୱପ୍ନସମ ପ୍ରତୀୟମାନ ହୋଇ ପାରେ। ସ୍ତ୍ରୀ ଶିକ୍ଷାକୁ ଏହି ଶୋଚନୀୟ ଅବସ୍ଥାରୁ ଉତ୍ତୋଳନ କରିବାର ଭାର ଅନେକ ପରିମାଣରେ ଏହି ସବୁ



Digitized by srujanika@gmail.com

Sl. No... ... ... ... Date ... ......
Section... ... ... ... No... ... ...

ସାହିତ୍ୟ ସମାଜମାନଙ୍କ ଉପରେ ନିର୍ଭର କରେ । ଦେଶର ପ୍ରତ୍ୟେକ ଗ୍ରାମରେ ବାରିପଦା ସାହିତ୍ୟ ସମାଜ ସଦୃଶ ଅନ୍ୟାନ୍ୟ କେନ୍ଦ୍ରୀୟ ସମାଜମାନଙ୍କର ଶାଖା ସମିତିମାନ ସ୍ଥାପିତ ହେବା ଉଚିତ । ଏହି ସବୁ କେନ୍ଦ୍ରୀୟ ସମିତିର ପୁରୁଷ ଏବଂ ନାରୀ ଉଦ୍ୟୋକ୍ତାମାନେ ସେହି ସବୁ ଶାଖା ସମିତି ଗଠନ କରିବାରେ ସାହାଯ୍ୟ କରିବେ, ସେମାନେ ସେହି ସବୁ ସ୍ଥାନରେ ଶିକ୍ଷାର ପ୍ରସାର ଲାଗି ସ୍କୁଲ ସମୂହର ଯଥାବିଧି ପର୍ଯ୍ୟବେକ୍ଷଣ, ଗ୍ରନ୍ଥାଗାର ଓ ପାଠାଗାର ସ୍ଥାପନ ପ୍ରଭୃତିରେ ଆତ୍ମନିୟୋଗ କରିବେ । ତାହା ଛଡ଼ା ମଧ୍ୟେ ମଧ୍ୟେ ମ୍ୟାଜିକ ଲଣ୍ଠନ ଓ ଅନ୍ୟାନ୍ୟ ଶିକ୍ଷାପ୍ରଦ ଅନୁଷ୍ଠାନଦ୍ୱାରା ସ୍ତ୍ରୀଶିକ୍ଷା ପ୍ରତି ଅନୁକୂଳ ଜନମତ ଗଠନରେ ସାହାଯ୍ୟ କରିବେ । ଆଶା କରାଯାଏ ଏହି ସବୁ କେନ୍ଦ୍ରୀୟ ସାହିତ୍ୟ ସମାଜମାନ ସ୍ତ୍ରୀଶିକ୍ଷାର ପ୍ରସାର ସକାଶେ ଯତ୍ନବାନ ହେବେ ଏବଂ ଏହାର ଅଧିବେଶନ କେବଳ ଆଧୁନିକ ରୀତିର ଲୌକିକତା ଓ ସମାରୋହରେ ପର୍ଯ୍ୟବସିତ ହେବ ନାହିଁ । *

# ବିସର୍ଜନ

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ଏହିଥର ପାର୍ବଣକୁ ବାବୁଘର ଗୃହ ଦଫା ଯାହା ଆଉ ଦୁଇ ଦିନ ପୂଜାବାଲା ଆସିବେ । ଗୃହଆଡ଼େ ହୋ ରଡ଼ ପଡ଼ ଯାଇଛି । କାହିଁ ଦୂରରୁ ଲୋକେ ନାଟ, ତାମସା, ଲଢ଼େଇ ପାଲା ଦେଖିବେ ବୋଲି ଚୁଡ଼ା ଗୁଡ଼ାଉଳ ବାନ୍ଧିଲେଣି । ... ... ...

ଦେବୀ ଆସିବେ ଗଜ ବାହନରେ । ଯିବେ ନୌକାରେ ଚଢ଼ି । ବନ୍ୟା ହେବାର ଆଶଙ୍କା । କିନ୍ତୁ ଗାଁଟା ଯାକ ବୁଡ଼ିଗଲେ ବି ବାବୁ ଘର ସିଂହଦରଜାକୁ ଦଶ ହାତ ଛଡ଼ ପାଣି ମାଡ଼ ପାରିବ ନାହିଁ । ଯାହାହେଉ, ବହୁତ ବୁଦ୍ଧାବୁଦ୍ଧି କଲାରୁ ଅଧିକା ସେରେ ଘିଅ ଠାକୁରାଣୀଙ୍କ ଆଗରେ ହୋମ କରି ଦେବାଲାଗି ବାବୁ ମଗିଛନ୍ତି ।

ବାବୁଙ୍କ ଶ୍ରେଷ୍ଠ ଝିଅଟିର ଦେହ ଏଥର ଚଉରମାସିଆରେ କଅଣ ଟିକିଏ ଖରାପ ଥିଲା । ପୂଜା ପନ୍ଦର ଦିନ ଅଛି, ରୋଗ ବଇରାଗ ସବୁ କୁଆଡ଼େ ଫୁଙ୍କି ଦେଲା ପରି ଉଡ଼ିଗଲା । ସେଥିପାଇଁ ମାନସିକ ଥିଲା ଯେ ଶହେ ଟଙ୍କା ଦେଇ ଏକପଟ କଳା ପାଟ ଶାଢ଼ୀ ଆସିଛି ।

କିନ୍ତୁ ଗରିବ ସପନା ଯେ ଆଜିକି ବଇଶାଖ, ଜ୍ୟେଷ୍ଠ, ଆଷାଢ଼, ଶ୍ରାବଣ, ଭାଦ୍ର, ଆଶ୍ୱିନ ଛ ମାସ ହେଲା ବିଛଣାରୁ ଉଠିବାକୁ ନାହିଁ; ତା'ପାଇଁ କିଏ ମାନସିକ କରିବ ? ଠାକୁରାଣୀଙ୍କି ଲାଞ୍ଚ ଦେବାକୁ ଶକ୍ତି ପାଇଲେ ତ ହୁଏ ! ତେବେ ସେ କଅଣ ଭଲ ହେବ ନାହିଁ ? ବିନା ଲାଞ୍ଚରେ ଦେବୀ ତାକୁ ମୁହିଁବେ ନାହିଁ ?

ବାବୁଘର ଦାଣ୍ଡଦୁଆରେ ସିଂହଦରଜାକୁ ଲାଗି ଠାକେ ବାଟ ଯାଏ ଧାଡ଼ ଧାଡ଼ କରି ରାସ୍ତା ଦୁଇ କରରେ ଦୋକାନ ଗୃହଅସବୁ ତିଆରି ହୋଇଗଲା । ଦୋକାନମାନେ ଗୋଟିଏ ଗୋଟିଏ କରି ଆସି ଦୋକାନ ମେଲାଇ ବସିଲେଣି ।

ଆଜି ବେଲବରଣ । କାଲି ପୂଜା—ସପ୍ତମୀ । କହୁଛନ୍ତି ସବୁ, ଆଜିଠାରୁ ଭିଡ଼ ଜମିଲେଣି, ଏଥର ପୂଜାକୁ ବହୁତ ଲୋକ ହେବେ । ସପନା ଶୁଣେ ଏ କଥା । ଆଉ ମା'ଙ୍କ ଉପରେ ରାଗ ହୁଏ ତାର, କାହିଁକି ତାକୁ ସେ ଭଲ ନ କରି ଦେଲେ !

ଗୋଟାଏ ମୋକଦ୍ଦମା ଡିଗ୍ରୀ କରି ବାବୁ ଖଣ୍ଡେ ନୁଆ ଜମିଦାରୀ ପାଇଛନ୍ତି । ସେଥିପାଇଁ ଏଥର ଦଶ ହାଣ୍ଡି ଅଧିକା ପଞ୍ଚାମୃତ ଭୋଗ କରିବାକୁ ବାବୁଙ୍କର ହୁକୁମ । ଗରିବ ସପନାର ଯେ ଜମି ଗଲା, ଘର ଗଲା, ବାଡ଼ ଗଲା, ପୁଣି ଘର ତଳ ଖଣ୍ଡ ଯାଏ କି ରହେ ଇମିତି ଅବସ୍ଥା, ସେ କଥା କେଉଁ ଠାକୁରାଣୀ ବୁଝିବେ ?

ବାବୁଙ୍କର ଆଉ ଗୋଟିଏ ପୁଅ ହୋଇଛି—ମାସେ ହେବ । ସେଥିପାଇଁ ଲକ୍ଷେ ଫୁଲ ଧଣ୍ଡା ଠାକୁରାଣୀଙ୍କଠି ଦିଆଯିବାର କଥା । କିନ୍ତୁ ସପନାର ଯେ ମା ମଲା, ବାପ ମଲା, ସେତେବେଳକୁ ତ କାହିଁ ଠାକୁରାଣୀଙ୍କର ଯାଚି ତୁଣ୍ଡ ଫିଟିଲା ନାହିଁ ତଲେ ?

ସପନାର ବାପ ପଞ୍ଚୁଆ ଥିଲା ଜୋଗା ପଞ୍ଚହତା ମିଶିପଠାଏ । କଲିକତା ଯାଏ ଯେ ବର୍ଷେ ଦ'ବର୍ଷକେ ଥରେ ଆସେ ଘରକୁ । ବହୁତ ଦାମି ଦାମି ଭଲ ଜିନିଷ ସବୁ ସେ ଘରକୁ ଆଣୁଥିଲା । ଲୋକେ କହନ୍ତି ପଞ୍ଚୁଆ ଯେତେ ଦରବ ଘରେ ସାଇତି ରଖିଛି ବାବୁଘର ତା' ପାଇବେ ନା ଆଗ ?

ଆଉ ସପନା ମା—ପଞ୍ଚୁଆ ଭାରିଯା ସେ ହାର ସୁନ୍ଦରୀ ଥିଲା ଦେଖିବାକୁ । ହାଣ୍ଡୁଆ ବାଣ୍ଡୁଆ ଘର ହେଲେ କଅଣ ହେଲା, ତାର ଗଠଣଟି ଏଡ଼େ ନିଖୁଣ ଯେ ମନେ ହୁଏ କିଏ ମେମିତି ପିତୁଳାଟିଏ ଗଢ଼ି ଥୋଇ ଦେଇଛି—ଜୀବଦାନ ଦେଇ ।

ଦିନ ରାତି ରାତି ହେଉଥିଲା—ବାବୁ ଦିନେ ପୋଖରୀ ତୁଠରେ ବସି ବଂଶୀଖଡ଼ାରେ ମାଛ ଧରୁଥିଲେ । ସେ ପାଖ ତୁଠରେ ସପନା ମା କଳସୀରେ ପାଣି ଭରି କାଖକୁ ଉଠଉଥିଲା ବେଳେ ବାବୁଙ୍କର ଆଖି ପଡ଼ିଗଲା ତା' ଉପରେ । ତହୁଁ ଆଉ ଦିନଠୁଁ ପଞ୍ଚୁଆ



* ବାରିପଦା ସାହିତ୍ୟ ସମାଜର ବାର୍ଷିକ ଅଧିବେଶନରେ ପଠିତ ।

ଘରେ ବିବାଦ ହେଲା ବାବୁଘରକୁ ଦୁଧ ନାଗୁଆ ଦେବାପାଇଁ । ପଞ୍ଚୁଆ ମା ନିତି ଦୁଧ ବିକି ଆଣେ ଗାଁକୁ । ବାବୁ ଘରେ ବି ଦେଇ ଆସେ ସେଇ୍ ବାଟେ—ନିତି—ଦ'ଓଳି ।

ଦିନେ ବାବୁଙ୍କ ଚାକର ଟୋକା କହିଲା, "ପଞ୍ଚୁଆ ମା, ତୁଠା ବଡ଼ ନାଂଶେଣି । ସେଇ୍ ହାତରେ ସିଙ୍ଘାଣି ପୋଛୁଚୁ ପୁଣି ସେଇ ହାତରେ ଦୁଧ ମାପି ଦଉଚୁ ? ତୁ ଆଉ ଦୁଧ ଆଣିବୁ ନାହିଁ ଏଣିକି । ଆଉ କାହା ହାତରେ ପଠେଇ ଦବୁ ।"

" ଆଉ କିଏ ଅଛି ବାପା, କିଏ ଆଣିବ ? ପୁଅ ତ ଯାଇଚି କଲିକତାକୁ । ନାତି ବୋଲି ଏଡ଼େ ବିକଟେ । ତା' ବି ବାର ଦିନେ ତେର ରୋଗ । ଜୀବ ଯାଏ କି ରହେ, ଇମିତି ଅବସ୍ଥା । ଆଉ କିଏ ଆଣିବ ?"

" କାହିଁକି, ତୋର ବୋହୂ ଅଛି ପରା ?"

" ବୋହୂ ତ ଭୂଆସୁଣୀଟା !"

"ପୁଅର ମା ହେଲାଣି ଆସି, ଭୂଆସୁଣୀ କ'ଣ ଲୋ ?"

"ନାହିଁ ବାପ, ସେ ଯାହାହଉ, ବୟସର ବୋହୂଟାକୁ ମୁଁ ବାହାରକୁ ଛାଡ଼ ଦେବି ନାହିଁ ।"

ବୁଢ଼ୀ ଚାଲିଗଲା । ତହିଁ ଆର ଦିନ ପଞ୍ଚୁ ବୋହେରାର ଦୁଇ ବର୍ଷ ବାକି ଖଜଣା ଚୁକ୍ତି ନ ହେଲାଯାଏ, ହାଡ଼ି ଯାଇ ତା ଦୁଆର ମୁହଁରେ ଖପରି ଦେଇ ଆସିବ ବୋଲି ହୁକୁମ ହୋଇଗଲା ।

ଦିନଟା ଯାକ ପଞ୍ଚୁଆ ଘରେ ଅରନ୍ଧା ଅବଢ଼ା । ରାତିକି ଶାଶୁ ବୋହୂ ଦିହେଁ ଛୁଆଟିକୁ ଧରି ଯାଇ ବାବୁଙ୍କ ଗୋଡ଼ ତଳେ ପଡ଼ିଗଲେ, ବିଚ କଚେରୀରେ । ଆଉ କରନ୍ତେ କଅଣ ? ଉପାୟ କଅଣ ଥିଲା ତା' ଛଡ଼ା ?

ବହୁତ କୁହାବୋଲା କଲାରୁ ବାବୁ ଖପରି କାଢ଼ି ଦେବା ପାଇଁ ହୁକୁମ ଦେଲେ । କିନ୍ତୁ ତହିଁ ଆର ଦିନଠୁଁ ସପନା ମା ଓଢଣାଟିଏ ପକେଇ ବାବୁ ଘର ଉଆସକୁ ଦୁଧ ବିକି ଆସିଲା ।

ଦିନେ ସେ ଦୁଧ ମାପି ଦେଇ ବାଡ଼ବାଟେ ଘରକୁ ଯାଉଚି, ପଛଆଡ଼ୁ କିଏ ଆସି ତାକୁ ଧରି ପକେଇଲା । ସେ ତ ହାଉଳି ଖାଇଗଲା ଏକାବେଳକେ । ପଛଆଡ଼କୁ ଚାହିଁ ଦେଇ ଯେମିତି ଦେଖି ପକେଇଲା ବାବୁ ନିଜେ, ତା' ପାଟିରୁ ଆଉ ଭାଷା ବାହାରିଲା ନାହିଁ ।

ତା' ପାଟି ଶୁଣି ଲୋକ ଜମା ହେଲାବେଳକୁ ବାବୁ ପଳେଇ ଗଲେଣି । ସପନା ମା ଘରକୁ ଗଲା । କିନ୍ତୁ ଦୋଚାରିଣୀ ବୋଲି ସମସ୍ତେ ତାକୁ ମିଛ ଅପବାଦ ଦେଲେ—ତାକୁ ଦେଖି ଆଖି ଠାରାଠାରି ହାତ ଟିପାଟିପି ହେଲେ ।

ତା' ଦୁଇ ଦିନ ବାଦେ ଶୁଣାଗଲା—ପଞ୍ଚୁଆ ଭାରିଯା କନିଅର ମଞ୍ଜି ଖାଇ ଦେଇଚି ।

ପଞ୍ଚୁଆ ପାଖକୁ ତାର ଗଲା । ସେ ଆସିଲା ବେଳକୁ ଆଉ କିଛି ନ ଥିଲା । ସବୁ ଶେଷ ହୋଇଗଲାଣି । ଖାଲି ମଶାଣୀରେ କୁକୁର ବିଲୁଆ ବୁଲୁ ଥାନ୍ତି ଯାହା ସେତିକି ।

ସବୁ କଥା ଶୁଣି ପଞ୍ଚୁଆ ତ ରାଗରେ ତାତି ଗଲା । ଯେମିତି କାହାକୁ ମାରିବ କି ହାଣିବ ଏଇଲେ । କିନ୍ତୁ କଅଣ କରିବ ସେ ? ତା'ର ବା କି ଚାରା !

ବାବୁ ଦିନେ କାହିଁକି କେଜାଣି ପଞ୍ଚୁଆକୁ ଡାକି କହିଲେ— " ହଇରେ ପଞ୍ଚୁଆ, ମୋତେ ଗୋଟେ ସୁନା ଘଡ଼ି ଦେବୁ ନାହିଁ ?"

ପଞ୍ଚୁଆ କହିଲା, "ମୁଁ ବାବୁ ସୁନା ଘଡ଼ି ପାଇବି କୋଉଠୁ ? ସୁନା ଘଡ଼ି ଦବାର ମୁଣ୍ଡ ନା ମୋର ?"

"ଚୁପ୍ ଶଳା, ମିଛ କହୁଚୁ । ସାହେବ ପାଖରେ କାମ କରୁ, ତୁ ସୁନା ଘଡ଼ି ଆଣିନୁଁ ! କହିଲେ ସମସ୍ତେ ମାନିଯିବେ ? ଘଡ଼ି ଦବୁ ତ ଦେ ନ ହେଲେ ଶିଖିବୁ ଫେର୍ ।"

ପଞ୍ଚୁଆ ତ ରାଗିଗଲା ଏ କଥାରେ । କହିଲା—"ଭଲ କଲି ଆଣିଲି । ମୁଁ ଯଦି ଆଣିଥିବି ତ ଆପଣଙ୍କୁ କାହିଁକି ଦେବି ? ଆପଣଙ୍କର ସଉକ ଅଛି ମୋର ଆଉ ସଉକ ନାହିଁ ?"

କହିଦେଇ ପଞ୍ଚୁଆ ସେଠୁ ଚାଲି ଆସିଲା । ବାବୁ ଖାଲି ଦାନ୍ତ ଚିପା ଚମ୍ପ ପରି ଗରଜୁ ଥାଆନ୍ତି ।

ସେଇଦିନ ରାତିରେ ପଞ୍ଚୁଆ ଶୋଇଛି, ଘରେ ପଶିଲା ଚୋର । ପଞ୍ଚୁଆ ତା' ସାହେବର ନେପାଳୀ ଦରୁଆନ୍ ପାଖରୁ ଯେଉଁ କୁକୁରୀ ଖଣ୍ଡି ମାଗି ଆଣିଥିଲା ଅନ୍ଧାରରେ ତାକୁ ଅଣ୍ଟାରୁ ବାହାର କଲା । ତା' ଅଣ୍ଟାରେ ଯିମିତି ଭୀମର ବଳ ଆସିଲା ସେତେବେଳେ—"କିଏ ରେ" ବୋଲି ଘରୁ ବାହାରି ପଡ଼ିଲାବେଳକୁ ଗୋଟାଏ ଲୋକ ତା' ହାତୁଡ଼େ ପଡ଼ିଗଲା । ଯେମିତି ପାଇଛି ତାକୁ ସେ, ଏକା ଚୋଟକେ ଦେଲା କାବାଡ଼ି କରି । ଆଉ ସବୁ କିଏ କୁଆଡ଼େ ପ୍ରାଣ ଘେନି ପଳାଇ ଗଲେ ।

ରାତି ନ ପାହୁଣୁ ଚଉକିଆ ଆସି ପଞ୍ଚୁଆକୁ ବାନ୍ଧି ନେଇଗଲା ଥାନାକୁ । ପଞ୍ଚୁଆ ମା ତ ମୁଣ୍ଡ କୋଡ଼ି ହେଲା ପଡ଼ି । ସପନା ମା' କାନ୍ଦିଲା । ସପନା ବି ବାବା ବାବା ବୋଲି ରଡ଼ି ଛାଡ଼ିଲା । କିନ୍ତୁ ତାଙ୍କ ଗୁହାରି ଶୁଣିବ କିଏ ! ତାଙ୍କ ଦୁଃଖ ବେଳକୁ ଦେବତା ପରି ଆଖି ବୁଜି ପକାନ୍ତି—ଦେଖି ନାହିଁ ବୋଲି ସାକ୍ଷୀ ଦେବାକୁ କି କଅଣ । ସେ ପରି ଚାରିବ—ସେଇଥିପାଇଁ ।

ବାବୁ ଖାଲି ଦାନ୍ତରେ ଦାନ୍ତ ଘସୁଥାନ୍ତି । "ଶଳା ଗଉଡ଼ ଟୋକାର ଏଡ଼େ ସାହସ ? ରାତି ଅଧରେ ଖୁନ୍ କରୁଛି । ବୁଝିବ ବଳେ ମଜାଟା ଏଥର ।" କାରଣ ପଞ୍ଚୁଆ ଯାହାକୁ ହାଣିଛି ସେ ବାବୁଙ୍କର ଜଣେ ବଡ଼ ପ୍ରିୟ ମୋସାହେବ ଥିଲା । ସେଥିଲାଗି ପଞ୍ଚୁଆ ଉପରେ ତାଙ୍କର ଏତେ ରାଗ ।



Digitized by srujanika@gmail.com

ପଞ୍ଚୁଆର ଅପତ୍ତି ତଳଠାରୁ ଉପର ଯାଏ କେହି ଶୁଣିଲେ ନାହିଁ । ମୋକଦ୍ଦମା ଯେମିତି ଭାବରେ ସଜା ହୋଇଥିଲା ସେଥିରୁ ନାହି ପାଇବ, ସାଧ୍ୟ କା'ର ? ଦୋହରି ଜଜ୍-କୋଠରେ ପଞ୍ଚୁଆକୁ ଫାଶୀ ହୁକୁମ ହେଲା । ହାଇ-କୋଠରେ ବି ରାୟ ବାହାଲ ରହିଲା ।

ବାବୁ ମାନସିକ ରଖିଥିଲେ, ପଞ୍ଚୁଆ କମିତି ଫାଶୀ ପାଉ । ସେଥିପାଇଁ ଦେବୀଙ୍କ ପାଖରେ ଅଉ ଗୋଟାଏ ଛେଳି ବଳି ପଡ଼ିବ ବୋଲି ଠିକ୍ ହୋଇଗଲା । କିନ୍ତୁ ପଞ୍ଚୁଆର ମୁଣ୍ଡ ଖାଇ ଦେବୀ କଅଣ ତେବେ ବି ସନ୍ତୁଷ୍ଟ ହେଲେ ନାହିଁ ? ଏଡ଼ିକି ଖଣ୍ଡେ ବୋଲି ଛୁଆ ସପନା!—ପଞ୍ଚୁଆର ସନ୍ତକ ସେତିକ—ସେ ବି କଅଣ ଯିବ ନା ତମର ମୁହଁରେ । ପଞ୍ଚୁଆ ମା ବସି ଏତେ କାନ୍ଦୁଛି, ତା'ଡାକ କଅଣ ଟିକିଏ ଶୁଣିବ ନାହିଁ ?

ସପନା ତେଣେ ଡ଼ାକ ଛାଡ଼ିଲା—"ବୁଢ଼ୀ ମା, ଖାଇବି ।"

ଘରେ ତ କିଛି ନାହିଁ । କଅଣ ଦେବ ସେ ଖାଇବାକୁ । ଖୁଦ ମୁଠାଏ ବି ନାହିଁ ମାଣରେ । କଅଣ କରିବ ? କେଉଁଠିକି ଯିବ ? କାହାକୁ ମାଗିବ ? ଯିଏ ବା ଦେବ, ପଖାଳ କି ଶୁଖିଲା ଭାତ ଗଣ୍ଡାଏ ଦେବ ସିନା ! ତାକୁ ସେ ଛ ମାସର କଅଁଳିଆ ଟୋକାଟାକୁ ଦେବ କମିତି ? ସାଗୁ ବାଲି ସେ ପାଇବ କାହୁଁ ? ଧାନ କୁଟି ସେ ଚାଉଳ ଗଣ୍ଡିଏ ଗଣ୍ଡିଏ ଆଣେ । ନିଜ ପେଟକୁ ହେଉ ନ ହେଉ ସେଥିରୁ ଅଧେ ବିକି ମା ବିକି ସେଇ ପଇସାରେ ସାଗୁ ଟିକିଏ, ବାଲି ଟିକିଏ, ଆଣି ଦିଏ । ଯେଉଁ ଦିନ କିଛି ନ ମିଳେ ଖୁଦ ଯାଉ କରି ଟିକିଏ ଖୋଇଦିଏ, କି ଦହି ଟିକିଏ ଅରମ ଜଣାଗଲେ ଭାତ ଦୋଚି ଦୋଫୁଟା କରି, କାହାଘରୁ ହେଲେ ଲେମ୍ବୁଟିଏ ମାଗି ଆଣି, ତହିଁରେ ଚିପୁଡ଼ି, ଲୁଣ ଟିପେ ଗୋଳେଇ ଖୋଇଦିଏ । ଆଜି ସେ କିଛି ନାହିଁ ଘରେ । ପାର୍ବଣ ହେବ ବୋଲି ଦୁଇ ଦିନ ଆଗରୁ ସମସ୍ତଙ୍କର କୁଟା କଣ୍ଡା ବନ୍ଦ । ବୁଢ଼ୀ ଏବେ କରେ କଅଣ ? ତା'ର ତ ହାଲକ ଶୁଖିଲା ।

ଜହ୍ନାଡ଼ ବେଳକୁ ବୁଢ଼ୀ ଯାଇଁ ନିଧି ସାହୁ ଦୋକାନ ପିଣ୍ଡାରେ ଧାରଣା ଦେଇ ବସିଲା । ସେ ଆସିଲାରୁ ବୁଢ଼ୀ ନେହୁରା ହୋଇ କହିଲା—"ସାହୁ ପୁଅ, ଗଣ୍ଡାଏ ସାଗୁ କି ବାଲି ଦିଅ ହେଲେ । ମୋ ନାତି ହେଲା ବୋଲି ତମର ଆଉ ସେ କେହି ନୁହେ ନା ? ବଞ୍ଚିଥିଲେ କଅଣ ତମର ସେ କିଛି କରନ୍ତା ନାହିଁ ନା ?"

କିନ୍ତୁ ନିଧି ସାହୁ ନ ଶୁଣେ । କହିଲା—"ଥରେ ଦି'ଥର ମାଗିଲେ ମଣିଷ ଦିଏ । ନିତି ନିତି ତୋତେ କିଏ ଏତେ ଖଇରାତି ଦେଉଥିବ ଲୋ ? ଯା ଯା ପଳା ଏଠୁ ।"

ଘରେ ଏକାବେଳକେ ଯେବେ କିଛି ନ ଥାଏ, ବୁଢ଼ୀ ନିଧି ସାହୁ ଗୋଡ଼ ହାତ ଧରି ଥରେ ଦ'ଥର ସାଗୁ କି ବାଲି କଅଣ ମାଗି ଆଣିଥିଲା । ସେଇଟା ହେଲା ନିତି ନିତି । କଅଣ କରିବ । ତା'ର ତ କପାଳ ଫଟା ।

ବୁଢ଼ୀ ସେଠୁ ଫେରିଲା । ଫେରିଲା ସିନା, ଏବେ କରେ କଅଣ ? ଘରକୁ ଗଲେ ତ ସପନା ବାସ ରଖିବ ନାହିଁ—ଖାଇବି ଖାଇବି ବୋଲି । ଆଉ କଅଣ ବାବୁ ଘରକୁ ଯିବ ? ଗଲା ତ ହେଲା କଅଣ ! ଗରଜ ବେଳେ ଭଗାରି ପାଖକୁ ଯିବାକୁ ବି ହୁଏ ।

ଅଧ ବାଟରେ ହେଉଛି, ବୁଢ଼ୀର ଆଉ ଗୋଡ଼ ଚଳିଲା ନାହିଁ । କେଉଁଠିକି ଯାଉଛି ସେ ? ବାବୁ ଘରକୁ ? ଯେଉଁ ବାବୁଘର ତାର ସର୍ବନାଶ କରିଛନ୍ତି—ତା' ପୁଅ ବୋହୂଙ୍କ ହାତ ଗୋଡ଼ ଚୋବାଇ ଖାଇଛନ୍ତି—ତା' ଘରଡିହ ପର୍ଯ୍ୟନ୍ତ ନେବାକୁ ବସିଛନ୍ତି, ସେ କଅଣ ନା—ଯାଉଛି ତାଙ୍କର ଦୁଆରକୁ କାନି ପତାଇ ମାଗିବା ପାଇଁ ? ତା'ଠୁ ବୁଡ଼ି ମରିବା ତ ଶହେ ଗୁଣେ ଭଲ । ନା—ନା—ତା' ନାତି ପଛେ ସେଇମିତି ଶୁଖି ଶୁଖି ମରିବ, ସେ ଦେଖିବ—ଛାତିକି ପଥର କରି ଦେବ—ପୁଅ ମଲା—ବୋହୂ ମଲା—ସବୁ ତ ସେ ଦେଖିଛି—ସବୁ ତ ସେ ସହିଛି—ଯ୍ୟା ବି ଦେଖିବ—ଏ କଷ୍ଟ ବି ସହିବ—କିନ୍ତୁ—କିନ୍ତୁ—ମଣିଷଖିଆ ଜମିଦାର ଦୁଆରେ ସେ କେବେ ଯାଇ ହାତ ପାତିବ ନାହିଁ—ନା—ନା—କଦାପି ନୁହେ ।

ଫେରି ଯାଉଥିଲା ଘରକୁ । ପୁଣି କଅଣ ମନକୁ ଆସିଲା, ଫେରି ଚାଲିଲା ପଛକୁ । କହିଲା—"କି—କାହିଁକି ନ ଦେବେ ସେ ? ମୁଁ କଅଣ ମାଗିବାକୁ ଯାଉଛି କି ସେ ମୋତେ ଫେରେଇ ଦେବେ ଯେ ? ମୋର ତ ହକ୍ ଦାବୀ । ମୋ ଜିନିଷ ସବୁ ନେଇ ସେ ଘରେ ପୂରେଇଛନ୍ତି—ରାତି ଅଧରେ ମୋ ଘର ଲୁଟ୍ କରି ନେଇ ତାଙ୍କ ଘରେ ବଦାଡ଼ି ମାରି ରଖିଛନ୍ତି—ଆଉ ତଣ୍ଟି ଚିପି ପଇସା ନେଇ ସେ କୋଠା ପିଟିଛନ୍ତି, ପଇସା ଜମେଇଛନ୍ତି, ସେ କାହିଁକି ଏକଲା ସବୁ ଭୋଗ କରିବେ ? ସେ କାହିଁକି ନିତି ସାତ ତୁଣ ନ' ଭଜା କରି ଖାଇବେ, ଆଉ ମୋ ଛୁଆ କାହିଁକି ଉପାସରେ ଗଡ଼ି ମରିବ ? ତାକୁ ଯିଏ ପାଳନ୍ତା ପୋଷନ୍ତା ତାକୁ ଯଦି ତମେ ଫାଶୀରେ ଝୁଲେଇଲ ତବେ ନ ପୋଷି ମୁଁ କାହିଁକି ପୋଷିବି ଏତେ ? ଅଲବତ ଦେବ— ହକ୍‌ନାକେ ଦେବ ।" କହି ବୁଢ଼ୀ ଏକା ନିଶ୍ୱାସକେ ପେଲି ଚାଲିଗଲା ଏକାବେଳକେ ଭିତର ପରିସ୍ତକୁ ବୋଲି । ଯେମିତି ପାଗଳ ହୋଇ ଗଲାଣି ସେ ।

ଉଆସ ଯେ ଲୋକରେ ଲୋକାରଣ୍ୟ ସେ ଦିନ । ଭଡ଼ା ଭଡ଼ି—ଠେଲା ଠେଲି—ଠେଲି ଠେଲିରେ ଗୋଟାକ ଉପରେ ଗୋଟାଏ ପଡ଼ୁଛନ୍ତି । ତେଣେ କିଏ ରଡ଼ି ଛାଡ଼ିଛି ତ—ଏ ପରିବା ଆଣ, ଚାଉଳ ଆଣ, ଦୁଧ ଆଣ, ଦହି ଆଣ ଘିଅ ଆଣ, ଛେନା ଆଣ, ଏଣେ ପୁଣି କିଏ ବିରିଦ କରୁଛି—ଏ ମାଳ କାହିଁ ଗଲା, ଲକ୍ଷେ ବିଲ୍ୱପତ୍ର—ପୁଷ୍ପ—ତଣ୍ଡୁଳ ଘୃତ ଇତ୍ୟାଦି ଇତ୍ୟାଦି ପୂଜା ସରଞ୍ଜାମ ସବୁ—କୁଆଡେ ଗଲା ସେ ଭଣ୍ଡାରୀ ଟୋକାଟା—ଶୀଘ୍ର କର—ଶୀଘ୍ର କର । ବୁଢ଼ୀକି କିନ୍ତୁ କେହି ପଚାରୁ ନାହାନ୍ତି । ଯିଏ ବାଟରେ ଯାଉଁ ଯାଉଁ ବୁଢ଼ୀକି ହାବୁଡ଼ି ପଡ଼ୁଛି, କହୁଛି—ବୁଢ଼ୀଟା କାହିଁକି, ଇୟା ଭିତରକୁ



Digitized by srujanika@gmail.com

ଆସିଲା—ଯା—ଯା—ପଳା । କିନ୍ତୁ ତଡ଼ି ଦେବାକୁ କେହି ବେଳ ପାଉ ନାହାନ୍ତି ।

ଏତିକି ବେଳକୁ ବାବୁ ଆସି ପହଞ୍ଚିଲେ । ବୁଢ଼ୀ ଉପରେ ଯେମିତି ଆଖି ପଡ଼ିଲା, ତାଙ୍କର ତ ନାକ ଟେକି ଉଠିଲା । ସାଙ୍ଗେ ସାଙ୍ଗେ ହୁକୁମ ହେଲା -"ଏ ବୁଢ଼ୀକି ଧକ୍କା ଦେଇ ବାହାର କରି ଦିଅ ଏଠୁ ।"

ବୁଢ଼ୀ କଅଣ କହିବାକୁ ଯାଉଥିଲା । ପଛଆଡ଼ୁ ଗୋଟାଏ ଧକ୍କା ବସିଲା ସେତିକି ବେଳେ । ସେ ହାମୁଡ଼େଇ ପଡ଼ିଲା । ତା' କଣ୍ଠନାଳୀ ବନ୍ଦ ହୋଇଗଲା ଯିମିତି । ତା ପାଟି ଆଉ ଫିଟିଲା ନାହିଁ । ଦେଖୁଁ ଦେଖୁଁ ଧକ୍କା ଉପରେ ଧକ୍କା ବସିଲା । ବୁଢ଼ୀ କଚୁଡ଼ି ହୋଇ ହୋଇ ଦାଣ୍ଡ ଦୁଆରେ ଯାଇଁ ପଡ଼ିଗଲା—ହୋଷ୍ ନ ଥିଲା ପରି । ଆଣୁ ଗଣ୍ଠି ସବୁ ଛିଡ଼ିଯାଇ ଲହୁଲୁହାଣ ହୋଇଗଲା । କଅଣ କରିବ — କାନ ମୁଣ୍ଡ ଅଉଁସି ହୋଇ ଉଠି ଧୀରେ ଧୀରେ ଘରକୁ ଗଲା ।

ବାଟରେ ଦେଖିଲା ବାବୁଙ୍କ ବଡ଼ ପୁଅ ଟେକୁଛି ପୋଖରୀ କୂଳରେ । ତା' ବେକରେ ସୁନା ହାରଟେ । ଚାକରଟା ଯାଇଛି ପୋଖରୀପାଣି । ଚାରିଆଡ଼କୁ ଚାହିଁ ଦେଖିଲା, କେହି ନାହାନ୍ତି ପାଖରେ । ତା' ମଗଜରେ କଅଣ ପଶିଲା କେଜାଣି, ସେ ପାଇ ମିଠେଇ ଦେବ ବୋଲି କହି କୁଆଡ଼ିକି କାଖେଇଲା । ତା' ସାଙ୍ଗରେ କଥା କହୁଁ କହୁଁ ତା ବେକର ମାଳିଟିକି ଧଇଲା ।

"ନେବ ? ଚୋରି କରିବ ?" ସେ ଭାବିଲା । "ଚୋରି କରିବା ମହା ପାପ । ପୁଣି ସୁନା ! କିମିତି ଚୋରିବ ସେ ।

ତାର ମନ ହେଲା ନାହିଁ ନେବାକୁ । କିନ୍ତୁ ଭିତରେ ତାର ଯିମିତି କିଏ ଆଇ ଖୁବ୍ ଜୋରରେ ଡାକି କହିଲା—"କି, କାହିଁକି ନ ନେବୁ ? ତା' ଝିଅ କାହିଁକି ଅଏସରେ, ସଉକରେ ସୁନା ପିନ୍ଧି ବୁଲିବେ ଆଉ ତୋ ଝିଅ କି ପାପ କଲା ଯେ ସେ ଉପାସରେ ପଡ଼ି ମରିବ ?"

"ନା—ନା, ପାପ ହଉ ପଛେ—ଯମ ମୋତେ ଯଉଁ ଦଣ୍ଡ ଦବ ଦଉ ପଛେ ମୋ ଝିଅ ବଞ୍ଚୁ ।" କହି ବୁଢ଼ୀ କାଢ଼ି ନେଲା ସେ ସୁନା ସୂତାକୁ । ଝିଅକୁ ତଳେ ଓହ୍ଲେଇ ଦେଇ ଆଖି ପିଛୁଳାକେ ପଳେଇ ଗଲା ସେଠୁ ।

ଯାଇଁ, ଆଉ ଗାଁ ପଧାନ ଘରେ ବନ୍ଧା ଦେଇ ଦୁଇଟି ଟଙ୍କା ଆଣିଲା । ଟଙ୍କାଟିଏ ଭଙ୍ଗେଇ ସାଗୁ ଚିନି କିଣି ଘରକୁ ଗଲା ବେଳକୁ ସପନା ବିଛଣାରେ ପଡ଼ି ଛଟପଟ ହେଉଛି । ପାଟି ମୁଣ୍ଡ ଫିଟୁ ନାହିଁ । ବୁଢ଼ୀ ତରବର କରି କୁଟାକାଠି ଦି'ଖଣ୍ଡ ଯାହା ପାଉଁଚି ଆଣିଥିଲା ତାକୁ ଜାଳି ଦେଇ ସାଗୁ କଲା । ସପନା ମୁହଁରେ ଦେଲାବେଳକୁ ସପନା ଅଧେ ଢୋକିଲା, ଅଧେ ଆଉ ଗଳିଲା ନାହିଁ ତଣ୍ଟିରେ ।

ବୁଢ଼ୀ ଡାକିଲା—"ସପନି—ସପନିରେ—"
ସପନାର ପାଟି ବନ୍ଦ ହୋଇଗଲାଣି ସେତେବେଳକୁ ।

× × ×

ସପ୍ତମୀ ଗଲା । ଅଷ୍ଟମୀ ନବମୀକୁ ଲଗେଇ ତିନି ଦିନ ବାବୁ ଘରେ ଦିନ ରାତି ସମାନ । କେତେ ନାଟ ତାମସା, କେତେ ପାଲା ଗାଆଣ, କେତେ ବଜାର ହାଟ କେତେ ଢୋଲ କୀର୍ତ୍ତନ—ବୁଢ଼ୀ କାନକୁ କିଛି ଶୁଭୁ ନାହିଁ । ତିନି ଦିନ ତିନି ରାତି ସେ ସପନା ମୁଣ୍ଡକୁ କୋଳରେ ଥୋଇ ସେଇମିତି ବସିଛି । ଆଖି କଟା ହେବାକୁ ନାହିଁ କି ପେଟରେ ଦାନା ପଡ଼ିବାକୁ ନାହିଁ ।

"ସପନି, ସପନି ।" ସପନା ଚମକି ଉଠିଲା ପରି ହେଲା । ବୁଢ଼ୀ ମା' ତାର ଯେତେ ଡାକିଲା—'ସପନି—ସପନି—' ସପନା ଆଉ ହଲଚଲ ହେଲା ନାହିଁ । ଦେହ ହେମାଳ !

ତେଣେ ଢୋଲ ବାଜି ଉଠିଲା—ଠାକୁରାଣୀ ପାଣିକି ଗଲେ ।

"ମୋ ସପନି କାହିଁ ଲୋ ମୋ ସପନି ?" ବୁଢ଼ୀ ସପନା ଉପରେ କଚାଡ଼ି ହୋଇ ପଡ଼ିଲା ।

ଦାଣ୍ଡ ଦୁଆରେ ପୁଲିସ୍ ଡାକିଲା—ଘର ମେ କୋଇ ହୈ ?

× × ×

"ଦିଅ, ଦିଅ, ମୋତେ ଫାସି ଦିଅ ମୋତେ ଶୂଳି ଦିଅ । ହଁ ମୁଇଁ ଚୋରି କରିଛି—ଝିଅ ବେକରୁ ମୁଇଁ ସୁନା କାଢ଼ି ନେଇଛି । ମୋତେ କି ଦଣ୍ଡ ଦଉଛ ଦିଅ ।"

ବୁଢ଼ୀଟା ପାଗଳୀ ବୋଲି କହି ହାକିମ ଛାଡ଼ି ଦେଲେ ।

ସେ ଗାଁରେ ଆଜି ବି ଗୋଟାଏ ବୁଢ଼ୀ ବୁଲେ । ତାକୁ ସମସ୍ତେ କହନ୍ତି ପାଗଳୀ ବୋଲି । ଝିଅଏ ସବୁ ତାକୁ ଢେଲା ଫୋପାଡ଼ନ୍ତି—ବାଲି ଫିଙ୍ଗନ୍ତି । ସେ କିଛି କାହାରିକି କୁହେ ନାହିଁ । ଖାଲି ମନକୁ ମନକୁ କହେ—"ହେଇଟି ଦେଖ, ଭସି ଯାଉଛି—ସବୁ ଭସି ଯାଉଛି । ମୁଁ ସବୁ ଉଠେଇ ଦେଇଚି ଏଇ ନଈ ସୁଅରେ—ସବୁ ବିସର୍ଜନ ଦେଇଛି ।"

## ରଙ୍ଗ ରସ ।

ଗାର୍ଡ—କୌଣସି ପାସେଞ୍ଜରର ଟିକଟ ଦେଖି—"ମହାଶୟ ! ଆପଣ ଯେଉଁ ଷ୍ଟେସନକୁ ଟିକଟ କାଟିଛନ୍ତି—ସେ ଷ୍ଟେସନଟି ଅନେକ ଦିନ ହେଲା ପୋଡ଼ି ନଷ୍ଟ ହୋଇ ଯାଇଅଛି ।"

ପାସେଞ୍ଜର—"କିନ୍ତୁ ଟ୍ରେନଟି ସେଠାରେ ପହଞ୍ଚିବା ପୂର୍ବରୁ ଷ୍ଟେସନଟି ବୋଧହୁଏ ଉଦ୍ଧାର ହୋଇ ଯାଇଥିବ ।"



Digitized by srujanika@gmail.com

# ପ୍ରଣୟ

ଶ୍ରୀ ଉପେନ୍ଦ୍ରପ୍ରସାଦ ମହାନ୍ତି

ପ୍ରିୟତମେ ! ଦେଖ ଏ ମୋ ପୁଷ୍ପ ଉପବନେ
ନବୀନ ଗୋଲାପ ଫୁଟି ହସୁଛି କେସନେ !
ଆସିଥିଲା ମତ୍ତ ଅଳି ଗାଇ ମଧୁ ଛନ୍ଦେ
ମଞ୍ଜୁଳ-ଗୁଞ୍ଜନ-ଗୀତ, ପରମ ଆନନ୍ଦେ
ଯାଇଥାନ୍ତା ଚୁମ୍ବି ତାର ସୁନ୍ଦର ଆନନ;
ମାତ୍ର, ପ୍ରିୟେ ! କ୍ଷିପ୍ର କରି କର ସଞ୍ଚାଳନ
ଦେଇଛି ତଡ଼ି ସେ ଦୁଷ୍ଟେ, ବିଷଣ୍ଣ ଅନ୍ତରେ
ଯାଇଛି ଚୁମ୍ବନକାମୀ ଦୂରେ ପୁଷ୍ପାନ୍ତରେ ।

ଆସିଥିଲା କବି, ପ୍ରିୟେ ! କଳ୍ପନା-ବିଳାସୀ
କବିତାର ଖାତା ଧରି, କଳକଣ୍ଠେ ଭାଷି,
କହିଲା—କା'ର ଏ ମଞ୍ଜୁ ପୁଷ୍ପ ଉପବନ ?
ଫୁଟିଛି ସୁନ୍ଦର କାର ଗୋଲାପ ସୁମନ ?
ଆଣ ସେ କୁସୁମ ତ୍ୱରା, ପ୍ରତି ଦଳେ ତାର
କରିବ କବିର ନମ୍ର କଳ୍ପନା ବିହାର;
ଏ ଗୋଲାପ ପୁଷ୍ପ ପରି ଫୁଟିବ କବିତା
ଅନନ୍ୟ-ସୁନ୍ଦର-ଛନ୍ଦେ, ଭାବ-ସୁରଭିତା ।

କହିଲି ମୁଁ,--"ଦେଖ କବି ! ବାକ୍ୟବ୍ୟୟେ ତବ
ନାହିଁ ପ୍ରୟୋଜନ ଭଲେ, ବୃକ୍ଷର ବିଭବ
ଏ ସୌମ୍ୟ ପୁଷ୍ପଟି ସିନା ! ବୃକ୍ଷ କୋଳେ ହସି
ପ୍ରକାଶେ ସୁଷମା ତାର, ନଭ କୋଳେ ବସି
ପ୍ରଫୁଲ୍ଲ ତାରକା ଯଥା, ଛିନ୍ନ କଲେ ତାହା
ଅର୍ଦ୍ଧେକ ସୌନ୍ଦର୍ଯ୍ୟ ତାର ତୁଟି ଯିବ ଆହା !
କବି ତୁମ୍ଭେ, ଶିଖି ନାହିଁ ଦେଖିବାକୁ ପରା—
ପୁଷ୍ପ ବୃକ୍ଷେ ପୁଷ୍ପ ଶୋଭା କେଡ଼େ ମନୋହରା !"
ଶୁଣି ଏ ବଚନ କବି ଲଜ୍ଜିତ ବଦନ
ଯାଇଛି ପଳାଇ ଦୂରେ ଆନତ ଲୋଚନେ ।

ଆସିଥିଲା ପୁଣି ପ୍ରିୟେ ପୂଜକ ବ୍ରାହ୍ମଣ,
ଲୋଲୁପ ନୟନୁ କରି ଦୃଷ୍ଟି ସଞ୍ଚାଳନ
ଗମ୍ଭୀରେ କହିଲା ଡାକି—ଦିଅ ଏ ସୁମନ,
କରିବି ତା ଦେଇ ଆଜି ଦେବତା ଅର୍ଚ୍ଚନ,
ହେବ ପୁଣ୍ୟ ସୀମାତୀତ, ପ୍ରସନ୍ନ ଦେବତା
ମାନବର ଚିରନ୍ତନ ମଙ୍ଗଳ-ବିଧାତା ।

କହିଲି – "ହେ ବିପ୍ରବର ! ବ୍ୟର୍ଥ ଆଶା ପୋଷି
ଆସିଛ ପ୍ରାର୍ଥନା ନେଇ, ନ ପାରିବି ତୋଷି
ତବ ମନୋରଥ ଆଜି, ଏ ବୃକ୍ଷେ ବିଳସି
ପ୍ରଫୁଲ୍ଲ କୁସୁମ ଗୋଟି, ନିରନ୍ତର ହସି,
ଭୋଗ୍ୟ ହୁଏ ଦେବତାର; ଛିଣ୍ଡାଇ ତା ବଳେ
ବୃନ୍ତ ଶାଖୁଁ, ଅର୍ପି ପୁଣି ଦେବ ପାଦ ତଳେ
କି ହେବ ଅଧିକ ଲାଭ ? ଭ୍ରାନ୍ତ ମାନବର
ମୂଢ଼ତା ହିଁ ହେବ ସିନା ଦେବତା-ଗୋଚରେ !"
ତା ଶୁଣି ଯାଇଛି ଦ୍ୱିଜ ବିଷଣ୍ଣ-ଅନ୍ତରେ,
ନୀରବ ଭର୍ତ୍ସନା ଢାଳି ଏ ମୋ ଶିରେ ଖରେ ।

କିନ୍ତୁ, ପ୍ରିୟତମେ, ଆଜି କହୁଛି ଗୋପନେ,
ଛିଣ୍ଡାଇବି ଏ କୁସୁମ ତବ ଆହ୍ୱାନେ ;
ଖୋଲିଦିଅ ଶୀଘ୍ର ସଖି ! ସେ ଅବଗୁଣ୍ଠନ,
କରିବି ଗୋଲାପେ ନୀଳ କବରୀ ମଣ୍ଡନ,
ଖେଳାଇବ ତହିଁ ମୋର ନୟନ ଭ୍ରମର
ଏ ପରାଣ ହେବ ଖାଲି କବିତା-ମୁଖର,
ସୁନ୍ଦରି ! ସୁନ୍ଦରେ ହେବ ତବ ଅରଚନା,
ପ୍ରଣୟିନି ! ପୂରିବ ମୋ ପ୍ରଣୟ-ବାସନା,
ଅଳିକୁ ଦେଇଛି ତଡ଼ି, କବିକୁ ଫେରାଇ,
ପୂଜକ-ପ୍ରାର୍ଥନା ହସି ଦେଇଛି ଉଡ଼ାଇ,
ତବ ପାଶେ ପ୍ରାଣେଶ୍ୱରି ! ହେବ ପରାଜୟ,
ଫୁଟିବ ତହିଁ ଗୋ ପ୍ରିୟେ ! ଅଜୟ ପ୍ରଣୟ ।

——0——



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ନେପାଲ

### ମହାରାଜାଙ୍କର ପୁତ୍ର ବିଲାତରୁ ଫେରିଅଛନ୍ତି

ମହାମହିମ ନେପାଲ ମହାରାଜାଙ୍କର ମୁଖ୍ୟ କମାଣ୍ଡିଂ ଜେନେରେଲ ସର୍ ବାହାଦୁର ଶାମସେର ଜଙ୍ଗ ବାହାଦୁର ରଣା ଗତ ଅଗଷ୍ଟ ମାସରେ ସିମଳାରେ ପହଞ୍ଚିଥିଲେ । ଭାରତ ସରକାରଙ୍କର ରାଜନୀତି ଓ ବୈଦେଶିକ ବିଭାଗର ଜଣେ ବରିଷ୍ଠ କର୍ମଚାରୀ ଏବଂ ନେପାଲର ରାଜପ୍ରତିନିଧି ତାଙ୍କୁ ଯଥାବିଧି ଅଭ୍ୟର୍ଥନା କରିଥିଲେ । ପାଠକମାନଙ୍କର ମନେ ଥିବ ଯେ ଜେନେରେଲ୍ ବାହାଦୁର ନେପାଲର ସର୍ବଶ୍ରେଷ୍ଠ "ଓଜସ୍ୱୀ ରାଜନ୍ୟ" ପଦବୀରେ ଭାରତ ସମ୍ରାଟଙ୍କୁ ଭୂଷିତ କରିବା ପାଇଁ ନେପାଳ ସରକାରଙ୍କ ପକ୍ଷରୁ ବିଲାତ ଯାତ୍ରା କରିଥିଲେ । ଏହି କର୍ତ୍ତବ୍ୟ ସମାପନ ପରେ ନେପାଲର ମହାରାଜା ତାହାଙ୍କୁ ହିଜ୍ ଏକ୍ସେଲେନ୍ସି ଉପାଧିରେ ନେପାଲର ସର୍ବ ପ୍ରଥମ ମନ୍ତ୍ରୀରୂପେ ନିଯୁକ୍ତ କରିଥିଲେ ।

ବିଲାତ ଅବସ୍ଥାନ ସମୟରେ ଜେନେରେଲ ବାହାଦୁର ୟୁରୋପର ନାନା ସ୍ଥାନ ଭ୍ରମଣ କରିଥିଲେ । ଏଥିପୂର୍ବରୁ ନେପାଲ ସରକାରଙ୍କର ନାନା ବିଭାଗରେ କାର୍ଯ୍ୟ କରି ସେ ଅଭିଜ୍ଞତା ଅର୍ଜନ କରିଥିଲେ ଏବଂ ଅନେକ ବର୍ଷ ପର୍ଯ୍ୟନ୍ତ ସାଧାରଣ ଶିକ୍ଷା ବିଭାଗର ଡିରେକ୍ଟର ଜେନେରେଲ୍ ରୂପେ ଦକ୍ଷତାର ସହିତ କାର୍ଯ୍ୟ କରିଥିଲେ ।

ବିଲାତରୁ ଫେରି ସେ ମୁକ୍ତି ଧାମ ପୁରୀଠାରେ କଟାଇଥିଲେ ଏବଂ ଜଳଯାତ୍ରା କରିଥିବାରୁ ହିନ୍ଦୁ ମତରେ ପ୍ରାୟଶ୍ଚିତ୍ତ କରାଇଥିଲେ । ଅବଶ୍ୟ ବିଲାତରେ ଥିବା ସମୟରେ ସେ ସଙ୍ଗରେ ହିନ୍ଦୁ ପାଚକ ନେଇ ଯାଇଥିଲେ ।

## ହାଇଦ୍ରାବାଦ

### ମହିଳା ସମ୍ମିଳନୀର ନବମ ଅଧିବେଶନ

ହାଇଦ୍ରାବାଦ ମହିଳା ସମ୍ମିଳନୀର ନବମ ଅଧିବେଶନ ଉଦ୍‌ଘାଟନ କରିବାକୁ ଯାଇ ରାଜକୁମାରୀ ଦୁରୁଶେଓଆର ସାହେବ-ଜାଦି ବର୍ଦ୍ଧନା ବେଗମ ସ୍ତ୍ରୀମାନଙ୍କ ଉନ୍ନତି ପକ୍ଷରେ ନାରୀମାନଙ୍କର ଆନ୍ତରିକ ଚେଷ୍ଟା ଦେଖି ଆନନ୍ଦ ପ୍ରକାଶ କରିଥିଲେ ଏବଂ ନାରୀ ସମ୍ମିଳନୀର ଉଦ୍ଦେଶ୍ୟ ସଫଳ ହେଉ ବୋଲି ପ୍ରାର୍ଥନା କରିଥିଲେ ।

ଏହି ସମ୍ମିଳନୀରେ ରାଜ୍ୟର ସବୁ ଅଞ୍ଚଳରୁ ଏବଂ ସବୁ ଶ୍ରେଣୀରୁ ପ୍ରାୟ ଛଅ ଶତ ମହିଳା ଯୋଗ ଦେଇଥିଲେ ଏବଂ ରାଣୀସାହେବା ନାନାପ୍ରଥୀ ସଭାନେତ୍ରୀର ଆସନ ଗ୍ରହଣ କରିଥିଲେ । ତାଙ୍କ ଅଭିଭାଷଣରେ ସେ ନାରୀ ସଂସଦ ଗତ କେତେ ବର୍ଷ ମଧ୍ୟରେ ଯେଉଁ କାର୍ଯ୍ୟ କରିଅଛି ସେଥିପାଇଁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଯଥାଶୀଘ୍ର ହାଇଦ୍ରାବାଦର ମହିଳା ସମିତି ନିଖିଳ ଭାରତୀୟ ମହିଳା ସମିତିର ଶାଖାରୂପେ ନିଜର ଉପଯୁକ୍ତ ସ୍ଥାନ ଅଧିକାର କରିବ ବୋଲି ଆଶା ପୋଷଣ କରିଥିଲେ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଭ୍ୟତାର ଉତ୍କୃଷ୍ଟ ଅଂଶକୁ ଗ୍ରହଣ କରି ନାରୀ ତାହାର ଜୀବନ ଗଠନ କରିବାକୁ ସେ ପରାମର୍ଶ ଦେଇଥିଲେ ଏବଂ ପର୍ଦ୍ଦା ଭିତରେ ରହି ମଧ୍ୟ ପାରିବାରିକ ଓ ସାମାଜିକ ଅନେକ ହିତକର କାର୍ଯ୍ୟ ନାରୀଦ୍ୱାରା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଶେଷରେ ନାରୀ ସମିତିଦ୍ୱାରା ପରିଚାଳିତ ବିଦ୍ୟାଳୟ ଓ ଛାତ୍ରାବାସ ଗୁଡ଼ିକ ଭଲ କାର୍ଯ୍ୟ କରୁଥିବାରୁ ଆନନ୍ଦ ପ୍ରକାଶ କରିଥିଲେ ଏବଂ ନାଇଜାମ ଓ ତାଙ୍କ ସରକାରଙ୍କର ଦୃଷ୍ଟି ନାରୀ ସମାଜର ଉନ୍ନତି ଦିଗରେ ଆକର୍ଷଣ କରିଥିଲେ ।

### ନାଇଜାମଙ୍କ ସମ୍ବାଦ

ଡକ୍ଟର ଜିୟାଉଦ୍ଦିନ ଅହମଦଙ୍କ ସଭାପତିତ୍ୱରେ ଆଲିଗଡ଼ ବିଶ୍ୱ-ବିଦ୍ୟାଳୟର ଏକ ସଭାରେ ହାଇଦ୍ରାବାଦର ମହାମହିମ ନାଇଜାମ ସର୍ବସମ୍ମତିକ୍ରମେ ଚାନ୍ସେଲର୍ ନିର୍ବାଚିତ ହୋଇଅଛନ୍ତି ।

ହାଇଦ୍ରାବାଦର ହରିଜନମାନେ ନାଇଜାମଙ୍କର ରୌପ୍ୟଜୁବିଲି ଉତ୍ସବ ପାଳିବା ପାଇଁ ସ୍ଥିର କରିଅଛନ୍ତି । ଶୁଣାଯାଏ ସେମାନେ ଗୋଟିଏ ଶ୍ରମିକ ବିଭାଗ ସ୍ଥାପନ କରିବା ପାଇଁ ନାଇଜାମଙ୍କଠାରେ ଆପତ୍ତି କରିଅଛନ୍ତି ଏବଂ ବାଧ୍ୟତାମୂଳକ ଶ୍ରମ ସମ୍ବନ୍ଧରେ ଯେଉଁ ଆଦେଶ କରି ଯାଇଅଛି ହରିଜନମାନଙ୍କ ହିତପାଇଁ ତାହାକୁ କାର୍ଯ୍ୟରେ ପରିଣତ କରିବାକୁ ମଧ୍ୟ ଜଣାଇଅଛନ୍ତି ।

## ବିକାନିର

### ପୁରୀର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କର ଆଗମନ

ପୁରୀ ଗୋବର୍ଦ୍ଧନ ମଠର ଜଗଦ୍‌ଗୁରୁ ଶ୍ରୀଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀ ୧୦୮ ଶ୍ରୀ ଭାରତୀ କୃଷ୍ଣ ତୀର୍ଥ ମହାରାଜ ଗତ ଜୁଲାଇ ମାସରେ ବିକାନିର ଯାତ୍ରା କରିଥିଲେ । ରେଲ ଷ୍ଟେସନରେ ପହଞ୍ଚିବା ମାତ୍ରେ ରାଜ୍ୟର ପ୍ରତିନିଧିବର୍ଗ ଓ ହଜାର ହଜାର ଲୋକ ତାଙ୍କୁ ଅଭ୍ୟର୍ଥନା

କରି ନେଇଥିଲେ । ବହୁ ସଂଖ୍ୟକ ସାଧୁ ସନ୍ନ୍ୟାସୀ ମଧ୍ୟ ଷ୍ଟେସନରେ ଉପସ୍ଥିତ ହୋଇ ତାଙ୍କୁ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ । ତାପରେ ତାହାଙ୍କୁ ମହା ସମାରୋହରେ ଶୋଭାଯାତ୍ରା କରି ସହର ମଧ୍ୟରେ ନିଆଯାଇଥିଲା । ରାଜସରକାରଙ୍କର ବ୍ୟାଣ୍ଡବାଜା, ସୈନିକ, ସଜ୍ଜିତ ହସ୍ତୀ ଓ ଘୋଟକ ଆଦି ଏହି ଶୋଭାଯାତ୍ରାର ଆଗେ ଆଗେ ଚାଲିଥିଲେ । ପଥ ମଧ୍ୟରେ ସ୍ଥାନେ ସ୍ଥାନେ ତାଙ୍କୁ ଅର୍ଘ ଓ ପୂଜା ଦାନ କରାଯାଇଥିଲା । ବର୍ଷାଋତୁରେ ସେ ବିକାନିରରେ ଅବସ୍ଥାନ କରି ସନାତନ ଧର୍ମ ସମ୍ବନ୍ଧରେ କେତେଗୁଡ଼ିଏ ବକ୍ତୃତା ଦେଇଥିଲେ ।

## ବରୋଦା

### ଧର୍ମ ସଂରକ୍ଷଣ ପାଇଁ ନୂତନ ବ୍ୟବସ୍ଥା

ଧର୍ମ ସଂରକ୍ଷଣ ପାଇଁ ବରୋଦା ରାଜସରକାର ଦେବାସ୍ଥାନମ୍ ନାମକ ଏକ ପୃଥକ୍ ଡିପାର୍ଟମେଣ୍ଟ ବସାଇଅଛନ୍ତି । ଉକ୍ତ ଡିପାର୍ଟମେଣ୍ଟର ୧୯୩୩–୩୪ ମସିହା ରିପୋର୍ଟରୁ ଜଣାଯାଏ ଯେ ଦାନ ଧର୍ମ ପାଇଁ ରାଜସରକାର ଯେତେଗୁଡ଼ିଏ ଅନୁଷ୍ଠାନ ଚଳାନ୍ତି ସେମାନଙ୍କର ସଂଖ୍ୟା ୪୮ ଏବଂ ସେଗୁଡ଼ିକର ମୋଟ ସମ୍ପତ୍ତିର ମୂଲ୍ୟ ୨୧ ଲକ୍ଷ ଟଙ୍କା । ତତ୍ପରେ ରାଜସରକାରଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ଅଥଚ ସାଧାରଣ ଲୋକଙ୍କଦ୍ୱାରା ପ୍ରତିଷ୍ଠିତ ହୋଇଥିବା ଅନୁଷ୍ଠାନ ଗୁଡ଼ିକର ସଂଖ୍ୟା ୩୯୪୮ । ସେଥିମଧ୍ୟରୁ ୩୪୬୭ଟି ହିନ୍ଦୁମାନଙ୍କ ପାଇଁ ଏବଂ ବାକି ୪୮୧ଟି ମୁସଲମାନଙ୍କ ପାଇଁ ଅନୁଷ୍ଠିତ । ଏହି ଅନୁଷ୍ଠାନଗୁଡିକରେ ମୋଟ ଖରଚ ହୁଏ ୧୮୩୦୦୦ ଟଙ୍କା । ଏଥିମଧ୍ୟରୁ କୋଡ଼ିଏଟି ଅନୁଷ୍ଠାନରେ ଦରିଦ୍ର, ଅନ୍ଧ, କୁଷ୍ଠରୋଗୀ ଏବଂ ପିତୃମାତୃହୀନମାନଙ୍କୁ ସାହାଯ୍ୟ ଦିଆଯାଏ । ବର୍ତ୍ତିତ ବର୍ଷ ମଧ୍ୟରେ ନିରାଶ୍ରୟ ଲୋକଙ୍କୁ ଟ ୧୮,୦୦୯ କେବଳ ଭିକ୍ଷା ସ୍ୱରୂପ ଦିଆ ଯାଇଥିଲା ।

ମହାରାଜା ମହୋଦୟ ଧର୍ମାଧିକାରୀ ନାମକ ଏକ ନୂତନ କର୍ମଚାରୀ ନିଯୁକ୍ତ କରିଅଛନ୍ତି । ତାଙ୍କ ନିମ୍ନରେ କେତେ ଜଣ ପରିବ୍ରାଜକ ରୂପେ ଜାତୀୟ ଧର୍ମ ପ୍ରଚାର ଲାଗି ନିଯୁକ୍ତ ଅଛନ୍ତି । ସେମାନେ ରାଜ୍ୟର ସ୍ଥାନେ ସ୍ଥାନେ ବକ୍ତୃତା ଦେଇ ବୁଲନ୍ତି ଏବଂ ବକ୍ତୃତାର ସାରାଂଶ ମୁଦ୍ରିତ ହୋଇ ଲୋକଙ୍କ ମଧ୍ୟରେ ବିନା ମୂଲ୍ୟରେ ବଣ୍ଟନ କରାଯାଏ । ବର୍ତ୍ତିତ ବର୍ଷ ମଧ୍ୟରେ ଧର୍ମାଧିକାରୀ ଓ ତାଙ୍କର ନିମ୍ନ କର୍ମଚାରୀଙ୍କଦ୍ୱାରା ୨୬ଟି ବକ୍ତୃତା ଦିଆ ଯାଇଥିଲା । ବିଭିନ୍ନ ଧର୍ମର ଉପଦେଶ ଓ ନୀତି ସମ୍ବନ୍ଧରେ ମୌଳିକ ଗ୍ରନ୍ଥର ପ୍ରକାଶ ଏବଂ ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ସ୍ୱୀୟ ଭାଷାରେ ଅନୁବାଦ କରି ପ୍ରକାଶ କରିବାକୁ ମଧ୍ୟ ଏହି ବିଭାଗ ଉପରେ ଭାର ଦିଆ ଯାଇଅଛି । ଆଜି ସୁଦ୍ଧା ହିନ୍ଦୁ ବିବାହ ଓ ଅନ୍ୟ ପର୍ବ ପର୍ବାଣି ସମ୍ବନ୍ଧରେ ୫ ଖଣ୍ଡ ପୁସ୍ତକ ଅନୂଦିତ ହୋଇଅଛି ଏବଂ ହିନ୍ଦୁ ଧର୍ମ ସମ୍ବନ୍ଧରେ ଦୁଇଟି ମୌଳିକ ଗ୍ରନ୍ଥ ମୁଦ୍ରିତ ହେବା ପାଇଁ ପ୍ରସ୍ତୁତ କରା ଯାଉଅଛି ।

### ପଲ୍ଲୀ ସଂସ୍କାର

ମହାରାଜା ଗାଏକୋଆଡ଼ଙ୍କର ହୀରକ ଜୁବିଲୀ ଉପଲକ୍ଷରେ ବରୋଦାରେ ପଲ୍ଲୀ-ସଂସ୍କାର କାର୍ଯ୍ୟ ଆରମ୍ଭ କରା ଯିବାର ସ୍ଥିର ହୋଇ-ଅଛି । ସେଥିପାଇଁ ବର୍ତ୍ତମାନ କୋଡ଼ିଏ ଖଣ୍ଡି ଗ୍ରାମ ବଛା ଯାଇ ସେଗୁଡ଼ିକର ଉନ୍ନତି ପ୍ରଦର୍ଶନ ଦିଗରେ ଚେଷ୍ଟା କରା ଯାଉଅଛି ।

## ଭବନଗର

### ହରିଜନମାନଙ୍କ ପାଇଁ ଶିକ୍ଷାର ବ୍ୟବସ୍ଥା

ଗତ ବର୍ଷ ମହାତ୍ମା ଗାନ୍ଧି ଏ ରାଜ୍ୟକୁ ଆସିବା ଦିନଠାରୁ ହରି-ଜନମାନଙ୍କ ଶିକ୍ଷା ଦିଗରେ ବିଶେଷ ଚେଷ୍ଟା କରା ଯାଉଅଛି । ଆପାତତଃ ୨୨,୩୪୨ ସଂଖ୍ୟକ ହରିଜନଙ୍କୁ ଶିକ୍ଷା ଦେବା ପାଇଁ ବ୍ୟବସ୍ଥା ହେଉଅଛି । ଏମାନଙ୍କ ମଧ୍ୟରୁ ମାତ୍ର ୨୬୮ ଜଣ ପୁରୁଷ ଓ ୨୪ ଜଣ ସ୍ତ୍ରୀ ଲେଖି ପଢ଼ି ଜାଣନ୍ତି । ସର୍ ପ୍ରଭାଶଙ୍କର ପଟ୍ଟାନିଙ୍କର ଉଦ୍ୟମରୁ ହରିଜନମାନଙ୍କୁ ଡାକ୍ତରଖାନା, ସ୍କୁଲ୍, ପାର୍କ, କୂଅ ଓ ପୂଜା କିମ୍ବା ଉପାସନା କରିବା ସ୍ଥାନଗୁଡ଼ିକ ଉନ୍ମୁକ୍ତ ରଖିବା ସପକ୍ଷରେ ସାଧାରଣଙ୍କର ମତ ଥିବାର ଜଣା ଯାଇଅଛି । ଏହା ପରେ ଭବନଗରରେ ଦୁଇଟି ସ୍କୁଲ ଏବଂ କୁଣ୍ଡଲା, ମହୁବା ଓ ଗୁନ୍ଦ୍ରାରନଠାରେ ଗୋଟିଏ ଲେଖାଏଁ ସ୍କୁଲ ହରିଜନମାନଙ୍କ ପାଇଁ ପ୍ରତିଷ୍ଠିତ ହୋଇଅଛି ।

### ଜାପାନ ଜିନିଷର ପ୍ରତିରୋଧ

ଭବନଗର ରାଜ୍ୟର ବଡ଼ ବଡ଼ ମହାଜନମାନଙ୍କୁ ଆଦେଶ ହୋଇଅଛି କି ଏକ ନିର୍ଦ୍ଦିଷ୍ଟ କାଳ ମଧ୍ୟରେ ସେମାନଙ୍କୁ ଜାପାନୀ ଲୁଗା ଖାଲି କରି ଦେବାକୁ ହେବ । ନଚେତ୍ ରାଜସରକାର ସେ ସମସ୍ତ ବାଜେୟାପ୍ତ କରି ନେବେ ।

ଶୁଣାଯାଏ ଯେ ଭବନଗର ବନ୍ଦର ବାଟେ ଜାପାନୀ ଲୁଗା ବେଶି ପରିମାଣରେ ଆସୁ ଥିବାର ଇଂରେଜ ଓ ଭାରତୀୟ ମହାଜନମାନେ ଯେ ଆପତ୍ତି କରୁଥିଲେ ତାହାରି ଫଳରେ ଏପରି ଆଦେଶ ହୋଇଅଛି ।

## ତ୍ରିପୁରା

### ବାଳକ ବାଳିକାମାନଙ୍କର ସହ-ଶିକ୍ଷା ପ୍ରବର୍ତ୍ତନ

ରାଜ ଦରବାରର ଆଦେଶକ୍ରମେ ତ୍ରିପୁରା ରାଜ୍ୟର ଶିକ୍ଷା ବିଭାଗ ମନ୍ତ୍ରୀଙ୍କ ଅଧୀନରୁ ମହାରାଜାଙ୍କର ଚିଫ୍ ସେକ୍ରେଟରିଙ୍କ ଅଧୀନକୁ ବଦଳାଇ ଦିଆଗଲା । ଆଉ ମଧ୍ୟ ଜଣାଯାଏ ଯେ ଉକ୍ତ ବିଭାଗକୁ ପରାମର୍ଶ ଦେବା କାରଣ ଓ ସମସ୍ତ ରାଜ୍ୟରେ ଶିକ୍ଷା ପଦ୍ଧତିର ସଂସ୍କାର ପ୍ରବର୍ତ୍ତନ ଲାଗି ଗୋଟିଏ ଏଡୁକେଶନ୍ ବୋର୍ଡ ଗଠିତ ହୋଇଅଛି ।

ସ୍ଥାନୀୟ ଅଭିଭାବକମାନଙ୍କର ନିବେଦନ କ୍ରମେ ଗୋଟିଏ ବିଭାଗୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ବାଳକ ଓ ବାଳିକାମାନଙ୍କର ସହଶିକ୍ଷା ( Co-education ) ପ୍ରବର୍ତ୍ତନ କରାଯିବ । ସେଥିପାଇଁ ଅବଶ୍ୟ ବାଳିକାମାନଙ୍କ ବୟସକୁ ନିର୍ଦ୍ଦିଷ୍ଟ ରୂପେ ସୀମାବଦ୍ଧ କରି ଦିଆ ଯାଇଅଛି ।



Digitized by srujanika@gmail.com

## କୋହ୍ଲାପୁର

### ଅପ୍ କର ଛାଡ଼ ଦିଆଗଲା

ବ୍ୟବସାୟ ମାନ୍ଦା ପଡ଼ିବାରୁ ଜୟସିଂହପୁରର ବଡ଼ ବଡ଼ ବ୍ୟବସାୟୀମାନେ ପାଞ୍ଚ ବର୍ଷ ସକାଶେ ସେମାନଙ୍କୁ ଅପ୍ କର ଛାଡ଼ ଦେବା କାରଣ ରାଜସରକାରଙ୍କଠାରେ ନିବେଦନ କରିଥିଲେ । ସେମାନଙ୍କର ପ୍ରାର୍ଥନା ମଞ୍ଜୁର ହୋଇ ସେହି ଅନୁସାରେ ଆଦେଶ ଦିଆ ଯାଇଅଛି ।

## ରାମପୁର

### ବ୍ୟବସ୍ଥାପକ ସଭା

ପ୍ରଜାସାଧାରଣଙ୍କୁ ରାଜ୍ୟଶାସନର ଘନିଷ୍ଠତର ସମ୍ପର୍କରେ ଆଣିବା ଲାଗି ରାମପୁରର ନବାବ ମହୋଦୟ ବ୍ୟବସ୍ଥାପକ ସଭାକୁ ପୁନର୍ଗଠନ କରିଅଛନ୍ତି । ବର୍ତ୍ତମାନ ଏଥିରେ ଉଭୟ ସରକାରୀ ଓ ବେସରକାରୀ ସଭ୍ୟ ବସି ପାରିବେ । ବେସରକାରୀ ସଭ୍ୟମାନେ ସହର ଓ ମଫସଲର ପ୍ରତିନିଧି ହେବା ପାଇଁ କୌଣସି ବାଧା ନାହିଁ ଏବଂ ସେମାନଙ୍କର ସଂଖ୍ୟା ମୋଟ ସଭ୍ୟ ସଂଖ୍ୟାର ଏକତୃତୀୟାଂଶରୁ ଉଣା ହେବ ନାହିଁ । ପ୍ରସ୍ତାବିତ ସମସ୍ତ ଆଇନ କାନୁନରେ ପରାମର୍ଶ ଦେବା ହିଁ ଏହି ସଭାର ପ୍ରଧାନ କାର୍ଯ୍ୟ ହେବ । ଏହା ପରେ ଯେଉଁ ସବୁ ବିଷୟରେ ତାହାର ମତ ଲୋଡ଼ା ଯିବ ସେ ସବୁରେ ମଧ୍ୟ ସେ ତାହା ପ୍ରକାଶ କରି ପାରିବ । କୌଣସି ଆଇନର ପ୍ରଚଳନ ଓ କାର୍ଯ୍ୟକାରିତା ସମ୍ବନ୍ଧରେ ମଧ୍ୟ ସଭ୍ୟମାନେ ପ୍ରସ୍ତାବମାନ ପାଶ କରି ପାରିବେ । ପ୍ରଧାନ ମନ୍ତ୍ରୀ ଏ ସଭାର ସଭାପତି ହେବେ ଏବଂ ଅନ୍ୟ ମନ୍ତ୍ରୀମାନେ ସ୍ଥାୟୀ ସଭ୍ୟ ରୂପେ ରହିବେ ।

## ବେନାରସ

### କର୍ମଚାରୀମାନଙ୍କୁ ଦରମା କାଟରୁ କ୍ଷମା ମିଳିଲା

ରାଜକର୍ମଚାରୀମାନଙ୍କର ବେତନର ଯେଉଁ ଅଂଶ ପୂର୍ବେ କଟା ଯାଇଥିଲା ତାହା ଗତ ଅକ୍ଟୋବର ପହିଲା ତାରିଖଠାରୁ ମହାରାଜାଙ୍କ ଆଦେଶ କ୍ରମେ ଫେରାଇ ଦିଆ ଯାଇଅଛି ।

## ମହୀଶୂର

### ରାସାୟନିକ ଦ୍ରବ୍ୟ ପ୍ରସ୍ତୁତ କରିବା ପାଇଁ କାରଖାନା ବସିବ

ପ୍ରସିଦ୍ଧ ବୈଜ୍ଞାନିକ ସର୍ ସି. ଭି. ରମନ୍ ଏବଂ ମିଷ୍ଟର ଏସ୍. ଜି. ଶାସ୍ତ୍ରୀଙ୍କ ପରାମର୍ଶ କ୍ରମେ ମହୀଶୂର ରାଜ୍ୟର ଶିଳ୍ପ ଓ ବ୍ୟବସାୟ ବିଭାଗ ଅନ୍ୟାନ୍ୟ ସଲ୍‌ଫେଟ୍ ସହିତ ଏମୋନିଆ ପ୍ରସ୍ତୁତ କରିବା ଓ ସିମେଣ୍ଟ ପ୍ରସ୍ତୁତ କରିବା ପାଇଁ ସମର୍ଥନ କରିଅଛନ୍ତି । ମାଣ୍ଡ୍ୟାଠାରେ ଗୋଟିଏ କାରଖାନା ବସାଇ ଭାରି ଓଜନର ରାସାୟନିକ ବସ୍ତୁମାନ ତିଆରି କରିବାର ସ୍ଥିର ହୋଇଅଛି ।

### ବଂଶାନୁକ୍ରମେ ରାଜକର୍ମଚାରୀ ହୋଇ ପାରିବେ ନାହିଁ

ପୂର୍ବ ପ୍ରଥା ଅନୁସାରେ ମହୀଶୂର ରାଜସରକାରଙ୍କର କେତେକ ବିଭାଗରେ ବଂଶାନୁକ୍ରମେ ରାଜକର୍ମଚାରୀ ହେବାର ରୀତି ଚଳି ଆସୁଥିଲା । କିନ୍ତୁ ନୂତନ ଆଇନ ଅନୁକ୍ରମରେ ଏହି ପ୍ରଥାକୁ ବର୍ତ୍ତମାନ ରହିତ କରି ଯାଇଅଛି । ଗ୍ରାମମାନଙ୍କର ରାଜସ୍ୱ ଆଦାୟ ପାଇଁ ଯେଉଁ ସବୁ କର୍ମଚାରୀ ନିଯୁକ୍ତ ହେଉଥିଲେ ସେମାନଙ୍କର ଏଣିକି ବଂଶାନୁକ୍ରମେ ଉକ୍ତ କର୍ମରେ ଦାବୀ ରହି ପାରିବ ନାହିଁ ।

### ବିଶ୍ୱବିଦ୍ୟାଳୟର କନ୍‌ଭୋକେଶନ

ଏଲାହାବାଦର ସୁପ୍ରସିଦ୍ଧ ସାମ୍ବାଦିକ ମିଷ୍ଟର ସି. ଓଆଇ. ଚିନ୍ତାମଣି ଚଳିତ ବର୍ଷ ମହୀଶୂର ବିଶ୍ୱବିଦ୍ୟାଳୟର କନ୍‌ଭୋକେଶନରେ ଆଦ୍ୟ ଭାଷଣ ଦେଇଥିଲେ । ମହାରାଜାଙ୍କର ରୌପ୍ୟ ଜୟନ୍ତୀ ଉପଲକ୍ଷରେ ବିଶ୍ୱବିଦ୍ୟାଳୟରେ ଯେଉଁ କୃଷ୍ଣରାଜେନ୍ଦ୍ର ରୌପ୍ୟ ଜୟନ୍ତୀ ଲେକଚର୍ ପ୍ରତିଷ୍ଠା କରି ଯାଇଅଛି, ସେଥିରେ ମଧ୍ୟ ସେ ବକ୍ତୃତା କରିଥିଲେ ।

## କୋଚିନ

### କୃଷକର ଋଣ

କେତେକ ମାସ ଭିତରେ ଗୋଟିଏ ଜମି-ବନ୍ଧକ ବ୍ୟାଙ୍କ ବସାଇ ରାଜସରକାର ତାହା ସାହାଯ୍ୟରେ କୃଷକମାନଙ୍କୁ ଋଣ ଦେବା ପାଇଁ ସ୍ଥିର କରିଅଛନ୍ତି । ତତ୍‌ପୂର୍ବରୁ ଦରିଦ୍ର କୃଷକମାନଙ୍କୁ ଅସ୍ଥାୟୀ ଭାବରେ ଗୋଟିଏ ସାହାଯ୍ୟ କରି ଯାଇଅଛି । ମହାରାଜା ଏକ ଆଦେଶ ପ୍ରଚାର କରିଅଛନ୍ତି ଯେ କୃଷକମାନଙ୍କଠାରୁ ଡିକ୍ରିଦ୍ୱାରା ପ୍ରାପ୍ୟ ଋଣ ଟଙ୍କା କିମ୍ବା ସେମାନଙ୍କର ସ୍ଥାବର ସମ୍ପତ୍ତି ଉପରେ ଦାବୀ କରି ଯାଇଥିବା ଟଙ୍କାର ଆଦାୟ ଲାଗି କୋଚିନ ରାଜ୍ୟର କୌଣସି କଚେରି ସାହାଯ୍ୟ କରିବେ ନାହିଁ ।

### ବଜେଟ୍

ବଜେଟ୍ ପେଶ୍ କରି ଅର୍ଥ ମନ୍ତ୍ରୀ ଜଣାଇ ଥିଲେ ଯେ ଚଳିତ ବର୍ଷର ଆୟ ବ୍ୟୟ ବିଚାର କଲେ ବ୍ୟୟ ଅପେକ୍ଷା ଆୟର ପରିମାଣ ତିନି ଲକ୍ଷ ଟଙ୍କା ଊଣା ପଡୁଅଛି । ଅବଶ୍ୟ ପଞ୍ଚାୟତମାନଙ୍କ ପାଇଁ ଓ ରାଜ୍ୟରେ ଶିକ୍ଷା ପ୍ରଚାର ପାଇଁ ଆଶାନୁରୂପ ଖର୍ଚ୍ଚ ରଖା ଯାଇ-ଥିବାର ସେ କହିଥିଲେ । ଜମିରେ ଜଳ ସେଚନ, ସ୍ୱାସ୍ଥ୍ୟ ଏବଂ ପାନୀୟ ଜଳ ଯୋଗାଇବା ଦିଗରେ ମଧ୍ୟ ପୂର୍ବ ବର୍ଷମାନଙ୍କ ଅପେକ୍ଷା ଅଧିକ ଅର୍ଥ ରଖା ହୋଇଅଛି । ଆଉମଧ୍ୟ ବନ୍ଦର କାର୍ଯ୍ୟ ପାଇଁ ୧୦ ଲକ୍ଷ ଟଙ୍କା ବଜେଟ୍‌ରେ ଗଚ୍ଛିତ ଅଛି । ବନ୍ଦରରେ ଦଳେ ପୁଲିସ ରଖିବା ପାଇଁ, ବାଣିଜ୍ୟ ବ୍ୟବସାୟ, ରାଜପ୍ରାସାଦର ସଂସ୍କାର ଏବଂ କୁଷ୍ଠରୋଗିମାନଙ୍କ ଚିକିତ୍ସା ଲାଗି ଜଣେ ଡାକ୍ତରଙ୍କୁ ଶିକ୍ଷା ଦେବା ପାଇଁ ମଧ୍ୟ ଅଧିକ ଅର୍ଥ ଖର୍ଚ୍ଚ ତାଲିକାରେ ରଖା ଯାଇଅଛି ।



Digitized by srujanika@gmail.com

## କାଶ୍ମୀର

ଅଗଷ୍ଟ ପହିଲା ତାରିଖରେ ଓ୍ୱଜାରେତ୍ ନାମକ କାଶ୍ମୀରର ଗିଲ୍‌ଗିଟ୍‌ମାଲ ଅଞ୍ଚଳର ଏକ ଅଂଶ କାଶ୍ମୀର ରାଜସରକାରଙ୍କର ଶାସନରୁ ଭାରତ ସରକାରଙ୍କ ଶାସନକୁ ବଦଳାଇ ଦିଆ ଯାଇଥିଲା । ଉକ୍ତ ସ୍ଥାନରେ ରାଜ୍ୟର ଯେଉଁ ସୈନ୍ୟ ଛାଉଣୀ ଥିଲା ତାହାକୁ ଉଠାଇ ନିଆ ହୋଇଅଛି ।

## ଯୋଧପୁର

ପୋକାରନ୍‌ର ରାଓ ବାହାଦୁର ଠାକୁର ଚୈନ ସିଂହ ଯୋଧପୁର ରାଜସରକାରଙ୍କର ବିଚାର-ସଚିବ । ଇଂଲଣ୍ଡରେ ଯେଉଁ ସମଗ୍ର ପୃଥିବୀର ଶିକ୍ଷା ପରିଷଦ ବସିଥିଲା ସେଥିରେ ଯୋଗ ଦେବା ପାଇଁ ଗତ ଯୁଲାଇ ମାସରେ ସେ ଯାତ୍ରା କରିଥିଲେ । ନିଖିଳ ଭାରତୀୟ ଶିକ୍ଷା ପରିଷଦର ମଧ୍ୟ ସେ ସଭାପତି ଏବଂ ଶିକ୍ଷା ବିଭାଗରେ ତାଙ୍କର ଯଥେଷ୍ଟ ଅଭିଜ୍ଞତା ଅଛି ।

## ବଂଶଦା

ବଂଶଦା ଯୁବରାଜଙ୍କର ଯେଉଁ ଅସ୍ତ୍ରଚିକିତ୍ସା କରା ଯାଇଥିଲା ତାହା ପୂର୍ଣ୍ଣମାତ୍ରାରେ କୃତକାର୍ଯ୍ୟ ହେବାରୁ ରାଜଦରବାର କୃଷକମାନଙ୍କୁ ଦିଆ ଯାଇଥିବା ଋଣରୁ ଏକ ଲକ୍ଷ ଟଙ୍କା ଛାଡ଼ ଦେଇଅଛନ୍ତି । ଆଉ ମଧ୍ୟ ଚଳିତ ବର୍ଷର ରାଜସ୍ୱରୁ ଟଙ୍କାକେ ଅଣାଏ ଲେଖାଁ ଛାଡ଼ ଦିଆ ଦିବାର ପ୍ରଚାର କରା ଯାଇଅଛି ।

## ତ୍ରିବାଙ୍କୁଡ଼

୧୯୩୫-୩୬ ମସିହାର ବଜେଟ୍ ତ୍ରିବାଙ୍କୁଡ଼ ବ୍ୟବସ୍ଥା ପରିଷଦରେ ଉପସ୍ଥାପିତ କରା ଯାଇଥିଲା । ଆୟ ବ୍ୟୟ ହିସାବରୁ ଜଣାଗଲା ଯେ ରାଜ୍ୟର ମୋଟ ରାଜସ୍ୱ ଆଦାୟ ୨୪୨·୧୬ ଲକ୍ଷ ଏବଂ ମୋଟ ବ୍ୟୟ ୨୪୯·୧୨ ଲକ୍ଷ ଟଙ୍କା । ସୁତରାଂ ବ୍ୟୟ ତୁଳନାରେ ଆୟ କମତି ପଡ଼ିବ ୬·୯୬ ଲକ୍ଷ ଟଙ୍କା । ବଡ଼ ଖର୍ଚ୍ଚ ଭିତରେ ପଲ୍ଲୀ-ବାଶାଲ ବିଦ୍ୟୁତ୍ କାରଖାନାରେ ୩୫ ଲକ୍ଷ, ରବର କାରଖାନା ଓ ମୃତ୍ତିକା ପରିଷ୍କାରରେ ୪ ଲକ୍ଷ ଏବଂ ତ୍ରିବାନ୍ଦ୍ରମ ସହର ସଂସ୍କାରରେ ୭ ଲକ୍ଷ ଖର୍ଚ୍ଚ ହେବ ବୋଲି ଅନୁମିତ ହୋଇଅଛି ।

ଅନ୍ୟାନ୍ୟ ଉନ୍ନତି ମଧ୍ୟରେ ରାଜ୍ୟରେ ଗ୍ରନ୍ଥାଳୟ ପ୍ରତିଷ୍ଠା, ଉଚ୍ଚ ଇଂରାଜୀ ବିଦ୍ୟାଳୟମାନଙ୍କରେ ଶିଳ୍ପ ବିଷୟକ ପାଠ୍ୟ ପ୍ରବର୍ତ୍ତନ, ଗୋଟିଏ କୃଷି ବୋର୍ଡ଼ର ପ୍ରତିଷ୍ଠା ଏବଂ କଲିକତା, ପୁନା, କରାଚି ଓ ଆହମେଦାବାଦରେ ବ୍ୟବସାୟ ଲାଗି ଗୋଟିଏ ଶାଖା ଏଜେନ୍ସି ସ୍ଥାପନ ପ୍ରଧାନ ଅଟେ ।

ଦକ୍ଷିଣ ତ୍ରିବାଙ୍କୁଡ଼ରେ ଅଧିଗୃହ ପାଇଁ ଫାର୍ମ ଖୋଲିବା ଲାଗି ୬୦୦୦, କୃଷି ବୋର୍ଡ଼ ପାଇଁ ୫୦୦, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଷୟରେ ପ୍ରଚାର ଉଦ୍ଦେଶ୍ୟରେ ଫିଲ୍ମ କିଣିବାକୁ ୧୦୦୦ ଏବଂ ନିମ୍ନ ଶ୍ରେଣୀର ଲୋକଙ୍କ ଉପକାର ଲାଗି ୧୦,୦୦୦ ଟଙ୍କା ରଖା ଯାଇଅଛି ।

ଶିକ୍ଷା ବିଭାଗର ଡିରେକ୍ଟର ବ୍ୟବସ୍ଥା ପରିଷଦରେ ଜଣାଇଥିଲେ ଯେ ସମଗ୍ର ରାଜସ୍ୱର ଶତକଡ଼ା ୧୯·୮ ଶିକ୍ଷା ବିଭାଗରେ ଖର୍ଚ୍ଚ କରା ଯାଇଅଛି ଏବଂ ସମଗ୍ର ଶିକ୍ଷା ବିଭାଗୀୟ ଖର୍ଚ୍ଚର ଶତକଡ଼ା ୫୮·୩ କେବଳ ପ୍ରାଥମିକ ଶିକ୍ଷା ଉଦ୍ଦେଶ୍ୟରେ ବ୍ୟୟିତ ହୋଇଅଛି ।

## ଇନ୍ଦୋର

### ଅନ୍ତର୍ଜାତିକ ସଭାରେ ଇନ୍ଦୋରର ପ୍ରଧାନ ମନ୍ତ୍ରୀ

ଅନ୍ତର୍ଜାତିକ ସଭାର ଆଗାମୀ ବୈଠକରେ ଭାରତୀୟ ରାଜ୍ୟ-ସମୂହର ପ୍ରତିନିଧିରୂପେ ଇନ୍ଦୋରର ପ୍ରଧାନ ସଚିବ ରାୟ ବାହାଦୁର ଏସ୍. ଏମ୍. ବାପ୍‌ନା ସି. ଆଇ. ଇ. ମନୋନୀତ ହୋଇଅଛନ୍ତି । ରାୟ ବାହାଦୁରଙ୍କର ରାଷ୍ଟ୍ର ସମ୍ବନ୍ଧରେ ଯଥେଷ୍ଟ ଅଭିଜ୍ଞତା ଅଛି ଏବଂ ଭାରତୀୟ ରାଜ୍ୟମାନଙ୍କ ସମ୍ବନ୍ଧରେ ତାଙ୍କର ପାଣ୍ଡିତ୍ୟ ଗଭୀର । ଦୁଇଟି ପ୍ରଧାନ ରାଜ୍ୟ ପାଟିଆଲା ଓ ଇନ୍ଦୋରର ମନ୍ତ୍ରୀରୂପେ ସେ ବହୁ ବର୍ଷ କାର୍ଯ୍ୟ କରିଅଛନ୍ତି ଏବଂ ଇନ୍ଦୋରର ପ୍ରଧାନ ମନ୍ତ୍ରୀରୂପେ ସେ ଜଣେ କୃତୀ ଏବଂ ବିଶେଷଜ୍ଞ ଶାସକରୂପେ ସୁପରିଚିତ ।

### ଜ୍ୟୋତିର୍ବିଦମାନଙ୍କର ସଭା

ନଭେମ୍ବର ମାସ ଦ୍ୱିତୀୟ ସପ୍ତାହରେ ଇନ୍ଦୋରଠାରେ ଯେଉଁ ନିଖିଳ ଭାରତୀୟ ଜ୍ୟୋତିର୍ବିଦ ସଭା ବସିବ ସେଥିରେ ପଣ୍ଡିତ ମଦନ ମୋହନ ମାଳବୀୟ ସଭାପତିର ଆସନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଅଛନ୍ତି ।

### ବ୍ୟବସ୍ଥା ସଭା

ଇନ୍ଦୋର ବ୍ୟବସ୍ଥା ସଭାର ଯେଉଁ ବୈଠକ ସ୍ଥଗିତ ରଖା ଯାଇ-ଥିଲା ସେଥିରେ ରାଓ ସାହେବ ଏସ୍. ଏଲ. ଡାମ୍ପେକର୍ଦ୍ଦ୍ୱାରା ମହାଜନୀ ଋଣ ସମ୍ପର୍କୀୟ ବିଲ (Usurious Loan Bill) ପେଶ୍ କରା ଯାଇଥିଲା । ସେ ବୁଝାଇ ଦେଇଥିଲେ ଯେ ଯେଉଁ ମହାଜନମାନେ ସତ୍ ଏବଂ ନିର୍ଦ୍ଦୋଷ ବ୍ୟବସାୟ କରୁଅଛନ୍ତି ସେମାନଙ୍କର ଏହି ବିଲ୍ ପ୍ରତି ଭୟ କରିବାର କାରଣ ନାହିଁ । କେବଳ ଯେଉଁମାନେ ଅଶିକ୍ଷିତ କୃଷୀ ଓ ଗ୍ରାମ୍ୟ ଲୋକଙ୍କୁ ଠକି ନିଜର ସମ୍ପତ୍ତି ବଢ଼ାଉ ଅଛନ୍ତି ସେହିମାନଙ୍କ ପକ୍ଷରେ ହିଁ ଏହା ଏକ ବାଧା ହେବ । କିନ୍ତୁ ନାନା ତର୍କ ବିତର୍କ ପରେ ଅଧିକାଂଶଙ୍କର ଭୋଟ ଏହାର ବିରୁଦ୍ଧରେ ହେବାରୁ ପ୍ରସ୍ତାବଟି ଗୃହୀତ ହୋଇ ପାରିଲା ନାହିଁ ।

ଜାତିଆଣର ଅତ୍ୟାଚାର (Caste Tyranuy Bill) ବିରୁଦ୍ଧରେ ରାୟ ସାହେବ ଏ. ପି. ଭାର୍ଗବ ଆଉ ଏକ ବିଲ୍ ପେଶ୍ କରିଥିଲେ । ପଞ୍ଚମାନଙ୍କର ଅବିଚାରକୁ ଲୋପ କରିବା ହିଁ ତାଙ୍କର ପ୍ରଧାନ ଉଦ୍ଦେଶ୍ୟ ଥିଲା । କିନ୍ତୁ ଏ ପ୍ରସ୍ତାବ ବିରୁଦ୍ଧରେ ମଧ୍ୟ ଅଧିକାଂଶଙ୍କର ମତ ପ୍ରବଳ ଥିବାରୁ ତାଙ୍କୁ ଏହା ଉଠାଇ ନେବାକୁ ହୋଇଥିଲା ।



Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ରାଷ୍ଟ୍ରସଂଘ ଓ ପୂର୍ବାଞ୍ଚଳ ରାଜ୍ୟ ସମୂହ

ଗୋଲଟେବୁଲ ବୈଠକରେ ସମଗ୍ର ଭାରତୀୟ ରାଷ୍ଟ୍ର-ସଂଘର ଯେଉଁ ଖସଡ଼ା ପ୍ରଥମେ ତିଆରି ହୋଇଥିଲା ତାହା ବର୍ତ୍ତମାନ ପାର୍ଲିମେଣ୍ଟ ଆଇନରେ ପରିଣତ ହୋଇଅଛି । ରାଷ୍ଟ୍ରସଂଘର ବ୍ୟବସ୍ଥା ସଭାମାନଙ୍କରେ ପ୍ରତିନିଧିମାନଙ୍କର ସଂଖ୍ୟା ନିରୂପଣ ବିଷୟରେ ଯେଉଁ ସବୁ କଠିନ ସମସ୍ୟା ପଡ଼ିଥିଲା ତାହା ଭିତରେ ଭାରତୀୟ ରାଜ୍ୟ-ସମୂହରୁ ପ୍ରତିନିଧି ନିର୍ବାଚନ ଏକତମ ଥିଲା । ସମଗ୍ର ଭାରତୀୟ ରାଜ୍ୟମାନଙ୍କୁ ମିଳିଥିବା ଉପର ବ୍ୟବସ୍ଥା ସଭାରେ ୧୦୪ ଟି ସ୍ଥାନ ଓ ତଳ ବ୍ୟବସ୍ଥା ସଭାରେ ୧୨୫ ଟି ସ୍ଥାନ ସେମାନଙ୍କ ଦାବୀ ଅନୁପାତରେ ବଣ୍ଟନ କରିଦେବାର କଥା । ଫଳରେ ଏହା ଅନେକ ରାଜ୍ୟକୁ ସନ୍ତୁଷ୍ଟ କରି ପାରି ନାହିଁ ବୋଲି ମନେ ହୁଏ । ତଳ ବ୍ୟବସ୍ଥା ସଭାର ପ୍ରତିନିଧିତ୍ୱ ମୁଖ୍ୟତଃ ଲୋକ ସଂଖ୍ୟା ଉପରେ ନିର୍ଭର କରେ ଏବଂ ପୂର୍ବାଞ୍ଚଳ ରାଜ୍ୟମାନେ ଏଥିରେ ୧୪ ଟି ସ୍ଥାନ ପାଇ ଅଛନ୍ତି ।

ଏଥି ମଧ୍ୟରୁ ମୟୂରଭଞ୍ଜ ଓ ଆଉ ସାତ ଗୋଟି ରାଜ୍ୟ ଗୋଟିଏ ଲେଖାଏଁ ସ୍ଥାୟୀ ସ୍ଥାନ ପାଇଅଛନ୍ତି । ବାକି ରାଜ୍ୟମାନଙ୍କୁ ସମ୍ମିଳିତ ଭାବରେ ପ୍ରତିନିଧିତ୍ୱ ମିଳିଅଛି । କିନ୍ତୁ ଉପର ସଭାରେ ପୂର୍ବାଞ୍ଚଳ ରାଜ୍ୟସମୂହକୁ କେବଳ ୬ ଟି ସ୍ଥାନ ମିଳିଅଛି । ଉପର ସଭା ବା ଷ୍ଟେଟ୍ କାଉନ୍‌ସିଲକୁ ଯେଉଁ ରୀତିରେ ପ୍ରତିନିଧି ନିଆ ଯାଇଅଛନ୍ତି ସେ ସମ୍ବନ୍ଧରେ ଜଏଣ୍ଟ ପାର୍ଲିମେଣ୍ଟାରି କମିଟିର ୨୦୮ ପାରାଗ୍ରାଫରେ ଉଲ୍ଲେଖ ଅଛି ଯେ ବଂଶଗତ ଆଭିଜାତ୍ୟରୁ ସଲାମୀ ପାଉଥିବା ଅନୁସାରେ ଏବଂ ସେହିପରି ଅନ୍ୟ କାରଣ ସମ୍ମିଳିତ ଯୋଗ୍ୟତା ଉପରେ ପ୍ରତିନିଧିତ୍ୱ ନିର୍ଭର କରିବା ଉଚିତ । ପୂର୍ବାଞ୍ଚଳ ରାଜ୍ୟ ସମୂହର କେତେକ ବଡ଼ ବଡ଼ ରାଜ୍ୟର ଉପର ସଭାରେ ନିମ୍ନଲିଖିତ ରୂପେ ପ୍ରତିନିଧିତ୍ୱ ସ୍ଥିର କରି ଯାଇଅଛି ।

| | | | |
|---|---|---|---|
| ମୟୂରଭଞ୍ଜ | ଗୋଟିଏ ସ୍ଥାନର | | ଦୁଇ ତୃତୀୟାଂଶ |
| ପାଟନା | | ,, | ଅର୍ଦ୍ଧେକ |
| କଳାହାଣ୍ଡି | ,, | ,, | ଅର୍ଦ୍ଧେକ |
| ସୋନପୁର | ,, | ,, | ଏକତୃତୀୟାଂଶ |
| ବସ୍ତର … | ,, | ,, | ଏକଚତୁର୍ଥାଂଶ |
| ସୁରଗୁଜା | ଗୋଟିଏ ସ୍ଥାନର | | ଏକଚତୁର୍ଥାଂଶ |
| କେନ୍ଦୁଝର | ,, | ,, | ଏକପଞ୍ଚମାଂଶ |
| ଗାଙ୍ଗପୁର | ,, | ,, | ଏକପଞ୍ଚମାଂଶ |
| ଢେଙ୍କାନାଳ | ,, | ,, | ଏକପଞ୍ଚମାଂଶ |
| କାଙ୍କେର | ,, | ,, | ଏକପଞ୍ଚମାଂଶ |

ଏ କଥା ଅବଶ୍ୟ ଉଲ୍ଲେଖ ଯୋଗ୍ୟ ଯେ ଉଭୟ ବ୍ୟବସ୍ଥା ସଭାରେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କୁ ଯେତେ ଗୁଡ଼ିଏ ସ୍ଥାନ ମିଳିଅଛି ମୋଟା ମୋଟି ସେ ଗୁଡ଼ିକ ଭାରତର ବୃହତ୍ତମ ରାଜ୍ୟ ହାଇଦ୍ରାବାଦ ରାଜ୍ୟକୁ ମିଳି ଥିବା ସ୍ଥାନ ସଂଖ୍ୟା ସଙ୍ଗେ ସମାନ ।

## ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କର ରାଜନ୍ୟମଣ୍ଡଳୀ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କର ରାଜନ୍ୟମଣ୍ଡଳୀ କେତେକ ମାସ ହେବ ପ୍ରତିଷ୍ଠିତ ହେଲେହେଁ ସମ୍ବାଦ ପତ୍ରମାନଙ୍କରେ ପ୍ରକାଶିତ ହୋଇ ଏହା ସୁପରିଚିତ ହୋଇ ପଡ଼ିଅଛି । ଗତ ମାର୍ଚ୍ଚ ମାସରେ ହିଁ ଏହା କଲିକତାଠାରେ ବସିଥିବା ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ-ମାନଙ୍କର ଶାସକ ଓ ପ୍ରତିନିଧିମାନଙ୍କ ସଭାରେ ଗଠିତ ହୋଇଥିଲା । କୋରିଆର ଚୁଲଂ ଚିଫ୍ ଏଥିରେ ସଭାପତି ହୋଇଥିଲେ ।

ଏହି ଅଞ୍ଚଳର ରାଜ୍ୟମାନଙ୍କୁ ଆଗାମୀ ରାଷ୍ଟ୍ରସଂଘ ବ୍ୟବସ୍ଥା ପରିଷଦରେ ଯେଉଁ ପ୍ରତିନିଧିତ୍ୱ ମିଳିଅଛି ତାହା ଯେ ନ୍ୟାୟସଙ୍ଗତ ଓ ଯଥେଷ୍ଟ ହୋଇ ନାହିଁ ଏବଂ ତାହାର ପ୍ରତିକାରର କି କି ଉପାୟ ହୋଇ ପାରେ ଇତ୍ୟାଦି ବିଷୟ ଉକ୍ତ ସଭାରେ ଆଲୋଚନା କରି ଯାଇଥିଲା । ଏହି ସଭାରେ ହିଁ ସ୍ଥାୟୀ ଭାବରେ ଗୋଟିଏ ରାଜନ୍ୟ ମଣ୍ଡଳୀ ଗଠନ କରି ଯାଇଥିଲା ଏବଂ ସମଷ୍ଟିଗତ ଭାବରେ ପୂର୍ବାଞ୍ଚଳ ରାଜ୍ୟମାନଙ୍କର ଉନ୍ନତି ଓ ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ କାର୍ଯ୍ୟ କରିବା ଉକ୍ତ ମଣ୍ଡଳୀର ପ୍ରଧାନ ଲକ୍ଷ୍ୟରୂପେ ନିର୍ଦ୍ଦିଷ୍ଟ ହୋଇଥିଲା ।

ମୟୂରଭଞ୍ଜର ମହାରାଜା ଉକ୍ତ ମଣ୍ଡଳୀର ସଭାପତି ନିର୍ବାଚିତ ହୋଇଥିଲେ ଏବଂ ସାତ ଜଣ ମନ୍ତ୍ରୀଙ୍କୁ ନେଇ ଗୋଟିଏ ମନ୍ତ୍ରୀ-ପରିଷଦ ଗଠିତ ହୋଇଥିଲା । କାର୍ଯ୍ୟକାରୀ ଓ ପରାମର୍ଶ ଦାତାରୂପେ ଏହି ଯେ ପରିଷଦ ଗଢ଼ାଗଲା, ସେଥିରେ ଓଡ଼ିଶା ଗଡ଼ଜାତମାନଙ୍କରୁ ୪ ଜଣ ଓ ମଧ୍ୟ-ପ୍ରଦେଶ ଗଡ଼ଜାତରୁ ୩ ଜଣ ସଭ୍ୟ ରହିଲେ ଯଥା— ମୟୂରଭଞ୍ଜ, ପାଟଣା, ବଣାଇର ଦେଓଆନମାନେ ଓ ସରେଇକଳାର



Digitized by srujanika@gmail.com


ମନ୍ତ୍ରୀ ଏବଂ ରାୟଗଡ଼ ଓ କର୍ଓ୍ୱାର ଦେଓ୍ୱାନମାନେ ଓ ସୁରଗୁଜାର ପ୍ରଧାନ ମନ୍ତ୍ରୀ ।

ଗତ ସେପ୍ଟେମ୍ବର ୨୧ ତାରିଖରେ ରାୟଗଡ଼ଠାରେ ମନ୍ତ୍ରୀ-ପରିଷଦର ଏକ ବୈଠକ ହୋଇଥିଲା । ଏଥିରେ ଭାରତ ସରକାରଙ୍କର ନୂଆ ଆଇନରେ ଲିପିବଦ୍ଧଥିବା ରାଷ୍ଟ୍ରସଂଘ ଖସଡ଼ା ବିଷୟରେ କେତେକ କଥା ଆଲୋଚିତ ହେଲା । କେବଳ ସୁରଗୁଜାର ପ୍ରଧାନ ମନ୍ତ୍ରୀଙ୍କ ବ୍ୟତୀତ ଏ ବୈଠକରେ ଆଉ ସବୁ ସଭ୍ୟ ଯୋଗ ଦେଇ-ଥିଲେ । ଶକ୍ତିର ରାଜା ଏବଂ ଶକ୍ତି ଓ ସାରଙ୍ଗଗଡ଼ର ଦେଓ୍ୱାନମାନେ ମଧ୍ୟ ଏ ବୈଠକରେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ବିଷୟ ମଧ୍ୟରେ ଗତ ମାର୍ଚ୍ଚ ମାସରେ ରାଜନ୍ୟବର୍ଗଙ୍କ ପକ୍ଷରୁ ଯେଉଁ ସମାଲୋଚନାମାନ ଉପସ୍ଥାପିତ ହୋଇଥିଲା, ତାହା ଫଳରେ ଭାରତ ସଂସ୍କାର ଆଇନରେ ବିଲାତ ପାର୍ଲିମେଣ୍ଟ ଯେଉଁସବୁ ସଂଶୋଧନ ଲିପିବଦ୍ଧ କରିଅଛନ୍ତି ତାହାର ବିଚାର ଉକ୍ତ ବୈଠକରେ ହୋଇଥିଲା ଏବଂ ସାଧାରଣ ମତ ପ୍ରକାଶ କରିଥିଲେ ଯେ ଅଧିକାଂଶ ସମାଲୋଚନା ସୁବିବେଚିତ ହୋଇ ସେହି ଅନୁସାରେ ଉପଯୁକ୍ତ ସଂଶୋଧନମାନ ଲିପିବଦ୍ଧ ହୋଇଅଛି ।

ମୟୂରଭଞ୍ଜର ଦେଓ୍ୱାନ ଶ୍ରୀଯୁକ୍ତ କ୍ଷିତୀଶ ଚନ୍ଦ୍ର ନିୟୋଗୀ ସର୍ବ-ସମ୍ମତି କ୍ରମେ ମନ୍ତ୍ରୀ ପରିଷଦର ସଭାପତି ନିର୍ବାଚିତ ହୋଇଥିଲେ । ଗତ ସେପ୍ଟେମ୍ବର ମାସରେ ବମ୍ବେଠାରେ ଭାରତୀୟ ରାଜ୍ୟ ସମୂହର ମନ୍ତ୍ରୀମାନଙ୍କୁ ନେଇ ଯେଉଁ ହାଇଦର କମିଟି ବସିଥିଲା ସେଠାରେ ହାଇଦରାବାଦର ପରାମର୍ଶଦାତା ମିଃ ମଙ୍କଟନ୍‌ଙ୍କ ସଙ୍ଗେ ଶ୍ରୀଯୁକ୍ତ ନିୟୋଗୀ ସାକ୍ଷାତ୍ କରିଥିଲେ । ସେହି ଆଲୋଚନା ଫଳରେ ହିଁ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କର ମନ୍ତ୍ରୀ ପରିଷଦ ଆହୂତ ହୋଇଥିଲା ।

## ସର ଦେବପ୍ରସାଦ ସର୍ବାଧିକାରୀ

କଲିକତା ହାଇକୋର୍ଟର ବିଖ୍ୟାତ ଆଇନ ବ୍ୟବସାୟୀ ସାର୍ ଦେବ ପ୍ରସାଦ ସର୍ବାଧିକାରୀ ଗତ ଅଗଷ୍ଟ ମାସରେ ତାଙ୍କର ୭୫ ବର୍ଷ ବୟସରେ ଇହଲୀଳା ସାଙ୍ଗ କଲେ । ଶିକ୍ଷା ଓ ସାମାଜିକ କ୍ଷେତ୍ରରେ ସେ ଯେଉଁ କାର୍ଯ୍ୟମାନ କରି ଯାଇଅଛନ୍ତି, ସେଥିପାଇଁ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ତାଙ୍କୁ ନାନା ଉପାଧିରେ ଭୂଷିତ କରିଥିଲେ । ସେ କଲିକତା ଇଉନିଭରସିଟିର ପ୍ରଥମ ବେସରକାରୀ ଭାଇସ୍‌ଚାନ୍ସେଲର ଥିଲେ ଓ ତାଙ୍କୁ ଦୁଇ ଥର ଏହି କାର୍ଯ୍ୟ ଚଳାଇବାକୁ ପଡ଼ିଥିଲା । ସେ ଭାଇସ୍‌ଚାନ୍ସେଲର ଥିବା ସମୟରେ ଲଣ୍ଡନରେ ବସିଥିବା ଇଉନିଭରସିଟି କଂଗ୍ରେସରେ ଦୁଇ ଥର ତାଙ୍କ ଇଉନିଭର୍‌ସିଟିରୁ ପ୍ରତିନିଧିରୂପେ ଯୋଗ ଦେଇଥିଲେ । ଏହାଛଡ଼ା ସେ ଭାରତୀୟ ଛାତ୍ରମାନଙ୍କ ଲାଗି ନିଯୁକ୍ତ ଥିବା ଲିଟନ କମିଟିର ସଭ୍ୟରୂପେ ନିର୍ବାଚିତ ହୋଇଥିଲେ ଓ ସେ ସମ୍ପର୍କରେ ଇଉରୋପର ନାନା ସ୍ଥାନ ଭ୍ରମଣ କରିଥିଲେ । ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କର ଦୁର୍ଦ୍ଦଶା ଓ ଉତ୍ପୀଡ଼ନ ଦଗରେ ଦୃଷ୍ଟି ଦେବା ପାଇଁ ଯେଉଁ ପେଡସନ୍ କମିଟି ଗଠିତ ହୋଇଥିଲା, ସେଥିରେ ମଧ୍ୟ ସେ ଜଣେ ସଭ୍ୟ ଥିଲେ । ତାହା ଛଡ଼ା ଭାରତ ଗଭର୍ଣ୍ଣମେଣ୍ଟ ତାଙ୍କୁ ସମ୍ମିଳିତ ଜାତୀୟ ସଂଘର ପ୍ରତିନିଧିରୂପେ ନିର୍ବାଚନ କରିଥିଲେ । କଲିକତା ଉତ୍କଳ ସାହିତ୍ୟ ସମାଜ, ସମସ୍ତ ଓଡ଼ିଶାର ଛାତ୍ରସମ୍ମିଳନୀ ଓ କଟକ ରେଭେନ୍‌ସା କଲେଜର ପ୍ରାଚୀନ ଛାତ୍ର ସମ୍ପ୍ରଦାୟର ସଭାପତି ଥାଇ ସେ ସମସ୍ତ



ସର୍ ଦେବପ୍ରସାଦ ସର୍ବାଧିକାରୀ

ଉତ୍କଳରେ ସୁପରିଚିତ ଥିଲେ । ସେ ଏହି ପତ୍ରିକାରେ ଦୁଇ ଥର ଲେଖିଥିଲେ । ସେଥିରେ ସେ ଓଡ଼ିଶା ଓ ବଙ୍ଗ ଦେଶର ସଭ୍ୟତା ମଧ୍ୟରେ କି ସମ୍ବନ୍ଧ ଅଛି, ତାଙ୍କର ପୂର୍ବପୁରୁଷ 'ସର୍ବାଧିକାରୀ'ମାନେ ବଙ୍ଗଦେଶରୁ ଯାଇ ଓଡ଼ିଶା ରାଜାଙ୍କ ଅଧୀନରେ ଉଚ୍ଚ କର୍ମଚାରୀ ରୂପେ କିପରି ପ୍ରତିପତ୍ତି ଅର୍ଜନ କରିଥିଲେ, ତାହା ଉଲ୍ଲେଖ କରିଥିଲେ ଏବଂ ନୂତନ ଓଡ଼ିଶା ପ୍ରଦେଶ ପାଇଁ ଉଚ୍ଚ ଆଶା ପୋଷଣ କରିଥିଲେ ।

## ମୟୂରଭଞ୍ଜ ଛାତ୍ରଙ୍କ କୃତିତ୍ୱ

ବାବୁ କୃତ୍ତିବାସ ମାହାନ୍ତି ଓ ଗୋପୀନାଥ ଦାସ ଚମ୍ପୁଆରେ ଥିବା ପୂର୍ବାଞ୍ଚଳ ଦେଶୀୟ ରାଜ୍ୟମାନଙ୍କର ଫରେଷ୍ଟ ସ୍କୁଲରେ ଟ୍ରେନିଂ ପାଇବା ପାଇଁ ଗତ ବର୍ଷ ଷ୍ଟେଟ୍‌ରୁ ଯାଇଥିଲେ । ସେମାନେ



Digitized by srujanika@gmail.com

କ୍ରମାନ୍ୱୟରେ ୧ମ ଓ ୨ୟ ସ୍ଥାନ ଅଧିକାର କରି ଶେଷ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ବାବୁ କୃତ୍ତିବାସ ମାଇତି କେବଳ ପ୍ରଥମ ସ୍ଥାନ ଅଧିକାର କରିବା ବ୍ୟତୀତ ପରୀକ୍ଷାରେ ପ୍ରଶଂସାଯୋଗ୍ୟ ନମ୍ବର ରଖିବା ବିଷୟରେ ମଧ୍ୟ ଏକମାତ୍ର ଛାତ୍ର । ତାହା ଛଡ଼ା ସେ ମୟୂରଭଞ୍ଜ ମହାରାଜାଙ୍କ ପ୍ରଦତ୍ତ ଜଙ୍ଗଲ ବିଷୟକ ଅଭିଜ୍ଞତାର ପଦକ, ପାଟଣା ମହାରାଜାଙ୍କ ପ୍ରଦତ୍ତ ଜଙ୍ଗଲ ଇଞ୍ଜିନିୟରିଂ ଓ ବସ୍ତର ମହାରାଣୀଙ୍କ ପ୍ରଦତ୍ତ ସର୍ବୋତ୍କୃଷ୍ଟ ଛାତ୍ରର ପଦକ ପାଇ ଅଛନ୍ତି । ଆଜି ପର୍ଯ୍ୟନ୍ତ ଉକ୍ତ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରମାନଙ୍କ ଅପେକ୍ଷା ସେ ଇଂରାଜୀରେ ବହୁତ ନମ୍ବର ରଖିଅଛନ୍ତି ।

ଅନ୍ୟ ଷ୍ଟେଟ୍‌ର କୌଣସି ଦୁଇଟି ଛାତ୍ର ଏଥିପୂର୍ବେ ଏକା ସଙ୍ଗରେ କେବେ ଏପରି ସ୍ଥାନ ଅଧିକାର କରି ନାହାନ୍ତି ।

## ଫୁଟବଲ ଖେଳ

ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଫୁଟବଲ ଖେଳ ବିଶେଷ ଉତ୍ସାହ ଓ ଉଦ୍ଦୀପନା ସହିତ ଅନୁଷ୍ଠିତ ହୋଇଥିଲା । କମାଣ୍ଡ ସ୍କୁଲ ଚେଲେଞ୍ଜ୍ ଫୁଟବଲ ଖେଳ ତା ୯-୮-୩୫ ରିଖରୁ ଆରମ୍ଭ ହୋଇ



କଟକ ବି. ଏନ୍. ଆର୍ ଟିମ୍‌ର ଖେଳାଳି ଏବଂ ତାଙ୍କ ସହକର୍ମୀଗଣ

ତା ୧୫-୮-୩୫ ରିଖରେ ଶେଷ ହୋଇଥିଲା । ଫାଇନେଲ ଖେଳ ବାଲେଶ୍ୱର ମିସନ୍ ସ୍କୁଲ ଓ ବାରିପଦା ହାଇ ସ୍କୁଲ (ଏ) ମଧ୍ୟରେ ହୋଇଥିଲା ଓ ବାରିପଦା ଦୁଇଟି ଗୋଲରେ ଜିତିଥିଲେ ।

ଶ୍ରୀ ରାମଚନ୍ଦ୍ର ମେମୋରିଏଲ୍ ଚେଲେଞ୍ଜ ଶିଲ୍ଡ କମ୍ପିଟିସନ ତା ୧୬-୮-୩୫ ରିଖରେ ଆରମ୍ଭ ହୋଇ ତା ୨୯-୮-୩୫ ରିଖରେ ଶେଷ ହୋଇଥିଲା ।

ଷ୍ଟେଟ୍ ଓ ବ୍ରିଟିଶ ଓଡ଼ିଶାରୁ ମିଶି ମୋଟରେ ୧୦ ଟି ଟିମ୍ ଯୋଗ ଦେଇଥିଲେ । ଫାଇନେଲ ଖେଳ ବାରିପଦା ଇନ୍‌ଷ୍ଟିଟିଉଟ୍ ସ୍ପୋର୍ଟିଙ୍ଗ୍ ଏସୋସିଏସନ (ଏ) ଏବଂ କଟକ ବି. ଏନ୍. ଆର ମଧ୍ୟରେ ହୋଇ-ଥିଲା । ଉଭୟ ପକ୍ଷ ବଡ଼ ବିଚକ୍ଷଣ ଭାବରେ ଖେଳିଥିଲେ । ଶେଷରେ କଟକ ବି. ଏନ୍. ଆର ଗୋଟିଏ ଗୋଲରେ ବାରିପଦାକୁ ଜିତି ଥିଲେ ।

ଏହା ବ୍ୟତୀତ ରାଇରଙ୍ଗପୁରଠାରେ ଦେବୀ ସୁନ୍ଦରୀ ମେମୋରିଏଲ ଫୁଟବଲ ଖେଳ ତା ୧୯-୮-୩୫ ରିଖରେ ଆରମ୍ଭ ହୋଇ ତା ୩୧ ରିଖରେ ଶେଷ ହୋଇଥିଲା । ବହାଲଦା ଆକେଶ୍ୱରୀ ଓ ରାଇରଙ୍ଗପୁର-ଟାଉନ ମଧ୍ୟରେ ଶେଷ ଖେଳ ହୋଇଥିଲା ଏବଂ ରାଇରଙ୍ଗପୁର-ଟାଉନ ଜିତିଥିଲେ । ରାଇରଙ୍ଗପୁର ଏସୋସିଏସନ ପ୍ରଥମେ ୪୫ ଜଣ ମେମ୍ବରଙ୍କୁ ନେଇ ଆରମ୍ଭ ହୋଇଥିଲା । ଏବେ ଏହାର କ୍ରମୋନ୍ନତି ହେଉଥିବାର ସମ୍ଭାବନା ।


ଶ୍ରୀମନ୍ ମହାରାଜା ପ୍ରତ୍ୟେକ ସ୍ଥାନରେ ଯୋଗ ଦେଇ ଜେତାମାନଙ୍କୁ ଶିଲ୍ଡ ଏବଂ ମେଡ୍‌ଲ ପ୍ରଦାନ କରିବାଦ୍ୱାରା ସେମାନଙ୍କୁ ତଥା ଉଦ୍‌ଯୋକ୍ତାମାନଙ୍କୁ ବିଶେଷ ଉତ୍ସାହିତ କରିଥିଲେ ।



Digitized by srujanika@gmail.com


## ମୟୂରଭଞ୍ଜରେ ଉଡ଼ାଜାହାଜ

କଲିକତାର ଜଣେ ବିଖ୍ୟାତ ବାରିଷ୍ଟରଙ୍କର ପତ୍ନୀ ମିସେସ୍ ଡ. ଲୁଇସ୍ ଗତ ତା ୩୧-୮-୩୫ ରିଖରେ ଉଡ଼ାଜାହାଜରେ ବାରିପଦା ଆସିଥିଲେ। ସେ ନିଜେ ଉଡ଼ାଜାହାଜ ଚଳାଇ- ଥିଲେ ଓ ଦମ୍ ଦମ୍ ଠାରୁ ବାରିପଦା ଆସିବାକୁ ତାଙ୍କୁ ଘ ୧ । ୧୦ ମିନିଟ ସମୟ ଲାଗିଥିଲା ବୋଲି କହିଲେ। ନିଜେ ଚାଳକ ଭାବରେ ଏତେ ଦୂର ଉଡ଼ାଜାହାଜରେ ଯିବା ତାଙ୍କର ଏହା ପ୍ରଥମ ଓ ସେ ସବୁବେଳେ ପ୍ରାୟ ୫୦୦୦ ଫୁଟ ଉପରେ ଉଡ଼ାଜାହାଜ ଚଳାଇ ଥିଲେ। ରାସ୍ତାରେ ତାଙ୍କର କୌଣସି ଅସୁବିଧା ହୋଇ ନ ଥିଲା ଓ ସେ ଅକ୍ଲେଶରେ ମୟୂରଭଞ୍ଜରେ ଏରୋଡ୍ରାମ ବର୍ଣ୍ଣନା କରି ପାରିଥିଲେ। ଉଡ଼ାଜାହାଜଟି ତାଙ୍କର ନିଜର, ସେଥିରେ କେବଳ ଦୁଇଜଣ ଲୋକ ବସିପାରନ୍ତି। ଏହାର ଗତି ଘଣ୍ଟାକେ ୧୨୦ ମାଇଲ ଏବଂ ଏକ ଗେଲନ୍ ତେଲରେ ଏହା ୨୦ ମାଇଲ ଯାଇପାରେ।



ଉଡ଼ାଜାହାଜ ଉପରକୁ ଉଠିବା ଦୃଶ୍ୟ

ଆଉ ଗୋଟିଏ ଉଡ଼ାଜାହାଜ ସେପ୍ଟେମ୍ବର ମାସ ୮ ତାରିଖରେ ବାରିପଦାକୁ ଆସିଥିଲା। ସେଥିରେ ୬ ଜଣ ଲୋକ ଆସିଥିଲେ। ସେମାନଙ୍କ ମଧ୍ୟରୁ କଲିକତା ଷ୍ଟେଟ୍ସ୍‌ମ୍ୟାନ ଖବର କାଗଜର ସମ୍ବାଦ-ସମ୍ପାଦକ ମିঃ କ୍ରଲ ଓ ତାଙ୍କର ସହଧର୍ମିଣୀ, କଲିକତାର ଜଣେ ବିଶିଷ୍ଟ ସୁପରିଟେଣ୍ଡେଣ୍ଟ ଏବଂ ବ୍ରିଟାନିଆ ବିଲ୍ଡିଂ କମ୍ପାନୀର ତିନି ଜଣ ଉଚ୍ଚ କର୍ମଚାରୀ ଆସିଥିଲେ। ମିଷ୍ଟର କ୍ରଲ ଏବଂ ତାଙ୍କର ସହଧର୍ମିଣୀ ନବନିର୍ମିତ କାଉନ୍‌ସିଲ ପ୍ରାସାଦ, ପୂର୍ଣ୍ଣଚନ୍ଦ୍ର ଇଣ୍ଡଷ୍ଟ୍ରିଏଲ ଇନ୍‌ଷ୍ଟିଚ୍ୟୁଟ୍, ରାଜବାଟି, ବେଲଗଡ଼ିଆ ଅତିଥିଶାଳା ଓ ବାରିପଦା ମ୍ୟୁଜିୟମ ପ୍ରଭୃତି ସ୍ଥାନମାନ ଦେଖି ଅତ୍ୟନ୍ତ ସନ୍ତୋଷ ଓ ଆନନ୍ଦ ପ୍ରକାଶ କରିଥିଲେ। ବ୍ରିଟାନିଆ କମ୍ପାନୀର କର୍ମଚାରୀମାନେ ଅବଶ୍ୟ ଇତିପୂର୍ବରୁ ଥରେ ବାରିପଦା ଆସିଥିଲେ କିନ୍ତୁ ଷ୍ଟେଟ୍ସ୍‌ମ୍ୟାନର ସମ୍ବାଦ-ସମ୍ପାଦକଙ୍କର ଏହାହିଁ ଆକାଶଯାନରେ ପ୍ରଥମ ଆଗମନ। ସେମାନେ ଦିନ ୩ଟା ସମୟରେ ଦମ୍ ଦମ୍‌କୁ ଫେରିଗଲେ।



ଉଡ଼ାଜାହାଜ ଆସିବା ସମୟରେ ସମବେତ ଦର୍ଶକବୃନ୍ଦ

## ସୁନିଆଁ

ସେପ୍ଟେମ୍ବର ୧୦ ତାରିଖରେ ଓଡ଼ିଆ ନୂଆ ବର୍ଷାରମ୍ଭ ଦିବସ ଏଠାରେ ଯଥୋଚିତ ଉତ୍ସବର ସହିତ ପ୍ରତିପାଳିତ ହୋଇଥିଲା। ଗତ ବର୍ଷ ପରି ଏ ବର୍ଷ ମଧ୍ୟ ସୁନିଆଁ ଦିନ ସବୁ ଅଫିସ ବନ୍ଦ ହୋଇଥିଲା। ରାଜ୍ୟର ପରିଚାଳନ ନିମିତ୍ତ ଇଂରାଜି ବର୍ଷ ଅନୁଯାୟୀ ସମସ୍ତ କାର୍ଯ୍ୟ ଚାଲୁଥିଲେହେଁ ମୟୂରଭଞ୍ଜରେ ଓଡ଼ିଆ ବର୍ଷାରମ୍ଭ ଦିନଟିକୁ ସମସ୍ତେ ଉତ୍କଳର ପ୍ରାଚୀନ ଗୌରବର ସ୍ମୃତି ସ୍ୱରୂପ ପବିତ୍ର ଓ ଶୁଭ ଦିନ ବୋଲି ଆଜି ସୁଦ୍ଧା ପାଳନ କରନ୍ତି।



Digitized by srujanika@gmail.com

## ଦୁର୍ଗାପୂଜା

ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଦଶହରା ପୂଜା ଏଠାରେ ବିଶେଷ ସମାରୋହର ସହିତ ଅନୁଷ୍ଠିତ ହୋଇଥିଲା । ମହାଶୂର ଓ ମରହଟ୍ଟା ରାଜ୍ୟମାନଙ୍କ ପରି ଏଠାରେ ମଧ୍ୟ ମହାରାଜାଙ୍କର ଶୋଭାଯାତ୍ରା ଓ କେତେକ ପୁରାତନ ଯୁଦ୍ଧ କୌଶଳ ସମ୍ବନ୍ଧୀୟ ଖେଳ କସରତ ହିଁ ଦଶହରାର ପ୍ରଧାନ ଦ୍ରଷ୍ଟବ୍ୟ ବିଷୟ । ଉତ୍କଳର ଗୃହଅଢ଼େ ଏହା ପାଇକ ଓ ଖଣ୍ଡାଏତମାନଙ୍କର ଗୋଟାଏ ବିଶିଷ୍ଟ ପର୍ବ । ଏହି ସମୟରେ ସେମାନେ ତାଙ୍କର ଅସ୍ତ୍ର ଶସ୍ତ୍ରାଦି ପରିଷ୍କାର କରି ପୂଜା କରନ୍ତି ଏବଂ ଲାଠି ଓ ତରବାରି ନେଇ ନାନା ପ୍ରକାର ଖେଳ ଦେଖାନ୍ତି ।

ମୟୂରଭଞ୍ଜରେ ଦୁର୍ଗାଙ୍କର ଗୋଟିଏ ପ୍ରତିମା ଗଢ଼ାଯାଉଥିଲେ ହେଁ ଜଟକେଶ୍ୱରୀଙ୍କଠାରେ ପ୍ରାୟ ସମସ୍ତ ପୂଜାବିଧି ଅନୁଷ୍ଠିତ ହୁଏ । ପ୍ରଚଳିତ ପ୍ରଥାନୁଯାୟୀ ୧୬ ଦିନ ଯାଏ ଦେବୀଙ୍କର ପୂଜା ହୁଏ । ସେଥିସଙ୍ଗେ ସହସ୍ର କୁମ୍ଭାଭିଷେକ, ବଲ୍ଲିବରଣ ଏବଂ ଲକ୍ଷବନ୍ଧା ଆଦି କେତୋଟି ବିଧି ମଧ୍ୟ ପାଳିବାକୁ ହୁଏ ।

ଶ୍ରୀମନ୍ ମହାରାଜା ତାଙ୍କର ବଂଶାନୁକ୍ରମିକ ଓ ପ୍ରଚଳିତ ପ୍ରଥାନୁଯାୟୀ ଦଶହରା ପୂଜାରେ ବିଧିମତେ ଯୋଗ ଦେଇଥିଲେ । ପୂର୍ବେ ଦେବୀଙ୍କ ସମ୍ମୁଖରେ ଯେଉଁ ସବୁ ପଶୁ ବଳି ଦିଆ ହେଉଥିଲା ତାହା ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓଙ୍କ ଅମଳରୁ ବନ୍ଦ ହୋଇଅଛି । ଅନ୍ୟାନ୍ୟ ସାମାଜିକ ଓ ଶାସନଗତ ଉନ୍ନତି ସଙ୍ଗେ ସଙ୍ଗେ ମହାରାଜା ଶ୍ରୀରାମଚନ୍ଦ୍ର ବଳିପ୍ରଥାକୁ ମଧ୍ୟ ଏକାବେଳକେ ବନ୍ଦ କରି ଦେଇଥିଲେ । ତତ୍ପୂର୍ବରୁ ଦେବୀଙ୍କଠାରେ ପ୍ରାୟ ୧୨୦୦ ଛେଳି ଓ ୧୮ ଗୋଟା ମହିଷ ବଳି ଦିଆଯାଉଥିଲା ।

## ସଙ୍ଗୀତ ପ୍ରତିଯୋଗିତା

ବାରିପଦା ସାହିତ୍ୟ ସମାଜ ତରଫରୁ ସଙ୍ଗୀତ ପ୍ରତିଯୋଗିତାର ପ୍ରଥମ ବାର୍ଷିକ ଅଧିବେଶନ ସେପ୍ଟେମ୍ବର ମାସ ତା ୨୨ ରିଖରେ ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା । ମୟୂରଭଞ୍ଜର ଶ୍ରୀମନ୍ ମହାରାଜା ନିଜେ ସଭାପତିର ଆସନ ଅଳଂକୃତ କରିଥିଲେ । ସ୍ଥାନୀୟ ସମସ୍ତ କର୍ମଚାରୀ ଓ ଭଦ୍ରମହିଳାଙ୍କୁ ନେଇ ପ୍ରାୟ ୫୦୦ ରୁ ଅଧିକ ଦର୍ଶକ ଉପସ୍ଥିତ ଥିଲେ । ଏହି ପ୍ରତିଯୋଗିତାରେ ନାରୀ ଓ ପୁରୁଷଙ୍କୁ ନେଇ ୩୧ ଜଣ ପ୍ରତିଯୋଗୀ ଥିଲେ—ତନ୍ମଧ୍ୟରୁ ନାରୀ ବିଭାଗରେ ପ୍ରତିଯୋଗୀ ସଂଖ୍ୟା ୧୦ । ନାରୀ ଓ ପୁରୁଷଙ୍କ ପାଇଁ ଦୁଇ ଗୋଟି ଭିନ୍ନ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା—ସାଧାରଣ ଭାରତୀୟ ସଙ୍ଗୀତ ଓ ପୁରାତନ ଓଡ଼ିଆ ସଙ୍ଗୀତ । ପ୍ରତ୍ୟେକଙ୍କୁ ୭ ମିନିଟ୍ ଲେଖାଏଁ ସମୟ ଦିଆଯାଇଥିଲା ଓ ପ୍ରତିଯୋଗିତା ଶେଷ ହେବାକୁ ପ୍ରାୟ ୪ ଘଣ୍ଟା ସମୟ ଲାଗିଥିଲା ।

ଏହି ପ୍ରତିଯୋଗିତାରେ ଉପଯୁକ୍ତ ପ୍ରତିଯୋଗୀ ନିର୍ବାଚନର ଭାର ସ୍ଥାନୀୟ କେତେକ ବିଶେଷଜ୍ଞ ଓ ଭଦ୍ରଲୋକଙ୍କଠାରେ ନ୍ୟସ୍ତଥିଲା । ସେମାନଙ୍କ ମତାନୁଯାୟୀ ଶ୍ରୀମନ୍ ମହାରାଜା ନିଜେ ପଦକ ପ୍ରଦାନ କରିଥିଲେ ଏବଂ ସଙ୍ଗୀତର ଉପାଦେୟତା ଓ ଆବଶ୍ୟକତା ବିଷୟରେ ଗୋଟିଏ କ୍ଷୁଦ୍ର, ଅଥଚ ସୁନ୍ଦର ବକ୍ତୃତା ଦେଇଥିଲେ ।

ପ୍ରାଚ୍ୟ ସଙ୍ଗୀତ ଚର୍ଚ୍ଚା ମୟୂରଭଞ୍ଜରେ ଆଜି ନୂଆ ନୁହେ । ଭାରତ ସମ୍ରାଟଙ୍କର ଆଗମନ ଉପଲକ୍ଷେ କଲିକତାଠାରେ ଯେଉଁ ଦରବାର ହୋଇଥିଲା ସେଠାରେ ମହାରାଜା ଶ୍ରୀରାମଚନ୍ଦ୍ରଙ୍କଦ୍ୱାରା ମୟୂରଭଞ୍ଜର ପ୍ରସିଦ୍ଧ ଛଉନାଚ ପ୍ରଦର୍ଶିତ ହୋଇ ବିଶେଷ ପ୍ରଶଂସା ଲାଭ କରିଥିଲା । ଏହା ଆଜି ପର୍ଯ୍ୟନ୍ତ ମୟୂରଭଞ୍ଜରେ ଅଛି ଓ ପ୍ରତି ବର୍ଷ ପଣା ସଂକ୍ରାନ୍ତି ସମୟରେ ଅନୁଷ୍ଠିତ ହୁଏ ।

## ମୟୂରଭଞ୍ଜରେ ହଇଜା ପ୍ରତିଷେଧ

କିଛି ଦିନ ତଳେ ବାରିପଦା ଓ ତାହାର ନିକଟବର୍ତ୍ତୀ ସ୍ଥାନମାନଙ୍କରେ ଯେପରି ହଇଜା ବେମାରି ଲାଗିଥିଲା ଏବଂ ତାହାର ପ୍ରତିଷେଧରେ ଯେଉଁ ଫଳ ମିଳି ଥିଲା, ସେଥିରୁ ଅନେକ ଶିଖିବାର ଅଛି । ବିଶେଷତଃ ପ୍ରଥମ ଅବସ୍ଥାରେ ଏହା ଅତି ଭୟଙ୍କର ଭାବରେ ଆରମ୍ଭ ହେଲା । ଅଳ୍ପ ଦିନ ଭିତରେ ୭୬ ଜଣ ଆକ୍ରାନ୍ତ ହୋଇ ୪୪ ଜଣ ମରିଗଲେ । ପ୍ରଥମେ ଗୋଟିଏ ବୃଦ୍ଧା ସ୍ତ୍ରୀ ଲୋକକୁ ହଇଜା ହେଲା ଓ ତାହାର ମୃତ ଦେହ ସରାଳି ନଈରେ ଭାସୁଥିବାର ଦେଖାଗଲା । ଦେଖୁଁ ଦେଖୁଁ ଏହି ସରାଳି କୂଳରେ ବାସ କରୁଥିବା ଲୋକମାନଙ୍କ ମଧ୍ୟରେ କ୍ରମେ ହଇଜା ବ୍ୟାପି ଗଲା । ଏହା ଦେଖିପାରି ରାଜସରକାରଙ୍କ ତରଫରୁ ନଈ କୂଳରେ ପୁଲିସ ପହରା ରଖାଇ କାହାରିକୁ ଜଳ ବ୍ୟବହାର କରିବାକୁ ଦିଆଗଲା ନାହିଁ । ଫଳରେ ହଇଜା ଆଉ ସହର ଭିତରକୁ ପ୍ରବେଶ କରି ପାରିଲା ନାହିଁ । ଏହା ଛଡ଼ା ବହୁଳ ପରିମାଣରେ ଇଞ୍ଜେକ୍ସନ ମଧ୍ୟ ଦିଆଗଲା ।

ଆଉ ମଧ୍ୟ ଦ୍ରଷ୍ଟବ୍ୟ ବିଷୟ ଏହି ଯେ ଯେଉଁ ଘରମାନଙ୍କରେ କଲେରା ହୋଇଥିଲା, ସେହି ଘରର ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ଠିକ୍ ସମୟରେ ଇଞ୍ଜେକ୍ସନ ନେଇଥିଲେ ସେମାନଙ୍କୁ ଆଦୌ ହଇଜା ହୋଇ ନାହିଁ; ଅଥଚ ଇଞ୍ଜେକ୍ସନ ନେଇ ନ ଥିବା ସେହି ଘରର ଲୋକେ ବରାବର ରୋଗରେ ପଡ଼ିଛନ୍ତି । ଯେଉଁମାନେ ଇଞ୍ଜେକ୍ସନ ନେଇଥିଲେ ସେମାନଙ୍କ ମଧ୍ୟରୁ ଅବଶ୍ୟ ସାମାନ୍ୟ କେତେ ଜଣଙ୍କୁ କଲେରା ହୋଇଥିଲା । ହେଲେ ସେମାନଙ୍କଠାରେ ରୋଗର ବିଶେଷ ପ୍ରକୋପ ନ ଥିଲା । ଇଞ୍ଜେକସନ ନେଇଥିବା ଲୋକଙ୍କ ଭିତରୁ ୧୪ ଜଣ ଆକ୍ରାନ୍ତ ହୋଇଥିଲେ ଓ ସେଥିମଧ୍ୟରୁ ୪ ଜଣ ମଲେ । ଯେଉଁ ଚାରି ଜଣ ମଲେ ସେମାନଙ୍କୁ ଇଞ୍ଜେକ୍ସନ ନେବାର ୫ ଦିନ ମଧ୍ୟରେ କଲେରା ହୋଇଥିଲା କାରଣ ସେତେବେଳକୁ ପ୍ରାୟ ଅସଂଖ୍ୟ ଜୀବାଣୁ ତାଙ୍କ ରକ୍ତରେ ପ୍ରବେଶ କରି ସାରିଥିଲେ ।



Digitized by srujanika@gmail.com

## ମୟୂରଭଞ୍ଜରେ ଶିଳ୍ପର ଉନ୍ନତି

ଗତ ସେପ୍ଟେମ୍ବର ମାସ ତା ୨୩ ରିଖରେ ରାଇରଙ୍ଗପୁରଠାରେ ଲୁହା କାରଖାନା ଖୋଲା ହେଲା ଓ ତଦୁପଲକ୍ଷେ ସେଠାକାର ସମସ୍ତ କର୍ମଚାରୀ, ଓକିଲ ଏବଂ ଅଫିସରଙ୍କୁ ନେଇ ଗୋଟିଏ ସଭା ହୋଇଥିଲା । ସବ୍-ଡିଭିଜନେଲ ଅଫିସର ଉକ୍ତ ସଭାରେ ସଭାପତି ହୋଇଥିଲେ । ଡାଇରେକ୍ଟର ଅଫ୍ ଇଣ୍ଡଷ୍ଟ୍ରିଏଲ ଏଣ୍ଡ୍ ଇକନମିକ ସର୍ଭେ ତାଙ୍କର ରିପୋର୍ଟ ପଢ଼ି ସମସ୍ତଙ୍କୁ ଶୁଣାଇ ଦେଇଥିଲେ । ଷ୍ଟେଟ୍‌ର ଶିକ୍ଷିତ ଯୁବକମାନଙ୍କୁ ଶିଳ୍ପ ଶିକ୍ଷା ପ୍ରଦାନ କରି ତାଙ୍କୁ ଓ ସାଧାରଣ ଶ୍ରମିକମାନଙ୍କୁ କାର୍ଯ୍ୟ ଯୋଗାଇବା ଏହି କାରଖାନାର ପ୍ରଧାନ ଉଦ୍ଦେଶ୍ୟ ।

ବର୍ତ୍ତମାନ ମୋଟରେ ବର୍ଷକୁ ୨୫ କମ୍ବା ୩୦ ହଜାର ମହଣ ଲୁହାର ଅମଦାନି ହେଉ ଥିଲେହେଁ ଷ୍ଟେଟର ଚେଷ୍ଟାଦ୍ୱାରା ତାହାର ଦୁଇ ଗୁଣ ଲୁହା ଅମଦାନି କରାଯାଇ ପାରେ । ବଜାରରେ ଲୁହାର ଦର ପଡ଼ିଯିବା, ଲୁହା ବେପାରୀମାନଙ୍କର ଦୁରଭିସନ୍ଧି ଏବଂ ଫସଲ ହାନି, ଏହି ତିନି କାରଣରୁ ଲୁହା ଚାଷ ଷ୍ଟେଟ୍‌ରେ ମାନ୍ଦା ପଡ଼ି ଯାଇଥିଲା । କିନ୍ତୁ ବର୍ତ୍ତମାନ ଲୁହା ଚାଷୀମାନଙ୍କୁ ଦାଦନ ଦେବା, ଓ ବୈଜ୍ଞାନିକ ଲୁହା ଚାଷର ପ୍ରଣାଳୀ ବିଷୟରେ ଶିକ୍ଷା ଦେବା ହେତୁରୁ ସେ ସମସ୍ତ ଅସୁବିଧା ଦୂର ହୋଇଅଛି । ତାହା ଛଡ଼ା କଞ୍ଚା ଲୁହା କାଟିବା ଓ ବେପାରୀମାନଙ୍କର ଅନ୍ୟାନ୍ୟ ଅତ୍ୟାଚାର ମଧ୍ୟ ବନ୍ଦ କରା ଯାଇଅଛି ।

ଲୁହାର ରପ୍ତାନି ବନ୍ଦ କରି ଏଠାରେ ତାହା ପ୍ରସ୍ତୁତ କରିବାର ଯେଉଁ ବନ୍ଦୋବସ୍ତ କରା ଯାଉଅଛି ସେଥିରେ ଲୁହା ଚାଷର ଅଧିକ ଉନ୍ନତି ହେବାର ଆଶା କରାଯାଏ ।

## ଖିଚିଙ୍ଗରେ ପ୍ରାଗୈତିହାସିକ 'ତାମ୍ର-ଯୁଗ'ର ସଙ୍କେତ

ଭାରତବର୍ଷର ପୂର୍ବାଞ୍ଚଳରେ ମନୁଷ୍ୟମାନେ କେତେ କାଳରୁ ବସବାସ କରି ଆସୁଅଛନ୍ତି ଇତିହାସରେ ତାହାର ଇୟତ୍ତା ନାହିଁ । ଆଦିମ ଯୁଗର ମନୁଷ୍ୟମାନେ ଯେ ଏ ଅଞ୍ଚଳରେ ଥିଲେ ତାହାର ପ୍ରମାଣ ସ୍ୱରୂପ "ପ୍ରସ୍ତର-ଯୁଗ"ର ହତିଆର ଛୋଟନାଗପୁର ଓ ମୟୂରଭଞ୍ଜରେ ମିଳୁଅଛି । ମୟୂରଭଞ୍ଜରେ କେବଳ ଯେ ପଥର ହତିଆର ମିଳିଅଛି ତାହା ନୁହେ, ସେଥି ସହିତ ଖପରା ମଧ୍ୟ ମିଳିଅଛି । ଏଥିରୁ ପ୍ରମାଣିତ ହେଉଅଛି ଯେ ମାନବ ସଭ୍ୟତା ଏ ଅଞ୍ଚଳରେ କ୍ରମଶଃ ବିକଶିତ ହେଉଥିଲା ।

ୟୁରୋପୀୟ ଇତିହାସରେ ପ୍ରାଗୈତିହାସିକ 'ପ୍ରସ୍ତର'-ଯୁଗ ପରେ 'ତାମ୍ର'-ଯୁଗ ଓ ତତ୍ପରେ 'ଲୌହ'-ଯୁଗ ଆସିଥିଲା । ଉତ୍ତର ଭାରତବର୍ଷରେ ମଧ୍ୟ ଠିକ୍ ତଦ୍ରୂପ ପ୍ରସ୍ତର-ଯୁଗ ପରେ କ୍ରମଶଃ ତାମ୍ର-ଯୁଗ ଓ ଲୌହ-ଯୁଗ ଥିଲା; ମାତ୍ର ଦକ୍ଷିଣ ଭାରତରେ ପ୍ରସ୍ତର-ଯୁଗ ପରେ ଲୌହ-ଯୁଗ ହୋଇଥିଲା । ଲୌହ-ଯୁଗର ଆରମ୍ଭ ପ୍ରାୟ ୩୦୦୦ ବର୍ଷ ପୂର୍ବବର୍ତ୍ତୀ ବୋଲି ବିଶେଷଜ୍ଞମାନେ ସ୍ଥିର କରିଅଛନ୍ତି ।

ଛୋଟନାଗପୁର ଓ ମୟୂରଭଞ୍ଜରୁ ପଥର ହତିଆର ଯେପରି ବହୁଳ ଭାବରେ ମିଳିଅଛି -- ତାମ୍ର-ଯୁଗର ହତିଆର ସେ ତୁଳନାରେ ଖୁବ କମ କହିଲେ ଚଳେ । କିଛି ବର୍ଷ ପୂର୍ବେ ହଜାରିବାଗର ପଞ୍ଚାମ୍ବାଠାରେ କେତୋଟି ତମ୍ବା ଫର୍ଶା ଓ ମେଦିନୀପୁରର ଝାଟିବଣି ପ୍ରଗଣାରୁ ଅନ୍ୟ ପ୍ରକାର ଗୋଟିଏ ତମ୍ବା ଫର୍ଶା ମିଳିଥିଲା । ସେ ଗୁଡ଼ିକ ବର୍ତ୍ତମାନ କଲିକତା ଯାଦୁଘରେ ସୁରକ୍ଷିତ ଅଛି ।

୧୯୧୬ ମସିହାରେ ମୟୂରଭଞ୍ଜର ପୂର୍ବାଞ୍ଚଳ ବାଘଡ଼ା ପ୍ରଗଣାରୁ ଅନେକ ଗୁଡ଼ିଏ ଦୋ-ମୁହାଁ ତମ୍ବା ଫର୍ଶା ମିଳିଥିଲା । ଏପରି ତମ୍ବା ଫର୍ଶା ଅନ୍ୟତ୍ର ମିଳିବାର ଜଣା ଯାଇ ନାହିଁ । ମୟୂରଭଞ୍ଜର ପୂର୍ବ-ସୀମାବର୍ତ୍ତୀ ବାଲେଶ୍ୱର ଜିଲ୍ଲାର ଗଡ଼ପଦା ଭୂୟାଁଙ୍କ ଘରେ ଥିବା ଗଜପତି ପୁରୁଷୋତ୍ତମ ଦେବଙ୍କ ଖ୍ରୀ ୧୪୯୨ ମସିହାର ଲିପିଟି ସାଧାରଣ ତମ୍ବା ପାତିଆରେ ଲେଖା ନ ହୋଇ ଝାଟିବଣିରୁ ପ୍ରାପ୍ତ ତମ୍ବା ଫର୍ଶା ସଦୃଶ ଗୋଟିଏ ଫର୍ଶା ଉପରେ ହିଁ ଲିଖିତ ହୋଇଥିଲା । ଲିପି ଖୋଦିତ ହେଲାବେଳେ କେହି ଫର୍ଶାଟିକୁ ପ୍ରସ୍ତର ଯୁଗର ସଙ୍କେତ ବୋଲି ବୁଝିବା ଦୂରେ ଥାଉ ୧୮୭୧ ମସିହାରେ ବିମସ୍ ସାହେବ ଲିପିଟିକୁ "ଇଣ୍ଡିଅନ ଏଣ୍ଟିକ୍ୱେରି"ରେ ଛପାଇଲା ବେଳେ ମଧ୍ୟ ଫର୍ଶାଟିର ପ୍ରାଚୀନତା ଧରି ପାରି ନ ଥିଲେ ।

ଏବେ ଖିଚିଙ୍ଗରୁ ଗୋଟିଏ ତମ୍ବା ଫର୍ଶା ମିଳିଅଛି । ଏହି ଫର୍ଶାଟି ଠିକ୍ ଝାଟିବଣି ଓ ଗଡ଼ପଦା ଫର୍ଶା ପରି ଦେଖା ଯାଉଅଛି । କିନ୍ତୁ ପଞ୍ଚାମ୍ବା ଫର୍ଶାଗୁଡ଼ିକ ଏହି ଫର୍ଶାମାନଙ୍କଠାରୁ ଅନ୍ୟ ପ୍ରକାର ।

ଫର୍ଶାଟି ଖିଚିଙ୍ଗର 'ବିରାଟଗଡ଼' ନାମକ ସ୍ଥାନରୁ ମିଳିଅଛି । ୧୦ ବର୍ଷ ପୂର୍ବେ 'ବିରାଟଗଡ଼' ଜଙ୍ଗଲରେ ଆବୃତ ଥିଲା । ତାହା ଏବେ ପରିଷ୍କାର କରା ଯାଇ ଷ୍ଟେଟର ପ୍ରତ୍ନତତ୍ତ୍ୱ ବିଭାଗଦ୍ୱାରା ଖୋଳା ହେଉଅଛି । ସେଠାରୁ ଯେଉଁ ସବୁ ଜିନିଷ ମିଳିଥିଲା ତାହା ଭିତରେ କୁଶାନ ରାଜାମାନଙ୍କର ପଇସାରୁ ଜଣା ଯାଇଥିଲା ଯେ ଖ୍ରୀଷ୍ଟୀୟ ୨ୟ ବା ୩ୟ ଶତାବ୍ଦୀରେ ଖିଚିଙ୍ଗରେ ସଭ୍ୟ ଲୋକେ ବାସ କରୁଥିଲେ । ତତ୍ ପୂର୍ବର ଇତିହାସ କିଛି ଜଣା ଯାଇ ନ ଥିଲା । ମାତ୍ର ଏହି ତମ୍ବା ଫର୍ଶାଟି ମିଳିବାଦ୍ୱାରା ଏବେ ପ୍ରମାଣିତ ହେଉଅଛି ଯେ ବିରାଟଗଡ଼ର ନିମ୍ନତମ ସ୍ତର ବହୁ ପ୍ରାଚୀନ ।

ଅବଶ୍ୟ ପରବର୍ତ୍ତୀ ଖୋଳା କାମରୁ ଯାହା ଯାହା ଜିନିଷ ମିଳିବ ତାହାର ଉପରେ ସବୁ କଥା ନିର୍ଭର କରୁଅଛି । କିନ୍ତୁ ମୟୂରଭଞ୍ଜରେ ଓ ତାହାର ଉତ୍ତରାଞ୍ଚଳରେ ତାମ୍ର-ଯୁଗର ମନୁଷ୍ୟମାନେ ଯେ ବସବାସ କରୁଥିଲେ ଏ ପର୍ଯ୍ୟନ୍ତ ମିଳିଥିବା ପ୍ରମାଣରୁ ଏଥିରେ ବିନ୍ଦୁମାତ୍ର ସନ୍ଦେହ କରା ଯାଇ ନ ପାରେ । ମୟୂରଭଞ୍ଜର ପ୍ରତ୍ନତତ୍ତ୍ୱ ବିଭାଗ ଏ ବିଷୟରେ ନାନା ଗବେଷଣା କରୁଅଛି ।



Digitized by srujanika@gmail.com

## ସ୍ୱର୍ଗତ ବିଶ୍ୱନାଥ କରଙ୍କ ସମାଧି ପ୍ରତିଷ୍ଠା

ଅକ୍ଟୋବର ମାସ ୨୬ ତାରିଖରେ ସ୍ୱର୍ଗତ ବିଶ୍ୱନାଥ କରଙ୍କର ସମାଧି ପ୍ରତିଷ୍ଠା କଟକ ସତୀଚୌରାଠାରେ ମହା ସମାରୋହରେ ସମାହିତ ହୋଇଅଛି । ଆଠମଲ୍ଲିକର ରାଜା ଶ୍ରୀକିଶୋରଚନ୍ଦ୍ର ଦେବ ସମାଧି ମନ୍ଦିର ଗାତ୍ରରେ ସଂଲଗ୍ନ ମର୍ମର ଫଳକମାନ ଉନ୍ମୋଚନ କରିଥିଲେ । ସବୁ ଶ୍ରେଣୀ ଓ ସବୁ ମତର ଲୋକେ ଉପସ୍ଥିତ ହୋଇ ବିଶ୍ୱନାଥଙ୍କ ସ୍ମୃତି ପ୍ରତି ଯେଉଁ ସମ୍ମାନ ଦେଖାଇଲେ ତାହାର ବିବରଣ ପାଠକଙ୍କ ମନେ ଥିବ ଏ ଉତ୍କଳବାସୀ ପ୍ରତିଭାପୂଜାର ମୂଲ୍ୟ ବର୍ତ୍ତମାନ ଅନୁଭବ କରିଅଛନ୍ତି । ଓଡ଼ିଆ ଭାଷାକୁ ଶକ୍ତିଶାଳୀ ଓ ପ୍ରାଣବନ୍ତ କରିବା ଦିଗରେ ବିଶ୍ୱନାଥଙ୍କର ଜୀବନବ୍ୟାପୀ ସାଧନା ଦେଶ ଓ ଜାତିର ଆଦର୍ଶ ସ୍ଥାନୀୟ । ଆଠମଲ୍ଲିକର ରାଜାସାହେବ ଯେଉଁ ଭାଷଣଟି ପାଠ କରିଥିଲେ ସେଥିରେ ସେ ଉକ୍ତ ବିଷୟ ବିଶେଷ ଭାବରେ ଉଲ୍ଲେଖ କରିଥିଲେ । ତତ୍ପରେ ପତ୍ରିକା ସମ୍ପାଦନରେ ତାଙ୍କର ଦକ୍ଷତା, ଜ୍ଞାନପିପାସା, ସମାଲୋଚନା, ସମ୍ପାଦକୀୟ ଅଗ୍ରଲେଖା ଓ ଚରିତ୍ର-ନିଷ୍ଠା ପ୍ରତି ମଧ୍ୟ ଇଙ୍ଗିତ ଦେଇଥିଲେ ।

ଉତ୍କଳର ସବୁ ସାହିତ୍ୟିକ ଯେ ନାନାଭାବରେ ବିଶ୍ୱନାଥଙ୍କଠାରେ ଋଣୀ ଏବଂ ଅଧିକାଂଶ ସାହିତ୍ୟିକଙ୍କର ସେ ଯେ ଗୁରୁ ଏବଂ ପଥପ୍ରଦର୍ଶକ ଥିଲେ ଏଥିରେ ଦ୍ୱିଧାମତ ନାହିଁ । ସୁତରାଂ ତାଙ୍କର ସମାଧି ପ୍ରତିଷ୍ଠା ଯଥାଯଥ ରୂପେ ସମ୍ପନ୍ନ ହୋଇଥିବା ଆନନ୍ଦର ବିଷୟ ।

## ଶିଳ୍ପୀ ଶ୍ରୀ ବିପିନ ବିହାରୀ ଚୌଧୁରୀ

ଶ୍ରୀଯୁକ୍ତ ବିପିନ ବିହାରୀ ଚୌଧୁରୀ ଲଣ୍ଡନ ରୟେଲ ଆର୍ଟ କଲେଜରେ ତିନି ବର୍ଷ ଅଧ୍ୟୟନ କରି କୃତିତ୍ୱସହ ସ୍ୱଦେଶକୁ ଫେରିଅଛନ୍ତି । ବାଲ୍ୟାବସ୍ଥାରେ ମୂକ ଏବଂ ବଧିର ଥିଲେ ହେଁ କଲିକତା ମୂକ-ବଧିର ବିଦ୍ୟାଳୟରେ ଅଧ୍ୟୟନ କରି ତାଙ୍କର ବାକ୍ ଓ ଶ୍ରବଣ ଶକ୍ତି ଫେରି ଆସିଲା । ତତ୍ପରେ କଲିକତା ଆର୍ଟ ସ୍କୁଲରେ ସେ ଅଧ୍ୟୟନ କରିଥିଲେ ଏବଂ ସେଠାରୁ ସୁଖ୍ୟାତିର ସହ ଉତ୍ତୀର୍ଣ୍ଣ ହୋଇଥିଲେ । ତାଙ୍କର ସାହସ ଓ ଉଦ୍ୟମରେ ପ୍ରୀତ ହୋଇ ଅନେକ ନାମଯାଦା ଲୋକ ତାଙ୍କୁ ଉଚ୍ଚଶିକ୍ଷା ପାଇଁ ଉତ୍ସାହିତ କରିଥିଲେ । କେହି କେହି ଆର୍ଥିକ ସାହାଯ୍ୟ ମଧ୍ୟ କରିଥିଲେ । ଅଳ୍ପ ଦିନ ପୂର୍ବେ କଟକ ଟାଉନ-ହଲରେ ବିପିନବିହାରୀଙ୍କର ଏକ ସାଧାରଣ ସମ୍ବର୍ଦ୍ଧନା କରାଯାଇଥିଲା । ବିପିନବିହାରୀଙ୍କର ମାତା ଶ୍ରୀମତୀ ସରୋଜିନୀ ଚୌଧୁରୀ ଓଡ଼ିଆ ଉପନ୍ୟାସର ଭିତ୍ତି-ସ୍ଥାପକ ବ୍ୟାସ-କବି ଫକୀର ମୋହନ ସେନାପତିଙ୍କର କନ୍ୟା ଏବଂ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରି ସେ ମଧ୍ୟ ସୁଖ୍ୟାତି ଅର୍ଜନ କରିଅଛନ୍ତି ।

## ପୁସ୍ତକ-ପରିଚୟ

**ମଞ୍ଜରୀ**—(ଗୀତି କବିତା) ରଚୟିତା ଶ୍ରୀ ନବ କିଶୋର ଦାସ । ପୁସ୍ତକଟିରେ ଆଧୁନିକ ରୀତି ଓ ଛନ୍ଦରେ ରଚିତ ୬୬ ଟି କବିତା ସନ୍ନିବେଶିତ ହୋଇଅଛି । ପୁସ୍ତକଟିର ମୁଖବନ୍ଧରେ ଶ୍ରୀ ଭଗୀରଥି ମହାପାତ୍ର ଲେଖିଅଛନ୍ତି, "ଛନ୍ଦର ଲାଳିତ୍ୟ ଓ ଭାଷାର ସରଳତା ଯୋଗୁଁ କବିତାଗୁଡ଼ିକ ସୁଖପାଠ୍ୟ ହୋଇଅଛି । ଅବଶ୍ୟ ସ୍ଥାନେ ସ୍ଥାନେ କବିତାର ଅନ୍ତର୍ନିହିତ ଭାବ ବୁଝିବା ସାଧାରଣ ପକ୍ଷେ କଠିନ ହୋଇପାରେ; କିନ୍ତୁ ଆଜିକାଲି ଯେଉଁମାନେ ଛାୟାବାଦ(**Mystic**) କବିତା ଲେଖନ୍ତି, ସେମାନଙ୍କ ସମ୍ବନ୍ଧରେ ସେ ଦୋଷ ବା ଗୁଣ ଥାଏ ।" ଯାହାହେଉ ଲେଖକଙ୍କର ଏହି ପ୍ରଥମ ଉଦ୍ୟମ ପ୍ରଶଂସନୀୟ ।

୬୬ ପୃଷ୍ଠାର ଏହି ପୁସ୍ତକଟିର ମୂଲ୍ୟ ଆଠଅଣା ଏବଂ ଏହାର ପ୍ରାପ୍ତିସ୍ଥାନ କଟକର ବଡ଼ ବଡ଼ ବହି ଦୋକାନ ।

**ଷଟ୍‌ଚକ୍ର ନିରୂପଣମ୍**—ମୂଳ ସଂସ୍କୃତରୁ ପୂର୍ବାପର ସଙ୍ଗତି କ୍ରମରେ ଶ୍ରୀ ନରୋତ୍ତମାନନ୍ଦ ଦେବ ବେଦାନ୍ତ ବାଚସ୍ପତିକୃତ ଉତ୍କଳ ଚତୁର୍ଦ୍ଦଶାକ୍ଷରୀ ପଦ୍ୟାନୁବାଦ । ପୁସ୍ତକଟିରେ ମୂଳ ସଂସ୍କୃତ ଶ୍ଳୋକ ମଧ୍ୟ ସନ୍ନିବେଶିତ ଅଛି ଏବଂ ତାହାର ଭାବ ଓଡ଼ିଆ ପଦ୍ୟରେ ବ୍ୟକ୍ତ କରାଯାଇଅଛି । ୧୧୯ ପୃଷ୍ଠାର ଏହି ପୁସ୍ତକଟିର ମୂଲ୍ୟ ୮ ୦ । ମାତ୍ର । ପ୍ରକାଶକ—ଧର୍ମ ସାହିତ୍ୟ ମନ୍ଦିର, ପୁରୀ ।

**ସ୍ୱର୍ଗଦୂତ**—୧୨ ପୃଷ୍ଠାର ଛୋଟ କବିତା ପୁସ୍ତକ ମୂଲ୍ୟ ୮ ୦୬ ମାତ୍ର । ଲେଖକ ଶ୍ରୀ ରାମଚନ୍ଦ୍ର ଦାସ । ସଂସ୍କୃତ, ଇଂରାଜୀ ଓ ଓଡ଼ିଆ ଭାଷାରୁ ଆଠଗୋଟି ବଚନ ଉଦ୍ଧାର କରି ପ୍ରତ୍ୟେକଟିର ଅବଲମ୍ବନରେ ସରଳ ଓଡ଼ିଆ କବିତାରେ ଲେଖକ ନିଜ ମନର ଭାବ ପ୍ରକାଶ କରିଅଛନ୍ତି । କବିତାଗୁଡ଼ିକ ସୁଖପାଠ୍ୟ ଓ ପ୍ରାଞ୍ଜଳ ହୋଇଅଛି ।



ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ

Digitized by srujanika@gmail.com

# ଉତ୍କଳ ପ୍ରଭା

ବାରିପଦା, ପୌଷ ୧୩୪୩


ମହାମହିମ ସମ୍ରାଟ ପଞ୍ଚମ ଜର୍ଜଙ୍କର ଶେଷ ପ୍ରୟାଣ

ମହାମହିମ ସମ୍ରାଟ ଅଷ୍ଟମ ଏଡ଼ବାଡ଼୍

| | |
|---|---|
| କ୍ଷତ୍ରିୟ ଶକ୍ତି | ଶ୍ରୀ ଜଗବନ୍ଧୁ ସିଂହ |
| କାବୁଲି ପଠାଣ | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ |
| ବଡ଼ଦିନେ | ଶ୍ରୀ କ୍ଷେତ୍ରେଶ ଚନ୍ଦ୍ର ଦେ |
| ପଲ୍ଲୀରେ ଆଦର୍ଶ, ସରଳ ଓ ଶସ୍ତା ସାହିତ୍ୟ ପ୍ରଚାରର ଆବଶ୍ୟକତା ଓ ପ୍ରଣାଳୀ | ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା |
| ସଙ୍ଗୀତ | ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର |
| ଯୁଗଧାରା ଓ ଆଧୁନିକ ଓଡ଼ିଆ ଶିଳ୍ପୀ | ଶ୍ରୀ ବମ୍ବାଧର ବର୍ମା |
| ସଉଦାଗର | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର |
| କବି | କବିବର ଶ୍ରୀ ଚନ୍ଦ୍ରାମଣି ମହାନ୍ତି |

ଦେଶୀୟ-ରାଜ୍ୟ ସମାଚାର

ସମ୍ବାଦ ଓ ସଙ୍କେତ

ପୁସ୍ତକ ପରିଚୟ


Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

# S. K. CHAKRAVARTI LTD.

SANITARY ENGINEERS

TEL. "LAVATORY" CALCUTTA. CODES BENTLEY

## Mayurbhanj Law Reporter

**Highly appreciated in India & Abroad.**

It is a quarterly publication

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

**Postage Extra.**

*Manager*—N. C. SANYAL, B. A.

MAYURBHANJ LAW REPORTER.

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

| | | | |
|---|---|---|---|
| *Annual -* | *Rs. 0-12-0* | | *(post free)* |
| ,, | ,, | *1-4-0* | *(with postage)* |
| *Price per copy* | ,, | *0-3-0* | *(post free)* |
| | ,, | *0-5-0* | *(with postage)* |

*Manager*—N. C. SANYAL, B.A.

BHANJA PRADEEPA


Digitized by srujanika@gmail.com

# ମୟୂରଭଞ୍ଜର

## ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଆଧୁନିକ ରୁଚିସମ୍ପନ୍ନ ବହୁଳ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ ଓ ସୂତା** ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧ । ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରି**

୨ । ଉନ୍ନ ବୁଣା **ଟ୍ରେକି ଗଦି** ଏବ **ବିଛଣା ଗଦି**

୩ । ଉଲାର **ଗାଲିଚ୍** ଓ ଅଙ୍ଗା **କଣ୍ଟେର**

୪ । ସ୍ଥାନୀୟ ଶିଶୁକାଠରେ ପ୍ରସ୍ତୁତ ଆଧୁନିକ ରୁଚି-ସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

**ବନ୍ୟଜାତ ଦ୍ରବ୍ୟ**

୧ । **ହାତୀଦାନ୍ତ**

୨ । **ଟସର ଓ ବୋଟେଇ**

୩ । **ଶିଶୁକାଠ** ଓ ଅନ୍ୟାନ୍ୟ କାଠରେ ପ୍ରସ୍ତୁତ ସୁନ୍ଦର ସୁନ୍ଦର ଗୃହୋପକରଣ ଓ ଅନ୍ୟାନ୍ୟ ଜିନିଷ

୪ । ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗିଣୀ ଲାହା** ଓ ତହିଁରୁ ଜାତ ବହୁତ

୫ । **ଝୁଣା, ମହମ** ଓ **ତୈଳବୀଜ** ଇତ୍ୟାଦି ଓ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ ।

# ମୟୂରଭଞ୍ଜ ଷ୍ଟେଟ ଗେଜେଟ

ପ୍ରତି ଇଂରାଜୀ ମାସ ୭ ଓ ୨୧ ତାରିଖରେ ପ୍ରକାଶିତ ହୁଏ । ଏଥିରେ କେବଳ ରାଜ୍ୟ ସମ୍ବନ୍ଧୀୟ ବିଜ୍ଞପ୍ତିମାନ ପ୍ରକାଶିତ ହୁଏ ।

ବାର୍ଷିକ ମୂଲ୍ୟ—୫୩୯ ( ଡାକମାଶୁଲ ବାଦେ ) ୫୩୫ ( ଡାକମାଶୁଲ ସହ ) ପ୍ରତି ସଂଖ୍ୟାର ମୂଲ୍ୟ [illegible]

ଏଥିରେ ବିଜ୍ଞାପନ ଛପାଇବାର ଦର:—

ପ୍ରତି ସଂଖ୍ୟା—ପୁରା ଏକ ପୃଷ୍ଠାକୁ ୫୧ ପ୍ରତି ସଂଖ୍ୟା—[illegible] ପୃଷ୍ଠାକୁ [illegible]

ସାମୟିକ ବିଜ୍ଞାପନ ସକାଶେ—ପ୍ରତି ସଂଖ୍ୟା ଡବଲ୍ କଲମ୍ ଇଞ୍ଚକୁ ୫୦

,, ,, ସିଙ୍ଗଲ୍ ,, ,, [illegible]

ଗ୍ରାହକ ହେବାକୁ କିମ୍ବା ବିଜ୍ଞାପନ ଛପାଇବାକୁ ଇଚ୍ଛା କଲେ ମୂଲ୍ୟ ଅଗ୍ରିମ ଦେବାକୁ ପଡ଼ିବ ।

**ମେନେଜର**

ଷ୍ଟେଟ ପ୍ରେସ୍, ବାରିପଦା ।


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

ପଞ୍ଚମ ଭାଗ　　　　　ଦ୍ୱିତୀୟ ସଂଖ୍ୟା

## ସୂଚିପତ୍ର


| | | | ପୃଷ୍ଠା |
|---|---|---|---|
| | ମହାମହିମ ସମ୍ରାଟ ପଞ୍ଚମ ଜର୍ଜଙ୍କର ଶେଷ ପ୍ରୟାଣ | | |
| | ମହାମହିମ ସମ୍ରାଟ ଅଷ୍ଟମ ଏଡ଼ୱାର୍ଡ଼୍ | | |
| ୧ । | କ୍ଷତ୍ରିୟ ଶକ୍ତି | ଶ୍ରୀ ଜଗବନ୍ଧୁ ସିଂହ | ୧ |
| ୨ । | କାବୁଲ ପଠାଣ | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ ବି. ଏସ୍‌ସି. | ୪ |
| ୩ । | ବଡ଼ଦିନେ (କବିତା) | ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ ଏମ୍. ଏ., ଡ଼ି. ଲିଟ୍. | ୬ |
| ୪ । | ପଲ୍ଲୀରେ ଆଦର୍ଶ, ସରଳ ଓ ଶସ୍ତା ସାହିତ୍ୟ ପ୍ରଚାରର ଆବଶ୍ୟକତା ଓ ପ୍ରଣାଳୀ | ଡାକ୍ତର ଶ୍ରୀ ସ୍ୱାଧୀ.ଚରଣ ପଣ୍ଡା | ୮ |
| ୫ । | ସଙ୍ଗୀତ | ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର ବି. ଏ. | ୧୨ |
| ୬ । | ଯୁଗଧାରା ଓ ଆଧୁନିକ ଓଡ଼ିଆ ଶିଳ୍ପୀ | ଶ୍ରୀ ବଂଶୀଧର ବର୍ମା | ୧୩ |
| ୭ । | ସଉଦାଗର (ଗଳ୍ପ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୪ |
| ୮ । | ଦେଶୀୟ-ରାଜ୍ୟ ସମାଚାର | | ୧୯ |
| ୯ । | କବି (କବିତା) | କବିବର ଶ୍ରୀ ଚନ୍ଦ୍ରମଣି ମହାନ୍ତି | ୨୪ |
| ୧୦ । | ସମ୍ବାଦ ଓ ସଙ୍କେତ | | ୨୫ |
| ୧୧ । | ପୁସ୍ତକ ପରିଚୟ | | ୨୮ |


## ଚିତ୍ର-ସୂଚି


ପରଲୋକଗତ ମହାମହିମ ଭାରତ ସମ୍ରାଟ ପଞ୍ଚମ ଜର୍ଜ

ମହାମହିମ ଭାରତ ସମ୍ରାଟ ଅଷ୍ଟମ ଏଡ଼ୱାର୍ଡ଼୍


Digitized by srujanika@gmail.com



ପରଲୋକଗତ ମହାମହିମ ଭାରତ ସମ୍ରାଟ୍ ପଞ୍ଚମ ଜର୍ଜ

By courtesy of Modern Review

Mayurbhanj State Press

Digitized by srujanika@gmail.com

# ମହାମହିମ ସମ୍ରାଟ ପଞ୍ଚମ ଜର୍ଜଙ୍କର ଶେଷ ପ୍ରୟାଣ

ଜାନୁଆରୀ [illegible] ତା ୨୦ ବର୍ଷରେ ମହାମହିମ ସମ୍ରାଟ ପଞ୍ଚମ ଜର୍ଜ ଶେଷ ପ୍ରୟାଣ କଲେ । ତା ୨୧ ରଖ ସକାଳରେ ଏହି ସମ୍ବାଦ ରାଜ୍ୟରେ ପହଞ୍ଚିଲା ଏବଂ ତା ୨୨ ରଖ ପ୍ରତ୍ୟୁଷରେ ଷ୍ଟେଟ୍ ଗେଜେଟରେ ଏକ ବିଶେଷ ସଂଖ୍ୟା ପ୍ରକାଶିତ ହୋଇ ରାଜ୍ୟମଧ୍ୟ ତାହା ପ୍ରଚାରିତ ହୋଇଥିଲା । ସମସ୍ତ କଚେରୀ, ଅଦାଲତ, ସ୍କୁଲ ଏବଂ ଅନ୍ୟ ସବୁ ସାଧାରଣ ଅନୁଷ୍ଠାନ ସାତ ଦିନ ପାଇଁ ବନ୍ଦ କରାଯାଇ ଥିଲା । ରାଜ୍ୟର ସବୁ କର୍ମଚାରୀ ଶୋକ ଚିହ୍ନସ୍ୱରୂପେ ବାମ ବାହୁରେ କଳାଫିତା ବାନ୍ଧିଥିଲେ ଏବଂ ସମସ୍ତ ସରକାରୀ ଗୃହରେ ଅର୍ଦ୍ଧନମିତ ଷ୍ଟେଟ୍ ପତାକା ଟଙ୍ଗା ହୋଇଥିଲା । ଏପରିକି ମହାରାଜାଙ୍କର ଜନ୍ମଦିନ ଉପଲକ୍ଷରେ ଯେଉଁସବୁ ଉତ୍ସବ ଅନୁଷ୍ଠିତ ହେବାର ସ୍ଥିର ହୋଇଥିଲା, ତାହା ମଧ୍ୟ ସ୍ଥଗିତ ରହିଗଲା ।

ବିଶାଳ ବ୍ରିଟିଶ ସାମ୍ରାଜ୍ୟ ତଥା ସମଗ୍ର ପୃଥିବୀର ଶୋକାକୁଳ ସ୍ୱର ସହିତ ମୟୂରଭଞ୍ଜ ରାଜ୍ୟ ମଧ୍ୟ ତାହାର ସ୍ୱର ମିଳାଇ ଅଛି । ପରବର୍ତ୍ତୀପର ବିଗତ ସମ୍ରାଟ ମହୋଦୟଙ୍କ ରଜତ ଜୟନ୍ତୀ ଉତ୍ସବରେ ଏ ରାଜ୍ୟ ଯେପରି ଉଲ୍ଲାସରେ ଯୋଗ ଦେଇଥିଲା, ତାହାର ବର୍ଷେ ନ ପୂରୁଁ ଏହି ଦୁଃଖାବହ ଘଟଣା ଘଟିଅଛି ।

ମହାମହିମ ସମ୍ରାଟ ଏବଂ ସମ୍ରାଟ ମହିଷୀ ଇତିହାସ ପ୍ରସିଦ୍ଧ ଦିଲ୍ଲୀ ଦରବାରରେ ତାଙ୍କର ରାଜଭକ୍ତ ଭାରତୀୟ ପ୍ରଜାମାନଙ୍କୁ ଶ୍ରୀମୁଖ ଅଭିଷେକୋତ୍ସବ ଜଣାଇ ଦେବାକୁ ୧୯୧୧ ଖ୍ରୀଷ୍ଟାବ୍ଦରେ ଭାରତକୁ ଆଗମନ କରିଥିଲେ । ସମ୍ରାଟଙ୍କ ନିଜ କଥାରେ "କେବଳ ପ୍ରାଚୀନ ସ୍ମୃତି ଗୁଡ଼ିକୁ ଦୃଢ଼ତର କରିବାକୁ ନୁହେଁ, ନୂତନ ସ୍ମୃତି ସୃଷ୍ଟି କରିବାକୁ, ଅଳୀକ ସିଦ୍ଧାନ୍ତ ଓ ଆଶଙ୍କା ଆଦି ଦୂର କରି ସହାନୁଭୂତି ଓ ଭ୍ରାତୃଭାବ ବୃଦ୍ଧି କରିବା ହିଁ ଦରବାରର ଉଦ୍ଦେଶ୍ୟ ଥିଲା । ସେହି ସମୟରେ ଭାରତର ବହୁ ରାଜା ଓ ବିଶିଷ୍ଟ ବ୍ୟକ୍ତି ସମ୍ରାଟଙ୍କ ସହିତ ପରିଚିତ ହେବାର ସୌଭାଗ୍ୟ ଲାଭ କରିଥିଲେ । ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ରଙ୍କୁ ମଧ୍ୟ ଏହି ଗୌରବ ମିଳିଥିଲା । ମହାରାଜା ରାମଚନ୍ଦ୍ର ଏବଂ ଦୁଇ ରାଜକୁମାର—ପରଲୋକଗତ ମହାରାଜା ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ ଦେଓ ଓ ବର୍ତ୍ତମାନର ଶ୍ରୀମାନ୍ ମହାରାଜା ସର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେଓ କେ. ସି. ଆଇ. ଇ.ଙ୍କ ସଙ୍ଗରେ ଦିଲ୍ଲୀ ଦରବାରରେ ଯୋଗ ଦେଇଥିଲେ । କୁମାର ପୂର୍ଣ୍ଣଚନ୍ଦ୍ର କଲିକତାଠାରେ ସମ୍ରାଟ ମହିଷୀଙ୍କର ସମ୍ମାନିତ ବାଳକ ଅନୁଚର (Page of Honour) ହେବାର ଗୌରବ ଲାଭ କରିଥିଲେ ।

ସମ୍ରାଟ ମହୋଦୟଙ୍କ ଆଗମନ ଉପଲକ୍ଷରେ କଲିକତାଠାରେ ଯେଉଁ ଉତ୍ସବର ଆୟୋଜନ କରାଯାଇ ଥିଲା ସେଥିରେ ମୟୂରଭଞ୍ଜର ନାମ ଚିରସ୍ମରଣୀୟ ହୋଇ ରହିଅଛି । ଏହି ଉତ୍ସବରେ ମୟୂରଭଞ୍ଜ ଛଉନାଚ ବିଶେଷ ଉଲ୍ଲେଖ ଯୋଗ୍ୟ । ଏହି ନାଚରେ ଓଡ଼ିଆ ପାଇକମାନଙ୍କର ପ୍ରାଚୀନ ରଣନୃତ୍ୟ (War Dance) ପ୍ରଦର୍ଶିତ ହୋଇଥିଲା ଏବଂ ନୃତ୍ୟର ଉତ୍କର୍ଷତା ସନ୍ଦର୍ଶନ କରି ସମ୍ରାଟ ଏବଂ ସମ୍ରାଟ ମହିଷୀ ପ୍ରଶଂସା କରିଥିଲେ । କଲିକତାର "ଷ୍ଟେଟ୍ସମ୍ୟାନ୍" ଏହାକୁ ଏକ ବିରାଟ ଦୃଶ୍ୟ ବୋଲି ବର୍ଣ୍ଣନା କରିଥିଲେ ଏବଂ "ଇଂଲିଶମ୍ୟାନ୍" ଲେଖିଥିଲେ ଯେ ପାଇକ ନୃତ୍ୟ ଦେଖି ସମ୍ରାଟ ଓ ସମ୍ରାଟ ମହିଷୀ ବହୁ ପ୍ରଶଂସା କରିଥିଲେ ।

ଦୁର୍ଘଟଣା କ୍ରମେ ମହାରାଜାଙ୍କର ଅଳ୍ପ ବୟସରେ ପରଲୋକ ହୋଇଥିବାରୁ ଶ୍ରୀ ମହାମହିମ ସମ୍ରାଟ ବଡ଼ଲାଟଙ୍କ ଜରିଆରେ ନିମ୍ନ ପତ୍ରରେ ନିଜର ଦୁଃଖ ଜ୍ଞାପନ କରିଥିଲେ ଓ ଛଉନାଚର କଥା ଉଲ୍ଲେଖ କରିଥିଲେ ।

" ଏକ ଦୁର୍ଘଟଣା କ୍ରମେ ମୟୂରଭଞ୍ଜ ମହାରାଜାଙ୍କର ମୃତ୍ୟୁ ଘଟି ଥିବାର ସମ୍ବାଦ ରାଣୀ ଏବଂ ମୁଁ ଦୁଃଖର ସହିତ ଅବଗତ ହେଲୁଁ । ମହାରାଣୀଙ୍କୁ ଅନୁଗ୍ରହ କରି ଜଣାଇବେ ଆମ୍ଭେମାନେ ତାଙ୍କ ଦୁଃଖରେ ଆନ୍ତରିକ ବିଷାଦ ଅନୁଭବ କରୁଛୁଁ । ମୟଦାନରେ ଯେଉଁ ଉତ୍ସବ ଅନୁଷ୍ଠିତ ହୋଇଥିଲା ଏବଂ ଯେ ସମ୍ପର୍କରେ ମହାରାଜା ଯେଉଁ ଗୁରୁତର କର୍ମଭାର ନେଇଥିଲେ, ଆଉ ମଧ୍ୟ ସେହି ଘଟଣାରେ ତାଙ୍କୁ ଦେଖି ଥିବାର ଆନନ୍ଦ ଆମ୍ଭମାନଙ୍କର ସ୍ମରଣରେ ଅଛି ।"

ମୟୂରଭଞ୍ଜର ଗଭୀର ବିଷାଦ-ବେଳରେ ଯେଉଁ ମହାମହିମ ସମ୍ରାଟ ଏହିପରି ଭାବରେ ସାନୁଗ୍ରହ ଅନୁକମ୍ପା ପ୍ରଦର୍ଶନ କରିଥିଲେ, ତାଙ୍କର ପବିତ୍ର ସ୍ମୃତିକୁ ଚିର ଦିନ ଏରାଜ୍ୟ ସଯତ୍ନରେ ସାଇତି ରଖିବ ।

---

Digitized by srujanika@gmail.com

# ମହାମହିମ ସମ୍ରାଟ ଅଷ୍ଟମ ଏଡ୍‌ୱାର୍ଡ

ମହାମହିମ ସମ୍ରାଟ ଅଷ୍ଟମ ଏଡ୍‌ୱାର୍ଡ ସାମ୍ରାଜ୍ୟର ରାଜ ସିଂହାସନ ଆରୋହଣ କରିବାର ପ୍ରଚାର ପତ୍ର ଜାନୁୟାରୀ ୨୦ ତାରିଖରେ ଏକ ସମୟରେ ବ୍ରିଟିଶ ସାମ୍ରାଜ୍ୟର ସର୍ବତ୍ର ପ୍ରଚାରିତ ହୋଇଥିଲା ।

୧୮୯୪ ଖ୍ରୀଷ୍ଟାବ୍ଦ ଜୁନ ୨୩ ତାରିଖରେ ଜନ୍ମଗ୍ରହଣ କରି ସମ୍ରାଟ ଏଡ୍‌ୱାର୍ଡ ତାଙ୍କର ବୃଦ୍ଧା ମାତାମହୀ ଚିରସ୍ମରଣୀୟା ରାଣୀ ଭିକ୍ଟୋରିଆଙ୍କର ଶାସନ କାଳ ମଧ୍ୟ ସନ୍ଦର୍ଶନ କରିଅଛନ୍ତି । ମହିମାନ୍ୱିତା ରାଣୀ ଭିକ୍ଟୋରିଆ ହିଁ ଇଂଲଣ୍ଡ ସିଂହାସନରେ ପ୍ରଥମ ସମ୍ରାଜ୍ଞୀର ପଦବୀ ଲାଭ କରିଥିଲେ । ସୁତରାଂ ତିନି ଜଣ ବିଖ୍ୟାତ ଶାସକଙ୍କର ଶାସନ କାଳ ପରିଦର୍ଶନ କରି ବର୍ତ୍ତମାନର ସମ୍ରାଟ ଅଭିଜ୍ଞତା ଅର୍ଜନ କରିଅଛନ୍ତି । ପ୍ରିନ୍ସ ଅବ୍ ୱେଲ୍‌ସ୍ ଥିବା କାଳରେ ମଧ୍ୟ ବର୍ତ୍ତମାନର ସମ୍ରାଟ ତାଙ୍କର ଅସାଧାରଣ ଚରିତ୍ର ଶକ୍ତି, ବିଶିଷ୍ଟ ଅମାୟିକତା ଓ ଉଚ୍ଚସ୍ତରର ସୌହାର୍ଦ୍ଦ୍ୟ ବଳରେ ସମଗ୍ର ପୃଥିବୀର ଓ ସର୍ବଶ୍ରେଷ୍ଠ ଲୋକପ୍ରିୟ ବ୍ୟକ୍ତି ରୂପେ ଖ୍ୟାତି ଅର୍ଜନ କରିଥିଲେ ।

ସିଂହାସନାରୋହଣ ଉପଲକ୍ଷରେ ଅଳ୍ପ ଦିନ ପୂର୍ବେ ସମ୍ରାଟ ମହୋଦୟ ପ୍ରିଭି କାଉନ୍‌ସିଲ୍‌ରେ ଯେଉଁ ଘୋଷଣା ପ୍ରଚାର କରିଅଛନ୍ତି, ସେଥିରୁ ମଧ୍ୟ ତାଙ୍କ ଦୃଢ଼ ସଙ୍କଳ୍ପ ଓ ସ୍ଥିର ଚିନ୍ତାର ସୂଚନା ମିଳେ ।

" ଛବିଶ ବର୍ଷ ପୂର୍ବେ ଏହିଠାରେ ମୋହର ପିତା ଯେତେବେଳେ ଦଣ୍ଡାୟମାନ ହୋଇଥିଲେ, ସେତେବେଳେ ସେ ଘୋଷଣା କରିଥିଲେ ଯେ ବିଧିବଦ୍ଧ ଶାସନର ଅଧିକାର ସ୍ୱୀକାର କରିବା ତାଙ୍କ ଜୀବନର ଏକ ବ୍ରତ ହେବ । ଏହି ସମ୍ପର୍କରେ ମୁଁ ମୋହର ପିତାଙ୍କ ପଦାଙ୍କ ଅନୁସରଣ କରିବାକୁ ଦୃଢ଼ ପ୍ରତିଜ୍ଞ ଏବଂ ତାଙ୍କର ଜୀବନ ବ୍ୟାପୀ ସେ ଯେପରି କରିଥିଲେ, ସେହିପରି ମୁଁ ମୋହର ସବୁ ଶ୍ରେଣୀର ପ୍ରଜାମାନଙ୍କ ସୁଖ ସମୃଦ୍ଧି ପାଇଁ କାର୍ଯ୍ୟ କରିବି । "

ବଂଶପ୍ରଥା ଅନୁଯାୟୀ ପ୍ରିନ୍ସ ଅବ୍ ୱେଲ୍‌ସ୍ ଥିବା କାଳରେ ମହାମହିମ ସମ୍ରାଟ ୧୯୨୧ ଖ୍ରୀଷ୍ଟାବ୍ଦରେ ସାମ୍ରାଜ୍ୟ ଭ୍ରମଣ ଉଦ୍ଦେଶ୍ୟରେ ବାହାରିଥିଲେ । ଏ ରାଜ୍ୟର ଭୂତପୂର୍ବ ମହାରାଜା ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ ଦେଓ ପାଟନାଠାରେ ମହାମାନ୍ୟ ପ୍ରିନ୍ସ ଅବ୍ ୱେଲ୍‌ସ୍‌ଙ୍କର ସ୍ୱାଗତ ଏଡ୍‌କଙ୍ଗ୍ କାର୍ଯ୍ୟ କରିବା ଗୌରବ ଲାଭ କରିଥିଲେ । ଏହି ଅବସରରେ ମହାମାନ୍ୟ ପ୍ରିନ୍ସ ଅବ୍ ୱେଲ୍‌ସ୍ ସ୍ୱୀୟ ହସ୍ତାଙ୍କିତ ଦସ୍ତଖତ୍ ସହ ଗୋଟିଏ ଫଟୋଗ୍ରାଫ୍ ମହାରାଜା ପୂର୍ଣ୍ଣ ଚନ୍ଦ୍ରଙ୍କୁ ପ୍ରଦାନ କରିଥିଲେ । ଉକ୍ତ ଛବିଟି ଏକ ମୂଲ୍ୟବାନ୍ ସ୍ମୃତିଚିହ୍ନ ରୂପେ ରକ୍ଷିତ ଅଛି ।

ମହାରାଜା ଯଦୁନାଥ ଭଞ୍ଜ ଇଷ୍ଟଇଣ୍ଡିଆ କମ୍ପାନୀଙ୍କର ପ୍ରଥମାବସ୍ଥାରେ ତାଙ୍କ ସହିତ ସଖ୍ୟ ସମ୍ବନ୍ଧ ପ୍ରତିଷ୍ଠିତ କରିବା ସମୟରୁ ଯେଉଁ ରାଜଭକ୍ତି ଓ ଅନୁରକ୍ତିର ଗ୍ରନ୍ଥି ମୟୂରଭଞ୍ଜ ରାଜବଂଶକୁ ବ୍ରିଟିଶ ସିଂହାସନ ନିକଟରେ ଆବଦ୍ଧ କରି ରଖିଅଛି, ସେହି ଗ୍ରନ୍ଥି ହିଁ ବ୍ରିଟିଶ ସିଂହାସନର ଭାବୀ ଉତ୍ତରାଧିକାରୀ ଥିବା ସମୟରେ ମହାମହିମ ସମ୍ରାଟଙ୍କ ପ୍ରତି ମୟୂରଭଞ୍ଜର ଜଣେ ଶାସକଙ୍କର ବିଶିଷ୍ଟ ବ୍ୟକ୍ତିଗତ କର୍ମଦ୍ୱାରା ଦୃଢ଼ୀକୃତ ଓ ନବୀକୃତ ହୋଇଥିଲା ।

---



ମହାମହିମ ଭାରତ ସମ୍ରାଟ ଅଷ୍ଟମ ଏଡ଼ୱାର୍ଡ୍

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ

Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ    ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ମକର ସଂଖ୍ୟା

ପଞ୍ଚମ ଭାଗ | ପୌଷ, ସନ ୧୩୪୩ ସାଲ | ୬ଷ୍ଠ ସଂଖ୍ୟା

## କ୍ଷତ୍ରିୟ ଶକ୍ତି

**ଶ୍ରୀ ଜଗବନ୍ଧୁ ସିଂହ**

ଭଗବାନ ଅନନ୍ତ ଶକ୍ତିମୟ । ସେହି ଅନନ୍ତ ଶକ୍ତିମୟ ପରମେଶ୍ବରଙ୍କ ଇଚ୍ଛାରୁ ଏ ପରିଦୃଶ୍ୟମାନ ଜଗତର ସୃଷ୍ଟି ହୋଇଅଛି । ଏହାର ଆଦି କେଉଁଠି ଅନ୍ତ କେଉଁଠି କେହି ଜାଣେ ନାହିଁ । ପୁରାଣ ପ୍ରଭୃତିରେ ସୃଷ୍ଟି ପ୍ରକ୍ରିୟା ବିଷୟରେ ନାନା ପ୍ରକାର ବର୍ଣ୍ଣନା ଅଛି । ଦୃଶ୍ୟମାନ ଜଗତରେ ନାନା ପ୍ରକାର ପ୍ରାଣି ଦେଖାଯାନ୍ତି । ସ୍ଥାବର-ଜଗତ, ଜଙ୍ଗମ-ଜଗତ, ପଶୁ-ଜଗତ, ପକ୍ଷୀ-ଜଗତ, କୀଟପତଙ୍ଗ-ଜଗତ ପ୍ରଭୃତି ଯେ କୌଣସି ଜଗତକୁ ଦୃଷ୍ଟି ପକାଅ ଦେଖିବ କେବଳ ବିଚିତ୍ରତା । ଏହି ସୃଷ୍ଟିବୈଚିତ୍ର୍ୟ ଦେଖିଲେ ମନୁଷ୍ୟ ଅବାକ୍ ହୁଏ । ସୃଷ୍ଟି ମଧ୍ୟରେ ମାନବ ସର୍ବାପେକ୍ଷା ଶ୍ରେଷ୍ଠ ପ୍ରାଣୀ ବୋଲି ଗର୍ବ କରେ ମାତ୍ର ତାହାର ଜନ୍ମ-ମାଟି-କାଠିହାରି ସେ ମଧ୍ୟ ଅଳ୍ପ ପର୍ଯ୍ୟନ୍ତ ସୃଷ୍ଟିର ସକଳ ତତ୍ତ୍ବ ମାପି ପାରିବାକୁ ସମର୍ଥ ହୋଇନାହିଁ । ପ୍ରାକୃତିକ ଶକ୍ତି ସର୍ବଦା ମାନବ ଶକ୍ତିକୁ ପରାଜିତ କରେ । ମାନବ ସମାଜ ଯେଉଁଥିରେ ପ୍ରକୃତି ସଙ୍ଗେ ସମର କରି କରି ବଳ ବଢ଼ାଇ ହୁଏ । ଯେଉଁ ଯାଏ ମାନ ତେଣିକି କିଛି ବୁଝି ନ ପାରେ, ସେଇଠି ଭଗବାନଙ୍କ ଇଚ୍ଛା କହି ନିରସ୍ତ ହୁଏ । ମାନବ ତାର କାର୍ଯ୍ୟ କଳାପର ଇତିହାସ ଲେଖି ରଖେ । ସେହି ଲେଖା ମାନବ ଜାତିର ଦର୍ପଣ । ତତ୍ପଶ୍ଚାତ ବଂଶଧରମାନେ ସେହି ଇତିହାସକୁ ଅନେକ ଶ୍ରମ କରି ସ୍ବୀୟର ଯୋଗରେ ବିଚାରଣ କରନ୍ତି । ଏହିପରି ପୁରୁଷାନୁକ୍ରମେ ମାନବ ଜାତି ଗୋଟାଏ ଇତିହାସ ସାଇତି ରଖେ । ସେହି ଇତିହାସ-ଦର୍ପଣ ଦେଖି ମାନବ ତାର ପୂର୍ବପୁରୁଷମାନଙ୍କ ଆଚାର, ବ୍ୟବହାର, ରୀତି, ନୀତି, ଧର୍ମ ପ୍ରଭୃତି ଜାଣିପାରେ । ମାନବ ପକ୍ଷରେ ଏହା ହିଁ ପ୍ରାଚୀନ ପ୍ରମାଣ । ସେହି ପ୍ରମାଣ ଧରି ମାନବ ଗତି କରେ । ସେହି ପ୍ରମାଣ ଶାସ୍ତ୍ର ବୋଲି ପରିଚିତ । ବେଦ ବେଦାନ୍ତ, ଶ୍ରୁତି ସ୍ମୃତି, ଉପନିଷଦ ପୁରାଣ ପ୍ରଭୃତି ସେହି ଶାସ୍ତ୍ର । ମାନବର ଅନୁଭୂତି ଜ୍ଞାନ ଏ ଶାସ୍ତ୍ରମାନଙ୍କରେ ଲିପିବଦ୍ଧ ହୋଇ ରହିଛି ।

ଅନନ୍ତ ଶକ୍ତିମୟ ପରମବ୍ରହ୍ମ ଏହି ପରିଦୃଶ୍ୟମାନ ଜଗତକୁ ସୃଷ୍ଟି କରି ସେହି ଜଗତ ମଧ୍ୟରେ ଅବସ୍ଥାନ କରିଛନ୍ତି ମାତ୍ର ସେ ଆମଙ୍କେ ପରିଦୃଶ୍ୟମାନ ନୁହନ୍ତି । ଯେ ବ୍ରହ୍ମ ଏ ଜଗତ ମଧ୍ୟରେ କିପରି ଅଛନ୍ତି ? ମାଳ ଭିତରେ ସୂତା ରହିଲା ପରି । ପ୍ରତ୍ୟେକ ସୃଷ୍ଟ ପଦାର୍ଥରେ ତାଙ୍କ ଶକ୍ତି ବିଦ୍ୟମାନ ଅଛି ମାତ୍ର ସର୍ବତ୍ର ପ୍ରକଟରେ ପରିମାଣ ସମାନ ନୁହେ । ନ୍ୟୂନାଧିକରେ ସେ ଶକ୍ତି ପ୍ରକଟିତ ହୋଇ ରହିଛି । ଏହି ପରିଦୃଶ୍ୟମାନ ଜଗତ ତିନିଗୋଟି ଅବସ୍ଥା ଭୋଗ କରୁଛି ଯଥା:—ଜନ୍ମ, ଅଭିବୃଦ୍ଧି, ମୃତ୍ୟୁ । ଏହି ଦୃଶ୍ୟମାନ ଜଗତ

Digitized by srujanika@gmail.com

ବ୍ରହ୍ମର ବହିରାବରଣ । ଏହି ବହିରାବରଣ ତ୍ରିଦଶା ଭୋଗ କରେ, ମାତ୍ର ବ୍ରହ୍ମ ଅବିନାଶୀ । ଈଶ୍ୱରଙ୍କ ଜଗତ ମଧ୍ୟରେ ମାନବ ଶ୍ରେଷ୍ଠ ପ୍ରାଣୀ ବୋଲି କଥିତ ହୁଏ । ମାନବ-ଜଗତରେ ଶକ୍ତିମୟୀଙ୍କ ଶକ୍ତି ଅଧିକ ପରିମାଣରେ ପ୍ରକଟିତ । ମାନବ ଏ ପରିଦୃଶ୍ୟମାନ ଜଗତକୁ ମୋର ବୋଲି ଦାବି କରି କର୍ମ କରେ ଆଉ ମଧ୍ୟ ଉକ୍ତ ତ୍ରିଦଶା ଭୋଗ କରେ । ମାନବଶକ୍ତି ସସୀମ ତଥାପି ତାହା ଅନେକ ସମୟରେ ଅଦ୍ଭୁତ କର୍ମ କରି ଜଗତକୁ ଚମତ୍କୃତ କରି ପକାଏ । ଏହି କର୍ମରୁ ଭାରତରେ ବର୍ଣ୍ଣର ସୃଷ୍ଟି । ଭାରତର ହିନ୍ଦୁମାନେ ମାନବକୁ ଚାରି ଶ୍ରେଣୀରେ ବିଭକ୍ତ କରିଥିଲେ; ଯଥା—ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର । ଏହି ବର୍ଣ୍ଣ ବିଭାଗ ସୃଷ୍ଟି ପ୍ରକରଣରେ ବର୍ଣ୍ଣିତ ଅଛି । ହିନ୍ଦୁର ବିଶ୍ୱାସ ସୃଷ୍ଟିର ଆଦି କାରଣ ସେହି ପରମ ପିତା ପରମେଶ୍ୱର । ଲୋକ ଶିକ୍ଷା ପାଇଁ ସେ ଅବତୀର୍ଣ୍ଣ ହୋଇ ସକଳ କର୍ମର ପଥ ପ୍ରଦର୍ଶକ ହୁଅନ୍ତି । ରାମ, କୃଷ୍ଣ, ବୁଦ୍ଧ, ଚୈତନ୍ୟ, ଶଙ୍କର ପ୍ରଭୃତି ଅବତାର ମଧ୍ୟରେ ଗଣ୍ୟ । ସେହି ସୃଷ୍ଟି ପ୍ରକରଣରୁ ଦେଖାଯାଏ କଣ ?

> ଲୋକାନାନ୍ତୁ ବିବୃଦ୍ଧ୍ୟର୍ଥଂ ମୁଖବାହୂରୁପାଦତଃ
> ବ୍ରାହ୍ମଣଂ କ୍ଷତ୍ରିୟଂ ବୈଶ୍ୟଂ ଶୂଦ୍ରଞ୍ଚ ନିରବର୍ତ୍ତୟତ୍ । (ମନୁ)

ଅଗ୍ନି ପୁରାଣ, ନୃସିଂହ ପୁରାଣ ପ୍ରଭୃତି ସକଳ ଧର୍ମ ଶାସ୍ତ୍ରରେ ବର୍ଣ୍ଣ-ଜନ୍ମର ଏହିପରି ଆଖ୍ୟାନ ଅଛି । ପରମେଶ୍ୱରଙ୍କ ମୁଖରୁ ବ୍ରାହ୍ମଣ, ବାହୁରୁ କ୍ଷତ୍ରିୟ, ଊରୁରୁ ବୈଶ୍ୟ ଓ ପାଦରୁ ଶୂଦ୍ରର ଜନ୍ମ । ମୁଖ, ବାହୁ, ଊରୁ ଓ ପାଦ ମଧ୍ୟରେ ଯେତିକି ପ୍ରଭେଦ ଏ ଚାରି ବର୍ଣ୍ଣ ମଧ୍ୟରେ ସେତିକି ପ୍ରଭେଦ । ଶରୀର ଯନ୍ତ୍ର ମଧ୍ୟରେ ପ୍ରତ୍ୟେକ ଅଙ୍ଗର କର୍ମ ପୃଥକ । ମୁଖ ଯେଉଁ କାମ କରେ ପାଦ ତାହା କରେ ନାହିଁ, ପାଦ ଯାହା କରେ ଊରୁ ତାହା କରେ ନାହିଁ, ଊରୁ ଯାହା କରେ ମୁଖ ତାହା କରେ ନାହିଁ । ପାଦ କଥା କହେ ନାହିଁ କି ମୁଖରେ କେହି ବାଟ ଚାଲେ ନାହିଁ । ମାତ୍ର ବିଭିନ୍ନ ଅଙ୍ଗ-ପ୍ରତ୍ୟଙ୍ଗର ସମଷ୍ଟି ଶରୀରର ପରିପୋଷକ । ବିଶ୍ଳେଷଣ କରି ଦେଲେ ପ୍ରତ୍ୟେକ ଅଙ୍ଗକୁ ଶରୀର କୁହାଯିବ ନାହିଁ । ସେହିପରି ସବୁ ବର୍ଣ୍ଣର ସମଷ୍ଟି ମାନବ ସମାଜର ପରିପୋଷକ । ପ୍ରତ୍ୟେକ ଅଙ୍ଗ ହୃଷ୍ଟ ପୁଷ୍ଟ ବଳିଷ୍ଠ ନ ହେଲେ ଯେପରି ଶରୀର ଅସୁସ୍ଥ ବିକଳାଙ୍ଗ ହୁଏ, ସେହିପରି ପ୍ରତ୍ୟେକ ବର୍ଣ୍ଣ ଉନ୍ନତ ନ ହେଲେ ଜାତଟା ଉନ୍ନତ ହେବ ନାହିଁ । ଗୀତାରେ ଭଗବାନ କହିଛନ୍ତି "ଗୁଣ କର୍ମଦ୍ୱାରା ମୁଁ ମାନବ ସମାଜକୁ ଚାରି ବର୍ଣ୍ଣରେ ବିଭକ୍ତ କରିଛି ।"

ସୃଷ୍ଟି-ପ୍ରକରଣରୁ ଦେଖାଯାଏ ପୁରୁଷ ପ୍ରକୃତି ନେଇ ଏ ଜଗତ ସୃଷ୍ଟ । ପୁରୁଷ ହେଲେ ପରମବ୍ରହ୍ମ ଏବଂ ତାଙ୍କ ଇଚ୍ଛାମୟୀ ଶକ୍ତି ହେଲା ପ୍ରକୃତି । ପୁରୁଷ ନିଷ୍କ୍ରିୟ, ପ୍ରକୃତି ସୃଷ୍ଟିକାରଣୀ । ପୁରୁଷ ସାକ୍ଷୀ, ପ୍ରକୃତି ସ୍ରଷ୍ଟା । ପୁରୁଷର ଅବର୍ତ୍ତମାନରେ ପ୍ରକୃତି ଜଡ଼ କ୍ରିୟା-ଶୂନ୍ୟ ମାତ୍ର; ପୁରୁଷ ଯାବତ ବର୍ତ୍ତମାନ ଅଛି, ପ୍ରକୃତି ତାବତ କାର୍ଯ୍ୟ କରେ । ଏହି ପ୍ରକୃତି ତ୍ରିଗୁଣାତ୍ମିକା ଅର୍ଥାତ୍ ସତ୍ତ୍ୱ, ରଜ, ତମ ଗୁଣ-ବିଶିଷ୍ଟା । ଏହି ଗୁଣ-ବୈଷମ୍ୟରୁ ସୃଷ୍ଟି, ଗୁଣ-ସାମ୍ୟରୁ ଲୟ । ଗୁଣବୈଷମ୍ୟରୁ ଜଗତରେ ବୈଷମ୍ୟ ଦେଖାଯାଏ । କୌଣସି ଦୁଇଟି ବସ୍ତୁ ସର୍ବାଂଶରେ ସମାନ ନୁହେଁ । ସକଳ ପ୍ରାଣୀ-ଜଗତ ବା ସ୍ଥାବର-ଜଙ୍ଗମ-ଜଗତରେ ଏହି ବୈଷମ୍ୟ ଅଛି । ଏହି ଗୁଣ-ବୈଷମ୍ୟ ହେତୁ ମାନବ-ଜଗତରେ ମଧ୍ୟ ନାନା ପ୍ରକାର ବିଭିନ୍ନତା ଦେଖାଯାଏ । ଆକାର, ପ୍ରକାର, ରୁଚି, ଖାଦ୍ୟ, ପେୟ, ପରିଧାନ, ଚାଲିଚଳଣି, ରୀତିନୀତି ସବୁ ବିଭିନ୍ନ । ଏ ବିଭିନ୍ନତାର ଆଦି କାରଣ ଗୁଣ-ବୈଷମ୍ୟ । କାହାଠି ସତ୍ତ୍ୱ ଗୁଣ ବେଶି, କାହାଠି ରଜ ଗୁଣ ବେଶି, କାହାଠି ତମ ଗୁଣ ବେଶି, କାହାଠି ମିଶ୍ର ଗୁଣ ବେଶି । ଗୁଣର ତାରତମ୍ୟ ଅନୁସାରେ ପ୍ରକୃତିର ତାରତମ୍ୟ । ପ୍ରକୃତିର ତାରତମ୍ୟ ଅନୁସାରେ କର୍ମର ତାରତମ୍ୟ ଦେଖାଯାଏ । ସମସ୍ତଙ୍କ ହାତରେ ସବୁ କାର୍ଯ୍ୟ ହେବ ନାହିଁ । ସତ୍ତ୍ୱଗୁଣପ୍ରଧାନ ଲୋକ ଯାହା କରି ପାରିବ, ତମଗୁଣପ୍ରଧାନ ଲୋକ ତା କରି ପାରିବ ନାହିଁ । ତମଗୁଣପ୍ରଧାନ ଲୋକ ଯାହା କରି ପାରିବ, ରଜଗୁଣୀ ଲୋକ ତାହା କରି ପାରିବ ନାହିଁ । ଯେଉଁମାନଙ୍କର ଗୁଣ ସମାନ ସେମାନେ ଏକ ପ୍ରକାର କର୍ମ କରି ପାରନ୍ତି । ଏହି ଗୁଣକର୍ମ ଦେଇ ଚାରି ବର୍ଣ୍ଣର ସୃଷ୍ଟି । ଭାରତବର୍ଷରେ ଏପରି ବର୍ଣ୍ଣ-ସୃଷ୍ଟି ଦେଖାଯାଏ; ଅନ୍ୟାନ୍ୟ ଦେଶର ମନୀଷୀମାନେ ଏପରି କୌଣସି ବିଭାଗ କରି ନାହାନ୍ତି ସତ ମାତ୍ର ଗୁଣକର୍ମର ବିଭିନ୍ନତା ସର୍ବତ୍ର ଅଛି ।

ଗୀତା କୌଣସି ସାମ୍ପ୍ରଦାୟିକ ଧର୍ମଗ୍ରନ୍ଥ ନୁହେଁ । ଗୀତାକୁ ସାର୍ବଜନୀନ ଧର୍ମ ଶାସ୍ତ୍ର କହିଲେ ଅତ୍ୟୁକ୍ତି ହେବ ନାହିଁ । ଗୀତା ଚାରି ବର୍ଣ୍ଣର କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ କରି ଦେଇଛି । ଏହି କର୍ମ-ବିଭାଗ ଥିବାରୁ ଭାରତରେ ବେକାର ସମସ୍ୟା ନ ଥିଲା । ଛାଡ଼ ସେ କଥା-ବର୍ତ୍ତମାନ ଆଲୋଚ୍ୟ ବିଷୟ କ୍ଷତ୍ରିୟ ଶକ୍ତି । ପୂର୍ବେ କହିଛି ଭଗବାନ ଅନନ୍ତ ଶକ୍ତିମୟ—ସେ ଏ ସୃଷ୍ଟି କି ସର୍ଜ୍ଜନ କରୁଛନ୍ତି, ପାଳନ କରୁଛନ୍ତି, ପୁଣି ଲୟ କରୁଛନ୍ତି । ଭଗବାନଙ୍କର ଏହି ପାଳନଶକ୍ତି ହିଁ କ୍ଷତ୍ରିୟ ଶକ୍ତି । କ୍ଷତ୍ରିୟ-ଶକ୍ତି ରାଜଶକ୍ତି । ରାଜା ମର୍ତ୍ତ୍ୟରେ ପାଳକ । କ୍ଷତ୍ରିୟ ସେହି ରାଜା । ଭଗବାନ ଗୀତାରେ କହିଛନ୍ତି "ଅହଂ ନରାଣାଂ ଚ ନରାଧିପ" ଅର୍ଥାତ୍ ମୁଁ ନରମାନଙ୍କ ମଧ୍ୟରେ ନରାଧିପ ବା ରାଜା । ସେହି କାରଣରୁ ହିନ୍ଦୁମାନଙ୍କର ବିଶ୍ୱାସ "ଦିଲ୍ଲୀଶ୍ୱରୋ ବା ଜଗଦୀଶ୍ୱରୋ ବା" ଅର୍ଥାତ୍ ଦିଲ୍ଲୀଶ୍ୱର ସାକ୍ଷାତ୍ ପରମେଶ୍ୱର । କ୍ଷତ୍ରିୟ ଯେ ବାହୁରୁ ଜନ୍ମ ତାର ତାତ୍ପର୍ଯ୍ୟ କଣ ? ଭୁଜଟା ବଳ ବା ପରାକ୍ରମର ପରିଚାୟକ ଏବଂ ଶାସନଦଣ୍ଡ ସେହି ଭୁଜ ଚଳାଏ । ସୁତରାଂ କ୍ଷତ୍ରିୟ ଭଗବାନଙ୍କର ବାହୁ, ଯେଉଁ ବାହୁବଳରେ ଏ ପୃଥିବୀ ପାଳିତ ଓ ଶାସିତ ହୁଏ ।

ଗୀତାରେ କ୍ଷତ୍ରିୟର କି କର୍ତ୍ତବ୍ୟ ନିର୍ଦ୍ଦିଷ୍ଟ ଅଛି ଦେଖାଯାଉ ।

> ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଲାୟନଂ
> ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରକର୍ମ ସ୍ୱଭାବଜମ୍ ।

ଶୌର୍ଯ୍ୟ ଅର୍ଥ ପରାକ୍ରମ, ତେଜ—ପ୍ରାଗଲ୍‌ଭ୍ୟ, ଧୃତି—ଧୈର୍ଯ୍ୟ, ଦାକ୍ଷ—କୌଶଳ, ଯୁଦ୍ଧକ୍ଷେତ୍ରରୁ ଅପଲାୟନ, ଦାନ—ଉଦାରତା, ଈଶ୍ୱର ଭାବ—ଅତିଶୟ ପ୍ରଭାବ ହେତୁ ସକଳ ବିଷୟରେ ନିୟନ୍ତା ବା ଶାସକ ଅର୍ଥାତ୍ ଈଶ୍ୱର ସଦୃଶ ଲକ୍ଷଣରେ କ୍ଷତ୍ରିୟ-ଲକ୍ଷଣାନ୍ୱିତ । ଏଥିରୁ ସ୍ପଷ୍ଟ ଜଣାଗଲା ଯେ କ୍ଷତ୍ରିୟ ଲୋକପାଳକ, ଲୋକ-ଶାସକ, ଲୋକରକ୍ଷକ । କ୍ଷତ୍ରିୟ ଶକ୍ତି ଭଗବାନଙ୍କର ପାଳକ ଶକ୍ତି । ସେ ଶକ୍ତି ଯେଉଁ ମାନବଠାରେ ପୂର୍ଣ୍ଣ ମାତ୍ରାରେ ପ୍ରକଟିତ ହୁଏ ସେ ରାଜ୍ୟରେ ରାଜା ବୋଲାଏ । ସେ ନରପ୍ରଧାନ, ନରଶ୍ରେଷ୍ଠ ବା ନରାଧିପ । ଭଗବାନ ରାଜା ରୂପରେ ପ୍ରକଟିତ ହୋଇ ଲୋକ-ମାନଙ୍କୁ ପାଳନ କରନ୍ତି, ଶାସନ କରନ୍ତି, ରକ୍ଷା କରନ୍ତି ।

ରାଜା ସକଳ ଲୋକଙ୍କର ଶାସକ । ରାଜାର ଶାସକ କିଏ ? ତାର ସାକ୍ଷାତ୍ ଶାସକ କେହି ନାହିଁ । ଧର୍ମ ରାଜାର ଶାସକ । ଲୋକଚକ୍ଷୁରେ ରାଜା ନିରଙ୍କୁଶ ମାତ୍ର ଭଗବାନ ବା ଧର୍ମ ତାର ଅଙ୍କୁଶ । ରାଜା ଲୋକମାନଙ୍କର ସାକ୍ଷାତ୍ ଶାସକ; ତାର ହାତରେ ସକଳ ପ୍ରକାର କ୍ଷମତା ଅଛି—ଶାମ, ଦାନ, ଦଣ୍ଡ, ଭେଦ ନୀତି ଦ୍ୱାରା ସେ ଲୋକ ପାଳନ କରେ ସୁତରାଂ ରାଜା ନାମ ଶୁଣି ସମସ୍ତେ ସନ୍ତ୍ରସ୍ତ । ଯାହାର ଦଣ୍ଡ ଦେବାର କ୍ଷମତା ଅଛି, ଯେ ସମୟରେ ପ୍ରାଣଦଣ୍ଡ ପର୍ଯ୍ୟନ୍ତ ଦେଇ ପାରେ ତାକୁ ନ ଡରିବ କିଏ ? ନୀତି, ନିୟମ, ଆଇନକାନୁନ ସମସ୍ତେ ନତମସ୍ତକରେ ମାନନ୍ତି, କେତେ-ବେଳ ଯାଏ ? ଯେତେବେଳ ଯାଏ ରାଜା ତାହାର ଧର୍ମ ପାଳନ କରୁଥାଏ ।

ଆଉ ଗୋଟାଏ କଥା ଅଛି ।

> " ଯୌବନ ଧନ ସମ୍ପତ୍ତି ପ୍ରଭୁତ୍ୱମବିବେକିତା ।
> ଏକୈକ ମପ୍ୟନର୍ଥାୟ କିମୁତତ୍ର ଚତୁଷ୍ଟୟଂ " ॥

ଯୌବନ, ଧନସମ୍ପତ୍ତି, ପ୍ରଭୁତ୍ୱ, ଅବିବେକିତା—ଏମାନଙ୍କ ମଧ୍ୟରୁ ପ୍ରତ୍ୟେକଟି ଅନର୍ଥର ମୂଳ, ମାତ୍ର ଏ ଚାରି ଗୋଟିଯାକ ଯେଉଁଠି ଏକତ୍ରିତ ହୁଅନ୍ତି ସେଠି କଣ ନ ହୋଇ ପାରେ ? ରାଜାଠାରେ ଏ ଚାରି ଅନର୍ଥର ହେତୁ ଏକତ୍ରିତ ହୁଏ । ଅବିବେକିତା ପ୍ରବେଶ କଲେ ଘୋର ଅନିଷ୍ଟ ଜନ୍ମାଏ ଏବଂ ରାଷ୍ଟ୍ରବିପ୍ଳବର ହେତୁ ହୁଏ । ଅବିବେକିତା ପ୍ରବେଶ କଲେ ଗର୍ବ, ଅହଂକାର ଆସି ପ୍ରବେଶ କରେ । ରାଜା ଆପଣା ଧର୍ମ ଭୁଲି ଯାଇ କ୍ଷଣିକ ସୁଖ ଲାଭ ଆଶାରେ ଉନ୍ମତ୍ତ ହୋଇପଡ଼େ । ଏହି ଉନ୍ମତ୍ତତା ପତନର ହେତୁ । ସଂଯତ, ଶିକ୍ଷିତ ନ ହେଲେ ଏମାନେ ପାଶବିକ ବଳ ପ୍ରୟୋଗ କରି ଅନ୍ୟ ଉପରେ ଅତ୍ୟାଚାର କରନ୍ତି । ଯାହା ଉପରେ କୋଟି କୋଟି ଲକ୍ଷ ଲକ୍ଷ ଲୋକଙ୍କର ମଙ୍ଗଳାମଙ୍ଗଳ ନିର୍ଭର କରେ ସେ ଯେବେ ଲୋକହିତବ୍ରତ ନ କରେ ତେବେ ପରିଣାମ ବିଷମୟ ହୁଏ । କ୍ଷତ୍ରିୟ ଶକ୍ତି ଏହି କାରଣରୁ ପତିତ ହୁଏ ।

କ୍ଷତ୍ରିୟ ସଂଯତ ହେବା ପାଇଁ ଧର୍ମ ଶାସ୍ତ୍ରରେ ବହୁତ କଠୋର ବିଧିବିଧାନ ରହିଛି । " ତ୍ରୟୋଧର୍ମା ନିବର୍ତ୍ତନ୍ତେ ବ୍ରାହ୍ମଣାତ୍ କ୍ଷତ୍ରିୟଂ ପ୍ରତି । ଅଧ୍ୟାପନଂ ଯାଜନଞ୍ଚ ତୃତୀୟଞ୍ଚ ପ୍ରତିଗ୍ରହଃ ।" ଅର୍ଥାତ୍ କ୍ଷତ୍ରିୟ ଯଜ୍ଞ କରିବ କରାଇବ ନାହିଁ, ପାଠ ପଢ଼ିବ ପଢ଼ାଇବ ନାହିଁ, ଦାନ ଦେବ ମାତ୍ର ନେବ ନାହିଁ । କ୍ଷତ୍ରିୟ ଧର୍ମାନୁସାରେ ପ୍ରଜା ପାଳନ କରିବ, ପାଠ ପଢ଼ିବ, ଯଜ୍ଞ କରିବ, ଧନ ଓ ଦ୍ୱିଜଶ୍ରେଷ୍ଠଙ୍କୁ ଦାନ ଦେବ, ନିଜ ଦାରଠାରେ ଅନୁରକ୍ତ ରହିବ, ନୀତିଶାସ୍ତ୍ର ଜାଣିବ, ଯଜ୍ଞ ବିଗ୍ରହ କାର୍ଯ୍ୟରେ ତତ୍ପର ଥିବ, ଦେବଦ୍ୱିଜରେ ଭକ୍ତ, ଓ ଅଧର୍ମ ଛାଡ଼ି ଧର୍ମ ପଥରେ ଯାଇ ଜୟ ଇଚ୍ଛା କରିବ । କ୍ଷତ୍ରିୟ ଦାନ କରିବ ମାଗିବ ନାହିଁ, ଯଜ୍ଞ କରିବ, ପ୍ରଜା ପାଳିବ, ବେଦ ପଢ଼ିବ, ବୈର ଜନ୍ମାଇତ ଦସ୍ୟୁମାନଙ୍କୁ ବଧ କରିବ, ଯୁଦ୍ଧରେ ପରାକ୍ରମ ଦେଖାଇବ । ପ୍ରଜାମାନଙ୍କୁ ଧର୍ମ ପଥରେ ଚଲାଇବ, ଧର୍ମ କର୍ମ କରାଇବ, ଅନାସକ୍ତ ହୋଇ କାର୍ଯ୍ୟ କରିବ, ପ୍ରଜା ରକ୍ଷଣ ପ୍ରଧାନ ଧର୍ମ ।

> ବ୍ରାହ୍ମ୍ୟ ପ୍ରାପ୍ତେନ ସଂସ୍କାରଂ କ୍ଷତ୍ରିୟେଣ ଯଥାବିଧି
> ସର୍ବସ୍ୟାସ୍ୟ ଯଥା ନ୍ୟାୟଂ କର୍ତ୍ତବ୍ୟଂ ପରିରକ୍ଷଣଂ ।
> ଶସ୍ତ୍ରାସ୍ତ୍ରଭୃତ୍ତ୍ୱଂ କ୍ଷତ୍ରସ୍ୟ ଜୀବନାର୍ଥମ୍

ଶାସ୍ତ୍ରବିଧି ଅନୁସାରେ ଉପନୟନ ସଂସ୍କାରଦ୍ୱାରା ସଂସ୍କୃତ ହୋଇ ଧର୍ମ-ଶାସ୍ତ୍ରାନୁସାରେ ପ୍ରଜା ପାଳନ କରିବ । କ୍ଷତ୍ରିୟ ବୃତ୍ତି ପାଇଁ ଖଡ୍ଗାଦି ଅସ୍ତ୍ର ଓ ବାଣ ପ୍ରଭୃତି ଶସ୍ତ୍ର ଧାରଣ କରିବ । ଦଣ୍ଡ ବିଧାନ କରିବ ଏବଂ ଦଣ୍ଡଦ୍ୱାରା ପ୍ରଜାଙ୍କୁ ଶାସନ କରିବ । ଆପଣା ବାହୁ-ବଳଦ୍ୱାରା ନିଜେ ଆପଦରୁ ରକ୍ଷିତ ହେବ ଏବଂ ଅନ୍ୟକୁ ଆପଦରୁ ଉଦ୍ଧାର କରିବ । କ୍ଷତ୍ରିୟର ସାତ ପ୍ରକୃତି:—ସ୍ୱାମୀ, ଅମାତ୍ୟ, ପୁର, କୋଷ, ଦଣ୍ଡ, ରାଷ୍ଟ୍ର, ସୁହୃତ୍ । କ୍ଷତ୍ରିୟର ଛଅ ଗୁଣ:—ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧୀଭାବ, ସଂଶ୍ରୟ । ମନୁ ଆହୁରି କହିଛନ୍ତି ଯେ କ୍ଷତ୍ରିୟ ଶତ୍ରୁ ଦମନ କରି ନ୍ୟାୟ ପଥରେ ରାଜତ୍ୱ କରିବ, ନ୍ୟାୟ ପଥରେ ଧନ ଉପାର୍ଜନ, ବର୍ଦ୍ଧନ ଓ ରକ୍ଷଣ କରିବ । ସତ୍‌ପାତ୍ର ସଂଯୋଗ କରି ରାଜକାର୍ଯ୍ୟ ଚଲାଇବ । ନ୍ୟାୟର ମୂଳ ବିନୟ । ବିନୟର ମୂଳ ଶାସ୍ତ୍ରନିଶ୍ଚୟ । ଇନ୍ଦ୍ରିୟ ବିଜୟ ଅର୍ଥ ବିନୟ । ଶାସ୍ତ୍ର, ପ୍ରଜ୍ଞା, ଧୈର୍ଯ୍ୟ, ଦକ୍ଷତା, ପ୍ରାଗଲ୍‌ଭ୍ୟ, ଉତ୍ସାହ, ବାଗ୍ମିତା, ଔଦାର୍ଯ୍ୟ, ଆପତ୍‌କାଳେ ସହିଷ୍ଣୁତା, ପ୍ରଭାବ, ଶୁଚିତା, ମୈତ୍ରୀ, ଦାନ, ସତ୍ୟ, କୃତଜ୍ଞତା, କୁଳଶୀଳ, ଦମ—ଏ ସବୁ ଗୁଣ ସମ୍ପତ୍ତିର ହେତୁ । ବ୍ୟାପକଶୀଳ ବିଷୟ ଅରଣ୍ୟ ମଧ୍ୟରେ ଧାବମାନ ପ୍ରମାଥୀ ଇନ୍ଦ୍ରିୟ-ଦନ୍ତୀକୁ ଜ୍ଞାନାଙ୍କୁଶଦ୍ୱାରା ବଶ କରିବ । କାମ, କ୍ରୋଧ, ଲୋଭ, ହର୍ଷ, ମାନ, ମଦ ତ୍ୟାଗ କରିବ । ପ୍ରଜା ପ୍ରତି ଅନୁଗ୍ରହ ଥିବ । ଆଗୁର ଓ ମର୍ଯ୍ୟାଦା ସ୍ଥାପନ, ପ୍ରିୟ ଓ ସତ୍ୟ ବାକ୍ୟ, ଦୟା, ଦାନ, ହୀନ ଓ ଶରଣାଗତର ରକ୍ଷଣ—ଏସବୁ ପରମ ଗତିର ହେତୁ ।

ଶାସ୍ତ୍ର କ୍ଷତ୍ରିୟର ଯେଉଁ କର୍ତ୍ତବ୍ୟ ନିର୍ଦ୍ଧାରଣ କରିଛି ସେ କର୍ତ୍ତବ୍ୟ ପାଳନ କରିବା ପାଇଁ କଠୋର ସଂଯମ ଓ ସାଧନା ଆବଶ୍ୟକ । ଏହି ହେତୁ କହନ୍ତି—ନୁହେ ରାଜସିଂହାସନ ଶାନ୍ତିର ଅସ୍ଥାନ । ରାଜସିଂହାସନ ଭୋଗ ବିଳାସର ଅସ୍ଥାନ ନୁହେ କି କେବଳ ଆତ୍ମପ୍ରସାଦ ଲାଭ କରିବାର ସ୍ଥାନ ନୁହେ । ରାଜା ହେଉ,



Digitized by srujanika@gmail.com

ରାଜପ୍ରତିନିଧି ହେଉ ବା ଲୋକପ୍ରତିନିଧି ହେଉ ତାର ଆସନ ବଡ଼ ଦାୟିତ୍ୱପୂର୍ଣ୍ଣ । ସେ ଆସନ ପୁଷ୍ପଶଯ୍ୟା ନୁହେଁ । ଏହି ଦାୟିତ୍ୱଜ୍ଞାନ ନ ଥିଲେ ଲୋକ କର୍ତ୍ତବ୍ୟ ପଥରୁ ଭ୍ରଷ୍ଟ ହୁଏ ଏବଂ ପରିଣାମ ବିଷମୟ ହୁଏ । ରାଜା ତାହାର କର୍ତ୍ତବ୍ୟ କିପରି କରିପାରେ ତହିଁର ପ୍ରମାଣ ଶାସ୍ତ୍ରରେ ଅଭାବ ନାହିଁ । ଶିବିରାଜା ଆଶ୍ରିତ ଧର୍ମ ପାଳନ କରିବାକୁ ଯାଇ ନିଜ ଦେହରୁ ମାଂସ କାଟି ଦେଇଥିଲେ, ସତ୍ୟ ରକ୍ଷା ଲାଗି ହରିଶ୍ଚନ୍ଦ୍ର ଚଣ୍ଡାଳ ଘରେ ଦାସତ୍ୱ କରିଥିଲେ, କର୍ଣ୍ଣ ପୁତ୍ରର ଶିରଚ୍ଛେଦନ କରିଥିଲେ—ଏହିପରି ଅନେକ ଉଦାହରଣ ମିଳିବ । ଏ ସବୁ ଚରିତ୍ର କେବଳ କବିକଳ୍ପନା ନୁହେଁ । ଏଥିରେ ସତ୍ୟ ନିହିତ ଅଛି । ଲୋକହିତ ପାଇଁ ପ୍ରାଣ ଦେବା କଥା ଭାରତରେ ଅବାଦିତ ନ ଥିଲା । ଏହି ଉତ୍କଳ ପ୍ରଦେଶରେ "ବାରଣ ବଢ଼େଇରେ ଦାଏ କି ପୁଅରେ ଦାଏ" କଥା ସ୍ତ୍ରୀ ଲୋକେ ମଧ୍ୟ ଜାଣନ୍ତି । ବଢ଼େଇର ପିଲା ଧର୍ମପଦ ଜାତି ଲୋକଙ୍କ ସକାଶେ ଆପଣା ପ୍ରାଣ ଦେଇଥିଲା । ଆମ୍ଭେମାନେ ବର୍ତ୍ତମାନ ସେ ସବୁ ଆଦର୍ଶ ଭୁଲି ଯାଉଥାଉଁ । ଆପଣା ଘର ଶାସ୍ତ୍ରକୁ କୁସଂସ୍କାରପୂର୍ଣ୍ଣ ବୋଲି ପକାଇ ଦେଉଥାଉଁ । ହିନ୍ଦୁ ସମାଜର ଏ ବର୍ଣ୍ଣବିଭାଗ ଗୋଟିଏ ମହା ମୂଲ୍ୟବାନ ରତ୍ନ । ସମାଜର ଉନ୍ନତି ପାଇଁ ଜ୍ଞାନ, ବଳ, ଧନ ଓ ସେବା ନିତାନ୍ତ ଆବଶ୍ୟକ । ଜ୍ଞାନ ବିଭାଗର ଅଧିକାରୀ ବ୍ରାହ୍ମଣ, ବଳ ବିଭାଗର ଅଧିକାରୀ କ୍ଷତ୍ରିୟ, ଧନ ବିଭାଗର ଅଧିକାରୀ ବୈଶ୍ୟ, ସେବା ବିଭାଗର ଅଧିକାରୀ ଶୂଦ୍ର । ପ୍ରତ୍ୟେକ ବର୍ଣ୍ଣ ତାର ସ୍ୱଧର୍ମ ପାଳନ କରି କାର୍ଯ୍ୟ କଲେ ସମାଜ ସମୁନ୍ନତ ହୁଏ । ଏ ଚାରି ଗୋଟିରୁ କୌଣସି ଗୋଟିଏ ବିଭାଗ ଅବନତ ହେଲେ ସମସ୍ତ ସମାଜ ଅବନତ ହୁଏ । କ୍ଷତ୍ରିୟ ଶକ୍ତି ରାଜତ୍ୱ କରେ ସତ, ମାତ୍ର ବ୍ରାହ୍ମଣ, ବୈଶ୍ୟ ଓ ଶୂଦ୍ର ଶକ୍ତିର ସଂଯୋଗ ନ ହେଲେ ରାଜତ୍ୱ ବିକଳାଙ୍ଗ ହୁଏ । ଧର୍ମଶାସ୍ତ୍ରର ପ୍ରବର୍ତ୍ତକ ବ୍ରାହ୍ମଣ । ବ୍ରାହ୍ମଣ ନିଜେ ଧର୍ମ କରିବ ଏବଂ ଅନ୍ୟମାନେ ଯେପରି ଧର୍ମ କାର୍ଯ୍ୟରେ ପ୍ରବର୍ତ୍ତିବେ ତହିଁର ବ୍ୟବସ୍ଥା ଦେବ । କେବଳ ବ୍ରାହ୍ମଣର ପୁଅ ବ୍ରାହ୍ମଣ ନୁହେଁ, କେବଳ ପଇତା ପକାଇଲେ ଲୋକ ବ୍ରାହ୍ମଣ ବୋଲାଏ ନାହିଁ । ପାଠ ଅଛି :—"ଜନ୍ମନା ଜାୟତେ ଶୂଦ୍ରଃ ସଂସ୍କାରାଦ୍ଦ୍ୱିଜ ଉଚ୍ୟତେ, ବେଦପାଠେ ଭବେଦ୍ବିପ୍ରୋ ବ୍ରହ୍ମ ଜାନାତି ବ୍ରାହ୍ମଣଃ ।" ବ୍ରହ୍ମଜ୍ଞାନ ନ ଥିବା ଲୋକ ବ୍ରାହ୍ମଣ ହୋଇ ନ ପାରେ । ଯାହାର ବ୍ରହ୍ମଜ୍ଞାନ ଜନ୍ମିଲା ସେ ନର ଦେବତା । ସର୍ବତ୍ର ବ୍ରହ୍ମ ବିଦ୍ୟମାନ, ସବୁ ପ୍ରାଣୀ ସମାନ, କେହି ପର ଆପଣାର ନୁହେଁ, କାହାରି ପ୍ରତି ହିଂସା ଅକର୍ତ୍ତବ୍ୟ, ବସୁଧୈବ କୁଟୁମ୍ବକଂ, ସକଳର କଲ୍ୟାଣ ବାଞ୍ଛା, ଜ୍ଞାନାର୍ଜନ କରି ଜ୍ଞାନ ବିତରଣ,—ବ୍ରହ୍ମଜ୍ଞାନୀ ବ୍ରାହ୍ମଣର ଗୁଣ । ଲୋଭ, କ୍ରୋଧ, ମୋହ, ମଦ, ମାତ୍ସର୍ଯ୍ୟ ବ୍ରାହ୍ମଣର ଗୁଣ ନୁହେଁ । ବିଶ୍ୱାମିତ୍ର କ୍ଷତ୍ରିୟ କୁଳରେ ଜନ୍ମ ଗ୍ରହଣ କରି ତପସ୍ୟା ବଳରେ ବ୍ରହ୍ମର୍ଷି ହୋଇଥିଲେ । ଏଥି ସକାଶେ ବଶିଷ୍ଠ ତାଙ୍କୁ ବିଷମ ପରୀକ୍ଷା କରିଥିଲେ । ସେହି ହେତୁ ବ୍ରାହ୍ମଣ ମୁଖ—ସ୍ଥାନରେ କଳ୍ପିତ । ମୁଖ ଶୀର୍ଷ ସ୍ଥାନ, ସୁତରାଂ ବ୍ରାହ୍ମଣ ବର୍ଣ୍ଣ-ଗୁରୁ ଏବଂ ତାର ସ୍ଥାନ ଅତି ଉଚ୍ଚରେ ଥିଲା । ସେ ଯାହାହେଉ କ୍ଷତ୍ରିୟ ଶକ୍ତି ପ୍ରାଚୀନ ଭାରତ ତଥା ପ୍ରାଚୀନ ଉତ୍କଳରେ କିପରି ବିକାଶ ଲାଭ କରିଥିଲା ସେହି ବିଷୟ ବାରାନ୍ତରେ ଆଲୋଚନା କରାଯିବ ।

## କାବୁଲିପଠାଣ

**ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ**

ଓଡ଼ିଶା ଓ ବଙ୍ଗ ଦେଶରେ "କାବୁଲିଉଆଲା" କହିଲେ ସାଧାରଣତଃ ବଳିଷ୍ଠ, ଦୀର୍ଘାକୃତି ଏବଂ ଲମ୍ବା ଦାଢ଼ୀବିଶିଷ୍ଟ ବିଦେଶୀ ମୁସଲମାନକୁ ବୁଝାଏ । ସେମାନଙ୍କର ସୁଦୃଢ଼ ମାଂସପେଶୀ ଏବଂ ତତୋଽଧିକ ଭୀମାକୃତି ଯଷ୍ଟି ଦର୍ଶନରେ ପିଲାମାନଙ୍କ ମନରେ ଭୀତିର ସଞ୍ଚାର ହୋଇଥାଏ । ସେମାନଙ୍କୁ ଦେଖି ଅନେକଙ୍କର କୌତୁହଳର ଉଦ୍ରେକ ହେଉଥିଲେହେଁ, ସେମାନଙ୍କ ସହିତ ସ୍ଥାନୀୟ ଲୋକମାନଙ୍କର କୌଣସି ପ୍ରୀତି ବା ସଦ୍ଭାବର ପରିଚୟ ସାଧାରଣତଃ ମିଳେ ନାହିଁ । ବରଂ, କେଉଁଠି ଗୋଟାଏ ଚୋରି ବା ଡକାୟତି ହେଲାକ୍ଷଣି ଖବର କାଗଜବାଲାମାନେ ଏବଂ ସ୍ଥାନୀୟ ଲୋକେ "ବଦମାସ୍" ପଠାଣମାନଙ୍କର ଦୁର୍ବୃତ୍ତତା ସମ୍ବନ୍ଧରେ ନାନା ବିରୁଦ୍ଧ ଆଲୋଚନା କରିଥାନ୍ତି । ଅଥଚ ପ୍ରକୃତରେ ବୁଝି ବସିଲେ "ପଠାଣି ମୁଲକ"ର ବାହାରେ ପଠାଣମାନେ ହିଁ ସାଧାରଣତଃ ଅନ୍ୟାନ୍ୟ ଜାତିର ଲୋକମାନଙ୍କ ଅପେକ୍ଷା ଅଧିକତର ଶାନ୍ତିପ୍ରିୟ ଏବଂ ନିୟମାନୁବର୍ତ୍ତୀ ହେଉଥିବାର ଦେଖାଯାଏ । କିନ୍ତୁ, ସେ କଥା ପରେ ହେବ ।

ଭାରତର ବାହାରେ ଏବଂ ଭାରତୀୟ ପ୍ରଦେଶମାନଙ୍କରେ "କାବୁଲିଉଆଲା"ମାନେ "ପଠାଣ" ନାମରେ ଅଧିକତର ସୁପରିଚିତ । "ପଠାଣ" କହିଲେ ଠିକ୍ କାହାକୁ ବୁଝାଏ ବା ବୁଝାଏ ନାହିଁ, ତାର ମୀମାଂସା ବଡ଼ ସହଜ ନୁହେଁ । ଭାରତରେ ବାସ କରୁଥିବା "ପଠାଣ" ଅଧିବାସୀମାନଙ୍କ ମଧ୍ୟରୁ କେତେକ ପ୍ରାଚୀନ ପଠାଣ-ସମ୍ରାଟ-ମାନଙ୍କର ଅନୁଚର-ପାର୍ଶ୍ୱଚର ବର୍ଗଙ୍କର ବଂଶଧର ଅଟନ୍ତି । କିନ୍ତୁ ସେମାନଙ୍କମଧ୍ୟରୁ ଖୁବ୍ ରକ୍ଷଣଶୀଳ ଏବଂ ସମ୍ଭ୍ରାନ୍ତ ପରିବାର



Digitized by srujanika@gmail.com

ଲୋକମାନଙ୍କୁ ଛାଡ଼ି ଦେଲେ ଅନ୍ୟମାନେ କେବଳ ନାମରେ "ପଠାଣ" ମାତ୍ର । ଭାରତୀୟ ମୁସଲମାନମାନଙ୍କୁ ଶେଖ୍, ସୈୟଦ୍, ମୋଗଲ ଏବଂ ପଠାଣ ନାମକ ଯେଉଁ ଚାରି ସାଧାରଣ ଶ୍ରେଣୀରେ ବିଭକ୍ତ କରାଯାଏ, ଏମାନେ ସେହି ଶେଷୋକ୍ତ "ଶ୍ରେଣୀ"ର ପଠାଣ ଅଟନ୍ତି ।

ବସ୍ତୁତଃ, ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଛାଡ଼ି ଆମ୍ଭେମାନେ ଭାରତର ଅଭ୍ୟନ୍ତରରେ ଥିବା ଯେତେ ଯେତେ ଦୂରତର ଅଞ୍ଚଳକୁ ଯାଉଁ ସେତେ ବେଶୀ ଲକ୍ଷ୍ୟ କରି ଆଉଁ ଯେ ଧୋତି କିମ୍ବା କୌପୀନ ବ୍ୟତୀତ ଅନ୍ୟ ଧରଣର ବିଜାତୀୟ ପରିଚ୍ଛଦ ପରିଧାନ କରୁଥିବା ବ୍ୟକ୍ତି ମାତ୍ରକୁ ହିଁ "ପଠାଣ" ନାମରେ ଅଭିହିତ କରାହୁଏ । ଏହି କାରଣରୁ କାବୁଲି, ପଞ୍ଜାବୀ, ସିନ୍ଧୀ, ଏପରି କି ଯୁକ୍ତପ୍ରଦେଶ କିମ୍ବା ବିହାର ଅଞ୍ଚଳର ମୁସଲମାନ ଅଧିବାସୀଙ୍କୁ ମଧ୍ୟ ସମୟ ସମୟରେ ଭାରତର ଅନ୍ୟାନ୍ୟ ପ୍ରଦେଶରେ "ପଠାଣ" ଆଖ୍ୟା ଦିଆଯାଇ ଥିବାର ଦେଖା ଯାଇଅଛି ।

ପ୍ରକୃତରେ, ପୂର୍ବ ଏବଂ ଦକ୍ଷିଣ ଆଫଗାନିସ୍ଥାନର ମୁସଲମାନ ଅଧିବାସୀମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାତୃଭାଷା 'ପୁସ୍ତୁ' ବା 'ପାଖ୍ତୁ' ସେହିମାନେ ହିଁ ଖାଣ୍ଟି "ପଠାଣ" । ଏଠାରେ ଆଉ ଗୋଟିଏ କଥା ଜଣାଇ ରଖିବା ଉଚିତ । ଆଫଗାନିସ୍ଥାନର ପୂର୍ବ ଏବଂ ଦକ୍ଷିଣ ଅଞ୍ଚଳର ଅଫଗାନମାନେ ସମସ୍ତେ "ପଠାଣ" ହୋଇଥିଲେ ହେଁ, "ପଠାଣ" ମାତ୍ରକେ ଅଫଗାନ ନୁହନ୍ତି । ପଠାଣମାନଙ୍କର 'ହମ୍‌ସାୟା' ବା ଦାସ ଶ୍ରେଣୀର ଅନେକ ଅନୁଚର ଥାଆନ୍ତି । ପୁସ୍ତୁ ସେମାନଙ୍କର ମାତୃଭାଷା ହୋଇଥିଲେହେଁ ଏବଂ ପଠାଣ ଜାତିର ଅଲିଖିତ ଆଇନ୍‌କାନୁନ୍ "ପାଖ୍ତୁନ୍‌ଓୟାଲି"ର ସମସ୍ତ ନିର୍ଦ୍ଦେଶ ସେମାନଙ୍କୁ ଯଥାଯଥ ଭାବରେ ମାନି ଚଳିବାକୁ ହେଉଥିଲେ ହେଁ ଏହିସବୁ ସେବକ ଶ୍ରେଣୀର ଲୋକେ କଦାପି ନିଜ ଦେଶରେ "ପଠାଣ" ବୋଲି ପରିଚୟ ଦେବାକୁ ସାହସୀ ହୁଅନ୍ତି ନାହିଁ ।

## ପଠାଣମାନଙ୍କର ଉତ୍ପତ୍ତି

ବେଲୁଚିସ୍ଥାନ, ଆଫଗାନିସ୍ଥାନ, ନେପାଳ, ଭୂଟାନ୍ ଏବଂ ତିବ୍ବତ ଭିତର ଦେଇ ମଧ୍ୟ ଏସିଆରୁ ଭାରତବର୍ଷକୁ ଆସିବାର ଯେତେଗୁଡ଼ିଏ ବାଟ ଅଛି ତନ୍ମଧ୍ୟରୁ କାବୁଲରୁ ଆସିବା ବାଟରେ ଅବସ୍ଥିତ ଖାଇବର ଗିରିସଙ୍କଟ, ଗଜନିରୁ ଆସିବା ବାଟରେ ଅବସ୍ଥିତ ଗୋମାଲ୍ ଗିରିସଙ୍କଟ, ଏବଂ କାନ୍ଦାହାର (ପ୍ରାଚୀନ ଗାନ୍ଧାର)ରୁ ଆସିବା ବାଟରେ ଅବସ୍ଥିତ ବୋଲାନ୍ ଗିରିସଙ୍କଟ ଇତିହାସ ପ୍ରସିଦ୍ଧ ଅଟେ । ମଧ୍ୟ ଏସିଆର ଯୁଦ୍ଧପ୍ରିୟ ଯାଯାବର ଜାତିମାନେ ଏକ ପରେ ଏକ ଏହି ସବୁ ଗିରିସଙ୍କଟ ବାଟେ ଆସି ଭାରତ ଆକ୍ରମଣପୂର୍ବକ ଏ ଦେଶରେ ନିଜ ନିଜର ଆଧିପତ୍ୟ ସ୍ଥାପନ କରିବାର ପ୍ରୟାସ କରିଥିଲେ । ଥରକୁ ଥର ଏପରି ବୈଦେଶିକ ଆକ୍ରମଣ ଫଳରେ ନାନା ଜାତିର ରକ୍ତ ଏହିସବୁ ଦୁର୍ଗମ ଗିରିସଙ୍କଟମୟ ଅଞ୍ଚଳର ଏବଂ ଭାରତର ସୀମାନ୍ତ-ସନ୍ନିହିତ ପ୍ରଦେଶର ଅଧିବାସୀମାନଙ୍କ ମଧ୍ୟରେ ମିଶି ଯାଇଅଛି । ଆଫଗାନିସ୍ଥାନ ଏବଂ ଭାରତର ମଧ୍ୟବର୍ତ୍ତୀ ସୀମାନ୍ତ ପ୍ରଦେଶରେ ବାସ କରୁଥିବା ଏହି ମିଶ୍ର ଜାତିମାନଙ୍କ ମଧ୍ୟରୁ "ପଠାଣ" ଜାତିର ନାମ ବିଶେଷ ଉଲ୍ଲେଖଯୋଗ୍ୟ ।

କେହି ନିଜକୁ ପଠାଣ ବୋଲି ପରିଚୟ ଦେବାକୁ ଇଚ୍ଛା କଲେ ସାଧାରଣତଃ ନିଜ ନାମ ଶେଷରେ "ଖାଁ" ଏହି ପଦବୀ ଲଗାଇ ଥାଏ । ଖାଁ ପଦଟି ପ୍ରଥମେ କିପରି ପ୍ରଚଳିତ ହେଲା ତାର ଇତିହାସ କୌତୁକାବହ ଅଟେ । ଯିଶୁଖ୍ରୀଷ୍ଟଙ୍କ ମୃତ୍ୟୁ ପରେ ତୃତୀୟ ଶତାବ୍ଦୀରେ ତୁଲୁନ୍ ନାମଧେୟ ଜଣେ ପରାକ୍ରାନ୍ତ ତାତାର ଦଳପତି "ସେନ୍‌ୟୁ" ଉପାଧି ଗ୍ରହଣ କରିଥିଲେ । କାଳକ୍ରମେ ଏହି "ସେନ୍‌ୟୁ" ଉପାଧି "ଖାକାନ୍" (ରାଜଚକ୍ରବର୍ତ୍ତୀ) ରୂପେ ପରିବର୍ତ୍ତିତ ହୋଇଥିଲା । "ଖାଁ" ଏହି ପ୍ରାଚୀନ "ଖାକାନ୍" ଶବ୍ଦର ଅପଭ୍ରଂଶ ଅଟେ । ପ୍ରଥମେ ଏହା କେବଳ ମାତ୍ର ରାଜା ଏବଂ ଦଳପତିମାନଙ୍କର ପଦବୀରୂପେ ବ୍ୟବହୃତ ହେଉ ଥିଲେହେଁ ପରବର୍ତ୍ତୀ କାଳରେ "ଖାଁ" ସର୍ବସାଧାରଣଙ୍କର ବ୍ୟବହାରରେ ଲାଗିଲା ଏବଂ ଆଜିକାଲି ଏହା ଭାରତୀୟ "ବାବୁ" ଶବ୍ଦର ପ୍ରାୟ ସମାର୍ଥବୋଧକ କହିଲେ ଚଳେ ।

## "ପଠାଣ" ଇତିହାସ

ପଠାଣ ଜାତିର ମୂଳ ଇତିହାସ ସ୍ଥିର କରିବା ଦୁରୂହ । "ପଠାଣ"ମାନେ ନିଜକୁ ବାଇବେଲ୍ ବର୍ଣ୍ଣିତ ଇସ୍ରାୟେଲ୍-ଗୋଷ୍ଠି-ସମ୍ଭୂତ ବୋଲି ପରିଚୟ ଦିଅନ୍ତି । 'ଘୋର' ଅଞ୍ଚଳରେ ଯେଉଁସବୁ ଇହୁଦିମାନେ ବସବାସ କରୁଥିଲେ, ସେମାନେ ସେହି ଇହୁଦିମାନଙ୍କର ବଂଶଧର ବୋଲି ପ୍ରକାଶ କରନ୍ତି । ସେମାନେ ରାଜା ସଉଲ୍ (Saul)ଙ୍କର ବଂଶରେ ଜାତ "କୈୟୁସ"ଙ୍କୁ ନିଜର ଦଳପତି ବୋଲି ସ୍ୱୀକାର କରନ୍ତି । ଏହିର ମଧ୍ୟ ଶୁଣାଯାଏ ଯେ ଦଳପତି କୈୟୁସ୍ ଇସ୍‌ଲାମ୍ ଧର୍ମର ପ୍ରବର୍ତ୍ତକ ମହମ୍ମଦଙ୍କ ସହିତ ସାକ୍ଷାତ୍ କରି ତାଙ୍କ ନିକଟରେ ଉକ୍ତ ଧର୍ମରେ ଦୀକ୍ଷିତ ହୋଇଥିଲେ । ଇସ୍‌ଲାମ୍ ଧର୍ମ ଗ୍ରହଣ ପରେ ତାଙ୍କର ନାମ ଅବ୍‌ଦୁଲ ରସିଦ୍ ରଖାଯାଇଥିଲା, ଏବଂ ସେ 'ପାକ୍‌ଠାନ୍' (ଜାହାଜର ମାସ୍ତୁଲ) ଏହି ଉପାଧିରେ ଭୂଷିତ ହୋଇଥିଲେ । ପଠାଣମାନେ ଯେ 'ବେନି ଇସ୍ରାଏଲ୍' ଗୋଷ୍ଠି-ସମ୍ଭୂତ ଏହା ବିଶ୍ୱାସ କରିବାର କିଛି କିଛି କାରଣ ବର୍ତ୍ତମାନ ଅଛି । ପୁଣି, ସେମାନେ ଯେ ଭାରତୀୟ କୌଣସି ଜାତିର ବଂଶଧର ହୋଇ ପାରନ୍ତି, ଏହା ସପକ୍ଷରେ ମଧ୍ୟ ପ୍ରମାଣର ଅଭାବ ନାହିଁ । ପଠାଣମାନଙ୍କର ମୁଖର ଗଠନ ଏବଂ ଅନ୍ୟାନ୍ୟ ଆକୃତିଗତ ବିଶେଷତ୍ୱ ଅନେକାଂଶରେ ଇହୁଦିମାନଙ୍କ ଭଳି ଅଟେ । ମଧ୍ୟ, ଇହୁଦିମାନଙ୍କ ମଧ୍ୟରେ ପ୍ରଚଳିତ କେତେଗୁଡ଼ିଏ ବିଶିଷ୍ଟ ପ୍ରଥା ପଠାଣମାନଙ୍କ ମଧ୍ୟରେ ପ୍ରଚଳିତ ଥିବାର ଦେଖାଯାଏ । ବସ୍ତୁତଃ, ପଠାଣ ଜାତିର ଉତ୍ପତ୍ତିର ଇତିହାସ ନାନା ଆଡୁ ଆଲୋଚନା କରି ଦେଖିଲେ ଜଣାଯାଏ ଯେ ପାର୍ଥିୟାନ୍, ପାର୍ସୀ, ମଙ୍ଗୋଲୀୟ, ଭାରତୀୟ, ଆରବ୍ୟ ଏବଂ



Digitized by srujanika@gmail.com

ପ୍ରାଚୀନ ଗ୍ରୀସୀୟ ଆଦି ନାନା ଜାତିର ସମିଶ୍ରଣରେ ଏହି ଜାତିର ଉଦ୍ଭବ ହୋଇଅଛି ।

## ସାଧାରଣ ପରିଚୟ

ପଠାଣମାନଙ୍କର ଦୈହିକ ଆକୃତି ଏବଂ ପ୍ରକୃତି ମଧ୍ୟ ଏହି ଧାରଣାର ସମର୍ଥକ ଅଟେ । ସେମାନଙ୍କ ମଧ୍ୟରେ କେହି କେହି ଦୀର୍ଘାକୃତି ସୁରୂପବାନ୍ ଏବଂ ବଳଶାଳୀ, ପୁଣି କେହି ବା ଖର୍ବାକୃତି, କୁତ୍ସିତ ଏବଂ ଶୀର୍ଣ୍ଣକାୟ । ସେମାନେ ସାଧାରଣତଃ ଚଉଡ଼ା ପାଇଜାମା ବା ଲୁଙ୍ଗି ଆଉ ଲମ୍ବା କାମିଜ୍ ପିନ୍ଧନ୍ତି । ଗୋଡ଼ରେ ଚର୍ମ ବା ତନ୍ତୁ ନିର୍ମିତ ସୁଦୃଢ଼ ପାଦୁକା ଓ ମୁଣ୍ଡରେ ପଗଡ଼ି ବ୍ୟବହାର କରନ୍ତି । ପ୍ରାୟ ସମସ୍ତେ ନିଜ ନିଜ ପାଖରେ ଛୁରୀ ରଖନ୍ତି, ଆଉ ସୀମାନ୍ତ ଅଞ୍ଚଳରେ ସଙ୍ଗତିସମ୍ପନ୍ନ ପଠାଣ ମାନେ ରାଇଫଲର ଅଧିକାରୀ ଅଟନ୍ତି । ବସ୍ତୁତଃ, ରାଇଫଲ୍‌କୁ ସେମାନେ ନିଜର ସ୍ତ୍ରୀ ଅପେକ୍ଷା ମଧ୍ୟ ଅଧିକତର ମୂଲ୍ୟବାନ୍ ଏବଂ ଦରକାରୀ ବୋଲି ଜ୍ଞାନ କରନ୍ତି ।

ବ୍ରିଟିଶ ରାଜତ୍ୱରେ ବାସ କରୁଥିବା ପଠାଣମାନଙ୍କର ମୋଟ ସଂଖ୍ୟା ପ୍ରାୟ ତିରିଶ ଲକ୍ଷ ଅଟେ । ସେମାନଙ୍କର ନିଜର ଦେଶ ଉର୍ବର ଏବଂ ଅର୍ଥପ୍ରସୂ ହୋଇ ନ ଥିବାରୁ ସେମାନଙ୍କ ମଧ୍ୟରୁ ଅନେକେ ଅଧିକତର ଲାଭ ଆଶାରେ ବହୁ ଦୂରଦେଶାନ୍ତରକୁ ଚାଲି ଯାଇଅଛନ୍ତି । ବର୍ତ୍ତମାନ କାଳରେ ଦେଖାଯାଏ ଯେ ପଠାଣମାନେ ପୃଥିବୀର ପ୍ରାୟ ସବୁ ଅଞ୍ଚଳରେ ବ୍ୟାପ୍ତ ହୋଇ ପଡ଼ିଲେଣି । କଲିକତା ଓ ବମ୍ବେ ନଗରରେ ବହୁ ସଂଖ୍ୟକ ପଠାଣ ଥିବାର ଦେଖାଯାଏ । କଲିକତାର ଚୌରିଙ୍ଗୀ ବା ବମ୍ବେର 'ଭେଣ୍ଡି ବଜାର' ଗୋଟିଏ ଗୋଟିଏ ଦ୍ୱିତୀୟ "କିସ୍‌ସା କାହାନି" (ପେଶାବର ସହରର ଗୋଟିଏ ପ୍ରସିଦ୍ଧ ରାସ୍ତାର ନାମ 'କିସ୍‌ସା କାହାନି' ବା **"Street of Story-tellers"**) କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ଭାଷା

ଉପଜାତି (tribe) ଭେଦରେ ପଠାଣମାନେ 'ପାଖ୍‌ତୁ' ବା 'ପୁସ୍ତୁ' ଭାଷାରେ କଥାବାର୍ତ୍ତା କରିଥାନ୍ତି । ଉଦାହରଣସ୍ୱରୂପ, ଉତ୍ତର ପୂର୍ବ ଅଞ୍ଚଳର ଅଫ୍ରିଦିମାନଙ୍କ ମଧ୍ୟରେ ଶ୍ରୁତିକଟୁ ପାଖ୍‌ତୁ ଭାଷାର ବ୍ୟବହାର ଥିବାର ଦେଖାଯାଏ, କିନ୍ତୁ ଦକ୍ଷିଣ-ପଶ୍ଚିମ ଅଞ୍ଚଳର ଖଟ୍ଟକ୍ ଜାତିର ଲୋକେ ଅପେକ୍ଷାକୃତ ଅଧିକ ସୁଖଶ୍ରାବ୍ୟ ପୁସ୍ତୁ ଭାଷା ବ୍ୟବହାର କରନ୍ତି । ଏ ସମ୍ବନ୍ଧରେ ଗୋଟିଏ ସୁପ୍ରଚଳିତ ପ୍ରବାଦ ଶୁଣାଯାଏ:—

"ଆରବୀ ଭାଷା ବିଜ୍ଞାନସମ୍ମତ, ପାର୍ସୀ ଶର୍କରାତୁଲ୍ୟ ମଧୁର, ହିନ୍ଦୁସ୍ଥାନୀ ଲବଣ ସମ ରୁଚିକର, କିନ୍ତୁ ପାଖ୍‌ତୁ ଭାଷା ସାକ୍ଷାତ୍ ଗର୍ଦ୍ଦଭର ଚିତ୍କାର ଅଟେ ।" ଏପରି ମଧ୍ୟ ଶୁଣା ଅଛି ଯେ ଟିଣଡବା ଭିତରେ ଗୋଡ଼ି ପୁରାଇ ଶବ୍ଦ କଲେ ତାହା ପାଖ୍‌ତୁ ଭାଷା ସହିତ ତୁଳନା କରାଯାଇ ପାରେ ।

ଏଥିରୁ ହୁଏତ କେହି କେହି ଅନୁମାନ କରୁଥିବେ ଯେ ପଠାଣମାନଙ୍କ ମଧ୍ୟରେ କୋମଳତାର ବା କବିତ୍ୱର ସ୍ଥାନ ନାହିଁ । କିନ୍ତୁ ପ୍ରକୃତରେ ତାହା ଠିକ୍ ନୁହେଁ । ପଠାଣ ଜାତି ସ୍ୱଭାବତଃ ସଙ୍ଗୀତପ୍ରିୟ ଏବଂ ସେମାନଙ୍କର ଲୋକ-ସାହିତ୍ୟ ସାଧାରଣତଃ ସଙ୍ଗୀତାକାରରେ ପ୍ରଚରିତ ଏବଂ ଆଦୃତ ହୋଇଥାଏ । ତରୁଣ ପଠାଣ ମେଷପାଳକର ସ୍ୱଭାବସୁଲଭ ସୁକଣ୍ଠରେ ଯେତେବେଳେ ପ୍ରାଣସ୍ପର୍ଶୀ ପ୍ରଣୟଗୀତର ସ୍ୱର ଲହରୀ ଉଚ୍ଛ୍ୱସିତ ହୋଇ ଉଠେ ସେତେବେଳେ ତାହା ପଥିକ ଶ୍ରବଣର ବିଶେଷ ପ୍ରୀତିଦାୟକ ହୋଇଥାଏ । ଖଟ୍ଟକ ଦଳପତି ଯୋଦ୍ଧା କୁଶାଲଖାଁଙ୍କ ରଚିତ ଗୀତଗୁଡ଼ିକରେ ପ୍ରଣୟ, ବୀରତ୍ୱ ଏବଂ ଦେଶପ୍ରୀତିର ଉପାଦାନ ପ୍ରଚୁର ପରିମାଣରେ ଦେଖିବାକୁ ମିଳେ ।

## ପଠାଣ-ଚରିତ୍ରର ବୈଶିଷ୍ଟ୍ୟ

ଯୁଦ୍ଧଲିପ୍ସା ଏବଂ ପରସ୍ପର ମଧ୍ୟରେ ସାମ୍ୟଭାବ ପଠାଣମାନଙ୍କର ପ୍ରଧାନ ଚରିତ୍ରଗତ ଲକ୍ଷଣ ଅଟେ । ସେମାନଙ୍କର "ଖାଁ" ଏବଂ "ମାଲିକ" ମାନେ ବହୁ ସମ୍ପଦ ଏବଂ ପ୍ରତିପତ୍ତିର ଅଧିକାରୀ ହୋଇଥିଲେ ହେଁ ଇସ୍‌ଲାମ୍ ଏବଂ ଜାତିର ଚକ୍ଷୁରେ ସମସ୍ତେ ସମାନ ବୋଲି ଗଣ୍ୟ ହୋଇଥାନ୍ତି । ପ୍ରତ୍ୟେକ ପଠାଣର ଦାବୀ ସମାନ ବୋଲି ବିବେଚିତ ହୁଏ । ପଠାଣମାନେ ନାନା ଉପଜାତି ଏବଂ ଦଳରେ ବିଭକ୍ତ ହୋଇ ରହିଥିବାରୁ ସବୁ କ୍ଷେତ୍ରରେ ସେମାନଙ୍କର ଆଚରଣ ଏକା ଭଳି ହେଉଥିବାର କ୍ୱଚିତ୍ ଦେଖାଯାଏ । କିନ୍ତୁ ମୋଟାମୋଟି ଭାବରେ ଏତିକି କହା ଯାଇପାରେ ଯେ ପଠାଣ ଜାତି ଏକ ସାହସୀ ଏବଂ ଧର୍ମଶାଳୀ ଜାତି । ଆଉ, ଯଦି ସେମାନଙ୍କୁ ଠିକ୍ ଭାବରେ 'ମନାଇ' ରଖାଯାଏ, ତେବେ ସେମାନେ ବିଶ୍ୱାସୀ ଏବଂ ନିୟମାନୁବର୍ତ୍ତୀ ହୋଇଥାନ୍ତି ।

କିନ୍ତୁ ପଠାଣ ଜାତି କଦାପି କ୍ଷତି, ଅପମାନ ବା ଅନ୍ୟାୟ ଆଚରଣ ଭୁଲି ଯାଏ ନାହିଁ । ସେମାନଙ୍କର ପ୍ରତିହିଂସା ବୃତ୍ତି ଥରେ କୌଣସି କାରଣରୁ ଜାଗରିତ ହେଲେ ସେମାନେ ଉପଯୁକ୍ତ ପ୍ରତିଶୋଧ ନ ନେଇ କଦାଚ ନିବୃତ୍ତ ହୁଅନ୍ତି ନାହିଁ ।

ପଠାଣମାନେ ସାଧାରଣତଃ କୃପଣ ପ୍ରକୃତି ହୋଇ ଥାଆନ୍ତି । ନିଜର ଏବଂ ପରିବାରବର୍ଗଙ୍କର ଖାଦ୍ୟ-ପରିଧେୟ ଲାଗି ସେମାନେ ଅତି ସାମାନ୍ୟ ମାତ୍ର ବ୍ୟୟ କରନ୍ତି । କେବଳ ଅତିଥି ସମ୍ବର୍ଦ୍ଧନା କରିବା ସମୟରେ ସେମାନଙ୍କୁ ମୁକ୍ତ ହସ୍ତରେ ବ୍ୟୟ କରୁ ଥିବାର ଦେଖାଯାଏ ।

ସେମାନଙ୍କର କୌତୁକବୋଧ ଶକ୍ତି ଅନ୍ୟାନ୍ୟ ଭାରତବାସୀଙ୍କ ତୁଳନାରେ ଅଧିକତର ପ୍ରଖର ଅଟେ । ପୁଣି, ସେମାନଙ୍କ ପ୍ରତି ନିଜର ସମତୁଲ୍ୟରୂପେ ବ୍ୟବହାର କଲେ ସୁଦ୍ଧା ସେମାନେ କଦାପି ସେହି ସୌଜନ୍ୟର ସୁଯୋଗ ଗ୍ରହଣ କରି ଅଯଥା ଆତ୍ମଗରିମାରେ ସ୍ଫୀତ ହୋଇ ଉଠନ୍ତି ନାହିଁ । ସେମାନଙ୍କର ସାହସ ଏବଂ ସରଳ



Digitized by srujanika@gmail.com

ସାମ୍ୟବୋଧ ସେମାନଙ୍କର ଜାତୀୟ ଚରିତ୍ରର ଦୁଇଟି ବିଶିଷ୍ଟ ଚିତ୍ତାକର୍ଷକ ଉପାଦାନ ଅଟେ ।

ଉପରେ ପଠାଣ-ଚରିତ୍ରର ଏପରି କେତେଗୁଡ଼ିଏ ଲକ୍ଷଣ ନିର୍ଦ୍ଦେଶ କରାଗଲା ଯାହା ଯୋଗୁଁ ସେମାନେ ସାଧାରଣତଃ ଅନ୍ୟ-ମାନଙ୍କର ପ୍ରୀତିପାତ୍ର ହୋଇଥାନ୍ତି । ମାତ୍ର ସେମାନଙ୍କ ଚରିତ୍ରରେ ଏପରି କେତେଗୁଡ଼ିଏ ଦୋଷ ଅଛି ଯାହା ଯୋଗୁଁ ଲୋକେ ସେମାନଙ୍କୁ ଘୃଣା ମଧ୍ୟ କରିଥାନ୍ତି । ଅବଶ୍ୟ, ପ୍ରତ୍ୟେକ ଜାତିର ଏପରି କେତେଗୁଡ଼ିଏ ସୁଗୁଣ ଏବଂ ଦୁର୍ଗୁଣ ଥାଏ ଯାହା ଫଳରେ ସେ ଜାତି ଯଥାକ୍ରମେ ପ୍ରଶଂସା ଓ ନିନ୍ଦା ଅର୍ଜନ କରିଥାଏ । ପଠାଣ ଜାତି ବା ସେ ନିୟମର ବ୍ୟତିକ୍ରମ ହେବ କାହିଁକି ?

ସଭ୍ୟ ଜଗତର ଦୃଷ୍ଟିରେ ପଠାଣମାନଙ୍କର ସବୁଠାରୁ ନିନ୍ଦନୀୟ ପ୍ରଥା ହେଉଛି "ରକ୍ତ-ପରିଶୋଧ" **(blood-feud)** । ଯାହାକୁ ସେମାନେ ଶତ୍ରୁ ବୋଲି ଜ୍ଞାନ କରନ୍ତି, ବଂଶାନୁକ୍ରମେ ତା ସହିତ ଶତ୍ରୁତା ସାଧନ କରି ଶତ୍ରୁର ସମୂଳୋଚ୍ଛେଦ କରିବାକୁ ସେମାନେ ଯତ୍ନ କରନ୍ତି । ଏଭଳି "ବ୍ଲଡ୍-ଫିଉଡ୍" ପରିବାର ପରିବାର ମଧ୍ୟରେ, ଗ୍ରାମ ଗ୍ରାମ ମଧ୍ୟରେ ଏବଂ ଦଳ ଦଳ ମଧ୍ୟରେ ବଂଶାନୁକ୍ରମେ ଚାଲି ଆସେ ।

ଭାରତରେ ପଠାଣମାନଙ୍କର ସବୁଠାରୁ ବଡ଼ ଦୁର୍ନାମ ଏହି ଯେ ସେମାନେ ଅତି ନିର୍ମମ କୁସୀଦଜୀବୀ ଅଟନ୍ତି । କାବୁଲୀବାଲାର ସୁଧର ହାର ଯେପରି ବେଶୀ, ଟଙ୍କା ଅସୁଲ କରିବା ବିଷୟରେ ତାର ତତ୍ପରତା ଏବଂ ଉତ୍ପୀଡ଼ନ ମଧ୍ୟ ସେତିକି କଠୋର । ଅଥଚ, କୋରାନ୍-ସରୀଫରେ ଟଙ୍କା କରଜ ଦେବା ଏବଂ ସୁଧ ନେବା ଏକା-ବେଳେକେ ନିଷିଦ୍ଧ ଅଟେ ।

"ଯେ ସୁଧରେ ଟଙ୍କା ଆତ୍ମସାତ୍ କରେ ସେ ମହା ବିଚାରର ସର୍ବ-ଶେଷ ଦିନରେ ଉତ୍ଥିତ ହେବ, କାରଣ ସୟତାନର ସ୍ପର୍ଶରେ ଆସି ଯେଉଁମାନଙ୍କର ଆତ୍ମା କଳୁଷିତ ହୋଇଅଛି ସେ ସେମାନଙ୍କର ସମଶ୍ରେଣୀୟ ଅଟେ ।"

ପୁଣି, ହାଦିସ୍‌ରେ ଲେଖାଅଛି ଯେ ସ୍ୱୟଂ ମହମ୍ମଦ ଏ ସମ୍ବନ୍ଧରେ କହି ଯାଇଅଛନ୍ତି—"ଯେ ସୁଧ ନିଏ, ଯେ ସୁଧ ଦିଏ, ଯେ ସୁଧର ହିସାବ ଲେଖେ, ଯେ ଏ ସମ୍ପର୍କରେ ସାକ୍ଷୀ ହୁଏ, ସେମାନେ ସମସ୍ତେ ଅଭିଶପ୍ତ ହେବେ, କାରଣ ସେମାନେ ସମସ୍ତେ ସମାନ ଭାବରେ ପାପର ଭାଗୀ ଅଟନ୍ତି ।"

କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ଯେଉଁ ପଠାଣ ଜାତି କୁଖ୍ୟାତ ସୁଧଖୋର ବୋଲି ଏ ଦେଶରେ ଏତେ ଦୁର୍ନାମ ଅର୍ଜନ କରିଅଛନ୍ତି, ସେମାନେ ନିଜ ଦେଶରେ ଆଦୌ ସୁଧର କାରବାର କରନ୍ତି ନାହିଁ । ସେ ସବୁ ଅଞ୍ଚଳରେ ହିନ୍ଦୁ "ବଣିଆ" ମାନେ ହିଁ ଟଙ୍କା କରଜ ଦେବାର କାରବାର ଚଳାନ୍ତି, ଏବଂ ସେ ଅଞ୍ଚଳର ଅଧିବାସୀମାନେ ଏହି "ବଣିଆ" ମାନଙ୍କୁ ଅତିଶୟ ଘୃଣା ଚକ୍ଷୁରେ ଦେଖିଥାନ୍ତି । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରୁ ବାହାରକୁ ଆସିଲେ ଆମ୍ଭେମାନେ ପଠାଣ "ମହାଜନ"ମାନ ଦେଖିବାକୁ ପାଉଁ । ଏହିସବୁ "ମହାଜନ" ସାଧାରଣତଃ ବେଲୁଚିସ୍ଥାନ ଅଞ୍ଚଳର ପଠାଣ ଅଟନ୍ତି ।

ପଠାଣ ଜାତିର ଲୋକେ ଯେ ସ୍ୱଭାବତଃ କୁଖ୍ୟାତ ସୁଧଖୋର, ଭାରତର ଭିନ୍ନ ଭିନ୍ନ ଅଞ୍ଚଳର ଅଧିବାସୀମାନଙ୍କ ମନରେ ଏଭଳି ଧାରଣା ବଦ୍ଧମୂଳ ହେବା ସକାଶେ ଏହି ବେଲୁଚି ପଠାଣମାନଙ୍କର ଦୁର୍ନିବାର ଅର୍ଥଗୃଧ୍ନୁତା ହିଁ ପ୍ରକୃତରେ ଦାୟୀ ଅଟେ ।

## ବଡ଼ଦିନେ

**ଶ୍ରୀ କ୍ଷିତୀଶ ଚନ୍ଦ୍ର ଦେ**

ଦ୍ୱିସହସ୍ର ବର୍ଷ ପରେ,    ଆଜି ଏହି ଜନ୍ମଦିନେ ତବ,
ଭାବେ ବସି ହେ ମହର୍ଷେ,    କ୍ଷୁବ୍ଧଚିତ୍ତେ ଅଶାନ୍ତ ଅନ୍ତରେ,
ତୁମ୍ଭ ଧର୍ମଶିକ୍ଷା ବୋଲି    ଯେଉଁମାନେ କରନ୍ତି ଗରବ,
ପାଳନ୍ତି କିପରି ତବ    ଶାନ୍ତିଗୀତ ଅକ୍ଷରେ ଅକ୍ଷରେ !

ଗୃହେ ଗୃହେ ଘରେ ଘରେ    ଉଠୁଥିବ ବନ୍ଦନା ତୁମ୍ଭର,
ମନ୍ଦିରେ ମନ୍ଦିରେ ଆଜି    ହେଉଥିବ ଶୁଭ ଘଣ୍ଟାଧ୍ୱନି,

ଲାଗିଥିବ ତେଣେ କିନ୍ତୁ    ଆୟୋଜନ ଦୁଃଖୀପୀଡ଼ନର,
ଆସନ ପଛାଡେ ତବ    ବସିଥିବ ହିଂସା ପ୍ରଦର୍ଶନୀ !
ମନ୍ଦିର-ଠାକୁର ତୁମ୍ଭେ,    କିନ୍ତୁ ତାର ପ୍ରାଣର ଦେବତା.
ତୁମ୍ଭ ବାଣୀ ପ୍ରାଣରେ ସେ,    ମାନେ ନାହିଁ ଆପଣା ଅନ୍ତରେ;
ତେଣୁ, ଏତେ ନିର୍ଯ୍ୟାତନ,    ଏତେ ଦମ୍ଭ, ଏତେ ନିଷ୍ଠୁରତା,
ପ୍ରୀତିର ଆଶ୍ଳେଷ ମଧ୍ୟେ    ଗୁମ୍ଫି ହୁଏ ବାଜର ବକ୍ଷରେ !

ତେଣୁ ଭାବେ ନରୋତ୍ତମ,    ସ୍ୱର୍ଗଲୋକେ ବସି ଆଜି ତୁମେ,
କି ଭାବେ ଥିବଟି ଚାହିଁ    ହିଂସାମତ୍ତ ଦୁର ମର୍ତ୍ତ୍ୟଭୂମେ !



Digitized by srujanika@gmail.com

# ପଲ୍ଲୀରେ ଆଦର୍ଶ, ସରଳ ଓ ଶସ୍ତା-ସାହିତ୍ୟ ପ୍ରଚାରର ଆବଶ୍ୟକତା ଓ ପ୍ରଣାଳୀ *

ଡାକ୍ତର ଶ୍ରୀ ରାଧାଚରଣ ପଣ୍ଡା

ସଭ୍ୟତାର ଏକ ମାପକାଠି ସାହିତ୍ୟ । ଯେଉଁ ଦେଶରେ ଯେତେ ଉଚ୍ଚ ଧରଣର ସାହିତ୍ୟ ପ୍ରକାଶିତ ହୁଏ ସେଇ ଦେଶ ସେତେ "ସଭ୍ୟ" ବୋଲି ଧରାଯାଏ । ସଭ୍ୟ ଦେଶରେ ସବୁ ପ୍ରକାର ଲୋକମତ, ଶିକ୍ଷା, ସଭ୍ୟତା, ଜନରଞ୍ଜନ, ଯୁଦ୍ଧବିଗ୍ରହ ଓ ରାଜନୀତି ପ୍ରଭୃତି ବିଷୟ କେବଳ ସାହିତ୍ୟ ଜରିଆରେ ପ୍ରକାଶିତ ହୁଏ । କବି, ପଣ୍ଡିତ ଓ ଲେଖକମାନେ ଦେଶକାଳ ବିବେଚନାରେ ଏବଂ ଲୋକମାନଙ୍କର ରୁଚି ଅନୁସାରେ ଦେଶର ସମସ୍ତ ଘଟଣା ସାହିତ୍ୟାକାରରେ ପ୍ରକାଶ କରନ୍ତି । ଏପରି କଥିତ ଅଛି ଯେ, ଜଣେ ଜଣେ ଲେଖକଙ୍କର ଲେଖା ଗ୍ରନ୍ଥଗୁଡ଼ିକ ପାଠ କରି ଦେଶର ସାଧାରଣ ଲୋକେ ନୂତନ ସ୍ପନ୍ଦନ ଓ ନୂତନ ଉତ୍ସାହ ପାନ୍ତି—ସମୟରେ ବିପ୍ଳବୀ ମଧ୍ୟ ହୁଅନ୍ତି । ଯୁଦ୍ଧ ଭୂମିର ଯୋଦ୍ଧାମାନଙ୍କ ଅପେକ୍ଷା ସାହିତ୍ୟିକମାନଙ୍କ ଜରିଆରେ ଗୋଟିଏ ଗୋଟିଏ ଦେଶରେ ଉନ୍ମୂଳ ବିପ୍ଳବାତ୍ମକ ବହ୍ନି ଜଳି ଉଠୁଥିବାର ମଧ୍ୟ ଦେଖାଯାଏ । ପ୍ରାଚୀନ ଇଟାଲି, ରୁଷିଆ ଓ ଚୀନ ପ୍ରଭୃତି ସ୍ୱାଧୀନ ଦେଶରେ ସେଠାର ସାହିତ୍ୟିକମାନେ ଯେଉଁ ଆଦର୍ଶ ଗ୍ରନ୍ଥମାନ ଲେଖିଥିଲେ ସେ ଗୁଡ଼ିକ ଯୁଦ୍ଧଭୂମିର ତୋପ ବନ୍ଧୁକଠାରୁ ଅଧିକ ବିପ୍ଳବ ସୃଷ୍ଟି କରିଥିବାର ମଧ୍ୟ ବର୍ଣ୍ଣିତ ଅଛି ।

## ଆଦର୍ଶ ସାହିତ୍ୟ କଣ ?

'ସାହିତ୍ୟ' କହିଲେ କେବଳ ଟେପୁରୁଷା ପାଠ ନୁହେଁ । ଯେଉଁ ଗ୍ରନ୍ଥ ପଢ଼ିଲେ ଆମ୍ଭେମାନେ ପ୍ରକୃତ "ଜ୍ଞାନ" ଲାଭ କରୁଁ, ଯେଉଁ ଗ୍ରନ୍ଥରେ ଆମ୍ଭମାନଙ୍କର ନୈତିକ, ସାମାଜିକ, ଆର୍ଥିକ ଓ ଅନ୍ୟାନ୍ୟ ଦିଗରେ ବିଶେଷ ଉନ୍ନତି କରିବା ପାଇଁ ଆମ୍ଭେମାନେ ନୂତନ ଆଦର୍ଶ ଓ ନୂତନ ସ୍ପୃହା ପାଉଁ ତାହାକୁ ହିଁ "ଆଦର୍ଶ ସାହିତ୍ୟ" କହାଯାଏ । ଜଣେ ମହାପୁରୁଷଙ୍କର ଜୀବନୀ ପାଠ କଲେ ଆମ୍ଭେମାନେ ସେଇ ଆଦର୍ଶରେ ନିଜର ଜୀବନ ଗଢ଼ିବା ପାଇଁ ଇଚ୍ଛା କରୁଁ, ଖଣ୍ଡିଏ "କୃଷିଶାସ୍ତ୍ର" ପଢ଼ିଲେ ଆମ୍ଭେମାନେ ଆଦର୍ଶ କୃଷି କରିବା ପାଇଁ ସୁବିଧା ପାଉଁ ଏବଂ ବିବିଧ ବିଷୟ ନେଇ ବୈଜ୍ଞାନିକ ପ୍ରଣାଳୀରେ ଲେଖା ଯାଇଥିବା ପୁସ୍ତକଗୁଡ଼ିକୁ ପାଠ କଲେ ଆମ୍ଭମାନଙ୍କର ମସ୍ତିଷ୍କରେ ଅତି ଉନ୍ନତ ଧରଣର ସ୍ପନ୍ଦନ ବା ସ୍ପୃହା ଜାତ ହୁଏ । ସେଇ ଉତ୍ସାହ ବଳରେ ଅନେକ ନୂତନ ନୂତନ ବିଜ୍ଞାନସମ୍ମତ କାର୍ଯ୍ୟ କରି ନିଜର ଆର୍ଥିକ ଉନ୍ନତି କରିପାରୁଁ—ଏ ଶ୍ରେଣୀର ସମସ୍ତ ସାହିତ୍ୟକୁ ହିଁ "ଆଦର୍ଶ ସାହିତ୍ୟ" କହାଯାଏ । କାଳ୍ପନିକ ଗଳ୍ପ-ସାହିତ୍ୟ **(Fiction)**, ଉପନ୍ୟାସ, କବିତା ଓ କାବ୍ୟ ମଧ୍ୟ ଦେଶକାଳପାତ୍ର ବିବେଚନାରେ ଆଦର୍ଶ ସାହିତ୍ୟର ସ୍ଥାନ ଅଧିକାର କରିଥାଏ । କାଳିଦାସ, ଭଞ୍ଜ ଓ କବିସୂର୍ଯ୍ୟ ପ୍ରଭୃତି ସାହିତ୍ୟରଥୀମାନଙ୍କର ଲେଖା ପଢ଼ିଲେ କୌଣସି ଅର୍ଥ ଉପାର୍ଜନ ହୁଏ ନାହିଁ ସତ୍ୟ, କିନ୍ତୁ ସେଗୁଡ଼ିକୁ ପାଠ କଲେ ମନରେ ଏକ ଅଭୂତପୂର୍ବ ଆନନ୍ଦ ଜାତ ହୁଏ; ତଦ୍ଦ୍ୱାରା ପାଠକବୃନ୍ଦ ବିଶେଷ ସୁଖ ମଧ୍ୟ ଅନୁଭବ କରନ୍ତି । ଏଇ କାରଣରୁ ଏ ଧରଣର ସାହିତ୍ୟକୁ ମଧ୍ୟ ଆଦର୍ଶ ସାହିତ୍ୟ କହାଯାଏ ।

## ସରଳ ସାହିତ୍ୟ

ଅକ୍ଷର ପରିଚୟ ପାଇଥିବା ଲୋକମାନେ ମଧ୍ୟ ଯେଉଁ ଗ୍ରନ୍ଥକୁ ସହଜରେ ପଢ଼ି ତହିଁର ଅର୍ଥ ହୃଦ୍‌ବୋଧ କରିପାରନ୍ତି ଏବଂ ତଦ୍ଦ୍ୱାରା ନିଜର ସମସ୍ତ ପ୍ରକାର ଉନ୍ନତି କରିବା ପାଇଁ ଉତ୍ସାହ ବା ସ୍ପନ୍ଦନ ପାନ୍ତି ସେପରି ସାହିତ୍ୟକୁ "ସରଳ-ସାହିତ୍ୟ" କହାଯାଏ । ଏମନ୍ତ ସାହିତ୍ୟଦ୍ୱାରା ଦେଶର ଆବାଳବୃଦ୍ଧବନିତା "ଅଶିକ୍ଷିତ" ଦୋଷରୁ ମୁକ୍ତି ପାନ୍ତି । ଆଜିକାଲି ଆମ ଦେଶରେ ପ୍ରତି ବର୍ଷ ହଜାର ହଜାର ଅତି ଛୋଟିଆ ଗୀତ, ଢଗଢମାଳି, ସଙ୍ଗୀତ, ସୁଆଙ୍ଗ ଓ ଫାର୍ସ ପୁସ୍ତକ ଛପା ହୁଏ । ଏ ଗୁଡ଼ିକର ଭାଷା ଏତେ ସରଳ ବା ଲଳିତ ଥାଏ ଯେ ଏ ଗୁଡ଼ିକୁ ଦେଶର ସାଧାରଣ ମୂଲିଆ, ହାଟୁଆ, ବାଟୋଇ, ଦୋକାନୀ, ବଜାରୀ ଓ ଗୋରୁଚରା ପିଲାମାନେ ମଧ୍ୟ ସହଜରେ ପଢ଼ନ୍ତି ଓ ସେ ଗୁଡ଼ିକର ପୁନରାବୃତ୍ତି କରନ୍ତି । ତଥାପି ଏ ଗୁଡ଼ିକ ଯେଉଁ ରୁଚିପୂର୍ଣ୍ଣ ଓ କୁତ୍ସିତ ଭାଷାରେ ଲେଖାଯାଇ ଥାଏ ସେ ଦୃଷ୍ଟିରେ ଏ ଶ୍ରେଣୀ ପୁସ୍ତକଗୁଡ଼ିକୁ 'ସରଳ-ସାହିତ୍ୟ' ନ କହି "ବିଦ୍ରୂପ ବଜାରିଆ ପୁସ୍ତକ" କହିଲେ ଭଲ ହେବ । ଯେଉଁ ଲେଖକମାନେ ଏ ଶ୍ରେଣୀ ପୁସ୍ତକ ଲେଖନ୍ତି ଏବଂ ଯେଉଁ ମୁଦ୍ରାଯନ୍ତ୍ର ଚାଳକମାନେ ଏ ଗୁଡ଼ିକୁ ଛାପି ପ୍ରକାଶ କରନ୍ତି ସେମାନେ ବ୍ୟକ୍ତିଗତ ଭାବରେ ଏ ଶ୍ରେଣୀ ପୁସ୍ତକ ବିକ୍ରିରୁ ଯେତେ ଲାଭବାନ ହୁଅନ୍ତୁ ନା କାହିଁକି ଏମାନଙ୍କ ଯୋଗୁଁ ଏ ଦେଶରେ ଦିନୁଦିନ ଅତି କୁତ୍ସିତ ସାହିତ୍ୟ ପ୍ରଚଳିତ ହେଉଅଛି ଏବଂ ପଲ୍ଲୀର ନିରୀହ ଲୋକେ ଏ ଗୁଡ଼ିକୁ ହିଁ ଆଦର୍ଶ ସାହିତ୍ୟ ମନେ କରି ନିଜର ଅର୍ଥ ଓ ମନ ଅଯଥା ଖର୍ଚ୍ଚ କରନ୍ତି । ଦେଶର ନିଭୃତ ପଲ୍ଲୀରେ ଏ ଶ୍ରେଣୀ ପୁସ୍ତକଗୁଡ଼ିକ କି ଅନିଷ୍ଟ କରୁଛି ଓ ଏଗୁଡ଼ିକୁ କିପରି ବନ୍ଦ କରି ହେବ ସେ ଦିଗରେ ଦେଶର ସାହିତ୍ୟରଥୀମାନେ ବିଶେଷ ଯତ୍ନ ନେବା ଦରକାର ମନେକରୁଁ ।

ଏଇ ଯୁଗକୁ "ବିଜ୍ଞାନ-ଯୁଗ" କହାଯାଏ । ଦେଶର ସାଧାରଣ ଲୋକମାନଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରଣାଳୀରେ ଶିକ୍ଷା ପ୍ରଚାର କରିବା

* ମୋର ଅପ୍ରକାଶିତ 'ପଲ୍ଲୀପ୍ରସଙ୍ଗ'ରୁ ଏକ ଅଧ୍ୟାୟ—ଲେଖକ



Digitized by srujanika@gmail.com

ଯୋଗୁଁ ଆଜିକାଲି ଆମେରିକା, ୟୁରୋପ ଓ ଜାପାନ ପ୍ରଭୃତି ଦେଶର ଲୋକମାନେ ଅତି ଅଦ୍ଭୁତ ଓ ଆଶ୍ଚର୍ଯ୍ୟଜନକ କାର୍ଯ୍ୟମାନ ଅତି ଅଳ୍ପ ପରିଶ୍ରମ ଓ ଅଳ୍ପ ପଇସା ଖର୍ଚ୍ଚରେ କରି ପାରୁଛନ୍ତି ଏବଂ ନିଜର ଜିନିଷଗୁଡ଼ିକୁ ଦେଶ ବିଦେଶରେ ବିକି କରି ବିଶେଷ ଲାଭବାନ ହୁଅନ୍ତି । ବୈଜ୍ଞାନିକ ପ୍ରଣାଳୀରେ ତିଆରି କରୁଥିବା ବିବିଧ ଖାଦ୍ୟ ପଦାର୍ଥ, ପୋଷାକପତ୍ର ଓ ଦୈନିକ ଆବଶ୍ୟକୀୟ ସମସ୍ତ ପ୍ରକାର ଜିନିଷ ସେ ଦେଶବାସୀ ଏତେ ଶସ୍ତାରେ ତିଆରି କରନ୍ତି ଯେ ଆମ ଦେଶର ନିତାନ୍ତ ପଲ୍ଲୀରେ ମଧ୍ୟ ସେ ଗୁଡ଼ିକୁ ଅତି ଶସ୍ତାରେ ବିକି କରିବାକୁ ସୁବିଧା ପାଆନ୍ତି । ଆମ ଦେଶରେ କିନ୍ତୁ ଏ ଧରଣର ଶିକ୍ଷା ନାହିଁ କି ଏ ଧରଣର ସାହିତ୍ୟ ପ୍ରଚାର ମଧ୍ୟ ନାହିଁ । ସ୍କୁଲ କଲେଜରେ ଛାତ୍ରମାନଙ୍କୁ ଯେଉଁ ଶିକ୍ଷା ଦିଆଯାଏ ତଦ୍ଵାରା କୌଣସି ବୈଜ୍ଞାନିକ ଜ୍ଞାନଲାଭ କରିବା ଦୂରେ ଥାଉ, ଆମ ଦେଶର ଛାତ୍ରମାନେ କେବଳ ଚାକିରୀଗତପ୍ରାଣ ହୁଅନ୍ତି ସିନା ? ସ୍କୁଲରେ ପଢ଼ା ଯାଉଥିବା ପୁସ୍ତକଗୁଡ଼ିକୁ ଘୋଷି ଘୋଷି ଯଥାତଥା ପରୀକ୍ଷାଟି ପାସ୍ କରିବା ଓ ପରେ ପାସ୍ ସାର୍ଟିଫିକେଟ୍ ଖଣ୍ଡେ ଧରି ଚାକିରୀ ପାଇଁ ଦ୍ଵାର ଦ୍ଵାର ଶୁଖି ପିଣ୍ଡା ହୋଇ ବୁଲିବା ନୀତି ଆଜିକାଲି ଆମ ଦେଶର ସ୍କୁଲ ଶିକ୍ଷାଦ୍ଵାରା ଲାଭ ହୁଏ । ଏହିକ୍ଷଣି ଉତ୍କଳରେ ନିମ୍ନ କେତେକ ବିଷୟ ନେଇ ଆଦର୍ଶ ଓ ସରଳ-ସାହିତ୍ୟ ଲେଖା ଯାଇପାରେ:—

କୃଷି, ଶିଳ୍ପ, ସ୍ଥାପତ୍ୟ (ଇଞ୍ଜିନିୟରିଂ), ବ୍ୟବସାୟ, ନୌବାଣିଜ୍ୟ, ବିବିଧ କୁଟୀର-ଶିଳ୍ପ, ସ୍ଵାସ୍ଥ୍ୟ, ଚିକିତ୍ସା, ଇତିହାସ, ପ୍ରତ୍ନତତ୍ତ୍ଵ, ରାଜନୀତି, ଅର୍ଥନୀତି ଓ ସମାଜନୀତି ପ୍ରଭୃତି । ମାତୃଭାଷାରେ ଏ ସବୁ ବିଷୟ ନେଇ ସରଳ ପୁସ୍ତକ ଲେଖି ପ୍ରକାଶ କରିବା ପାଇଁ ଉତ୍କଳରେ ଯଥେଷ୍ଟ କ୍ଷେତ୍ର ପଡ଼ିଛି । ଯେଉଁ ଲେଖକ ଓ ପ୍ରକାଶକମାନେ ନିତାନ୍ତ କଦର୍ଯ୍ୟ ଓ ଅନିଷ୍ଟକର ବଜାରିଆ ପୁସ୍ତକ ଲେଖି ନିଜର ଧନ ଓ ମନ ଅନର୍ଥକ ଖର୍ଚ୍ଚ କରନ୍ତି ସେମାନେ ଉପର ବିଷୟଗୁଡ଼ିକ ନେଇ ଅତି ସରଳ ଓ ଆଦର୍ଶ ଗ୍ରନ୍ଥମାନ ଲେଖି ଦେଶବାସୀଙ୍କ ମଧ୍ୟରେ ଅତି ଶସ୍ତାରେ ବିକି କରିବା ଉଚିତ ନୁହେଁ କି ?

## ଦେଶୀ ଭାଷାରେ ସରଳ-ସାହିତ୍ୟ ପ୍ରଚାର

ପାଠକ-ପାଠିକାମାନଙ୍କୁ ଜଣାଥିବ ଯେ ଚୀନ, ଜାପାନ ଓ ଜର୍ମାନୀ ପ୍ରଭୃତି ରାଜ୍ୟରେ ସେଠା ସ୍କୁଲ କଲେଜର ପିଲାମାନେ କେବଳ ନିଜ ମାତୃଭାଷାରେ ସମସ୍ତ ପ୍ରକାର ବୈଜ୍ଞାନିକ ଶିକ୍ଷା ପାଆନ୍ତି । ଆମ ଭାରତର ଛାତ୍ରମାନେ ଯେପରି ନିଜର ମାତୃଭାଷା ଛାଡ଼ି କେବଳ ଇଂରାଜୀ ଭାଷାରେ କୃଷି, ଶିଳ୍ପ, ବାଣିଜ୍ୟ ଓ ଚିକିତ୍ସା ପ୍ରଭୃତି ଶାସ୍ତ୍ର ଅଧ୍ୟୟନ କରନ୍ତି, ସେପରି ପୃଥିବୀର ଅନ୍ୟ କୌଣସି ଦେଶରେ ଦେଖାଯାଏ ନାହିଁ । ପ୍ରତ୍ୟେକ ସ୍ଵାଧୀନ ରାଜ୍ୟ ନିଜ ମାତୃଭାଷାରେ ଏହି ଶିକ୍ଷା ଦେଉଥିବାରୁ ସେଠା ଛାତ୍ରମାନେ ଅତି ଅଳ୍ପ ସମୟରେ ସେଇ ସେଇ ବିଷୟରେ ବିଶେଷଜ୍ଞ ହୁଅନ୍ତି । କିନ୍ତୁ, ପରାଧୀନ ଭାରତର ଛାତ୍ରମାନେ ପ୍ରଥମେ ୨୦-୨୫ ବର୍ଷ ଯାଏ ଇଂରାଜୀ ଭାଷା ଶିକ୍ଷାକରି ତା'ପରେ ସେଇ ଭାଷା ଜରିଆରେ ବିଭିନ୍ନ ବିଜ୍ଞାନ ଶିକ୍ଷା କରନ୍ତି । ଏହି କାରଣରୁ ଏ ଦେଶରେ ବୈଜ୍ଞାନିକ ପ୍ରଣାଳୀରେ ମାତୃଭାଷା ଆଦୌ ପ୍ରସାର ଲାଭ କରି ନାହିଁ । ସୁଖର ବିଷୟ ଏ କେତେ ବର୍ଷ ହେଲା ଭାରତର କେତୋଟି ବିଶ୍ଵବିଦ୍ୟାଳୟ ମାତୃଭାଷା ବା ଦେଶୀ ଭାଷାରେ ସ୍କୁଲ ପିଲାଙ୍କୁ ବିଭିନ୍ନ ବିଷୟରେ ଇତିହାସ, ଭୂଗୋଳ ଓ ଅଙ୍କ ପ୍ରଭୃତି ଶିକ୍ଷା ଦେବାପାଇଁ ମନସ୍ଥ କରିଛନ୍ତି । ଏ ଦିଗରେ ହାଇଦରାବାଦର ଓସମାନିଆ ବିଶ୍ଵବିଦ୍ୟାଳୟ ଓ ବେନାରସର ହିନ୍ଦୁ ବିଶ୍ଵବିଦ୍ୟାଳୟ ଆଦର୍ଶ ଦେଖାଇଛନ୍ତି । ଦେଶୀ ଭାଷାରେ ପିଲାଙ୍କୁ ବୈଜ୍ଞାନିକ ଶିକ୍ଷା ଦେବାଦ୍ଵାରା ଅନେକ ଦିଗରୁ ଲାଭ ହୁଏ । ପ୍ରଥମ—ନିଜ ମାତୃଭାଷାରେ ପଢ଼ିବା ପାଇଁ ଛାତ୍ରମାନେ ବିଶେଷ ଆଗ୍ରହ ଦେଖାଇବେ, ଦ୍ଵିତୀୟ—ସବୁ ବୈଜ୍ଞାନିକ ଶିକ୍ଷା ସହଜରେ ବୁଝି ପାରିବେ, ତୃତୀୟ—ଅତି ଅଳ୍ପ ସମୟରେ ଅନେକ ବିଷୟ ପଢ଼ି ହେବ । ଏହିକ୍ଷଣି ୨୦-୨୨ ବର୍ଷ ଯାଏ ଇଂରାଜୀ ପଢ଼ି ତା'ପରେ ଡାକ୍ତରୀ କିମ୍ବା କୃଷି ପ୍ରଭୃତି ଶିକ୍ଷା କରିବା ପାଇଁ ଯେତେ ସମୟ ନଷ୍ଟ ହୁଏ ମାତୃଭାଷାରେ ସେଇ ସେଇ ଶିକ୍ଷା ଲାଭ କଲେ ଏତେ ସମୟ ନଷ୍ଟ ହେବ ନାହିଁ ।

କେତେଜଣ ଦୁର୍ବଳ ସମାଲୋଚକ ଦେଶୀ ଭାଷାରେ ବୈଜ୍ଞାନିକ ଭାଷାର ଅନୁବାଦ ବା ପୁସ୍ତକ ଲେଖିବା ସହଜ ନୁହେଁ ବୋଲି କହି ମାତୃଭାଷା ଜରିଆରେ ସ୍କୁଲ ପିଲାଙ୍କୁ ଶିକ୍ଷା ଦେବା ବିରୁଦ୍ଧରେ ମତ ଦିଅନ୍ତି । କିନ୍ତୁ ସେମାନଙ୍କର ଏ ଅଯଥା ଯୁକ୍ତି ଆଦୌ କ୍ଷମା ଯୋଗ୍ୟ ନୁହେଁ । ଜାପାନ ଓ ଜର୍ମାନୀ ଭାଷାରେ ଯେଉଁ ବିଷୟଗୁଡ଼ିକ ସହଜରେ ଲେଖା ହୋଇ ପାରିଛି ସେଗୁଡ଼ିକ କଣ ଭାରତୀୟ ଭାଷାରେ ଲେଖା ହେବା ଅସମ୍ଭବ ? ଏହି ଦୁଇ ଶତ ବର୍ଷ ହେଲା ଇଂରାଜମାନେ ଭାରତରେ ନିଜ ଇଚ୍ଛାରେ ସ୍କୁଲ କଲେଜ ସ୍ଥାପନ କରି ଆମ୍ଭମାନଙ୍କୁ ସେମାନଙ୍କର ଭାଷା ପଢ଼ିବାକୁ ବାଧ୍ୟ କରାଇଛନ୍ତି । କିନ୍ତୁ ଇଂରାଜ ରାଜୁତିର ବହୁ ଶତ ସହସ୍ର ବର୍ଷ ଆଗରୁ ତ ଭାରତରେ ତକ୍ଷଶିଳା ନାଳନ୍ଦା ଓ ପୁଷ୍ପଗିରି ପ୍ରଭୃତି ଜଗତ୍ ବିଖ୍ୟାତ ବିଦ୍ୟାଳୟ ଥିଲା ଓ ସେଠାରେ କେବଳ ଦେଶୀ ଭାଷାରେ କୃଷି, ଶିଳ୍ପ, ବାଣିଜ୍ୟ ଜ୍ୟୋତିଷ ଓ ଆୟୁର୍ବେଦ ପ୍ରଭୃତି ଶିକ୍ଷା ଦିଆ ଯାଉଥିଲା ? ବର୍ତ୍ତମାନ ମଧ୍ୟ ଆମ୍ଭ ଦେଶର ନେତା ଓ ଶାସକମାନେ ସେଇ ମାତୃଭାଷାର ପୁନରୁଦ୍ଧାର କରିବାପାଇଁ ଯତ୍ନ କଲେ କଣ ସେ ଯୁଗ ଫେରିବା ଅସମ୍ଭବ ହେବ ? ଦେଶର ଶିକ୍ଷିତମାନେ ବିଶେଷତଃ ଲେଖକ-ମାନେ ଇଚ୍ଛା କଲେ ଅତି ଅଳ୍ପ ସମୟରେ ପ୍ରତ୍ୟେକ ବିଷୟ ନେଇ ନିଜ ମାତୃଭାଷାରେ ଅତି ସରଳ ଓ ଆଦର୍ଶ ପୁସ୍ତକମାନ ଲେଖି ପାରନ୍ତି । ବର୍ତ୍ତମାନ ହିନ୍ଦୁ ବିଶ୍ଵବିଦ୍ୟାଳୟ "ହିନ୍ଦୀ" ଭାଷାରେ ସବୁ ପ୍ରକାର ପୁସ୍ତକ ଲେଖିବା ପାଇଁ ଉଦ୍ୟମ କରୁଛନ୍ତି ।

## ଶସ୍ତା ସାହିତ୍ୟ

ଦେଶରେ ମୁଦ୍ରାଯନ୍ତ୍ରର ସଂଖ୍ୟା ଯେତେ ବେଶି ହେଉଛି ଛପା ପୁସ୍ତକର ପ୍ରସାର ମଧ୍ୟ ସେତେ ବଢ଼ୁଛି । ଗତ ୧୦-୧୫ ବର୍ଷ

ହେଲା ଦେଶର ବଡ଼ ବଡ଼ ସହରରେଥିବା ମୁଦ୍ରାଯନ୍ତ୍ରଗୁଡ଼ିକ ବୈଦ୍ୟୁତିକ ଶକ୍ତି ସାହାଯ୍ୟରେ ଚାଳିତ ହେଉଥିବାରୁ ଏଠାର ଛପା କାର୍ଯ୍ୟ ମଧ୍ୟ ଅଦ୍ଭୁତ ବୃଦ୍ଧି ହେଉଛି । ଲୋକଶକ୍ତିଦ୍ୱାରା ଯେଉଁ କାର୍ଯ୍ୟ ଦୁଇ ଚାରି ଦିନରେ ହେଉଥିଲା ସେହି କାର୍ଯ୍ୟ ବୈଦ୍ୟୁତିକ ଶକ୍ତିଦ୍ୱାରା ଦୁଇ ଚାରି ମିନିଟରେ କରି ହେଉଛି । ଏଣୁ ମୁଦ୍ରାଯନ୍ତ୍ରର କାର୍ଯ୍ୟକାରୀ ଶକ୍ତି ଦିନକୁଦିନ ବୃଦ୍ଧି ଲାଭ କରୁଛି । ମୁଦ୍ରାଯନ୍ତ୍ରର କାର୍ଯ୍ୟକାରୀ ଶକ୍ତି ବୃଦ୍ଧି ସଙ୍ଗେ ସଙ୍ଗେ ଦେଶର ସାହିତ୍ୟ ପ୍ରଚାର ଅତି ଶସ୍ତା ହେବା କଥା । ଅବଶ୍ୟ ଆଜିକାଲି ଆମ ଦେଶରେ ପଇସିକିଆ ଦୈନିକ ଖବର କାଗଜ, ପଇସିକିଆ ଗୀତ, ସୁଆଙ୍ଗ ଓ ବଜାରବୋଲି ପୁସ୍ତକ ବିକ୍ରି ହୁଏ । କିନ୍ତୁ ପ୍ରକୃତ ଆଦର୍ଶ ସାହିତ୍ୟର କୌଣସି ପରିବର୍ତ୍ତନ ହୋଇଥିବାର ଜଣାଯାଏ ନାହିଁ । ୫ । ୧୦ ବର୍ଷ ତଳେ ଗୋଟିଏ 'ଫର୍ମା' ପୁସ୍ତକ ଛପିବା ପାଇଁ ଆମ ଦେଶର ପ୍ରେସ୍-ବାଲା ଯେତେ ଖର୍ଚ୍ଚ ନେଉଥିଲେ, ଆଜି ଏତେ ସୁବିଧା ସତ୍ତ୍ୱେ ମଧ୍ୟ ଠିକ୍ ତାହାହିଁ ନିଅନ୍ତି । ପ୍ରେସ୍‌ବାଲାଙ୍କ ପରି ପୁସ୍ତକ ବିକ୍ରେତାମାନେ ମଧ୍ୟ ଠିକ୍ ସେହି ପୁରୁଣା ରୀତି ଧରିଛନ୍ତି । ୩ । ୪ ଫର୍ମାର ଖଣ୍ଡିଏ ପୁସ୍ତକର ଦାମ ୫ । ୧୦ ବର୍ଷ ତଳେ ଯାହା ଥିଲା ଆଜି ମଧ୍ୟ ତାହାହିଁ ହୋଇଛି । ଛପା ଖର୍ଚ୍ଚ, ଲେଖକଙ୍କର ପାରିଶ୍ରମିକ ଓ ବିକ୍ରେତାର କମିସନ୍ ବାଦ୍ ମଧ୍ୟ ପ୍ରତି ପୁସ୍ତକ ମୁଣ୍ଡେ ଦୁଇ ଚାରି ପଇସା ଅଧିକା ନେବା ପାଇଁ ବିକ୍ରେତାମାନେ ଇଚ୍ଛା କରନ୍ତି । ଏଥିଦ୍ୱାରା ପୁସ୍ତକର ମୂଲ୍ୟ ସେହି ୫ । ୧୦ ବର୍ଷର ମୂଲ୍ୟ ସଙ୍ଗେ ସମାନ ରହୁଛି । ଛପା-ଯନ୍ତ୍ରର ଏତେ ସୁବିଧା ସତ୍ତ୍ୱେ ପୁସ୍ତକ ମୁଦ୍ରଣ ତଥା ବିକ୍ରି ମୂଲ୍ୟ ପୂର୍ବ ଅପେକ୍ଷା କିଛି କମ୍ କଲେ ଆମ ଦେଶରେ ଅତି ଶସ୍ତା ଧରଣର ସାହିତ୍ୟ ପ୍ରଚାର ହୁଅନ୍ତା । ଏ ଦିଗରେ ଦେଶର ଲେଖକ ଓ ପ୍ରକାଶକମାନେ ଦୃଷ୍ଟି ଦେବେ ।

## ଶସ୍ତା ସାହିତ୍ୟ ପ୍ରଚାରର ଆବଶ୍ୟକତା

ଛପା ଯନ୍ତ୍ରର ଆବିଷ୍କାର ପୂର୍ବରୁ ଏବଂ ଭାରତରେ ଇଂରାଜୀ ଧରଣର ସ୍କୁଲ କଲେଜ ପ୍ରତିଷ୍ଠିତ ହେବାର ବହୁ ବର୍ଷ ଆଗରୁ ଆମ ଦେଶବାସୀ ତାଳପତ୍ରରେ ପୋଥି ଲେଖି ପଢୁଥିଲେ । ଖଣ୍ଡିଏ ପୋଥି ଲେଖିବା ପାଇଁ ମାସାଧିକ କାଳ ଲାଗୁଥିଲା । ଏତେ ପରିଶ୍ରମ କରି ଲେଖିବା ଗ୍ରନ୍ଥକୁ ସମସ୍ତେ ଏକାବେଳେ ପଢ଼ି ପାରୁ ନ ଥିଲେ । ଏଥିପାଇଁ ଗ୍ରାମେ ଗ୍ରାମେ 'ଭାଗବତଘର' 'ବୈଠକଘର' 'ଆଖଡ଼ାଘର' 'ଦାଣ୍ଡଘର' ଓ 'ଯାଗାଘର' ପ୍ରଭୃତି ତିଆରି ହୋଇ ସେହି ସ୍ଥାନରେ ପ୍ରତି ଦିନ ସନ୍ଧ୍ୟା ସମୟରେ ଗ୍ରାମବାସୀ ଏକାଠି ବସି ଏହି ପୋଥି ପାଠ ଶୁଣିବାର ସୁବିଧା ପାଉଥିଲେ । କିନ୍ତୁ ଆଜିକାଲି ପଲ୍ଲୀ ଗୁଡ଼ିକରେ ସେ ସୁବିଧା ନାହିଁ । ପଲ୍ଲୀର ଭାଗବତଘର ଗୁଡ଼ିକ ଭାଙ୍ଗି ଯାଇଛି । ଭାଗବତ ଗାଦିସବୁ ଭାଙ୍ଗି ଯାଇ ସେଠାରେ ଉଇ ହୁଙ୍କା ଉଠି ଯାଇଛି । ସନ୍ଧ୍ୟାବେଳେ ଭାଗବତ ଚର୍ଚ୍ଚା ବଦଳରେ 'ପରଚର୍ଚ୍ଚା' ଓ 'ପରନିନ୍ଦା'ର ଚର୍ଚ୍ଚା ହୁଏ କିମ୍ବା କୁଟିଗିତାବଲି, ହାରମୋନିୟମ ଓ ଗ୍ରାମଫୋନର ମୌଜ ଉଠୁଛି । ଭାଗବତଘରଗୁଡ଼ିକ ଉଠି ଯିବାରୁ ଆମ ଦେଶର ପଲ୍ଲୀ ପୁଅମାନେ ନିରକ୍ଷର ହୋଇ ବୁଲନ୍ତି । ପୂର୍ବେ ମାଟିବଣ ଅବଧାନମାନେ ଅତି ଶସ୍ତାରେ ଗ୍ରାମେ ଗ୍ରାମେ ଚାଟଶାଳୀ ଚଳାଉଥିଲେ । ତଦ୍ୱାରା ଗ୍ରାମର ଶିକ୍ଷିତ ସଂଖ୍ୟା ବୃଦ୍ଧି ହେଉଥିଲା, କିନ୍ତୁ ଇଂରାଜୀ ସ୍କୁଲ ବସିବା ଦିନରୁ ଏହି ଅବଧାନଙ୍କ ଚାଟଶାଳୀ ମଧ୍ୟ ଲୋପ ପାଇଲା । ଦ୍ୱିତୀୟରେ—ଆମ ଦେଶର ସ୍କୁଲ ଗୁଡ଼ିକରେ ଯେଉଁ ଧରଣର ଶିକ୍ଷା ଦିଆଯାଏ ତଦ୍ୱାରା ଏ ଦେଶର ଛାତ୍ରମାନଙ୍କ ମନୋଭାବ ଅତି ସଂକୀର୍ଣ୍ଣ ଦିଗରେ ଗତି କରୁଛି । ସୁସଭ୍ୟ ପାଶ୍ଚାତ୍ୟ ଦେଶର ଛାତ୍ରମାନଙ୍କୁ ଯେପରି ସ୍ୱାଧୀନ ଭାବରେ ଶିକ୍ଷା ଦିଆଯାଏ ଆମ ଦେଶର ସ୍କୁଲ କଲେଜରେ ସେପରି ସୁବିଧା ଦିଆଯାଇ ନାହିଁ । ସ୍କୁଲ ଛାତ୍ରଙ୍କ ପାଠ୍ୟ ପୁସ୍ତକ ନିର୍ବାଚନ ପାଇଁ ଯେଉଁ କମିଟୀ (ଟେକ୍ସଟ୍ ବୁକ୍ କମିଟୀ) ଅଛି ସେହି କମିଟୀ ମଧ୍ୟରେ ଏକାଧିକ ଉଚ୍ଚ ଶିକ୍ଷିତ ମତ ଦିଅନ୍ତି । କମିଟୀ ସଭ୍ୟମାନେ କୌଣସି ସ୍କୁଲ କଲେଜ ସଙ୍ଗେ ସଂପୃକ୍ତ ନ ଥାଇ ସୁଦ୍ଧା କୋମଳମତି ବାଳକ ବାଳିକାମାନଙ୍କ ପାଇଁ ପୁସ୍ତକ ନିର୍ବାଚନ କରନ୍ତି ! ପୁଣି ଏହି ନିର୍ବାଚନ ବେଳେ ଏକାଧିକ ଥର ଉକ୍ତ କମିଟୀ ନିଜର ଯଥେଚ୍ଛାଚାର ବ୍ୟବହାର କରନ୍ତି । କୌଣସି ନିର୍ଦ୍ଦିଷ୍ଟ ପୁସ୍ତକପ୍ରଣେତା ବା ପ୍ରକାଶକର ଇଙ୍ଗିତରେ ମଧ୍ୟ କେତେକ ସଭ୍ୟ କାର୍ଯ୍ୟ କରୁଥିବାର ଜଣାଯାଏ । ଦେଶର ଛାତ୍ରମାନେ ଆଦର୍ଶ ସାହିତ୍ୟ ପଢ଼ି ତଦ୍ୱାରା ବିଶେଷ ଜ୍ଞାନ ଲାଭ କରିବା ସଙ୍ଗେ ସଙ୍ଗେ ଭବିଷ୍ୟତ ମଙ୍ଗଳ କରିବେ—ଏ ଦୃଷ୍ଟିରେ ଆମ ଦେଶରେ କେତୋଟି ସ୍କୁଲର ଛାତ୍ରମାନେ ଉପାଦେୟ ଗ୍ରନ୍ଥ ପଢ଼ନ୍ତି ? ଏ ପର୍ଯ୍ୟନ୍ତ ଆମ ସ୍କୁଲର ଛାତ୍ରମାନଙ୍କ ପାଇଁ ଯେଉଁ ପାଠ୍ୟ ପୁସ୍ତକ ନିର୍ବାଚିତ ହୋଇଛି ସେଗୁଡ଼ିକ ଅତି ପୁରୁଣା କାଳର ବଙ୍ଗାଳି, ତେଲିଙ୍ଗା ଓ ଇଂରାଜୀ ଗଳ୍ପମାଳା ଓ କଥା ସାହିତ୍ୟକୁ ଅନୁକରଣ କରାଯାଇଛି ବା ସେଗୁଡ଼ିକର ଅବିକଳ ଅନୁବାଦ କରାଯାଇଛି ମାତ୍ର । କିନ୍ତୁ କୌଣସି ପୁସ୍ତକରେ ଏ ଦେଶର ଆର୍ଥିକ, ନୈତିକ, ସାମାଜିକ ଓ ଶିଳ୍ପ ସ୍ଥାପତ୍ୟ ବା ଇତିହାସ ନେଇ ବିସ୍ତୃତ ଆଲୋଚନା ହୋଇଥିବାର ଦେଖାଯାଏ ନାହିଁ । ଏପରି ଅବସ୍ଥାରେ ସ୍କୁଲ ପାଠ୍ୟ ପୁସ୍ତକଦ୍ୱାରା ଦେଶରେ ଆଦର୍ଶ ଶିକ୍ଷା ପ୍ରଚାର ହୁଏ ବୋଲି କିଏ କହିବ ?

ସ୍କୁଲ ପଢ଼ାର ଉଦ୍ଦେଶ୍ୟ ଜ୍ଞାନ ଲାଭ କରିବା । ପୂର୍ବେ ଚାକିରି କରିବା ପାଇଁ ସମସ୍ତେ ସ୍କୁଲରେ ପଢୁଥିଲେ । ଆଜିକାଲି ତ ଚାକିରି ଦ୍ୱାର ବନ୍ଦ ହୋଇଛି । ଏପରି ସ୍ଥଳେ ସେହି ପୁରୁଣା ଧରଣର ଅନର୍ଥକାରୀ ଶିକ୍ଷା ନ ଦେଇ ବିବିଧ ବୈଷୟିକ ଶିକ୍ଷା ଦେବା ଭଳି ପୁସ୍ତକମାନ ଆମ ଦେଶର ସ୍କୁଲ ଛାତ୍ରମାନଙ୍କ ପାଇଁ ପ୍ରସ୍ତୁତ କରି ସେଗୁଡ଼ିକୁ ହିଁ ମଞ୍ଜୁର କରିବା ଉଚିତ ନୁହେଁ କି ? ଏ ଦିଗରେ ଶିକ୍ଷିତ ସମାଜ ଓ ସ୍କୁଲ କର୍ତ୍ତୃପକ୍ଷ ଦୃଷ୍ଟିଦେବା ସର୍ବାଦୌ ଆବଶ୍ୟକ । ତୃତୀୟରେ—ଆମ ଦେଶରେ ଅଧିକ ସଂଖ୍ୟକ ଲୋକ ନିରକ୍ଷର, ଶତକଡ଼ା ପ୍ରାୟ ୯୫।୯୬ ଥିବାର ପ୍ରଧାନ କାରଣ ହେଉଛି :—

(କ) ଏ ଦେଶର ପିତାମାତା ନିରକ୍ଷର ।

(ଖ) ସ୍ତ୍ରୀ ଶିକ୍ଷାର ପ୍ରଚାର ଆଦୌ ହୋଇନାହିଁ ।



Digitized by srujanika@gmail.com

(ଗ) ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ନାହିଁ ।

(ଘ) ଆଧୁନିକ ଶିକ୍ଷା ପ୍ରଣାଳୀ କେବଳ ଅନର୍ଥକାରୀ—ପ୍ରଚୁର ଅର୍ଥ ଖର୍ଚ୍ଚ କରିବା ପାଇଁ ଲୋକମାନଙ୍କର ବଳ ନାହିଁ ।

(ଙ) ସମୂହ ଶିକ୍ଷା (Mass Education) ପାଇଁ ସରକାର ଉଦାସୀନ ।

(ଚ) ସ୍କୁଲ ଶିକ୍ଷା ଅଭାବରେ ପଲ୍ଲୀରେ ଶସ୍ତା ସାହିତ୍ୟ ପ୍ରଚାରର ଅଭାବ ।

(ଛ) ସ୍କୁଲ ଶିକ୍ଷା ବ୍ୟତୀରେକେ ଦେଶର ପୁରପଲ୍ଲୀରୁ ନିରକ୍ଷରଙ୍କ ସଂଖ୍ୟା କମାଇବା ପାଇଁ ଦେଶର ନେତାମାନେ ଆଦୌ ଯତ୍ନ କରି ନାହାନ୍ତି ।

(ଜ) ଦେଶର ଶତକଡ଼ା ଯେଉଁ ୯୦।୯୫ ଲୋକ ପଲ୍ଲୀରେ ବାସ କରନ୍ତି ସେମାନେ ଶିକ୍ଷାର ମୂଲ୍ୟ କଣ ବୁଝନ୍ତି ନାହିଁ ।

(ଝ) ବୈଷୟିକ ଶିକ୍ଷା ଅଭାବରୁ ଦେଶର ପାଠକ ଜାତି ଆଧୁନିକ ସ୍କୁଲ କଲେଜ ଶିକ୍ଷା ପ୍ରତି ସମ୍ପୂର୍ଣ୍ଣ ଉଦାସୀନ ।

(ଞ) ଆଦର୍ଶ ଓ ସରଳ ଶିକ୍ଷା ଅଭାବରେ ଆମ ଦେଶର ସ୍କୁଲ ଗୁଡ଼ିକରେ ଦିଆଯାଉଥିବା ଅନର୍ଥକାରୀ ଶିକ୍ଷା ପ୍ରତି ସାଧାରଣ ଲୋକମାନଙ୍କର ( ପଲ୍ଲୀବାସୀଙ୍କର ) ଉଦାସୀନତା ।

ଉପର୍ଯୁକ୍ତ କେତେକ କାରଣରୁ ଆମ ଦେଶରେ ଏଇ ଯୁଗରେ ମଧ୍ୟ ଏତେ ନିରକ୍ଷର ଦେଖାଯାନ୍ତି । ଏଇ ନିରକ୍ଷରଙ୍କ ସଂଖ୍ୟା କମ୍ କରିବା ପାଇଁ ସର୍ବ ପ୍ରଥମେ ଦେଶର ପ୍ରତ୍ୟେକ ପୁରପଲ୍ଲୀରେ କେବଳ ଆଦର୍ଶ ସରଳ ଓ ଶସ୍ତା ଧରଣର ସାହିତ୍ୟ ପ୍ରଚାର କରିବାକୁ ହେବ ।

## ପ୍ରଚାର କରିବା ପ୍ରଣାଳୀ

ଦେଶବାସୀଙ୍କର କ୍ରମୋନ୍ନତି ପାଇଁ ଓ ଦେଶରୁ ନିରକ୍ଷରଙ୍କ ସଂଖ୍ୟା କମ୍ କରିବା ପାଇଁ ଉତ୍କଳର ପୁରପଲ୍ଲୀରେ ଅଚିରେ ନିମ୍ନ ପ୍ରଣାଳୀରେ ଆଦର୍ଶ, ସରଳ ଓ ଶସ୍ତା ସାହିତ୍ୟର ବହୁଳ ପ୍ରଚାର କରିବା ଉଚିତ ।

### ୧ । ସ୍କୁଲ ଜରିଆରେ

ଦେଶର ପ୍ରତ୍ୟେକ ସ୍କୁଲଛାତ୍ର ଏଇ ଆଦର୍ଶ, ସରଳ ଓ ଶସ୍ତା ସାହିତ୍ୟ ପଢ଼ିବେ । ସେମାନଙ୍କର ପାଠ୍ୟ ପୁସ୍ତକ ଗୁଡ଼ିକ ଉତ୍କଳର ସର୍ବୋନ୍ନତି ବିଷୟ ନେଇ ଲେଖାଯିବ । ପୁସ୍ତକ ନିର୍ବାଚକ ସଂଘ କେବଳ ଏଇ ପୁସ୍ତକଗୁଡ଼ିକ ପାଠ୍ୟ ପୁସ୍ତକ ରୂପେ ମଞ୍ଜୁରି କରିବେ । ସବୁ ପୁସ୍ତକ ସରଳ ମାତୃଭାଷାରେ ଲେଖା ହେବ । କେବଳ ପରୀକ୍ଷା ପାସ୍ କରିବା ପାଇଁ ଆମ ପିଲେ ଏ ଧରଣର ସାହିତ୍ୟ ପୁସ୍ତକ ନ ପଢ଼ି ସେଇ ସେଇ ବିଷୟରେ ବିଶେଷ ଜ୍ଞାନ ଲାଭ କରିବା ଓ ପଢ଼ା ଶେଷରେ ପ୍ରତ୍ୟେକେ କୌଣସି ଗୋଟିଏ ସ୍ୱାଧୀନ ବ୍ୟବସାୟ କରି ଜୀବିକାର୍ଜନ କରିବା ଉଦ୍ଦେଶ୍ୟରେ ଏହାକୁ ପଢ଼ିବେ ।

### ୨ । ପଲ୍ଲୀର ଭାଗବତ ଘର

ଅଖଡ଼ାଘର ଓ ଯାଗାଘର ପ୍ରଭୃତି ଜରିଆରେ—ପ୍ରତି ଦିନ ସନ୍ଧ୍ୟା ସମୟରେ ପଲ୍ଲୀର ପ୍ରତ୍ୟେକ ପୁରୁଷ ଏହି ବୈଠକ ଘରମାନଙ୍କରେ ଏକାଠି ହୋଇ ଏ ଧରଣର ପୁସ୍ତକମାନ ପଢ଼ିବେ ଓ ତଦନୁସାରେ ନିଜର ଦୈନିକ କାର୍ଯ୍ୟ କରିବେ । ଗ୍ରାମର ସ୍ତ୍ରୀମାନଙ୍କ ପାଇଁ ମଧ୍ୟ ଏପରି କୌଣସି ନିର୍ଦ୍ଦିଷ୍ଟ ଘର ରହିବ ସେଠାରେ ପଲ୍ଲୀର ସବୁ ସ୍ତ୍ରୀ [illegible] ସନ୍ଧ୍ୟା ସମୟରେ ଏକାଠି ମିଶି ଗୃହକର୍ମ, ଶିଶୁ ପାଳନ, ରୋଗୀ ସେବା ଓ ସମାଜ ସଂସ୍କାର ପ୍ରଭୃତି ବିଷୟ ନେଇ ମୁଖପାଠ ଓ ଆଲୋଚନା କରିବାକୁ ହେବ ।

### ୩ । ପଲ୍ଲୀ ପାଠାଗାର ( ଲାଇବ୍ରେରୀ )

ପ୍ରତ୍ୟେକ ଗ୍ରାମରେ ଗୋଟିଏ ଗୋଟିଏ ପାଠାଗାର ରହିବ । ଗ୍ରାମର ଭାଗବତ ଘର ବା ଠାକୁର ଘର ଏଥିପାଇଁ ଉପଯୁକ୍ତ ସ୍ଥାନ । ଏଠାରେ ସମସ୍ତ ପ୍ରକାର ଦେଶହିତକର ବିଷୟ ନେଇ ଲେଖା ଯାଇଥିବା ଆଦର୍ଶ ଓ ସରଳ ସାହିତ୍ୟ ଗ୍ରନ୍ଥ ରଖାଯିବ ଓ ସେଗୁଡ଼ିକୁ ଗ୍ରାମସ୍ଥ ପଲ୍ଲୀବାସୀ ପ୍ରତିଦିନ ପଢ଼ି ତହିଁର ଚର୍ଚ୍ଚା କରିବେ ଏବଂ ସେଇ ଅନୁସାରେ ନିଜର ଦୈନିକ କାର୍ଯ୍ୟ କରିବେ ।

### ୪ । ସଂବାଦ ପତ୍ର

ଆଜିକାଲି ପତ୍ରିକା ଓ ଦୈନିକ ସଂବାଦ ପତ୍ର ଛପା ହେଉଛି । ଆମେରିକାର ପ୍ରତ୍ୟେକ ପୁର ପଲ୍ଲୀରେ ବାଟର ବାଟୋଇ, ଦିନ-ମଜୁରିଆ, କମାର, କୁମ୍ଭାର, ବଢ଼େଇ, ବାରିକ ମଧ୍ୟ ଏଗୁଡ଼ିକୁ ପ୍ରତି-ଦିନ ପଢ଼ନ୍ତି । ଏପରି କି ଜଣେ ଜଣେ ମୂଲିଆ ଦିନକୁ ୨।୪ ଖଣ୍ଡି ଦୈନିକ ପତ୍ରିକା କାଗଜ ମଧ୍ୟ କିଣି ପଢ଼ନ୍ତି—କିନ୍ତୁ ଆମ ଦେଶରେ ଏତେ ଶସ୍ତା ପତ୍ରିକା ଥିବା ସତ୍ତ୍ୱେ ପଲ୍ଲୀ କଥା ଦୂରେ ଥାଉ ପ୍ରତ୍ୟେକ ଥାନାରେ ମଧ୍ୟ ଏ ପର୍ଯ୍ୟନ୍ତ ଏ ଗୁଡ଼ିକ ପ୍ରବେଶ କରି ପାରି ନାହିଁ । ଏପରି କି ଅନେକ ଶିକ୍ଷିତ ବାବୁମାନେ, ସ୍କୁଲ ଶିକ୍ଷକ ଓ ଛାତ୍ରମାନେ ମଧ୍ୟ ଏ ପର୍ଯ୍ୟନ୍ତ ଜାଣନ୍ତି ନାହିଁ ଯେ ଓଡ଼ିଶାରେ ଏ ଧରଣର ଶସ୍ତା ପତ୍ରିକା ପ୍ରକାଶିତ ହେଉଛି । କେତେକଣ ଜାଣି ସୁଦ୍ଧା ଏ ଗୁଡ଼ିକ ପଢ଼ନ୍ତି ନାହିଁ । ପାନ, ଗୁଣ୍ଡି, ବିଡ଼ି, ସିଗାରେଟ୍ ଓ ଚା, ଭାଙ୍ଗରେ ଏମାନେ ପ୍ରତିଦିନ ଯେତେ ପଇସା ଖର୍ଚ୍ଚ କରନ୍ତି ସେଥିରୁ ଅତି ନ୍ୟୂନ ଅଂଶ ଏହି ପତ୍ରିକା ପତ୍ରିକା ପାଇଁ ଖର୍ଚ୍ଚ କଲେ ଏ ଦେଶର ପ୍ରତ୍ୟେକ ପଲ୍ଲୀରେ ଦୈନିକ ଖବର କାଗଜ ମିଳିପାରେ । ଆଜିକାଲି ସଂବାଦ ପତ୍ରଗୁଡ଼ିକରେ ଯେଉଁ ରକମର ସଂବାଦ ପ୍ରକାଶିତ ହୁଏ ସେଗୁଡ଼ିକ ପଲ୍ଲୀବାସୀଙ୍କ ପାଇଁ ଆଦୌ ଉପଯୋଗୀ ନୁହେଁ । ପଲ୍ଲୀର କ୍ରମୋନ୍ନତି ପାଇଁ କି କି ବିଷୟ ଜାଣିବା ଦରକାର ସେ ବିଷୟ କୌଣସି ଦୈନିକ ପତ୍ରିକାରେ ଛପା ହୁଏ ନାହିଁ । ସେଥିପାଇଁ ପଲ୍ଲୀବାସୀ ଏଇ ଶସ୍ତା ପତ୍ରିକାଗୁଡ଼ିକୁ ମଧ୍ୟ ସାଦରେ ଗ୍ରହଣ କରନ୍ତି ନାହିଁ । ସମ୍ପାଦକମାନେ ଦେଶର ଏଇ



Digitized by srujanika@gmail.com

ଅନୁନ୍ନତ ପଲ୍ଲୀବାସୀଙ୍କ ପାଇଁ ଏକ ଦୁଇ ପଂକ୍ତି ବିଷୟ ଛାପନ୍ତୁ । ତଦ୍ଦ୍ୱାରା ଦୈନିକ ପତ୍ରିକାର ପ୍ରସାର ପଲ୍ଲୀଗୁଡ଼ିକରେ ମଧ୍ୟ ବୃଦ୍ଧି ହେବ ।

**୬ । ଶସ୍ତା ସାହିତ୍ୟ ପ୍ରଚାର ସଂଘ**

ଉତ୍କଳର ଦୂର ପଲ୍ଲୀବାସୀଙ୍କ ସୁବିଧା ପାଇଁ ଅତି ଶସ୍ତା ରକମର ସାହିତ୍ୟ ପୁସ୍ତକମାନ ଛପିବାକୁ ହେବ । ଯେଉଁ ମୂଲିଆର ଦୈନିକ ରୋଜଗାର ତିନି ଅଣାରୁ ବେଶି ନୁହେ ସେ କି କେବେ ଆଠ ଦଶ ଅଣା ବା ଏକ ଦୁଇ ଟଙ୍କା ଦେଇ ପୁସ୍ତକ କିଣି ପଢ଼ିପାରେ ? ଯେପରି ମୂଲିଆ ମଧ୍ୟ କିଣିବା ଭଳି ଶସ୍ତା ସାହିତ୍ୟ ପ୍ରଚାର କରିବାପାଇଁ ପ୍ରତ୍ୟେକ ସହରରେ ଗୋଟିଏ ଗୋଟିଏ ଗୋଟିଏ ସଂଘ ଗଢ଼ିବାକୁ ହେବ । ଏ ଦିଗରେ ମଧୁପୁରରେ "ନନ୍ଦନ ନିଲୟ" ଯେଉଁ "ଅଣିକିଆ ସଂସ୍କରଣ"ର ପୁସ୍ତକ ଛପାଇ ପ୍ରକାଶ କରୁଛନ୍ତି ତାହା ପ୍ରତ୍ୟେକ ସ୍ଥାନର ଶିକ୍ଷିତ ସମାଜକୁ ଅନୁକରଣ କରିବାକୁ ହେବ ।

ଗ୍ରାମ ନାଟକ ଦଳ ଜରିଆରେ ମଧ୍ୟ ପଲ୍ଲୀବାସୀଙ୍କ ମଧ୍ୟରେ ଆଦର୍ଶ ସାହିତ୍ୟ ପ୍ରଚାର କରିହେବ । ଏ ଦିଗରେ ବରୋଦା, ତ୍ରିବାଙ୍କୁର ଓ ମାନ୍ଦ୍ରାଜର କେତେକ ଜିଲ୍ଲାରେ ସେଠା କର୍ତ୍ତୃପକ୍ଷ ଯେଉଁ କାର୍ଯ୍ୟ କରନ୍ତି, ତାହା ପ୍ରକୃତରେ ଆମ ଦେଶବାସୀଙ୍କର ଅନୁକରଣୀୟ ଅଟେ । ଆଜିକାଲି ଆମ ଦେଶର ପ୍ରତ୍ୟେକ ପୁରପଲ୍ଲୀରେ ଯେପରି "ସୁଆଙ୍ଗ" ଓ "ଆଖଡ଼ା ଦଳମାନ" ଅଛି ଏହା ଦେଖିଲେ ବାସ୍ତବରେ ହୃଦୟରେ ଗଭୀର ଦୁଃଖ ଲାଗେ । ପଲ୍ଲୀର ନିରୀହ ଲୋକାଙ୍କୁ ପଙ୍ଗୁ ଓ ମାଇଚିଆ କରିବା ପାଇଁ ଏପରି କୁତ୍ସିତ ସଂଘ ଗଢ଼ି ଯେଉଁମାନେ ଅର୍ଥ ଉପାର୍ଜନ କରନ୍ତି ସେମାନେ ଦେଶର କି ଅମଙ୍ଗଳ କରନ୍ତି ବୋଧହୁଏ କେହି ଜାଣୁ ନାହାନ୍ତି । ପ୍ରାଚୀନ କାଳରେ ଯେଉଁ 'ରାମଲୀଳା' 'କୃଷ୍ଣଲୀଳା' ଓ 'ହରିକଥା' ଆମ ପଲ୍ଲୀରେ ହେଉଥିଲା, ସେ ତୁଳନାରେ ଆଜିକାଲିର ସୁଆଙ୍ଗ ଓ ଆଖଡ଼ାଗୁଡ଼ିକ କି ଅହିତକର ଓ କୁତ୍ସିତ ମନୋଭାବ ଜାତ କରେ ଏ ଦିଗରେ ଶିକ୍ଷିତ ବାବୁମାନେ ଥରେ ଅଧେ ଭାବୁ ନ ଥିବା ବଡ଼ ଚିନ୍ତାର ବିଷୟ । ଏଇ ପଲ୍ଲୀ ଲୋକାଙ୍କୁ ଆଦର୍ଶ, ନୀତିପୂର୍ଣ୍ଣ ଶିକ୍ଷା ଦେଇ ଗ୍ରାମ୍ୟ ନାଟକ ଦଳ ଗଢ଼ି ସେମାନଙ୍କ ଜରିଆରେ ପଲ୍ଲୀବାସୀଙ୍କୁ ଆଦର୍ଶ ଶିକ୍ଷା ଦେବାପାଇଁ ପ୍ରତ୍ୟେକ ଦେଶହିତୈଷୀ ଯତ୍ନ କରନ୍ତୁ । ତଦ୍ଦ୍ୱାରା ଅଚିରେ ଏ ଦେଶରେ ସାକ୍ଷରଙ୍କ ସଂଖ୍ୟା ଓ ଜ୍ଞାନୀଙ୍କ ସଂଖ୍ୟା ବୃଦ୍ଧିହେବା ନିଃସନ୍ଦେହ ।

## ସଙ୍ଗୀତ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

ମୋର ସକଳ ଗର୍ବ ଚୂର୍ଣ୍ଣ କରିଛ
ସବୁ ନେଇଅଛ ଛଡ଼ାଇ,
ଅଣାର ତୁଙ୍ଗ ଶିଖରୁ ଖସାଇ
ଧୂଳିରେ ଦେଇଛ ଗଡ଼ାଇ ।
ସବୁଥିରୁ କରି ନିଃସ୍ୱ,
ଶିଖାଇ ଦେଇଛ ଆପଣାର ବୋଲି
ମଣିବାକୁ ସାରା ବିଶ୍ୱ ।
ଅଭଗା ହାତରେ ଅମୂଲ ସମ୍ପଦ
ଆପେ ଦେଇଅଛ ବଢ଼ାଇ ।

ଏ କି ପ୍ରେମ ଏ କି ଛଳନା
ଏ କି କଉତୁକ କିବା ପରିହାସ ?
କରି ନ ପାରିଲି କଳନା !
ମୋହ ପରେ ଯେବେ ଏତେ ଅନୁରାଗ,
ମିଳିଲା ନାହିଁ କି ଆଉ କିଛି ବାଗ ?
ତୁଚ୍ଛ ଛଡ଼ା ହୋଇ ନାଚ ଦେଖୁଅଛ
(ଏଣେ) ଲଗାଇ ଦେଇଛ ଲଢ଼ାଇ ।

# ଯୁଗଧାରା ଓ ଆଧୁନିକ ଓଡ଼ିଆ ଶିଳ୍ପୀ

ଶ୍ରୀ ବିମ୍ବାଧର ବର୍ମା

ମୋର ଏପରି ଲେଖାରେ ଅଧିକାର ନ ଥିଲେ ମଧ୍ୟ ବେୟାଦପି କିମ୍ବା ଅପରାଧ ହେବ ନାହିଁ । କାରଣ ଦୁଃଖ ଯେତେବେଳେ କମାଣ୍ଡ ବାନ୍ଧ ଅସହନୀୟ ହୋଇ ଉଠେ, ଆଖିରୁ ଗଡ଼ ପଡ଼େ ପାଣି—ଯାହାକୁ ଆମେ କହୁଁ ଅଶ୍ରୁ । ଏ ସେହିପରି, ଯେପରି କାନ୍ଦିବାରେ ସମସ୍ତଙ୍କର ଅଧିକାର ଥାଉ ବା ନ ଥାଉ ଅପରାଧ ଥିଲେ ହେଲେ ନ ଥାଏ ।

ଆଧୁନିକ ଯୁଗରେ ଆମ ଦେଶରେ ଏ ପର୍ଯ୍ୟନ୍ତ ସେପରି ଜଣେ ଶକ୍ତିଶାଳୀ ଜନ୍ମି ନାହାନ୍ତି ଯେ କି ତାହାଙ୍କର ଅନନ୍ୟସାଧାରଣ ପ୍ରକାଶଶକ୍ତିଦ୍ୱାରା ଓଡ଼ିଆର ସାହିତ୍ୟ କିମ୍ବା ଶିଳ୍ପକୁ ତାହାର ଚିର ଆଦରର, ଚିର ଗୌରବମୟ ନିଜସ୍ୱ ମାତୃକୋଳକୁ ଟାଣି ନେବେ । ତଥାପି, ଆମକୁ ଶକ୍ତିଶାଳୀ ଲୋକ ଗଠନ କରିବାକୁ ପଡ଼ିବ; ଆମକୁ କିମ୍ବା ଦେଶମାତୃକାର ଗର୍ଭରୁ କାଳିଦାସ ଉତ୍ପନ୍ନ କରିବାକୁ ହେବ । ସାତ ବାରରେ ନ ହେଉ ସତୁରି ବର୍ଷ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ତାହା ନ ହେଲେ ଯୁଗ ସଙ୍ଗରେ ପାଦ ମିଳାଇ ଆମେ କାଳରେ ଅଗ୍ରସର ହୋଇ ପାରିବା ନାହିଁ । ପ୍ରତ୍ୟେକ ଜାତି ଏବଂ ଦେଶର ବିଶେଷତ୍ୱ ସେହି ଜାତି କିମ୍ବା ଦେଶର ରୀତି, ନୀତି, ସମାଜ, ଶୃଙ୍ଖଳା ଓ ଜାତୀୟ ଭାବର ମଧ୍ୟରେ ବିକଶିତ ହୋଇ ରହିଛି । ଏହି ବିଶେଷତ୍ୱ ହିଁ ବିଶ୍ୱ ନିକଟରେ ଆତ୍ମ ପରିଚୟ ଦେବାର ଏକ ମାତ୍ର ନିଦର୍ଶନ । ଆମେ ଯଦି ଆମର ଏହି ବିଶେଷତ୍ୱ ଜାତୀୟତାକୁ କିମ୍ବା ଆମର ଆମ୍ଭାରତୀୟତାକୁ ହେୟ ଜ୍ଞାନକରି ପରିତ୍ୟାଗ କରି ଅନ୍ୟମାନଙ୍କ ସହ ଏକାକାର ହେଉଁ, ତା' ହେଲେ ଆମକୁ ଗୋଟିଏ ଅଜ୍ଞାତ କୁଳଶୀଳ ଅନାମଧେୟ ବ୍ୟକ୍ତି ଭାବରେ ଉପହାସ ଲାଭ କରିବା ବ୍ୟତୀତ ଅନ୍ୟଥା ହେବ ନାହିଁ । ପ୍ରତ୍ୟେକ ପ୍ରତ୍ୟେକର ବିଶେଷତ୍ୱ ରକ୍ଷା ବା ପ୍ରକାଶ କରିବାର ଶକ୍ତି ହିଁ ପ୍ରତିଭା, ଆଉ ଏହି ବିଶେଷତ୍ୱ ହିଁ ଜାତିର art ବା କଳା । ଆଜି କିନ୍ତୁ ଆମର ସେହି କଳା କିଛିକାଳ ଲୁପ୍ତ ହୋଇଅଛି । ଆମେ ଯେ ସ୍ୱତନ୍ତ୍ର ଏକ ଜାତି—ସ୍ୱତନ୍ତ୍ର ଗୋଟିଏ କଳା ଘେନି ଜନ୍ମ, ଏ କଥା ଆମେ ଭୁଲି ଯାଇଛେ । ଅର୍ଜ୍ଜୁନଙ୍କଠାରୁ ଭଗବାନ ଶ୍ରୀକୃଷ୍ଣ କଳା ହରଣ କଲା ପରି ଆଉ କେହି ଯେ ଆମର ଏହି କଳା ହରଣ କରି ନେଇଛନ୍ତି ତା ନୁହେଁ । ସେ ଦିନର ସେହି ଗୋଧୂଳି ଲଗ୍ନରେ ଆମର ଭାଗ୍ୟ-ସବିତା ଯେତେବେଳେ ଅସ୍ତଗିରିସୀମା ସ୍ପର୍ଶ କରୁଥିଲା, ପତଙ୍ଗ ଭଳି ସେହି ବିଦେଶୀୟ ଆଲୋକ ଶିଖାରେ ଆହୁତି ଦେଇଦେଲୁଁ ଆମର କଳାକୁ ! ଆମ କଳାର ଜନ୍ମ ହୋଇଥିଲା ଅପୂର୍ବ ଏକ ସ୍ୱର୍ଗ ଦେଶରେ—ଅତି ଉପରେ, ଯେଉଁଠାରୁ କି ପୃଥିବୀର କାନନ, କାନ୍ତାର, ସର, ସିନ୍ଧୁ, ପର୍ବତ ସବୁ ସମତଳ ଦେଖାଯାଏ । ସେଠାରେ ଧରଣୀର ଏହି ବର୍ଣ୍ଣ ବୈଭବ ପରିସ୍ଫୁଟ ହୁଏ ନାହିଁ । ଆମ ଉତ୍କଳୀୟ ପ୍ରାଚୀନ ଚିତ୍ରଗୁଡ଼ିକୁ ଦେଖିଲେ ଏହାହିଁ ମନେ ହୁଏ । କାରଣ, ଯେଉଁ କଥା ପଦକ କିମ୍ବା ଯେଉଁ ରେଖା ଗୋଟିକ ହୃଦୟ ଭିତରେ ଯେତେ ବେଶି ଭାଷା କିମ୍ବା ରୂପ ସୃଷ୍ଟି କରିପାରେ ତାହାର ମହତ୍ତ୍ୱ ବା ମୂଲ୍ୟ ସେତେ ବେଶି । ଆହୁରି ଅଧିକ ମୂଲ୍ୟବାନ ହୁଏ ତାହା ଯେତେବେଳେ ସ୍ୱଚ୍ଛ, ସରଳ, ତରଳ ହୋଇ ମନଶ୍ଚକ୍ଷୁ ଆଗରେ ଭାସି ଭାବରେ ବହିଯାଏ—ଆଉ ମନ ସେହି ସ୍ରୋତରେ କେଉଁ ଅଚିହ୍ନା ଅନନ୍ୟ ସୁନ୍ଦର ପ୍ରଦେଶକୁ ଭାସିଯାଏ । ସେଥିପାଇଁ ଆମ ଉତ୍କଳୀୟ କଳାରେ ବିଶେଷତଃ ଚିତ୍ରକଳାରେ ଆମେ ନୀଳବର୍ଣ୍ଣ, ଚାଉଳ କିମ୍ବା ହେଙ୍ଗୁଳ, ହରିତାଳ ଆଉ କାଳି (Fresco colours) ବ୍ୟତୀତ ଅଧିକ କିଛି ଉଜ୍ଜ୍ୱଳ ବର୍ଣ୍ଣବ୍ୟଞ୍ଜନାର ଆଭାସ ପାଉ ନାହିଁ । ଉତ୍କଳୀୟ ଚିତ୍ରକଳା ଲକ୍ଷ୍ୟ କଲେ ସ୍ପଷ୍ଟ ଭାବରେ ହୃଦୟଙ୍ଗମ ହୁଏ ଯେ ଏହା ଏକ ଭାବୋଦ୍ଦୀପକ ( Expressional art ) ଅତି ଉଚ୍ଚାଙ୍ଗର କଳା ସୃଷ୍ଟି ଅଟେ । ଅନେକ ଦେଖିଥିବେ ପୁରୀର କୋଣାର୍କ ମନ୍ଦିରମାନଙ୍କ କାନ୍ଥରେ ଅଙ୍କିତ ଭୟପ୍ରଦ ନାଗାର ଚିତ୍ରପଟ । ତାହା କିପରି ବୀରତ୍ୱର ସୂଚନା ଦିଏ ! ମାତ୍ର ତହିଁରେ ବାହୁବଳ୍ୟର ଦେଖିବା ଅଛି ସମାବେଶ ନ ଥାଏ । ବୀରତ୍ୱକୁ ରୂପ ଦେବାକୁ ଯାଇ ଶିଳ୍ପୀ ଯେତେ ଅଳ୍ପ ରେଖା ଏବଂ ସରଳ ବର୍ଣ୍ଣ ଯୋଜନା ମଧ୍ୟରେ ତାହାକୁ ପ୍ରକାଶ କରି ପାରିଅଛନ୍ତି ତାହାହିଁ ଦର୍ଶନୀୟ । ଆଜିକାଲି ବିଦେଶୀୟ ରୁଚି ସଂଘର୍ଷରେ ଆସି ଭାରତୀୟ ପଦ୍ଧତିର ଯେଉଁତକ ଉଜ୍ଜ୍ୱଳତା ହ୍ରାସ କରି ପକାଇ ଅଛନ୍ତି ତାହାହିଁ ପରିତାପର ବିଷୟ ।

ଆମର ଏହି ଉଚ୍ଚତମ ଶିଳ୍ପ ସମ୍ପତ୍ତି ଥାଉଁ ଥାଉଁ ଆମେ ବିଦେଶୀୟ ଅନ୍ଧ-ଅନୁକରଣର ଅନୁସାରୀ ହେବା ଯେ କେତେ ଦୂର ଅବିମୃଶ୍ୟକାରିତା ଏବଂ କେତେ ଆତ୍ମଘାତକତା ତାହା କେବଳ ଦେଶ-ପ୍ରାଣ ବ୍ୟକ୍ତିଙ୍କୁ ହିଁ ଜଣା । ଆମର ପୂର୍ବପୁରୁଷମାନେ ଶୋଳ ରୂପ-ସାଗର ମନ୍ଥନ କରି ନାନା ଶିଳ୍ପରତ୍ନ ଦେଇ ଯାଇଅଛନ୍ତି, ଯାହାକି ପୃଥିବୀ ବକ୍ଷରେ ଦିନେ ଉତ୍କଳଙ୍କ ଗୌରବଶିର ଉତ୍ତୋଳନ କରି ରହିଥିଲା; ବର୍ତ୍ତମାନ ମଧ୍ୟ ଜଗତର ଶ୍ରେଷ୍ଠ ରସିକମାନଙ୍କଦ୍ୱାରା ଉଚ୍ଚ ଆଦୃତ ହେଉଅଛି । କିନ୍ତୁ "ଗାଁ କନିଆ ସିଂଘାଣି ନାକୀ" ପରି ଆମର ଏହି ମହିମାମୟ ଶିଳ୍ପକଳାକୁ ଆମେ କେବଳ ଅବହେଳା ଦେଖାଉଛୁଁ କିନା !

ଏ ବଡ଼ ଗୁରୁତର ସମସ୍ୟା । ଗୋଟିଏ ଜାତି ମହୀୟସୀ ହେବା ପାଇଁ ଯେତିକି ସାଧନା ଆବଶ୍ୟକ ସେତିକି ଶକ୍ତି ମଧ୍ୟ ଲୋଡ଼ା । ଦେଶରେ ସମ୍ପୂର୍ଣ୍ଣ ଭାବରେ ଉତ୍କଳୀୟ କଳା ପ୍ରବର୍ତ୍ତନ କରିବା ଅତି କଷ୍ଟକର କଥା । ବର୍ତ୍ତମାନ ପାଇଁ କେବଳ ଭାରତୀୟ ଶିଳ୍ପକଳାରେ



Digitized by srujanika@gmail.com

ଯଦ୍ୟପି ଅସ୍ମାନଙ୍କର ରୁଚି ପରିବର୍ତ୍ତିତ ହୁଅନ୍ତା କିମ୍ବା ଏତଦ୍ ଦେଶୀୟ କଳା ବ୍ୟତୀତ ଆମେ ଯଦି ଅନ୍ୟ କୌଣସି ପଦ୍ଧତିର ଶିଳ୍ପକୁ ଆଦର ନ କରନ୍ତେ ତାହାହେଲେ ଏ ଦିଗରେ ଯଥେଷ୍ଟ ଅଗ୍ରଗାମୀ ହେବାର ପଥ ପରିଷ୍କାର ହୋଇ ପାରନ୍ତା । ତାହା ବୋଲି କେହି ଯେପରି ନ ବୁଝନ୍ତି ଯେ "ପୂଜା ସଂଖ୍ୟା ସହକାର"ରେ ପ୍ରକାଶିତ 'ଅର୍ଦ୍ଧ-ଉତ୍ଥାନ ଶାୟିତା ଯୁବତୀର ତନ୍ଦ୍ରାବିଭୋର ନେତ୍ରରେ ଯମ ଭଗିନୀ କିମ୍ବା ଅସୁରୁଣୀ ବୁଢ଼ୀର ନିଆଁ ଖୁଣ୍ଟା ମାଡ଼ ଦେଉଥିବା ଛବି' ପ୍ରଭୃତି ଏହି ଶ୍ରେଣୀର ଅଙ୍ଗୀଭୂତ ବୋଲି । ଆମ ଶିଳ୍ପ ଓ ସାହିତ୍ୟର ଗୋଟିଏ ବିଶେଷତ୍ୱ ଉପମାମୟତା । ମାନବ ଦେହର ଅଙ୍ଗ-ପ୍ରତ୍ୟଙ୍ଗ ପ୍ରଭୃତି ସହିତ ପଶୁ, ପକ୍ଷୀ, ଫଳ, ଫୁଲ, ବୃକ୍ଷ, ଲତା ପ୍ରଭୃତିର ସାଦୃଶ୍ୟ ପର୍ଯ୍ୟବେକ୍ଷଣ କରାଯାଇ ଆମ ଦେଶରେ ଗୋଟିଏ ଅଭିନବ ସୌନ୍ଦର୍ଯ୍ୟ-ତତ୍ତ୍ୱ ସୃଷ୍ଟି ହୋଇଅଛି । ଚମ୍ପକ ସହିତ ଅଙ୍ଗୁଳିକୁ, ହରିଣ ଚକ୍ଷୁ ଓ ପଦ୍ମ ପଳାଶ ସହିତ ନୟନକୁ, ନାସିକା ସହିତ ତିଳପୁଷ୍ପ, ଚରଣ ଓ କର ପ୍ରଭୃତି ସହ କମଳ ଏବଂ ରମ୍ଭା ସହିତ ଊରୁ ପ୍ରଭୃତିକୁ ଉପମା ଦିଆ ହୋଇ ଆସିଛି । କେବଳ ଉପମା ଉପରେ ଭାରତୀୟ ଶିଳ୍ପ ନେ ଥିବ ଏହା ମଧ୍ୟ ନୁହେ । ଏହି ଉପମାଧାବିଛରେ ପାଦ ରଖି ସେ ବହୁ ଊର୍ଦ୍ଧ୍ୱକୁ ଉଠିଯାଇଛି—ଯେଉଁଠାରେ ଇନ୍ଦ୍ରିୟଗ୍ରାହ୍ୟ ସକଳ ସତ୍ତା ଲୋପ ପାଏ । ସ୍ଥୂଳ ସୌନ୍ଦର୍ଯ୍ୟ ବ୍ୟତୀତ ବିକାଶି ଉଠେ ଅନ୍ତର; ଅର୍ଥାତ୍ ଯେଉଁଠାରେ ଶିଳ୍ପ ପ୍ରକାଶ କରେ ମନର ଗୋପନ କଥା—ଅନ୍ତରର ଭାବ । ସେଠାରେ ପ୍ରକୃତିର ନକଲର ସ୍ଥାନ ରହେ ନାଁ—ରହେ ଅନୁଭୂତିର । ତହିଁ ସେଠାରେ ଶିଳ୍ପ ନିଜ୍ ଛନ୍ଦ ଢ଼ିବ ପ୍ରକାଶ କରେ । ମାନବର ଚିତ୍ରରେ ମାନବତ୍ୱ, ପକ୍ଷୀ ଚିତ୍ରରେ ପକ୍ଷୀତ୍ୱ ଏବଂ ପୁଷ୍ପ ମଧ୍ୟରେ ତାହାର ପୁଷ୍ପତ୍ୱ ପ୍ରକାଶ କରି ଚିର ସୁନ୍ଦର ହୋଇ ବସେ । ସେହିଠାରେ ହିଁ ଶିଳ୍ପ ହୁଏ ସାର୍ବଜନୀନ—ଅନ୍ତରକୁ ସେ ସେତେବେଳେ କରେ ଆଘାତ ।

କେବଳ ପଦ ମିଳାଇ ବାକ୍ୟ ଯୋଡ଼ିଲେ ଯେପରି କବିତା ହୁଏ ନା, କେବଳ ରଙ୍ଗ ଓ ରେଖାଦ୍ୱାରା କୌଣସି ପଶୁ କିମ୍ବା ପକ୍ଷୀର ଛବି ଅଙ୍କି ଦେଲେ ତାହା କଳାଗତ ଶିଳ୍ପ ହୋଇ ପାରେ ନାହିଁ । ଯେ ଆମକୁ ଅନ୍ତରରେ ପ୍ରେରଣା, ହୃଦୟରେ ସ୍ପନ୍ଦନ ଦିଏ,-ଯାହା ଆମର ମାନସ ରାଜ୍ୟରେ ବିପ୍ଳବ ଉପୁଜାଇ ଆମକୁ ଥରେ ଅଜଣା ଆଡ଼କୁ ଟାଣି ନିଏ ତାହା ହିଁ ପ୍ରକୃଷ୍ଟ କଳା । ଊନବିଂଶ ଶତାବ୍ଦୀ ପୂର୍ବେ ଯେତେବେଳେ କାମେରା ଆବିଷ୍କୃତ ହୋଇ ନ ଥିଲା, ସେତେବେଳେ ପ୍ରକୃତିର ବହିର୍ଦୃଶ୍ୟ ସହିତ ସମାନ୍ତରାଳ ଭାବରେ ଗତି କରିବା ୟୁରୋପୀୟ ଶିଳ୍ପର ଚରମ ସାର୍ଥକତା ଥିଲା । ମାତ୍ର ଯେତେବେଳେ ସେମାନେ କାମେରାଠାରେ ହେଲେ ବିଜିତ, ଆର୍ଟର ସ୍ୱତନ୍ତ୍ର ସତ୍ତା ସେହି ଦିନଠାରୁ ସେମାନଙ୍କର ଧାରଣା ହେଲା-ଯାହା ନୁହେ ପ୍ରକୃତିର ନକଲ, ତାହାର ପ୍ରତିବିମ୍ବ କିମ୍ବା ଆଉ କିଛି । କିନ୍ତୁ ପ୍ରାଚ୍ୟ ବହୁ ପୂର୍ବରୁ ସେ ପଥ ପରିଷ୍କାର କରିସାରି ଥିଲା । ପ୍ରାଚ୍ୟର କଳାଧର୍ମ—ପ୍ରକୃତି ସହିତ ମିଶି ତାହାର ସ୍ୱପ୍ନକୁ ରୂପ ଓ ପ୍ରାଣ ଦେବା; ଯେଉଁଠାରୁ ଆଖି ଅପେକ୍ଷା ବେଶି ଯିବ ମନ, ଆଉ ଯାହାର ଦାନ ବାହାର ଅପେକ୍ଷା ଅନ୍ତରରେ ଅଧିକ ।

ଖ୍ରୀଃ ୧୯୧୦ ରେ ଲଣ୍ଡନର ଭାରତୀୟ ପରିଷଦ ତରଫରୁ ଲେଡ଼ି ହାରିଂହାମ୍ ଅଜନ୍ତାର ପ୍ରାଚୀରଗୁଡ଼ିକୁ ଅଙ୍କନ କରି ନେବାପାଇଁ ଭାରତବର୍ଷକୁ ଆସିଲେ । ଅନୁରୁଦ୍ଧ ହୋଇ ନନ୍ଦଲାଲ ବସୁ, ଅସିତ କୁମାର ହାଲଦାର ପ୍ରମୁଖ କେତେ ଜଣ ଛାତ୍ରଙ୍କୁ ଅବନୀନ୍ଦ୍ର ଲେଡ଼ି ହାରିଂହାମ୍‌ଙ୍କ ସାହାଯ୍ୟରେ ସେଠାକୁ ପଠାଇଲେ । ଏହି ଉପଲକ୍ଷରେ ଅବନୀନ୍ଦ୍ର ନାଥଙ୍କ ସ୍କୁଲର ସୁଖ୍ୟାତି ଖୁବ୍ ହେଲା । ସେହି ସମୟଠାରୁ ହିଁ ଭାରତୀୟ ପ୍ରାଚ୍ୟକଳା ପରିଷଦର ପତ୍ତନ ସୁଦୃଢ଼ ହେଲା କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତଏବ ଆଜକୁ ୩୦ ବର୍ଷ ଧରି ଏ ଦେଶରେ ଶିଳ୍ପ ପ୍ରଗତି ସତ୍ତ୍ୱେ ଥିଲେ ମଧ୍ୟ ଆମେ ପ୍ରଚ୍ଛଦ-ଚିତ୍ର ଆଙ୍କୁ ସିନେମାର ଘୋଡ଼ା ସବାର, ଲୀଳା ଦେସାଇ ଓ ଆର୍କଷ୍ଟର କାଲେଣ୍ଡରର ବିକୃତ କପି; ଅନୁଛେଦ ସଜାଉ ବିକଳାଙ୍ଗ ନାରୀମୂର୍ତ୍ତିଙ୍କ ଦ୍ୱାରା ହାଣ୍ଡ୍‌ବିଲ ବିଜ୍ଞାପନ ଛବିରେ । ଏହି ସବୁ ବିଷୟରେ ଏକାଧିକ ବାର ତ୍ରୁଟି ସାହିତ୍ୟ ପତ୍ରିକାମାନଙ୍କରେ ଦେଖାଦେବା କାହାର ଦୋଷ ? ସ୍ୱତଃ ଏ ପ୍ରଶ୍ନଟି ମନରେ ଉଠେ ।

ଭୁବନମନମୋହିନୀ ମା'କୁ ଆମେ ନ ଅନାଇବାକୁ ଆମେ ଯେପରି ଅନ୍ଧ ଅଭିଶପ୍ତ ।

# ସଉଦାଗର

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

ସେ ଆସିଥିଲା ବେପାର କରି—ସଉଦାଗର । ତାର ଯେ ସବୁ ଅଦର ଦର । ତା ଦରର ମୂଲ ଦେବ କିଏ ? ପକ୍କା ମାଲ—ଠକାମି ନାହିଁ । ଜିନିଷ ଦେଖିଲେ ମନ ଭୁଲି ଯିବ—ଆଖି ଖୋଲି ଯିବ ।

ସେ କି ସେଥିପାଇଁ ଭାଉ କରି ବିକିବାକୁ ନାରାଜ । ବେପାର ତାର ବେଣୀ ଚଳେ ଅଦଳବଦଳରେ—ଦିଅ ନିଅରେ । ଏ ଦେଶର ଭଲ ଜିନିଷ ନିଏ ସେ ଦେଶକୁ—ସେ ଦେଶର ସୁନ୍ଦର ଚିଜ ଦେଇଯାଏ ଏ ଦେଶରେ ।



Digitized by srujanika@gmail.com

ହୀରା, ନୀଳା, ମୋତି, ମାଣିକ କେଉଁଥିରେ ଅଭାବ ନ ଥାଏ ତାର । ବଡ଼ ଜଣେ ସାଧବଘରର ପୁଅ ସେ । ତାଙ୍କର ବେପାର ବଣିଜ ବେଶୀ ଚଳେ ବିଦେଶରେ—ଦରିଆ ପାରି ହୋଇ ।

ସହରର ପାଣିଆ ପୋଖରୀ ତୁଠ ଉପରେ ଛତିଆ ବରଗଛଟା । ତାର ମୂଳରେ ଛାଉଣୀ ପଡ଼ିଥାଏ । ସେଇଠି ଓଟ ବନ୍ଧା ହୋଇଥାନ୍ତି—ଘୋଡ଼ା ଚରୁଥାନ୍ତି ।

ପଝୁହୁଡା ମିଶିପିଟାଏ—ଶାଳଗଛ ପରି । ବଳଦେଲା ପରି ବାହାମୂଳଟାମାନ । ଟାଖ ହୋଇ ନାକଟା । ଡଳ ଡଳ ଆଖି ଯୋଡ଼ାକ କାନଯାଏ ଲମ୍ବି ଆସିଛି ଯିମିତି ! ଉଚ୍ଚ କପାଳଟା ଉଜଳି ଉଠୁଥାଏ ତା ତେଜରେ । ଛାତିର ଓସାର ଦେଖି ମନେ ହେବ ସବୁ ସାହସ ଯିମିତି ଠୁଳ ହୋଇ ରହିଛି ସେଇଠି । ବୟସ ବି ବେଶୀ ହେବ ନାହିଁ—ଏକୋଇଶି କି ବାଇଶ । କମର ପାଖରେ ହତିଆର ଝୁଲୁଥାଏ । ଦିବ୍ୟ ରାଜପୁତ୍ର ପରି ।

ରଜା ବାଦ୍‌ସା ଦରର ଲୋକେ ଭିଡ଼ା ଭିଡ଼ି ତା ପାଖରେ । ଗରିବ ଦେଖଣାହାରଙ୍କି ପଚାରେ କିଏ ? ସାଉ, ସାଉକାର, ରଜା, ଜମିଦାରମାନେ ଯାହା ଘରେ ଯାହା ଥିଲା ନେଇ ଜମା କଲେ ତା' ଆଗରେ । ଠଙ୍କା ସୁନା କାଣ୍ଡି ହୋଇଗଲା । ଆଣିଲା ବେଳକୁ କିଏ ଆଣିଲା ହାତୀ ଦାନ୍ତର ପଲଙ୍କ, କିଏ ଆଣିଲା ଜରିପଡ଼ିଆ ଶାଲ, କିଏ ଆଣିଲା ରୁପା ବନ୍ଧେଇ ହୁକ୍କା, ସୁନା ମୁହଁଣ୍ଡା ବାଡ଼ି, ହୀରା ଲଗା ହାର, ମୋତିବସା ମୁଦି—ଇମିତି ଇମିତି କେତେ ମନୋହାରୀ ଜିନିଷ ।

—୨—

ଏ ଥିଲା ଗରିବ ଘର ଝିଅ । ବାପ ତାର ମାଟିର ଅଟିକା ଗଢ଼େ—ପିତୁଳା ତିଆରି କରେ—ଜାତିରେ କୁମ୍ଭାର ।

ଛୋଟ କୁଡ଼ିଆଟିଏ । ଇମିତି ସଫା ସୁତୁରା ହୋଇଛି ଯେ ମାଛିଟିଏ ବି ବସି ନାହିଁ ସେଠି । ଦାଣ୍ଡ ପିଣ୍ଡାର ଗୋଟିଏ ପାଖକୁ ବସି ବାପ ତାର କାଦୁଅ ଚିଟେ । ଝିଅଟି ମାଟି ପେଣ୍ଡୁଲେ ନେଇ କଣ୍ଢେଇ ଗଢ଼େ । ଏ ପାଖର ସୃଷ୍ଟି ସେ ପାଖରେ ବୁଝନ୍ତି, ତାଙ୍କର କାମ ସରେ ।

ଧୂଳିମାଟିର ଦେହ । ସଫା ଲୁଗା ତାର ଆସିବ କେଉଁଠୁ ? ତେବେ ବି ସେ ଯିବ । ମନ ଯେତେବେଳେ ଉଠିଛି ତାକୁ ରୋକିବ କିଏ ? ସେଇ ମସିଆ ଲୁଗା ଖଣ୍ଡ ପିନ୍ଧି ସେ ବାହାରିଲା ସଉଦାଗରର ସଉଦା ଦେଖିବାକୁ ।

ଝିଅଝିଆଣୀଏ ସବୁ ଯାଆନ୍ତି ଓପରଓଳି । ବେଶୀ ଗହଳ ନ ଥାଏ ସେତେବେଳେ । ସେ ବାହାରିଲା ହାତରେ ଗୋଟିଏ ମାଟି ପିତୁଳା ଧରି ।

ବଡ଼ଘର ଝିଅ ବନ୍ଧୁମାନେ ଯାଉଥାନ୍ତି ଭଲ ଦର୍ବେ ଦେଖି ମୁଲେଇବେ—କିଣିବେ । ଓଧ ସାଙ୍ଗରେ ଭୂଅ ବସ୍ତ୍ରଡ଼ ବାଇ ହେଲ ପରି ଏ ବି ଗୃହଲା ତାଙ୍କର ଭିତରେ ପଶି । ସମସ୍ତେ ତାକୁ ଦୂର୍‌ ଛିନ୍ ଛିନ୍ କଲେ—ହସିଲେ । ଉପରେ, ଲାଜରେ ତା ଦେହ ଥରିଲା, ଓଠ କମ୍ପିଲା । ଆଖି ଛଳ ଛଳ ହୋଇ ପଡ଼ିଲା । ଗଣ୍ଡ ଲାଲ ଦିଶିଲା । ସେ ଗୃହି ପାରିଲା ନାହିଁ ।

"ବାଟ ଛାଡ଼୍ ।" ପଛଆଡ଼ୁ କିଏ ଗୋଟେ ଧକ୍କା ଦେଲା । ହାତରୁ ତାର ପିତୁଳାଟି ଖସି ପଡ଼ିଲା । ତଳେ ପଡ଼ି ଦୁଇଗଡ଼ ହୋଇଗଲା । ସେ କାନ୍ଦିଲା ।

କେହି ଶୁଣିଲେ ନାହିଁ । ଓଲଟି ଅନ୍ଧର ଟାହିଲ କରି କହିଲେ—"ଲାଜ ନାହିଁ ଏଟାକୁ, ଆସିଛି ଗୋଟାଏ ମାଟି ପିତୁଳା ଦେଇ ସୁନା ରୁପା ମୋତି ମାଣିକ ମୁଲେଇବାକୁ ! ଯେଉଁ କଣ୍ଢେଇ ତ, ଭାଙ୍ଗିଗଲା ବୋଲି ପୁଣି କାନ୍ଦଣା ଦେଖ !"

ତାଙ୍କ ଆଖିରେ ମାଟିର କଣ୍ଢେଇ । କିନ୍ତୁ—କିନ୍ତୁ—ଯିଏ ତାକୁ ଗଢ଼ିଛି—ଏ ତାର ପ୍ରାଣର ପରଶକୁ ସେହି ନିର୍ଜୀବ ମାଟି ମେଞ୍ଚାକରେ ଜୀବନ୍ତ କରି ଦେଇଛି ତା ପାଖରେ ସେ ମାଟି ନୁହେଁ—ପଥର ନୁହେଁ—ନିର୍ଜୀବ ନୁହେଁ—ଖେଳଣା ନୁହେଁ—ସେ ତାର ପ୍ରାଣର ପିତୁଳା ।

ସେ କାନ୍ଦିଲା—ଖାଲି କାନ୍ଦିଲା ।

—୩—

"ଆହା, ଏ ପିତୁଳାଟିକୁ କିଏ ଭାଙ୍ଗିଲାରେ ! କି ନିଷ୍ଠୁର ସେ !"

ପ୍ରକାଣ୍ଡ ମରୁଭୂମି ଭିତରେ ସାମାନ୍ୟ ଖଣ୍ଡେ ଜଳମୟ ଓଏସିସ୍ ପାଇଲା ପରି ସେ ଚକିତ ଆଖିରେ ଚାହିଁଲା ।

ଦେଖିଲା ଦିବ୍ୟ ପୁରୁଷ ଗୋଟିଏ । ବେଶଭୂଷାରୁ ଜାଣିଲା ବଡ଼ ଲୋକ । ମନ ତାର ଭଲ ନ ଥିଲା—ଦୁଃଖରେ ଆଉ ଅପମାନରେ । ଧନୀ ଲୋକଙ୍କ ପ୍ରତି ତାର କିମିତି ଗୋଟାଏ ଘୃଣା ହୋଇ ଯାଇଥିଲା ସେ ଗୁଡ଼ାକ ନିଷ୍ଠୁର, ହୃଦୟହୀନ ବୋଲି । ସେ ମନେକଲା ଏ ବି ତାକୁ ଥଟ୍ଟା କରି କହୁଛି ଏପରି । ହଠାତ୍ ତା ମୁହଁରୁ ବାହାରି ପଡ଼ିଲା—"ଭାଙ୍ଗି ଦେଇଛି ତ ମୋର ଗଲା—ତମର କଣ । ତମେ ଯା' ଏଠୁ ।"

ନିଜ ମନ ନିଜକୁ ଚାପୁଡ଼ା ମାରିଲା ପରି ଲାଗିଲା ତାକୁ । ଏ କଥାଟା ଯିମିତି ଭୁଲରେ ବାହାରି ପଡ଼ିଛି ତା ମୁହଁରୁ । ଯେ ତାକୁ ଦୁଃଖରେ ପାଖରେ ଆସି ଆପେ ଆପେ ଠିଆ ହୋଇଛି, ତାକୁ ଏ ଭଳି କଥା କହିବା କଅଣ ଉଚିତ ?

ସେ ତଳକୁ ମୁହଁ ପୋତିଥିଲା ଲାଜରେ । ଲୁହ ଝରିଲେ, ତା ଆଖି ଆଗରେ ସେଇ ପୁରୁଷର ଗୋଟିଏ କରୁଣରୂପ ଅଙ୍କି ହୋଇ-ଗଲା ଯେପରି ! ସେଇ ଚେହେରାରେ ଯେପରି ଜଗତର ଦୟା ସହାନୁଭୂତି ସବୁ ଯାକ ଠୁଳ ହୋଇ ରହିଛି ।

"ସୁନ୍ଦର ପଦାର୍ଥରେ ସମସ୍ତଙ୍କର ସମାନ ଅଧିକାର । ଯେ ସୁନ୍ଦର ସୃଷ୍ଟି କରେ ତାର ତା' ଉପରେ ଦାବି ଖାଲି ଗଢ଼ି ଦେଇ



Digitized by srujanika@gmail.com

ଥୋଇଦେବା ଯାକେ । ଗଢ଼ା ସରିଲା ଉତ୍ତାରୁ ସୌନ୍ଦର୍ଯ୍ୟର ମର୍ଯ୍ୟାଦା ଯେ ବୁଝେ ସେ ହୋଇ ଯାଏ ତାର । କୁମାର, ତମେ କଅଣ ତାକୁ ନଜର କରି ରଖି ପାରିବ ?"

ଯୁବକର ଏ କଥା ଶୁଣି ଯୁକ୍ତି କରିବା ପାଇଁ ସେ କହିଲା—"ପାରିବ ନାହିଁ ? ତମେ କଅଣ ଜୋର କରି ଛଡ଼ାଇ ନେବ ମୋଠୁ ?"

ମେଣ୍ଢୀର ଏଇ କପଟ ପ୍ରେମ ଭିତରେ ଯେଉଁ ସୌନ୍ଦର୍ଯ୍ୟ ଫୁଟି ଉଠିଲା ତାକୁ ଉପଲବ୍ଧି କଲେ ଏକା ସେଇ ପୁରୁଷ ।

"ମୁଁ ଜୋର କରି ନେବ ନାହିଁ । ଏହି ପିତୁଳାଟିର ମୂଲ୍ୟ କେତେ କହ, ମୁଁ କିଣି ନେବ ।"

"ମୁଁ ତାକୁ ବିକିବ ନାହିଁ" ସେ ଉତ୍ତର କଲା ।

"ତେବେ ଆଣିଥିଲ କାହିଁକି ?"

"ସଉଦାଗର ପାଖକୁ ।"

"ବିକିବା ପାଇଁ ତ ?"

"ନା—ମୁଁ ଏ ଜିନଷ ବିକେ ନାହିଁ ।"

"ତେବେ ବଦଳ ଦେବା ପାଇଁ ?"

"ନା—ତା ବି ନୁହେ । ଏ ଜିନଷର ବଦଳ କିଏ କାଣ ଦେଇ ପାରିବ ?"

"ଭଲ କଥା, ତେବେ ସଉଦାଗରଙ୍କୁ ଭେଟିବା ପାଇଁ ଆଣିଥିଲ ତ ? ମୋତେ ଦିଅ, ମୁଁ ତାଙ୍କୁ ଦେଇ ଆସିବି ।"

ସରମରେ ସେ ଗୋଟିପଣେ ଗୋଲ ହୋଇଗଲା । ପେଖଣା କରି କହିଲା—"ନା" ।

"ଅଚ୍ଛା, ସଉଦାଗର ନିଜେ ଆସି ଯଦି ଏହି ମାଟିର ପିତୁଳାଟି ପାଇବା ନିମନ୍ତେ ପ୍ରାର୍ଥନା କରନ୍ତି ତେବେ ବିଶ୍ୱାସ ହେବ ତ ?"

ମଉନରେ ସେ ଯେପରି ସମ୍ମତି ଜଣାଇଲା ।

ପୁରୁଷ ନିଜଆଡ଼ୁ ହୋଇ ମାଗିଲା—"ନିଜ ହାତରେ ଟେକି ଦିଅ ଏଥର । ମୁଁ ସେଇ ସଉଦାଗର ।"

—୪—

ଏ ହେଲା ରାଣୀ ..

ସେ ହେଲା ବାହାର ଭିକାରୀ । ... ... ...

କାଳର ଗତି କୁଟୀଳ ! କାହାର ହାତ ଅଛି ତହିଁରେ !... ...

—୫—

ଦିନ ଗଲା—ମାସ ଗଲା—ବର୍ଷ ଗଲା—ଆଉ ଫେରିଲା ନାହିଁ ସେ ।

ନିତି ସଞ୍ଜବେଳେ ଏ ସେଇଠିକି ଆସେ—ସେଇ ପୋଖରୀ କୂଳକୁ । ଯେଉଁଠି ତାର ସେଇ ସୁନା ମାଟିର ପିତୁଳାଟିକୁ ସେ ତା ହାତରେ ଟେକି ଦେଇ ପାରିଲା ନାହିଁ କାହାରି ମତେ—ସରମରେ ଦାରମରି ହୋଇ—ଶରଧାରେ ଭୁଲିମନ ହୋଇ, ସେଇଠିକି—ସେଇ ବାଟ ଉପରକୁ ଚାହିଁ ଏକ ଧିଆନରେ—ଏକ ମନରେ । କେହି ନ ଥାନ୍ତି କୁଆଡ଼େ ।

ଦୁଇଟୋପା ଲୁହ ଝରି ପଡ଼େ ଆଖିରୁ । ବଡ଼ ତରଳ । ମାଟିରେ—ନିଜ ବି ମାଟିରେ ସେ ମିଶିଯାଏ, ଦରଦୀର ଛାତି ଉପରେ ପଡ଼େ ନାହିଁ ।

ଲୁଗା କାନିରେ ଆଖି ପୋଛେ । ମନର ଅନ୍ଧାର ଘର ଭିତରେ ଆଲୁଅ ଦିଶିଲା ପରି କାହାର ସୁନ୍ଦର ରୂପ ଝଲସି ଉଠେ । ଆଖି ଖୋଲି ମୁଣି ଥରେ ସେ ବାଟକୁ ଚାହେଁ । ଚାହିଁଅଛି କିଣୁନି ।

ଘରକୁ ଫେରେ ଭାରି ଭାରି ମନରେ । ଆଉ ପିତୁଳା ଗଢ଼େ ନାହିଁ—ଗଢ଼ି ପାରେ ନାହିଁ ।

ବାପ କହେ, ବଅସ ହେଲା ବାହା ଦେବ । ନାହାକ ଆସେ । କହେ, ଏ ରାଜରାଣୀ ହେବ । ବାପ ତାର ହସେ । ଏ ବି ହସେ । ହସିବାର କଥା ।

କିନ୍ତୁ ଏ ସଂସାରରେ ମିଛ ବି ସତ ହୁଏ, ସତ ବି ମିଛ ହୁଏ ।

ଦିନକରେ ରଜାପୁଅ ଯାଉଥିଲେ ପାରିଧି କରି । ବାଟ ଭୁଲି ନେଇ ଗାଁ ବାଟରେ ଆସିଲେ ।

ସଞ୍ଜ ହୋଇ ଆସୁଥାଏ । ତରାଟିଏ ଆସି ଆକାଶ କୋଣରେ ଛପି ଛପି ଚାହିଁବା ଛଡ଼ା ମାଛଟିଏ କି ମଶାଟିଏ ନ ଥିଲେ ସେଠି ।

ଏ ଚାହିଁଥିଲା ବାଟ ଉପରକୁ । ଚାରି ଆଖି ଥରେ ଭେଟା ଭେଟି ହୋଇଗଲେ ।

ସେ ତ ସଉଦାଗର ନୁହେଁ । ଆଉ ଜଣେ କେହି । ତାର ଦେଖିବାରୁ କଅଣ ଯାଏ !

ସେ ମୁହଁ ଫେରେଇ ଆଣିଲା ସେଆଡ଼ୁ ।

ରଜାପୁଅଙ୍କର ମଥା ଭିତରେ କିନ୍ତୁ ପୋକ ଚଳିଲା । ସେ ପାଗଳ ହେଲେ । ମଉନରେ ଫେରିଗଲେ ନଅରକୁ ।

ବଇଦ ଗୁଣିଆ ରଣବଣ, ମନ୍ତ୍ରୀ ନଣ୍ଡି ସଣ ପଣ—ସେଇ ଘରେ ଯାଇଁ ମୁହଁମାଡ଼ି ଶୋଇଲେ । ଖାଇଲେ ନାହିଁ ପିଇଲେ ନାହିଁ—ସେମିତି ଉପାସ ।

ରାଣୀ ମା ଆସି ଯେତେ ବେଉସିଲେ, ଆଉ ସେ ଉଠିଲେ ନାହିଁ ସେଠୁ । ରଜା ନିଜେ ଆସି କହିଲେ—"ଭାଙ୍ଗିଥିଲେ ଗଢ଼େଇ ଦେବି, ହଜିଥିଲେ ଖୋଜେଇ ଦେବି, ଯାହା କହିବୁ ତା କରିବି, ଆ ବାପ ଖାଇବୁ ଆ ।"

ରଜାପୁଅ କହିଲେ ଅମୁକ ଗାଁରେ ଗୋଟିଏ ଅପୂର୍ବ ସୁନ୍ଦରୀ କନିଆଁ ଅଛି, ତାକୁ ବାହା ହେବେ ତ ଉଠିବେ, ନଇଲେ ନାହିଁ ।

ଏ ଗୋଟାଏ କିବା କଥା ! ରଜାଙ୍କର ସାଙ୍ଗେ ସାଙ୍ଗେ ହୁକୁମ ହୋଇଗଲା ସେ ଝିଅର ବାପକୁ ଡକାଇ ଆଣିବା ପାଇଁ ।

ଝିଅ ତାର ରାଣୀ ହେବ । ଏ କଥା ଶୁଣି ବାପର ଗୋଡ଼ ଆଉ ତଳେ ଲାଗିଲା ନାହିଁ । ସବୁ କାମ ଛାଡ଼ି ସେ ଦୌଡ଼ିଲା ରାଜାଙ୍କ ପାଖକୁ । ସେଠି ସେ ଜବାବ୍ କରି ଆସିଲା । ତେବେ ଯାଇ ରଜାପୁଅ ଉଠିଲେ ।



Digitized by srujanika@gmail.com

—୬—

ଚୂଡ଼ାନ୍ତ ଉତ୍ସବ । ହୋ—ରଡ଼ ପଡ଼ ଯାଇଛି । ରଜାପୁଅ ବାହା ହେବେ । କନିଆଁ ଯେ ଅପୂର୍ବ ସୁନ୍ଦରୀ । ରଜାପୁଅ ନିଜେ ଦେଖିଶୁଣି ବାଛିଛନ୍ତି ।

ସକାଳ ସୂର୍ଯ୍ୟ ଉଇଁ ଆସିଲା ବେଳକୁ ବଉଦ ଖଣ୍ଡେ ତାଙ୍କୁ ଘୋଡ଼ାଇ ପକାଇଲା ପରି ହଠାତ୍ ରାଜ୍ୟରେ ନାଗରା ଦିଆଗଲା ଯେ ବାହାଘର ବନ୍ଦ । କନ୍ୟା ପଣ କରିଛି—ବାର ବର୍ଷ ନ ଗଲେ ସେ ବାହା ହେବ ନାହିଁ ।

ସେଇ ପୋଖରୀ ଭିତରେ ନଅର ତୋଳା ଗଲା । ସେଠି ଦାସୀ ପରିବାରୀ ସବୁ ସେ କନ୍ୟା ପାଖରେ ଖଟିଲେ । କନ୍ୟା ଯାହା କହିଲା ତାହା ହେଲା । ବାରବର୍ଷ ପରେ ତାର ବ୍ରତ ଉଛିା ହେବ । ସେଇ ଦିନ ସେ ପୋଖରୀରେ ସିନାନ ସାରି ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ଆସି ରଜାପୁଅ ବେକରେ ବରଣମାଳା ଦେବ ।

ରଜାପୁଅ ବାଟୁଅ ରହିଲେ—ଖାସ୍ ତାରି ପାଇଁ ।

ଦିନ ଗଲା—ମାସ ଗଲା—ବର୍ଷ ପରେ ବର୍ଷ ବିତିଲା—ନଅର ଛାତରେ ବସି ସେ ନିତି ସଞ୍ଜରେ ପୋଖରୀ କୂଳକୁ ଚାହେଁ—ହେଲେ, ସଉଦାଗର ଆଉ ଫେରିଲା ନାହିଁ ।

—୭—

ଦିନ ଗଲା—ମାସ ଗଲା—ବର୍ଷ ପରେ ବର୍ଷ ଗଲା—ସେ ଲାଗିଛି ସେଇ କଣ୍ଢେଇ ଗଢ଼ିବାରେ ।

ବେପାର ଗଲା—ବଣିଜ ଗଲା—ଧନ ଗଲା—ସମ୍ପତ୍ତି ଗଲା—କିଛି ନ ଦେଖିବାକୁ ସବୁ ଗଲା—ସେ ଲାଗିଛି ସେଇ କଣ୍ଢେଇ ଗଢ଼ିବାରେ ।

ନିତି ଗୋଟିଏ କରି ଗଢ଼େ । ପୁଣି ଭାଙ୍ଗି ଦିଏ । ମନକୁ ଆସେ ନାହିଁ । ଏଇମିତି ବାର ବର୍ଷ ଗଲାଣି, ତଥାପି ସେ ଲାଗିଛି ସେଇ କଣ୍ଢେଇ ଗଢ଼ିବାରେ !

ଅବିକଳ ତାରି ପରି ହେବ । ତାର ରୂପ, ତାର ହାତ, ଗୋଡ଼ ମୁହଁ ଚାହାଣୀ—ତାରି ଭାବ ଭଙ୍ଗୀ ସବୁ ଠିକ୍ ସେଇମିତି ରହିବ । ଖିଆ ପିଆର ଠିକ୍ ଠିକଣା ନାହିଁ—ଆଖିରେ ନିଦ ନାହିଁ—ମନରେ ଶାନ୍ତି ନାହିଁ—ଦେଉଁ ଢଙ୍ଗ କଣ୍ଢେଇଟି ସେ ନତ-ଜାନୁ ହୋଇ ମାଗି ମାଗି ପାଇ ନାହିଁ ସେ ଲାଗିଛି ଅବିକଳ ତାରି ପରି ଏକ କଣ୍ଢେଇ ଗଢ଼ିବାରେ ।

ତା କଅଣ ହୋଇ ପାରିବ ? ଆଖିର ଜ୍ୟୋତି କମିଲା—ଦେହ ଶୁଖି ଶୁଖି କଳାକାଠ ପଡ଼ିଲା—ମାଟିରେ ମିଶିବାକୁ ବସିଲା ତେବେ ବି ତାର କଣ୍ଢେଇ ଗଢ଼ା ସରିଲା ନାହିଁ ।

କିଏ ଆସି କହିଲା—ଅମୁକ ଦେଶ ରଜାପୁଅର ଅମୁକ ଦିନେ ବାହାଘର । ଗଡ଼ ପାଖରେ ଏକ ମେଳା ବସୁଛି । ସବୁଠାରୁ ଭଲ କୋଠିକାମ କାରୁକାମ ଯିଏ ଦେଖାଇ ପାରିବ ନୂଆ ରାଣୀ ନିଜ ହାତରେ ବକ୍ସିସ୍ ଦେବେ ବୋଲି ଢେଣ୍ଟରା ଦିଆଯାଇଛି ।

ସଉଦାଗର ଉପରକୁ ମୁହଁ କଲା । ପଟା କପାଳରେ ହାତ ମାରିଲା । ବୁକୁର ବହୁତ ଗଭୀରରୁ ଭିଡ଼ି ଆଣି ଗୋଟାଏ ଲମ୍ବା ନିଶ୍ୱାସ ଛାଡ଼ିଲା ।

ଏଇ ଥର ତାର ଶେଷ । ଭଲ ହେଉ ମନ୍ଦ ହେଉ—ଯାହା ହେଉ, ଆଜି ସେ ଯାହା ଗଢ଼ିବ, ନିଶ୍ଚୟ ସେଇ ମେଳାକୁ ନେଇ ଯିବ ।

ସେ ଗଢ଼ି ବସିଲା ଏକ ମନରେ—ଏକ ଧ୍ୟାନରେ । ତାର ମନ ଭିତରେ ବିଜୁଳି ପରି ଖେଳି ଗଲା ସେଇ ମନୋହର ରୂପ—ଯେ କିହାଁକି ନିଠୁର ଭାବରେ ତାକୁ ନିରାଶ କରି ଫେରେଇ ଦେଇଥିଲା ସାମାନ୍ୟ ଗୋଟିଏ ମାଟିର କଣ୍ଢେଇ ପାଇଁକି । ଦୁଇ ବିନ୍ଦୁ—ବେଶୀ ନୁହେଁ—ଦୁଇଟି ବିନ୍ଦୁ ଲୁହ ଟପ୍ ଟପ୍ ହୋଇ ଝରି ପଡ଼ିଲା ତାର ପିତୁଳା ଗଢ଼ାର ଉପାଦାନ ମାଟି ଦେହରେ । ଜଡ଼ ମୃତ୍ତିକା ଯେପରି ଚେତନ ହୋଇ ଉଠିଲା ହଠାତ୍—ସେଇ ଲୁହର ପରଶ ପାଇ ।

ଆଜିକୁ ଭଲ ଦିଶୁ ନାହିଁ । ନିରେଖି ଚାହିଁ ଚାହିଁ ପାଣି ଗଡ଼ି ପଡ଼ୁଛି—ସେ ସେମିତି କାମରେ ଲାଗିଥାଏ ।

କିନ୍ତୁ ଆଜି ତାକୁ ବେଶୀ ବେଳ ଲାଗିଲା ନାହିଁ । ତା ହାତରେ କିଏ ଦେବତା ବସିକି କରି ସେମିତି ତାକୁ ସବୁ କଥା କହି ଦେଉଥାଏ । ସେ ଯାହା ଗଢ଼ୁଥାଏ ସେଥିରେ କିଛିହେଲେ ବୋଲି ଆଉ ରହିଲା ନାହିଁ । ନିଜର ଏ କ୍ଷମତା ଦେଖି ସେ ନିଜେ ଆଚମ୍ବିତ ହୋଇଗଲା ।

ପିତୁଳା ଗଢ଼ା ସରିଲା । ଖାଲି ଚକ୍ଷୁଦାନ ଦେବା । ତୂଳି ନେଇ ମୁଠାରେ ଧରିଲା । ଦୁଇଟି ସଜଳ ଅଭିମାନ ଭରା ଦାମ୍ଭିକ ଆଖି ତାର ମନ ଭିତରେ ନାଚି ଉଠିଲା । ତା ଛାତି ଭିତରେ ଗୋଟାଏ ଫୁଲେଇ ଲାଗିଲା । ସେ ସେହି ଆବେଗରେ ଦୁଇ ବିନ୍ଦୁ କଳା ଲଗେଇ ଦେଲା—ପିତୁଳାର ଆଖିରେ ! ହାତରେ—ଆଖିରେ—

ଅନାଇଁରେ ସେ କାନ୍ଦ ପକାଇଲା ।

କିନ୍ତୁ—କିନ୍ତୁ—

ଆଖି ପୋଛି ଦେଖେ ମାଟିର ପିତୁଳା ଆଉ ନାହିଁ । କେବଳ କଳ୍ପନାରେ ତାର ସେହି ମୁଖର ପିତୁଳାଟି ଜୀବନ ପାଇ ଠିଆ ହୋଇଛି ସେମିତି—ସେ ନିଶ୍ଚେ ଦେଖି ପାରିଲା ।

ତାର ପ୍ରାଣର ପିତୁଳାଟିକୁ ସେ ଆଉ ଏ ଜୀବନରେ ଦେଖି ପାରିବ ନାହିଁ । ତାର ଆଖି ଫୁଟି ଯାଇଛି । କିନ୍ତୁ ତାର ଦୁଃଖ ନାହିଁ ସେଥିପାଇଁ । ସେ ଚରମ ତୃପ୍ତି ଓ ଗଭୀର ହର୍ଷ ବୋଧ କଲା ଯେପରି ତାର ସେଇ ମାଟିର ପିତୁଳାଟିକୁ ପ୍ରାଣର ଅନ୍ଧାର ନିକଟତର କରି ପାରିଛି । ଗୋଟାଏ ନିଶ୍ଚିନ୍ତ ନିଶ୍ୱାସ ଛାଡ଼ିଲା ।



Digitized by srujanika@gmail.com

—୮—

ଆଜି ରଜାପୁଅ ବାହା ହେବେ । ଧନୀ ଗରିବ ଛୋଟ ବଡ଼ କାହାରି ସମସ୍ତଙ୍କ ମନରେ ଆନନ୍ଦର ଜୁଆର ଖେଳୁଛି ।

ପୋଖରୀ ତୋଠରେ ଲୋକାରଣ୍ୟ ।

ଅପୂର୍ବ ସୁନ୍ଦରୀ କନିଆଁ । ଚନ୍ଦ୍ର ସୂର୍ଯ୍ୟ ବି ଦେଖି ନାହାନ୍ତି ତାକୁ । ପୋଖରୀ ମଝିରେ ସେଇ ଘର ଭିତରେ ବାର ବର୍ଷ କାଳ କି ବ୍ରତ ପାଳିଥିଲା କେଜାଣି ଆଜି ସେ ଉଦ୍ଧାର ହେବ । ଦେଖିବେ ବୋଲି ଲୋକେ ଗୋଟାକ ଉପରେ ଗୋଟାଏ ପଡ଼ୁଛନ୍ତି ।

ଗୋଟିଏ ମାଟିର ପିତୁଳା । ସେ ମୂର୍ତ୍ତି ଭଙ୍ଗା । ବାରବର୍ଷ କାଳ ତାକୁ କାହିଁକି ସାଇତି ରଖିଥିଲେ କି ଜାଣି ! ଆଜି ଆଣି ବୁଢ଼ି ନେଇ ତାକୁ ଜଳରେ ଉଣ୍ଡାଇ ଦେଲେ । ଦାସୀ ପରିବାରୀମାନେ କାଠ ହୋଇ ଅନାଇ ରହିଥାନ୍ତି ।

ଶଙ୍ଖ ହୁଳହୁଳି ଉଛୁଳି ପଡ଼ିଲା । ନହବତ ଖାନାରେ ମଙ୍ଗଳ ମହୁରୀ ଶୁଭିଲା । ପଣ୍ଡିତ ଜ୍ୟୋତିଷ ମଙ୍ଗଳାଷ୍ଟକ ପାଠ କଲେ । ପୁରୋହିତ ଆଚାର୍ଯ୍ୟମାନେ ମନ୍ତ୍ର ପାଠ ଆରମ୍ଭିଲେ । କନ୍ୟା ସ୍ନାନ ସାରି ପାଟ-ପୀତାମ୍ବର ପିନ୍ଧି ଫୁଲମାଳା ନେଇ ବର ବେକରେ ଗଳାଇ ଦେଲା ।

'ଯୁବରାଜଙ୍କର ଜୟ' ଧ୍ୱନିରେ ଆକାଶ ଥରି ଉଠିଲା । ସମସ୍ତେ ଆନନ୍ଦରେ ନାଚି ଉଠିଲେ ।

ତେଣେ ବିରାଟ ପ୍ରଦର୍ଶନୀ ବସିଛି । କାହିଁ କାହିଁ ମୁଲକର ସଉଦାଗର ବଣିକ ଜହରୀ ବେପାରୀ ସବୁ ଜାଭା ସୁମାତ୍ରାରୁ-- ଆରବ ପାରସ୍ୟରୁ ଭଲ ଭଲ କାରୁକାମ ଆଣି ଜମା କରିଛନ୍ତି । ନବ ବରବଧୂ ଆସି ଦେଖିବେ । ସବୁଠାରୁ ଭଲ ଜିନିଷ ଦେଖି ରାଜବଧୂ ପୁରସ୍କାର ଦେବେ । ସମସ୍ତେ ଆଶା ଆଶଙ୍କାରେ ରୁନ୍ଧି ରହିଥାନ୍ତି ।

କିନ୍ତୁ ରାଜବଧୂ କୌଣସି ପଦାର୍ଥକୁ ପସନ୍ଦ କଲେ ନାହିଁ । ସମସ୍ତଙ୍କ ମନ ଫିକା ପଡ଼ିଗଲା !

ପ୍ରଦର୍ଶନୀର ଶେଷ ଅଡ଼କୁ ଅନ୍ଧଟିଏ ବସିଥିଲା—ଗୋଟିଏ ମାଟିର ପିତୁଳା ଧରି ।

ଅନ୍ଧଟି ବଡ଼ ଗରିବ । ଲୁଗାପଟା ଅତି ଅପରିଷ୍କାର – ଚିରା । ଦେହ ଏତେ ବେଶୀ ଭାଙ୍ଗି ଯାଇଛି ଯେ ମନେ ହୁଏ କେତେ ବର୍ଷ ହେବ ସେ ଯେପରି ପେଟ ପୂରେଇ ଗଣ୍ଡେ ଖାଇବାକୁ ପାଇ ନାହିଁ ।

ରାଜବଧୂ ପିତୁଳାଟିକୁ ଦେଖି ହଠାତ୍ ଚମକି ପଡ଼ିଲେ । ଆଶ୍ଚର୍ଯ୍ୟ ହୋଇ ଅନ୍ଧକୁ ପଚାରିଲେ—"ଏ ପିତୁଳା ତୁ କେଉଁଠୁ ପାଇଲୁ ଅନ୍ଧ ?"

" ଜଣେ ସଉଦାଗର ଦେଇଛନ୍ତି । ପିତୁଳା ତଳେ ଖଣ୍ଡିଏ ଲେଖା ଅଛି ପଢ଼ିଲେ ବୁଝି ପାରିବେ ଏ କଳାର ପ୍ରକୃତ ଭାବ । ତାକୁ ସଉଦାଗର ନିଜ ହାତରେ ଲେଖିଛନ୍ତି ।"

ରାଜବଧୂ ପଢ଼ିଲେ—"ସୁନ୍ଦର ପଦାର୍ଥରେ ସମସ୍ତଙ୍କର ସମାନ ଅଧିକାର । ଯେ ସୁନ୍ଦର ସୃଷ୍ଟି କରେ ତା' ଉପରେ ଦାବି କେବଳ ଗଢ଼ି ଦେଇ ଥୋଇ ଦେବା ଯାଏ । ଗଢ଼ା ସରିଲା ଉତ୍ତାରୁ ସୌନ୍ଦର୍ଯ୍ୟର ମର୍ଯ୍ୟାଦା ଯେ ବୁଝେ, ସେ ହୋଇଯାଏ ତାର । କୁମାରି, ତମେ କଅଣ ତାକୁ ନିଜର କରି ରଖି ପାରିବ ?"

ଅଭିମାନିନୀ ରାଜବଧୂ ଛଳ ଛଳ ଆଖିରେ କହିଲେ—" ଅନ୍ଧ, ଯଦି ସଉଦାଗର ସହିତ କେବେ ଦେଖା ହୁଏ କହିଦେବ, ଯେ ସେ ଏବେ ବି ସେଇ ପିତୁଳାକୁ ନିଜର କରି ପାରି ନାହାନ୍ତି । ସମସ୍ତ ଅଙ୍ଗ ଠିକ୍ କରି ତୋଳା ଯୋଡ଼ିକ ଲେଖିବାକୁ ଯାଇ ସେ ଯେଉଁ ଭୁଲ କରିଛନ୍ତି ସେଥିରୁ ଜଣା ଯାଉଛି ଯେ ପିତୁଳାଠାରୁ ପିତୁଳାକୁ ଗଢ଼ିଥିବା ଲୋକ ତାଙ୍କ ହୃଦୟକୁ ବେଶୀ ଅଧିକାର କରିଛି । କିନ୍ତୁ ତାର ଆଶା କରିବା—"

" ହୋଇ ନାହିଁ—ଠିକ୍ ହୋଇ ନାହିଁ ? ତେବେ ଯାଃ ।" କହି ଅନ୍ଧ ପିତୁଳାକୁ କଚାଡ଼ି ଭାଙ୍ଗି ଦେଲା ।

" ଆହା ହା ସେ କଅଣ କଲ !" ରାଜବଧୂ ଚିତ୍କାର କରି ଉଠିଲେ ।

" ମୋର ପିତୁଳା ମୁଁ ଭାଙ୍ଗିଲି," ଅନ୍ଧ ଅଭିମାନରେ କହିଲା ।

" ତମର ପିତୁଳା ? ସଉଦାଗରର ନୁହେଁ ?" ରାଜବଧୂ ପଚାରିଲେ ।

" ସେନେ ଯେ ସଉଦାଗର—ଆଜି ସେ ଅନ୍ଧ ଭିକାରୀ । ମୁଁହି ସେଇ ସଉଦାଗର ।" "ସଉଦାଗର ?—"

ରାଜବଧୂ ଆଉ କହି ପାରିଲେ ନାହିଁ । ଚେତା ବୁଡ଼ିଗଲା । ରାଜବୈଦ୍ୟ ଆସି ଦେଖିଲେ—ସବୁ ଶେଷ ।

× × ×

ତା ପରେ ଅନ୍ଧକୁ ଆଉ ସେଠି କେହି ଦେଖିଲେ ନାହିଁ ।

× × ×

ଶହେ ବର୍ଷ ବିତି ଗଲଣି । ଲୋକେ କହନ୍ତି ସେ ପୋଖରୀ ମଝିରେ ସେଇ ଘର ଭିତରେ ଅଧରାତି ବେଳେ ଶୁଣାଯାଏ ଗୋଟିଏ ବୁଢ଼ା ଲୋକ ବଡ଼ କାତର କଣ୍ଠରେ ଯେପରି ଡାକୁଛି—"ସଉଦାଗର— ସଉଦାଗର ।"

# ଦେଶୀୟ ରାଜ୍ୟ ସମାଚାର

## ହାୟଦ୍ରାବାଦ

### ରାଜ୍ୟର ପ୍ରତି ଗ୍ରାମକୁ ରେଡିଓ ( ବେତାର ଶବ୍ଦ ) ଯନ୍ତ୍ର ଉପହାର ଦିଆଯିବ

ହାୟଦ୍ରାବାଦ ରାଜ୍ୟର ପ୍ରତି ଗ୍ରାମରେ ରେଡ଼ିଓ ଯନ୍ତ୍ର ସ୍ଥାପନ କରାଯିବାର ଯେଉଁ ପ୍ରସ୍ତାବ ହୋଇଅଛି ସେ ସମ୍ବନ୍ଧରେ ଆମେରିକା ଯୁକ୍ତ ରାଷ୍ଟ୍ରର ବିଖ୍ୟାତ ଲିଟରାରି ଡାଇଜେଷ୍ଟ ପତ୍ରିକା ଗତ ନଭେମ୍ବର ୩୦ ତାରିଖ ସଂଖ୍ୟାରେ ନିମ୍ନ ବିବୃତି ପ୍ରକାଶ କରିଅଛନ୍ତି ।

"ମହାମହିମ ହାୟଦ୍ରାବାଦ ନିଜାମଙ୍କର ଏଜେଣ୍ଟ ଗମ୍ଭୀର ପ୍ରକୃତିକ ବ୍ୟବସାୟକୁଶଳ ସୟଦ ମାରୁଫ୍ ଅଲି ଗତ ସପ୍ତାହରେ ନିଉ ଇୟର୍କରୁ ଜଳଯାତ୍ରା ଆରମ୍ଭ କଲେ । ଏଠାରୁ ସେ ଇଂଲଣ୍ଡ ବାଟେ ହାୟଦ୍ରାବାଦକୁ ଫେରିବେ । ଉକ୍ତ ହାୟଦ୍ରାବାଦ ରାଜ୍ୟଟି ଇଂରେଜ ଅଧୀନ ଭାରତୀୟ ଦେଶୀୟ ରାଜ୍ୟମାନଙ୍କ ମଧ୍ୟରେ ଧନ ଏବଂ ଜନ ହିସାବରେ ଶ୍ରେଷ୍ଠତମ । ଏହାର ପରିଧି ନ୍ୟୁ ୟର୍କ ଷ୍ଟେଟ୍‌ର ଦୁଇ ଗୁଣ ଏବଂ ଲୋକ ସଂଖ୍ୟା ୧,୪୦,୦୦,୦୦୦ ।

"ଆମେରିକାର ରେଡିଓ ପ୍ରଣାଳୀ ଏବଂ ତାହାର ଆବଶ୍ୟକୀୟ ବସ୍ତୁଗୁଡ଼ିକ ବିଷୟରେ ଅଭିଜ୍ଞତା ଅର୍ଜନ କରିବାକୁ ସୟଦ ମାରୁଫ୍ ଅଲି ଆସିଥିଲେ । ଏଥି ପୂର୍ବରୁ ୟୁରୋପରେ ଥିବା ଉକ୍ତ ଯନ୍ତ୍ରର ବିଶିଷ୍ଟ କେନ୍ଦ୍ର ସ୍ଥାନଗୁଡ଼ିକୁ ସେ ଦେଖି ଫେରି ଥିଲେ । ଆଗାମୀ ଫେବ୍ରୁୟାରୀ ମାସରେ ମହାମହିମ ନିଜାମଙ୍କ ରାଜତ୍ୱର ୨୫ ବର୍ଷ ପୂର୍ଣ୍ଣ ହେଉଥିବାରୁ ଯେଉଁ ରୌପ୍ୟ ଜୟନ୍ତୀ ପାଳନ କରାଯିବ, ସେହି ଉତ୍ସବରେ ପୃଥିବୀର ସର୍ବଶ୍ରେଷ୍ଠ ଧନୀଙ୍କର ଇଚ୍ଛାନୁସାରେ ହାଇଦ୍ରାବାଦ ସରକାରର ବେତାର ଯନ୍ତ୍ର ବିଭାଗର ଡିରେକ୍ଟରରୂପେ ସୟଦ ଅଲି ରାଜ୍ୟର ପ୍ରତି ଗ୍ରାମରେ ରେଡିଓ ସେଟ୍ ବସାଇବା ଚେଷ୍ଟାରେ ଅଛନ୍ତି ।

"ତିନିଗୋଟି ଶକ୍ତିଶାଳୀ ବେତାର ବାର୍ତ୍ତାବହ କେନ୍ଦ୍ର ନିର୍ମିତ ହେବ । ପ୍ରତ୍ୟେକ କେନ୍ଦ୍ରରୁ ରାଜ୍ୟରେ ପ୍ରଚଳିତ ବିଭିନ୍ନ ଭାଷାରେ ଜୟନ୍ତୀର କାର୍ଯ୍ୟ ନିର୍ଘଣ୍ଟ ପ୍ରଚାରିତ ହେବ । ରେଡିଓକୁ ନିଜାମ 'ଆକାଶବାଣୀ' ବୋଲି କହୁଥାନ୍ତି ଏବଂ ତାଙ୍କ ରାଜ୍ୟର ଲୋକଙ୍କୁ ଶିକ୍ଷିତ କରିବା ପାଇଁ ଏହାକୁ ଗୋଟିଏ ପ୍ରଧାନ ଉପାୟ ବୋଲି ମନେ କରନ୍ତି । ରାଜ୍ୟ ତମାମ ରେଡିଓ ବସାଇବା ଉଦ୍ଦେଶ୍ୟରେ ସେ ପ୍ରାୟ ପନ୍ଦର ଲକ୍ଷ ଟଙ୍କା ଦାନ କରି ଅଛନ୍ତି । ଏହି ଅର୍ଥର ପରିମାଣ ଅଧିକ ହେଲେ ହେଁ ତାଙ୍କର ସମ୍ପତ୍ତି ତୁଳନାରେ ଏହା ଯେ ଅକିଞ୍ଚିତ୍କର ତାହା ନିମ୍ନ ଉକ୍ତିରୁ ବେଶ୍ ବୁଝାଯାଏ—ଅତୀତ ଦେଶୀୟ ଅଲଙ୍କାର ସମ୍ବନ୍ଧରେ ଯେଉଁ ସବୁ ଅତି କାଳ୍ପନିକ ଗାଳଗଳ୍ପ ଶୁଣାଯାଏ ନିଜାମଙ୍କର ପ୍ରଚୁର ସମ୍ପତ୍ତିର ସତ୍ୟ ସମ୍ବାଦ ନିକଟରେ ତାହା ଅତି ସାମାନ୍ୟ ମନେ ହୁଏ ।"

## ମହୀଶୂର

### ଶିକ୍ଷା ସମ୍ବନ୍ଧରେ ଦେଓ୍ୱାନଙ୍କର ଅଭିମତ

ବାଙ୍ଗାଲୋରର ସେଣ୍ଟ୍ରାଲ କଲେଜର ସ୍ମାରକ ଜୟନ୍ତୀ ଉତ୍ସବରେ ସଭାପତି ଆସନରେ ମହୀଶୂରର ଦେଓ୍ୱାନ ସର୍ ମିର୍ଜା ଇସମାଇଲ ଶିକ୍ଷା ସମ୍ବନ୍ଧରେ ନିମ୍ନୋକ୍ତ ମତ ବ୍ୟକ୍ତ କରିଥିଲେ ।

"ଭାରତବର୍ଷର ଲୋକେ ଅଧିକ ସଂଖ୍ୟାରେ ବିଶ୍ୱବିଦ୍ୟାଳୟ ଚାହାନ୍ତି ଏବଂ ସମ୍ଭବତଃ ସେଗୁଡ଼ିକୁ ବଞ୍ଚାଇ ରଖିବା ପାଇଁ ସେମାନେ ସଜ ହେବା ଉଚିତ । କାରଣ ଆସନ୍ତା ପଚିଶ ବର୍ଷ ଭିତରେ ବହୁ ନୂତନ କାର୍ଯ୍ୟ କରିବାକୁ ହେବ ଏବଂ ତାହା ସାଧନ କରିବା ପାଇଁ ବହୁ ଲୋକଙ୍କର ଆବଶ୍ୟକ,—ବହୁ ଶିକ୍ଷିତ, ବହୁ ଚିନ୍ତାଶୀଳ, ଚରିତ୍ରବାନ ଏବଂ ଦୃଢ଼ ବିଶ୍ୱାସସମ୍ପନ୍ନ ବ୍ୟକ୍ତି ଯେଉଁମାନେ ଏକ ନୂତନ ସମଷ୍ଟିଗତ ମହା ଭାରତୀୟ ଆଦର୍ଶକୁ କାର୍ଯ୍ୟରେ ପରିଣତ କରି ସଫଳକାମ କରି ପାରିବେ,—ଯେଉଁ ଭାରତରେ ପ୍ରତ୍ୟେକ ଲୋକ ପ୍ରଥମତଃ ଏବଂ ପ୍ରଧାନତଃ ଭାରତୀୟରୂପେ ହିଁ ପରିଚିତ ହେବ, ପ୍ରତି ଲୋକର ସମାନ ଅଧିକାର ଓ ଦାୟିତ୍ୱ, ସମାନ ଆଦର୍ଶ ଓ ଆକାଂକ୍ଷା ପ୍ରତିଷ୍ଠିତ ହେବ; ପ୍ରତି ଲୋକ ହିଁ ଏକ ସାଧାରଣ ଇତିହାସ ଗଠନରେ ବ୍ରତୀ ହେବ, ଜାତି ବର୍ଣ୍ଣ, ନାନା ଧର୍ମ ଓ ଉଚ୍ଚ ନୀଚ ଦୃଷ୍ଟିରେ ଅକାରଣ ଭେଦଭାବ ସୃଷ୍ଟି ନ କରି ଏବଂ ଏକ ସାଧାରଣ ମାନବିକତାକୁ ଗ୍ରହଣ କରିବା ବାଟରେ ଯେଉଁ ଭାବ ଉଭୟ ନାରୀ ଓ ପୁରୁଷଙ୍କୁ ପୃଥକ୍ କରି ରଖିଅଛି, ସେ ଭାବକୁ ପ୍ରତ୍ୟେକଙ୍କୁ ଦୂର କରିବାକୁ ହେବ ।

× × × ×

"ଅଧିକ ଶିକ୍ଷା ପ୍ରଚାର କିମ୍ବା ଅଧିକ ସଂଖ୍ୟକ ଶିକ୍ଷିତ ଲୋକଙ୍କ ପାଇଁ ମୋର ଭୟ ନାହିଁ । ଶିକ୍ଷା ବଜାରରେ ବହୁ ସଂଖ୍ୟକ ଗ୍ରାଜୁଏଟ୍‌ଙ୍କୁ ଦେଖି କିମ୍ବା ବର୍ତ୍ତମାନର ବେକାର ସମସ୍ୟାକୁ ନେଇ



Digitized by srujanika@gmail.com

ମୁଁ ବିବ୍ରତ ନୁହେଁ। ମୁଁ ଅବଶ୍ୟ ହୃଦୟଶୂନ୍ୟ ନୁହେଁ କିମ୍ବା ଯେଉଁ ଯୁବକମାନେ କାର୍ଯ୍ୟ କରିବାକୁ ନ ପାଇ ଚିନ୍ତାକ୍ଷୀଣ, ଅଥବା ଯେଉଁ ମାତାପିତା କିମ୍ବା ଅଭିଭାବକମାନେ ନିଜର ସର୍ବସ୍ୱ ବ୍ୟୟ କରି ସନ୍ତାନମାନଙ୍କ ଜୀବନରେ ସୁପ୍ରତିଷ୍ଠିତ ଦେଖିବାକୁ ଆଶା କରିଥିଲେ, ସେମାନଙ୍କ ପ୍ରତି ମୋର ଯେ ସହାନୁଭୂତି ନାହିଁ ତାହା ନୁହେଁ, କିନ୍ତୁ ମୋର ବିଶ୍ୱାସ ହୁଏ ଯେ ଏ ସବୁ କଷ୍ଟ କେବଳ ସାମୟିକ ମାତ୍ର ଏବଂ ଯଥାଶୀଘ୍ର ଆକାଶ ନିର୍ମଳ ହୋଇ ଉଠିବ। ଏଥିପାଇଁ କୌଣସି ସହଜ କିମ୍ବା ଆଗରୁ ପ୍ରସ୍ତୁତ ସମାଧାନ ନାହିଁ। କିନ୍ତୁ ଆମ୍ଭମାନଙ୍କୁ ସମସ୍ତଙ୍କୁ ଏକତ୍ରିତ ହୋଇ ସକଳ ଦିଗରୁ ହିଁ ଏ ସମସ୍ୟାକୁ ଆକ୍ରମଣ କରିବାକୁ ହେବ—ସରକାର ଏବଂ ଜନସାଧାରଣ, ପ୍ରତି ଅଭିଭାବକ ଏବଂ ସ୍ୱୟଂ ଯୁବକମାନଙ୍କୁ ମଧ୍ୟ। କାରଣ ସେମାନଙ୍କର ଶିକ୍ଷା ତାଙ୍କର ଏକ ଶକ୍ତି ହେବା ଉଚିତ, ଦୁର୍ବଳତା ନୁହେଁ। ଏହି ଶିକ୍ଷା ସେମାନଙ୍କୁ ସଙ୍ଘବଦ୍ଧ ହୋଇ ସଂଗଠନ କରିବା ଦିଗରେ, ନିଜର ଶକ୍ତି ସାମର୍ଥ୍ୟକୁ ପ୍ରୟୋଗ କରି ନୂତନ ରାସ୍ତା, ନୂତନ କର୍ମ ପ୍ରେରଣା ଯୋଗାଇବା ଦିଗରେ କିମ୍ବା ସୃଷ୍ଟି କରିବା ଦିଗରେ ସାହାଯ୍ୟ ହେବା ଉଚିତ।

"ଭାରତରେ ସ୍ୱାଧୀନତା ପାଇଁ ଏବଂ ପୃଥିବୀର ବିଭିନ୍ନ ଜାତିମାନଙ୍କ ମଧ୍ୟରେ ତାହାର ନ୍ୟାଯ୍ୟ ସ୍ଥାନ ଅଧିକାର ପାଇଁ ସାମାଜିକ, ରାଜନୈତିକ ତଥା ଅର୍ଥନୈତିକ ପ୍ରଭୃତି ସମସ୍ତ କ୍ଷେତ୍ରରେ ଜାତୀୟ ଅଭ୍ୟୁଦୟ ସାଧିତ ହେବା ଆବଶ୍ୟକ। ସେଥିପାଇଁ ଭାରତର ପୁତ୍ର କନ୍ୟାମାନେ ସେମାନଙ୍କର ବିଶାଳ ଗୌରବମୟ ଅତୀତକୁ ଯେପରି ହୃଦୟଙ୍ଗମ କରିବା ଉଚିତ, ଭବିଷ୍ୟ ବଂଶଧରମାନଙ୍କ ପ୍ରତି ସେମାନଙ୍କର ସେହିରୂପ ବିରାଟ ଦାୟିତ୍ୱ ମଧ୍ୟ ବୁଝିବା ଉଚିତ। ଏହି ମହତ୍ କର୍ମ ସାଧନ ଲାଗି ଆମ୍ଭମାନଙ୍କର ମନୁଷ୍ୟ ଲୋଡ଼ା ଏବଂ ସେଥି ସଙ୍ଗେ ସଙ୍ଗେ ଯେଉଁମାନଙ୍କୁ ଆମେ ଶିକ୍ଷିତ କରିଛୁ ସେମାନଙ୍କ ପାଇଁ କାର୍ଯ୍ୟ ଯୋଗାଇବା ମଧ୍ୟ ଦରକାର।"

## ଉଦୟପୁର

### ରାଜପୁତ ସଭ୍ୟତାର ଗୌରବ

ଅଜମିର ଗଭର୍ଣ୍ଣମେଣ୍ଟ କଲେଜର ପ୍ରଧାନ ଅଧ୍ୟାପକ ଶ୍ରୀଯୁକ୍ତ ... ଶେଠାଦ୍, ଉଦୟପୁର ମହାରାଣା ଭୂପାଲ ହାଇ ସ୍କୁଲର ଅଧ୍ୟକ୍ଷମାନଙ୍କ ଦ୍ୱାରା ଆହୂତ ହୋଇ ସେଠାରେ ରାଜପୁତମାନଙ୍କ ଶିକ୍ଷା ସମ୍ବନ୍ଧରେ ଅତି ଚମତ୍କାର ଏକ ଭାଷଣ ଦେଇଥିଲେ।

ସେଥିରେ ସେ କହିଥିଲେ କି ରାଜପୁତମାନଙ୍କର ଗୌରବମୟ ଅତୀତ ସର୍ବଜନବିଦିତ ଏବଂ ଭାରତୀୟ ସଭ୍ୟତା ପ୍ରଗତି ଲାଗି ତାଙ୍କର ପୂର୍ବପୁରୁଷମାନେ ଅତି ଅମୂଲ୍ୟ ଦାନ କରିଯାଇ ଅଛନ୍ତି। ସାହସିକତା ଓ ମହାନୁଭବତାର କେତେଗୋଟି ଶ୍ରେଷ୍ଠତମ ଆଦର୍ଶ ସେମାନଙ୍କ ସହିତ ଜଡ଼ିତ ଥିଲା ଏବଂ ପୁଣି କାହିଁକି ଯେ ସେମାନେ ସେହିରୂପ ଶୌର୍ଯ୍ୟର ଅଧିକାରୀ ନ ହେବେ ତାହାର କାରଣ ନାହିଁ।

କିନ୍ତୁ ସେମାନଙ୍କୁ ମନେ ରଖିବାକୁ ହେବ ସମୟର ଏବେ ପରିବର୍ତ୍ତନ ଘଟି ଅଛି। ବର୍ତ୍ତମାନ କେବଳ ଅସି ଚାଳନା କିମ୍ବା ଘୋଡ଼ାକୁ ଆରୋହଣ କରିବା ଉପରେ ନିର୍ଭର ରଖିବା ସମ୍ଭବପର ନୁହେଁ। ବର୍ତ୍ତମାନ ଯୁଗର ପଛରେ ପଡ଼ି ରହିବାକୁ ନ ହେଲେ ସେମାନଙ୍କୁ ଅଧିକରୁ ଅଧିକ ଶିକ୍ଷିତ ହେବା ଉଚିତ।

ତତ୍ପରେ ଅଧ୍ୟାପକ ମହୋଦୟ ପ୍ଲେଟୋଙ୍କ ବଚନ ଉଦ୍ଧାର କରି ଚରିତ୍ର ଗଠନ ପାଇଁ ଚାରି ଗୋଟି ପ୍ରଧାନ ବିଷୟର ଉଲ୍ଲେଖ କରିଥିଲେ।

ସେଥିମଧ୍ୟରୁ ପ୍ରଥମଟି ହେଉଛି ସତ୍ୟ—ଉଦାର ଭାବରେ ଏହାର ଅର୍ଥ ସ୍ପଷ୍ଟବାଦୀ ହେବା ଏବଂ କୁଟିଳତା ବର୍ଜନ କରିବା।

ଦ୍ୱିତୀୟଟି ସଂଯମ—ଅର୍ଥାତ୍ ଜୀବନକୁ ଯଥାର୍ଥ ଦୃଷ୍ଟିରେ ଦେଖିବା ଏବଂ ସବୁ କ୍ଷେତ୍ରରେ ସମତା ରକ୍ଷା; ଆଉ ମଧ୍ୟ ଖାଦ୍ୟ ପେୟରେ ସଂଯମ ଅଭ୍ୟାସ କରିବା। ଉଦାହରଣ ସ୍ୱରୂପ କହାଯାଇ ପାରେ ଯେ କ୍ରୀଡ଼ା କୌତୁକ ହିଁ ଜୀବନର ଚରମ ସୀମା ନୁହେଁ ଏବଂ ପୋଲୋ କିମ୍ବା କ୍ରିକେଟ୍‌ରେ ହିଁ କୌଣସି ଜମିଦାର ଅଥବା ଶାସକର କର୍ତ୍ତବ୍ୟ ଶେଷ ହୁଏ ନାହିଁ।

ତୃତୀୟର ଭିତ୍ତି ଧର୍ମ ସାହସ ଏବଂ ଏହା କେବଳ ଯୁଦ୍ଧ ଭୂମିରେ ନୁହେଁ, ଜୀବନର ଅନ୍ୟ ସବୁ କ୍ଷେତ୍ରରେ ମଧ୍ୟ ଅଭ୍ୟାସ କରାଯାଏ। କୁସଂସ୍କାର ବିରୁଦ୍ଧରେ ଅଭିଯାନ କରିବା କାରଣ ଏବଂ ସମାଜର ଅହିତକର ପ୍ରଥା ଗୁଡ଼ିକର ଉତ୍ପାଟନ କରିବାକୁ ମଧ୍ୟ ପ୍ରକୃତ ସାହସର ଲୋଡ଼ା।

କ୍ଷମତାଶାଳୀ ଲୋକଙ୍କର ଦାୟିତ୍ୱ ବିଷୟରେ ମଧ୍ୟ ସେ କେତେକ କଥା କହିଥିଲେ। ଯାହାର ଯେତିକି ସୁଯୋଗ ତାହାର ଦାୟିତ୍ୱ ମଧ୍ୟ ଅଳ୍ପ ନୁହେଁ ଏବଂ ସେମାନେ କେବଳ ଯଥାର୍ଥ ଉଚ୍ଚ ବଂଶୀୟ ଯେ ପ୍ରକୃତରୂପେ ହୃଦୟଙ୍ଗମ କରନ୍ତି ଯେ ସାଧାରଣ ଲୋକଙ୍କ ଅପେକ୍ଷା ତାଙ୍କଠାରୁ ଅଧିକ ଉଚ୍ଚ ଧରଣର ବ୍ୟବହାର ଆଶା କରାଯାଇ ଥାଏ।

## ତ୍ରିବାଙ୍କୁଡ଼

### ମହାରାଜାଙ୍କର ଜନ୍ମୋତ୍ସବ

ତ୍ରିବାଙ୍କୁଡ଼ ମହାରାଜାଙ୍କର ସପ୍ତୋବିଂଶ ବାର୍ଷିକ [illegible] ମହା ସମାରୋହରେ ବହୁ ବର୍ଣ୍ଣିଷ୍ଣୁ ବ୍ୟକ୍ତିଙ୍କ [illegible] ଅନୁଷ୍ଠିତ ହୋଇ ଯାଇଅଛି। [illegible] ଦେଓ୍ୱାନ ଏବଂ ଉତ୍ସବ ପାଇଁ ନିଯୁକ୍ତ [illegible] ବାହାଦୁର ଭି. ଏସ୍. ସୁବ୍ରମନୟାର ଉନ୍ମୋଚନ କରିଥିଲେ।

ଦେଓ୍ୱାନ ବାହାଦୁର କହିଥିଲେ କି ସମଗ୍ର ରାଜ୍ୟ ଆଜି ଏହି ଉତ୍ସବ ଦିବସରେ ଆହ୍ଲାଦିତ ହୋଇ ଉଠିଅଛି। ଚାରି ବର୍ଷ ଆଗେ ଯେତେବେଳେ ମହାରାଜା ମହୋଦୟ ରାଜ୍ୟର ଶାସନ କ୍ଷମତା ଲାଭ କରିଥିଲେ ସେତେବେଳେ ସେ କହିଥିଲେ ଯେ ରାଜ୍ୟର



Digitized by srujanika@gmail.com

ଲୋକମାନଙ୍କର ସୁଖ ଶାନ୍ତି ଓ ହିତ ସାଧନ ଉଦ୍ଦେଶ୍ୟରେ ସେ ତାଙ୍କର ଜୀବନ ନିୟୋଗ କରିବେ । ଏହି ପ୍ରତିଜ୍ଞା ଯଥେଷ୍ଟରୂପେ ପୂର୍ଣ୍ଣ କରା ଯାଇଅଛି ।

ଗତ ଚାରି ବର୍ଷ ମଧ୍ୟରେ ବହୁ ଶାସନଗତ ସଂସ୍କାର କରାଯାଇ ଅଛି ଏବଂ ସେ ଗୁଡ଼ିକ ତ୍ରିବାଙ୍କୁଡ଼କୁ ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଉନ୍ନତି ମାର୍ଗରେ ଅଗ୍ରସର କରିବା ପାଇଁ ସଙ୍କେତ ଦେଇଅଛି ।

ତଥାପି ମହାରାଜାଙ୍କ ଶାସନ କାଳର ପ୍ରଧାନ ଘଟଣା ହେଉଛି ଶିଳ୍ପର ଉନ୍ନତି । ଏହାର ପ୍ରମାଣ ସ୍ୱରୂପ ଗୋଟିଏ ରବର କାରଖାନା ଏବଂ ପଲ୍ଲୀବାଶାଳର ଇଲେକ୍‌ଟ୍ରିକ୍ କାରଖାନା ସ୍ଥାପନ ମଧ୍ୟ ଉଲ୍ଲେଖ କରା ଯାଇ ପାରେ ।

ତ୍ରିବାଙ୍କୁଡ଼ର ଭୌଗୋଳିକ ପରିସ୍ଥିତି ହେତୁରୁ ଏହା ଯେ ବହୁ ବର୍ଷ ଯାବତ୍ ଅନ୍ୟାନ୍ୟ ସ୍ଥାନମାନଙ୍କଠାରୁ ଏକ ରକମ ପୃଥକ୍ ହୋଇ ପଡ଼ିଥିଲା ତାହାର ମଧ୍ୟ ସମାଧାନ କରାଯାଇ ଅଛି । ରାଜ୍ୟ ପରିଚାଳନରେ ମହାରାଜାଙ୍କର ଦୂରଦର୍ଶିତା ଗୁଣରୁ ବର୍ତ୍ତମାନ ବମ୍ବେ ସହିତ ଆକାଶ ଯାନରେ ନିୟମିତରୂପେ ଡାକ ଯିବା ଆସିବା କରିବାର ସୁବିଧା ହୋଇଅଛି ।

## ନିଖିଳ ଭାରତୀୟ ନାରୀ ମହାସଭା

ମହୀଶୂରର ଯୁବରାଣୀଙ୍କ ନେତୃତ୍ୱରେ ତ୍ରିବାନ୍ଦ୍ରମ୍‌ଠାରେ ନିଖିଳ ଭାରତ ନାରୀ ମହାସଭାର ଅଧିବେଶନ ଅନୁଷ୍ଠିତ ହୋଇ ଯାଇଅଛି । ଶିକ୍ଷା, ଶ୍ରମ ଏବଂ ସମାଜ (କ) ଓ ସମାଜ (ଖ)—ଏହି ଚାରି ଗୋଟି ବିଭାଗରେ ପ୍ରତିନିଧିମାନଙ୍କୁ ବିଭକ୍ତ କରାଯାଇ ଥିଲା । ତ୍ରିବାଙ୍କୁଡ଼ ରାଜସରକାର ଉଦ୍ୟୋକ୍ତାମାନଙ୍କୁ ସବୁ ରକମ ସୁବିଧା ଦେଇଥିଲେ ।

# ଇନ୍ଦୋର

## ଭାରତୀୟ ବିଜ୍ଞାନ ମହାସଭା

ଇନ୍ଦୋର ରାଜସରକାର ସବୁ ଉତ୍ତମ କାର୍ଯ୍ୟରେ ସହାନୁଭୂତି ପ୍ରଦର୍ଶନ କରୁଥିବାରୁ ଇନ୍ଦୋର ବର୍ତ୍ତମାନ ନିଖିଳ ଭାରତୀୟ ସଭାମାନଙ୍କ ପାଇଁ ଏକ କେନ୍ଦ୍ରସ୍ଥଳ ହୋଇ ଉଠିଅଛି । ଅଳ୍ପ ଦିନ ପୂର୍ବେ ସେଠାରେ ଭାରତୀୟ ବିଜ୍ଞାନ ମହାସଭା ଅନୁଷ୍ଠିତ ହୋଇଥିଲା । ହୋଲ୍‌କାର କଲେଜର ଭାଇସ୍-ପ୍ରିନ୍‌ସିପଲ୍ ଡକ୍ଟର ଏସ୍. ଏସ୍. ଦେଶପାଣ୍ଡେ ଏବଂ ଡାଲି କଲେଜର ମିଷ୍ଟର କେ. ଏ. ପଟବର୍ଦ୍ଧନ ଉକ୍ତ ସଭାର କର୍ମ ସଚୀବରୂପେ ନିଜର କର୍ତ୍ତବ୍ୟ ଯଥାଯଥ ରୂପେ ସମ୍ପନ୍ନ କରିଥିଲେ ।

# ରେବା

## ଛାତ୍ରମାନଙ୍କପାଇଁ ପୁରସ୍କାର

ରେବା ରାଜ ଗେଜେଟର ଡସେମ୍ବର ୧୩ ତାରିଖରେ ପ୍ରକାଶିତ ଏକ ବିଶେଷ ସଂଖ୍ୟାରେ ଘୋଷଣା କରାଯାଇ ଅଛି ଯେ ମହାରାଜା ମହୋଦୟ କ୍ରାନଓଏଲର ରଏଲ ଏୟାର ଫୋର୍ସ କଲେଜରେ ପଢ଼ିବା ପାଇଁ ଦଶ ହଜାର ଏବଂ ଡେରାଡୁନରେ ଭାରତୀୟ ସୈନିକ ବିଦ୍ୟାଳୟରେ ପଢ଼ିବା ପାଇଁ ପାଞ୍ଚ ହଜାର ଟଙ୍କା ପୁରସ୍କାର ଦାନ କରିବେ ।

ଏପ୍ରିଲ ମାସରେ ଆରମ୍ଭ ହେଉଥିବା ପ୍ରତିଯୋଗିତା ପରୀକ୍ଷାରେ ରେବା ରାଜ୍ୟର ଯେଉଁ ପ୍ରଜା ଏହି ଅନୁଷ୍ଠାନ ଗୁଡ଼ିକରେ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହେବେ ସେହିମାନଙ୍କୁ ହିଁ ପୁରସ୍କାର ଦିଆଯିବ ।

## ରାଜ୍ୟରେ ଅର୍ଥିକ ଉନ୍ନତି

ରେବା ରାଜ୍ୟର ପ୍ରଜାମାନଙ୍କ ଅର୍ଥିକ ଉନ୍ନତି ଦିଗରେ ଏକ ପ୍ରଧାନ କାର୍ଯ୍ୟ କରା ଯାଉଥିବା ସମ୍ବାଦ ଗୋଟିଏ ଘୋଷଣାପତ୍ର ସାହାଯ୍ୟରେ ପ୍ରଚାର କରା ଯାଇଅଛି । ଉକ୍ତ ଘୋଷଣାରୁ ଜଣାଯାଏ ଯେ ରେବା ରାଜ୍ୟର 'ପାଥ' ନାମକ ୭୦୦ ବର୍ଗ ମାଇଲ ପରିଧି ବିଶିଷ୍ଟ ଏକ ବିସ୍ତୃତ ଉପତ୍ୟକାକୁ ସୋହାଗପୁର ତହସିଲରୁ ପୃଥକ୍ କରାଯାଇ ଗୋଟିଏ ନୂତନ ଶାସନ ସୀମାରେ ପରିଣତ କରାଯାଇ ଅଛି ।

ଏହି ଇଲାକାଟିର ଉନ୍ନତି କଲେ ମହାରାଜା ମହୋଦୟ ନିଜେ ଖୁବ୍ ଯତ୍ନ ନେଉ ଅଛନ୍ତି ଏବଂ ଏସ୍ଥାନ ଲୋକମାନଙ୍କର ନୈତିକ ଓ ଆର୍ଥିକ ଉନ୍ନତି ପାଇଁ କି କି ଉପାୟ ବିଧାନ କରାଯାଇ ପାରେ ସେଥିଲାଗି ଏଥିପୂର୍ବେ ସେ ଗୋଟିଏ କମିସନ ନିଯୁକ୍ତ କରିଥିଲେ । ଏହି କମିସନ ମତ ଦେଇଥିଲେ ଯେ 'ପାଥକୁ' ଗୋଟିଏ ଅଲଗା ତହସିଲରେ ପରିଣତ କରିଦେବା ଏହାର ଉନ୍ନତି ବିଧାନର ପ୍ରଥମ ସୋପାନ । ଏତଦ୍‌ବ୍ୟତୀତ ସ୍କୁଲ ଏବଂ ପୋଷ୍ଟ ଅଫିସମାନ ବସାଇବା, ନୂତନ ରାସ୍ତା ଓ ପୋଲମାନ ନିର୍ମାଣ କରିବାକୁ ମଧ୍ୟ କମିସନ ପ୍ରସ୍ତାବ କରିଥିଲେ ।

ପାଥ ନାମକ ଉପତ୍ୟକାଟି ମଧ୍ୟ ପ୍ରଦେଶର ବିଲାସପୁର ଏବଂ ଅନ୍ୟ ନିକଟବର୍ତ୍ତୀ ଜିଲ୍ଲାମାନଙ୍କୁ ଲାଗିଛି ଏବଂ ବିଶେଷ ଭାବରେ ଆଦିମ ଅଧିବାସୀମାନଙ୍କର ବାସସ୍ଥଳ ହୋଇ ଥିବାରୁ ଏ ପର୍ଯ୍ୟନ୍ତ ଅନ୍ୟ ସ୍ଥାନର ଲୋକେ ଏପରିକି ରେବା ରାଜ୍ୟର ଲୋକେ ମଧ୍ୟ ଏହା ସମ୍ବନ୍ଧରେ କିଛି ଜାଣୁ ନ ଥିଲେ । ଏହାର ଜଳବାୟୁ ଉତ୍ତମ ଏବଂ ଖଣିଜ ପଦାର୍ଥମାନଙ୍କରେ ଏହା ପରିପୂର୍ଣ୍ଣ ହେଲେହେଁ ଆଦିମ ଅଧିବାସୀଙ୍କ ପ୍ରତି ଶତ୍ରୁଚରିତ ଅହେତୁକ ଭୟରୁ ଆଜିଯାଏ ଅନ୍ୟ କେହି ସେଠାରେ ବସବାସ କରି ନାହାନ୍ତି । ଅଳ୍ପ ଦିନ ମଧ୍ୟରେ ସେଠାରେ ସୁସଭ୍ୟ ଆର୍ଯ୍ୟମାନେ ବସବାସ କରିବେ ଏବଂ ରାଜ୍ୟର ଲୋକମାନଙ୍କଦ୍ୱାରା ସେ ସ୍ଥାନର ପ୍ରାକୃତିକ ବୈଭବ ଗୁଡ଼ିକ ଜନସାଧାରଣର ବ୍ୟବହାରରେ ଲାଗି ପାରିବ ।

# ଗାଙ୍ଗପୁର ( ଇଷ୍ଟର୍ଣ୍ଣଷ୍ଟେଟ୍‌ସ୍ )

## ରାଣୀ ସାହେବା ରିଜେଣ୍ଟ ନିଯୁକ୍ତ ହେଲେ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସମୂହର ଗବର୍ଣ୍ଣର ଜେନେରେଲ ମହୋଦୟଙ୍କର ଏଜେଣ୍ଟ କର୍ଣ୍ଣେଲ୍ ଏ. ଏସ୍. ମିକ୍ ଗତ ଡସେମ୍ବର



Digitized by srujanika@gmail.com

ମାସ ୨୦ ତାରିଖରେ ଅନୁଷ୍ଠିତ ହୋଇଥିବା ଦରବାରରେ ଗାଙ୍ଗପୁର ରାଜ୍ୟର ରାଣୀ ସାହେବାଙ୍କୁ ରିଜେଣ୍ଟରୂପେ ନିଯୁକ୍ତ କଲେ ।

ଉକ୍ତ ଦରବାରରେ ପଲିଟିକେଲ ଏଜେଣ୍ଟ ଏବଂ କର୍ଣ୍ଣେଲ ମିକ୍କଙ୍କର ସେକ୍ରେଟରିଙ୍କୁ ନେଇ ବଶିଷ୍ଟ ବ୍ୟକ୍ତିମାନଙ୍କର ସମାଗମ ହୋଇଥିଲା ।

ରାଜ୍ୟର କେତେକ ବିଭାଗ ଉପରେ ରିଜେଣ୍ଟ ରାଣୀ ସାହେବାଙ୍କୁ ଶାସନ କ୍ଷମତା ମିଳିଅଛି ।

ଗବର୍ଣ୍ଣର ଜେନେରେଲଙ୍କ ଏଜେଣ୍ଟ ଏବଂ ତାଙ୍କର ସହଧର୍ମିଣୀ ରାଜ୍ୟକୁ ଶୁଭାଗମନ କରିଥିବାରୁ ରାଣୀ ସାହେବା ଗୋଟିଏ ବୃହତ୍ ଭୋଜିର ଆୟୋଜନ କରିଥିଲେ ଏବଂ ତତ୍ପରେ ଆତସବାଜି ପ୍ରଦର୍ଶନ କରା ହୋଇଥିଲା ।

## ଭୂପାଲ

### ଏଲାହାବାଦରେ ନବାବଙ୍କର ଭାଷଣ

"ତୁମ୍ଭମାନଙ୍କ ସମକ୍ଷରେ ଏହି ଗୀତି ସ୍ୱୀକାର୍ଯ୍ୟ ଯେ ପ୍ରକୃତ ଖେଳବାଡ଼ି ସମସ୍ତଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥାନ କରେ ଏବଂ ଦୁର୍ବଳ ପାଇଁ ସବୁବେଳେ ମହତ୍ତ୍ୱ ଦେଖାଇ ଥାଏ ।"

ଏଲାହାବାଦ ବିଶ୍ୱବିଦ୍ୟାଳୟର କନ୍‌ଭୋକେସନ୍ ଅଡ୍ରେସ୍ ଦେବାକୁ ଯାଇ ଭୂପାଳର ନବାବ ଉପରୋକ୍ତ ମତେ ଛାତ୍ରମାନଙ୍କୁ ଉପଦେଶ ଦେଇଥିଲେ ।

ସର୍ବପ୍ରଥମେ ସେ ଉକ୍ତ ବିଶ୍ୱବିଦ୍ୟାଳୟର ନିଜେ ଛାତ୍ର ଥିବା ସମୟକୁ ସ୍ମରଣ କରିଥିଲେ । ଯୁବକମାନଙ୍କୁ ଦେଶ ସେବା ପାଇଁ ବର୍ତ୍ତମାନ ଯେ ଅଧିକତର ସୁଯୋଗ ମିଳିଅଛି ସେହି କଥା ଉଲ୍ଲେଖ କରି ସେ କହିଲେ, "ଆଜି ପର୍ଯ୍ୟନ୍ତ ଯେଉଁ ଶିକ୍ଷା ପଦ୍ଧତିକୁ ଆମ୍ଭେମାନେ ଅନୁସରଣ କରି ଆସିଲୁଁ ତଦ୍ୱାରା ଆମେ ନିଜର ଅଜ୍ଞତାବଶତଃ ନୈରାଶ୍ୟର ସ୍ଥିତିକୁ ଓଲଟାଇ ଦେଇଅଛୁଁ । କାରଣ ଯାହା ଦୂରବର୍ତ୍ତୀ ସେ ସମ୍ବନ୍ଧରେ ଆମ୍ଭମାନଙ୍କ ଛାତ୍ରଙ୍କୁ ଯେପରି ଭଲ ଭାବରେ ଶିକ୍ଷା ଦିଆଯାଏ, ଯାହା ଅତି ନିକଟ ଓ ଚତୁଷ୍ପାର୍ଶ୍ୱର ବସ୍ତୁ ସେ ବିଷୟରେ ସେପ୍ରକାର କେହି କହନ୍ତି ନାହିଁ । ଯୁବକମାନଙ୍କ ଭିତରୁ ଅଧିକାଂଶ ହିଁ ସେକ୍ସପିୟର ଓ ଟେନିସନଙ୍କ ସମ୍ବନ୍ଧରେ ଯେତେ ବେଶି ଜାଣନ୍ତି କାଳିଦାସ କିମ୍ବା ଗାଲିବଙ୍କ ସମ୍ବନ୍ଧରେ ହୁଏ ତ ତାହା ଜାଣନ୍ତି ନାହିଁ । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ଇଂରାଜୀ ଭାଷା ସମ୍ବନ୍ଧରେ ସେମାନେ ନିଜର ମାତୃଭାଷା ଅପେକ୍ଷା ଅଧିକ ଅଭିଜ୍ଞ । ଏ ସମସ୍ତ ଅପ୍ରାକୃତିକ ବ୍ୟବସ୍ଥାର ପରିବର୍ତ୍ତନ ଆଣିବାକୁ ହେଲେ ଆମ୍ଭମାନଙ୍କ ଜାତୀୟ ଜୀବନର ମୂଳଭିତ୍ତିକୁ ଦୃଢ଼ତର କରିବା ଆବଶ୍ୟକ ।"

ତତ୍ପରେ ସେ ସାମ୍ପ୍ରଦାୟିକତା ଦୂର କରିବା ପାଇଁ, ଜାତି ବର୍ଣ୍ଣର ଭେଦ ଭୁଲି ଯିବା ପାଇଁ ଏବଂ ଯେଉଁ ପ୍ରେମ ଓ ସହନଶୀଳତା ବଳରେ ସବୁ ବିବାଦର କ୍ଷତ ଉପଶମ ହେବ ଓ ପୀଡ଼ିତ ମାନବ ଜାତି ଚିର ଶାନ୍ତି ଲାଭ କରିବ, ତାହାର ସାଧନା ପାଇଁ ସେ ଜୋର ସହିତ ମତ ବ୍ୟକ୍ତ କରିଥିଲେ । ଯେଉଁ ଯୁବକ ନିଜର ପ୍ରଶସ୍ତ ସ୍କନ୍ଧ ଓ ସୁଦୃଢ଼ ଧମନୀ ବଳରେ ଆନନ୍ଦରେ ତାହାର ସମସ୍ତ ଦାୟିତ୍ୱ ବହନ କରି ପାରିବ ସେହିପରି ଯୁବକ ହିଁ ଭାରତବର୍ଷର ଲୋଡ଼ା । ଯୁବକମାନଙ୍କର ଶାରୀରିକ ଶକ୍ତି ବଢ଼ାଇବାକୁ ଅଧିକ ଦୃଷ୍ଟି ଦେବା କାରଣ ନବାବ ସାହେବ ମତ ପୋଷଣ କରିଥିଲେ ।

ନୂତନ ଶାସନ ସଂସ୍କାର ବିଷୟ ଉଲ୍ଲେଖ କରି ସେ କହିଥିଲେ ଯେ ଏକ ବୃହତ୍ତର ଭାରତ ଗଠନ କରିବା ପାଇଁ ଦେଶୀୟ ରାଜ୍ୟ-ମାନଙ୍କ ମଧ୍ୟରେ ସହଯୋଗିତା ଆବଶ୍ୟକ । ଯେଉଁ ରାଜନୈତିକ ଓ ଅର୍ଥନୈତିକ ଅନିଶ୍ଚୟତା ମଧ୍ୟରୁ ଉଦ୍ଧାର ପାଇବା ଉଦ୍ଦେଶ୍ୟରେ ବହୁ ଜାତି ନିଷ୍ଫଳ ପ୍ରୟାସ କରୁଅଛନ୍ତି, ସେଥିରେ ପଡ଼ିବା ପୂର୍ବରୁ ଆତ୍ମ ରକ୍ଷା ପାଇଁ ଉକ୍ତ ରାଜ୍ୟମାନଙ୍କର ଚୂଡ଼ାନ୍ତ ଚେଷ୍ଟା ଆବଶ୍ୟକ ।

## କାଶ୍ମୀର

### ମହାରାଜାଙ୍କର ରୌପ୍ୟ ବ୍ୟୋମଯାନ

ଯାମୁ ଏବଂ କାଶ୍ମୀରର ମହାରାଜାଙ୍କ ନିଜ ବ୍ୟବହାର ପାଇଁ ଗୋଟିଏ ବୃହଦାକାର ସେଲୁନ୍ ବ୍ୟୋମଯାନ ନିର୍ମିତ ହୋଇଅଛି । ଇଂଲଣ୍ଡରେ ବହୁ ଦିନ ଅବସ୍ଥାନ କରି ମହାରାଜା ଏହି ଯନ୍ତ୍ରଟିକୁ ନିର୍ବାଚନ କରିଅଛନ୍ତି । ଏହି ଅବସ୍ଥାନ କାଳରେ ଅନେକ ସମୟ ସେ ହେଷ୍ଟନ୍ ନାମକ ବ୍ୟୋମଯାନ ବନ୍ଦରରେ ଏବଂ ଆଉ କେତେକ ବ୍ୟୋମଯାନ କେନ୍ଦ୍ରରେ ବହୁ ସମୟ ବ୍ୟୟ କରିଥିଲେ । ଆଉ ମଧ୍ୟ ନିଜର ଭ୍ରମଣ ଉଦ୍ଦେଶ୍ୟରେ ବହୁବାର ବ୍ୟୋମଯାନ ଭଡ଼ା ନେଇଥିଲେ ।

ତାଙ୍କର ଏହି ନୂତନ ଯନ୍ତ୍ରଟିରେ ଜଣେ ଚାଳକ ଓ ଚାରି ଜଣ ଯାତ୍ରୀ ଅତ୍ୟନ୍ତ ଆରାମରେ ଯାଇ ପାରିବେ । ଏହି ଯନ୍ତ୍ର ସଙ୍ଗେ ଅନେକ ଉତ୍କୃଷ୍ଟ ଉଡ୍ଡୀୟମାନ ଯନ୍ତ୍ର ସଂଯୁକ୍ତ ଅଛି, ଗୋଟିଏ ଉଚ୍ଚତା ପରିମାପକ ଯନ୍ତ୍ର ଅଛି ଯାହା ସାଧାରଣ ଯନ୍ତ୍ର ଅପେକ୍ଷା ଅଧିକ ଶକ୍ତିଶାଳୀ ଏବଂ ଯାହା କାଳରେ ଓ ଓହ୍ଲାଇବା ବେଳର ଆଲୋକ ମଧ୍ୟ ଖଞ୍ଜା ଯାଇଛି ।

ଯନ୍ତ୍ରଟିର ବାହାର ପାଖ ରୂପାଦ୍ୱାରା ଆବୃତ ଓ କାଶ୍ମୀର ରାଜ୍ୟର ଲାଲ ଓ ହଳଦିଆ ରଙ୍ଗରେ ରଞ୍ଜିତ ଏବଂ ଦୁଇ ପାଖରେ ରାଜ୍ୟର ପତାକାଦ୍ୱାରା ଚିହ୍ନିତ । ଚାଳକଙ୍କର ପୃଥକ କୋଠରୀଟି ଏବଂ ପ୍ୟାସେଞ୍ଜର କେବିନଟି ସମାନ ରୂପ କାରୁକାର୍ଯ୍ୟ ଓ ସାଜସଜ୍ଜାରେ ସଜ୍ଜିତ । ପ୍ରତ୍ୟେକଙ୍କ ବସିବା ସ୍ଥାନ ଗୋଟିଏ ଲେଖାଏଁ ଆରାମ ଚୌକି ଏବଂ ସମ୍ମୁଖରେ ଆସନ ଦୁଇଟିରେ ଗୋଡ଼ ରଖିବା ପାଇଁ ପାଦାସନ ମଧ୍ୟ ପ୍ରସ୍ତୁତ ଅଛି । କେବିନଟିକୁ ନିଃଶବ୍ଦ ନିସ୍ତବ୍ଧ ରଖିବାକୁ ମଧ୍ୟ ଯତ୍ନ ନିଆ ଯାଇଅଛି । ଆହାର ଏବଂ ପାନ କରିବା ପାଇଁ ଗୋଟିଏ ଲେଖାଏଁ ଛୋଟ କୋଠରୀ ରଖା ଯାଇଅଛି ।



Digitized by srujanika@gmail.com

ଏହି ଯନ୍ତ୍ରଟି ଦେଖିବାକୁ ଯେମିତି ସୁନ୍ଦର, ସେହିପରି ସୁଦୃଢ଼ ମଧ୍ୟ । ପୂର୍ଣ୍ଣରୂପେ ବୋଝାଇ ହେଲେ ଏହାର ବ୍ୟତିକ୍ରମ ଗତି ଘଣ୍ଟାରେ ୧୬୦ ମାଇଲ ଏବଂ ସାଧାରଣ ଅବସ୍ଥାରେ ଏହାର ଗତି ଘଣ୍ଟାରେ ପ୍ରାୟ ୧୪୦ ମାଇଲ ଅଟେ ।

## ଖଇରାଗଡ଼ ( ପୂର୍ବାଞ୍ଚଳ ରାଜ୍ୟ )

### ରାଜାସାହେବଙ୍କର ସିଂହାସନାରୋହଣ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସମୂହର ଗଭର୍ଣ୍ଣର ଜେନେରଲଙ୍କ ଏଜେଣ୍ଟ କର୍ଣ୍ଣେଲ ଏ. ଏସ. ମିକ୍, ସି. ଏମ୍. ଜି. ଅଳ୍ପ ଦିନ ପୂର୍ବେ ଖଇରାଗଡ଼ର ରାଜା ଶ୍ରୀ ବୀରେନ୍ଦ୍ର ବାହାଦୁର ସିଂହଙ୍କୁ ପୂର୍ଣ୍ଣ ଶାସନ କ୍ଷମତା ପ୍ରଦାନ କରିଥିଲେ । ତ୍ରିପୁରାର ମହାରାଜା, ରାୟଗଡ଼, ଶକ୍ତି, କାୱାର୍ଦ୍ଧା ଏବଂ କୁଇଖଣ୍ଡ଼ନର ରାଜାସାହେବମାନେ ଏବଂ ସାରଙ୍ଗଗଡ଼ ଓ ତାଳଚେରର ଯୁବରାଜ ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନେ ଦରବାରରେ ଯୋଗ ଦେଇଥିଲେ ।

ସିଂହାସନ ଆରୋହଣ ଦିନ ଯେଉଁ ଦରବାରର ଆୟୋଜନ ହୋଇଥିଲା ସେଥିରେ ଏଜେଣ୍ଟ ସାହେବ ଏବଂ ଖଇରାଗଡ଼ର ରାଜା ମହୋଦୟ ବକ୍ତୃତା କରିଥିଲେ । ବାୟସ୍କୋପ, ଆତସବାଜି, ଭାରତୀୟ ସଙ୍ଗୀତ ଓ ନୃତ୍ୟ, ଟେନିସ୍ ଏବଂ ଶିକାର ପ୍ରଭୃତି ଆମୋଦ ପ୍ରମୋଦ ମଧ୍ୟ ବନ୍ଦୋବସ୍ତ କରି ଯାଇଥିଲା ।

ସିଂହାସନ-ପ୍ରାପ୍ତିର ଦରବାରରେ ବକ୍ତୃତା କରିବାକୁ ଯାଇ କର୍ଣ୍ଣେଲ୍ ମିକ୍ କହିଥିଲେ—

"ଖଇରାଗଡ଼ ଶାସନଙ୍କର ଯେଉଁ କ୍ଷମତା ବିଦ୍ୟମାନ, ତାହା ମହାମହିମ ବଡ଼ଲାଟଙ୍କ ପ୍ରତିନିଧିରୂପେ ଆପଣଙ୍କୁ ପ୍ରଦାନ କରିବା ଆଜି ମୋହର କର୍ତ୍ତବ୍ୟ ଓ ସୁଯୋଗ । ଆପଣଙ୍କର ସହଯୋଗୀ ଶାସକ ମଣ୍ଡଳୀ ଆପଣଙ୍କର ବନ୍ଧୁ ଓ ପ୍ରଜାମାନଙ୍କର ଏହି ସମ୍ମିଳନୀରେ ତାହା କରିବାକୁ ସକ୍ଷମ ହୋଇ ମୁଁ ଆନନ୍ଦିତ । ଆପଣଙ୍କ ପରଲୋକ ଗତ ପିତାଙ୍କର ଜୀବନ ୧୯୧୮ ମସିହାର ସଂକ୍ରାମକ ଇନ୍‌ଫ୍ଲୁଏଞ୍ଜା ବ୍ୟାଧିରେ ୩୦ ବର୍ଷ ମାତ୍ର ବୟସରେ ସମାପ୍ତ ହୋଇଥିଲା ଏବଂ ସେତେବେଳେ ଆପଣଙ୍କର ବୟସ ମାତ୍ର ୯ ବର୍ଷ । ସେହି ସମୟରୁ ଆପଣ ଭାରତ ସରକାରଙ୍କ ଅଭିଭାବକତ୍ୱରେ ରହିଥିଲେ ଏବଂ ଆପଣଙ୍କର ତଥା ଆପଣଙ୍କର ରାଜ୍ୟ ପରିଚାଳନାର ଦାୟିତ୍ୱ ମଧ୍ୟ ସରକାର ନିଜ ହାତକୁ ନେଇଥିଲେ । ସାଧାରଣତଃ କ୍ଷମତା ପ୍ରାପ୍ତି ସମୟରେ ଅଭିଭାବକତ୍ୱ କାଳର କାର୍ଯ୍ୟାବଳୀ ଆଲୋଚିତ ହୋଇଥାଏ ଏବଂ ବୟଃପ୍ରାପ୍ତି ପୂର୍ବ ଶାସନ ସମୟର କେତେକ ବିଶେଷ ଘଟଣା ମୁଁ ସଂକ୍ଷେପରେ ଏଠାରେ ଉଲ୍ଲେଖ କରିବି ।"

ତତ୍ପରେ ଏଜେଣ୍ଟ ମହୋଦୟ, ରାଜା ସାହେବଙ୍କୁ ଉପଯୁକ୍ତ ଶିକ୍ଷା ଦେବା, ରାଜବଂଶୀୟ ବ୍ୟକ୍ତିମାନଙ୍କୁ ମହାଜନ କବଳରୁ ରକ୍ଷା କରିବା ଏବଂ ୪½ ଲକ୍ଷରୁ ୬½ ପର୍ଯ୍ୟନ୍ତ ରାଜସ୍ୱ ବୃଦ୍ଧି ପାଇଥିବା ବିଷୟ ଉଲ୍ଲେଖ କରିଥିଲେ । ଗଚ୍ଛିତ ଏବଂ ନଗଦ ତହବିଲ ମଧ୍ୟ ୨½ ଲକ୍ଷରୁ ୧୪½ ଲକ୍ଷ ପର୍ଯ୍ୟନ୍ତ ବଢ଼ିଥିଲା । ରାଜ୍ୟରେ ଜଙ୍ଗଲ ଓ ଶିଳ୍ପ ବିଭାଗ ପ୍ରଭୃତିରେ କିରୂପ ଅଧିକ ଉନ୍ନତି ହୋଇଅଛି ଏବଂ ରାସ୍ତା ଘାଟ ଓ ଗୃହାଦି ନିର୍ମାଣରେ କିରୂପ ଖର୍ଚ୍ଚ କରି ଯାଇଅଛି ଇତ୍ୟାଦି ବିଷୟ ଉଲ୍ଲେଖ କରି ସେ ଦକ୍ଷତାର ସହିତ ରାଜ୍ୟ ପରିଚାଳନା କରିବାକୁ କି କି ଉପାୟ ଅବଲମ୍ବନ ଆବଶ୍ୟକ, ସେ ସମ୍ବନ୍ଧରେ ମଧ୍ୟ କେତେକ ସତ୍ ପରାମର୍ଶ ଦେଇଥିଲେ ଏବଂ ସବଶେଷରେ ରାଜ୍ୟର ପ୍ରାଚୀନ ପଦ୍ଧତିକ୍ରମେ ରାଜା ସାହେବଙ୍କୁ ଅସି ପ୍ରଦାନ କରି କ୍ଷମତାପ୍ରାପ୍ତ ରାଜାରୂପେ ଘୋଷଣା କରିଥିଲେ ।

ଉତ୍ତରରେ ରାଜା ସାହେବ ପ୍ରଥମେ ଏଜେଣ୍ଟ ମହୋଦୟଙ୍କୁ ତାଙ୍କର ସକଳ ଅସୁବିଧା ସତ୍ତ୍ୱେ ରାଜ୍ୟକୁ ଆସି କ୍ଷମତା ପ୍ରଦାନ କରିଥିବାରୁ କୃତଜ୍ଞତା ଜଣାଇ ଥିଲେ ଏବଂ ରାଜ୍ୟର ଇତିହାସରେ ମହାମହିମ ବଡ଼ଲାଟଙ୍କର ପ୍ରତିନିଧିଙ୍କ ଏହି ପ୍ରଥମ ଆଗମନ ସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଥିଲେ ।

ବ୍ରିଟିଶ ରାଜମୁକୁଟ ପ୍ରତି ମଧ୍ୟ ସେ ତାଙ୍କର ଗଭୀର କୃତଜ୍ଞତା ଓ ରାଜଭକ୍ତି ଜଣାଇ ଥିଲେ ଏବଂ ତାଙ୍କର କ୍ଷମତା ଓ ଶକ୍ତି ଅନୁଯାୟୀ ପ୍ରଜାକୁଳର ସୁଖ ଶାନ୍ତି ବଢ଼ାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

ତାହାର ପ୍ରଥମ ନିଦର୍ଶନ ସ୍ୱରୂପ ଏବଂ ତାଙ୍କ ଜୀବନର ଏହି ଶ୍ରେଷ୍ଠ ଉତ୍ସବ ଦିନରେ ପ୍ରଜାମାନଙ୍କୁ ତାଙ୍କ ଆନନ୍ଦରେ ଭାଗୀ କରିବା ନିଷ୍ଠାରେ ଫେବ୍ରୁୟାରୀ ମାସ ରାଜସ୍ୱ କିସ୍ତିର ଏକ ତୃତୀୟାଂଶ ( ଯାହାକି ପ୍ରାୟ ଟ ୬୦,୦୦୦ ହେବ ) ଛାଡ଼ି ଦେବା ପାଇଁ ସେ ଘୋଷଣା କରିଥିଲେ । କୋର୍ଟ ଅଧୀନରେ ପରିଚାଳିତ ଜମିଦାରି ଗୁଡ଼ିକ କୋର୍ଟରୁ ଯେଉଁସବୁ ଋଣ ବ୍ୟୟ କରିଥିଲେ ସେ ସମସ୍ତ ଋଣ ଉପରେ ଶତକଡ଼ା ଦେୟ ସୁଧ ଟ ୬୯ ସ୍ଥଳେ ଟ ୩୮ ଗ୍ରହଣ କରିବେ ବୋଲି ମଧ୍ୟ ସେ ଘୋଷଣା କରିଥିଲେ ।

## କୋଚିନ

### ଶିକ୍ଷାର ପ୍ରଚାର

କୋଚିନ ରାଜ୍ୟର ଶିକ୍ଷକମାନଙ୍କର ସାଧାରଣ ସଭାର ୧୨ ଅଧିବେଶନରେ ଉକ୍ତ ରାଜ୍ୟର ଦେଓ୍ୱାନ ସର୍ ସନ୍ମୁଖମ୍ ଚେଟ୍ଟି କହିଥିଲେ ଯେ କୋଚିନରେ ବାଧ୍ୟତାମୂଳକ ଶିକ୍ଷା ପ୍ରବର୍ତ୍ତିତ ହୋଇ ନ ଥିଲେହେଁ ଏଠାରେ ଶିକ୍ଷା ପ୍ରଚାରର ଆଦର୍ଶ ଖୁବ୍ ବ୍ୟାପକ ହୋଇ ପାରିଅଛି । ଯଥାକ୍ରମେ ଶତକଡ଼ା ୭୫ ଓ ୭୦ ଜଣ ଲେଖାଁ ବାଳକ ଓ ବାଳିକା ବିଦ୍ୟାଳୟରେ ଶିକ୍ଷା ପାଉ ଅଛନ୍ତି ଏବଂ ରାଜସ୍ୱର ଶତକଡ଼ା ୨୦ ଭାଗ କେବଳ ଶିକ୍ଷା ଦିଗରେ ହିଁ ଖର୍ଚ୍ଚ କରି ଯାଉଅଛି ।



Digitized by srujanika@gmail.com

## କୋଚିନ ବନ୍ଦର ସଙ୍ଘ

କିଛି ଦିନ ପୂର୍ବେ ନୂଆ ଦିଲ୍ଲୀରେ ଯେଉଁ ସମ୍ମିଳନୀ ବସିଥିଲା ସେଥିରେ ୧୧ ଜଣ ସଭ୍ୟଙ୍କୁ ନେଇ ବନ୍ଦର ପାଇଁ ଗୋଟିଏ ଟ୍ରଷ୍ଟି ନିଯୁକ୍ତ ହେବାର ସ୍ଥିର ହୋଇଥିଲା । ଭାରତ ସରକାର, କୋଚିନ ଏବଂ ତ୍ରିବାଙ୍କୁଡ଼ ପ୍ରତ୍ୟେକେ ତିନିଟି ଲେଖାଁ ପ୍ରତିନିଧି ଏହି ଟ୍ରଷ୍ଟିକୁ ପଠାଇବେ । ବ୍ରିଟିଶ କୋଚିନ, ଏର୍ଣ୍ଣାକୁଲମ୍ କୁନମାଜଂ ଚେମ୍ବ, ଭାରତୀୟ ବାଣିଜ୍ୟ ସଙ୍ଘ ଏବଂ ୟୁରୋପୀୟ ବାଣିଜ୍ୟ ସଙ୍ଘ ମଧ୍ୟ ପ୍ରତ୍ୟେକେ ଜଣେ ଲେଖାଁ ପ୍ରତିନିଧି ପଠାଇବେ । ଚେୟାର୍‌ମ୍ୟାନ୍ ଏହି ଟ୍ରଷ୍ଟିର ଜଣେ ସଭ୍ୟ ହେବେ ଏବଂ ଭାରତ ସରକାରଙ୍କଦ୍ୱାରା ସେ ମନୋନୀତ ହେବେ ।

## କବି

### ଶ୍ରୀ ଚନ୍ଦ୍ରମଣି ମହାନ୍ତି

ଚିର ଦୁଃଖୀ କବି ସଂସାରେ ସର୍ବଥା,
କବି ଏକା ବୁଝେ କବି ହୃଦ ବ୍ୟଥା ।
ପର ଦୁଃଖ ଚିତ୍ର ଅଙ୍କନ ସମୟେ,
ଦେଖି ତା ଯନ୍ତ୍ରଣା ହୃଦୟ ଥରେ ଭୟେ ।
ସେ କାଳେ ତା' ଦିଶା ବର୍ଣ୍ଣି ନୁହେ ଅହା,
ଯାହା ନିନ୍ଦୁ ଥାଏ ବନ୍ଧୁ ଥାଏ ତାହା ।
ଦୁଃଖୀ ଦୁଃଖ ବ୍ୟଥା ଅଙ୍ଗେ ଅନୁଭବି,
ବାରି ହୁଏ ନାହିଁ କେ ଦୁଃଖୀ କେ କବି ।
ଭିଡ଼ି ଆସି କାହୁଁ ଦୁଃଖୀ ଦୁଃଖ ଭାର,
କରେ ତା' ଉପରେ ପ୍ରଭାବ ବିସ୍ତାର ।
କିଏ ଚିତ୍ର ଅବା କିଏ ଚିତ୍ରକର,
ଦୁହେଁ ଏକ ମୂର୍ତ୍ତି ବାରିବା ଦୁଷ୍କର ।
ପର ମନୋଭାବ ଆଣେ ନିଜ ପ୍ରାଣେ,
ଚିତ୍ର ଶିଳ୍ପୀ ସେହି, ଚିତ୍ର କରି ଜାଣେ ।
ମହା ସ୍ରଷ୍ଟା କବି ସୌନ୍ଦର୍ଯ୍ୟରେ ପଣ୍ଡିତ,
ଅଳଙ୍କରେ ସୃଷ୍ଟି କରେ ପରିବର୍ତ୍ତ ।
ନିରେ ଫୁଲ ଶୋଭା ନାହିଁ ସେ ଫୁଲେ,
କେ ଅଛି ଅଦ୍ଭୁତ ସୃଷ୍ଟି ତାହା ଭୁଲେ ।
ବିରହୀ ଦମ୍ପତି ଗୁପ୍ତ ମନୋବୃତ୍ତି,
ସୃଷ୍ଟି କରିବାରେ କବି ଏକା କୃତୀ ।
ପ୍ରମାଣ ତାହାର ଲଭି ଅନାୟାସ,
ମେଘଦୂତ କାବ୍ୟ କବି କାଳିଦାସ ।
ମିଥ୍ୟାବାଦୀ ପଣେ କବି କଳ୍ପଦ୍ରୁମ,
କଳ୍ପନାରେ ତୋଳେ ଆକାଶ କୁସୁମ ।
ଅଙ୍କୁଳରେ ଗଢ଼ା ତାହାର ଉପମା,
ମୁଖ ସହ ଯୋଖେ ବାସନ୍ତୀ ଚନ୍ଦ୍ରମା ।

ମିଥ୍ୟା ଗୁରୁର ସେ ଗୁଣବନ୍ତ ଭାଟ,
ତୁଚ୍ଛା ହାତରେ ବି କଳ୍ପନାରେ ହାଟ ।
କଳ୍ପନା ପ୍ରସୂତ ରଙ୍ଗ ବୋଳା ବାଣୀ,
ଛଣା ସତ୍ୟରୂପେ ଥୋଇ ଦିଏ ଆଣି ।
ପଶ୍ଚାତ୍ତରେ କବି ଚିର କାଳ ଯୋଗୀ,
ଯୋଗଧ୍ୟାନେ ଥାଏ ମାନସେ ନିୟୋଗୀ ।
ବିକ ପର ଧ୍ୟାନେ ରତ ଯେ ନିରତେ,
ଭାବରୂପୀ ମିସ୍ତ୍ରୀ ଭଞ୍ଜିବା ନିମନ୍ତେ ।
କବି ପର ଭୋଗୀ ଦୁର୍ଲଭ ଭୁବନେ,
କଳ୍ପନାରେ ବସେ ଇନ୍ଦ୍ର ସିଂହାସନେ ।
କଳ୍ପନା ବିଳାସୀ, କଳ୍ପନା ତା' ସୁଖ,
ଦେଖେ ନାହିଁ କେବେ ବାସ୍ତବର ମୁଖ ।
କଳ୍ପନାରେ ଗୃହେ, ବସେ, ହୁଏ ଛିଡ଼ା,
କଳ୍ପନାରେ ରଚେ ବିଦ୍ୟୁତ ସଙ୍ଗେ କ୍ରୀଡ଼ା ।
ବୁଲାଇ କଳ୍ପନା ତାକୁ ଚରାଚରେ,
ଅର୍ପେ ନବ ଭୋଗ ପ୍ରତି ମୁହୂର୍ତ୍ତରେ ।
କବି ବହୁରୂପୀ ବିଦ୍ୟାରେ ପ୍ରବୀଣ,
କେବେ ସେ ପ୍ରାଚୀନ କେବେ ସେ ନବୀନ ।
କେବେ ବା ରସିକ କେବେ ବା ପ୍ରେମିକ,
କେତେବେଳେ କାକ କେତେବେଳେ ପିକ ।
କେବେ ବା ହାକିମ କେବେ କର୍ମଚାରୀ,
କେବେ ଗୁରୁ କେବେ ଶିଷ୍ୟ ଭାବଧାରୀ ।
କବି ବୈଦ୍ୟ, ବହେ ଅଶେଷ ଉପାଧି,
ରସ ଦାନେ ହରେ ଚିତ୍ତ ଗୁପ୍ତ ବ୍ୟାଧି ।
ଅଦ୍ଭୁତ ଜୀବଟି କବି ଏ ମହୀରେ,
କବି ଗୁଣ ଗାଥା ବର୍ଣ୍ଣି ନୁହେ ଗୀରେ ।

# ସମ୍ବାଦ ଓ ସଙ୍କେତ

## ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ଜନ୍ମୋତ୍ସବ

ଗତ ଡ଼ିସେମ୍ବର ମାସରେ ପୁଣ୍ୟଶ୍ଳୋକ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ଜନ୍ମୋତ୍ସବ ସ୍ଥାନୀୟ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ଯଥାବିଧି ଅନୁଷ୍ଠିତ ହୋଇଥିଲା । ଅନେକ ବିଶିଷ୍ଟ ଲୋକ ଏହି ଉତ୍ସବରେ ଯୋଗ ଦେଇଥିଲେ ଏବଂ ଶ୍ରୀଯୁକ୍ତ ଲଲମୋହନ ପଣ୍ଡା, ଓକିଲ ସଭାପତିର ଆସନ ଅଳଂକୃତ କରିଥିଲେ ।

ଆଧୁନିକ ମୟୂରଭଞ୍ଜର ମୂଳ ନିର୍ମାତା ସ୍ୱର୍ଗତ ପୁଣ୍ୟଶ୍ଳୋକ ମହାରାଜାଙ୍କ ଉଦ୍ଦେଶ୍ୟରେ ଯଥାବିଧି ସମ୍ମାନ ପ୍ରଦର୍ଶନ କରାଯାଇଥିଲା । ଇତିପୂର୍ବରୁ ଶ୍ରୀମାନ୍ ମହାରାଜାଙ୍କର ଜୀବନୀ ସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ପ୍ରତିଯୋଗିତା କରାଯାଇ ସ୍ଥାନୀୟ ଛାତ୍ରମାନଙ୍କୁ ତହିଁରେ ଯୋଗ ଦେବା ପାଇଁ ଆହ୍ୱାନ କରାଯାଇଥିଲା ଏବଂ ସର୍ବୋତ୍କୃଷ୍ଟ ଲେଖକ ଦୁଇ ଜଣଙ୍କୁ ଦୁଇଗୋଟି ପୁରସ୍କାର ଦିଆଯିବାର ଜଣାଇ ଦିଆଯାଇଥିଲା । ଏହି ପୁରସ୍କାର ଦୁଇ ଜଣ କୃତୀ ଛାତ୍ରଙ୍କୁ ଦିଆଯାଇଥିଲା ।

## ବଙ୍ଗ ଦେଶର ସଙ୍ଗୀତ ପ୍ରତିଯୋଗିତାରେ ଓଡ଼ିଶାର ଗାୟକ

ନିଖିଳ ବଙ୍ଗ ସଙ୍ଗୀତ ପ୍ରତିଯୋଗିତା ଅଳ୍ପ ଦିନ ତଳେ କଲିକତାଠାରେ ସୁଚାରୁରୂପେ ସମ୍ପନ୍ନ ହୋଇଥିଲା । ସଙ୍ଗୀତ ଓ ବାଦ୍ୟର ଆଠ ଗୋଟି ବିଭିନ୍ନ ବିଭାଗରେ ଅଭିଜ୍ଞ କେତେକ ଜଣ ବିଖ୍ୟାତ ଓସ୍ତାଦ ପ୍ରତିଯୋଗିତାରେ ବିଚାରକ ନିର୍ବାଚିତ ହୋଇଥିଲେ । ନାଟୋରର ମହାରାଜା ଶ୍ରୀ ଯୋଗୀନ୍ଦ୍ର ନାରାୟଣ ରାୟ ଏବଂ ମିଷ୍ଟର କେଶରୀ ସିଂ ଏହି ପ୍ରତିଯୋଗିତାରେ ଯଥାକ୍ରମେ ସଭାପତି ଓ ସେକ୍ରେଟେରୀର କାର୍ଯ୍ୟ ଚଳାଇ ଥିଲେ । ଜାତି, ବର୍ଣ୍ଣ ଓ ସମ୍ପ୍ରଦାୟ ନିର୍ବିଶେଷରେ ପ୍ରାୟ ୬୦୦ ଜଣ ପ୍ରତିଯୋଗୀ ଏଥିରେ ଯୋଗ ଦେଇଥିଲେ ଓ ସେଥିମଧ୍ୟରୁ ଓଡ଼ିଶାରୁ ୪ ଜଣ ପ୍ରତିଯୋଗୀ ଥିଲେ ।

ସୁରବାହାର ଓ ସେତାରରେ ପ୍ରବୀଣତା ଲାଭ କରିଥିବା ଭଦ୍ରଖର ବାବୁ ପ୍ରହ୍ଲାଦ ଚନ୍ଦ୍ର ଦାସ ଓ ମଧୁସୂଦନ ସାବତ୍ ବିଶେଷ ପ୍ରଶଂସାର ସହିତ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଏହା ଛଡ଼ା ଓଡ଼ିଶାର ଦୁଇ ଜଣ ବାଳିକା ଏହି ପ୍ରତିଯୋଗିତାରେ ଯୋଗ ଦେଇ ବିଶେଷ ପ୍ରଶଂସା ଲାଭ କରିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ମୟୂରଭଞ୍ଜର ମିଷ୍ଟର ଏମ୍. ଏନ୍. ଭୂୟାଁଙ୍କ କନ୍ୟା ଶ୍ରୀମତୀ ବାସନ୍ତୀ ଭୂୟାଁ ଓ ଅନ୍ୟ ଜଣକ ଫାଲ୍ଗୁନ ଦାସ ଲେନ୍ ନିବାସୀ ବାବୁ ପ୍ରହ୍ଲାଦ ଚନ୍ଦ୍ର ଦାସଙ୍କ କନ୍ୟା ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ । ସେମାନେ କୀର୍ତ୍ତନ ଓ ଭଜନ ସଙ୍ଗୀତରେ ଯଥାକ୍ରମେ ଦ୍ୱିତୀୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ । ପ୍ରତିଯୋଗିତାରେ ଓଡ଼ିଶାର ଗାୟକ ଓ ବାଦକମାନେ ସୁନାମ ଅର୍ଜନ କରି ବିଶେଷ ପ୍ରଶଂସନୀୟ ହୋଇଅଛନ୍ତି ।

## ରାଜକୁମାର କଲେଜରେ ପୁରସ୍କାର ବିତରଣ

ରାୟପୁର ରାଜକୁମାର କଲେଜର ପୁରସ୍କାର ବିତରଣ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ଏଜେଣ୍ଟ କର୍ଣ୍ଣେଲ୍ ଏ. ଏସ୍. ମିକ୍ନିଙ୍କ ସଭାପତିତ୍ୱରେ ଗତ ଡିସେମ୍ବର ମାସ ତା ୨୩ ରିଖରେ ଯଥାବିଧି ଅନୁଷ୍ଠିତ ହୋଇଥିଲା । ପୁରସ୍କାର ବିତରଣ ପରେ [illegible] ଗୋଟିଏ ପ୍ରଦର୍ଶନୀ ହୋଇଥିଲା ଓ ଉପସ୍ଥିତ ଅତିଥିମାନଙ୍କର ଚିତ୍ତବିନୋଦନ ପାଇଁ ଡ୍ରାମାଟିକ ସୋସାଇଟି ତରଫରୁ ଓଡ଼ିଆ ଓ ହିନ୍ଦି ନାଟକ ଅଭିନୀତ ହୋଇଥିଲା ।

ତତ୍ପର ଦିନ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ଏବଂ ସେହି ସମୟରେ କ୍ରିକେଟ ମ୍ୟାଚ, ଡିନର ପାର୍ଟି ଓ କନ୍ସର୍ଟ ଇତ୍ୟାଦିର ବ୍ୟବସ୍ଥା ସଙ୍ଗୀତ ସମିତି ତରଫରୁ କରା ହୋଇଥିଲା ।

କଲେଜର ପ୍ରିନ୍ସିପାଲ ସାହେବ ପୁରସ୍କାର ବିତରଣୀ ସଭାରେ ପ୍ରକାଶ କରିଥିଲେ ଯେ ବର୍ତ୍ତମାନ କର୍ତ୍ତୃପକ୍ଷମାନଙ୍କର ପ୍ରଧାନ କର୍ତ୍ତବ୍ୟ, ସେମାନେ ନାଗପୁର ଇଉନିଭରସିଟି ଦ୍ୱାରା ଏହି କଲେଜ ଇଣ୍ଟରମିଡିଏଟ୍ କଲେଜ ଭାବରେ ଗ୍ରହଣ କରିବାର ପ୍ରସ୍ତାବ ସମର୍ଥନ କରିବେ କି ନା, ତାହା ସ୍ଥିର କରିବା । ଅଧିକନ୍ତୁ ଏଥି ଛାତ୍ରସଂଖ୍ୟା ବଢ଼ାଇବା ବିଷୟରେ ଓ ଛାତ୍ରମାନଙ୍କୁ ଗ୍ରହଣ କରାଯିବାର ପ୍ରଣାଳୀ ପରିବର୍ତ୍ତନ ବିଷୟରେ ଯଥାଯୋଗ୍ୟ ବ୍ୟବସ୍ଥା କରାଯିବା ଉଚିତ ବୋଲି ସେ ଜଣାଇଥିଲେ । ପ୍ରିନ୍ସିପାଲଙ୍କ ମତରେ କେବଳ ଦୁଇଗୋଟି ଦିଗରେ ଶିକ୍ଷା ଦେବା ଛଡ଼ା ଛାତ୍ରମାନଙ୍କୁ ନାନା ବିଷୟର ଶିକ୍ଷା ଦେବା ଉଚିତ । ସେମାନେ କେବଳ ବହି ପଢ଼ିବା କିମ୍ବା କ୍ରୀଡ଼ା କୌତୁକାଦିରେ ଯୋଗ ଦେବା ବ୍ୟତୀତ ତାଙ୍କର ଇଚ୍ଛାନୁଯାୟୀ ଅନ୍ୟ ଲୋକମାନଙ୍କୁ ସାହାଯ୍ୟ କରିବେ, ନିଜ ହାତରେ କାର୍ଯ୍ୟ କରିବାକୁ ଶିଖିବେ ଓ ସେମାନଙ୍କର ରୁଚି ଅନୁଯାୟୀ ଜ୍ଞାନ ଚର୍ଚ୍ଚା କରିବେ ।



Digitized by srujanika@gmail.com

କର୍ଣ୍ଣେଲ୍ ମିକ୍, ପ୍ରିନ୍‌ସିପାଲ ଓ ତାଙ୍କର ସହକର୍ମୀମାନଙ୍କୁ ତାଙ୍କର ସୁଦକ୍ଷ କାର୍ଯ୍ୟ ପରିଚାଳନ ପାଇଁ ଧନ୍ୟବାଦ ଦେଇଥିଲେ ଓ କଲେଜ ଦେଶୀୟ ରାଜ୍ୟମାନଙ୍କଠାରୁ ଆଶାନୁରୂପ ସାହାଯ୍ୟ ପାଉ ନ ଥିବାର ଦେଖି ଦୁଃଖ ପ୍ରକାଶ କରିଥିଲେ । ସେ ଅଧିକରି ମଧ୍ୟ ପ୍ରକାଶ କରିଥିଲେ ଯେ ରାଜପୁତ୍ରମାନଙ୍କର ଉପଯୁକ୍ତ ଶିକ୍ଷାର ବ୍ୟବସ୍ଥା ଏଠାରେ ହେଉଥିବା ସ୍ଥଳେ ଅନେକ କୁମାର କଟକ ଓ କଲିକତାର ସ୍କୁଲମାନଙ୍କରେ ଶିକ୍ଷା ଗ୍ରହଣ କରୁଅଛନ୍ତି ।

## ମୟୂରଭଞ୍ଜରେ ସ୍ୱାସ୍ଥ୍ୟରକ୍ଷାର ବ୍ୟବସ୍ଥା

ମୟୂରଭଞ୍ଜର ପ୍ରତ୍ୟେକ ସବ-ଡିଭିଜନର ସ୍ୱିଧାଜନକ ସ୍ଥାନମାନଙ୍କରେ ରହି କାର୍ଯ୍ୟ କରିବା ପାଇଁ କେତେକ ଜଣ ସେନିଟେସନ ଭେକ୍‌ସିନେଶନ ସବ୍-ଇନ୍‌ସପେକ୍ଟର ନିଯୁକ୍ତ ହେବା ଦ୍ୱାରା ମଫସଲ ବାସୀଙ୍କର ସ୍ୱାସ୍ଥ୍ୟ ଅସୁବିଧା ଅନେକ ପରିମାଣରେ ଦୂର ହୋଇ ଥିବାର ଶୁଣାଯାଏ । ସେମାନେ ମଫସଲର ଲୋକମାନଙ୍କୁ ଟିକେ ଟିକା ଦେବେ ଏବଂ ଟିକାଦିଆମାନଙ୍କର କାର୍ଯ୍ୟ ତଦନ୍ତ କରିବେ । ଉପରେ ବସନ୍ତ, ହଇଜା ଓ ଇତ୍ୟେନ୍ତି ଏବଂ ଅନ୍ୟାନ୍ୟ ସାଂଘାତିକ ସଂକ୍ରାମକ ରୋଗର ଆକ୍ରମଣରୁ ଲୋକମାନଙ୍କୁ ରକ୍ଷା କରିବା ପାଇଁ ବିହିତ ପ୍ରତିକାର କରିବା ସଙ୍ଗେ ସଙ୍ଗେ ମଫସଲରେ ଗସ୍ତ କଲାବେଳେ ତାଙ୍କ ସଙ୍ଗରେ ଔଷଧାଦି ନେଇ ରୁଗ୍ଣ ଗ୍ରାମବାସୀମାନଙ୍କର ଚିକିତ୍ସା କରିବେ ଓ ଗ୍ରାମର ସ୍ୱାସ୍ଥ୍ୟ, ଧାତ୍ରୀ ବିଦ୍ୟା, ଶିଶୁ ମଙ୍ଗଳ ଏବଂ ମେଲେରିଆ ଜ୍ୱରର ପ୍ରତିକାର ସମ୍ବନ୍ଧରେ ମଧ୍ୟ ଲୋକମାନଙ୍କୁ ଶିକ୍ଷା ଦେବେ ।

ଗତ ବର୍ଷ ଯେଉଁ ଦୁଇ ଜଣ ସେନିଟେସନ ଓ ଭେକ୍‌ସିନେଶନ ସବ୍-ଇନ୍‌ସପେକ୍ଟର ନିଯୁକ୍ତ ହୋଇଥିଲେ ସେମାନେ ତାଙ୍କ ସଙ୍ଗରେ ଔଷଧାଦି ନେଇ ୮୧୨ ଜଣ ରୋଗୀର ଚିକିତ୍ସା କରିଥିଲେ । ବର୍ଷା ଋତୁ ସମୟରେ ଓ ତାହାର କିଛି ଅବ୍ୟବହିତ ପରେ ଓଳମରା, ବଇଶିଙ୍ଗା ଏବଂ କପ୍ତିପଦା ଥାନାର ନିକଟବର୍ତ୍ତୀ ସ୍ଥାନମାନଙ୍କରେ ହଇଜା ଲାଗିଥିଲା । କିନ୍ତୁ ଏହି ସବ୍-ଇନ୍‌ସପେକ୍ଟରମାନଙ୍କ ଯତ୍ନରେ ପ୍ରାୟ ୩୦,୦୦୦ ଲୋକଙ୍କୁ ଇନ୍‌ଜେକ୍‌ସନ୍ ଦେବା ଓ ଅନ୍ୟାନ୍ୟ ପ୍ରତିକାର କରିବା ଫଳରେ ଆଉ ହଇଜାର ବିସ୍ତାର ହୋଇ ପାରି ନାହିଁ ଏବଂ ତାହା ବନ୍ଦ ହୋଇ ଯାଇଥିଲା ।

## ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ

ଓଡ଼ିଶା ଡିଭିଜନର ସ୍କୁଲ ଇନ୍‌ସପେକ୍ଟର ମିଷ୍ଟର ଏଚ୍. ରାଏ ଗତ ଅକ୍ଟୋବର ମାସରେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଏହାଙ୍କର ପରିଦର୍ଶନ ସମୟରେ ବିଦ୍ୟାଳୟର ପରିଚାଳନ ସମ୍ବନ୍ଧରେ ଅନେକ ଉନ୍ନତି ହୋଇଥିବାର ଜଣା ଯାଇଥିଲା । ସେ ପାଟନା ବିଶ୍ୱବିଦ୍ୟାଳୟ ତରଫରୁ ଉକ୍ତ ସ୍କୁଲକୁ ପୁନଃ ବିଶ୍ୱବିଦ୍ୟାଳୟ ଭୁକ୍ତ କରିବା ସମ୍ବନ୍ଧେ ପରିଦର୍ଶନ କରିବାକୁ ଆସିଥିଲେ । ନିମ୍ନ ଶ୍ରେଣୀମାନଙ୍କରେ ଶିକ୍ଷାଦାନ, ହସ୍ତକର୍ମ ଓ ଅନ୍ୟାନ୍ୟ ଶିକ୍ଷା ପଦ୍ଧତି ବ୍ୟତୀତ ଛାତ୍ରମାନଙ୍କର ଚରିତ୍ର ଗଠନ ପାଇଁ କୋର୍ଟ ଅଫ୍ ଅନର, ବାଧ୍ୟତା ମୂଳକ କ୍ରୀଡ଼ା କସରତ୍, ଡିବେଟିଂ ସୋସାଇଟି ଏସୋସିଏସନ୍ ଓ ଛାତ୍ରମାନଙ୍କର ସାଧାରଣ ପଠନ ଗୃହ ଇତ୍ୟାଦି ଭଲ ଭଲ ବ୍ୟବସ୍ଥା ତାଙ୍କ ପରିଦର୍ଶନ ସମୟରେ ପରିଲକ୍ଷିତ ହୋଇଥିଲା ।

ଓଡ଼ିଶାର ଅନ୍ୟାନ୍ୟ ଉଚ୍ଚ-ଇଂରାଜୀ ବିଦ୍ୟାଳୟ ତୁଳନାରେ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ସବୁଠାରୁ ବଡ଼ ଓ ଏଥିର ଛାତ୍ର ସଂଖ୍ୟା ୪୬୦ । ଏହା ଛଡ଼ା ଆଉ ଗୋଟିଏ ହାଇସ୍କୁଲ ମେଦିନୀପୁର ଜିଲ୍ଲା ଅନ୍ତର୍ଗତ ଷ୍ଟେଟ୍‌ର ଜମିଦାରୀ ଇଲାକା ନୟାବସାଣଠାରେ ଷ୍ଟେଟ୍ ତତ୍ତ୍ୱାବଧାନରେ ପରିଚାଳିତ ହୁଏ । ନୟାବସାଣର ମଧ୍ୟ-ଇଂରାଜୀ ବିଦ୍ୟାଳୟଟିକୁ ମହାମାନ୍ୟ ଭାରତ ସମ୍ରାଟଙ୍କର ଗତ ସିଲଭର ଜୁବୁଲି ଉତ୍ସବର ସ୍ମୃତି ଚିହ୍ନ ସ୍ୱରୂପ ଉଚ୍ଚ ଇଂରାଜୀ ବିଦ୍ୟାଳୟରେ ପରିଣତ କରା ଯାଇଅଛି ।

ବର୍ତ୍ତମାନ ଷ୍ଟେଟ୍ ଅଧୀନରେ ଦୁଇଗୋଟି ହାଇସ୍କୁଲ ପରିଚାଳିତ ହେଉଥିବାରୁ ଓ ନୟାବସାଣ ହାଇସ୍କୁଲ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଥିବାରୁ ଛାତ୍ରମାନଙ୍କୁ ସ୍ଥାନ ଯୋଗାଇବା ଓ ସ୍ୱେଚ୍ଛାନୁଯାୟୀ ଇଉନିଭରସିଟି ମନୋନୀତ କରିବା ପକ୍ଷେ ବିଶେଷ ସୁବିଧା ଜନକ ହୋଇଅଛି ।

## ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ

ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ଏଜେଣ୍ଟ ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଏ. ଏସ୍. ମିକ୍, ସି. ଏସ୍. ଆଇ ତାଙ୍କର ସାତ ମାସ ଛୁଟି ଶେଷ ହେବାରୁ ଗତ ଅକ୍ଟୋବର ମାସରେ ଅଫିସର କାର୍ଯ୍ୟ ଭାର ଗ୍ରହଣ କରିଅଛନ୍ତି ।

ମିଷ୍ଟର ଜେ. ବୋଫେଲ୍ଡ୍ ଏମ୍. ସି., ଆଇ. ସି. ଏସ୍. ଏଜେଣ୍ଟଙ୍କର ସେକ୍ରେଟେରୀ ଏବଂ ସମ୍ବଲପୁରରେ ପଲିଟିକେଲ ଏଜେଣ୍ଟ ଭାବରେ ମିଷ୍ଟର ଜେ. ଏସ୍. ଉଇଲକକ୍ ଆଇ. ସି. ଏସ୍‌ଙ୍କୁ କାର୍ଯ୍ୟ ଭାର ଦେଇ ସାତ ମାସ ଏଗାର ଦିନ ଛୁଟି ନେଇଥିଲେ ।

ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଜି. ସି. ମଫ୍ରେ ମିଷ୍ଟର ଜେ. ଏସ୍. ଉଇଲକକ୍‌ଙ୍କଠାରୁ ଗତ ଅକ୍ଟୋବର ମାସଠାରୁ ଏଜେଣ୍ଟଙ୍କ ସେକ୍ରେଟେରୀ ଏବଂ ସମ୍ବଲପୁରର ପଲିଟିକେଲ ଏଜେଣ୍ଟ ଭାବରେ ଭାର ଗ୍ରହଣ କରିଅଛନ୍ତି ।

ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଏ. ଏସ୍. ମିକ୍ ସାତ ମାସ ଛୁଟିରେ ଥିବା ସମୟରେ ତାଙ୍କ ସ୍ଥାନରେ କାର୍ଯ୍ୟ କରୁ ଥିବା ମିଷ୍ଟର ଏଲ୍. ଜି. ଏଲ୍. ଇଭାନସ୍ ବର୍ତ୍ତମାନ ମଣିପୁର ଷ୍ଟେଟ୍‌ର ଦରବାର ପ୍ରେସିଡେଣ୍ଟ ଭାବରେ କାର୍ଯ୍ୟ କରୁଅଛନ୍ତି ।

## ପ୍ରାଥମିକ ସ୍କୁଲମାନଙ୍କରେ ବ୍ୟାୟାମ ଶିକ୍ଷା

ମୟୂରଭଞ୍ଜର ସ୍କୁଲମାନଙ୍କରେ ବ୍ୟାୟାମ ଶିକ୍ଷା ସମ୍ବନ୍ଧରେ ଯେଉଁ ବ୍ୟବସ୍ଥା କରା ଯାଇଥିଲା ତାହା ପରୀକ୍ଷା କରିବା ପାଇଁ ବ୍ୟାୟାମ ବିଶାରଦ ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ଗତ ନଭେମ୍ବର ମାସରେ ଏଠାକୁ

ଅସିଥିଲେ । ଏହି ବ୍ୟବସ୍ଥା ପ୍ରଥମେ ମହାରାଜାଙ୍କର ମଞ୍ଜୁର ନେଇ ୧୯୩୪ ମସିହା ଫେବ୍ରୁୟାରୀ ମାସରେ ମୟୂରଭଞ୍ଜରେ ପ୍ରବର୍ତ୍ତିତ କରା ଯାଇଥିଲା । ଏହି ପ୍ରଣାଳୀ ମଧ୍ୟରେ ନୃତ୍ୟଚାଳନା, ସାଧାରଣ ଓ ଶରୀରକର୍ଷକ ପଦକ୍ଷେପ, ସ୍ଲାଜିଙ୍ଗ୍, ଫାଷ୍ଟଏଡ୍ ଓ ପ୍ରାଚ୍ୟ ଏବଂ ପାଶ୍ଚାତ୍ୟ ଧରଣର କ୍ରୀଡ଼ା କୌତୁକାଦି ମଧ୍ୟ ସନ୍ନିବିଷ୍ଟ ଅଛି ।

ଉପରୋକ୍ତ ବ୍ୟାୟାମ ପ୍ରଣାଳୀ ଗୁଡ଼ିକ କାର୍ଯ୍ୟରେ ପରିଣତ କରିବା ପାଇଁ ଷ୍ଟେଟ୍‌ର ପ୍ରତ୍ୟେକ ସବ୍‌ଡିଭିଜନରେ ଗୋଟାଏ ଲେଖାଁ ଟ୍ରେନିଂ କ୍ୟାମ୍ପ ବା ଶିକ୍ଷା ଛାଉଣି କରା ଯାଇ ପ୍ରତ୍ୟେକ ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟମାନଙ୍କରୁ ଜଣେ ଲେଖାଁ ଶିକ୍ଷକଙ୍କୁ ଟ୍ରେନିଂ ଦେବାଲାଗି ଅଣା ଯାଇଥିଲା । ଶିକ୍ଷକମାନେ ପ୍ରଥମେ ବ୍ୟାୟାମ ପ୍ରଣାଳୀ ଗୁଡ଼ିକୁ ଶିକ୍ଷା କରି ତାହା ଛାତ୍ରମାନଙ୍କୁ ଶିକ୍ଷା ଦେଉଅଛନ୍ତି ।

ପ୍ରଥମେ ୧୯୩୪ ମସିହାରେ ବାରିପଦା ଓ ରାଇରଙ୍ଗପୁରଠାରେ ଯଥାକ୍ରମେ ୯୩ ଓ ୬୧ ଜଣ ଶିକ୍ଷକଙ୍କୁ ନେଇ ଦୁଇ ଗୋଟି ଟ୍ରେନିଂ କ୍ୟାମ୍ପ ହୋଇଥିଲା ଏବଂ ତତ୍ପର ବର୍ଷ ଉଦଳା ଏବଂ କରଞ୍ଜିଆରେ ଯଥାକ୍ରମେ ୧୦୦ ଓ ୭୫ ଜଣ ଶିକ୍ଷକଙ୍କୁ ନେଇ ଆଉ ଦୁଇ ଗୋଟି ଟ୍ରେନିଂ କ୍ୟାମ୍ପ ହୋଇଥିଲା । ପୂର୍ବାଞ୍ଚଳ ଦେଶୀୟ ରାଜ୍ୟର ଏଜେଣ୍ଟ ଲେଫ୍‌ଟେନେଣ୍ଟ କର୍ଣ୍ଣେଲ ଏ. ଏସ୍. ମିକ୍ ଓ ମିସେସ୍ ମିକ୍ ମହାରାଜାଙ୍କ ସହିତରେ କରଞ୍ଜିଆ କ୍ୟାମ୍ପ ପରିଦର୍ଶନ କରିଥିଲେ ଓ ଏହି ବ୍ୟାୟାମ ପ୍ରଣାଳୀ ଗୁଡ଼ିକୁ ଷ୍ଟେଟ୍‌ର ସମସ୍ତ ପ୍ରାଇମେରୀ, ମଧ୍ୟ ଇଂରାଜୀ ଏବଂ ଗୁରୁଟ୍ରେନିଂ ସ୍କୁଲର ଛାତ୍ରମାନଙ୍କୁ ବରାବର ଶିକ୍ଷା ଦେବା ପାଇଁ ଉପଦେଶ ପ୍ରଦାନ କରିଥିଲେ ।

ବ୍ୟାୟାମ ବିଶାରଦ ପ୍ରଫେସର ଦାସ ଗତ ନଭେମ୍ବର ମାସରେ ୬୦ ଗୋଟି ସ୍କୁଲ ପରିଦର୍ଶନ କରିଥିଲେ ଓ ଛାତ୍ରମାନଙ୍କର ସାଧାରଣ ସ୍ୱାସ୍ଥ୍ୟ ବିଷୟରେ ଉଲ୍ଲେଖ ଯୋଗ୍ୟ ଉନ୍ନତି ହୋଇଥିବାର ରିପୋର୍ଟ ଦେଇଥିଲେ ।

## ଭିକ୍ଟୋରିଆ ଡାଏମଣ୍ଡ୍ ଜୁବିଲି ଲାଇବ୍ରେରୀ

ଶ୍ରୀମନ୍ ମହାରାଜା ସାହେବ ବାରିପଦା ଭିକ୍ଟୋରିଆ ଡାଏମଣ୍ଡ୍ ଜୁବିଲି ଲାଇବ୍ରେରୀ ଓ ପାଠାଗାରକୁ ତାଙ୍କ ନିଜ ପୁସ୍ତକାଗାରରୁ ୧୦୦ ଖଣ୍ଡି ପୁସ୍ତକ ପ୍ରଦାନ କରି ଉକ୍ତ ପାଠାଗାରର ଉନ୍ନତି କଲେ ସର୍ବସାଧାରଣଙ୍କର ସହାନୁଭୂତି ଦେଖାଇବା ଦିଗରେ ବିଶେଷ ଉତ୍ସାହିତ କରିଅଛନ୍ତି । ଏହି ପାଠାଗାରଟି ପୁଣ୍ୟଶ୍ଳୋକ ମହାରାଜ ଶ୍ରୀରାମଚନ୍ଦ୍ରଙ୍କ ରାଜତ୍ୱ ସମୟରେ ପ୍ରତିଷ୍ଠିତ ହୋଇଥିଲା । ଏହା ଗୋଟିଏ ବୃହତ୍ ପଠନ ଗୃହକୁ ନେଇ ବାରିପଦା ଜୁବିଲି ଇନଷ୍ଟିଚ୍ୟୁଟ ମଧ୍ୟରେ ସନ୍ନିବିଷ୍ଟ । ଏହି ପ୍ରକାଣ୍ଡ ଗୃହ ମଧ୍ୟରେ ବାରିପଦା ଯାଦୁଘର ମଧ୍ୟ ଅବସ୍ଥିତ ।

ସନ ୧୯୩୪-୩୫ ର ହିସାବରୁ ଜଣାଯାଏ ଯେ ୧୩୪ ଗୋଟି ଓଡ଼ିଆ ଓ ବଙ୍ଗଳା ପୁସ୍ତକ ଖରିଦ କରିବା ପାଇଁ ଟ ୧୬୯।୮ ଖର୍ଚ୍ଚ ହୋଇଥିଲା ଏବଂ ବହିର ମୋଟ ସଂଖ୍ୟା ୬୬୮୧ ଥିଲା । ହାରାହାରି ମାସିକ ଉପସ୍ଥାନ ୧୧୬୬, ଗ୍ରାହକ ସଂଖ୍ୟା ୧୪୦ ଓ ଗ୍ରାହକମାନଙ୍କୁ ଦିଆଯାଇ ଥିବା ବହିର ସଂଖ୍ୟା ୫୨୪୦ । ପୂର୍ବ ବର୍ଷର ବକେୟା ନେଇ ଲାଇବ୍ରେରୀର ମୋଟରେ ଟ ୧୬୮୮।୨ ଆୟ ହୋଇଥିଲା ଏବଂ ସେଥିରୁ ଟ ୬୫୮।୮ ଖର୍ଚ୍ଚ ଯାଇ ବାକି ଟ ୧୦୩୦।୭୫ ବର୍ଷ ଶେଷରେ ଜମା ରହିଥିଲା ।

## ମିଉଜିଅମ ସଂଘର ମେମ୍ବରଙ୍କ ଆଗମନ

ବିଲାତର ମିଉଜିଅମ ସଂଘ ବ୍ରିଟିଶ ସାମ୍ରାଜ୍ୟରେ ଥିବା ମିଉଜିଅମ ବା ଯାଦୁଘରଗୁଡ଼ିକର ଅବସ୍ଥା ସମ୍ବନ୍ଧେ ତଥ୍ୟ ସଂଗ୍ରହ କରୁଅଛନ୍ତି । ବ୍ରିଟିଶ ଭାରତ ଓ ଦେଶୀୟ ରାଜ୍ୟରେ ଥିବା ଶତାଧିକ ମିଉଜିଅମ ଗୁଡ଼ିକ ଦେଖି ସେଗୁଡ଼ିକର ଅବସ୍ଥା ସମ୍ବନ୍ଧେ ତଥ୍ୟ ସଂଗ୍ରହ ପାଇଁ ଉକ୍ତ ସଂଘ ତରଫରୁ ପାର୍ଲିଆମେଣ୍ଟର ମେମ୍ବର ଓ ମିଉଜିଅମ ସଂଘର ସାମ୍ରାଜ୍ୟ-ସମ୍ପାଦକ ମି. ଏସ୍. ଏଫ୍. ମାରକାମ ଓ ମି. ଏଚ୍. ହାରଗ୍ରିଭସ୍ ଦୁଇଜଣ ସଭ୍ୟ ଭାରତରେ ଭ୍ରମଣ କରୁଅଛନ୍ତି । ମୟୂରଭଞ୍ଜର ରାଜଧାନୀ ବାରିପଦାର ଓ ପ୍ରାଚୀନ ରାଜଧାନୀ ଖିଚିଙ୍ଗର ମିଉଜିଅମଗୁଡ଼ିକ ଦେଖିବା ପାଇଁ ମି. ହାରଗ୍ରିଭସ୍ ଜାନୁଆରୀ ମାସ ତା ୯।୧୦ ରିଖରେ ମୟୂରଭଞ୍ଜ ଆସିଥିଲେ । ସେ ହାରଗ୍ରିଭସ୍ ଭାରତର ପ୍ରତ୍ନତତ୍ତ୍ୱ ବିଭାଗର ଭୂତପୂର୍ବ ଡିରେକ୍ଟର ଥିଲେ । କଲିକତା ଯାଦୁଘରର ଭୂତପୂର୍ବ ସୁପରିଣ୍ଟେଣ୍ଡେଣ୍ଟ ରାୟ ବାହାଦୁର ରମାପ୍ରସାଦ ଚନ୍ଦ ମଧ୍ୟ ହାରଗ୍ରିଭସ୍ ସାହେବଙ୍କ ସହିତ କଲିକତାରୁ ଆସିଥିଲେ । ରାୟ ବାହାଦୁର ଚନ୍ଦ ପ୍ରଥମେ ୧୯୨୩ ସାଲରେ ଖିଚିଙ୍ଗ ଖନନ କରି ଅନେକ ପ୍ରାଚୀନ କୀର୍ତ୍ତି ଉଦ୍ଧାର କରିଥିଲେ ଓ ପରେ ୧୯୩... ରେ ତାଙ୍କର ପରାମର୍ଶରେ ଖିଚିଙ୍ଗ ମିଉଜିଅମ ସ୍ଥାପିତ ହୋଇଥିଲା । ବାରିପଦା ମିଉଜିଅମ ୧୯୩୨-୩୩ ସାଲରେ ନୂତନ ରୂପରେ ସ୍ଥାପିତ ହୋଇ ।

ମି. ହାରଗ୍ରିଭସ୍‌ଙ୍କ ମନ୍ତବ୍ୟରୁ ଜଣାଯାଏ ଯେ ମୟୂରଭଞ୍ଜର ମିଉଜିଅମଗୁଡ଼ିକର ସାଜସଜ୍ଜା ଦେଖି ସେ ଖୁସି ହୋଇଥିଲେ । ପୂର୍ବାଞ୍ଚଳ ଦେଶୀୟ ରାଜ୍ୟସମୂହରେ କେବଳ ମୟୂରଭଞ୍ଜର ମିଉଜିଅମଗୁଡ଼ିକ ମିଉଜିଅମ ସଂଘର ତାଲିକାଭୁକ୍ତ ହୋଇଅଛି ।

## ପଞ୍ଚମ ବାର୍ଷିକ ପୂର୍ଣ୍ଣଚନ୍ଦ୍ର-ସ୍ମୃତି-କ୍ରୀଡ଼ା ପ୍ରତିଯୋଗିତା

ଏହି କ୍ରୀଡ଼ା-ପ୍ରତିଯୋଗିତା ମୟୂରଭଞ୍ଜ କ୍ରୀଡ଼ା ସମିତିର ତତ୍ତ୍ୱାବଧାନରେ ଜାନୁୟାରୀ ମାସ ୧୩ ଓ ୧୪ ତାରିଖରେ ପୁଲିସ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ଶ୍ରୀମନ୍ ମହାରାଜା ସର ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ ପୁରସ୍କାର ବିତରଣ କରିଥିଲେ । ପୂର୍ବ ବର୍ଷ ଅପେକ୍ଷା ଏ ବର୍ଷ ବାହାର ପ୍ରତିଯୋଗୀମାନଙ୍କ ସଂଖ୍ୟା ଅଳ୍ପ ଥିଲେହେଁ ସ୍ଥାନୀୟ ପ୍ରତିଯୋଗୀଙ୍କ ସଂଖ୍ୟା ଅଧିକ ହୋଇଥିଲା । ସର୍ବମୋଟ ୬୪ ଜଣ ପ୍ରତିଯୋଗୀ କ୍ରୀଡ଼ାରେ ଯୋଗ ଦେଇଥିଲେ । ସେମାନଙ୍କ ମଧ୍ୟରୁ ଖଡ଼ଗପୁର, ଟାଟାନଗର ଓ ବାଲେଶ୍ୱରରୁ ୨୨ ଜଣ ଆସିଥିଲେ । ଟାଟାନଗରରୁ ଯେଉଁମାନେ ଆସିଥିଲେ ସେମାନେ ଅନ୍ୟ ସମସ୍ତଙ୍କ ଅପେକ୍ଷା ବେଶି ପଏଣ୍ଟ କରି ଶ୍ରେଷ୍ଠ ସ୍ଥାନ



Digitized by srujanika@gmail.com

ଅଧିକାର କରିଥିଲେ । ସେମାନଙ୍କ ଭିତରୁ ମି. ଜେ. ଏମ୍. ସିଂହ ସର୍ବଶ୍ରେଷ୍ଠ ପ୍ରତିଯୋଗୀର ମେଡେଲ ପାଇଥିଲେ ।

ଖଡ଼ଗପୁର ଫ୍ରେଣ୍ଡ୍‌ସ୍ ୟୁନିୟନର ମିଷ୍ଟର ପି. ଆଚାର୍ଯ୍ୟ ଯଷ୍ଟି ସାହାଯ୍ୟରେ ୧୦ ଫୁଟ୍ ୧ ଇଞ୍ଚ ପର୍ଯ୍ୟନ୍ତ ଲମ୍ଫ ପ୍ରଦାନ କରି ଏ ପର୍ଯ୍ୟନ୍ତ ଯେତେ ପ୍ରତିଯୋଗୀ ଏହି କ୍ରୀଡ଼ାରେ ଯୋଗ ଦେଇଥିଲେ, ସେମାନଙ୍କ ମଧ୍ୟରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ । ପୂର୍ବ ବର୍ଷମାନଙ୍କପରି ଏ ବର୍ଷ ମଧ୍ୟ ଦୌଡ଼ିବା, ଡେଇଁବା, ଯଷ୍ଟି ଫିଙ୍ଗିବା ପ୍ରଭୃତି ଖେଳ ପ୍ରତିଯୋଗୀତା ହୋଇଥିଲା । କେବଳ ସାଇକେଲ ଚଢ଼ା ପ୍ରତିଯୋଗୀତା ଏ ବର୍ଷର ବିଶେଷତ୍ୱ ଏବଂ ସେଥିରେ ଅନେକେ ଉତ୍ସାହର ସହିତ ଯୋଗ ଦେଇଥିଲେ ।

ଶ୍ରୀମନ୍ ମହାରାଜା ନିମନ୍ତ୍ରିତ ଭଦ୍ରବ୍ୟକ୍ତି ଓ ଜୟୀ ହୋଇଥିବା ପ୍ରତିଯୋଗିମାନଙ୍କୁ ଗୋଟିଏ ଟ୍ରଫି ଦେଇଥିଲେ ।

## ପୁସ୍ତକ ପରିଚୟ

**କଲ୍ୟାଣ କଲାନିଧି (କାବ୍ୟ) ।** ରଚୟିତା ଶ୍ରୀ ଅନ୍ତର୍ଯ୍ୟାମୀ ପତି ଶର୍ମା । କଟକ ନବଭାରତ ମୁଦ୍ରାଣାଳୟରେ ମୁଦ୍ରିତ । ୩୧୨ ପୃଷ୍ଠା, ମୂଲ୍ୟ ଦେଢ଼ ଟଙ୍କା ।

ମହାଭାରତର ନଳ ଚରିତ ଉପାଖ୍ୟାନକୁ ଅବଲମ୍ବନ କରି ଏହି ସୁବୃହତ୍ କାବ୍ୟ ଗ୍ରନ୍ଥଟି ଅମୂଲଚୁଲ ବଙ୍ଗଳାଶ୍ରୀ ରାଗରେ ଲିଖିତ । ଗ୍ରନ୍ଥର ମୁଖବନ୍ଧରେ କବି ଲେଖି ଅଛନ୍ତି ଯେ ଏହି କାବ୍ୟକୁ ସେ ଛାତ୍ରାବସ୍ଥାରୁ ହିଁ ଲେଖିବାକୁ ଆରମ୍ଭ କରିଥିଲେ । ଏହାର ପାଣ୍ଡୁଲିପି ଦେଖି ଉତ୍କଳର ବିଖ୍ୟାତ କବି ଗଙ୍ଗାଧର ମେହେର ଏ କାବ୍ୟର ବହୁ ପ୍ରଶଂସା କରିଥିଲେ ଏବଂ ଭବିଷ୍ୟତରେ ମଧ୍ୟ ଏହାର ରଚୟିତାଙ୍କ ସମ୍ବନ୍ଧରେ ଉଚ୍ଚ ଆଶା ପୋଷଣ କରିଥିଲେ । ଗ୍ରନ୍ଥଟିର ଯେ କୌଣସି ପୃଷ୍ଠା ଫିଟାଇଲେ ସର୍ବପ୍ରଥମେ ଆଖି ଆଗରେ ପଡ଼େ ରଚନାର ସାରଲ୍ୟ ଏବଂ କାବ୍ୟରେ ଭାଷା ଅନ୍ତରାଳରେ ଫୁଟି ଉଠେ ରଚୟିତାଙ୍କର କବି ହୃଦୟର ସୁସ୍ପଷ୍ଟ ଛବି । ବର୍ତ୍ତମାନ ଜୀବନର କ୍ଷେତ୍ର ଯେଉଁ ପରିମାଣରେ ଜଟିଳ ହୋଇ ଆସୁଛି କାବ୍ୟ ଚର୍ଚ୍ଚା ମଧ୍ୟ ସେହି ପରିମାଣରେ ହ୍ରାସ ହୋଇ ପଡ଼ୁଛି । ପୁଣି ମଧ୍ୟ କାବ୍ୟ ରଚନା ଜଗତର ସବୁ ସାହିତ୍ୟରେ ବିରଳ ହୋଇ ଯାଉଛି । ଜୀବନର ଏହି ପରିସର ମଧ୍ୟରେ 'କଲ୍ୟାଣ କଲାନିଧି' ରଚିତ । ଏହି ରଚନାରେ କବି ଯେଉଁ ଧ୍ୟାନ ଓ ଅଭିନିବେଶ ପ୍ରଦାନ କରି ଅଛନ୍ତି ସେଥିପାଇଁ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ତାଙ୍କଠାରୁ ଅନେକ ଆଶା କରାଯାଏ । ସେତିକି ନୁହେଁ, ବର୍ଣ୍ଣନାଚ୍ଛଟା, ଶବ୍ଦବିନ୍ୟାସ ଓ ଛନ୍ଦଲାଳିତ୍ୟରେ ମଧ୍ୟ 'କଲ୍ୟାଣ କଲାନିଧି' ସୁଖପାଠ୍ୟ ହୋଇଅଛି ।

ଏରୂପ ବିରାଟ କାବ୍ୟ ଗ୍ରନ୍ଥର ଯଥାଯଥ ଆଲୋଚନା କରିବା ପାଇଁ ଏଠାରେ ସ୍ଥାନ ପ୍ରଶସ୍ତ ନୁହେଁ । ଏତିକି କହିଲେ ଯଥେଷ୍ଟ ହେବ ଯେ ଓଡ଼ିଆ ସାହିତ୍ୟର ଏହି କାବ୍ୟ ଗ୍ରନ୍ଥଟି ଏକ ବିଶିଷ୍ଟ ଦାନ । ଗ୍ରନ୍ଥଟିରେ ଅନେକ ଗୁଡ଼ିଏ ସୁନ୍ଦର ଚିତ୍ର ସନ୍ନିବେଶିତ ଅଛି, ଛପା ଓ କାଗଜ ମଧ୍ୟ ଉତ୍କୃଷ୍ଟ ।

**ମଧୁର ମନ୍ଦାକିନୀ (କବିତା ଗୁଚ୍ଛ)**—ରଚୟିତା ଶ୍ରୀ ଅନ୍ତର୍ଯ୍ୟାମୀ ପତି ଶର୍ମା । ବ୍ରହ୍ମପୁର ସାରଦା ପ୍ରେସରେ ମୁଦ୍ରିତ । ୭୯ ପୃଷ୍ଠା । ମୂଲ୍ୟ ୦/୬ ମାତ୍ର ।

ଭଗବାନଙ୍କୁ ତିରସ୍କାର ଛଳନାରେ ଏହା କେତେଗୋଟି ସ୍ତବର ସମଷ୍ଟି । ପୁସ୍ତକଟି ପାଞ୍ଚଗୋଟି "ତରଙ୍ଗ"ରେ ବିଭକ୍ତ । ପ୍ରଥମ ଚାରିଗୋଟି 'ତରଙ୍ଗ' ପ୍ରାଚୀନ ଓଡ଼ିଆ କାମୋଦୀ ରାଗରେ ଏବଂ ପଞ୍ଚମ ଓ ଶେଷ ତରଙ୍ଗଟି ରାଗ ଚକ୍ରକେଳି ବା ଚକ୍ରକେଳିଟି ରାଗରେ ରଚିତ । ସବୁ କବିତାଗୁଡ଼ିକ ଭକ୍ତି ରସରେ ଆପ୍ଲୁତ । ସାହିତ୍ୟ ଦୃଷ୍ଟିରୁ ଦେଖିଲେ ପ୍ରାଚୀନ ଓଡ଼ିଆ ସାହିତ୍ୟର ଚର୍ଚ୍ଚା ଯେ ଏ ଦେଶରେ ସମ୍ପୂର୍ଣ୍ଣ ନଷ୍ଟ ହୋଇ ନାହିଁ ଏବଂ ଆଧୁନିକ ଶିକ୍ଷା ଲାଭ କରି ମଧ୍ୟ କବି ଯେ ପ୍ରାଚୀନ କାବ୍ୟ ରୀତିରେ ଗଭୀର ଭାବରେ ଅନୁପ୍ରାଣିତ, ଏହି ପୁସ୍ତକଟି ତାହାର ସୁସ୍ପଷ୍ଟ ନିଦର୍ଶନ ।

**ନୂଆ ସହଜ ରଚନା ବୋଧ**—କେଉଁଝର ଟିବସନ୍ ହାଇ-ସ୍କୁଲର ଓଡ଼ିଆ ଶିକ୍ଷକ ଶ୍ରୀଯୁକ୍ତ ଲୋକନାଥ ଦାସଙ୍କଦ୍ୱାରା ଲିଖିତ । ମୂଲ୍ୟ ୦/୬ । ପୃ ୧୪୬ ଷ୍ଠା । ପ୍ରାଥମିକ ସ୍କୁଲମାନଙ୍କରେ ଛାତ୍ରମାନଙ୍କୁ ରଚନା ଶିକ୍ଷା ଦେବା ପାଇଁ ଏହା ଲିଖିତ ହୋଇଅଛି । ପୁସ୍ତକର ଭାଷା ସରଳ ଓ ବୋଧଗମ୍ୟ । ଏଥିରେ ମୌଖିକ ରଚନାର ଆଲୋଚନା, ପତ୍ରଲିଖନ ପ୍ରଣାଳୀ, ଡାକଘର ଓ ଦଲିଲ, ଗଳ୍ପ ଅଭ୍ୟାସ ଦ୍ୱାରା ରଚନା ଲିଖନ ପ୍ରଭୃତି ଅନେକ ଗୁଡ଼ିଏ ଜ୍ଞାତବ୍ୟ ବିଷୟ ଓ କେତେକ ବର୍ଣ୍ଣନାତ୍ମକ ଓ ଚିନ୍ତାମୂଳକ ପ୍ରବନ୍ଧର ଆଦର୍ଶ ଦିଆ ଯାଇଅଛି ।

ଶିକ୍ଷା କ୍ଷେତ୍ରରେ ପୁସ୍ତକ ଖଣ୍ଡି ଶିକ୍ଷକ ଓ ଛାତ୍ରମାନଙ୍କୁ ଯଥେଷ୍ଟ ସାହାଯ୍ୟ କରିବ ବୋଲି ଆଶା କରାଯାଏ । ପୁସ୍ତକଟି ନୂତନ ସିଲାବସ୍ ଅନୁସାରେ ଲିଖିତ ଓ କଟକ ସତ୍ୟବାଦୀ ପ୍ରେସରେ ମୁଦ୍ରିତ ।


**ଉପହାର**—ବାମଣ୍ଡା ପ୍ରାଇମେରୀ ଓ ସେକେଣ୍ଡାରୀ ସ୍କୁଲ ଶିକ୍ଷକ ସମାଜରୁ ପ୍ରକାଶିତ ଗୋଟିଏ ସୁନ୍ଦର ତ୍ରୈମାସିକ ପତ୍ରିକା । ଏଥିରେ ସାହିତ୍ୟ, ଶିକ୍ଷା, ଇତିହାସ, ନୀତିବାକ୍ୟ, ହାସ୍ୟରସ ଇତ୍ୟାଦି ନାନା ପ୍ରକାର ପ୍ରବନ୍ଧ, ସ୍ଥାନୀୟ କିଂବଦନ୍ତୀ ଓ ସ୍କୁଲ ସମ୍ବାଦାଦି ପ୍ରକାଶିତ ହୋଇଥାଏ । ଏହା ଶିକ୍ଷକମାନଙ୍କ ତରଫରୁ ଗୋଟିଏ ପ୍ରଶଂସନୀୟ ଉଦ୍ୟମ ଓ ଆମ୍ଭେମାନେ ଏହାର ଉନ୍ନତି ଆଶାକରୁଁ ।



ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

# ଉଠ ପ୍ରଭାତ

ବାରିପଦା, ଚୈତ୍ର ୧୩୪୩



उत्तिष्ठत जाग्रत प्राप्य वरान्निबोधत

Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

# S. K. CHAKRAVARTI LTD.

SANITARY ENGINEERS

CALCUTTA.

TEL. "LAVATORY" CODES BENTLEY

## Mayurbhanj Law Reporter

**Highly appreciated in India & Abroad.**

It is a quarterly publication

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

**Postage Extra.**

---

*Manager*—N. C. SANYAL, B. A.

MAYURBHANJ LAW REPORTER.

## Bhanja Pradeepa

*It is an illustated Oriya quarterly quite independent of the English Edition of the Mayurbhanj Chronicle.*

---

SUBSCRIPTION

| | | | |
|---|---|---|---|
| *Annual* - | *Rs. 0-12-0* | | *(post free)* |
| ,, | ,, | *1-4-0* | *(with postage)* |
| *Price per copy* | ,, | *0-3-0* | *(post free)* |
| | ,, | *0-5-0* | *(with postage)* |

*Manager*—N. C. SANYAL, B.A.

BHANJA PRADEEPA


Digitized by srujanika@gmail.com

# ମୟୂରଭଞ୍ଜର

ଶସ୍ତା ସୁନ୍ଦର ସ୍ଥାୟୀ

ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଆଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ ଓ ସୂତା** ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରୀ**

୨। ଚନ୍ଦ୍ର ବୁଣା **ଚୌକି ଗଦି** ଏବଂ **ବିଛଣା ଗଦି**

୩। ଭୁଲାର **ଗାଲିଗ୍ର** ଓ ଅରଙ୍ଗା କଣ୍ଟେଇ

୪। ସ୍ଥାନୀୟ ଶିଶୁକାଠରେ ପ୍ରସ୍ତୁତ ଆଧୁନିକ ରୁଚି-ସମ୍ପନ୍ନ ନାନା ପ୍ରକାର **ଉତ୍କୃଷ୍ଟ ଜିନିଷ**

**ବନ୍ୟଜାତ ଦ୍ରବ୍ୟ**

୧। **ହାତୀଦାନ୍ତ**

୨। **ଟସର ଓ ବୋଟେଇ**

୩। **ଶିଶୁକାଠ** ଓ ଅନ୍ୟାନ୍ୟ କାଠରେ ପ୍ରସ୍ତୁତ ସୁନ୍ଦର ସୁନ୍ଦର ଗୃହୋପକରଣ ଓ ଅନ୍ୟାନ୍ୟ ଜିନିଷ

୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ ତହିଁରୁ ଜାତ ବିହନ

୫। **ଝୁଣା, ମହମ** ଓ **ତୈଳବୀଜ** ଇତ୍ୟାଦି ଓ ଅନ୍ୟାନ୍ୟ ବନ୍ୟଜାତ ଦ୍ରବ୍ୟ।

# ମୟୂରଭଞ୍ଜ ଷ୍ଟେଟ ଗେଜେଟ

ପ୍ରତି ଇଂରାଜୀ ମାସ ୭ ଓ ୨୧ ତାରିଖରେ ପ୍ରକାଶିତ ହୁଏ। ଏଥିରେ କେବଳ ଷ୍ଟେଟ ସମ୍ବନ୍ଧୀୟ ବିଷୟମାନ ପ୍ରକାଶିତ ହୁଏ।

ବାର୍ଷିକ ମୂଲ୍ୟ—ଟ ୩୯ ( ଡାକମାସୁଲ ବ୍ୟତୀତ ) ଟ ୩୷ ( ଡାକମାସୁଲ ସହ ) ପ୍ରତି ସଂଖ୍ୟାର ମୂଲ୍ୟ ଟ ୦୵

**ଏଥିରେ ବିଜ୍ଞାପନ ଛପାଇବାର ଦର**

ପ୍ରତି ସଂଖ୍ୟା—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ ୧୦୯ ପ୍ରତି ସଂଖ୍ୟା—ଅର୍ଦ୍ଧ ପୃଷ୍ଠାକୁ ଟ ୫୯

ସାମୟିକ ବିଜ୍ଞାପନ ପକ୍ଷରେ—ପ୍ରତି ସଂଖ୍ୟା ଡବଲ୍ କଲମ୍ ଧାଡ଼ିକୁ ଟ ୦।

„ „ ସିଙ୍ଗଲ୍ „ „ ଟ ୦୵

ଗ୍ରାହକ ହେବାକୁ କିମ୍ବା ବିଜ୍ଞାପନ ଛପାଇବାକୁ ଇଚ୍ଛା କଲେ ଅଗ୍ରୀମ ଦେବାକୁ ପଡ଼ିବ।

**ମେନେଜର,**

ଷ୍ଟେଟ ପ୍ରେସ୍, ବାରିପଦା।


Digitized by srujanika@gmail.com

# ଭଞ୍ଜ ପ୍ରଦୀପ

**ପଞ୍ଚମ ଭାଗ**      **ତୃତୀୟ ସଂଖ୍ୟା**

## ସୂଚିପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ଅଭିଭାଷଣ | ଶ୍ରୀ ପଦ୍ମଚରଣ ପଟ୍ଟନାୟକ ବି. ଏଲ୍. | ୧ |
| ୨ । | ସମ୍ବର୍ଦ୍ଧନା | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ବି. ଏସ୍‌ସି., ଏମ୍. ଆର୍. ଏ. ଏସ୍., ଏଫ୍., ଆର୍. ଏ. ଆଇ., | ୧୧ |
| ୩ । | ଜନ୍ମାନ୍ତରେ (କବିତା) | ଶ୍ରୀ ଉପେନ୍ଦ୍ରପ୍ରସାଦ ମହାନ୍ତି ବି. ଏ. ଉଇଡ. | ୧୪ |
| ୪ । | ଓଡ଼ିଶାର କିମ୍ବଦନ୍ତୀରେ ଐତିହାସିକ ତଥ୍ୟ | ଶ୍ରୀ ବିନାୟକ ମିଶ୍ର | ୧୫ |
| ୫ । | ଅଭାବ (ଗଳ୍ପ) | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୧୬ |
| ୬ । | କାନ ବାଟେ କଥା ଶୁଲେ | ଶ୍ରୀ ଶଶିଭୂଷଣ ରାୟ | ୨୦ |
| ୭ । | ଶିଳ୍ପ ସମ୍ବନ୍ଧରେ କେତୋଟି କଥା | ଶ୍ରୀ ଜଗତ୍ ମୋହନ ସେନ୍ ବି. ଏସ୍‌ସି. | ୨୩ |
| ୮ । | ପାନ-ପ୍ରସଙ୍ଗ | ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ ଏଲ୍. ଏମ୍. ପି. | ୨୫ |
| ୯ । | ଦେଶୀୟ-ରାଜ୍ୟ ସମାଚାର | | ୨୬ |
| ୧୦ । | ସମ୍ବାଦ ଓ ସଙ୍କେତ | | ୩୦ |
| ୧୧ । | ପ୍ରୀତି-ପୂଜା (କବିତା) | ଶ୍ରୀ ଶ୍ରୀଚନ୍ଦ୍ର ହୋତା | ୩୮ |


## ଚିତ୍ର-ସୂଚି


| | | |
|---|---|---|
| ୧ । | ସର୍ ଜନ୍ ଅଷ୍ଟେନ୍ ହବାକ୍ କେ. ସି. ଏସ୍. ଆଇ., ଆଇ. ସି. ଏସ୍. | ୩୦ |
| ୨ । | ମୟୂରଭଞ୍ଜ କାଉନ୍‌ସିଲ୍ ଚେମ୍ବାରର ଭିତର ଦୃଶ୍ୟ | ୩୨ |
| ୩ । | ମୟୂରଭଞ୍ଜ ଷ୍ଟେଟ୍ ସେକ୍ରେଟେରିଏଟ୍ ଓ କାଉନ୍‌ସିଲ୍‌ର ବାହାର ଦୃଶ୍ୟ | ୩୩ |
| ୪ । | ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ବ୍ୟାୟାମ | ୩୩ |
| ୫ । | ପ୍ରଦର୍ଶନୀରେ ସଜ୍ଜିତ ମୟୂରଭଞ୍ଜର ଟସର ଓ ସୂତା ଲୁଗା | ୩୫ |
| ୬ । | ପ୍ରଦର୍ଶନୀରେ ସଜ୍ଜିତ କୃଷି ବିଭାଗର ଏକ ପାଖର ଦୃଶ୍ୟ | ୩୫ |
| ୭ । | ବାରିପଦା ସାହିତ୍ୟ ସମାଜର ସଭାପତି ଓ ସଭ୍ୟବୃନ୍ଦ | ୩୬ |
| ୮ । | ପାଟନା ପ୍ରଦର୍ଶନୀରେ ମୟୂରଭଞ୍ଜ ଦ୍ରବ୍ୟାଦିର ଚିତ୍ର | ୩୬ |
| ୯ । | ପାରଳାଖେମୁଣ୍ଡିର ମହାରାଜା କ୍ୟାପ୍‌ଟେନ୍ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ | ୩୬ |


Digitized by srujanika@gmail.com

# ଆଧୁନିକ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ        ସହକାରୀ ସମ୍ପାଦକ—ଶ୍ରୀ କାଳନ୍ଦୀଚରଣ ପାଣିଗ୍ରାହୀ

ଚୈତ୍ରପର୍ବ ସଂଖ୍ୟା

ପଞ୍ଚମ ଭାଗ | ଚୈତ୍ର, ସନ ୧୩୪୩ ସାଲ | ୩ୟ ସଂଖ୍ୟା


## ଅଭିଭାଷଣ *


ଶ୍ରୀ ପଦ୍ମଚରଣ ପଟ୍ଟନାୟକ


ପ୍ରିୟ ବନ୍ଧୁଗଣ,

ଆପଣମାନଙ୍କର ସ୍ନେହ ଓ ଦୟା ଲାଗି ମୁଁ ସର୍ବାଦୌ ଆପଣମାନଙ୍କୁ ମୋର ହୃଦୟର ଅନ୍ତରତମ ପ୍ରଦେଶର ଭକ୍ତି, ପ୍ରୀତି ଓ କୃତଜ୍ଞତା ଜଣାଉଅଛି । ସେଥି ସଙ୍ଗେ ସଙ୍ଗେ ମୋର ବରାବର ମନେ ହେଉଅଛି ଏ ଦାୟିତ୍ୱ ଯୋଗ୍ୟତର ଲୋକରେ ଦେଇଥିଲେ ଆପଣମାନେ ଅଧିକ ଆନନ୍ଦ ଉପଭୋଗ କରିଥାନ୍ତେ । ଯେଉଁମାନେ ନିରବଚ୍ଛିନ୍ନ ଭାବରେ ସାହିତ୍ୟ ଚର୍ଚ୍ଚା କରୁଛନ୍ତି ଅଥବା ଯେଉଁମାନେ ଅନ୍ତତଃ ଏବେ ସାହିତ୍ୟକୁ ଜୀବିକା କରି ଅଛନ୍ତି, ସେପରି ବ୍ୟକ୍ତିଙ୍କୁ ଆପଣମାନେ ପାଇ ପାରିଥିଲେ ସେମାନଙ୍କଠାରୁ ଶୁଣିବାଭଳି ଅନେକ କଥା ଶୁଣି ପାରିଥାନ୍ତେ । ମୋତେ ବୋଧ ହୁଏ କେବଳ ଦୂର ବନ୍ଧୁ ମୁଁ ବୋଲି ଭାବରେ ଗୃହୀତ ହୋଇ ଆପଣମାନେ ଦୂର ସମୁଦ୍ର କୂଳରୁ ଏ ନିର୍ବାସିତ ବନ୍ଧୁଙ୍କୁ ଟାଣି ଆଣି ଅଛନ୍ତି । ନା ଅଛି ମୋର ସାହିତ୍ୟ ସାଧନା, ନା ଅଛି ମୋର ଆଧୁନିକ ସାହିତ୍ୟ ସଂସାର ସଙ୍ଗେ ସମ୍ପର୍କ । ଉତ୍କଳ ବାହାରେ ରହିଲି, ଆପଣମାନଙ୍କ ଏହି ବାଦ୍‌ବିବାଦରେ କେତେବେଳେ ସ୍ୱର୍ଗୀୟ ଉତ୍କଳ ସାହିତ୍ୟ ସେବକ ଅଛନ୍ତି ସେମାନଙ୍କର ସାନ ସାନ ମତାମତ ଶୁଣି ଆସୁଥିଲେ ମଧ୍ୟ ନିଜ ମତାମତ ପ୍ରକାଶ କରିଥାଏଁ । ସେପରି କୌଣସି ଜାତୀୟ ଆନ୍ଦୋଳନ ସୃଷ୍ଟି ସମୟରେ ଅଗ୍ରଣୀ ହୋଇଥିଲେ ସେମାନଙ୍କୁ ମନେ ପକାଇବା । ସେହି ଦେଶମାନଙ୍କରେ ବା ବିଚାର ଚିନ୍ତା କରିବାର ମୋର ଆଉ କିଛି ନାହିଁ । ନିଜ ମନକୁ ବାରମ୍ବାର ପ୍ରଶ୍ନ କଲେ ଯୋଗ୍ୟତର ବନ୍ଧୁ ମନରୁ ଉତ୍ତର ମିଳେ ନାହିଁ—ଅନ୍ତତଃ ମନ ଭିତରେ କିଏ ହୃଦୟ ଗୋଟାଏ ଦିଗ ଦେଖାଇବାକୁ ଚେଷ୍ଟା । ଏ—ମୋର ସାହିତ୍ୟ ଚର୍ଚ୍ଚା ହେଉଅଛି । ପୂର୍ବର ସାହିତ୍ୟିକ ଅଭିମାନ ଦୋଷରୁ ମୁଁ ବିଦେଶୀର ଭାବର ବଳେ ଦେଖିଲି ଯେତେ ଉତ୍କଳ ସାହିତ୍ୟ ସଂସାରରେ ମୁଁ ନାମମାତ୍ର ଜୀବିତ ଅଛି । ସେଥିପାଇଁ ଆପଣମାନଙ୍କ ଏଭଳି ସ୍ନେହ, ମାନ, ସାହିତ୍ୟ-ରସିକମାନଙ୍କର ହୃଦୟକୁ ସ୍ପର୍ଶ କରିବା ଭଳି ଭାବର ଆଲୋଚନା କରିବାର ଶକ୍ତି, ସେମିତି ବା ସୁବିଧା ମୋର ନାହିଁ ।

ଆପଣମାନଙ୍କର ସମ୍ମାନ ଗ୍ରହଣ କରିବାର ମୋର ପ୍ରଧାନ ଓ ପ୍ରଥମ କାରଣ ଆମମାନଙ୍କ ସାହିତ୍ୟିକମାନଙ୍କର ସାହଚର୍ଯ୍ୟ ଲାଭ କରି ମନକୁ ପାଇଁ ଦେଲେ ମୋ ପ୍ରାଣରେ ଜାଗ୍ରତ ସାହିତ୍ୟ

* ବାଲେଶ୍ୱର ସାହିତ୍ୟ ସମାଜର ୧ମ ବାର୍ଷିକ ଅଧିବେଶନର ସଭାପତିଙ୍କ ଅଭିଭାଷଣ ।


Digitized by srujanika@gmail.com

ପ୍ରୀତିର ରସ ସଞ୍ଚାର କରାଇ ଆନନ୍ଦ ଲାଭ କରିବା ଏବଂ ଅନ୍ୟତମ କାରଣ ଆଧୁନିକ ଉତ୍କଳର ଏ ପୁଣ୍ୟ ତୀର୍ଥ ଭଞ୍ଜଭୂମି ଦର୍ଶନ କରିବା; ବହୁ ପୁଣ୍ୟଶ୍ଲୋକ ନରପତି ପାଳିତ ଏହି ଭଞ୍ଜଭୂମି ଆଧୁନିକ ଉତ୍କଳର ଶିକ୍ଷା, ସାହିତ୍ୟ ଓ ସଭ୍ୟତାର ଶ୍ରୀବୃଦ୍ଧି ସାଧନରେ କେତେ ସାହାଯ୍ୟ କରିଅଛି, ତାହା ଭାବିଲେ କୃତଜ୍ଞତାଭାରରେ ହୃଦୟ ସ୍ୱତଃ ଏହା ନିକଟରେ ଅବନତ ହୋଇ ଆସେ । ଆଧୁନିକ ଉତ୍କଳର ପ୍ରଧାନ ଶିକ୍ଷା ମନ୍ଦିରର ମୂଳଭିତ୍ତି ଦେଇଥିଲେ ଏହି ଭଞ୍ଜଭୂମିର ନରପତି କୃଷ୍ଣଚନ୍ଦ୍ର । ସେହି ଦିନଠାରୁ ଆଜ ପର୍ଯ୍ୟନ୍ତ ଜାତୀୟ ଜୀବନଗଠନକାରୀ ସେହି ବିଦ୍ୟାମନ୍ଦିର ପୁରୁଷାନୁକ୍ରମେ ଭଞ୍ଜଭୂମି ନରପତିମାନଙ୍କର ସ୍ନେହାଶୀର୍ବାଦ ଲାଭ କରି ଉତ୍କଳର ଶିକ୍ଷା ସଭ୍ୟତା ବିସ୍ତାର କରି ଆସୁଅଛି । ସମଗ୍ର ଉତ୍କଳବାସୀ ଭଞ୍ଜ ନରପତିମାନଙ୍କର ଏ ଦାନ କାହିଁକି କାଉଁଳ ଭୁଲି ପାରିବେ ନାହିଁ । ଆଧୁନିକ ଉତ୍କଳ ସାହିତ୍ୟ ମଧ୍ୟ ଏ ଭଞ୍ଜଭୂମି ନିକଟରେ କମ୍ ଋଣୀ ନୁହେ । ଆଧୁନିକ ଉତ୍କଳ ସାହିତ୍ୟ ସଂସାରରେ ଯେଉଁମାନେ ପ୍ରଥମ ଓ ପ୍ରଧାନ, ସେମାନଙ୍କର ସାହିତ୍ୟ ସାଧନାର ଶ୍ରେଷ୍ଠ ଓ ସୁନ୍ଦରତମ ଫଳଗୁଡ଼ିକ ଏହି ଭଞ୍ଜଭୂମିର "ଦାନବୀର ପିଚ୍ଛଳପ୍ରାଙ୍ଗଣ"ରେ ପ୍ରଥମେ ପ୍ରଦର୍ଶିତ ହୋଇଥିଲା । ଏହି ଭଞ୍ଜଭୂମିରେ 'ଉତ୍କଳପ୍ରଭା' ପ୍ରକାଶିତ ହୋଇ କାଳର ଉଦୟାଚଳରେ ଯେଉଁ ନବ ଯୁଗର ସୂଚନା କରିଥିଲା ତାହା ଆଜି ଶକ୍ତି ସଞ୍ଚୟ କରି ଉତ୍କଳ ଭାରତୀଙ୍କ ଶ୍ରୀହସ୍ତରେ 'ଭଞ୍ଜ ପ୍ରଦୀପ' ରୂପେ ଶୋଭା ପାଉଅଛି । କଟକର 'ଶ୍ରୀରାମଚନ୍ଦ୍ର ଭବନ' ଓ ବିଷ୍ଣୁପୁର ସାହିତ୍ୟିକ ଗୋପାଳଚନ୍ଦ୍ରଙ୍କର 'ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ' ଏହି ରାଜବଂଶର ଜାତୀୟ ସାହିତ୍ୟ ପ୍ରୀତିର ପ୍ରକୃଷ୍ଟ ପରିଚୟ ପ୍ରଦାନ କରୁଅଛି । ବ୍ୟକ୍ତିବିଶେଷ କଥା କହିବାକୁ ଗଲେ ଏହି ଭଞ୍ଜଭୂମିରେ ରାଜର୍ଷି ଶ୍ରୀରାମଚନ୍ଦ୍ରଙ୍କ ସାନ୍ନିଧ୍ୟ ଓ ସାହଚର୍ଯ୍ୟ ଲାଭ କରି ଯେଉଁ ଶକ୍ତି ସାମର୍ଥ୍ୟ ସଞ୍ଚୟ କରିଥିଲେ, ତାହା ଗୋପବନ୍ଧୁଙ୍କୁ ଉତ୍ତର ଜୀବନରେ ଉତ୍କଳ ଜାତିର କର୍ଣ୍ଣଧାର ହେବାପାଇଁ ବହୁ ପରିମାଣରେ ସାହାଯ୍ୟ କରିଥିଲା । ଏତଦ୍‌ବ୍ୟତୀତ ଏହି ଭଞ୍ଜବଂଶରେ ବହୁ କବି, ପଣ୍ଡିତ, ଦାର୍ଶନିକ ଓ ବୀର ପୁରୁଷ ଜନ୍ମଗ୍ରହଣ କରି ଏହି ଭୂମିକୁ ପବିତ୍ରିତ କରିବା ସଙ୍ଗେ ସଙ୍ଗେ ଜାତୀୟ ଜୀବନରେ ନାନା ଭାବରେ ପ୍ରେରଣା ଦେଇ ଯାଇଅଛନ୍ତି । ସେ ସବୁର ଅଧିକାଂଶ କାଳର ତମୋମୟ ଗର୍ଭରେ ନିକ୍ଷିପ୍ତ । ସେ ସମସ୍ତର ଉଦ୍ଧାର ହେଲେ ଜାତୀୟ ଜୀବନର ଇତିହାସରେ କେତେ ବୀରତ୍ୱ ଓ ମହତ୍ତ୍ୱର ଅଧ୍ୟାୟ ପୂର୍ଣ୍ଣ ହେବ ତାହା ବର୍ତ୍ତମାନ କହି ହେଉ ନାହିଁ । ଏ ଭଞ୍ଜଭୂମିରେ ପଦାର୍ପଣ କଲାମାତ୍ରକେ ଏ ଲୋକହିତକାମୀ ରାଜବଂଶର ପ୍ରାଧାନ୍ୟ ଓ ପ୍ରତିପତ୍ତି ସମ୍ମୁଖରେ ଉତ୍କଳ ସନ୍ତାନର ମସ୍ତକ ଶ୍ରଦ୍ଧାମିଶ୍ରାନରେ ଆପେ ଆପେ ଅବନତ ହୋଇ ଆସେ ।

ଛବିଳ ଉତ୍କଳ ପ୍ରକୃତିର ଏ ମନୋହର ଚନ୍ଦ୍ରଶାଳା ମେଘାସନ ଭୁଞ୍ଜରେ ଆପଣମାନଙ୍କ ପରି ସାହିତ୍ୟ-ରସିକମାନଙ୍କ ସଙ୍ଗରେ ବସି ଏହି ପୁରାଣ ପ୍ରସିଦ୍ଧ ସାହିତ୍ୟିକ ବିଜୟଙ୍କ ସମ୍ମୁଖରେ ଦେଖିଲେ ଜାତୀୟ ସାହିତ୍ୟଚର୍ଚ୍ଚା ସ୍ୱଭାବମଳ ଭାବରେ ପ୍ରାଣକୁ ଅଧିକାର କରେ । ଏ ଦେଶର ସାହିତ୍ୟ ତାହାର ଜନ୍ମ ଦିନରୁ ବହୁ ଦେଶ ଦେଶାନ୍ତର ଭ୍ରମଣ କରି ବର୍ତ୍ତମାନ ସମୟରେ ତାହାର ପୂର୍ଣ୍ଣ ବିକାଶ ଲାଭ କରିଅଛି ବୋଲି ବୋଧହୁଏ । ପ୍ରାଚୀନ କାଳର ଏ ଦେଶର ସାହିତ୍ୟ ବିଶେଷ ଭାବରେ ଧର୍ମ ଓ ଆଦର୍ଶବାଦର ବାହନ ହୋଇ ବହୁ କାଳ୍ପନିକ ସୃଷ୍ଟିରେ ନିଜକୁ ନିୟୋଜିତ କରି ଆସିଅଛି । ସାଧାରଣ ମନୁଷ୍ୟ ବା ତାହାର ଦୈନନ୍ଦିନ ଜୀବନର ଗତି ପ୍ରତି ସେ ସେତେ ଦୃଷ୍ଟି ଦେଉ ନ ଥିଲା । ରାଜକୁମାର ରାଜକୁମାରୀମାନେ ଥିଲେ ସାହିତ୍ୟର ଉପାଦାନ । ସାହିତ୍ୟିକ ଆସନରେ ବସିବା ଲାଗି ସାଧାରଣ ମନୁଷ୍ୟର ସ୍ଥାନ ନ ଥିଲା । ତେଣୁ ମନୁଷ୍ୟର ମନକୁ ସ୍ପନ୍ଦନ ଦେବା ଭଳି ପ୍ରେରଣା ସାହିତ୍ୟର ଭିତର ଦେଇ ଆସୁ ନ ଥିଲା । ସାଧାରଣ ମନୁଷ୍ୟର ଦୈନନ୍ଦିନ ଜୀବନରେ ଯେ ରୋମାଞ୍ଚକର ବିଷୟ ପ୍ରଚୁର ପରିମାଣରେ ଅଛି ତାହା ଏ ଯୁଗରେ ଆମ ଦେଶରେ ଜାତୀୟ ସାହିତ୍ୟ ଉପଲବ୍ଧି କରି ପାରିଅଛି । ସାହିତ୍ୟରୁ ଦୈବିକ କାଣ୍ଡ ସବୁ କ୍ରମେ କ୍ରମେ ଅନ୍ତର୍ହିତ ହୋଇ ବାସ୍ତବତା ସେ ସ୍ଥାନ ଅଧିକାର କରିବାକୁ ବସିଅଛି । ଏ ଦେଶର ସାହିତ୍ୟ, ଏକ କଥାରେ କହିଲେ, ଆଜିକାଲି ବେଶୀ ପରିମାଣରେ ମାନବର କ୍ଷୁଦ୍ର ସୁଖ ଦୁଃଖ ନେଇ ଚର୍ଚ୍ଚା କରି ମନୁଷ୍ୟ ମନର ଗତି ଅନୁଧାବନ କରିବାକୁ ପ୍ରୟାସ କରୁଅଛି ଏବଂ କେବଳ ପାପ ପୁଣ୍ୟ ପ୍ରବୃତ୍ତିର ବିଗ୍ରହରେ ନିଜର ଶକ୍ତି ସାମର୍ଥ୍ୟ ବ୍ୟୟ ନ କରି ଜୀବନ ସଙ୍ଗେ ମାନବର ସମ୍ବନ୍ଧକୁ ତନ୍ନ ତନ୍ନ କରି ଅନୁସନ୍ଧାନ କରିବାକୁ ନିଜର କର୍ତ୍ତବ୍ୟ ବୋଲି ମନେ କରୁଅଛି ।

ଆଜି ଭାରତର ପ୍ରାଦେଶିକ ସାହିତ୍ୟଗୁଡ଼ିକ ପୃଥିବୀର ସବୁଠାରୁ ବିଚ୍ଛିନ୍ନ ନୁହେ । ଦିନ ଥିଲା ଯେତେବେଳେ ଭାରତ ତାହାର ଧ୍ୟାନରେ ମଗ୍ନ ଥାଇ ସମଗ୍ର ସଂସାରକୁ ଭ୍ରୂକ୍ଷେପ କରୁ ନ ଥିଲା । ଯଦି ବା କେତେବେଳେ ତାହାର ଧ୍ୟାନ ଭାଙ୍ଗୁଥିଲା ତାହା କ୍ଷଣକ ପାଇଁ; ପୁଣି ସେ ତାହାର ସମାଧିରେ ମଗ୍ନ ରହି ପାରୁଥିଲା । ଏ ଯୁଗରେ ତାହାର ସେ ବିଚ୍ଛିନ୍ନତା ଦୂର ହୋଇଅଛି । ପୃଥିବୀର ବିଭିନ୍ନ ଅଞ୍ଚଳର ସାହିତ୍ୟର ସଂସ୍ରବରେ ଆସି ସେ ମଧ୍ୟ ବହୁ ପରିମାଣରେ ଉପକୃତ ହୋଇଅଛି । ପୃଥିବୀର ଶ୍ରେଷ୍ଠ ଚିନ୍ତା ସଙ୍ଗେ ଭାବ ବିନିମୟ କରିବା ଦ୍ୱାରା ତାହାର ଜୀବନୀ ଶକ୍ତି ବୃଦ୍ଧି ଲାଭ କରିଅଛି—ଏହା ଯେପରି ସତ୍ୟ, ସେ ତାହାର ନିଜସ୍ୱ କେତେକ ହରାଇ ବସିଅଛି ଏହା ମଧ୍ୟ ସେହିପରି ସର୍ବବାଦୀସମ୍ମତ । ଭାରତୀୟ ସାହିତ୍ୟର ଉଚ୍ଚ ଆଦର୍ଶବାଦ ଓ ମାନବ ସମାଜର ହିତସାଧକ ସମସ୍ୟାମୂଳକ ଗବେଷଣା ସେ ଆଜି ତାହାର ଦୃଷ୍ଟି ସମ୍ମୁଖରୁ ସେତେ ଆଣୁ ନାହିଁ । ସହଜ ସରଳ ଏବଂ ସମୟ ସମୟରେ ମଧ୍ୟ ବିକୃତ କଦାକାର ପଦାର୍ଥକୁ ସେ ତାହାର ପ୍ରାଚୀନ ଧ୍ୟାନଧାରଣାର ଆସନରେ ବସାଇବାକୁ କୁଣ୍ଠିତ ହେଉ ନାହିଁ । ଉଦାହରଣ ସ୍ୱରୂପ ଦେଖା ଯାଇପାରେ ଯେ ପ୍ରେମ ଏହି

ସଂଘର୍ଷ ଫଳରେ କିପରି ବିକୃତ ହୋଇ ଏ ଦେଶର ସାହିତ୍ୟକୁ ଓ ସେଥି ସଙ୍ଗେ ସଙ୍ଗେ ସମାଜକୁ ଶକ୍ତିହୀନ କରି ପକାଉ ଅଛି ।

ସାହିତ୍ୟ ଏକ ଦିଗରେ ଯେପରି ଜାତୀୟ ଜୀବନର ପ୍ରତିବିମ୍ବ, ଅନ୍ୟ ଦିଗରେ ସେହିପରି ଜାତୀୟ ଜୀବନ ଗଢ଼ିବାର ଏକ ପ୍ରଧାନ ଉପକରଣ । ମନୁଷ୍ୟର ଚରିତ୍ର ଦେଶର ସମସାମୟିକ ସାହିତ୍ୟରେ ପ୍ରତିଫଳିତ ହୁଏ, ଉଚ୍ଚ ଅଙ୍ଗର ସାହିତ୍ୟ ମଧ୍ୟ ଉଚ୍ଚ ଜୀବନ ଗଠନ କରେ । ଉଚ୍ଚାଙ୍ଗର ସାହିତ୍ୟର ଗୋଟାଏ ବିଶ୍ୱାସ ଥାଏ ତାହା ଭବିଷ୍ୟତ ସମାଜକୁ ଉନ୍ନତ କରିବ । କ୍ରମବିକାଶ ପଥରେ ନେଇ ଯିବ ଏପରି ଗୋଟିଏ ଆଶା ସେ ସର୍ବଦା ପୋଷଣ କରିଥାଏ । ଏହି ହିସାବରେ ସାହିତ୍ୟିକ ସମାଜର ଉପଦେଷ୍ଟା, ନେତା ଓ ତ୍ରାତା ।

ସୌନ୍ଦର୍ଯ୍ୟବାଦୀଙ୍କ ଦୃଷ୍ଟିରେ ସୌନ୍ଦର୍ଯ୍ୟ ସୃଷ୍ଟି କରିବା ସାହିତ୍ୟର ଏକମାତ୍ର କାର୍ଯ୍ୟ ବୋଲି ଗ୍ରହଣ କଲେ ମିଲ୍‌ଙ୍କ **Liberty** ବା **Uncle Tom's Cabin** ସାହିତ୍ୟ ସଂସାରରେ ସ୍ଥାନ ପାଇବ ନାହିଁ ।

ପ୍ରାଚୀନ ଉତ୍କଳ ସାହିତ୍ୟର ବୟସ କେତେ, କେଉଁ ଗ୍ରନ୍ଥ ସେ ସାହିତ୍ୟର ଆଦି ଗ୍ରନ୍ଥ, ପୁରାଣ କାବ୍ୟ ନାଟକରେ ପ୍ରାଚୀନ ଉତ୍କଳ ସାହିତ୍ୟର କି ବୈଶିଷ୍ଟ୍ୟ ଅଛି, ଉତ୍କଳର ପ୍ରାଚୀନ କାବ୍ୟ କବିତାରେ ଅଳଙ୍କାର ଶାସ୍ତ୍ର ଆଲୋଚନାର କିପରି ପରିଚୟ ମିଳେ, ସେକାଳର ରାଜପୁତ୍ରମାନେ ରାଜନୀତିର ବ୍ୟସନ ବିଳାସ ଛାଡ଼ି କିପରି ବାଗ୍‌ଦେବୀଙ୍କର ଆରାଧନା କରୁଥିଲେ, ଏ ସବୁ ପ୍ରାଚୀନ କାହାଣୀ କହି ଅତୀତର ଗର୍ବ ଗୌରବରେ ଆପଣମାନଙ୍କର ବକ୍ଷ ବିସ୍ଫାରିତ କରିବାକୁ ମୋର ମନ ବଳୁ ନାହିଁ । ଦେଶର ଅତୀତ ଗର୍ବଗୌରବର କାହାଣୀ ଅବଶ୍ୟ ଉନ୍ମାଦକର ଓ ପ୍ରାଣସଞ୍ଚାରକ । କିନ୍ତୁ ସେ ସବୁ ଯେବେ ଭବିଷ୍ୟତ ବଂଶଧରମାନଙ୍କୁ ପ୍ରେରଣା ନ ଦିଏ ତେବେ ତାହା ଦେଶ ପକ୍ଷରେ ସମୂହ ଭାବରେ କ୍ଷତିକାରକ । ବଡ଼ ଲୋକର ପଥର କୋଠା ଯେପରି ଅଯୋଗ୍ୟ ବଂଶଧରମାନଙ୍କ ହାତରେ ଭାଙ୍ଗି ଯାଇ ଶେଷକୁ ପଥର ଖଣ୍ଡ ବିକି ହେବାରେ ଲାଗେ, ପୂର୍ବ ପୁରୁଷର ବିଶାଳ ପ୍ରତିଷ୍ଠା ପରବର୍ତ୍ତୀ ବଂଶଧରମାନଙ୍କର ଅବିଚାର ପଥରେ ଆଲୋକ ସ୍ତମ୍ଭର କାର୍ଯ୍ୟ ନ କଲେ ତାହାର ମୂଲ୍ୟ ସେହିପରି କିଛି ରହେ ନାହିଁ ।

ଆମ୍ଭମାନଙ୍କର ଆଧୁନିକ ଉତ୍କଳ ସାହିତ୍ୟର ଗତି ଓ ପ୍ରକୃତି ଆଲୋଚନା କଲେ ମନେ ହୁଏ ଆମ୍ଭେମାନେ ଆମ୍ଭମାନଙ୍କର ଶକ୍ତିଶାଳୀ ପୂର୍ବ ପୁରୁଷମାନଙ୍କର ଉପଯୁକ୍ତ ବଂଶଧର ନୋହୁଁ । ଆମ୍ଭମାନଙ୍କର ଅଯୋଗ୍ୟ ହସ୍ତରେ ଅତୀତ ଗୌରବପୂର୍ଣ୍ଣ ଏତେ ବଡ଼ ଦେଶଟାଏ ଆସି ପଡ଼ିଅଛି । ପୃଥିବୀର ଅନ୍ୟ ଦେଶମାନଙ୍କର ସାହିତ୍ୟିକ ପ୍ରଗତି ଛାଡ଼ିଲେ ମଧ୍ୟ ଏହି ଭାରତବର୍ଷର ପ୍ରାଦେଶିକ ସାହିତ୍ୟମାନେ ଯେଉଁପରି ଗତି କରୁଅଛନ୍ତି ତାହା ତୁଳନାରେ ଆମ୍ଭେମାନେ ନୀରବ, ନିଶ୍ଚଳ ଓ ନିସ୍ତବ୍ଧ, ଏକଥା କହିଲେ ସତ୍ୟର ଅପଲାପ ହେଲା ବୋଲି ବୋଧହୁଏ କେହି କହିବେ ନାହିଁ ।

ଆମ୍ଭମାନଙ୍କର ଜନ୍ମଭୂମି ଉତ୍କଳ ପ୍ରଦେଶ ବହୁ ପ୍ରାଚୀନ ଦେଶ । ବହୁ ପ୍ରାଚୀନ ଗୌରବରେ ଏ ଦେଶ ପରିପୂର୍ଣ୍ଣ, ଏ ଦେଶର ପ୍ରାଚୀନ ଇତିହାସ ଯେପରି ଉନ୍ମାଦକର ଘଟନାବଳୀରେ ପରିପୂର୍ଣ୍ଣ, ପ୍ରାଚୀନ ସାହିତ୍ୟ ସେହିପରି ନାନା ଦିଗରେ ସମୁନ୍ନତ ଓ ସମୃଦ୍ଧ । ଭାରତର ଅନ୍ୟାନ୍ୟ ପ୍ରଦେଶର ପ୍ରାଚୀନ ସାହିତ୍ୟ ଯାହା ସବୁ ଧ୍ୟାନ ଧାରଣା ସେକାଳରେ କରି ନ ଥିଲା, ଏ ଉତ୍କଳର କବି ପଣ୍ଡିତ ଓ ସାହିତ୍ୟିକମାନେ ଜାତୀୟ ସାହିତ୍ୟରେ ତାହାର ପ୍ରାଣ ପ୍ରତିଷ୍ଠା କରିଥିଲେ । ଏ ଦେଶର ପ୍ରାଚୀନ କାବ୍ୟ କବିତାରେ ଯେଉଁ ପାଣ୍ଡିତ୍ୟ, ଗାମ୍ଭୀର୍ଯ୍ୟ ଓ ମାଧୁର୍ଯ୍ୟର ସମାବେଶ, ତାହା ଭାରତୀୟ ଅନ୍ୟାନ୍ୟ ପ୍ରାଦେଶିକ ସାହିତ୍ୟରେ ଦେଖିବାକୁ ମିଳେ । ଏଦେଶର ପ୍ରାଚୀନ କାଳରେ ବହୁ ମନସ୍ୱୀ ଜନ୍ମଗ୍ରହଣ କରି ଏ ଜାତିର ଭାଷା ଓ ସାହିତ୍ୟକୁ କ୍ରମ ବିକାଶ ପଥରେ ଅଗ୍ରସର କରାଇ ସଂଯୁକ୍ତ ଓ ପ୍ରାଣବାନ୍ କରିଅଛନ୍ତି । ଏ ଦେଶର ପ୍ରାଚୀନ କାବ୍ୟ କବିତାର ବିଶେଷତ୍ୱ ଏ ଜାତିର ମନୀଷାର ମୌଳିକତା ସୂଚନା ଦିଏ ।

ପ୍ରାଚୀନ ଉତ୍କଳ ସାହିତ୍ୟର ବହୁ ଗୌରବଭାର ମସ୍ତକରେ ବହନ କରି ମଧ୍ୟ ଆମ୍ଭେମାନେ ଆଜି ନିର୍ଜୀବ । କି ବ୍ୟାବହାରିକ ସାହିତ୍ୟ, କି ସୌନ୍ଦର୍ଯ୍ୟମୂଳକ ସାହିତ୍ୟ ଉଭୟରେ ଆମ୍ଭେମାନେ ଆଜି ଏହି ଶକ୍ତିଶାଳୀ ବିଂଶ ଶତାବ୍ଦୀରେ ମଧ୍ୟ ଦରିଦ୍ର, ଏହା ସ୍ୱୀକାର କରିବାକୁ ପଡ଼ିବ । ସୌନ୍ଦର୍ଯ୍ୟ ମୂଳକ ସାହିତ୍ୟ ଗଠନ କରିବା ପାଇଁ ପ୍ରତିଭାଶାଳୀ ସାହିତ୍ୟିକଙ୍କର ଅବଶ୍ୟ ଆବଶ୍ୟକତା ଅଛି । ମାତ୍ର ସମବେତ ଚେଷ୍ଟାରେ, ଦଳଗତ ଉଦ୍ୟମରେ ବ୍ୟାବହାରିକ ସାହିତ୍ୟର ଶ୍ରୀବୃଦ୍ଧି ସାଧିତ ହୋଇପାରେ । ସେ ଦଳଗତ ସାହିତ୍ୟିକ ସାଧନା ଆଜି କେଉଁଠାରେ ! ବ୍ୟକ୍ତିଗତ ସାହିତ୍ୟ ସାଧନା ଯାହା ଆଜି ଉତ୍କଳ ଭୂମିରେ ଅଛି, ତାହା ମଧ୍ୟ ଏକ ହାତର ଅଙ୍ଗୁଳି ଦ୍ୱାରା ସଙ୍କେତ କରାଯାଇପାରେ । ପ୍ରାଚୀନ ସମୃଦ୍ଧ ସାହିତ୍ୟ ପଡ଼ି ରହିଅଛି । ତାହାର ସାହିତ୍ୟିକ ଉତ୍କର୍ଷ କେତେ ଜଣ ବା ଦେଖିବାକୁ ଉଦ୍ୟମ କରୁଅଛନ୍ତି ? ସେହି ପ୍ରାଚୀନ ସାହିତ୍ୟ ଭଣ୍ଡାରରୁ ଶବ୍ଦସମ୍ଭାରରୂପ ରତ୍ନ ଆହରଣ କରିବାକୁ ଆଜି ବା କେତେଜଣ ଯତ୍ନଶୀଳ ? ପ୍ରାଚୀନ ଉତ୍କଳ ସାହିତ୍ୟ ଭଣ୍ଡାରରୁ ମାଲ ମସଲା ସଂଗ୍ରହ କରି ଉତ୍କଳ ଭାଷା ବା ସାହିତ୍ୟର ଇତିହାସ ପ୍ରଣୟନ ରୂପ ପବିତ୍ର କଠିନ ବ୍ରତ କିଏ ବା କେଉଁମାନେ ଆଜି ପର୍ଯ୍ୟନ୍ତ ଗ୍ରହଣ କଲେଣି ? ପୃଥିବୀର ଶ୍ରେଷ୍ଠ ସାହିତ୍ୟମାନଙ୍କରୁ ସାରବାନ୍ ପଦାର୍ଥମାନ ସଂଗ୍ରହ କରି ନିଜ ମାତୃଭାଷାର ଭଣ୍ଡାର ପୂର୍ଣ୍ଣ କରିବାକୁ ଆଜି ପର୍ଯ୍ୟନ୍ତ ଏଦେଶରେ କି ଚେଷ୍ଟା ହେଲାଣି ? ଏ ଦେଶର ଶିଶୁ, ବାଳକବାଳିକା, ଯୁବକଯୁବତୀମାନଙ୍କର ଆନନ୍ଦ ଓ ଶିକ୍ଷା ଏକାଧାରରେ ଲାଭ କରିବା ଲାଗି ସୁଖପାଠ୍ୟ ପୁସ୍ତକ ସଙ୍କଳନରେ କି ସବଳ ଉଦ୍ୟମ ହୋଇଅଛି ? ଗତ ଅର୍ଦ୍ଧ ଶତାବ୍ଦୀ କାଳ ପାଶ୍ଚାତ୍ୟ ଶିକ୍ଷା ସଭ୍ୟତା ଦ୍ରୁତ ବେଗରେ ଏ ଦେଶରେ ଗତି କରିଥିଲେହେଁ ଶିକ୍ଷିତ ଉତ୍କଳ ସନ୍ତାନ ମାତୃଭାଷାର ସେବା ରୂପ ପବିତ୍ର କାର୍ଯ୍ୟରେ କେତେ କିଛି ସାମର୍ଥ୍ୟ ଦେଇଅଛି ?



Digitized by srujanika@gmail.com

ଆଧୁନିକ ଉତ୍କଳ ସାହିତ୍ୟର ଆଲୋଚନାର କଥା କହିଲେ ଏହି ସବୁ ବିଷାଦାତ୍ମକ ପ୍ରଶ୍ନ ସ୍ୱତଃ ମନରେ ଉଦିତ ହୁଏ । ଆଧୁନିକ ଯୁଗରେ ମଧ୍ୟ ଆଜି ଯେ ଉତ୍କଳ-ସାହିତ୍ୟ, ସାହିତ୍ୟ, ଇତିହାସ, ବିଜ୍ଞାନ ପ୍ରଭୃତିରେ ଦରିଦ୍ର, ତାହା ଆମ୍ଭମାନଙ୍କର ଜଡ଼ତା । ଘର ପାଖରେ ପ୍ରତିବେଶୀ ସାହିତ୍ୟମାନ ନାନା କ୍ଷେତ୍ରରେ ଉନ୍ନତି ପଥରେ ଗତି କରୁଥିବାର ଆଜି ମେଲି ଦେଖି ମଧ୍ୟ ଆମ୍ଭମାନଙ୍କର ଯେ ଚେତନା ଆସୁ ନାହିଁ, ଏହାହିଁ ବିଚିତ୍ର ।

ଦେଶର ପ୍ରାଚୀନ ସାହିତ୍ୟ ଓ ପ୍ରାଚୀନ ଇତିହାସ ଆଲୋଚନା ଦେଶର ଭବିଷ୍ୟତ ଉନ୍ନତିର ସୂତ୍ରପାତ କରେ ଏବଂ ଜାତୀୟ ଚରିତ୍ରକୁ ଦୃଢ଼ ଓ ସବଳ କରେ । ପଣ୍ଡିତ ମୋକ୍ଷମୂଲର କହିଥିଲେ, "ଯେଉଁ ଦେଶର ଲୋକବୃନ୍ଦ ସ୍ୱୀୟ ପ୍ରାଚୀନ ଇତିହାସ ଓ ପ୍ରାଚୀନ ସାହିତ୍ୟ ସ୍ମରଣ କରି ଗୌରବାନ୍ୱିତ ନ ହୁଅନ୍ତି, ସେମାନେ ଜାତୀୟ ଚରିତ୍ରର ପ୍ରଧାନ ଅବଲମ୍ବନଶୂନ୍ୟ ହୋଇଅଛନ୍ତି ବୋଲି ଭାବିବାକୁ ହେବ । ଯେତେବେଳେ ଜର୍ମାନ ରାଜ୍ୟ ରାଜନୈତିକ ଅବନତିର ନିମ୍ନତମ ଗହ୍ୱରରେ ପତିତ ହୋଇଥିଲା ସେତେବେଳେ ତଦ୍‌-ଦେଶୀୟ ଲୋକମାନେ ପ୍ରାଚୀନ ସାହିତ୍ୟର ଆଲୋଚନାରେ ନିଯୁକ୍ତ ହୋଇଥିଲେ । ସାହିତ୍ୟ ପାଠଦ୍ୱାରା ସେମାନଙ୍କ ହୃଦୟରେ ଭାବୀ ଉନ୍ନତିର ନୂତନ ଆଶା ସଞ୍ଚାରିତ ହୋଇଥିଲା ।" ଜର୍ମାନ ଦେଶ ପକ୍ଷରେ ଏହା ଯେପରି ସତ୍ୟ ଅନ୍ୟ ଦେଶ ପକ୍ଷରେ ମଧ୍ୟ ସେହିପରି । ବାସ୍ତବିକ ଯେଉଁ ଜାତି ତାହାର ଅତୀତ କଥା ନ ଜାଣେ ସେ ତାହାର ଭବିଷ୍ୟତ ନିର୍ମାଣ କରିବାକୁ ମନ ବଳାଇବ ନାହିଁ । ଜାତି ଓ ସାହିତ୍ୟର ଇତିହାସ ଜାତିର ପ୍ରାଣରେ ସ୍ପନ୍ଦନ ଆଣେ, ଜାତୀୟ ଜୀବନକୁ ଉଦ୍‌ବୁଦ୍ଧ କରିଦିଏ । ଉତ୍କଳୀୟ ଜାତିର ଓ ସାହିତ୍ୟର ଯେଉଁ ଗୌରବମୟ ଇତିହାସ ବିଚ୍ଛିନ୍ନ ଭାବରେ ପଡ଼ି ରହିଅଛି ସେ ସବୁକୁ ଏକତ୍ରିତ କରି ତାହାରି ବଳରେ ଜାତିର ଚେତନା ଆଣିବାର ଉପଯୁକ୍ତ ଉଦ୍ୟମ ଅଦ୍ୟାବଧି ହୋଇ ନାହିଁ । ଏ ଦିଗରେ ଯାହା ହୋଇଅଛି ତାହା ଅତି କ୍ଷୀଣ । ଏ ଦେଶର ଅଧିବାସୀ ଯେଉଁ କେତେ ଖଣ୍ଡ ଓଡ଼ିଶାର ଇତିହାସ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଇତିହାସ ଲେଖି ଅଛନ୍ତି ତାହାର ମଧ୍ୟଦେଶରେ ପ୍ରଚୁର ପ୍ରାଣଶକ୍ତି ଥିବାର ଦେଖାଯାଏ ନାହିଁ । କେତେ ଖଣ୍ଡି ସେଥିରୁ କେବଳ ମାଦଳାପାଞ୍ଜି ପରି କେତେଗୁଡ଼ିଏ ଘଟଣାବଳୀ ଓ ତାଲିକା ଏକତ୍ରିତ କରିଅଛନ୍ତି; ଅନ୍ୟ କେତେ ଖଣ୍ଡି ଅକିଞ୍ଚିତ୍କର । ସେ ସବୁଥିରେ ଜାତିର ବା ସାହିତ୍ୟର ଇତିହାସ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗର୍ବ, ଦର୍ପ, ଜାତୀୟତାର ଅଭିମାନ ଓ ତେଜସ୍ୱିତାର ସହିତ ଗୌରବମୟ ଅତୀତର ଚିତ୍ର ଲୋକର ସ୍ମୃତିବେଦୀରେ ହେଲେ ତାହା ଯେପରି ଜାତିର ଜଡ଼ତା ଭାଙ୍ଗି ପାରେ ଏ ସବୁଥିରେ ସେପରି ନାହିଁ । ତଥାପି ସେମାନେ ଯେ କ୍ଲେଶ ସ୍ୱୀକାର କରି କଣ୍ଟକ ଜଙ୍ଗଲ କାଟି ଅଗ୍ରଦୂତରୂପେ ଭବିଷ୍ୟତ ପାଇଁ ପଥ ପରିଷ୍କାର କରିଅଛନ୍ତି ଏହା ସେମାନଙ୍କ ପ୍ରତି ଗୌରବର କଥା । ଏ ଦେଶର ଶିଳ୍ପ, ଇତିହାସ ପ୍ରଭୃତି ଦ୍ୱାରା ଆକୃଷ୍ଟ ହୋଇ ହଣ୍ଟର, ରାଜେନ୍ଦ୍ରଲାଲ, ମନମୋହନ, ରାଖାଲ ଦାସ, ବସନ୍ତ ସ୍ୱରୂପ, ନିର୍ମଳ କୁମାର ପ୍ରଭୃତି ପଣ୍ଡିତମାନେ ମନୋଜ୍ଞ ଗ୍ରନ୍ଥ ରଚନା କରିଥିବା ଅବସ୍ଥାରେ ଉତ୍କଳର ଶିକ୍ଷିତ ବ୍ୟକ୍ତିମାନେ ସେଥିପ୍ରତି ମନୋନିବେଶ ନ କରିବା ଗଭୀର ପରିତାପର କଥା । ଉତ୍କଳ ଦେଶର ସାଗର କୂଳରେ, ଧର୍ମ ମନ୍ଦିରରେ, ପର୍ବତ ଗାତରେ, ବାରବାଟି, ରାଇବଣିଆ, ଖୋରଧା, ରଥିପୁର, ଶିଶୁପାଳ ପ୍ରଭୃତି ଦୁର୍ଗ ଦେହରେ, କନ୍ଧ ଜୁଆଙ୍ଗ ଶବର ପଲ୍ଲୀରେ ଏ ଦେଶର ଶିଳ୍ପ, ଇତିହାସ ନୃତତ୍ତ୍ୱ ପ୍ରଭୃତିର କେତେ ମନୋହର ତଥ୍ୟ ରହିଅଛି, ତାହା ଉତ୍କଳ ସନ୍ତାନ ପ୍ରାଣସ୍ପର୍ଶୀ ଭାଷାରେ ଯେତେବେଳେ ବର୍ଣ୍ଣନା କରି ଏ ଜାତିର ହୃତ୍‌କମ୍ପ ଆଣିବ, ସେତେବେଳେ ଏ ଜାତିର ଜାତୀୟ ଜୀବନ ଆରମ୍ଭ ହେବ । ଖାରବେଳ, ଐର, କପିଳେନ୍ଦ୍ର ଦେବ, ପୁରୁଷୋତ୍ତମ, ପ୍ରତାପରୁଦ୍ର ପ୍ରଭୃତି ମହାଯଶା ନରପତି, ଉଦୟଗିରି, ଲଳିତଗିରି, ରତ୍ନଗିରି ଧଉଳି ପ୍ରଭୃତି ଅସଂଖ୍ୟ ପ୍ରତ୍ନତତ୍ତ୍ୱର ଭଣ୍ଡାର ଥାଉ ଥାଉ ଆଜି ଅନନ୍ତ ବିଭବଶାଳୀ କଳିଙ୍ଗ ଦେଶର ଯଥାର୍ଥ ଭାବରେ ଇତିହାସ ଲେଖା ନ ହେବା ଏ ଦେଶ ପକ୍ଷରେ କି ଦୁଃଖର କଥା ! ଏହି ଉତ୍କଳ-ଖଣ୍ଡରେ କେତେ ମହାପୁରୁଷଙ୍କର ଆବିର୍ଭାବରେ କେତେ ନବ ନବ ଧର୍ମର ଉତ୍ଥାନପତନ ହୋଇଅଛି ତାହାର ଇତିହାସ ମଧ୍ୟ ସେହିପରି ବିସ୍ମୟକର । ପ୍ରାଚୀନ ଉତ୍କଳରେ ମାରାଥନ, ଥର୍ମୋପାଇଲର ଅଭାବ ନାହିଁ । ସ୍ୱାଧୀନତା ସଂଗ୍ରାମ ଓ ସାମ୍ରାଜ୍ୟ ବିସ୍ତାରରେ ପ୍ରାଚୀନ ଉତ୍କଳ ସମଗ୍ର ଭାରତବର୍ଷରେ ଏକ ଅପ୍ରତିଦ୍ୱନ୍ଦ୍ୱୀ ସ୍ଥାନ ଲାଭ କରି-ଅଛି । ବିଂଶ ଶତାବ୍ଦୀର ଜଣେ ଭାରତୀୟ ଐତିହାସିକ ଉତ୍କଳର ସମ୍ରାଟ୍ କପିଳେନ୍ଦ୍ର ଦେବଙ୍କର ରାଜ୍ୟ ବିସ୍ତାର ପ୍ରସଙ୍ଗରେ ଏହିପରି ଲେଖି ଅଛନ୍ତି, "ବଙ୍ଗାଳ ଓ ବିହାର ଯେତେବେଳେ ଅବନତ ମସ୍ତକରେ ମୁସଲମାନ ପାଦୁକା ବହନ କରୁଥିଲେ, ଓଡ଼ିଆମାନେ ସେତେବେଳେ ବଙ୍ଗଳାର ଓ ଦାକ୍ଷିଣାତ୍ୟର ମୁସଲମାନ ରାଜା-ମାନଙ୍କୁ ବାରମ୍ବାର ପରାଜିତ କରି ଭାଗୀରଥି ତୀରଠାରୁ ପେନ୍ନାର ନଦୀ ତୀର ପର୍ଯ୍ୟନ୍ତ ଏକ ବିସ୍ତୃତ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ । ଧନେ ଓଡ଼ିଆ ରାଜାଙ୍କ ପ୍ରତାପରେ ବଙ୍ଗଳାର ମୁସଲମାନ ରାଜା ଏବଂ ବାହାମନି ରାଜ୍ୟର ମୁସଲମାନ ସୁଲତାନ କମ୍ପିତ ହୋଇଥିଲେ । ଏହି ଓଡ଼ିଶାର ରାଜା ସୁଦୂର ଦାକ୍ଷିଣାତ୍ୟରେ ବିଶାଳ ବିଜୟନଗର ସାମ୍ରାଜ୍ୟର ରାଜଧାନୀର ଉପକଣ୍ଠ ଲୁଣ୍ଠନ କରି ସାକ୍ଷୀଗୋପାଳଙ୍କର ବିଗ୍ରହ ଓ ଜଗନ୍ନାଥଙ୍କର ରତ୍ନବେଦୀ ନାମକ ସିଂହାସନ ନେଇ ଆସିଥିଲେ । କାଞ୍ଚିର ରାଜରାଜେଶ୍ୱର ମନ୍ଦିର ଦେହରେ ଓଡ଼ିଆ ରାଜାଙ୍କର ବିଜୟଗାଥା ଅଦ୍ୟାପି ଦେଖିବାକୁ ମିଳେ । ବଙ୍ଗଳା ଦେଶରେ ହିଜଳିର ସର୍ବାଧିକାରୀ ବଂଶ ଏବଂ ମେଦିନୀପୁରର ମହିଷାଦଳ ରାଜବଂଶର ମହାପ୍ରାଣମାନେ ଓଡ଼ିଶାର ରାଜାମାନଙ୍କ କୃପାରୁ ସେମାନଙ୍କ ବଂଶଗତ ପ୍ରାଚୀନ ସମ୍ମାନର ଅଧିକାରୀ ।" ପ୍ରାଚୀନ ଉତ୍କଳ ଇତିହାସର ଏହିପରି ଗୌରବମୟ ଅଧ୍ୟାୟମାନ ଆଜି ଉତ୍କଳ ସନ୍ତାନର ଚକ୍ଷୁ-

ଉନ୍ମୀଳନ କରି ପାରି ନାହିଁ । ଏ ଦେଶର ଧାରାବାହିକ ଇତିହାସ ଲେଖା ହେଲେ ତାହା ଏକାଧାରରେ ଉପନ୍ୟାସ ପରି ଉନ୍ମାଦକର ଓ ଧର୍ମ ଗ୍ରନ୍ଥ ପରି ଶିକ୍ଷାପ୍ରଦ ହେବ । କେଉଁ ଶକ୍ତିଶାଳୀ ସ୍ୱଦେଶ ସନ୍ତାନ ଜନ୍ମ ଭୂମିର ଏ ପୁଣ୍ୟ କାର୍ଯ୍ୟ କରି ଜୀବନ ପଣ କରିବାକୁ ପ୍ରସ୍ତୁତ ଅଛନ୍ତି, ଆଜି ଏ ପ୍ରଶ୍ନର ଉତ୍ତର ପାଇବାକୁ ଉତ୍କଳ ଜନନୀ ସତୃଷ୍ଣ ନୟନରେ ଅନାଇ ବସିଅଛନ୍ତି ।

ଆଧୁନିକ ଉତ୍କଳ ସାହିତ୍ୟର ବର୍ତ୍ତମାନ ଯୁଗର ଗତି ନିରୀକ୍ଷଣ କଲେ ଅନେକ ସ୍ଥଳରେ ନିଷ୍ଠାର ବଡ଼ ଅଭାବ ଥିବାପରି ଜଣାପଡ଼େ । ସାହିତ୍ୟିକ ମାଦକତା ନ ରହିଲେ ସାହିତ୍ୟର ସୃଷ୍ଟି ହୁଏ ନାହିଁ । ଯେଉଁମାନେ ସାହିତ୍ୟ ସଂସାରରେ ପ୍ରସିଦ୍ଧି ଲାଭ କରିଅଛନ୍ତି ସେମାନେ ସୌଖିନ ସାହିତ୍ୟ ସେବକ ନ ଥିଲେ । ଦୂର ବିଦେଶର କଥା ଛାଡ଼ିଲେ ମଧ୍ୟ ଆମ୍ଭମାନଙ୍କର ଏ ଉତ୍କଳ ଦେଶର ରାଧାନାଥ କହନ୍ତୁ ବା ବଙ୍ଗଦେଶର ବଙ୍କିମ ଚନ୍ଦ୍ର ବା ରମେଶ ଚନ୍ଦ୍ର କହନ୍ତୁ, ସେମାନେ ଏହି ସାହିତ୍ୟିକ ମାଦକତାରେ ସେମାନଙ୍କର ସାହିତ୍ୟିକ ଉତ୍କର୍ଷ ଲାଭ କରିଥିଲେ । ପ୍ରାଣରେ ଉନ୍ମାଦନା ଓ ଜାତୀୟ ସାହିତ୍ୟ ପ୍ରୀତିର ବହ୍ନି ଜଳି ନ ଉଠିଲେ ଜାତୀୟ ସାହିତ୍ୟ ପାଇଁ ମନୁଷ୍ୟ ଅମ୍ଳାନ ବଦନରେ କ୍ଲେଶ ସହ୍ୟ କରି ପାରେ ନାହିଁ । ଗୁରୁତର ସରକାରୀ କାର୍ଯ୍ୟମାନ କରି ରାଧାନାଥ, ରମେଶ ଚନ୍ଦ୍ର ବା ବଙ୍କିମ ଚନ୍ଦ୍ରମାନେ ଯେ ଏତେ ସାହିତ୍ୟ ସେବା ରୂପ କ୍ଲେଶ ସ୍ୱୀକାର କରିଥିଲେ ତାହାର କାରଣ ସେମାନଙ୍କ ପ୍ରାଣରେ ଜାତୀୟ ସାହିତ୍ୟ ସେବାରୂପ ବହ୍ନି ଜଳୁଥିଲା । ସେ ନିଷ୍ଠା, ଜାତୀୟ ସାହିତ୍ୟ ପାଇଁ ସେ ଶ୍ରମସ୍ୱୀକାର, ଆଜି କାହିଁ ?

ସେଥି ବଦଳରେ ଆଜିକାଲି ଦେଖାଯାଉଛି ଏ ଉତ୍କଳ ଖଣ୍ଡରେ ବିକୃତ ଅନୁକରଣ । ସ୍ୱାଧୀନ ଚିନ୍ତାର ବିଶେଷ ଅଭାବ ସର୍ବତ୍ର ପରିଲକ୍ଷିତ ହେଉଅଛି । ନିଜ ଉପରେ ବିଶ୍ୱାସ କରିବା ଭାବ ସାହିତ୍ୟ କ୍ଷେତ୍ରରେ ବଡ଼ ଅଭାବ । ରାଧାନାଥ ଯେବେ 'ଚିଲିକା' ଲେଖିଗଲେ ତାଙ୍କ ପଛର କବି ଅଂଶୁପା ହ୍ରଦଟିକୁ ସେହି ଛାଞ୍ଚରେ ଲେଖୁଛନ୍ତି । ସେ ଯଦି ମହେନ୍ଦ୍ର ଲେଖିଲେ, ତାଙ୍କ କବିତାର ଅନୁକୃତ ଏଦେଶର ପରବର୍ତ୍ତୀ କବିଙ୍କର 'ମେଘାସନ'ରେ ହେଉଅଛି । ଏକ ଦିଗରେ ଉତ୍କଳ ସାହିତ୍ୟର କବିତା ରାଜ୍ୟରେ ଏ ହୀନ ଅନୁକୃତ, ଅନ୍ୟ ଦିଗରେ ବିଶ୍ୱସାହିତ୍ୟ ବିପ୍ଳବ ନାମରେ ଏକ ଜାତୀୟ କବିତାର ନୂତନ ଆମଦାନି । ଆଜିକାଲିର କାବ୍ୟ କବିତା ପଢ଼ିବାକୁ ହେଲେ ମନରେ ଗୋଟାଏ ଆତଙ୍କ ଉପସ୍ଥିତ ହୁଏ—ଭାବ ଓ ଭାଷାର ଅଭିବ୍ୟଞ୍ଜନାରେ ଗୋଟାଏ ଉତ୍କଟ ଚିତ୍ର ଦେଖିବାକୁ ହେବ ମନେ ହୁଏ । ମାଧୁର୍ଯ୍ୟ ସଙ୍ଗେ ଗାମ୍ଭୀର୍ଯ୍ୟର ସମ୍ମିଳନ କବିଶକ୍ତିର ପରିଚୟ ଦିଏ । ଭାଷା ଉପରେ ଅଧିକାର, ଭାବୁକତା ଓ ବର୍ଣ୍ଣନା ଶକ୍ତି ନ ଥିଲେ କବିତାରେ ଉପଭୋଗର ସାମଗ୍ରୀ କିଛି ରହେ ନାହିଁ । 'ଆଧୁନିକ କବିତା' ନାମରେ ଏକ ଜାତୀୟ ପଦାର୍ଥ ଆଧୁନିକ ଉତ୍କଳ ସାହିତ୍ୟ ସଂସାରରେ ଚଳୁଅଛି, ସେଥିରେ ଅନେକ ସମୟରେ ଭିନ୍ନ ଦେଶାଗତ ପଦାର୍ଥ ଜୀର୍ଣ୍ଣ ନ ହୋଇ ଉପସ୍ଥାପିତ ହେବାପରି ବୋଧହୁଏ । ଏହା କହିବା ସଙ୍ଗେ ସଙ୍ଗେ କେହି ମନେ ନ କରନ୍ତୁ ଯେ ଏହାର ଅର୍ଥ ଆମ୍ଭମାନଙ୍କର ଚିନ୍ତା ଓ ଭାବନାକୁ ସଙ୍କୁଚିତ ଓ କ୍ଲିଷ୍ଟ ପିଷ୍ଟ କରିଦେବା ।

ଇତିହାସ ଆଲୋଚନା କଲେ ଦେଖାଯାଏ ଯେ ମନୁଷ୍ୟର ଚିନ୍ତା ଓ ଭାବନା ସବୁ ଅତ୍ୟନ୍ତ ସଂକ୍ରାମକ । ମନୁଷ୍ୟ ଉଦ୍ଭାବିତ ଏହି ସମସ୍ତ ଚିନ୍ତା ଓ ଭାବରାଶି ଏକ ଯୁଗରୁ ଅନ୍ୟ ଯୁଗକୁ, ଏକ ଦେଶରୁ ଅନ୍ୟ ଦେଶକୁ ସଂକ୍ରାମିତ ହୁଏ—ଏହି ସମସ୍ତ ଭାବରାଶି ଗତିଶୀଳ; ସେ ସବୁ କେଉଁଠାରେ ସ୍ଥିର ହୁଏ ନାହିଁ । ଏହି ସମସ୍ତ ବିକ୍ଷିପ୍ତ ଭାବରାଶି ଯାହା ଭିତରେ ସଂହତ ହୁଏ ସେ ମହାପୁରୁଷ । ସଂହତ ଭାବରାଶିର ଦ୍ୟୋତକ ଓ ପ୍ରକାଶକ ବୋଲି ଯୁଗପ୍ରବର୍ତ୍ତକ ମହାପୁରୁଷମାନେ କାଳେ କାଳେ ପୂଜା ପାଇଥାନ୍ତି । ଏହି ଭ୍ରାମ୍ୟମାଣ ସଚଳ ଭାବରାଶିକୁ ସାତ ସମୁଦ୍ର ତେର ନଦୀ ପାରିରୁ ଆଣିବାରେ କିଛି ଦୋଷ ନାହିଁ—ବରଂ ସେଥିରେ ହିଁ ଗୌରବ । ମାତ୍ର ଖାଦ୍ୟଟା ଯଦି ବିଦେଶର ଖାଦ୍ୟରୂପେ ରହେ ତାହା ଯେପରି ଆମ୍ଭମାନଙ୍କ ଶରୀରର କିଛି ଉପକାର କରିପାରେ ନାହିଁ, ରକ୍ତ ମାଂସରେ ତାହା ପରିଣତ ହେଲେ ଆମ୍ଭମାନଙ୍କର ଉପକାର କରେ, ବିଦେଶୀୟ ପଦାର୍ଥକୁ ସେହିପରି ଆଣି ଅବିକୃତ ଥୋଇ ଦେଲେ ତାହାର ଉତ୍କଟ ବିଜାତୀୟତ୍ୱ ନୟନ ମନକୁ ଯେ କେବଳ ଅରୁଚିକର ହୁଏ ତାହା ନୁହେଁ, ତାହା ଜାତୀୟ ସାହିତ୍ୟର କିଛିମାତ୍ର ଶ୍ରୀବୃଦ୍ଧି କରିପାରେ ନାହିଁ । କାବ୍ୟ କବିତା ପକ୍ଷରେ ଏହା ଯେପରି ସତ୍ୟ, ଗଦ୍ୟ ସାହିତ୍ୟ ପକ୍ଷରେ ମଧ୍ୟ ଏହା ସେହିପରି ପ୍ରଯୋଜ୍ୟ ।

ଅଳ୍ପ କଥାରେ ଶବ୍ଦଚିତ୍ର ଅଙ୍କନ, ସାର୍ଥକ ଶବ୍ଦଚୟନ ଓ ସନ୍ତୋଷପ୍ରଦ ଭାବର ସହଜ ସୁନ୍ଦର ପ୍ରକାଶ—ସୁକାବ୍ୟର ଲକ୍ଷଣ । ଯେଉଁ କବି ବ୍ୟକ୍ତିଗତ ଅଭିଜ୍ଞତା ଭିତରେ ଗୋଟିଏ ଚିରନ୍ତନ ସତ୍ୟକୁ ଏପରି ଭାବରେ ପ୍ରକାଶ କରି ପାରନ୍ତି, ଯେଉଁଥିରେ ବିଶ୍ୱ-ମାନବର ମର୍ମକଥା ମନକୁ ବାଜି ଉଠେ, ଅଳଙ୍କାର ଶାସ୍ତ୍ର ତାହାର ନାମ ଦେଇଅଛି 'ଗୀତି କବିତା' । ଏକ କଥାରେ କହିବାକୁ ଗଲେ କାବ୍ୟ ହେଉଅଛି ନିବିଡ଼ତମ ଉପଲବ୍ଧିର ସୁନ୍ଦରତମ ପ୍ରତିରୂପ । ଲେଖିବା ବେଳେ ଲେଖକର ନିଜ ଭିତରେ ଯଦି ଭାବର ବିଦ୍ୟୁତ୍ ସଞ୍ଚାର ହୋଇ ନ ପାରେ, ତେବେ ଅପରର ଅନ୍ତରରେ ସେ ତାହା ପ୍ରବାହିତ କରାଇବେ କେଉଁଠାରୁ ?

**If feeling does not prompt, in vain you strive;**
**If from the soul the language does not come,**
**By its own impulse to impel the hearts**
**Of hearts, with communicated power,**
**In vain you strive, in vain you study**
**earnestly.—*Goethe***



Digitized by srujanika@gmail.com

କାବ୍ୟ କବିତାରେ ଏହାହିଁ ହେଉଛି ନିକଷ ପଥର; ଯେଉଁ କବି ଲେଖିବା ବେଳେ ନିଜେ କାନ୍ଦିପାରି ନାହାନ୍ତି ସେ ତାଙ୍କର ସେହି ଲେଖାଦ୍ୱାରା ଅନ୍ୟକୁ କନ୍ଦାଇବେ କିପରି? କାବ୍ୟରେ ସ୍ୱଚ୍ଛତା ଓ ସର୍ବତୋମୁଖୀ ସ୍ୱକୀୟତା ଥିବା ସର୍ବତୋଭାବେ ଆବଶ୍ୟକ।

ରଚନାର ଭାବଭଙ୍ଗୀରେ କବିମାନଙ୍କୁ ସାଧାରଣତଃ ଦୁଇ ଶ୍ରେଣୀରେ ବିଭକ୍ତ କରି ଯାଇପାରେ। ଏକ ଦଳ ତାଙ୍କର ଯୁଗର ଭାବ ଓ ଚିନ୍ତାର ପ୍ରତିଧ୍ୱନି କରନ୍ତି। ସେଥିରେ ପନ୍ଥୁଁ "What oft was thought, but ne'er so well expressed"—ଏମାନେ ସେମାନଙ୍କର ନିଜ ସମୟର ପ୍ରତିନିଧି କବି; ଇଂଲଣ୍ଡର ଟେନିସନ ଏହି ଶ୍ରେଣୀର କବି ଥିଲେ। ଏମାନଙ୍କୁ ସମସାମୟିକ ଲୋକମାନେ ସେମାନଙ୍କର ବକ୍ତା ବୋଲି ଗ୍ରହଣ କରନ୍ତି ଏବଂ ବାଟରେ ଘାଟରେ ଲୋକେ ତାଙ୍କର କବିତା ଆବୃତ୍ତି କରି ଆନନ୍ଦ ଅନୁଭବ କରନ୍ତି।

ଅନ୍ୟ ଏକ ଶ୍ରେଣୀ ଭବିଷ୍ୟତର ଦୂତ; ସେମାନେ ଏକ ପ୍ରକାର ଈଶ୍ୱର ପ୍ରେରିତ ଦୂତ ବା Prophet। ନବ ମନ୍ତ୍ର ଘୋଷଣା କରି ଅଧି ପ୍ରାୟ ସର୍ବଦା ସେମାନେ ପ୍ରେରିତ ପୁରୁଷର ପୁରସ୍କାର ପାଆନ୍ତି। ହୁଏତ ସେମାନେ ଦରିଦ୍ର, ଅଜ୍ଞାତ ଯଶୋହୀନ ଜୀବନ ଯାପନ କରନ୍ତି। ସେମାନଙ୍କ କଥା ସମସାମୟିକଗଣ କମ୍ ବୁଝନ୍ତି, କାରଣ ସେମାନଙ୍କର ଭାବ ସମୟରୁ ଅଗ୍ରବର୍ତ୍ତୀ।

ଏହି ପ୍ରଥମ ପ୍ରତିନିଧି ଦଳର କବିମାନେ ନବ ଶିକ୍ଷା ବା ନବ ସଭ୍ୟତାର ଆନ୍ଦୋଳନରେ ନବ ଭାବର ଜାଗରଣ ଦେଖିଲେ ତାକୁ କାବ୍ୟ କବିତାରେ ଧରି ରଖନ୍ତି। ସେମାନେ ଆପଣାକୁ ସମାଜର ଜଣେ ବୋଲି ମନେକରି ସବୁ ବିଷୟରେ ସାମାଜିକତାକୁ ପ୍ରାଣରେ ଉପଲବ୍ଧି କରିଥାନ୍ତି। ସେମାନଙ୍କ କାବ୍ୟ କବିତାରେ ଚିରନ୍ତନ ସହଜ ଭାବ ଗୁଡ଼ିକ ଦେଖାଯାଏ। ସେମାନଙ୍କର ଭାବ ସରଳ, ସନାତନ—ତାହା ପ୍ରାଚୀନ କାଳରେ ଥିଲା, ଭବିଷ୍ୟତରେ ଅନେକ ହୃଦୟରେ ରହିବ। ଦୟା, ପ୍ରେମ, ଘୃଣା, ପ୍ରତିହିଂସା ପ୍ରଭୃତି ପ୍ରାଥମିକ ଭାବରେ କିଛି ଜଟିଳତା ନାହିଁ, ବୁଝିବାକୁ ବିଦ୍ୟା ବା ସଭ୍ୟତା ଆବଶ୍ୟକ ହୁଏ ନାହିଁ। ଏହି ହେତୁରୁ ହୋମର ବାଲ୍ମୀକିଙ୍କର ଏତେ ଆଦର।

ଏହି ପ୍ରତିନିଧି ଦଳ କବିଙ୍କର ଅନ୍ତର୍ଦୃଷ୍ଟି ଓ ବିଶ୍ଳେଷଣର ବିଶେଷ ଅଭାବ ଦେଖାଯାଏ।

ଗଦ୍ୟ ସାହିତ୍ୟରେ ମଧ୍ୟ ଅନେକାଂଶ ଆମ୍ଭମାନଙ୍କର ସ୍ୱାଧୀନ ଚିନ୍ତାର ବଡ଼ ଅଭାବ। ଚିନ୍ତାର ଗଭୀରତା, ଭାବପ୍ରକାଶର ବିଶେଷତା ବା ରଚନାଭଙ୍ଗୀ ଆଧୁନିକ ଗଦ୍ୟ ସାହିତ୍ୟକୁ ଅଲଙ୍କୃତ କରୁନାହିଁ। ଚିନ୍ତାଶୀଳତା ନ ଥାଉ ଅନ୍ତତଃ ପକ୍ଷେ ବିଷୟବହୁଳ ହେବା ଗଦ୍ୟ-ସାହିତ୍ୟ ପକ୍ଷରେ ଅତି ଆବଶ୍ୟକ। କବିତାର ଇଙ୍ଗିତ ବା ବ୍ୟଞ୍ଜନା ଶିଳ୍ପୀ ହସ୍ତରେ ଗଦ୍ୟ-ସାହିତ୍ୟକୁ ବେଳେ ବେଳେ କବିତା ଛଟାରେ ବିଭୂଷିତ କରି ତାହାକୁ ଗଦ୍ୟକାବ୍ୟରେ ପରିଣତ କରେ। କୌଣସି କୌଣସି ଗଦ୍ୟ-ସାହିତ୍ୟ ସୁଲେଖକଙ୍କ ହସ୍ତରେ ଭାଷା ଓ ଭାବର ଧାରା ଏପରି ପ୍ରବାହିତ ହୁଏ ଯେ ସେଥିରେ ପାଠକ କବିତାପାଠର ଆନନ୍ଦ ଉପଭୋଗ କରିଥାଏ। ସେପରି ଚିନ୍ତାଶୀଳ ଭାଷାଶିଳ୍ପୀ ଜାତୀୟ ସାହିତ୍ୟରେ କ୍ୱଚିତ୍ ଦେଖା ଯାଇଥାନ୍ତି। ଶିକ୍ଷା ଓ ସଭ୍ୟତାର ପ୍ରଗତି ଅନୁସାରେ ଗଦ୍ୟ ସାହିତ୍ୟର ବିଭିନ୍ନ ବିଭାଗ ପରିପୂର୍ଣ୍ଣ ହେବା ଆବଶ୍ୟକ। ବିଜ୍ଞାନ, ଦର୍ଶନ, ରାଜନୀତି, ସମାଜନୀତି, କୃଷିତତ୍ତ୍ୱ ଧର୍ମତତ୍ତ୍ୱ, ସଙ୍ଗୀତ, ଶିଳ୍ପକଳା ପ୍ରଭୃତି ବିଭିନ୍ନ ବିଭାଗରେ ଉପଯୁକ୍ତ ବହୁ ସଂଖ୍ୟକ ପୁସ୍ତକ ନ ରହିଲେ କେବଳ କେତେଖଣ୍ଡି କାବ୍ୟକବିତା ବା ସ୍କୁଲ ପାଠ୍ୟ ଗଦ୍ୟସାହିତ୍ୟକୁ ନେଇ ଗୋଟାଏ ଜାତିର ସାହିତ୍ୟ ଅଗ୍ରସର ହୋଇ ନ ପାରେ। ଯାହାର ଯେଉଁ ବିଷୟରେ ଚର୍ଚ୍ଚା ବା ଅଧିକାର ଅଛି ସେ ସେହି ବିଷୟ ନେଇ ଅଧ୍ୟବସାୟ କରିଗଲେ ତାହାଦ୍ୱାରା ମାତୃଭାଷାର ଅଙ୍ଗ ଅଲଙ୍କୃତ ହୁଅନ୍ତା। ନୃତତ୍ତ୍ୱ, ପ୍ରାଣୀତତ୍ତ୍ୱ ଭୂତତ୍ତ୍ୱ, ମନସ୍ତତ୍ତ୍ୱ, ଉଦ୍ଭିଦ୍‌ତତ୍ତ୍ୱ ପ୍ରଭୃତି ବିଷୟରେ ଅଦ୍ୟାବଧି ଉତ୍କଳ ସାହିତ୍ୟରେ ଖଣ୍ଡିଏ ଖଣ୍ଡିଏ ପୁସ୍ତକ ମଧ୍ୟ ଲେଖା ହୋଇନାହିଁ। ଦେଶ ବିଦେଶର ଭ୍ରମଣ-କାହାଣୀ, ବିଭିନ୍ନ ଜାତି ବା ଦେଶର ବିବରଣ, ପୃଥିବୀର ଖ୍ୟାତନାମା ନରନାରୀଙ୍କର ଜୀବନବୃତ୍ତାନ୍ତଦ୍ୱାରା ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କର ସାହିତ୍ୟ ସମୃଦ୍ଧ ନୁହେ। ସାଧାରଣ ବ୍ୟାବହାରିକ ସାହିତ୍ୟର ଅଭାବରେ ଏ ଦେଶର ଶିଶୁକୁଳ, ବାଳକ ବାଳିକା ଓ ଯୁବକ ଯୁବତୀମାନେ ଶିକ୍ଷା ପଥରେ ଯଥୋଚିତ ଲାଭ କରି ପାରୁନାହାନ୍ତି।

ସାହିତ୍ୟ କ୍ଷେତ୍ରରେ ସ୍ୱାଧୀନ ଚିନ୍ତାର ଯେଉଁ ଅଭାବ କଥା ଇଙ୍ଗିତ ହୋଇଅଛି ତାହା ସାଧାରଣ କଥା। ତାହାର ଯେ ବ୍ୟତିକ୍ରମ ନାହିଁ ତାହା ନୁହେ। କବିତାକ୍ଷେତ୍ରରେ କବି ନନ୍ଦକିଶୋର ରାଧାନାଥ ମଧୁସୂଦନଙ୍କର ପ୍ରିୟ ଶିଷ୍ୟ ଥାଇ ମଧ୍ୟ ସେମାନଙ୍କର ରଚନାପଦ୍ଧତିର ଅନ୍ଧ ଅନୁକରଣ ନ କରି ସ୍ୱାଧୀନ ଭାବରେ ଗତି କରିଅଛନ୍ତି। ତାହାର ଫଳ ତାଙ୍କର ସରଳ ମଧୁର ପଲ୍ଲୀକବିତା ଓ ପ୍ରାଣସ୍ପର୍ଶୀ ଗୀତିକବିତାନିଚୟ। କବି ନନ୍ଦକିଶୋର କାବ୍ୟ-କବିତା ରାଜ୍ୟରେ ଆଶାନୁରୂପ ଅଗ୍ରସର ହୋଇ ନ ଥିଲେହେଁ ଅନ୍ୟ କେତେକ ପରବର୍ତ୍ତୀ କବିଙ୍କ ପରି ରାଧାନାଥ ମଧୁସୂଦନଙ୍କର ନିର୍ଦ୍ଧାରିତ ପନ୍ଥାର ବ୍ୟତିକ୍ରମ କରି ତାଙ୍କର ସାହିତ୍ୟ ସାଧନାର ବିଶେଷତ୍ୱ ରଖି ଯାଇ ଅଛନ୍ତି ଏବଂ ତାହାର ଫଳରେ ଆମ୍ଭେମାନେ ପଲ୍ଲୀଚିତ୍ର, ନିର୍ଝରିଣୀ, କୃଷ୍ଣକୁମାରୀ, ବସନ୍ତକୋକିଳ, ସୀତାବନବାସ, ଗୃହଚିତ୍ର ପ୍ରଭୃତି କାବ୍ୟକବିତା ଲାଭ କରିଅଛୁଁ। କାବ୍ୟ ହିସାବରେ ସେ ଗୁଡ଼ିକର ମୂଲ୍ୟ କମ୍ ହେଲେ ମଧ୍ୟ ଶିଷ୍ୟ ଯେ ଗୁରୁମାନଙ୍କର ପ୍ରାଚୀନ ପନ୍ଥାରୁ ନିଜକୁ ମୁକ୍ତ କରି ନେଇ ଏକ ନବ ପଥ ନିଜ ପାଇଁ ଖୋଜି ପାରିଅଛନ୍ତି, ଏହି ସ୍ୱାଧୀନ ଚିନ୍ତା ପାଇଁ ଭବିଷ୍ୟତ ଉତ୍କଳସାହିତ୍ୟର ଇତିହାସ ଲେଖକ ତାହାଙ୍କୁ ଯଥେଷ୍ଟ ଗୌରବ ସମ୍ମାନ ଦେବେ,



Digitized by srujanika@gmail.com

ଏଥିରେ ସନ୍ଦେହ ନାହିଁ । ଗଦ୍ୟ ସାହିତ୍ୟରେ ସ୍ୱର୍ଗୀୟ ବିଶ୍ୱନାଥକର ଭାଷା ଓ ଭାବ ଉଭୟ ଦିଗରେ ଉତ୍କଳ ସାହିତ୍ୟକୁ ଏକ ନୂତନ ପଥ ଦେଇଥିଲେ । ସେ ଲେଖାରେ ପ୍ରଚୁର ପ୍ରାଣଶକ୍ତି ଥିଲା ଏବଂ ତାହା ନବଯୁଗର ଭାବର ଭାର ବହନ କରିବାକୁ ଉପଯୁକ୍ତ ଥିଲା । ମାତ୍ର ଉତ୍କଳ ସାହିତ୍ୟ କ୍ଷେତ୍ରରେ ତାହାର ତ ଅନୁକରଣ ବା ଅନୁଶୀଳନ ହେବାର ଆଉ ଦେଖାଯାଇ ନାହିଁ । କଥା ସାହିତ୍ୟରେ କାଳନ୍ଦୀଚରଣ ଓ ସାହିତ୍ୟିକ ଆଲୋଚନାରେ ସୁକବି ମାୟାଧର ସୂକ୍ଷ୍ମ ଦୃଷ୍ଟି ଓ ସାହିତ୍ୟିକ ବିଶ୍ଳେଷଣର ଚିହ୍ନ ଦେଖାଇ ଜାତୀୟ ସାହିତ୍ୟରେ ନବ ରେଖାପାତର ଶୁଭ ସୂଚନା ଦେଇଅଛନ୍ତି ।

ସାହିତ୍ୟ କ୍ଷେତ୍ରର ଏ ଅନୁର୍ବରତାର ମୂଳରେ ଏ ଦେଶର ଶକ୍ତିଶାଳୀ ପୁରୁଷଙ୍କର ଏ ଦେଶର ସାହିତ୍ୟ ପ୍ରତି ଅବହେଳା ଏକ ପ୍ରଧାନ କାରଣ । ଏ ଦେଶର ଶିକ୍ଷିତ ବ୍ୟକ୍ତିଙ୍କର ସଂଖ୍ୟା ଅବଶ୍ୟ ଏ ପର୍ଯ୍ୟନ୍ତ ଖୁବ୍ ବେଶୀ ନୁହେ । ତଥାପି ସେମାନଙ୍କ ମଧ୍ୟରୁ ଯେଉଁମାନେ ଶକ୍ତିଶାଳୀ ସେମାନେ ଜାତୀୟ ସାହିତ୍ୟ ପ୍ରତି ଶୁଭ ଦୃଷ୍ଟି ଦେଉଥିଲେ ଏ ଦେଶର ସାହିତ୍ୟ ଆଜି ଅନ୍ୟରୂପ ଧାରଣ କରିଥାନ୍ତା । ଶିକ୍ଷା, ଶାସନ, ବିଚାର ବିଭାଗ ପ୍ରଭୃତି ସରକାରୀ କାର୍ଯ୍ୟରେ ଯେଉଁ ଶକ୍ତିଶାଳୀ ଯୁବକମାନେ ଆଜିକାଲି ଯାଉଅଛନ୍ତି, ସେମାନେ ଯଦି ମାତୃଭାଷା ପ୍ରତି ସେମାନଙ୍କର କର୍ତ୍ତବ୍ୟ ପାଳନ କରୁଥାନ୍ତେ, ସେମାନଙ୍କର ଅବସର ଯଦି ଅନ୍ୟାନ୍ୟ ଆମୋଦ ପ୍ରମୋଦରୁ ଜାତୀୟ ସାହିତ୍ୟର ଉନ୍ନତିରୂପ ଆମୋଦରେ ବେଶୀ ବ୍ୟୟିତ ହେଉଥାନ୍ତା, ତେବେ ଏ ଦେଶ ସାହିତ୍ୟର ଏ ହୀନ ଦଶା ନ ଥାନ୍ତା । ଏ ଦେଶର ଉଚ୍ଚ ଶିକ୍ଷିତ ଶିକ୍ଷା ବ୍ୟବସାୟୀ ଅଧ୍ୟାପକଗଣ ଓ ଶିକ୍ଷା ବିଭାଗୀୟ ଉଚ୍ଚ କର୍ମଚାରୀଗଣ ଯଦି ସେମାନଙ୍କର ନିଜ ବିଭାଗ ପ୍ରତି କର୍ତ୍ତବ୍ୟ ପାଳନ କରୁଥାନ୍ତେ ତାହାହେଲେ ଆମ୍ଭମାନଙ୍କ ଜାତୀୟ ସାହିତ୍ୟର ମୁଖଶ୍ରୀ ପରିବର୍ତ୍ତିତ ହୋଇ ଯାଇଥାନ୍ତା । ଏହି ଦେଶର ରାଧାନାଥ, ମଧୁସୂଦନ, ଗୌରୀଶଙ୍କର, ବିଶ୍ୱନାଥ, ଗୋପାଳବଲ୍ଲଭ, ଜଗନ୍ମୋହନ ପ୍ରଭୃତି ଗୁରୁ ସରକାରୀ ଦାୟିତ୍ୱ ମସ୍ତକରେ ବହନ କରି ଯାହା କରିପାରିଥିଲେ ତାହା ଯେ ଆଜିକାଲିର ଯୁବକଙ୍କ ପକ୍ଷରେ ସମ୍ଭବପର ନୁହେ ଏପରି ଭାବିବାର କିଛି ସ୍ୱତନ୍ତ୍ର କାରଣ ତ ଦେଖାଯାଉ ନାହିଁ । ଫକୀରମୋହନ ନାନା ଦୁଃଖ-ଦାରିଦ୍ର୍ୟ କୋଳରେ ପରିବର୍ଦ୍ଧିତ ହୋଇ କେତେ ରାଜ୍ୟର ଦାୟିତ୍ୱ-ପୂର୍ଣ୍ଣ ଶାସନଭାର ହସ୍ତରେ ନେଇ ମଧ୍ୟ ଶକ୍ତି ସାମର୍ଥ୍ୟ ଦେଇ ଜାତୀୟ ସାହିତ୍ୟର ଯେଉଁ ଉନ୍ନତି କରିଗଲେ, ତାହା କଣ ଆଜିର ବହୁ-ଶାସ୍ତ୍ର ପଣ୍ଡିତ କଲେଜ ଅଧ୍ୟାପକଙ୍କର କ୍ଷମତା ସୀମାର ବହିର୍ଭୂତ ? ପ୍ରାଚୀନ କାଳର ଉପେନ୍ଦ୍ର ଭଞ୍ଜ କୃଷ୍ଣସିଂହଙ୍କ କଥା ଛାଡ଼ିଲେ ମଧ୍ୟ ବାମଣ୍ଡାର ପୁଣ୍ୟଶ୍ଳୋକ ନରପତି ସୁଢଳ ଦେବ ଓ ସଚ୍ଚିଦାନନ୍ଦ ଦେବ ରାଜ୍ୟ ଶାସନଭାର ସ୍ୱୟଂ ମସ୍ତକରେ ବହନ କରି ମଧ୍ୟ ଛନ୍ଦୋମୂଳା, ଅଳଙ୍କାର ବୋଧୋଦୟ, ମାୟାଶବତୀ, ଭୀଷ୍ମ, ଅଳଙ୍କାର ସାର ପ୍ରଭୃତି ଗ୍ରନ୍ଥନିଚୟ ପ୍ରଣୟନ କରି ଉତ୍କଳସାହିତ୍ୟ କ୍ଷେତ୍ରରେ ଯେଉଁ ପ୍ରତିଷ୍ଠା ଅର୍ଜନ କରି ଅଛନ୍ତି, ସାହିତ୍ୟ ପ୍ରତି ମାୟା ମମତା ଥିଲେ ରାଜାର ରାଜ୍ୟ ଶାସନ ମଧ୍ୟ ସେଥିରେ ପ୍ରତିବନ୍ଧକ ଆଣିପାରେ ନାହିଁ—ଏହା ସ୍ପଷ୍ଟ ପ୍ରମାଣ କରୁଅଛି । ଆଧୁନିକ ଉଚ୍ଚ ଶିକ୍ଷିତ ଯୁବକମାନଙ୍କ ମଧ୍ୟରୁ କେହି କେହି ଆପତ୍ତି କରିବାର ଶୁଣାଯାଇ ଥାଏ ଯେ ସେମାନଙ୍କର ଯଥାସମୟରେ ସାଧନାର ଆରମ୍ଭ ହୋଇ ନାହିଁ । ସେମାନଙ୍କଠାରୁ ସାହିତ୍ୟ କାହିଁ ଆସିବ ? ତାହାର ଉତ୍ତର ଏତିକି ଯେ ଶିକ୍ଷିତ ଯୁବକ ଆଜି ଯାହା ଲେଖିବ ତାହାହିଁ କାଲି ଜାତୀୟ ସାହିତ୍ୟ ହେବ । ଏ ସବୁ ପ୍ରତି କେବଳ ମନ ଲୋଡ଼ା ।

ଏ ଦେଶର ସାହିତ୍ୟ ସାଧନାର ପ୍ରଧାନ ଅନ୍ତରାୟ ଏ ଦେଶର ଲୋକେ ସାହିତ୍ୟ ସେବକମାନଙ୍କୁ ଏକ ଅଲସୁଆ ଦଳ ବୋଲି କଳ୍ପନା କରିଥାନ୍ତି । କେହି କେହି ମନେ କରନ୍ତି ଏ କଥାଗୁନ୍ଥା-ମାଳୀଙ୍କର କଥାଗୁଡ଼ାକ ଯେପରି ପ୍ରଳାପ, ତାହା ଶୁଣିବା ମଧ୍ୟ ସେହିପରି ଉନ୍ମାଦଗ୍ରସ୍ତ ବ୍ୟକ୍ତିର କାର୍ଯ୍ୟ । ଅତି ପ୍ରାଚୀନ କାଳରୁ ସବୁ ଦେଶର ସାହିତ୍ୟ ପ୍ରତି ଧନୀ ରାଜା ଭୂସ୍ୱାମୀମାନେ ସଦୟ ଦୃଷ୍ଟି ଦେଇ ସେଥିଦ୍ୱାରା ଜାତିର ଅମୂଲ୍ୟ ଭାବରେ କଲ୍ୟାଣ କରି ପାରି ଅଛନ୍ତି । ଏ ଦେଶର ବିକ୍ରମାଦିତ୍ୟ କହନ୍ତୁ ବା ଇଂଲଣ୍ଡର ଏଲିଜାବେଥ କହନ୍ତୁ, ସେମାନଙ୍କର ଅନୁଗ୍ରହରେ ଜାତୀୟ ସାହିତ୍ୟ ଉନ୍ନତିର ଉଚ୍ଚ ଶିଖରରେ ଆରୋହଣ କରିଥିଲା । ସାହିତ୍ୟ-ସେବକମାନେ ଜାତୀୟ ଜୀବନର ପ୍ରାଣପ୍ରତିଷ୍ଠାତାମାନଙ୍କ ମଧ୍ୟରେ ଶ୍ରେଷ୍ଠ ଆସନର ଅଧିକାରୀ, ଏ କଥା ଆଜିକାଲି ଯୁଗରେ ଅନେକ ଲୋକ ଭୁଲି ଯାଉଥିବା ଦୁଃଖର କଥା । କବି, ସାହିତ୍ୟିକମାନେ ପୂର୍ବେ ଏ ଦେଶର ରାଜଦରବାରମାନଙ୍କରେ ସସମ୍ମାନରେ ରହି ସେମାନଙ୍କର ସାହିତ୍ୟ ଚର୍ଚ୍ଚା କରୁଥିଲେ । ସେମାନେ ସମୟ ସମୟରେ ସେମାନଙ୍କର ସାହିତ୍ୟିକ ଉତ୍କର୍ଷ ଲାଗି ଉଚ୍ଚ ସମ୍ମାନ ଓ ବୃତ୍ତି ଭୋଗ କରୁଥିଲେ । ଆଜି ପର୍ଯ୍ୟନ୍ତ ମଧ୍ୟ ଇଂଲଣ୍ଡର ରାଜଗାଦି ସଙ୍ଗରେ ରାଜ କବିଙ୍କର ପଦ ସଂଯୁକ୍ତ ରହିଅଛି ଏବଂ ସେମାନେ ରାଜ ଦରବାରରେ ସମ୍ମାନିତ ଆସନ ଲାଭ କରିଥାନ୍ତି । ଏ ଦେଶର ରାଜା ଓ ଭୂସ୍ୱାମୀମାନେ ଯଦି ଏ ଦେଶର ସାହିତ୍ୟିକମାନଙ୍କର ସାହିତ୍ୟ ସାଧନାକୁ ସ୍ନେହ ଦୃଷ୍ଟିରେ ଦେଖନ୍ତେ ତେବେ ଅଳ୍ପ କାଳ ମଧ୍ୟରେ ଆମ୍ଭମାନଙ୍କ ମାତୃଭାଷାର ମୁଖଶ୍ରୀ ପରିବର୍ତ୍ତିତ ହୋଇ ଯାଆନ୍ତା—ଏପରି ମନେ କରିବା ସହଜ ଓ ସ୍ୱାଭାବିକ ।

ଧନୀ ଭୂସ୍ୱାମୀମାନଙ୍କ ଉଦାସୀନତାଠାରୁ ଅଧିକ କ୍ଳେଶଦାୟକ ସାଧାରଣ ପାଠକର ଦେଶର ସାହିତ୍ୟିକ ପ୍ରତି ଉଦାସୀନତା । ତାକୁ ଆଜି ମୁଁ "ଓଡ଼ିଆ ବହିର ଦୁଃଖ" ନାମରେ ଆପଣମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିବି । ଏ ଦେଶର ବର୍ତ୍ତମାନ ଅବସ୍ଥା ଏପରି ହୋଇଅଛି ଯେ ଏଠାରେ ଗ୍ରନ୍ଥକାର ବା ଗ୍ରନ୍ଥ ପ୍ରକାଶକ ହେବା ଅଳ୍ପ ଦିନରେ ରସାତଳଗାମୀ ହେବାର ଉପାୟ ମାତ୍ର । ଛାପାଖାନାରୁ ଭଲ ବହି ଟିଏ ବାହାରିଲେ ଏ ଦେଶର ଶିକ୍ଷିତ



Digitized by srujanika@gmail.com

ବ୍ୟକ୍ତିମାନେ ମଧ୍ୟ ସେଥିପ୍ରତି ସ୍ନେହ ଦୃଷ୍ଟି ଦେଉନାହାନ୍ତି । ଏ ଉଦାସୀନତା ଓ ବିମୁଖତା ଏ ଦେଶ ସାହିତ୍ୟର ଶ୍ରୀବୃଦ୍ଧିର ଏକ ପ୍ରଧାନ ଅନ୍ତରାୟ । ଜାତୀୟ ସାହିତ୍ୟରେ ଭଲ ବହି ଖଣ୍ଡିଏ ପ୍ରକାଶିତ ହେବା ସଙ୍ଗେ ସଙ୍ଗେ ମୁଁ ଅବଶ୍ୟ କିଣିବି, ଏ ଭାବ ସମସ୍ତଙ୍କ ପ୍ରାଣକୁ ଅଧିକାର ନ କରିବା ଯାଏ ଏ ଦେଶର ସାହିତ୍ୟ ଯେ ତଳେ ପଡ଼ିଥିବ ଏଥିରେ ବିଚିତ୍ରତା କିଛି ନାହିଁ । ଗ୍ରନ୍ଥକାର ବହି ଛାପିବା ପରେ ଉପହାରରୂପେ କେତେ ଖଣ୍ଡି ବଣ୍ଟନ କରି ସାରିବା ପରେ ଯଦି ଅବଶିଷ୍ଟ ପୁସ୍ତକରେ ତାର ଗୃହ ପୂର୍ଣ୍ଣ ହୁଏ ତେବେ ତାହାର କି ଉତ୍ସାହ ହେବ ? ଭବିଷ୍ୟତ କାର୍ଯ୍ୟ ପାଇଁ ତାର ବା କିପରି ମନ ବଳିବ ? ଏହାର ଏକମାତ୍ର ଉପାୟ ଆମ୍ଭେମାନେ ସମସ୍ତେ ଏ ଦେଶରେ ବିଜ୍ଞପରିକର ହେବା—ଉପଯୁକ୍ତ ପୁସ୍ତକ ଖଣ୍ଡିଏ ଏ ଦେଶର ମୁଦ୍ରାଯନ୍ତ୍ରରୁ ବାହାରିବା ସଙ୍ଗେ ସଙ୍ଗେ ଯେପରି ଅନ୍ତତଃ ପ୍ରତ୍ୟେକ ବ୍ୟକ୍ତି କିଣିବେ । ଏତକ କରି ନ ପାରିଲେ କେବଳ ମୌଖିକ ଉପଦେଶ ଏ ଦେଶର ଗ୍ରନ୍ଥକାରର ଭାଗ୍ୟ ପରିବର୍ତ୍ତନ କରି ପାରିବ ନାହିଁ ବା ବିବିଧ ଆଲୋଚନାଦ୍ୱାରା ଏ ଦେଶର ସାହିତ୍ୟ ଶ୍ରୀଯୁକ୍ତ ହେବ ନାହିଁ । ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଏବଂ ସେଥି ସଙ୍ଗେ ସଙ୍ଗେ ଉତ୍କଳବାସୀ ଭାଇ ଭଉଣୀମାନଙ୍କୁ ଏ ଦେଶର ଗ୍ରନ୍ଥକାରଙ୍କୁ ଏହି ସାମାନ୍ୟ କାର୍ଯ୍ୟଦ୍ୱାରା ଉତ୍ସାହିତ କରିବା ଲାଗି ବିନୀତଭାବରେ ଅନୁରୋଧ କରୁଅଛି । ପ୍ରତ୍ୟେକ ଶିକ୍ଷିତ ବ୍ୟକ୍ତି ଯଦି ପୁସ୍ତକ ପ୍ରକାଶ ହେବା ସଙ୍ଗେ ଅନ୍ତତଃ ଖଣ୍ଡିଏ ପୁସ୍ତକ କିଣିବେ ଏବଂ ସେଥି ସଙ୍ଗେ ସେହି କାର୍ଯ୍ୟ କରିବା ପାଇଁ ନିଜର ବନ୍ଧୁବାନ୍ଧବଙ୍କୁ ଅନୁରୋଧ କରିବେ ତେବେ ଏ ଦେଶର ଦରିଦ୍ର ଗ୍ରନ୍ଥକାରଙ୍କର ଭାଗ୍ୟ ପରିବର୍ତ୍ତିତ ହୋଇପାରେ ।

ଜାତୀୟ ସାହିତ୍ୟର ଶ୍ରୀବୃଦ୍ଧି ସାଧନ ପାଇଁ ମନ ବଳାଇଲେ ଦେଶରେ ସାହିତ୍ୟିକ ପିପାସା ଜାଗ୍ରତ କରିବାକୁ ହେବ । ଏ ପିପାସା ସମଗ୍ର ଉତ୍କଳଭାଷୀ ଅଞ୍ଚଳରେ ବ୍ୟାପ୍ତ ହେବା ଆବଶ୍ୟକ । କେତେକ ଅଞ୍ଚଳ ଅଛି ଯେଉଁଠାରେ ଆମ୍ଭମାନଙ୍କର ଭାଷା ଲାଗି ପ୍ରବଳ ଉଦ୍ୟମ ଲୋଡ଼ା । ଏହି ଉତ୍କଳ ଖଣ୍ଡରେ ଯେପରି ଏକ ସମୟରେ ଓଡ଼ିଆ ଭାଷା ଉଠିଯିବା ଲାଗି କେହି କେହି ଅଦୂରଦର୍ଶୀ ଲୋକ ଚେଷ୍ଟା କରିଥିଲେ ଏବଂ ସେଥିଲାଗି ଉତ୍କଳ ସନ୍ତାନଙ୍କୁ କଠିନ ସଂଗ୍ରାମ କରି ଓଡ଼ିଆ ଭାଷାକୁ ବଞ୍ଚାଇବାକୁ ପଡ଼ିଲା, ବର୍ତ୍ତମାନ ମଧ୍ୟ ଉତ୍କଳର ପ୍ରାନ୍ତୀୟ ଦେଶମାନଙ୍କରେ ଉତ୍କଳ ଭାଷାର ବିନାଶ ସାଧନର ପ୍ରବଳ ଉଦ୍ୟମ ହେଉଅଛି । ସିଂହଭୂମି ପ୍ରଭୃତି ଅଞ୍ଚଳରେ ଓଡ଼ିଆଭାଷା କିପରି ଲୋପ ପାଇବାକୁ ବସିଅଛି, ତାହା ସମସ୍ତଙ୍କୁ ଜଣା । ମେଦିନୀପୁର ଅଞ୍ଚଳର ଅନେକ ସ୍ଥାନ ବିଶୁଦ୍ଧ ଓଡ଼ିଆଭାଷୀ ପ୍ରଦେଶ ଥିବା ସତ୍ତ୍ୱେ ଶାସନ ପ୍ରଣାଳୀର ବ୍ୟବଚ୍ଛେଦ ଦୋଷରୁ ଓଡ଼ିଆ ଭାଷାର ବ୍ୟବହାର ସେମାନଙ୍କର ପାରିବାରିକ ଜୀବନର ବାହାରରୁ ଲୋପ ପାଇ ଗଲାଣି । ଅନ୍ତଃପୁରରୁ ସେମାନଙ୍କର ଓଡ଼ିଆ ଭାଷାର ସୂତ୍ର ଧରି ଓଡ଼ିଆ ଭାଷାକୁ ସେମାନଙ୍କ ମଧ୍ୟରେ ପୁନଃ ପ୍ରତିଷ୍ଠା କରି ପାରିଲେ ଏଦେଶର ପ୍ରକୃତ ଉପକାର ସାଧିତ ହେବ । ଏଥି ମଧ୍ୟରେ ରାଜମହେନ୍ଦ୍ରୀ ଅଞ୍ଚଳର ଏକ ଲକ୍ଷ ଶିକ୍ଷକରଣ ସେମାନେ ଓଡ଼ିଆ ଥିବା ଏବଂ ଶାସନ ଶୃଙ୍ଖଳାରେ ପଡ଼ି ମାତୃଭାଷା ଭୁଲି ଯାଉଥିବା ବିଷୟରେ ସମ୍ବାଦପତ୍ରରେ ଆର୍ତ୍ତନାଦ କରି ଉତ୍କଳ ଖଣ୍ଡର ନେତାମାନଙ୍କର ସୁଦୃଷ୍ଟି ଆକର୍ଷଣ କରିଅଛନ୍ତି । ଏହା ଛଡ଼ା ମଧ୍ୟ ଏହି ଉତ୍କଳ ଦେଶବାସୀ ଅନେକ ଆଦିମ ନିବାସୀଙ୍କ ଭିତରେ ଅନ୍ୟ ଭାଷା ପ୍ରଚଳନ କରିବା ଲାଗି ଅନ୍ୟ ପ୍ରଦେଶର ଦେଶନେତା-ମାନେ ଉଦ୍ୟମ କରୁଥିବା ଅବସ୍ଥାରେ ଉତ୍କଳ ସନ୍ତାନମାନେ ସେମାନଙ୍କ ଦେଶର ଆଦିମ ନିବାସୀମାନଙ୍କୁ ଉତ୍କଳ ଭାଷା କୋଳରେ ଆଶ୍ରୟ ଦେବା ପାଇଁ ଚେଷ୍ଟା କରିବା ସର୍ବତୋଭାବରେ ବିଧେୟ । ଏହି ଆଦିମ ନିବାସୀମାନଙ୍କୁ, ଖଡ଼ିଆଳ, ପଦ୍ମପୁର ପ୍ରଭୃତି ଅଞ୍ଚଳକୁ, ମେଦିନୀପୁରର କାନ୍ଥୀ ପ୍ରଭୃତି ଅଞ୍ଚଳକୁ, ସିଂହଭୂମି ଅଞ୍ଚଳକୁ ଓ ରାଜମହେନ୍ଦ୍ରୀ ଅଞ୍ଚଳକୁ ଓଡ଼ିଆ ଭାଷାର ଅଧୀନରେ ନ ଆଣିଲେ ଏଦେଶର ଭାଷା ବା ସାହିତ୍ୟର ସମ୍ୟକ୍ ଉନ୍ନତି ସହଜରେ ହୋଇ ପାରିବ ନାହିଁ । ଆମ୍ଭମାନଙ୍କର ଅବହେଳା ବା ଅନାସ୍ଥାରୁ ଉତ୍କଳଭାଷା ଯେ ଦିନକୁ ଦିନ ଦରିଦ୍ର ହେଉଅଛି ଏହାର ପ୍ରତି-ବିଧାନ କରିବାକୁ ପ୍ରବଳ ଜନମତ ସଂଗୃହୀତ ହୋଇ ସେଥିର ଆଶୁ ପ୍ରତିକାର ପନ୍ଥା ନିର୍ଦ୍ଧାରିତ ହେବା ଏ ନବଗଠିତ ଉତ୍କଳ ପ୍ରଦେଶର ପ୍ରଥମ ଓ ପ୍ରଧାନ କାର୍ଯ୍ୟ ହେବା ଉଚିତ । ମୋର ବିନୀତ ପ୍ରାର୍ଥନା ଅଦୂର ଭବିଷ୍ୟତରେ ସିଂହଭୂମିରେ ଉତ୍କଳଭାଷା ରକ୍ଷା ଲାଗି ଯେଉଁ ସମ୍ମିଳନୀ ବସିବାର ଆୟୋଜନ ଚାଲିଅଛି, ତାହା କେବଳ ସିଂହଭୂମି କଥା ନ ଭାବି ଏ ସମସ୍ତ ଉପେକ୍ଷିତ ଓଡ଼ିଆଭାଷୀ ଅଞ୍ଚଳମାନଙ୍କର ମାତୃଭାଷା ରକ୍ଷାର ବିହିତ ଉପାୟ ବିଧାନ କରିବ ଏବଂ ସେଥି ଦ୍ୱାରା ପରହସ୍ତରୁ ନିଜର ଅପହୃତ ପଦାର୍ଥମାନ ଫେରି ପାଇବା ଲାଗି ସବଳ ଚେଷ୍ଟା କରିବ ।

ଦେଶର ନାନା ସ୍ଥାନରେ ପାଠାଗାରମାନ ସ୍ଥାପନ କରି ଦେଶବାସୀଙ୍କର ଜ୍ଞାନପିପାସା ବୃଦ୍ଧି କରିବା ଏଦେଶର ସାହିତ୍ୟ ଶ୍ରୀବୃଦ୍ଧି ପକ୍ଷରେ ଆବଶ୍ୟକ । ପାଠାଗାରମାନ ବରୋଦା ପ୍ରଭୃତି ରାଜ୍ୟରେ କି ଉପକାର କରିଅଛି ତାହା ସମସ୍ତଙ୍କୁ ଜଣାଅଛି । ସହର ବ୍ୟତୀତ ମଫସଲର ବିଭିନ୍ନ କେନ୍ଦ୍ରସ୍ଥଳମାନଙ୍କରେ ପୁସ୍ତକାଗାରମାନ ସ୍ଥାପିତ ହୋଇ ସେ ଅଞ୍ଚଳର ଲୋକମାନଙ୍କର ଜ୍ଞାନଲାଭର ସୁବିଧା କରାଗଲେ ସେମାନଙ୍କ ମଧ୍ୟରେ ଅକ୍ଲେଶରେ ସାହିତ୍ୟ ପ୍ରତି ମମତାର ଉଦ୍ରେକ ହେବାର ସମ୍ଭାବନା ।

ଶସ୍ତା ମୂଲ୍ୟରେ ଉଚ୍ଚ ଅଙ୍ଗର ସାହିତ୍ୟ ଗ୍ରନ୍ଥମାନ ସର୍ବସାଧାରଣ-ଙ୍କର କରତଳଗତ କରାଇ ପାରିବାର ଉଦ୍ୟମ ହେବା ସର୍ବଥା ଆବଶ୍ୟକ । ବିଲାତର ବିଶ୍ୱବିଖ୍ୟାତ ଷ୍ଟେଡ଼ ସାହେବ ଅତି ଶସ୍ତା ଦରରେ ଯେପରି ଇଂରେଜୀ ଭାଷାର ଶ୍ରେଷ୍ଠ କାବ୍ୟ ଓ ଅନ୍ୟାନ୍ୟ ସାହିତ୍ୟ ଗ୍ରନ୍ଥମାନ ପୃଥିବୀର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ଦେଇ ପାରିଥିଲେ ସେହିପରି ଭାବରେ ଉତ୍କଳ ଭାଷାର ଉଚ୍ଚ



Digitized by srujanika@gmail.com

ଅଙ୍ଗର ସାରବାନ୍ ଶ୍ରେଷ୍ଠ ସାହିତ୍ୟ ଗ୍ରନ୍ଥମାନ ଆମ ଦେଶର ସର୍ବସାଧାରଣଙ୍କୁ ଦେଇ ପାରିଲେ ସାହିତ୍ୟପ୍ରୀତି ସଞ୍ଚାର କରି ପାଇପାରେ ।

ଗ୍ରନ୍ଥକାରମାନଙ୍କୁ ସେମାନଙ୍କର ଶ୍ରେଷ୍ଠ ପୁସ୍ତକ ବା ସେମାନଙ୍କର ସାମୟିକ ପ୍ରବନ୍ଧ କବିତା ଲାଗି ଉପଯୁକ୍ତ ଭାବରେ ପୁରସ୍କାର ଦେବାର ବ୍ୟବସ୍ଥା କଲେ ଗ୍ରନ୍ଥକାରମାନେ ଯେପରି ଉତ୍ସାହିତ ହେବେ ସର୍ବସାଧାରଣ ମଧ୍ୟ ସେହି ପ୍ରଲୋଭନରେ ସାହିତ୍ୟକ୍ଷେତ୍ରକୁ ଆକୃଷ୍ଟ ହେବେ ।

ସହଜ ଭାଷାରେ ଶସ୍ତା ଦରରେ ସାହିତ୍ୟପତ୍ର ପ୍ରକାଶ କରି ଦେଶରେ ବହୁଳ ପରିମାଣରେ ପ୍ରଚାର କଲେ ସାହିତ୍ୟ ଶିକ୍ଷା ଲକ୍ଷିପ୍ର ହୋଇ ଯିବାର ସମ୍ଭାବନା ଅଛି । ଦେଶର ସମ୍ବାଦପତ୍ରମାନେ ସାହିତ୍ୟିକ ସମ୍ବାଦ ଓ ଆଲୋଚନା ସବୁ ନିୟମିତରୂପେ ପ୍ରକାଶ କଲେ ସମ୍ବାଦପତ୍ରର ପାଠକମାନେ ସାହିତ୍ୟ ଚର୍ଚ୍ଚା କରିବାର ସୁଯୋଗ ପାଇ ପାରନ୍ତେ । ଏହି ଉତ୍କଳଖଣ୍ଡରେ ଏଥି ପୂର୍ବେ ସମ୍ବଲପୁର ହିତୈଷିଣୀ, ପ୍ରଜାବନ୍ଧୁ, ଗଞ୍ଜାମ ଓଡ଼ିଆ ହିତବାଦିନୀ ପ୍ରଭୃତି କେତେକ ଖଣ୍ଡି ସମ୍ବାଦପତ୍ର ବିଶିଷ୍ଟ ସାହିତ୍ୟିକ ସମ୍ପାଦକମାନଙ୍କ ନେତୃତ୍ୱରେ ପ୍ରକାଶିତ ହେଉଥିବା ଅବସ୍ଥାରେ ଦେଶରେ ସାହିତ୍ୟିକ ଆଲୋଚନାରେ ଯଥେଷ୍ଟ ସାହାଯ୍ୟ କରିଥିଲା । ଆଜିକାଲିର ମାସିକପତ୍ର ବିଷୟନିର୍ବାଚନରେ ଓ ମୂଲ୍ୟ ହିସାବରେ କେବଳ ସମାଜର ଉପରର କେତେ ଜଣଙ୍କର ହସ୍ତଗତ ହେବା ଛଡ଼ା ସର୍ବସାଧାରଣଙ୍କର ସାହିତ୍ୟିକ ଚେତନା ଆଣିବାର ଉପଯୁକ୍ତ ହୋଇ ପାରୁ ନାହିଁ । ଏହି ଉଦ୍ଦେଶ୍ୟ ସାଧନ ପାଇଁ ସରଳ ସହଜ ଶସ୍ତା ଦରରେ ପ୍ରକାଶିତ ସାହିତ୍ୟପତ୍ରର ବିଶେଷ ଆବଶ୍ୟକ ଅଛି ।

ଏହିପରି ଆହୁରି ଅନେକ ଉପାୟ ଉଦ୍ଭାବନ କରି ଜାତୀୟ ସାହିତ୍ୟର ଉନ୍ନତି କରି ଯାଇ ପାରେ; କବିଙ୍କ କଥାରେ କହିଲେ **"Our remedies oft in ourselves lie, which we ascribe to Heaven"**—ଅର୍ଥାତ୍ ପ୍ରତୀକାର ଆମ୍ଭମାନଙ୍କ ନିଜ ହସ୍ତରେ । ଆମ୍ଭେମାନେ ଯଦି ନିଜ ହସ୍ତରେ ଅପଶାର ଜିହ୍ୱା ଛେଦନ କରୁଁ ତେବେ ଆମ୍ଭମାନଙ୍କର ପ୍ରତିବାଦୀ କିଏ ଅଛି ? ଏ ଦେଶରେ ସାହିତ୍ୟିକ ବୋଲି ଗୋଟିଏ ଦଳ ନାହିଁ । ବଡ଼ ଦୁଃଖ ଓ ଲଜ୍ଜାରେ କହିବାକୁ ପଡ଼ୁଅଛି, ଯେଉଁ ସାହିତ୍ୟିକ ଅନୁଷ୍ଠାନ ଦୁଇଟି ଗୋଟିଏ ଆଜିକାଲି ଦେଶରେ ଅଛି, ସେଥିରେ ଯେଉଁମାନେ ସଂଶ୍ଳିଷ୍ଟ ସେମାନଙ୍କ ଭିତରୁ ଶତକଡ଼ା ପାଞ୍ଚ ଜଣ ସାହିତ୍ୟିକ ନୁହନ୍ତି । ଯେ ଯେଉଁ ବ୍ୟବସାୟୀ ନୁହନ୍ତି ସେ ସେ ବ୍ୟବସାୟର ଦୁଃଖ ସୁଖ ଭଲ ମନ୍ଦର ବା କି ବିଚାର କରିବେ ? ଏମନ୍ତ କ୍ଷେତ୍ରରେ ଏ ଦେଶର ସାହିତ୍ୟିକ ପ୍ରତିଷ୍ଠାନଗୁଡ଼ିକ ଦଳଗତ ଭାବରେ ମଧ୍ୟ ଏ ଦେଶର ସାହିତ୍ୟ ଉନ୍ନତି ଦିଗରେ ବିଶେଷ କିଛି କରିବାର ଦେଖା ଯାଉନାହିଁ । ଅନ୍ୟ କିଛି କରିବା ଦୂରେ ଥାଉ, ପ୍ରାଚୀନ ଗ୍ରନ୍ଥ ଗୁଡ଼ିକର ପୁନରୁଦ୍ଧାର ଲାଗି ବହୁ କାଳରୁ କେତେ ପ୍ରସ୍ତାବ ହୋଇ-ଥିଲେ ସୁଦ୍ଧା କୌଣସି ଉଦ୍ୟମର ଅଭାବରୁ ପ୍ରାଚୀନ ଉତ୍କଳର ଅମୂଲ୍ୟ ରତ୍ନ ଅପ୍ରକାଶିତ ପୁସ୍ତକ ଗୁଡ଼ିକର ଅଦ୍ୟାବଧି ପୁନରୁଦ୍ଧାର ହେଲାନାହିଁ ।

ସାହିତ୍ୟ କିଛି ଦିନକର କଥା ନୁହେ—ଏହା ଜାତୀୟ ଜୀବନ ସଙ୍ଗରେ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ । ପ୍ରକୃତ ସଭ୍ୟତାର ଉନ୍ନତି ସଙ୍ଗେ ସଙ୍ଗେ ସଂଗ୍ରାମାଦି ପଶୁବଳବ୍ୟଞ୍ଜକ କାର୍ଯ୍ୟ ସମାଜରୁ ତିରୋହିତ ହୁଏ । ସାହିତ୍ୟ ଶାନ୍ତିର ଫଳ । ସଭ୍ୟତାର ଉନ୍ନତ ସ୍ତରରେ ସାହିତ୍ୟର ସ୍ୱରୂପ ବିକଶିତ ଓ ଅଭିବ୍ୟକ୍ତ ହୁଏ । ସେହି ହେତୁରୁ ଫରାସୀ ସାହିତ୍ୟ-ସେବକ ଭିକ୍ଟର ହ୍ୟୁଗୋ ଦର୍ପର ସହିତ କହି ଅଛନ୍ତି, "ଜଗତର ଭବିଷ୍ୟତରେ ତରବାରି ନାହିଁ—ଲେଖନୀ ବିଦ୍ୟମାନ ।" ଏପରି ଜଗଦ୍ଧିତକାରୀ ସାହିତ୍ୟ ପ୍ରତି ପ୍ରତି ଜାତିର କର୍ତ୍ତବ୍ୟ ଅଛି । ଆମ୍ଭମାନଙ୍କର ଜାତୀୟ ସାହିତ୍ୟ ପ୍ରତି ଆମ୍ଭେମାନେ ଆମ୍ଭମାନଙ୍କର କର୍ତ୍ତବ୍ୟ ପାଳନ କରିବା ନାହିଁ କି ?

ଉତ୍କଳର ସାହିତ୍ୟିକ,

ତୁମ୍ଭେ ଆଜି ଦରିଦ୍ର ଦେଶରେ ଜନ୍ମ ଗ୍ରହଣ କରି ଆମ୍ଭମାନଙ୍କର ଆଦର ଯତ୍ନ ଲାଭ କରୁ ନାହିଁ ଭାବି ଦୁଃଖିତ ହୁଅ ନାହିଁ । ଦାରିଦ୍ର୍ୟ ଭଗବାନଙ୍କର ଦାନ—ସମୃଦ୍ଧିର ସୁକୋମଳ ଶଯ୍ୟାରେ ସଂସାରର କେତେ କାର୍ଯ୍ୟ ହୋଇଅଛି ? ଅଗୁରୁ ପୋଡ଼ି ହୋଇ ଗନ୍ଧ ବିତରଣ କରେ, ଚନ୍ଦନ ଘୋରି ହୋଇ ଦେବପୂଜାରେ ଲାଗେ । ତୁମ୍ଭମାନଙ୍କୁ ଆଜି ଆମ୍ଭେମାନେ ଅବଜ୍ଞାଚକ୍ଷୁରେ ଦେଖୁଅଛୁଁ—ଦିନ ଆସିବ ଯେତେବେଳେ ଆମ୍ଭେମାନେ ତୁମ୍ଭର ଧନରେ ଧନୀ ହେବୁଁ; ତୁମ୍ଭର ସ୍ୱପ୍ନ ଓ ସ୍ମୃତିର ଆଲୋଚନା କରି ଜୀବନକୁ ଧନ୍ୟ ମନେ କରିବୁଁ । ପୃଥିବୀର ପ୍ରାଚୀନ କବି ହୋମରଙ୍କ ଜୀବନର କଥା ସ୍ମରଣ କର—ତାଙ୍କର ଦାରିଦ୍ର୍ୟ ସ୍ମୃତି ପଥରୁ ଆଣ—ହୋମର ଦାରିଦ୍ର୍ୟରେ ସଢ଼ି ସଢ଼ି ମଲେ—ତା ପରେ କଣ ହେଲା?

**" Three cities claimed Homer dead**
**Through which poor Homer begged his bread "**

ଅର୍ଥାତ୍ ମରନ୍ତେ କହିଲେ ହୋମର ଅମର । ବିଲାତର **Goldsmith** ପ୍ରଭୃତିଙ୍କ ସ୍ମୃତି କଥା ସ୍ମରଣ କର । ଦାରିଦ୍ର୍ୟର କି ତୀବ୍ର ଦଂଶନ ସେମାନଙ୍କୁ ଭୋଗ କରିବାକୁ ପଡ଼ିଥିଲା! ତାହାର ପ୍ରତିଦାନରେ ସେମାନେ ଦେଶକୁ ଦେଇଗଲେ ଅମର ସାହିତ୍ୟ ! ଏହି ନିକଟବର୍ତ୍ତୀ ପ୍ରଦେଶ ବଙ୍ଗ ଦେଶର ଦୁଇଟି ଗୋଟିଏ ଚିତ୍ର ଦେଉଅଛି । ବିଶ୍ୱକୋଷର ନିଷ୍ଠାବାନ ସମ୍ପାଦକ ନଗେନ୍ଦ୍ର ନାଥ କି ଦୁଃଖ କ୍ଳେଶ ଭିତରେ ତାଙ୍କର ସାହିତ୍ୟସାଧନା ଚଳାଇ ଅଛନ୍ତି, ତାହାର ଇତିହାସ ପଢ଼ିଲେ ଅଶ୍ରୁ ସମ୍ବରଣ କରି ପାରିବ ନାହିଁ । 'ବଙ୍ଗ ଭାଷା ଓ ସାହିତ୍ୟ'ର ଯଶସ୍ୱୀ ଲେଖକ ଦୀନେଶ ଚନ୍ଦ୍ରଙ୍କ ସାହିତ୍ୟ କ୍ଷେତ୍ରରେ ପ୍ରଥମ ସାଧନାର ଯୁଗ ସ୍ମରଣକର; ତାଙ୍କର ତ୍ରିପୁରାରେ ସ୍କୁଲ ଶିକ୍ଷକ ଥିବା ଅବସ୍ଥାରେ ବଙ୍ଗ ଭାଷା ଓ ସାହିତ୍ୟର ଇତିହାସ ସଂକଳନ କାର୍ଯ୍ୟରେ ତାଙ୍କୁ କି ବିବିଧ କ୍ଳେଶ ସ୍ୱୀକାର କରିବାକୁ ପଡ଼ିଥିଲା ! କେତେ



Digitized by srujanika@gmail.com

ରୋଗ ଶଯ୍ୟାରେ ଛଟପଟ ହୋଇ ସେ ତାହାକୁ ଅଗ୍ରସର କରିଥିଲେ—ଆଜି ତାହା ଜୟଯୁକ୍ତ ହୋଇଅଛି; ଆଜି ସେ ଯଶସ୍ୱୀ ଡ଼ାକ୍ତର, ସମୃଦ୍ଧ ଧୀନେଶ ଚନ୍ଦ୍ର । ତୁମ୍ଭର ନିଜ ଦେଶର ଆଧୁନିକ କାଳର ମନସ୍ୱୀ ଚନ୍ଦ୍ର ଶେଖରଙ୍କର ସାହିତ୍ୟ ସାଧନା କଥା ସ୍ମୃତି ପଥକୁ ଆଣ । ରୋଗ, ଋଣଚିନ୍ତା ଓ ଦାରୁଣ ଦାରିଦ୍ର୍ୟର କଷଣ ଭିତରେ ସେ କିପରି ତାଙ୍କର ଅମର ଚିନ୍ତାକୁ ଲିପିବଦ୍ଧ କରିଥିଲେ । କବି ଚିନ୍ତାମଣିଙ୍କର କ୍ଲେଶର କଥା ମନେକର; କି ଅଦମ୍ୟ ଉତ୍ସାହରେ କେତେ ପ୍ରତି-କୂଳ ଅବସ୍ଥା ସଙ୍ଗେ ସଂଗ୍ରାମ କରି ସେ ତାଙ୍କର ସାହିତ୍ୟସେବାରେ ଲାଗି ଅଛନ୍ତି । ମୂକ ବଧିର କଳାବିତ୍ ଯୁବକ ବିପିନ ବିହାରୀଙ୍କର କଳାସାଧନା ପ୍ରତି ଦୃଷ୍ଟି ଦିଅ; ସେ ପ୍ରକୃତରେ ପଙ୍ଗୁ ହୋଇ କିପରି ସିନ୍ଧୁ ଲଙ୍ଘି ପାରିଅଛନ୍ତି । ଏ ସମସ୍ତ ଚିତ୍ର ଦେଖି ଏ ହତଭାଗ୍ୟ ଦେଶରେ ତୁମ୍ଭଙ୍କୁ ତୁମ୍ଭର ଗନ୍ତବ୍ୟ ପଥରେ ଦମ୍ଭ ଓ ସାହସର ସହିତ ପଦେ ପଦେ ସଂଗ୍ରାମ କରି ଚାଲିବାକୁ ପଡ଼ିବ । ଆମ୍ଭମାନଙ୍କର ଏ ଉତ୍କଳ ଦେଶ ପ୍ରକୃତିର ଚିର ଲୀଳାସ୍ଥଳୀ, ଅନନ୍ତ ବିଭବର ଚିତ୍ର ଚିତ୍ରଶାଳା—ଗିରିଦରୀ, ପର୍ବତ କାନନ, ହ୍ରଦସାଗର, ଦୁର୍ଗ ପ୍ରାନ୍ତର, ମନ୍ଦିର ଅଟ୍ଟାଳି ପ୍ରଭୃତି ଶତ ଶତ ବିଚିତ୍ର ଭାବରେ ଏ ଦେଶରେ ସର୍ବତ୍ର ପଡ଼ି ରହିଅଛି । ଏ ଦେଶର ଅସଂଖ୍ୟ ଗଡ଼ ଓ ଗଡ଼ଖାଇ ତଳେ ଲକ୍ଷ ଲକ୍ଷ ବୀର ପୁରୁଷଙ୍କର ଅସ୍ଥି ଲୁଚି ରହିଅଛି; ଏ ଦେଶର କୃଷକ ଲଙ୍ଗଳରେ ଭୂମି ଚଷିବା ବେଳେ ତାର ବୀର ପୂର୍ବ ପୁରୁଷ ପାଇକ-ସେନାର ଅସ୍ଥି ପ୍ରତି ବର୍ଷ ସ୍ପର୍ଶ କରୁଅଛି । ସେହି ଗିରିଦରୀ ଭିତରୁ, ସେହି ଦେଉଳ ଦୁର୍ଗ ଦେହରୁ, ସେହି ଗଡ଼ ଓ ଗଡ଼ଖାଇ ଭୂମି ତଳରୁ ଏ ଦେଶର ପ୍ରାଚୀନ ଗୌରବମୟ ଇତିହାସ ବାହାର କରି ଆଣ । ଇତିହାସର ସେ ସବୁ ଉପକରଣ ପର୍ବତ ପରି ଅଛି । କେଉଁ ଅସାର ଗୌରବ ଶୂନ୍ୟ ଜାତି ଏ ଦେଶରେ ଥିବା ଅବିନଶ୍ୱର କୀର୍ତ୍ତିମାନ ଜଗତରେ ସ୍ଥାପନ କରି ପାରିଅଛି ? ଏ ସବୁ ଅପର କୀର୍ତ୍ତିମାନ ଦେଖି ମନେ ହୁଏ ନାହିଁ କି ଓଡ଼ିଶାର ଇତିହାସରେ କିଛି ସାର କଥା ଅଛି ? ଓଡ଼ିଶାର ଇତିହାସ ଗୌରବର ଇତିହାସ, କୀର୍ତ୍ତିର କାହାଣୀ—ସେ ଇତିହାସ ଶିଖିଲେ ଓଡ଼ିଆ ଆପଣାର ପୂର୍ବ ଗୌରବର କଥା ଜାଣି ପାରିବ । ମନେ କରୁଅଛ କି ଏଡ଼େ ବଡ଼ ଜାତିର ଏଡ଼େ ଦୀର୍ଘ କାଳର ଗୌରବ ଇତିହାସ ଏକ ଯୁଗରେ ଲେଖି ପାରିବ ନାହିଁ ? ମନେ କରୁଅଛ କି ତୁମ୍ଭର ସମୟ ଅଭାବ ? ଯେ ଯେତେ କାର୍ଯ୍ୟବ୍ୟସ୍ତ ତାହାର କାର୍ଯ୍ୟ କରିବାର ଅବସର ସେତେ ଆସେ । ଶକ୍ତି ଚର୍ଚ୍ଚାରେ ଶକ୍ତି ବଢ଼େ । ଅଭ୍ୟାସ ଦ୍ୱାରା ଅଭ୍ୟାସ ସହଜ ହୋଇ ଆସେ । କାର୍ଯ୍ୟ କରିବାର ଯାହାର ଅଭ୍ୟାସ ସେହି ଏକା କାର୍ଯ୍ୟ କରିପାରେ । ସମୟର ଅଭାବ, ସୁବିଧାର ଅଭାବ ଆଜି ଏ ଯୁଗରେ ମଧ୍ୟ ହାହି ଦିଅ ନାହିଁ । ମାତୃଭୂମି ଓ ମାତୃଭାଷାର ନାମ ସ୍ମରଣ କରି ପତଙ୍ଗ ପରି ଅନଳରେ ପଡ଼ିଯାଅ; ଦେଖିବ ତୁମ୍ଭର ଉଦାସୀନ ପୃଷ୍ଠପୋଷକମାନେ ହାତ ବଢ଼ାଇ ଦେବେ, ସ୍ୱୟଂ ଭଗବାନ ସମୟ ଦେବେ, ଶକ୍ତି ଦେବେ, ସୁବିଧା ଦେବେ । ଯଦି ବା ପୂର୍ଣ୍ଣାଙ୍ଗ ଇତିହାସ ଲେଖିବା ତୁମ୍ଭ ପକ୍ଷରେ ଏକ ଯୁଗରେ ସମ୍ଭବପର ନୁହେଁ, ତେବେ ଅଗମ୍ୟ କାନନରେ ମୂଲିଆପରି ବାଟ ସଫା କରି ଜଙ୍ଗଲ କାଟି ଚାଲି ଯାଅ । ସେନାପତି ତୁମ୍ଭ ପଛରେ ସୈନ୍ୟସାମନ୍ତ ନେଇ ଯିବେ । ସେହି ଭବିଷ୍ୟତ ଯୁଗର ସାହିତ୍ୟ-ସେନାପତିଙ୍କର ଅଗ୍ରଦୂତରୂପେ ମଧ୍ୟ ତୁମ୍ଭର ଆଜି ଯଥେଷ୍ଟ କାର୍ଯ୍ୟ କରିବାର ଅଛି । ଶିକ୍ଷା ପାଇଅଛ; ଆଖି ମେଲି ବିଶ୍ୱସଂସାରକୁ ଦେଖିବାକୁ ଭଗବାନ ସୁଯୋଗ ଦେଇଅଛନ୍ତି । ସେ ସୁଯୋଗ ପାଇ, ସେ ଶକ୍ତି ପାଇ ମାତୃଭୂମି ମାତୃଭାଷାର ସେବାରୂପ ପବିତ୍ର କାର୍ଯ୍ୟ ସାଧନରୂପ ପୁଣ୍ୟ ଅର୍ଜନରୁ ନିଜକୁ ବଞ୍ଚିତ କର ନାହିଁ । ତୁମ୍ଭର କାବ୍ୟ, କବିତା, କଥା ସାହିତ୍ୟ, ଦର୍ଶନ ବିଜ୍ଞାନର ଆଲୋଚନା ପାଇଁ ନିତ୍ୟ ଚିର ନୂତନ ବେଶଭୂଷାରେ ସୁସଜ୍ଜିତ ରମଣୀୟ ଦେଶ ଆଉ କେଉଁଠାରେ ଏପରି ଅଛି ? ଏତେ ଧର୍ମ କର୍ମର ବୀରତ୍ୱ ଓ ମହତ୍ତ୍ୱରେ ଆଉ କେଉଁ ଦେଶର ଗିରିଦରୀ, ସମୁଦ୍ରତୀର ମୁଖରିତ ? କେତେ **Scott, Wordsworth, Byron, Campbell** ଙ୍କର କବିତାର ଉପାଦାନ ଏହି ଉତ୍କଳ ପ୍ରକୃତି କୋଳରେ, ଏହି ଉତ୍କଳଖଣ୍ଡର ଗିରିଦରୀ ଦେହରେ, ପୁରାତନ ସମର ପ୍ରାନ୍ତରରେ, ଗଡ଼ଜାତର ସାନ୍ଦର୍ଯ୍ୟମୟ ଘାଟିରେ ଓ ଉତ୍କଳ ରାଜନ୍ୟବୃନ୍ଦର ସାମାଜିକ ପାରିବାରିକ ଇତିହାସରେ ନାନା କଥା କାହାଣୀରୂପେ ରହିଅଛି ! ସେ ସବୁକୁ ନିଜେ ଆଖି ମେଲି ଦେଖି ଆତ୍ମବିଶ୍ୱାସରେ ବଳୀ ହୋଇ ସାହିତ୍ୟ-ଚିତ୍ର ଆଙ୍କି ଯାଅ, ଦେଖିବ ସାରା ଜଗତ ସେ ଚିତ୍ରରେ ମୁଗ୍ଧ ହେବ । ଏ ଦେଶ ଜ୍ଞାନୀ ମୁନିଙ୍କୁ ଅତୀତ କାଳରେ ମୁଗ୍ଧ କରିଅଛି; ତୁମ୍ଭ-ମାନଙ୍କର ଯାଦୁକର କର ସ୍ପର୍ଶରେ ସେହି ସୁପ୍ତ ପ୍ରକୃତି ପୁଣି ଜାଗି ଉଠିବ । ହେ ସ୍ୱଦେଶର ସାହିତ୍ୟିକ, ତୁମ୍ଭର ସେ ଯାଦୁକାଠି ଲଗାଇ ଦିଅ; ପୁଣି ପୂର୍ଣ୍ଣ୍ୟ ଗୌରବ ଏ ଦେଶରେ ଭରି ଯିବ; ପୁଣି ଏ ଯୁଗରେ ତୁମ୍ଭର ଧନରେ ଧନୀ ହେବୁଁ, ତୁମ୍ଭର ସହଯୋଗ ଓ ସାହଚର୍ଯ୍ୟ ପାଇ ଧନ୍ୟ ହେବୁଁ ।

ପ୍ରିୟ ବନ୍ଧୁଗଣ,

ଆଜି ଆପଣମାନଙ୍କ ସମ୍ମୁଖରେ କିଛି ଗୋଟିଏ ହେଲେ ନୂତନ ତଥ୍ୟ ବା ନୂତନ ତତ୍ତ୍ୱ ଦେଇ ପାରିଲି ନାହିଁ ଭାବି ଦୁଃଖିତ ହେଉଅଛି । ନିଜର ବ୍ୟକ୍ତିଗତ ଅନୁଭୂତିରେ ଯାହା ଯାହା ଧରି ପାରିଅଛି କେବଳ ସେତିକି ମାତ୍ର ଥୋଇ ଦେବାକୁ ଚେଷ୍ଟା କରିଅଛି । ସେଥିରେ ବୃତ୍ତାନ୍ତ ସମାଲୋଚନାର ଦାବୀ ମୋର ଆଦୌ ନାହିଁ । ମୋର ଏ ଆଲୋଚନାରେ ଆଧୁନିକ ଉତ୍କଳ ସାହିତ୍ୟର ଅବସ୍ଥାର ଟିକିଏ ଆଭାସ ଦେଇ ପାରିଥିଲେ ଯଥେଷ୍ଟ ହେଲା ବୋଲି ମୁଁ ମନେ କରିବି । ବିଷୟର ତ ସମ୍ୟକ୍ ଆଲୋଚନା କରି ପାରିଲି ନାହିଁ । ସେଥିରେ ପୁଣି ଯାହା ଦେଲି ସେଥିରେ ଉକ୍ତିତାର ମାତ୍ରା ବେଶୀ । କିନ୍ତୁ ଦୁରାରୋଗ୍ୟ ବ୍ୟାଧିକୁ ନିରାମୟ କରିବାକୁ ହେଲେ ପ୍ରାୟଶଃ ତିକ୍ତ ଔଷଧର ପ୍ରୟୋଗ ହୋଇଥାଏ । ସେହି ଭାବରେ, ଆଶାକରେଁ, ଆପଣମାନେ ମୋର ତିକ୍ତତାକୁ ଉପେକ୍ଷା କରିବେ ।



Digitized by srujanika@gmail.com

# ସମ୍ବର୍ଦ୍ଧନା *

### ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ

ମାନନୀୟ ଭଦ୍ର ମଣ୍ଡଳୀ,

ଉତ୍କଳଭାରତୀଙ୍କର କୋଠ ଭଣ୍ଡାର ଉତ୍କଳ ଭୂମିରେ କେତେ ମହାନୁଭବ ବ୍ୟକ୍ତି ଜନ୍ମଲାଭ କରି ଜ୍ଞାନ ଚର୍ଚ୍ଚାର ନିଦର୍ଶନ ସ୍ୱରୂପ ଗ୍ରନ୍ଥରାଜି ପ୍ରଣୟନ କରିଅଛନ୍ତି ଓ କରୁଅଛନ୍ତି, ତାହାର ଇୟତ୍ତା ନାହିଁ । ବିଂଶ ଶତାବ୍ଦୀର ପୂର୍ବେ ସମବେତ ଚେଷ୍ଟାଦ୍ୱାରା ସେହି ସୂରୀ ବର୍ଗଙ୍କର ମହାତ୍ମ୍ୟ ବୁଝିବାର ଉଦ୍ୟମ ଆମ୍ଭମାନଙ୍କ ମଧ୍ୟରେ ନ ଥିଲା । ଯୁଗୋଚିତ ବ୍ୟବସ୍ଥା ଅନୁସାରେ ଏହି ଉତ୍କଳ ଭୂମିରେ ସମବେତ ଉଦ୍ୟମର ଯେ କେତୋଟି ଅନୁଷ୍ଠାନ ସୃଷ୍ଟି ହୋଇଛି, ଆମ୍ଭମାନଙ୍କର ଏହି 'ବାରିପଦା ସାହିତ୍ୟ ସମାଜ' ତନ୍ମଧ୍ୟରୁ ଗୋଟିଏ । ଏହାର ଦ୍ୱିତୀୟ ବାର୍ଷିକ ଅଧିବେଶନ ଆଜି ହେଉଅଛି ମାତ୍ର । ଏତିକରୁ ବେଶ ବୁଝା ଯାଉଅଛି, ଏ ଅନୁଷ୍ଠାନଟି ଅତି ଶିଶୁ, ନିଜ ଉଦ୍ୟମରେ କେବଳ କେତୋଟି ଆଧସ୍ଫୁଟ ବଚନ କହିବାର ଶକ୍ତି ସଞ୍ଚୟ କରିଅଛି । ଏଣୁ ଏହା ସହିତ ଆଳାପ କରି କେହି ମୁଗ୍ଧ ହେବେ ନାହିଁ । ଏହାର ସ୍ୱାଭାବିକତା ଦେଖି ମଧ୍ୟ କାହାରି ହୃଦୟରେ ଆନନ୍ଦ ଉପୁଜିବ ନାହିଁ, କାରଣ ଏ ଶିଶୁଟି ଜନ୍ମାବଧି ବଡ଼ ରୁଗ୍ଣ ଥିବାରୁ ସୌନ୍ଦର୍ଯ୍ୟ ପଣରେ କାହାରିକୁ ଆକୃଷ୍ଟ କରି ପାରିବ ନାହିଁ । କିନ୍ତୁ ଶିଶୁ ପ୍ରତି ସହୃଦୟଙ୍କର ସ୍ନେହ ଜାତିଗତ ହୋଇଥିବାରୁ ଆପଣମାନେ ବହୁ ଅସୁବିଧା ଭୋଗ କରି ଏଠାକୁ ଆସିଅଛନ୍ତି । ଏଥିପାଇଁ ଏ ଶିଶୁ ସମାଜର ସଭ୍ୟମାନେ ବିଶେଷ ଆନନ୍ଦ ପ୍ରକାଶ କରୁଅଛନ୍ତି, ଏହି ଆନନ୍ଦରେ ମଧ୍ୟ କୃତଜ୍ଞତା ଜଡ଼ିତ ଅଛି ।

ଆମ୍ଭମାନଙ୍କର ସାହିତ୍ୟ ସମାଜର ଏହି କ୍ଷୀଣ ଉଦ୍ୟମର ମୂଳରେ ଏହାର ପୃଷ୍ଠପୋଷକ ଭଞ୍ଜବଂଶୀ ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବଙ୍କର ସହାନୁଭୂତି ଅଛି ବୋଲି ଏହାର ଭବିଷ୍ୟତ ଆଶାନ୍ୱିତ । ତାହା ନ ହେଲେ ଏ ବାରିପଦା ପରି କ୍ଷୁଦ୍ର ସ୍ଥାନରେ ସାହିତ୍ୟ ସମାଜର କଳ୍ପନା ସମ୍ଭବ ହୋଇ ନ ଥାନ୍ତା । କେବଳ ଆଜି ନୁହେଁ, ବହୁ ଶତାବ୍ଦୀ ପୂର୍ବରୁ ଭଞ୍ଜଭୂମିରେ ସାହିତ୍ୟର ତରଙ୍ଗିଣୀ ପ୍ରବାହିତ ହେଉ ନ ଥିଲେ ହେଁ ଝର ଝର ନାଦିନୀ ନିର୍ଝରିଣୀର ଅଭାବ ନାହିଁ । ଏହି ନିର୍ଝରିଣୀଗୁଡ଼ିକ ଏକତ୍ରିତ ହୋଇ ବଡ଼ ନଦୀର ଆକାର ଧାରଣ କରି ବହୁ ସ୍ଥାନ ପ୍ଲାବିତ କରି ଦେଉଅଛି । 'ଉତ୍କଳପ୍ରଭା' ଏହାର ଗୋଟିଏ ନିଦର୍ଶନ । କବିବର ରାଧାନାଥ ଅମିତ୍ରାକ୍ଷର ଛନ୍ଦରେ ମହାଯାତ୍ରା ଲେଖିବା ପୂର୍ବରୁ ବାରିପଦାର ଲାଲ ମାଷ୍ଟର ( ସ୍ୱର୍ଗୀୟ କହ୍ନାଇ ଲାଲ ବସୁ ) ମହାଶୟଙ୍କର 'ବୈଦେହୀ ବିଳାପ' କାବ୍ୟ ଉତ୍କଳ ପ୍ରଭାର ୧ମ ଭାଗର (ଜ୍ୟୈଷ୍ଠ ସନ ୧୨୯୮) ୨ୟ ସଂଖ୍ୟାରେ ମୁଦ୍ରିତ ହୋଇଥିଲା । 'ମହାଯାତ୍ରା' ୨ୟ ଭାଗର (ଆଶ୍ୱିନ ସନ ୧୩୦୦) ୬ଷ୍ଠ ସଂଖ୍ୟାରେ ପ୍ରଥମେ ମୁଦ୍ରିତ ହୁଏ । ଓଡ଼ିଆ ଭାଷାରେ ସର୍ବ ପ୍ରଥମେ ବାରିପଦାରେ ଅମିତ୍ରାକ୍ଷର ଛନ୍ଦରେ କାବ୍ୟ ଲିଖିତ ଓ ମୁଦ୍ରିତ ହେବା ଗୌରବର କଥା ନୁହେଁ କି ? ଊନବିଂଶ ଶତାବ୍ଦୀର ଓଡ଼ିଆ ସାହିତ୍ୟର ସ୍ୱତନ୍ତ୍ରତା କେବଳ 'ଉତ୍କଳପ୍ରଭା' ଯୋଗୁଁ ସମ୍ଭବ ହୋଇଅଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ମାସିକ ପତ୍ରିକା ପରି ସାପ୍ତାହିକ ପତ୍ରିକା 'ମନୋରମା'ର ମଧ୍ୟ ଯଥେଷ୍ଟ ବିଶେଷତ୍ୱ ଥିଲା । ଲାଲ ମାଷ୍ଟରଙ୍କର ଲେଖା "ମାମୁଁଅ କାହାଣୀ"କୁ ଅନେକ ପାଠକ ବୋଧହୁଏ ଭୁଲି ଯାଇ ନାହାନ୍ତି । କିନ୍ତୁ ପରିତାପର ବିଷୟ ଯେ ଉତ୍କଳର କୌଣସି ସ୍ଥାନରେ 'ଉତ୍କଳପ୍ରଭା' ବା 'ମନୋରମା'ର ସଂଖ୍ୟା ଗୁଡ଼ିକ ଅନ୍ୟାନ୍ୟ ଅନେକ ପତ୍ରିକା ପରି କେହି ଯତ୍ନ କରି ସମ୍ପାଦ ରଖି ନାହାନ୍ତି ।

ଏହି ବର୍ଷକ ମଧ୍ୟରେ କଟକରେ ଗୋଟିଏ ବିଶେଷ ଉଲ୍ଲେଖ-ଯୋଗ୍ୟ ସାହିତ୍ୟ ଅନୁଷ୍ଠାନ ସୃଷ୍ଟି ହୋଇଅଛି । ଆପଣମାନେ ସମସ୍ତେ ଜାଣନ୍ତି ଯେ 'ନବଯୁଗ ସାହିତ୍ୟ ସଂସଦ' ମହା ସମାରୋହରେ କାର୍ଯ୍ୟ ଆରମ୍ଭ କରିଅଛି । ବାସ୍ତବିକ ଏହି ସଂସଦର ଲକ୍ଷ୍ୟ ନବ ଯୁଗୋପଯୋଗୀ ହୋଇଅଛି, ସାହିତ୍ୟ କ୍ଷେତ୍ରର ପରିସର ବଢ଼ାଇବା ପାଇଁ ଏହି ସମାଜ ଯେଉଁ ଉଦ୍ୟମ କରୁଅଛନ୍ତି ତାହା ଅତୀବ ପ୍ରଶଂସନୀୟ । ଆମ୍ଭମାନଙ୍କର ଏହି ସମାଜର ସଭ୍ୟବୃନ୍ଦ ସଂସଦର କାର୍ଯ୍ୟାବଳୀକୁ ବିଶେଷ ଅନୁଧାବନ ସହକାରେ ଅନାଇ ଅଛନ୍ତି ଓ ତାହାର ଲକ୍ଷ୍ୟ ପ୍ରତି ଆନ୍ତରିକ ସହାନୁଭୂତି ଦେଖାଇ ଅଛନ୍ତି ।

ଏହା ଛଡ଼ା ସମ୍ବଲପୁରର "ଗଙ୍ଗାଧର ସାହିତ୍ୟ ପରିଷଦ" ଓ କଟକର 'ଉତ୍କଳ ସାହିତ୍ୟ ସମାଜ' ଗୁଡ଼ିକ ପୁରାତନ ହେଲେ ମଧ୍ୟ ନବୀନ ଉଦ୍ୟମ ଦେଖାଇ ନାନା କାର୍ଯ୍ୟ କରୁଅଛନ୍ତି । କଟକର 'ସଙ୍ଗୀତ ସମ୍ମିଳନୀ'ର କାର୍ଯ୍ୟାବଳୀ ମଧ୍ୟ ଆଜି ଗୋଟିଏ ଉଲ୍ଲେଖ-ଯୋଗ୍ୟ ବିଷୟ । ଆମ୍ଭମାନଙ୍କର ଏହି ଉତ୍କଳ ଭୂମିର ବହୁ ମନୀଷୀ ସାହିତ୍ୟ କ୍ଷେତ୍ରରେ ଭାରତ ବ୍ୟାପୀ ଯଶଃ ଅର୍ଜନ କରି ଯାଇଅଛନ୍ତି । ସେମାନଙ୍କର ସାହିତ୍ୟ ଚର୍ଚ୍ଚାର ଭାଷା ସଂସ୍କୃତ ଥିଲା । ତେଣୁ ସେମାନଙ୍କର ପ୍ରତିଭା ସର୍ବତ୍ର ସମାଦୃତ ହେବାରେ ବାଧା ନ ଥିଲା । ବିଶ୍ୱନାଥ କବିରାଜଙ୍କର "ସାହିତ୍ୟ ଦର୍ପଣ" ଅତି ଅଳ୍ପ ସମୟ ମଧ୍ୟରେ କୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ପ୍ରଚଳିତ ହୋଇଥିଲା ! ବିଶ୍ୱନାଥ କବିରାଜଙ୍କର ସମୟ ସଠିକ ନିରୂପିତ ହୋଇ ନାହିଁ ।

* ବାରିପଦା ସାହିତ୍ୟ ସମାଜର ଦ୍ୱିତୀୟ ବାର୍ଷିକ ଅଧିବେଶନରେ ଅଭିଭାଷଣ

ଏତିକି ମାତ୍ର ଜଣାଯାଇଅଛି ଯେ ସେ ଗଙ୍ଗ ବଂଶୀୟ ୨ୟ ନରସିଂହ ଦେବଙ୍କର ସଭା ପଣ୍ଡିତ ଥିଲେ । କାଶ୍ମୀରରୁ ପ୍ରାପ୍ତ ହସ୍ତ ଲିଖିତ ପୋଥି ମଧ୍ୟ ଏହି ସମୟ ସୂଚିତ କରୁଅଛି । ବିଦ୍ୟାଧରଙ୍କର 'ଏକାବଳୀ' ମଧ୍ୟ ଭାରତର ଅନ୍ୟ ଗୋଟିଏ ସର୍ବଜନସମାଦୃତ ଗ୍ରନ୍ଥ । ଏହି ଗ୍ରନ୍ଥଟି ମଧ୍ୟ ୨ୟ ନରସିଂହଙ୍କର ରାଜତ୍ୱ କାଳରେ ଲିଖିତ ହୋଇଥିଲା । ବିଶ୍ୱନାଥ କବିରାଜ ବା ବିଦ୍ୟାଧରଙ୍କ ସମ୍ବନ୍ଧରେ ଆମ୍ଭେମାନେ କିଛି ଜାଣୁ ନାହିଁ କହିଲେ ଚଳେ ।

୧୯୧୩ ମସିହା ସପ୍ତମ ଭାଗ 'ମୁକୁର'ରେ ମୁଦ୍ରିତ ସ୍ୱର୍ଗୀୟ ଚନ୍ଦ୍ରମୋହନ ମହାରଣାଙ୍କ ଲିଖିତ 'ସାହିତ୍ୟଦର୍ପଣକାର' ପ୍ରବନ୍ଧରେ କବିରାଜଙ୍କର ଓ ଶ୍ରୀଯୁକ୍ତ ( ବର୍ତ୍ତମାନ ରାୟ ସାହେବ ) ଅର୍ତ୍ତବଲ୍ଲଭ ମହାନ୍ତିଙ୍କ ଲିଖିତ 'ଏକାବଳୀ' ପ୍ରବନ୍ଧରେ ବିଦ୍ୟାଧରଙ୍କର ପ୍ରତିଭା ବିଷୟରେ ଅନେକ କଥା ଜଣାଯାଏ । ମାତ୍ର ଏହି ପ୍ରବନ୍ଧ ଲେଖକମାନେ ୧୯୦୩ ମସିହାରେ ଏସିଆଟିକ ସୋସାଇଟିର ପତ୍ରିକାରେ ପ୍ରକାଶିତ ସ୍ୱର୍ଗୀୟ ମନୋମୋହନ ଚକ୍ରବର୍ତ୍ତୀଙ୍କର ପ୍ରବନ୍ଧ ପାଠ କରି ନ ଥିବାରୁ ବିଶ୍ୱନାଥ କବିରାଜ ବା ବିଦ୍ୟାଧରଙ୍କର ସମୟ ସମ୍ବନ୍ଧରେ କେହି ଦୃଢ଼ ମତ ଦେଇ ପାରି ନ ଥିଲେ । ଚକ୍ରବର୍ତ୍ତୀ ମହାଶୟ ଏମାନଙ୍କୁ ଓଡ଼ିଆ ବୋଲି ପ୍ରମାଣିତ କରି ଉଭୟଙ୍କର ଜୀବିତ କାଳ ନିରୂପଣ କରିଅଛନ୍ତି । 'ଏକାବଳୀ'ର ୩୬୪ ଉଦାହରଣ ଶ୍ଳୋକ ମଧ୍ୟରୁ ୩୧୬ ଟିରେ ନରସିଂହ ଦେବଙ୍କର ଯଶକୀର୍ତ୍ତି ବର୍ଣ୍ଣିତ ହୋଇଅଛି । ପୁରୁଷୋତ୍ତମ ଦେବଙ୍କର 'ତ୍ରିକାଣ୍ଡଶେଷ' ମଧ୍ୟ ଅନ୍ୟ ଗୋଟିଏ ଉପାଦେୟ ଗ୍ରନ୍ଥ । ଏହି ଜନ୍ମଭୂମି ମୟୂରଭଞ୍ଜ ରାଜ୍ୟର କୌଣସି ରାଜା 'ମୁଗ୍ଧବୋଧ' ନାମକ ବର୍ଣ୍ଣମାଳାକ୍ରମ ଅଭିଧାନଟିଏ ରଚନା କରିଥିଲେ । ଆଧୁନିକ ଅଭିଧାନଗୁଡ଼ିକ ବର୍ଣ୍ଣମାଳା କ୍ରମରେ ଲିଖିତ ହେବାର ରୀତି ଇଂରାଜୀ ଭାଷାର ଅନୁକରଣ ମାତ୍ର । ଅଥଚ ଦେଖା ଯାଇଅଛି ଯେ ବହୁ ଶତାବ୍ଦୀ ପୂର୍ବେ ସଂସ୍କୃତରେ ଏବଂବିଧ ଅଭିଧାନ ଏଠାରେ ରଚିତ ହୋଇଥିଲା । ବମ୍ବେଇରୁ ପ୍ରକାଶିତ "ଅଭିଧାନ ସଂଗ୍ରହ" ପୁସ୍ତକରେ "ମୁଗ୍ଧବୋଧ ଅଭିଧାନ" ମୁଦ୍ରିତ ହୋଇଅଛି । ପୂର୍ବୋକ୍ତ 'ମୁକୁର'ରେ ପ୍ରକାଶିତ ସ୍ୱର୍ଗୀୟ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ "ତ୍ରିକାଣ୍ଡଶେଷ ଓ ପୁରୁଷୋତ୍ତମ ଦେବ" ପ୍ରବନ୍ଧରେ ଉଦ୍ଧୃତ 'ମୁଗ୍ଧବୋଧ'ର ଶେଷାଂଶ ନିମ୍ନରେ ଦିଆଗଲା । "ଇତି ଶ୍ରୀମତ୍ତପନକୁଳାବତଂସ ଶ୍ରୀଜାନକୀ-ମୁଖପଦ୍ମମଧୁବ୍ରତ ଶ୍ରୀମତ୍ ରଘୁନାଥ ଚରଣାରବିନ୍ଦ-ମଧୁବ୍ରତ ମାନସ ଶ୍ରୀ ମୟୂରଭଞ୍ଜ ବିରଚିତେ ମୁଗ୍ଧବୋଧାଭିଧାନେ କକାରଦେୌ କ୍ଷକାର ପର୍ଯ୍ୟନ୍ତଂ ସଂକ୍ଷେପତଃ ବ୍ୟୁତ୍ପତ୍ୟର୍ଥଂ ନାମ ଷଡ୍‌ବିଂଶଃ ।"

ଓଡ଼ିଆ ଅକ୍ଷରରେ ମୁଦ୍ରିତ ମୁଗ୍ଧବୋଧ ଅଭିଧାନର ଦୁଇ ଖଣ୍ଡ ବହି ଦେଖାଯାଏ । ତନ୍ମଧ୍ୟରୁ ଗୋଟିଏ ୧୯୦୩ ମସିହାରେ ଓ ଅନ୍ୟଟି ୧୯୧୫ ମସିହାରେ ଛପା ହୋଇଥିଲା । ୧୯୧୫ ସନର ପୁସ୍ତକରେ "ଶ୍ରୀ ମୟୂରଭଞ୍ଜ ବିରଚିତେ କକାରାଦି କ୍ଷକାର ପର୍ଯ୍ୟନ୍ତଂ" ଭଣିତା ଥିଲେ ମଧ୍ୟ ଶବ୍ଦ ଗୁଡ଼ିକ ଅକାରଠାରୁ ମୁଦ୍ରିତ ହୋଇଅଛି; ମାତ୍ର ୧୯୦୩ ସନର ବହିରେ "ଶ୍ରୀ ମୟୂରଭଞ୍ଜାଧିପ ବିରଚିତେ ଅକାରାଦି କ୍ଷକାର ପର୍ଯ୍ୟନ୍ତଂ" ଭଣିତା ଅଛି । ଏ ମୟୂରଭଞ୍ଜାଧିପ କିଏ ତାହାର ସଠିକ ବିବରଣ ଏ ପର୍ଯ୍ୟନ୍ତ ସ୍ୱୀକୃତ ହୋଇ ନାହିଁ । 'ମୟୂରଭଞ୍ଜ' ଶବ୍ଦର ପ୍ରାଚୀନତା ସମ୍ବନ୍ଧରେ ଏହି ପୁସ୍ତକଟି ଖଣ୍ଡିଏ ଅକାଟ୍ୟ ପ୍ରମାଣ ବୋଲି ଗୃହୀତ ହୋଇଅଛି । ଏହି ଗ୍ରନ୍ଥ ଗୁଡ଼ିକ ବ୍ୟତୀତ ଅନ୍ୟାନ୍ୟ ଓଡ଼ିଆ ଗ୍ରନ୍ଥକାରମାନଙ୍କ ଦ୍ୱାରା ପ୍ରଣୀତ ବହୁ 'ନାଟକ' 'ଚମ୍ପୂ' ପ୍ରଭୃତି ସଂସ୍କୃତ ଗ୍ରନ୍ଥ ଅଛି । ମାତ୍ର ସେଗୁଡ଼ିକର ବିବରଣ ସମ୍ବନ୍ଧରେ ଆମ୍ଭେମାନେ ବଡ଼ ଉଦାସୀନ । କେବଳ ସାହିତ୍ୟ ଗ୍ରନ୍ଥ ଛଡ଼ା ଅନ୍ୟାନ୍ୟ ଶାଖାର ସର୍ବଜନ ସମାଦୃତ ସଂସ୍କୃତ ଗ୍ରନ୍ଥ ଯେ କେତେ ଅଛି ତାହାର ଇୟତ୍ତା ନାହିଁ । ସେଗୁଡ଼ିକର କଥା କହିଲେ ବକ୍ତବ୍ୟ ବଢ଼ି ଯିବାର ଭୟ ହେଉଛି ।

ଆମ୍ଭେମାନେ ଏହି ପ୍ରାଚୀନ ଗୌରବାନ୍ୱିତ ଓଡ଼ିଆମାନଙ୍କର ବଂଶଧର । ଭାରତବର୍ଷରେ ବର୍ତ୍ତମାନ ଓଡ଼ିଆଭାଷୀ ଲୋକଙ୍କ ସଂଖ୍ୟା ଏକ କୋଟିରୁ ଅଧିକ । ଆମ୍ଭମାନଙ୍କର ସାହିତ୍ୟ କେବଳ ଏହି-ମାନଙ୍କ ପାଇଁ ଅଭିପ୍ରେତ ହେବ ତାହା ନୁହେ । ଓଡ଼ିଆ ସାହିତ୍ୟର ପରିସରକୁ ବଡ଼ କରି ଆମ୍ଭମାନଙ୍କର ସ୍ଥାନ ଭାରତର ଅଗ୍ରଗାମୀ ଅନ୍ୟାନ୍ୟ ସାହିତ୍ୟ ସହିତ ସମାନ ରଖିବା ପାଇଁ ଚେଷ୍ଟା କରିବା ଆମ୍ଭମାନଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ । ଏହି ଲକ୍ଷ୍ୟରେ ଉପନୀତ ହେବା ପାଇଁ ଯୁଗୋଚିତ ଭାବରାଜିର ବିକାଶ ଅର୍ଥେ ବ୍ୟକ୍ତିଗତ ତଥା ସଂଘବଦ୍ଧ ଉଦ୍ୟମ ଫଳଦାୟୀ ହୋଇ ପାରିବ ।

ଆଧୁନିକ ମାର୍ଜିତ ରୁଚିର ଲେଖକମାନେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, କବିତା, ନାଟକ ଓ ସଂଗୀତରେ ନିତ୍ୟ ନବ ନବ ଭାବର ଉତ୍ସ ସୃଷ୍ଟି କରୁଥିଲେ ହେଁ ଦେଶରେ ସାହିତ୍ୟ ନାମଧେୟ ମୁଦ୍ରିତ ପୁସ୍ତକାଦିରୁ ଦେଖା ଯାଉଅଛି ଯେ, ଜନସାଧାରଣ ଏହି ଉଚ୍ଚାଙ୍ଗ ସାହିତ୍ୟର ଧାର ଧାରୁ ନାହାନ୍ତି । ଫଳରେ ସମସାମୟିକ ସାହିତ୍ୟର ବାର୍ଷିକ ଗତି ବଡ଼ ମନ୍ଥର ହେଉଅଛି ।

ଯେଉଁଠାରେ ସାଧାରଣ ସାହିତ୍ୟର ଦୁର୍ଦ୍ଦଶା ଏରୂପ, ସେଠାରେ ସାହିତ୍ୟର ଅନ୍ୟାନ୍ୟ ଶାଖାର ଅବସ୍ଥା ସହଜରେ ଅନୁମେୟ । ଇତିହାସ ସାହିତ୍ୟର ଗୋଟିଏ ପ୍ରଧାନ ଶାଖା । ଐତିହାସିକ ଘଟଣା-ବଳିର ଆଶ୍ରୟରେ ବହୁ ନାଟକ, କାବ୍ୟ ଓ ଉପନ୍ୟାସ ସାହିତ୍ୟ କ୍ଷେତ୍ରରେ ସ୍ଥାନ ପାଏ । କିନ୍ତୁ ଆମ୍ଭମାନଙ୍କ ଦେଶରେ ଇତିହାସ ସଂଗ୍ରହ ପାଇଁ କୌଣସି ବ୍ୟକ୍ତିଗତ ବା ସଂଘବଦ୍ଧ ଉଦ୍ୟମ ନାହିଁ । ଓଡ଼ିଶାର କିମ୍ବଦନ୍ତୀମୂଳକ ଇତିହାସ ପ୍ରଥମେ ଇଂରାଜୀ ଭାଷାରେ ଲିଖିତ ହୁଏ । ତଦନୁସାରେ ଓଡ଼ିଆ ଭାଷାରେ ମଧ୍ୟ ଇତିହାସ ପୁସ୍ତକ ରଚିତ ହୋଇଥିଲା । କିନ୍ତୁ ଏହି ସବୁ ପୁସ୍ତକର ମୂଳ "ମାଦଳାପାଞ୍ଜି" ପ୍ରତି କେହି ଦୃଷ୍ଟି ପକାଇ ନ ଥିଲେ । "ମାଦଳାପାଞ୍ଜି" ସ୍ପଷ୍ଟ ପ୍ରମାଣିତ କରୁଅଛି ଯେ ଓଡ଼ିଆ ଜାତିର ଧାରାବାହିକ ଇତିହାସ ଲିଖିତ ହେଉଥିଲା । ତେବେ ଲେଖକର ରୁଚି ଅନୁସାରେ ଲିଖିତ ହୋଇ ଥିବାରୁ ସେଥିରେ ଅନେକ ବିଷୟ ସ୍ଥାନ ପାଇ ନ ଥିଲା ।

ପ୍ରାଚୀନ ଓଡ଼ିଆ ଲେଖକମାନଙ୍କ ପରି ଆଜକାଲର ସମସାମୟିକ ବିବରଣ ପ୍ରକାଶକମାନେ ମଧ୍ୟ ନିଜ ନିଜର ରୁଚି ଅନୁସାରେ ଗୁରୁ ଲଘୁ ଭେଦରେ ଘଟଣାବଳି ଲେଖୁ ଅଛନ୍ତି ।

ପ୍ରାଚୀନ ଲିପି ଓ ବୈଦେଶିକ ପର୍ଯ୍ୟଟକଙ୍କ ବିବରଣ ପ୍ରଭୃତି ଆଲୋଚନା କରି ଅନେକ ଭାରତୀୟ ଓ ୟୁରୋପୀୟ ପଣ୍ଡିତ ଓଡ଼ିଶାର କିମ୍ବଦନ୍ତୀମୂଳକ ଇତିହାସରେ ବହୁ ଭ୍ରମ ପ୍ରମାଦ ଥିବାର ଦେଖାଇ ଅଛନ୍ତି । ପରନ୍ତୁ ତାପର ବିଷୟ ଏହି ଯେ ଆଧୁନିକ ଓଡ଼ିଶାର ଐତିହାସିକମାନଙ୍କ ମଧ୍ୟରୁ ଅନେକେ ପୂର୍ବୋକ୍ତ ପଣ୍ଡିତମାନଙ୍କର ମତାମତ ସ୍ପଷ୍ଟରୂପେ ଆଲୋଚନା ନ କରି ସତ୍ୟାଶ୍ରିତ ଇତିହାସକୁ କିମ୍ବଦନ୍ତୀମୂଳକ ଗ୍ରନ୍ଥରେ ପକାଇ ପିଟି ଦେଉଅଛନ୍ତି । ଏହା ହେବାଦ୍ୱାରା ଓଡ଼ିଶାର ପ୍ରାଚୀନ କିମ୍ବଦନ୍ତୀକମାକାର ଧାରଣା କରୁଅଛି ଓ ପାଠକମାନଙ୍କ ମନରେ ଯେଉଁ ଅମୂଳକତାର ଛାପ ବସୁଅଛି ତାହା ସହଜରେ ଦୂରୀଭୂତ ହେବ ନାହିଁ । ଅଥଚ ଓଡ଼ିଶା ଇତିହାସରେ ସମ୍ରାଟ୍ ଖାରବେଳଙ୍କର ରାଜଧାନୀ 'କଳିଙ୍ଗ ନଗର' ଓ ହୁଏଁନ୍‌ସାଙ୍ଗ ବର୍ଣ୍ଣିତ ଚେଲିତାଲୋ ବନ୍ଦର ଓ ପୁଷ୍ପଗିରି ବିହାର ଓ ବିଶ୍ୱବିଦ୍ୟାଳୟର ସ୍ଥାନ ଆଜି ପର୍ଯ୍ୟନ୍ତ ନିଃସନ୍ଦେହଭାବରେ ସ୍ଥିରୀକୃତ ହୋଇନାହିଁ । ଅଳ୍ପ ଦିନ ହେଲା ପୁରୀ ଜିଲ୍ଲାର ଜେଲିଙ୍ଗ ନିକଟରେ 'କଳିଙ୍ଗନଗର'ର ଧ୍ୱଂସାବଶେଷ ଥିବାର ସମ୍ବାଦ ପ୍ରଚାରିତ ହୋଇଅଛି । କଟକ ଜିଲ୍ଲାର ଉଦୟଗିରି, ଲଳିତଗିରି, ଓ ରତ୍ନଗିରିଗୁଡ଼ିକ ପ୍ରାଚୀନ ପୁଷ୍ପଗିରିର ଧ୍ୱଂସାବଶେଷ ବୋଲି ସ୍ଥିରୀକୃତ ହୋଇଥିଲେ ମଧ୍ୟ ତାହାର ବିଶେଷ ବିବରଣ ଲାଗି କୌଣସି ବ୍ୟବସ୍ଥା ହୋଇ ନାହିଁ । ଚେଲିତାଲୋ ବନ୍ଦର 'ଚନ୍ଦ୍ରଭାଗା' ଠାରେ ଥିବାର ଅନୁମିତ ହୋଇଥିଲେ ମଧ୍ୟ ସମସାମୟିକ ନିଦର୍ଶନର ଏକାନ୍ତ ଅଭାବ ଅଛି ।

'ଦର୍ଶନ' ଓ 'ବିଜ୍ଞାନ' ଶାଖାରେ ଆଦୌ ଉପାଦେୟ ପୁସ୍ତକ ନାହିଁ କହିଲେ ଚଳେ । ତେବେ ଆଶାର କଥା ଯେ କେତେ ଜଣ ଲେଖକ ସେ ଆଡ଼କୁ ଦୃଷ୍ଟି ପକାଇ କାର୍ଯ୍ୟରେ ଅଗ୍ରସର ହେଉ ଅଛନ୍ତି । ଧର୍ମନୀତି ଦର୍ଶନର ଅଙ୍ଗବିଶେଷ । ଆମ୍ଭମାନଙ୍କ ଦେଶରେ ମହାପ୍ରଭୁ ଜଗନ୍ନାଥ ଦେବ ବିରାଜମାନ କରିଅଛନ୍ତି । ଧର୍ମନୀତିରେ ଜଗନ୍ନାଥ ଧର୍ମର ଉଦାରତା ଓ ମହାନୁଭବତାର ଯଥେଷ୍ଟ ବିଶେଷତ୍ୱ ଥିଲେ ମଧ୍ୟ ଆମ୍ଭେମାନେ ତାହାର ଆଲୋଚନା କରିବାକୁ ବୀତଶ୍ରଦ୍ଧ । ସଂସ୍କୃତ ସାହିତ୍ୟଦ୍ୱାରା ଓଡ଼ିଆ ପଣ୍ଡିତମାନେ ଜଗନ୍ନାଥ ଧର୍ମର ବହୁ ଆଲୋଚନା କରିଥିବାରୁ ହିନ୍ଦୁମାନେ ଜଗନ୍ନାଥ ଦେବଙ୍କ ମନ୍ଦିର ପ୍ରତି ଆକୃଷ୍ଟ ହେଉଅଛନ୍ତି । ମାତ୍ର ଯୁଗ ପରିବର୍ତ୍ତନ ସଙ୍ଗେ ସଙ୍ଗେ ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କରି ନ ପାରିଲେ ଭବିଷ୍ୟତ୍ କଣ ହେବ ତାହା ସହଜରେ ଅନୁମେୟ ।

'ଶିଳ୍ପକଳା' ଶାଖାରେ ଅତି କ୍ଷୀଣ ଆଲୋଚନା ହେଉଅଛି । ବୈଦେଶିକ ଶିଳ୍ପକଳାର ଆଲୋଚନା ଛାଡ଼ି ଧରି ଦେଶର ଶିଳ୍ପକଳାର ବିଶେଷତ୍ୱ ଫୁଟାଇବା ପାଇଁ ଚେଷ୍ଟା କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ । ଓଡ଼ିଶାର ପ୍ରାଚୀନ 'ଚିତ୍ରକଳା' କିପରି ଥିଲା, ତାହାର ନିଦର୍ଶନ ଏକାନ୍ତ ଅଭାବ । ତାଳପତ୍ରର ଚିତ୍ର ଯେ କେତୋଟି ଆବିଷ୍କୃତ ହୋଇଅଛି, ତହିଁରେ ଶିଳ୍ପୀର କୃତିତ୍ୱ ବେଶ୍ ଫୁଟି ଥିବାର ଦେଖାଯାଏ । ସେଥିପ୍ରତି ସାଧାରଣଙ୍କର ଆଦର ନ ଥିବାରୁ ସେସବୁ ନଷ୍ଟ ମୁଖରେ ପଡ଼ିଅଛି । 'ଭାସ୍କର୍ଯ୍ୟ' ଓ 'ସ୍ଥାପତ୍ୟ' ଏ ପର୍ଯ୍ୟନ୍ତ ଓଡ଼ିଶାରୁ ଲୋପ ପାଇନାହିଁ । ଯେଉଁମାନେ ଏହାକୁ କୁଳପଦ୍ଧତି ରୂପେ ଶିକ୍ଷା କରିଅଛନ୍ତି ତାଙ୍କର ସମାଦର ହେଉ ନାହିଁ ସତ୍ୟ, ମାତ୍ର ସେମାନେ ତାକୁ ଛାଡ଼ୁ ନାହାନ୍ତି । ଆଜିକାଲି 'ବନ୍ୟଜନ୍ତୁର ସଂରକ୍ଷଣ' (Preservation of wild animals) ହେବା ପାଇଁ ଯେପରି ଆନ୍ଦୋଳନ ହେଉଅଛି, ଏ ଶିଳ୍ପୀକୁଳର ସଂରକ୍ଷଣ ପାଇଁ ଭାବିବା ଆମ୍ଭମାନଙ୍କର ଉଚିତ ନୁହେଁ କି ?

ପ୍ରାଚୀନ "ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ" ଓଡ଼ିଶାରେ ଏତେ ଅଧିକ ଥିବା ଯୋଗୁଁ ସେଥିପ୍ରତି ଆମ୍ଭମାନଙ୍କର ତାଚ୍ଛଲ୍ୟ ପ୍ରକାଶ ସ୍ୱାଭାବିକ ହୋଇଅଛି । ତେଣୁ ତତ୍ ସମ୍ବନ୍ଧେ ଆମ୍ଭେମାନେ କାହିଁମାନ ଗବେଷଣା କରିବାକୁ ମନ ବଳାଉ ନାହୁଁ । ବରଂ ବାହାରର ଲୋକମାନେ ସେ ଗୁଡ଼ିକର ବିଶେଷତ୍ୱ ଦେଖାଇ ଅନେକ ଆଲୋଚନା କରୁଅଛନ୍ତି । ତା ଛଡ଼ା ଦେଶର ପ୍ରାଚୀନ ସ୍ଥାପତ୍ୟ ଓ ଭାସ୍କର୍ଯ୍ୟକୁ ବିକଳାଙ୍ଗ ଓ ନଷ୍ଟ କରିବାପାଇଁ ଧର୍ମାଧିକାରୀମାନେ ସଦାସର୍ବଦା ତତ୍ପର ଅଛନ୍ତି । ଏ ମାସ ତା ୧୮ ରିଖର 'ଷ୍ଟେଟ୍‌ସ୍‌ମାନ' ପତ୍ରିକାରେ ମୁଦ୍ରିତ ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗର ଡିରେକ୍ଟର ସାହେବଙ୍କ ଦାକ୍ଷିଣାତ୍ୟର ମୂର୍ତ୍ତିମନ୍ଦିରମାନଙ୍କର ସଂରକ୍ଷଣ ସମ୍ବନ୍ଧେ ଇସ୍ତାହାର ଅନେକଙ୍କ ଦୃଷ୍ଟିରେ ପଡ଼ିଥିବ । ସେପରି ଚୂନକାମରେ ଓଡ଼ିଶାର ବହୁ ପ୍ରାଚୀନ କୀର୍ତ୍ତି ନଷ୍ଟ ହୋଇଅଛି । ପୁରୀର ଜଗନ୍ନାଥ ମନ୍ଦିରରେ ହାତେ ବହଳ ଚୂନକାମ ହୋଇଥିବାରୁ ମନ୍ଦିରର ସୌନ୍ଦର୍ଯ୍ୟ ଏକାବେଳେକେ ଲୋପ ହୋଇଅଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ବହୁ କୀର୍ତ୍ତି ଚୂନ ପଲସ୍ତରା ଭିତରେ ଅଛି । ତେଉଦ୍ୱାରାର ବହୁ ମୂର୍ତ୍ତି ଭଙ୍ଗା ହୋଇ ସଡ଼କର 'ଗ୍ରାବଲ' (gravel) ହୋଇଅଛି ଓ ବହୁ ସହସ୍ର କ୍ଷୁଦ୍ରାକାର ସ୍ୱର୍ଣ୍ଣମୁଦ୍ରା ପିଟା ହୋଇ କଟକରେ ଅଳଙ୍କାର ରୂପେ ବିକ୍ରୀତ ହୋଇଅଛି ଓ ହେଉଅଛି । ରତ୍ନଗିରିର ବଡ଼ ବଡ଼ ବୁଦ୍ଧ ମୂର୍ତ୍ତିର ମୁଣ୍ଡଗୁଡ଼ା ନଈ ଘାଟର ଗୋଡ଼ଘସା ପଥର ରୂପେ ବ୍ୟବହୃତ ହେଉଅଛି ।

ବ୍ରିଟିଶ ଶାସନର ଆରମ୍ଭରେ ଓଡ଼ିଆମାନେ ଛିନ୍ନ ବିଚ୍ଛିନ୍ନ ହୋଇ ଯିବାରୁ ଓଡ଼ିଆ ଜାତିର ଯଥୋଚିତ ଉନ୍ନତି ବ୍ରିଟିଶ ରାଜତ୍ୱର ପ୍ରଥମ ଶତାବ୍ଦୀରେ କିଛି ହୋଇ ପାରିଲା ନାହିଁ । ଓଡ଼ିଆମାନେ 'ଶୋଚନୀୟ ପୁଅ' ପରି ରହିଗଲେ । ଯାହାହେଉ ବିଳମ୍ବରେ ହେଲେ ମଧ୍ୟ ବର୍ତ୍ତମାନ ଓଡ଼ିଆ ଜାତି ନିଜ ଘରେ ଜଣେ ବୋଲି ଅଧିକାର ପାଇ-ଅଛି । ଓଡ଼ିଆ ଜାତିର ବର୍ତ୍ତମାନ ବିଷାଦମୟ ଦେଖା ଯାଇଥିଲେ ମଧ୍ୟ ଅତୀତର ସୁଦୃଢ଼ ମୂଳଭିତ୍ତି ଉପରେ ଥରେ ଠିଆ ହୋଇ ପାରିଲେ

ତାହାର ସୁଖମୟ ଭବିଷ୍ୟତ ଅବଶ୍ୟମ୍ଭାବୀ । ସେହି ଭବିଷ୍ୟତକୁ ନିକଟତର କରିବାର ଏକମାତ୍ର ଉପାୟ ସାହିତ୍ୟ ସାଧନା । ଏଥିରେ ବ୍ୟକ୍ତିଗତ ତଥା ସମବେତ ଉଭୟ ବିଧ ଚେଷ୍ଟାର ପ୍ରୟୋଜନ । ଆମ୍ଭମାନଙ୍କର ଏହି କ୍ଷୁଦ୍ର ଅନୁଷ୍ଠାନଟିର ମଧ୍ୟ ସେହି ଲକ୍ଷ୍ୟ । ତେଣୁ ଆମ୍ଭେମାନେ ଆଜି ଏଠାରେ ମିଳିତ ହୋଇଅଛୁଁ । ଆମ୍ଭମାନଙ୍କର ସମାଜ ପକ୍ଷରୁ ମୁଁ ଆପଣମାନଙ୍କୁ ସାଦର ସମ୍ବର୍ଦ୍ଧନା କରୁଅଛି । ଆପଣମାନଙ୍କର ଯେ ଏଥିରେ ଯୋଗ ଦେବା ପାଇଁ ନାନା ଅସୁବିଧା ହୋଇ ନ ଥିବ ଏମନ୍ତ ନୁହେଁ; ମାତ୍ର ନିଜ ନିଜର ମହାନୁଭବ ଗୁଣରେ ଆମ୍ଭମାନଙ୍କର ତ୍ରୁଟି ମାର୍ଜନା କରି ବାଧିତ କରିବା ହେବେ ।

ସମଗ୍ର ଉତ୍କଳରେ ଶ୍ରୀଯୁକ୍ତ ପଦ୍ମଚରଣ ପଟ୍ଟନାୟକ ମହାଶୟ ନିଜର ସାହିତ୍ୟିକ କୃତିତ୍ୱ ଯୋଗୁଁ ସୁପରିଚିତ । ତାଙ୍କ ଲେଖାରେ ଏପରି ଏକ ନୂତନ ଭାବର ବିକାଶ ହୋଇଅଛି ଯେ ସେଥିରେ ତାଙ୍କର ସ୍ୱାତନ୍ତ୍ର୍ୟ ବେଶ ଫୁଟି ଉଠିଛି । ଏ ଭଳି କୃତୀ, କଷ୍ଟାପର ସାହିତ୍ୟାମୋଦୀ ଓ କବିଙ୍କୁ ଆମ୍ଭମାନଙ୍କର ଦ୍ୱିତୀୟ ବାର୍ଷିକ ଅଧିବେଶନ ପାଇଁ ସଭାପତିରୂପେ ପାଇବା ଆମ୍ଭମାନଙ୍କର ପରମ ଭାଗ୍ୟ । ତାଙ୍କର ଉଚିତ ଅଭ୍ୟର୍ଥନା କରିବାର ଶକ୍ତି ଆମ୍ଭମାନଙ୍କଠାରେ ନାହିଁ । ଆମ୍ଭମାନଙ୍କର ସାଦର ଆହ୍ୱାନ ରକ୍ଷା କରି ସେ ବିଶେଷ ଭାବରେ ଆମ୍ଭମାନଙ୍କୁ ଋଣୀ କରିଅଛନ୍ତି । ସେଥି ସକାଶ ସମାଜ ପକ୍ଷରୁ ତାଙ୍କଠାରେ କୃତଜ୍ଞତା ଜଣାଉଅଛି ।

# ଜନ୍ମାନ୍ତରେ

**ଶ୍ରୀ ଉପେନ୍ଦ୍ର ପ୍ରସାଦ ମହାନ୍ତି**

ଜନ୍ମାନ୍ତରେ ହେବି ମୁହିଁ ବସନ୍ତ-କୋକିଳ ।
ବସନ୍ତ କାନନଗୃହୀ ମଳୟ ଅନିଳ
ମୃଦୁଳ ହିଲ୍ଲୋଳେ ବହି, ଥର ଥର ସ୍ୱନେ
କରୁଥିବ ବିକମ୍ପିତ ଗୃହୁ ଚୂତ ବନେ
ନବୀନ ମଞ୍ଜରୀଭରି ମଞ୍ଜୁ କିସଳୟ,
ହଲୁଥିବ ଧୀରେ ଧୀରେ ତରୁ ଶାଖାଚୟ
ସେଥି ଦିବାଲୋକ ପିଇ ପର୍ଣ୍ଣପୃଷ୍ଠେ ମୁହି ;
ଗାଉଥିବ ଗୀତ ମୁହିଁ—"କୁହୁ-କୁହୁ-କୁହୁ"
ଦୋଳିତ ପାଦପ ଡାଳେ ଦୋଳନରସିକ,
ବସନ୍ତର ସହଚର ଗାନମତ୍ତ ପିକ ।

ଲଳିତ ଲାବଣ୍ୟମୟୀ-ଲଳନା-ଲଲାମ
ବସିଥିବ ମୁଗ୍ଧାଲୋକେ, କ୍ଲିଷ୍ଟ କେଶଦାମ
ଖେଳାଇ ତରୁଣୀ ପୃଷ୍ଠେ ସଦ୍ୟ ସ୍ନାନ ପରେ,
ଗଣୁଥିବ ମନେ ମନେ ଆକୁଳ ଅନ୍ତରେ
କେତେ ଦିନ ଗଲା, ପୁଣି କେତେ ଦିନେ ଆଉ
ହେବ ପ୍ରିୟା-ଦରଶନ, ମୃଦୁ ଚୈତ୍ର ବାୟୁ
ଆଣୁଥିବ ଅଙ୍ଗେ ଅଙ୍ଗେ ନବ ଶିହରଣ ;
ମଧୁର ମୋ କୁହୁ ଗାନ କର୍ଣ୍ଣରସାୟନ
ଭେଦି ଘନ ପତ୍ର ବ୍ୟୂହ ପ୍ରବେଶିବ ଆସି
ବିରହିଣୀ କର୍ଣ୍ଣମୂଳେ, ଉଠିବ ଉଦ୍ଭାସି
ମୁହୂର୍ତ୍ତେ ଦୁରନ୍ତ ମୂର୍ତ୍ତି ବିରହ ବିଷମ,
ଚମକି ପଡ଼ିବ ବାଳା, ନଳିନ-ନୟନ
ଚୌଦିଗେ ଖେଳାଇ ମୋତେ ଖୋଜିବ ବିଫଳେ
ଲୁଚିଥିବ ମୁହିଁ ଘନ ପଲ୍ଲବ ଗହଳେ ।
ଶୁଣିବି କାକୁତି ତାର,—କହିବ ଯୁବତୀ:—
"ରହିରେ ରହିରେ ପିକ! କରୁଛି ମିନତି,
ଗାଇବେ ନା ମଧୁସ୍ରାବୀ କୁହୁ ଗାନ ତୋର
ଆସନ୍ତୁ ପ୍ରବାସୀ ଯୁବା ଦୟିତ ମୋହୋର ।"

ଜନ୍ମାନ୍ତରେ ହେବି ମୁହିଁ ବସନ୍ତ-କୋକିଳ ।
ଖେଳୁଥିବେ ଶିଶୁଦଳ ନିତ୍ୟ ନୃତ୍ୟଶୀଳ
ବସନ୍ତ ବିଟପୀ କୁଞ୍ଜେ, ଧରି କ୍ଷୁଦ୍ର କରେ
ପୁଷ୍ପିତ ପଳାଶ ଶାଖା, ଧାଉଁଥିବେ ଖରେ
ଅନୁସରି ଚିତ୍ରପକ୍ଷ ପ୍ରଜାପତି ପୁଞ୍ଜ ।
ଅଦୂରେ ମୁଖରି କରି ଗୃହୁ ଚୂତକୁଞ୍ଜ
ଶୁଭିବ ମୋ କୁହୁଧ୍ୱନି, ହର୍ଷେ ଶିଶୁକୁଳ
ମାତି ମୁଦେ କରତାଳି କରିବେ ଆକୁଳ
ମୋ କୁଞ୍ଜ ସଦନ, ତଥା ମୋ କୁହୁ-ସାଧନା
ଶିଖିବାକୁ ପୋଷି ମନେ ଅଦମ୍ୟ ବାସନା
ହେବେ ଭଗ୍ନ ମନୋରଥ, ମୋ ପ୍ରାଣ-ସାଗରେ
ଅନନ୍ତ କୌତୁକ ଊର୍ମି ଖେଳିବ ପ୍ରଖରେ ।
ବିଶ୍ୱପ୍ରାଣେ ଭରିବି ମୁଁ ନବ ଉନ୍ମାଦନା,
ବସନ୍ତ-କୋକିଳ ହେବି,—ଏ ମୋର-ବାସନା ।



Digitized by srujanika@gmail.com

# ଓଡ଼ିଶାର କିଂବଦନ୍ତୀରେ ଐତିହାସିକ ତଥ୍ୟ

**ଶ୍ରୀ ବିନାୟକ ମିଶ୍ର**

ଲୋକମୁଖରେ ପ୍ରାଚୀନ କାଳରୁ ପ୍ରଚଳିତ କୌଣସି ଘଟନାର ବିବରଣୀକୁ କିଂବଦନ୍ତୀ କହନ୍ତି । ଉକ୍ତ ଘଟନା ସତ୍ୟ ବୋଲି ପ୍ରମାଣିତ ହେଲେ ତାହା ଇତିହାସ ପଦବାଚ୍ୟ ହୁଏ ; ନୋହିଲେ କିଂବଦନ୍ତୀ ଆଖ୍ୟାରେ ଅଭିହିତ ହେଉଥାଏ । ଲୋକମୁଖରେ ପ୍ରଚଳିତ ବିବରଣୀର ପରିବର୍ତ୍ତନ ଘଟିବା ଆଶଙ୍କା ସ୍ୱତଃସିଦ୍ଧ, କାରଣ ମନୁଷ୍ୟର ବିସ୍ମୃତି ଯେ କୌଣସି ଶ୍ରୁତ ବିବରଣୀକୁ ହ୍ରାସ କରିବାକୁ ଅବିରତ ଚେଷ୍ଟା କରୁଅଛି । ଶ୍ରୁତ ବିବରଣୀକୁ ବର୍ଣ୍ଣନା କଲାବେଳେ ତାହାର କୌଣସି ଅଂଶ ମନେ ନ ପଡ଼ିଲେ ଅନେକ ଲୋକ କଳ୍ପନା-ତୁଳୀରେ ବିସ୍ମୃତ ଅଂଶ ପୂରଣ କରନ୍ତି । ପୁଣି କେତେକ ଲୋକ ଅଛନ୍ତି ନିଜର ରୁଚି ଅନୁଯାୟୀ ଶ୍ରୁତ ବିବରଣୀକୁ ପରିବର୍ତ୍ତନ କରିବାକୁ ଆଗ୍ରହାନ୍ୱିତ ହୁଅନ୍ତି । ଏଣୁ କିଂବଦନ୍ତୀରେ ନିହିତ ଐତିହାସିକ ତଥ୍ୟ କ୍ରମଶଃ କଳ୍ପନାର ଆବରଣରେ ଲୁଚିଯାଏ ।

ବର୍ତ୍ତମାନ ପ୍ରଶ୍ନ ଉଠିପାରେ, କିଂବଦନ୍ତୀରେ ବାସ୍ତବିକ କୌଣସି ଐତିହାସିକ ବୀଜ ଥାଏ, କି ତାହା ବିଶୁଦ୍ଧ କଳ୍ପନାରୁ ପ୍ରସୂତ ହୁଏ ? ବାସ୍ତବ ଘଟନାକୁ ଛାଡ଼ି କଳ୍ପନା ଛିଡ଼ି ପାରେ ନାହିଁ । କେତେଗୁଡ଼ିଏ ବାସ୍ତବ ଘଟନାର ଆଶ୍ରୟ ବିନା କଳ୍ପନାଶକ୍ତି ନୂତନ ସୌଧ ନିର୍ମାଣ କରି ନ ପାରେ । ତେଣୁ କିଂବଦନ୍ତୀରେ କଳ୍ପନାର ବିକାଶ ଯେତେ ଥିଲେ ମଧ୍ୟ ତହିଁରେ ଐତିହାସିକ ସତ୍ୟ ନାହିଁ ବୋଲି କହାଯାଇ ପାରିବ ନାହିଁ । କିନ୍ତୁ ଏହି ଐତିହାସିକ ସତ୍ୟକୁ ବାଛିବା ନିମନ୍ତେ ବିଶେଷ ପରିମାଣରେ ସତର୍କତା ଅବଲମ୍ବନ କରିବା ଉଚିତ ।

କୌଣସି ଘଟନା ଘଟିଗଲେ ତାହାକୁ ସଙ୍ଗେ ସଙ୍ଗେ ଲିପିବଦ୍ଧ କରିବାର ପ୍ରଥା ଭାରତରେ ପୂର୍ବେ ପ୍ରଚଳିତ ନ ଥିଲା । ବେଦରେ ଯେଉଁସବୁ ଘଟନାର ବିବରଣୀ ନିହିତ ଅଛି ସେ ସବୁ ବେଦ ରଚନାର ହଜାର ହଜାର ବର୍ଷ ପୂର୍ବରୁ ଘଟିଥିବ ବୋଲି ଅନୁମାନ କରି ଯାଉଅଛି । ଅନେକ ବୈଦିକ ବିବରଣୀ ପୁରାଣମାନଙ୍କରେ ରୂପାନ୍ତରିତ ହୋଇ ଲିପିବଦ୍ଧ ଅଛି । ନରଚନ୍ଦ୍ର ଯଜ୍ଞ ଅନୁଷ୍ଠାନ କରାଇବା ଓ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ଗିରି ଟେକିବା ପୌରାଣିକ ଯୁଗର ଘଟନା ନୁହେ । ବେଦରେ ଏହି ସବୁ ଘଟନାର ବିବରଣୀ ଅଛି ଓ ବେଦ ରଚନା ପୂର୍ବରୁ ଏହିସବୁ ଘଟନା ଘଟିଥିଲା ବୋଲି ଅନୁମାନ କରି ଯାଉଅଛି । ଏହିସବୁ ଘଟନାର ବିବରଣୀ ପ୍ରଥମେ କିଂବଦନ୍ତୀରେ ପ୍ରଚଳିତ ଥିଲା । ପରବର୍ତ୍ତୀ ଯୁଗରେ ବେଦରେ ଓ ପୁରାଣରେ ଏହି କିଂବଦନ୍ତୀ ଲିପିବଦ୍ଧ ହେଲା । ଏହି କିଂବଦନ୍ତୀରୁ ଐତିହାସିକ ତଥ୍ୟ ଉଦ୍ଧାର କରିବା ନିମନ୍ତେ ବର୍ତ୍ତମାନ ଯୁଗରେ ପଣ୍ଡିତମାନଙ୍କର ଚେଷ୍ଟା ଲାଗିଅଛି । କିନ୍ତୁ ଓଡ଼ିଶାରେ ଯେଉଁସବୁ କିଂବଦନ୍ତୀ ପ୍ରଚଳିତ ଅଛି ତହିଁରୁ ଐତିହାସିକ ତଥ୍ୟ ଉଦ୍ଧାର କରିବା ନିମନ୍ତେ କାହାର ପ୍ରୟାସ ଥିବାର ଦେଖା ଯାଉ ନାହିଁ । ଓଡ଼ିଶାର କିଂବଦନ୍ତୀଗୁଡ଼ିକୁ କେହି କେହି ପୂରା ଐତିହାସିକ ବୋଲି ମାନି ନେଉଅଛନ୍ତି ; କେହି ଅବା ପୂରା କାଳ୍ପନିକ ବୋଲି ଉପେକ୍ଷା କରୁଅଛନ୍ତି । କିନ୍ତୁ ବୈଜ୍ଞାନିକ ପ୍ରଣାଳୀରେ ଗବେଷଣା କରି ତହିଁରୁ ଐତିହାସିକ ତଥ୍ୟ ଉଦ୍ଧାର କରିବା ନିମନ୍ତେ କେହି ପ୍ରୟାସ କରୁ ନାହାନ୍ତି । ଏଣୁ ଓଡ଼ିଶାର ଇତିହାସ ପୂର୍ଣ୍ଣାଙ୍ଗ ହେବାର ଆଶା ନିକଟବର୍ତ୍ତୀ ବୋଲି ମନେ ହେଉ ନାହିଁ । ବର୍ତ୍ତମାନ ଓଡ଼ିଶାରେ ପ୍ରଚଳିତ କେତୋଟି କିଂବଦନ୍ତୀ ଆଲୋଚନା କଲେ ଜଣାଯିବ ଯେ ଏହି କିଂବଦନ୍ତୀଗୁଡ଼ିକ ସମ୍ପୂର୍ଣ୍ଣ କାଳ୍ପନିକ ନୁହେ । ଏଥିରେ ଐତିହାସିକ ତଥ୍ୟ ନିହିତ ଅଛି ।

ପ୍ରବାଦ ଅଛି ଯେ ଓଡ଼ିଶାର ଜଣେ ରାଜା ନିଜ କନ୍ୟାର ରୂପରେ ମୁଗ୍ଧ ହୋଇ ତାହାକୁ ପତ୍ନୀରୂପେ ଗ୍ରହଣ କରିବା ନିମନ୍ତେ ବ୍ରାହ୍ମଣମାନଙ୍କ ମତ ଲୋଡ଼ିଥିଲେ । ଯେ ଯେଉଁ ଗଛ ଲଗାଏ ସେ ସେହି ଗଛର ଫଳ ଖାଇ ପାରେ କି ନା, ଏହି କଥା ବ୍ରାହ୍ମଣମାନଙ୍କୁ ସେ ପଚାରି ଥିଲେ । ବ୍ରାହ୍ମଣମାନେ ପ୍ରଶ୍ନର ଉଦ୍ଦେଶ୍ୟ ବୁଝି ନ ପାରି ସରଳ ଉତ୍ତରରେ 'ହଁ' କହିବାରୁ ନିଜ କନ୍ୟାକୁ ପତ୍ନୀରୂପେ ଗ୍ରହଣ କଲେ । ୰ କବିବର ରାଧାନାଥ ଏହି ପ୍ରବାଦକୁ 'ପାର୍ବତୀ' କାବ୍ୟରେ ସନ୍ନିବେଶ କରି ଗଙ୍ଗେଶ୍ୱର ଦେବଙ୍କଠାରେ କଳଙ୍କ ଆରୋପ କରି ଅଛନ୍ତି । କିନ୍ତୁ ତାମ୍ରଶାସନ ଓ ଶିଳାଲିପି ପ୍ରଭୃତି ଆଲୋଚନା କଲେ ଜଣାଯାଏ ଯେ, ସେ ଜଣେ ଆଦର୍ଶ ରାଜା ଥିଲେ । ତାଙ୍କ ଚରିତ୍ରରେ କଳଙ୍କର ଚିହ୍ନ ଆଦୌ ନ ଥିଲା । ତେବେ ଓଡ଼ିଶାର କେଉଁ ରାଜା ଏପରି କଳଙ୍କିତ ଚରିତ୍ର ଥିଲେ ତାହା ଗବେଷଣା କରି ସ୍ଥିର କରିବା ଉଚିତ । ଜୈନମାନଙ୍କ 'ହରିବଂଶ' ପୁରାଣରେ ବର୍ଣ୍ଣିତ ଅଛି ଯେ ଦକ୍ଷ ନାମକ ଜଣେ ରାଜାର ଏଳା ନାମରେ ଜଣେ ରାଣୀ ଥିଲେ । ତାଙ୍କ ଗର୍ଭରୁ ଐଳେୟ ନାମକ ଗୋଟିଏ ପୁତ୍ର ଓ ମନୋହାରୀ ନାମକ ଗୋଟିଏ କନ୍ୟା ଜନ୍ମଗ୍ରହଣ କରିଥିଲେ । ଦକ୍ଷ ଏହି ମନୋହାରୀର ରୂପରେ ମୁଗ୍ଧ ହୋଇ ତାହା ସହିତ ଯୌନ ସମ୍ପର୍କ ସ୍ଥାପନ କରିଥିଲେ । ଏହି ଘଟନାରେ ଏଳା ଦକ୍ଷ ଉପରେ ବିରକ୍ତ ହୋଇ ନିଜ ପୁତ୍ର ଐଳେୟକୁ ସଙ୍ଗରେ ନେଇ ଅନ୍ୟ ଦେଶକୁ ଚାଲିଗଲା । ସେଠାରେ ଐଳେୟ ନୂତନ ରାଜ୍ୟ ସ୍ଥାପନ କଲା ଓ ତାହାର ବଂଶ ଐଳ ନାମରେ ସେଠାରେ ପରିଚିତ ହେଲେ । ଏହି ଗଳ୍ପ କିଂବଦନ୍ତୀରୁ ଜୈନ ହରିବଂଶରେ ଗୃହୀତ ହୋଇଅଛି । ଜୈନ ପୁରାଣର ଐଳ ବଂଶର



Digitized by srujanika@gmail.com

ଏହି ବିବରଣ ହିନ୍ଦୁ ପୁରାଣରେ ନାହିଁ । କିନ୍ତୁ ଐଳ ବଂଶ ଇଳାର ପୁତ୍ର ବୋଲି ଜୈନ ପୁରାଣ ପରି ହିନ୍ଦୁ ପୁରାଣରେ ବର୍ଣ୍ଣିତ ଅଛି । ଐଳ ବଂଶ ଇଳାର ପୁତ୍ର ବୋଲି ଯାହା ବର୍ଣ୍ଣିତ ଅଛି ତାହାର ତାତ୍ପର୍ଯ୍ୟ ଏହି ଯେ, ଉକ୍ତ ବଂଶ ହିମାଳୟସ୍ଥିତ ଇଳାବୃତ ବର୍ଷରୁ ଆସି ଭାରତରେ ରାଜତ୍ୱ ସ୍ଥାପନ କରିଥିଲେ । ପିତା ଓ କନ୍ୟା ମଧ୍ୟରେ ଅସ୍ୱାଭାବିକ ପ୍ରଣୟ ଉପୁଜିବା କଥାର ତାତ୍ପର୍ଯ୍ୟ ଏପର୍ଯ୍ୟନ୍ତ ଧରା ପଡ଼ି ନାହିଁ । କିନ୍ତୁ ଏହି ଐଳ ବଂଶ ଓଡ଼ିଶାରେ ରାଜତ୍ୱ କରୁଥିବା ଓ ତାଙ୍କ ରାଜତ୍ୱରେ ଓଡ଼ିଶାରେ ଜୈନ ଧର୍ମର ପ୍ରଭାବ ବଢ଼ିଥିବା ହାତୀଗୁମ୍ଫାର ଶିଳାଲିପିରୁ ପ୍ରମାଣିତ ହୁଏ । ଏଣୁ ଓଡ଼ିଶାରେ ପ୍ରଚଳିତ ପୂର୍ବୋକ୍ତ ପ୍ରବାଦଟି ଐଳ ବଂଶ ସମ୍ବନ୍ଧରେ ସମ୍ପୂର୍ଣ୍ଣରୂପେ ଖଟିପାରେ । ଓଡ଼ିଶାରେ ଐଳ ରାଜତ୍ୱର ନିଦର୍ଶନ ଉକ୍ତ ପ୍ରବାଦରୁ ଜଣା ଯାଉଅଛି । ଖାରବେଳଙ୍କ 'ଐର' ଉପାଧି ତାଙ୍କ ବଂଶର ନାମ 'ଐଳ' ସୂଚନା କରୁଅଛି ବୋଲି ଯାହା ପଣ୍ଡିତମାନେ ସନ୍ଦିଗ୍ଧ-ଚିତ୍ତରେ କହୁଥିଲେ ତାହା ବର୍ତ୍ତମାନ ପ୍ରବାଦ ବଳରେ ସନ୍ଦେହ-ଶୂନ୍ୟ ହୋଇ ପଡ଼ୁଅଛି ।

ଓଡ଼ିଶାରେ ଆଉ ଗୋଟିଏ ପ୍ରବାଦ ପ୍ରଚଳିତ ଅଛି ଯେ ପୁରୁଷୋତ୍ତମଦେବ କାଞ୍ଚୀ ରାଜାଙ୍କ ସହିତ ଯୁଦ୍ଧ କଲା ବେଳେ ସ୍ୱୟଂ ଜଗନ୍ନାଥ ଓ ବଳଭଦ୍ର ମହାପ୍ରଭୁ କଳା ଘୋଡ଼ା ଓ ଧଳା ଘୋଡ଼ାରେ ଚଢ଼ି ଯୁଦ୍ଧ ଭୂମିକି ଯାଇଥିଲେ । ବାଟରେ ଗଉଡୁଣୀଠାରୁ ଦହି ଖାଇ ନିଜ ହାତରୁ ସୁନା ମୁଦି କାଢ଼ି ବନ୍ଧା ଦେଇଥିଲେ ।

ଦେବତା ଘୋଡ଼ାରେ ଚଢ଼ି ଯୁଦ୍ଧ କରିବାକୁ ଯାଉଥିଲେ, ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି କାହାରିକୁ ବୁଝାଇ ଦେବାର ପ୍ରୟୋଜନ ନାହିଁ । ପ୍ରବାଦଟା ପୁରୁଷୋତ୍ତମଦେବଙ୍କ ଅପେକ୍ଷା ପ୍ରାଚୀନତର ବୋଲି ଜଣା ପଡ଼େ । ବୌଦ୍ଧ ଜାତକରେ ବର୍ଣ୍ଣିତ ଅଛି ଯେ କଳିଙ୍ଗର ରାଜା ମଗଧର ରାଜାଙ୍କ ସହିତ ଯୁଦ୍ଧ କଲାବେଳେ କଳିଙ୍ଗର ଇଷ୍ଟଦେବତା ଘୋଡ଼ାରେ ଚଢ଼ି ଯୁଦ୍ଧ ଭୂମିକି ଯାଇଥିଲେ । ଏହି କଥା କିଂବଦନ୍ତୀରୁ ବୌଦ୍ଧ ଜାତକରେ ସନ୍ନିବେଶିତ ହୋଇ-ଅଛି । ଖାରବେଲ ମଗଧ ଅଭିମୁଖରେ ଯେଉଁ ଯୁଦ୍ଧଯାତ୍ରା କରିଥିଲେ ତାହାର ନିଦର୍ଶନ ଉକ୍ତ କିଂବଦନ୍ତୀରେ ଅଛି ବୋଲି କେହି କେହି ଅନୁମାନ କରନ୍ତି । ଖାରବେଲଙ୍କ ଶିଳାଲିପିରେ ଯୁଦ୍ଧର ଯେଉଁ ବିବରଣ ଅଛି ସେଥିରେ ଖାରବେଲ ବହୁତ ଘୋଡ଼ା ହାତୀ ନେଇ ମଗଧ ଅଭିମୁଖରେ ଅଭିଯାନ କରିଥିବାର ବର୍ଣ୍ଣିତ ଅଛି । ଖାରବେଲଙ୍କ କୌଣସି ଗୁରୁଦେବ ଘୋଡ଼ାରେ ଚଢ଼ି ଯୁଦ୍ଧ ଭୂମିକି ଯାଇଥିଲେ ବୋଲି ବର୍ଣ୍ଣିତ ନାହିଁ । ତଥାପି ଅନୁମାନ କରା-ଯାଇପାରେ ଯେ, ଖାରବେଲଙ୍କ ସମୟର ଘଟଣା କିଂବଦନ୍ତୀରେ ରୂପାନ୍ତରିତ ହୋଇ ତାହାର ସଦୃଶ ପୁରୁଷୋତ୍ତମଦେବଙ୍କ ସମୟର ଘଟଣା ସହିତ ମିଶି ଯାଇଅଛି ।

ଶାରଳାଦାସଙ୍କ ମହାଭାରତରେ ବର୍ଣ୍ଣିତ ଅଛି ଯେ, ଶ୍ରୀକୃଷ୍ଣ ନବଗୁଞ୍ଜର ମୂର୍ତ୍ତି ଧରି ଅର୍ଜୁନଙ୍କୁ ଦେଖା ଦେଇଥିଲେ । ଏହି ଅଦ୍ଭୁତ ରୂପ ନଅଟି ବିଭିନ୍ନ ପ୍ରାଣୀର ବିଭିନ୍ନ ଅଙ୍ଗର ସମଷ୍ଟିରେ ଅର୍ଥାତ୍ ହାତୀର ଗୋଡ଼, ବୃଷର ଚୂଳ, ଓଟର ବେକ, ମୟୂରର ମୁଣ୍ଡ, ଏହି-ପରି ବିଭିନ୍ନ ଅଙ୍ଗ ବିଭିନ୍ନ ପ୍ରାଣୀର ସଙ୍କେତ ଦେଇ କଳ୍ପିତ ହୋଇଥିଲା । ଏ କଥା ସଂସ୍କୃତ ମହାଭାରତରେ ବା ଅନ୍ୟ କୌଣସି ପୁରାଣରେ ନାହିଁ । କିନ୍ତୁ ମହେଞ୍ଜୋଦାରୋରୁ ଏପରି ଅଦ୍ଭୁତ ଚିତ୍ର ଆବିଷ୍କୃତ ହୋଇଅଛି । ଏଣୁ ମହେଞ୍ଜୋଦାରୋର ଛଅ ହଜାର ବର୍ଷ ତଳର ସଭ୍ୟତାର ନିଦର୍ଶନ ଅଦ୍ୟାବଧି ଓଡ଼ିଶାରେ ଅଛି ବୋଲି କହା ଯାଇପାରେ । ଏହି ଅଦ୍ଭୁତ ରୂପ କଳ୍ପନା କରିବାରେ କି ଉଦ୍ଦେଶ୍ୟ ଥିଲା ତାହା ଜଣା ପଡ଼ୁନାହିଁ ।

ଓଡ଼ିଶାର ଭଞ୍ଜ ରାଜବଂଶ ମୟୂର ଡିମ୍ବରୁ ଜାତ ବୋଲି ପ୍ରବାଦ ଅଛି । ମୟୂରଭଞ୍ଜର ମହାରାଜାମାନେ ଊନବିଂଶ ଶତାବ୍ଦୀର ପୂର୍ବରୁ 'ଅଠାଇଶ ସହସ୍ର କିଶଲୟେଶ୍ୱର' ଓ 'ଶ୍ରୀମଦ୍ଦଣ୍ଡିକାଶରଣ' ଉପାଧି ବ୍ୟବହାର କରୁଥିଲେ । ପ୍ରାଚୀନ ତାମ୍ରଶାସନମାନଙ୍କରେ ଭଞ୍ଜ ବଂଶର ପ୍ରତିଷ୍ଠିତା ତପୋବନରେ ମୟୂର ଡିମ୍ବରୁ ଜାତ ବୋଲି ଉଲ୍ଲିଖିତ ଅଛି । ଖଣ୍ଡିଏ ତାମ୍ରଶାସନରେ ଏ କଥା ମଧ୍ୟ ଅଛି ଯେ, ମୟୂର ଡିମ୍ବରୁ ଜାତ ଭଞ୍ଜ ବଂଶର ଆଦି ପୁରୁଷ ନିଜ ଗୃହ ଛାଡ଼ି ତପୋ-ବନରୁ ଚାଲି ଆସିଥିଲେ । ତାଙ୍କ ପୁଅ ଗଣଦଣ୍ଡ ବୀରଭଦ୍ର ବଶିଷ୍ଠ ଋଷିଙ୍କ ଦ୍ୱାରା ପ୍ରତିପାଳିତ ହୋଇ ରାମଦେବଙ୍କ ଦ୍ୱାରା ୮୮୦୦୦ ଗ୍ରାମର ଅଧିପତି ଥିଲେ । ଏହି ସମସ୍ତ କଥା କିଂବଦନ୍ତୀରୁ ତାମ୍ରଶାସନରେ ଉଲ୍ଲିଖିତ ଅଛି । ତଥାପି ଏହି ସବୁ କଥାରେ ଐତିହାସିକ ସତ୍ୟ ଅଛି । ସିଂହଳର ମହାବଂଶରୁ ଜଣା ପଡ଼େ ଯେ, ବୁଦ୍ଧଦେବଙ୍କ ଶାକ୍ୟ ବଂଶ ସୂର୍ଯ୍ୟବଂଶୀୟ ଇକ୍ଷ୍ୱାକୁ ବଂଶର ଗୋଟିଏ ଶାଖା । ଏହି ଶାକ୍ୟ ବଂଶରୁ କେହି ହିମାଳୟର ଅରଣ୍ୟକୁ ଯାଇ ସେଠାରେ ରାଜଧାନୀ ସ୍ଥାପନ କରିଥିଲେ । ସେ ରାଜଧାନୀ ସ୍ଥାପନ କଲାବେଳେ ବହୁତ ମୟୂର ରବ ଶୁଣା ଯାଉଥିବାରୁ ସେ ନୂତନ ରାଜଧାନୀକୁ ମୟୂର ଆଖ୍ୟାରେ ଅଭିହିତ କଲେ ଓ ତାଙ୍କ ବଂଶ ମଧ୍ୟ ଉକ୍ତ ଆଖ୍ୟାରେ ଅଭିହିତ ହେଲା । ତତ୍ପରେ କୌଣସି ପ୍ରଦେଶରୁ ଜଣେ ରାଜା ଆସି ମୟୂର ନଗର ଆକ୍ରମଣ କଲା । ମୟୂରବଂଶର ରାଜା ତାଙ୍କ ସଙ୍ଗେ ଯୁଦ୍ଧ କରି ନିହତ ହେଲେ । ନିହତ ରାଜାଙ୍କ ରାଣୀ ସେତେବେଳେ ଗର୍ଭବତୀ ଥିଲେ । ଗର୍ଭସ୍ଥ ଶିଶୁକୁ ରକ୍ଷା କରିବା ନିମନ୍ତେ ସେ ଗୃହ ଛାଡ଼ି କୌଣସି ସ୍ଥାନକୁ ପଳାଇ ଗଲେ । ସେଠାରେ ତାଙ୍କର ଗୋଟିଏ ପୁତ୍ର ଜାତ ହେଲା । ଏହି ଶିଶୁଟିକୁ ଜଣେ ଗୋପାଳ ଲାଳନପାଳନ କରି ତାହାର ନାମ 'ଚନ୍ଦ୍ରଗୁପ୍ତ' ଦେଇଥିଲା । ବ୍ରାହ୍ମଣ ଚାଣକ୍ୟ ଚନ୍ଦ୍ରଗୁପ୍ତଙ୍କୁ ନେଇ ସୈନ୍ୟ ସଂଗ୍ରହ କରି ନନ୍ଦ ବଂଶର ଶେଷ ରାଜାଙ୍କୁ ଯୁଦ୍ଧରେ ନିହତ କଲେ ଓ ଚନ୍ଦ୍ରଗୁପ୍ତଙ୍କୁ ମଗଧର ସିଂହାସନରେ ଅଭିଷିକ୍ତ କରାଇଲେ । ୮୮୦୦୦ ସୈନ୍ୟଙ୍କ ସାହାଯ୍ୟରେ ଚନ୍ଦ୍ରଗୁପ୍ତ ମଗଧର ସିଂହାସନ ଲାଭ କରିଥିବାର ସଙ୍କେତ ପୁରାଣମାନଙ୍କରୁ ମିଳେ । ମୟୂର ବଂଶର ରାଜ୍ୟ 'ପିପ୍ପଳିବନ' ନାମରେ ପାଲି ସାହିତ୍ୟରେ ଅଭିହିତ ।



Digitized by srujanika@gmail.com

ବର୍ତ୍ତମାନ ଦେଖା ଯାଉଅଛି ଯେ, ଚନ୍ଦ୍ରଗୁପ୍ତଙ୍କ ବିବରଣ ସହିତ ବୀରଭଦ୍ରଙ୍କ ବିବରଣର ଯଥେଷ୍ଟ ସାମଞ୍ଜସ୍ୟ ଅଛି । ମୟୂରବଂଶ ପରବର୍ତ୍ତୀ ଯୁଗରେ 'ମୌର୍ଯ୍ୟ' ନାମରେ ଅଭିହିତ ହୋଇଥିଲା । 'ମୌର୍ଯ୍ୟ' ନାମର ଉତ୍ପତ୍ତି ବୁଝି ନ ପାରି 'ଚନ୍ଦ୍ରଗୁପ୍ତ' ମୁରା ନାମ୍ନୀ ସ୍ତ୍ରୀର ଗର୍ଭରୁ ଜାତ ବୋଲି ବିଶାଖାଦତ୍ତ ନିଜ ରଚିତ ମୁଦ୍ରାରାକ୍ଷସ ନାଟକରେ ଲେଖିଲେ । କିନ୍ତୁ ଭଞ୍ଜବଂଶର ପ୍ରଶସ୍ତିକାରମାନେ ମୟୂର ଡିମ୍ବରୁ ବୀରଭଦ୍ର ଜାତ ବୋଲି ଲେଖିଲେ । ଭଞ୍ଜମାନେ ବୋଧହୁଏ 'ମୟୂର' ଆଖ୍ୟାକୁ 'ମୌର୍ଯ୍ୟ'ରେ ପରିଣତ କରି ନ ଥିବାରୁ ତାଙ୍କ ପ୍ରଶସ୍ତିକାରମାନେ ମୟୂରଡିମ୍ବ କଳ୍ପନା କଲେ । "ଗୋପାଳଦ୍ୱାରା ପାଳିତ" କଥା ଲୋପ ପାଇ କେବଳ କାହାଦ୍ୱାରା ବୀରଭଦ୍ର ପାଳିତ ହୋଇଥିଲେ ବୋଲି କିଂବଦନ୍ତୀରେ ପ୍ରଚଳିତ ଥିବାରୁ ପ୍ରଶସ୍ତିକାରମାନେ ଭଞ୍ଜବଂଶର ଗୋତ୍ରନାମ ବଶିଷ୍ଠ ଗୋପାଳର ସ୍ଥାନରେ ପୂରଣ କରି ପାରିଥିବେ । ପିପଂଳି ବନରେ ବୌଦ୍ଧ ସନ୍ନ୍ୟାସୀ ବାସ କରୁଥିବାର କଥା ପାଲି ସାହିତ୍ୟରେ ଅଛି । ଏଣୁ ପିପଂଳି ବନ ତପୋବନରେ ପରିଣତ ହୋଇ କିଂବଦନ୍ତୀରେ ରହିବା ବିଚିତ୍ର ନୁହେଁ । ବିମ୍ବିସାରଙ୍କ ରାଜତ୍ୱରେ ମଗଧ ସାମ୍ରାଜ୍ୟରେ ୮୦,୦୦୦ ଗ୍ରାମ ଥିଲା । ନନ୍ଦବଂଶର ରାଜତ୍ୱରେ ମଗଧ ସାମ୍ରାଜ୍ୟ ବିସ୍ତୃତ ହୋଇଥିଲା । ଏଣୁ ଚନ୍ଦ୍ରଗୁପ୍ତ ୮୮,୦୦୦ ଗ୍ରାମର ଅଧିପତି ହୋଇଥିବା ଅସମ୍ଭବ ନୁହେଁ । 'ଅଠାଅଶୀ' ପରବର୍ତ୍ତୀ ଯୁଗରେ ଭଞ୍ଜବଂଶରେ ବୋଧହୁଏ 'ଅଠାଇଶ'ରେ ପରିଣତ ହୋଇଅଛି । ଏହିପରି ଚନ୍ଦ୍ରଗୁପ୍ତଙ୍କ ବିବରଣ ସହିତ ବୀରଭଦ୍ରଙ୍କ ବିବରଣ ସମ୍ପୂର୍ଣ୍ଣରୂପେ ମିଳିଯାଏ । କେବଳ ଚନ୍ଦ୍ରଗୁପ୍ତଙ୍କ ନାମ ବୀରଭଦ୍ର ଥିବାର ବା ଗୁଣକାମଙ୍କ ନାମ ରାମଦେବ ଥିବାର ପ୍ରମାଣ ମିଳେ ନାହିଁ । ପ୍ରାଚୀନ କାଳରେ ଭାରତର ଅଧିକାଂଶ ରାଜାମାନଙ୍କର ଦୁଇଟି ଲେଖାଏଁ ନାମ ଥିଲା । ରାଜା ହେବା ପୂର୍ବରୁ ଗୋଟିଏ ନାମରେ ଅଭିହିତ ହେଉଥାନ୍ତି । ରାଜା ହୋଇ ସାରିଲେ ଆଉ ଏକ ନାମରେ ଅଭିହିତ ହୁଅନ୍ତି । ଏଣୁ ଚନ୍ଦ୍ରଗୁପ୍ତଙ୍କର ଅନ୍ୟ ନାମ ଥିବା ଅସମ୍ଭବ ନୁହେଁ । ଅଥବା କୌଣସି କାରଣରୁ ଚନ୍ଦ୍ରଗୁପ୍ତ ପରିବର୍ତ୍ତରେ କିଂବଦନ୍ତୀରେ ବୀରଭଦ୍ର ପ୍ରଚଳିତ ହୋଇଅଛି । ନାମର ସାମଞ୍ଜସ୍ୟ ନ ଥିଲେ ମଧ୍ୟ ଚନ୍ଦ୍ରଗୁପ୍ତଙ୍କ ବିବରଣ ସହିତ ବୀରଭଦ୍ରଙ୍କ ବିବରଣର ସମ୍ପୂର୍ଣ୍ଣ ସାମଞ୍ଜସ୍ୟ ଥିବାରୁ ଭଞ୍ଜବଂଶ ମୌର୍ଯ୍ୟ ବଂଶର ଶାଖା ବୋଲି ନିଃସନ୍ଦେହରେ କହି ଯାଇପାରେ ।

ଉପରେ ଓଡ଼ିଶାରେ ପ୍ରଚଳିତ ଯେଉଁ କେତୋଟି କିଂବଦନ୍ତୀ ଆଲୋଚନା କରାଗଲା, ସେହି କିଂବଦନ୍ତୀଗୁଡ଼ିକରେ ଐତିହାସିକ ତଥ୍ୟ ନିହିତ ଥିବାର ସୂଚନା ମିଳିଲା । ତେବେ ଅନ୍ୟାନ୍ୟ କିଂବଦନ୍ତୀମାନଙ୍କରେ ଐତିହାସିକ ତଥ୍ୟ ନାହିଁ ବୋଲି କହିବା ସମୀଚୀନ ନୁହେଁ । ଆମେ ଏତିକି କହିପାରୁଁ ଯେ, କିଂବଦନ୍ତୀ ପୂରା ସତ୍ୟ ନୁହେଁ । କାଳକ୍ରମେ ଅନେକ କାଳ୍ପନିକ ବିବରଣ କିଂବଦନ୍ତୀରେ ସତ୍ୟକୁ ଘୋଡ଼ାଇ ପକାଇଛି । ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରି କାଳ୍ପନିକ ବିବରଣ ତ୍ୟାଗ କରି ସତ୍ୟ ଗ୍ରହଣ କରିବା ଆମ୍ଭମାନଙ୍କର କର୍ତ୍ତବ୍ୟ ।

# ଅଭାବ

**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**

କେ ଜାଣି କଅଣ !

କଅଣ ଗୋଟାଏ ହଜିଛି । ବଡ଼ ଦାମିକା । ମନଟା ଖାଲି ଗୋଲେଇ ଘାଣ୍ଟି ହେଇ ପଡ଼ି । କଅଣ ହଜିଲି ? ସେ ଭୁଲି ଯାଉଥିଲି ଖାଲି ।

ଗୁହାଳକୁ ଗଲି । ଦେଖିଲି, ଗୋରୁସବୁ ବନ୍ଧା ହେଇଛନ୍ତି, ଯେମିତି ବାନ୍ଧିଥିଲି ସେମିତି । ବାଛୁରୀ ଦିଟାଙ୍କୁ ଅଟେଇରେ ପୂରେଇ ଦେଇଥିଲି । ବେକକୁ ଉପରକୁ ଟେକି ସେ ବି ଗୁହୁଁଛନ୍ତି ଯେମିତିକି ସେମିତି । ବାକି ଦା' ଖଣ୍ଡି । ତାକୁ ବି ଯାଇ ଦେଖିଲି, ଚାଳରେ ଖୋସା ହେଇଛି ଯେଉଁଠି ସେଇଠି । ଆଉ ତାର କଅଣ ଅଛି ଯେ ହଜିବ !

କିନ୍ତୁ ହଜିଛି । କଣ ଗୋଟାଏ ହଜିଛି । ଓଃ—କିଏ ଅଗରେ ଅଛି ତା' ନାଁଟା । ମନେ ପଡ଼ୁ ନାହିଁ । କହି ହେଉନାହିଁ । ଅଥୟ ହେଲି, କିଏ ତାକୁ କହି ଦେବ—କିଏ ତାର ମନେ କରି ଦେବ !

ତାର ଯେ କେହି ନାହିଁ !

ବାପ ନାହିଁ, ମା ନାହିଁ, ଭାଇ ନାହିଁ, ବନ୍ଧୁ ନାହିଁ—କେହି ନାହିଁ ତାର ।

ଗାଈ ଚରେ, ଘାସ କାଟେ, ଗୋବର ପାଉଁଶେ, ଚାଳରେ ଗଡ଼େ । ଆଉ କଣ କରାନା ସେ ?

ବେଳ ଲେଉଟି ପଡ଼େନି' ଯେତେବେଳକୁ, ସେ ଗୋଠରୁ ଫେରେ । କଂସା ଟିପା ମାରି ପଖାଳ ତିଅଣ୍ଟା ଖାଇ ସକାଳ ପହରୁ



ବି

ଯେ ଯାଇଥାଏ—ଖାଏ ପୁଣି ଆସି, ସେଇ ଅଉଡାବେଳକୁ ଗାଈରୁ ଫେରି—କଣ ନା, ଶୁଖିଲା ଭିତରୁ ଗଣ୍ଡାଏ ଶାଗ ଖରଡ଼ା ଟିକିଏ ଦେଇ। ଦରଜଳା କାଁଅଁ ଅଙ୍ଗାର ଉପରେ ପଡ଼ କରଣ୍ଡି ନଇଲେ ଟଙ୍ଗୁଡ଼ ଶୁଖୁଆ ଗୋଟେ କି ଦୁଇଟା ଯଦି ଟିକିଏ ନା'କୁ ଖାଲି ନଖ ଜୁଟୁମ ହୋଇଥାଏ, ତେବେ ସେ ଦିନ ତାର ଭରି ଭୋଜନ।

ଏତିକ ଭିତରେ ତା ଜୀବନର ସୁଖ ଦୁଃଖ ସବୁ। ଛେଉଣ୍ଡ ଜୀବନ—ଗାଈ ଚରାଇବାଠାରୁ ଯେ ଆଉ ଗୋଟାଏ ଅଧିକ ସୁଖ ଅଛି, ସେ ଟା ସେ ଜାଣିକରି ବି ଜାଣେ ନାହିଁ।

ବାବୁଘର ଝିଅ ଯାଆନ୍ତି ବୁହାଲାନ୍। ରେଜ୍ ରେଜ୍। ସେ ଦେଖେ। ଭାବେ, ଭଗବାନ ଯାହାକୁ ଯେମିତି ଜନମ ଦେଇଛନ୍ତି।

ବାବୁଙ୍କ ପୁଅ କାହିଁ ଝୁଣ୍ଟି ପଡ଼ିଲେ କି କଚୁଡ଼ି ପଡ଼ିଲେ ଶହେ ଲୋକ 'ଆହା ହା' କହି ଉଠାଇ ଦିଅନ୍ତି। ତାଙ୍କ ଦିହରେ କାହା ହାତ ବାଜିଗଲେ ତ ପୃଥିବୀ ଓଲଟି ପଡ଼େ। ଆଉ ସେ? ତା ଦୁଃଖ ବୁଝିବ କିଏ? କଣ୍ଟାରେ ପଡ଼ି, ହାତ ଗୋଡ଼ ଛଡ଼ି ଲହୁଲୁହାଣ ହୋଇଗଲେ ବି 'ଆହା' ବୋଲି ପଦେ କାହାର ମୁହଁରୁ ବାହାରିବା ତ ଦୂରର କଥା, ଓଲଟି ଆଉରି ଯେ ଦେଖିବ ସେ କହିବ, 'ଗଉଡ଼ ଟୋକାଟା ଯେମିତି ଉତୁପାତ କରୁଥିଲା, ସେମିତି ଫଳ ପାଇଲା।'

ସେ କଣ ବୁଝେ ନାହିଁ ଏକଥା? ବୁଝେ। କିନ୍ତୁ ତାର ଦୁଃଖ ହୁଏ ନାହିଁ ସେଥିପାଇଁ। ଗୋଟାଏ ଅଭ୍ୟାସ।

ତାଙ୍କର ଦିହ ହେଲେ, ପା ହେଲେ ଡାକ୍ତର କବିରାଜ ପଣ ପଣ ଆସି ଦିନରାତି ଖଟନ୍ତି। ହେବ ନାହିଁ ତା'? ସେ ପରା ବାବୁ ଘର ଝିଅ। ତାଙ୍କ ଦିନ ଯେମିତି ରଜତ ମାଉଁସ ଛଡ଼ା ଆଉ ଗୋଟାଏ କଣ ଭଗବାନ କଅଁଳ ଦରବରେ ଗଢ଼ା ହୋଇଛି। ସେ ତ ହେବାର କଥା! ଆଉ ତାର ଯଦି ରୋଗ ବଇରାଗ କିଛି ହୁଏ ଦେଖିବ କିଏ ତାକୁ? ଓଲଟି ବାବୁ କହିବେ, ଭେଲକି ଦେଖାଇ ଶୋଇଛି। ସେ ସେମିତି ଗୁହାଳ ପାଖରେ, ନ ହେଲେ ଖୁବ୍ ବେଶୀ ଚଉପାଢ଼ୀ ଗୃହଅରେ ଛିଡ଼ା କନ୍ଥା ଖଣ୍ଡେ ଘୋଡି ହୋଇ ପଡ଼ିଥାଏ—କେହି ପଚାରନ୍ତି ବି ନାହିଁ। ସେ ସେଥିପାଇଁ ଭାବେ ନାହିଁ। ସେଇ ଅଭ୍ୟାସ। ସହି ସହି, ଦେଖି ଦେଖି, ଦିହଘସା ହୋଇ ଗଲାଣି।

ପ୍ରତିଦିନେ ସେଇ ଏକ କଥା। ଦିନ ଯାଏ, ମାସ ଯାଏ, ବର୍ଷ ଯାଏ, ତାରି ଭିତରେ ଏଇ କାହାରି ସାଧାରଣ ଘଟଣା ନେଇ ପିଲା-ଦିନର ଅବୁଝା ଜୀବନ କାହାଣୀଟି ତାର, ସେ ବି ନଈ ସୁଅ ପରି ବହି ଚାଲିଛି ଲୁଅଡ଼େ—ଅପଣା ଛଏଁ।

ଆଜି ସେ ତରୁଣ। ଫୁଲ ପରି ପିଲା ଦିନ ତାର ଧୂଳି ମାଟିରେ ମିଶି ଯିବା ଉପରେ। କିନ୍ତୁ ମନ ତାର ମାନିବାକୁ ଚାହେଁ ନାହିଁ ସେ କଥା। ସେ ପିଲା—ଏବେ ବି ସେଇ ପିଲା ରହିଛି। ପିଲା ଛଡ଼ା ଆଉ କିଛି ନୁହେଁ ସେ।

କିନ୍ତୁ ପିଲା ଦିନେ ତ ତାର କେତେଥର କେତେ ଚିଜ ହଜିଛି। ଦା ଖଣ୍ଡେ ଥରେ ଥରେ ହଜିଯାଏ ବୋଲି ବୁଢ଼ୀଠାରୁ ଗାଳି ଖାଏ। ଦିନେ ଅଉଡାଏ ଭିତ ବନ୍ଦ ହୋଇ ଯାଏ ତାର। ସେଥିପାଇଁ ତ ସେ ଏତେ ଅଥୟ ହୋଇ ନାହିଁ କେବେ। ଗାଈ ହଜେ, ବଳଦ ହଜେ, ମାଡ଼ ଖାଇ ପିଠି ଫାଟି ଯାଏ; ଦେହରୁ ବଥା ଯିବା ସଙ୍ଗେ ସଙ୍ଗେ ସେ ବି ପାଶୋରି ଯାଏ ଲୁଅଡ଼େ—ସେଥିପାଇଁ ଇମିତି ବ୍ୟସ୍ତ ହବାର ତ ମନେପଡ଼ୁ ନାହିଁ ତାର! ଆଜି ତେବେ କାହିଁକି ଏ ଅବୁଝାପଣ?

ଯାଃ! ଯାହା ହଜିଲା ହଜୁ ପଛେ; ସେ ଆଉ କଣ କରିବ ସେଥିଲାଗି?

ନା—ତେବେ ବି ମନ ଥୟ ଧରୁ ନାହିଁ। କଣ ସେ ଚିଜ? ସେ ବା ହଜିଲା କିମିତି? ନା—ସେ ତାକୁ ନିଶ୍ଚୟ ଖୋଜି ବାହାର କରିବ। ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନିପୁର ଖୋଜି କାଢ଼ିବ। କାଢ଼ିବ—କାଢ଼ିବ—ନିଶ୍ଚୟ କାଢ଼ିବ।

ସେ ବାହାରକୁ ବାହାରି ପଡ଼ିଲା। ମଥା ଭିତରେ ତାର ଯେମିତି କିଏ ଖୋଳି ତାଡ଼ି ପକାଉଛି। ଓଃ! ସେ ଜିନିଷଟାକୁ ସେ ଜାଣେ—ଭଲକରି ଜାଣେ ଅଥଚ ମନେ ପଡ଼ୁ ନାହିଁ। କି ଯନ୍ତ୍ରଣା! ବାଳଗୁଡ଼ାକୁ ଟାଣି ସେ ଉପାଡ଼ି ପକାଇବ କି ଆଉ?

ନାଃ—ସେଠି ନୁହେଁ—ସେଠି ନୁହେଁ। ଅହା—ସେଇ ଛାତିଟା ଭିତରେ—ଠିକ୍ କଲିଜା ପିଧାରେ—ତାର ଡୁକୁ ଡୁକୁ ଡୁକୁଟାର ମଝିରେ ଯେମିତି ଗୋଟାଏ ଅଁଶୁ ପଶି ଯାଇଛି। 'କିଏ ଅଛ—କିଏ କହିଦେବ—ମୋର କଣ ହଜିଛି?' ଏ କଥା ଭାବିଲା ବେଳକୁ ସେଠି ଲାଗୁଛି ଯେମିତି ରକ୍—ରକ୍। ଓଃ—ବଡ଼ କଷ୍ଟ। ଛାତିଟାକୁ ସେ ଦୁଇ ହାତରେ ଚିପି ଧରିଲା। ତେବେ ବି—ନା। ଦୁଃଖ ତାର ଶମିଲା ନାହିଁ। କଷ୍ଟ ତାର ଘୁଞ୍ଚିଲା ନାହିଁ।

ଆକାଶକୁ ଚାହିଁଲା। ଜହ୍ନି ଫୁଲ ଦେଖା ଜହ୍ନ। ଆଜି ଏ କି ରୂପ ତାର? ସେ ଦିନ ଥିଲା ଗୋଟିଏ ରକମେ—ଆଜି ଆଉ ଏକ ରକମେ ଦିଶୁଛି। ସେ ଦିନ ସେ ନାଚି କୁଦି ମେଘ କୋଳରେ ଲୁଚକାଳି ଖେଳୁଥିଲା—ଆଜି ଉଦାସ, ଗମ୍ଭୀର। ତାର ବି ଯେମିତି ହଜିଯାଇଛି କଅଣ। ମୁହଁଟା ଭରି ଭରି ଦିଶୁଛି। ହସ ନାହିଁ—ଖେଳ ନାହିଁ—ଯେମିତି ବଡ଼ ଦୁଃଖୀ ସେ।

କିନ୍ତୁ ଯା' ତା' ଭିତରେ ପ୍ରଭେଦ ଅଛି। ତାର ହଜିଲା ଜିନିଷକୁ ସେ ଜାଣେ—ଚିହ୍ନେ। ଖାଲି ଚିହ୍ନେ ନାହିଁ—ତାର ସେଇ ଅମୂଲ୍ୟ ନିଧିକୁ ସେ ଯେ ନିଜେ ଜାଣି ଶୁଣି ମରତରେ ପକାଇ ଦେଇଛି। ଆଉ ଖୋଜିଲେ ମିଳୁଛି କାହିଁ। ସରଗ ବି ତାକୁ ଯେମିତି ସୁଖ ଲାଗୁ ନାହିଁ। ଅମୃତ ମଣୋହି ପିତା ଲାଗୁଛି। ପାରିଜାତ ଫୁଲ ଶେଯରେ ନିଦ ହେଉ ନାହିଁ। ମଳୟ ଦୋଳାରେ ଝୁଲିବାକୁ ବାଧୁଛି। ତାର ଅଛି ଦୁଃଖ ଆଉ ଅବଶୋଷ ମିଶାମିଶି।



Digitized by srujanika@gmail.com

ଧ୍ୟାର ତା ନୁହେ । ଦୁଃଖ ଅଛି । କିନ୍ତୁ ଅବଶୋଷ ନାହିଁ । ଅଛି ଗୋଟାଏ ଅବୁଲତା, ଚଞ୍ଚଳତା ।

ଅସରନ୍ତି ଧାନ କିଆରୀ ଆଡ଼କୁ ଚାହିଁଲା । ସେ ଦିନ ପବନ କ'ଣ କରୁଥିଲା କି, ଚଗଲା ଟୋକାଙ୍କ ପରି ବାବୁ ଘର ବଗିଚାରେ ଗଙ୍ଗଶିଉଳିଙ୍କ ଝଡ଼େଇ ଦେଇ, ଶବ୍ଦ ନ ପାଉଣୁ ଅଣନିଶ୍ୱାସୀ ହୋଇ ଦଉଡ଼ି ପଳାଉଥିଲା ସେହି ବାଟେ—ଯେମିତି ଧରା ନ ପଡ଼େ । ଆଉ ଆଜି ? ଅତି ଦୁଃଖରେ କି କଣ, ସେ ଯେମିତି ନିଶ୍ଚଳ ହୋଇ ପଡ଼ି ଯାଇଛି ସେଇ ଗାଳ ଦର ଉପରେ ।

ଦେଖିଲା, ତା ପାଇଁ କେହି ଟିକିଏ ଭାବୁ ନାହିଁ—ତା' ଦୁଃଖର କେହି ଟିକିଏ ଭାଗୀ ହେଉ ନାହିଁ । ସେ ପାଗଳ ହେଲା । ବାଇଆ ପରି ଘୂରିଲା । କେଉଁଠି ମିଳିବ ତାର ହଜିଲା ନିଧି । ଗାଁ ଗୋହିରୀ ଦେଇ ଏ ମୁଣ୍ଡରୁ ସେ ମୁଣ୍ଡ ଯାଏ ଘୂରି ଆସିଲା ପରନ୍ତେ । ଜାଣେ ନାହିଁ ସେ ଯାଉଛି କେଉଁଠିକି ।

ହଠାତ୍ ଜଣକୁ ଦେଖିଲା । କିଏ ? ଶୁକୁଟି ? ହଁ, ସେଇ ତ । ଫୁଲଘର କରୁଛି । ହେଠାକୁ ଆସେ ନାହିଁ କାହିଁ । ବାବୁଘର ଝିଏ କେତେ ରକମ ରକମର ଫୁଲ କାଟି, ନକସା କରି ଘର ତୋଳିଛନ୍ତି; ଆଉ ଏଠା ଗୋଟାଏ ଗୋଟା ଫୁଲରେ ମୁଣ୍ଡଳା କାଟି ଦେଇ କଅଣ ନା—ଜ-ନ୍ଧି-ଘ-ର ! ଉଃ ! ଜନ୍ଧିଘର ! ସେ ପୁଣି ଯେଉଁ ଗୋଲ ହେଇଛନ୍ତି । ଆ-ହା ମହାରାଜ ଥାଏଁ । ଦୁଃ—ଏଭଠା ଗୋଟାଏ ଘର କରିବ !

ଗଲା । ଯାଇଁ ଗୋଡ଼ରେ ମାଡ଼ି ଦଳି ଏକାକାର କରିଦେଲା ।

ତାକୁ ଚାହିଁଦେଇ ଚମକି ପଡ଼ିଲା ଶୁକୁଟି ।

'ଆ—ରେ !'

କହି, ସେ ଦୂରପରି ଛୁଟି ପଳେଇଲା ଘରକୁ—ତା' ବଉ ପାଖରେ ଫେରାଦ ହେବା ପାଇଁ କି କଅଣ !

ଏ କଅଣ ସେଇ ଶୁକୁଟି, ଯା ସାଙ୍ଗରେ ଟିକିଏ ଗେଲ୍ଲା ହେଲେ ଆଖିରୁ ଲୁହରସ ଗଡ଼େଇ ପକେଇ କାନ୍ଦି ଅସ୍ଥିର ହେଇଯାଏ ? ଏତେ ବଡ଼ କାଣ୍ଡଟାଏ ହେଇଗଲା, ତାର କେତେ ଆଦରର ଫୁଲ ଘରକୁ ଭାଙ୍ଗି ସେ ଛନଛତର କରିଦେଲା, ଅଥଚ ସେ କାହିଁ ନ କହି—କଜିଆ ନ କରି, '—ଆ—ରେ—'ଏଇ ପଦଏ କଥା କହି ପଳେଇଲା ? କାନ୍ଦଣା ନାହିଁ—ଚୁପା ନାହିଁ—ହାତ ଉଠା ନାହିଁ—କାହିଁ ନାହିଁ !

ଶୁକୁଟି ତା ସାଙ୍ଗରେ ଯେବେ ଗାଈ ରଖି ଯାଉଥିଲା—ସେ ଦିନ କୁଆଡ଼େ ଗଲା ? କେତେ ଖେଳୁଥିଲେ ସେ ଖରା ବେଳଆ ବରଗଛ ମୂଳରେ ! ଧୂଳିଘର କରନ୍ତି । ବାଲିରେ ଭାତ, ଘାସରେ ଶାଗ, ପାଣିରେ ଡାଲି, ଭେକ ବାଇଗଣର ତରକାରୀ କରି ସଜେଇରେ ମିଛମିଛିକା ରାନ୍ଧି ଶୁକୁଟି ଦିଏ ଆଗ ତାକୁ ଖାଇବାକୁ । ତା'ପରେ ଯାଇଁ ସେ ନିଜେ ଖାଏ । ଖାନ୍ତି ବୋଲି ଯେ ସତରେ ଖାନ୍ତି, ତା' ନୁହେ । ଖାଲି ମୁହଁ ଯାଏ ନେଇ ପୁଣି ଥୋଇ ଦିଅନ୍ତି । ସେତକ ବି ସେ ନ କଲେ ଶୁକୁଟି କରେ ନାହିଁ । ଏ କଥାସବୁ ମନେ ପଡ଼ିଲାଯଣି ତାକୁ ତା' ଚୁଚି ପାଖଠା ଖାଲି ବଶନ ଜଣାଗଲା ।

ଶୁକୁଟି ଆଉ ଗାଈକୁ ଯାଏ ନାହିଁ ଆଜିକାଲି । ଏଡ଼ୁଟେ ହେଲାଣି, ସେଥିପାଇଁ । ଏଡ଼ୁଟେ ହେଲା ତ ହେଲା କଅଣ ? ସେ ଅସୂର୍ଯ୍ୟ ହେଲା ।

"କଉଁ ଡାକୁଣୀଝିଅ, ବାଡ଼ପଡ଼ା, ମୋ ଝିଅ ଜନ୍ଧିଘର ଭାଙ୍ଗିଲା ସେ ? ତା' ଟଜା ବଅସରେ ନିଆଁ ଲଗିଲା କାହିଁକି ଏତେ ? ତାକୁ କୋଢ଼ି କୋଷ୍ଟ ବ୍ୟାଧି ହେଉ—ତା' ହାତ ଗୋଡ଼ରେ ପୋକ ପଡ଼ୁ ।"

ଡେଙ୍ଗେ ଗାଳି ଶୁଭିଲା । ଶୁକୁଟି ମା ଦୁଆର ମୁହଁରେ ଅସି ହେବା ବେଳକୁ ସେ କାଠ ପରି ଠିଆ ହେଇଥାଏ ସେମିତି ।

"କି ରେ ଗାଯ଼ୁଲ ଟୋକା ? ତୋର ଏତେ ସାହସ, ମୋ ଝିଅ ଜନ୍ଧି ଓଷା କରି ଘର ତୋଳୁଛି, ତୁ ତାକୁ ଗୋଡ଼ରେ ଗୋଡ଼େଇ ଭାଙ୍ଗି ଦେଲୁ ? ଦେଖିବୁ ଏଇଲେ ?"

"ସେ କାହିଁକି ମୋ 'ଇଏ'ଠା ଲୁଚେଇଲା ?" ହଠାତ୍ ତା' ପାଟିରୁ ବାହାରି ପଡ଼ିଲା ଏତକ ।

"କଅଣ ଠା ଲୁଚେଇଲା ତୋର ?"

ଏ କଥାର ଜବାବ ଆଉ ତାକୁ ଆସିଲା ନାହିଁ । କହିଲା—'ପଚୁରୁନ୍ତି ତାକୁ ?'

କହି ସେ ଏକା ଦଉଡ଼ାକେ ପଳେଇଲା ସେଠୁ । ଗାଳି ଆଉ ତା' କାନରେ ପଶିଲା ନାହିଁ ।

❊ ❊ ❊ ❊

ଶୁକୁଟି କଣ କରୁଥିବ ? ଘରେ ବସି କାନ୍ଦୁଥିବ ? ତାର ବଡ଼ ମନ କଷ୍ଟ ହେଲା ।

କାହାରିକି କିଛି କହିଲା ନାହିଁ । ଅତଳତଳ ପାଣି; ସେଥିରେ ଯାଇଁ ସେ ପୋଖରୀ ମଝିରେ ଉଠିଲା । କଣ ନା—ଫୁଲ ତୋଳିବ ।

ଗୋଟେ ଫୁଲ ଧରି, ଗୋଟିପଣେ ଓଦା ସରସର ହୋଇ ସିଧା ଚାଲିଲା ସେ ଶୁକୁଟି ଘର ଚଉରା ମୂଳକୁ ।

ଯାଇ ଦେଖିଲା, କେହି ନାହାନ୍ତି ସେଠି । ଶୁକୁଟି କଣ ଏବେ ବି ଘର କୋଣରେ ବସି କାନ୍ଦୁଛି, ନା—ତା' ଓଷା ସେ ଭଣ୍ଡୁର କରିଛି ବୋଲି ରାଗରେ ଆସୁ ନାହିଁ ତା' ପାଖକୁ ? କବାଟ ଉହାଡ଼ରେ ଛକି ଚାହିଁ ଥିବ ଯେ !

ଅନେଇଲା । କାହାର ଛାଇ ବି ପଡ଼ୁ ନାହିଁ ସେଠି । ଆଉ କ'ଣ କରିବ ? ଫୁଲକୁ ଛଡ଼ାଇ ମୋଟା ଫୁଲ ସରୁ ଫୁଲ ବାଛି, ମୋଟା ଫୁଲରେ ପଟି ଦେଲା—ଆଉ ସରୁ ଫୁଲରେ କଲା କୋଠିକମ । ସୁନ୍ଦର ଚୂନେ ଖଣ୍ଡିଆ ଜନ୍ଧିଟିଏ କରି, ତା ଚାରିପାଖରେ ଫୁଲକୁ ଛଡ଼ାଇ ତର ବସେଇ ଦେଲା । ଫୁଲର ଗେଣ୍ଡୁକୁ ମେଲେଇ ଘର ଦୁଆରେ କଣ୍ଢ଼ାଲ କରି ଲଗେଇ ଦେଲା ।



Digitized by srujanika@gmail.com

"ଦେଖ୍ ଶୁକୁଟୀ ଦେଖ୍, ତୁ ତ ଘର କରିଥିଲୁ, ମୁଁ ବି କରିଛି, କା' ଘର ସୁନ୍ଦର ହୋଇଛି କହିଲୁ ! ସତ କହିବୁ ଏକା ।"

କିନ୍ତୁ ଶୁକୁଟୀ ନ ଥିଲା । ଏ କଥାଟା ତାର ମନରେ ଉଠି ମନରେ ମଲା ସିନା !

ଶୁକୁଟୀ କଣ ଆସିବ ନାହିଁ ? ତେବେ କାହା ଲାଗି ସେ ଘର କଲା? ନା—ସେ ଅଲବତ୍ ଆସିବ । ତାକୁ ଠାଣି ଘୋସାରି ଆଣି ଦେଖାଇବ—ତା' ଘରଠୁ ଆହୁରି ସୁନ୍ଦର ଘର କେମିତି ବାଗେଇ ଦେଇଛି ସେ ।

ଖୁବ୍ ଜୋରରେ ସେ ଘର ଭିତରକୁ ପଶି ଯାଉଥିଲା । ଦୁଆର ମୁହଁରେ କାହାକୁ ଗୋଟେ ହାବୁଡ଼ି ପଡ଼ି ସେ ଲୁଣ୍ଠେଇ ପକାଇଲା ତାକୁ । ତା ନ କରିଥିଲେ ସେ ମୁହଁ ମାଡ଼ି ପଡ଼ି ଯାଇଥାନ୍ତା ସେଠି ।

ଚାହିଁଦେଲା ବେଳକୁ—ଶୁକୁଟୀ ! ତା' ଦେହଟା—ଯାକରେ ଗୋଟେ ବିଜୁଳି ଖେଳିଗଲା ଯେମିତି ।

"ଶୁକୁଟୀ, ଚାଲ୍ ଦେଖିବୁ କେମିତି ସୁନ୍ଦର ଘର କରି ଦେଇଛି ତୋ ପାଇଁ ।" ଏତିକି ସେ ବଡ଼ ଆବେଗରେ କହିବାକୁ ଯାଉଥିଲା । କିନ୍ତୁ କଣ ହୋଇଗଲା ତା' ଭିତରେ କିଜାଣି, ତା' ପାଟିରୁ ଆଉ ବାହାରି ପାରିଲା ନାହିଁ ସେତିକି । ତା' ଦେହରେ ଯେମିତି ବଳ ନ ଥାଏ । ଗୋଟିପଣେ ସେ ଥରୁଥାଏ ପତ୍ରି ।

"ଛି—ଛଡ଼ ।"

ଶୁକୁଟୀ ନିଜକୁ ତାଠୁ ଛଡ଼ାଇ ନେଇ ଘର ଭିତରକୁ ପଳେଇ ଗଲା । ସେ ହେଲକା ହୋଇ ଚାହିଁ ରହିଲା ତାର ଏ ଢଙ୍ଗ ଦେଖି । ପାଦେ ଆଗେଇବ ତାକୁ ଧରିବା ଲାଗି, ସେ ବଳ ତାର ନ ଥିଲା ।

ଗୋଟାଏ ନିଶ୍ୱାସ—ବଡ଼ ଦୀର୍ଘ, ତାର ଅଜାଣତରେ ବାହାରି ପଡ଼ିଲା ।

ସେ ଆଉ ଥରେ ଚଉରା ମୂଳକୁ ଗଲା । ଦେଖିଲା, ତାର ଟଟକା ଫୁଲର ତୋରା ଘରଟି ମଉଳି ପଡ଼ୁଛି । ଧୀରେ ଧୀରେ ତାର ନିରୋଳ ଆଖି ଯୋଡ଼ିକରୁ ବଡ଼ ତତଲା ଦୁଇ ଟୋପା ଲୁହ ଗଡ଼ି ପଡ଼ିଲା ସେଇ କନିଫୁଲର ଗୃହ ଉପରେ । ଜହ୍ନ ଆଲୁଅରେ ସେ ମୁକ୍ତାବିନ୍ଦୁ ଜିକ୍ ଜିକ୍ ଦିଶୁଥାଏ ।

ଆଉ ରହି ପାରିଲା ନାହିଁ—ସେ ପଳେଇ ଆଇଲା ସେଠୁ ।

ଗୁହାଳ ପିଣ୍ଡାରେ ମସିଣା ଖଣ୍ଡେ ପାରି ମୁହଁ ମାଡ଼ି ଶୋଇ ପଡ଼ିଲା ସେଠି । ଆଉ ନିଦ ହେଲା ନାହିଁ । କି ଗୋଟାଏ ସୁଖ ସପନ ତାର ଭାଙ୍ଗି ଯାଇଛି ଯିମିତି ।

ତାର ସେଇ ହଜିଲା ରଜଟି ମିଳିଥିଲା କି କଣ ସପନରେ । ସପନ ରାଇଜର ଫୁଲ ପରୀ ବାଟରୁ ସେ ସାଉଁଟି ଆଣିଥିଲା ତାକୁ । ଧରୁ ଧରୁ ଯେପରି ପିଲେଇ ଗଲା ଲୁଅରେ ।

ବହୁତ ମନରେ କରି ଗୋଟାଏ କଥା ମନେ ପଡ଼ୁଥିଲା ବେଳେ ଆଉ ଜଣେ ଆସି ଅଚାନକ ବାଜେ କଥା ବକିଲେ ଆଗ କଥା ଯେମିତି ପାସୋରି ଯାଏ, ତାର ସେ ଦିନର ସେଇ ଜହ୍ନ ପରି ରହିଗଲା ଦୁଃଖ ଆଉ ଅବଶୋଷ ।

ଯେଉଁ ଅଭାବକୁ ସେଇ ଅଭାବ । ହଜିଲା ଦରବ ଆଉ ତାର ମିଳିଲା ନାହିଁ ।

## କାନ ବାଟେ କଥା ଗଲେ

**ଶ୍ରୀ ଶଶିଭୂଷଣ ଗୁପ୍ତ**

କାନରେ କଥା ଗୁଞ୍ଜିଥାଏ । କାନରେ ଗୁଲ୍ଲିଁ ଗୁଲ୍ଲିଁ ଏ ଦେଶରୁ ସେ ଦେଶକୁ ଯାଏ, ସେ ଦେଶରୁ ଏ ଦେଶକୁ ଆସେ । ଏକ ଭାଷାର ଶବ୍ଦ ଆଉ ଏକ ଭାଷାର ଶବ୍ଦ ସଙ୍ଗରେ ସଖ୍ୟତା କରେ, ସଙ୍ଗାତ ବସେ, କଥା କଥାକରେ ମହା କୁଟୁମ୍ବିତା ହୋଇଥାଏ; କୁଟୁମ୍ବ କୁଟୁମ୍ବ ମଧ୍ୟରେ ଧରାଧରି ହୋଇ ଚଳାବୁଲା କରନ୍ତି ।

ସାତ ସମୁଦ୍ର, ତେର ନଈ ପାରି ହୋଇ ଏ ଦେଶର କଥା ବିଦେଶରେ—ବିଲାତକୁ ଯାଇ କୁଟୁମ୍ବିତା କରିଅଛି; ବିଦେଶର ବିଲାତର କେତେ କଥା ଆସି ଏ ଦେଶୀୟ କଥାର କୁଟୁମ୍ବ ହୋଇଅଛି । କଥା ଗୁଡ଼ିକ କାନରେ ଗୁଲ୍ଲିଁ ଗୁଲ୍ଲିଁ ଯାଇଅଛି, ପୁଣି କାନରେ ଗୁଲ୍ଲିଁ ଗୁଲ୍ଲିଁ ଆସିଅଛି ।

ଆରବୀ, ପାରସୀ, ପର୍ତ୍ତୁଗୀଜ ଓ ତୁର୍କୀ ଭଳି କେତେ ବିଦେଶ କଥା ବର୍ତ୍ତମାନ ଆମ୍ଭମାନଙ୍କର ଓଡ଼ିଆ ହୋଇ ଯାଇଅଛି । ଖାସ ଓଡ଼ିଆ କଥା ସହିତ ବନ୍ଧୁତ୍ୱ ସ୍ଥାପନ କରି ସର୍ବଦା ସେମାନଙ୍କର ସଙ୍ଗେ ସଙ୍ଗେ ଭ୍ରମଣ କରୁଅଛି । କେବଳ ବିଦ୍ୟାଳୟ, ବଜାର ଓ କଚେରିରେ ନୁହେଁ, ଆମ୍ଭମାନଙ୍କର ଘରକୋଣ, ରନ୍ଧନଗୃହ ଓ ଶୟନ କକ୍ଷରେ ସେ ସମସ୍ତ କଥା କୁଟୁମ୍ବ ସମ୍ପର୍କରେ କାନରେ ଗୁଲ୍ଲିଁ ଗୁଲ୍ଲିଁ ପ୍ରବେଶ ଲାଭ କରିଅଛି । ଲେପ, ତକିଆ, ଚେଳେଇ, ତକିପୋଷ, ସିନ୍ଦୁକ, ବନ୍ଧନା, କନାତ, ପୋଷାକ ପ୍ରଭୃତି ଅସଂଖ୍ୟ ଶବ୍ଦ ବିଦେଶୀ ହୋଇ ସୁଦ୍ଧା ଯେପରି ବହୁ କାଳରୁ ଆମ୍ଭମାନଙ୍କର ଓଡ଼ଶୀ 'ଜନାନା'ରେ ବସବାସ କରୁଅଛି, ସେହିପରି ପୁଣି କେତେ କାଳରୁ ଆମ୍ଭମାନଙ୍କର ଏହି ଆମଳର ବନ୍ଧୁ ବିଲାତରୁ ବିଲାତୀ କଥା



Digitized by srujanika@gmail.com

ଦଳ ଦଳ ହୋଇ ଅନ୍ଦର ମହଲର ଅନେକ ସ୍ଥାନ ମାଡ଼ି ବସିଅଛି । ଇଂରାଜୀଅନଭିଜ୍ଞା ଆମ୍ଭମାନଙ୍କର ପଲ୍ଲୀ ବଧୂ ତାହାଙ୍କ ପିତୃଗୃହର ଦାସୀକୁ ଅନାଇ ଅଶ୍ରାବ୍ୟ ସ୍ୱରରେ କହୁଅଛନ୍ତି "ଗେଣ୍ଠୀ, ମୋ ସେମିଜର ଅଉ ଗୋଟାଏ ବୋତାମ କାହିଁ ? ବାକ୍ସଟା ନେଇଆ, ଏଥିରେ ଏହି ସେଫ୍‌ଟିପିନ୍‌ଟା ଲଗାଇ ଦିଏଁ; ବାକ୍ସରୁ ବାଣ୍ଡିସ୍ ଛଡ଼ ଗଲାଣି—ଲମ୍ପଟା ଧୁଆଁଇ ଦେ, ଭଲ କରି ଦେଖେଁ । ତୁ କଅଣ ଗୋଟିଏ ସୁଆଙ୍ଗ ? ଗିଲାସଟାକୁ ଗୋଡ଼ରେ ଗଡ଼େଇ ପକାଇଲୁ କାହିଁକି ? କୋଟରେ ମାଟି ଲାଗିଗଲା; ସାନ ଦିଅର ଇସ୍କୁଲରୁ ଆସି ଯେଉଁ କାର୍ପେଟ ଉପରେ ବସନ୍ତି ତାହା ତ ଭିଜି ଗଲା, ଦେଖୁ ନାହୁଁ କାହିଁକି ?" ଯେତେବେଳେ ବଧୂ ଅନ୍ଦର ମହଲର ଏକଆଡ଼େ ଆଡୁଆଲରୁ ଏ କଥା ଗୁଡ଼ିକ ତାହାଙ୍କ ଦାସୀକୁ କହୁଅଛନ୍ତି, ଅନ୍ଦରର ଅପର ଆଡ଼େ କକ୍ଷାନ୍ତରରେ ଠିକ୍ ସେହି ସମୟରେ ଖୁବ୍ ପାଟି କରି ସ୍ୱୟଂ ଶ୍ୱଶ୍ରୁ ଠାକୁରାଣୀ କହୁଅଛନ୍ତି, "ନଚ୍ଛିହି ଯେ ସାବୁ ଖାଇବ, ଆରାରୁଟ ଆଣିବାକୁ କହିଲା କିଏ ? ଏହା ପରା ବାମ୍ଭଙ୍କ କାମ ? ଦେଖ୍ ବାସୁଆ, ଡାକ୍ତର ଆସିଗଲେ କି ? ମୋତେ ସେ କୁଇନାଇନ୍ ବୋତଲଟି ଦେ, ନାଣୀଙ୍କୁ କହି ଦେବୁ ଫୋମେଣ୍ଟର ପାଣି ଗରମ କରିବାକୁ—ନାଣୀ ଫଲାନେଲ୍ କନା ଖଣ୍ଡିକ କେଉଁଆଡ଼େ ପକାଇଦେଲା ? ସେ ବୋତଲଟା ହାସପାତାଲର—ତାହା ଫେରାଇ ଦେବାକୁ ହେବ ।" ଇତି ମଧ୍ୟରେ ରମାର ମା ଆସି ଖବର ଦେଲା "ଜ୍ୱାଇଁ ବାବୁ ରେଲ ପାଇଲେ ନାହିଁ । ଇଷ୍ଟେସନରୁ ଫେରି ଆସିଲେ ।"

ବୋଲିବା ବାହୁଲ୍ୟ ଯେ ବଧୂ, ତାହାଙ୍କ ପିତୃଗୃହର ଦାସୀ, ଶ୍ୱଶ୍ରୁ ଠାକୁରାଣୀ ଓ ତାହାଙ୍କର ଦାସଦାସୀବର୍ଗ—ଏମାନଙ୍କ ମଧ୍ୟରୁ କେହି ସୁଦ୍ଧା ଇଂରାଜୀ ପଢ଼ି ନାହାନ୍ତି ଅଥଚ ସମସ୍ତେ ଏକତ୍ରିତ ହୋଇ ଏକ ଝୋକେଇ ଇଂରାଜୀ କଥା ବ୍ୟବହାର କରୁଅଛନ୍ତି, କହୁଅଛନ୍ତି ଓ ବୁଝୁଅଛନ୍ତି । ସେମିଜ, ବୋତାମ, ବାକ୍ସ, ବାଣ୍ଡିସ, ସେଫ୍‌ଟିପିନ୍, ଲମ୍ପ, ଗିଲାସ, କୋଟ, ଇସ୍କୁଲ, କାର୍ପେଟ, ସାବୁ, ଆରାରୁଟ, ଡାକ୍ତର, କୁଇନାଇନ୍, ଫୋମେଣ୍ଟ, ଫଲାନେଲ୍, ବୋତଲ, ହାଁସପାତାଲ, ରେଲ ଓ ଇଷ୍ଟେସନ୍; ଏତେ ଗୁଡ଼ାଏ କଥାରୁ ଗୋଟିଏ ସୁଦ୍ଧା ଓଡ଼ିଆ କଥା ନୁହେ, ସବୁ ଗୁଡ଼ିକ ବିଲାତି ଶବ୍ଦ । ଅଥଚ ଏକ ମୁହୂର୍ତ୍ତରେ ଏ ଗୁଡ଼ିକର ଶିଳାବୃଷ୍ଟି ହୋଇଗଲା । ଯେଉଁମାନେ ଏହି ସବୁ କଥାରେ କୁହା କୁହି ହେଲେ ସେମାନଙ୍କ ମଧ୍ୟରୁ କେହି ସୁଦ୍ଧା ଇଂରାଜୀ ଜାଣିବେ ସେ କାର୍ଯ୍ୟଟିକି କଲେ ନାହିଁ । କେବଳ ପ୍ରୟୋଜନର ଅନୁରୋଧରେ ଆପଣା କାର୍ଯ୍ୟ ଉଦ୍ଧାରାର୍ଥ ନିଜ ଘରର ଓଡ଼ିଆ ଭଳି ଅବାଧ ଭାବନରେ ସେହି ବିଲାତି କଥା ଗୁଡ଼ିକରେ କୁହା କୁହି ହେଲେ । ଏ ଭଳି କୁହା କୁହି ଆଜିକାଲିର ପ୍ରତ୍ୟେକ ଶିକ୍ଷିତ ଓଡ଼ିଆର ଗୃହସ୍ଥାଳୀରେ ପ୍ରାୟ ପ୍ରତି ମୁହୂର୍ତ୍ତରେ ଚାଲିଅଛି ସିନା ?

ଏ ସ୍ଥଳରେ ଗୋଟିଏ ଆପତ୍ତି ଉଠିପାରେ ଯେ ସେମିଜ ଆଜି ପର୍ଯ୍ୟନ୍ତ ସମସ୍ତ ସୁନ୍ଦରୀଙ୍କର ଶରୀର ଶୋଭିତ କରି ନାହିଁ, ଅତଏବ ସେମିଜ କଥାଟି ସମଗ୍ର ଉତ୍କଳରେ ସାର୍ବଭୌମିକ ହେବାକୁ କିଛି ଦିନ ବିଳମ୍ବ ହେବ । ଏହା ସତ୍ୟ । ବାସ୍ତବିକ ସେମିଜ ଆଜି ପର୍ଯ୍ୟନ୍ତ ସମସ୍ତଙ୍କ ଅଙ୍ଗ ପରିଶୋଭିତ କରି ନାହିଁ; କିନ୍ତୁ ବୋତାମ କଥାଟି ଆବାଳ-ବୃଦ୍ଧ-ବନିତା, ମହାରାଣୀଙ୍କଠାରୁ ଶୁକ୍ଳା ଘରଆଣୀ ପର୍ଯ୍ୟନ୍ତ, ଘରକୋଣର କୁଳବଧୂଠାରୁ ବଜାରର ବାର-ବଧୂ ଅବଧି କିଏ ବ୍ୟବହାର ନ କରନ୍ତି, କୁହନ୍ତି ଏବଂ ବୁଝନ୍ତି ? ସାବୁ କିଏ ନ କହନ୍ତି ? ଲମ୍ପ କଥାଟି ଅନେକ ଅଶୀତିପର ବୃଦ୍ଧା ମୁଖରୁ ଲାମ୍ଫ ନାମରେ ଉଚ୍ଚାରିତ ହେବା ଲେଖକ ଅନେକ ଥର ଶୁଣିଅଛି । ଏହିରୂପ ଅସଂଖ୍ୟ ଇଂରାଜୀ କଥା ଅନ୍ୟାନ୍ୟ ବିଦେଶୀୟ ଯାବନିକ କଥା ଭଳି ବର୍ତ୍ତମାନ ଓଡ଼ିଆ ହୋଇ ଗଲାଣି । ସମସ୍ତେ ସେଗୁଡ଼ିକ ଦିବସ ଘଣ୍ଟା ବ୍ୟବହାର କରନ୍ତି, ତାହାର ଅର୍ଥ ବୁଝନ୍ତି, କିନ୍ତୁ ସେ କଥା ଗୁଡ଼ିକ ଯେ ଓଡ଼ିଆ ନୁହେ—ବିଲାତି, ଶତକରା ୯୦ ଜଣ ତାହା ବୁଝନ୍ତି ନାହିଁ ।

କେତୋଟି ମାତ୍ର କଥାର ଉଲ୍ଲେଖ ହେଲା । କିନ୍ତୁ ଏ ଭଳି ବହୁ ବିଲାତି କଥା ଅଷ୍ଟ ପ୍ରହର ଆମ୍ଭମାନଙ୍କର ଗୃହ କୋଣରେ ବୁଲାଚଲା କରୁଅଛନ୍ତି । ଏହା ଉପରୁ ଆମ୍ଭମାନଙ୍କର ବାହାର ଅଗଣାରୁ ବଜାର ଓ ଦରବାରରେ ଯେ କେତେ ବିଲାତି କଥା ଓଡ଼ିଆ ଭାଷା ସହିତ ମିଳାମିଶି ଚଳନ୍ତି, ତାହା ଏରୂପ ପ୍ରବନ୍ଧରେ ଗଣି ଗଣି ଲେଖିବା ବନ୍ଦ କରିବା ଅସମ୍ଭବ । ତାହା ଓଡ଼ିଆ ଭାଷାକୋଷକାରଙ୍କର ବିଚାର୍ଯ୍ୟ ବିଷୟ ।

ଅପିଲ, ଏଫିଡେବିଟ୍, ଅର୍ଡର, ଇସୁ, ଗୁର୍ଜ୍ଜି, ମୋଶନ୍, ରିଟର୍ଣ୍ଣ, ସମନ, ଓୟାରେଣ୍ଟ, ରେଜେଷ୍ଟ୍ରୀ, ଷ୍ଟାମ୍ପ, କୋର୍ଟଫି, ଡିକ୍ରୀ (ଡିଗ୍ରୀ), ଡିସ୍‌ମିସ୍, ରେଭେନ୍ୟୁ, କୋର୍ଟ ଅଫ୍ ଓୟାର୍ଡ୍‌ସ୍, ଲାଇସେନ୍ସ (ଲାଇସେନ), ଇନ୍‌କମ୍ ଟେକ୍ସ, ହାଣ୍ଡନୋଟ, ଚେକ୍, କମିଶନ୍, ନୋଟିସ, ସବ୍-ଜଜ୍, ହାଇକୋର୍ଟ, କାଜ୍ କୋର୍ଟ, (ସ୍ମଲ କଜ୍ କୋର୍ଟ) ପ୍ରଭୃତି ଶତ ଶତ ଇଂରାଜୀ ଶବ୍ଦ ମୋକଦ୍ଦମାକାରୀ ଓ ଜମିଦାରୀ ସିରସ୍ତାର ଅତି ସାମାନ୍ୟ ଲୋକମାନଙ୍କ ମୁହଁରେ ଓଡ଼ିଆ କଥାଗୁଡ଼ିକ ଭଳି ବ୍ୟବହୃତ ହୋଇଥାଏ । ଏହା ମଧ୍ୟ ସତ୍ୟ ଯେ ଯେଉଁମାନେ କେବେହେଁ ମୋକଦ୍ଦମା କରି ନାହାନ୍ତି କିମ୍ବା ଜମିଦାରୀ ସିରସ୍ତାରେ ନାହାନ୍ତି, ସେମାନେ ଏହି ସମସ୍ତ ଶବ୍ଦରୁ କୌଣସି କୌଣସି ଶବ୍ଦ ଜାଣି ନ ଥିବେ । କିନ୍ତୁ ମାଜିଷ୍ଟ୍ରେଟ, କଲେକ୍ଟର, ଜଜ୍, ଡେପୁଟି ମାଜିଷ୍ଟ୍ରେଟ, ପୁଲିସ, କନଷ୍ଟେବଲ, ଟେକ୍ସ, ଇଷ୍ଟିମର, ମୋଟର ପ୍ରଭୃତି ପ୍ରଚଳିତ ଶତାଧିକ ଶବ୍ଦ କିଏ ନ ଜାଣନ୍ତି ? କିଏ ଏ ଗୁଡ଼ିକ ଓଡ଼ିଆ ବ୍ୟାବହାରିକ ଶବ୍ଦ ଭଳି ବ୍ୟବହାର କରି ନ ଥାଏ ?

ପ୍ରାୟ ପ୍ରତ୍ୟହ ହିଁ ବିଲାତି କଥାଗୁଡ଼ିକ କାନରେ ଗଲେଁ ଗଲେଁ ଓଡ଼ିଆ ଭାଷା ନିକଟରେ ପହଞ୍ଚି ଯାଇ କୁଟୁମ୍ବିତା କରୁଅଛି । ଏହିପରି ନୂତନ କୁଟୁମ୍ବର ସଂଖ୍ୟା ଆମ୍ଭମାନଙ୍କର କ୍ରମଶଃ ବଢ଼ି ଯାଉଅଛି । ମୁସଲମାନଙ୍କ ଅମଳର ପୁରାତନ କୁଟୁମ୍ବ ପୂର୍ବରୁ ଅନେକ ରହିଅଛି । ସବର୍ଣ୍ଣ ଉଦ୍ଭୂତ, ସଗୋତ୍ରୀୟ, ଆତ୍ମୀୟ, ଦଶ-ବିଶିରୁ ଢେର ଅପେକ୍ଷା

କୁଟୁମ୍ବ ଉପରେ ସ୍ୱଭାବତଃ ଯେପରି ଆଦର ବେଶି । ପୁରାତନ ଅପେକ୍ଷା ନୂତନ କୁଟୁମ୍ବ ପ୍ରତି ପୁଣି ଅଧିକ ପରିମାଣରେ ଆଦର । କିନ୍ତୁ ନୂତନ ଅଥବା ପୁରାତନ ହେଉ, କୁଟୁମ୍ବିତାରେ ଆମ୍ଭମାନଙ୍କର ଆଦର ଓ ଆସକ୍ତି ଏତେ ଅଧିକ ଯେ କୁଟୁମ୍ବ ସହିତ କାରବାର କରି କରି ନିଜ ଗୃହର ଆତ୍ମବଂଶୀୟ ବ୍ୟକ୍ତିମାନଙ୍କୁ ଅନେକ ସ୍ଥଳରେ ଏକାବେଳକେ ବିସ୍ମୃତ ହୋଇଅଛୁଁ ଏବଂ ସେମାନଙ୍କୁ କର୍ମଚ୍ୟୁତ ଓ ଅବ୍ୟବହାର୍ଯ୍ୟ କରି ରଖିଅଛୁଁ । "କାର୍ଯ୍ୟାଳୟ" ଶବ୍ଦଟି ସାକ୍ଷାତ୍ ସଂସ୍କୃତର ଶୋଣିତୋତ୍ପନ୍ନ ଖାଣ୍ଟି ଓଡ଼ିଆ ଶବ୍ଦ—କିନ୍ତୁ ଏହି ଶବ୍ଦଟି କେବେ ଆମ୍ଭେମାନେ କଥାବାର୍ତ୍ତାରେ ବ୍ୟବହାର କରିଥାଉଁ ଟିକି ? "କାର୍ଯ୍ୟାଳୟ" କଥାର ବଦଳରେ ଚିରକାଳ ମୁସଲମାନ କୁଟୁମ୍ବ "କଚେରି" କଥା ହିଁ ଆମ୍ଭେମାନେ ବ୍ୟବହାର କରିଅଛୁଁ, ଏ କାଳକୁ ପୁଣି କଚେରି ବଦଳରେ ଅନେକ ସ୍ଥଳରେ ଅଫିସ କହୁଅଛୁଁ । କାରଣ "ଅଫିସ" ଇଂରାଜ ଅମଳର ନୂତନ କୁଟୁମ୍ବ । ସୁତରାଂ ତାହା ସହିତ ସଖ୍ୟତା ଓ ସୌହାର୍ଦ୍ଦ୍ୟ ସ୍ୱଭାବତଃ ହିଁ ଅଧିକ । ଏହିରୂପ ଆମ୍ଭେମାନେ ପିଆଦା ନ କହି ପିଅନ କହୁଁ, ଦେଓ୍ୱାନ ନ କହି ମେନେଜର କହୁଁ, ଖଜାଣଚିଖାନା ବଦଳରେ ଟ୍ରେଜରି, ଆମିନ ବଦଳରେ ସର୍ଭେୟର, ଦାରୋଗା ବଦଳରେ ଇନ୍ସପେକ୍ଟର, ନମୁନା ବଦଳରେ ସାମ୍ପଲ୍, ଥାନା ବଦଳରେ ଷ୍ଟେସନ୍, ତମସୁକ ବଦଳରେ ବଣ୍ଡ କହୁଥାଉଁ । ଅଥଚ ଏ ଗୁଡ଼ିକରୁ କେହି ଆମ୍ଭ-ମାନଙ୍କର ନିଜର ନିଜସ୍ୱ ଖାଣ୍ଟି ଓଡ଼ିଆ ନୁହନ୍ତି, ସମସ୍ତେ ହିଁ କୁଟୁମ୍ବ; କେବଳ ପ୍ରଭେଦ ଏତିକି ଯେ, ଯେଉଁ କଥାଗୁଡ଼ିକ ଆମ୍ଭେମାନେ ତ୍ୟାଗ କରିଅଛୁଁ, ସେଗୁଡ଼ିକ ଆମ୍ଭମାନଙ୍କର ପୁରାତନ କୁଟୁମ୍ବ ଏବଂ ସେମାନଙ୍କ ସ୍ଥଳରେ ଯେଉଁମାନଙ୍କୁ ଗ୍ରହଣ କରୁଅଛୁଁ ସେମାନେ ନୂତନ କୁଟୁମ୍ବ; ମାତ୍ର ଏହି କୁଟୁମ୍ବମାନଙ୍କର କାର୍ଯ୍ୟ ପୂର୍ବକାଳରେ ଆମ୍ଭମାନଙ୍କର ଘରର ଲୋକ ମଧ୍ୟରେ ଯେଉଁମାନେ କରୁଥିଲେ, ସେମାନଙ୍କୁ ବର୍ତ୍ତମାନ ଅନୁସନ୍ଧାନ କରି ବାହାର କରିବା କଠିଣ । ଅବ୍ୟବହାରରେ ଆମ୍ଭେମାନେ ବିସ୍ମୃତ ହେବାରୁ ସେମାନଙ୍କ ମଧ୍ୟରୁ ଅନେକ ହିଁ ଲୋପାରୁ ଦେବଳାଳା ଅନୁସରଣ କରିଅଛନ୍ତି । ଶିକ୍ଷିତ ସମାଜର ଅଧିକାଂଶ ସ୍ଥଳରେ ପିଇବା ପାଣି ପରିବର୍ତ୍ତିରେ ବଙ୍ଗୀୟ "ଖାବାର ଜଲେର" ଅନୁକରଣ ସ୍ୱରୂପ "ଖାଇବା ପାଣି" ସ୍ଥାନ ଗ୍ରହଣ କରିଅଛି ଏବଂ ଅନ୍ୟାନ୍ୟ ଅନେକ ବଙ୍ଗୀୟ ଶବ୍ଦ ଓଡ଼ିଆର ନିଜସ୍ୱ ରୂପେ ବର୍ତ୍ତମାନ ପରିଗଣିତ ।

କବିସୂର୍ଯ୍ୟ ବଳଦେବ ରଥଙ୍କର ହୃଦୟୋନ୍ମାଦକାରୀ ସଙ୍ଗୀତର କେତେକ ଧାଡ଼ି ନମୁନାରୁ ଓଡ଼ିଆ ଭାଷାର ପୂର୍ବ କୁଟୁମ୍ବିତା ସୁସ୍ପଷ୍ଟ:—

"ଫତୁରି ଖୋର ଆଙ୍ଗରିକୁ ହେବାର ଏହି ଏକା ଏଥି ଫଳ ରେ ।"
"ଫନ୍ଦାଇ ନାନା ବିନୟ କହି ଦନ୍ତେ ତୃଣ ଧରିବାର ଗଲା ।"
"ଫନ୍ଦାଧନ ତୁ ତ ମୋର, ଫରିଅଦ କାହିଁ କରିବି ଏତେ ନାମେ
  ବାନ୍ଦା କଲେ ପଞ୍ଚେ କରିରେ ।"

"ଫରମାସ ମନେ ମନେ, ଫେରି ଦିଅନ୍ତୁ ସେ ଅବର ମୁଁ ଯେବେ
  ଯିବି ସେ ଦଗକୁ ଦନେ ରେ ।"
"ଫଉଜ ତୁଲେ କୁଞ୍ଜ ଦ୍ୱାରେ ରଖାଅ କହି ବଲ୍ଲୀଧାରଣ କରେ ।"
"ଫଜିତ ହୋଇ ଦୂରରେ ଥିଲେ ହେଲେ ଭଜି ଥିବାର ତ ସତ ।"
"ଫୁକାର ନୋହୁ ଜଗତେ, ଫଉଆ ନୁହ ତୁ ବୋଲେ ଜଗଦେବ
  ହରିଚନ୍ଦନ ଏ ଗୀତେ ।"
"ଜହର ତୁଲେ ତାହା ପିଇଲି ଗୋ" ।

କଟକ ନଗରର ସାଧାରଣ ଓଡ଼ିଆ ଭାଷାର ନମୁନାରେ ଯାବନିକର ପୂର୍ବ କୁଟୁମ୍ବିତା ମଧ୍ୟ ସୁସ୍ପଷ୍ଟୀକୃତ:—
"ଅଉଲ୍‌ରୁ ଆଖିର୍‌ତକ୍ ସେ ବସି ଦେଖୁଥିଲା ।"
"ଆଖିର୍ ତୁ ଗଲୁ ନାହିଁ, ମୁ କୋର୍‌ସେ ଚଲେଇ ଚଲେଇ
  ଥକିଗଲି ।"
"ଦାମ୍ ପଡ଼ିଲେ ଲୋଟା ଲେବା ।"
"ବଗୃକୁ ଏମା ତବ୍‌ଦ୍ଧାକ ଦେବ ଯେ ମଉଲ୍‌କୁ ଇୟାଦ୍
  କରୁଥିବୁ ।" ।

ଉଲ୍ଲିଖିତ ଗୀତ ଏବଂ ବାକ୍ୟ ଗୁଡ଼ିକରେ ବ୍ୟବହୃତ ଅନେକ ଶବ୍ଦ ଓଡ଼ିଆ ନୁହେଁ, ଯାବନିକ; କିନ୍ତୁ ଆମ୍ଭମାନଙ୍କ ଦେଶର ଜଳବାୟୁ ସେବନ କରି ଓ ମୃତ୍ତିକାରେ ବାସ କରି, ବହୁ କାଳାବଧି ଆମ୍ଭମାନଙ୍କର ଲୁଣ ଅଥବା ନିମକ ଖାଇ ବର୍ତ୍ତମାନ ଓଡ଼ିଆ ହୋଇ ଯାଇଅଛି । ଉତ୍କଳ ସାହିତ୍ୟର ଭଦ୍ରାସନ ମଧ୍ୟରେ ଆମ୍ଭେମାନେ ଏ ଗୁଡ଼ିକର ଘର ପ୍ରସ୍ତୁତ କରି ଦେଇଅଛୁଁ—ଏଗୁଡିକ ଆମ୍ଭମାନଙ୍କର ଅଭିଧାନରେ ସ୍ଥାନ ଗ୍ରହଣ କରିଅଛନ୍ତି । ଆମ୍ଭମାନଙ୍କର ଅନ୍ୟାନ୍ୟ ନିଜସ୍ୱ ଭଳି ସେଗୁଡ଼ିକ ବର୍ତ୍ତମାନ ଆମ୍ଭମାନଙ୍କର ନିଜସ୍ୱ ରୂପେ ପରିଗଣିତ । ସେଗୁଡ଼ିକର ଏବଂ ସେ ଗୁଡ଼ିକର ଅନ୍ୟାନ୍ୟ ଅନେକ ଭ୍ରାତା ଭଗିନୀର ଆମ୍ଭେମାନେ ଜନୟିତା ନ ହେଲେ ହେଁ ଅନ୍ନଦାତା, ପାଳକ ବା ପିତୃସ୍ଥାନୀୟ । ସେ ଗୁଡ଼ିକ ଉପରେ ଆମ୍ଭମାନଙ୍କର ସ୍ନେହ ମମତା ଜନ୍ମିଅଛି, ଏତେ ଦିନ ଉତ୍ତାରୁ ବର୍ତ୍ତମାନ ଆମ୍ଭେମାନେ କାହିଁକି ସେ ଗୁଡ଼ିକ ତ୍ୟାଗ କରି ପାରିବୁଁ ? ଗୃହିଣୀ, ତାଗାଦା, ଧୁନିଆ, ତହବିଲ, ମାସକାବାର, କୁଲୁପ, ଟଙ୍କା, ମୁନିବ, ତକ୍ତପୋଷ, ବେଇଜ୍ଜତ, ଦେଦ, ଡାକଆ, ସିନ୍ଦୁକ, ଲେପ, ରେକେଇ, ବଇନା, ଜାମିନ, ରେକ, ମହଲ, ହୁକୁମ, ତାମିଲ, ପୋଷାକ, ତାମାସା, ଫରମାସ, କାଗଜ, କଲମ, ଜାହାଜ, ତୋଫାନ, ମୋକଦ୍ଦମା, ମାସୁଲ, ମାମଲା, ଗୋଲାମି, ମାଫେତ୍, ସିରସ୍ତା, ସାକିନ, ମୁନଫା, ମୁସ୍କିଲ, ମରାମତି, କିଲ୍ଲା, ଅସ୍ତାବଲ, ସଉଦା, କର୍ଜ୍ଜ, ଆଇନ, କାଇଦା, ବଜାର, ଦୋକାନ, ମଇଦା, ରେକାବ, ଚସମା, ପ୍ରଭୃତି ଅସଂଖ୍ୟ କଥା ଗୁଡ଼ିକ ଯେବେ ହୃଷ୍ଟାଠୀ ଓ ସଂସ୍କୃତ ଟୋଲ ପ୍ରଭୃତିର ତାଡ଼ନାରୁ ଆଜି ଓଡ଼ିଆ ନ ହୁଏ, ତାହାହେଲେ ଓଡ଼ିଆଙ୍କୁ ଘର ଦ୍ୱାର ବନ୍ଦ କରି ଦେଇ ଅରଣ୍ୟରେ ଆଶ୍ରୟ ନେବାକୁ ହେବ । ଆମ୍ଭମାନଙ୍କ ଘରର



Digitized by srujanika@gmail.com

କୁଳବଧୂମାନେ ସୁଦ୍ଧା ଏଥିରୁ ଅନେକ ଶବ୍ଦ ପ୍ରତ୍ୟହ ଦୁଇଶ ଥର ବ୍ୟବହାର କରି ଥାଆନ୍ତି । ବସ୍ତୁତଃ ଏହି ସମସ୍ତ ଶବ୍ଦ ସଂସ୍କୃତ କିମ୍ବା ପ୍ରାକୃତମୂଳକ ଓଡ଼ିଆ ନୁହେଁ । ଏ ଗୁଡ଼ିକ ମଧ୍ୟରୁ କେତେକ ଆରବୀ, କେହି ଫାରସୀ, କେଉଁ ଶବ୍ଦ ତୁର୍କୀ, କେତେକ ଇଂରାଜୀ, କେତେଗୁଡ଼ିଏ ଅବା ପୋର୍ତ୍ତୁଗୀଜ ଭାଷାର ଶବ୍ଦ । ଗୃକରାଣୀ, ମୁନିବ, ତାଗାଦା, ତାମ୍ବୁଦାଦ, ହୁକୁମ, ତାମିଲ, ସିନ୍ଦୁକ, ଲେପ, ତକିଆ, ଜାମିନ, ଜୁଲୁମ, ମହଲ ପ୍ରଭୃତି କଥା ଗୁଡ଼ିକ ଆରବୀ; ତକ୍ତପୋଷ, ଚଦର, ରେଜେଇ, ପୋଷାକ ମଉଜା, ଖୁସି, ଖୋସାମଦ, ଖୁନ ଏ ଗୁଡ଼ିକ ପାରସୀ; ଚକ୍ ପ୍ରଭୃତି କେତେକ ଶବ୍ଦ ତୁର୍କୀ । ପକ୍ଷାନ୍ତରରେ ଗୀର୍ଜା, ମାସକାବାର, ଇଂରାଜ, ଗିର୍ଜ୍ଜା, ପାଦ୍ରୀ, ନିଲମ, ଆଲମାରି ପ୍ରଭୃତି ନିତ୍ୟ ବ୍ୟବହୃତ ଓଡ଼ିଆ ଶବ୍ଦ ଗୁଡ଼ିକ ପୋର୍ତ୍ତୁଗୀଜ-ମାନଙ୍କ ନିକଟରୁ ପ୍ରାପ୍ତ; ବୋମ୍ବାଟିଆ କଥା ମଧ୍ୟ ପୋର୍ତ୍ତୁଗୀଜ Bombardier; ଅନେକ ଇଂରାଜୀ କଥା ମଧ୍ୟ ଓଡ଼ିଆ ହୋଇ ଯାଇଅଛି ଓ ଯାଉଅଛି । ମାସ୍ତୁଲ ଇଂରାଜୀ, ଅସ୍ତାବଲ ଶବ୍ଦ ଅଧା ଇଂରାଜୀ ଅଧା ଆରବୀ; ଟେବୁଲ, ରେଲ, ସ୍କୁଲ, ଅଫିସ, କୋଟ, ତଉଲିଆ, ଗୋଦାମ, କାର୍ପେଟ, ବିସ୍କୁଟ, ଗିଲାସ, ବ୍ରୁରୁଶ, ବେଗ, ସିଲେଟ୍, ପେନ୍‌ସିଲ, ପାଲିସ ପ୍ରଭୃତି ଇଂରାଜୀ ଶବ୍ଦ କ୍ରମେ କ୍ରମେ ଓଡ଼ିଆ ହୋଇ ଭାଷାର ଚାଉଳ ଡାଲି ସହିତ ବୁଟ ମୁଗ ଓ ଗହମ ଡାଲି ମିଶ୍ରିତ ହୋଇ ଯାଇଅଛି ।

କିନ୍ତୁ ଆମ୍ଭେମାନେ ଯେ କେବଳ ନେଇଅଛୁଁ ଓ ନେଉଅଛୁଁ ତାହା ନୁହେଁ, ଆମ୍ଭେମାନେ ଅନେକ ଦେଇଅଛୁଁ ଓ ଦେଉଅଛୁଁ । ଦାତା ଏବଂ ଗ୍ରହୀତାମାନଙ୍କ ମଧ୍ୟରେ ମନୋମତ ସମାନ ଭାବରେ ଆଦାନ ପ୍ରଦାନ ଚାଲିଅଛି । ମୁସଲମାନମାନେ ହିନ୍ଦୁଙ୍କର ହିନ୍ଦୀ ଗ୍ରହଣ କରି ସେଥିରେ ସେମାନଙ୍କର ପାରସୀ ଭାଷାର ପୁଟ ଦେଇ ଅପୂର୍ବ ଉର୍ଦ୍ଦୁ ଭାଷା ଗଢ଼ିଅଛନ୍ତି । ଇଂରାଜମାନେ ଅନେକ ହିନ୍ଦୀ କଥା ଇଂରାଜୀ କରି ଦେଇ ନିଜସ୍ୱ କରିଅଛନ୍ତି ଏବଂ କ୍ରମଶଃ କେତେ ନେବେ ଏହା କିଏ କହିବ? ଏଥି ମଧ୍ୟରେ କେତେଖଣ୍ଡ ଏଙ୍ଗ୍ଲୋ ଇଣ୍ଡିଆନ୍ ଅଭିଧାନ ଲେଖା ହେଲାଣି ।

# ଶିଳ୍ପ ସମ୍ବନ୍ଧରେ କେତୋଟି କଥା *

**ଶ୍ରୀ ଜଗତ୍‌ମୋହନ ସେନ୍**

ନଟରାଜ ମୂର୍ତ୍ତିର ପ୍ରତିଲିପି ଆପଣମାନେ ଦେଖିଛନ୍ତି, କେହି କେହି ପମ୍ପେୟାଇରୁ ପ୍ରାପ୍ତ ଗୋଟିଏ ନୃତ୍ୟପର ମନୁଷ୍ୟର ବ୍ରୋଞ୍ଜ ମୂର୍ତ୍ତିର ପ୍ରତିଲିପି ମଧ୍ୟ ଦେଖିଛନ୍ତି । ଉଦୟଶଙ୍କରଙ୍କର ନୃତ୍ୟର ଫଟୋଗ୍ରାଫ ମଧ୍ୟ ଦେଖିଥିବେ ।

ଉଦ୍ଦେଶ୍ୟ ବିଭିନ୍ନ ହେଲେହେଁ ବିଷୟ ଏକ—ନୃତ୍ୟ । ଦ୍ରଷ୍ଟା ତିନ । ଶେଷ ଆଜି କହୁଛି, କ୍ୟାମେରା ଏବଂ ଅପର ଦୁଇ ଜଣ ଶିଳ୍ପୀ । କ୍ୟାମେରାର ଆଖି ଯେତିକି ଦେଖିଛି ସେତିକି, ତାକୁ ଯେତିକି ଦେଖିବାର ସୁଯୋଗ ଦିଆ ଯାଇଛି, ତାର ଅଧିକ ବେଶି ସେ ଦେଖି ପାରି ନାହିଁ । ଦେଖିବାର କଥା ନୁହେଁ,—ନିର୍ଜୀବ ଯନ୍ତ୍ର ମାତ୍ର ସେ । ଚିତ୍ରରେ ଯେ ସୌନ୍ଦର୍ଯ୍ୟ ପରିସ୍ଫୁଟ ହୋଇଛି, ତାର ସ୍ରଷ୍ଟା ଦୁଇ ଜଣ,—ଅଭିନେତା ସ୍ୱୟଂ, ଅପର ଜଣେ ଆଲୋକଶିଳ୍ପୀ । ଆଲୋକଶିଳ୍ପୀଙ୍କୁ ଶିଳ୍ପୀ କହିଲେ ମଧ୍ୟ ଆଲୋକ ଚିତ୍ରଟି ଶିଳ୍ପ ସୃଷ୍ଟି ନୁହେଁ, ଗୋଟିଏ ନିଖୁଣ ନକଲ ମାତ୍ର ।

ବର୍ତ୍ତମାନ ପମ୍ପେୟାଇରୁ ପ୍ରାପ୍ତ ବ୍ରୋଞ୍ଜ ମୂର୍ତ୍ତିର କଥା ଧରାଯାଉ । ଜଣେ ଲୋକ କଣ ଗୋଟିଏ ମୂର୍ତ୍ତି ପାଇ ଆନନ୍ଦରେ ଆତ୍ମହରା ହୋଇ ନାଚୁଛି । ଶିଳ୍ପୀ ତାକୁ ଦେଖିଛନ୍ତି । ସେ ଦେଖିଛନ୍ତି ତାହାର ସର୍ବ ଶରୀର ପେଶୀମାନଙ୍କର ନୃତ୍ୟକାଳୀନ ସଞ୍ଚାଳନ, ତାହାର ସୁନ୍ଦର ସୁଠାମ ଦେହରେ ଆଲୋକ ଏବଂ ଛାୟାର ବିଚିତ୍ର ନୃତ୍ୟଲୀଳା—ଶିଳ୍ପୀ ଏ ସମସ୍ତ ତାଙ୍କ ମୂର୍ତ୍ତିରେ ଯଥାଯଥ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି ଏବଂ ସେ ଚେଷ୍ଟା ତାଙ୍କର ବ୍ୟର୍ଥ ହୋଇ ନାହିଁ । କ୍ୟାମେରା ମଧ୍ୟ ଏ କାର୍ଯ୍ୟ କରିପାରନ୍ତା । ତଥାପି ଏ ମୂର୍ତ୍ତି ଗୋଟିଏ ସ୍ୱତନ୍ତ୍ର ସୃଷ୍ଟି—ନକଲ ନୁହେଁ । ଦେହର ଭଙ୍ଗୀ, ଆଲୋକ ସମ୍ପାତ ପ୍ରଭୃତି ବାଦ ଦେଇ ଅନ୍ୟ ଯାହା ଦେଖିଛନ୍ତି ଏବଂ ଦେଖାଇଛନ୍ତି ତାହା କ୍ୟାମେରାର ଜଡ଼ ଚକ୍ଷୁର ସାଧାତୀତ । ମୂର୍ତ୍ତିର ନୃତ୍ୟ ଭଙ୍ଗୀ ମଧ୍ୟ ଦେଇ ଦେହର ପେଶୀର କମ୍ପନକୁ ଆଶ୍ରୟ କରି ଯେଉଁ ଉଚ୍ଛଳ ଆନନ୍ଦ ଧାରା ତାହାର ସର୍ବ ଶରୀରରେ ତରଙ୍ଗାୟିତ ହୋଇଛି, ତାହାର ସବୁଯାକ ମନୁଷ୍ୟର ନିଜସ୍ୱ ନୁହେଁ,—ତାର ନୃତ୍ୟକୁ ଶିଳ୍ପୀ ଯେଉଁ ଆନନ୍ଦର ସହିତ ଉପଭୋଗ କରିଛନ୍ତି ସେ ଅଧୀର ଆନନ୍ଦ ମଧ୍ୟ ଛେଦଣୀର ଆଘାତରେ ଅଚପଳ ହୋଇ ରହିଛି ।

ଏଥର ନଟରାଜଙ୍କ ପାଳି । ଶିଳ୍ପୀ ସମ୍ଭବତଃ ଚର୍ମଚକ୍ଷୁରେ କିଛି ଦେଖି ନାହାନ୍ତି । ସେ ଦେଖିଛନ୍ତି ସ୍ୱପ୍ନ । ଆଲୋକ ଛାୟାର ଲୀଳା

* ବାରିପଦା ସାହିତ୍ୟ ସମାଜର ୨ୟ ବାର୍ଷିକ ଅଧିବେଶନରେ ପଠିତ

ପ୍ରତି ତାଙ୍କର ଦୃଷ୍ଟି ନାହିଁ, ଦେହର ପେଶୀ-ସଞ୍ଚାଳନ ତାଙ୍କ ଆଖିରେ ପଡ଼ୁଛି ବୋଲି କିଛି ପ୍ରମାଣ ମିଳେ ନାହିଁ । ସେ ଧ୍ୟାନନେତ୍ରରେ ଦେଖିଛନ୍ତି ବାଧାବନ୍ଧନହୀନ ନିଷ୍ଠ ଦେବତାଙ୍କର ବିରାଟ ଔଦାସୀନ୍ୟ, ତାଙ୍କର ତାଣ୍ଡବର ଆନନ୍ଦ । ସେ ଧ୍ୟାନର ଦେବତା ତାଙ୍କ ସୃଷ୍ଟିରେ ମୂର୍ତ୍ତି ହୋଇଛନ୍ତି ।

ଏ ସମସ୍ତ ଦେଖି ଯଦି କେହି କହନ୍ତି ଯେ ପ୍ରାଚ୍ୟ ଶିଳ୍ପର ବିଶେଷତ୍ୱ ପ୍ରକୃତିକୁ ତୁଚ୍ଛ କରି, ଅଗ୍ରାହ୍ୟ କରି ସମ୍ପୂର୍ଣ୍ଣ ନୂତନ ସୃଷ୍ଟି କରିବାରେ, ତେବେ ସେ ଭୁଲ କରିବେ । ପ୍ରଥମ କଥା ପ୍ରକୃତିକୁ ଅବହେଳା କରି ଯଥାର୍ଥ ଶିଳ୍ପ-ସୃଷ୍ଟି ଅସମ୍ଭବ । ପ୍ରାଚୀନ ମୂର୍ତ୍ତି-ଶିଳ୍ପର ଏପରି ଅନେକ ନିଦର୍ଶନ ଅଛି, ଯେଉଁଥିରେ ପ୍ରକୃତିକୁ ଅବହେଳା କରିବାର ଚିହ୍ନ ବର୍ତ୍ତମାନ—ମୁଁ **grotesque** ଶ୍ରେଣୀର ଶିଳ୍ପକୁ ଛାଡ଼ି ଦେଇ କହୁଛି—ସେ ସବୁରେ ଯେତେ କାରୁକଳାର ବିକାଶ ଥିଲେ ସୁଦ୍ଧା ସେ ଗୁଡ଼ିକ ସ୍ୱତନ୍ତ୍ର ରୂପସୃଷ୍ଟିର ନିଦର୍ଶନ ନୁହେ—ଅଧିକାଂଶ କ୍ଷେତ୍ରରେ ସେ ଗୁଡ଼ିକ ନକଲ । ଯେଉଁ ଯୁଗରେ, ଯେଉଁ ହାତରୁ ତାଙ୍କର ଜନ୍ମ, ସେ ଯୁଗକୁ ସେ ହାତକୁ ଶାସ୍ତ୍ରର ଅନୁଶାସନ ବାନ୍ଧି ରଖିଥିଲା । ଶିଳ୍ପୀର ଧ୍ୟାନ ଦୃଷ୍ଟିର, ତାର କଳ୍ପନାର ସ୍ୱାଧୀନତାର ବିକାଶ ସେଥିରେ ହୋଇ ପାରି ନାହିଁ । କାରଣ ଅତି ସ୍ୱାଭାବିକ । ମହତ୍ ବା ସୁନ୍ଦର କିଛି ଦେଖିଲେ ଶୁଣିଲେ ତାର ପୁନରାବୃତ୍ତି କରିବାର ବା ଦେଖିବାର ଇଚ୍ଛା ଆମ ମନରେ ହୁଏ । ଗୋଟିଏ ସୁନ୍ଦର ଗୀତ ଶୁଣିଲେ ତାକୁ ଆଉ ଥରେ ଶୁଣିବାକୁ ମନ ହୁଏ, ଶୁଣି ନ ପାରିଲେ ଅନ୍ତତଃ ନିଜେ ନିଜେ ଗୁଣୁ ଗୁଣୁ କରି ଗାଇବାର ଇଚ୍ଛା ମଧ୍ୟ ହୁଏ । କିନ୍ତୁ ମୋର କଣ୍ଠରେ ଯଦି ସ୍ୱର ନ ଥାଏ ? କିମ୍ବା ମୁଁ ଯଦି ସେ ସ୍ୱର ଠିକ୍ ସେହିପରି ସ୍ମରଣ କରି ନ ପାରେଁ ? ନିରାଶାକୁ ଆମେ ସହଜରେ ପ୍ରଶ୍ରୟ ଦେବାକୁ ରାଜି ନୋହୁଁ । ତାକୁ ଜୟ କରିବାକୁ ଯାଇ ସଙ୍ଗୀତ ଶାସ୍ତ୍ରର ସୃଷ୍ଟି ହେଲା । ଶାସ୍ତ୍ରୋକ୍ତ ରାଗ ରାଗିଣୀକୁ ଯଥାଯଥ **reproduce** କରିବାର ବ୍ୟବସ୍ଥା ହେଲା । ଆମେ ନିଶ୍ଚିନ୍ତ ହେଲୁଁ । ଯେଉଁମାନେ ଶାସ୍ତ୍ର ରଚନା କଲେ, ସେମାନେ ତାର ସୀମା ଜାଣିଲେ । ତାଙ୍କର ପରବର୍ତ୍ତୀ ଯୁଗରେ ମଧ୍ୟ ବେଶି ବୁଝିଲା, କିନ୍ତୁ କ୍ରମେ ସଙ୍ଗୀତଜ୍ଞଙ୍କ ନିକଟରେ ଶାସ୍ତ୍ର ଜ୍ଞାନର ମୂଲ୍ୟ ହେଲା ଚରମ ଏବଂ ପରମ ପଦାର୍ଥ । ସଙ୍ଗୀତ ପ୍ରବୀଣ ଓସ୍ତାଦଙ୍କର ସଘନ ଶିରଃ ସଞ୍ଚାଳନ ଏବଂ ବିକଟ ଦନ୍ତ ବିକାଶ ଦେଖି ଦେଶ ଛାଡ଼ି ପଳାଇବାର ଉପକ୍ରମ କଲା । କେବଳ ସଙ୍ଗୀତ କାହିଁକି, ଧର୍ମରେ, ଶିଳ୍ପରେ, ସାହିତ୍ୟରେ ଯେତେବେଳେ ବାହ୍ୟ ଆବରଣର ଗୌରବ ପ୍ରାଣ ବସ୍ତୁକୁ ଅତିକ୍ରମ କରେ, ଦେବମୂର୍ତ୍ତି ଯଦି ଦେବତାର ଉପରେ ଆସନ ପାଏ, ତେବେ ତାର ଫଳ ଯେଉଁ ଗଢ଼ୁ ଗଢ଼ୁ ମାଙ୍କଡ଼ ଗଢ଼ିବା ପରି ହୁଏ ।

ଏ ଦେଶର ଶିଳ୍ପର ଇତିହାସରେ ସେଠା ଛଡ଼ାଯାଇ ନାହିଁ । ଉତ୍କୃଷ୍ଟ ସୁନ୍ଦର ମୂର୍ତ୍ତି ସମୂହର ପ୍ରତିରୂପ ସୃଷ୍ଟି କରିବା ପ୍ରଚେଷ୍ଟାରେ ସମ୍ଭବତଃ ମୂର୍ତ୍ତି ଶିଳ୍ପ ସମ୍ବନ୍ଧୀୟ ଶାସ୍ତ୍ରର ସୃଷ୍ଟି ହେଲା । ଶାସ୍ତ୍ରର ଅନୁଶାସନକୁ ଅତିରିକ୍ତ ପ୍ରାଧାନ୍ୟ ଦେବାକୁ ପାଇ ଶିଳ୍ପୀର ସ୍ୱାଧୀନତା ବ୍ୟାହତ ହେଲା । ତାହାର ଫଳ ସେ ଯୁଗରେ ସମ୍ଭବତଃ ବେଶୀ ଫଳ ନାହିଁ,—ଫଳିଛି ଏ ଯୁଗରେ ।

ଗୁରୁଭକ୍ତି ଆମର ଅସାଧାରଣ । ଏପରି ସମୟ ଥିଲା ଯେତେ-ବେଳେ ଚିରାଚରିତ ଶାସ୍ତ୍ରର ସୀମା ଲଙ୍ଘନ କରିବାକୁ ଆମର ଭୀତିର ଅନ୍ତ ନ ଥିଲା । ତାକୁ ଯେତେବେଳେ ଛାଡ଼ିଲୁଁ ସେତେବେଳେ ଗୁରୁଙ୍କ ଆସନ ପଶ୍ଚିମକୁ ଟଳିଗଲା । ସେତେବେଳେ ବିଲାତି ପରି ସୁନ୍ଦର ଆମ ଆଖିରେ ଆଉ କିଛି ଦିଶିଲା ନାହିଁ । ଗ୍ରୀସର ଭାସ୍କର୍ଯ୍ୟ ଓ ବିଲାତି ଛବି ଶିଳ୍ପର ଚରମ ଉତ୍କର୍ଷର ନିଦର୍ଶନ ବୋଲି ଗଣ୍ୟ ହେଲା । ଘରେ ଯାହା ଥିଲା ସେ ସବୁ ମୁହୂର୍ତ୍ତକେ ଅସୁନ୍ଦର ଅମାର୍ଜିତ ବୋଲି ପ୍ରତିପନ୍ନ ହେଲା ।

ଗୁରୁଙ୍କ କଥା ଚିରକାଳ ଆମେ ବେଦବାକ୍ୟ ମନେ କରି ଆସିଛୁଁ । ସୁତରାଂ ପଶ୍ଚିମା ଗୁରୁ ଯେତେବେଳେ ଆମର ପ୍ରାଚୀନ ଶିଳ୍ପର ପ୍ରଶଂସାରେ ଶତମୁଖ ହୋଇ ଉଠିଲେ, ସେତେବେଳେ ନିଜର ଅନ୍ଧତ୍ୱ ଆମେ ଅନୁଭବ କଲୁଁ—କିନ୍ତୁ ଅନ୍ଧତା ଦୂର ହେଲା ନାହିଁ । ହ୍ୟାଭେଲ୍ ସାହେବ କହିଛନ୍ତି, ଷ୍ଟେଲା କ୍ରାମରିଶ କହିଛନ୍ତି,—ଅତଏବ ତା' ଉପରେ ଆଉ କଥା ନାହିଁ । ଆମେ ବିନା ବିତର୍କରେ ପାଣି ପରି ବୁଝିଗଲୁଁ ଯାହା କିଛି ପ୍ରାଚ୍ୟ ଓ ପ୍ରାଚୀନ ତାହାହିଁ ସର୍ବୋତ୍କୃଷ୍ଟ ।

ସାହେବ କହିଲେ, ଭାରତୀୟ ଶିଳ୍ପରେ ପୁଙ୍ଖାନୁପୁଙ୍ଖରୂପେ ପ୍ରକୃତିକୁ ଅନୁସରଣ କରିବାର ଚେଷ୍ଟା ନାହିଁ । ଅତୀନ୍ଦ୍ରିୟ ସୌନ୍ଦର୍ଯ୍ୟର ବିକାଶ ତାର ଚରମ ଲକ୍ଷ୍ୟ । ସେଥିରୁ ଆମର **corollary** ହେଲା ଯେ ଯେଉଁ ଶିଳ୍ପ ଯେତେ ବେଶି ଅସ୍ୱାଭାବିକ, ତାହାର ସ୍ଥାନ ସେତେ ଉଚ୍ଚ ।

ଅକ୍ଷମତାକୁ ଗୋଟାଏ ସୁନ୍ଦର ସୁଯୋଗ ମିଳିଲା । ମଣିଷର ଭୁଜର ଭୁଜତ୍ୱ ଯାଇ ମୃଣାଳତ୍ୱ ପ୍ରାପ୍ତି ହେଲା, କାରଣ ଭୁଜ ଅପେକ୍ଷା ମୃଣାଳ ଆଙ୍କିବା ସହଜ । କୁନ୍ଦଦଶନ ପଦ୍ମପଲାଶଲୋଚନ ଇତ୍ୟାଦିଙ୍କର ଅବସ୍ଥା ମଧ୍ୟ ତଦ୍ରୂପ ହେଲା । ତା' ପରେ କର୍ମ-ଲକ୍ଷଣ । କର୍ମ ବାହ୍ୟେନ୍ଦ୍ରିୟର ରାଜ୍ୟରେ—ତେଣିକି ଦୃଷ୍ଟି ଦେଲେ ଆମର **Indian art** ନଷ୍ଟ ହୁଏ—କାରଣ ଅନ୍ତରର ଅନ୍ତରାଳରେ ତାର ଦୃଷ୍ଟି—ସାହେବ କହିଅଛନ୍ତି । ତାହାଛଡ଼ା ଅବୟବରେ କର୍ମର ପ୍ରକାଶ ଅପେକ୍ଷା ଧ୍ୟାନୀ ବୁଦ୍ଧଙ୍କର ହାତଗୋଡ଼ ଆଖି ଆଙ୍କିବା ଅନେକ ସହଜ । ଅତଏବ ମା କାଳୀ ହୁଅନ୍ତୁ ବା ଶ୍ରୀକୃଷ୍ଣ ହୁଅନ୍ତୁ, ସମସ୍ତେ ଏକ ପ୍ରକାର ହେବାକୁ ଚାଲିଲେ, କାରଣ ବାହ୍ୟରୂପରେ ଭେଦ ଅଛି ସିନା, ଅନ୍ତରରେ ତ କୃଷ୍ଣକାଳୀ ଅଭେଦ । ସ୍ତ୍ରୀ ଲୋକଟିଏ କୂଅରୁ ପାଣି କାଢ଼ୁଥିଲା—ଶିଳ୍ପୀଙ୍କ ଧ୍ୟାନ ଦୃଷ୍ଟିରେ ସେ ଧ୍ୟାନୀ ବୁଦ୍ଧ ରୂପରେ ପ୍ରତିଭାତ ହେଲା । କାରଣ



Digitized by srujanika@gmail.com

ସାଧାରଣ ଦୃଷ୍ଟିରେ ସେ କୁଅରୁ ପାଣି କାଢ଼ୁଛି ସିନା, ତାର ଅନ୍ତରରେ ଯେଉଁ ଆଶା ଆକାଂକ୍ଷାର ଦ୍ୱନ୍ଦ୍ୱ, ଶିଳ୍ପୀଙ୍କର ଧ୍ୟାନ ଦୃଷ୍ଟିରେ ତାର ମୂଲ୍ୟ ତ ବେଶି ହେବା ଉଚିତ । ରୂପ ସାଧକଙ୍କର ରେଖାରେ ଯେ ବନ୍ଦୀ ହେଲେ ସେ ଅରୂପ ନା ବିରୂପ, ତାହା କିଏ କହିବ ? କିନ୍ତୁ ଏପରି ସ୍ୱାଧୀନ ସୃଷ୍ଟି ଅପେକ୍ଷା ନକଲ କରିବା ବୋଧ ହୁଏ ସହସ୍ର ଗୁଣରେ ବାଞ୍ଛନୀୟ ଥିଲା ।

କିନ୍ତୁ ଗୋଟାଏ କଥା—ସତେ କଣ ବାହ୍ୟ ପ୍ରକୃତି ପ୍ରତି **Indian art** ଦୃଷ୍ଟି ଦିଏ ନାହିଁ ? ନଟରାଜଙ୍କର ମୂର୍ତ୍ତି, ଧ୍ୟାନୀ ବୁଦ୍ଧଙ୍କର ମୂର୍ତ୍ତି—ଥାଉ ସେ କଥା, ଏଠାରେ କୀଚକେଶ୍ୱରୀଙ୍କ ମନ୍ଦିରରେ ଯେଉଁ ଚଣ୍ଡୀ ମୂର୍ତ୍ତି ଅଛି, ତାକୁ ଦେଖି କିଏ କହିବ ଯେ ବାହ୍ୟ ପ୍ରକୃତିକୁ ଲଙ୍ଘନ କରିବା ହିଁ ଭାରତୀୟ ଶିଳ୍ପର ଶ୍ରେୟଃ ପନ୍ଥା ? ଶ୍ୟାମା ଭୟଙ୍କରୀର ଯେଉଁ ଚରମ ପରିକଳ୍ପନା ସେଥିରେ ମୂର୍ତ୍ତି ପରିଗ୍ରହ କରିଛି, ଶିରାଳ ଦୀର୍ଣ୍ଣ ବାହୁ, ଦାନ୍ତରୁ ମାଂସ କଣିକା ଖୁଣ୍ଟିବାର ଚେଷ୍ଟା ଛାଡ଼ ଦେଇଥିଲେ ସେଥିରେ ଶିଳ୍ପୀ କେତେଦୂର କୃତକାର୍ଯ୍ୟ ହୋଇଥାନ୍ତେ ତାହା ସନ୍ଦେହର ବିଷୟ । ନଟରାଜଙ୍କ ଔଦାସୀନ୍ୟ, ଧ୍ୟାନୀ ବୁଦ୍ଧଙ୍କର ତନ୍ମୟତା, ନୃତ୍ୟ ଏବଂ ଧ୍ୟାନକୁ ଛାଡ଼ ଦେଇ ସମ୍ଭବ ହୋଇ ପାରନ୍ତା କି ?

ପ୍ରକୃତିକୁ ଲଙ୍ଘନ କରି ଉଚ୍ଚ ଶ୍ରେଣୀର ଶିଳ୍ପସୃଷ୍ଟି ଅସମ୍ଭବ । ତେବେ ଏ କଥା ସତ୍ୟ ଯେ ପ୍ରାଚ୍ୟ ଶିଳ୍ପର ଲକ୍ଷ୍ୟ ବାହ୍ୟ ପ୍ରକୃତିର **details** ପ୍ରତି ନାହିଁ; ପାଶ୍ଚାତ୍ୟ ଶିଳ୍ପରେ **details** ପ୍ରତି ଲକ୍ଷ୍ୟ ଟିକିଏ ବେଶୀ କିନ୍ତୁ ତାହା ଫଟୋଗ୍ରାଫ ପରି ନକଲ ମଧ୍ୟ ନୁହେଁ । ଯଥାର୍ଥ ଶିଳ୍ପ ସୃଷ୍ଟି ବାହ୍ୟ ପ୍ରକୃତିକୁ ସର୍ବତୋଭାବରେ ବର୍ଜନ କରେ ନାହିଁ କିମ୍ବା ସର୍ବତୋଭାବରେ ଗ୍ରହଣ ମଧ୍ୟ କରେ ନାହିଁ । ଶିଳ୍ପୀର ଚକ୍ଷୁ ଏବଂ କ୍ୟାମେରାର ଚକ୍ଷୁ ଏକା ପଦାର୍ଥ ନୁହେଁ ।

ଆଜି ଆମେ ଦେଖୁଛୁ ଭାରତୀୟ ଶିଳ୍ପର ଲକ୍ଷ୍ୟ ବାହ୍ୟ ପ୍ରକୃତିର **details** ପ୍ରତି ନାହିଁ । କିନ୍ତୁ ମହେଞ୍ଜୋଦାରୋ, ଏବଂ ହରପ୍ପାରେ ଯେଉଁ ସବୁ ମୂର୍ତ୍ତି ମିଳିଛି ସେଥିରୁ ଏକା ଥରେ ବିପରୀତ ପ୍ରମାଣ ମିଳିବ । ବାହ୍ୟ ପ୍ରକୃତିକୁ ଅନୁକରଣ କରିବାର ଚେଷ୍ଟା ସେଥିରେ ପୂର୍ଣ୍ଣ ମାତ୍ରାରେ ବିଦ୍ୟମାନ । ଯେଉଁ କାରଣରୁ ହେଉ, ପରବର୍ତ୍ତୀ ଯୁଗରେ ଶିଳ୍ପୀଙ୍କର ଦୃଷ୍ଟି ଅନ୍ୟ ପଥରେ ଆକୃଷ୍ଟ ହୋଇଥିଲା । ପାଶ୍ଚାତ୍ୟ ଦେଶର ଶିଳ୍ପୀ ସେ ପଥର ସନ୍ଧାନ ପାଇ ନାହାନ୍ତି । ଭାରତର ଶିଳ୍ପୀ ଦେହର ଲମ୍ବଗାଟାକୁ କି ମୋଟାଗାଟାକୁ ବୁଝାଇ ଦେଇ ସନ୍ତୁଷ୍ଟ ହୁଅନ୍ତି; ପାଶ୍ଚାତ୍ୟ ଶିଳ୍ପୀ ସେତିକିରେ ସ୍ଥିର ରହି ପାରନ୍ତି ନାହିଁ, ସେ ଶିଳାର ସ୍ୱାଧୀନ ଲେପ କରି ତାକୁ ତୂଳୀରେ କିମ୍ବା ରକ୍ତ ମାଂସବିଶିଷ୍ଟ ଘୋଡ଼ାରେ ପରିଣତ କରିବାର ଚେଷ୍ଟା କରନ୍ତି । ଭାରତୀୟ ଶିଳ୍ପୀ ହାତରେ ଶିଳା ଶିଳା ହୋଇ ରହେ । କିନ୍ତୁ ଏ ଉଭୟ ପ୍ରକାର ପ୍ରକାଶ ଭଙ୍ଗିର ଅନ୍ତରାଳରେ ଯେଉଁ ରୂପ ଆତ୍ମପ୍ରକାଶ କରେ, ସୃଷ୍ଟିର ଉତ୍କର୍ଷର ପରିମାଣ କରେ ସେ ।

ଆଜି ସଂସ୍କାର ଆମର ଦୃଷ୍ଟି ଏବଂ ବୁଦ୍ଧିକୁ ବିକୃତ କରିଛି । ଅବିକୃତ ଦୃଷ୍ଟି ଯାହାର, ବୁଦ୍ଧି ଯାହାର, ସେ ଆମ ନିକଟରେ ପାଗଳ । ସୁତରାଂ ଯେଉଁ ରୂପର କଥା କହିଲି ସେଟା ହୁଏତ ଅନେକଙ୍କୁ ଅଦ୍ଭୁତ ଲାଗିବ । କଥାଗୁଡ଼ିକ ଅସମ୍ବଦ୍ଧ ପ୍ରଲାପ ପରି ମନେ ହେବ । ବିଷୟଟି ମଧ୍ୟ ଯାହାକୁ କହନ୍ତି **technical** । ଶିଳ୍ପୀ କଣ ଦେଖନ୍ତି ଏବଂ କଣ ଦେଖନ୍ତି ନାହିଁ, ସେଟା ବୁଝିବାକୁ ହେଲେ ନିଜର ବାଲ୍ୟାବସ୍ଥାକୁ ସ୍ମରଣ କରନ୍ତୁ । ସେଦିନ ଯାହା ଦେଖିଥିଲେ, ଆଜି ମଧ୍ୟ ଦେଖନ୍ତି । କିନ୍ତୁ ଏ ଦେଖିବାରେ ପ୍ରଭେଦ କଣ ମନେ କରି ପାରିବେ କି ? ମୋର ମନେ ଅଛି । ସେ ଦିନ ମୁଁ ଯଥାର୍ଥ ରୂପକୁ ଦେଖୁଥିଲି—ମୋର କଳ୍ପନା ଥିଲା ମୁକ୍ତ, ସ୍ୱାଧୀନ, ସଂସ୍କାରମୁକ୍ତ । ଟପ୍ପଟପ୍ପର ଦର୍ଶନକୁ ଅଗ୍ରାହ୍ୟ କରି ମୁଁ ସେ ଦିନ ସେତା ଯୁଗକୁ ଫେରି ଯାଉଥିଲି । ଆଜି ଆଉ ରୂପକୁ ଦେଖେ ନାହିଁ—ଦେଖେ ଯାତ୍ରାବାଲା ପିଲାକୁ କିମ୍ବା ସ୍ୱନାମଧନ୍ୟ ଅଭି-ନେତାର ଅଭିନୟ ଚାତୁର୍ଯ୍ୟକୁ । ଆଜି ମୁଁ **art** ଖୋଜେଁ । ମିଥ୍ୟା ଅଭିନୟ ଜାଣି ତାହା ମଧ୍ୟରେ ସତ୍ୟର ଅନୁସନ୍ଧାନ କରେଁ । ସେ ଦିନ କିନ୍ତୁ ମିଥ୍ୟା ବୋଲି କିଛି ନ ଥିଲା—ମନ ସବୁ ଛାଡ଼ ସତ୍ୟ ବସ୍ତୁକୁ ଆଶ୍ରୟ କରୁଥିଲା । ସେ ଦୃଷ୍ଟି ମୋର ଭାରତୀୟ ଶିଳ୍ପୀର ଦୃଷ୍ଟି । ଆଜିକାର ଦୃଷ୍ଟି ପାଶ୍ଚାତ୍ୟ । ଆଜି କିନ୍ତୁ ବେଶି ଦେଖି ହୁଏ ନାହିଁ—କଳ୍ପନାର ପକ୍ଷ ଆଜି ଛିନ୍ନ ।

## ପାନ-ପ୍ରସଙ୍ଗ

ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ

“ପ୍ରଭୁ” ପ୍ରଭୃତିର, ପ୍ରକୃଷ୍ଟ ପ୍ରଜାପତି ଶାସିତ “ପୂର୍ଣ୍ଣଚନ୍ଦ୍ର-ଭାଷାକୋଷ” ପୃଷ୍ଠପୋଷକ, “ପ୍ରଦୀପ” ଦୀପକ-ପାଳିତ ପ୍ରଦେଶରେ ପ୍ରତିଭା-ପ୍ରସବିନୀ ବୀଣାପାଣିଙ୍କୁ ପ୍ରଣିଧାନ ପ୍ରଣିପାତ୍ୟ ହେବା ପାଇଁ ପଣ୍ଡିତକୁଳ ପ୍ରସ୍ତୁତ । ପ୍ରତିଭାବାନ ‘ପଦ୍ମପାଖୁଡ଼ା’ର ପ୍ରଣେତା ପରିଚିତ ପଦ୍ମଚରଣ ପଟ୍ଟନାୟକ ପଟ୍ଟପୁରୋଧା । ପରିପାଟିପୂର୍ଣ୍ଣ ପରିଷଦ୍ ପ୍ରାଙ୍ଗଣରେ ପ୍ରବେଶ କରିବା ପାଇଁ ପରିଚ୍ଛନ୍ଦାନୁବର୍ତ୍ତୀ



Digitized by srujanika@gmail.com

ସହଜେ ଯାଉନାହିଁ । ଯଦି ମୁଣ୍ଡ ଯାଉ ପରିତାପ-ପରିପ୍ଲୁତ ପ୍ରାଣରେ ନୂତନ ପ୍ରଥାରେ ପାନରେ ପୂଜା ପାଇଁ ପ୍ରାର୍ଥୀ ।

ପୂର୍ବକାଳରୁ ପାନ ପ୍ରଚଳିତ—ଚନ୍ଦ୍ରମୁଖ, ପାଙ୍ଗଜା-ସନ୍ଧ, ପ୍ରଦ୍ୟୁମ୍ନ—ସେତା, ଚନ୍ଦ୍ରରଥ, ଚନ୍ଦ୍ରବାହୁ, ପାନପ୍ରିୟ, ପାନ ପାଇଁ ପାଗଳ କି ନା—ପ୍ରଶ୍ନର ପରିକଳ୍ପନା ନାହିଁ—ପରନ୍ତୁ ପଞ୍ଚଦେବତା ପୂଜାରେ—ପଞ୍ଚମହାଯଜ୍ଞରେ—ପିତୃପିତାମହଙ୍କର ପିଣ୍ଡ ଦାନରେ ପାନ ପ୍ରଦାନ ପ୍ରଥା ପ୍ରଚଳିତ । ପୁନଶ୍ଚ ସଞ୍ଚାୟତରେ ପ୍ରଜାପତି ଓ ପଣ୍ଡିତ—ପରିଷଦରେ—ପଞ୍ଚମକାରରେ—ପୁଅଣିରେ Picnic ପ୍ରଭୃତି ପ୍ରମୋଦ-ଭୋଜୀ ପ୍ରାନ୍ତରେ—ପରଯୁକ୍ତା ପୁରରେ—ପୌରୋଗବମୁଖରେ ପାନ ପିକ ପଚ୍ ପଚ୍ । Paradise ପୀଠରେ ପାନ ଭୋଜନ ପରେ ପିକପ୍ରିୟ, ପିକବଲ୍ଲଭ, ପିକରାଗ, ପ୍ରିୟାମ୍ଳ, ପକ୍ୱାମ୍ଳ, ପାନର ପ୍ରତ୍ୟାଶୀ । ପ୍ରଣୟୀ ପାନ ପାନୀ ପରିଣୟ-ପରିକଳ୍ପନାର ପରମ ପ୍ରତିଜ୍ଞ ପାଇଁ "ପାନଠେକା" ପାରମ୍ପରିକ ପ୍ରଥା ପାଖରେ "ପେପାର ରେଜେଷ୍ଟ୍ରି" ପରାଭୂତ । ପାନଠେକା ସମୟରେ ପନ୍ଦର ଦିଅ ପାନ (ସୁନେଲି ରୁପେଲି) ପାଟିରେ ପୁରାଇଲେ ପରକାଳ ପର୍ଯ୍ୟନ୍ତ ପାଟିରୁ ପାଟଲ ପୟଃପ୍ରଣାଳୀ ପ୍ରସରୁଥିବ । ଚନ୍ଦ୍ରବାହୁମୁକ୍ତ ଲଙ୍କାର ପ୍ରଣୟୀ ପାଣିପୀଡ଼ନ ପୂର୍ବରୁ ପ୍ରଣୟିନୀକୁ ପାନ ପ୍ରେରଣ କରେ । ପାନ ପାନୀଦ୍ୱାରା ପୂଜିତ ହେଲେ ପରିଣୟ-ପ୍ରସ୍ତାବ ପାକଲ ହେଲା; ପ୍ରତ୍ୟାଖ୍ୟାତ ହେଲେ ପଣ୍ଡିତଂମନ୍ୟ ପଙ୍ଗପାଳ ପ୍ରାୟ ପେରାଦୋନିଆ ବୋଟାନିକେଲ୍ ଉଦ୍ୟାନରେ ପରିଭ୍ରମଣ କରି ପ୍ରଚ୍ଛନ୍ନ ହୁଏ ।

ପାନ ପ୍ରତିଷ୍ଠିତ ହିନ୍ଦୁ-ପଠାଣର ପ୍ରୀତି ପ୍ରକାଶର ପ୍ରତିମା । ପ୍ରତିବେଶୀର ପ୍ରତିବାଦର ପ୍ରତିକାର ଓ ପ୍ରତିବନ୍ଧକ ପ୍ରତିପାଦନ ପାଇଁ ପ୍ରୀତିର ପ୍ରତିନିଧି ପୀର ପ୍ରତିଭୂତ ହେଲେ—ପୂଜାରେ ପ୍ରଧାନ ହେଲା ପାନ, ଓ ପ୍ରଭେଦହୀନ ପ୍ରତିବେଶୀର ପ୍ରୀତିର ପୂର୍ଣ୍ଣ ପ୍ରତ୍ୟୟ ପାଇଁ ପବିତ୍ର ଶିରିଣୀର ପ୍ରଚଳନ । ଏହାପରି ପାନର ପ୍ରତି ଘରେ ପ୍ରତ୍ୟହ ପ୍ରଭାବ ପ୍ରସାରିତ । ପାନର ପର୍ଯ୍ୟାୟ ପହଡ଼ଭଙ୍ଗା ଧାରକୁଳ, ପାକୁଆ ପ୍ରିୟ ଛଞ୍ଚ, ପଶୁଗନ୍ଧପାସୋରା କର୍ପୂର କାନ୍ତି, ପାଗା, ପୟଃସ୍ୱଳ ମଘେଇ, ପୃଥୁଳ ନରସିଂହମହୀ, ମାଥେମ୍ବ ଲକ୍ଷ୍ମୀସାଗର—କଲ୍ୟାଣପୁରିଆ ମେନକା ପ୍ରଭୃତି ।

ପାନର ପରିପୂରକ Phenol ପାନରେ ମିଶ୍ରିତ କୋକେନ ସହ Arakine ପୂରି ରହିଛି ।

ପାନର ପ୍ରଶସ୍ତିରେ ପ୍ରବେଶ ପାଉନି । ପାନବଟା, ପିକଦାନି ପ୍ରତି ଜନେ ପ୍ରତି ଘରେ ପ୍ରତିଷ୍ଠିତ । ପାନ ପ୍ରଚୁର ପରିମାଣରେ ପାକୁଳ କଲେ ପରିଣାମରେ ପୂର୍ଣ୍ଣ ସ୍ୱାସ୍ଥ୍ୟ ପତନ ; ପୁଣି ପାରଦ ପ୍ରଭୃ ଦର୍ଶନ ପନପରିବା ମଧ୍ୟରେ ପ୍ରଶଂସନୀୟ ପାକଳ ଜନ୍ଦିମଞ୍ଜି ପରି ପ୍ରକଟିତ । ଧାଡ଼ି ଦନ୍ତ ପଂକ୍ତି ଫୁଲ ଫୁଲ ପଡ଼େ, ପରାସ ଦିଏ— ପୂତି ଗନ୍ଧମୟ ହୁଏ—ପରିଶେଷରେ ପାଷାଣପେସା ପୋଡ଼ପିଠା ପୋଛିଖଡ଼ାଖିଆ ପରିପୁଷ୍ଟ ଦାନ୍ତ—ପବନରେ ପତାକା ପରି ପୁନଃ ପୁନଃ ପରିଚାଳିତ ହୋଇ ପଟାପଟ ପଡ଼ିଯାଏ, ପାଉଁରୁଟି ପରି ପୁରିଥିବା ଗାଲ ପାକୁଆ ହୁଏ । ପାକସ୍ଥଳୀର ପାଚକରସ ଓ ପରିପାକ ଶକ୍ତିର ପକ୍ଷାଘାତ ହୁଏ । ପେଟକୁ ପାକୁଅ ପଣେ ନାହିଁ କି ପୋସେ ପିମ୍ପୁଡ଼ିବାମ ପ୍ରସ୍ତୁତ ପାୟସ ପେଟରେ ପଶିଲେ ବି ପେସି ହୋଇ ପାରେ ନାହିଁ । ପୂର୍ବପାପାନୁକ୍ରମେ ପିତ୍ତଜ୍ୱର, ପତନ, ମୂର୍ଚ୍ଛା, ପୋକର ଦାନ୍ତାଦିର ପ୍ରକୋପ ପ୍ରକାଶ ପାଏ । Parke Devis Company Paste ଆଦି ପ୍ରସ୍ତୁତ କରି ପଇସା ନେଇ ପଳାନ୍ତି ହୁଏ ।

ପ୍ରଚୁର ପଇସା ପର ପାଏ—ପାନବାଲା ପାନ ପଛରେ ବିକ୍ରି ପକ୍କା ପ୍ରାଚୀର କଲେଣି—ପ୍ରାକୃତିକ ଓଡ଼ିଶା ପ୍ରଦେଶର ପ୍ରାୟ ପାଞ୍ଚକୋଡ଼ି ପଇସା ପାନ ପିକରେ ପଡୁଛି । ପାନର ପ୍ରତିବେଶୀ ପିକା କଥା ପଚାରେ କିଏ? ପ୍ରସ୍ତାବିତ ପାଗଳା ପ୍ରାନ୍ତପର୍ଯ୍ୟନ୍ତ ପରିବ୍ୟାପ୍ତ ନୂତନ-ପ୍ରଦେଶରେ ପାନଦାତାଙ୍କ ପରିତାପ ପରିପନ୍ଥୀ ହେବ କି?

ପୁନରପି—ପରିମିତ ପାନ ବ୍ୟବହାର କଲେ ପାଟିର ପୂକପଡ଼ା, ପୂତିଗନ୍ଧ, ପଚା ଘା ଭଲ ହୁଏ । ପାକସ୍ଥଳୀରେ ଡିସ୍‌ପେପସିଆ ପରାଭବ ପାଏ । ପିତା କଷା—ସ୍ୱାଦ ପରିବର୍ତ୍ତିତ ହୁଏ । ପାକାଗ୍ନି ପ୍ରଚଣ୍ଡ ହୁଏ । ପାନ ପାଇଲେ ପ୍ରବଳ ମୁଣ୍ଡ ବ୍ୟଥା ପଳାଏ । ପୁରୁଣା ଗଳାଘାତ, ପାଚକରସ ଗ୍ରନ୍ଥି ପରାସ, ପ୍ଲୁରିସି— ପ୍ରଶ୍ୱାସ ଶ୍ୱାସ କଷ୍ଟ, ପୀଡ଼ିତ ଯକୃତ୍ ପ୍ରଦାହ ପ୍ରଶମିତ ହୁଏ ।

ପଲ୍ଲୀଶାନପୂନଶୂଳ, ପିଜାସ ପୂର୍ଣ୍ଣ କର୍ଣ୍ଣ ପ୍ରବାହ, ପୂର୍ଣ୍ଣ-ରସ ପାତନରେ ପ୍ରଶସ୍ତ ହୁଏ । ପାନର ପରିମିତ ବ୍ୟବହାରରେ ପାନର ପୂର୍ଣ୍ଣ ପୀୟୂଷପାନ ହେଉ

"ତାମ୍ବୂଲଂ କଟୁତିକ୍ତମୁଷ୍ଣମଧୁରଂ କଷାୟାନ୍ୱିତଂ
ବାତଘ୍ନଂ କୃମିନାଶନଂ କଫହରଂ ଦୁର୍ଗନ୍ଧଦୋଷାପହଂ ।
ବକ୍ତ୍ରସ୍ୟା ଭରଣଂ ବିଶୁଦ୍ଧି କରଣଂ କାମାଗ୍ନି ସନ୍ଦୀପନଂ
ତାମ୍ବୂଲସ୍ୟ ସଖେ ତ୍ରୟୋଦଶ ଗୁଣା ସ୍ୱର୍ଗେଽପ୍ୟମୀ ଦୁର୍ଲଭାଃ ।"

ପରିଶେଷରେ ପାନ ପ୍ରିୟମାନଙ୍କୁ ପ୍ରାର୍ଥନା, ପ୍ରବନ୍ଧର ପ୍ରତିବାଦ ନ କରି ପ୍ରାଣପ୍ରାଚୁର୍ଯ୍ୟରେ ପାନ ପୋଟଳାକୁ ପକେଟରୁ ପଦାକୁ ପକାଇ ଦିଅନ୍ତୁ, ନ ପାରିଲେ ପରିମିତ ପାନଖିଆ practise କରନ୍ତୁ । ନୋହିଲେ ପରଜୀବନରେ ପରିତାପ କରିବାକୁ ପଡ଼ିବ—କାରଣ ପାନର ପ୍ରଚଣ୍ଡ ପରିଣାମର proof ପରମାୟୁ ପୂରିବା ପୂର୍ବରୁ ପାକୁଆ ପାନ୍ତି ।*

* ବାରିପଦା ସାହିତ୍ୟ ସମାଜର ବାର୍ଷିକୋତ୍ସବରେ ପଠିତ

# ଦେଶୀୟ ରାଜ୍ୟ ସମାଚାର

## ଉଦୟପୁର

### ଛାତ୍ରମାନଙ୍କ ପ୍ରତି ମହାରାଜାଙ୍କର ଉପଦେଶ

ଉଦୟପୁର ମହାରାଜାଙ୍କର ୪୭ ବର୍ଷ ବୟସର ଜନ୍ମ ଦିନ ଉତ୍ସବ ଉପଲକ୍ଷେ ଭୂପାଳ ନୋବଲ ହାଇସ୍କୁଲର ଛାତ୍ରମାନେ ମହାରାଜାଙ୍କୁ ଯେଉଁ ଅଭିନନ୍ଦନ ଦେଇଥିଲେ ତାହାର ଉତ୍ତରରେ ମହାରାଜା ସାହେବ କହିଥିଲେ, "କୃତଜ୍ଞତା ପ୍ରକାଶ ସମ୍ବନ୍ଧରେ ମୁଁ ଏତିକି କହିପାରେଁ ଯେ ଏହି ସ୍କୁଲ ଯେଉଁ ଉଦ୍ଦେଶ୍ୟ ନେଇ ଏଠାରେ ସ୍ଥାପିତ ହୋଇଅଛି, ତାହାକୁ ପୂର୍ଣ୍ଣ କରି ପାରିଲେ ହିଁ ପ୍ରକୃତ କୃତଜ୍ଞତା ଜଣାଇବା ହେବ। ବର୍ତ୍ତମାନ ଯେଉଁମାନେ ଏଠାରେ ପଢ଼ୁଅଛନ୍ତି ବା ଏମାନଙ୍କ ପରେ ଯେଉଁମାନେ ଆସିବେ ସେମାନେ ଏହି ସ୍କୁଲଟି ପ୍ରତିଷ୍ଠିତ ହେବା ଫଳରେ ଦିନେ ନେ ସଚ୍ଚରିତ୍ର, ସତ୍ୟବାଦୀ, ପରିଶ୍ରମୀ, ନିସ୍ୱାର୍ଥପର, ଦେଶହିତୈଷୀ, ରାଜଭକ୍ତ ଏବଂ ଉପଯୁକ୍ତ ପୁତ୍ର ଓ ପିତା ହୋଇ ପାରିବେ ଏହା ମୁଁ କେବଳ ଆଶା କରେ ନାହିଁ, ଦୃଢ଼ଭାବରେ ବିଶ୍ୱାସ ମଧ୍ୟ କରେଁ। ଚରିତ୍ର ଗଠନ କରିବା ତୁମ୍ଭମାନଙ୍କର ପ୍ରଧାନ ଉଦ୍ଦେଶ୍ୟ ହେବା ଉଚିତ। ମୁଖସ୍ଥ କରିବା ଶିକ୍ଷାର ମୁଖ୍ୟ ଉଦ୍ଦେଶ୍ୟ ନୁହେ—ଚରିତ୍ର ଗଠନ ହିଁ ଏହାର ମୁଖ୍ୟ ଉଦ୍ଦେଶ୍ୟ। ତୁମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ କୃଷକମାନଙ୍କ ସଂସର୍ଗରେ ଆସିବ। ଏଣୁ ତୁମ୍ଭମାନଙ୍କର ମନେ ରଖିବା ଉଚିତ ଯେ ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର କରିବା ଓ ସେମାନଙ୍କୁ ସାହାଯ୍ୟ କରିବା ତୁମ୍ଭମାନଙ୍କର ପ୍ରଧାନ କର୍ତ୍ତବ୍ୟ। ସମସ୍ତଙ୍କ ପ୍ରତି ସଦ୍‌ବ୍ୟବହାର ଓ ସହାନୁଭୂତି ଦେଖାଇ ତୁମ୍ଭେମାନେ ଏହି ଅନୁଷ୍ଠାନର ନାମ ଚରିତାର୍ଥ କର। ଯେଉଁ ଅନୁଷ୍ଠାନ ଥରେ ସୁନାମ ଅର୍ଜ୍ଜନ କରିପାରେ ତାହା ସହଜେ ବିଲୟ ହୁଏ ନାହିଁ, ବରଂ ଦିନକୁ ଦିନ ସେହି ଗୌରବ ଅକ୍ଷୁଣ୍ଣ ରହେ।"

## ଭବନଗର

### ମହାରାଜାଙ୍କ ସହଯୋଗ

ଭବନଗର ରାଜ୍ୟର ବିଶାଳ ୬୦ ଗୋଟି ଗ୍ରାମର ପ୍ରତିନିଧିମାନଙ୍କୁ ନେଇ ଟିଲିଗ୍ରାଠାରେ ଯେଉଁ ସଭା ହୋଇଥିଲା, ସେଥିରେ ମହାରାଜା ସାହେବ ସର୍ ପ୍ରଭାଶଙ୍କର ପଟ୍ଟାନିଙ୍କୁ ସଙ୍ଗରେ ନେଇ ଯୋଗ ଦେଇଥିଲେ। ସର୍ ପ୍ରଭାଶଙ୍କର ମହାଜନମାନଙ୍କୁ କହିବାକୁ ଯାଇ ମହାରାଜା ସାହେବ ସେମାନଙ୍କୁ ଗ୍ରାମ୍ୟ ପଞ୍ଚାୟତ ଗଠନ କରିବାର ଯେଉଁ ସୁବିଧା ଦେଇ ଅଛନ୍ତି, ତାହାର ଉପଯୁକ୍ତ ବ୍ୟବହାର କରିବା ପାଇଁ ଉପଦେଶ ଦେଇଥିଲେ; ଓ ତାଙ୍କର ମୃତ୍ୟୁ ପୂର୍ବରୁ ସେ ଯେପରି ପ୍ରତ୍ୟେକ ଗ୍ରାମରେ ପଞ୍ଚାୟତ ଗଠନ ହୋଇଥିବାର ଦେଖି ପାରନ୍ତି, ସେ ବିଷୟରେ ଯଥେଷ୍ଟ ଇଚ୍ଛା ଓ ଉଚ୍ଚ ଆଶା ପୋଷଣ କରିଥିଲେ। ରାଜ୍ୟର କାର୍ଯ୍ୟ ଚଳାଇବା ପାଇଁ ମହାରାଜା ସାହେବ କର୍ମଚାରୀ ନିଯୁକ୍ତ କରିଥିଲେ ହେଁ ପ୍ରଜାମାନେ ଯେ ରାଜ୍ୟର ପ୍ରଧାନ ସମ୍ପଦ ଓ ତାଙ୍କ ବ୍ୟତୀତ ରାଜ୍ୟ ଚଳିବା ଯେ ସମ୍ପୂର୍ଣ୍ଣ ଅସମ୍ଭବ, ତାହା ସର୍ ପ୍ରଭାଶଙ୍କର ସେମାନଙ୍କୁ ବୁଝାଇ ଦେଇଥିଲେ। ମହାରାଜା ସାହେବ ସେମାନଙ୍କ ସହିତ କିପରି ସହଜରେ ମିଳାମିଶା କରି ପାରନ୍ତି ଓ ତାଙ୍କର ସାମାନ୍ୟ ବିଷୟରେ ମଧ୍ୟ କେତେ ଦୂର ଯତ୍ନ ନିଅନ୍ତି, ତାହା ସେ ପ୍ରଜାମାନଙ୍କୁ ଥରେ ଭାବି ଦେଖିବା ପାଇଁ କହିଥିଲେ। ଅଧିକନ୍ତୁ ମଧ୍ୟ ଷ୍ଟେଟ୍‌ର ପ୍ରଜାମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ଋଣମୁକ୍ତ କରିବା ପାଇଁ ଓ ତାଙ୍କର ଉଚ୍ଚ ଆଦର୍ଶ ବ୍ରିଟିଶ ଭାରତର ସମସ୍ତ ଶାସକମାନଙ୍କୁ ଜଣାଇଦେବା ପାଇଁ ମହାରାଜା ସାହେବ ଯେଉଁ ଉଚ୍ଚ ଆଶା ପୋଷଣ କରିଅଛନ୍ତି, ତାହା ସର୍ ପ୍ରଭାଶଙ୍କର ପ୍ରଜାମାନଙ୍କୁ ବିଶେଷ ଭାବରେ ବୁଝାଇ ଦେଇଥିଲେ।

## ତ୍ରିବାଙ୍କୁଡ଼

### ଷ୍ଟେଟ୍ ସୈନ୍ୟବିଭାଗ

ତ୍ରିବାଙ୍କୁଡ଼ ଷ୍ଟେଟ୍ ନାୟର—ସେନା ଛଅଶହ ଘୋଡ଼ା ଓ ଗୋଟି ପଦାତିକ ବିଭାଗ ନେଇ ଗଠିତ। ପ୍ରତ୍ୟେକଟି ଜଣେ ଜଣେ ୟୁରୋପୀୟ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ରହିଛି ଓ ସର୍ବୋପରି ଜଣେ ବ୍ରିଟିଶ୍ ମେଜରଙ୍କ ଅଧୀନରେ ପରିଚାଳିତ। ଏହି ସୈନ୍ୟ ବିଭାଗ ଏପରି ଭାବରେ ଚଳି ଆସୁଥିଲେ ହେଁ ଗତ ବର୍ଷଠାରୁ ଏହାର ଗୋଟାଏ ଶୃଙ୍ଖଳାବଦ୍ଧ ବ୍ୟବସ୍ଥା କରିବା ପାଇଁ ଚେଷ୍ଟା ଚାଲିଥିଲା। ବର୍ତ୍ତମାନ ନାୟର ସୈନ୍ୟ ଦଳ ଓ ଅଙ୍ଗରକ୍ଷକ ଦଳ ଉଭୟଙ୍କୁ ନେଇ ଷ୍ଟେଟ୍ ସୈନ୍ୟ ବିଭାଗ ଗଠିତ ହୋଇଅଛି ଏବଂ ମହାରାଜା ସାହେବ ଏହି ସୈନ୍ୟ ବିଭାଗର କର୍ଣ୍ଣେଲ୍ ଇନ୍ ଚିଫ୍ ଉପାଧି ପାଇଅଛନ୍ତି। ଭାରତୀୟ ଦେଶୀୟ ରାଜ୍ୟମାନଙ୍କରେ ସୈନ୍ୟ ବିଭାଗ ନେଇ ବର୍ତ୍ତମାନ ଯେଉଁ ବ୍ୟବସ୍ଥା କରା ଯାଉଅଛି, ସେମାନଙ୍କ ମଧ୍ୟରେ ତ୍ରିବାଙ୍କୁଡ଼ ସୈନ୍ୟ ବିଭାଗକୁ ଗୋଟାଏ ବିଶିଷ୍ଟ ଆଦର୍ଶ ଭାବରେ



Digitized by srujanika@gmail.com

ଗଢ଼ିବା ପାଇଁ ବିଶେଷ ଚେଷ୍ଟା ଚାଲିଛି । ଉକ୍ତ ଆଦର୍ଶକୁ ସଫଳ କରିବା ଉଦ୍ଦେଶ୍ୟରେ ପ୍ରଥମେ ଜଣେ କାପ୍ତାନ ଓ ଦୁଇ ଜଣ ଲେଫଟ୍‌ନେଣ୍ଟଙ୍କୁ ନିଯୁକ୍ତ କରି ଯାଇଅଛି । ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟମାନ ବର୍ତ୍ତମାନ ଖୁବ୍ ଜୋରରେ ଚାଲିଛି ।

## ତ୍ରିବାଙ୍କୁଡ଼ ଯାଦୁଘର

ପ୍ରତ୍ନତତ୍ତ୍ୱ ବିଭାଗୀୟ ଅବସର ପ୍ରାପ୍ତ ଡାଇରେକ୍ଟର ଜେନେରେଲ ଓ ସାମ୍ରାଜ୍ୟ ମିଉଜିୟମ ଘରର ପ୍ରତିନିଧି ମିଷ୍ଟର ଏର୍. ହାରଗ୍ରିଭ୍‌ସଙ୍କ ମତରେ ତ୍ରିଭେନ୍ଦ୍ରାମର ପୁରାତନ ଓ ପ୍ରସିଦ୍ଧ ଦୁର୍ଗ ରଙ୍ଗବିଳାସ ପ୍ରାସାଦରେ ଯେଉଁ ସବୁ କଳା ଓ ଶିଳ୍ପ ଦ୍ରବ୍ୟର ସମାବେଶ କରି ଯାଇଅଛି, ତାହା ତ୍ରିବାଙ୍କୁଡ଼ ରାଜବଂଶର କଳା ବିଦ୍ୟାର ଗୋଟିଏ ଅନୁପମ ସମ୍ପତ୍ତି ବୋଲି କହିବାକୁ ହେବ ।

## କୋଚିନ

### ଅସ୍ପୃଶ୍ୟତା ନିବାରଣ

କୋଚିନ ବ୍ୟବସ୍ଥାପକ ସଭା ସର୍ବ ସମ୍ମତିକ୍ରମେ ଷ୍ଟେଟ୍ ମଧ୍ୟରେ ଅସ୍ପୃଶ୍ୟତା ନିବାରଣ ସମ୍ବନ୍ଧେ ଏକ ପ୍ରସ୍ତାବ ଆଣି ରାଜକୀୟ ଘୋଷଣା ଜାରି କରିବା ପାଇଁ ତାହା ଗଭର୍ଣ୍ଣମେଣ୍ଟ ସମକ୍ଷରେ ଆଗତ କରିଅଛନ୍ତି । ଏ ସମ୍ବନ୍ଧରେ ବର୍ତ୍ତମାନ ଏତିକି କୁହାଯାଇ ପାରେ ଯେ ତ୍ରିବାଙ୍କୁଡ଼ର ସମସ୍ତ ସାଧାରଣ ଅନୁଷ୍ଠାନଗୁଡ଼ିକରୁ ଏହି ସଙ୍କୀର୍ଣ୍ଣତା ଉଠାଇ ଦିଆ ଯାଇଅଛି ।

## କୋହ୍ଲାପୁର

### ନୂତନ ଉପନିବେଶ

କୋହ୍ଲାପୁର ସହରର ଲୋକମାନଙ୍କର ଅସୁବିଧା ଦୂର କରିବା ପାଇଁ ରାଜାରାମପୁରୀ ନାମକ ଏକ ନୂତନ ଉପନିବେଶ ସ୍ଥାପନ କରି ଯାଇଅଛି । ଶୁଣାଯାଏ ଯେ ଏଠାରେ କି ଧନୀ କି ଦରିଦ୍ର, ସମସ୍ତଙ୍କର ରହିବା ପାଇଁ ସ୍ୱାସ୍ଥ୍ୟକର ଓ ମୁକ୍ତ ବାୟୁ ଚଳାଚଳ ସୁବିଧା ଥିବା ଭଲ ଗୃହ ପ୍ରସ୍ତୁତ କରିବାର ବନ୍ଦୋବସ୍ତ କରି ହୋଇଅଛି । ଏହା ଛଡ଼ା ଶିଶୁମାନଙ୍କର ଆମୋଦ ପ୍ରମୋଦ ପାଇଁ ସ୍ଥାନ ଯୋଗାଇବା ଏଠାକାର ଗୋଟିଏ ପ୍ରଧାନ ବିଶେଷତ୍ୱ । ବାର ବର୍ଷରୁ ନ୍ୟୂନ ଶିଶୁମାନଙ୍କର ଖେଳ କସରତ୍ ପାଇଁ ରାଜାରାମ ଉଦ୍ୟାନ ଛାଡ଼ି ଦିଆ ଯାଇଅଛି ଓ ତାଙ୍କୁ ନାନା ପ୍ରକାର ଖେଳ ଶିକ୍ଷା ଦେବା ପାଇଁ ଓ ସାହାଯ୍ୟ କରିବା ପାଇଁ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରି ହୋଇଅଛି । ବଡ଼ ବଡ଼ ପିଲାମାନଙ୍କ ପାଇଁ ବାହାର କ୍ରୀଡ଼ା କୌତୁକାଦିର ବ୍ୟବସ୍ଥା ହୋଇଅଛି । ପ୍ରତ୍ୟେକ ଗୁରୁବାର ଦିନ ଉକ୍ତ ସ୍ଥଳଟି ସ୍ତ୍ରୀ ଲୋକମାନଙ୍କ ପାଇଁ ଓ ଛୋଟ ଛୋଟ ଶିଶୁମାନଙ୍କ ପାଇଁ ନିର୍ଦ୍ଦିଷ୍ଟ । ସ୍ଥାନର ରମଣୀୟତା ବୃଦ୍ଧି କରିବାକୁ ସେଠାରେ ଗୋଟିଏ ଗ୍ରାମୋଫୋନ ଓ ଗୋଟିଏ ରେଡ଼ିଓ ମଧ୍ୟ ରଖା ଯାଇଅଛି ।

## ଜୁନାଗଡ଼

### ଶିକ୍ଷା ବିଭାଗ

ଷ୍ଟେଟ୍ ଶିକ୍ଷାବିଭାଗର ସର୍ବାଙ୍ଗୀନ ଉନ୍ନତି ଓ ସୁପରିଚାଳନା ପାଇଁ ଜୁନାଗଡ଼ ବର୍ତ୍ତମାନ ଚାରିଗୋଟି ଶିକ୍ଷା କେନ୍ଦ୍ରରେ ବିଭକ୍ତ ହୋଇଅଛି । ପ୍ରତ୍ୟେକ କେନ୍ଦ୍ର ବା ବିଭାଗରେ ଜଣେ ଲେଖାଁ ଡିଭିଜନେଲ ଇନ୍‌ସ୍‌ପେକ୍ଟର ନିଯୁକ୍ତ ହୋଇଅଛନ୍ତି ଓ ସେମାନଙ୍କର ହେଡ଼କ୍ୱାଟର ସେହି କେନ୍ଦ୍ର ବା ବିଭାଗ ମଧ୍ୟରେ ଅବସ୍ଥିତ । ଏହି ଡିଭିଜନେଲ ଇନ୍‌ସ୍‌ପେକ୍ଟରମାନେ ଶିକ୍ଷା ବିଭାଗୀୟ ପ୍ରଧାନ ଅଫିସରଙ୍କ ଅଧୀନରେ କାର୍ଯ୍ୟ କରନ୍ତି । ଏପର୍ଯ୍ୟନ୍ତ ଶିକ୍ଷା ବିଭାଗର ଇନ୍‌ସ୍‌ପେକ୍ଟରମାନେ ଜୁନାଗଡ଼ରେ ରହି ବର୍ଷକୁ ଥରେ ଲେଖାଁ ଗ୍ରାମ୍ୟ ସ୍କୁଲଗୁଡ଼ିକ ପରିଦର୍ଶନ କରୁଥିଲେ, ମାତ୍ର ବର୍ତ୍ତମାନ ବ୍ୟବସ୍ଥାନୁଯାୟୀ ସେମାନେ ତାଙ୍କର ମାହାଲ ହେଡ଼କ୍ୱାଟରରେ ରହି ସ୍କୁଲଗୁଡ଼ିକ ବାରମ୍ବାର ପରିଦର୍ଶନ କରିବେ ।

### ଶିଶୁ ସମ୍ମିଳନୀ

ଜୁନାଗଡ଼ ଶିଶୁମଙ୍ଗଳ ବିଭାଗର ଯତ୍ନରେ ସ୍ତ୍ରୀଲୋକମାନଙ୍କୁ ଧାତ୍ରୀବିଦ୍ୟା ଓ ଶିଶୁପାଳନ ବିଷୟରେ ଶିକ୍ଷାଦେବା ପାଇଁ ଗୋଟିଏ ଶିଶୁ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ତିନି ଦିନ ଧରି ଶିକ୍ଷା ସମ୍ବନ୍ଧୀୟ ନାନା ପ୍ରକାର କାର୍ଯ୍ୟ ନିର୍ଘଣ୍ଟ ସ୍ଥିର କରି ଯାଇଥିଲା । ମାନନୀୟା ବେଗମ ସାହେବା ଓ ମିସେସ୍ ମନ୍‌ଟିଥ୍‌ଙ୍କ ଅନୁପସ୍ଥିତିରେ ବେଗମ୍ ଅବଦୁଲ କାଦର ସାହେବା ପ୍ରାରମ୍ଭିକ କାର୍ଯ୍ୟ ଚଳାଇଥିଲେ । ଗତ ଫେବୃୟାରି ତା ୨୯ ରିଖ ଓ ମାର୍ଚ୍ଚ ୧ ତାରିଖରେ ମେଜିକ ଲଣ୍ଠନ ସାହାଯ୍ୟରେ ବକ୍ତୃତା ଦିଆଯାଇଥିଲା ଓ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ରୟେଲ ସିନେମା ଗୃହରେ କେତେକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ମହିଳା କମିଟି ଦ୍ୱାରା ନିର୍ବାଚିତ ଆଦର୍ଶ ସୁସ୍ଥ ଓ ସବଳ ଶିଶୁମାନଙ୍କୁ ପୁରସ୍କାର ଦିଆଯାଇଥିଲା ।

## ଯୋଧପୁର

### କୃଷକମାନଙ୍କ ପାଇଁ ବ୍ୟବସ୍ଥା

ମହାରାଜା ସାହେବ ଷ୍ଟେଟ୍‌ର ଗରିବ କୃଷକମାନଙ୍କ ପ୍ରତି ଯଥେଷ୍ଟ ବଦାନ୍ୟତା ଦେଖାଇଅଛନ୍ତି । ପ୍ରଥମେ ସେ ଏକ ଲକ୍ଷ ଟଙ୍କାର ବାଣିଜ୍ୟ ଶୁଳ୍କ ଛାଡ଼ି ଦେଇଅଛନ୍ତି । ଏହାଛଡ଼ା ୩୨ ହଜାର ଟଙ୍କା ବାର୍ଷିକ ଆୟର ଖଲସା ଓ ଜାଇଗିର ଜମିର ଖଜଣା ମଧ୍ୟ ଉଠାଇ ଦେଇଅଛନ୍ତି ।

## କୋଟା

### ପ୍ରାଚୀନ ତତ୍ତ୍ୱ ଗବେଷଣା

ଅଳ୍ପ ଦିନ ତଳେ ବେନାରସ ହିନ୍ଦୁ ଇଉନିଭରସିଟିର ଡକ୍ଟର ଏ. ଏସ୍. ଅଲଟେକାର କୋଟା ଐତିହାସିକ ଡକ୍ଟର ମଥୁରାଲାଲ ଶର୍ମାଙ୍କ ସାହାଯ୍ୟରେ ଷ୍ଟେଟ୍‌ର ପ୍ରତ୍ନତତ୍ତ୍ୱର ଗବେଷଣା କରି

କୃତକାର୍ଯ୍ୟ ହୋଇ ପାରିଥିଲେ । ଏକ ସପ୍ତାହ ମଧ୍ୟରେ ସେମାନେ ଯେଉଁ ହସ୍ତ ବିଷୟ ସଂଗ୍ରହ କରି ପାରିଥିଲେ, ସେଥିରୁ ଜଣାଯାଏ ଯେ କୋଟାର ମହାରାଓ ସାହେବ ବର୍ତ୍ତମାନ ଯେଉଁ ରାଜ୍ୟ ଗୁଡ଼ିକ ଶାସନ କରୁଅଛନ୍ତି ତାହା ୨୦୦ ଠାରୁ ୧୨୦୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବିଶେଷ ସମୃଦ୍ଧିଶାଳୀ ଥିଲା । ବୌଦ୍ଧ, ହିନ୍ଦୁ ଓ ଜୈନମାନେ ଏକତ୍ର ଆନନ୍ଦରେ ବାସ କରୁଥିଲେ । ରାଜା ଓ ବଣିକମାନଙ୍କ ସାହାଯ୍ୟରେ କଳା ବିଦ୍ୟାର ଯଥେଷ୍ଟ ଉନ୍ନତି ହୋଇଥିଲା ଏବଂ ଶିକ୍ଷିତ ଲୋକମାନେ ଷ୍ଟେଟ୍ କର୍ତ୍ତୃପକ୍ଷମାନଙ୍କଠାରୁ ନାନା ଉପାଧି ଓ ଦାନ ପାଉଥିଲେ ।

## ରାୟଗଡ଼

### କୃଷି ଓ ଶିଳ୍ପ ପ୍ରଦର୍ଶନୀ

ଏହି ଷ୍ଟେଟ୍‌ର କୃଷି ଓ ଶିଳ୍ପ ପ୍ରଦର୍ଶନୀ କ୍ରମେ ଉନ୍ନତି ଆଡ଼କୁ ଅଗ୍ରସର ହେଉଅଛି ଏବଂ ଲୋକମାନେ ଏହାର ଉଦ୍ଦେଶ୍ୟ ବୁଝି ତାହାର ସଦ୍‌ବ୍ୟବହାର କରୁଅଛନ୍ତି । କୃଷି, ଶିଳ୍ପ ଓ ଖଣିଜ ବିଭାଗ ଛଡ଼ା ପ୍ରଦର୍ଶନୀରେ ପ୍ରତ୍ନତତ୍ତ୍ୱ, କଳାବିଦ୍ୟା ଓ ସୂଚୀ କାର୍ଯ୍ୟ ପ୍ରଭୃତିର କେତେ ଗୋଟି ନୂତନ ବିଭାଗ ଖୋଲା ଯାଇଅଛି । ଶରୀର ତତ୍ତ୍ୱ ଓ ପଶୁ ଚିକିତ୍ସା ବିଭାଗ ମଧ୍ୟ ପ୍ରଦର୍ଶନୀରେ ସ୍ଥାନ ପାଇଅଛି । ଏ ବର୍ଷ ପ୍ରଦର୍ଶନୀ ସଙ୍ଗେ ସଙ୍ଗେ କୃଷକ ସମାଜର ୧୦ମ ଅଧିବେଶନ ଅନୁଷ୍ଠିତ ହୋଇଥିଲା ଏବଂ ଦେଓ୍ୱାନ ସାହେବ ସଭାପତିତ୍ୱ ଗ୍ରହଣ କରିଥିଲେ । କୁଟୀର ଶିଳ୍ପର ଉନ୍ନତି ଓ କୃଷିଜାତ ଦ୍ରବ୍ୟଗୁଡ଼ିକ କିପରି ଭାବରେ ଉଚିତ ମୂଲ୍ୟରେ ବିକ୍ରୟ ହୋଇପାରେ ଇତ୍ୟାଦି ବିଷୟରେ ବକ୍ତୃତାମାନ ଦିଆ ଯାଇଥିଲା । ମଫସଲ ପ୍ରଜାମାନଙ୍କର ସର୍ବାଙ୍ଗୀନ ଉନ୍ନତି ଦିଗରେ ଏହା ଗୋଟିଏ ବିଶେଷ ଉଦ୍ୟମ ବୋଲି କହିବାକୁ ହେବ ।

## ଇନ୍ଦୋର

### ନୂତନ ବ୍ୟବସ୍ଥାପକ ସଭା

ମହାରାଜା ସାହେବଙ୍କ ଅନୁପସ୍ଥିତିରେ ଇନ୍ଦୋରର ପ୍ରଧାନ ମନ୍ତ୍ରୀ ରାଓ ବାହାଦୁର ସର୍ ଏସ୍. ଏମ୍. ବାପନା କେ. ଟି., ସି. ଏସ୍. ଆଇ. ପୁନର୍ଗଠିତ ବ୍ୟବସ୍ଥାପକ ସଭାର ଉଦ୍‌ଘାଟନ କାର୍ଯ୍ୟ ଗତ ଫେବ୍ରୁୟାରୀ ମାସ ତା ୨୬ ତାରିଖରେ ସମ୍ପନ୍ନ କରିଥିଲେ । ଏହି ସଭା କିଙ୍ଗ୍ ଏଡ୍‌ୱାର୍ଡ ହଲରେ ବସିଥିଲା । ମନ୍ତ୍ରୀଙ୍କର ବକ୍ତବ୍ୟ ପରେ ଭାଇସ୍ ପ୍ରେସିଡେଣ୍ଟ୍ ମିଷ୍ଟର ଜେ. ଏଲ୍. ମିଟେଲ ରାଜ ଭକ୍ତିର ଶପଥ ଗ୍ରହଣ କରି କାଉନସିଲ ମେମ୍ବରମାନଙ୍କୁ ମନ୍ତ୍ରୀଙ୍କ ସହିତ ପରିଚିତ କରାଇଥିଲେ ।

ମହାରାଜା ସାହେବ ଲୋକ-ପ୍ରତିନିଧିମାନଙ୍କୁ ପୁନର୍ଗଠିତ ବ୍ୟବସ୍ଥାପକ ସଭାରେ ଯେଉଁ ଅଧିକାର ଓ ସୁବିଧା ଦାନ କରିଅଛନ୍ତି ସେଥିପାଇଁ ଇନ୍ଦୋରର ପ୍ରତିନିଧି ରାୟ ସାହେବ ଏ. ସି. ଭାର୍ଗବ କାଉନସିଲ ତରଫରୁ ତାଙ୍କୁ କୃତଜ୍ଞତା ଜଣାଇଥିଲେ ।

ସର୍ ସ୍ୱରୂପଚାନ୍ଦ ହୁକୁମଚାନ୍ଦ କାଉନସିଲ କାର୍ଯ୍ୟର ଉନ୍ନତି ସଙ୍ଗେ ସଙ୍ଗେ ସେମାନେ ନିଜକୁ ଅଧିକ କ୍ଷମତା ପାଇବାର ଉପଯୁକ୍ତ ଦେଖାଇ ପାରିବେ ବୋଲି ଆଶା ପୋଷଣ କରିଥିଲେ ।

୧୫ ଜଣ ନିର୍ବାଚିତ ଓ ୧୫ ଜଣ ମନୋନୀତ ସଭ୍ୟଙ୍କୁ ନେଇ ଏହି କାଉନସିଲ ଗଠିତ । ମନୋନୀତ ସଭ୍ୟମାନଙ୍କ ମଧ୍ୟରୁ ୬ ଜଣ ବେସରକାରୀ ସଭ୍ୟ ଅଳ୍ପ ସଂଖ୍ୟକ ସ୍ୱାର୍ଥର ପ୍ରତିନିଧି । ମାଲଓ୍ୱା ଡିଭିଜନର କମିସନର ରାୟ ସାହେବ ଏସ୍. ଏଲ୍. ଟାଣ୍ଡି ଏହି କାଉନସିଲର ପ୍ରଧାନ ନେତା ଅଟନ୍ତି ।

## ଜବହର

### ଗ୍ରାମ ସଂଗଠନ କାର୍ଯ୍ୟ

ଜବହର ମହାରାଜାଙ୍କର ନାମାନୁସାରେ "ଯଶୋବନ୍ତ ଗ୍ରାମ୍ୟ ସଂଗଠନ ସଂଘ" କେତେ ଗୋଟି ଗ୍ରାମରେ କାର୍ଯ୍ୟ ଆରମ୍ଭ କରିଅଛନ୍ତି । ଏଡ୍‌ମିନିଷ୍ଟ୍ରେଟର ରାଓ ବାହାଦୁର ପଟେଲ ଏହି ସଂଘର ସଭାପତିତ୍ୱ ଗ୍ରହଣ କରି ଅଳ୍ପ ଦିନ ହେଲା ଏହା ଗଠନ କରିଅଛନ୍ତି ଓ ସବ୍‌ଜଜ୍ ମିଷ୍ଟର ଏମ୍. ବି. ନିଗହୋଲଙ୍କୁ ସେକ୍ରେଟେରୀ ମନୋନୀତ କରିଅଛନ୍ତି । ପ୍ରଥମେ ଗ୍ରାମର ଲୋକମାନଙ୍କୁ ପରିଷ୍କାର ପରିଚ୍ଛନ୍ନତା ବିଷୟରେ ଶିକ୍ଷା ଦିଆ ଯାଉଅଛି ଓ ତାଙ୍କର ପିଲାମାନଙ୍କୁ ସ୍କୁଲକୁ ପଠାଇବା ପାଇଁ ସେମାନଙ୍କୁ ଅନୁରୋଧ କରା ଯାଉଅଛି । କୁଦନ ଠାରେ ଗୋଟିଏ ଚିକିତ୍ସାଳୟ ନିର୍ମିତ ହେଉଅଛି ଓ ପଶ୍ଚିମାଞ୍ଚଳ ଦେଶୀୟ ରାଜ୍ୟର ଏଜେଣ୍ଟ୍ ମହୋଦୟ ଏହାର ଦ୍ୱାରୋଦ୍‌ଘାଟନ କରିବେ ବୋଲି ଶୁଣାଯାଏ ।

## ବୋଣାଇ

### ବିବାହ ଉତ୍ସବ

ରାଜାସାହେବଙ୍କ ଝିଅମାନଙ୍କର ବିବାହ ଉପଲକ୍ଷେ ବୋଣାଇଗଡ଼ରେ କିଛି ଦିନ ଧରି ଏକ ଆନନ୍ଦ ଉତ୍ସବର ଢେଉ ଖେଳି ଯାଇଥିଲା । ପ୍ରଜାମାନଙ୍କର ଆନନ୍ଦ ବର୍ଦ୍ଧନ ପାଇଁ ନାନା ପ୍ରକାର ନୃତ୍ୟ, ଗୀତ ଓ ତାମସା ଯୋଗାଇବା ଏହି ଉତ୍ସବର ପ୍ରଧାନ ଉଦ୍ଦେଶ୍ୟ ଥିଲା । ଇଂରେଜୀ ଓ ମାନ୍ଦ୍ରାଜୀ ବେଣ୍ଡ୍ ବାଦ୍ୟ ସଙ୍ଗେ ସଙ୍ଗେ ରାଜପୁର, ଗଞ୍ଜାମ ଓ କଲିକତାର ନୃତ୍ୟଦଳ, କଟକର ଯାତ୍ରାଦଳ ଓ ରୋଷଣି ଏବଂ ରେଡ଼ିଓ ପ୍ରଭୃତି ନାନା ପ୍ରକାର ଦୃଶ୍ୟର ସମାବେଶ ହୋଇଥିଲା । କଲିକତାରୁ ଅନେକ ବନ୍ଧୁ ଆସିଥିଲେ । ରାଜଉଆସର ସମ୍ମୁଖସ୍ଥ ବୃକ୍ଷଟିରେ ନାନା ରଙ୍ଗର ଇଲେକ୍‌ଟ୍ରିକ୍ ବତୀ ସଜ୍ଜିତ କରା ହୋଇଥିଲା ଓ ରାଜପ୍ରାସାଦ ଏବଂ ରାଜକୁମାର ସାହେବଙ୍କ କୋଠା ଉପରେ ମଧ୍ୟ ବିଭିନ୍ନ ରଙ୍ଗର ଇଲେକ୍‌ଟ୍ରିକ ଲାଇଟ୍ ଫିଟ୍ କରା ହୋଇଥିଲା । କଳାହାଣ୍ଡି, ବାମଣ୍ଡା, ତାଳଚେର ଓ ପାଲଲହଡ଼ାର ରାଜାମାନେ ଏହି ଉତ୍ସବରେ ଉପସ୍ଥିତ ଥିଲେ ।

# ସମ୍ବାଦ ଓ ସଙ୍କେତ

## ଓଡ଼ିଶା ପ୍ରଦେଶର ଆରମ୍ଭ

୧୯୩୬ ମସିହା ଏପ୍ରିଲ ମାସ ପହିଲା ତାରିଖ ଓଡ଼ିଶା ଇତିହାସରେ ଏକ ସ୍ମରଣୀୟ ଦିବସ। କାରଣ ଏପ୍ରିଲ ପହିଲାଠାରୁ ଏହା ଭାରତ ସାମ୍ରାଜ୍ୟ ଭିତରେ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଗଣିତ ହେଲା। ନୂଆ ପ୍ରଦେଶର ଲାଟ୍ ସର୍ ଜନ୍ ଅଷ୍ଟେନ୍ ହବାକ୍ ତାଙ୍କ ସହ-ଧର୍ମିଣୀଙ୍କ ସହିତ ସ୍ପେଶାଲ ଟ୍ରେନ୍ ଯୋଗେ ପ୍ରତ୍ୟୁଷରେ କଟକ ଷ୍ଟେସନଠାରେ ପହଞ୍ଚି-ଥିଲେ। ଭାରତୀୟ ସିପାହି-ମାନଙ୍କର ଗାର୍ଡ ଅବ୍ ଅନର ପରିଦର୍ଶନ, ଏବଂ ସତର ଗୋଟି ତୋପ ସଲାମୀ ପ୍ରଭୃତି ଯଥାବିଧି ଅଭିବାଦନ ପରେ ଗଭର୍ଣ୍ଣର ମହୋଦୟ ରେଭେନ୍ସା କଲେଜ ଅଭିମୁଖରେ ଯାତ୍ରା କରିଥିଲେ। ସେଠାରେ ଓଡ଼ିଶାର ଉଚ୍ଚବଂଶୀୟ ଜମି-ଦାର, ବିଶିଷ୍ଟ କର୍ମଚାରୀ ଏବଂ ସାଧାରଣଙ୍କ ଉପସ୍ଥିତିରେ ଏକ ଦରବାର ଅନୁଷ୍ଠିତ ହୋଇ-ଥିଲା ଏବଂ ଗଭର୍ଣ୍ଣର ମହୋଦୟ ରାଜଭକ୍ତି ଓ କାର୍ଯ୍ୟଭାର ଗ୍ରହଣ ସୂଚକ ଶପଥ ପ୍ରଧାନ ବିଚାରପତିଙ୍କ କର୍ତ୍ତୃକ ଗ୍ରହଣ କରି-ଥିଲେ। ମହାମହିମ ଭାରତ ସମ୍ରାଟ ନୂତନ ଓଡ଼ିଶା ପ୍ରଦେଶ ପ୍ରତି ଶୁଭ ଇଚ୍ଛା ଓ ଅଭିନନ୍ଦନ ଜଣାଇ ବଡ଼ଲାଟଙ୍କ ନିକଟ ଯେଉଁ ବାର୍ତ୍ତା ପ୍ରେରଣ କରିଥିଲେ, ସର୍ ଜନ୍ ହବାକ୍ ତାହା ଦରବାରରେ ପାଠ କରିଥିଲେ। ମହାମହିମ ସମ୍ରାଟଙ୍କ ବାର୍ତ୍ତାର ମର୍ମ ଏହି ଯେ ତାଙ୍କ ଶାସନକାଳର ଏକ ସର୍ବ ପ୍ରଥମ କାର୍ଯ୍ୟରୂପେ ଗତ ବର୍ଷର ଭାରତ ସରକାରଙ୍କ ଆଇନ (Government of India Act) ଅନୁଯାୟୀ ଓଡ଼ିଶାକୁ ଏକ ପୃଥକ୍ ପ୍ରଦେଶରୂପେ ସୃଷ୍ଟି କରିବାର ଅନୁମତି ଦେଇ ସେ ଅତ୍ୟନ୍ତ ଆନନ୍ଦିତ ହୋଇ-ଅଛନ୍ତି। "ମୋହର ବଡ଼ଲାଟ ଏବଂ ଓଡ଼ିଶାର ପ୍ରଥମ ଲାଟଙ୍କ ଜରିଆରେ ମୁଁ ଓଡ଼ିଶା ପ୍ରଦେଶକୁ ଏହି ଅଭିନନ୍ଦନ ବାର୍ତ୍ତା ଜଣାଉଅଛି। ଅନ୍ୟାନ୍ୟ ଶାସନ ସହିତ ଶତାବ୍ଦୀବ୍ୟାପୀ ପରାଧୀନତା ପରେ ପୁନର୍ମିଳିତ ହେବାପାଇଁ ଓଡ଼ିଆ ଲୋକଙ୍କର ଯେ ଦୀର୍ଘକାଳପୋଷିତ ଏବଂ ସ୍ୱାଭାବିକ ଅଭିଳାଷ ରହିଥିଲା, ତାହା ଆଜି ପରିପୂର୍ଣ୍ଣ ହେଲା। ଏହି ନୂତନ ପ୍ରଦେଶ ସ୍ୱୀୟ ଅତୀତରୁ ଉତ୍ସାହ ଉଦ୍ଦୀପନା ଆହରଣ କରି ପବିତ୍ର ଉତ୍କଳ-ଭୂମିର ଐତିହାସିକ ଖ୍ୟାତିର ଉପଯୁକ୍ତ ବୋଲି ନିଜକୁ ପ୍ରମାଣିତ କରୁ, ଏହାହିଁ ମୋର ଆଶା ଏବଂ ଆକାଂକ୍ଷା। ମୁଁ ଓଡ଼ିଶାବାସୀ ମୋର ସମଗ୍ର ପ୍ରଜାବର୍ଗର ସୁଖ ଏବଂ ସମୃଦ୍ଧି ପାଇଁ ସେମାନଙ୍କୁ ନିଜର ଆନ୍ତରିକ ବାଞ୍ଛା ଜଣାଉଅଛି।"



ସର୍ ଜନ୍ ଅଷ୍ଟେନ୍ ହବାକ୍, କେ. ସି. ଏସ୍. ଆଇ., ଆଇ. ସି. ଏସ୍.

ସମ୍ରାଟ୍ ମହୋଦୟଙ୍କ ପ୍ରତି କଥାରେ ଯେଉଁ ଐତିହାସିକ ମୂଲ୍ୟ

ନିହିତ ଅଛି ତାହାର ପୁଣ୍ୟ ସ୍ପର୍ଶ ସମଗ୍ର ଓଡ଼ିଆ ଜାତି କଥା ଛାଡ଼ିଦେଲେ ମଧ୍ୟ ଯେଉଁମାନେ ଓଡ଼ିଶାକୁ ସ୍ନେହ ଦୃଷ୍ଟିରେ ଦେଖନ୍ତି, ଏପରି କି ତାହା ପ୍ରତି ଯାହାଙ୍କର ସହାନୁଭୂତି ଟିକିଏ ଅଛି, ସେମାନେ ମଧ୍ୟ ଅନୁଭବ କରି ପାରିବେ । ଓଡ଼ିଶା ପାଇଁ ସମ୍ରାଟ୍ ମହୋଦୟ ଯେଉଁ ସାନୁଗ୍ରହ ଆଶା ଆକାଂକ୍ଷା ପୋଷଣ କରନ୍ତି, ତାହା ସମଗ୍ର ଓଡ଼ିଆ ଜାତିର ହିଁ ଯୁଗପତ୍ ଆଶା ଏବଂ ଆକାଂକ୍ଷା । ଏ ଜାତିର ଅତୀତ ଯଶ ଏବଂ ଭବିଷ୍ୟତର କର୍ତ୍ତବ୍ୟ ସମ୍ବନ୍ଧରେ ସେ ଯେଉଁ ହୃଦୟସ୍ପର୍ଶୀ ସୂଚନା ଦେଇଅଛନ୍ତି ତାହା ସମ୍ରାଟ୍ ମହୋଦୟଙ୍କୁ ଏହି ପୁରାଣ ଜାତି ସହିତ ଆଜି ତାହାର ପୁନର୍ଜନ୍ମ ଦିବସରେ ଏକ ନୂତନ ପ୍ରେମ ବନ୍ଧନରେ ଆବଦ୍ଧ କରିଅଛି ।

ଏକ ମହାନ୍ ଶାସନ କାଳର ପ୍ରାରମ୍ଭିକ କାର୍ଯ୍ୟରୂପେ ଓଡ଼ିଶା ପ୍ରଦେଶ ଯେ ଗଠିତ ହେଲା, ତାହା ସମ୍ରାଟଙ୍କ ପ୍ରତି ଏ ଜାତିର ଶ୍ରଦ୍ଧା ସମ୍ମାନ ସ୍ୱତଃ ଆକର୍ଷଣ କରିବ । କାରଣ ଗୋଟିଏ ପୃଥକ୍ ପ୍ରଦେଶ ହେବାଦ୍ୱାରା ଓଡ଼ିଶାକୁ ତାହାର ବୈଶିଷ୍ଟ୍ୟ ପ୍ରତିପାଦନ କରିବା ପାଇଁ ସୁଯୋଗ ମିଳିଅଛି । ଓଡ଼ିଆ ଜାତି ଯେ ନିଜ ଗୁଣରେ ଭାରତୀୟ ଅନ୍ୟାନ୍ୟ ପ୍ରଦେଶମାନଙ୍କ ଅପେକ୍ଷା ଏକ ସ୍ୱତନ୍ତ୍ର ସଭ୍ୟତା ଓ ସଂସ୍କୃତି ରକ୍ଷା କରି ପାରିଅଛି ଏବଂ ଏକ ସ୍ୱାଧୀନ ଶିଳ୍ପ ଓ ସାହିତ୍ୟ ଗଠନ କରିବାରେ କ୍ଷମ ହୋଇଅଛି, ନବ ପ୍ରଦେଶ ଗଠନଦ୍ୱାରା ସେହି ସ୍ୱାତନ୍ତ୍ର୍ୟକୁ ଦୃଢ଼ରୂପେ ପ୍ରତିଷ୍ଠିତ କରିବାଲାଗି ସେ ଭରସା ରଖେ ।

ଭାରତର ବଡ଼ଲାଟ ମଧ୍ୟ ନୂତନ ଓଡ଼ିଶା ପ୍ରଦେଶ ପାଇଁ ତାଙ୍କର ସଦିଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ । ଓଡ଼ିଶା ପୃଥକ୍ ପ୍ରଦେଶ ହେବାଦ୍ୱାରା ଯେଉଁ ସବୁ ଅସୁବିଧା ରହିଛି, ସାହସ ଓ ଦୃଢ଼ତା ସହିତ ସେ ତାହାର ସମ୍ମୁଖୀନ ହେବା ପାଇଁ ଏବଂ ହିନ୍ଦୁ ଧର୍ମ ଓ ସଂସ୍କୃତିର ପ୍ରାଚୀନ ପୀଠରୂପେ ନିଜକୁ ମହା ଭାରତୀୟ ଜାତି ମଧ୍ୟରେ ଏକ ଉପଯୁକ୍ତ ଅଙ୍ଗ ବୋଲି ପ୍ରମାଣିତ କରିବ ବୋଲି ବଡ଼ଲାଟ ମହୋଦୟ ଆଶା ଏବଂ ବିଶ୍ୱାସ ପ୍ରକାଶ କରିଥିଲେ ।

ଓଡ଼ିଶାର ପାଞ୍ଚଗୋଟି ସାଧାରଣ ଅନୁଷ୍ଠାନ ନୂତନ ଗଭର୍ଣ୍ଣରଙ୍କୁ ଏକ ଯୁକ୍ତ ଅଭିନନ୍ଦନ ପତ୍ର ଭେଟିଥିଲେ ଏବଂ ଯଥାଯଥ ଭାବରେ ସେ ତାହାର ଉତ୍ତର ପ୍ରଦାନ କରିଥିଲେ ।

ଏପ୍ରିଲ ପହିଲା ତାରିଖର ସମ୍ପାଦକୀୟରେ କଲିକତାର ବିଖ୍ୟାତ ସମ୍ବାଦ ପତ୍ର ଷ୍ଟେଟ୍ସମ୍ୟାନ୍ ନୂତନ ପ୍ରଦେଶକୁ ଆନ୍ତରିକ ଅଭିନନ୍ଦନ ଜଣାଇ ଲେଖିଅଛନ୍ତି : "ଓଡ଼ିଶା ଏକ ବୈଚିତ୍ର୍ୟମୟ ଦେଶ— ପାହାଡ଼, ଜଙ୍ଗଲ ଓ ସମଭୂମି; ଅତି ପ୍ରାଚୀନ ଧର୍ମମତ ଉପରେ ପ୍ରତିଷ୍ଠିତ ଏକ ସ୍ୱତନ୍ତ୍ର ସଂସ୍କୃତି ଓ ଆଦର୍ଶ; ଅନେକ ଗୁଡ଼ିଏ ବିଖ୍ୟାତ ଦେଶୀୟ ରାଜ୍ୟ—"

ମୟୂରଭଞ୍ଜ ରାଜ୍ୟର ଇତିହାସ ଓଡ଼ିଶା ଇତିହାସ ସହିତ ବହୁ ପୂର୍ବକାଳରୁ ସଂଯୁକ୍ତ ଏବଂ ଏହି ପୁରାଣ ଭୂମିର ଜାତୀୟ ଜୀବନ ଗଠନ ପାଇଁ ମୟୂରଭଞ୍ଜର ଦାନ ସାମାନ୍ୟ ନୁହେଁ ।

ଆମ୍ଭେମାନେ ଆଜି ଏହି ସ୍ମରଣୀୟ ଦିବସରେ ଆନନ୍ଦ ପ୍ରକାଶ କରୁଅଛୁଁ ଏବଂ ଅନ୍ୟମାନଙ୍କ ସହିତ ଏହି ମହା ଜାତିର ଭବିଷ୍ୟତ ଉନ୍ନତି କାମନା କରୁଅଛୁଁ । ସେଥି ସଙ୍ଗେ ସଙ୍ଗେ ଅନୁଭବ କରୁଅଛୁଁ ଯେ ଆମ୍ଭେମାନେ ମଧ୍ୟ ଏହି ଜାତିର ହିଁ ଅଙ୍ଗ ବିଶେଷ ଏବଂ ଅନ୍ୟମାନଙ୍କ ସହିତ ଏକ ବିଶାଳ ସଭ୍ୟତା ଓ ସଂସ୍କୃତିର ଗର୍ବିତ ଉତ୍ତରାଧିକାର ଲାଭ କରିଅଛୁଁ ।

## ମୟୂରଭଞ୍ଜ ଡାକ୍ତରଖାନାରେ ନାରୀ-ଚିକିତ୍ସାଳୟ

ମୟୂରଭଞ୍ଜର ମହାରାଜା ସାହେବ ପରଲୋକଗତ ମହାମହିମ ସମ୍ରାଟ ପଞ୍ଚମ ଜର୍ଜଙ୍କ ରୌପ୍ୟଜୟନ୍ତୀ ପାଣ୍ଠିକୁ ଯେଉଁ ଏକ ଲକ୍ଷ ଟଙ୍କା ଦେଇଥିଲେ ଓ ପ୍ରଜାମାନେ ଯେଉଁ ଦୁଇ ହଜାର ଟଙ୍କା ଦେଇଥିଲେ, ତନ୍ମଧ୍ୟରୁ ଶତକରା ଟ ୭୦ ଙ୍କା ହିସାବରେ ସାଧାରଣ ହିତକର କାର୍ଯ୍ୟରେ ବ୍ୟୟିତ ହେବା ପାଇଁ ମୟୂରଭଞ୍ଜକୁ ଅଂଶ ସ୍ୱରୂପ ଫେରସ୍ତ ମିଳିଅଛି । ଶୁଣାଯାଏ ଯେ ଆମ୍ଭମାନଙ୍କର ମାନନୀୟ ମହାରାଜା ସାହେବ ଏହି ଟଙ୍କାରେ ବାରିପଦା ଡାକ୍ତରଖାନା ସହିତ ଗୋଟିଏ ନାରୀ ଚିକିତ୍ସାଳୟ ପ୍ରସ୍ତୁତ କରାଇବାକୁ ସ୍ଥିର କରିଅଛନ୍ତି । ମାତ୍ର ଏହି ଟଙ୍କାରେ ଗୃହ ନିର୍ମାଣ ଓ କର୍ମଚାରୀମାନଙ୍କ ବେତନ ନଅଣ୍ଟ ହେବାର ସମ୍ଭାବନା ଥିବାରୁ ବାକି ଟଙ୍କା ଷ୍ଟେଟ୍କୁ ହିଁ ଦେବାକୁ ପଡ଼ିବ । ମହାରାଜା ସାହେବ ଏହି ଚିକିତ୍ସାଳୟର ସ୍ଥାନ ନିର୍ଦ୍ଦେଶ କରିବା ପାଇଁ ଗତ ଜାନୁୟାରୀ ମାସରେ ଡାକ୍ତରଖାନା ପରିଦର୍ଶନ କରିଥିଲେ । ଗତ ବର୍ଷର ହିସାବରୁ ଜଣାଯାଏ ଯେ ୩୦ ହଜାର ସ୍ତ୍ରୀ ଲୋକ ବାରିପଦା ଡାକ୍ତରଖାନାରୁ ଚିକିତ୍ସା ଲାଭ କରିଥିଲେ ।

## ଶ୍ରୀମନ୍ ମହାରାଜାଙ୍କର ସ୍ୱନକ୍ଷତ୍ର ଦିବସ

ଆମ୍ଭମାନଙ୍କର ଶ୍ରଦ୍ଧେୟ ମହାରାଜା ସାହେବଙ୍କର ପଞ୍ଚତ୍ରିଂଶ ସ୍ୱନକ୍ଷତ୍ର ଦିବସ ଗତ ଫେବୃୟାରୀ ମାସ ତା ୨୪ ରିଖରେ ଅନୁଷ୍ଠିତ ହୋଇଥିଲା । ଏହି ଶୁଭ ଦିନ ପ୍ରତିପାଳନ ଲାଗି ଜନ୍ମ ଦିନ ସଂକ୍ରାନ୍ତ ଗଠିତ କମିଟି ଅନେକ ଆନନ୍ଦ ଉତ୍ସବର କାର୍ଯ୍ୟ ନିର୍ଦ୍ଧାରଣ ସ୍ଥିର କରିଥିଲେ । ମାତ୍ର ମହାମାନ୍ୟ ଭାରତ ସମ୍ରାଟ ପଞ୍ଚମ ଜର୍ଜଙ୍କର ଶୋକାବହ ମୃତ୍ୟୁ ଉପଲକ୍ଷରେ ସମସ୍ତ ଉତ୍ସବାଦି ସ୍ଥଗିତ ହୋଇଥିଲା । କେବଳ ଅତ୍ୟାବଶ୍ୟକୀୟ କେତେକ ଧର୍ମାନୁଷ୍ଠାନ ଓ ସରକାରୀ କାର୍ଯ୍ୟ ଛଡ଼ା ଆଉ ସମସ୍ତ ଉତ୍ସବ କାର୍ଯ୍ୟ ନିର୍ଘଣ୍ଟରୁ କମାଇ ଦିଆ ଯାଇଥିଲା । ସକାଳେ ପୋଲିସ ମଇଦାନରେ ଷ୍ଟେଟ୍ ପତାକା ଉତ୍ତୋଳନ କରାଯାଇ ସମସ୍ତ ଅଫିସର ଓ ସର୍ବସାଧାରଣ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ । ବ୍ରାହ୍ମଣମାନେ ଦେବାଳୟରେ ମହାରାଜାଙ୍କର ଦୀର୍ଘ ଜୀବନ ଓ ଉତ୍ତରୋତ୍ତର ଉନ୍ନତି ପାଇଁ ପ୍ରାର୍ଥନା କରିଥିଲେ ଏବଂ ବହୁ କାଙ୍ଗାଳୀଙ୍କୁ ଭୋଜନ ଦିଆ ଯାଇଥିଲା ।



Digitized by srujanika@gmail.com

## ମୟୂରଭଞ୍ଜ କାଉନ୍‌ସିଲ

### ଓ

### ଷ୍ଟେଟ୍ ସେକ୍ରେଟେରିଏଟ୍

ମୟୂରଭଞ୍ଜ କାଉନସିଲ ଗୃହର ନିର୍ମାଣ କାର୍ଯ୍ୟ ୧୯୩୪ ମସିହା ନଭେମ୍ବର ମାସରେ ଆରମ୍ଭ ହୋଇ ଗତ ଜାନୁଆରୀ ମାସରେ ଶେଷ ହେଲା । ଭାରତୀୟ ଅବଶ୍ୟକତାନୁଯାୟୀ ଗୃହଟି ନୂତନ ଢଙ୍ଗରେ ନାନା କାରୁକାର୍ଯ୍ୟସହ ନିର୍ମିତ ହୋଇଅଛି ।

ଏହି ହର୍ମ୍ୟର ନିର୍ମାଣ କାର୍ଯ୍ୟ ଷ୍ଟେଟ୍ ଇଞ୍ଜିନିଅର ମିଷ୍ଟର ଏଫ୍. ଡ. ଉଏଲଡନ୍‌ଙ୍କ ତତ୍ତ୍ୱାବଧାନରେ ଥିଲା ଓ ସ୍ଥାନୀୟ ଉପାଦାନରେ ମଧ୍ୟ ଦେଇ ହଲ ମଧ୍ୟକୁ ପ୍ରବେଶ କରିବାର ଗୋଟିଏ ନୂତନକାରି ରାସ୍ତା ରଖା ଯାଇଅଛି ।

କାଉନ୍‌ସିଲ ଚେମ୍ବାର ଗୃହଟି ସୁନ୍ଦର ଓ ସୁପ୍ରଶସ୍ତ ଭାବରେ ଗଠିତ । ଏହାର ଦୈର୍ଘ୍ୟ ୭୬ ଫୁଟ ଓ ପ୍ରସ୍ଥ ୩୪ ଫୁଟ । ଏକାଦଶ ଶତାବ୍ଦୀରେ ଥିବା ମୟୂରଭଞ୍ଜର ରାଜଧାନୀ ଖିଚିଙ୍ଗର କାରୁକାର୍ଯ୍ୟ ଅବଲମ୍ବନରେ ଏ ଗୃହଟି ଗଠିତ । ନାନା ରଙ୍ଗର ସୁନ୍ଦର ମାର୍ବଲ ପଥରଦ୍ୱାରା ଏହାର ଚଟାଣଟି ସୁସଜ୍ଜିତ । ଏହି ଗୃହରେ ବ୍ୟବହୃତ ହୋଇଥିବା ସମସ୍ତ ମାର୍ବଲ ପଥର ସର୍ବୋତ୍କୃଷ୍ଟ ଇଟାଲୀ ଜାତୀୟ ଅଟେ ଏବଂ ସ୍ୱୟଂ ଶ୍ରୀମନ୍ ମହାରାଜାଙ୍କଦ୍ୱାରା ତାହା ବଛାଗତ ।



ମୟୂରଭଞ୍ଜ କାଉନସିଲ୍ ଚେମ୍ବାରର ଭିତର ଦୃଶ୍ୟ

ଗୃହଟି ତୋଳିବା ପାଇଁ ଯଥାସମ୍ଭବ ଚେଷ୍ଟା କରା ଯାଇଥିଲା । ଏହି କୋଠାରେ ବ୍ୟବହୃତ ହୋଇଥିବା ସମସ୍ତ ଇଟା ସ୍ଥାନୀୟ ଇଟାଭାଟିରେ ହିଁ ପ୍ରସ୍ତୁତ ।


କୋଠାଟି ଦୋତାଲା । ସମସ୍ତ ଅଫିସ ଗୁଡ଼ିକ ତଳ ମହଲାରେ ଓ କାଉନ୍‌ସିଲ ହଲ୍‌ଟି ଉପର ମହଲାରେ ଅବସ୍ଥିତ । କାଉନ୍‌ସିଲ ଗୃହକୁ ଯିବା ପାଇଁ କୋଠାର ଦକ୍ଷିଣ ପୂର୍ବ କୋଣରେ ସୁସଜ୍ଜିତ ପ୍ରବେଶ ଦ୍ୱାର ରଖା ଯାଇଅଛି । ତତ୍‌ପରେ ମାର୍‌ବଲ ସୋପାନ

ତଳ ମହଲାରେ ସେକ୍ରେଟେରିଏଟ ପାଇଁ ଏକ ପ୍ରକାଣ୍ଡ କୋଠରୀ ଓ ମହାରାଜା ଏବଂ ଦେଓଆନଙ୍କର ଅଫିସ ଗୃହ ଅବସ୍ଥିତ । ଏହା ଛଡ଼ା ବିଶ୍ରାମ କକ୍ଷ, ସୁପ୍ରଶସ୍ତ ବାରଣ୍ଡା ଓ ପ୍ରବେଶ ପ୍ରକୋଷ୍ଠ ଇତ୍ୟାଦିର ମଧ୍ୟ ସୁବନ୍ଦୋବସ୍ତ କରା ହୋଇଅଛି ।

ଉପରୋକ୍ତ ଗୃହର ସମସ୍ତ କାର୍ଯ୍ୟ ଇଟା, ପଥର ଓ ଲୁହାଦ୍ୱାରା କରା ହୋଇଅଛି । କୋଠା ଉପରର ବଡ଼ ଓ ଅନ୍ୟାନ୍ୟ ଗୃହ

ଗୋଟି ଗମ୍ବୁଜ କଲ୍‌ଫିଙ୍ଗ୍‌ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ଗୃହର ଅନ୍ୟର ଏକ ବିଶେଷତ୍ୱ ।


ଆଧୁନିକ ସାଜସଜ୍ଜାସମ୍ପନ୍ନ ଏହି ଗୃହରେ ଇଲେକ୍‌ଟ୍ରିକ୍ ଫିଟିଂ ବିଶେଷ ଦକ୍ଷତାର ସହିତ ସମ୍ପାଦିତ ହୋଇଅଛି । ପ୍ରଧାନ ପ୍ରବେଶ ଦ୍ୱାର ଓ ଗମ୍ବୁଜଗୁଡ଼ିକୁ ଆଲୋକିତ କରିବା ପାଇଁ ଗୋପନୀୟ ସ୍ଥାନ ମାନଙ୍କରେ ଆଲୁଅ ସଂଯୁକ୍ତ କରାଯାଇଅଛି । ଜେନେରେଲ ଇଲେକ୍‌ଟ୍ରିକ କୋମ୍ପାନି ସହିତ ପରାମର୍ଶ କରି ନିଜେ ମହାରାଜା ସାହେବ ଏହି ଗୃହଟିକୁ ଆଲୋକଦ୍ୱାରା ସୁସଜ୍ଜିତ କରିବାର ବ୍ୟବସ୍ଥା କରିଅଛନ୍ତି ।



ମୟୂରଭଞ୍ଜ ଷ୍ଟେଟ୍ ସେକ୍ରେଟେରିଏଟ୍ ଓ କାଉନସିଲ୍‌ର ବାହାର ଦୃଶ୍ୟ

## ପ୍ରାଥମିକ ବିଦ୍ୟାଳୟମାନଙ୍କରେ ବ୍ୟାୟାମ ଶିକ୍ଷା

ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କୁ ବ୍ୟାୟାମ ଶିକ୍ଷା ଦେବା ପାଇଁ ବ୍ୟାୟାମ ବିଶାରଦ ଶ୍ରୀଯୁକ୍ତ ରାଧାଶ୍ୟାମ ଦାସଙ୍କ ତତ୍ତ୍ୱାବଧାନରେ ବାରିପଦା ଓ ରାଇରଙ୍ଗପୁରଠାରେ ଯଥାକ୍ରମେ ଫେବୃୟାରୀ ୨୪ ତାରିଖ ଠାରୁ ମାର୍ଚ୍ଚ ୧ ତାରିଖ ଓ ମାର୍ଚ୍ଚ ୪ ତାରିଖ ଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଦୁଇ ଗୋଟି ଟ୍ରେନିଂ କ୍ୟାମ୍ପ କରାଯାଇଥିଲା । ମୋଟରେ ୧୫୦ ଜଣ ଶିକ୍ଷକ ଉପସ୍ଥିତ ଥିଲେ ।



ପ୍ରାଥମିକ ବିଦ୍ୟାଳୟର ଶିକ୍ଷକମାନଙ୍କ ବ୍ୟାୟାମ



Digitized by srujanika@gmail.com

ବ୍ୟାୟାମବିଶାରଦ ଶ୍ରୀଯୁକ୍ତ ଦାସ ଇତି ମଧ୍ୟରେ ୧୦୦ ଗୋଟି ସ୍କୁଲ ପରିଦର୍ଶନ କରିଥିଲେ । ତାଙ୍କ ରିପୋର୍ଟରୁ ପ୍ରକାଶ ଯେ କେବଳ ୪୦ ଗୋଟି ସ୍କୁଲର ଛାତ୍ରମାନେ ପ୍ରତ୍ୟହ ବ୍ୟାୟାମ କରି ଆଶାନୁରୂପ ଫଳ ପାଉଅଛନ୍ତି । ସ୍କୁଲ ସମୟ ମଧ୍ୟରେ ଅନ୍ତତଃ [illegible] ମିନିଟ 'କଡ଼ବାର' ବ୍ୟାୟାମ ପ୍ରଣାଳୀ ଶିକ୍ଷକଙ୍କ ଉପଦେଶ ଅନୁସାରେ ଅଭ୍ୟାସ କରିବା ପାଇଁ ସ୍ଥିର ହୋଇଅଛି ।

## ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟ

ପୂର୍ଣ୍ଣଚନ୍ଦ୍ରପୁର ବିଦ୍ୟାଳୟର ବାର୍ଷିକ ଅଧିବେଶନ ଗତ ମାର୍ଚ୍ଚ ମାସ ୪ ତାରିଖରେ [illegible] ହୋଇଥିଲା । ଦେୱାନ ମିଷ୍ଟର କେ. ସି. ନିୟୋଗୀ ସଭାପତିର ଆସନ ଅଳଙ୍କୃତ କରିଥିଲେ । ପାଠଶାଳାର ପୂର୍ବ ଇତିହାସ ଏବଂ ବର୍ତ୍ତମାନ କାର୍ଯ୍ୟପ୍ରଣାଳୀ [illegible] ବାର୍ଷିକ ବିବରଣୀରେ ଉଲ୍ଲେଖ କରା ହୋଇଥିଲା । ବର୍ତ୍ତମାନ ପାଠଶାଳାରେ ୬୪ ଜଣ ହରିଜନ ବାଳକ ଏବଂ ଅନାର୍ଯ୍ୟ ଓ ଅନ୍ୟ ଜାତିର ୨୨ ଜଣ ବାଳିକା ଅଧ୍ୟୟନ କରୁଅଛନ୍ତି । ଶୁଣାଯାଏ ଯେ ଦେୱାନ ସାହେବ ସ୍କୁଲ ଗୃହ ବଢ଼ାଇବା ପାଇଁ ଜମି ଖରିଦ କରିବା ସକାଶେ ଟ ୫୦୦୯ ଙ୍କା ଦାନ ଦେବାକୁ ସ୍ୱୀକାର କରିଅଛନ୍ତି ଓ କନିଷ୍ଠା ମୃତପତିକା ମହାରାଣୀ ସାହେବା ସ୍କୁଲ ଗୃହ ନିର୍ମାଣର ଖର୍ଚ୍ଚ ବହନ କରିବା ପାଇଁ ପ୍ରତିଶ୍ରୁତ ହୋଇ ଅଛନ୍ତି ।

ପ୍ରାଥମିକ ଶୁଶ୍ରୂଷା ଓ ସଂକ୍ରାମକ ରୋଗର ନିବାରଣ ପାଇଁ ସ୍କୁଲରେ ଗୋଟିଏ ଔଷଧାଳୟ ମଧ୍ୟ ଖୋଲା ଯାଇଅଛି । ସ୍କୁଲର ନାନାବିଧ କାର୍ଯ୍ୟକଳାପ ମଧ୍ୟରେ ଔଷଧାର୍ଥ ବ୍ୟବହୃତ ହେଉଥିବା ବନ ଲତା ଗୁଡ଼ିକ ସ୍କୁଲ ବଗିଚାରେ ରୋପଣ କରିବା ଏହି ବିଦ୍ୟାଳୟର ଗୋଟିଏ ପ୍ରଧାନ ବିଶେଷତ୍ୱ ।

## ବସ୍ତର ମହାରାଣୀଙ୍କର ଅକାଳ ବିୟୋଗ

ମାନନୀୟା ବସ୍ତର ମହାରାଣୀ ସାହେବାଙ୍କର ଗତ ଫେବ୍ରୁଆରି ମାସ ୨୮ ତାରିଖରେ ଲଣ୍ଡନଠାରେ ଅକାଳ ବିୟୋଗ ଘଟିଥିବା ସମ୍ବାଦ ତହିଁ ପରଦିନ ଏଠାରେ ପହଞ୍ଚିଲା । ଶୋକଚିହ୍ନ ସ୍ୱରୂପ ସମସ୍ତ ସ୍କୁଲ, ଅଫିସ, କଚେରୀ ଓ ଅନ୍ୟାନ୍ୟ ସରକାରୀ ଏବଂ ବେସରକାରୀ ସାଧାରଣ ଅନୁଷ୍ଠାନ ଗୁଡ଼ିକ [illegible] ଦିନ ବନ୍ଦ ରହିବା ଲାଗି ସେହି ଦିନ ଷ୍ଟେଟ ଗେଜେଟରେ ଏକ ବିଶେଷ ସଂଖ୍ୟା ପ୍ରକାଶିତ ହୋଇଥିଲା । ମହାରାଜା ସାହେବ [illegible] ସାଧାରଣ କାର୍ଯ୍ୟ ଗୁଡ଼ିକରେ ଯୋଗ ଦେବାର ପ୍ରୋଗ୍ରାମ ବନ୍ଦ କରିଥିଲେ ।

[illegible] ମହାରାଣୀ ସାହେବାଙ୍କର [illegible] ୨୬ ବର୍ଷ ବୟସରେ ମୃତ୍ୟୁ ହେଲା । ଭାରତୀୟ ଦେଶୀୟ ରାଜ୍ୟମାନଙ୍କରେ [illegible] ସେମାନେ [illegible] ଥିଲେ । [illegible] ଓ ମହାରାଜଙ୍କ ବିବାହ ସମୟରେ ଏକାନ୍ତ ମିଳିତ ହୋଇଥିଲେ ଏବଂ [illegible] ଯୁବରାଜ କୁମାର ପ୍ରଫୁଲ୍ଲ [illegible] । [illegible] ଗୋଟିଏ ପୁଅ ଓ ଗୋଟିଏ କନ୍ୟା [illegible] ଅଛନ୍ତି ।

ମହାରାଣୀ ସାହେବା ଗତ [illegible] ମସିହା ସେପ୍ଟେମ୍ବରଠାରୁ ଲଣ୍ଡନରେ ଥିଲେ ଓ ଅନ୍ତ୍ରପ୍ରଦାହ ରୋଗରେ ପୀଡ଼ିତା ହୋଇ ତାଙ୍କର ଅସ୍ତ୍ରଚିକିତ୍ସା କରା ହୋଇଥିଲା । ଶୁଣାଯାଏ ଏହାପରେ ରୋଗର ଅବସ୍ଥା ଜଟିଳ ହୋଇ ପଡ଼ିବାରୁ ତାଙ୍କର ମୃତ୍ୟୁ ଘଟିଲା । କୁମାର ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜଦେଓ ମହାରାଣୀଙ୍କର ଅସ୍ଥି ନେଇ ବାରିପଦାରେ ପହଞ୍ଚିବା ପରେ ଶାସ୍ତ୍ରସମ୍ମତ ଭାବରେ ଶ୍ରାଦ୍ଧ କ୍ରିୟା ସମାପ୍ତ ହୋଇଥିଲା । କୁମାର ସାହେବ କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଜଣେ ଗ୍ରେଜୁଏଟ୍ ଏବଂ କିଛି ଦିନ ହେଲା ନୃତତ୍ତ୍ୱ (anthropology) ସମ୍ବନ୍ଧରେ ସେଠାରେ ଗବେଷଣା କରୁଥିଲେ । ଏହି ଘଟଣାରେ ଆମ୍ଭେମାନେ ନିଜର ଗଭୀର ସମବେଦନା ବାକ୍ୟ ଦ୍ୱାରା ଜଣାଇବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ ।



Digitized by srujanika@gmail.com

## ମୟୂରଭଞ୍ଜ ଶିଳ୍ପ ଓ କୃଷି ପ୍ରଦର୍ଶନୀ

ଶ୍ରୀମନ୍ ମହାରାଜାଙ୍କର ଶୁଭ ଜନ୍ମଦିନର ନିଦର୍ଶନ ସ୍ୱରୂପ ସେହି ଦିନ ସନ୍ଧ୍ୟାରେ ମୟୂରଭଞ୍ଜର ଶିଳ୍ପ ଓ କୃଷି ପ୍ରଦର୍ଶନୀ ଦେୱାନ ମିଷ୍ଟର କେ. ସି. ନିୟୋଗୀଙ୍କ ଦ୍ୱାରା ଉନ୍ମୁକ୍ତ ହେଲା । ଏକ ସପ୍ତାହ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଖୋଲି ଥିଲା ଏବଂ ବାରିପଦା ଓ ନିକଟବର୍ତ୍ତୀ ସ୍ଥାନମାନଙ୍କର ବହୁ ସଂଖ୍ୟକ ଲୋକ ପ୍ରତି ଦିନ ପ୍ରଦର୍ଶନୀ ଦେଖିବାକୁ ଆସୁଥିଲେ। ଏପରି କି ମହିଳାମାନେ ମଧ୍ୟ ପ୍ରତ୍ୟହ ସନ୍ଧ୍ୟା ସମୟରେ ଦଳ ଦଳ ହୋଇ ପ୍ରଦର୍ଶନୀ ଦେଖି ଫେରୁଥିଲେ ।



ପ୍ରଦର୍ଶନୀରେ ସଜ୍ଜିତ ମୟୂରଭଞ୍ଜ [illegible] ଓ ସୂତା [illegible]

ସମସ୍ତ ପ୍ରଦର୍ଶନୀ ଗୃହଟି ଏକାଧାରରେ ଚିତ୍ତାକର୍ଷକ ଓ ଶିକ୍ଷଣୀୟ ହୋଇଥିଲା । ଦ୍ୱାର ଦେଶରେ ମହାରାଜାଙ୍କର ଫଟୋଗ୍ରାଫ୍ କୁଟୀର ଶିଳ୍ପ ବିଭାଗରେ ପ୍ରସ୍ତୁତ ହାତୀ ଦାନ୍ତର ଆବରଣ ମଧ୍ୟରେ ସୁସଜ୍ଜିତ ହୋଇ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରୁଥିଲା । ତତ୍ପରେ ମହିଳା ବିଭାଗର ନାନା ପ୍ରକାର ସିଲାଇ କାର୍ଯ୍ୟ, ବଡ଼ି, ଚଟଣି ଇତ୍ୟାଦି ପଦାର୍ଥର ନମୁନା ରଖା ଯାଇଥିଲା । ପ୍ରାଥମିକ ସ୍କୁଲମାନଙ୍କରୁ ଆସିଥିବା ପଙ୍ଖା, ଦଉଡ଼ି, ଖେଳନା, ତଉଲିଆ ଇତ୍ୟାଦି ଓ ନାନା ପ୍ରକାର ନୂତନ ଆବିଷ୍କୃତ ଇଲେକ୍‌ଟ୍ରିକ ସାମଗ୍ରୀ, ଷ୍ଟେଟ୍ କଣ୍ଟ୍ରୋଲ୍ଡ ଏଲ ବିଭାଗର ଚଦର ଓ ସୂତା ଲୁଗା, କେନ୍ଦ୍ର ଜେଲରୁ ଆସିଥିବା ଶିଳ୍ପଜାତ ଦ୍ରବ୍ୟ, ଫରେଷ୍ଟ ବିଭାଗର ହାତୀ ଦାନ୍ତ, ଚମର, ଲାହା ଇତ୍ୟାଦି ବନ୍ୟଜାତ ଦ୍ରବ୍ୟ, କୁଟୀର ଶିଳ୍ପ ବିଭାଗ ପ୍ରସ୍ତୁତ ଦରି, ଆସନ, ଟେବୁଲ, ମସିଣା, ସତରଞ୍ଜି, ଅଙ୍ଗା କଣ୍ଢାଇ, ଗୃହ ସାମଗ୍ରୀ ଏବଂ ପ୍ରତ୍ନତତ୍ତ୍ୱ ବିଭାଗର ପଦାର୍ଥଗୁଡ଼ିକ କ୍ରମାନୁସାରେ ସଜ୍ଜିତ ହୋଇ ସ୍ଥାନଟିକୁ ବଡ଼



ପ୍ରଦର୍ଶନୀରେ ସଜ୍ଜିତ କୃଷିବିଭାଗର ଏକ ପାର୍ଶ୍ୱର ଦୃଶ୍ୟ



Digitized by srujanika@gmail.com

ମନୋରମ କରିଥିଲା । କୃଷି ବିଭାଗରେ ନାନା ରଙ୍ଗର ଫୁଲ, ଏଥିରୁ ପ୍ରସ୍ତୁତ ହେଉଥିବା ନାନା ପ୍ରକାର ପଦାର୍ଥ ଓ କୃଷି କାର୍ଯ୍ୟରେ ବ୍ୟବହୃତ ଆଧୁନିକ ଯନ୍ତ୍ରପାତି ଇତ୍ୟାଦିର ସମାବେଶ ହୋଇଥିଲା । ଏହା ଛଡ଼ା ପଶୁ ଚିକିତ୍ସା ବିଭାଗ ତରଫରୁ ଗୋ-ପ୍ରଦର୍ଶନୀ ଏବଂ କୁକୁଡ଼ା ପୋଷିବା ପ୍ରଣାଳୀ ଇତ୍ୟାଦି ଯେପରି ଦର୍ଶନୀୟ ସେହିପରି ଶିକ୍ଷଣୀୟ ହୋଇଥିଲା ।


ସ୍ଥାନୀୟ ଶିଳ୍ପଜାତ ଦ୍ରବ୍ୟ ବ୍ୟତୀତ କଟକର ହିଙ୍ଗ ପ୍ରସ୍ତୁତି ଖେଳନା, ବାଡ଼ି ଓ କାଠକାମ ଏବଂ ଓଡ଼ିଶା କେମିକେଲ ଓ ଓଡ଼ିଶା ସାବୁନ କାରଖାନାର ଦ୍ରବ୍ୟମାନ, ଅନ୍ୟ ସ୍ଥାନ ... ଶାଢ଼ି ଓ ମସ୍‌ଲିନ ଆଦି ପ୍ରଦର୍ଶିତ ହୋଇଥିଲା ।

ପ୍ରଦର୍ଶନୀ ସଙ୍ଗେ ସଙ୍ଗେ ନାନା ପ୍ରକାର ଅବଶ୍ୟକୀୟ ବିଷୟରେ ବକ୍ତୃତା, ମେଜିକ୍ ଲଣ୍ଠନ ଓ ଚଳଚ୍ଚିତ୍ର ପ୍ରଦର୍ଶନ ଆଦିର ବ୍ୟବସ୍ଥା ଦର୍ଶକମାନଙ୍କର ମନୋରଞ୍ଜନ କରୁଥିଲା ।

ଡାଇରେକ୍ଟର ମିଷ୍ଟର ଆର୍. ଜି. ଦାସ ସଭାପତି ନିର୍ବାଚିତ ହୋଇଥିଲେ । ସମିତିର ସମସ୍ତ ଅଂଶୀଦାର, ସ୍ଥାନୀୟ ଅଫିସର ଓ କର୍ମଚାରୀ ଏବଂ ଅନ୍ୟାନ୍ୟ ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ । ସହଯୋଗ ଋଣ ଦାଦନ ଓ ତାହାର ଉଦ୍ଦେଶ୍ୟ ଏବଂ ସାମୟିକ ଆବଶ୍ୟକତା ଓ ସ୍ଥାନୀୟ ଅବସ୍ଥାବିଶେଷରେ ସମିତିର କିପରି ଉନ୍ନତି ହୋଇପାରେ, ସେ ବିଷୟରେ ସଭାପତି ଗୋଟିଏ ସୁନ୍ଦର ବକ୍ତୃତା ଦେଇଥିଲେ । ଗତ ବର୍ଷ ତୁଳନାରେ ଏ ବର୍ଷ ସମିତିର ଆର୍ଥିକ ଉନ୍ନତି ହୋଇଥିବାର ବାର୍ଷିକ ବିବରଣୀରୁ ଜଣାଯାଏ ।

## ବାରିପଦା ସାହିତ୍ୟ ସମାଜ

ବାରିପଦା ସାହିତ୍ୟ ସମାଜର ୨ୟ ବାର୍ଷିକ ଅଧିବେଶନ ଗତ ମାର୍ଚ୍ଚ ମାସ ତା ୨୩ ଓ ୨୪ ରିଖରେ ଅନୁଷ୍ଠିତ ହୋଇଥିଲା । ପୁରୀର ସୁପରିଚିତ କବି ଓ ସାହିତ୍ୟିକ ଶ୍ରୀଯୁକ୍ତ ପଦ୍ମଚରଣ ପଟ୍ଟନାୟକ ସଭାପତି ନିର୍ବାଚିତ ହୋଇଥିଲେ । ପ୍ରଥମ ଦିନ ସାହିତ୍ୟ ସମାଜର ସଭାପତି



ବାରିପଦା ସାହିତ୍ୟ ସମାଜର ସଭାପତି ଓ ସଭ୍ୟବୃନ୍ଦ

ମାର୍ଚ୍ଚ ମାସ ତା ୩ ରିଖରେ ପ୍ରଦର୍ଶନୀ ବନ୍ଦ ହେଲା ଓ ସେହି ଦିନ ସନ୍ଧ୍ୟା ସମୟରେ ପ୍ରଦର୍ଶନୀରେ ଉଲ୍ଲେଖଯୋଗ୍ୟ ପ୍ରଦର୍ଶିତ ବସ୍ତୁ ଯୋଗାଇ ଥିବା ବ୍ୟକ୍ତିମାନଙ୍କୁ ପଦକ, ଟଙ୍କା ଏବଂ ସାର୍ଟିଫିକେଟ ଆଦି ପୁରସ୍କାର ବିତରଣ କରି ହୋଇଥିଲା ।

## ମୟୂରଭଞ୍ଜ କର୍ମଚାରୀଙ୍କର ସହଯୋଗ ସମିତି

ମୟୂରଭଞ୍ଜ କର୍ମଚାରୀମାନଙ୍କ ଦ୍ୱାରା ଗଠିତ ସହଯୋଗ ସମିତିର ବାର୍ଷିକ ସାଧାରଣ ଅଧିବେଶନ ଗତ ମାର୍ଚ୍ଚ ମାସ ୧ ତାରିଖରେ ପ୍ରଦର୍ଶନୀ ମଣ୍ଡପରେ ଅନୁଷ୍ଠିତ ହୋଇଥିଲା । ଉନ୍ନତି ବିଭାଗର

ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ ଓଡ଼ିଶା ଓ ବିଶେଷତଃ ମୟୂରଭଞ୍ଜର ସଭ୍ୟତା ଏବଂ ସାହିତ୍ୟ ଚର୍ଚ୍ଚା ବିଷୟରେ ତାଙ୍କର ପ୍ରବନ୍ଧ ପାଠ କରିଥିଲେ । ତତ୍ପରେ ସଭାପତି ମହୋଦୟ ତାଙ୍କର ଦୀର୍ଘ ଏବଂ ସୁଚିନ୍ତିତ ପ୍ରବନ୍ଧ ପାଠ କରିଥିଲେ । ସେ ଓଡ଼ିଶାର ଯୁବକ ଲେଖକମାନଙ୍କୁ ସମସ୍ତ ବାଧାବିଘ୍ନ ଅତିକ୍ରମ କରି ଦୃଢ଼ ସଙ୍କଳ୍ପ ସହି ସାହିତ୍ୟ ଚର୍ଚ୍ଚାରେ ମନୋନିବେଶ କରିବା ପାଇଁ ଉତ୍ସାହିତ କରିଥିଲେ । ପଣ୍ଡିତ ବିନାୟକ ମିଶ୍ର, ଶ୍ରୀଯୁକ୍ତ ଶଶୀଭୂଷଣ ରାୟ, ଶ୍ରୀଯୁକ୍ତ ନିମାଇ ଚରଣ ହରିଚନ୍ଦନ, ଶ୍ରୀଯୁକ୍ତ ଜଗବନ୍ଧୁ ସିଂହ, ଶ୍ରୀଯୁକ୍ତ ଜଗତ୍‌ମୋହନ ସେନ, ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ, ଶ୍ରୀଯୁକ୍ତ ତ୍ରିବେଦ ଚନ୍ଦ୍ର ପାଲ, ଶ୍ରୀଯୁକ୍ତ ମହେଶ ଚନ୍ଦ୍ର ମହାପାତ୍ର




Digitized by srujanika@gmail.com

ପ୍ରଭୃତି ଲେଖକମାନଙ୍କଠାରୁ ସାହିତ୍ୟ, କଳା, ସଙ୍ଗୀତ ଏବଂ ଐତିହାସିକ ପ୍ରବନ୍ଧମାନ ହସ୍ତଗତ ହୋଇଥିଲା । ଏହି ସବୁ ପ୍ରବନ୍ଧଗୁଡ଼ିକ ପର ଦିନ ପଠିତ ହୋଇ ସେ ବିଷୟରେ ଚର୍ଚ୍ଚା କରି ହୋଇଥିଲା ।

## ପାଟନା ପ୍ରଦର୍ଶନୀରେ
### ମୟୂରଭଞ୍ଜର ସ୍ଥାନ

ଗତ ପାଟନା ପ୍ରଦର୍ଶନୀରେ ଯେଉଁ ଛଅଟି ଭାରତୀୟ ରାଜ୍ୟମାନଙ୍କୁ ଏକ କମ୍ବା ତତୋଽଧିକ ସ୍ୱତନ୍ତ୍ର ଷ୍ଟଲ୍ ମିଳିଥିଲା ମୟୂରଭଞ୍ଜ ସେଥିମଧ୍ୟରୁ



ପାଟନା ପ୍ରଦର୍ଶନୀରେ ମୟୂରଭଞ୍ଜ ଦ୍ରବ୍ୟାଦିର ଚିତ୍ର

ଗୋଟିଏ । ଅନ୍ୟ ରାଜ୍ୟମାନେ ହେଉଛନ୍ତି କାଶ୍ମିର, ହାଇଦ୍ରାବାଦ, ମହୀଶୂର, ଗୋଆଲିଅର ଓ ଇନ୍ଦୋର । ବିହାର ଓଡ଼ିଶା ପ୍ରାଦେଶିକ ପ୍ରଦର୍ଶନୀ ଏବଂ ନିଖିଳ ଭାରତୀୟ ତନ୍ତ୍ରବୁଣା ପ୍ରଦର୍ଶନୀ ଓ ପ୍ରତିଯୋଗିତା ପ୍ରାଙ୍ଗଣରେ ମୟୂରଭଞ୍ଜ ଗୋଟିଏ ଲେଖାଁ ସ୍ଥାନ ପାଇଥିଲା । ଉପରୋକ୍ତ ଦୁଇଗୋଟି ଷ୍ଟଲରେ ଦିଆଯାଇଥିବା ପଦାର୍ଥ ମଧ୍ୟରେ ମୟୂରଭଞ୍ଜର ଉତ୍ପନ୍ନ କଞ୍ଚା ମାଲ ଯଥା, ନାନା ପ୍ରକାର କାଠ, ହାତୀ ଦାନ୍ତ, ଲୁହା, ଏସ୍‌ବେଷ୍ଟସ୍, ଔଷଧି ବୃକ୍ଷ ଇତ୍ୟାଦି ଜଙ୍ଗଲୋତ୍ପନ୍ନ ଦ୍ରବ୍ୟ ଓ ଶିଳ୍ପ ବିଭାଗୀୟ ତିଆରି ମାଲ, କପା, ମୁଗା, ଟସର, ପଶମ ପ୍ରଭୃତି ସ୍ଥାନ ପାଇଥିଲା । ଏହା ଛଡ଼ା ଦଉଡ଼ି, ବେତ କାମ, ବିଭିନ୍ନ ଶ୍ରେଣୀର ଲୁହା ଓ ସେଲେକ୍ ପ୍ରଭୃତି ମଧ୍ୟ ଉଲ୍ଲେଖଯୋଗ୍ୟ । ଏଠାକାର ଟସର, ପଶମ ଓ ସୂତାଲୁଗା ମଧ୍ୟରେ ତଉଲିଆ, ଟେବୁଲ ଚାଦର, ସିଲ୍କ ମାଫ୍‌ଲର ପ୍ରଭୃତି ଏବଂ ପଥୁରି ବାସନ ଓ ବେତ ପ୍ରସ୍ତୁତ ଗୃହସାମଗ୍ରୀ ଗୁଡ଼ିକ ବିଶେଷ ବିକ୍ରି ହୋଇଥିଲା ।

ମୟୂରଭଞ୍ଜକୁ ଟସର ଶାଢ଼ି ଓ କାଠ ପାଇଁ ଦୁଇ ଗୋଟି ପ୍ରଥମ ପୁରସ୍କାର ମିଳିଥିଲା । ଅନ୍ୟାନ୍ୟ ଶିଳ୍ପଜାତ ଦ୍ରବ୍ୟ ଗୁଡ଼ିକରେ କେତେକ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ମଧ୍ୟ ମିଳିଥିଲା ।

## ସିଂହଭୂମ ଉତ୍କଳ ସଭାରେ ପାରଳାଖେମଣ୍ଡିର ମହାରାଜା

ସିଂହଭୂମ ଉତ୍କଳ ସଭାର ୧୦ମ ଅଧିବେଶନ ଗତ ମାର୍ଚ୍ଚ ମାସ ତା ୯ ରିଖରେ ସୋନୁଆଠାରେ ଅନୁଷ୍ଠିତ ହୋଇଥିଲା ଓ ପାରଳାଖେମଣ୍ଡିର ମହାରାଜା ସାହେବ ଏହି ସଭାରେ ସଭାପତିର ଆସନ ଅଳଂକୃତ କରିଥିଲେ । ସୋନୁଆ ଗଲା ବେଳେ ମହାରାଜା ସାହେବଙ୍କୁ ଜାମସେଦ୍‌ପୁରଠାରେ ବହୁ ସଂଖ୍ୟକ ଓଡ଼ିଆ କର୍ମଚାରୀ ପତାକା ଇତ୍ୟାଦି ନେଇ ବିଶେଷ ଅଭ୍ୟର୍ଥନା କରିଥିଲେ । ସେଠା ଷ୍ଟେସନରେ ମହାରାଜା ସାହେବଙ୍କୁ ଦୁଇ ଗୋଟି ଅଭିନନ୍ଦନ ପତ୍ର ଦିଆଯାଇଥିଲା ଓ ତାହାର ଉତ୍ତରରେ ସମସ୍ତଙ୍କୁ ସେ ନିକଟ ଭବିଷ୍ୟତରେ ସିଂହଭୂମ ଓଡ଼ିଶା ସହିତ ମିଶିବାର ଯଥେଷ୍ଟ ସମ୍ଭାବନା ଅଛି ବୋଲି ଆଶ୍ୱାସନା ଦେଇଥିଲେ ।

ସୋନୁଆ ଷ୍ଟେସନଠାରେ ହଜାର ହଜାର ଲୋକ ମହାରାଜାଙ୍କୁ ଅଭ୍ୟର୍ଥନା କରି ବିଶେଷ ସମ୍ମାନ ସହିତ ତାଙ୍କୁ ଡାକବଙ୍ଗଳା ପର୍ଯ୍ୟନ୍ତ ନେଇ ଯାଇଥିଲେ । ଜଣାଯାଏ ଯେ ସିଂହଭୂମର ହୋ ଏବଂ ଅନ୍ୟାନ୍ୟ ଲୋକମାନଙ୍କୁ ନେଇ ପ୍ରାୟ ଦଶ ହଜାର ଲୋକ ସଭାରେ ଉପସ୍ଥିତ ଥିଲେ । ପ୍ରତିନିଧିମାନଙ୍କର ସୁବିଧା ପାଇଁ ଗୋଟାଏ ସ୍ୱତନ୍ତ୍ର



ପାରଳାଖେମଣ୍ଡିର ମହାରାଜା କ୍ୟାପ୍ଟେନ୍ ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ



Digitized by srujanika@gmail.com

ରେଲଗାଡ଼ି ଟାଟାନଗର ଠାରୁ ସୋନୁଆ ପର୍ଯ୍ୟନ୍ତ ଯିବା ଆସିବା କରିଥିଲା । ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ସଢ଼େଇକଲାର ଠାକୁର ସାହେବ ଓ କୁମାର ସାହେବ, ଖରସୁଆଁର ଓ କେସର କୁମାର ସାହେବମାନେ ଏବଂ ଛଇରପୁରର ଜମିଦାରଙ୍କ ନାମ ଉଲ୍ଲେଖ ଯୋଗ୍ୟ । ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବିଶିଷ୍ଟ ନେତାମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ସଭାପତି ମହୋଦୟ ଜନ୍ମଭୂମି ପ୍ରତି ଗଭୀର ଅନୁରାଗ ଦେଖାଇ ତେଜସ୍ୱିନୀ ଭାଷାରେ ଯେଉଁ ହୃଦୟଗ୍ରାହୀ ବକ୍ତୃତା ଦେଇଥିଲେ ତାହା ଉପସ୍ଥିତ ସମସ୍ତଙ୍କୁ ଅନୁପ୍ରାଣିତ କରିଥିଲା ।

ପରିଶେଷରେ (୧) ମହାମହିମ ଭାରତ ସମ୍ରାଟଙ୍କ ଗାଦି ପ୍ରାପ୍ତି ଉତ୍ସବର ସ୍ମରଣୀୟ ନିଦର୍ଶନ ସ୍ୱରୂପ ଓଡ଼ିଶା ସହିତ ସିଂହଭୂମ ମିଶିବା (୨) ସିଂହଭୂମର କଚେରୀରେ ଓଡ଼ିଆ ଭାଷା ବ୍ୟବହୃତ ହେବା ଓ (୩) ଶିକ୍ଷିତ ଓଡ଼ିଆ ଯୁବକମାନଙ୍କୁ ବେଙ୍ଗଲ ନାଗପୁର ଓ ଟାଟା କମ୍ପାନିରେ ଚାକିରି ଯୋଗାଇବା ଇତ୍ୟାଦି ବିଷୟରେ କେତେଗୋଟି ପ୍ରସ୍ତାବ ଆଗତ କରାଯାଇ ସର୍ବସମ୍ମତିକ୍ରମେ ସଭାରେ ଗୃହୀତ ହୋଇଥିଲା ।

ସଭାର କାର୍ଯ୍ୟ ସୁସମ୍ପନ୍ନ ହେଲା ପରେ ସଭାପତିଙ୍କୁ ଧନ୍ୟବାଦ ଦିଆଯାଇ ସଭା ଭଙ୍ଗ କରାଯାଇଥିଲା ।

## ପ୍ରୀତି-ପୂଜା

**ଶ୍ରୀ ଶ୍ରୀଶ୍ଚନ୍ଦ୍ର ହୋତା**

ଶାରଦାକାଶେ ଜୋଛନା ଭାସେ, ଚଉଁର ଝରି ମେଲି
ମରମେ ମୋର ଯାତନା ଅବହେଳି
ଅନ୍ତରେ ସେ କହେ ଗୋ ଥରେ ଥରେ
ତୁମରି ଲାଗି ଗୋଲାପ ଆଜି ବେଦନା ଭରେ ଥରେ ।

ଏ ଯନ୍ତ୍ରବନେ ସମରପି ସେ ତା ଚଳ ଦଳ ରାଜି
ଜୀବନେ ଯାଏ ଭାସି
ସେଇ ସଙ୍ଗୀର ପୀରତି ଆଣେ ଯିବି ମୁଁ ଟେକି ବାସ
ତହିଁ ଗୋ ମୋର ଆତ୍ମ ପରକାଶ ।

ଯେ ଦେଶେ ସେଇ ଜୋଛନା ସଦା ବାଇ
ସେଇ ଦେଶର ଅମୃତ ଗୋ ଚକ୍ଷେ ଦେବି ନାଇ
କପୋଳେ ନେବି ଯେ ଦେଶେ ଫୁଟେ କୁସୁମ ପାରିଜାତ
ଯେ ରେଣୁ ତହିଁ ଜାତ ।

ପ୍ରଥମେ ଯେଉଁ ତାରଟି ଉଇଁ ସନ୍ଧ୍ୟାକୋଳେ ଦୋଳେ
ହୃଦୟ ପୁରେ ଯେ ଗୀତି ସେଇ ଖୋଲେ
ସେ ସୁରେ ନେବି ବାନ୍ଧି ମୋର ଗଳା
ଅଥବା ଯେଉଁ ସୁରେ ଗୋ ଗାଏ ପଙ୍କଜିନୀ ବାଳା ।

ସଙ୍ଗେ ତାର ଅଶ୍ରୁଧାରା ପଡ଼ିବ ସିନା ଧୀରେ
ମିଳନ ମନ୍ଦିରେ
ଗୋଟିଏ କଣା ହର୍ଷିତ ସେ ଦୁଃଖ କୋଟି ଥୋଇ
ସେ ଦିନ ଦେବ ଧୋଇ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।

Digitized by srujanika@gmail.com

# ଭଞ୍ଜ ପ୍ରଦୀପ

ବାରିପଦା, ଆଷାଢ଼ ୧୩୪୩


ଏହିସଂଖ୍ୟାରେ ଲେଖିଅଛନ୍ତି:—

| | |
|---|---|
| ଶ୍ରୀଯୁକ୍ତ ନିମାଇ ଚରଣ ହରିଚନ୍ଦନ | ଶ୍ରୀଯୁକ୍ତ ପରମାନନ୍ଦ ଆଚାର୍ଯ୍ୟ |
| ଶ୍ରୀଯୁକ୍ତ ହରିଶ୍ଚନ୍ଦ୍ର ବଡ଼ାଲ | ଡାକ୍ତର ଶ୍ରୀଯୁକ୍ତ କ୍ଷୀରୋଦ ଚନ୍ଦ୍ର ପାଲ |
| ଶ୍ରୀଯୁକ୍ତ ଅନୁକୂଳ ଚନ୍ଦ୍ର ନାୟକ | କପିବର ହନୁମନ୍ତ ନକଲ ନବିସ |
| ଶ୍ରୀଯୁକ୍ତ ମହେଶ୍ଚନ୍ଦ୍ର ମହାପାତ୍ର | ପଣ୍ଡିତ ଶ୍ରୀଯୁକ୍ତ ଶ୍ରୀନାଥ ଚନ୍ଦ୍ର ମିଶ୍ର |
| କବିବର ଶ୍ରୀଯୁକ୍ତ ଚିନ୍ତାମଣି ମହାନ୍ତି | ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର |

Digitized by srujanika@gmail.com

# HEALTH IS WEALTH

CHEERFUL TINY TOTS



Sanitation in Moffusil houses can be made just as good as in town. For all schemes and operations of Water Works, Drainage, Plumbing, Tube-well Sinking and other Sanitary Engineering in general

—: PLEASE CONSULT :—

# S. K. CHAKRAVARTI LTD.

SANITARY ENGINEERS

CALCUTTA.

TEL. "LAVATORY" CODES BENTLEY

## Mayurbhanj Law Reporter

**Highly appreciated in India & Abroad.**

It is a quarterly publication

It is published in September, December, March and June.

| | |
|---|---|
| Yearly Subscription | Rs. 3 |
| Single Copy | As. 12 |

**Postage Extra.**

*Manager*—N. C. SANYAL, B. A.

MAYURBHANJ LAW REPORTER.

## Bhanja Pradeepa

*It is an illustrated Oriya quarterly quite independent of the English Edition of the Mayurbhanj Chronicle.*

SUBSCRIPTION

*Annual - - Rs. 0-12-0 (post free)*

*„ „ 1-4-0 (with postage)*

*Price per copy „ 0-3-0 (post free)*

*„ 0-5-0 (with postage)*

*Manager*—N. C. SANYAL, B.A.

BHANJA PRADEEPA

Digitized by srujanika@gmail.com

# The Mayurbhanj Chronicle

*Publication:* The Chronicle is a quarterly publication. It is published in October, January, April and July.

*Subscription;* Annual Rs. 1-8-0. Single copy As. 6 only. Postage per copy 2 As. extra.

## SCALE OF CHARGES FOR ADVERTISEMENTS

*( Single Insertion )*

| | | | |
|---|---|---|---|
| **Outer page of Cover :—** | Full page | Rs. | 50/- |
| | Half | ,, | 25/- |
| | Quarter | ,, | 15/- |
| **Inner page of Cover :—** | Full | ,, | 40/- |
| | Half | ,, | 20/- |
| | Quarter | ,, | 12/- |
| **Inner page of Cover : reverse of title page :** | Full page | Rs. | 50/- |
| | Half | ,, | 25/- |
| | Quarter | | 15/- |
| **Ordinary page : –** | Full | | 36/- |
| | Half | ,, | 18/- |
| | Quarter | ,, | 10/- |

*Rates for smaller spaces on application*

N. C. SANYAL, B. A.

*Manager, Mayurbhanj Chronicle.*

STATE PRESS, BARIPADA, MAYURBHANJ



# ମୟୂରଭଞ୍ଜ ଷ୍ଟେଟ ଗେଜେଟ

ପ୍ରତି ଇଂରାଜୀ ମାସ ୭ ଓ ୨୧ ତାରିଖରେ ପ୍ରକାଶିତ ହୁଏ । ଏଥିରେ କେବଳ ଅଫିସ ସମ୍ବନ୍ଧୀୟ ବିଷୟମାନ ପ୍ରକାଶିତ ହୁଏ ।

ବାର୍ଷିକ ମୂଲ୍ୟ—ଟ୩୲ ( ଡାକମାସୁଲ ବ୍ୟତୀତ ) ଟ୩୷ ( ଡାକମାସୁଲ ସହ ) ପ୍ରତି ସଂଖ୍ୟାର ମୂଲ୍ୟ ଟ୦୷

**ଏଥିରେ ବିଜ୍ଞାପନ ଛପାଇବାର ଦର**

ପ୍ରତି ସଂଖ୍ୟା—ପୂର୍ଣ୍ଣ ଏକ ପୃଷ୍ଠାକୁ ଟ୧୦୲ ପ୍ରତି ସଂଖ୍ୟା—ଅର୍ଦ୍ଧ ପୃଷ୍ଠାକୁ ଟ ୫୲

ସାମୟିକ ବିଜ୍ଞାପନ ପ୍ରକାଶେ—ପ୍ରତି ସଂଖ୍ୟା ଡବଲ୍ କଲମ୍ ଧାଡ଼ିକୁ ଟ୦।

,, ,, ସିଙ୍ଗଲ୍ ,, ,, ଟ୦୷

ଗ୍ରାହକ ହେବାକୁ କିମ୍ବା ବିଜ୍ଞାପନ ଛପାଇବାକୁ ଇଚ୍ଛା କଲେ ଅଗ୍ରିମ ଦେବାକୁ ପଡ଼ିବ ।

**ମେନେଜର,**

ଷ୍ଟେଟ୍ ପ୍ରେସ୍, ବାରିପଦା ।


Digitized by srujanika@gmail.com

# ଭଞ୍ଜପ୍ରଦୀପ

**ପଞ୍ଚମ ଭାଗ** **ଚତୁର୍ଥ ସଂଖ୍ୟା**

## ସୂଚିପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ସଙ୍ଗୀତ ସମ୍ବନ୍ଧରେ ପଦେ | ଶ୍ରୀ କମଳ ଚରଣ ହରିଚନ୍ଦନ | ୧ |
| ୨ । | ବେଲ୍‌ଫାଷ୍ଟ | ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଳ ବି. ଏସ୍‌ସି. | ୪ |
| ୩ । | ବର୍ଷାର ସ୍ୱର (କବିତା) | ଶ୍ରୀ ଅନୁକୂଳ ଚନ୍ଦ୍ର ନାୟକ | ୮ |
| ୪ । | ସାହିତ୍ୟ ଓ ଜାତୀୟତା | ଶ୍ରୀ ମହେଶ୍ଚନ୍ଦ୍ର ମହାପାତ୍ର | ୮ |
| ୫ । | ଜନ୍ମାନ୍ତର | କବିବର ଶ୍ରୀ ଚନ୍ଦ୍ରମଣି ମହାନ୍ତି | ୧୦ |
| ୬ । | ଗ୍ରାମ ଦେବତା | ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ବି. ଏସ୍‌ସି., ଏମ୍. ଆର୍. ଏ. ଏସ୍., ଏଫ୍. ଆର୍. ଏ. ଆଇ., | ୧୨ |
| ୭ । | ସୃଷ୍ଟିର ବୈଚିତ୍ର୍ୟ | ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ ଏଲ୍. ଏମ୍. ପି. | ୧୫ |
| ୮ । | ପ୍ରେମ ବିଜୟ (ପଦ୍ୟ) | କପିବର ହନୁମନ୍ତ ନକଲ ନବିସ | ୧୬ |
| ୯ । | ସତୀଖାଲ | ପଣ୍ଡିତ ଶ୍ରୀ ଶ୍ରୀନାଥ ଚନ୍ଦ୍ର ମିଶ୍ର କାବ୍ୟତୀର୍ଥ | ୧୬ |
| ୧୦ । | ଦେଶୀୟ-ରାଜ୍ୟ ସମାଚାର | | ୨୧ |
| ୧୧ । | ପ୍ରାର୍ଥନା | କବିବର ଶ୍ରୀ ଚନ୍ଦ୍ରମଣି ମହାନ୍ତି | ୨୪ |
| ୧୨ । | ପୁଣ୍ୟଶ୍ଳୋକ ଭଗବତ | ଶ୍ରୀ ନିତ୍ୟାନନ୍ଦ ମହାପାତ୍ର | ୨୫ |
| ୧୩ । | ସମ୍ବାଦ ଓ ସଙ୍କେତ | | ୨୮ |
| ୧୪ । | ପୁସ୍ତକ ପରିଚୟ | | ୩୨ |


## ଚିତ୍ର-ସୂଚି


| | | |
|---|---|---|
| ୧ । | ଚବଣ ଅଙ୍ଗୁଳିଅ ଲୋକ | ୧୫ |
| ୨ । | କଦଳୀ ଗଛ ମଝିରେ କାନ୍ଧ | ୧୫ |
| ୩ । | ଛ ଗୋଡ଼ିଅ ଛୁଆ | ୧୬ |
| ୪ । | ନାଭିରେ ମାଂସ ପିଣ୍ଡ | ୧୬ |
| ୫ । | ହରିଜନ-ସେବକ କୁଳବୃଦ୍ଧ ଭାଗବତ ପ୍ରଧାନ | ୨୬ |
| ୬ । | କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ବି. ଏ. | ୨୬ |
| ୭ । | ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ | ୨୮ |
| ୮ । | ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କର ସ୍ମୃତି ମନ୍ଦିର | ୩୦ |


Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ରାଧାଗୋବିନ୍ଦ ଦାସ

ସହକାରୀ ସମ୍ପାଦକ—ଶ୍ରୀ କାଳିନ୍ଦୀଚରଣ ପାଣିଗ୍ରାହୀ

ରଥଯାତ୍ରା ସଂଖ୍ୟା

ପଞ୍ଚମ ଭାଗ | ଆଷାଢ଼, ସନ ୧୩୪୩ ସାଲ | ୪ର୍ଥ ସଂଖ୍ୟା


## ସଙ୍ଗୀତ ସମ୍ବନ୍ଧରେ ପଦେ *

**ଶ୍ରୀ ନମାର୍ ଚରଣ ହରିଚନ୍ଦନ**

**ବାରିପଦା ସାହିତ୍ୟ ସମାଜର ମାନନୀୟ ସଭାପତି ଓ ସହୃଦୟ ସୁଧିବୃନ୍ଦ,**

ସଙ୍ଗୀତ ସମ୍ବନ୍ଧୀୟ ଗୋଟିଏ ସଂକ୍ଷିପ୍ତ ପ୍ରବନ୍ଧ ଓ ଓଡ଼ିଆ ସଙ୍ଗୀତର ବିଶେଷତ୍ୱ ବା ସ୍ୱାତନ୍ତ୍ର୍ୟ ସମ୍ବନ୍ଧରେ କିଛି ଲେଖିବା ପାଇଁ ମୁଁ ଏହି ସଭାର ସମ୍ପାଦକ ମହାଶୟଙ୍କଦ୍ୱାରା ଅନୁରୁଦ୍ଧ ହୋଇ ନିଜକୁ ଯେପରି ଭାଗ୍ୟବାନ ମନେ କରୁଅଛି, ସେହିପରି ସଙ୍ଗୀତ ଶାସ୍ତ୍ରର ଜ୍ଞାନବାରିଧି ନିକଟରେ ନିଜର ଅଜ୍ଞନତା ଅନୁଭବ କରି ଲଜ୍ଜିତ ହେଉଅଛି। ମୁଁ ଏ ବିଷୟରେ ନିତାନ୍ତ ଅକିଞ୍ଚନ ହେଲେ ମଧ୍ୟ ଗୁଣ୍ଡୁଚି ମୂଷାର ସମୁଦ୍ର ବନ୍ଧନ କାର୍ଯ୍ୟରେ କ୍ଷୁଦ୍ର ଚେଷ୍ଟା ପରି ଆପଣମାନଙ୍କ ସ୍ନେହ ଦୃଷ୍ଟି ଯୋଗୁଁ ସାହସିକ ହୋଇ ଏହି ନିବନ୍ଧଟି ଲିପିବଦ୍ଧ କଲି।

ସଙ୍ଗୀତ ସାହିତ୍ୟ ସମୁଦ୍ର ପରି ଅସୀମ ଓ ଅନନ୍ତ। ମନୁଷ୍ୟ କଥା ଦୂରେ ଥାଉ ଦେବଲୋକରେ ମଧ୍ୟ ଏହାର ପ୍ରକୃତ କଳନା କରି-ଯାଇ ପାରି ନାହିଁ। ବେଦ ହିନ୍ଦୁମାନଙ୍କ ମତରେ "ଅପୌରୁଷେୟ" ବା ଈଶ୍ୱରଙ୍କର ଅନନ୍ତ ସୃଷ୍ଟି ଅଟେ। ବେଦ- [illegible] ଗାନ ଅନନ୍ତ କାଳରୁ ରହିଅଛି। ତେଣୁ ବେଦର କାଳ ବା ସମୟ ନିର୍ଦ୍ଦିଷ୍ଟ ହେବା ଯେପରି ସୁକଠିନ, ସେହିପରି ସଙ୍ଗୀତର ଆଦି ଉତ୍ପତ୍ତିର କାଳ ବା ସମୟ ସଠିକ ନିରୂପଣ କରିବା ମଣିଷର ବୁଦ୍ଧିର ଅତୀତ। ପୁରାଣ ମତରୁ ସଙ୍ଗୀତର ଉତ୍ପତ୍ତି ବିଷୟରେ ନାନା ପ୍ରକାର ମତ ଦେଖାଯାଏ। କେହି କେହି କହନ୍ତି ଯେ [illegible] ବୃତ୍ରାସୁର ଦେବତାମାନଙ୍କୁ ପରାଭବ ଦେବା ପାଇଁ ଦେବଲୋକ ଆକ୍ରମଣ କରିଥିଲେ। ସେହି ବୃତ୍ରାସୁରଙ୍କ ବଧ ପରେ ଦେବତାମାନେ ନୈସର୍ଗିକ ଆନନ୍ଦ ଉପଭୋଗ ପାଇଁ ନାନା ଗୀତ, ବାଦ୍ୟ ଓ ନୃତ୍ୟ କରିଥିଲେ, ଦେବଲୋକରେ ତାହା ହିଁ ସଙ୍ଗୀତ ରୂପରେ ପ୍ରଥମେ ଦେଖା ଦେଇଥିଲା। "ଗୀତଂ ବାଦ୍ୟଂ ନର୍ତ୍ତନଞ୍ଚ ତ୍ରୟଂ ସଙ୍ଗୀତମୁଚ୍ୟତେ"—ଗାନ, ବାଦ୍ୟ ଓ ନୃତ୍ୟର ଏକତ୍ର ସମାବେଶ ସଙ୍ଗୀତ ନାମରେ ଅଭିହିତ ଅଟେ।

ଆଉ କେହି କେହି କହନ୍ତି ଯେ ବ୍ରହ୍ମା ଏହି ସଙ୍ଗୀତର ପଥ-ପ୍ରଦର୍ଶକ। [illegible] ମହର୍ଷିଙ୍କଦ୍ୱାରା ଏହା ମହାଦେବଙ୍କ ନିକଟରେ

* ବାରିପଦା ସାହିତ୍ୟ ସମାଜର ୨ ମାର୍ଚ୍ଚ ଅଧିବେଶନରେ ପଠିତ

Digitized by srujanika@gmail.com

ଅବଗୀତ ହୋଇଥିଲା, ଯାହାକି ଲୋକସାଧାରଣଙ୍କର ମୁକ୍ତିପ୍ରଦ ଅଟେ । ଏହି ସଙ୍ଗୀତ 'ମାର୍ଗ' ନାମରେ କଥିତ ହୁଏ । ଯଥା:—

" ଦ୍ରୁହିଣେନ ଯଦନ୍ୱିଷ୍ଟଂ
ପ୍ରଯୁକ୍ତଂ ଭରତେନ ଚ ।
ମହାଦେବସ୍ୟ ପୁରତ—
ସ୍ତନ୍ମାର୍ଗାଖ୍ୟଂ ବିମୁକ୍ତିଦଂ । "

ଆଉ କୌଣସି କୌଣସି ପୁରାଣରୁ ଜଣାଯାଏ ଯେ ମହର୍ଷି ନାରଦ ସଙ୍ଗୀତର ଏକମାତ୍ର ପ୍ରବର୍ତ୍ତକ ଏବଂ ପ୍ରଚାରକ ଅଟନ୍ତି, ଯଥା:—

" ଗାନ୍ଧର୍ବଂ ନାରଦୋ ବେଦ
ଭରଦ୍ୱାଜୋ ଧନୁର୍ଗ୍ରହଂ । "

ନାରଦ ମହର୍ଷିଙ୍କ ପରେ ନାଟ୍ୟ ଶାସ୍ତ୍ର ପ୍ରଣେତା ଭରତ ଋଷି ସଙ୍ଗୀତାଚାର୍ଯ୍ୟ ପଦରେ ଆସୀନ ଥିଲେ । ତାଙ୍କ ପରେ କାଶ୍ୟପ ଓ ମତାଙ୍ଗ ପ୍ରଭୃତି ସଙ୍ଗୀତ ଶାସ୍ତ୍ରର ଆଲୋଚନା କରିଥିଲେ । ଗନ୍ଧର୍ବ ଓ କିନ୍ନର ପ୍ରଭୃତି ଏହି ସଙ୍ଗୀତ ଶାସ୍ତ୍ରର ପୃଷ୍ଠ ବ୍ୟବସାୟୀ ଅଟନ୍ତି । ମହାଭାରତ ବନପର୍ବରୁ ଜଣାଯାଏ ଯେ ଅର୍ଜୁନ ବିଶ୍ୱାବସୁ ପୁତ୍ରଙ୍କଠାରୁ ନୃତ୍ୟ, ଗୀତ ଓ ବାଦ୍ୟ ଏବଂ ସାମ ଗାନ ଯଥାରୀତିରେ ଶିଖିଥିଲେ । ଏବଂ ସେ " ଗାନ୍ଧର୍ବ ବେଦ " ଲାଭ କରି କୃତକାର୍ଯ୍ୟ ହୋଇଥିଲେ । ପାଣ୍ଡବମାନଙ୍କ ବନବାସ ସମୟରେ ଅର୍ଜୁନ ଛଦ୍ମବେଶରେ ବିରାଟ ରାଜାନ୍ତଃପୁରରେ ବୃହନ୍ନଳା ରୂପରେ ରହି ବିରାଟ ରାଜନନ୍ଦିନୀ ଉତ୍ତରାଙ୍କୁ ସଙ୍ଗୀତ ଶିକ୍ଷା ଦେଇଥିଲେ ।

ଭାରତର ବୈଦିକ ଓ ପୌରାଣିକ ଯୁଗକୁ ବାଦ ଦେଲେ ମଧ୍ୟ ବୌଦ୍ଧ ଯୁଗରେ ଭାରତରେ ସଙ୍ଗୀତ ଶାସ୍ତ୍ରର ବହୁଳ ଆଲୋଚନା ଥିବା " ଜାତକାଦିରୁ "ରୁ ପ୍ରମାଣ ମିଳଇ ।

କାଳିଦାସ, ଭବଭୂତି ଓ ବାଣଭଟ୍ଟ ପ୍ରଭୃତିଙ୍କ ନାଟକମାନଙ୍କରୁ ମଧ୍ୟ ତତ୍‌କାଳୀନ ସଙ୍ଗୀତ ଚର୍ଚ୍ଚାର ପ୍ରକୃଷ୍ଟ ପ୍ରମାଣ ମିଳେ ।

ପରବର୍ତ୍ତୀ ଇତିହାସ ଅନୁଶୀଳନ କଲେ ଜଣାଯାଏ ଯେ ହିନ୍ଦୁ ଓ ମୁସଲମାନ ନରପତିଗଣ ଅନେକ କୃତବିଦ୍ୟ ସଙ୍ଗୀତଜ୍ଞଙ୍କୁ ସଭାସଦ ରୂପରେ ଉଚ୍ଚ ସ୍ଥାନ ଦେଇଥିଲେ । ସମ୍ରାଟ ଆକବରଙ୍କ ସଭାସଦ୍ ତାନ୍‌ସେନ୍‌ଙ୍କର ସଙ୍ଗୀତ ଶାସ୍ତ୍ରରେ ଯେ ଅସାଧାରଣ କୃତିତ୍ୱ ଥିଲା ତାହା ସର୍ବଜନ ବିଦିତ ।

ଉପରଲିଖିତ କାରଣମାନଙ୍କରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ ସଙ୍ଗୀତ ଶାସ୍ତ୍ର ବହୁକାଳରୁ ଭାରତବର୍ଷରେ ପ୍ରଚଳିତ ଅଛି । ସଂସ୍କୃତ ସାହିତ୍ୟରେ ସଙ୍ଗୀତ ସମ୍ବନ୍ଧୀୟ ଅସଂଖ୍ୟ ଗ୍ରନ୍ଥ ରହି ଏହା ଦୃଢ଼ରୂପେ ପ୍ରତିପନ୍ନ କରୁଅଛି । ପ୍ରାଚୀନ ଗ୍ରୀସ୍ ୟୁରୋପୀୟ ସଭ୍ୟତାର ଜନ୍ମଭୂମି । ଗ୍ରୀସ୍ ସଭ୍ୟତାର ବହୁ କାଳ ପୂର୍ବରୁ ଭାରତ ସଙ୍ଗୀତ ଶାସ୍ତ୍ରରେ ବହୁ ଉନ୍ନତି ଲାଭ କରିଥିଲା । ପ୍ରାଚୀନ ଗ୍ରୀକ୍‌ଗଣ ଭାରତରୁ ସଙ୍ଗୀତ ଶାସ୍ତ୍ରର ଆଲୋଚନା କରିଥିଲେ । ଆରବ ଓ ପାରସ୍ୟବାସିମାନେ ଭାରତରୁ ସଙ୍ଗୀତ ଶିଖିଥିଲେ । ମୁସଲମାନ ସଭ୍ୟତା ଓ ବିଳାସିତା ପ୍ରାଚୀନ ଗ୍ରୀକ୍ ଓ ରୋମକମାନଙ୍କ ମନରେ ସଙ୍ଗୀତ ପ୍ରତି ଆକର୍ଷଣ ଜାତ କରିଥିଲା । କାରଣ ଲୋକ-ଚିତ୍ତ-ରଞ୍ଜନ ହିଁ ସଙ୍ଗୀତର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଯେଉଁ ସଙ୍ଗୀତଦ୍ୱାରା ଲୋକରଞ୍ଜନ ନ ହୁଏ ତାହା ସଙ୍ଗୀତ ନୁହଇ । ଯଥା:—

" ଗୀତ ବାଦନ ନୃତ୍ୟାନାଂ
ରକ୍ତି ସାଧାରଣୋ ଗୁଣଃ
ଅତୋ ରକ୍ତି ବିହୀନଂ ଯତ୍
ତନ୍ନ ସଙ୍ଗୀତ ମୁଚ୍ୟତେ ।"

ସ୍ଥୂଳତଃ ସଙ୍ଗୀତ ଭାରତରୁ ପ୍ରଥମେ ଉତ୍ପତ୍ତି ହୋଇ ତାର ନିଜ ସମ୍ମୋହନ ଶକ୍ତି ଦ୍ୱାରା ପୃଥିବୀରେ ପରିବ୍ୟାପ୍ତ ହୋଇଅଛି ।

ସଙ୍ଗୀତ ସାଧାରଣତଃ ଦୁଇ ଭାଗରେ ବିଭକ୍ତ । ଯଥା:—ସ୍ୱର ସଙ୍ଗୀତ ଓ ଯନ୍ତ୍ର ସଙ୍ଗୀତ । ଯାହା କଣ୍ଠନିଃସୃତ ତାହା ସ୍ୱର ସଙ୍ଗୀତ ଓ ଯାହାର ନାଦ ଯନ୍ତ୍ରରୁ ଉତ୍ଥିତ ହୁଏ ତାହା ଯନ୍ତ୍ର ସଙ୍ଗୀତ ନାମରେ ଅଭିହିତ । ଏହା ପୁଣି ସା, ରି, ଗା, ମା, ପା, ଧା, ନି, ଏହି ରୂପରେ ଆରୋହଣ ଓ ଅବରୋହଣ ଭାବରେ ସାତ ପ୍ରକାର ଅଟଇ । ଏହି ସପ୍ତ ସ୍ୱର ସାତ ଗୋଟି ଜନ୍ତୁଠାରୁ ଗ୍ରହଣ କରାଯାଇଥିବାର ସଙ୍ଗୀତଜ୍ଞମାନଙ୍କଠାରୁ ଜଣାଯାଏ । ଏହି ସପ୍ତ ସ୍ୱରର ନିୟନ୍ତ୍ରଣ ଦ୍ୱାରା ଛଅ ରାଗ ଓ ଛତିଶ ରାଗିଣୀର ଉତ୍ପତ୍ତି ହୋଇଅଛି । ପୁତ୍ର କନ୍ୟା ପରିବାର ରୂପରେ କେତେ ଯେ ଉପରାଗ ଓ ରାଗିଣୀ ଅଛି ତାର ସଂଖ୍ୟା ନାହିଁ । ହିନ୍ଦି ଭାଷାରେ ଲିଖିତ "କୃଷ୍ଣାନନ୍ଦ" ବ୍ୟାସଦେବ ବିରଚିତ "ରାଗ ସାଗରୋଦ୍ଭବ କଳ୍ପଦ୍ରୁମ" ନାମକ ଗୋଟିଏ ସୁବୃହତ୍ ଗ୍ରନ୍ଥରେ ପ୍ରତ୍ୟେକ ରାଗର ସ୍ତ୍ରୀ, ପୁତ୍ର, ପରିବାର ଏବଂ ତାହାର ମୂର୍ତ୍ତି ଓ ଉତ୍ପତ୍ତି ବିବରଣମାନ ଲିଖିତ ଅଛି । ଏହି ଗ୍ରନ୍ଥମାନଙ୍କରୁ ନାଦ ଓ ନାଦୋତ୍ପତ୍ତିର ପ୍ରକାର, ସ୍ୱର ବିବରଣ, ବାଦ୍ୟ ବିବରଣ, ମୂର୍ଚ୍ଛନା, କୂଟତାନ, ରାଗ ବିବରଣ, ଋତୁଭେଦେ ରାଗ ରାଗିଣୀର ବିନିଯୋଗ ବିବରଣ, ରାଗାଦିର ଧ୍ୟାନ, ନର୍ତ୍ତନ ପ୍ରକରଣ ଆଦି ସଙ୍ଗୀତ ଶାସ୍ତ୍ରର ବହୁଳ ବିଷୟ ଜାଣିବାକୁ ମିଳେ ।

ମନୁଷ୍ୟ କଥା ଦୂରେ ଥାଉ, ପଶୁ ପକ୍ଷୀ ଏପରି କି ହିଂସ୍ର ପଶୁ ଓ ବିଷଧର ସର୍ପ ସୁଦ୍ଧା ସଙ୍ଗୀତ ଦ୍ୱାରା ବିମୁଗ୍ଧ ହୁଅନ୍ତି । ସଙ୍ଗୀତ ଶାସ୍ତ୍ରରେ ତାଳଜ୍ଞାନ ସହ କାଳଜ୍ଞାନ ନ ଥିଲେ ଆଳାପ ମନୋମୁଗ୍ଧକର ହୁଏ ନାହିଁ । ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ରାଗିଣୀ ଆଳାପ କରି ପାରିଲେ ପ୍ରକୃତି ସୁଦ୍ଧା ବଶୀଭୂତ ହୁଏ । କଥା ଅଛି " ଦୀପକ " ରାଗ ଯଥା କାଳରେ ଠିକ୍ ଭାବରେ ଆଳାପ କରି ପାରିଲେ ଶୂନ୍ୟରେ ନିଆଁ ଜଳି ଉଠେ । ଯଥାକାଳରେ "ମେଘ ମଲ୍ଲାର" ରାଗ ଆଳାପ କଲେ ଅସମୟରେ ବର୍ଷା ଋତୁର ଆବିର୍ଭାବ ହୁଏ । "ବସନ୍ତ ରାଗ " କାଳଜ୍ଞାନ ଥାଇ ଠିକଭାବରେ ଆଳାପ କରି ପାରିଲେ ଅକାଳରେ ବସନ୍ତ ଋତୁ ପ୍ରକାଶିତ ହୁଏ ।

ସଙ୍ଗୀତ ଶାସ୍ତ୍ରର କ୍ରମ ସାଧନାରୂପ ଅଭ୍ୟାସ ଯୋଗ ଦ୍ୱାରା ଚିତ୍ତର ସ୍ଥିରତା ଜନ୍ମି ମାନବ ସର୍ବ ଶ୍ରେଷ୍ଠ ମୁକ୍ତିର ଅଧିକାରୀ ହୁଏ । ସଙ୍ଗୀତ ଗାନ ଦ୍ୱାରା ଚିତ୍ତ ପ୍ରସନ୍ନ ହୁଏ । ମାନବ ପୂର୍ଣ୍ଣ ସ୍ୱାସ୍ଥ୍ୟ ଲାଭ କରେ । ସଙ୍ଗୀତ ଚର୍ଚ୍ଚା ଦ୍ୱାରା ନିଜର ମନ ଯେପରି ପ୍ରସନ୍ନ ରହେ, ଅନ୍ୟକୁ ମଧ୍ୟ ସେହିପରି ପ୍ରସନ୍ନତା ଦିଏ । ସଙ୍ଗୀତରେ ସମ୍ମୋହନ ଶକ୍ତି ଅଛି, ସ୍ୱାସ୍ଥ୍ୟ ଅଛି, ପ୍ରସନ୍ନତା ଅଛି, ଏପରିକି ଆଧ୍ୟାତ୍ମିକ ଭାବରେ ଦେଖିଲେ ସୁଦ୍ଧା ମୁକ୍ତି ସଙ୍ଗୀତଜ୍ଞଙ୍କର କରତଳଗତ ଅଟେ । ସଙ୍ଗୀତର ଏହି ମୁକ୍ତିଦ ଗୁଣ ହେତୁରୁ ଦେବର୍ଷି ନାରଦ ଏବଂ ସ୍ୱୟଂ ସରସ୍ୱତୀ ସର୍ବଦା ବୀଣାଯନ୍ତ୍ର ଧରି ଗାନତତ୍ପର ଥିବାର ବର୍ଣ୍ଣନା ଅଛି ।

ମୋଟ ଉପରେ ବୁଝିବାକୁ ଗଲେ ଏହି ବିଶ୍ୱ ବ୍ରହ୍ମାଣ୍ଡ ସଙ୍ଗୀତମୟ ଅଟେ । ଗଗନ ପବନ ସବୁ ସେହି ବିଶ୍ୱ ବିଧାତାଙ୍କର ମଧୁମୟ ସଙ୍ଗୀତରେ ମୁଖରିତ । ସାଗରର ଲହରୀ ଯେପରିକି ତାଳେ ତାଳେ ସେହି ସଙ୍ଗୀତର ପ୍ରତିଧ୍ୱନି କରୁଅଛି ।

ଉତ୍କଳ ସଙ୍ଗୀତର ବିଶେଷତ୍ୱ ବା ସ୍ୱାତନ୍ତ୍ର୍ୟ ଆମ୍ଭମାନଙ୍କର ପ୍ରଧାନ ଆଲୋଚ୍ୟ ବିଷୟ । କିନ୍ତୁ ଏହି ଆଲୋଚନା ପୂର୍ବରୁ କହିଲେ ଅତ୍ୟୁକ୍ତି ହେବ ନାହିଁ ଯେ—ପଦ୍ୟ, ଛାନ୍ଦ, ଚଉପଦୀ, ଜଣାଣ, ଭଜନ, ପ୍ରବଚନ, ଜଗତମାଳ, ହଳୁଆ ଗୀତ ଓ ସଗଡ଼ିଆ ଗୀତଠାରୁ ପାଲା, ଶୋକ, ସୁଆଙ୍ଗ ଏପରିକି ଉନ୍ନତ ନାଟକ ପର୍ଯ୍ୟନ୍ତ କେହି ସଙ୍ଗୀତ ଇଲାକା ବା ସୀମାରୁ ବହିର୍ଭୂତ ନୁହନ୍ତି । ଏଣୁ ଉତ୍କଳ ସାହିତ୍ୟରେ ବିଭିନ୍ନ ଶ୍ରେଣୀରେ ଯେ ସବୁ ସଙ୍ଗୀତ ଅଛି, ଉନ୍ନତ ପ୍ରତିବେଶୀ ସାହିତ୍ୟରେ ଏତେ କିସମର ସଙ୍ଗୀତ ଅଛି କି ନା ମୁଁ ଜାଣେ ନାହିଁ । ମୋଟ ଉପରେ ଆପଣମାନେ ପ୍ରାଚୀନ ଉତ୍କଳ ସାହିତ୍ୟ ପ୍ରତି ଯେ ପରିମାଣରେ ଆଖି ପକାଇ ପାରିବେ, ସେ ପରିମାଣରେ ଉତ୍କଳ ସଙ୍ଗୀତର ସ୍ୱାତନ୍ତ୍ର୍ୟ ଓ ବିଶେଷତ୍ୱ ହୃଦୟଙ୍ଗମ କରି ପାରିବେ । ବଳଭଦ୍ର କବିସୂର୍ଯ୍ୟ, ଗୋପାଳକୃଷ୍ଣ, ଅଭିମନ୍ୟୁ ସାମନ୍ତ ସିହ୍ନାର, ବନମାଳୀ କବି ପ୍ରଭୃତିଙ୍କ ସଙ୍ଗୀତ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର ଓ ମୌଳିକ ରାଗ ରାଗିଣୀ ପୂର୍ଣ୍ଣ, ଏଥିରେ କୌଣସି ମିଶ୍ର ରାଗିଣୀ ଥିଲା ପରି ମୁଁ ଜାଣେ ନାହିଁ । ବିଶେଷତଃ ଉତ୍କଳର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଛାନ୍ଦରେ ଯେ କ୍ଷମତାର ପରିଚୟ ଦେଇ ଅଛନ୍ତି, ଭାରତର କୌଣସି ଉନ୍ନତ ପ୍ରତିବେଶୀ ଭାଗ୍ୟରେ ଏପରି ଛାନ୍ଦ ସଙ୍ଗୀତର ଗବେଷଣା ଅଛି କି ନା ସନ୍ଦେହ । ଏକା ବୈଦେହୀଶ ବିଳାସ ପରି ଛାନ୍ଦ ଗ୍ରନ୍ଥ ସଂସ୍କୃତ ବ୍ୟତୀତ ଭାରତର କୌଣସି ଭାଷାରେ ଥିବାର ମୁଁ ଜାଣେ ନାହିଁ । ଆମ୍ଭେମାନେ ଯେ ପରିମାଣରେ ପାଶ୍ଚାତ୍ୟ ସଭ୍ୟତା ସମ୍ପର୍କରେ ଘନିଷ୍ଠ ଭାବେ ସମ୍ପୃକ୍ତ ହେଉଥାଇଁ, ଏବଂ ବିଭିନ୍ନ ଭାଷାର ସଙ୍ଗୀତ ଆଲୋଚନା କରୁଥାଇଁ, ସେହି ପରିମାଣରେ କ୍ରମେ କ୍ରମେ ଅନୁକରଣପ୍ରିୟ ହୋଇ ଓଡ଼ିଆ ସଙ୍ଗୀତର ମୌଳିକତା ଓ ସ୍ୱାତନ୍ତ୍ର୍ୟ ହରାଉଥାଇଁ । ଅନ୍ୟ ଉନ୍ନତ ପ୍ରତିବେଶୀ ଭାଷାର ଭାବସମ୍ପଦ ଆହରଣ କରିବା ଦୋଷାବହ ନୁହେ । ବରଂ ଏପରି ଅନୁକରଣଦ୍ୱାରା ବିଶ୍ୱ ସାହିତ୍ୟ ଓ ବିଶ୍ୱଭାବ ସଙ୍ଗେ ନିଜକୁ ମିଶାଇ ଦେବାରେ କୃତିତ୍ୱ ଅଛି । କିନ୍ତୁ ଏଥି ପାଇଁ ନିଜର ରାଗ ରାଗିଣୀର ସ୍ୱାତନ୍ତ୍ର୍ୟ ହରାଇ ଅପରର ଉଚ୍ଛିଷ୍ଟ ଭୋଜନରେ ଉନ୍ମତ୍ତ ହେବାରେ କିଛି ଲାଭ ଥିଲା ପରି ଜଣାପାଏ ନାହିଁ । ଏହି ଅନ୍ଧ ଅନୁକରଣରୁ ଉତ୍କଳ ସଙ୍ଗୀତ ସାହିତ୍ୟରେ କ୍ରମେ ଯେ ମିଶ୍ର ସ୍ୱର ବା ଖେଚୁଡ଼ି ତିଆରି ହେଉଅଛି ତହିଁରେ ଜାତିର ବର୍ଣ୍ଣସଙ୍କର ପରି ସ୍ୱରସଙ୍କରର ଦୋଷ ମଧ୍ୟ ଅନିବାର୍ଯ୍ୟ ହେଉଅଛି ।

ଉତ୍କଳରେ ପ୍ରାଚୀନ କାଳରୁ ସ୍ତ୍ରୀ ମହଲରେ ଯେ ସବୁ ଜଗତମାଳ ଓ ଯୋଡ଼ା ଯୋଡ଼ି ହୋଇ ଶୋକଗୀତ ମାନ ରହିଅଛି, ତାହା କେତେ ଯେ ବିସ୍ମୃତି ଗର୍ଭରେ ଲୀନ ହେଲାଣି, ତହିଁର କଳନା ନାହିଁ । ତଥାପି ମୁଦ୍ରାଯନ୍ତ୍ର ସାହାଯ୍ୟରେ ଯେ ସବୁ ଆଲୋକକୁ ଆସି ପାରିଅଛି ତହିଁରେ ଯେ କେତେ ସାର ଅଛି ଓ ଅନୁଭୂତ ପୂର୍ଣ୍ଣ ବିଜ୍ଞାନ ଅଛି, ତାହାର ଇୟତ୍ତା ନାହିଁ । ପୂର୍ବେ ଓଡ଼ିଶାରେ ପାଲାର ଆଦର ଥିବା ସମୟରେ ଛାନ୍ଦ, ଚଉପଦୀ ପ୍ରଭୃତିର ବିସ୍ତର ଆଲୋଚନା ହେଉଥିଲା । କ୍ରମେ ସଭ୍ୟତାର ସମ୍ପର୍କରେ ଆସି ଆମ୍ଭେମାନେ ଅକର୍ମା ପାଲଟି ଯାଉଥାଇଁ । ପୂର୍ବେ ବେହେଲା, ସିତାର, ତାନପୁରା, ପ୍ରଭୃତି ବାଦ୍ୟ ସହିତରେ ଲୋକେ ସଙ୍ଗୀତ ଚର୍ଚ୍ଚା ଓ ଆଳାପ କରୁଥିଲେ ଏବଂ ଅଳ୍ପ ଶ୍ରମସାଧ୍ୟ ହାରମୋନିୟମ ସାହାଯ୍ୟରେ ଏସବୁର ଆଦର କମି ଯାଉଅଛି । ପୁଣି ଗ୍ରାମୋଫୋନର ପ୍ରଚଳନ ଧୀରେ ଦେଶରେ ବଢ଼ିବା ଦ୍ୱାରା କଣ୍ଠ ସଙ୍ଗୀତର ଆଦର କ୍ରମେ ଲୋପ ହେବାକୁ ବସିଲାଣି । ସେହି ଅଳ୍ପ ଶ୍ରମସାଧ୍ୟ ହାରମୋନିୟମ ଯନ୍ତ୍ର ସାହାଯ୍ୟରେ ଗାନ କରିବା ପରିବର୍ତ୍ତେ ଗ୍ରାମୋଫୋନ ଗାନ ଶୁଣିବାକୁ ଲୋକେ ଏପରି ଅଭ୍ୟସ୍ତ ହେଲେଣି ଯେ ଏ ବେଗ ବଢ଼ିଲେ ସଙ୍ଗୀତ ଚର୍ଚ୍ଚା କ୍ରମେ ଯେ ଲୋପ ପାଇବ ଏପରି ଆଶଙ୍କା କରିବାରେ କୌଣସି ଭ୍ରମ ଥିଲାପରି ବୋଧହୁଏ ନାହିଁ । ଏଣୁ ପ୍ରକୃତରେ ଏହା ଆମ୍ଭମାନଙ୍କ ପକ୍ଷେ "ପ୍ରଗତି"ର ଯୁଗ ନା "ପ୍ର" ଉପସର୍ଗର ବିଭିନ୍ନାର୍ଥ ହେତୁ ଆମ୍ଭମାନଙ୍କର ଏ ଗତି ଊର୍ଦ୍ଧ୍ୱ ଠାରୁ କ୍ରମେ ଅଧୋଗତି ଦିଗରେ ଅଧିକ ଅଗ୍ରସର ହେଉଅଛି, ତାହା ଅବଧାରଣ କରି ହୁଏ ନାହିଁ ।

ତଥାପି ସୁଖର ବିଷୟ ଯେ ଠିକ୍ ସମୟରେ ଆମ୍ଭମାନଙ୍କ ଆଖି ଫିଟିଅଛି । ଆମ୍ଭେମାନେ ଭଗବତ କୃପାରୁ ନିଜ ନିଜର ଭୁଲ ବୁଝିପାରି ସାବଧାନ ହେବାକୁ ବସିଥାଇଁ । ଉତ୍କଳର ଚତୁର୍ଦ୍ଦିଗରେ ଆଜି ସଙ୍ଗୀତର ଗବେଷଣା ଚର୍ଚ୍ଚା ଆରମ୍ଭ ହେଲାଣି । ଉତ୍କଳର ଭାଇ ଓ ଭଉଣୀମାନେ ଉତ୍କଳ ସଙ୍ଗୀତର ପ୍ରାଚୀନ ବିଭବ ଏବଂ ଗୌରବ ବୁଝିପାରି ତାର ମୌଳିକତା ଓ ସ୍ୱାତନ୍ତ୍ର୍ୟ ରକ୍ଷା କରିବା ପାଇଁ କ୍ରମେ ବଦ୍ଧପରିକର ହେଉଅଛନ୍ତି । ନାନା ସ୍ଥାନରେ ଉତ୍କଳ ସାହିତ୍ୟର ଆଲୋଚନା ସଙ୍ଗେ ସଙ୍ଗେ ସଙ୍ଗୀତ ଶାଖାର ଅନୁଷ୍ଠାନମାନ ସ୍ଥାପିତ ହେଉଅଛି । ନିକଟରେ କଟକଠାରେ ସଙ୍ଗୀତ ସମ୍ମିଳନୀ ଅନୁଷ୍ଠିତ ହୋଇ ଉତ୍କଳର ଏକ ପ୍ରାନ୍ତରୁ ଅପର



Digitized by srujanika@gmail.com

ପ୍ରାନ୍ତ ପର୍ଯ୍ୟନ୍ତ ଗୋଟିଏ ତରଙ୍ଗ ବା ଲହରୀ ଖେଳି ଯାଇଅଛି । ସମ୍ବଲପୁରଠାରେ ଗଙ୍ଗାଧର ସାହିତ୍ୟ ପରିଷଦ ସଙ୍ଗେ ସଙ୍ଗୀତ ଶାଖାର ଗୋଟିଏ ସଭା ଅନୁଷ୍ଠିତ ହୋଇ ଉତ୍କଳ ସଙ୍ଗୀତର ଆଲୋଚନା ହୋଇ ଯାଇଅଛି । ଆପଣମାନେ ବାରିପଦା ସାହିତ୍ୟ ସମାଜ ସଙ୍ଗେ ସଙ୍ଗୀତ ଚର୍ଚ୍ଚାର ଯୋଗ କରି ଯୁଗୋପଯୋଗୀ ଆଲୋଚନାର ସୃଷ୍ଟି କରିଥିବା ସୁଖର ବିଷୟ ଅଟେ । ଈଶ୍ୱର କରନ୍ତୁ, ଏହି ସବୁ ଶିଶୁ ସଦନୁଷ୍ଠାନମାନ କ୍ରମେ ବାଲ୍ୟ ଓ କୈଶୋର ଅବସ୍ଥା ଲାଭ କରି ନିଜ ନିଜର ପ୍ରତିଭା ବଳରେ ଜାତୀୟ ଉନ୍ନତି ବିଧାନ କରନ୍ତୁ । କିନ୍ତୁ ଦୁଃଖର ବିଷୟ ଯେ ଆମ ଦେଶରେ ଅନ୍ୟାନ୍ୟ ଦେଶଠାରୁ ଶିଶୁ ମୃତ୍ୟୁର ସଂଖ୍ୟା ଅଧିକ ଥିବା ମୃତ୍ୟୁ-ଗଣନାରୁ ପ୍ରମାଣିତ ହୁଏ । ଏଣୁ ଦେଶର ପ୍ରାକୃତିକ ବାୟୁମଣ୍ଡଳ ଅନୁସାରେ ଏହି ସବୁ ଶିଶୁ ସଦନୁଷ୍ଠାନ ଗୁଡ଼ିକ କ୍ରମେ ଆତ୍ମରକ୍ଷା କରି ବାଲ୍ୟ ଓ କୈଶୋର ଅବସ୍ଥା ଲାଭ କରି ପାରିଲେ ଉତ୍କଳ ସାହିତ୍ୟ ତଥା ଦେଶ ଓ ଜାତିର ମହତ କଲ୍ୟାଣ ଯେ ସାଧିତ ହେବ ଏଥିରେ ସନ୍ଦେହ ନାହିଁ ।

ଆପଣମାନେ ଏହି ସଦନୁଷ୍ଠାନର ପୃଷ୍ଠପୋଷକ ସ୍ୱରୂପ ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ କେ. ସି. ଆଇ.ଇଙ୍କୁ ପାଇ ଧନ୍ୟ ହୋଇଅଛନ୍ତି । ସ୍ୱର୍ଗୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବଙ୍କ ଖ୍ୟାତି ଏବଂ ଉତ୍କଳର ଯାବତୀୟ ସଦନୁଷ୍ଠାନ ପ୍ରତି ତାଙ୍କର ଆନ୍ତରିକ ସହାନୁଭୂତି ଓ ସାହାଯ୍ୟମାନ ଉତ୍କଳ ତଥା ଭାରତ ବିଦିତ ଅଟେ । ତାଙ୍କର ପବିତ୍ର ସୁଶାସନ ଓ ପ୍ରଜାପାଳନ ଅଯୋଧ୍ୟାର ରାମରାଜ୍ୟ ରୂପେ ଉତ୍କଳରେ ଚିର ଆଦର୍ଶ ରହିଛି ଓ ରହିଥିବ । ସେହି ମହାରାଜାଙ୍କ ଉପଯୁକ୍ତ ବିବିଧ ସଦ୍‌ଗୁଣମଣ୍ଡିତ ଉତ୍ତରାଧିକାରୀ ଦାୟାଦଙ୍କ ରାଜତ୍ୱ ଓ ପବିତ୍ର ବାହୁଚ୍ଛାୟାତଳେ ଆପଣମାନେ ଏହି ସଦନୁଷ୍ଠାନକୁ ପୂର୍ଣ୍ଣାଙ୍ଗରୂପେ ବିକଶିତ କରାଇ ପାରିବେ ବୋଲି ପୂର୍ଣ୍ଣ ବିଶ୍ୱାସ ଅଛି ।

ପରମେଶ୍ୱର କରନ୍ତୁ ମହାରାଜ ପ୍ରତାପ ଚନ୍ଦ୍ରଙ୍କ କୃପା ବାରି ସେଚନ ଓ ପୃଷ୍ଠପୋଷକତା-ରୂପ ଆବରଣରେ ଏହି ଶିଶୁ ବୃକ୍ଷଟି କ୍ରମେ ରକ୍ଷିତ ଓ ବର୍ଦ୍ଧିତ ହେଉ । ଏହାର ସୁବାସିତ କୁସୁମ ସୌରଭ କ୍ରମେ ଚହଟି ମୟୂରଭଞ୍ଜ ତଥା ଉତ୍କଳକୁ ବିମୋହିତ କରୁ । ଏହାର ସୁସ୍ୱାଦୁ ଅମୃତ ତୁଲ୍ୟ ସୁଫଳ ଦ୍ୱାରା ଉତ୍କଳୀୟ ଯୁବକଗଣ କ୍ରମେ ପୁଷ୍ଟ ଓ ବର୍ଦ୍ଧିତ ହେଉନ୍ତୁ । ଏହାର ମଞ୍ଜି ଓ ଚାରାମାନ ବିଭିନ୍ନ ସ୍ଥାନକୁ ନୀତ ହୋଇ ଆଦର୍ଶ କୃଷି କ୍ଷେତ୍ର ପରି ଉତ୍କଳର ସ୍ଥାନେ ସ୍ଥାନେ ଶୋଭା ବର୍ଦ୍ଧନ କରୁ ଏବଂ ଉତ୍କଳୀୟ ସଙ୍ଗୀତ ଗ୍ରନ୍ଥରେ ବିଶ୍ୱ-ସାହିତ୍ୟର ମହାଭାବମାନ କ୍ରମେ ସୁସ୍ପଷ୍ଟରୂପେ ଚଳାଯାଇ ବିଶ୍ୱବଜାରରେ ଉନ୍ନତ ସ୍ଥାନ ଅଧିକାର କରୁ । ଏହାହିଁ ମୋର ଭଗବତ୍ ଚରଣାରବିନ୍ଦରେ ଏକାନ୍ତ ପ୍ରାର୍ଥନା ।

## ଏଲିଫାଣ୍ଟା

**ଶ୍ରୀ ହରିଶ୍ଚନ୍ଦ୍ର ବଡ଼ାଲ**

ଇତିହାସର ଛାତ୍ରମାନେ ଜାଣନ୍ତି ଯେ ପଶ୍ଚିମ ଭାରତରେ ଇଂରେଜମାନଙ୍କର ଉପନିବେଶ ସ୍ଥାପନ କାଳରେ ବମ୍ବେ, ସାଲ୍‌ସେଟ୍ ଏବଂ ଏଲିଫାଣ୍ଟା ନାମକ ତିନୋଟି କ୍ଷୁଦ୍ର କ୍ଷୁଦ୍ର ଦ୍ୱୀପ ସର୍ବ ପ୍ରଥମେ ସେମାନଙ୍କର ହସ୍ତଗତ ହୁଏ । ତତ୍କାଳରେ ବମ୍ବେ ଅତ୍ୟଳ୍ପ ସଂଖ୍ୟକ ଧୀବରମାନଙ୍କର ବାସସ୍ଥାନ ଏକ ଅଜ୍ଞାତ ଅଞ୍ଚଳ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । କାଳକ୍ରମେ ସେହି ସ୍ୱଳ୍ପ-ପରିସର ବମ୍ବେ ଦ୍ୱୀପ ପଶ୍ଚିମ ଭାରତର ସର୍ବପ୍ରଧାନ ବାଣିଜ୍ୟ ଏବଂ ଶିଳ୍ପର କେନ୍ଦ୍ରସ୍ଥଳରେ ପରିଣତ ହୋଇ ଏକ ମହା ନଗରୀ ରୂପେ ପ୍ରସିଦ୍ଧି ଲାଭ କରିଅଛି । କିନ୍ତୁ ସାଲ୍‌ସେଟ୍ ଏବଂ ଏଲିଫାଣ୍ଟା ଅଦ୍ୟାବଧି ଅନେକାଂଶରେ ପୂର୍ବ ପରି ଜନବସତି-ବିରଳ ଏବଂ ନୈସର୍ଗିକ ସୌନ୍ଦର୍ଯ୍ୟର ଲୀଳାସ୍ଥଳ ରୂପେ ବମ୍ବେର ଅନତି ଦୂରରେ ଅବସ୍ଥାନ କରୁଅଛି ।

ଏଲିଫାଣ୍ଟାର ଅନ୍ୟ ନାମ 'ହସ୍ତୀ ଦ୍ୱୀପ' । ଦୂରରୁ ଏହି ଦ୍ୱୀପର ନିକଟ ହେଉଥିବା ବେଳେ ସମୟ ସମୟରେ ଏହାର ଆକୃତି ଦେଖି ମନେହୁଏ ଠିକ୍ ଯେପରି ଗୋଟିଏ ହସ୍ତୀ ଅର୍ଦ୍ଧଶୟାନ ଅବସ୍ଥାରେ ମୁଣ୍ଡକୁ ଟିକିଏ ଟେକି ଓ ଶୁଣ୍ଢକୁ ଭୂମି ଉପରେ ଲମ୍ବାଇ ଦେଇ ଅବସ୍ଥାନ କରୁଅଛି । ଶୈଳଶୀର୍ଷରେ ଏବଂ ତୀର ଦେଶରେ ଦୀର୍ଘାକୃତି ତାଳମାଳା ବହୁଦୂରରୁ ଏହି ଦ୍ୱୀପ ପ୍ରତି ଦର୍ଶକର ଦୃଷ୍ଟିକୁ ସହଜେ ଆକର୍ଷଣ କରିଥାଏ ।

ବମ୍ବେରୁ ଉତ୍ତର ଏବଂ ଏଲିଫାଣ୍ଟା ବାଟେ ସମୁଦ୍ରୋପକୂଳସ୍ଥିତ ଦୂରବର୍ତ୍ତୀ ବନ୍ଦରମାନଙ୍କୁ ଯାତାୟାତ କରିବା ଲାଗି ପ୍ରତ୍ୟହ ନିୟମିତ ଭାବରେ ଷ୍ଟିମାର୍ ଚାଲେ । ଆଲେକ୍‌ଜାଣ୍ଡ୍ରା ଡକ୍‌ର ଫେରି ଘାଟରୁ ଏହି ସବୁ ଷ୍ଟିମାର୍ ଛାଡ଼େ । ରବିବାର ଛଡ଼ା ସପ୍ତାହର ଅନ୍ୟାନ୍ୟ ଦିନ ଷ୍ଟିମାର୍ ଅପରାହ୍ଣ ଦୁଇଟାରେ ଛାଡ଼େ । ରବିବାର ଏବଂ ଅନ୍ୟାନ୍ୟ ଛୁଟି ଦିନ ସକାଳ ନଅ ଘଣ୍ଟା ସମୟରେ ଗୋଟିଏ ଅଧିକା ଷ୍ଟିମାର୍ ଛାଡ଼ିବାର ବନ୍ଦୋବସ୍ତ ଅଛି । ବମ୍ବେର ଲୋକମାନେ ଛୁଟି ଦିନ ବାହାରେ ବୁଲିବୁଲି କରି ଆମୋଦ-ପ୍ରମୋଦରେ କଟାଇବାକୁ ଖୁବ୍ ପସନ୍ଦ କରନ୍ତି । ତେଣୁ, ଏପରି ବନ୍ଦୋବସ୍ତ ରହିଅଛି । ତା



Digitized by srujanika@gmail.com

ଛଡ଼ା, ଇଚ୍ଛା କଲେ ଦଶ ପନ୍ଦର ଜଣ ମିଳି ମୋଟରେ ଲଞ୍ଚ୍ କିମ୍ବା ନୌକା ଭଡ଼ା କରି ଏଲିଫାଣ୍ଟା ଯିବାର ସୁବିଧା ଅଛି । ସାଧାରଣତଃ, ଏହି ସବୁ ମୋଟରେ ଲଞ୍ଚ୍ ଏବଂ ନୌକାର ମାଲିକମାନେ ବମ୍ବେର ସୁପ୍ରସିଦ୍ଧ ତାଜମହଲ ହୋଟେଲର ସମ୍ମୁଖସ୍ଥ 'ଏପଲୋ ବନ୍ଦର'ରୁ ଯାତ୍ରୀ ନେଇ ଯାନ୍ତି । ଭଡ଼ା ସେପରି କିଛି ଅଧିକ ନୁହେଁ, ତେବେ ବିଶେଷ କୌଣସି ପର୍ବ ଦିନ ଥିଲେ, ବେଳେ ବେଳେ ଦୁଇ ତିନି ଗୁଣ ଭଡ଼ା ଅଦାୟ କରିବାର ଚେଷ୍ଟା ବିଚିତ୍ର ନୁହେଁ ।

ସେ ଦିନ ରବିବାର ଥିଲା । ଆଗ ଦିନ ରାତିରୁ ଆମ୍ଭେମାନେ ଠିକ୍ କରିଥିଲୁଁ ଯେ ସକାଳ ୮ଟା ମଧ୍ୟରେ ସାମାନ୍ୟ କିଛି ଜଳଖିଆ କରି ବାହାରିପଡ଼ିବୁଁ । ଏଲିଫାଣ୍ଟାରେ ଯାଇ ବଣଭୋଜି (ପିକ୍ନିକ୍) କରିବାର ପ୍ରସ୍ତାବ ଥିଲା । ବସାରୁ ବାହାରି ଦୁଇ ଖଣ୍ଡ ଟାକ୍ସିରେ ଜିନିଷପତ୍ର ନେଇ ଯେତେବେଳେ ଆଲେକ୍ଜାଣ୍ଡ୍ରା ଡକ୍‌ର ଫେରି ଘାଟରେ ପହଞ୍ଚିଲୁଁ ସେତେବେଳକୁ ଷ୍ଟିମାର ଛାଡ଼ିବାକୁ ଆଉ ମାତ୍ର ଦଶ ମିନିଟ୍ ବାକି ଥାଏ । ତରତର ହୋଇ ଷ୍ଟିମାର୍ ଟିକଟ୍ କିଣି ଆଣିଲୁଁ । ସେକେଣ୍ଡ କ୍ଲାସରେ ଯାତାୟାତର ଭଡ଼ା ପାଞ୍ଚ ସିକା ମାତ୍ର । ଆମ୍ଭମାନଙ୍କ ଦଳରେ ମୋଟ ବାର ଜଣ ଥିଲେ । ତନ୍ମଧ୍ୟରୁ ତିନି ଜଣ ମହିଳା ଏବଂ ଦୁଇ ଜଣ ଛୋଟ ପିଲା ।

ଜିନିଷପତ୍ର କୁଲି ମୁଣ୍ଡରେ ଲଦି ଯଥାସମ୍ଭବ ଚଞ୍ଚଳ ଯାଇ ଆମ୍ଭେମାନେ ଷ୍ଟିମାର୍‌ରେ ଚଢ଼ି ବସିଲୁଁ । ଷ୍ଟିମାର୍‌ର ନାମ 'ଅମରାବତୀ' । ଚାରିଆଡ଼େ ଦଳ ଦଳ ହୋଇ ଯାତ୍ରୀ ଜାହାଜର ଉପର ଡେକ୍‌ରେ ଭିଡ଼ କରି ବସିଥିଲେ । ଆମ୍ଭେମାନେ ତାହାରି ଭିତରେ ପଶି କୌଣସିରୂପେ ଖଣ୍ଡେ ବେଞ୍ଚ ଦଖଲ କରି ବସିଲୁଁ । ସେ ପର୍ଯ୍ୟନ୍ତ ଅଦ୍ଭୁତ ଅନେକ ଯାତ୍ରୀ ଆସୁଥାନ୍ତି । ବ୍ୟସ୍ତତା ଏବଂ କୋଳାହଳର ମାତ୍ରା ବଢ଼ି ଚାଲିଥାଏ । ଶେଷରେ ଜାହାଜ ସିଟି ବଜାଇ ଫେରି ଘାଟରୁ ଛାଡ଼ିଦେଲା । ଯାତ୍ରୀମାନେ ଅଟ୍ଟେ ଅଟ୍ଟେ ବେଞ୍ଚ ସତରଞ୍ଜି ଇତ୍ୟାଦି ଉପରେ ବସି କେହି ଗଳ୍ପ କରିବାକୁ, କେହି ଖେଳିବାକୁ, କେହି ବା ସମୁଦ୍ରର ଦୃଶ୍ୟ ଦେଖିବାକୁ ଲାଗିଲେ ।

ବମ୍ବେ ପୋତାଶ୍ରୟରେ ସାଧାରଣତଃ ସମୁଦ୍ରର ତେଜ ପ୍ରବଳ ହୁଏ ନାହିଁ । କାରଣ ବମ୍ବେ ଦ୍ୱୀପର ଦକ୍ଷିଣତମ ଅଂଶ (ଲ୍ଲାଇଟ୍ସ ନାମ ଅର୍ଥର ବନ୍ଦର ଓ କୋଲାବା) ଏହି ପୋତାଶ୍ରୟଟିକୁ ଆରବ ସାଗର ଠାରୁ ବିଚ୍ଛିନ୍ନ କରି ରଖିଅଛି । ଜଳର କଳକଳ ଛଳଛଳ ଶବ୍ଦ ସହିତ ସାମୁଦ୍ରିକ ପକ୍ଷୀମାନଙ୍କର କଳ-କାକଳୀ ଏବଂ ଦୂରାଗତ କୋଳାହଳର ଅସ୍ପଷ୍ଟ ଗୁଞ୍ଜନ ଶବ୍ଦ ମିଶି ବିଶେଷ ଉପଭୋଗ୍ୟ ମନେ ହେଉଥିଲା । ସ୍ଥାନେ ସ୍ଥାନେ ଛୋଟ ଛୋଟ ନୌକା ପାଲ ଉଠାଇ ସମୁଦ୍ର ବକ୍ଷରେ ଏଣେ ତେଣେ ଭାସି ବୁଲୁଥିଲେ । ବମ୍ବେ ନଗରୀର ଅପସ୍ରିୟମାନ ତୀରରେଖା ଜାହାଜ ଦୂରତର ହେଉଥିବା ସଙ୍ଗେ ସଙ୍ଗେ କ୍ରମେ କ୍ରମେ ଅସ୍ପଷ୍ଟ ହୋଇଯାଉଥିଲା । କେବଳ ରାଜାବାଇ ଟାୱାର୍ ଆଉ ବମ୍ବେ କର୍ପୋରେସନ୍ ବିଲ୍ଡିଂର ଚୂଡ଼ା ବହୁ ଦୂର ପର୍ଯ୍ୟନ୍ତ ସ୍ପଷ୍ଟଭାବରେ ଦେଖା ଯାଉଥିଲା । ଭାରତର ଉପକୂଳ କ୍ରମେ କ୍ରମେ ଅଧିକତର ନିକଟବର୍ତ୍ତୀ ହେଉଥିଲା ପରି ଜଣା ପଡୁଥିଲା । ପଶ୍ଚିମଘାଟ ଶୈଳମାଳାର ଶିଖର ଗୁଡ଼ିକ ଚକ୍ରବାଳର ଧୂସର ଅସ୍ପଷ୍ଟତା ମଧ୍ୟରୁ ଧୀରେ ଧୀରେ ବିଶିଷ୍ଟ ହୋଇ ନିଜର ସ୍ୱତନ୍ତ୍ର ଅସ୍ତିତ୍ୱ ଜ୍ଞାପନ କରୁଥିଲେ । ଦୂରର ଦ୍ୱୀପ ଗୁଡ଼ିକ ବେଳକୁ ବେଳ ପାଖେଇ ଆସୁଥିଲେ ।

'ଉରନ' ବନ୍ଦରରେ ଜାହାଜ ଲାଗିଲା । ଏଠାରେ ଜେଟି ନ ଥିବାରୁ ଯାତ୍ରୀମାନଙ୍କୁ ଦେଶୀ ନୌକା ସାହାଯ୍ୟରେ ଯା'ଆସ କରିବାକୁ ହୁଏ । ଏଥିଲାଗି ଅନେକ ସମୟ ନଷ୍ଟ ହୁଏ । 'ଉରନ'ରେ ଅନେକ ଯାତ୍ରୀ ଓହ୍ଲାଇଗଲେ । (ପରେ ଶୁଣିଲି ଏଠାରେ ସୁନ୍ଦର ବଗିଚା, ଜୀବଜନ୍ତୁଶାଳା ଇତ୍ୟାଦି ଥିବାରୁ ଅନେକେ ଏଲିଫାଣ୍ଟା ନ ଯାଇ ଉରନରେ ଛୁଟି ଦିନ ଅତିବାହିତ କରିଥାନ୍ତି) । ଅଳ୍ପ କେତେ ଜଣ ଉଠିଲେ ମଧ୍ୟ । ପ୍ରାୟ କୋଡ଼ିଏ ମିନିଟ ମଧ୍ୟରେ ଜାହାଜ ପୁଣି ଛାଡ଼ିଦେଲା ।

ବମ୍ବେରୁ ଉରନ ଆସିବା ବେଳେ ଜାହାଜର ମୁଖ ଯେଉଁ ଆଡ଼କୁ ଥିଲା ଏଲିଫାଣ୍ଟା ତାର ବିପରୀତ ଦିଗରେ ଥିବାରୁ ଏଠାରେ ଜାହାଜର ଗତିଦିଗ (course) ବଦଳାଇବାକୁ ପଡ଼ିଲା । ଅଦୂରରେ ଏଲିଫାଣ୍ଟାର ଅର୍ଦ୍ଧନିମଜ୍ଜିତ ହସ୍ତୀମୂର୍ତ୍ତି ସ୍ପଷ୍ଟ ଦେଖା ଯାଉଥିଲା । ପ୍ରାୟ ଏଗାରଟା ବେଳକୁ ଜାହାଜ ଏଲିଫାଣ୍ଟାରେ ଯାଇ ଲଙ୍ଗର ପକାଇଲା । ସେଠାରେ ମଧ୍ୟ ଦେଶୀ ବୋଟରେ ଯାତ୍ରୀ ଏବଂ ଜିନିଷପତ୍ର କୂଳକୁ ନେଇ ଯିବାର ବ୍ୟବସ୍ଥା ଅଛି । ଏଲିଫାଣ୍ଟାରେ ସେ ଦିନ ଅନେକ ଯାତ୍ରୀ ଓହ୍ଲାଇଲେ । ସୁତରାଂ ଆମ୍ଭମାନଙ୍କୁ ଜିନିଷପତ୍ର ନେଇ ଦ୍ୱିତୀୟ ନୌକା ଖଣ୍ଡିରେ କୂଳକୁ ଯିବାକୁ ପଡ଼ିଲା ।

ଏଲିଫାଣ୍ଟା ଗୋଟିଏ ଅତି ଛୋଟ ଦ୍ୱୀପ । ଏଠାରେ ମାତ୍ର କେତେ ଜଣ ଗରିବ ଲୋକଙ୍କର ବାସ । ତେଣୁ ଏଠାରେ ଦୋକାନପତ୍ର ବା ହାଟ ବଜାର କିଛି ନାହିଁ । କେବଳ ଷ୍ଟିମାର ଘାଟ ପାଖରେ ଖଣ୍ଡେ ଛୋଟ ଘରେ ଚା, ବିସ୍କୁଟ୍, ସୋଡ଼ା, ଲେମନେଡ୍ ଓ ସାମାନ୍ୟ କିଛି ଜଳଖିଆ ମିଳେ । ଦ୍ୱୀପ ଭିତରକୁ ଗଲେ ଆଉ କିଛି ମିଳେ ନାହିଁ । ଜିନିଷପତ୍ର ସବୁ ଆମ୍ଭେମାନେ ସାଙ୍ଗରେ ନେଇଥିଲୁଁ । ସୁତରାଂ ଜଣେ କୁଲି ଠିକ୍ କରି ଜିନିଷପତ୍ର ସହ ଗୁମ୍ଫା ଅଭିମୁଖରେ ଚାଲିବାକୁ ଲାଗିଲୁଁ । ଚୈତ୍ର ମାସର ଦ୍ୱିପ୍ରହର । ଖରାର ତେଜ ଅଧିକ ବୋଲି ଜଣା ପଡୁଥିଲା । ସାଙ୍ଗରେ ଛତା ଆଣିବାକୁ ଭୁଲି ଯାଇଥିବାରୁ ମହିଳା ଏବଂ ପିଲାମାନଙ୍କର ଟିକିଏ କଷ୍ଟ ହେଲା ।

ଷ୍ଟିମାର ଘାଟରୁ ଗୁମ୍ଫାଗୁଡ଼ିକ ପାଖକୁ ଯିବାକୁ ହେଲେ ପ୍ରାୟ ଏକ ମାଇଲ ବାଟ ଚାଲିବାକୁ ପଡ଼େ । ଦୁର୍ଗମ ପଥ । ଖଣ୍ଡ ଖଣ୍ଡ ପଥର ପଡ଼ି ରହିଛି । ଶିଳା ପଥର ଖଣ୍ଡ ଉପରେ ଚାଲି ଚାଲି ଗୋଡ଼

ଖସି ଗଲେ ଅଣ୍ଟୁ ଗଣ୍ଠି ଛଡ଼ିଯିବାର ଆଶଙ୍କା ଯଥେଷ୍ଟ । ପୁଣି ରାସ୍ତା ପାଖରେ ଛାୟା ଦେବା ଭଳି ଗଛ ମଧ୍ୟ ନାହିଁ । ସୁତରାଂ ନିର୍ଦ୍ଧୂମ ଖରାରେ ଏହି ମାଇଲେ ବାଟ ଅତିକ୍ରମ କରିବା ଯେ ଆଦୌ ସୁଖକର ହୋଇ ନ ଥିଲା, ତାହା ବୋଲିବା ବାହୁଲ୍ୟ ମାତ୍ର ।

ଯାହାହେଉ, ଆମ୍ଭେମାନେ ବାରଟା ବାଜିବାର କିଛି ପୂର୍ବରୁ ଗୁମ୍ଫାଗୁଡ଼ିକ ନିକଟରେ ଯାଇ ଉପସ୍ଥିତ ହେଲୁଁ । ଚାଲି ଚାଲି ଆମ ଦଳଟି କ୍ଳାନ୍ତ ପରିଶ୍ରାନ୍ତ ହୋଇ ପଡ଼ିଥିବାରୁ ଆମ୍ଭେମାନେ ପହଞ୍ଚିଲା ମାତ୍ରକେ ସିଧା ଗୁମ୍ଫା ଦେଖିବାକୁ ନ ଯାଇ ଗୁମ୍ଫାର ଅନତିଦୂରରେ ଥିବା ପକ୍କା ଚାନ୍ଦନୀ ଉପରେ ଜିନିଷପତ୍ର ରଖାଇ ବେଞ୍ଚରେ ବସି ବିଶ୍ରାମ ନେବାକୁ ଲାଗିଲୁଁ । ଇତି ମଧ୍ୟରେ ଗୁମ୍ଫାର ତତ୍ତ୍ୱାବଧାନରେ ନିଯୁକ୍ତ ସରକାରୀ ପ୍ରତ୍ନତତ୍ତ୍ୱ ବିଭାଗର ପରିଚାଳକ ମିଷ୍ଟାର୍ ସେନଙ୍କ ସହିତ ଦେଖା କରି ଆମ୍ଭମାନଙ୍କର ଆଗମନ କଥା ଜଣାଇ ଦେଇଥିଲି । ମିଷ୍ଟାର ସେନ୍‌ଙ୍କ ସହିତ ମୋର ପୂର୍ବରୁ ପରିଚୟ ଥିବାରୁ ସେ ସାଦର ଅଭ୍ୟର୍ଥନା କରି ଆମ୍ଭମାନଙ୍କର ଯେପରି କୌଣସି ଅସୁବିଧା ନ ହୁଏ ସେଥିପାଇଁ ବ୍ୟଗ୍ର ହୋଇ ପଡ଼ିଲେ । ତାଙ୍କର ସାହାଯ୍ୟ ପାଇ ଏବଂ ପୂର୍ବେ କେତେ ଥର ଏଲିଫାଣ୍ଟା ଆସିଥିବାରୁ ଆମ୍ଭମାନଙ୍କୁ ବିଶେଷ କୌଣସି ଅସୁବିଧା ଭୋଗିବାକୁ ପଡ଼ିଲା ନାହିଁ । ଠିକ୍ କଲୁଁ ଯେ ପ୍ରଥମେ ଖିଆପିଆ ଶେଷ କରି ପରେ ଗୁମ୍ଫା ଦେଖିବାକୁ ବାହାରିବୁଁ । ସୁତରାଂ ଚଢ଼ାଇବଢ଼ାର ଉଦ୍ୟୋଗ ପୂରା ଦମରେ ଚାଲିବାକୁ ଲାଗିଲା ।

ଇତି ମଧ୍ୟରେ ଆହୁରି ଦୁଇ ତିନି ଦଳ ଯାତ୍ରୀ ସେହି ପକ୍କା ଚାନ୍ଦନୀ ଉପରକୁ ଆସି ଯାଇଥିଲେ । ପ୍ରତ୍ୟେକ ଦଳ ସଙ୍ଗେ ଦୁଇ ଖଣ୍ଡ ସତରଞ୍ଚି ବିଛାଇ କେହି ଖିଆପିଆରେ, କେହି ତାସ ଖେଳରେ, କେହି ବା ଗାନ-ବାଜଣାରେ ମାତି ଉଠିଥିଲେ । ନିଉ ଥିଏଟାର୍ସ କମ୍ପାନୀର "ଭାଗ୍ୟଚକ୍ର" ନାମକ ସବାକ୍‌ଚିତ୍ରର କେତେ ଖଣ୍ଡି ହିନ୍ଦି ଗୀତ ଜଣେ କିଏ ଗ୍ରାମୋଫୋନରେ ବଜାଉଥିଲେ । ସ୍କୁଲ କଲେଜର ଦଳେ ଛାତ୍ର ଖୁବ୍ ସ୍ଫୁର୍ତ୍ତିର ସହିତ ହାସ୍ୟକୌତୁକରେ ମାତି ଥିବାର ଦେଖାଗଲା । ଜଣେ ବଂଶୀ ବଜାଇ ଶୁଣାଉଥିଲେ । ଦଳେ ସିନ୍ଧୁ ପ୍ରଦେଶର ଅଧିବାସୀ ପହଞ୍ଚି ଦୁଇ ଖଣ୍ଡ ବଡ଼ ବଡ଼ ସତରଞ୍ଚି ପକାଇ ବଡ଼ ବଡ଼ ଟିଫିନ୍‌ କେରିଅର ଏବଂ କଳଙ୍କିଆ ବାକ୍ସରୁ ନାନାପ୍ରକାର ଖାଦ୍ୟ ପଦାର୍ଥ ବାହାର କରି ଖାଇବାକୁ ବସିଗଲେ । ସମୁଦ୍ର ଆଡୁ ଶୀତଳ ପବନ ବହି ଆସି ଯାତ୍ରୀମାନଙ୍କର ଶୈଳାରୋହଣ କ୍ଳାନ୍ତି ଅପନୋଦନ କରିବାରେ ବିଶେଷ ସହାୟତା କରୁଥିଲା ।

ଇତି ମଧ୍ୟରେ ଆମ ଦଳ ଷ୍ଟୋଭ୍ ଜଳାଇ ତା' ଉପରେ ମାଂସର ଗୋଟିଏ ପ୍ରକାଣ୍ଡ ଡେକ୍‌ଚି ବସାଇ ଦେଇଥିଲେ । ଆଉ ଜଣେ ଦୁଇ ଜଣ କେତେ ଖଣ୍ଡ ପଥର ସଂଗ୍ରହ କରି କିଛି ଶୁଖିଲା କାଠ ଆଣିବା ଉଦ୍ଦେଶ୍ୟରେ ବାହାରି ପଡ଼ିଥିଲେ । ମହିଳାମାନେ କିୟତ୍‌କ୍ଷଣ ବିଶ୍ରାମ କରି ତତ୍ପରତାର ସହିତ ଚଢ଼ାଇବଢ଼ାର ଉଦ୍ୟୋଗ କରି ଦେଉଥିଲେ । ପିଲାମାନେ ଉତ୍ସାହର ସହିତ ଦଉଡ଼ ଦଉଡ଼ ଖେଳୁ ଥିଲେ । ପାହାଡ଼ର ପାଖ ଖୁବ୍ ଗଡ଼ାଣିଆ ଥିବାରୁ ସେମାନଙ୍କୁ ବାରମ୍ବାର ଚାନ୍ଦନୀ ଉପରକୁ ଧରି ଆଣିବାକୁ ପଡ଼ୁଥିଲା । ବମ୍ବେର ପାରାଭାଡ଼ି ଭଳି କୋଠରୀପୂର୍ଣ୍ଣ ଘରର ଆବଦ୍ଧତା ମଧ୍ୟରୁ ମୁକ୍ତି ଲାଭ କରି ସେମାନେ ଏତେ ଦୂର ଉତ୍‌ଫୁଲ୍ଲ ହୋଇ ଉଠିଥିଲେ ଯେ ସେଇ ନାତିବୃହତ୍ ଚାନ୍ଦନୀ ଭିତରେ ତାଙ୍କୁ ବସାଇ ରଖିବା ଏକପ୍ରକାର ଅସମ୍ଭବ ଥିଲା ।

ଆଖି ସମ୍ମୁଖରେ ଗାଢ଼ ନୀଳ ଜଳରାଶି ଅବିଚଳିତ ଗାମ୍ଭୀର୍ଯ୍ୟ ଏବଂ ତତୋଽଧିକ ଶାନ୍ତ ଭେକ ବିରାଜିତ ଥିଲା । ତୀର ବୃକ୍ଷଶ୍ରେଣୀର ଫାଙ୍କ ଭିତରୁ ସମୁଦ୍ରର ସେହି ସୌମ୍ୟ ସୁନ୍ଦର ମୂର୍ତ୍ତି ନୟନ ଏବଂ ମନକୁ ମୁହୂର୍ତ୍ତକେ ମୁଗ୍ଧ କରି ଦେଉଥିଲା । କର୍ମମୟ ଜୀବନର ସମସ୍ତ ଗ୍ଲାନି ନିଃଶେଷରେ ପୋଛି ଦେବା ଲାଗି ଏହି ପରି ଗୋଟିଏ ଜନବିରଳ ଏବଂ କୋଳାହଳ ରହିତ ସ୍ଥାନ ବସତି କରିବା ପକ୍ଷରେ ବିଶେଷ ଅନୁକୂଳ ବୋଲି ଜଣା ପଡ଼ୁଥିଲା ।

ସମୁଦ୍ର ଜଳର ବର୍ଣ୍ଣ ପ୍ରତି ଘଣ୍ଟାରେ ବଦଳି ଯାଉଥିଲା । ଘଣ୍ଟାକ ପୂର୍ବେ ଯେଉଁ ଅଂଶର ଜଳ କାଦୁଅ ଗୋଳା ମାଟିଆ ରଙ୍ଗର ବୋଲି ଜଣା ପଡ଼ୁଥିଲା, ବର୍ତ୍ତମାନ ଦେଖିଲା ବେଳକୁ ସେ ଅଂଶର ରଙ୍ଗ ପାଲଟି ଉଜ୍ଜ୍ୱଳ ଶ୍ୟାମ ବର୍ଣ୍ଣ । ପୁଣି, ଯେଉଁ ଅଂଶରେ ଜଳ ଗଭୀର ନୀଳବର୍ଣ୍ଣ ଥିଲା, ସେଠାରେ ଯେମିତି ସାମାନ୍ୟ ହଳଦିଆ ରଙ୍ଗ କିଏ ଗୋଳି ଦେଲାଣି ! ଆକାଶରେ ମେଘ ନ ଥିଲା ବେଶୀ । ଯେଉଁ ଖଣ୍ଡେ ଖଣ୍ଡେ ଥିଲା ସେଗୁଡ଼ିକର ରଙ୍ଗ ଧୂସର କିମ୍ବା ଜ୍ୱଳନ୍ତା ଅଙ୍ଗାରର ରଙ୍ଗ ଭଳି । ତାର ଛାୟାରେ ସମୁଦ୍ରର ଛୋଟ ଛୋଟ ଢେଉ ଗୁଡ଼ିକ ମଧ୍ୟ ଅନୁରଞ୍ଜିତ ହେଉଥିଲା ।

ପ୍ରାୟ ଦୁଇ ଘଣ୍ଟା ମଧ୍ୟରେ ରନ୍ଧା-ରନ୍ଧି ଶେଷ ହେଲା । ଖୁବ୍ ଭୋକ କରୁଥିଲା, ଆଉ କାଳ ବିଳମ୍ବ ନ କରି ଆମ୍ଭେମାନେ ଖାଇବାକୁ ବସିଗଲୁଁ । "ବଣଭୋଜି"ର ଗୋଟାଏ ମହତ୍ ଗୁଣ ଏହି ଯେ, ଲୁଣିଆ ହେଉ ବା ଅଲୁଣା ହେଉ, ସିଝା ହେଉ ବା ଦରସିଝା ହେଉ, ଖାଇବା ବେଳେ ସବୁ ଜିନିଷ ସୁସ୍ୱାଦ ଲାଗେ । କିନ୍ତୁ ସେ ଦିନ ପ୍ରକୃତରେ ତରକାରୀ ଗୁଡ଼ିକ ସୁନ୍ଦରରୂପେ ରନ୍ଧା ହୋଇଥିଲା । ସମସ୍ତେ ପରମ ପରିତୃପ୍ତି ସହିତ ଭୋଜନ କାର୍ଯ୍ୟ ସମାଧା କଲୁଁ ।

ମହିଳାମାନେ ଇତି ମଧ୍ୟରେ ଗୁମ୍ଫାଗୁଡ଼ିକ ଯାଇ ଦେଖି ଆସିଲେ । ସେମାନେ ପୂର୍ବରୁ କେବେ ହେଲେ ଏଲିଫାଣ୍ଟା ଆସି ନ ଥିଲେ । ଆମ୍ଭେମାନେ ଇତି ପୂର୍ବେ କେତେ ଥର ଗୁମ୍ଫା ଗୁଡ଼ିକ ଦେଖି ଯାଇ-ଥିବାରୁ ଖାଇ ସାରି ଟିକିଏ ବିଶ୍ରାମ ନେବା ସମୀଚୀନ ବୋଧ କରି ତଦନୁଯାୟୀ ବ୍ୟବସ୍ଥା କରି ନେଇଥିଲୁଁ ।

ବେଳ ପଡ଼ି ଆସିଲାରୁ ଗୁମ୍ଫା ପରିଦର୍ଶନ କରିବାକୁ ବାହାରିଲୁଁ । ସରକାରୀ ପ୍ରତ୍ନତତ୍ତ୍ୱ ବିଭାଗର ସ୍ଥାନୀୟ ପରିଚାଳକ ମିଃ ସେନ୍ ଇତି ମଧ୍ୟରେ ଆମ୍ଭମାନଙ୍କ ସହିତ ଆସି ଯୋଗ ଦେଲେ । ସେ ଯତ୍ନର ସହିତ ଆମ୍ଭମାନଙ୍କୁ ଏଲିଫାଣ୍ଟାର ପ୍ରତ୍ୟେକ ଗୁମ୍ଫାରେ ଥିବା ମୂର୍ତ୍ତି-ଗୁଡ଼ିକର ସବିଶେଷ ବିବରଣ ବୁଝାଇ ଦେଇଥିଲେ । ବୁଝାଇଦେବାର



Digitized by srujanika@gmail.com

ଲୋକ ଜଣେ କେହି ନ ଥିଲେ, ଅନେକ ସମୟରେ ସ୍ଥାନମାହାତ୍ମ୍ୟ ଯଥାଯଥ ଭାବରେ ହୃଦୟଙ୍ଗମ କରି ହୁଏ ନାହିଁ ।

ଏଲିଫାଣ୍ଟାର ପ୍ରଧାନ ଦ୍ରଷ୍ଟବ୍ୟ ଶିବଙ୍କ ତ୍ରିମୂର୍ତ୍ତି । ଏକ ବିଶାଳ ପାଷାଣ ଖଣ୍ଡରୁ ଖୋଦିତ କରି ଏହି ତ୍ରିମୂର୍ତ୍ତି ନିର୍ମିତ ହୋଇଅଛି । ସୃଷ୍ଟି, ସ୍ଥିତି ଏବଂ ପ୍ରଳୟର ପ୍ରତୀକରୂପୀ ଶିବଙ୍କର ଏହି ବିରାଟ ମୂର୍ତ୍ତି ଦେଖିଲେ ସହଜରେ ମନରେ ବିସ୍ମୟ ଜନ୍ମେ । ମୂର୍ତ୍ତିର ନିର୍ମାଣ କାର୍ଯ୍ୟରେ ଶିଳ୍ପୀର କଳାକୌଶଳ ଅତି ସୁନ୍ଦର ଭାବରେ ଫୁଟି ଉଠିଅଛି । ବିଶେଷତଃ, ଭିନ୍ନ ଭିନ୍ନ ସମାନ୍ତର-ତଳ (plane)ରେ ଭିନ୍ନ ଭିନ୍ନ ମୂର୍ତ୍ତି ଗୁଡ଼ିକର ସୁସମ୍ବଦ୍ଧ ପରିକଳ୍ପନା ଏବଂ ସୌନ୍ଦର୍ଯ୍ୟମୟ ନିର୍ମାଣ କାର୍ଯ୍ୟ ପ୍ରତ୍ୟକ୍ଷ କଲେ ପ୍ରଶଂସାରେ ଉଚ୍ଛ୍ୱସିତ ନ ହୋଇ ରହି ହେବ ନାହିଁ ।

ଏଲିଫାଣ୍ଟାର ଗୁମ୍ଫା ଗୁଡ଼ିକ ନୈସର୍ଗିକ ଗୁମ୍ଫା ନୁହେଁ । କଠିନ ଶୈଳ ପ୍ରାଚୀରକୁ ଖୋଳି ଏହି ଗୁମ୍ଫା ଗୁଡ଼ିକ ନିର୍ମିତ ହୋଇଥିବାର ସୂଚନା ମିଳେ । ଏହି ଗୁମ୍ଫା ଗୁଡ଼ିକ ବହୁ ଶତାବ୍ଦୀ ପୂର୍ବରୁ ନିର୍ମିତ ହୋଇଥିଲେ ହେଁ ଅଦ୍ୟାପି ତାର ଯେଉଁ ଅଂଶ ଗୁଡ଼ିକ ସୌନ୍ଦର୍ଯ୍ୟ-ବୋଧହୀନ ବର୍ବର ଆକ୍ରମଣକାରୀମାନଙ୍କର ସଂହାର ହସ୍ତରୁ ନିସ୍ତାର ଲାଭ କରିଅଛି; ସେ ଗୁଡ଼ିକ ସେ ଯୁଗର ଶିଳ୍ପକଳା ଉତ୍କର୍ଷର ପରିଚୟ ଦିଏ । ସେ ଯୁଗର ଅବସାନ ସଙ୍ଗେ ସଙ୍ଗେ ଏହି ଗୁମ୍ଫା ଗୁଡ଼ିକ ଅନାବୃତ ଅବସ୍ଥାରେ ବହୁ ଶତ ବର୍ଷ ପର୍ଯ୍ୟନ୍ତ ପଡ଼ିଥିବାର ପ୍ରମାଣ ମିଳେ । ସେହି ସମୟ ମଧ୍ୟରେ ଗୁମ୍ଫାର ଥିବା ବହୁ ମୂର୍ତ୍ତି ବିକଳାଙ୍ଗ ଏବଂ ସ୍ଥାନଚ୍ୟୁତ ହୋଇ ଥିବାର ଜଣାଯାଏ । କେତେକ ଅଂଶ ପୋତି ପଡ଼ିଥିବାର ମଧ୍ୟ ପ୍ରକାଶ । ପରେ, ଇଂରାଜ ସରକାର ଏହି ଗୁମ୍ଫା ଗୁଡ଼ିକର ଆମୂଳ ସଂସ୍କାର ସାଧନ କରି ବର୍ତ୍ତମାନ ସେ ଗୁଡ଼ିକୁ ରକ୍ଷା କରିବା ସକାଶେ ନାନା ଉପାୟରେ ଚେଷ୍ଟା କରୁଅଛନ୍ତି ।

ଗୁମ୍ଫାର ଅନ୍ୟାନ୍ୟ ପାର୍ବତୀ-ପରିଣୟ ଏବଂ ଭୈରବମୂର୍ତ୍ତି ଅବସ୍ଥିତ । ତା'ଛଡ଼ା ଅନେକ ଖୋଦିତ ମୂର୍ତ୍ତି ଶୈଳ ପ୍ରାଚୀରର ବିଭିନ୍ନ ଅଂଶରେ ଦେଖିବାକୁ ମିଳେ । ସ୍ଥାନେ ସ୍ଥାନେ ପଥର ଦେହରେ "ଲୁଣି ମାଡି" ଯାଇ ମୂର୍ତ୍ତି ଗୁଡ଼ିକ ଦିନକୁ ଦିନ କ୍ଷୟପ୍ରାପ୍ତ ହେଉଅଛି । ତରଳ ସିମେଣ୍ଟ ପୂରାଇ ଏବଂ ଅନ୍ୟାନ୍ୟ ନାନା ଉପାୟରେ ଏହି କ୍ଷୟକୁ ରୋଧ କରିବାର ଚେଷ୍ଟା ଚାଲିଅଛି ବୋଲି ମିଃ ମେନ୍ ଆମ୍ଭମାନଙ୍କୁ ଜଣାଇଲେ । ଗୁମ୍ଫା ଗୁଡ଼ିକର ଛାତ ତଳେ ପୂର୍ବେ ନାନା ଚିତ୍ର ଏବଂ ଲତା ଫୁଲ ଇତ୍ୟାଦିର ପରିକଳ୍ପନା ଥିଲା । ବର୍ତ୍ତମାନ ସେ ସବୁର ଅତି କ୍ଷୀଣ ରେଖା ଦେଖିବାକୁ ମିଳେ ।

ଗୁମ୍ଫା ପରିଦର୍ଶନ ଶେଷ କରି ବନ୍ଦିରକୁ ଫେରିଲାବେଳକୁ ୪ଟା ବାଜି ଗଲାଣି । ଅଧ ଘଣ୍ଟାକ ମଧ୍ୟରେ ଚା' ତିଆରି କରି ଜିନିଷ-ପତ୍ର ବାନ୍ଧି ପୁଣି ଷ୍ଟିମାର ଘାଟରେ ପହଞ୍ଚିବା ଦରକାର । ସୁତରାଂ ମସ୍ତ ଚାଞ୍ଚଲ୍ୟ ଦେଖା ଦେଲା । ଚା' ତିଆରି କରିବାକୁ ଯାଇ ଦେଖାଗଲା ଯେ, ସ୍ପିରିଟ୍‌ଟିକ ଢାଳି ପଡ଼ିଯାଇ ନଷ୍ଟ ହୋଇ ଯାଇଅଛି । ସୁତରାଂ ପୁଣି କାଠ ଲଗାଇ ଚୁଲ୍ଲୀ ଜଳାଇବାକୁ ପଡ଼ିଲା । ସେତେବେଳକୁ ହାଓ୍ୱାର ଜୋର ବଢ଼ି ଯାଉଥାଏ । କାଠ ଜଳିଲା, କିନ୍ତୁ ଚା' ର ପାଣି ଗରମ ହୋଇପାରିଲା ନାହିଁ । ଶେଷରେ ବହୁ କଷ୍ଟରେ କେଟ୍‌ଲିଏ ପାଣି ଗରମ ହେଲା । ଚା' ପାଉଁରୁଟି ଜମ ଖାଇ ଦେଇ କୁଲି ମୁଣ୍ଡରେ ଜିନିଷ-ପତ୍ର ଲଦି ଷ୍ଟିମାର ଘାଟକୁ ଯିବା ଲାଗି ବାହାରି ପଡ଼ିଲୁଁ ।

ଷ୍ଟିମାରରେ ଚଢ଼ିବାକୁ ବେଶି କିଛି କଷ୍ଟ ହେଲାନାହିଁ । କିନ୍ତୁ ଉତ୍ତରନରେ ପହଞ୍ଚି ଦେଖାଗଲା ଯେ, ଜୁଆର ଆସି ଯାଇଥିବାରୁ ଉତ୍ତରନରୁ ଯାତ୍ରୀମାନେ ଯେଉଁ ନୌକାରେ ଚଢ଼ି ଷ୍ଟିମାରକୁ ଆସୁଥିଲେ ତାହା ଷ୍ଟିମାର ଆଡ଼କୁ ଆଦୌ ଆସି ପାରୁ ନାହିଁ । ଖଣ୍ଡେ ଛୋଟ ଡଙ୍ଗା ସାହାଯ୍ୟରେ ଯାତ୍ରୀପୂର୍ଣ୍ଣ ନୌକା ଉପରକୁ ଦଉଡ଼ି ପକାଇ ତାକୁ ଟାଣି ଆଣିବାର ଚେଷ୍ଟା କରାଗଲା । ପ୍ରାୟ ଏକ ଘଣ୍ଟା ଟଣାଓଟରା କରିବା ପରେ ନୌକାଖଣ୍ଡିକ ଶେଷରେ ଷ୍ଟିମାର ଦେହରେ ଆସି ଭିଡ଼ିଲା । ଯାତ୍ରୀମାନେ ତରତର ହୋଇ ଓହ୍ଲାଇ ଗଲେ ଏବଂ ଉଠିଲେ । ତାର କେତେ ମିନିଟ୍ ପରେ "ବୁକ୍ଭାବତୀ" (ଫେରନ୍ତା ଷ୍ଟିମାରର ନାମ) ଉତ୍ତରନ ବନ୍ଦର ଛାଡ଼ିଲା ।

ଷ୍ଟିମାର ଯେତେବେଳେ ବମ୍ବେର ନିକଟସ୍ଥ ହେଲା ସେତେବେଳକୁ ନଗରୀର ଅଟ୍ଟାଳିକାମାଳାରେ ଏବଂ ରାଜମାର୍ଗମାନଙ୍କରେ ପ୍ରଖର ବୈଦ୍ୟୁତିକ ଦୀପଗୁଡ଼ିକ ଜଳି ଉଠିଲାଣି । ସମୁଦ୍ର ଉପରୁ ଦୀପମାଳାମୟୀ ନଗରୀର ବିଳାସ ବେଶ ଗୋଟିଏ ଉପଭୋଗ୍ୟ ଦୃଶ୍ୟ । ଷ୍ଟିମାର କୂଳର ଯେତେ ନିକଟବର୍ତ୍ତୀ ହେଉଥିଲା ଯାତ୍ରୀମାନେ ଓହ୍ଲାଇବାର ଆଶାରେ ସେତେ ଅଧିକ ଚଞ୍ଚଳ ହୋଇ ଉଠୁଥିଲେ ।

ଆଠଟା ବାଜିବାର କିଛିକ୍ଷଣ ପୂର୍ବେ ଷ୍ଟିମାର ଆଲେକ୍‌ଜାଣ୍ଡ୍ରା-ଡକ୍‌ର ଫେରି ଘାଟରେ ଆସି ଲାଗିଲା । ସେତେବେଳେ ଦେଖା-ଗଲା ଯେ ଜୁଆରଯୋଗୁଁ ଜେଟି ଉପରୁ ପାଣି ପ୍ରାୟ ୧୨।୧୪ ଫୁଟ୍ ତଳକୁ ଖସି ଗଲାଣି । ସଙ୍କୀର୍ଣ୍ଣ କାଠ ସିଡ଼ି ଉପରେ ଚଢ଼ି ଯାତ୍ରୀମାନେ ଏକେ ଏକେ କୂଳକୁ ଉଠିଗଲେ । ଶେଷରେ ଯାତ୍ରୀବହୁଳ ବୁକ୍ଭାବତୀର ଉପର ଡେକ୍ ଏକାବେଳକେ ଯାତ୍ରୀଶୂନ୍ୟ ହୋଇଗଲା ।

ଆମ୍ଭେମାନେ ସେତେବେଳେ ଟାକ୍ସିରେ ଜିନିଷ-ପତ୍ର ଲଦି ଶୀଘ୍ର ଶୀଘ୍ର ଘରକୁ ଫେରିବାକୁ ବାହାରୁ ।

## ବର୍ଷାର ସ୍ୱର

**ଶ୍ରୀ ଅନୁକୂଳ ଚନ୍ଦ୍ର ନାୟକ**

| | | |
|---|---|---|
| ଯମୁନା ବଢ଼ିଛି ଆଜି | ଘୋର ବରଷା | ଚାଲି ଯିବା ସହି ନଣନ୍ଦ |
| ବେଲ କଂସା ଗିନା ଯେତେ | ମାଜି ଆଣିବା | ସୁଝି ଲାଗେ ଘରେ ରହି କି ? |
| କଦମ୍ବ ଡାଳରେ ବସି | ଚାହିଁଥିବ ଯେ | ପରାଣର ସୁନା-ଆଲଅ, |
| ପଥର ଛାତରେ ଘଷି | ତାକୁ ମାଜିବା | ଚାଲଅ ରେ ସହି ଚାଲଅ, |
| ଅଚେହି ପନିଅ ଥାଉ, | ରଖିଦେ ସବୁ, | ପାଠପଢାରେ କି ହେବ ? |
| ଝଡ଼ ବରଷାର ଦାଉ | ମାଡିଛି ଆଜି, | ଘାଜ-ଶିଶି କି ଗୋ ରହିବ ? |
| ବାଇଁଶୀ ଡାକକୁ କାନ | ଚାହିଁ ବସିବ, | ପୀରତିରେ ଯେହୁ ମଜିଛି |
| ବାଇଁଶୀ ସ୍ୱର ଯେ ଆଜି | ନାହିଁ ଶୁଭିବ | ବରଷାରେ ସେ ଗୋ ହଜିଛି । |
| ମୁଣ୍ଡ କୋଡ଼ ହେଉଥିବ | ଅଛି ଅଥୟ | ଆମର କାଳିଅ ଦେବତା |
| ଚାଲୋ ବଡ଼ା କେତେ କାମ | ବାକି ରହିଛି, | ନଣନ୍ଦରୁ ଅସିଲେ ହେବ ତା' । |
| ତୋର ସିନା କିଛି ନାହିଁ, | ଘରେ ତ ମୋର | 'ଛନ୍ତି ସ୍ୱାମୀ ଶାଶୂ ଶ୍ୱଶୁର |
| ନ ଯିବୁ ତ କହି ସଫା, | କାମ କରୁ ତୁ | ବସି ବସି ଖାଲି ଉଛୁର । |
| ବିଧାତା ଗଢ଼ିଛି ଯାହା | ରୂପ ଗରବ, | ନୋହିବ ତ ତହୁଁ ଅଧିକ, |
| ପୂରିବ କାମନା ତୋର | ଶ୍ୟାମ ସାଥିରେ | ମରମଠା ସଫା ଅଛି ତ ! |

## ସାହିତ୍ୟ ଓ ଜାତୀୟତା

**ଶ୍ରୀ ମହେଶ୍ୱର ମହାପାତ୍ର**

ଜାତି ଗଠନ କଥାଟା ସମସ୍ତଙ୍କର ଜଣା କଥା, ବିଶେଷତଃ ଏ ଦେଶରେ । ରୁଷ ଗୋଟାଏ ବିରାଟ ନୂଆ ଜାତି ଗଢ଼ିଛି—ଜର୍ମାନୀର ନବ ଜୀବନର ଶୃଙ୍ଖଳା ସମସ୍ତ ବିଶ୍ୱକୁ ବିସ୍ମିତ କରିଛି—ତରୁଣ ଭାରତ ଚାହେଁ ଏହି ନୂତନ ଜାତୀୟତା । ରୁଷ ଥିଲା, ଜର୍ମାନୀ ଥିଲା, ଭାରତ ଅଛି, ଏ ଜଗତରେ ବହୁ ଦିନ ହେଲା । ସେମାନେ ଦାବୀ କରନ୍ତି ସେମାନଙ୍କର ସଭ୍ୟତା ବହୁ ଦିନର ବୋଲି, ତଥାପି ଏ ନବୀନ ଜାତି ଗଠନର ପ୍ରେରଣା କାହିଁକି ?

ଦେଶ ଥିଲେ ମଣିଷ ସେଠି ଆସି ବସା ବାନ୍ଧେ, କିନ୍ତୁ ସେ ମଣିଷ ଗୋଟାଏ ଜାତି ସୃଷ୍ଟି କରେ ନାହିଁ । ବ୍ୟକ୍ତିଗତ ଜୀବନର ବୈଶିଷ୍ଟ୍ୟ ଯେତେବେଳେ ଐକ୍ୟର ସୂତ୍ର ଖୋଜି ପାଏ, ସେତେବେଳେ ଜାତି ସୃଷ୍ଟି ହୁଏ ସହଜରେ, ସ୍ୱଭାବର ନିୟମରେ । କିନ୍ତୁ ଐକ୍ୟ ମନୁଷ୍ୟକୁ ନେଇ ଯାଏ ବନ୍ଧନ ମଧ୍ୟକୁ—ବନ୍ଧନ କଠିନତା ଆଣେ—ସେଥିରେ ଜାତିର ମୃତ୍ୟୁ । ରୁଷ, ଜର୍ମାନୀ ହୁଏ ତ ଦିନେ ଏକ ଶ୍ରେଣୀର ଜାତି ଥିଲା, କିନ୍ତୁ ଏହି କଠିନତାରେ ସେ ଜାତୀୟତା ଗତି ପଥରେ ଗୋଟାଏ ବିରାଟ ବାଧା ହୋଇ ପଡ଼ିଲା । ସେମାନଙ୍କର ଚାଲିବା ବନ୍ଦ ହେଲା । ଗୋଟାଏ ଜାଗାରେ ଠିଆ ହୋଇ ହୋଇ ସେମାନେ ଚାଲିବା କଥା ଭୁଲି ଗଲେ । ଠିଆ ହୋଇ ରହିବାଟା ଶେଷରେ ତାଙ୍କ ଜୀବନର ଗୋଟାଏ ଲକ୍ଷ୍ୟ ହୋଇ ଉଠିଲା । ଝଡ଼ ଝଞ୍ଜାରେ ମଧ୍ୟ ସେମାନେ ଆଉ ଚାଲିଲେ ନାହିଁ । ପଛର ଧକ୍କା ଦେଲେ ବି ନା । ତା ପରେ ହଠାତ୍ ଦିନେ ତାଙ୍କର ଲକ୍ଷ୍ୟ ପଡ଼ିଲା—ଆଗରେ ପଛରେ ସେମାନଙ୍କୁ ଘେରି ରହିଛି—ମଣିଷ ନୁହେ—ପଥର—ଯୁଗ ଯୁଗ ସଞ୍ଚିତ ଅପରାଧର ସ୍ତୂପ । ସେମାନେ ଭାଙ୍ଗିବାକୁ ଖୋଜିଲେ, କିନ୍ତୁ ପାରିଲେ ନାହିଁ ଆଲୁଅ ଅଭାବରୁ । ସେହି ସୀମାବଦ୍ଧ ଅବରୋଧ ମଧ୍ୟରେ ସେମାନେ ଅପମାନର ପ୍ରତିଶୋଧ ନେବା ପାଇଁ ଉନ୍ମୁଖ ହୋଇ ପଡ଼ିଲେ । ଏହା ହିଁ ହେଲା ସେମାନଙ୍କର ନବ ଜାଗରଣ । ଏହି ଜାଗରଣ ନବ ଦିନରେ ସେହି ଅନ୍ଧକାର ବକ୍ଷରେ ଫୁଟି ଉଠିଲା କ୍ଷୀଣ ଆଲୁଅ ରେଖା—ସେ ଆଲୁଅ ଜାଳିଲା ଦେଶର ସାହିତ୍ୟ ।



Digitized by srujanika@gmail.com

ଜାତିର ଅବ୍ୟକ୍ତ ବେଦନାକୁ ରୂପ ଦିଏ ଏହି ସାହିତ୍ୟ । ଅନ୍ତରର ରୁଦ୍ଧ ବାଣୀ ବିକାଶର ପଥ ଅଭାବରେ ଯେତେବେଳେ ଉନ୍ମତ୍ତ ହୋଇ ଉଠେ ସେତେବେଳେ ହୁଏ ସତ୍ୟ ସାହିତ୍ୟର ଜନ୍ମ । ସେ ସାହିତ୍ୟ ଜାତି ଆଖିରୁ ଅଶ୍ରୁ ବୁହାଏ । ତାହାର ଛାତିରେ ଜମି ଉଠେ ପୀଡ଼ିତର ଦୀର୍ଘ ଶ୍ୱାସ । ସାହିତ୍ୟିକ ଖାଲି ଖବର ରଖେ ଏହି ଅଶ୍ରୁ ଆଉ ଦୀର୍ଘ ଶ୍ୱାସର । ତାହାର ନିଜର ଅଶ୍ରୁ ମିଶାଇ ଦିଏ ସେ ତାହା ସଙ୍ଗରେ । ତାହାର ନିଜର ଛାତି ଫଟା ଦୀର୍ଘ ଶ୍ୱାସ ଜାଗ୍ରତ ହୁଏ ଅନ୍ୟର ଦୀର୍ଘ ଶ୍ୱାସରେ ।

ମଣିଷ ତାହାର ସଙ୍କୀର୍ଣ୍ଣତାର ସନ୍ଧାନ ପାଏ ସାହିତ୍ୟର ବିଶ୍ୱ-ବ୍ୟାପକତା ମଧ୍ୟରେ । ସଙ୍କୀର୍ଣ୍ଣତା ସସୀମତା ପାର ହୋଇ ଯେତେବେଳେ ଅସୀମ ହୋଇ ଉଠେ ସେତେବେଳେ ହୁଏ ବିଶ୍ୱବ୍ୟାପକତାର ସୃଷ୍ଟି । ସାହିତ୍ୟ ମଧ୍ୟରେ ନିଜକୁ ଖୋଜି ପାଏ ବୋଲି ତାହାର ବିଶ୍ୱାସ ହୁଏ, ତାହାର ପର ଅନ୍ତର କେତେ ଅଛି ଗୋପନ କରିଛନ୍ତି ଏହି ସାହିତ୍ୟର ଅନ୍ତରାଳରେ । ତାଙ୍କର ପରିଚୟ ଜାଣିବା ପାଇଁ ତାହାର ଆଗ୍ରହ ହୁଏ । ସେ ଯେ ବ୍ୟଥାର ବ୍ୟଥୀ, ସହାନୁଭୂତି ସଙ୍ଗରେ ସେ ନିଜକୁ ଛାଡ଼ିଦିଏ ଜଣକ ପାଖରେ । ସେତେବେଳେ ନିଜର ଦୈନ୍ୟ, ନିଜର ସସୀମତା ତାହା ପାଖରେ ଧରାପଡ଼େ । ସେ ଚାହେଁ ନିଜକୁ ସମସ୍ତଙ୍କ ମଧ୍ୟରେ ବାଣ୍ଟି ଦେବାକୁ, ସମସ୍ତଙ୍କ ସ୍ୱରରେ ନିଜର ସ୍ୱର ମିଶାଇବାକୁ । ଏହିଥିରେ ଫେରି ଆସେ ନୂତନ ଜାତି ଗଠନର ପ୍ରେରଣା ।

ସାହିତ୍ୟ ଜାତିର ପରିଚୟ ଦିଏ ଜଗତର ଦରବାରରେ । ଯେଉଁ ଜାତିର ସାହିତ୍ୟ ଯେତେ ଉନ୍ନତ ସେ ଜାତିର ଚରିତ୍ରାଧାର ସେତେ ସମୃଦ୍ଧ । ଭାରତ ଆଜି ଗୌରବ କରେ ତାର ବେଦ ପୁରାଣ ଦର୍ଶନର, ସେ ଗୁଡ଼ିକ ତାହାର ଅତୀତର କୀର୍ତ୍ତି । ସାହିତ୍ୟର ଆଦର୍ଶ ଉନ୍ନତ ହେବ ନାହିଁ ଜାତିର ଆଦର୍ଶ ଉନ୍ନତ ନ ହେଲେ । ଉପେନ୍ଦ୍ର ଭଞ୍ଜ ଦୀନକୃଷ୍ଣ ଦାସଙ୍କର ସାହିତ୍ୟ ସେମାନଙ୍କର ବ୍ୟକ୍ତିଗତ ଚରିତ୍ରାଧାର ପାଇଁ ଆଜି ପର୍ଯ୍ୟନ୍ତ ବଞ୍ଚି ନାହିଁ, ବଞ୍ଚିଛି ସେ ଦିନର ବିଜୟ ଗର୍ବର ଚିହ୍ନ ହୋଇ । ତେଣୁ ସେମାନଙ୍କର ସାହିତ୍ୟ ସମୟକୁ ଜୟ କରି ଚିରଜୟୀ ହୋଇଛି । "ଲାବଣ୍ୟବତୀ" "ବୈଦେହୀଶ ବିଳାସ" ଉପେନ୍ଦ୍ର ଭଞ୍ଜଙ୍କର ଲେଖା କି ନା, ସେ କଥା ଜାଣିବା ପାଇଁ ବ୍ୟାକୁଳତା ହୁଏ ନାହିଁ, ଯେତେବେଳେ ମନେ ପଡ଼େ ସେମାନେ ଅତୀତର ସାକ୍ଷୀ ।

ନର୍ମାନ ସେକ୍ସନ୍ ଯୁଗ ପରେ ଇଂଲଣ୍ଡର ଜାତୀୟ ଜୀବନର ଅବନତି । ତେଣୁ ତାକୁ ଦେଢ଼ଶ ବର୍ଷ ଅନ୍ଧକାରରେ କଟାଇବାକୁ ହୋଇଛି । ତା ପରେ ଆସିଲା ରେନାଇସାଁର ଯୁଗ । ସ୍ପେନିଶ୍ ଆର୍ମାଡା ଧ୍ୱଂସ ପରେ ଜାତୀୟ ଜୀବନର ଏହି ନୂତନ ପ୍ରେରଣା ଯେତେବେଳେ ନିଜକୁ ବ୍ୟକ୍ତ କରିବାକୁ ଚାହେଁ ସେତିକିବେଳେ ଆସିଲା **Elizabeth** ଙ୍କର ରାଜତ୍ୱ । **Elizabeth** ଙ୍କ ଦିନ ଗୁଡ଼ିକ ଇଂଲଣ୍ଡକୁ ଆଉ ଫେରି ଆସିନାହିଁ—ଆସିବ ନାହିଁ ଆଉ ବୋଧ ହୁଏ । କେଉଁ ଦେଶରେ କେଉଁ ଯୁଗରେ ଏକା ସଙ୍ଗରେ, ସେକ୍ସପିଅର, ସ୍ପେନସାର, ମାର୍ଲୋ, ବେକନ୍ ରାଜତ୍ୱ କରିଛନ୍ତି ସାହିତ୍ୟ ଜଗତରେ ?

କିନ୍ତୁ ସାହିତ୍ୟ ଯଦି ଖାଲି ଅତୀତର ଇତିହାସ ହୋଇ ସନ୍ତୁଷ୍ଟ ଥାନ୍ତା ତେବେ ତାର ଉଦ୍ଦେଶ୍ୟ ବ୍ୟର୍ଥ ହୋଇଯାନ୍ତା । ସେ ଚାହେଁ ମନୁଷ୍ୟକୁ ପଥ ଦେଖାଇବାକୁ—ସେ ପଥରେ ବିପଦର ଖବର ଦେବାକୁ । ତେଣୁ ସାହିତ୍ୟ ହୁଏ ଅନେକ ସମୟରେ ବିୟୋଗାନ୍ତ । କିନ୍ତୁ ଆଶାର ବାଣୀ ମଧ୍ୟ ତାକୁ ଶୁଣାଇବାକୁ ହୁଏ, ତାର କାମରେ ପ୍ରେରଣା ଆଣିବାକୁ ହେଲେ । ତେଣୁ କବିକୁ ସୃଷ୍ଟି କରିବାକୁ ହୁଏ, ମିଳନ ଗୀତି । ମୃତ୍ୟୁ ସତ୍ୟ, ଧ୍ରୁବ ସତ୍ୟ—କିନ୍ତୁ ମୃତ୍ୟୁର ନିର୍ମମତା ପରେ ଦିନେ ଦେଖାଯାଏ ଶାନ୍ତିର ଛାୟା । ସେ ମଧ୍ୟ ସତ୍ୟ କିନ୍ତୁ—ସେ ସତ୍ୟକୁ ଅତିକ୍ରମ କରେ ମୃତ୍ୟୁର ରୁଦ୍ର ସତ୍ୟ । ବାସ୍ତବ ଜୀବନ ସଙ୍ଗରେ ସାହିତ୍ୟର ଯେତେବେଳେ ମିଳନ ହୁଏ—ସେତେବେଳେ ମଣିଷ ଚାହେଁ ନିଜକୁ ଭୁଲିବାକୁ । ତେଣୁ ସେ ଶୁଣିବାକୁ ଚାହେଁ ସେମାନଙ୍କ କଥା, ଯେଉଁମାନେ କାନ୍ଦିବାକୁ ଆସି ନାହାନ୍ତି । ଆଉ ଏହି ପରିବେଶମାନଙ୍କର ସନ୍ଧାନ ମିଳେ **Comedy** ରେ । **Tragedy**ର ଶକ୍ତି ଏତେ ଯେ ସେ ମଣିଷକୁ ମିଳନ କଥା ଭୁଲାଇ ଦିଏ । ଦେଶ କାଳ ସଙ୍ଗରେ ମଣିଷର ରୂପ ହୁଏ ତ ବଦଳେ କିନ୍ତୁ ମଣିଷ ବଦଳେ ନାହିଁ । ତେଣୁ ଗୋଟାଏ ଦେଶର ମଣିଷର କଥା ଅନ୍ୟ ଦେଶର ମଣିଷକୁ ଭଲ ଲାଗେ ନାହିଁ । ଆଉ, ଭଲ ଲାଗେ ବୋଲି ସେ ଚାହେଁ ନିଜକୁ ଅନ୍ୟ ସଙ୍ଗରେ ମିଳାଇ ନେବାକୁ । ଏଥିରେ ଗଢ଼ି ଉଠେ ତାର ନିଜର ବୈଶିଷ୍ଟ୍ୟ । ଏହି ବୈଶିଷ୍ଟ୍ୟର ସନ୍ଧାନ ମିଳେ ଅନ୍ୟ ସମସ୍ତଙ୍କ ମଧ୍ୟରେ ; ତେଣୁ ଏହି ବୈଶିଷ୍ଟ୍ୟରୁ ଐକ୍ୟର ଉତ୍ପତ୍ତି ।

ଯେଉଁ ରୁଷ ଦିନେ ସଭ୍ୟତାର ସୌନ୍ଦର୍ଯ୍ୟରୁ ଖସି ଆସି ବର୍ବରତାର କଦର୍ଯ୍ୟତାରେ ନିଜକୁ ହତ୍ୟା କରିଥିଲା, ସେହି ରୁଷ ଆଜି ଜଗତର ଶ୍ରେଷ୍ଠ ଜାତୀୟତାର ଦାବୀ କରେ । ଜଗତ ଯଦି ସେ ଦାବୀ ମାନି ନିଏ—ନେବ ତାର ସାହିତ୍ୟ ପାଇଁ—ତାର "ସାମ୍ୟବାଦ" ପାଇଁ ନୁହେଁ । ଗର୍କୀ, ଟୁର୍ଗେନିଭ୍, ଡଷ୍ଟୟେଭ୍ସ୍କି, ରୁଷକୁ ପରିଚିତ କରାଇଛନ୍ତି ଜଗତ ପାଖରେ । **Czar** ର ଦୁର୍ବଳତା ତରୁଣ ରୁଷ ଗଠନରେ ଯେତେ ସହାୟ ହୋଇ ନାହିଁ—ଯେତେ ସହାୟ ହୋଇଛି ତାର ସାହିତ୍ୟ ।

**France**ରେ ମଧ୍ୟ ଠିକ୍ ଏହି କଥା । ଏହି ବୈଶିଷ୍ଟ୍ୟ କଥା ଜଣାଇ ଦେଇଥିଲା ତାର ସାହିତ୍ୟ, ଆଉ ତାର ପରିଚୟ ଫରାସୀ ବିଦ୍ରୋହ । ଭିକ୍ଟର ହ୍ୟୁଗୋ, ରୁଷୋ, ଭଲଟାୟାରଙ୍କର ସାହିତ୍ୟରେ ସେହି ବାଣୀ ଶୁଣାଯାଏ । ତାଙ୍କର ସାହିତ୍ୟ ଖାଲି ନିଜ ଦେଶକୁ ନୁହେଁ, ସମଗ୍ର ଜଗତକୁ ଅନେକ ନୂଆ ଦାନ ଦେଇ ଯାଇଛି ।

ଯେତେ ଗୁଡ଼ାଏ ଶକ୍ତି ଜାତୀୟତା ଗଠନରେ ଚେଷ୍ଟା କରିଛନ୍ତି, ସମସ୍ତଙ୍କର ପରିଚୟ ମିଳେ ସେମାନଙ୍କ ସାହିତ୍ୟରେ ଓ ତା'



Digitized by srujanika@gmail.com

ସଙ୍ଗେ ସଙ୍ଗେ ସେହି ଶରୀରର ପରମାଣୁଗୁଡ଼ିକମାନଙ୍କର । ଜାତିର ପ୍ରାଣରେ ସ୍ପନ୍ଦନ ଯଦି ନ ଥାଏ ତେବେ ସେ ଦାବୀ ଜଣାଇବ କେମିତି ! ତେଣୁ ଗଢ଼ି ତୋଳିବାକୁ ହେବ ଆମର ସାହିତ୍ୟ । ସେହି ସାହିତ୍ୟ ଗଢ଼ିବ ଆମର ସମାଜ, ରାଷ୍ଟ୍ର । ଆମର ସାହିତ୍ୟ ନାହିଁ, ଆମେ ଦାବୀ ଜଣାଇବୁଁ କେଉଁଠୁ ? ଆମର ସମାଜ ନାହିଁ, ଆମେ ସ୍ୱାଧୀନତା ଦାବି କରିବୁଁ କାହା ଯୋରରେ !

## ଜନ୍ମାନ୍ତର

### ଶ୍ରୀ ଚନ୍ଦ୍ରମଣି ମହାନ୍ତି

ଜନ୍ମାନ୍ତର ରହସ୍ୟ ଅତି ଜଟିଳ ସମସ୍ୟାମୟ । କିଏ କହେ ଜନ୍ମାନ୍ତର ସତ୍ୟ, କିଏ କହେ ଜନ୍ମାନ୍ତର କଳ୍ପନା ମାତ୍ର । ବାସ୍ତବରେ ପ୍ରାଣୀର ଜନ୍ମାନ୍ତର ଅଛି କି ନାହିଁ, କିମ୍ବା ଏକ ଜନ୍ମରେ ତାହାର ସବୁ ଶେଷ ହୋଇଯାଏ, ଏହାହିଁ ବିଚାର୍ଯ୍ୟ । ଆତ୍ମା ଅବିନାଶୀ, ଏହା ଶାସ୍ତ୍ରୀୟ ସତ୍ୟବାଣୀ । ଦେହ ମରିଯାଏ, ଆତ୍ମା ମରେ ନାହିଁ । ସେ ପୁଣି ଦେହ ଧରି ପାରେ, ଏଥିରେ ଅସମ୍ଭବ କଣ ? ସେ ଥରେ ଦେହ ଧରିଥିଲା ତେବେ ପୁଣି ଥରେ ଧରିବା ଆଶ୍ଚର୍ଯ୍ୟ କଣ ! ଅଳଙ୍କାର ନଷ୍ଟ ହୁଏ, କିନ୍ତୁ ସୁନା ନଷ୍ଟ ହୁଏ ନାହିଁ, ସେହି ସୁନାରେ ପୁଣି ଅଳଙ୍କାର ହୁଏ । ସୁନାର ଉପାଧି ନଷ୍ଟ ହୋଇଯାଏ, ସେ ଅନ୍ୟ ଉପାଧି ଧରେ । ଗୋଟାଏ ଧାତବ ପଦାର୍ଥକୁ ତରଳାଇ ଦେଲେ ସେ ମୂଷା ହୋଇଯାଏ, ସେଥିରେ କଣ ଆଉ କିଛି ହୁଏ ନାହିଁ—ଖାଲି ମୂଷା ହୋଇ ପଡ଼ିରହେ ? କେବେହେଲେ ସେଥିରେ କିଛି ତିଆରି ହୁଏ । ପଦାର୍ଥ ନଷ୍ଟ ହୁଏ ନାହିଁ—ରୂପାନ୍ତରିତ ହୁଏ । ସେହି ରୂପାନ୍ତର ତାହାର ପୁନର୍ଜନ୍ମ । ନିବିଷ୍ଟ ମନରେ ଗମ୍ଭୀର ଭାବରେ ଚିନ୍ତା କଲେ ଜଣାଯାଏ—ସଂସାରରେ ସମସ୍ତଙ୍କର ଯିବା ଆସିବା ଲାଗିଛି । ସୂର୍ଯ୍ୟ ସନ୍ଧ୍ୟାରେ ଅସ୍ତ ହୋଇ ପୁଣି ସକାଳେ ଉଦୟ ହେଉଛି । ସେହିପରି ଚନ୍ଦ୍ର ସକାଳୁ ଯାଇ ରାତିରେ ଆସୁଛି । ଦିନ ରାତି ବି ସେହିପରି ଯାତାୟାତ କରୁଛି । ଦିନ ଗଲା ପରେ ରାତି ଆସୁଛି, ରାତି ପରେ ପୁଣି ଦିନ ଆସୁଛି, ଦିନ ପରେ ପୁଣି ରାତି ଆସୁଛି—ଚକ୍ରନେମି ପରି ତାଙ୍କର ଘୂର୍ଣ୍ଣନ ଲାଗି ରହିଛି । ଚନ୍ଦ୍ର, ସୂର୍ଯ୍ୟ, ଦିନ, ରାତି ଏମାନେ ଯିବାପାଇଁ ଆସୁଛନ୍ତି; ପୁଣି ଆସିବା ପାଇଁ ଯାଉଛନ୍ତି । ଯିବା ଶେଷ ହେଉ ନାହିଁ, କି ଆସିବା ଶେଷ ହେଉ ନାହିଁ । ଋତୁପର୍ଯ୍ୟାୟର ମଧ୍ୟ ସେହିପରି ଯିବା ଆସିବା, ଆସିବା ଯିବା ଲାଗିଛି । ଗ୍ରୀଷ୍ମ ଋତୁ ଗଲା ପରେ ବର୍ଷା ଆସୁଛି, ମାତ୍ର ଗ୍ରୀଷ୍ମ ଋତୁ କଣ ଏକାବେଳକେ ଚାଲିଯାଉଛି, ଆଉ ଆସୁ ନାହିଁ ? ବର୍ଷକ ପରେ ପୁଣି ଆସୁଛି । ସତ୍ୟ, ତ୍ରେତା, ଦ୍ୱାପର, କଳି ପରେ ପୁଣି ସତ୍ୟଯୁଗ ଆସୁଛି । ସୃଷ୍ଟି ଆରମ୍ଭରୁ କେତେ ଥର ସତ୍ୟ ଯୁଗ ଆସିଗଲାଣି, ପୁଣି ବି କେତେ ଥର ଆସିବ, ଯିବ । ସବୁ ଯୁଗର ଧାରା ଏହିପରି । ସମୁଦ୍ର ଜଳ ବାଷ୍ପ ହୋଇ ଉପରକୁ ଚାଲିଯାଉଛି, ପୁଣି ସେହି ବାଷ୍ପ ଜଳ ହୋଇ ତଳକୁ ଆସୁ-ଅଛି । ଗଛରୁ ଫୁଲ ସରିଗଲେ ପୁଣି ଯଥାସମୟରେ ଫୁଲ ହେଉଛି, ଫଳ ଶେଷରେ ଗଛ ବନ୍ଧ୍ୟା ହୋଇ ଚିର କାଳ ରହୁ ନାହିଁ । ସମୟରେ ପୁଣି ଫଳ ଧରୁଛି । ସମସ୍ତଙ୍କର ଯିବା ଆସିବା ଲାଗିଛି, କେବଳ ମନୁଷ୍ୟ କି ସେଥିରୁ ବଞ୍ଚିତ ? ସମସ୍ତଙ୍କର ଜନ୍ମାନ୍ତର ଅଛି, ସୁତରାଂ ମନୁଷ୍ୟର ବି ଅଛି । ଗଛ ତାହାର ମଞ୍ଜି ଭିତରେ ଲୁଚି ରହିଛି, ସେହି ମଞ୍ଜିରୁ ପୁଣି ଗଛ ବାହାରି ପଡ଼ୁଛି । ପୂର୍ବରୁ ବୋଲି ଯାଇଅଛି—ପଦାର୍ଥ ନଷ୍ଟ ହୁଏ ନାହିଁ, ରୂପାନ୍ତର ପ୍ରାପ୍ତ ହୁଏ । ପଚି ସଢ଼ି କିବାଦ୍ୱାରା ପଦାର୍ଥ ନଷ୍ଟ ହେଉ ନାହିଁ—ଖତ ହୋଇ ଉଦ୍ଭିଦର ଖାଦ୍ୟ ହେଉଛି । ସେହି ଖାଦ୍ୟରେ ଉଦ୍ଭିଦ ପୁଷ୍ଟ ଏବଂ ବର୍ଦ୍ଧିତ ହେଉଛି । ସେ ଯାହାର ଖାଦ୍ୟ ହେଉଛି, ତାହାରି ରୂପରେ ରୂପାନ୍ତରିତ ହୋଇ ଆସୁଛି । ଏଥିରୁ ସ୍ପଷ୍ଟ ପ୍ରତୀତ ହେଉଅଛି ଯେ—ଜନ୍ମାନ୍ତର ସମସ୍ତଙ୍କର ଅଛି ।

ଜନ୍ମାନ୍ତର ନ ଥିଲେ ପାପର ଦଣ୍ଡ ବା ପୁଣ୍ୟର ପୁରସ୍କାର ନ ଥାନ୍ତା, ଏମନ୍ତ କି ପାପ ପୁଣ୍ୟ ବି ନ ଥାନ୍ତା । ସମସ୍ତେ ନିର୍ଭୟ ନିର୍ବିକାରରେ ପାପ କରି ପୃଥିବୀରୁ ଚାଲିଯାନ୍ତେ । ଆଉ ତ ଫେରନ୍ତେ ନାହିଁ, ତେବେ ପାପର ଦଣ୍ଡ କିଏ ଭୋଗ କରନ୍ତା । ଆଉ ପାପକୁ ବା କିଏ ଡରନ୍ତା କାହିଁକି । ପାପ ପୁଣ୍ୟ ଶବ୍ଦର ବି ସୃଷ୍ଟି ହୋଇ ନ ଥାନ୍ତା । ପକ୍ଷାନ୍ତରେ ଜନ୍ମାନ୍ତର ନ ଥିଲେ ସୃଷ୍ଟିର ସ୍ରୋତ କେଉଁ କାଳରୁ ବନ୍ଦ ହୋଇ ଯାନ୍ତାଣି, ସଂସାର ଖାଲି ମରୁଭୂମି ହୋଇ ରହିଥାନ୍ତା । କ୍ରମେ କ୍ରମେ ସମସ୍ତେ ମରିଯାନ୍ତେ । ଆଉ ଜନ୍ମ ହୁଅନ୍ତେ ନାହିଁ—ସଂସାର ଶୂନ୍ୟ ହୋଇ ପଡ଼ିଥାନ୍ତା । ସାଧାରଣ ଲୌକିକ ଦୃଷ୍ଟାନ୍ତରୁ ସୁଦ୍ଧା ଜନ୍ମାନ୍ତରର ଯଥେଷ୍ଟ ପ୍ରମାଣ ମିଳେ । ଲୋକେ କର୍ମକ୍ଷେତ୍ରରେ କର୍ମ କରି ସାରି ସନ୍ଧ୍ୟାରେ ଘରକୁ ଫେରି ଆସନ୍ତି । ତହିଁ ପର ଦିନ ପୁଣି କର୍ମ କରିବାକୁ ଯାଇ ପୁଣି ଫେରି ଆସନ୍ତି । କାମ କରିବାକୁ ଯାଇ ଏକାବେଳକେ ତେଣେ ରହନ୍ତି ନାହିଁ । ପଶୁ, ପକ୍ଷୀ ପ୍ରଭୃତି ଜୀବ ଜନ୍ତୁ ଚରିବାକୁ ଯାଇ ପୁଣି ଆଶ୍ରୟ ସ୍ଥାନକୁ ଫେରି ଆସନ୍ତି । ରାତି ବିଶ୍ରାମ ଶେଷରେ ପୁଣି ଚରିବାକୁ ଯାନ୍ତି ଏବଂ ପୁଣି ଫେରି ଆସନ୍ତି । ଏଥିରୁ ଜଣା ଯାଉଅଛି—ଯେ ଯାଏ, ସେ ଏକା



Digitized by srujanika@gmail.com

ଥରକେ ଯାଏ ନାହିଁ, ପୁଣି ଫେରି ଆସେ, ପୁଣି ଯାଏ—ଏହିପରି ଯିବା ଆସିବା ଲାଗିଥାଏ । ଏଥିରୁ ବୋଧ ହେଉଅଛି—ଜନ୍ମାନ୍ତର ମିଛ ନୁହେ, କି ବ୍ୟର୍ଥ କଳ୍ପନା ନୁହେ—ତାହା ସତ୍ୟ—ଅତି ସତ୍ୟ—ନିର୍ମଳ ବିଶୁଦ୍ଧ ସତ୍ୟ । ଯୋଗ ପ୍ରଭାବରେ ଯୋଗୀ ଋଷିମାନେ ପୂର୍ବ ଜନ୍ମର କଥା ଜାଣି ପାରୁଥିଲେ । ସେଥିର ଦୃଷ୍ଟାନ୍ତ ଶାସ୍ତ୍ର ପୁରାଣରେ ବିରଳ ନୁହେ । ଅଭିଶାପ ଦ୍ୱାରା ଉଚ୍ଚ ବଂଶୀୟ ଇତର କୁଳରେ ଜାତ ହେଉଥିଲେ । ମନୁଷ୍ୟ, ପଶୁପକ୍ଷୀର ଜନ୍ମ ପ୍ରାପ୍ତ ହେଉଥିଲେ—ଏ ସବୁ କଣ ଜନ୍ମାନ୍ତରର ପ୍ରମାଣ ନୁହେ ?

କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ ଏହି ପଞ୍ଚ ଭୂତ ମିଶି ଦେହ ହୋଇଅଛି । ପାଞ୍ଚୋଟିଯାକ ଅଲଗା ହୋଇଗଲେ ଦେହର ଆଉ କିଛି ରହିବ ନାହିଁ । ଅଲଗା ହୋଇଗଲା ପରେ ପୁଣି ଯେ ନ ମିଶିବେ ଏହାର ପ୍ରମାଣ କଣ ? ମିଶିବା ଅସମ୍ଭବ ନୁହେ, ଯେତେବେଳେ ମିଶି ଥିଲେ, ତେତେବେଳେ ମିଶିବା ସେମାନଙ୍କର ଧର୍ମ । ମିଶିବା ଯେଉଁପରି ଧର୍ମ, ଅଲଗା ହେବା ବି ସେହିପରି ସେମାନଙ୍କର ଧର୍ମ । ତାହା ହୋଇ ନ ଥିଲେ ସେମାନେ ଆଦୌ ମିଶନ୍ତେ କାହିଁକି, ପୁଣି ଅଲଗା ହୁଅନ୍ତେ ବା କାହିଁକି ? ଏହି ପରି ଚିନ୍ତା କରି ବୁଝିଲେ ଜନ୍ମାନ୍ତର ନାହିଁ ବୋଲି କହିବାକୁ ନିଜର ବିବେକ କଦାଚ ରାଜି ହେବ ନାହିଁ ।

ଶ୍ରୀମଦ୍‌ଭଗବଦ୍‌ଗୀତାରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଅଛନ୍ତି—"ନ ହନ୍ୟତେ ହନ୍ୟମାନେ ଶରୀରେ" । ଦେହ ବିନାଶ ହେଲେ ଆତ୍ମା ବିନାଶ ହୁଏ ନାହିଁ । ମନୁଷ୍ୟ ମରିଗଲେ ସବୁ ଶେଷ ହୋଇଯାଏ ବୋଲି ଅନେକଙ୍କର ଧାରଣା, ମାତ୍ର ପ୍ରକୃତରେ ସବୁ ଶେଷ ହୋଇଯାଏ ନାହିଁ—କିଛି ଥାଏ, ତାହା ଏହି ଆତ୍ମା ।

ପୁଣି ପରବର୍ତ୍ତୀ ଶ୍ଲୋକରେ କହିଅଛନ୍ତି—

"ବାସାଂସି ଜୀର୍ଣ୍ଣାନି ଯଥା ବିହାୟ,
ନବାନି ଗୃହ୍ଣାତି ନରୋଽପରାଣି,
ତଥା ଶରୀରାଣି ବିହାୟ ଜୀର୍ଣ୍ଣା—
ନ୍ୟନ୍ୟାନି ସଂଯାତି ନବାନି ଦେହୀ ।"

ଅର୍ଥାତ୍ ମନୁଷ୍ୟ ଯେପରି ପୁରୁଣା ଲୁଗା ଛାଡ଼ି ନୂଆ ଲୁଗା ପିନ୍ଧେ, ସେହି ପରି ଆତ୍ମା ପୁରୁଣା ଦେହ ଛାଡ଼ି ନୂଆ ଦେହ ଧରେ । ମନୁଷ୍ୟ ଥରେ ମାତ୍ର ନୂଆ ଲୁଗା ଜୀବନରେ ପିନ୍ଧେ ନାହିଁ, ଲୁଗା ଯେତେ ଥର ଜୀର୍ଣ୍ଣ ହୋଇଯାଏ ତେତେ ଥର ପିନ୍ଧେ । ସେହିପରି ଦେହ ଯେତେ ଥର ଜୀର୍ଣ୍ଣ ହୁଏ ଆତ୍ମା ତେତେ ଥର ନୂଆ ଦେହ ଧରେ । ଦେହ ଥରେ ଜୀର୍ଣ୍ଣ ହେଲେ ଗୋଟିଏ ଜନ୍ମ କଟି ଯାଏ । ତେତେବେଳେ ଆତ୍ମା ଖଣ୍ଡିଏ ନୂଆ ଲୁଗା ପିନ୍ଧେ । ସେ ଖଣ୍ଡିକ ପୁରୁଣା ହେଲେ ଆଉ ଖଣ୍ଡିଏ ପିନ୍ଧେ । ଏହି ପରି ଖଣ୍ଡିକ ପରେ ଖଣ୍ଡେ ପିନ୍ଧୁଥାଏ । ସୁତରାଂ ଦେହର ଜନ୍ମାନ୍ତର ପରେ ଜନ୍ମାନ୍ତର ଲାଗିଥାଏ । ଏହାଠାରୁ ବଳି ଜନ୍ମାନ୍ତରର ସହଜ, ସୁନ୍ଦର, ସୁସ୍ପଷ୍ଟ ଦୃଷ୍ଟାନ୍ତ ଆଉ କଣ ହୋଇପାରେ ? ମନୁଷ୍ୟ ମଲେ ଯେ ପୁଣି ସେହି ମନୁଷ୍ୟ ଜନ୍ମ ପାଇବ, ତାହାର କିଛି ସ୍ଥିରତା ନାହିଁ । କର୍ମଫଳ ଅନୁସାରେ ଜନ୍ମ ନିରୂପିତ ହୁଏ । ଯେଉଁ କର୍ମଫଳ ଭୋଗ ପାଇଁ ଯେଉଁ ଜନ୍ମ ଆବଶ୍ୟକ, ସେହି ଜନ୍ମ ପ୍ରାପ୍ତ ହେବ । ଭଲ କର୍ମ କରିଥିଲେ ଉଚ୍ଚ ସ୍ତରକୁ ଉଠିବ, ନଚେତ୍ ମନ୍ଦ କର୍ମ କରିଥିଲେ ନିମ୍ନ ସ୍ତରକୁ ଖସି ଆସିବ; ଯେଉଁ କର୍ମ ଫଳ ଭୋଗ ପଶୁ ଜନ୍ମ ଭିନ୍ନ ଅନ୍ୟ ଜନ୍ମରେ ହୋଇ ପାରିବ ନାହିଁ, ସେ କର୍ମଫଳ ଭୋଗ ପାଇଁ ସେ ପଶୁ ଜନ୍ମ ପାଇବ । ସେହି ପରି ବୃକ୍ଷ ନ ହେଲେ ଯେଉଁ କର୍ମର ଫଳ ଭୋଗ ହୋଇ ପାରିବ ନାହିଁ, ସେ ଫଳ ଭୋଗ କରିବା ପାଇଁ ତାକୁ ବୃକ୍ଷ ଦେହ ଧରି ଜାତ ହେବାକୁ ହେବ । ଏ ବିଷୟର ବିସ୍ତୃତ ଆଲୋଚନା ମୋର "କର୍ମଫଳ" ପ୍ରବନ୍ଧରେ ସ୍ପଷ୍ଟରୂପେ କରା ଯାଇଅଛି ।

କୁମ୍ଭକାର ଭ୍ରମରର କରଣୀ କିଏ ନ ଜାଣେ? ସେ ପୋକ, ଝିଟିକା ମାରି ଆଣି ମାଟି ବସା ଭିତରେ ବନ୍ଦ କରି ରଖେ, କିଛି ଦିନ ପରେ ସେହି ମୃତ ଜୀବ ଭ୍ରମର ରୂପ ଧରି ବାହାରି ଆସେ, ଏହାଦ୍ୱାରା ସେ ଦେହାନ୍ତର ପ୍ରାପ୍ତ ହୁଏ । ଦେହାନ୍ତର ଆଉ ଜନ୍ମାନ୍ତର ଏକା କଥା । ତେତେବେଳେ ସେ ପୂର୍ବ ଜୀବନର ଖାଦ୍ୟ ନ ଖାଇ ଭ୍ରମରର ଖାଦ୍ୟ ଖାଏ ଏବଂ ଭ୍ରମରର ସ୍ୱଭାବ ପରି ତାହାର ସ୍ୱଭାବ ହୁଏ । ପୂର୍ବ ଖାଦ୍ୟ, ପୂର୍ବ ସ୍ୱଭାବ ସବୁ ଭୁଲିଯାଏ । ସେ ନିଜକୁ ପୋକ ବା ଝିଟିକା ଜ୍ଞାନ କରେ ନାହିଁ—ଭ୍ରମର ଜ୍ଞାନ କରେ । ଏହା ପ୍ରତ୍ୟକ୍ଷରେ ଦେଖି ଜନ୍ମାନ୍ତର ମିଥ୍ୟା ବା ତୁଚ୍ଛ କଳ୍ପନା ବୋଲି କହିବାକୁ କିଏ ସାହସୀ ହେବ ?

ପକ୍ଷିମାନେ ଅଣ୍ଡା ଜନ୍ମ କରନ୍ତି, ଅଣ୍ଡାରୁ ପକ୍ଷୀ ଜାତ ହୁଏ । ଅଣ୍ଡା ପ୍ରଥମ ଜାତ, ପକ୍ଷୀ ଦ୍ୱିତୀୟ ଜାତ । ଏ ହେତୁ ପକ୍ଷୀକୁ ଦ୍ୱିଜ କହନ୍ତି । ପକ୍ଷୀଠାରୁ ଅଣ୍ଡା ଜନ୍ମ ହୁଏ, ଅଣ୍ଡାରୁ ପକ୍ଷୀ ଶାବକ ଜନ୍ମ ହୁଏ । ସୁତରାଂ ଶାବକ ଅଣ୍ଡାର ଜନ୍ମାନ୍ତର । ଏଥିରେ ଆଉ ସନ୍ଦେହର ଅବକାଶ ନାହିଁ ।

ପ୍ରାକୃତିକ ପରିବର୍ତ୍ତନ ସର୍ବଦା ଲାଗିଅଛି । ସମୁଦ୍ର ମରୁଭୂମି ହେଉଅଛି—ଅରଣ୍ୟ ଗ୍ରାମ ହେଉଅଛି, ପର୍ବତ କାଳକ୍ରମେ ଜୀର୍ଣ୍ଣଶୀର୍ଣ୍ଣ ହେଉଅଛି, ସ୍ରୋତସ୍ୱିନୀ କୃଷିକ୍ଷେତ୍ର ହେଉଅଛି, ଘରେ ଘର ବନରେ ପରିଣତ ହେଉଅଛି । ଏହିପରି ରୂପାନ୍ତର ହିଁ ଜନ୍ମାନ୍ତର । ସମସ୍ତଙ୍କର ଜନ୍ମାନ୍ତର ଅଛି, କେବଳ ମନୁଷ୍ୟ କି ସେଥିରୁ ବଞ୍ଚିତ ହେବା ସମ୍ଭବ ? ଜନ୍ମାନ୍ତରର ଅର୍ଥ ଆତ୍ମାର ବେଶ ପରିବର୍ତ୍ତନ । ଆତ୍ମା ଅଭିନେତା ପରି ନାନା ବେଶ ପିନ୍ଧି ଅଭିନୟ କରେ ।

ଡାରୱିନ କହେ—ମନୁଷ୍ୟର ପୂର୍ବ ପୁରୁଷ ପୋକ, ମାଙ୍କଡ଼ । ତାହା ସତ ହୋଇଥାଏ, ତେବେ କେତେ ଜନ୍ମର ଉନ୍ନତିରେ ହୋଇଥିବ । ପୋକର ବହୁ ବାର ଉନ୍ନତ ହୋଇ ଶେଷରେ ସେ ମନୁଷ୍ୟ ଜନ୍ମରେ ପହଞ୍ଚି ଅଛି । ପୋକ ମାଙ୍କଡ଼ ହେଲା, ମାଙ୍କଡ଼ର ଅଙ୍ଗ



Digitized by srujanika@gmail.com

ପ୍ରତ୍ୟଙ୍ଗର ସଂସ୍କାର ହୋଇ ସାରି ମନୁଷ୍ୟ ହେଲା । ଏହି ସଂସ୍କାର ବହୁ ଜନ୍ମ ସାପେକ୍ଷ । ଅତଏବ ଜନ୍ମାନ୍ତର ଅଛି—ଜନ୍ମାନ୍ତର ସତ୍ୟ ।

ପୁନଶ୍ଚ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଅଛନ୍ତି:—

"ଜାତସ୍ୟ ହି ଧ୍ରୁବୋମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ,
ତସ୍ମାଦପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।"

ଅର୍ଥାତ୍—"ଜାତ ହୋଇଥିବା ପ୍ରାଣୀର ମରଣ ନିଶ୍ଚୟ, ଆଉ ମରିଥିବା ପ୍ରାଣୀର ଜାତ ମଧ୍ୟ ନିଶ୍ଚୟ ହେବ, ସେହି ହେତୁରୁ ତୁମ୍ଭର ଶୋକ କରିବା ଉଚିତ ନୁହେ ।" ବାସ୍ତବରେ ଯେଉଁମାନେ ଜାତ ହୋଇ ବର୍ତ୍ତମାନ ଅଛନ୍ତି, ସେ ସମସ୍ତେ ନିଶ୍ଚୟ ମରିବେ—ଏହା କିଏ ନ ଜାଣେ । ସେମାନଙ୍କର ମରିବା ଯେପରି ନିଶ୍ଚୟ, ଜାତ ହେବା ବି ସେହିପରି ନିଶ୍ଚୟ, ଏଥିରେ ସନ୍ଦେହ କଣ ଅଛି । ମାଟି କଣ୍ଢେଇ ଭାଙ୍ଗିଗଲେ ମାଟିରେ ମିଶି ଯାଏ, ସେହି ମାଟିରେ ଯେ ପୁଣି କଣ୍ଢେଇ ହୋଇ ପାରିବ ଏହା କିଏ ଅସ୍ୱୀକାର କରିବ । କଣ୍ଢେଇ ନଷ୍ଟ ହେଲା ବିନା, ତାହାର ମୌଳିକ ଉପାଦାନ ମାଟି ନଷ୍ଟ ହୁଏ ନାହିଁ । ସେହିପରି ଶରୀର ନଷ୍ଟ ହେଲେ ତାହାର ମୂଳ ଉପାଦାନ ଆତ୍ମା ନଷ୍ଟ ହୁଏ ନାହିଁ । ସେ ଆତ୍ମା ଯେ ପୁଣି ଶରୀର ନ ଧରିବ—ଏହାର ପ୍ରମାଣ କଣ । ପ୍ରାଣୀର ସବୁ ନଷ୍ଟ ହୋଇଯାଏ, ଖାଲି ଆତ୍ମା ରହେ । ଭୂତ ପ୍ରେତର ପ୍ରବାଦ ବୋଧ ହୁଏ ଏହି ଆତ୍ମାର ଛଳନା ହୋଇଥିବ । ଆତ୍ମା ନାନା ରୂପ ଧରି ପାରେ, ବାସ୍ତବୀୟ ଶରୀର ବା ଛାୟା ଶରୀର ଧରିବା ତାହା ପକ୍ଷରେ ଅସମ୍ଭବ ନୁହେ । ସେପରି ଶରୀର ଧରିବାର କିଛି କାରଣ ମଧ୍ୟ ଥାଇପାରେ—ତାହା କିଏ କହି ପାରିବ । ଜନ୍ମାନ୍ତରବାଦ କାହାର କଳ୍ପନାପ୍ରସୂତ ନୁହେ—ତାହା ସ୍ୱୟଂ ଜନ୍ମାନ୍ତର-ବିଧାତା ଭଗବାନଙ୍କର ଅବତାର ଶ୍ରୀକୃଷ୍ଣଙ୍କର ମୁଖବାଣୀ. ତାହା କିଏ ଅବିଶ୍ୱାସ କରିବ । କେତେକ କହନ୍ତି—ଶ୍ରୀକୃଷ୍ଣ ହିନ୍ଦୁର ଦେବତା, ହିନ୍ଦୁ ତାଙ୍କ ମତ ଗ୍ରହଣ କରିବେ, ମାତ୍ର ଭିନ୍ନ ଧର୍ମାବଲମ୍ବିମାନେ କାହିଁକି ଗ୍ରହଣ କରିବେ ? ଏପରି ଯେଉଁମାନେ କହନ୍ତି, ସେମାନେ ବଡ଼ ଭୁଲ କରନ୍ତି । ଭିନ୍ନ ଭିନ୍ନ ଜାତି, ଧର୍ମ ବା ସମ୍ପ୍ରଦାୟ ସକାଶେ ଭିନ୍ନ ଭିନ୍ନ ଈଶ୍ୱର ନାହାନ୍ତି । ଈଶ୍ୱର ଏକ, ଅଦ୍ୱିତୀୟ, ସମସ୍ତଙ୍କର ଈଶ୍ୱର ଏକ । ଶ୍ରୀକୃଷ୍ଣ ଏକା ହିନ୍ଦୁର ଅରାଧ୍ୟ ଦେବତା ନୁହନ୍ତି । ତାହା ହୋଇଥିଲେ ତାଙ୍କ ଭଗବଦ୍‌ଗୀତାର ଅନୁବାଦ ବହୁ ବିଭିନ୍ନ ଭାଷାରେ ହୋଇ ନ ଥାନ୍ତା । ପୃଥିବୀର ପ୍ରାୟ ସକଳ ଧର୍ମାବଲମ୍ବୀ ଭକ୍ତିପୂର୍ଣ୍ଣ ଆଗ୍ରହରେ ଗୀତା ପାଠ କରନ୍ତି । ସବୁ ଧର୍ମ ଉପରେ ଗୀତାର ମହାତ୍ମ୍ୟ ପ୍ରଭାବ ବିସ୍ତାର କରିଅଛି । ଶ୍ରୀକୃଷ୍ଣ ଏକା ହିନ୍ଦୁର ଈଶ୍ୱର କି ସବୁ ଧର୍ମର ଈଶ୍ୱର, ସେଥିର ପ୍ରମାଣ ଆଉ ଅଧିକ ଦେବାର ଆବଶ୍ୟକତା ନାହିଁ । ପୃଥିବୀରେ ଯେତେ ଉନ୍ନତ ଭାଷା ଅଛି, ସେ ସବୁଥିରେ ଗୀତାର ଅନୁବାଦ ହୋଇଅଛି । ଗୀତା ସବୁ ଧର୍ମର ନିଷ୍କାମ କର୍ମଯୋଗର ଧର୍ମଗୁରୁ ବା ମନ୍ତ୍ରଗୁରୁ । ଗୀତାର ଧର୍ମଭାବରେ ବିମୁଗ୍ଧ ହୋଇ ଅନେକ ଭିନ୍ନ ଧର୍ମାବଲମ୍ବୀ ମନୀଷୀ ହିନ୍ଦୁ ଧର୍ମ ଗ୍ରହଣ କରିଅଛନ୍ତି । ଗୀତାର ଯାହା ଉପଦେଶ ତାହା ସବୁ ଧର୍ମର ସାର ଉପଦେଶ । ଗୀତା ପରି ସତ୍ୟ ପ୍ରାମାଣିକ ବିଶୁଦ୍ଧ ଧର୍ମ ଗ୍ରନ୍ଥ ଆଉ ନାହିଁ—ସେ ସବୁ ଧର୍ମାବଲମ୍ବୀର ଶ୍ରଦ୍ଧା, ଭକ୍ତି ଆକର୍ଷଣ କରେ । ଗୀତା ଯେପରି ସତ୍ୟ, ତାହାର ଜନ୍ମାନ୍ତର ବାଦ ସେହିପରି ସତ୍ୟ । ଭଗବଦ୍‌ଗୀତା ଧର୍ମ-କ୍ଷୀରସାଗରର ସାର ନବନୀତ ।

ନିତ୍ୟ ଦୃଶ୍ୟମାନ ବିଷୟରେ ସୁଦ୍ଧା ଜନ୍ମାନ୍ତରର ପ୍ରମାଣ ଅପ୍ରଚୁର ନୁହେ । ଜଳ ବୁଦ୍‌ବୁଦ୍ ଫାଟି ଯାଇ ଜଳରେ ମିଶିଯାଏ, ସେହି ଜଳ ପୁଣି ବୁଦ୍‌ବୁଦ ଆକାର ଧରେ । ଏହିପରି ବହୁ ଦୃଷ୍ଟାନ୍ତ ସଂଗ୍ରହ କରି ଯାଇପାରେ । ବାୟୁରେ ଅମ୍ଳଯାନ, ଅଙ୍ଗାରଯାନ ନାମରେ ଦୁଇଟା ବାଷ୍ପ ଅଛି । ଅମ୍ଳଯାନ ନିଃଶ୍ୱାସଦ୍ୱାରା ଦେହ ଭିତରକୁ ଯାଉଅଛି, ପୁଣି ସେ ଅଙ୍ଗାରଯାନ ହୋଇ ପ୍ରଶ୍ୱାସରେ ବାହାରି ଆସୁଅଛି । ଅମ୍ଳଯାନ ନଷ୍ଟ ହେଉ ନାହିଁ—ରୂପାନ୍ତର ପ୍ରାପ୍ତ ହେଉଅଛି । ବୃକ୍ଷମାନେ ସେହି ଅଙ୍ଗାରଯାନକୁ ନିଃଶ୍ୱାସରେ ଟାଣି ନେଇ ତାକୁ ଅମ୍ଳଯାନ କରି ଛାଡ଼ୁଅଛନ୍ତି । ଏହିପରି ରୂପାନ୍ତର ସର୍ବଦା ଲାଗିଅଛି । ସେହି ରୂପାନ୍ତର ହିଁ ଜନ୍ମାନ୍ତର । ଏହି ପରିବର୍ତ୍ତନ ବା ରୂପାନ୍ତର ସୃଷ୍ଟିର ବୈଚିତ୍ର୍ୟ । ସୃଷ୍ଟି ପରେ ପ୍ରଳୟ ହେଉଅଛି, ପୁଣି ନୂତନ ସୃଷ୍ଟି ହେଉଅଛି । ଏହିପରି କ୍ରମାନ୍ୱୟ ଲାଗିଅଛି । ଏହା ସବୁ ଦେଖି ଜନ୍ମାନ୍ତର ମିଥ୍ୟା ବୋଲି କହିବାକୁ କିଏ କି ପ୍ରମାଣ ବଳରେ ସାହାସୀ ହୋଇ ପାରିବ ।

## ଗ୍ରାମଦେବତା

**ଶ୍ରୀ ପରମାନନ୍ଦ ଅଗ୍ରୱାଲ**

ଆମ୍ଭମାନଙ୍କ ଦେଶରେ ପ୍ରତ୍ୟେକ ଗ୍ରାମରେ ଗ୍ରାମ ଦେବତା ଅଛନ୍ତି—ସେହି ଦେବତାର ପୂଜା-ଆରାଧନାର ବିଧି ଆମ୍ଭମାନଙ୍କୁ ବିଶେଷ ଭାବରେ ଜଣାଅଛି । ବିବାହ ଉପନୟନରେ ଗ୍ରାମ ଦେବତାଠାରେ ପୂଜା ନ ହେଲେ 'ମଙ୍ଗଳନ' ହୁଏ ନାହିଁ । ଘରେ ପୂଜାଟିଏ ହେଲେ ପଞ୍ଚ ଦେବତାଙ୍କର ଆବାହନ ସହିତ ଗ୍ରାମ ଦେବତାଙ୍କୁ ଅବାହନ କରିଯାଏ । ଏଣୁ ଏହି ଗ୍ରାମ ଦେବତାଙ୍କର ଇତିବୃତ୍ତ ଜାଣିବାକୁ କାହାର ସ୍ୱତଃ ପ୍ରବୃତ୍ତି ନ ହେବ ?

ଘଟ ପୂଜାବେଳେ ପୁରୋହିତ "ଯଦ୍ ଗ୍ରାମେ, ଯଦରଣ୍ୟେ" ଇତ୍ୟାଦି ମନ୍ତ୍ର ଉଚ୍ଚାରଣ କରି "ଗ୍ରାମ ଦେବତାଭ୍ୟୋ ନମଃ, ଗ୍ରାମ ଦେବତାମାବାହୟାମି, ଗ୍ରାମ ଦେବତା ଅନାଗଚ୍ଛ" ଇତ୍ୟାଦି ମନ୍ତ୍ର

ଉଚ୍ଚାରଣ କରିଥାନ୍ତି । ଏହି ମନ୍ତ୍ର ଶୁକ୍ଳ ଯଜୁର୍ବେଦାନ୍ତର୍ଗତ କାଣ୍ୱ ସଂହିତା କା ୪୧ ଶା ମନ୍ତ୍ର ପୋଥିରେ ସ୍ଥାନ ପାଇଅଛି । ଓଡ଼ିଶାରେ ଯଜୁର୍ବେଦ ସଂହିତାର କାଣ୍ୱ ଶାଖା ସୁପରିଚିତ । ସାମ ବେଦର ମନ୍ତ୍ରରେ ମଧ୍ୟ ଗ୍ରାମ ଦେବତାର ଏହିପରି ଉଲ୍ଲେଖ ଅଛି । "ଯଦ୍ ଗ୍ରାମେଷୁ ପ୍ରତିଷ୍ଠାମି ଦେବୀ ତଦ୍ ଗ୍ରାମେଷୁ ପ୍ରତିଷ୍ଠାଭି-ରକ୍ଷିତ, ତଦମ୍ବିକା କୃପୟା ତଦନ୍ତ୍ରି ଯେଣ ତଦେଶ୍ୱରୀ ମାଂ ଦେବୀଭ୍ୟଃ" ଇତ୍ୟାଦି । ଏଣୁ ଗ୍ରାମ ଦେବତା ଯେ ବୈଦିକ ଯୁଗର ଦେବତା ଏଥିରେ ସନ୍ଦେହ କରାଯାଇ ନ ପାରେ ।

ଭାରତର ଶାକ୍ତମତାବଲମ୍ବୀମାନେ ଦେବୀଙ୍କର ଆରାଧନା କରିବା ପ୍ରଥା ଅତି ପ୍ରାଚୀନ, ଏପରି କି ବୈଷ୍ଣବ ଧର୍ମର କୃଷ୍ଣ ବାସୁଦେବଙ୍କ ଠାରୁ ମଧ୍ୟ ପ୍ରାଚୀନତର । ବେଦରେ ଦେବୀମାନଙ୍କର ବର୍ଣ୍ଣନା ବିଶେଷ ଭାବରେ ଦେଖାଯାଏ ନାହିଁ । 'ଯେକବି' ସାହେବ ବେଦରୁ ମିଳିଥିବା କେତୋଟି ଦେବୀର ନାମ ଉଲ୍ଲେଖ କରି ଅଛନ୍ତି । ସାମ ବେଦର ମନ୍ତ୍ରରେ ଅମ୍ବିକାଙ୍କର ନାମ ଉଲ୍ଲେଖ ଥିବାର ଦେଖା ଯାଉଅଛି । ସାମବେଦ ବା ଯଜୁର୍ବେଦର ଯେଉଁ ଅଂଶରେ ଗ୍ରାମ ଦେବତା ଉଲ୍ଲେଖ ଅଛି, ତାହାର ପ୍ରାଚୀନତା ବେଦର ସମକାଳୀନ କି ନା କହିବା କଠିନ । ଶାକ୍ତ ଧର୍ମର ଦେବୀଙ୍କ ସହିତ ସେହି ଦେବୀମାନଙ୍କ ନାମର ଐକ୍ୟ ଥିଲେ ମଧ୍ୟ ତାହା ଶାକ୍ତ ଭାବାପନ୍ନ ବୋଲି ପ୍ରତିପାଦନ କରିବା କଠିନ । କେବଳ ମହାଭାରତରେ ଶାକ୍ତ ଧର୍ମର ଦେବୀଙ୍କର ମୂର୍ତ୍ତି ପ୍ରକାଶ ପାଇଅଛି । ମାତ୍ର ଗ୍ରାମ ଦେବତାର ଉପାସନା ଶାକ୍ତ ମୂଳକ ବା ସ୍ୱତନ୍ତ୍ର ତାହାର କୌଣସି ତଥ୍ୟ ଜଣା ଯାଇନାହିଁ ।

ନାନା ସ୍ଥାନରେ ଦେବୀ ବିରାଜମାନ କରିବାର କଥା ଶ୍ରୀମଦ୍ ଭାଗବତରେ ଲିଖିତ ଥିବାର ଦେଖାଯାଏ । ବିଶ୍ୱାତ୍ମା ଭଗବାନ ଯୋଗମାୟାଙ୍କୁ ଦଶମ ସ୍କନ୍ଧର ୨ୟ ଅଧ୍ୟାୟରେ କହିଅଛନ୍ତି:—

ଗଚ୍ଛ ଦେବି ବ୍ରଜଂ ଭଦ୍ରେ ଗୋପ ଗୋଭିରଲଙ୍କୃତଂ,
ରୋହିଣୀ ବାସୁଦେବସ୍ୟ ଭାର୍ଯ୍ୟାସ୍ତେ ନନ୍ଦ ଗୋକୁଳେ,
ଅନ୍ୟାଶ୍ଚ କଂସ ସଂବିଗ୍ନା ବିବରେଷୁ ବସନ୍ତି ହି । ୭ ।
ଦେବକ୍ୟା ଜଠରେ ଗର୍ଭଂ ଶେଷାଖ୍ୟଂ ଧାମ ମାମକମ୍,
ତତ୍ ସନ୍ନିକୃଷ୍ୟ ରୋହିଣ୍ୟା ଉଦରେ ସନ୍ନିବେଶୟ । ୮
ଅଥାହମଂଶ ଭାଗେନ ଦେବକ୍ୟାଃ ପୁତ୍ରତାଂ ଶୁଭେ,
ପ୍ରାପ୍ସ୍ୟାମି ତ୍ୱଂ ଯଶୋଦାୟାଂ ନନ୍ଦପତ୍ନ୍ୟାଂ ଭବିଷ୍ୟସି । ୯
ଅର୍ଚ୍ଚିଷ୍ୟନ୍ତି ମନୁଷ୍ୟାସ୍ତ୍ୱାଂ ସର୍ବକାମବରେଶ୍ୱରୀମ୍,
ଧୂପୋପହାରବଳିଭିଃ ସର୍ବକାମବରପ୍ରଦାମ୍ । ୧୦
ନାମ ଧେୟାନି କୁର୍ବନ୍ତି ସ୍ଥାନାନି ଚ ନରା ଭୁବି,
ଦୁର୍ଗେତି ଭଦ୍ରକାଳୀତି ବିଜୟା ବୈଷ୍ଣବୀତି ଚ । ୧୧
କୁମୁଦା ଚଣ୍ଡିକା କୃଷ୍ଣା ମାଧବୀ କନ୍ୟକେତି ଚ,
ମାୟା ନାରାୟଣୀଶାନୀ ଶାରଦେତ୍ୟମ୍ବିକେତି ଚ । ୧୨

ତତ୍ପରେ କୃଷ୍ଣ ଜନ୍ମ ପରେ ସଦ୍ୟୋଜାତା କନ୍ୟାକୁ ହତ୍ୟା ନ କରିବା ପାଇଁ ଦେବକୀ କଂସଙ୍କୁ ବହୁ ପ୍ରାର୍ଥନା କରିଥିଲେ । ମାତ୍ର ଦୁରାତ୍ମା କଂସ ତାଙ୍କୁ ଭର୍ତ୍ସନା କରି ତାଙ୍କର କୋଳରୁ ସେହି କନ୍ୟାକୁ ବଳପୂର୍ବକ ଟାଣି ଆଣିଲା ଓ ଭଗିନୀପୁତ୍ରୀର ପାଦ ଧରି ଶିଳା ଉପରେ କଚାଡ଼ି ଦେବା ଅଭିପ୍ରାୟରେ ଉପରକୁ ଫିଙ୍ଗି ଦେଲା । ଦଶମ ସ୍କନ୍ଧ ୪ର୍ଥ ଅଧ୍ୟାୟରେ ଦେବୀଙ୍କର ବର୍ଣ୍ଣନା ଅଛି ।

ସା ତଦ୍ଧସ୍ତାତ୍ ସମୁତ୍ପତ୍ୟ ସଦ୍ୟୋ ଦେବ୍ୟମ୍ବରଂ ଗତା
ଅଦୃଶ୍ୟତାନୁଜା ବିଷ୍ଣୋ ସାୟୁଧାଷ୍ଟ ମହାଭୁଜା । ୯ ।
ଦିବ୍ୟସ୍ରଗମ୍ବରାଲେପ ରତ୍ନାଭରଣଭୂଷିତା
ଧନୁ ଶୂଳେଷୁ ଚର୍ମାସି ଶଙ୍ଖ ଚକ୍ର ଗଦାଧରା । ୧୦ ।
ସିଦ୍ଧ ଚାରଣ ଗନ୍ଧର୍ବୈରପ୍ସରଃ କିନ୍ନରୋରଗୈଃ
ଉପାହୃତୋରୁବଳିଭିଃ ସ୍ତୂୟମାନେଦମବ୍ରବୀତ୍ । ୧୧ ।
କିଂ ମୟା ହତୟା ମନ୍ଦ ଜାତଃ ଖଲୁ ତବାନ୍ତକୃତ୍
ଯତ୍ର କ୍ୱ ବା ପୂର୍ବ ଶତ୍ରୁର୍ମା ହିଂସୀଃ କୃପଣାନ୍ ବୃଥା । ୧୨ ।
ଇତି ପ୍ରଭାଷ୍ୟ ତାଂ ଦେବୀ ମାୟା ଭଗବତୀ ଭୁବି
ବହୁନାମ ନିକେତେଷୁ ବହୁ ନାମା ବଭୂବ ହ । ୧୩ ।

ଉଦ୍ଧୃତ ଶ୍ଳୋକଗୁଡ଼ିକର ମର୍ମାନୁବାଦ ଜଗନ୍ନାଥ ଦାସଙ୍କର ଭାଗବତରେ ଯାହା ବର୍ଣ୍ଣିତ ଅଛି ତାହା ତଳେ ଦିଆଗଲା ।

ଦୁର୍ଗାଙ୍କୁ ନିକଟେ ବସାଇ । କହନ୍ତି ପ୍ରଭୁ ଭବତ୍ରାହି ॥
ଅମ୍ବିକା ଶୁଣ ମୋ ଉତ୍ତର । ବହନ ଯାଅ ମଥୁପୁର ॥
ମଥୁରା କଂସ ବନ୍ଦୀ ଘରେ । ମିଳିବୁ ପ୍ରଥମ ପ୍ରହରେ ॥
ବନ୍ଦ କରିଛି କଂସ ରାୟେ । ଏକ ଶାଙ୍କୁଳି ବେନି ପାଏ ॥
ବସୁଦେବଙ୍କୁ ଯେତେବେଳେ । ଧରି ଆଣିଲା କଂସ ବଳେ ॥
ତାହାର ପତ୍ନୀ ନନ୍ଦ ଘରେ । ଯାଇ ଲୁଚିଲା କଂସ ଡରେ ॥
ରୋହିଣୀ ନାମେ ବିଦ୍ୟମାନ । ତାହାର ଗର୍ଭ ଅଛି ଶୂନ୍ୟ ॥
ଦେବକୀ ଦେହୀ ନିଦ୍ରାକାଳେ । ଗର୍ଭ ହରିବୁ ଯୋଗବଳେ ॥
ମିଳିବୁ ନନ୍ଦ ଘରେ ଯାଇ । ରୋହିଣୀ ଗର୍ଭେ ତାହା ଥୋଇ
ଜନ୍ମିବୁ ଯଶୋଦା ଉଦରେ । ମୁଁ ପୁଣି ଯିବି ମଥୁପୁରେ ॥
ଦେବକୀ ଗର୍ଭେ ହେବି ଜାତ । ଜଗତେ ହୋଇବି ବିଦିତ ॥
ମୋତେ ଯେଜଣ ଯିବେ ତାତ । ଯଶୋଦା ଗର୍ଭେ ତୁ ଯେ ଜାତ ।
ତୋତେ ଆଣିବେ ମୋତେ ଥୋଇ । ଏ କଥା ନ ଜାଣିବେ
                                    କେହି ॥
ଏମନ୍ତେ କଂସର କରେଣ । ହସି କହନ୍ତି ନାରାୟଣ ॥
ଲୋକେ ବୋଲିବେ ତୁ ଯେ ଜାତ । ଜଗତେ ହୋଇବୁ ବିଖ୍ୟାତ ।
ସର୍ବେ କରିବେ ତୋତେ ପୂଜା । ଅନେକ ଦେବେ ବଳିବେହିତା
ଭକ୍ତିରୁ ହୋଇବୁ ପ୍ରସନ୍ନ । ଅନେକ ହେବ ତୋର ନାମ ॥
ମାୟା, ବିଜୟା, ଭଦ୍ରାକାଳୀ । ଚଣ୍ଡିକା, କୁମୁଦା କଙ୍କାଳୀ ॥
କନ୍ୟକା କୃଷ୍ଣା ଯେ ମାଧବୀ । ଇଶାନୀ, ଶାରଦା, ବୈଷ୍ଣବୀ ॥
ଦୁର୍ଗା, ଅମ୍ବିକା, ନାରାୟଣୀ । ଏରୂ ଅନେକ ନାମ ଭଣି ॥



Digitized by srujanika@gmail.com

ଗ୍ରାମ ଗ୍ରାମକେ କରି ସ୍ଥାନ । ପୂଜନ୍ତେ ହୋଇବୁ ପ୍ରସନ୍ନ ॥
ଅନ୍ତ କହିବ ମୁହିଁ କେତେ । ଅନେକ ନାମ ତୋ ଜଗତେ ॥
ପୂଜା କରିବେ ସର୍ବ ଜନେ । ରାଜା ପରଜା ସ୍ଥାନେ ସ୍ଥାନେ ॥
ସ୍ତୁତି ପଠନ ମନ୍ତ୍ର ଧ୍ୟାନ । ଷୋଡ଼ଶ ଉପଚାରମାନ ॥
ଶୁଣ ବଚନ ଆଦିମାତା । ଫେଡ଼ ଦେବକୀ ଦୁରବସ୍ଥା ॥

ବ୍ରଜକିଶୋର ଦାସଙ୍କର ପ୍ରକାଶିତ ଭାଗବତ ଦଶମ ସ୍କନ୍ଧ

୩ୟ ଅଧ୍ୟାୟ ୧୨ ପୃଷ୍ଠା

*     *     *

ଗୃହିଙ୍କ ଅଧର କାମୋଡ଼ି । କୋଳରୁ ଆଣିଲା ଉଁଝୁଡ଼ି ॥
ବେନି ଚରଣ ଧରି କରେ । ବୁଲାଇ ପିଟିଲା ଶିଳାରେ ॥
ଯେ ଦେବୀ ଜଗତ ସଂହାରେ । କାହାର ବଳ ତାକୁ ମାରେ ॥
କଂସ ହସ୍ତରୁ ଗଲେ ଚଳି । ଗଗନେ ଯେସନେ ବିଜୁଳି ॥
ତେଜେ ଦଶ ଦିଗ ବିରାଜେ । ବେନି ଚରଣ ଅଷ୍ଟ ଭୁଜେ ॥
କେ କହୁ ଦେବୀ ଆଭରଣ । ଅଙ୍ଗଦ ନୂପୁର କଙ୍କଣ ॥
ଗନ୍ଧ ଚନ୍ଦନ ପୁଷ୍ପମାଳ । ତେତିଶ କୋଟି ଦେବେ ମିଳି ।
ସ୍ତୁତି କରନ୍ତି ସୁର ମୁନି । କଂସକୁ କହନ୍ତି ଭବାନୀ ॥
ରେ କଂସ ଶୁଣ ମୋ ଉତ୍ତର । ତୋର ବଇରି ଚକ୍ରଧର ॥
ସେ ତୋତେ କରିବେ ସଂହାର । ଆବର ଯେତେକ ଅସୁର ॥
ତୋହର ପାଇଁ ଦେହ ବହି । ଜାତ ହୋଇଲେ ଯହିଁ ତହିଁ ॥

*     *     *

ଦେବୀ ଚଳିଲେ ନିଜ ସ୍ଥାନ । ଉଚାଟ କରି କଂସ ମନ ॥

୪ଥ ଅଧ୍ୟାୟ ୨୪ ପୃଷ୍ଠା

ବିବାହର ପୂର୍ବ ଦିନ 'ମଙ୍ଗଳନ' ନାମରେ ଉତ୍କଳର ସର୍ବତ୍ର ଅଭିହିତ ହୁଏ । 'ମଙ୍ଗଳନ' ଦିନ ବର-କନ୍ୟାର ଆତ୍ମୀୟଗଣ ପୂଜା ସାମଗ୍ରୀ ଧରି ରାତିରେ ଠାକୁରାଣୀ ମନ୍ଦିରକୁ ଯାନ୍ତି । ସେମାନଙ୍କ ସଙ୍ଗରେ ମଧ୍ୟ ବାଦ୍ୟାଦି ଥାଏ । ଏବେ 'ମଙ୍ଗଳ' ଦିନ ଗ୍ରାମର ଠାକୁରାଣୀଙ୍କ ପାଖକୁ କନ୍ୟା ଯିବାର ଦେଖାଯାଏ ନାହିଁ । ମାତ୍ର ଶ୍ରୀମଦ୍ ଭାଗବତର ବର୍ଣ୍ଣନାରୁ ଦେଖାଯାଏ ଯେ ସେତେବେଳେ କନ୍ୟା ନିଜେ ଦେବୀଙ୍କର ପୂଜା କରିବାକୁ ଯାଉଥିଲା । ଦଶମ ସ୍କନ୍ଧର ୫୨ ଅଧ୍ୟାୟରେ ରୁକ୍ମିଣୀ ଶ୍ରୀକୃଷ୍ଣଙ୍କୁ ଯେଉଁ ଚିଠାଉ ଲେଖିଥିଲେ ସେଥିରେ ଏହି 'ମଙ୍ଗଳନ' ବିଷୟର ଉଲ୍ଲେଖ ଅଛି । ଯଥା :—

ଅନ୍ତଃପୁରାନ୍ତରଚରୀମନିହତ୍ୟ ବନ୍ଧୂନ୍,
ତ୍ୱାମୁଦ୍ୱହେ କଥମିତି ପ୍ରବଦାମ୍ୟୁପାୟମ୍ ।
ପୂର୍ବେଦ୍ୟୁରସ୍ତି ମହତୀ କୁଳଦେବୀଯାତ୍ରା,
ଯସ୍ୟାଂ ବହିର୍ନବବଧୂ ଗିରିଜାମୁପେୟାତ୍ । ୪୨ ।

ଅର୍ଥାତ୍—ଆପଣ ଯଦି କହନ୍ତି ଯେ ତୁମ୍ଭର ବନ୍ଧୁଗଣଙ୍କୁ ବଧ ନ କରି କିରୂପେ ଅନ୍ତଃପୁରଚାରିଣୀ ତୁମ୍ଭଙ୍କୁ ଗ୍ରହଣ କରିବି, ତାହାହେଲେ ତାହାର ଉପାୟ ମଧ୍ୟ କହୁଅଛି । ବିବାହର ପୂର୍ବ ଦିନ ମହା ସମାରୋହସହକାରେ ଆମ୍ଭର କୁଳଦେବତାଙ୍କଠାକୁ ଯିବାର ପ୍ରଥା ଅଛି । ନବ ବଧୂ ଏହି ଉପଲକ୍ଷରେ ଘରର ବାହାରେ ଥିବା ଅମ୍ବିକା ଦେବୀଙ୍କ ମନ୍ଦିରକୁ ଯାଇଥାନ୍ତି ।

ଜଗନ୍ନାଥ ଦାଶ ଏହି ବିଷୟ ଠିକ୍ ଅନୁବାଦ କରି ଲେଖିଅଛନ୍ତି ।

ରାତି ପାହିଲେ ଅଧିବାସ
ହୋଇବ ମଙ୍ଗଳ ଦିବସ ।

*     *     *

ହେ ନାଥ ଭକ୍ତ ଅବା ଶତ୍ରେ । ମୁଁ ତୋତେ ଆଣିବ କେମନ୍ତେ ॥
ରାଜାର ଅନ୍ତଃପୁରେ ଥାଇ । ତୋତେ ପାଇବ ମୁହିଁ କାହିଁ ॥
ତହିଁ କି କହିବ ଉପାୟ । ଶୁଣିବା ପ୍ରଭୁ ଦେବ ରାୟ ॥
ଆମ୍ଭର ଅଛି କୁଳାଚାର । କନ୍ୟାକୁ କରନ୍ତି ବାହାର ॥
ଭବାନୀ ପୂଜିବା ନିମନ୍ତେ । ଅମ୍ବିକା ଗୃହ ଗ୍ରାମ ଅନ୍ତେ ॥
ଯାତ୍ରା ଉତ୍ସବେ ମୁହିଁ ଯିବି । ଭବାନୀ ଚରଣେ ପୂଜିବି ॥
ପଥେ ଆସିବା ବେଳେ ମୋତେ । ରାଜାଏ ଦେଖିବେ ସମସ୍ତେ ॥
ଥିବି ମୁଁ ସ୍ତ୍ରୀଗଣଙ୍କର ମେଳେ । ସେଠାରୁ ନିଅ ମୋତେ ବଳେ ॥

୫୩ ଅଧ୍ୟାୟ—ପୃ ୨୧୪ ଷ୍ଠା

ରୁକ୍ମିଣୀଙ୍କର ଅମ୍ବିକାଦେବୀଙ୍କ ମନ୍ଦିର ଗମନ ବର୍ଣ୍ଣନା ଆଧୁନିକ ମଙ୍ଗଳନ ଯାତ୍ରା ସହିତ ଏକ ଥିବାର ଦେଖାଯାଏ ।

ଉଦ୍ଧୃତାଂଶରୁ 'ବହୁନାମ ନିକେତେଷୁ ବହୁନାମ୍ନୀ ବଭୂବହ ।' କଥା ଗୁଡ଼ିକ ଅର୍ଥ ଟୀକାକାର ଲେଖିଅଛନ୍ତି 'ବହୁନାମ ନିକେତେଷୁ' (ବାରାଣସ୍ୟାଦି ବହୁନାମ ଧାମ କ୍ଷେତ୍ରେଷୁ) ଓ ବହୁନାମ୍ନୀ (ଅନେକ ନାମାଭିଃ ଅନ୍ନପୂର୍ଣ୍ଣାଦିଭିଃ ଖ୍ୟାତା) । ମାତ୍ର ଏହାର ଅର୍ଥ ସେତେ ଦୂର ସଙ୍ଗତ ହେଉ ନାହିଁ । କାରଣ ଅନ୍ୟତ୍ର 'ନାମଧେୟାନି' ଓ 'ସ୍ଥାନାନି' ଶବ୍ଦ ଗୁଡ଼ିକର ଅର୍ଥ ପରି 'ବହୁନାମା ଓ 'ବହୁନାମ ନିକେତେଷୁ'' ଶବ୍ଦର ବ୍ୟାପକ ଅର୍ଥ ଅଛି । 'ବାରାଣସୀ' ଓ ଅନ୍ନପୂର୍ଣ୍ଣା ଅର୍ଥଟି ଟାଣି ଓଟାରି ଅର୍ଥ କଲା ପରି ଜଣା ଯାଉଅଛି । 'ବହୁନାମ ନିକେତେଷୁ'ର ଅର୍ଥ ଦେବୀଙ୍କର ପୀଠ ସ୍ଥାନ ବୋଲି ବଲ୍ଲଭାଚାର୍ଯ୍ୟ କହିଅଛନ୍ତି । ଏପରି ଅର୍ଥରେ ବୈଷ୍ଣବ ଧର୍ମର ଏହି ଦେବୀ ଶାକ୍ତ ଧର୍ମର ଦେବୀଙ୍କଠାରୁ ପୃଥକ ବୋଲି ସ୍ୱୀକାର କରାଯାଇ ନାହିଁ । ଶାକ୍ତଧର୍ମାବଲମ୍ବୀମାନଙ୍କୁ ଦେବୀଙ୍କ ଠାରେ ଅଭେଦତ୍ୱ ଦର୍ଶାଇ ବୈଷ୍ଣବ ଧର୍ମ ପ୍ରତି ଆକୃଷ୍ଟ କରିବା ଭାଗବତ ପ୍ରଣେତାଙ୍କର ବିଶେଷ ପ୍ରଚ୍ଛନ୍ନ ଉଦ୍ଦେଶ୍ୟ ଥିବାର ଅନୁମିତ ହୁଏ ନାହିଁ କି? ପ୍ରଚଳିତ ଗ୍ରାମ ଦେବତାରୁ ଶାକ୍ତ ମତର ବିକାଶ ପରେ ଦେବୀଙ୍କଠାରେ ବୈଷ୍ଣବୀ ଭାବ ଆରୋପଣ କରିବା ବୈଷ୍ଣବ ମତର ବିଶେଷତ୍ୱ । ଏଣୁ ବୈଷ୍ଣବ ମତକୁ ଶାକ୍ତମତଠାରୁ ଅପେକ୍ଷାକୃତ ଆଧୁନିକ ବୋଲି ମନେହୁଏ । ଯାହାହେଉ ଶ୍ରୀମଦ୍ଭାଗବତରୁ ଏତିକି ସ୍ପଷ୍ଟ ପ୍ରମାଣିତ ହେଉଅଛି ଯେ ଗ୍ରନ୍ଥକାରଙ୍କ ସମୟରେ ଦେଶରେ ଗ୍ରାମଦେବତାଙ୍କର ପୂଜା ପ୍ରଚଳିତ ଥିଲା ଓ ତଦନୁସାରେ ଆମ୍ଭମାନଙ୍କର ସାମାଜିକ ରୀତିନୀତି ଗୁଡ଼ିକ ଗଢ଼ା ଯାଇଥିଲା ଓ ଅଦ୍ୟାପି ପ୍ରଚଳିତ ଅଛି ।



Digitized by srujanika@gmail.com

# ସୃଷ୍ଟିର ବୈଚିତ୍ର୍ୟ

**ଡାକ୍ତର ଶ୍ରୀ କ୍ଷୀରୋଦ ଚନ୍ଦ୍ର ପାଲ**

ସାରା ସୃଷ୍ଟି ଗୋଟିଏ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଓ ବିଧାନରେ ନିୟନ୍ତ୍ରିତ କିନ୍ତୁ ଏଥିରେ ମଧ୍ୟ ବ୍ୟତିକ୍ରମ ଘଟୁଅଛି—ସେହି ବ୍ୟତିକ୍ରମ କି ସ୍ରଷ୍ଟାଙ୍କର ଭ୍ରମ ହୋଇ ପାରେ ? ତାହା ତାହାଙ୍କର ସୃଷ୍ଟିର ରହସ୍ୟ ମାତ୍ର । ଏହିପରି କେତୋଟି ବିଚିତ୍ର ବିଷୟ ବିବୃତ ହେଉଅଛି ।

## ଚବିଶ ଆଙ୍ଗୁଳିଆ ଲୋକ

ଏହି ସାଇକେଲ, ମଟର, ଏରୋପ୍ଲେନ ଯୁଗରେ ଗୋରୁ ଗାଡ଼ିରେ ବସି ଗମନାଗମନ କରିବା ଗୋଟାଏ ହାସ୍ୟଜନକ ବ୍ୟାପାର ହେଲେ ମଧ୍ୟ ଅଗତ୍ୟା ଗାଡ଼ିରେ ଯାଉଁ ଯାଉଁ ହଠାତ୍




ଚବିଶ ଅଙ୍ଗୁଳିଆ ଲୋକ

ଗାଡ଼ି ଚାଳକର ହସ୍ତ ପ୍ରତି ମୋର ଦୃଷ୍ଟି ପଡ଼ିଗଲା—ଦେଖିଲି, ତାହାର ଡାହାଣ ହାତର କନିଷ୍ଠାଙ୍ଗୁଳିରେ ଆଉ ଗୋଟିଏ ଅଙ୍ଗୁଳି ଅଛି । ମୁଁ ତାକୁ ପଚାରିଲି "ତୁମେ ଛ ଅଙ୍ଗୁଳିଆ କି ?"

ଉତ୍ତର ମିଳିଲା—"ମୁଁ ଛ ଅଙ୍ଗୁଳିଆ ନୁହେଁ, ଚବିଶ ଅଙ୍ଗୁଳିଆ ।" ଦେଖିଲି ତାହାର ହାତର ଓ ପାଦର କନିଷ୍ଠାଙ୍ଗୁଳିରେ ଗୋଟିଏ ଲେଖାଏଁ ଅଙ୍ଗୁଳି ରହିଅଛି । ମାତ୍ର କୌଣସି କାର୍ଯ୍ୟରେ ଆସେ ନାହିଁ କି ବାଧା ଦିଏ ନାହିଁ । ସେ ହଳ କରେ—କାଠ କାଟେ—ଦୌଡ଼ି ପାରେ—ଖାଇ ପାରେ—ଜାତି ବ୍ୟବସା କରେ, ତାହାର କିଛି ଅସୁବିଧା ହୁଏ ନାହିଁ । ତାର ନାମ—ମୁନା ବିଦ୍ଧାଣୀ—ବୟସ ପ୍ରାୟ ୧୪ ବର୍ଷ, ସୁସ୍ଥ ସବଳ, ଜାତିରେ କମାର । ଘର ପାହାଡ଼ପୁର, ବହଳଦା ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ—ପିତା ମଧ୍ୟ ବାଇଶ ଅଙ୍ଗୁଳିଆ—ହାତର କନିଷ୍ଠାଙ୍ଗୁଳି ପାଖରେ ଗୋଟିଏ ଲେଖାଏଁ ଅଙ୍ଗୁଳି ଅଛି ।

## କଦଳୀ ଗଛ

ପ୍ରକୃତିର ଲୀଳା କି ଗୂଢ଼ ରହସ୍ୟମୟ । ରହସ୍ୟ ଭେଦ ପାଇଁ ପୁଙ୍ଖାନୁପୁଙ୍ଖରୂପେ ଯେତେ ପ୍ରକୃତ ପର୍ଯ୍ୟବେକ୍ଷଣ କରିଯାଏ, ରହସ୍ୟ ସେତିକି ଗୂଢ଼ରୁ ଗୂଢ଼ତର ହୋଇ ଉଠେ । ଜୀବଜଗତରେ ପ୍ରକୃତିର ଲୀଳା ଯେପରି ଉଦ୍ଭିଦ୍ ଜଗତରେ ମଧ୍ୟ ତଦ୍ରୂପ—କଦଳୀ



କଦଳୀ ଗଛ ମଝିରେ କାନ୍ଦି

ଗଛରେ ସାଧାରଣତଃ ଗଛ ଅଗରୁ ଭଣ୍ଡା ପଡ଼େ—ତହିଁରେ କଦଳୀ ଫଳେ । ଏହା ହିଁ ପ୍ରକୃତିର ନିୟମ । କିନ୍ତୁ ଏ କଦଳୀ



Digitized by srujanika@gmail.com

ଗଛଟି ପ୍ରକୃତିର ନିୟମ ଲଙ୍ଘନ କରିଛି । ଏପରି ନିୟମ ଲଙ୍ଘନ ଜୀବ ଜଗତରେ ହେଉଅଛି । ଗର୍ଭ ସଞ୍ଚାର ଜରାୟୁରେ ନ ହୋଇ ସ୍ତ୍ରୀଲୋକର ଡିମ୍ବ ବାହିନଳରେ (fallopian tube) ହେବାର ଅନେକ ଦେଖାଯାଏ । କିନ୍ତୁ ଏ କଦଳୀ ଗଛଟିରେ ଯାହା ହୋଇ ଅଛି ତାହା ଅଶ୍ରୁତପୂର୍ବ । ଏ କଦଳୀ ଗଛଟି ପାଟକପୁରି ଜାତୀୟ—ଉଚ୍ଚ ୮ ଫୁ ୬ ଇ, ମୂଳଟି ୪୮ ଇଞ୍ଚ ମୋଟା । ଏ ପୁହାଟି ବାଡ଼ରେ ଥିବା କଦଳୀ ଝାଡ଼ରୁ ଗତ ବର୍ଷ ସ୍ଥାନାନ୍ତରିତ କରି ହୋଇଥିଲା । ପ୍ରଥମେ ଗଛଟିର ମଧ୍ୟଭାଗ ମୋଟା ଦେଖାଗଲା । ଏ ଫୁଲା ଅଂଶଟିର ପରିଧି ୧୭ଇଞ୍ଚ । ପରେ ଗଛଟିର ମଧ୍ୟ ସ୍ଥଳରେ ମୂଳରୁ ଅଗ୍ରଭାଗର କଞ୍ଚିତ ତଳ ପର୍ଯ୍ୟନ୍ତ ଲମ୍ବ ଭାବରେ ଫାଟି ଯାଇଥିବାର ଦେଖାଗଲା । ଫୁଲା ଅଂଶଟି ଅପେକ୍ଷାକୃତ ବେଶି ଫାଟି-ଯାଇଅଛି—ତହିଁରୁ କଦଳୀସହ ଭଣ୍ଡାର ସମସ୍ତ ଅଂଶ ବଙ୍କା ହୋଇ ଭିତରେ ରହିଅଛି । ପରେ କଦଳୀ କାନ୍ଧିଟିର ଭଣ୍ଡା ସହ ସମସ୍ତ ଅଂଶ ପଦାକୁ ବାହାରି ପଡ଼ିଲା—ଏହି ଭଣ୍ଡାଟି ସାଧାରଣ ଭଣ୍ଡାଠାରୁ ଖୁବ୍ ଛୋଟ । ଛବିରୁ ସମସ୍ତ ସ୍ପଷ୍ଟ ବୁଝାଯିବ । ଏହି ଗଛଟି ବହଳଦାର P.W.D. ଷ୍ଟୋର୍କିପରର ବାବୁ ଭଗବାନ ଚନ୍ଦ୍ର ନାୟକଙ୍କ କ୍ୱାର୍ଟରରେ ଥିଲା ।

## ଛ ଗୋଡ଼ିଆ ଛୁଆ

ପଶୁ କହିଲେ ସମସ୍ତଙ୍କ ଧ୍ରୁବ ଧାରଣା ହେବ ଯେ—ତାହାର ଚାରୋଟି ଗୋଡ଼, ଗୋଟିଏ ଲାଞ୍ଜ, ଗୋଟିଏ ମଳଦ୍ୱାର, ଗୋଟିଏ ପରିଶ୍ରାଦ୍ୱାର ସହ ପ୍ରସବଦ୍ୱାର । କିନ୍ତୁ ଏ ଜନ୍ତୁଟିର ଅଙ୍ଗ ପ୍ରତ୍ୟଙ୍ଗ



ଗୋଟିଏ ଗାଈର ଛଅ ଗୋଡ଼

ଅଦ୍ଭୁତ । ଜନ୍ମ ସମୟରେ ଏହାର ମଳଦ୍ୱାର ନ ଥିଲା—ଛୋଟ ପରିଶ୍ରାଦ୍ୱାର ଦୁଇଟି ଅଛି । ପ୍ରତ୍ୟେକଟି ପ୍ରାୟ ½ ଇଞ୍ଚ ଲମ୍ବ—ପରିଶ୍ରାଦ୍ୱାର ସାଧାରଣତଃ ଯେଉଁଠି ଥାଏ—ଏ ଗୁଡ଼ିକ ସେଠାରେ ନ ଥାଇ ପ୍ରତ୍ୟେକଟି ଦୁଇ କଡ଼ ପିଠି ହାଡ଼ ପାଖକୁ ଅଛି—ମଳଦ୍ୱାରଟି ପ୍ରକୃତ ସ୍ଥାନର ଉପରକୁ ଠିକ୍ ଲାଞ୍ଜ ମୂଳ ତଳକୁ କରାଯାଇ ଅଛି । ଏହି ତିନୋଟି ଦ୍ୱାର ତ୍ରିକୋଣାକାରରେ ଅବସ୍ଥିତ । ମଳଦ୍ୱାରଟି ପ୍ରକୃତ ସ୍ଥାନରେ ନ ଥିବାରୁ ମଳତ୍ୟାଗରେ କଷ୍ଟ ହୁଏ—ପ୍ରକୃତ ସ୍ଥାନଟି ଫୁଲି ଉଠେ ଓ ଅପ୍ରକୃତ ସ୍ଥାନରୁ ଅଳ୍ପ ଅଳ୍ପ ହୋଇ ମଳ ବାହାରେ । ମଳ ତ୍ୟାଗ ବେଳେ କିମ୍ବା ମୂତ୍ର ତ୍ୟାଗ ସମୟରେ ଏକା ବେଳକେ ଦୁଇଟିରୁ ପରିଶ୍ରା ବାହାରେ ନାହିଁ—ଗୋଟିକରୁ ବାହାରିଲେ ଅନ୍ୟଟି ବନ୍ଦ ଥିବାର ଶୁଣାଯାଏ । ଚାରିଟି ଯଥାସ୍ଥାନରେ ଅବସ୍ଥିତ । ଚାରି ଓ ପ୍ରକୃତ ପ୍ରସବଦ୍ୱାର ରହିବା ସ୍ଥାନ ମଧ୍ୟରେ ଦୁଇଟି ଗୋଡ଼ ଝୁଲୁଅଛି । ବଡ଼ ଗୋଡ଼ଟି ପ୍ରାୟ ଭୂମି ସ୍ପର୍ଶ କରେ—ଛୋଟଟି ବଡ଼ ଗୋଡ଼ ମୂଳ ଉପରେ ରହି ଝୁଲୁଥାଏ ।

ବଡ଼ ଗୋଡ଼ଟି ବେଶୀ ଝୁଲିବାରୁ—ଉକ୍ତ ସ୍ଥାନରେ ବାଳ ଖୁରିଟି ଛିଣ୍ଡି ଯାଇଅଛି । ଏ ଛଡ଼ାଟି ଅତି ଚଞ୍ଚଳ ଓ ତରକା । କୌଣସି ସ୍ଥାନରେ ସ୍ଥିର ହୋଇ ରହେ ନାହିଁ । ଛଡ଼ାଟିର ବୟସ ପ୍ରାୟ ବର୍ଷେ । ଏହା ବହଳଦାରୁ ପ୍ରାୟ ୮ ମାଇଲ ଦୂରବର୍ତ୍ତୀ ମଲ୍ଲୀକେନ୍ଦ୍ରମ ନାମକ ଗ୍ରାମରେ ଅଛି ।

## ନାଭିରେ ମାଂସ ପିଣ୍ଡ

ମୟୂରଭଞ୍ଜସ୍ଥ ବହଳଦାର ନିକଟବର୍ତ୍ତୀ ଇନ୍ଦଖୋଳ ଗ୍ରାମରେ ଏକ ଶ୍ରମଜୀବୀ କୃଷକ ସାନ୍ତାଳର ବସତି ଅଛି । ତାର ସ୍ତ୍ରୀର ନାମ ସିନ୍‌ଟା—ବୟସ ପ୍ରାୟ ୧୮ ବର୍ଷ—ସ୍ତ୍ରୀ ପୁରୁଷ ଉଭୟେ ସୁସ୍ଥ ସବଳ



ଛବିରେ ନାଭିସ୍ଥଳରେ ଉକ୍ତ ମାଂସପିଣ୍ଡ ଦେଖାଯାଏ



Digitized by srujanika@gmail.com

ଓ ଉପଦଂଶ ( ସିଫିଲସ୍ ) ଇତ୍ୟାଦ ଦୁଷ୍ଟ ରୋଗବର୍ଜ୍ଜିତ । ସ୍ତ୍ରୀଟିର ପ୍ରଥମ ଗର୍ଭରୁ ମୂଣ୍ଡ ସମୟରେ ନିର୍ବିଘ୍ନରେ ପୁତ୍ର ସନ୍ତାନଟିଏ ଭୂମିଷ୍ଠ ହେଲା—ସାଧାରଣ ଶିଶୁ ପରି ଏ ମଧ୍ୟ ଧରଣୀ ଛୁଇଁ କ୍ରନ୍ଦନ କଲା । ଆନନ୍ଦ ସଙ୍ଗେ ସଙ୍ଗେ ସମସ୍ତେ ଦେଖି ଆଶ୍ଚର୍ଯ୍ୟ ହେଲେ—ଶିଶୁଟିର 'ଫୁଲ' ସଙ୍ଗେ ମାଂସ ପିଣ୍ଡ ! ଧାଈ ନାହୁ କାଟି ଦେଖେ ଫୁଲ ଓ ନାଡ଼ ସହିତ ଏହାର କୌଣସି ସମ୍ପର୍କ ନାହିଁ । ଏଥିରେ ବିସ୍ମୟ ବଢ଼ିବାରୁ ଲୋକ ମୋତେ ଡାକିବାକୁ ଆସିଲା । ପ୍ରକୃତ, ମାଂସ ପିଣ୍ଡ ସହିତ ନାଭି ଗହ୍ୱର କିମ୍ବା ନାଡ଼ର କୌଣସି ସମ୍ପର୍କ ନାହିଁ । ଏହା ସ୍ୱତନ୍ତ୍ର ନାଭି କଡ଼ର ( Edge ) ତଳ ଭାଗରୁ ଜାତ । ଦେଖିବାକୁ ଅନ୍ୟ ପରି—ହାତୀ ଶୁଣ୍ଢ ସଦୃଶ ବକ୍ର ଓ କ୍ରମ କୃଶ । ମୂଳଟି ସରୁ—ଏକ ଇଞ୍ଚ ଲମ୍ବା—ନଦା—ମୋଟରେ 'ଫୁଲ' ନାଡ଼ ଅପେକ୍ଷା ଅଧିକରୁ କମ । ଏହି ମୂଳରୁ ପିଣ୍ଡଟି ଆରମ୍ଭ—୮ ଇଞ୍ଚ ଲମ୍ବ । ପ୍ରାରମ୍ଭ ଅଂଶଟି ସବୁଠାରୁ ମୋଟା । ପରିଧି ପ୍ରାୟ ୯ ଇଞ୍ଚ । ଅଗ୍ରଭାଗଟି ଗୋଲ ନୁହେଁ, ଗେଣ୍ଡୁ ଫୁଲ ପରି ଅସମାନ । ସମସ୍ତ ପିଣ୍ଡଟି ସାପ ଭଳିଆ ଗୁଡ଼ାଇ ହୋଇ ରହିଅଛି । ରଙ୍ଗ ଜବାକୁସୁମ ପରି ଲାଲ କିମ୍ବା ସଙ୍କୋଚରୁଦ୍ଧ ଅନ୍ତ୍ରକୋଷ ( Strangulated Hernia ) ପରି ଗାଢ଼ ଲାଲ । ସମସ୍ତ ପିଣ୍ଡଟି କୋମଳ ନଦା—ଫମ୍ପା ନୁହେଁ । ଭିତରେ କୌଣସି ତରଳ ପଦାର୍ଥ ଥିବାର ମଧ୍ୟ ଅନୁଭୂତ ହେଲା ନାହିଁ । ହାତରେ ଚିପିଲେ କିମ୍ବା ନାଡ଼ ଚାଡ଼ କଲେ ଛୁଆଟି କାନ୍ଦେ—ବୋଧ ହୁଏ ସରସ ହୁଏ । ଶିଶୁଟି ଜନ୍ମ ହୋଇ ୨୬ ଘଣ୍ଟା ମାତ୍ର ସଂସାରରେ ଥିଲା । ଏହି ସମୟ ମଧ୍ୟରେ ଜନ୍ମ ପରେ କିଛିତ୍ ମାତ୍ର ଦୁଧ ପିଇ ଥିଲା । ଆଉ ସେ ସଂସାରରେ କିଛି ଖାଇ ନାହିଁ—ତାର ଜନ୍ମ ୪-୧୧-୩୫ ସକାଳ ଓ ମୃତ୍ୟୁ ୫-୧୧-୩୫ ସକାଳ ସମୟରେ ।

ଏହିପରି ଆହୁରି କେତେକ ବିଚିତ୍ର କଥା ପ୍ରକାଶ କରିବାର ବାସନା ରହିଲା—ତାହିରୁ ସମସ୍ତ ବିଷୟ ଉତ୍ତମରୂପେ ବୁଝାଯିବ—ଏହି ଆଶାରେ ଚିତ୍ର ଗୁଡ଼ିକ ପ୍ରଦତ୍ତ ହେଲା ।

## ପ୍ରେମ କଳିଆ

**କପିବର ହନୁମନ୍ତ ନକ୍କଲ ନବିସ୍**

( 'ରଚିଛ ଏ ମଧୁଶଯ୍ୟା ତାର ବାଞ୍ଛିତ ଆହେ ବାଞ୍ଛିତ'ର ହନୁକରଣ )

ପ୍ରେୟସୀର ପ୍ରେମ କଳିଆ ତାର ବାଞ୍ଛିତ ମୋର ବାଞ୍ଛିତ,
ଦିନେ କଣା ହେଲେ ପିଠି ହୁଏ ଝୁଣ୍ଟ ତଳ ପେଟ ଧରେ ଖାଲିତ ।

ଦିନେ ତାଙ୍କ ତାଉ ବେଳରେ
ଆଢ଼ୁଆଳେ ରହି ଡରି ଡରି ହୋଇ ହସି ଦେଇଥିଲି ଗେଲ୍ହରେ
ବାହା ବନ୍ଧି ବନ୍ଧି ଧାଇଁ ଆସିଲେ ସେ ଖଣ୍ଟୁଣୀ କରି ଉଦ୍ଧତ ।

ସେ ଯେଉଁ ତରାଟ ଗୃହିଣୀ
ନାସିକା ଥୋମଣୀ କୁଞ୍ଚିତ କରି ( ଯେବେ ) ଅଇଲେ ବାହାଣି ବାହାଣି
ପାଞ୍ଚ ହାତ ପଛେ ଧୂଳି ଯାଇଣ ପଡ଼ିଣରେ ଗଳି ବସ୍ତ୍ର ତ ।

## ସତୀଖାଲ

**ପଣ୍ଡିତ ଶ୍ରୀ ଶ୍ରୀନାଥ ଚନ୍ଦ୍ର ମିଶ୍ର କାବ୍ୟତୀର୍ଥ**

ସୂର୍ଯ୍ୟ ରଡ ରଡ ହୋଇ ମା' କୋଳକୁ ଡଳି ପଡ଼ିଲେଣି, ଗୋରୁ ଗୁଡ଼ିକ ଗୋଟି ଗୋଟି ହୋଇ ଗୁହାଳକୁ ପଶିବା ସଙ୍ଗେ ସଙ୍ଗେ ପୁରୁଷୋତ୍ତମ ବାବୁଙ୍କ କ୍ଷୁଦ୍ର ଅଥଚ ପରିଷ୍କୃତ ପିଣ୍ଡା ଖଣ୍ଡିକରେ ବାରିପଦା ଓ ଜଳେଶ୍ୱରରୁ ଆସିଥିବା ବନ୍ଧୁମାନେ ଗୋଟି ଗୋଟି ହୋଇ ବସିଗଲେଣି । ସୁଭଦ୍ରା ଦେଈ ଅତି ସନ୍ତର୍ପଣରେ ନିଜ ମୁଣ୍ଡ-ପାର୍ଶ୍ୱ ଅବଗୁଣ୍ଠନ ପ୍ରାନ୍ତକୁ ବାମ କରାଙ୍ଗୁଳି ସାହାଯ୍ୟରେ

ଅଧର ଓ ଦନ୍ତରେ ଚାପି ଧରି ସେମାନଙ୍କ ପଦ ଧୌତ ପାଇଁ ଲୋଟାଏ ଲୋଟାଏ ଜଳ ଆଣି ଦେଉଅଛନ୍ତି । ପଡ଼ଶା ପୀତା ଦାସ ସୁଭଦ୍ରାଙ୍କ ଇଙ୍ଗିତରେ ବନ୍ଧୁମାନଙ୍କ ପ୍ରାଥମିକ ଅଭ୍ୟର୍ଥନା ନିମିତ୍ତ ଗୁଆକାତିରେ ଗୁବାକ କର୍ତ୍ତନ କରିବାକୁ ଲାଗିଲା । ପାଞ୍ଚ ବର୍ଷର କନ୍ୟା ସୁଶୀଳା ମଉସା, ମିଉଶୀ, ମାମୁ ଇତ୍ୟାଦିଙ୍କ କୋଳକୁ ଆଉଜି ପଡ଼ି ସେମାନଙ୍କ ଆଣିଥିବା ମିଠେଇ ଦାନା ସଂଗ୍ରହ କରିବାକୁ ଲାଗି ପଡ଼ିଲା । ନୀରବ—ସମସ୍ତେ ନୀରବ । ଏହି ଗାମ୍ଭୀର୍ଯ୍ୟ ଏବଂ ନୀରବତା ଯେପରି କି ଆସନ୍ନ ଆପଦର ବିରାଟ ଛାୟାରେ ଏହି କ୍ଷୁଦ୍ର ଗୃହଟିକୁ ଆଚ୍ଛନ୍ନ କରି ରଖିଦେଲା ।

ପୁରୁଷୋତ୍ତମ ବାବୁ ଆଜକୁ ଦୁଇ ମାସ ହେଲା ଶଯ୍ୟାଶାୟୀ—ସୁଭଦ୍ରା ଦେଈଙ୍କ ଅହୋରାତ୍ର ସେବା ଶୁଶ୍ରୂଷା ଓ ସ୍ଥାନୀୟ କବିରାଜ ଜଗବନ୍ଧୁ ଦାସଙ୍କ ଅକ୍ଳାନ୍ତ ଚିକିତ୍ସା ସତ୍ତ୍ୱେ ରୋଗ ଦିନକୁ ଦିନ ବଢ଼ିବାରୁ ଆଜକୁ ଆଠ ଦିନ ହେଲା ତାଙ୍କର ବାରିପଦା ଓ ନୀଳଗିରି ଆଦି ଦୂର ସ୍ଥାନର ବନ୍ଧୁମାନଙ୍କୁ ଦେଖିବେ ବୋଲି ଲୋକ ପଠାଇଥିଲେ । ସୁଭଦ୍ରା ଦେଈ ସେବା ଶୁଶ୍ରୂଷା ମଝିରେ ନିଜ ସ୍ୱାମୀ ପୁରୁଷୋତ୍ତମ ବାବୁଙ୍କୁ ଭାଗବତ ଓ ଗୀତଗୋବିନ୍ଦ ଆଦି ଶୁଣାଉଥାନ୍ତି । କିନ୍ତୁ ପୁରୁଷୋତ୍ତମ ବାବୁ ସେହି ବନ୍ଧୁମାନଙ୍କ ଆସିବାର ପ୍ରତୀକ୍ଷା ବେଶି ରଖିଥାନ୍ତି । ଭାଗବତ ଓ ଗୀତଗୋବିନ୍ଦରେ ତାଙ୍କର ମନ ରହି ପାରେ ନାହିଁ । ତେଣୁ ସେ ସୁଭଦ୍ରାଙ୍କୁ ବାରମ୍ବାର ବନ୍ଧୁମାନଙ୍କ ଆସିବା କଥା ପଚାରୁଥାନ୍ତି । ସୁଭଦ୍ରା ଆଶ୍ୱାସନା ଦେଇ କହନ୍ତି—"ଲୋକ ପଠେଇଛି, ଦିନେ ଦୁଇ ଦିନ ମଧ୍ୟରେ ସେମାନେ ଆସିଯିବେ । ଏତେ ଅଧୀର ହେଉଛ କାହିଁକି ? ଏହି ପଦ ଉପରେ ଲୟ ରଖ, ସବୁ ରୋଗ ଛାଡ଼ିଯିବ ।

ଆଜି ସକାଳେ କବିରାଜ ଜଗବନ୍ଧୁ ଦାସେ ପାଣି ଦେଖୁଥିଲେ । ସୁଭଦ୍ରା ଦେଈ ତୃଣାଗ୍ର ତୈଳ ବିନ୍ଦୁ ପାଣିରେ ପକାଇଲାକ୍ଷଣି କବିରାଜ ଭ୍ରୂକୁଟି କୁଞ୍ଚିତ କରି କିଛି କ୍ଷଣ ପାଣିକୁ ନିରୀକ୍ଷଣ କରିବାକୁ ଲାଗିଲେ । ନଇଁପଡ଼ି ଚତୁର୍ଦ୍ଦିଗରୁ ଦେଖି ଦେଖି କଣ ଜାଣିଲେ କେଜାଣି, ଗୋଟିଏ ଦୀର୍ଘ ନିଃଶ୍ୱାସ ଛାଡ଼ି ପାଣି ଗଡ଼ାଇ ଦେବାକୁ କହିଲେ । ସୁଭଦ୍ରା ଦେଈ କବିରାଜଙ୍କ ଅପୂର୍ବ ମୁଖଭଙ୍ଗୀ ଦେଖି ରୋଗୀ ସମ୍ବନ୍ଧେ କେତେକ କଥା ଜାଣିନେଲେ । ତାଙ୍କର ହୃଦୟ ଥରି ଉଠିଲା, ହାତରୁ ତେଲ ଗିନା ଖସି ପଡ଼ିଲା ।

କବିରାଜ ପୁଣି ସନ୍ଧ୍ୟାକୁ ଆସିବେ କହି ପାନେ ଔଷଧ ଦେଇ ଚାଲିଗଲେ । ସୁଭଦ୍ରା ଦେଈ ଅଦାରସରେ ଔଷଧ ପାନକ ଦେଇ ସେତିକି ବେଳୁ ସ୍ୱାମୀଙ୍କ ପାର୍ଶ୍ୱ ଛାଡ଼ି ନାହାନ୍ତି । ଦାନ୍ତଘଷା ଗାଧୁଆ କଥା ମନରେ ନାହିଁ, ଖାଇବା କଥା ପଚାରେ କିଏ ? ସୁଶୀଳା ଗଣେଶ୍ୱର ବାବୁଙ୍କ ଘରେ ଖାଇ ଛୁଆମାନଙ୍କ ସଙ୍ଗରେ ଖେଳୁଛି । ବେଳେ ବେଳେ ଆସି ଦୁଆର ପାଖରେ ଚାହିଁ ଯାଉଛି—ମା ଭାଗବତ କି ଗୀତଗୋବିନ୍ଦ ବୋଲୁଛନ୍ତି । ମାଙ୍କର ଦୃଷ୍ଟି ପୋଥିଉପରେ; କେତେବେଳେ ବା ରୋଗୀ ସ୍ୱାମୀଙ୍କ ଶ୍ରୀମୁଖରେ । ଦୁଇ ପ୍ରହର ସମୟରୁ ରୋଗୀଙ୍କର ପ୍ରଳାପ ଆରମ୍ଭ ହୋଇଅଛି । ସୁଭଦ୍ରାଙ୍କ ମୁଖରେ ଭାଗବତ ବା ଗୀତଗୋବିନ୍ଦ—ରୋଗୀମୁଖରେ କେବଳ ଶିକାର କରିବା କଥାର ବିକ୍ଷିପ୍ତ ପ୍ରଳାପ । ଏହିପରି ଭାବରେ କେତେ ବେଳେ ଯେ ସନ୍ଧ୍ୟା ହେଲାଣି, ସୁଭଦ୍ରା ଦେଈ ଜାଣି ନାହାନ୍ତି । ପଡ଼ୋଶୀ ପୀତା ଦାସ ଯେତେବେଳେ ଦୁଆରକୁ ଆସି ଡାକିଲା—"ଆପା ! ବାରିପଦାରୁ ନୀଳଗିରିରୁ ଗୋପୀନାଥ ଦାଦା ହେରିକା ଆସି ପିଣ୍ଡାରେ ବସିଛନ୍ତି. ଘଡ଼ିଏ ହେଲା ଆସିଲେଣି—ତୁମ ପୋଥି ବୋଲା ଆଜି ସେତିକି ଥାଉ । ସେମାନଙ୍କ ଚର୍ଚ୍ଚା କୁହ !"

ସୁଭଦ୍ରା ଦେଈ ସେତେବେଳେ ବାହାରକୁ ଦୃଷ୍ଟି ଦେଲେ । ଟିକିଏ ଲଜ୍ଜିତ ହୋଇ ସସମ୍ଭ୍ରମରେ ଉଠି ଆସି ବନ୍ଧୁମାନଙ୍କ ଚର୍ଚ୍ଚାରେ ମନ ଦେଲେ । ଘର ଭିତରକୁ ଯାଇ ଦୁଇଟି ଦୀପ ଲଗାଇ ଗୋଟିଏ ରୋଗୀ ନିକଟରେ ଓ ଗୋଟିଏ ବନ୍ଧୁମାନଙ୍କ ପାଖରେ ଥୋଇଦେଇ ବତୀ ଧରି ତୁଳସୀ ମୂଳରେ ସନ୍ଧ୍ୟା ଦେବାକୁ ଗଲେ । ବୃନ୍ଦାବତୀ ସ୍ତବ ପାଠ କରି ଯେତେବେଳେ ନମସ୍କାର କଲେ କାହିଁକି କେଜାଣି ତାଙ୍କର ଦୁର୍ବଳତା ଜଳନ୍ତା ନିଆଁରେ ଜଳବିନ୍ଦୁ ପରି କୁଆଡ଼େ ଉଭେଇ ଗଲା । ଦୁଃଖ-ବିଶୁଷ୍କ ମୁଖପଦ୍ମ ଅପୂର୍ବ ଜ୍ୟୋତିରେ ଉଦ୍ଭାସିତ ହୋଇ ଉଠିଲା । ଆପାଦମସ୍ତକ ଗୋଟାଏ ଅନିର୍ବଚନୀୟ ପବିତ୍ର ପ୍ରଭାରେ ଉଜ୍ଜ୍ୱଳ ହୋଇ ଉଠିଲା । ବନ୍ଧୁମାନେ ରୋଗୀ ଦେଖିବାକୁ ଘର ମଧ୍ୟରେ ପ୍ରବେଶ କରିଅଛନ୍ତି, ପୀତାମ୍ବର ମାନଧାତାଙ୍କ ଗ୍ରାମକରଣ ଦୟାନିଧି ପଟ୍ଟନାୟକେ ଉପସ୍ଥିତ ହୋଇ କହିଲେ, "ଆପଣମାନଙ୍କୁ ଉଆସକୁ ଯିବାପାଇଁ ହଜୁର ଆଜ୍ଞା କରିଅଛନ୍ତି । ସେଠାରେ ଆପଣମାନଙ୍କର ସାନ୍ଧ୍ୟ ଜଳଯୋଗ ହେବ । ଜଳ ଯୋଗାନ୍ତେ ହଜୁରଙ୍କ ସହିତରେ ସମସ୍ତେ ପୁଣି ଏଠାକୁ ଆସିବାହେବେ ।" ବଚନ ବ୍ୟୟ ନ କରି ସମସ୍ତେ ଉଆସକୁ ଗମନ କଲେ । ସୁଭଦ୍ରା ଦେଈ ରନ୍ଧନ କାର୍ଯ୍ୟରେ ନିୟୁକ୍ତ ରହିଲେ । ନୀରବ—ସମସ୍ତେ ନୀରବ । ନୀରବତା ପୁଣି କ୍ଷୁଦ୍ର ଗୃହଟିକୁ ଆଚ୍ଛନ୍ନ କରି ବସିଲା ।

ରାତି ଦୁଇ ଘଡ଼ି ହେବ ; କପ୍ତିପଦାର ପିତାମ୍ବର ମାନଧାତା, ଆଗନ୍ତୁକ ବନ୍ଧୁବର୍ଗ ଏବଂ ପୁରୋହିତ ହରିହର ମହାପାତ୍ରେ ରୋଗୀ ପାର୍ଶ୍ୱରେ ଉପସ୍ଥିତ ହେଲେ । ସେମାନଙ୍କ ଆସିବା ପୂର୍ବରୁ ସୁଭଦ୍ରା ଦେଈ ଦୀପଟିକୁ ତେଜି ଦେଇ ଯଥୋଚିତ ଆସନ ପକାଇ ଦେଇ ଯାଇଥିଲେ । ରୋଗୀର ଚତୁଷ୍ପାର୍ଶ୍ୱ ବେଢ଼ି ସମସ୍ତେ ବସିଗଲେ । ରୋଗୀ ପୁରୁଷୋତ୍ତମ ବାବୁ କାହାରିକୁ ଚିହ୍ନିପାରୁ ନାହାନ୍ତି ; କେବଳ ସେହି ଶିକାର ପ୍ରଳାପ କରୁଅଛନ୍ତି । ପୁରୋହିତ ମହାପାତ୍ରେ ରୋଗୀ ମୁହଁ ପାଖକୁ ନଇଁ ପଡ଼ି ଉଚ୍ଚ ସ୍ୱରରେ କହିଲେ:—

" କହନ୍ତୁ ... ... ହରେକୃଷ୍ଣ - ହରେକୃଷ୍ଣ "

" ହଁ, ହଁ ...... ଜବର ଶିଙ୍ଗାଳିଆ, ଜବର ଶିଙ୍ଗାଳିଆ "

" ଏ ସବୁ କି କଥା, ହରେକୃଷ୍ଣ କହନ୍ତୁ ... "

"—ଆଣ, ଆଣ—ବନ୍ଧୁକ ଆଣ । —ଆଣ ..."

ସମସ୍ତେ ନିର୍ବାକ୍ ! ପୀତା ଦାସ 'ହୋ' 'ହୋ' କରି ହସି ଉଠିଲା ।



Digitized by srujanika@gmail.com

ପୀତାମ୍ବର ମାନଧାତା ଆଖି ତରାଟି ତାହାକୁ ଚାହିଁବା ମାତ୍ରେ ସେ ମୁହଁରେ ଲୁଗା ଯାକି ଦୌଡ଼ି ପଳାଇଗଲା । ମାନଧାତା ନିଜେ ନିଜର ବୈମାତ୍ରେୟ ଭାଇ ପୁରୁଷୋତ୍ତମ ବାବୁଙ୍କ ମୁଖ ପାର୍ଶ୍ୱରେ ମୁଖ ଦେଇ ଡାକି କହିଲେ ... " ବନ୍ଧୁମାନଙ୍କୁ ଦେଖିବ ବୋଲି ଚାହିଁଥିଲ ପରା ? ଏହି ଯେ ସେମାନେ ଆସିଛନ୍ତି, ଏମାନଙ୍କୁ କିଛି କହିବ ନାହିଁ ?"

" ମିଶ୍ରଗଡ଼ାକୁ ଛାଳ ଦିଅ, ଶାଳ ଛାଳରେ ପୋଡ଼—ଭଲ......ଲୁଣ ....ଲଙ୍କା....ହଳଦି ଗୁ ....... ।"

" ଏଗୁଡ଼ା କଣ କହୁଛ ମ ? ହରି, ହରି, ରାମ ?"

" ହେଇ....ହେଇ....ଗଲା....ଗଲା....ମାର....ମାର "

ମହାପାତ୍ରେ କହିଲେ; " ଆଉ କ'ଣ ଦେଖୁଛନ୍ତି ? ଆଙ୍କୁ ଡାକିବାରେ କିଛି ଫଳ ନାହିଁ ।" ସମସ୍ତେ ଦୀର୍ଘ ନିଃଶ୍ୱାସ ଛାଡ଼ିଲେ । ନୀରବ—ସମସ୍ତେ ନୀରବ । କିଛିକ୍ଷଣ ପରେ ଗୋପୀନାଥ ଭଞ୍ଜେ କହିଲେ—" ଦଶୋଟି ଠେକି ଦେଇଛନ୍ତି ତ ?" ଶମ୍ଭୁ କରଣେ କହିଲେ—" ନା ତାହା ହୋଇପାରି ନାହିଁ । ଆପଣମାନେ ଆସିଲା ଉତ୍ତାରୁ ଅବସ୍ଥା ବୁଝି କରାଯିବ ବୋଲି ବିଚାରି ଥିଲୁଁ ।" ମାନଧାତା ମହୋଦୟ କହିଲେ—" ସବୁ ଅଛି ସମସ୍ତେ ଆସି ଯାଇଛନ୍ତି । ଆଉ ବିଳମ୍ବ କରାଯାଇ ପାରିବ ନାହିଁ । କାଲି ବଡ଼ି ସକାଳେ ଏ କାମ ଶେଷ କରି ଦେବାକୁ ହେବ । ମହାପାତ୍ରେ ! ଆପଣ ଅଛନ୍ତି, ଗୋଟିଏ ତାଲିକା କରି ପକାନ୍ତୁ । ବନ୍ଧୁମଣୀଙ୍କୁ ପଚାରନ୍ତୁ ଘରେ ଯାହାଥିବ ଥିବ, ଯାହା ନ ଥିବ ଉଆସରୁ ଆସିବ । ଆପଣ ବରଣୀୟମାନଙ୍କୁ ନେଇ ସକାଳ ଦିନ ଘଡ଼ିକ ଭିତରେ ଦାନ ଶେଷ କରିବେ ।"

ମାନଧାତା ଉଆସକୁ ବିଜେ କଲେ । ହରିହର ମହାପାତ୍ରେ ଆଖିରେ ଚଷମା ଲଗାଇ ଲେଖନ ତାଳପତ୍ର ଧରି ଦୀପ ସାହାଯ୍ୟରେ ଷୋଡ଼ଶ ଦାନର ତାଲିକା ଲେଖିବାକୁ ଆରମ୍ଭ କଲେ । ଲେଖନର ରମ୍ ରମ୍ ଶବ୍ଦ ଓ ବେଳେବେଳେ ଘରେ ସୁଭଦ୍ରା ଦେଈଙ୍କ ଚୁଡ଼ି ଚାଳନାର ଶବ୍ଦ ଛଡ଼ା ସମସ୍ତ ପୁରଟି ପୁଣି ନୀରବତାରେ ବୁଡ଼ି ରହିଲା ।

ମହାପାତ୍ରଙ୍କ ଲେଖା ଶେଷ ହେବା ସଙ୍ଗେ ସଙ୍ଗେ ସୁଭଦ୍ରା ଦେଈଙ୍କ ଚୁଡ଼ି ଚାଳନା ମଧ୍ୟ ଶେଷ ହେଲା । ବନ୍ଧୁମାନଙ୍କ ମଧ୍ୟରେ ତାଲିକାଟି ସଂକ୍ଷିପ୍ତ ଭାବରେ ଆଲୋଚିତ ହୋଇ ସୁଭଦ୍ରାଙ୍କ ମତାମତ ଗ୍ରହଣ କରିବାକୁ ଆଗତ ହେଲା । ସୁଭଦ୍ରା ଦେଈ ତାଲିକାଟି ନୀରବରେ ପାଠକରି ପେଟରା ଚାବିକାଠିଟି ତାଙ୍କ ଭାଇ ଜନାର୍ଦ୍ଦନ ସାଆନ୍ତଙ୍କ ହାତକୁ ବଢ଼ାଇଦେଲେ । ସାଆନ୍ତେ ପେଟରା ଫିଟାଇ ଯଥାଯଥ ଦାନ ସାମଗ୍ରୀ ମିଳାଇବାକୁ ଆରମ୍ଭ କଲେ । ଗୁହାଳରେ ଗୋଦାନ ଉପଯୋଗୀ ଛୁଆର ଅଭାବ ନ ଥିଲା । ଲେଖିବା ବାହୁଲ୍ୟ, ମହାପାତ୍ରଙ୍କ ମନୋନୀତ ପ୍ରାୟ ସମସ୍ତ ସାମଗ୍ରୀ ଠିକ ହୋଇଗଲା । ଆଉ ଉଆସରୁ ଆଣିବାକୁ ହେଲା ନାହିଁ । ମହାପାତ୍ରେ ବିଦାୟ ନେଇ ଘରକୁ ଗଲେ । ବନ୍ଧୁମାନେ ମଧ୍ୟ ଭୋଜନାଦି ଶେଷ କରି ଶଯ୍ୟା ଗ୍ରହଣ କଲେ । ସୁଭଦ୍ରା ଦେଈଙ୍କ ଭୋଜନ ହେଲା କି ନାହିଁ କେହି ଦେଖି ନାହାନ୍ତି ।

ଚେଇଁ ବସିଥିଲେ ସମସ୍ତ ଘରେ ନାହିଁ । କିନ୍ତୁ ଆଖି କଷା ନ କରି ମଧ୍ୟ ସୁଭଦ୍ରା ଦେଈ କିପରି ଦୀର୍ଘ ରଜନୀଟି ଯାପନ କଲେ, ସେ ଏକା ଜାଣନ୍ତି । କୁକୁଡ଼ା ଡାକିଲା, କ୍ରମେ ତମିସ୍ରାର ଗାଢ଼ତା କମି କମି ଆସିଲା । କାକଟିଏ ଆସି କି ବାର୍ତ୍ତା ଦେଇଗଲା । ଘରଚଟିଆ-ଗୁଡ଼ିକ ସେ ବାର୍ତ୍ତାର କି ଉତ୍ତର ଦେଲେ କେ ଜାଣି । ସୁଭଦ୍ରା ରୋଗୀକୁ ଚାହିଁ ଆସନ ତ୍ୟାଗ କଲେ । ଗୁହାଳ ଦୁଆରୁ ଗୋବର ମେଞ୍ଚାଏ ଆଣି ପାଣି ଆଣ୍ଠିକାଣ୍ଡରେ ମିଶାଇ ନିଜେ ଅଗଣା ଚାରିପାଖରେ ଛଡ଼ା ପାଣି ପକାଇ ଦେଇ ପୂର୍ବ ଦିଗକୁ ଚାହିଁଲେ । ନବୋଦିତ ସୂର୍ଯ୍ୟଦେବ ସେତେବେଳେ ତାଙ୍କୁ ଚାହିଁ ହସୁଅଛନ୍ତି । ସେହି ହାସ୍ୟର କିରଣ ଛଟା ସୁଭଦ୍ରା ଦେଈଙ୍କ ମୁଖମଣ୍ଡଳରେ ପଡ଼ିବା ମାତ୍ରେ ସୁଭଦ୍ରା ନିଜର ଦ୍ୱିଗୁଣିତ ଅଙ୍ଗକାନ୍ତିରେ ଜଗତ୍ ଆଲୋକିତ କରି ସବିତାର କନକ କିରଣର ସାର୍ଥକତା ବିଧାନ କଲେ । ସେତେବେଳେ ବନ୍ଧୁମାନଙ୍କ ମଧ୍ୟରୁ କେହି କେହି ଉଠିଥିଲେ କିନ୍ତୁ ସୁଭଦ୍ରାଙ୍କୁ ସେପରି ସୁନ୍ଦରୀ ବୋଲି ଆଗରୁ କେହି ଦେଖି ନ ଥିଲେ ବୋଲି ପରେ କହୁଥିଲେ ।

ଦାନ କିମ୍ବା ବଣ୍ଟନାର ଆବଶ୍ୟକତା ନାହିଁ । ସ୍ୱୟଂ ପିତାମ୍ବର ମାନଧାତାଙ୍କ ଉପସ୍ଥିତିରେ ସମସ୍ତ ଶେଷ ହେଲା । ବରଣୀୟ ବ୍ରାହ୍ମଣ-ମାନେ ଯେ ଯାହାର ଅଧିକାରାନୁଯାୟୀ ଦାନ ଗ୍ରହଣ କରି ଭୋଜନାନ୍ତେ ଆଶୀର୍ବାଦ ପ୍ରଦାନାନନ୍ତର ସ୍ୱ ସ୍ୱ ଗୃହକୁ ପ୍ରତ୍ୟାବର୍ତ୍ତନ କଲେ । କିନ୍ତୁ କୃଷ୍ଣ ପୀତା ଦାସ ଗୋ-ଦାନ ସମୟରେ ରୋଗୀଙ୍କର "ଶିଙ୍ଗାଳିଆ ଶିଙ୍ଗାଳିଆ " ଚିତ୍କାର ଶୁଣି ହସିବାକୁ ଛାଡ଼ି ନ ଥିଲା । ପୁରୋହିତ ପ୍ରଦତ୍ତ ତାମ୍ର ପାଣିଟି ରୋଗୀ ବନ୍ଧୁକ ମାରିବା ଭଙ୍ଗୀରେ ଧରିବାରୁ ତାହା ଛଡ଼ାଇ ନେବାରେ ମଧ୍ୟ ସାହାଯ୍ୟ କରିଥିଲା । ଅନ୍ୟ ଦାନ-ଗୁଡ଼ିକ ଧୂଳିଟି ବନ୍ଧୁ ରୋଗୀ ହସ୍ତରେ ଛୁଆଁଇ ବ୍ରାହ୍ମଣ ହସ୍ତକୁ ଦେଲା ବେଳେ କୃଷ୍ଣ ପିତା ଦାସ ମନରେ ସନ୍ଦେହ ଜନ୍ମୁଥାଏ......

" ଏ ଦାନରେ ଦାତାର ଲାଭ କି ଗ୍ରହୀତାର ଲାଭ ?" କିନ୍ତୁ ମାନଧାତାଙ୍କ ଉପସ୍ଥିତିରେ ତାହାର ଏ ସନ୍ଦେହ ମୋଚନର କୌଣସି ସୁବିଧା ହୋଇ ପାରିଲା ନାହିଁ ।

ରୋଗୀ ପୁରୁଷୋତ୍ତମ ବାବୁ ବ୍ରାହ୍ମଣମାନଙ୍କ ଆଶୀର୍ବାଦ ଗ୍ରହଣ କଲା ବେଳେଁ ଆଉ ପ୍ରଳାପ କରି ପାରୁ ନାହାନ୍ତି । କେବଳ ଆଖି ତରାଟି ଦାନ୍ତରେ ଦାନ୍ତ ଚିପି ଏଣେ ତେଣେ କ୍ରୂର ଦୃଷ୍ଟି ପକାଉ ଅଛନ୍ତି । ଆଜି ବନ୍ଧୁଗଣ ଉଆସରେ ଅତିଥି ; ସୁତରାଂ ସୁଭଦ୍ରା ଦେଈ ସ୍ୱସ୍ତି ନିଶ୍ୱାସ ଛାଡ଼ି—ସ୍ୱାମୀଙ୍କ ପଦପ୍ରାନ୍ତରେ ବସି ଗୀତଗୋବିନ୍ଦର ଦଶାବତାର ଶ୍ଳୋକ ଆବୃତ୍ତି କରିବାକୁ ଲାଗିଅଛନ୍ତି । ଦୃଷ୍ଟି-ତାଙ୍କର ନିର୍ନିମେଷ ଭାବରେ ସ୍ୱାମୀଙ୍କ ମୁଖମଣ୍ଡଳରେ ଆବଦ୍ଧ । କ୍ରମେ ରୋଗୀଙ୍କ କରାଳ ନେତ୍ର ପ୍ରାନ୍ତରେ ଲୋତକର ଚିହ୍ନ ପରିସ୍ଫୁଟ ହୋଇ ଆସିଲା ! ମୁଖମଣ୍ଡଳ ହଠାତ୍ ପରିବର୍ତ୍ତିତ ହେଲା ! ଘନ ଘନ ଊର୍ଦ୍ଧ୍ୱ ବାୟୁ ଅସ୍ଥିପଞ୍ଜର ଟାଣିବାକୁ ଆରମ୍ଭ କଲା ! ରୋଗୀ ଅସ୍ଥିରତା ଅନୁଭବ



Digitized by srujanika@gmail.com

କରି ଚଛଣା ଓ ଭୂମି ଚଟିବାକୁ ଆରମ୍ଭ କଲା । ହସ୍ତ ପଦ ଶିଥିଳ ହୋଇ ଆସିଲା ! ଚକ୍ଷୁତାରକା ମୁଦ୍ରିତ ହେଲା ! ହିକ୍କା ଆରମ୍ଭ ହେଲା !

ସୁଭଦ୍ରା ଦେଈ ସ୍ୱାମୀଙ୍କର ଏ ଅବସ୍ଥା ଦେଖି ବିଚଳିତ ହୋଇ ଉଠିଲେ । ଉଚ୍ଚସ୍ୱରରେ ଗୀତଗୋବିନ୍ଦ ପାଠ କରି କମ୍ପିତ ହସ୍ତରେ ସ୍ୱାମୀଙ୍କ ମୁହଁରେ ଅନ୍ତିମ ଜଳ ବିନ୍ଦୁ ପ୍ରଦାନ କଲେ । ଟିକିଏ ଜଳରେ ସ୍ୱାମୀଙ୍କ ପଦାଙ୍ଗୁଷ୍ଠ ସ୍ପର୍ଶ କରି ଆଣି ତାହା ପାନ କଲେ ଏବଂ ଚରଣରେଣୁ ମସ୍ତକରେ ଲଗାଇ ପୁଣି ସେହି ଚରଣ ତଳେ ନିଜ ମସ୍ତକ ଅଜାଡ଼ି ଦେଲେ । ତାଙ୍କ ନେତ୍ରାଶ୍ରୁଧାରାରେ ସ୍ୱାମୀଦେବତାଙ୍କ ପଦ ଧୌତ ହେଲା । ସଙ୍ଗେ ସଙ୍ଗେ ରୋଗୀଙ୍କର ସମସ୍ତ ଶରୀର କମ୍ପିତ ହୋଇ ଉଠିଲା । ପର ମୁହୂର୍ତ୍ତରେ ସୁଭଦ୍ରା ଦେଈ ଦେଖିଲେ·········ସ୍ୱାମୀ ପୁରନ୍ଦର ବାବୁ ନିଶ୍ଚଳ ନିସ୍ପନ୍ଦ ; ସୁଭଦ୍ରା ଦେବୀ ମଧ୍ୟ ନିଶ୍ଚଳ—ନିସ୍ପନ୍ଦ !

ସଙ୍ଗେ ସଙ୍ଗେ ଖବର ରାଷ୍ଟ୍ର ହୋଇଗଲା । ବନ୍ଧୁମାନେ ପଶା ଖେଳ ଛାଡ଼ି ଦୌଡ଼ି ଆସିଲେ । ରାମୁକରଣଙ୍କ ପାଟିରେ ବିରାଦରମାନେ ଶ୍ମଶାନ ଯାତ୍ରୀ ହୋଇ ବାହାରି ପଡ଼ିଲେ । ପାଞ୍ଚ ବର୍ଷର ଝିଅ ସୁଶୀଳା ପୀତା ଦାସ କୋଳରେ ବସି କାନ୍ଦୁଅଛି । କି ଆଶ୍ଚର୍ଯ୍ୟ, ସୁଭଦ୍ରା ଦେଈ କାନ୍ଦୁ ନାହାନ୍ତି ; ତାଙ୍କର ପ୍ରସାଧନ ହାତ ପେଡିଟି ଧରି ମୃତ ସ୍ୱାମୀଙ୍କ ପାର୍ଶ୍ୱରେ ସିନ୍ଦୁର କଜ୍ଜଳ ଲେପନ କରିବାରେ ସେ ବ୍ୟସ୍ତ । ପ୍ରଶସ୍ତ ଲଲାଟପଟ ସିନ୍ଦୁରମୟ ଏବଂ ଚକ୍ଷୁ ଦ୍ୱୟ କଜ୍ଜଳ ପୂର୍ଣ୍ଣ ହୋଇ ସାରିଲାଣି । ତଥାପି ହାତ ବନ୍ଦ ହେଉ ନାହିଁ ; ସଯତ୍ନ-ସଜ୍ଜିତ ସୁବର୍ଣ୍ଣ ହାରଟି ଗଳାରେ ଝିଲୁଅଛନ୍ତି ! ମଲା ଖବର ଠାରୁ ଉଦ୍‌ଘଟିଆ ଖବର ବେଶି ଚଞ୍ଚଳ ଗତି କରିପାରେ । ସାଇ ପଡ଼ିଶାର ମାଇପେ ରୁଣ୍ଡ ହୋଇପଡିଲେ । କେହି ଛି' ଛିକରି କଲା, କେହିବା ସତୀ ସାବିତ୍ରୀଙ୍କ ମହିମା ଦେଖି ଆଚମ୍ବିତ ହେଲା । ସ୍ତ୍ରୀମା ମା କହିଲା·········"ମଲ୍ଲମ ; ସଟାଠା ! ଏଇ ସତୀ ଯାଉଛନ୍ତି-ନା ଆଉ କିଏ ଅଛି ? ପୁରନ୍ଦର ମରିଗଲେ ଟିକିଏ ରବ ଦବ ନାହିଁ ?

ଶଙ୍କିଣୀ କହିଲା "ଛି, ମୋ ଅପା କହୁଥିଲେ—ଯେ ସତୀ ଯାଏ—ତା ମନରେ ଥାଏ, ଏ କି ପେରମ ମ ?"

ଶୁକୁମି କହିଲା ········"ନା ଗୋ, ତୁମେ କାଲିକା ଝିଅ କାହୁଁ ଜାଣିବ ? ଯେ ସତରେ ସତୀ ଯାଏ, ସେ ଏହିପରି । କାନ୍ଦିକାଟି ଯିବ କାହିଁକି ? ଜୋର କରି ସତୀ ଯିବା ଯୁଗ ଯାଇଛି ; ଯାଙ୍କୁ ହିଁ ନାହିଁ—ଅହିନଗ୍ନି ହେବ ।"

କପ୍ରିପଦା ଗ୍ରାମ ସାରା ଶଙ୍ଖ ବାଜି ଉଠିଲା । ଅନ୍ୟ ନାରୀମାନେ ହୁଳାହୁଳି ଦେବାକୁ ଲାଗିଲେ ! ସଂକୀର୍ତ୍ତନ ହରିବୋଲ ମଧ୍ୟରେ ଶବ ଉଠିଲା । ଲେଖିବା ବାହୁଲ୍ୟ ଯେ ସ୍ୱୟଂ ପୀତାମ୍ବର ମାନଧାତା ପ୍ରଭୃତି ସୁଭଦ୍ରା ଦେଈଙ୍କୁ ନାନା ପ୍ରକାର ବୁଝାଇଥିଲେ । ସୁଶୀଳାର ଭୂଲୁଣ୍ଠିତ କ୍ରନ୍ଦନ ତାହାଙ୍କୁ ସଂକଳ୍ପ ପଥରୁ ବିଚଳିତ କରି ପାରିଲା ନାହିଁ । ସେ କନ୍ୟା ମୁଖରେ ଚୁମ୍ବନ ଦେଇ ନିଜ ହସ୍ତରେ ଗଳାହାରଟି ଫିଟାଇ କନ୍ୟା ବେକରେ ଲମ୍ବାଇ ଦେଲେ ଏବଂ ତାହାକୁ ଆଶୀର୍ବାଦ-ପୂର୍ବକ ଗଣେଶ୍ୱର ବାବୁଙ୍କ ମାତା ହସ୍ତରେ ସମର୍ପଣ କଲେ । ନିଜ ପେଟିକା-ରକ୍ଷିତ କଳାଝିମିଝି ପାଟଶାଢ଼ୀଟି ପିନ୍ଧି କଳସ ମୁଣ୍ଡାଇ ଯେତେବେଳେ ମୃତ ସ୍ୱାମୀଙ୍କ ଅନୁଗାମିନୀ ହେଲେ, ସହସ୍ର କଣ୍ଠର ଜୟଧ୍ୱନି ଓ ଶଙ୍ଖ ହୁଳାହୁଳିରେ ଗଗନ ପବନ ଉଛୁଳି ଉଠିଲା । ଅନ୍ୟନାରୀମାନେ ବନ୍ଦାପନା ଓ ଲାଜାକ୍ଷତଦ୍ୱାରା ସତୀଙ୍କର ସମ୍ବର୍ଦ୍ଧନା କରିବାକୁ ଲାଗିଲେ । ସତୀ ହାସ୍ୟମୁଖରେ କଳସ ଜଳ ସିଞ୍ଚି ସେମାନଙ୍କୁ ଆଶୀର୍ବାଦ କରୁଥାନ୍ତି ; ଏଣେ ଭାଗବତ ଗୀତଗୋବିନ୍ଦ ପାଠରେ କିଏ ରୋମାଞ୍ଚିତ ହୋଇ ଉଠୁଥାନ୍ତି । ନାପିତୁଣୀ-ରଞ୍ଜିତ ସଦ୍ୟ ଅଳକ୍ତକସିକ୍ତ ପଦରେ କପ୍ରିପଦାର ଗ୍ରାମ୍ୟ ପଥ ରଞ୍ଜିତ ଓ ପବିତ୍ରିତ କରି ସତୀ ଧୀର ମନ୍ଥର ଗତିରେ ଶବ ପଛେ ପଛେ ଚାଲିବାକୁ ଲାଗିଲେ । ବସନ୍ତ ବାୟୁ ପ୍ରବାହିତ ହୋଇ ପଥ ପାର୍ଶ୍ୱର ବୃକ୍ଷ ଲତା ମାନଙ୍କରୁ କୁସୁମ ବୃଷ୍ଟି ହେବାକୁ ଲାଗିଲା । କୋକିଳ ପଞ୍ଚମ ସ୍ୱରରେ ସତୀଙ୍କର ପବିତ୍ର ମହିମା କୀର୍ତ୍ତନ କରିବାକୁ ଲାଗିଲା ; ଏହି ମହୋତ୍ସବ ମଧ୍ୟରେ ସତୀଙ୍କର ମୃତ ସ୍ୱାମୀର ଶବ ଶୋନ ନଦୀର ଅପର ପାର୍ଶ୍ୱକୁ ନୀତ ହେଲା ।

ସତୀ ସୁଭଦ୍ରା ଦେଈ ଯେଉଁ ସ୍ଥାନରେ କଳସ ବାରି ସିଞ୍ଚି ଦେଲେ, ସେହି ସ୍ଥାନରେ ଗୋଟାଏ ପ୍ରକାଣ୍ଡ ଖାତ ବା ଖାଲ ଖୋଳା ହେଲା । ବୃହତ୍ କାଷ୍ଠ ଖଣ୍ଡମାନ ସୁସଜ୍ଜିତ ଭାବରେ ବିନ୍ୟସ୍ତ ହେଲା । ଶବ ସଂସ୍କୃତ ହୋଇ ଚିତା ମଧ୍ୟସ୍ଥ ହେଲା । ଚିତାଗ୍ନି ଧୂ' ଧୂ' ପ୍ରଜ୍ୱଳିତ ହେବାକୁ ଲାଗିଲା । ସତୀ ସମସ୍ତଙ୍କଠାରୁ ସାଦର ବିଦାୟ ଗ୍ରହଣ କରି ସପ୍ତ ବାର ଚିତାଗ୍ନି ପ୍ରଦକ୍ଷିଣ କରିବାକୁ ଲାଗିଲେ । ଗୁଢ ରକ୍ତ ପ୍ରବାହ ସହସ୍ର କଣ୍ଠର ହରିଧ୍ୱନି, ସଂକୀର୍ତ୍ତନ ଓ ଶଙ୍ଖ-ହୁଳାହୁଳି ମଧ୍ୟରେ ଯେତେବେଳେ କଜ୍ଜଳପାନ-ହସ୍ତା ସତୀ ଚିତାଗ୍ନି ଆରୋହଣ କଲେ, ତେତେବେଳେ ତାଙ୍କର ପୁଣ୍ୟ ତେଜରେ ସୂର୍ଯ୍ୟଦେବ ହୀନପ୍ରଭ ହୋଇ ଅସ୍ତାଚଳ ଆଶ୍ରୟ କଲେ । ଚିତା ହୁତାଶନର ଲେଲୀହାନ ଜିହ୍ୱା ମୁହୂର୍ତ୍ତକ ମଧ୍ୟରେ ସତୀଙ୍କର ପବିତ୍ର ଅଙ୍ଗ ଲୋକ-ଚକ୍ଷୁରୁ ଅନ୍ତର୍ହିତ କରିନେଲା । ସମସ୍ତ ଜଡ଼ ଜଗତ ସ୍ତମ୍ଭିତ ହେଲା । ବାୟୁ ନିଷ୍କମ୍ପ ମୂର୍ତ୍ତି ଧାରଣ କଲା । ହରି ସଂକୀର୍ତ୍ତନ ଏବଂ ଶଙ୍ଖ ହୁଳାହୁଳି ଦୀର୍ଘ ଶ୍ୱାସରେ ପରିଣତ ହେଲା ।

ଦୁଇ ଶତ ବର୍ଷରୁ ଊର୍ଦ୍ଧ୍ୱ ହେବ ସତୀ ସୁଭଦ୍ରା ଦେଈ ଚାଲି ଯାଇ ଅଛନ୍ତି । କିନ୍ତୁ 'ସତୀଖାଲ' ଅଦ୍ୟାପି ରହିଅଛି । ଶୋନ ନଦୀର ଗୋଟିଏ ଧାର ଏହି ପବିତ୍ର ସତୀଖାଲକୁ ଗ୍ରାସ କରିବାକୁ ବସିଲାଣି । କିନ୍ତୁ ଅଧିକ ପରିତାପର ବିଷୟ, ସୁକଠୋର କୃତଘ୍ନ କାଳ ଏହି ପବିତ୍ର ସ୍ମୃତିଟିକୁ ମଧ୍ୟ ଗ୍ରାସ କରିବାକୁ ବସିଅଛି ! ତଥାପି ଦେଖାଯାଏ-କପ୍ରିପଦାର କେତେକ ବର୍ଷୀୟସୀ ଏହି ସତୀଖାଲର ପାର୍ଶ୍ୱପଥରେ ଯାଉଁ ଯାଉଁ ଏହାକୁ ଜୁହାର କରିବାକୁ ଭୁଲନ୍ତି ନାହିଁ । *

* ସତ୍ୟମୂଳକ ପ୍ରାଚୀନ ଘଟଣା

# ଦେଶୀୟ ରାଜ୍ୟ ସମାଚାର

## ଇନ୍ଦୋର

### ମହାମାନ୍ୟ ଭାରତ ସମ୍ରାଟଙ୍କ ସହିତ ସାକ୍ଷାତ ଲାଭ

ଇନ୍ଦୋରର ମହାରାଜା ସାହେବ ତାଙ୍କର ସୁଦକ୍ଷ ପ୍ରଧାନ ମନ୍ତ୍ରୀ ସର୍ ଏସ୍. ଏମ୍. ବାପନା, ସି. ଆଇ. ଇ.ଙ୍କୁ ତାଙ୍କର ଅନୁପସ୍ଥିତିରେ ସମସ୍ତ ରାଜକାର୍ଯ୍ୟ ଚଳାଇବା ପାଇଁ କ୍ଷମତା ପ୍ରଦାନ କରି ବର୍ତ୍ତମାନ ୟୁରୋପ ଭ୍ରମଣରେ ବାହାରି ଅଛନ୍ତି । ଅଳ୍ପ ଦିନ ତଳେ ମହାରାଜା ସାହେବ ମହାମାନ୍ୟ ସମ୍ରାଟଙ୍କୁ ବାକିଙ୍ଗହାମ୍ ପ୍ରାସାଦରେ ସାକ୍ଷାତ୍ କରିବାର ସୁଯୋଗ ଲାଭ କରିଥିଲେ ।

### କୃଷକମାନଙ୍କ ପାଇଁ ପାନୀୟ ଜଳର ବ୍ୟବସ୍ଥା

ମାନନୀୟା ମା-ସାହେବା ଇନ୍ଦିରା ବାଈ ହୋଲକାର କୃଷକମାନଙ୍କ ପାଇଁ ପାନୀୟ ଜଳ ଯୋଗାଇବାର ସୁବିଧା ସକାଶେ ଗୋଟିଏ କୂପ ଖନନ ପାଇଁ ଆର୍ଥିକ ସାହାଯ୍ୟ ପ୍ରଦାନ କରି ଯଥେଷ୍ଟ ଉଦାରତା ଦେଖାଇ ଅଛନ୍ତି । ଏହାର ପ୍ରତିଷ୍ଠା କାର୍ଯ୍ୟ ଅଳ୍ପ ଦିନ ତଳେ ମାସାହେବଙ୍କ ଦ୍ୱାରା ସୁସମ୍ପନ୍ନ ହୋଇଅଛି ।

## କୋଚିନ

### ସ୍ୱାସ୍ଥ୍ୟରକ୍ଷା ଓ ପଲ୍ଲିମଙ୍ଗଳ କାର୍ଯ୍ୟର ବ୍ୟବସ୍ଥା

ସାଧାରଣ ସ୍ୱାସ୍ଥ୍ୟ ଓ ଔଷଧ ବିଷୟକ ଗଠିତ ପରାମର୍ଶ କମିଟି ଅବୈତନିକ ମେଡ଼କେଲ ଅଫିସର ପ୍ରଥା ବିସ୍ତାର ସମ୍ବନ୍ଧେ ଯେଉଁ ପ୍ରସ୍ତାବ ଆଗତ କରିଥିଲେ ତାହା କୋଚିନ ଗଭର୍ଣ୍ଣମେଣ୍ଟ ତରଫରୁ ଗୃହୀତ ହୋଇଅଛି । ଯେତେ ଦୂର ସମ୍ଭବ ସ୍ଥାନେ ସ୍ଥାନେ ଅବୈତନିକ ଅଫିସରଙ୍କ ତତ୍ତ୍ୱାବଧାନରେ ଗୋଟିଏ ଗୋଟିଏ ଡାକ୍ତରଖାନା ବସାଇବାର ସ୍ଥିର ହୋଇଅଛି । ଏହାଦ୍ୱାରା ଗଭର୍ଣ୍ଣମେଣ୍ଟର ବ୍ୟୟ ହ୍ରାସ ହେବା ସଙ୍ଗେ ସଙ୍ଗେ ସାଧାରଣ ସେବା କାର୍ଯ୍ୟଦ୍ୱାରା ଲୋକମାନଙ୍କୁ ଡାକ୍ତରୀ ବ୍ୟବସାୟ ଯୋଗାଇବାର ଯଥେଷ୍ଟ ସୁବିଧା ଦିଆଯାଇଅଛି ।

### ଗ୍ରାମ୍ୟ ପଞ୍ଚାୟତ

ଗ୍ରାମ୍ୟ ପଞ୍ଚାୟତ ବିଷୟରେ ପରାମର୍ଶ କମିଟି ଯେଉଁ ଦୁଇ ଗୋଟି ପ୍ରସ୍ତାବ ଆଗତ କରିଥିଲେ ତାହା ମଧ୍ୟ ଗଭର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି । ଅସଭ୍ୟ ଓ ଅନୁନ୍ନତ ଜାତିର ଲୋକେ ସଂଖ୍ୟା ବୃଦ୍ଧିରେ ପଞ୍ଚାୟତରେ ନିର୍ବାଚିତ ନ ହେଲେ ଗଭର୍ଣ୍ଣମେଣ୍ଟ ତାଙ୍କ ତରଫରୁ ମେମ୍ବର ନିର୍ବାଚନ ପାଇଁ ତାଙ୍କୁ ଯଥେଷ୍ଟ ସୁବିଧା ଦେବେ । ଅଧିକନ୍ତୁ ମଧ୍ୟ ଗଭର୍ଣ୍ଣମେଣ୍ଟ ସ୍ଥାନୀୟ ପଞ୍ଚାୟତ ଗୁଡ଼ିକୁ ଗ୍ରାମ୍ୟ ମୁନିସିପାଲଟି ହିସାବରେ ଗଣିବା ପାଇଁ ଅନୁମତି ଦେବାକୁ ସ୍ୱୀକୃତ ହୋଇଅଛନ୍ତି । କିନ୍ତୁ ଏପରି ସ୍ଥଳେ ଉକ୍ତ ପରିବର୍ତ୍ତନ ପାଇଁ ଅଧିକା ଯେଉଁ ଖର୍ଚ୍ଚ ଲାଗିବ ତାହା ସେମାନଙ୍କୁ ବହନ କରିବାକୁ ପଡ଼ିବ ।

## ଭୂପାଲ

### ସର୍ ଯୋଶେଫ୍ ଭୋର୍ ପରାମର୍ଶଦାତା ନିଯୁକ୍ତ ହେଲେ

ସର୍ ଯୋଶେଫ୍ ଭୋର୍ ଷ୍ଟେଟ୍ର ଅର୍ଥ, ଶିଳ୍ପ ଓ କୃଷି ବିଭାଗୀୟ ଉନ୍ନତି ସମ୍ବନ୍ଧେ ଭୂପାଲ ଗଭର୍ଣ୍ଣମେଣ୍ଟଙ୍କୁ ପରାମର୍ଶ ଦେବାପାଇଁ ନବାବଙ୍କଦ୍ୱାରା ପରାମର୍ଶଦାତା ନିଯୁକ୍ତ ହୋଇଅଛନ୍ତି । ସର୍ ଯୋଶେଫ୍ ଭୋର ଭାରତ ଗଭର୍ଣ୍ଣମେଣ୍ଟର ବାଣିଜ୍ୟ ବିଭାଗରେ ଥିବା ସମୟରୁ ଯଥେଷ୍ଟ ସୁଖ୍ୟାତି ଅର୍ଜନ କରିଅଛନ୍ତି ।

## ଗୋଆଲିୟର

### ଖଜଣା ଛାଡ଼ ମିଳିଅଛି

ଗୋଆଲିୟର ଗଭର୍ଣ୍ଣମେଣ୍ଟ ଏ ବର୍ଷ ଟଙ୍କା ପ୍ରତି ନଅ ପଇସା ହିସାବରେ ଉଜ୍ଜୟିନୀ ଜିଲ୍ଲାର କୃଷକମାନଙ୍କୁ ଖଜଣା ଛାଡ଼ ଦେଇଅଛନ୍ତି । ହିସାବରୁ ଜଣାଯାଏ ଯେ ମୋଟରେ ଦେଢ଼ ଲକ୍ଷ ଟଙ୍କା ଖଜଣା ଛାଡ଼ ଦିଆଯାଇଅଛି ।

## ତ୍ରିବାଙ୍କୋଡ଼

### ଚିନା-ବାସନ ଓ ଚିନାମାଟି କାରଖାନା

ଶୁଣାଯାଏ ଯେ ନିକଟରେ ଗୋଟିଏ ଚିନା ବାସନ ଓ ଚିନା ମାଟି କାରଖାନା ତ୍ରିବାଙ୍କୋଡ଼ରେ ଖୋଲା ହେବ । କୁଇଲନ ତାଲୁକରେ ଯଥେଷ୍ଟ ଚିନା ମାଟି ଥିବା ଗୋଟାଏ ପ୍ରକାଣ୍ଡ ସ୍ଥାନ ନିର୍ଦ୍ଦେଶ କରି ହୋଇଅଛି ଓ ସେହି ଚିନା ମାଟିରୁ ଭଲ ଭଲ ଚିନା-ବାସନ ତିଆରି ହେବାର ଜଣାଯାଇଅଛି । ଉକ୍ତ କାରଖାନା ଖୋଲି ଗଲେ ସେଥିରେ ଅନ୍ୟୂନ ତିନି ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ହିସାବ କରାଯାଇ ତ୍ରିବାଙ୍କୋଡ଼ର ବଜେଟରେ ଉକ୍ତ ଟଙ୍କା ପାଇଁ ବ୍ୟବସ୍ଥା ହୋଇଅଛି । ଚିନା ମାଟି ପରିଷ୍କାର କରିବା ଓ ଚିନା-ବାସନ ତିଆରି କରିବା ପାଇଁ ଦୁଇ ଗୋଟି କାରଖାନା ଏକାବେଳେ ଖୋଲା



ଚ

Digitized by srujanika@gmail.com

ଯିବ ଓ ବନାରସ୍ ବିଶ୍ୱବିଦ୍ୟାଳୟର କୁମ୍ଭକାର୍ଯ୍ୟ (ceramic) ବିଭାଗର ମାଲିକ ଡୋଗର ସିଂଙ୍କୁ ଏହି କାର୍ଯ୍ୟରେ ନିଯୁକ୍ତ କରିବା ପାଇଁ ଅଣାଯାଉଅଛି ।

## ସାଉନ୍ତବାଦି

### ମେଲେରିଆ ପ୍ରତିରୋଧର ବ୍ୟବସ୍ଥା

ମେଲେରିଆ ଜ୍ୱର ବ୍ୟାପକ ଭାବରେ ଦେଖା ଦେବା ପୂର୍ବରୁ ତାହା ଦୂର କରିବା ପାଇଁ ଷ୍ଟେଟ୍ ତରଫରୁ ବିହିତ ବ୍ୟବସ୍ଥା କରି ହୋଇଅଛି । ସ୍ଥାନୀୟ ଡାକ୍ତର ଓ ଷ୍ଟେଟ୍ ଦରବାରର ମିଳିତ ଯତ୍ନରେ ଏହି ଆନ୍ଦୋଳନ ଆରମ୍ଭ ହୋଇଅଛି । ଡାକ୍ତରମାନଙ୍କୁ ଓ ବିଶିଷ୍ଟ ଲୋକମାନଙ୍କୁ ନେଇ ଗୋଟିଏ ସଭା ଅନୁଷ୍ଠିତ ହୋଇଥିଲା ଏବଂ ଏହି କାର୍ଯ୍ୟ ଚଳାଇବା ପାଇଁ ଟ ୧୦୦୦୯ ଙ୍କା ଷ୍ଟେଟ୍ ତରଫରୁ ମଞ୍ଜୁର କରି ହୋଇଥିଲା । ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଗ୍ରାମର ପୋଖରୀ, ଗଡ଼ିଆ ଓ ନାଳ ଇତ୍ୟାଦି ପରିଷ୍କାର କରିବା ଓ କେତେକ କେନ୍ଦ୍ରରେ ଔଷଧ ଏବଂ ଇନ୍‌ଜେକ୍‌ସନ ଯୋଗାଇବା ପ୍ରଧାନ ।

## ବରୋଦା

### ଗ୍ରାମ୍ୟ ସଂଗଠନ କାର୍ଯ୍ୟ

ବରୋଦା ମହାରାଜାଙ୍କର ହୀରକ ଜୁବିଲି ଉତ୍ସବ ଉପଲକ୍ଷେ ଷ୍ଟେଟର ପ୍ରଜା ସାଧାରଣ ଚାନ୍ଦା ସଂଗ୍ରହ କରି ଯେଉଁ ମେମୋରିଏଲ ଫଣ୍ଡ ଗଠନ କରିଥିଲେ ତାହାର ଅବଶିଷ୍ଟାଂଶ ଗ୍ରାମ୍ୟ ସଂଗଠନ କାର୍ଯ୍ୟରେ ବ୍ୟୟିତ ହେବ ବୋଲି ଶୁଣାଯାଏ । ଉକ୍ତ ଫଣ୍ଡର ବାର୍ଷିକ ଆୟ ପ୍ରାୟ ଟ ୨୨,୦୦୦ ଙ୍କା ଓ ଏହା ପ୍ରତ୍ୟେକ ଗ୍ରାମ୍ୟ ପଞ୍ଚାୟତମାନଙ୍କୁ ପର୍ଯ୍ୟାୟ କ୍ରମେ ଦଶ ବର୍ଷ ପର୍ଯ୍ୟନ୍ତ ଦିଆଯିବ । ପ୍ରତ୍ୟେକ ପଞ୍ଚାୟତ ଏହା ଛଡ଼ା କିଛି କିଛି ଚାନ୍ଦା ସଂଗ୍ରହ କରି ସମସ୍ତ ଟଙ୍କା କୌଣସି ସାଧାରଣ ସ୍ଥାୟୀ ହିତକର କାର୍ଯ୍ୟରେ ବ୍ୟୟ କରି ପାରିବେ ।

ହୀରକ ଜୁବିଲି କେନ୍ଦ୍ର ସଭା ଉକ୍ତ ପ୍ରସ୍ତାବରେ ମତ ପ୍ରକାଶ କରି ଷ୍ଟେଟର ପ୍ରତ୍ୟେକ ୪ ଗୋଟି ଜିଲ୍ଲାର ପଞ୍ଚାୟତ ଗୁଡ଼ିକ ଦଶ ଗୋଟି ଶ୍ରେଣୀରେ ବିଭକ୍ତ କରି ପ୍ରତ୍ୟେକ ଜିଲ୍ଲାରୁ ପ୍ରତ୍ୟେକ ବର୍ଷ ଉକ୍ତ କାର୍ଯ୍ୟ ପାଇଁ ଗୋଟାଏ ଶ୍ରେଣୀ ନିଆ ଯିବାର ପ୍ରସ୍ତାବ କରିଥିଲେ । ଉକ୍ତ ବ୍ୟବସ୍ଥାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଗୋଟିଏ ସଭା ଗଠନ କରି ହୋଇଥିଲା ଓ ଦେୱାନ ଏହାର ବେସରକାରୀ ସଭାପତି ନିର୍ବାଚିତ ହୋଇଥିଲେ । ଏହି ସଭାର କାର୍ଯ୍ୟକାଳ ପାଞ୍ଚ ବର୍ଷରେ ସମାପ୍ତ ହେବ ।

## କପୁରଥାଲା

### ଚମଡ଼ା କାରଖାନା ଖୋଲି ଯିବାର ପ୍ରସ୍ତାବ

ଷ୍ଟେଟର କର୍ତ୍ତୃପକ୍ଷ ଟ ୧୮୦୦୦ ଙ୍କା ମୂଳଧନ ନେଇ ଗୋଟିଏ ଚମଡ଼ା କାରଖାନା ଖୋଲିବାର ସ୍ଥିର କରିଅଛନ୍ତି । ଉକ୍ତ ଟ ୧୮୦୦୦ ଙ୍କା ମଧ୍ୟରୁ ଷ୍ଟେଟ୍ ଟ ୯୦୦୦ ଙ୍କା ଜମା ଦେବେ ଓ ଅବଶିଷ୍ଟ ଟଙ୍କା ୯୦୦ ଗୋଟି ଅଂଶ ବିକ୍ରୟ କରି ସର୍ବସାଧାରଣଙ୍କ ଠାରୁ ଆଦାୟ କରାଯିବ ।

ଲାହୋରର ଜଣେ ଟେନର ବିଶାରଦ ଏହି କାରଖାନାରେ କାର୍ଯ୍ୟ କରିବେ ଓ ଅଂଶ ବାବଦ୍ କାରଖାନାର ଲାଭରୁ ଶତକଡ଼ା ଟ ୪୦ ଙ୍କା ପାଇବେ । ଟେନେରିର ଆବଶ୍ୟକୀୟ ସମସ୍ତ ଯନ୍ତ୍ରପାତି ଓ ଅନ୍ୟାନ୍ୟ ଜିନିଷ ଗୁଡ଼ିକ ତିନି ବର୍ଷ ପାଇଁ ବିନା ମୂଲ୍ୟରେ ଅକଟ୍ରୋଇଠାରୁ ଯୋଗାଇବାର ବ୍ୟବସ୍ଥା କରାଯିବ ଓ ଉକ୍ତ ସମୟ ମଧ୍ୟରେ ଟେନେରିରୁ ଆୟକର ଆଦାୟ ହେବ ନାହିଁ । ଷ୍ଟେଟ୍ କାରଖାନାର ପରିଚାଳନା ପାଇଁ ବିନା ବ୍ୟୟରେ ପିଆଦା ବ୍ୟବହାର କରିବାର ସୁବିଧା ଦେବେ ଓ ଷ୍ଟେଟର ସମସ୍ତ ଆବଶ୍ୟକୀୟ ଚମଡ଼ା ତିଆରି ଜିନିଷ ଟେନେରିରୁ କ୍ରୟ କରିବେ ।

### ମହାରାଜାଙ୍କ ଦାନ

ଷ୍ଟେଟ୍ ଦରବାରରୁ ବାହାରିଥିବା ବିଶିଷ୍ଟ ସଂଖ୍ୟା ଗେଜେଟରୁ ଜଣାଯାଏ ଯେ ମହାରାଜା ସାହେବ ନିଜ ଟଙ୍କାରୁ ବାର୍ଷିକ ଟ ୬୦୦୯ ଙ୍କା ପିତୃମାତୃହୀନ ବାଳକ ବାଳିକା ଓ ବିଧବାମାନଙ୍କ ମଧ୍ୟରେ ବଣ୍ଟନ କରିବା ପାଇଁ ମଞ୍ଜୁର କରିଅଛନ୍ତି । ଦାତବ୍ୟ କମିଟିକୁ ଏହି ଟଙ୍କାର ସଦ୍‌ବ୍ୟବହାର କରିବାର ଭାର ଦିଆ ହୋଇଅଛି ।

## କାଶ୍ମୀର

### ସାମ୍ପ୍ରଦାୟିକ ବିବାଦ ନିବାରଣର ବ୍ୟବସ୍ଥା

ଷ୍ଟେଟର ହିନ୍ଦୁ ମୁସଲମାନ ସମସ୍ୟାର ସମାଧାନ ପାଇଁ କାଶ୍ମୀର ପ୍ରଜା ସଭାର ( Legislative Council ) ମେମ୍ବର ପଣ୍ଡିତ କିଆ ଲାଲ କିଲମ୍ ବିଭିନ୍ନ ୧୪ ଗୋଟି ବିଷୟ ନେଇ ଏକ ବ୍ୟବସ୍ଥା କରିଅଛନ୍ତି । ସେଥିମଧ୍ୟରୁ ନାବାଳକମାନଙ୍କର ଧର୍ମ ଓ ଧର୍ମସ୍ଥାନ ଗୁଡ଼ିକୁ ରକ୍ଷା କରିବା, ଅସଭ୍ୟ ଓ ଅନୁନ୍ନତ ଶ୍ରେଣୀର ଲୋକମାନଙ୍କ ପାଇଁ ଚାକିରିରେ ଏକ ଚତୁର୍ଥାଂଶ ସ୍ଥାନ ସ୍ୱତନ୍ତ୍ର ଭାବରେ ରଖିବା, ଷ୍ଟେଟର ବିଭିନ୍ନ ଜାତିର ଲୋକମାନଙ୍କୁ ସମାନ ଭାବରେ କାର୍ଯ୍ୟ ଯୋଗାଇବା ପାଇଁ ଗୋଟିଏ ସଭା ଗଠନ କରିବା, ପ୍ରଜା ସଭାର ପାଞ୍ଚ ଭାଗର ତିନି ଭାଗ ମେମ୍ବରଙ୍କର ମତ ନ ନେଇ ଓ ନାବାଳକମାନଙ୍କ ତରଫରୁ ପ୍ରତିନିଧି ନିଯୁକ୍ତ ହୋଇଥିବା ଷ୍ଟେଟ ମନ୍ତ୍ରୀ ମଣ୍ଡଳର ଅଧେ ମେମ୍ବରଙ୍କର ମତ ନ ନେଇ କୌଣସି ଆଇନ କିମ୍ବା କାର୍ଯ୍ୟ ନ ହୋଇ ପାରିବା ବିଷୟରେ କେତେକ ପ୍ରସ୍ତାବ ଆଗତ କରି ହୋଇ ଥିଲା ।

## ମହୀଶୂର

### ନୂଆ କାରଖାନା ଖୋଲା ହେବ

ମହୀଶୂର ଗଭର୍ଣ୍ଣମେଣ୍ଟ ଭଦ୍ରାବତୀଠାରେ ଗୋଟିଏ ସିମେଣ୍ଟ କାରଖାନା ଖୋଲିବାର ସ୍ଥିର କରିଥିବାର ଶୁଣାଯାଏ । ମହୀଶୂର

ଲୌହ ଓ ଷ୍ଟିଲ କାରଖାନାର ଏକ ବିଭାଗ ରୂପେ ଉକ୍ତ ସିମେଣ୍ଟ କାରଖାନା ଛଅ ଲକ୍ଷ ଟଙ୍କା ମୂଳଧନରେ ଚାଲିବ ଓ ଷ୍ଟେଟ୍‌ର ପ୍ରୟୋଜନ ଅନୁସାରେ ୧୨୦୦୦ ଠାରୁ ୧୫୦୦୦ ଟନ୍ ପର୍ଯ୍ୟନ୍ତ ସିମେଣ୍ଟ ଯୋଗାଇବ । ବୋମ୍ବାଇ ଓ କୋପେନହେଗେନର ବିଶେଷଜ୍ଞମାନେ ଏଠାରେ ଉପରୋକ୍ତ କାର୍ଯ୍ୟ ପାଇଁ ପ୍ରଚୁର କଞ୍ଚା ମାଲ ମିଳୁଥିବା ବିଷୟରେ ଅନୁକୂଳ ମତ ଦେଇଅଛନ୍ତି ।

ଅଧିକନ୍ତୁ ମଧ୍ୟ ଶୁଣା ଯାଉଅଛି ଯେ ଲୌହ ଓ ଷ୍ଟିଲ କାରଖାନା ନିକଟରେ ବାହାର କମ୍ପାନୀ ତରଫରୁ ଗୋଟିଏ କାଗଜ କାରଖାନା ଖୋଲି ଦେବାର ପ୍ରସ୍ତାବ ଷ୍ଟେଟ୍ ମଞ୍ଜୁର କରିଅଛନ୍ତି । ଉକ୍ତ କମ୍ପାନୀରେ ଗଭର୍ଣ୍ଣମେଣ୍ଟ ତରଫରୁ ଦୁଇ ଜଣ ପ୍ରତିନିଧି ରହିବେ ଓ ଏହାର ମୂଳଧନ ପଚାଶ ଲକ୍ଷ ଟଙ୍କା ମଧ୍ୟରୁ ଗଭର୍ଣ୍ଣମେଣ୍ଟ ଏକ ଦଶ-ମାଂଶ ଯୋଗାଇବ । ବର୍ଷକୁ ୪୫୦୦ ଟନ୍ କାଗଜ ଏଥିରେ ତିଆର ହେବ ଓ ଭାରତରେ ଏ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନ ଥିବା କେତେକ ନୂତନ ଧରଣର କାଗଜ ଏଠାରେ ତିଆର ହେବ ।

## ଲିମ୍ବଡ଼ି

### ସାଧାରଣ ଧର୍ମ ବିଷୟରେ ମହାରାଜାଙ୍କ ମତ

ଲିମ୍ବଡ଼ିର ଠାକୁର ସାହେବ ଧର୍ମ ସମ୍ବନ୍ଧରେ ସର୍ବଦା ବିଶେଷ ମନୋଯୋଗୀ ଥିବାର ଦେଖାଯାନ୍ତି । ଅଳ୍ପ ଦିନ ତଳେ ବୋମ୍ବାଇଠାରେ ଯେଉଁ ଧର୍ମ ମହାସଭା ବସି ଥିଲା ସେଥିରେ ଭାରତବର୍ଷରେ ଗୋଟିଏ ସାଧାରଣ ଧର୍ମ ପ୍ରଚଳିତ କରିବା ପାଇଁ ଠାକୁର ସାହେବ ମତ ଦେଇଥିଲେ । ତାଙ୍କ ମତରେ ଈଶ୍ୱର ଏକ ଏବଂ ସେ ସମସ୍ତ ଧର୍ମରେ ବିଶ୍ୱାସ କରନ୍ତି ଓ ସମସ୍ତ ଧର୍ମ ପ୍ରତି ଭକ୍ତି ଦର୍ଶାଇ ଥାନ୍ତି । ଯେଉଁମାନେ ନିଜ ନିଜର ଧର୍ମକୁ ଅନ୍ୟାନ୍ୟ ସମସ୍ତ ଧର୍ମଠାରୁ ଭଲ ବୋଲି କହିଥାନ୍ତି ତାହାର ଫଳରେ ସେମାନଙ୍କର ପରସ୍ପର ମଧ୍ୟରେ କେବଳ କଳହ ହିଁ ହୋଇଥାଏ । ସେ ଏହା ମୋଟେ ପସନ୍ଦ କରନ୍ତି ନାହିଁ । ଭାରତରେ ଏପରି ଲୋକ ଅଛନ୍ତି ଯେଉଁ-ମାନେ ଏପରି କଳହ ବଢ଼ାଇ ଜାତୀୟତାରେ ଗୋଟିଏ ପ୍ରତିବନ୍ଧକ ଆଣିବା ସଙ୍ଗେ ସଙ୍ଗେ ଧର୍ମର ନିନ୍ଦାବାଦ ମଧ୍ୟ କରାଇ ଥାଆନ୍ତି ।

## କୁଚବିହାର

### ମହାରାଜାଙ୍କ ଗାଦି ପ୍ରାପ୍ତି

ମାନନୀୟ ବେଙ୍ଗଲ ଗଭର୍ଣ୍ଣର ଗତ ଏପ୍ରିଲ ମାସ ୬ ତାରିଖରେ କୁଚବିହାରର ମହାରାଜାଙ୍କୁ ସମସ୍ତ ରାଜକୀୟ କ୍ଷମତା ପ୍ରଦାନ କରି ଅଛନ୍ତି । ବର୍ତ୍ତମାନ ମହାରାଜା ଏହି ରାଜବଂଶର ବିଂଶ ମହାରାଜା ଅଟନ୍ତି ଓ ଏହି ବଂଶର ରାଜାମାନେ ଆଜକୁ ପ୍ରାୟ ଚାରି ଶତାବ୍ଦୀ ପୂର୍ବେ ଏକ ବିଶାଳ ଭୂଖଣ୍ଡର ଶାସନ କାର୍ଯ୍ୟ ଚଳାଉ ଥିଲେ । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଏହି ଷ୍ଟେଟ୍ ଇଷ୍ଟ ଇଣ୍ଡିଆ କମ୍ପାନୀର ଶରଣାପନ୍ନ ହେବାକୁ ବାଧ୍ୟ ହୋଇଥିଲା । ପୁରାତନ ପ୍ରଥାର ପରିବର୍ତ୍ତନ ହେଉଥିବା ସ୍ଥଳେ ଓ ଭବିଷ୍ୟତରେ ଭାରତୀୟ ରାଜାମାନଙ୍କର କେବଳ ଗୋଟିଏ ଷ୍ଟେଟ୍‌ର ରାଜକାର୍ଯ୍ୟ ବ୍ୟତୀତ ଅନ୍ୟାନ୍ୟ କାର୍ଯ୍ୟ ରହିଥିବା ଦୃଷ୍ଟିରେ ମହାରାଜାଙ୍କୁ ଆଧୁନିକ ରୀତି ଅନୁଯାୟୀ ଶାସନ କାର୍ଯ୍ୟ ଚଳାଇବା ପାଇଁ ଗଭର୍ଣ୍ଣର ମହୋଦୟ ଉପଦେଶ ପ୍ରଦାନ କରିଥିଲେ । ମହାରାଜାଙ୍କର ପ୍ରଭାବ ଯେପରି ସାମ୍ରାଜ୍ୟ ଶାସନ ପରାମର୍ଶ ଦିଗରେ ଅନୁକୂଳ ହେବ, ସେ ଇଚ୍ଛା ମଧ୍ୟ ଗଭର୍ଣ୍ଣର ମହୋଦୟ ପ୍ରକାଶ କରିଥିଲେ ।

### ଖଜଣା ଛାଡ଼

ମହାରାଜା ସାହେବ ତାଙ୍କ ଗାଦି ପ୍ରାପ୍ତିର ସ୍ମରଣୀୟ ଚିହ୍ନ ସ୍ୱରୂପ ସନ ୧୩୨୩ ସାଲର କିସ୍ତି ବାବଦ୍ ଖଜଣାରୁ ଟଙ୍କାରେ ତିନି ଅଣା ହିସାବରେ ପ୍ରଜାମାନଙ୍କୁ ଛାଡ଼ି ଦେଇଅଛନ୍ତି । କେତେକ କଏଦୀଙ୍କୁ ବିନା ସର୍ତ୍ତରେ ମୁକ୍ତି ଦିଆଯାଇଅଛି ଓ ଅବଶିଷ୍ଟମାନଙ୍କୁ ବର୍ଷକୁ ମାସେ ହିସାବରେ ସେମାନଙ୍କର କଏଦ କାଳର ମିଆଦ କମାଇ ଦିଆ ଯାଇଅଛି ।

## ବୋଣାଇ

### ଘରପୋଡ଼ିର ପ୍ରତିକାର

ଏ ବର୍ଷ ଗ୍ରୀଷ୍ମ ସମୟରେ ପ୍ରବଳ ଝଡ଼ ହେତୁ ଅନେକ ସ୍ଥାନରେ ନିଆଁର ଉପଦ୍ରବ ହୋଇଥିଲା । ଏହା ଏକ ଭୟଙ୍କର ଭାବରେ କିଦ୍‌କେଲା ଗ୍ରାମରେ ଦେଖା ଦେଇଥିଲା । ଷ୍ଟେଟ ମୋଟରର ଦ୍ୱାରା ଜଳ ନେଇ ନିଆଁ ଲିଭା ହୋଇଥିଲା ମାତ୍ର ତାହା କରିବା ପୂର୍ବରୁ ସେହି ଗ୍ରାମର ୨୦୦ ଘର ଭିତରୁ ୨୮ ଗୋଟି ଘର ପୋଡ଼ି ଯାଇଥିଲା । ରାଜା ସାହେବ ଅସହାୟମାନଙ୍କୁ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇ ଥିଲେ ।

## ଯୋଧପୁର

### ଷ୍ଟେଟ୍ ପାଇଁ ନୂଆ ଡାକ୍ତରଖାନା

ପୁର୍ତ୍ତି ବିଭାଗୀୟ ମନ୍ତ୍ରୀ ମିଷ୍ଟର ଇଙ୍ଗାର ସ୍ତ୍ରୀଲୋକମାନଙ୍କ ନିମନ୍ତେ ଓ ବାଳକ ବାଳିକାମାନଙ୍କ ପାଇଁ ପ୍ରସ୍ତୁତ ହୋଇଥିବା ଉମେଦ ଡାକ୍ତରଖାନାର ଭିତ୍ତି ସ୍ଥାପନ କରିବା ସକାଶେ ଶ୍ରୀମାନ୍ ମହାରାଜା ସାହେବଙ୍କୁ ଅନୁରୋଧ କରିବାକୁ ଯାଇ କହିଥିଲେ "ଭାରତର ରାଜଧାନୀ ଦିଲ୍ଲୀଠାରେ ଅଳ୍ପ ଦିନ ତଳେ ଯେତେ ଜଣ ରୋଗୀ ରହିବାର ସମ୍ଭବପର ହୋଇଥିଲା ଯୋଧପୁରର ଦୁଇ ଗୋଟି ଡାକ୍ତର-ଖାନାରେ ତାହା ଅପେକ୍ଷା ଆହୁରି ଅଧିକ ରୋଗୀ ରହିପାରିବେ ।"

ମହାରାଜାଙ୍କ ନାମାନୁସାରେ ଡାକ୍ତରଖାନାର ନାମକରଣ ହୋଇଅଛି ଓ ମିଷ୍ଟର ଉଆଲଟାର ଜର୍ଜ ଏହାର ନକ୍ସା ପ୍ରସ୍ତୁତ କରିଅଛନ୍ତି । ଏହାର ନିକଟରେ ଥିବା ଉଇଣ୍ଡହାମ ଡାକ୍ତରଖାନା ମଧ୍ୟ ଏହାଙ୍କ କାରୁକାର୍ଯ୍ୟରେ ନିର୍ମିତ ହୋଇଥିଲା । ଡାକ୍ତରଖାନାଟି ଏପରି



Digitized by srujanika@gmail.com

ସ୍ଥାନରେ ପ୍ରସ୍ତୁତ ହୋଇଅଛି ଯେ ସେଠାକୁ ଯିବାପାଇଁ ରାଜଧାନୀ ଏବଂ ତାହାର ନିକଟବର୍ତ୍ତୀ ସ୍ଥାନ ସର୍ଦ୍ଦାରପୁରରୁ ବେଶ୍ ସୁବିଧା ହୋଇଅଛି । ଡାକ୍ତରଖାନାରେ ୧୬୦ ଜଣ ରୋଗୀ ରହିବାର ସ୍ଥାନ ଅଛି ଓ ଦରକାର ହେଲେ ଆହୁରି ୪୦ ଜଣ ରୋଗୀ ଅକ୍ଳେଶରେ ରହିପାରିବେ । ଏଥିରେ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ଅନୁମାନ କରାଯାଏ । ଏହି ମନ୍ଦିରର ଭିତ୍ତି ସ୍ଥାପନ ଉପଲକ୍ଷରେ ମେଡ଼ିକେଲ ସୁପରିନ୍‌ଟେଣ୍ଡେଣ୍ଟ ମିସେସ୍ ଟାଲିଁଟନଙ୍କୁ ତାଙ୍କର ଲୋକହିତକର କାର୍ଯ୍ୟ ସକାଶେ ଧନ୍ୟବାଦ ଦିଆ ଯାଇଥିଲା ଓ ତାଙ୍କର ଏହି କାର୍ଯ୍ୟ ସକାଶେ ସେ କଇସାର ହିନ୍ଦ୍ ପଦକ ପାଇଥିଲେ ।

## ନାଭା

### ମଫସଲର ଲୋକମାନଙ୍କ ପାଇଁ ହିତକର କାର୍ଯ୍ୟ

ନାଭା ଷ୍ଟେଟ୍ କାଉନସିଲର ସଭାପତି ରାୟବାହାଦୁର ଦେୱାନ ଜ୍ଞାନନାଥ ସି. ଆଇ. ଇ ବାଓଆଲ ପାନ୍ଥଶାଳାର ଭିତ୍ତି ସ୍ଥାପନ ଉପଲକ୍ଷରେ ଷ୍ଟେଟରେ ଆରମ୍ଭ କରାଯାଇଥିବା ଲୋକହିତକର ବ୍ୟବସ୍ଥା ସମ୍ବନ୍ଧରେ କେତେକ ବିଷୟ ଉଲ୍ଲେଖ କରିଥିଲେ । ସେଥି ମଧ୍ୟରୁ ନାମମାତ୍ର ସୁଧରେ ଓ ସହଜ ସର୍ତ୍ତରେ ଟଙ୍କା ଋଣ ଦେବାର ବ୍ୟବସ୍ଥା କରିବା, ଦେଶୀୟ ଧାତ୍ରୀ ବିଦ୍ୟା ସମ୍ବନ୍ଧେ ଶିକ୍ଷା ଦେବା, ଚଳନ୍ତି ଡ଼ାକ୍ତରଖାନାର ବ୍ୟବସ୍ଥା କରିବା ଏବଂ ବାଓଆଲ ଓ ଅଟେଲି ଠାରେ ଦୁଇ ଗୋଟି ପଶୁ ଡାକ୍ତରଖାନା ଖୋଲା ହେବା ପ୍ରଧାନ ଅଟେ ।

## ଢେଙ୍କାନାଳ

### କାର୍ଯ୍ୟ ନିର୍ବାହ କମିଟି ଗଠନ

ନିମ୍ନ ଲିଖିତ କର୍ମଚାରୀମାନଙ୍କୁ ନେଇ ଢେଙ୍କାନାଳ ଷ୍ଟେଟରେ ଗୋଟିଏ କାର୍ଯ୍ୟ-ନିର୍ବାହ କମିଟି ଗଠିତ ହୋଇଥିବା ବିଷୟ ଷ୍ଟେଟର ଗୋଟିଏ ବିଶିଷ୍ଟ ସଂଖ୍ୟା ଗେଜେଟରେ ପ୍ରକାଶିତ ହୋଇଅଛି ।

୧। ରାଜା ସାହେବ—ସଭାପତି

୨। ପଣ୍ଡିତ ଏନ୍, ପି, ସିଂ ଦେଓ, ବି. ଏ.—ସହକାରୀ ସଭାପତି,

୩। ଦେଓଆନ ବାହାଦୁର ଡ଼. ଏନ୍. ଦାଶ, ବି. ଏ.—ଜୁଡ଼ିସିଏଲ ମେମ୍ବର

୪। ରାଜକୁମାର ଏସ୍. ପି. ସିଂ, ବି. ଏଲ୍—ହୋମ ମେମ୍ବର

ଅଧିକନ୍ତୁ ମଧ୍ୟ ଉକ୍ତ ଗେଜେଟରେ ଉକ୍ତ କାଉନସିଲର କାର୍ଯ୍ୟ କଣ ଏବଂ ସେମାନେ କେଉଁ କେଉଁ ବିଷୟର ବିଚାର ଓ ନିଷ୍ପତ୍ତି କରିପାରିବେ ତାହା ବିସ୍ତୃତ ଭାବରେ ଦିଆ ହୋଇଅଛି ।

# ପ୍ରାର୍ଥନା

### ଶ୍ରୀ ଚନ୍ଦ୍ରମଣି ମହାନ୍ତି

ହେ ଅଣୋ ରଣୀୟାନ, ମହତୋ ମହୀୟାନ, ଜଗତ୍ପିତା ଜଗଦୀଶ୍ୱର ! ତୁମ୍ଭ ମହା ମହିମାକୁ ଅଶେଷ ପ୍ରଣାମ, ତୁମ୍ଭ ଅନନ୍ତ କରୁଣାକୁ ଅଶେଷ ପ୍ରଣାମ, ତୁମ୍ଭର ଅତୁଳ ଦାନକୁ ଅଶେଷ ପ୍ରଣାମ, ତୁମ୍ଭର ଅଗାଧ ସ୍ନେହ, ବାତ୍ସଲ୍ୟ, ପିତୃତ୍ୱ, ନିତ୍ୟ-ନୂତନତ୍ୱ, ବୈଶିଷ୍ଟ୍ୟ ଏବଂ ବୈଚିତ୍ର୍ୟକୁ ଅଶେଷ ପ୍ରଣାମ । ହେ ରହସ୍ୟମୟ, ତୁମ୍ଭର ମାୟା, ଲୀଳା ଏବଂ ରହସ୍ୟ ବୁଝିବା ଦେବ-ଶକ୍ତିର ଅତୀତ । ତୁମ୍ଭେ ଏକ, ଅଦ୍ୱିତୀୟ । ପୁଣି ଏକର ବିଭକ୍ତ ଅନନ୍ତ. ଏବଂ ଅନନ୍ତର ସମଷ୍ଟି ଏକ । ସୃଷ୍ଟିର ପ୍ରତ୍ୟେକ ପଦାର୍ଥରେ ତୁମ୍ଭର ଶକ୍ତି ବିଦ୍ୟମାନ, ବସ୍ତୁତଃ ସୃଷ୍ଟିର ପ୍ରତ୍ୟେକ ପଦାର୍ଥ ତୁମ୍ଭର ରୂପାନ୍ତର । ତୁମ୍ଭର ମୂର୍ତ୍ତି ଅନନ୍ତ ଏବଂ ନାମ ଅନନ୍ତ । ସୁତରାଂ ଗୋଟିଏ ମୂର୍ତ୍ତିକୁ ପୂଜା କରିବା ଦ୍ୱାରା କିମ୍ବା ତୁମ୍ଭଙ୍କୁ ଗୋଟିଏ ନାମରେ ଡାକିବା ଦ୍ୱାରା ସେହି ଅନନ୍ତକୁ କ୍ଷୁଦ୍ର କରା ପରି ହୁଏ ବୋଲି କେହି କେହି କହି ପାରନ୍ତି, ମାତ୍ର ବୁଝିବା ଉଚିତ ଯେ ଅନନ୍ତକୁ କଳିବା ସାନ୍ତ ପକ୍ଷରେ ଅସମ୍ଭବ । ସେଥିମଧ୍ୟରୁ ଗୋଟିକୁ ପୂଜା କଲେ ସେହି ଅନନ୍ତକୁ ପୂଜା କରାଯାଏ ଏବଂ ପୂଜାର ଫଳ ତୁମ୍ଭରି ଏକା ଦାନ । ତୁମ୍ଭଙ୍କୁ ପିତା, ମାତା ଉଭୟ ନାମରେ ସମ୍ବୋଧନ କରାଯାଏ କିନ୍ତୁ ତୁମ୍ଭେ ଦୁଇ ମୂର୍ତ୍ତି ନୁହ—ଏକ । ତୁମ୍ଭେ ହିଁ ମାତା ତୁମ୍ଭେ ହିଁ ପିତା । ସ୍ୱଭାବତଃ ପିତା ଅପେକ୍ଷା ମାତାଠାରୁ ଅଧିକ ସ୍ନେହ ମିଳେ । ମାତା ସ୍ନେହମୟୀ, ତାହାର ଦେହ ପ୍ରାଣ ସ୍ନେହରେ ଗଢ଼ା । ମାତୃ-ସ୍ନେହ ବିଶୁଦ୍ଧ ମଧୁର ଏବଂ ପିତୃ ସ୍ନେହ କଠୋରତା ମିଶା ମଧୁର । ଏହି ହେତୁ ମାତୃ ରୂପରେ ତୁମ୍ଭଙ୍କୁ ପୂଜା କରାଯାଏ । ତୁମ୍ଭର ପିତା ମାତା ଦୁଇଟି ରୂପ ନୁହେ—ଏକାଧାରେ ଦୁଇଟି ଉପାଧି ମାତ୍ର । ତୁମ୍ଭ ସୃଷ୍ଟିରେ ବାପ, ମା ଦୁହିଁଙ୍କ ଠାରୁ ସ୍ନେହ ପାଇବାକୁ କାହାର ବା ଲୋଭ ନୁହେ !

ହେ ଦୟାଧାର, ତୁମ୍ଭେ ମୋତେ ଜନ୍ମ ଦେଇଅଛ, ପାଳନ କରୁଅଛ, ଆପଦ ବିପଦରୁ ରକ୍ଷା କରୁଅଛ ଏବଂ ସର୍ବପ୍ରକାର ମଙ୍ଗଳ ଦାନ କରୁଅଛ । ମୁଁ ତୁମ୍ଭ କରୁଣାର ରୂପବନ୍ତ ମୂର୍ତ୍ତି । ପୁନ ପିତାର କଳା ଦେଖି ଜନ୍ମ ଲାଭ କରେ । ତୁମ୍ଭେ ଅନନ୍ତ ଶକ୍ତିମାନ, ମୁଁ ଦୁର୍ବଳ ନୁହେ—ତୁମ୍ଭେ ଜ୍ଞାନ ସ୍ୱରୂପ, ମୁଁ ମୂର୍ଖ ନୁହେ—ତୁମ୍ଭେ ସତ୍ୟ ସ୍ୱରୂପ, ମୁଁ ମିଥ୍ୟାବାଦୀ ନୁହେ—ତୁମ୍ଭେ ପୁଣ୍ୟମୟ, ମୁଁ ପାପୀ ନୁହେ—ତୁମ୍ଭେ ମହାତେଜସ୍ୱୀ, ମୁଁ ମୃଦୁ ନୁହେ—ତୁମ୍ଭେ ମହାମହାନ, ମୁଁ କ୍ଷୁଦ୍ର ନୁହେ—ତୁମ୍ଭେ ଶାନ୍ତ, ସହିଷ୍ଣୁ, ମୁଁ ଝୁଙ୍କବୁଝିଆ ନୁହେ—



Digitized by srujanika@gmail.com

ଏହି ଭାବ ଏବଂ ଏହି ବିଶ୍ୱାସ ମୋ ହୃଦୟରେ ଦୃଢ଼ କରିଦିଅ ପ୍ରଭୋ। ଏହି ଦମ୍ଭ ମୋ ପ୍ରାଣରେ ମିଶି ରହୁ—ବାକ୍ୟରେ ମିଶି ରହୁ ଏବଂ ଉତ୍ସାହରେ ମିଶି ରହୁ। ବଡ଼ ଲୋକର ପୁଅ ହୋଇ ମୁଁ ହୀନ ହେବି କାହିଁକି। ତୁମ୍ଭେ ମୋର, ମୁଁ ତୁମ୍ଭର, ମୋତେ ତୁମ୍ଭର ଭାବରେ ପ୍ରଭାବିତ କରିଦିଅ। "ମୁଁ" ହିଁ ମୋର ଶତ୍ରୁ, ସେହି ମୁଁ ତୁମ୍ଭଙ୍କୁ ମୋତେ ବିଚ୍ଛେଦ କରାଇ ଦେଉଅଛି। ଏହି ବିଚ୍ଛେଦର ମୂଳ—ତୁମ୍ଭର ସୃଷ୍ଟି ମାୟା। ସେହି ମାୟା ତୁମ୍ଭର ଶୂନ୍ୟମୟ ପ୍ରତିନିଧି। ସେହି ମୁଁ ରୂପି ମାୟାକୁ ମୋ ଦେହରୁ କାଢ଼ିନିଅ। ସଂସାରର ମାୟା, ମୋହ, ଜ୍ୱାଳା, ଯନ୍ତ୍ରଣା, କାମ, କ୍ରୋଧ, ଲୋଭ, ମଦ, ମାତ୍ସର୍ଯ୍ୟ ପ୍ରଭୃତି ଦୁଷ୍ଟ ରିପୁକୁଳ, କୁଭାବ, କୁଚିନ୍ତା, କୁବୁଦ୍ଧି ଅଭିମାନ ପ୍ରଭୃତିର ନିପାତ ସାଧନ କରି ମୋତେ ତୁମ୍ଭର ପୂଜାଫୁଲ ପରି ନିର୍ମଳ ସୁନ୍ଦର ଏବଂ ପବିତ୍ର କରିଦିଅ। ତୁମ୍ଭର ପାଦ ପଦ୍ମରେ ମୋର ଏତିକି ମାତ୍ର ସକାତର ଅଳି।

ହେ କରୁଣାମୟ ହରି, ତୁମ୍ଭ ପାଦପଦ୍ମରେ ମୁଁ ଜନ୍ମେ ଜନ୍ମେ ଋଣୀ, ପ୍ରତି ନିଃଶ୍ୱାସରେ ଋଣୀ। ଶ୍ରାବଣର ମୂଷଳ ଧାରା ପରି ତୁମ୍ଭେ ମୋ ଉପରେ ଅଜସ୍ର କରୁଣା ଧାରା ଢାଳି ଦେଉଅଛ। ସେ ଧାରା କ୍ଷଣେ ମାତ୍ର ବିରତ ହେଲେ ମୋର ଅସ୍ତିତ୍ୱ ରହିବ ନାହିଁ। ତୁମ୍ଭେ ମୋ ପ୍ରତି କୌଣସି ପ୍ରକାର କୃପଣତା ପ୍ରକାଶ କରି ନାହଁ। ମୁଁ ଯାହା ମାଗି ନାହିଁ ତାହା ଦେଇଅଛ। ମୁଁ ଯାହା ପାଇବାକୁ ଅଯୋଗ୍ୟ, ତୁମ୍ଭେ ତାହାଠାରୁ ଅଧିକ ଦେଇଅଛ। କେବଳ ଏତିକି ମାଗୁଛି ଯେ, ତୁମ୍ଭ ପାଦ ସେବାର ଅଧିକାର ଦିଅ। ମୁଁ ତାହା ପାଇବାକୁ ଅଭାଜନ ହେଲେ ସୁଦ୍ଧା ତୁମ୍ଭ ଦୟାର ଅସାଧ୍ୟ କିଛି ନାହିଁ—ଏ ବିଶ୍ୱାସ ମୋର ଅଛି। ତୁମ୍ଭ ପଦ ସେବା ମୋର କର୍ତ୍ତବ୍ୟ ହେଉ, ମୋର ନିତ୍ୟ କର୍ମ ହେଉ, କର୍ମର ଅନ୍ୟ ପୁରସ୍କାର ମୁଁ ଖୋଜୁ ନାହିଁ ପ୍ରଭୁ, କର୍ମର ପୁରସ୍କାର ସେହି ପଦସେବା ହେଉ। କର୍ମର ପୁରସ୍କାର ସେହି କର୍ମ—ସେବାର ବର୍ଦ୍ଧନ ସେହି ସେବା ହେଉ, ମୋର ପ୍ରାଣ କର୍ମମୟ ହେଉ—ସେବା ପରାୟଣ ହେଉ। ଚକ୍ଷୁ ତୁମ୍ଭରି ମୂର୍ତ୍ତି ଦର୍ଶନ କରୁ—କର୍ଣ୍ଣ ତୁମ୍ଭରି ମହିମା ଗୀତ ଶୁଣୁ—ଜିହ୍ୱା ତୁମ୍ଭ ପ୍ରେମାମୃତ ପାନରେ ବିହ୍ୱଳ ହୋଇ ତୁମ୍ଭର ମହା ଦୟା ଘୋଷଣା କରୁ—ନାସିକା ତୁମ୍ଭର ଛଡ଼ା ଫୁଲ ଆଘ୍ରାଣରେ ପରିତୃପ୍ତ ହେଉ—ହସ୍ତ ତୁମ୍ଭ ପଦ ସେବାରେ ପବିତ୍ର ହେଉ—ଧନ୍ୟ ହେଉ। ସବୁ କାର୍ଯ୍ୟରେ, ସବୁ ଚିନ୍ତାରେ, ସବୁ କଳ୍ପନାରେ ତୁମ୍ଭଙ୍କୁ ଦେଖେଁ; ତୁମ୍ଭର ଦୟାର ଦାନ ଏବଂ ଆନନ୍ଦ ଉପଭୋଗ କରିବା ପୂର୍ବରୁ ତୁମ୍ଭଙ୍କୁ ସ୍ମରଣ କରି ଭକ୍ତି କୃତଜ୍ଞତା ପ୍ରକାଶ କରେଁ। କର୍ମ ଯନ୍ତ୍ରଚାଳିତ ପରି ହେଉଥାଉ, ମାତ୍ର ଅନୁଭୂତି ତୁମ୍ଭରି ପ୍ରଭାବ ସ୍ମରଣ କରୁଥାଉ। ମୁଁ ଏକାନ୍ତ ତନ୍ମୟ ହୋଇ ତୁମ୍ଭରି ଖଟଣି ସେବାରେ ମନପ୍ରାଣ ସମର୍ପଣ ପୂର୍ବକ ଅନାବିଳ ସୁଖାନନ୍ଦ ଉପଭୋଗ କରେଁ। ଏହା ଅପେକ୍ଷା ମାନବ ଜୀବନ ପକ୍ଷରେ ଅନ୍ୟ ସ୍ପୃହଣୀୟ କଅଣ ହୋଇପାରେ। ମୋ ନୟନରେ ବିଶ୍ୱ ବ୍ରହ୍ମମୟ କରିଦିଅ ଭଗବାନ, ଜୀବନର ସାୟଂକାଳରେ କୃତାଞ୍ଜଳି-ପୁଟରେ ନତମସ୍ତକରେ ଏହା ହିଁ ଶେଷ ଭିକ୍ଷା।

ହରି ହେ, ମୁଁ ମୋତେ ଚିହ୍ନିଲେ ତୁମ୍ଭଙ୍କୁ ଚିହ୍ନିବି। ତୁମ୍ଭେ ମୋ ମଧ୍ୟରେ ଅଛ, ବାହାରେ ଅଛ, ପ୍ରତି ନିଶ୍ୱାସ ପ୍ରଶ୍ୱାସରେ ଓଁକାର ରୂପରେ ମୋର ଶରୀର ମଧ୍ୟକୁ ଯାତାୟାତ କରୁଅଛ। ମାତୃଗର୍ଭରୁ ଭୂମିଷ୍ଠ ହେଲା କ୍ଷଣି ଓଁଆ ଓଁଆ ଶବ୍ଦରେ ବ୍ରହ୍ମବାଚକ ଓଁ ଶବ୍ଦ ଉଚ୍ଚାରଣ କରିଥିଲି। ନିଶ୍ୱାସ ପ୍ରଶ୍ୱାସରେ "ଓଁ" ଏହି ଏକାକ୍ଷରୀ ପ୍ରଣବ ମହାମନ୍ତ୍ରର ପୁନ ଅନୁଭବ କରୁଅଛି, ତଥାପି ତୁମ୍ଭଙ୍କୁ ଦେଖି ପାରୁ ନାହିଁ କିମ୍ବା ଧାରଣା କରି ପାରୁ ନାହିଁ। ଦୟାମୟ, ଦୟା କରି ମୋହର ମଧ୍ୟରେ ମୋତେ ଦର୍ଶନ ଦେଇ ଜୀବନ, ଜନ୍ମ ସାର୍ଥକ କର, ପ୍ରଭୁ ! ସାଂସାରିକ ସମ୍ପଦରେ ମୋ ପ୍ରତି କିଛି ଅଦେୟ ରଖି ନାହଁ, ଏବେ ପାରତ୍ରିକ ସୁଖ ସମ୍ପଦ ପାଇଁ ମୁଁ ଭିକାରୀ। କିନ୍ତୁ କି ଭାଷାରେ ଭିକ୍ଷା ମାଗିବି ଜାଣେ ନାହିଁ ପ୍ରଭୁ, ପ୍ରାଣ ମଧ୍ୟରେ ବସି ତାହା ଶିଖାଇ ଦିଅ। ତୁମ୍ଭେ ବିଶ୍ୱଗୁରୁ, ଏ କ୍ଷୁଦ୍ର ପ୍ରାଣରେ ଶୁଭ ମନ୍ତ୍ର ପ୍ରଦାନ କର, ପ୍ରଭୁ !

# ପୁଣ୍ୟଶ୍ଳୋକ ଭାଗବତ

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ସମ୍ପ୍ରତିମାନ ଏପରି ଏକ ଦୁଃସମୟ ପଡ଼ିଛି ଯେ ଗତ କେତେ ମାସ ହେଲା ଗୃହଆଡ଼ୁ କେବଳ ଖ୍ୟାତନାମା ବ୍ୟକ୍ତିମାନଙ୍କର ତିରୋଭାବର ସମ୍ବାଦ ମିଳୁଛି। ତହିଁ ମଧ୍ୟରେ ବାଲେଶ୍ୱର ଜିଲ୍ଲାର ଭଦ୍ରକ ନିବାସୀ ଶ୍ରୀଯୁକ୍ତ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଅନ୍ୟତମ। ଧର୍ମ ଓ କର୍ମରେ ନିଷ୍ଠା ଥିଲା ତାଙ୍କ ଜୀବନର ବ୍ରତ—ମାତ୍ର ସେ ତହିଁ ମଧ୍ୟରେ ସର୍ବଦା ଅନାସକ୍ତ ହୋଇ ରହୁଥିଲେ। "ସୁଖଂ ଦୁଃଖଂ ସମଂ କୃତ୍ୱା ଲାଭାଲାଭୌ ଜୟାଜୟୌ"—ଗୀତାର ଏହି ମହା ବାକ୍ୟ ତାଙ୍କର ଜୀବନରେ ପ୍ରତିଫଳିତ ହୋଇଥିଲା। ଜୀବନର ଶେଷ କାଳ ପର୍ଯ୍ୟନ୍ତ ରୁଗ୍ଣ ଓ ଜରାଗ୍ରସ୍ତ ହୋଇ ସୁଦ୍ଧା କର୍ମ ବିନା ସେ ରହି ପାରୁ ନ ଥିଲେ। ତଥାପି "ସଂସାରେ ଥାଇ ମୁଁ ସଦା ଉଦାସୀନ" ଭଳି ଦିନ କଟାଉଥିଲେ।

ଭଗବତ ବାବୁଙ୍କର ଜନ୍ମ ଭଦ୍ରକ ଅନ୍ତର୍ଗତ ତାଳପଦା ଗ୍ରାମର ସୁଖ୍ୟାତ ସାମନ୍ତରାୟ ବଂଶରେ । ତାଙ୍କ ପିତା ସ୍ୱର୍ଗୀୟ ହରିହର ସାମନ୍ତରାୟ ମହାପାତ୍ର ଜଣେ ନିଷ୍ଠାବାନ୍ ଧାର୍ମିକ ପୁରୁଷ ଥିଲେ । ତାଙ୍କ ମାତା ବାଲେଶ୍ୱର ସଦରର ସୁନହଟ ନିବାସୀ ଜମିଦାର ସାମନ୍ତ ରାଧାଶ୍ୟାମ ଦାସଙ୍କ ଜ୍ୟେଷ୍ଠା କନ୍ୟା । ୰ ସାମନ୍ତ ରାଜନାରାୟଣ ଦାସ ତାଙ୍କର ମାତୁଳ ଓ ୰ ସାମନ୍ତ ରାଧାଚରଣ ଦାସ ରାୟବାହାଦୁର ତାଙ୍କ ମାତୁଳପୁତ୍ର ।



ହରିଜନ-ସେବକ କୁଳବୃଦ୍ଧ ଭଗବତ ପ୍ରସାଦ

ଭଗବତ ବାବୁଙ୍କର ଜନ୍ମ ସନ ୧୨୭୧ ସାଲ ଚୈତ୍ର ଦ୍ୱାଦଶୀରେ । ସେ ଦିନ ମହାବାରୁଣୀ ଯୋଗ । ଜନ୍ମର ତ୍ରୟୋଦଶ ଦିବସରେ ସୂତିକା ଗୃହରେ ତାଙ୍କ ମାତୃ-ବିୟୋଗ ଘଟିଲା । ତେର ଦିନର ପିଲା, ଜୀଇଁବା ଅସମ୍ଭବ । ତଥାପି ଭଗବାନଙ୍କ କୃପାରୁ ସେ ଧାତ୍ରୀମାନଙ୍କ ଚେଷ୍ଟାରେ ବଞ୍ଚିଗଲେ ଓ ଲାଳିତପାଳିତ ହେଲେ । ମାତୃହୀନ ବୋଲି ପିତାଙ୍କର ସେ ନୟନପିତୁଳି ହୋଇଥିଲେ । ମାତ୍ର ଅତି ଅଳ୍ପ ବୟସରେ ଶିକ୍ଷା ନିମନ୍ତେ ତାଙ୍କୁ ମାତୁଳାଳୟକୁ ଆସିବାକୁ ପଡ଼ିଲା । ସୁନହଟରେ ରହି ସେ ବାଲେଶ୍ୱର ଜିଲ୍ଲା ସ୍କୁଲରୁ ଏନ୍‌ଟ୍ରେନ୍ସ ପାଶ୍ କଲେ ଓ କଟକ ରେଭେନ୍ସା କଲେଜରୁ ଏଫ୍. ଏ. ପାଶ କଲେ । ଏଫ୍.ଏ. ପାଶ ପରେ ତାଙ୍କ ମାତୁଳ ବି.ଏ., ନ ପଢ଼ାଇ ଆଇନ ପଢ଼ିବାକୁ ଜିଦ୍ କରିବାରୁ ସେ କଲିକତା ରିପନ କଲେଜରେ ଆଇନ ଅଧ୍ୟୟନ କରି ସେହିଠାରୁ ବି.ଏଲ୍. ପାଶ କଲେ ଓ ବାଲେଶ୍ୱରରେ ଓକିଲାତି ଆରମ୍ଭ କଲେ । ବାଲେଶ୍ୱରରେ ଥିବା ସମୟରେ ସେ ସେଠାକାର ମ୍ୟୁନିସିପାଲିଟିର ଭାଇସ୍ ଚେୟାର୍‌ମ୍ୟାନ ହୋଇଥିଲେ ଓ ବାଲେଶ୍ୱରରେ ନ୍ୟାସ୍‌ନେଲ ସୋସାଇଟି ଗଠନ କରି ତହିଁର ପ୍ରତିନିଧି ସ୍ୱରୂପ ପ୍ରତି ବର୍ଷ ଭାରତୀୟ କଂଗ୍ରେସକୁ ଯାଉଥିଲେ ।

୧୯୦୦ ଖ୍ରୀଷ୍ଟାବ୍ଦରେ ଭଦ୍ରକରେ ସିଭିଲ କୋର୍ଟ ଖୋଲିବାରୁ ସେ ଭଦ୍ରକକୁ ଚାଲି ଆସିଲେ । ଭଦ୍ରକରେ ଓକିଲାତି କରୁଥିବା ସମୟରେ ସେ ଲୋକେଲ ବୋର୍ଡ଼ର ଭାଇସ୍ ଚେୟାରମ୍ୟାନ ଓ ଅନରେରି ମାଜିଷ୍ଟ୍ରେଟ୍ ହୋଇଥିଲେ । ତାଙ୍କର ଚେଷ୍ଟାରେ ଭଦ୍ରକର ଇଉନିଅନ ବୋର୍ଡ଼ ଓ କୋ-ଅପରେଟିଭ୍ ବ୍ୟାଙ୍କ ଖୋଲାହେଲା ଏବଂ ସେ ସେହି ଉଭୟ ପ୍ରତିଷ୍ଠାନର ପ୍ରଥମ ଚେୟାର୍‌ମ୍ୟାନ ହୋଇଥିଲେ ।

ସ୍ଥାନୀୟ ବାର ( Bar ) ର ନୈତିକ ଅଧଃପତନ ଦେଖି ସେ ଓକିଲାତି ବ୍ୟବସାୟ ପ୍ରତି ବିତଶ୍ରଦ୍ଧ ହୋଇଥିଲେ ଏବଂ ୧୯୧୬ ଖ୍ରୀଷ୍ଟାବ୍ଦରେ ବ୍ୟବସାୟ ଛାଡ଼ିଦେଲେ । ଏହି ସମୟରେ ତାଙ୍କ ମାତୁଳପୁତ୍ର-ଭ୍ରାତା ରାଧାଚରଣଙ୍କର ଅକାଳ ବିୟୋଗ ଘଟିବାରୁ ସେ ବାଲେଶ୍ୱରରେ ରହି ତାଙ୍କର ବିସ୍ତୃତ ଜମିଦାରୀର ତତ୍ତ୍ୱାବଧାନ କଲେ । ସେହି ସମୟରେ ସେ ବାଲେଶ୍ୱରର ଅନରାରି ମାଜିଷ୍ଟ୍ରେଟ ଓ ଜିଲ୍ଲା ବୋର୍ଡର ଭାଇସ୍ ଚେୟାର୍‌ମ୍ୟାନ ମନୋନୀତ ହେଲେ । ସେ କାଳରେ ଜିଲ୍ଲାବୋର୍ଡର ଚେୟାର୍‌ମ୍ୟାନ୍ ଜିଲ୍ଲା-ମାଜିଷ୍ଟ୍ରେଟ ହୋଇଥିଲେ । ଏହି ବର୍ଷ ସମ୍ବଲପୁରରେ ହେଉଥିବା ଉତ୍କଳ ସମ୍ମିଳନୀରେ ଯୋଗ ଦେଇ ସେ ପରବର୍ତ୍ତୀ ସମ୍ମିଳନୀ ବାଲେଶ୍ୱରରେ ହେବାପାଇଁ ଆମନ୍ତ୍ରଣ କଲେ ଓ ବହୁ ବାଧା ବିଘ୍ନ ସତ୍ତ୍ୱେ ତହିଁ ଆର ବର୍ଷ ବାଲେଶ୍ୱରରେ ସମ୍ମିଳନୀ କରାଇଲେ । ସେଥିରେ ମଞ୍ଜୁଷାର ରାଜା ସଭାପତି ହୋଇଥିଲେ । କର୍ତ୍ତୃପକ୍ଷରୁ ଅନେକ ପ୍ରକାର ଚେଷ୍ଟା ହେଲା ସମ୍ମିଳନୀ ଭାଙ୍ଗିଦେବା ପାଇଁ—ଭୟ ମଧ୍ୟ ଦେଖା ହେଲା ମାତ୍ର ସମ୍ମିଳନୀ ହୋଇଗଲା । କର୍ତ୍ତୃପକ୍ଷଙ୍କ ସବୁ ରାଗ ପଡ଼ିଲା ଭଗବତ ବାବୁଙ୍କ ଉପରେ । ଏହାର ଫଳରେ ଦିନେ କର୍ତ୍ତୃପକ୍ଷଙ୍କ ସହିତ କୌଣସି ମନୋମାଳିନ୍ୟ ଘଟିବାରୁ ସେହି ଦିନ ଭଗବତ ବାବୁ ଅନରାରି ମାଜିଷ୍ଟ୍ରେଟ ଓ ଭାଇସ୍ ଚେୟାରମ୍ୟାନ୍ ପଦରୁ ଇସ୍ତଫା ଦେଇ ଚାଲିଆସିଲେ ।

ଏହା ପରେ ତାଙ୍କ ସାଧାରଣ ଜୀବନର ଆଉ ଏକ ନୂତନ ଅଧ୍ୟାୟ ଆରମ୍ଭ ହେଲା । ମଣ୍ଟ-ଫୋର୍ଡ଼ ନୂତନ ଶାସନ ଆଇନ ଅନୁସାରେ ୧୯୨୧ ଖ୍ରୀଷ୍ଟାବ୍ଦରେ କାଉନ୍‌ସିଲ ନିର୍ବାଚନ ଆରମ୍ଭ ହେଲା । ତହିଁରେ ଭଗବତ ବାବୁ ଦକ୍ଷିଣ ବାଲେଶ୍ୱର ନିର୍ବାଚକ ମଣ୍ଡଳରୁ ଛିଡ଼ାହୋଇ କୃତକାର୍ଯ୍ୟ ହେଲେ । ଏହି ରୂପେ ଆଉରି ଦୁଇ ଥର ସେ ନିର୍ବାଚିତ ହୋଇ ଏକାଦିକ୍ରମରେ ୯ ବର୍ଷ କାଳ



Digitized by srujanika@gmail.com

ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ ରହିଥିଲେ ଏବଂ ୩ ବର୍ଷ ପର୍ଯ୍ୟନ୍ତ ଉକ୍ତ ସଭାର ସହକାରୀ ସଭାପତି ନିର୍ବାଚିତ ହୋଇଥିଲେ ।

କାଉନ୍‌ସିଲରେ ଥିବା ସମୟରେ ସେ ଦେଶହିତକର କାର୍ଯ୍ୟମାନ କରାଇ ପାରିବେ ବୋଲି ବିଶ୍ୱାସ କରୁଥିଲେ ଓ ସେଥିପାଇଁ ଦିବାରାତ୍ର ଅକ୍ଲାନ୍ତ ପରିଶ୍ରମ କରୁଥିଲେ । ଓଡ଼ିଶାରେ ସ୍ଥାୟୀ ବନ୍ଦୋବସ୍ତ ହେଉ ବୋଲି ସେ ବହୁ ଚେଷ୍ଟା କରିଥିଲେ । ତାଙ୍କରି ଚେଷ୍ଟାରେ ଗତ ବନ୍ଦୋବସ୍ତ ଏକ ବର୍ଷ ସ୍ଥଗିତ ହୋଇଥିଲା ଓ ଖଜଣା ବୃଦ୍ଧିର ହାର କମି ଯାଇଥିଲା ।

୧୯୩୦ ଖ୍ରୀଷ୍ଟାବ୍ଦରେ ଯେତେବେଳେ ସତ୍ୟାଗ୍ରହ ସମର ଆରମ୍ଭ ହେଲା, ସେ ନାନା କାରଣରୁ ଗଭର୍ଣ୍ଣମେଣ୍ଟ ସହକାରିତାରେ ବିଶ୍ୱାସ ହରାଇଲେ ଓ ପ୍ରତିବାଦ ସ୍ୱରୂପ କାଉନ୍‌ସିଲ ସଭ୍ୟ ପଦରୁ ଇସ୍ତଫା ଦେଲେ । ବୃଦ୍ଧ ବୟସରେ ତାଙ୍କ ଜୀବନ-ସ୍ରୋତ ପୁଣି ଏକ ନୂତନ ଗତି ଧରିଲା । ସେ ଦିବାରାତ୍ର ସୂତାକଟା ଓ ହରିଜନ ସେବା କାର୍ଯ୍ୟରେ ମନପ୍ରାଣ ଦେଲେ । ସେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭ୍ୟ ଓ ପ୍ରାଦେଶିକ ହରିଜନ ସେବା ସଂଘର ସହକାରୀ ସଭାପତି ହୋଇଥିଲେ । ତାଙ୍କ ନିଜର ଠାକୁରବାଡ଼ି ହରିଜନ-ମାନଙ୍କୁ ଉନ୍ମୁକ୍ତ କରି ଦେଇଥିଲେ ଓ ଶେଷ ଜୀବନ ପର୍ଯ୍ୟନ୍ତ ନିଜ ହାତକଟା ସୂତାର ଲୁଗା ପିନ୍ଧୁଥିଲେ ।

୧୯୩୬ ଡିସେମ୍ବର ତା ୨୦ ରିଖ ଦିନ ସେ କଫ ଓ କାଶ ରୋଗରେ ଆକ୍ରାନ୍ତ ହୋଇ କ୍ରମେ ଦୁର୍ବଳ ହେଉଥିଲେ ଓ ୧୯୩୭ ଜାନୁୟାରୀ ତା ୨୩ ରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ତାଙ୍କର ଭଦ୍ରକ ଭବନରେ ମହା-ପ୍ରୟାଣ ହେଲା ।


ସ୍ୱଦେଶୀ ଆନ୍ଦୋଳନର ବହୁ ପୂର୍ବରୁ ସେ ଦେଶୀ ଲୁଗାର ପ୍ରଚାର ନିମନ୍ତେ ଭଦ୍ରକରେ ଗୋଦାମ କରାଇଥିଲେ । ନିଜ ବ୍ୟୟରେ ଆଧୁନିକ ତନ୍ତ ଅଣାଇ ସ୍ଥାନୀୟ ତନ୍ତୀମାନଙ୍କୁ ଶିକ୍ଷା ଦିଆଇଥିଲେ ଓ ଏହିପରି ନାନା ହିତକର କାର୍ଯ୍ୟରେ ସେ ଅଗ୍ରଣୀ ଥିଲେ ।

ତାଙ୍କର ଦାନ ଅସୀମ । ସେ ଯାହା ଜୀବନରେ ଉପାର୍ଜନ କରିଅଛନ୍ତି ତହିଁର ଅଧିକାଂଶ ଦାନରେ ବ୍ୟୟିତ । ମାତ୍ର ସେ ଏଡ଼େ ଗୋପନରେ ଦାନ କରୁଥିଲେ ଯେ ତାଙ୍କ ବିଶ୍ୱସ୍ତ କର୍ମଚାରୀ, ପୁତ୍ର ବା ପତ୍ନୀ ତାହା ଜାଣି ପାରୁ ନ ଥିଲେ । ଅନେକ ଅଭାବଗ୍ରସ୍ତ ଛାତ୍ରଙ୍କୁ ସେ ସମସ୍ତ ଖରଚ ଦେଇ ପଢ଼ାଇଥିଲେ ।

ସେ ଯାହା ଭଲ ବୋଲି ଭାବୁଥିଲେ ଲୋକାପେକ୍ଷା ନ ରଖି ତାହା କାର୍ଯ୍ୟରେ ପରିଣତ କରୁଥିଲେ । କରଣ ଜାତିର ବିବାହରେ ଅଯଥା ଖରଚ, ଝିଅ ଅଧିବାରେ ସାମାଜିକ ବାଧା ପ୍ରଭୃତି ସେ ନିଜେ ଉଠାଇ ଦେଇଥିଲେ । ସେତେବେଳେ ସେ ସବୁ ଲୋକରୁଚିକର ନ ଥିଲେ ସୁଦ୍ଧା ଆଜିକାଲି ସମାଜରେ ଚଳି ଗଲାଣି ।

କାହାରିକୁ ପେଞ୍ଚରେ ପକାଇବା ବା କୌଶଳରେ କାହାର ଅନିଷ୍ଟ କରିବାଟା କଣ ସେ ଆଦୌ ଜାଣୁ ନ ଥିଲେ ବା ବୁଝୁ ନ ଥିଲେ । ସବୁବେଳେ ସିଧା କଥା ଓ ସରଳ ଜବାବ ଥିଲା ତାଙ୍କର ମୂଳ ମନ୍ତ୍ର । ଯାହାକୁ ଥରେ ଯାହା ଜବାବ ଦେଉଥିଲେ ତାହା ସେ ଯେପରି ହେଉ ପୂରଣ କରୁଥିଲେ ଓ ଯେତେ ବାଧା, ବିଘ୍ନ, ପ୍ରଲୋଭନ, ପ୍ରରୋଚନ ହେଉ ପଛକେ, ତହିଁରୁ ଟଳୁ ନ ଥିଲେ । କାହାରି ଉପରେ ଅଧିକ କ୍ଷଣ ରାଗ ରଖିବା କେବେ ଦେଖା ଯାଇନାହିଁ ।

ସେ ପରମ ବୈଷ୍ଣବ ଥିଲେ । ନାମ କୀର୍ତ୍ତନ ଓ ଜୀବଦୟାରେ ଦୟା ପ୍ରତି ତାଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା । ଶେଷ ୩୦ ବର୍ଷ ସେ ନିରାମିଷ ଭୋଜୀ ଥିଲେ ଓ ସ୍ୱାସ୍ଥ୍ୟ ସକାଶେ ବହୁ ଦିନବ୍ୟାପୀ ଫଳାହାରରେ ରହିଥିଲେ ।



ଜାନ୍ନବର ଲକ୍ଷ୍ମୀକାନ୍ତ ମହାପାତ୍ର ବି. ଏ.

କବି ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ମହାପାତ୍ର ତାଙ୍କର ଜ୍ୟେଷ୍ଠ ପୁତ୍ର ଓ ଭୂତପୂର୍ବ କାଉନ୍‌ସିଲ ଓ ଆସେମ୍ବ୍ଲି ମେମ୍ବର ଶ୍ରୀଯୁକ୍ତ ସୀତାକାନ୍ତ ମହାପାତ୍ର ମଧ୍ୟମ ପୁତ୍ର ।

ନାଟ୍ୟନେତ୍ରୀ ଶ୍ରୀମତୀ ଜାହ୍ନବୀ ଦେବୀ ଏବଂ ପ୍ରସିଦ୍ଧ ନାରୀ କର୍ମୀ ଓ ଲେଖିକା ପରଲୋକଗତା କୋକିଳ ଦେବୀ ତାଙ୍କର କନ୍ୟା ।




Digitized by srujanika@gmail.com

# ସମ୍ବାଦ ଓ ସଙ୍କେତ

## ଚନ୍ଦ୍ରଶେଖର ଶତବାର୍ଷିକୀ

ଓଡ଼ିଶାର ଦେଶୀୟ ରାଜ୍ୟର ଲୋକମାନଙ୍କ ପକ୍ଷରେ ଏକ ଗୌରବର ବିଷୟ ଏହି ଯେ ଗତ ଊନବିଂଶ ଶତାବ୍ଦୀରେ ଏହି ଓଡ଼ିଶା-



ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହ ସାମନ୍ତ

ଗଡ଼ଜାତରେ ଜଣେ ଭାରତ ବିଖ୍ୟାତ ଜ୍ୟୋତିର୍ବିଦ ପଣ୍ଡିତ ଜନ୍ମଗ୍ରହଣ କରିଥିଲେ । ସେହି ମହାତ୍ମାଙ୍କର ନାମ ସାମନ୍ତ ଚନ୍ଦ୍ରଶେଖର ସିଂହ ।

ଆଜକୁ ଠିକ୍ ଶହେ ବର୍ଷ ତଳେ ଚନ୍ଦ୍ରଶେଖର ଖଣ୍ଡପଡ଼ା ରାଜବଂଶରେ ୧୮୩୬ ଖ୍ରୀଷ୍ଟାବ୍ଦ ଜାନୁଆରୀ ମାସ ୧୧ ତାରିଖରେ ଜନ୍ମଗ୍ରହଣ କରିଥିଲେ । ପିଲାଦିନରେ ସେ ଗ୍ରାମ୍ୟ ପାଠଶାଳାରେ ଅଧ୍ୟୟନ କରିଥିଲେ । ତାଙ୍କର ପିତା ଜ୍ୟୋତିଷ ବିଷୟରେ ଚର୍ଚ୍ଚା କରୁଥିବାର ଦେଖି ଚନ୍ଦ୍ରଶେଖରଙ୍କ ମନ ଜ୍ୟୋତିଷ ଆଡ଼କୁ ଆକୃଷ୍ଟ ହୋଇଲା ଓ ସେ ସଂସ୍କୃତ ଏବଂ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ କରିବାର ସୁବିଧା ପାଇଥିଲେ । ବିନା ଗୁରୁରେ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ କରିବା ବଡ଼ କଠିନ; କାରଣ ଗ୍ରନ୍ଥ ଗୁଡ଼ିକରେ ଯନ୍ତ୍ର ନିର୍ମାଣ କିମ୍ବା ଗ୍ରହ ନକ୍ଷତ୍ର ଗୁଡ଼ିକର ଗତିବିଧି ପର୍ଯ୍ୟବେକ୍ଷଣ କରିବାର ପ୍ରଣାଳୀ ବିଶଦଭାବରେ ଲେଖା ନ ଥାଏ । ତେଣୁ ଚନ୍ଦ୍ରଶେଖର ସ୍ୱାଭାବିକ ପ୍ରତିଭା ନିଜର "ଧୀ-ଯନ୍ତ୍ର" ବା ପ୍ରତିଭା ବଳରେ ଶାସ୍ତ୍ର ଗୁଡ଼ିକୁ ଅଧ୍ୟୟନ କରିବାକୁ ଲାଗିଲେ ।

କଟକ ରେଭେନ୍ସା କଲେଜର ଅବସର ପ୍ରାପ୍ତ ଅଧ୍ୟାପକ ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ରାୟ ମହାଶୟ ଚନ୍ଦ୍ରଶେଖରଙ୍କ ପ୍ରତିଭାକୁ ଆବିଷ୍କାର କରି ଦେଶ ବିଦେଶରେ ପ୍ରଚାରିତ କରାଇଥିବାରୁ ଓଡ଼ିଶା ତାଙ୍କୁ କୃତଜ୍ଞତାର ସହ ସ୍ମରଣ କରିବ । ଉକ୍ତ ମହାଶୟ ୧୯୩୬ ଜୁଲାଇ ସଂଖ୍ୟା ଇଂରାଜୀ "ମଡ଼ାର୍ଣ୍ଣ-ରିଭ୍ୟୁ" ପତ୍ରିକାରେ ଚନ୍ଦ୍ରଶେଖରଙ୍କ ସମ୍ବନ୍ଧେ ଗୋଟିଏ ପ୍ରବନ୍ଧ ଲେଖିଅଛନ୍ତି । ଆମ୍ଭେମାନେ ଉକ୍ତ ପ୍ରବନ୍ଧରୁ କେତେକ ସାରାଂଶ ନିମ୍ନରେ ପ୍ରକାଶ କଲୁଁ ।

ନିଜ ହାତରେ ଗ୍ରନ୍ଥ ବର୍ଣ୍ଣିତ କେତେ ଗୁଡ଼ିଏ ଯନ୍ତ୍ର ତାଙ୍କୁ ନିର୍ମାଣ କରିବାକୁ ହୋଇଥିଲା । ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ ପାଇଁ ଦୁଇ ପ୍ରକାର ଯନ୍ତ୍ର ଆବଶ୍ୟକ—ରେଖାପରିମାପକ ଯନ୍ତ୍ର ଓ କୌଣିକ ଦୂରତାପରିମାପକ ଯନ୍ତ୍ର । ଆଶ୍ଚର୍ଯ୍ୟର ବିଷୟ ଏହି ଯେ ସମୟ ଜାଣିବା ପାଇଁ ତାଙ୍କ ନିକଟରେ ଗୋଟାଏ ଘଡ଼ି ସୁଦ୍ଧା ନ ଥିଲା । ଏହା ବଦଳରେ ସେ ପ୍ରାଚୀନ ପ୍ରଥା ଅନୁଯାୟୀ ଗୋଟିଏ ତାମ୍ର ନିର୍ମିତ ପାତ୍ର ରଖି କାର୍ଯ୍ୟ ଚଳାଉଥିଲେ । ତାହା ପରେ ସେ ଶାସ୍ତ୍ର ଲିଖିତ ନିୟମାନୁସାରେ ଗୋଟିଏ ସମୟନିର୍ଣ୍ଣୟକ ଯନ୍ତ୍ର ପ୍ରସ୍ତୁତ କରିବା ପାଇଁ ବାରମ୍ବାର ଚେଷ୍ଟା କରି ଅକୃତକାର୍ଯ୍ୟ ହୋଇଥିଲେ । ଶେଷରେ ସେ 'ସଙ୍କୁ' ନାମକ ଗୋଟିଏ ଯନ୍ତ୍ର ସମୟ ଜାଣିବା ପାଇଁ ଓ କୌଣିକ ଦୂରତା ନିରୂପଣ କରିବା ପାଇଁ ବ୍ୟବହାର କରିଥିଲେ ।

## ଚନ୍ଦ୍ରଶେଖରଙ୍କ ପ୍ରତିଭା

ସେ ଦେଖିଲେ ଯେ ତାଙ୍କର ଗଣନା ଅନୁଯାୟୀ ଗ୍ରହ ନକ୍ଷତ୍ର ଗୁଡ଼ିକର ସ୍ଥାନ ପୂର୍ବ ବର୍ଣ୍ଣିତ ରୂପେ ସମ୍ପୂର୍ଣ୍ଣ ଠିକ ନ ରହି ପରିବର୍ତ୍ତିତ ଘଟିଅଛି । ତେଣୁ ସେ ସ୍ଥିର କଲେ ଯେ ସିଦ୍ଧାନ୍ତର ମତ ଗୁଡ଼ିକ ଠିକ ନୁହେ ଓ ତାଙ୍କର ଗବେଷଣାର ଫଳ ସ୍ୱରୂପ ସେ "ସିଦ୍ଧାନ୍ତ ଦର୍ପଣ" ନାମକ ଗୋଟିଏ ପୁସ୍ତକ ଲେଖିଥିଲେ । ସଂସ୍କୃତ ଶ୍ଳୋକରେ ଏହି ପୁସ୍ତକଟି ଲିଖିତ ଏବଂ ୧୮୯୯ ଖ୍ରୀଷ୍ଟାବ୍ଦରେ ପ୍ରକାଶ ନ ହେବା ପର୍ଯ୍ୟନ୍ତ ଲୋକେ ଏହାକୁ ଜାଣି ନ ଥିଲେ । ସେତେବେଳେ ଚନ୍ଦ୍ରଶେଖରଙ୍କ ବୟସ ୬୩ ବର୍ଷ ଓ ତାଙ୍କର ଏହି କାର୍ଯ୍ୟର ମର୍ଯ୍ୟାଦା ଯଥାଯଥ ରୂପେ ବୁଝିବାକୁ ଲୋକେ ସମୟ ପାଇବା ପୂର୍ବରୁ ସେ ୧୯୦୪ ଖ୍ରୀଷ୍ଟାବ୍ଦରେ ପରଲୋକ ଗମନ କରିଥିଲେ । ଅନ୍ୟାନ୍ୟ ମନୀଷୀମାନଙ୍କ ପରି ଚନ୍ଦ୍ରଶେଖର ଶାନ୍ତ ଓ ନିଭୃତ ସ୍ଥାନରେ ରହିବାକୁ ଭଲ ପାଉଥିଲେ । ଭାରତ ଗଭର୍ଣ୍ଣମେଣ୍ଟ ତାଙ୍କ ଧୀଶକ୍ତିର ପରିଚୟ ପାଇ ତାଙ୍କୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରିଥିଲେ ।

ଏହି ଉପଲକ୍ଷରେ ଓଡ଼ିଶାର ବିଖ୍ୟାତ କବି ରାଧାନାଥ ତାଙ୍କର ଦରବାର ପଦ୍ୟରେ ଲେଖିଅଛନ୍ତି:—

"ଜାଣେ ମୁଁ ନ ଥିଲି ସମ୍ମାନ ଆଶାୟୀ
ସମ୍ମାନ ତୁମ୍ଭଙ୍କୁ ବରି ନେଲା ଯାଇ ।"

ବୈଦେଶିକ ବୈଜ୍ଞାନିକ ପତ୍ରିକାଗୁଡ଼ିକ ଏହି ସିଦ୍ଧାନ୍ତ-ଦର୍ପଣ ସମ୍ବନ୍ଧେ ଜାଜ୍ୱଲ୍ୟମାନ ଭାଷାରେ ଅନେକ ପ୍ରଶଂସା କରିଅଛନ୍ତି ଓ ୧୮୯୯ ମସିହା ମାର୍ଚ୍ଚ ମାସ ୯ ତାରିଖର "ନେଚର" ନାମକ (Nature) ପତ୍ରିକା ଏହାଙ୍କୁ ଜ୍ୟୋତିର୍ବିଜ୍ଞାନରେ ଯଥେଷ୍ଟ ଉଚ୍ଚ ସ୍ଥାନ ଦେଇଅଛନ୍ତି । ୧୮୯୯ ସାଲ ନଭେମ୍ବର ମାସର "ନଲେଜ" (Knowledge) ପତ୍ରିକା ସିଦ୍ଧାନ୍ତ-ଦର୍ପଣ ସମ୍ବନ୍ଧେ ନିମ୍ନ ଲିଖିତ ଭାବେ ମତ ପ୍ରକାଶ କରିଥିଲେ ।

"ଗତ କେତେକ ବର୍ଷ ମଧ୍ୟରେ ଯେତେ ଗୁଡ଼ିଏ ଜ୍ୟୋତିଷ ଶାସ୍ତ୍ର ପ୍ରକାଶିତ ହୋଇଅଛି ସେମାନଙ୍କ ଭିତରୁ ସିଦ୍ଧାନ୍ତ-ଦର୍ପଣ ସବୁ ଦିଗରେ ସମସ୍ତଙ୍କ ଅପେକ୍ଷା ଉଚ୍ଚ ସ୍ଥାନ ଅଧିକାର କରିଅଛି । ଲେଖକ ସାମାନ୍ୟ ଯନ୍ତ୍ର ସାହାଯ୍ୟରେ ଅତ୍ୟାଶ୍ଚର୍ଯ୍ୟ ଟିକ୍ଷ୍ଣତା ଦେଖାଇ ପାରିଛନ୍ତି ।"

## ସଂସ୍କାରିତ ପଞ୍ଜିକା

ହିନ୍ଦୁ ପଞ୍ଜିକାରେ କେତେକ ଭୁଲ ଥିବାର ଦେଖି ପାରି ଚନ୍ଦ୍ରଶେଖର ତାହାର ସଂସ୍କାର ଦିଗରେ ନିଜର ସମସ୍ତ ଗବେଷଣା ନିୟୋଜିତ କରିଥିଲେ । ଅବଶ୍ୟ ଭାରତର ଅନ୍ୟାନ୍ୟ ଅଞ୍ଚଳର ପଣ୍ଡିତମାନେ ହିନ୍ଦୁ ପଞ୍ଜିକାରେ କେତେକ ଭୁଲ ଥିବାର ସନ୍ଦେହ କରିଥିଲେ; ବିଶେଷତଃ, ଶୁଭ ଦିନ ନିର୍ଦ୍ଧିଷ୍ଟ ବିଷୟରେ ତାହାର ଗଣନା ଗୁଡ଼ିକ ସଠିକ ନୁହେ ବୋଲି ସେମାନେ ବୁଝି ପାରିଥିଲେ ।

୧୮୯୩ ମସିହାରେ କଲିକତାରେ ଗୋଟିଏ ପଞ୍ଜିକା-କମିଟି ସ୍ଥାପିତ ହୋଇଥିଲା ଓ ସଂସ୍କୃତ କଲେଜର ପ୍ରଧାନ ଅଧ୍ୟାପକ ମହାମହୋପାଧ୍ୟାୟ ପଣ୍ଡିତ ମହେଶଚନ୍ଦ୍ର ନ୍ୟାୟରତ୍ନ ସି.ଆଇ.ଇ., ଏ ବିଷୟରେ ପ୍ରଧାନ ଉଦ୍ୟୋକ୍ତା ଥିଲେ । ସେ ୧୮୯୭ ଖ୍ରୀଷ୍ଟାବ୍ଦରେ ଏ ବିଷୟରେ ଆଲୋଚନା କରିବା ପାଇଁ କଟକକୁ ଆସିଥିଲେ ଏବଂ ଚନ୍ଦ୍ରଶେଖର ତାଙ୍କର କମିଟିରେ ଉଠିଥିବା ପ୍ରଶ୍ନ ଗୁଡ଼ିକ ତାଙ୍କୁ ଅକ୍ଳେଶରେ ବୁଝାଇ ଦେଇଥିଲେ ।

ଭାରତୀୟ ରାଜ୍ୟର ରାଜାମାନେ ହିନ୍ଦୁ ପଞ୍ଜିକାର ସଂସ୍କାର ସମ୍ବନ୍ଧେ ବିଶେଷ ନେତୃତ୍ୱ ନେଇଅଛନ୍ତି ବୋଲି କୁହା ଯାଇପାରେ । ପ୍ରଥମେ ଜ୍ୟୋତିର୍ବିଦ ପଣ୍ଡିତମାନଙ୍କୁ ନେଇ ବରୋଦା ମହାରାଜାଙ୍କର ଆନୁକୂଲ୍ୟରେ ପୁନାଠାରେ ଗୋଟିଏ ସଭା ବସିଥିଲା । ଶାରଦା-ପୀଠର ଶ୍ରୀମତ୍ ଶଙ୍କରାଚାର୍ଯ୍ୟ ଏହି ସଭାର ସଭାପତି ହୋଇଥିଲେ । ମହୀଶୂର ମହାରାଜା ଓ ଯୁବରାଜଙ୍କ ଯତ୍ନରେ ମଧ୍ୟ ଅକ୍ଟୋବର ୧୯୩୪ରେ କର୍ଣ୍ଣାଟକ ଜ୍ୟୋତିଷ ସଭାର ଦ୍ୱିତୀୟ ଅଧିବେଶନ ହୋଇଥିଲା ଓ ସେଥିରେ ଗୋଟିଏ ଗ୍ରହନକ୍ଷତ୍ରାଦି ପରିଦର୍ଶନାର୍ଥ ଆଧୁନିକ ଧରଣରେ ଯନ୍ତ୍ର-ଗୃହ (Observatory) ପ୍ରସ୍ତୁତ କରିବାର ସ୍ଥିର କରାଯାଇଥିଲା । ଗତ ବର୍ଷ ଇନ୍ଦୋର ମହାରାଜାଙ୍କ ଯତ୍ନରେ ଇନ୍ଦୋରଠାରେ ଗୋଟିଏ ଭାରତୀୟ ଜ୍ୟୋତିଷ ସଭା ହୋଇଥିଲା ଓ ପଣ୍ଡିତ ମଦନ ମୋହନ ମାଲବୀୟ ସଭାପତିର ଆସନ ଗ୍ରହଣ କରିଥିଲେ । ଗୋୟାଲିୟରର ଗଭର୍ଣ୍ଣମେଣ୍ଟ ମଧ୍ୟ ଏ ବିଷୟରେ ବିଶେଷ ଯତ୍ନ ନେଉଥିବାର ଜଣାଯାଏ । ଗ୍ରହନକ୍ଷତ୍ରାଦିର ଗତି ନିର୍ଣ୍ଣୟ କରିବା ପାଇଁ ଉଜ୍ଜୟିନୀଠାରେ ଗୋଟିଏ ଗୃହ ପ୍ରସ୍ତୁତ ହେବାର ସ୍ଥିର ହୋଇଅଛି ।

ଏଥିରୁ ଜଣାଯାଉଅଛି ଯେ ପ୍ରତ୍ୟେକ ପ୍ରଦେଶର ହିନ୍ଦୁ ପଞ୍ଜିକାକୁ ସଂସ୍କାର କରିବା ପାଇଁ ସ୍ଥାନେ ସ୍ଥାନେ ଚେଷ୍ଟା ଚାଲିଛି । କିନ୍ତୁ ଚନ୍ଦ୍ରଶେଖର ଏ ସବୁ ଅସୁବିଧା ଆଗରୁ ଦେଖି ଅଳକୁ ୭୦ ବର୍ଷ ତଳେ ଓଡ଼ିଶାର ପଞ୍ଜିକା ସଂସ୍କାର କରି ଯାଇଅଛନ୍ତି । ସମଗ୍ର ଭାରତରେ କେବଳ ଓଡ଼ିଶାରେ ହିଁ ସଂଶୋଧିତ ପଞ୍ଜିକା ଅଛି ।

## ଶ୍ରୀମନ୍ ମହାରାଜାଙ୍କ ବିଲାତ ଯାତ୍ରା

ଶ୍ରୀମନ୍ ମହାରାଜା ସାହେବ ବିଲାତ ଯାତ୍ରା ଉଦ୍ଦେଶ୍ୟରେ ମେ ମାସ ୯ ତାରିଖ ଏଠାରୁ କଲିକତା ଗଲେ । ସେହି ଦିନ ସନ୍ଧ୍ୟା ସମୟରେ ସ୍ଥାନୀୟ ସମସ୍ତ ଅଫିସର ଓ ପ୍ରଜାସାଧାରଣ ରାଜକୁଆସରେ ସମବେତ ହୋଇ ମହାରାଜାଙ୍କର ଶୁଭ ଯାତ୍ରା କାମନା କରିଥିଲେ । ମହାରାଜା ସାହେବ କଲିକତାରେ ୧୩ ତାରିଖ ପର୍ଯ୍ୟନ୍ତ ରହି ୧୬ ତାରିଖ ଦିନ ଭାଇସରାୟ ଅଫ୍ ଇଣ୍ଡିଆ ନାମକ ଜାହାଜରେ ବୋମ୍ବାଇଠାରୁ ବିଲାତ ଯାତ୍ରା କଲେ । ତାଙ୍କ ସଙ୍ଗରେ ମହାରାଣୀ ସାହେବା, ଟୀକାଏତ ପ୍ରଦୀପ ଚନ୍ଦ୍ର ଭଞ୍ଜ ଦେଓ, ଛୋଟରାୟ ସ୍ୱରୂପ ଚନ୍ଦ୍ର ଭଞ୍ଜ ଦେଓ ଓ ମହାରାଜ-କୁମାରୀ କେମାମଣି ଶ୍ରୀମତୀ ପ୍ରଭାବତୀ ଦେବୀ ଯାଇଅଛନ୍ତି । ଏହା ଛଡ଼ା ମହାରାଜାଙ୍କ ସଙ୍ଗରେ ପୋଲିସ



Digitized by srujanika@gmail.com

ସୁପାରିଣ୍ଟେଣ୍ଡେଣ୍ଟ ମିଷ୍ଟର ଆର୍. ସି. ଦାଶ ଏବଂ ମିଷ୍ଟର ଏସ୍. କେ. ଭଞ୍ଜ ଦେଓ ଓ ଜଣେ ଷ୍ଟେଟ୍ ବାସୀ ଗ୍ରେଜୁଏଟ୍ ମଧ୍ୟ ଯାତ୍ରା କରିଅଛନ୍ତି । ଶେଷୋକ୍ତ ବଂକ୍ତି ଇଂଲଣ୍ଡରେ ରହି ଅଧ୍ୟୟନ କରିବେ ଏବଂ ରାଜ କୁମାରମାନଙ୍କୁ ଓଡ଼ିଆ ଶିକ୍ଷା ଦେବେ ବୋଲି ଜଣାଯାଏ ।

କଟକ ରେଭେନ୍‌ଶା କଲେଜର ପ୍ରିନ୍ସିପାଲ ମିଷ୍ଟର ଏସ୍. ସି. ତ୍ରିପାଠୀ, ବି. ଏ. ( କ୍ୟାଣ୍ଟାବ୍ ) ଆଇ. ଇ. ଏସ୍. ଛୁଟି ନେଇ ମହାରାଜାଙ୍କ ସଙ୍ଗରେ ବିଲାତ ଯାତ୍ରା କରିଥିଲେ ।

ମହାରାଜା ସାହେବ ଜିବ୍ରାଲଟର ବାଟେ ଗତ ଜୁନ ମାସ ପହିଲି ତାରିଖରେ ସମସ୍ତଙ୍କ ସହିତ ନିରାପଦରେ ଲଣ୍ଡନରେ ପଦାର୍ପଣ କଲେ । ଶୁଣାଯାଏ ମହାରାଜା ସାହେବ ସେହି ଜାହାଜରେ ହିଁ ସେପ୍ଟେମ୍ବର ମାସର ମଧ୍ୟଭାଗରେ ଭାରତବର୍ଷକୁ ଫେରିବେ ।

କୁମାର ଟିକାଏତ ଓ ଛୋଟରାୟ ସାହେବ ( ବର୍ତ୍ତମାନ ବୟସ ଯଥାକ୍ରମେ ୮ ବର୍ଷ ଓ ୬ ବର୍ଷ ) ବିଲାତରେ ରହି ଉପଯୁକ୍ତ ଶିକ୍ଷକମାନଙ୍କ ତତ୍ତ୍ୱାବଧାନରେ ପ୍ରାଥମିକ ଶିକ୍ଷା ଲାଭ କରିବେ ।

## ମହାମହିମ ଭାରତ ସମ୍ରାଟଙ୍କ ଜନ୍ମ ଦିବସ

ଗତ ଜୁନ ମାସ ୨୩ ତାରିଖରେ ମହାମହିମ ଭାରତ ସମ୍ରାଟଙ୍କ ଜନ୍ମ-ଦିବସ ମୟୂରଭଞ୍ଜ ଷ୍ଟେଟ୍‌ର ସର୍ବତ୍ର ଯଥାବିଧି ପାଳିତ ହୋଇଥିଲା । ସକାଳ ସାଢ଼େ ସାତ ଘଣ୍ଟିକା ସମୟରେ ବାରିପଦାର କର୍ମଚାରୀ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ପୋଲିସ ମଇଦାନରେ ଷ୍ଟେଟ୍ ପତାକା ଉତ୍ତୋଳନ ଓ ପୋଲିସମାନଙ୍କର ପେରେଡ୍ ଗୋଟିଏ ଚମତ୍କାରିକ ଦୃଶ୍ୟ ହୋଇଥିଲା । ସମ୍ଭ୍ରାନ୍ତଜନମାନଙ୍କରେ ମଧ୍ୟ ଏହିପରି ବନ୍ଦୋବସ୍ତ ହୋଇଥିଲା ଓ ସେହି ଦିନ ସମସ୍ତ ସ୍କୁଲ କଚେରୀ ପ୍ରଭୃତି ଅନୁଷ୍ଠାନ ବନ୍ଦ ରହିଥିଲା ।

## ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ଶ୍ରାଦ୍ଧ ଦିବସ

ମୟୂରଭଞ୍ଜର ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କର ଅଷ୍ଟମ ବାର୍ଷିକ ଶ୍ରାଦ୍ଧ ଦିବସ ଗତ ଏପ୍ରିଲ ମାସ ୨୨ ତାରିଖରେ ବାରିପଦାରେ ଯଥାବିଧି ପ୍ରତିପାଳିତ ହୋଇଥିଲା । ପୂର୍ଣ୍ଣଚନ୍ଦ୍ର ମନ୍ଦିରରେ ସମସ୍ତ ଦିନ ଧରି ପୂଜା ଓ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା । ଏହି ମନ୍ଦିରରେ ମହାରାଜାଙ୍କର ମାର୍ବଲ ପ୍ରସ୍ତର ନିର୍ମିତ ଗୋଟିଏ ପ୍ରତିମୂର୍ତ୍ତି ରକ୍ଷିତ ଏବଂ ମନ୍ଦିରଟିର ଚତୁଃପାର୍ଶ୍ୱ ଉଦ୍ୟାନ ଦ୍ୱାରା ବେଷ୍ଟିତ ।

ହିନ୍ଦୁ ବିଧବାମାନଙ୍କର ଉଚ୍ଚ ଆଦର୍ଶର ଜ୍ୱଳନ୍ତ ନିଦର୍ଶନ ସ୍ୱରୂପ ମୃତପତିକା ମହାରାଣୀ ପ୍ରତି ଦିନ ସନ୍ଧ୍ୟା ସମୟରେ ଏଠାକୁ ଆସନ୍ତି ଏବଂ ସେହି ସମୟରେ ସେଠାରେ ପୂଜା ଓ କୀର୍ତ୍ତନ ହୁଏ ।

ଶ୍ରାଦ୍ଧ ଦିନ ଷ୍ଟେଟର ଅଫିସରମାନେ, ବିଶିଷ୍ଟ ବ୍ୟକ୍ତି ଓ ପ୍ରଜାସାଧାରଣ ପୂର୍ଣ୍ଣଚନ୍ଦ୍ର ମନ୍ଦିରରେ ଏକତ୍ରିତ ହୋଇଥିଲେ । ହଜାର ହଜାର ଗରିବ ଲୋକଙ୍କୁ ସେ ଦିନ ଅନ୍ନ ଦାନ କରା ହୋଇଥିଲା ଏବଂ ଏହି ଉପଲକ୍ଷରେ ରାଜ୍ୟର ସମସ୍ତ ସରକାରୀ ଅନୁଷ୍ଠାନଗୁଡ଼ିକ ବନ୍ଦ ରହିଥିଲା ।



ସ୍ୱର୍ଗତ ମହାରଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କ ସ୍ମୃତି ମନ୍ଦିର

## ମହାରାଜକୁମାରୀ ପ୍ରତିଭା ଦେବୀଙ୍କର ଅନ୍ନପ୍ରାଶନ

ଶ୍ରୀମନ୍ ମହାରାଜାଙ୍କର କନିଷ୍ଠା କନ୍ୟା ମହାରାଜ-କୁମାରୀ ପ୍ରତିଭା ଦେବୀଙ୍କର ଅନ୍ନପ୍ରାଶନ ଯଥାବିଧି ବାରିପଦାରେ ଅନୁଷ୍ଠିତ ହୋଇଥିଲା ।



Digitized by srujanika@gmail.com

ସ୍ଥାନୀୟ ସମସ୍ତ ଅଫିସର ଓ ବିଶିଷ୍ଟ ବ୍ୟକ୍ତି ଏହି ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରିତ ହୋଇଥିଲେ ଏବଂ ପ୍ରଭାତରେ ରାଜକୁମାରୀଙ୍କୁ କୀଚକେଶ୍ୱରୀ ମନ୍ଦିରକୁ ନେଲାବେଳେ ସମସ୍ତେ ଉପସ୍ଥିତ ଥିଲେ । କୀଚକେଶ୍ୱରୀ ବା ଐତିହାସିକମାନଙ୍କ କଥାରେ ଖିଚିଙ୍ଗେଶ୍ୱରୀଙ୍କର ମନ୍ଦିର ରାଜଉଆସ ମଧ୍ୟରେ ଅବସ୍ଥିତ ଏବଂ ମୟୂରଭଞ୍ଜ ରାଜବଂଶର ସେ ଅଧିଷ୍ଠାତ୍ରୀ ଦେବୀ । ମନ୍ଦିରରେ ଶାସ୍ତ୍ରାନୁଯାୟୀ ପୂଜା ଶେଷ ହେଲା ପରେ ପୁରୋହିତମାନେ ମହାରାଜକୁମାରୀଙ୍କୁ ଆଶୀର୍ବାଦ ଅର୍ପଣ କରିଥିଲେ ।

ସନ୍ଧ୍ୟା ସମୟରେ ଷ୍ଟେଟ୍ ଅଫିସର ଓ ଅନ୍ୟାନ୍ୟ ବିଶିଷ୍ଟ ଭଦ୍ର-ଲୋକମାନଙ୍କ ପାଇଁ ଭୋଜନର ବ୍ୟବସ୍ଥା ହୋଇଥିଲା ।

## ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ

ବସ୍ତର ଷ୍ଟେଟ୍‌ର ମହାରାଜା ପ୍ରବୀର ଚନ୍ଦ୍ର ଭଞ୍ଜ ଦେଓ ଗତ ଏପ୍ରିଲ ମାସରେ ଲଣ୍ଡନରୁ ଫେରି ଆସିଅଛନ୍ତି । ସେ ଯେଉଁ ଦିନ ବସ୍ତରରେ ପହଞ୍ଚିଲେ ସେ ଦିନ ତାଙ୍କ ପ୍ରଜା ଓ କର୍ମଚାରୀମାନେ ମହା ସମାରୋହରେ ତାଙ୍କୁ ଅଭ୍ୟର୍ଥନା କରିଥିଲେ । ଏବଂ ତତ୍ପରେ ତାଙ୍କର ଯଥାବିଧି ରାଜ ସିଂହାସନ ଆରୋହଣ ଉତ୍ସବ ସମ୍ପାଦିତ ହୋଇଥିଲା । ୧୯୨୮ ମସିହାରେ ଜନ୍ମ ଗ୍ରହଣ କରି ଗତ ଫେବୃଆରୀ ମାସରେ ତାଙ୍କର ମାତା ମହାରାଣୀ ପ୍ରଫୁଲ୍ଲକୁମାରୀ ଦେବୀଙ୍କର ବିଲାତରେ ମୃତ୍ୟୁ ହେବାରୁ ସେ ରାଜ୍ୟଭାର ପାଇଅଛନ୍ତି । ତାଙ୍କର ପିତା କୁମାର ପ୍ରଫୁଲ୍ଲ ଚନ୍ଦ୍ର ଭଞ୍ଜ ଦେଓ ମୟୂରଭଞ୍ଜ ମହାରାଜାଙ୍କର କନିଷ୍ଠ ଭ୍ରାତା ଏବଂ ରାଓ ତରଫ୍‌ ସାହେବଙ୍କ ପୁତ୍ର ଅଟନ୍ତି । କୁମାର ପ୍ରଫୁଲ୍ଲ ଚନ୍ଦ୍ର ଅନେକ ଦିନ ବିଲାତରେ ରହି ଜୀବବିଜ୍ଞାନ ସମ୍ବନ୍ଧରେ ଗବେଷଣା କରୁଥିଲେ କିନ୍ତୁ ସ୍ୱର୍ଗତ ମହାରାଣୀଙ୍କର ଶ୍ରାଦ୍ଧକ୍ରିୟା ସମ୍ପାଦନ କରିବା ପାଇଁ ତାଙ୍କୁ ଭାରତକୁ ଫେରି ଆସିବାକୁ ହୋଇଥିଲା ।

## ଶିକ୍ଷାକ୍ଷେତ୍ରରେ ନୀଳଗିରି ଷ୍ଟେଟ୍‌ର ଦାନ

କଲିକତା ବିଶ୍ୱବିଦ୍ୟାଳୟ ବିଜ୍ଞାନ କଲେଜ (Science College)ର ପ୍ରାକୃତିକ ବିଜ୍ଞାନ ବିଭାଗରେ ବର୍ତ୍ତମାନ ଅଧ୍ୟାପକ କାର୍ଯ୍ୟ କରୁଥିବା ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମହାନ୍ତି ଏମ୍.ଏସ୍‌ସି., ଅଳ୍ପ ଦିନ ତଳେ ସେହି ବିଶ୍ୱବିଦ୍ୟାଳୟରୁ ଡି.ଏସ୍‌ସି. ଡିଗ୍ରି ପାଇଥିବାରୁ ଆମ୍ଭେମାନେ ତାଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଅଛୁଁ । ଡକ୍ଟର ମହାନ୍ତି ଜଣେ ନୀଳଗିରି ଷ୍ଟେଟ୍‌ବାସୀ ଓ କଲିକତା ବିଶ୍ୱବିଦ୍ୟାଳୟରୁ ଡି.ଏସ୍‌ସି. ଡିଗ୍ରି ପାଇବାରେ ସେ ସର୍ବ ପ୍ରଥମ ଓଡ଼ିଆ ଛାତ୍ର । ଏହାଙ୍କୁ ନେଇ ନୀଳଗିରି ରାଜ୍ୟ ବର୍ତ୍ତମାନ ଶିକ୍ଷାକ୍ଷେତ୍ରରେ ଦୁଇ ଜଣ କୃତୀ ବ୍ୟକ୍ତିଙ୍କର ଜନ୍ମଭୂମି । ଅନ୍ୟ ଜଣକ ଡକ୍ଟର ହରନାରାୟଣ ସିଂହ, ଏମ୍.ଏ., ପିଏଚ୍.ଡି. (ଲଣ୍ଡନ) । ସେ ବର୍ତ୍ତମାନ ନାଗପୁର ମୋରିସ କଲେଜରେ ଇତିହାସ ଅଧ୍ୟାପକ ଅଟନ୍ତି ।

## ଓଡ଼ିଆ ଭାଷାକୋଷ ପାଇଁ ଦାନ

ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ଦେଓଙ୍କର ନାମାନୁଯାୟୀ ଯେଉଁ ପୂର୍ଣ୍ଣଚନ୍ଦ୍ର-ଓଡ଼ିଆ-ଭାଷାକୋଷ ପ୍ରକାଶିତ ହେଉଅଛି, ତାହାର ମୁଦ୍ରଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଛ ବର୍ଷ ପୂର୍ବେ ଆମ୍ଭମାନଙ୍କର ମହାରାଜା ସାହେବ ୫୮୦୦୦ ଟଙ୍କା ଦାନ କରିଥିଲେ । ଓଡ଼ିଶାର ବିଶିଷ୍ଟ ଲୋକମାନେ ମଧ୍ୟ ଏହା ପରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଏହି ଭାଷାକୋଷର ୬ଷ୍ଠ ଭାଗ ବର୍ତ୍ତମାନ ଛପା ହେଉଅଛି । ଓଡ଼ିଆ ଭାଷାର ଏହି ମହତ୍ କାର୍ଯ୍ୟରେ ଶ୍ରୀମନ୍ ମହାରାଜା ମହୋଦୟ ସନ୍ତୁଷ୍ଟ ହୋଇ ପୁଣି ଗତ ଏପ୍ରିଲ ମାସରେ ୫୦୦୦ ଟଙ୍କା ଦାନ କରିଅଛନ୍ତି ।

ଭାଷା-କୋଷର ସମ୍ପାଦକ ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ପ୍ରହରାଜ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ ବିଶେଷ ପରିଶ୍ରମ କରିଅଛନ୍ତି । ଶୁଣାଯାଏ ଏହି ଭାଷାକୋଷର ସମ୍ପୂର୍ଣ୍ଣ ୮ ଗୋଟି ଭାଗର ଦାମ ୫୬୦ ଟଙ୍କା ହେବ ଓ ଏହି କାର୍ଯ୍ୟ ଶେଷ କରିବା ପାଇଁ ଏକ ଲକ୍ଷ ଟଙ୍କା ବ୍ୟୟିତ ହେବ ।

## ଆମ୍ଭମାନଙ୍କର କନିଷ୍ଠା ମୃତପତିକା ମହାରାଣୀ

ମୟୂରଭଞ୍ଜର କନିଷ୍ଠା ମୃତପତିକା ମହାରାଣୀ ସାହେବା ଅଳ୍ପ ଦିନ ତଳେ ବୋମ୍ବାଇଠାରେ ପୀଡ଼ିତ ଥିବାର ଶୁଣି ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ବ୍ୟଥିତ ହୋଇଥିଲେ । ପ୍ରଥମ ରଥଯାତ୍ରା ଦିନ ଏହି ସମ୍ବାଦ ପାଇ ରାଓ ତରଫ୍ ସାହେବ ସଙ୍ଗେ ସଙ୍ଗେ ବମ୍ବେ ଯାତ୍ରା କରିଥିଲେ । ଅନ୍ତ୍ରପ୍ରଦାହ ରୋଗର ଲକ୍ଷଣ ଜଣା ଯିବାରୁ ତାହାଙ୍କର ଅସ୍ତ୍ର ଚିକିତ୍ସା କରାଯାଇଥିଲା ଏବଂ ବର୍ତ୍ତମାନ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବାର ଦେଖି ରାଓ ତରଫ୍ ସାହେବ ଫେରି ଆସିଅଛନ୍ତି ।

## ଶ୍ରୀମନ୍ ମହାରାଜାଙ୍କର ରାଜ୍ୟାଭିଷେକ

ଆମ୍ଭମାନଙ୍କର ଶ୍ରଦ୍ଧେୟ ମହାରାଜାଙ୍କର ରାଜ୍ୟାଭିଷେକ ଉତ୍ସବ ଏପ୍ରିଲ ମାସ ତା ୨୩ ରିଖରେ ଯଥାସମାରୋହରେ ଅନୁଷ୍ଠିତ ହୋଇଥିଲା । ଷ୍ଟେଟ୍‌ର ସମସ୍ତ ସରକାରୀ ଅନୁଷ୍ଠାନ ଗୁଡ଼ିକ ବନ୍ଦ ହୋଇଥିଲା ଏବଂ ସାଧାରଣ ତଥା ରାଜ୍ୟର କର୍ମଚାରୀମାନେ ସେ ଦିନ ମହାରାଜା ସାହେବଙ୍କୁ ସାକ୍ଷାତ୍ କରି ଏହି ଶୁଭ ଦିନରେ ସ୍ୱୀୟ ଭକ୍ତି ଓ ଶ୍ରଦ୍ଧା ଜଣାଇଥିଲେ ।

## ମାର୍କେଟିଙ୍ଗ ସର୍ଭେ

ଓଡ଼ିଶା ଷ୍ଟେଟ୍ ସମୂହର ଏସିଷ୍ଟାଣ୍ଟ ମାର୍କେଟିଙ୍ଗ୍ ଅଫିସର ମିଷ୍ଟର ଏମ୍. ପ୍ରଧାନ ଏଠାକୁ ଆସି ବାରିପଦା, ବେତନଟୀ ଏବଂ ରାଇରଙ୍ଗପୁରର କେତୋଟି ବାଣିଜ୍ୟ କେନ୍ଦ୍ର ପରିଦର୍ଶନ କରିଥିଲେ । ତାହା ଛଡ଼ା ହାଟ ଓ ମାର୍କେଟ ଇତ୍ୟାଦି ମଧ୍ୟ ସେ ଦେଖିଥିଲେ ଏବଂ ବଡ଼ ବଡ଼ କୃଷୀ, ମହାଜନ ଓ ମିଲବାଲାଙ୍କ ସଙ୍ଗେ ସାକ୍ଷାତ ଓ ଷ୍ଟେସନରୁ କେତେକ ବିଷୟ ସଂଗ୍ରହ କରିଥିଲେ । ଅଫିସରି ମଧ୍ୟ ସେ କେତେକ



Digitized by srujanika@gmail.com

କୃଷି ଫାର୍ମ, ବଗିଚ୍ଚ ଓ ଗୋଶାଳା ଦେଖିଥିଲେ । ସେ ଡେଭେଲପମେଣ୍ଟ ଡିପାର୍ଟମେଣ୍ଟର ଡାଇରେକ୍ଟରଙ୍କ ସଙ୍ଗେ ଏଠାକାର ମାର୍କେଟିଙ୍ଗ ସର୍ଭେ ସମ୍ବନ୍ଧେ କଥୋପକଥନ କରିଥିଲେ । ଭାରତୀୟ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ଏଠାରେ ମାର୍କେଟିଙ୍ଗ୍ ସର୍ଭେ ଆରମ୍ଭ କରି ଯାଇଅଛି ଏବଂ ଦୁଇ ଜଣ କର୍ମଚାରୀ ନିଯୁକ୍ତ ରହି ଏ କାର୍ଯ୍ୟ ଚଳାଉ ଅଛନ୍ତି ।

## ମୟୂରଭଞ୍ଜ ପାଇଁ ପାଠ୍ୟ ପୁସ୍ତକ କମିଟି ଗଠନ

ସାତ ଜଣ ମେମ୍ବରଙ୍କୁ ନେଇ ମୟୂରଭଞ୍ଜରେ ଗୋଟିଏ ପାଠ୍ୟ-ପୁସ୍ତକ କମିଟି ଗଠିତ ହୋଇଅଛି । ଶିକ୍ଷାବିଭାଗର ସୁପାରିନ୍-ଟେଣ୍ଡେଣ୍ଟ ଏହି କମିଟିର ସଭାପତି । ପାଠ୍ୟ ପୁସ୍ତକ ନିରୂପଣ କରିବା ବିଷୟରେ ଓ ଅନ୍ୟାନ୍ୟ ଶିକ୍ଷା ସମ୍ବନ୍ଧୀୟ ବିଷୟ ଗୁଡ଼ିକରେ ଷ୍ଟେଟ୍‌ର ଶିକ୍ଷାବିଭାଗ ପାଟନା ବିଶ୍ୱବିଦ୍ୟାଳୟର ନିୟମାନୁଯାୟୀ ଚାଲୁଥିଲେହେଁ ପ୍ରାଥମିକ ଶିକ୍ଷା ଦିଗରେ ବିଶେଷ ଦୃଷ୍ଟି ଦେବା ପାଇଁ ଏ ବ୍ୟବସ୍ଥାଟି ଅନୁକୂଳ ହୋଇଅଛି । ଏହି ଷ୍ଟେଟ୍‌ର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ସ୍କୁଲ ଗୁଡ଼ିକର ସଂଖ୍ୟା ୪୪୦ ଓ ଏ ଗୁଡ଼ିକରେ ପ୍ରାୟ ୧୫୦୦ ଛାତ୍ର ଅଧ୍ୟୟନ କରନ୍ତି । ତେଣୁ ମଧ୍ୟ-ଇଂରାଜି, ଉଚ୍ଚ-ପ୍ରାଥମିକ ଓ ନିମ୍ନ-ପ୍ରାଥମିକ ସ୍କୁଲ ଗୁଡ଼ିକ ପାଇଁ ଉପଯୋଗୀ ପାଠ୍ୟ ପୁସ୍ତକ ମନୋନୀତ କରିବା ବିଷୟରେ ଶିକ୍ଷାବିଭାଗକୁ ପରାମର୍ଶ ଦେବାଲାଗି ଏପରି କରିହୋଇଅଛି ।

ଏହି କମିଟି ବର୍ତ୍ତମାନ ସ୍କୁଲ ଗୁଡ଼ିକରେ ବ୍ୟବହୃତ ହେଉଥିବା ପାଠ୍ୟ ପୁସ୍ତକମାନ ଦେଖି ତାହା ଉପଯୋଗୀ କି ନା ଜଣାଇବେ ଏବଂ ପାଠ୍ୟ ପୁସ୍ତକରୂପେ ମନୋନୀତ ହେବାପାଇଁ ଯେଉଁ ପୁସ୍ତକ ତାଙ୍କ ନିକଟକୁ ଆସିବ, ସେ ଗୁଡ଼ିକୁ ଦେଖି ପାଠ୍ୟ ପୁସ୍ତକ, ପ୍ରାଇଜ୍ ଏବଂ ଲାଇବ୍ରେରୀ ପାଇଁ ଯାହାଯାହା ଦରକାର ତାହାର ଗୋଟିଏ ତାଲିକା କରି ଶିକ୍ଷା ବିଭାଗକୁ ଦେବେ ।

## ପୁସ୍ତକ ପରିଚୟ

**ମୟୂରଭଞ୍ଜ ତୀର୍ଥ ଦର୍ଶନ**—(କବିତା ପୁସ୍ତକ) ପଣ୍ଡିତ ଶ୍ରୀ ଶ୍ରୀନାଥ ମିଶ୍ର କାବ୍ୟତୀର୍ଥଙ୍କଦ୍ୱାରା ରଚିତ ଏବଂ ବାଲେଶ୍ୱର ନିଉ ଉତ୍କଳ ପ୍ରେସ୍‌ରେ ମୁଦ୍ରିତ । ୧୮ ପୃଷ୍ଠା । ମୂଲ୍ୟ ଦୁଇ ଅଣା ମାତ୍ର ।

ଗୁରୁ ଏବଂ ଛାତ୍ରଙ୍କର କଥୋପକଥନ ସୂତ୍ରରେ ଅମିତ୍ରାକ୍ଷର ଛନ୍ଦରେ ଏହି ପୁସ୍ତିକାଟି ରଚିତ ହୋଇଅଛି । ମୟୂରଭଞ୍ଜ ଶିକ୍ଷା ବିଭାଗ ସୁପରିନ୍‌ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଶଚୀନ୍ଦ୍ର ନାଥ ଦାସ ଏମ୍. ଏ., ବି. ଏଲ୍., ଡି. ଇଡ୍. ଏହି ପୁସ୍ତିକାଟି ସମ୍ବନ୍ଧରେ ମନ୍ତବ୍ୟ ଦେଇ ଅଛନ୍ତି : "ଲେଖକ ଜଣେ ସାହିତ୍ୟିକ ଏବଂ ଉପଯୁକ୍ତ ଶିକ୍ଷକ । ସେ ଏଥିରେ ଭୌଗଳିକ ଓ ଐତିହାସିକ ବିଷୟମାନ ପିଲାଙ୍କ ଧାରଣାକୁ ଆଣିବା ଭଳି ଚେଷ୍ଟା କରିଥିବାରୁ ଲେଖାଟି ଯେ ସୁନ୍ଦର ହୋଇଅଛି, ଏହା ନିଃସନ୍ଦେହ । ଓଡ଼ିଆରେ ଛାତ୍ରମାନଙ୍କର ଆବୃତ୍ତି ଉପଯୋଗୀ ଲେଖାର ଯେପରି ଅଭାବ, ଏ ଲେଖା ଖଣ୍ଡିକ ଏହି ଷ୍ଟେଟର ସବୁ ଶ୍ରେଣୀର ସ୍କୁଲରେ ଆଦର ସହିତ ଗୃହୀତ ହେବ ବୋଲି ମୋର ବିଶ୍ୱାସ ।"

ପୁସ୍ତିକାଟିକୁ ଆମୂଳଚୂଳ ପାଠ କଲେ ଉକ୍ତ ମନ୍ତବ୍ୟର ସାରବତ୍ତା ସ୍ପଷ୍ଟ ବୁଝାଯାଏ । ମୟୂରଭଞ୍ଜ ରାଜ୍ୟର ସବୁ ବିଶିଷ୍ଟ ସ୍ଥାନର ବର୍ଣ୍ଣନା ଏଥିରେ ସନ୍ନିବେଶିତ ହୋଇ ନ ଥିଲେ ହେଁ ଯେଉଁ କେତେଗୋଟି ସ୍ଥାନର ଉଲ୍ଲେଖ କରି ଯାଇଅଛି ସେ ସମ୍ବନ୍ଧରେ ମଧ୍ୟ ଛାତ୍ରମାନଙ୍କ ପକ୍ଷରେ ଅନେକ ଜ୍ଞାତବ୍ୟ ବିଷୟ ରହିଅଛି । ଭାଷାଟି ପ୍ରାଞ୍ଜଳ ଏବଂ ସୁଖପାଠ୍ୟ । କେତେକ ସ୍ଥାନରେ ମୁଦ୍ରଣ ଦୋଷ ରହିଥିଲେ ହେଁ ଶିକ୍ଷକମାନଙ୍କଦ୍ୱାରା ସାମାନ୍ୟ ରୂପେ ସଂଶୋଧିତ ହେଲେ ଛାତ୍ରମାନଙ୍କର ଆବୃତ୍ତି ପାଇଁ ଏହା ଖଣ୍ଡିଏ ଉପାଦେୟ ପୁସ୍ତକ ।

**ମୋ ବୋଉ**—(କବିତା) ପ୍ରଣେତା ଶ୍ରୀ ଉଗ୍ରସେନ ଦାଶ, ଭିଙ୍ଗାରପୁର, ପୋ: ଅ: ଭଟପାଟଣା, ଜି: ପୁରୀ । ୨୮ ପୃଷ୍ଠା । ମୂଲ୍ୟ ୦।/ ମାତ୍ର ।

ନିଜର ମାତୃ ବିୟୋଗରେ ଜନନୀ ପ୍ରତି ଗଭୀର ଶ୍ରଦ୍ଧା ପ୍ରଦର୍ଶନ କରି ଲେଖକ ପଦ୍ୟାକାରରେ ଏହି ପୁସ୍ତିକାଟି ରଚନା କରିଅଛନ୍ତି । କବିତାଗୁଡ଼ିକ ପ୍ରାଚୀନ ଓଡ଼ିଆ ଛନ୍ଦ ଓ ରାଗରେ ଲିଖିତ । ଭାଷା ଅତ୍ୟନ୍ତ ସରଳ ଓ ସୁଖବୋଧ୍ୟ । ଲେଖକ ଯେରୂପ ସହଜ ଭାଷାରେ ନିଜର ଭାବ ପ୍ରକାଶ କରିବାକୁ କ୍ଷମ ହୋଇଅଛନ୍ତି ତଦ୍ଦ୍ୱାରା ପାଠକ ସାଧାରଣ ବିଶେଷତଃ ବାଳକ ବାଳିକାମାନଙ୍କ ପକ୍ଷରେ ପୁସ୍ତିକାଟି ବେଶ୍ ଉପଭୋଗ୍ୟ ହୋଇଅଛି ବୋଲି ମନେହୁଏ । ମାତା ନିକଟରେ ସନ୍ତାନ ଯେରୂପ ମୁକ୍ତ ପ୍ରାଣରେ ଦୁଃଖ ପ୍ରକାଶ କରିପାରେ ଏ ପୁସ୍ତିକାଟିରେ କବିତାକାରରେ ଲେଖକଙ୍କର ସେହି ମୁକ୍ତପ୍ରାଣର ସନ୍ଧାନ ମିଳେ ।

ମୟୂରଭଞ୍ଜ ଷ୍ଟେଟ୍ ପ୍ରେସ୍‌ରେ ଶ୍ରୀପଦ୍ମଚରଣ ଦାଶଙ୍କଦ୍ୱାରା ମୁଦ୍ରିତ ଓ ପ୍ରକାଶିତ ।



Digitized by srujanika@gmail.com